ସାଇ ସ୍ମରଣ

ଡଃ ଡି. ଜେ. ଗଡ଼ିଆ
(ସାଇ ଚରଣ ଦାସାନୁଦାସ)



ସାଇ ସ୍ମରଣ

ଲେଖକ
ଡକ୍ଟର ଡି.ଜେ. ଗଢ଼ିଆ
(ସାଇ ଚରଣ ଦାସାନୁଦାସ)

ଅନୁବାଦକ
ଡକ୍ଟର ଉମେଶ ଚନ୍ଦ୍ର ପାତ୍ର

ଓଡ଼ିଶା ବୁକ୍ ଷ୍ଟୋର

ସାଇ ସ୍ମରଣ

ଲେଖକ
ଡକ୍ଟର ଡି.ଜେ. ଗଢ଼ିଆ

ଅନୁବାଦକ
ଡକ୍ଟର ଉମେଶ ଚନ୍ଦ୍ର ପାତ୍ର

ସଂପାଦନା
ଶ୍ରୀ ଦୋଳ ଗୋବିନ୍ଦ ବରାଳ

ପ୍ରତିଷ୍ଠାତା ପ୍ରକାଶକ
ଶ୍ରୀ ଗୋବିନ୍ଦ ଚରଣ ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର
ସ୍ଥାପିତ : ୧୯୫୯

ପ୍ରକାଶକ
ଶ୍ରୀ ବିଜୟ ଶଙ୍କର ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର
ବିନୋଦ ବିହାରୀ, କଟକ-୭୫୩ ୦୦୨

ପ୍ରଥମ ପ୍ରକାଶ : **ଶ୍ରୀଗୁଣ୍ଡିଚା, ୨୦୦୮**

ଅକ୍ଷର ସଜ୍ଜା
ମିନି ଡିଟିପି, କଟକ-୨

ମୁଦ୍ରଣ
ଗୁରୁପ୍ରସନ୍ନ ପ୍ରେସ୍
ଝୋଲା ସାହି, କଟକ-୧

SAI SMARANA

Written by
Dr. D.J. Gadhia

Translated by
Dr. Umesh Chandra Patra

Edited by
Sri Dola Gobinda Baral

Published by
Shree Bijoy Shankar Patra
ORISSA BOOK STORE
Binod Behari, Cuttack-753 002

First Edition : 2008

PRICE : **Rs. 150/-**
ISBN-81-7400-511-0

ପ୍ରେମର ସହିତ

ପରମ ପ୍ରିୟ ସ୍ୱାମୀଙ୍କ ଦିବ୍ୟ

ପାଦପଦ୍ମରେ ସମର୍ପିତ ।

- ଡକ୍ଟର ଡି.ଜେ. ଗଡ଼ିଆ

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଦିବ୍ୟ ସନ୍ଦେଶ

ସମୟ ଅତିକ୍ରାନ୍ତ ହେବାରେ ଲାଗିଛି, ଯେଉଁମାନେ ସ୍ୱାମୀଙ୍କର ବାସ୍ତବତାକୁ ଉପଲବ୍ଧି କରିବାକୁ ସକ୍ଷମ ହୋଇପାରି ନାହାନ୍ତି, ସେମାନେ ଅନୁତାପର ଲୋତକ ଝରାଇ ମୋ ନିକଟକୁ ଆସିବେ ଏବଂ ମୋତେ ଅନୁଭବ କରିବେ । ସ୍ୱାମୀ ବର୍ତ୍ତମାନ ଏହି ବିକାଶଧାରାକୁ ନିୟନ୍ତ୍ରଣରେ ରଖିଛନ୍ତି ।

ଯେତେବେଳେ ଏହି ବିକାଶଧାରା ପ୍ରକାଶମାନ ହେବ, ସମଗ୍ର ପୃଥିବୀ ପ୍ରଶାନ୍ତି ନିଳୟମ୍‌ରେ ପରିଣତ ହେବ । ତେଣୁ ସମସ୍ତେ ଆଗେଇ ଆସ, ତୁମ ସମ୍ମୁଖରେ ରହିଥିବା ଆଦର୍ଶକୁ ଦୈନନ୍ଦିନ ଜୀବନରେ ଅଭ୍ୟାସ କରିବା ପାଇଁ ସଂକଳ୍ପ କର । ଆଗାମୀ ବର୍ଷମାନଙ୍କରେ ଆଜିଭଳି ସୁବିଧା ସୁଯୋଗ ମିଳି ନ ପାରେ । ଆଗକୁ ତୁମେ ଏତେ ନିକଟରେ ରହିବାର ସୁଯୋଗ ପାଇବ ନାହିଁ । ନିୟୁତ ନିୟୁତ ଲୋକ ଏଠାକୁ ଦ୍ରୁତଗତିରେ ମାଡ଼ି ଆସିବେ ଏବଂ ଏଠାରେ ଏକତ୍ରିତ ହେବେ । ଏହା ଶୀଘ୍ର ଘଟିବ । ତେଣୁ ସେବା ମାଧ୍ୟମରେ ସ୍ୱାମୀଙ୍କର କରୁଣା ଓ ପ୍ରେମ ଲାଭ କରି ଅର୍ଥପୂର୍ଣ୍ଣ ଜୀବନଯାପନ କର ।

– ବାବା

ଶ୍ରଦ୍ଧାଞ୍ଜଳି

ଆତ୍ମୋପଲବ୍ଧି ପରେ ଦିବ୍ୟ ଆଶୀର୍ବାଦରୁ 'ପ୍ରେମସାଇ'ଙ୍କ ଲୀଳାକ୍ଷେତ୍ରରେ ପୁନର୍ଜନ୍ମ ଲାଭ କରିବା ପାଇଁ ଇହଜଗତରୁ ବିଦାୟ ନେଇ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଦିବ୍ୟ ପାଦପଦ୍ମରେ ପରମଗତି ଲାଭ କରିଥିବା ସଖା ଭକ୍ତ ଏବଂ 'ସାଇ ସ୍ମରଣ'ର ପ୍ରଣେତା ସ୍ୱର୍ଗତ ଡକ୍ଟର ଧୀରୁଭାଇ ଜଗଜ୍ଜୀବନଦାସ ଗଢ଼ିଆ ।

ମୁଖବନ୍ଧ

ଏହି ପୁସ୍ତକର ପ୍ରତ୍ୟେକଟି ପୃଷ୍ଠା ଭଗବାନଙ୍କ ପ୍ରତି ଭକ୍ତର ପ୍ରେମ ଦ୍ୱାରା ଅନୁସିକ୍ତ । ଏହାର କାରଣ ହେଲା ଲେଖକ ଡକ୍ଟର ଧୀରୁଭାଇ ଜଗଜ୍ଜୀବନ ଦାସ ଗଡ଼ିଆ ବହୁବର୍ଷ ପୂର୍ବରୁ ଭଗବାନ ବାବାଙ୍କର ଭକ୍ତ ହୋଇପାରିଛନ୍ତି ଏବଂ ଭଗବାନଙ୍କର ପ୍ରେମମୟ ଦାସ ରୂପେ ନିଜକୁ ସମର୍ପଣ କରିଦେଇଛନ୍ତି । ଏହି କାରଣରୁ ଲେଖକ ନିଜକୁ 'ସାଇଚରଣ ଦାସାନୁଦାସ' ବୋଲି କହିଛନ୍ତି । ଏହାର ଅର୍ଥ ହେଲା ସେ ନିଜକୁ ଭଗବାନ ସାଇଙ୍କ ପାଦପଦ୍ମରେ ଆଶ୍ରିତ ସବୁ ଭକ୍ତଙ୍କର ସେବକ ବୋଲି ବିଚାର କରନ୍ତି ।

ବର୍ତ୍ତମାନର ଅବତାର ଭଗବାନ ଶ୍ରୀ ସତ୍ୟସାଇ ବାବା ଈଶ୍ୱରଙ୍କର ସମସ୍ତ ନାମ ଓ ରୂପର ଅବତାର । ସେ ନିର୍ବିବାଦରେ ନାମ ଓ ରୂପର ବିଭିନ୍ନତା ଭିତରେ ଏକ ଅଟନ୍ତି । ଶ୍ରୀ ସତ୍ୟସାଇ ବାବା ନିଜେ ପରିବର୍ତ୍ତିତ ନ ହୋଇ ଅନ୍ୟଠାରେ ପରିବର୍ତ୍ତନ ଆଣିପାରୁଥିବା ଦିବ୍ୟ ପ୍ରବର୍ତ୍ତକ (କାଟାଲିଷ୍ଟ) । ସେ ଚାଳିଶ ବର୍ଷ ପୂର୍ବେ ଜଣେ ଡାକ୍ତରୀ ପାଠ ପଢୁଥିବା ଯୁବ ଛାତ୍ରକୁ ତାଙ୍କର ବର୍ତ୍ତମାନର ଅବସ୍ଥାକୁ ରୂପାନ୍ତରିତ କରିଥିଲେ । ସେହି ଯୁବକଙ୍କର ସମସ୍ତ ଚିନ୍ତା, ବାକ୍ୟ ଓ କର୍ମ ପରମପ୍ରିୟ ସ୍ୱାମୀ ତଥା ପରମ ପ୍ରିୟ ବାବାଙ୍କର ଦିବ୍ୟ ପାଦପଦ୍ମରେ ସମ୍ପୂର୍ଣ୍ଣ ଭାବେ ସମର୍ପିତ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ କାରଣ ବାବାଙ୍କ କହିବା ଅନୁସାରେ ଗଡ଼ିଆ ଓ ସ୍ୱାମୀଙ୍କର, ମଣିଷ ଓ ଭଗବାନଙ୍କର ସମ୍ପର୍କ ବହୁ ଜନ୍ମ ଧରି ନିରବଚ୍ଛିନ୍ନ ଭାବରେ ରହି ଆସିଛି ଏବଂ ଆଗାମୀ ଜନ୍ମମାନଙ୍କରେ ମଧ୍ୟ ରହିବ ।

ଭଗବାନଙ୍କଦ୍ୱାରା ଆବଶ୍ୟକ ଶାରୀରିକ ଶକ୍ତି ଓ ମାନସିକ ଭାରସାମ୍ୟ ପ୍ରାପ୍ତହୋଇ ତାଙ୍କ ହୃଦୟ ସମସ୍ତଙ୍କ ପାଇଁ ନିଃସ୍ୱାର୍ଥ ପ୍ରେମରେ ଭରିରହିଛି । ସେ ସାଇବାବାଙ୍କର ପ୍ରେମ ଓ ମାନବ ସେବାର ସନ୍ଦେଶକୁ ସବୁ ମହାଦେଶରେ ତୃଣମୂଳ ସ୍ତରରେ ପହଞ୍ଚାଇ ତାର ବିକାଶ ସାଧନ କରାଇଛନ୍ତି । ତେଣୁ ସେ ହେଉଛନ୍ତି ଭଗବାନଙ୍କ ହାତର ଏଭଳି ଏକ ଆୟୁଧ, ଯାହା ପୃଥିବୀର କୋଣ ଅନୁକୋଣର ହଜାର ହଜାର ଲୋକଙ୍କୁ ପରମପ୍ରିୟ ସ୍ୱାମୀଙ୍କ ନିକଟକୁ ଆକର୍ଷିତ କରି ଆଣିଛି ।

ମୋ ବିଚାରରେ ଏହି ପୁସ୍ତକଟି ସବୁ ଦେଶର ଓ ସବୁ ଜାତିର ଆବାଳବୃଦ୍ଧବନିତାଙ୍କ ପାଇଁ ଉପାଦେୟ ଅଟେ । ଏଥିରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ସହିତ ଡକ୍ଟର

ଗଡ଼ିଆଙ୍କର ବ୍ୟକ୍ତିଗତ ସମ୍ପର୍କରୁ ସୃଷ୍ଟ ଅଭିଜ୍ଞତା, ବାବାଙ୍କର ଦିବ୍ୟ ସନ୍ଦେଶର ନିର୍ଯ୍ୟାସ, ସାଧନାର ପ୍ରାୟୋଗିକ ଶୃଙ୍ଖଳା ଏବଂ ଲୋକମାନଙ୍କ ଦ୍ୱାରା ଅନୁଭୂତ ଅସଂଖ୍ୟ କାହାଣୀ ଓ ଅଲୌକିକ ଘଟଣା ସନ୍ନିବେଶିତ ହୋଇଛି ।

ଏଗୁଡ଼ିକ ମଧ୍ୟରୁ କେତେକ ଅସାଧାରଣ ଘଟଣା ପାଠକଙ୍କ ଆଖିରେ ଲୁହ ଆଣିଦେବ । କାରଣ ଏଥିରେ ସଂସ୍ଥାପିତ ପ୍ରତ୍ୟେକ କାହାଣୀ ଭଗବାନ ବାବାଙ୍କର କରୁଣା ଓ ତାଙ୍କର ସମସ୍ତଙ୍କ ପ୍ରତି ରହିଥିବା ପ୍ରେମଦ୍ୱାରା ଅନୁସିକ୍ତ ।

ଶିରିଡ଼ି ସାଇବାବାଙ୍କର ଜୀବନୀ ଓ ଉପଦେଶ ସମ୍ବଳିତ 'ଶ୍ରୀ ସାଇ ସତ୍ ଚରିତ' ଭଳି ଏହାକୁ ଭକ୍ତମାନେ ପାରାୟଣ (ବାରମ୍ବାର ପଢ଼ିବା) କରିପାରିବେ ଏବଂ ଜୀବନରେ ଅଲୌକିକ ରୂପାନ୍ତର ଲକ୍ଷ୍ୟ କରିପାରିବେ । ମୁଁ ଜୋରଦେଇ କହିପାରେ ଯେ ଏହି ପୁସ୍ତକ ପ୍ରସ୍ତୁତି କାଳରେ ସମୟ ଓ ଅନ୍ୟାନ୍ୟ ବହୁ ଅନତିକ୍ରମ୍ୟ ବାଧାବିଘ୍ନ ଦୂର ହୋଇ ଲକ୍ଷ୍ୟ ହାସଲ (ପୁସ୍ତକ ପ୍ରସ୍ତୁତି) ଯେ ସମ୍ଭବ ହୋଇପାରିଛି, ଏହା କେବଳ ପରମପ୍ରିୟ ବାବାଙ୍କର ସଂକଳ୍ପ ଓ କୃପାର ଫଳ ବୋଲି ମୁଁ କହିପାରେ ।

ଏହା ମୋର ସୌଭାଗ୍ୟ ଯେ ମୁଁ ଡକ୍ଟର ଧୀରୁଭାଇ ଗଡ଼ିଆ ଓ ତାଙ୍କ ସହଯୋଗୀମାନଙ୍କୁ ଏହି ପୁସ୍ତକଟିର ଲେଖା ଓ ପ୍ରକାଶନ କାର୍ଯ୍ୟରେ ସାହାଯ୍ୟ କରିପାରିଛି । ଶେଷରେ ଏହି ମହାର୍ଘ୍ୟ ପୁସ୍ତକଟିର ଆତ୍ମପ୍ରକାଶ ଅବସରରେ ମୁଁ ଆନନ୍ଦରେ ଅଭିଭୂତ ହୋଇ ଭଗବାନ ବାବାଙ୍କୁ ଅନ୍ତରର କୃତଜ୍ଞତା ଜଣାଉଛି ।

– ଡକ୍ଟର ଅଲି ହୁସେନ

[ବି.ଦ୍ର.– ଡକ୍ଟର ଅଲି ହୁସେନ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟରୁ ଚିକିତ୍ସା ବିଦ୍ୟାରେ ଡିଗ୍ରୀ ହାସଲ କରିଛନ୍ତି । ସେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ର ଜର୍ଣ୍ଣାଲ 'କ୍ଲୋନିକ୍ଲ' ଏବଂ ଅନ୍ୟାନ୍ୟ ବୁଲେଟିନ୍‌ର ସମ୍ପାଦନା କାର୍ଯ୍ୟ କରିଥିଲେ । ୧୯୯୬ ମସିହାରେ ସେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଅବସର ନେଇ ସୁଇଜରଲ୍ୟାଣ୍ଡରେ ବାସ କରୁଛନ୍ତି । ସେ ଏହି ପୁସ୍ତକଟିର ସମ୍ପାଦନା କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ମୁଖବନ୍ଧ ମଧ୍ୟ ଲେଖିଛନ୍ତି । ସେ ୧୯୭୦ ମସିହାଠାରୁ ଜେନେଭାର ସାଇ କାର୍ଯ୍ୟକ୍ରମ ସହିତ ସକ୍ରିୟ ଭାବରେ ସମ୍ପୃକ୍ତ ।]

'ସାଇସ୍ମରଣ' — ଏକ ବିହଙ୍ଗାବଲୋକନ

ଡକ୍ଟର ଧୀରୁଭାଇ ଜଗଜ୍ଜୀବନ ଦାସ ଗଡ଼ିଆ ଓ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ମଧ୍ୟରେ ରହିଥିବା ନିବିଡ଼ ସମ୍ପର୍କ ବୋଧହୁଏ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ରହିଥିବା ଶାଶ୍ୱତ ପ୍ରେମର ଅନନ୍ୟ ଓ ଅତୁଳନୀୟ ଉଦାହରଣ । ସମ୍ଭବତଃ ଏହି ପ୍ରେମ ସମ୍ପର୍କକୁ ଲୋକଲୋଚନକୁ ଆଣି ଭକ୍ତମାନଙ୍କୁ ଅନୁପ୍ରାଣିତ କରିବା ପାଇଁ ନିଜର ଅଭିଜ୍ଞତା ସମ୍ବଳିତ ଏକ ପୁସ୍ତକ ରଚନା କରିବାକୁ ଡକ୍ଟର ଗଡ଼ିଆଙ୍କ ପରି ସାହିତ୍ୟ ସହିତ ସମ୍ପର୍କ ନଥିବା ଜଣେ ଡାକ୍ତରଙ୍କୁ ବାରମ୍ବାର ନିର୍ଦ୍ଦେଶ ଦେଇ ଓ ପ୍ରୋତ୍ସାହିତ କରି ଭଗବାନ ବାବା ଏକ ପ୍ରକାର ବାଧ୍ୟ କରିଥିଲେ । ଅଧ୍ୟାୟଗୁଡ଼ିକର ଗୁଣାତ୍ମକ ମାନରକ୍ଷା ପାଇଁ ଆବଶ୍ୟକୀୟ ଦିଗ୍‌ଦର୍ଶନ ଓ ପୁସ୍ତକଟିର ନାମକରଣ ମଧ୍ୟ ବାବାଙ୍କର ।

ଡକ୍ଟର ଗଡ଼ିଆଙ୍କ ଜନ୍ମ ପୂର୍ବ ଆଫ୍ରିକାର କାମ୍ପାଲାରେ, ପାଠପଢ଼ା ଭାରତରେ ଏବଂ ଶେଷ ଜୀବନ କଟିଥିଲା ଯୁକ୍ତରାଜ୍ୟ ଇଂଲଣ୍ଡର ଲେସେଷ୍ଟରରେ । ସେ ସତ୍ୟସାଇ ବାବାଙ୍କର ପୂର୍ବ ଅବତାର ଶିରିଡ଼ିସାଇଙ୍କର ପରମଭକ୍ତ କାକା ସାହେବ ଦୀକ୍ଷିତଙ୍କର ବଂଶଜ । ଡକ୍ଟର ଗଡ଼ିଆ ବମ୍ବେର ଭାରତୀୟ ବିଦ୍ୟାଭବନ ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ ମହାବିଦ୍ୟାଳୟରେ ଇଣ୍ଟର ସାଇନ୍‌ସ ପଢୁଥିବା ସମୟରୁ ବାବାଙ୍କର ଭକ୍ତ ଓ ପ୍ରଶାନ୍ତି ନିଳୟମ୍ ସହିତ ତାଙ୍କର ସମ୍ପର୍କ । ବାବାଙ୍କ ପ୍ରତି ତାଙ୍କର ସଖ୍ୟ ଭକ୍ତି ଅନନ୍ୟ ଓ ଅତୁଳନୀୟ । ସେ କିନ୍ତୁ ନିଜକୁ ଭଗବାନ ବାବାଙ୍କର ଦାସାନୁଦାସ ବୋଲି ଅଭିହିତ କରିଥାନ୍ତି । ପରୋକ୍ଷରେ ବାବା ତାଙ୍କୁ ସଖା ଅର୍ଜୁନ ବୋଲି କହିଥାନ୍ତି । ବାସ୍ତବରେ ଶ୍ରୀକୃଷ୍ଣ ଯେପରି ସଖା ଅର୍ଜୁନ ଓ ପାଣ୍ଡବମାନଙ୍କ ପଛେ ପଛେ ରହି ସର୍ବଦା ସେମାନଙ୍କୁ ବିପଦରୁ ଉଦ୍ଧାର କରିବା ସହ ଧର୍ମ ସଂସ୍ଥାପନା ପାଇଁ ଆୟୁଧ ରୂପେ ବ୍ୟବହାର କରିଥିଲେ, ଭଗବାନ ଶ୍ରୀ ସତ୍ୟସାଇ ବାବା ସେହିପରି ଡକ୍ଟର ଗଡ଼ିଆଙ୍କୁ ଧର୍ମସଂସ୍ଥାପନା ଏବଂ ତାଙ୍କର ଦିବ୍ୟଲୀଳା ଓ ସନ୍ଦେଶର ପ୍ରସାର ପାଇଁ ଆୟୁଧ ରୂପେ ବ୍ୟବହାର କରିଛନ୍ତି । ଡକ୍ଟର ଗଡ଼ିଆ ଭାରତର ମାଙ୍ଗାଲୋର, ବମ୍ବେ ଓ ଗୁଜୁରାଟଠାରୁ ଆରମ୍ଭ କରି ବିଦେଶରେ ପୂର୍ବଆଫ୍ରିକାର ତାଞ୍ଜାନିଆ, ଉଗାଣ୍ଡା, କାମ୍ପାଲା, ଆରୁଶା ପ୍ରଭୃତି ସ୍ଥାନ, ଲଣ୍ଡନ ସହ ସମଗ୍ର ଯୁକ୍ତରାଜ୍ୟ, ସୁରୀନାମ, ତ୍ରିନିଦାଦ୍, ସ୍ୱିଡେନ୍, ଅଷ୍ଟ୍ରେଲିଆ, ଫିଜି, ନିଉଜିଲ୍ୟାଣ୍ଡ, ସିଙ୍ଗାପୁର, ଆମେରିକା, ଫ୍ରାନ୍ସ, ଜର୍ମାନୀ, ମାଉରିଟସ୍ ଇତ୍ୟାଦି ବହୁଦେଶକୁ ଯାତ୍ରା କରି ଭଗବାନ ବାବାଙ୍କର ଲୀଳା ଓ ସନ୍ଦେଶର ପ୍ରସାର

କରିଛନ୍ତି । ତାଙ୍କ ଉଦ୍ୟମରେ ବହୁ ସାଇକେନ୍ଦ୍ର ଦେଶ-ବିଦେଶରେ ପ୍ରତିଷ୍ଠିତ ହୋଇଛି । ଯୁକ୍ତରାଜ୍ୟ 'ସାଇରାଜ୍ୟ'ରେ ପରିଣତ ହେବା ପଛରେ ଡକ୍ଟର ଗଡ଼ିଆଙ୍କ ଅବଦାନ ଉଲ୍ଲେଖଯୋଗ୍ୟ । ବିଦେଶର ବହୁ ସ୍ଥାନରୁ ସତ୍ୟସାଇ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ (ଲକ୍ଷାର୍ଚ୍ଚନା, ଶତଲକ୍ଷାର୍ଚ୍ଚନା ଇତ୍ୟାଦି) ପରିଚାଳନା କରିବାକୁ ଯିବା ଆସିବା ପାଇଁ ଉଡ଼ାଜାହାଜ ଯାତ୍ରା ଖର୍ଚ୍ଚ ସହିତ ନିମନ୍ତ୍ରଣ ଆସିଥାଏ ଏବଂ ସେ ଯେଉଁଠାରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିଚାଳନା କରନ୍ତି ସେଠାରେ ନିଶ୍ଚିତ ଭାବରେ ସୂକ୍ଷ୍ମ ଶରୀରରେ ବାବାଙ୍କର ଉପସ୍ଥିତିର ସୂଚନା ଦେଇ କିଛି ନା କିଛି ଅଲୌକିକ ଘଟଣା ଘଟିଥାଏ । କୌଣସି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଡକ୍ଟର ଗଡ଼ିଆ ସାଇଲୀଳା ବର୍ଣ୍ଣନା କରିବା ପରେ ଯଦି କେହି ସନ୍ଦେହ ପ୍ରକାଶ କରନ୍ତି କିମ୍ବା ସମାଲୋଚନା କରନ୍ତି, ତେବେ ସଙ୍ଗେ ସଙ୍ଗେ ଡକ୍ଟର ଗଡ଼ିଆଙ୍କ ମାନ ରକ୍ଷା ପାଇଁ ବାବା ସୂକ୍ଷ୍ମ ଶରୀରରେ ଉପସ୍ଥିତ ହୋଇ କିଛି ନା କିଛି ଅଲୌକିକତା ପ୍ରଦର୍ଶନ କରିଥାନ୍ତି । ଯେପରି ମନେହୁଏ ତାଙ୍କୁ ବିପଦରୁ ରକ୍ଷା କରିବାପାଇଁ ଏବଂ ତାଙ୍କର ମାନରକ୍ଷା କରିବାପାଇଁ ଭଗବାନ ବାବା ସର୍ବଦା ତାଙ୍କ ପଛେ ପଛେ ରହିଥାନ୍ତି ।

ସେ ବୋଧହୁଏ ଏପରି ଜଣେ ଭକ୍ତ ଯେ କି ବାବାଙ୍କ ସହିତ ବିନମ୍ର ଓ ନିଷ୍ପାପର ଭକ୍ତି ସହିତ ସ୍ୱାଧୀନ ଭାବରେ ଏବଂ ନିଃସଙ୍କୋଚରେ କଥାବାର୍ତ୍ତା କରିଥାନ୍ତି । ସେ କୌଣସି ସାଙ୍ଗଠନିକ କର୍ମକର୍ତ୍ତା ନ ଥିଲେ ମଧ୍ୟ (ବାବା ସେଥିପାଇଁ ତାଙ୍କୁ ବାରଣ କରିଛନ୍ତି) ଦିନକୁ ଦୁଇ ବା ତିନିଥର ସାକ୍ଷାତକାର ପାଇଁ ବାବାଙ୍କଠାରୁ ଡାକରା ପାଇଥାନ୍ତି । ସାଇ ସଂଗଠନ ସହିତ ତାଙ୍କର ପ୍ରତ୍ୟକ୍ଷ ସମ୍ପର୍କ ନ ଥିଲେ ମଧ୍ୟ ସେ ସର୍ବଭାରତୀୟ ସମ୍ମିଳନୀ ବା ବିଶ୍ୱସମ୍ମିଳନୀ, ପ୍ରଶାନ୍ତି ବା ବୃନ୍ଦାବନରେ ବିଶେଷ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ବ୍ୟକ୍ତିଗତ ଭାବରେ ବାବାଙ୍କଠାରୁ ସ୍ୱତନ୍ତ୍ର ପାସ୍ ବା ନିମନ୍ତ୍ରଣ ପାଇଥାନ୍ତି । ଏପରିକି ତାଙ୍କୁ ଆଣିବା ପାଇଁ ବେଳେବେଳେ ବାବା ରେଳଷ୍ଟେସନକୁ ସ୍ୱେଚ୍ଛାସେବକ ପଠାଇଥାନ୍ତି ଏବଂ ତାଙ୍କର ରହଣି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଥାନ୍ତି । ତାଙ୍କ ସହିତ ଯେତେ ଭକ୍ତ ଯାଇଥାନ୍ତି, ସମସ୍ତଙ୍କୁ ବାବା ନିଶ୍ଚିତ ଭାବରେ ସାକ୍ଷାତକାର ଦେଇଥାନ୍ତି । ତାଙ୍କ ଦଳ ମନ୍ଦିରର ମୁଖ୍ୟ ଫାଟକ ପାଖରେ ପହଞ୍ଚିଲାମାତ୍ରେ ବାବା ପୋର୍ଟିକୋ ଉପରୁ ଡାକ ଛାଡ଼ନ୍ତି । ସେ ଆସୁଥିବା କଥା ଅନ୍ତର୍ଯ୍ୟାମୀ ବାବା ଜାଣି ଆଗରୁ ପୋର୍ଟିକୋ ଉପରେ ଅପେକ୍ଷା କରିଥାନ୍ତି । ପ୍ରଶାନ୍ତି ନିଳୟମରେ ଥିବାବେଳେ ଭଜନ ଅଧିବେଶନମାନଙ୍କରେ ସେ ପ୍ରାୟ ତୃତୀୟ ଭଜନଟି ଗାନ କରିଥାନ୍ତି । ଅଧିକାଂଶ ଉତ୍ସବରେ ତାଙ୍କୁ କହିବା ପାଇଁ ବାବା ନିର୍ଦ୍ଦେଶ ଦେଇଥାନ୍ତି । ଡକ୍ଟର ଗଡ଼ିଆ ଜଣେ ଉଚ୍ଚକୋଟୀର ଭଜନ ଗାୟକ ଓ ବକ୍ତା । ତାଙ୍କରି ଉଦ୍ୟମରେ ପ୍ରଥମେ ଭଜନ ଓ ପାରାୟଣ ଭଳି କାର୍ଯ୍ୟକ୍ରମର ଅଡ଼ିଓ ଓ ଭିଡ଼ିଓ

କ୍ୟାସେଟ ପ୍ରସ୍ତୁତ ହୋଇଥିଲା । ସାଇ ସଂଗଠନ ସହିତ ପାଠଚକ୍ର କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ସେ ହିଁ ପ୍ରଥମେ ବାବାଙ୍କୁ ପ୍ରାର୍ଥନା କରିଥିଲେ ଏବଂ ମାଙ୍ଗାଲୋରଠାରେ ତାଙ୍କରି ଉଦ୍ୟମରେ ପ୍ରଥମ ସାଇ ପାଠଚକ୍ର ଅନୁଷ୍ଠିତ ହୋଇଥିଲା ।

ପୂର୍ବଆଫ୍ରିକାର ଆରୁଶାଠାରେ ଏକ ଦୁର୍ଘଟଣାରେ ସେ ମୃତ୍ୟୁବରଣ କରିଥିଲେ ମଧ ଦୁଇଜଣ ଆଫ୍ରିକୀୟ ମେକାନିକ୍‌ଙ୍କ ରୂପରେ ଘଞ୍ଚ ଜଙ୍ଗଲ ମଧରେ ଅବସ୍ଥିତ ଦୁର୍ଘଟଣା ସ୍ଥଳରେ ପହଞ୍ଚି ବାବା ତାଙ୍କୁ ପୁନର୍ଜନ୍ମ ପ୍ରଦାନ କରିଥିଲେ । ସେ ମୋକ୍ଷ ପ୍ରାପ୍ତି ପାଇଁ ପ୍ରାର୍ଥନା କରିଥିଲେ ମଧ 'ଜନମ ଜନମକା ସାଥି' ଭଜନ କଥା ସ୍ମରଣ କରାଇ ଦେଇ ବାବା ତାଙ୍କୁ ମୃଦୁ ଭର୍ତ୍ସନା ସହ ପ୍ରେମସାଇଙ୍କ ଅବତାର ସମୟରେ ପୁନର୍ଜନ୍ମର ଆଶୀର୍ବାଦ କରିଛନ୍ତି । ତାଙ୍କ ପ୍ରାର୍ଥନା ଅନୁସାରେ ପରମ ପ୍ରିୟ ଭଗବାନ ବାବା ତାଙ୍କ ମସ୍ତକ ଉପରେ ନିଜର ହସ୍ତ ସ୍ଥାପନ ପୂର୍ବକ ଏକ ଅଲୌକିକ ଶକ୍ତି ପ୍ରବାହ ମାଧମରେ ତାଙ୍କୁ ଆତ୍ମଜ୍ଞାନ (ଆତ୍ମଉପଲବ୍ଧି) ପ୍ରଦାନ କରିଛନ୍ତି ।

ଦର୍ଶନ ଓ ଆଶୀର୍ବାଦ ବ୍ୟତିରେକେ ଡକ୍ଟର ଗଡ଼ିଆ ନିଜର ବ୍ୟକ୍ତିଗତ ସ୍ୱାର୍ଥ ସିଦ୍ଧି ପାଇଁ କେବେହେଲେ କୌଣସି ପ୍ରାର୍ଥନା ଭଗବାନ ବାବାଙ୍କ ନିକଟରେ କରି ନାହାନ୍ତି । ବରଂ ଅନ୍ୟମାନଙ୍କୁ ବିପଦରୁ ଉଦ୍ଧାର କରିବାପାଇଁ ଏବଂ ଦୁଃସାଧ ରୋଗରୁ ସେମାନଙ୍କୁ ଆରୋଗ୍ୟ ପ୍ରଦାନ ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିବାରେ ସେ ଅବହେଳା କରି ନଥାନ୍ତି । ସେ ପୂର୍ବଆଫ୍ରିକାର ଆରୁଶାଠାରେ 'ଓମ୍ ଶ୍ରୀ ସତ୍ୟସାଇ ଚିକିତ୍ସାଳୟ' ପ୍ରତିଷ୍ଠା କରିଛନ୍ତି ଏବଂ ଏଠାରେ ଦରିଦ୍ରମାନଙ୍କୁ ବିନାମୂଲ୍ୟରେ ଚିକିତ୍ସା କରାଯାଇଥାଏ । କେବଳ ଧନୀମାନଙ୍କଠାରୁ ଔଷଧ ଖର୍ଚ୍ଚ ଓ ଯତ୍‌ସାମାନ୍ୟ ଚିକିତ୍ସା ଦେୟ ଗ୍ରହଣ କରାଯାଏ । ଡାକ୍ତର ଭାବରେ ତାଙ୍କର ସେବା ଉଲ୍ଲେଖଯୋଗ୍ୟ । ଭଗବାନ ବାବାଙ୍କ କୃପାରୁ କ୍ୱଚିତ ତାଙ୍କ ଚିକିତ୍ସାରେ ରୋଗୀ ମୃତ୍ୟୁବରଣ କରିଥାଏ କିମ୍ବା ମୃତ୍ୟୁବରଣ କରି ମଧ ଅଲୌକିକ ଭାବରେ ପୁନର୍ଜୀବନ ପ୍ରାପ୍ତ ହୋଇଥାଏ । ଚିକିତ୍ସା ପାଇଁ ତାଙ୍କର ସର୍ବଶେଷ ଅମୋଘ ଅସ୍ତ୍ର ହେଲା ବିଭୂତି । ଅଲୌକିକ ବିଭୂତି ଚିକିତ୍ସା ପଦ୍ଧତି ଏହି ପୁସ୍ତକରେ ବର୍ଣ୍ଣନା କରାଯାଇଛି । 'ସାଇସ୍ମରଣ' ଡକ୍ଟର ଗଡ଼ିଆଙ୍କ ଅଭିଜ୍ଞତା ସମ୍ବଳିତ ବହୁ ଘଟଣାର ସାକ୍ଷ୍ୟ ପ୍ରଦାନ କରେ ଏବଂ ଭଗବାନ ବାବାଙ୍କ ପ୍ରତି ତାଙ୍କର ଭକ୍ତି ଓ ପ୍ରୀତିର ଏକ ନିଖୁଣ ଚିତ୍ର ପ୍ରଦାନ କରେ ।

'ସାଇସ୍ମରଣ' ପୁସ୍ତକ ପ୍ରଣୟନ ପାଇଁ ତାଙ୍କୁ ଦୀର୍ଘ ସମୟ ଲାଗିଥିଲା, ଯେଉଁଥିପାଇଁ ଭଗବାନ ବାବା ତାଙ୍କୁ ବାରମ୍ବାର ସ୍ମରଣ କରାଇ ଦେଉଥିଲେ । ଅତୀବ ଦୁଃଖଦାୟକ ଓ ମର୍ମନ୍ତୁଦ ଘଟଣା ହେଲା, 'ସାଇସ୍ମରଣ' ଭଗବାନଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇ ପ୍ରକାଶ

ପାଇବା (୨୦୦୪) ପରେ ପରେ ୨୦୦୫ ମସିହା ଜୁନ୍ ମାସ ସାତ ତାରିଖଦିନ ସେ ଇହଲୀଳା ସମ୍ବରଣ କରି ଭଗବାନଙ୍କ ପାଦପଦ୍ମରେ ଲୀନ ହୋଇ ଯାଇଛନ୍ତି । ପୁଣି ସେ ଇହଜଗତରେ ଆତ୍ମପ୍ରକାଶ କରିବେ ଯେତେବେଳେ ଭଗବାନ ବାବା 'ପ୍ରେମସାଇ' ରୂପରେ ଏହି ଧରାଧାମରେ ଅବତରଣ କରିବେ । ସେଥିପାଇଁ ସେ ବାବାଙ୍କଠାରୁ ଆଶୀର୍ବାଦପ୍ରାପ୍ତ ହୋଇଛନ୍ତି ।

ସାଇ ଭକ୍ତ ପାଠକମାନଙ୍କ ପାଇଁ ଏ ପୁସ୍ତକଟି ଅତ୍ୟନ୍ତ ଉପାଦେୟ । ପୁସ୍ତକଟିର ବିଶେଷତ୍ୱ ହେଲା–

(କ) ପୁସ୍ତକଟିରେ ଭଗବାନଙ୍କ ଦିବ୍ୟ ଲୀଳା ସମ୍ବଳିତ ଶତାଧିକ ଅଲୌକିକ ଘଟଣା ବର୍ଣ୍ଣନା କରାଯାଇଛି ।

(ଖ) ପ୍ରତ୍ୟେକ ଅଲୌକିକ ଘଟଣା ବା ସାଇ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ବର୍ଣ୍ଣନା ସହିତ ସମ୍ପୃକ୍ତ ବିଷୟରେ ବାବାଙ୍କର ଦିବ୍ୟ ସନ୍ଦେଶ ଉଲ୍ଲେଖ କରାଯାଇଛି ।

(ଗ) ଭକ୍ତମାନଙ୍କର ଆଧ୍ୟାତ୍ମିକ ସାଧନା ପାଇଁ ଯଥେଷ୍ଟ ଦିଗ୍‌ଦର୍ଶନ ପୁସ୍ତକଟିରେ ସ୍ଥାନ ପାଇଛି । ସାଧନା ପଦ୍ଧତି ସମ୍ପର୍କରେ ଆବଶ୍ୟକୀୟ ସୂଚନା ଦିଆଯାଇଛି ।

(ଘ) ପୁସ୍ତକଟିର ବର୍ଣ୍ଣନା ଶୈଳୀ ଉଚ୍ଚକୋଟୀର, ଭାଷା ସରଳ ତଥା ସାବଲୀଳ ହୋଇଥିବାରୁ ସୁଖପାଠ୍ୟ ହୋଇପାରିଛି ।

(ଙ) ଭକ୍ତି ଓ ପ୍ରେମ ଭାବ ଉଦ୍ରେକ ପାଇଁ ପୁସ୍ତକଟି ଏକ ଉପାଦେୟ ଆଧ୍ୟାତ୍ମିକ ଗ୍ରନ୍ଥ ଏବଂ ସାଧନା ପାଇଁ ପ୍ରେରଣାର ଉତ୍ସ ।

ମୂଳ ଇଂରାଜୀ 'ସାଇସ୍ମରଣ' ପୁସ୍ତକର ଓଡ଼ିଆ ଅନୁବାଦ ପାଇଁ ସୁଯୋଗ ଦେଇଥିବାରୁ ଅନୁବାଦକ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ପାଦପଦ୍ମରେ ବିନମ୍ର, ନିଷ୍ଠାପର ଓ ଆନ୍ତରିକ ଭକ୍ତି ନିବେଦନ ପୂର୍ବକ କୃତଜ୍ଞତା ଜ୍ଞାପନ କରୁଛି ।

ସାଇଚରଣାଶ୍ରିତ

ତା ୨.୧୦.୨୦୦୬ — ଡକ୍ଟର ଉମେଶ ଚନ୍ଦ୍ର ପାତ୍ର

ଦଶହରା — ଅନୁବାଦକ

ଅନୁବାଦକୀୟ ସ୍ୱୀକାରୋକ୍ତି

'ସାଇ ସ୍ମରଣ'ର ମୂଳ ଇଂରାଜୀ ଲେଖକ ସ୍ୱର୍ଗତ ଡକ୍ଟର ଡି.ଜେ. ଗଡ଼ିଆ ଏବଂ ଏହାର ପ୍ରକାଶନ ପୃଷ୍ଠପୋଷକ ସ୍ୱର୍ଗତ ଭୂପେନ୍ଦ୍ର ଏନ. ଦେଶାଇ ପୁସ୍ତକଟିର ଓଡ଼ିଆ ଅନୁବାଦ ପାଇଁ ସଦୟ ଅନୁମତି ପ୍ରଦାନ ପରେ ପରେ ଦେହତ୍ୟାଗ କରିଥିବାରୁ ସେମାନଙ୍କର ଆତ୍ମା ଉଦ୍ଦେଶ୍ୟରେ ଗଭୀର କୃତଜ୍ଞତା ଜ୍ଞାପନ କରିବା ସଂଗେ ସଂଗେ ଆତ୍ମାର ସଦ୍‌ଗତି ପାଇଁ ମୁଁ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଚରଣକମଳରେ ବିନୀତ ପ୍ରାର୍ଥନା ଜଣାଉଛି । 'ସାଇସ୍ମରଣ'ର ଓଡ଼ିଆ ଅନୁବାଦ ଯୋଜନାର ଅନ୍ତରାଳରେ ଯାହାର ପ୍ରଚ୍ଛନ୍ନ ହାତ ରହିଛି ସେ ହେଲା ମୋର ସର୍ବକନିଷ୍ଠା କନ୍ୟା ଶୁଭ୍ରା (ସୀମା) । ମୂଳ ପୁସ୍ତକଟିକୁ ପ୍ରଶାନ୍ତିନିଳୟମ୍‌ରୁ ଭଗବାନଙ୍କର ଦିବ୍ୟ ପ୍ରେରଣା କ୍ରମେ ଅକସ୍ମାତ୍ ସଂଗ୍ରହ କରିବାଠାରୁ ଏହାର ଓଡ଼ିଆ ଅନୁବାଦ ପାଇଁ ମୋତେ ଏକ ପ୍ରକାର ବାଧ କରିବା ଏବଂ ପ୍ରକାଶନ ସମ୍ପର୍କୀୟ ସମସ୍ତ କାର୍ଯ୍ୟରେ ମୋର ବ୍ୟକ୍ତିଗତ ସହକାରୀ ଭାବରେ କାର୍ଯ୍ୟ କରି ମୋତେ ଅବିରତ ପ୍ରୋତ୍ସାହନ ଦେବା ପର୍ଯ୍ୟନ୍ତ ସମସ୍ତ କୃତିତ୍ୱ ତା'ର । ତେଣୁ ସେ ମୋର ଆଶୀର୍ବାଦାର୍ହ ଏବଂ ତା ପ୍ରତି କୃପା ଦୃଷ୍ଟି ରଖିବା ପାଇଁ ଭଗବାନ ବାବାଙ୍କ ପାଦପଦ୍ମରେ ମୋର ବିନମ୍ର, ନିଷ୍ଠାପର ଓ ଆନ୍ତରିକ ନିବେଦନ । ଏତଦ୍‌ଭିନ୍ନ ଶ୍ରୀମତୀ ନନ୍ଦା ବେନ୍ (ନନ୍ଦା ଗଡ଼ିଆ – ଲେସେଷ୍ଟର, ଲଣ୍ଡନ), ଶ୍ରୀମତୀ ନିଲା ଦେଶାଇ (ବର୍ମିଂହାମ୍, ଲଣ୍ଡନ), ଶ୍ରୀ ଗୋବିନ୍ଦ ଚରଣ ପାତ୍ର (ପ୍ରତିଷ୍ଠାତା, ଓଡ଼ିଶା ବୁକ୍ ଷ୍ଟୋର, କଟକ), ଶ୍ରୀ ଦୋଳଗୋବିନ୍ଦ ବରାଳ (ଓଡ଼ିଆ ଭାଷା ନିରୀକ୍ଷଣ ଓ ସମ୍ପାଦନା ପାଇଁ), ପ୍ରଫେସର ହରିକୃଷ୍ଣ ଦାଶ (ସଭାପତି, ଓଡ଼ିଶା ରାଜ୍ୟ ସତ୍ୟସାଇ ସେବା ସଂଗଠନ), ପ୍ରଫେସର ଭୀମସେନ ଦାଶ (ରାଜ୍ୟ ସଂଗଠନର ଶିକ୍ଷା ସଂଯୋଜକ), ଇଂ ଅନ୍ତର୍ଯ୍ୟାମୀ ପ୍ରଧାନ, ପ୍ରଫେସର ଜ୍ୟୋତିଷ ଚନ୍ଦ୍ର ମହାନ୍ତି, ଶ୍ରୀମତୀ ରେଣୁବାଳା ପଟ୍ଟନାୟକ (ମହାନ୍ତି), ଶ୍ରୀମତୀ ଜ୍ୟୋସ୍ନାମୟୀ ପାତ୍ର, ଶ୍ରୀ ହୃଷୀକେଶ ପଟ୍ଟନାୟକ, ଶ୍ରୀ ଗୋପାଳ ଚନ୍ଦ୍ର ସାହା, ଶ୍ରୀ ଚିତ୍ତରଞ୍ଜନ ପଟ୍ଟନାୟକ ଓ ଶ୍ରୀ ହରପ୍ରସାଦ ନାୟକ ପ୍ରମୁଖ ଅନୁବାଦ କାର୍ଯ୍ୟରେ ମୋତେ ଯଥେଷ୍ଟ ପ୍ରୋତ୍ସାହନ ଦେଇଥିବାରୁ ମୁଁ ସମସ୍ତଙ୍କ ନିକଟରେ ଗଭୀର କୃତଜ୍ଞତା ଜ୍ଞାପନ କରୁଛି । ଶେଷରେ ଶ୍ରୀ ବିଜୟଶଙ୍କର ପାତ୍ର, ପ୍ରକାଶକ, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ-୨ ଅନୁବାଦ ପୁସ୍ତକଟିକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିବାରୁ ସେ ମୋର ଧନ୍ୟବାଦାର୍ହ । ଇତି

ସାଇ ଚରଣାଶ୍ରିତ

ଡକ୍ଟର ଉମେଶ ଚନ୍ଦ୍ର ପାତ୍ର

ଅନୁବାଦକ

ପ୍ରାକ୍ କଥନ

୨୦୦୨ ମସିହା ଜାନୁଆରୀ ୨୦ ତାରିଖ ଦିନ ଉଡ଼ାଜାହାଜରେ ଲଣ୍ଡନରୁ ଯାତ୍ରା ଆରମ୍ଭ କରି ଆମେ ପରଦିନ ପ୍ରତ୍ୟୁଷରେ ବାଙ୍ଗାଲୋରଠାରେ ପହଞ୍ଚିଲୁ ଏବଂ ବାଙ୍ଗାଲୋରଠାରୁ ୨୦ କିଲୋମିଟର ଦୂର ହ୍ୱାଇଟ୍‌ଫିଲ୍ଡରେ ଆମର ପରମପ୍ରିୟ ସ୍ୱାମୀ ରହୁଛନ୍ତି ବୋଲି ଖବର ପାଇ ସିଧା ସେଠାକୁ ଗଲୁ । ସେ ପ୍ରାୟ ପୂର୍ବାହ୍ନ ଆଠଟାରେ ଆମକୁ ଏକ ମନମୁଗ୍ଧକର ଦର୍ଶନ ଦେଇ ଆଶୀର୍ବାଦ କଲେ । ଅପରାହ୍ନ ଭଜନରେ ମଧ୍ୟ ଆମେ ଯୋଗ ଦେଇଥିଲୁ ।

ପରଦିନ ପ୍ରାତଃ ଦର୍ଶନ ଅଧିବେଶନରେ ଆମେ ଯୋଗ ଦେଇଥିଲୁ । ଅପରାହ୍ନ ଭଜନ ସମୟରେ ସ୍ୱାମୀ 'ଏହି ଦାସ' (ଡକ୍ଟର ଗଡ଼ିଆ) ନିକଟକୁ ଅଗ୍ରସର ହେଲେ ଏବଂ ହିନ୍ଦିରେ ପ୍ରଶ୍ନ କଲେ ''କେତେବେଳେ ଆସିଲ ?''

ମୁଁ ଉତ୍ତର ଦେଲି ''ସ୍ୱାମି ! ଦୁଇଦିନ ପୂର୍ବରୁ ।''

''ତୁମର କାର୍ଯ୍ୟକ୍ରମ କ'ଣ ?'' ସେ ପୁଣି ପ୍ରଶ୍ନ କଲେ ।

''ସ୍ୱାମି ! 'ଏହି ଦାସ'କୁ ଗୁଜୁରାଟର ଭକ୍ତମାନେ ସେମାନଙ୍କର କାର୍ଯ୍ୟକ୍ରମରେ ପୃଷ୍ଠପୋଷକତା କରିବା ପାଇଁ ଅନୁରୋଧ କରିଥିବାରୁ ଆମେ ଗୁରୁବାର ଦିନ ସେଠାକୁ ଯାଉଛୁ । ଦୟାକରି ଆମକୁ ଆଶୀର୍ବାଦ କରନ୍ତୁ ।''

ସେ ତତ୍‌କ୍ଷଣାତ୍ କହିଥିଲେ ''ସେଠାରେ ଅଧିକ କିଛି କାର୍ଯ୍ୟକ୍ରମ କର । ମୁଁ ଆଶୀର୍ବାଦ କରୁଛି ।'' ଏହା କହି ସେ 'ଏହି ଦାସ'ର ମସ୍ତକରେ ତାଙ୍କର ଦିବ୍ୟ ସ୍ପର୍ଶ ଦେଇଥିଲେ । ଏହିଭଳି ଭାବରେ ତାଙ୍କର ଦିବ୍ୟ ଆଶୀର୍ବାଦ ମିଳିଥିଲା ।

ଗୁଜୁରାଟରେ କେତେଗୁଡ଼ିଏ କାର୍ଯ୍ୟକ୍ରମ ଶେଷକରି ଆମେ ଶିରିଡ଼ି ଓ ଶାକୁରୀ ଯାଇଥିଲୁ ଏବଂ ୨୦୦୨ ମସିହା ଫେବୃଆରୀ ୯ ତାରିଖ ଦିନ ଲଣ୍ଡନ ଫେରି ଆସିଥିଲୁ । ଲଣ୍ଡନରେ ପହଞ୍ଚିବାର ଠିକ୍ ପରଦିନ ଆମର ପ୍ରିୟ ସ୍ୱାମୀ ଅତି ପ୍ରତ୍ୟୁଷରୁ, ପ୍ରାୟ ପୂର୍ବାହ୍ନ ୫ଟା ସମୟରେ ଶ୍ରୀ ଅରବିନ୍ଦ ଭାଇ ପଟେଲଙ୍କର ଲଣ୍ଡନସ୍ଥ ଷ୍ଟ୍ରେଥ୍‌ହାମ୍

ବାସଗୃହରେ 'ଏହି ଦାସ'କୁ ସ୍ୱପ୍ନରେ ଏକ ସୁନ୍ଦର ବିସ୍ମୟଭରା ଦର୍ଶନ ଦେଇଥିଲେ । ଅରବିନ୍ଦ ଭାଇଙ୍କର ବାସଗୃହ ଓ ବ୍ୟାଟେର୍ସିଆରେ ତାଙ୍କର ଡାକ ସେବା କାର୍ଯ୍ୟାଳୟଠାରେ ଯେଉଁ ଅସାମାନ୍ୟ ଅଲୌକିକ ଘଟଣା ଘଟିଥିଲା ତାହା ଏହି ପୁସ୍ତକରେ ବର୍ଣ୍ଣନା କରାଯାଇଛି ।

ପୁଟପର୍ତ୍ତିର ଚିତ୍ରାବତୀ ରୋଡ୍‌ସ୍ଥିତ ଭକ୍ତମାନଙ୍କ ସହାୟତାରେ ନିର୍ମାଣ କରାଯାଇଥିବା ଏବଂ ସେମାନେ ରହୁଥିବା ବାସଗୃହ (ନମ୍ବର ୫, ଚିତ୍ରାବତୀ ଏନ୍‌କ୍ଲେଭ୍, ଦ୍ୱିତୀୟ ମହଲା)କୁ ଆସିବା ପାଇଁ 'ଏହି ଦାସ' ପୂର୍ବରୁ ପରମପ୍ରିୟ ସ୍ୱାମୀଙ୍କୁ ଅନୁରୋଧ ଜଣାଇଥିଲା । ବାଙ୍ଗାଲୋର ନିକଟସ୍ଥ ହ୍ୱାଇଟ୍ ଫିଲ୍‌ଡରେ ଅବସ୍ଥିତ ଶ୍ରୀ ସତ୍ୟସାଇ କଲେଜର ପୂର୍ବତନ ଛାତ୍ର ମିଷ୍ଟର ରାଧାକ୍ରିଷ୍ଣ ରେଡ୍‌ଡିଙ୍କ ଦ୍ୱାରା ଏହି ଫ୍ଲାଟ ତ୍ରୟୋବିଂଶ ପ୍ରାସାଦ ରୂପେ ନିର୍ମାଣ କରାଯାଇଥିଲା ।

ସ୍ୱପ୍ନରେ ପରମପ୍ରିୟ ସ୍ୱାମୀ ତାଙ୍କ କାର୍‌ରେ ରାଧାକ୍ରିଷ୍ଣଙ୍କ ସହିତ ଆସି ପହଞ୍ଚିଥିଲେ ଏବଂ ଏହି କୋଠା ମଧ୍ୟକୁ ପ୍ରବେଶ କଲେ । ହଠାତ୍ ସେଠାରେ ଥିବା ପ୍ରତ୍ୟେକ ବ୍ୟକ୍ତି ସ୍ୱାମୀଙ୍କ ଦର୍ଶନ ପାଇଁ ତତ୍ପର ହୋଇଉଠିଥିଲେ ଏବଂ ସ୍ୱାମୀଙ୍କ ଆଡ଼କୁ ଦୌଡ଼ିବା ଆରମ୍ଭ କରିଦେଲେ । ବାବାଙ୍କୁ ସ୍ୱାଗତ ଜଣାଇବା ପାଇଁ ଏହି କୋଠାର ତତ୍ତ୍ୱାବଧାରକ ଶ୍ରୀ ଗଙ୍ଗାଧର ଦୌଡ଼ିଯାଇ ଦ୍ୱିତୀୟ ମହଲା ପାଞ୍ଚନମ୍ବର ବାସଗୃହର ଲିଫ୍‌ଟ (ଉତ୍ତୋଳକ ଯନ୍ତ୍ର)ର ଦରଜା ଖୋଲି ରଖିଲେ ।

ଆମେ ଆନନ୍ଦରେ ବିଭୋର ହୋଇପଡ଼ିଥିଲୁ ଏବଂ କହିବାକୁ ଲାଗିଲୁ "ସ୍ୱାମି ! ଏହି କୁଡ଼ିଆକୁ ଆସନ୍ତୁ ।"

ବାବା କହିଥିଲେ "ନନ୍ଦା (ଶ୍ରୀମତୀ ଗଡ଼ିଆ) ଓ ଗଡ଼ିଆଙ୍କ ସହିତ ସ୍ୱାମୀ ଏକାନ୍ତରେ କଥାବାର୍ତ୍ତା ହେବାକୁ ଚାହାଁନ୍ତି । ଦୟାକରି ଅନ୍ୟମାନେ ବାହାରକୁ ଯାଅ ।"

ଶୋଭନା ବେନ୍ ପଟେଲ ଏବଂ ଅନ୍ୟ ଚାରିଜଣ ମହିଳା "ସ୍ୱାମି ! ଆମର ପ୍ରଣାମ ଗ୍ରହଣ କରନ୍ତୁ" ବୋଲି କହି ବାହାରକୁ ଚାଲିଗଲେ ଏବଂ ସ୍ୱାମୀ ପ୍ରତ୍ୟୁତ୍ତରରେ "ଆଶୀର୍ବାଦ" ବୋଲି କହିଥିଲେ । ତା ପରେ ସ୍ୱାମୀ ଆମ ସହିତ କଥାବାର୍ତ୍ତା ଆରମ୍ଭ କଲେ । ସେ ପ୍ରଶ୍ନ କଲେ "ଗୁଜୁରାଟ ଯାତ୍ରା କିପରି ହେଲା ?"

''ଆପଣଙ୍କ ଦିବ୍ୟ କୃପାରୁ ସବୁ ଭଲରେ ଭଲରେ ହୋଇଗଲା ।'' ଉତ୍ତରରେ 'ଏହି ଦାସ' ଏହା ଜଣାଇଥିଲା ।

ସେ ପୁଣି ପ୍ରଶ୍ନ କଲେ ''ତୁମେ ସବୁ କିପରି ଅଛ ?''

''ଆପଣଙ୍କ ଦିବ୍ୟ କୃପାରୁ ଆମେ ସବୁ ଭଲ ଅଛୁ ।''

ବାବା ଏବେ କହିଲେ ''ନନ୍ଦା ! ତୁମେ ଦୟାକରି କେତୋଟି ମିନିଟ୍ ପାଇଁ ବାହାରକୁ ଯାଅ । ସ୍ୱାମୀ ଗଡ଼ିଆ ସହିତ ଏକାନ୍ତରେ କଥାବାର୍ତ୍ତା ହେବାକୁ ଚାହାଁନ୍ତି ।''

ନନ୍ଦାଙ୍କ ପ୍ରସ୍ଥାନ ସହିତ ସେ କହି ଚାଲିଲେ ''ଗଡ଼ିଆ ! ବହି ଲେଖିବା ପାଇଁ ବହୁତ ସମୟ ନେଲଣି । ସବୁ କାର୍ଯ୍ୟକ୍ରମକୁ କାଣ୍ଟଛାଣ୍ଟ କରି ବହିଲେଖାରେ ମନ ନିବେଶ କର । 'ସତ୍ୟସାଇ କହନ୍ତି' ଢାଞ୍ଚାରେ ଛୋଟ ଛୋଟ ଅଧ୍ୟାୟ ଲେଖିବ ଏବଂ ତିନି ଚାରୋଟି ଛୋଟ ଅଧ୍ୟାୟ ପରେ ଗୋଟିଏ ବଡ଼ ଅଧ୍ୟାୟ ରଖିବା ଠିକ୍ ହେବ ।''

''ଦୟାକରି ମୋତେ ବହି ଲେଖିବା ପାଇଁ ଶକ୍ତି ଓ ସମୟ ଦିଅନ୍ତୁ । ଆପଣଙ୍କ ଦିବ୍ୟ ସଂକଳ୍ପ ଏବଂ କୃପା ଅନୁଗ୍ରହ କରନ୍ତୁ''– 'ଏହି ଦାସ' ଏହା ହିଁ ଉତ୍ତରରେ ଜଣାଇଥିଲା ।

ସ୍ୱାମୀ ତା ପରେ କହିଥିଲେ ''ଠିକ୍ ଅଛି । ଏବେ ସ୍ୱାମୀ ଅତି ବ୍ୟସ୍ତ ଅଛନ୍ତି ।'' ଏହା କହି ସେ ଦରଜା ଖୋଲିଦେଲେ । ବାହାରେ ନନ୍ଦା (ଶ୍ରୀମତୀ ଗଡ଼ିଆ) ଓ ଶୋଭନା ବେନ୍ ଅପେକ୍ଷା କରିଥିଲେ ।

ନିଜ ବାସଗୃହକୁ ଦେଖାଇ ଶୋଭନା ବେନ୍ କହିଉଠିଲେ ''ସ୍ୱାମି ! ଏହି କୁଡ଼ିଆକୁ ଆଶୀର୍ବାଦ କରନ୍ତୁ ।'' ଏହାପରେ ସ୍ୱାମୀ ବିଭୂତି ସୃଷ୍ଟି କରି ସମସ୍ତଙ୍କୁ ଦେଇଥିଲେ । ଯଦିଓ ସ୍ୱାମୀ ଅତି ବ୍ୟସ୍ତ ଥିଲେ ତଥାପି ଦୟାପୂର୍ବକ ଶୋଭନା ବେନ୍‌ଙ୍କ ବାସଗୃହକୁ ଗଲେ ଏବଂ ଆଶୀର୍ବାଦ କଲେ ।

ଅଭୟ ହସ୍ତ ଉତ୍ତୋଳନ ପୂର୍ବକ ସ୍ୱାମୀ ସମସ୍ତଙ୍କୁ ଆଶୀର୍ବାଦ କରିବା ପରେ ମିଷ୍ଟର ରାଧାକ୍ରିଷ୍ଣ ଓ ମିଷ୍ଟର ଗଙ୍ଗାଧରଙ୍କ ସହିତ ଲିଫ୍‌ଟରେ ତଳକୁ ଆସିଲେ । ସେତେବେଳକୁ ୬୦ରୁ ୭୦ ଜଣ ଭକ୍ତ ସେଠାରେ ଉପସ୍ଥିତ ଥିଲେ ।

ହଠାତ୍ ମନେ ପଡ଼ିବାରୁ ଗୋଟାଏ ଗୁରୁତ୍ୱପୂର୍ଣ୍ଣ କଥା ବାବାଙ୍କୁ ପଚାରିବା ପାଇଁ 'ଏହି ଦାସ' ମଧ୍ୟ ଲିଫ୍‌ଟରେ ତଳକୁ ଆସିଥିଲା । ସେତେବେଳେ ସ୍ୱାମୀ କାର୍ ମଧ୍ୟରେ ବସି ସାରିଥିଲେ । କିନ୍ତୁ 'ଏହି ଦାସ'କୁ ଦେଖିବା ମାତ୍ରେ ସେ ବାହାରକୁ ଆସିଲେ ଏବଂ ଦୁଇଟି ୫୦ ଟଙ୍କିଆ ନୋଟ ସୃଷ୍ଟି କରି ଗୋଟିଏ ମିଷ୍ଟର ଗଙ୍ଗାଧରଙ୍କୁ ଏବଂ ଅନ୍ୟଟିକୁ କୋଠାର ଜଗୁଆଳିକୁ ଦେଲେ । ତା'ପରେ ସେ 'ଏହି ଦାସ' ଆଡ଼କୁ ବୁଲିପଡ଼ି ପଚାରିଲେ ''ଗଡ଼ିଆ ! ତୁମେ କଣ ଚାହଁ ?''

'ଏହି ଦାସ' ସଙ୍ଗେ ସଙ୍ଗେ ଉତ୍ତର ଦେଇଥିଲା ''ସ୍ୱାମି ! ମୁଁ ବହିର ନାମକରଣ କଥା ପଚାରିବାକୁ ଭୁଲି ଯାଇଥିଲି ।'' ସେ ଉତ୍ତର ଦେଲେ ''ବର୍ତ୍ତମାନ ପାଇଁ ବହିର ନାମ 'ସାଇସ୍ମରଣ' ରଖ । ଯଦି ସ୍ୱାମୀ ପରିବର୍ତ୍ତନ ଚାହିଁବେ ତେବେ ବହି ଲେଖା ଶେଷ ହେବା ପରେ ତାହା କରାଯିବ ।'' ତା ପରେ ସେ 'ଏହି ଦାସ'କୁ ନିବିଡ଼ ଭାବରେ କୋଳାଗ୍ରତ କଲେ ଏବଂ ଦକ୍ଷିଣ ଚିବୁକରେ ଚୁମ୍ବନ ଦେଲେ । 'ଏହି ଦାସ' ମଧ୍ୟ ପ୍ରତିବଦଳରେ ସ୍ୱାମୀଙ୍କର ଦକ୍ଷିଣ ଚିବୁକରେ ଚୁମ୍ବନ ଦେଇଥିଲା । ଏହା ଥିଲା ସ୍ୱପ୍ନର ସବୁଠାରୁ ବଳିଷ୍ଠ ଆଶ୍ଚର୍ଯ୍ୟଜନକ ଅଂଶ ।

ଏହା ଦେଖି ସେଠାରେ ଥିବା ପ୍ରତ୍ୟେକ ଭକ୍ତ ତାଳି ମାରି ପାଟିକରି ଉଠିଲେ ''ବୋଲ, ଭଗବାନ ଶ୍ରୀ ସତ୍ୟସାଇ ବାବା କି ଜୟ ।''

ବାବା ସେ ସ୍ଥାନ ଛାଡ଼ି ଚାଲିଯିବା ପରେ ସେଠାରେ ଉପସ୍ଥିତ ଥିବା ସମସ୍ତ ଭକ୍ତ 'ଏହି ଦାସ'ର ପଦସ୍ପର୍ଶ କରିବାକୁ ଲାଗିଲେ । 'ଏହି ଦାସ' ସେତେବେଳେ କହିଥିଲା ''ଏହି ପାଦସ୍ପର୍ଶ କରିବାର ଆବଶ୍ୟକତା ନାହିଁ ।'' ଏହି ମୁହୂର୍ତ୍ତରେ ମୋ ଚକ୍ଷୁ ଉନ୍ମିଳିତ ହେଲା ଏବଂ 'ଏହି ଦାସ' ଆନନ୍ଦାତିଶଯ୍ୟରେ ସ୍ୱାମୀ ସ୍ୱପ୍ନରେ ଆସିଥିବାର ଅନୁଭବ କଲା ।

ଠିକ୍ ସେହିଦିନ 'ଏହି ଦାସ' ଲେଖା ଆରମ୍ଭ କଲା ଏବଂ ଫଳ ସ୍ୱରୂପ ଏହି 'ପ୍ରାକ୍ କଥନ' ଆତ୍ମପ୍ରକାଶ କଲା । ପରମପ୍ରିୟ ସ୍ୱାମୀ ଏହି ଦୀନ 'ଦାସ' ଉପରେ କୃପାବାରି ବର୍ଷଣ କରନ୍ତୁ ଏହାହିଁ ପ୍ରାର୍ଥନା ।

ଏହି ପୁସ୍ତକର ପାଠକମାନଙ୍କୁ ପ୍ରଭୁ ପ୍ରେରଣା ଦିଅନ୍ତୁ ଏବଂ ଶିରିଡ଼ି ସାଇ ବାବାଙ୍କ ଲୀଳା ସମ୍ବଳିତ 'ଶ୍ରୀ ସାଇ ସତ୍ ଚରିତ' ପାଠ କଲା ଭଳି ଯେଉଁମାନେ ଏହି ପୁସ୍ତକଟିକୁ

ସାତଦିନ ମଧ୍ୟରେ ପାଠ କରି ଶେଷ କରିବେ, ସେମାନଙ୍କ ଉପରେ ସ୍ୱାମୀ ତାଙ୍କର ଦିବ୍ୟ ଆଶୀର୍ବାଦ-ବାରି ବର୍ଷଣ କରନ୍ତୁ ।

ସ୍ୱପ୍ନରେ ବାବାଙ୍କ ଆଶୀର୍ବାଦ

ବର୍ତ୍ତମାନ ଆସନ୍ତୁ ଦେଖିବା ସ୍ୱପ୍ନରେ ବାବାଙ୍କ ଆବିର୍ଭାବ ସମ୍ପର୍କରେ ବାବା ନିଜେ କ'ଣ କୁହନ୍ତି –

''ମୁଁ ଯେତେବେଳେ ସ୍ୱପ୍ନରେ ଆବିର୍ଭୂତ ହୁଏ, ସେତେବେଳେ ବ୍ୟକ୍ତିବିଶେଷଙ୍କୁ ମୋର କିଛି ସନ୍ଦେଶ ଦେବାର ଥାଏ । ଏହା ସାଧାରଣ ଭାବରେ କୁହାଯାଉଥିବା ସାମାନ୍ୟ ସ୍ୱପ୍ନ ନୁହେଁ । ଏହା ମୋର ବାସ୍ତବ ଅବିର୍ଭାବ । ଭାବନାହିଁ ଯେ, ସ୍ୱପ୍ନରେ ଘଟୁଥିବା ଘଟଣାଗୁଡ଼ିକ ତୁମର କଳ୍ପନାର ରୂପାନ୍ତର ମାତ୍ର । ପ୍ରକୃତରେ ମୁଁ ସ୍ୱପ୍ନରେ ତୁମ ମନରେ ଉଠୁଥିବା ସନ୍ଦେହର ଉତ୍ତର ଦେଇଥାଏ ।''

''ଏଠାରେ ମୁଁ ତୁମକୁ ଗୋଟିଏ କଥା ନିଶ୍ଚୟ କହିବି । କେଉଁ ସ୍ୱପ୍ନଗୁଡ଼ିକ ବାସ୍ତବ ? ଭଗବାନଙ୍କୁ ସମ୍ପୃକ୍ତ କରି ଯେଉଁ ସ୍ୱପ୍ନ ଦେଖାଯାଏ ସେ ସବୁ ବାସ୍ତବ । ମୁଁ ତୁମକୁ ସ୍ୱପ୍ନରେ ନମସ୍କାର କରିବାକୁ ଅନୁମତି ଦିଏ, ଆଶୀର୍ବାଦ କରେ, କୃପା ପ୍ରଦାନ କରେ– ଏକଥା ସତ । ଏସବୁ ମୋର ସଂକଳ୍ପ ଓ ତୁମର ସାଧନା ଅନୁସାରେ ଘଟିଥାଏ । ଯଦି ତୁମର ପ୍ରଭୁ କିମ୍ୱା ତୁମର ଗୁରୁ ସ୍ୱପ୍ନରେ ଆସିଥାନ୍ତି, ତେବେ ଏହା ନିଶ୍ଚୟ ତାଙ୍କର ସଂକଳ୍ପ ଅନୁସାରେ ଘଟିଥାଏ । ସାଧାରଣ ଭାବଚେ ସ୍ୱପ୍ନ ଯେଉଁ ଅନ୍ୟ କାରଣରୁ ସଂଘଟିତ ହୁଏ, ଏହା ସେ କାରଣରୁ ନୁହେଁ । ଏହା କେବେହେଲେ ତୁମ ଇଚ୍ଛା ଅନୁସାରେ ଘଟି ନ ଥାଏ ।''

''ତୁମେ ମୋ କଥା ଚିନ୍ତା କରୁଛ ବୋଲି ମୁଁ ତୁମ ସ୍ୱପ୍ନରେ ଆସେ ନାହିଁ । କେବଳ ମୁଁ ଯେତେବେଳେ ତୁମ କଥା ଭାବେ, ସେତେବେଳେ ମୁଁ ତୁମ ସ୍ୱପ୍ନରେ ଆସିଥାଏ ।''

❑

ସୂଚୀପତ୍ର

ଅଧ୍ୟାୟ	ବିଷୟ	ପୃଷ୍ଠା
୧ ।	ଦୈନିକ ଭଗବାନଙ୍କୁ ପ୍ରାର୍ଥନା ଓ ଭକ୍ତି ନିବେଦନ	୧-୧୪
	– ବାବାଙ୍କ ଦ୍ୱାରା ଲିଖିତ ପ୍ରାତଃ ପ୍ରାର୍ଥନା	୧
	– ବାବାଙ୍କ ଦ୍ୱାରା ଲିଖିତ ସାନ୍ଧ୍ୟ ପ୍ରାର୍ଥନା	୨
	– ଖାଦ୍ୟ ଗ୍ରହଣ ପୂର୍ବରୁ ପ୍ରାର୍ଥନା	୩
	– ଭକ୍ତି ଓ ଆତ୍ମସମର୍ପଣ ପାଇଁ ପ୍ରାର୍ଥନା	୩
	– ଭକ୍ତିର ନଅଟି ପଥ	୪
	– କିପରି ଭଗବାନଙ୍କ ସହିତ ସମ୍ପର୍କ ସ୍ଥାପନ କରିବ	୫
	– ଭଗବାନ ଗଣେଶ (ବିନାୟକ)	୭
	– ହନୁମାନ	୮
	– ଦେବୀଗଣ	୮
	– ଗାୟତ୍ରୀ ମନ୍ତ୍ର	୮
	– ଗାୟତ୍ରୀର ପଞ୍ଚମୁଖ : ତିନି ଦେବୀ	୯
	– ସାଇ ଗାୟତ୍ରୀ ମନ୍ତ୍ର	୧୧
	– ନବଧା ଆଚରଣ ବିଧି	୧୨
	– ଦୈବତ୍ୱ ଉନ୍ମିଳନ ପାଇଁ ଦଶବିଧ ମାର୍ଗ	୧୩
	– ସତ୍ ସେବାର ମୂଲ୍ୟ	୧୪
୨ ।	ବାବା ଏବଂ ତାଙ୍କର ଦିବ୍ୟ ସନ୍ଦେଶ	୧୫-୨୦
	– ପ୍ରଫେସର କସ୍ତୁରୀଙ୍କ ସହିତ ସାକ୍ଷାତ୍କାର	୧୭
	– ମୋ ପ୍ରଭୁଙ୍କର ଏକ ଆୟୁଧ	୧୮
୩ ।	ପରମପ୍ରିୟ ସ୍ୱାମୀଙ୍କ ସହିତ ମହାଶିବରାତ୍ରି	୨୧-୨୭
	– ଦିବ୍ୟସନ୍ଦେଶ ମାଧ୍ୟମରେ ସ୍ୱାମୀଙ୍କର ଶିକ୍ଷାଦାନ	୨୩
୪ ।	ସାକ୍ଷାତକାର, ଅଲୌକିକତା ଓ ଉପଦେଶ	୨୮-୩୮
	– ସ୍ୱାମୀଙ୍କର ସ୍ୱତନ୍ତ୍ର ଚିକିତ୍ସା	୩୩
	– ଦୈବତ୍ୱ ପ୍ରାପ୍ତି ପାଇଁ ମାର୍ଗ	୩୫
୫ ।	ସମ୍ପୂର୍ଣ୍ଣ ବିଶ୍ୱାସର ଗୁରୁତ୍ୱ	୩୯-୪୪
	– ଭଗବାନଙ୍କ ହସ୍ତକ୍ଷେପ ଯୋଗୁ ନା ଆକସ୍ମିକ ଭାବରେ ବଞ୍ଚିଗଲି	୩୯
	– ପ୍ରଶାନ୍ତି ନିଳୟମକୁ ପ୍ରତ୍ୟାବର୍ତ୍ତନ	୪୧

ଅଧ୍ୟାୟ	ବିଷୟ	ପୃଷ୍ଠା
୬ ।	ନବରାତ୍ର ବା ଦଶହରା ଉତ୍ସବ	୪୫-୫୨
	– ଯଜ୍ଞୋତ୍ସବ	୪୫
	– ନବରାତ୍ର ବା ଦଶହରା (ବିଜୟା ଦଶମୀ)ର ତାତ୍ପର୍ଯ୍ୟ	୫୦
	– ଭଲମନ୍ଦ ବିଚାରଣାର ଉନ୍ନତି ସାଧନ	୫୨
୭ ।	ବୈକୁଣ୍ଠ ଏକାଦଶୀ ଓ ଗୁରୁପୂର୍ଣ୍ଣିମା ଉତ୍ସବ	୫୩-୬୨
	– ଅକ୍ଷୟ ପାତ୍ର	୫୫
	– ସ୍ୱାମୀଙ୍କ ଅନୁପସ୍ଥିତିରେ ବୈକୁଣ୍ଠ ଏକାଦଶୀ	୫୬
	– କନ୍ହେୟାଲାଲ ମୁନ୍‌ସୀ	୫୭
	– ଦିବ୍ୟବାର୍ତ୍ତା ପ୍ରଦାନ	୫୯
	– ଗୁରୁପୂର୍ଣ୍ଣିମା ଦିବସ	୬୦
	– ବର୍ଷର ସବୁଦିନେ ଗୁରୁପୂଜା	୬୧
୮ ।	ରାମନବମୀ ଓ ଗୋକୁଳାଷ୍ଟମୀ ଉତ୍ସବ	୬୩-୬୭
	– ଗୋକୁଳାଷ୍ଟମୀ (କୃଷ୍ଣ ଜନ୍ମାଷ୍ଟମୀ ଦିବସ)	୬୪
୯ ।	ପରମପ୍ରିୟ ସ୍ୱାମୀଙ୍କ ଜନ୍ମଦିବସ ଓ ଖ୍ରୀଷ୍ଟମାସ ଦିବସ	୬୮-୭୮
	– ସ୍ୱାମୀଙ୍କ ଜନ୍ମଦିବସ ଉତ୍ସବ	୬୮
	– ପ୍ରଶାନ୍ତି ନିଳୟମ୍‌ରେ ଖ୍ରୀଷ୍ଟମାସ ଉତ୍ସବ	୭୧
	– ଯୀଶୁଖ୍ରୀଷ୍ଟଙ୍କ ସମ୍ପର୍କରେ ପ୍ରଶ୍ନୋତ୍ତର	୭୩
	– ସତ୍ୟସାଇଙ୍କ ବାର୍ତ୍ତାବହର ଉଦାହରଣ	୭୬
୧୦ ।	ଶିରିଡ଼ି ସାଇବାବା	୭୯-୮୯
	– ଦୀକ୍ଷିତ ପରିବାର	୮୦
	– ବାବାଙ୍କ କରୁଣା	୮୬
	– ଦର୍ଶନ ଦ୍ୱାରା ସମସ୍ୟା ଦୂର ହୋଇପାରେ	୮୭
	– ଧୂନୀ	୮୮
୧୧ ।	ଲୀଳା ଓ ମହିମା	୯୦-୧୦୧
	– ମାଧବ ଦୀକ୍ଷିତଙ୍କ ବିଶ୍ୱାସ ବୃଦ୍ଧି ପାଇଲା	୯୨
	– ପରମ ପ୍ରିୟ ସ୍ୱାମୀଙ୍କ ସମ୍ପର୍କରେ ଅଧିକ ଅଭିଜ୍ଞତା	୯୪
	– ବିଭୂତି ସୃଷ୍ଟିର ପ୍ରଥମ ଦୃଶ୍ୟ	୯୯
	– ସାଇ ପାଠଚକ୍ର/ସାଇ କେନ୍ଦ୍ରଗୁଡ଼ିକର ଲକ୍ଷ୍ୟ ଓ କାର୍ଯ୍ୟ ...	୧୦୦

ଅଧ୍ୟାୟ	ବିଷୟ	ପୃଷ୍ଠା
୧୨ ।	ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କର ପରମ ପ୍ରିୟ ବାବାଙ୍କୁ ଦର୍ଶନ	୧୦୨-୧୦୭
	– ପଦକରେ ପ୍ରେମ ସାଇ	୧୦୪
୧୩ ।	ଭକ୍ତଙ୍କ ପ୍ରତି ଦିବ୍ୟ କୃପା	୧୦୮-୧୧୫
	– ପ୍ରଶାନ୍ତି ବିଦ୍ୱାନ ମହାସଭା	୧୧୨
	– ସବୁ ଧର୍ମର ସତ୍ୟ	୧୧୩
୧୪ ।	ସ୍ୱାମୀଙ୍କର ଆଶାତୀତ କୃପା	୧୧୬-୧୨୨
	– ଆଦର୍ଶ ପରିବାର	୧୨୧
୧୫ ।	ଅଲୌକିକ ଶକ୍ତି ପ୍ରଦାନ	୧୨୩-୧୩୧
	– ପରବର୍ତ୍ତୀ ଜୀବନ ପାଇଁ ଅନୁମତି ପତ୍ର	୧୨୪
	– ଆତ୍ମୋପଲବ୍ଧି	୧୨୫
	– ଆତ୍ମୋପଲବ୍ଧି ପରେ	୧୨୭
	– ଡକ୍ଟର ସି.ଜି. ପଟେଲ	୧୩୦
	– ଭକ୍ତି	୧୩୧
୧୬ ।	ସ୍ୱାମୀଙ୍କର ପୂର୍ବ ଆଫ୍ରିକା ଯାତ୍ରା (୧୯୬୮)	୧୩୨-୧୪୦
	– କେନିୟା ଓ ତାଞ୍ଜାନିଆ ଗସ୍ତ	୧୩୬
	– ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାରେ ସ୍ୱାମୀଙ୍କର ସତର୍କବାଣୀ ...	୧୩୮
	– ଏକ ସତ୍ୟ କାହାଣୀ	୧୩୯
୧୭ ।	ଶିରିଡ଼ି ଓ ଶକୁରିକୁ ଯାତ୍ରା	୧୪୧-୧୪୯
	– ଶିରିଡ଼ିକୁ ଆମର ଯାତ୍ରା	୧୪୧
	– ଆମର ଶକୁରି ଯାତ୍ରା	୧୪୩
	– ଶିରିଡ଼ି ବାବାଙ୍କ ଉପଦେଶ	୧୪୪
	– ପରମ ପ୍ରିୟ ସ୍ୱାମୀଙ୍କ ଦ୍ୱାରା ଶିରିଡ଼ି ସାଇଙ୍କର ଜନ୍ମ ରହସ୍ୟ ପ୍ରକଟନ	୧୪୬
୧୮ ।	ସ୍ୱାମୀ କ୍ରିଷ୍ଣ ଦାସ ବାବାଙ୍କ ସମ୍ପର୍କରେ ଏକ ମହାନ୍ ଅଭିଜ୍ଞତା ...	୧୫୦-୧୫୫
	– ଗୁରୁ ଦତ୍ତାତ୍ରେୟ	୧୫୫
୧୯ ।	ଯୁକ୍ତରାଜ୍ୟ ଓ ଫ୍ରାନ୍ସର ଲାଉର୍ଡ଼ିସ୍ ପରିଦର୍ଶନ (୧୯୬୩-୧୯୬୪)	୧୫୬-୧୬୩
	– ଲାଉର୍ଡ଼ିସର ପବିତ୍ର ଜଳ	୧୫୯
	– ଡକ୍ଟର ଜୟଲକ୍ଷ୍ମୀ	୧୬୦
	– ଈଶ୍ୱରଙ୍କ ନିକଟରେ ଆତ୍ମସମର୍ପଣ	୧୬୨

ଅଧ୍ୟାୟ	ବିଷୟ	ପୃଷ୍ଠା
୨୦ ।	ଜାମନଗରରେ ୧୯୬୪ରୁ ୧୯୬୮ ପର୍ଯ୍ୟନ୍ତ	୧୬୪-୧୭୦
	– ଜାମନଗରରେ ସ୍ୱାମୀଙ୍କ ସନ୍ଦେଶ ପ୍ରସାର	୧୬୫
	– ଭଗବାନଙ୍କ ସଂକଳ୍ପ ଓ ଇଚ୍ଛା	୧୬୭
	– ଅଧ୍ୟବସାୟ ଓ ଅନୁତାପ	୧୬୮
	– ବିଭୂତି	୧୬୯
୨୧ ।	ଜାମନଗର ମହାରାଜାଙ୍କର ଦିବ୍ୟ ଅନୁଭୂତି	୧୭୧-୧୭୮
	– ପରମପ୍ରିୟ ସ୍ୱାମୀ ମୋକ୍ଷପ୍ରାପ୍ତି ସମ୍ପର୍କରେ ଯାହା କୁହନ୍ତି	୧୭୭
୨୨ ।	ଜାମନଗର ମହାରାଜାଙ୍କୁ ସ୍ୱାମୀଙ୍କର ଆଶୀର୍ବାଦ	୧୭୯-୧୮୬
	– ବାବାଙ୍କର ଆଶ୍ଚର୍ଯ୍ୟଜନକ କୃପା	୧୮୧
	– ଭଗବାନଙ୍କ ସଂକଳ୍ପ ହିଁ ଚୂଡ଼ାନ୍ତ	୧୮୨
୨୩ ।	ରାଜକୋଟ ଦେଇ ସ୍ୱାମୀଙ୍କର ବାବ୍ରାଯାତ୍ରା	୧୮୭-୧୯୨
	– ସେବା ସମିତି ସଭାରେ ଏକ ଅମୂଲ୍ୟ ଶିକ୍ଷା	୧୮୭
	– ରାଜକୋଟ ପରିଦର୍ଶନ	୧୮୮
	– ବାବ୍ରା ପରିଦର୍ଶନ	୧୯୦
୨୪ ।	ବାବ୍ରାରୁ ଭାବନଗର ଯାତ୍ରା	୧୯୩-୧୯୯
	– ଭକ୍ତମାନଙ୍କ ପାଇଁ ପ୍ରେମ	୧୯୩
	– ଭାବନଗରରେ	୧୯୪
	– ସ୍ୱାମୀଙ୍କର ଦିବ୍ୟବାର୍ତ୍ତା	୧୯୬
୨୫ ।	ବାବାଙ୍କ ଦ୍ୱାରା ସ୍ୱାମୀ ଶରଣାନନ୍ଦଜୀଙ୍କୁ ଆତ୍ମଜ୍ଞାନ ପ୍ରଦାନ	୨୦୦-୨୦୬
	– 'ଏହି ଦାସ'ର ପିତାମାତାଙ୍କୁ ପରମପ୍ରିୟ ସ୍ୱାମୀ ପରୀକ୍ଷା କଲେ	୨୦୧
	– ଆମ ବିବାହ	୨୦୨
	– ସ୍ୱାମୀଙ୍କ କେଶଦାମରେ କେତେ ବୁନ୍ଦା ତୈଳ ପ୍ରଦାନ ...	୨୦୫
୨୬ ।	ନରେଶ୍ୱର (ଗୁଜୁରାଟ)ର ସ୍ୱାମୀ ରଙ୍ଗ ଅବଧୂତ (ବାପଜୀ)	୨୦୭-୨୧୩
	– ବାପଜୀଙ୍କ ସହିତ ସାକ୍ଷାତ	୨୦୯
୨୭ ।	ପ୍ରଥମ ସର୍ବ ଭାରତୀୟ ସମ୍ମିଳନୀ	୨୧୪-୨୧୮

ଅଧ୍ୟାୟ	ବିଷୟ	ପୃଷ୍ଠା
୨୮ ।	ଭଗବାନ ଶ୍ରୀସତ୍ୟସାଇ ସେବା ସଂଗଠନର ବିଶ୍ୱ ସମ୍ମିଳନୀ	୨୧୯-୨୨୩
୨୯ ।	ସ୍ୱାମୀଙ୍କର ଗୁଜୁରାଟର ଦ୍ୱାରକା ଓ ମିଥାପୁର ପରିଦର୍ଶନ...	୨୨୪-୨୨୭
	– ରାଜା ରେଡ୍‌ଡୀ	୨୨୬ .
୩୦ ।	ସନ୍ଥ ଶ୍ରୀ ଜଲାରାମ ବାପାଙ୍କ ପ୍ରତିନିଧି ଦଳ	୨୨୮-୨୩୪
	– ମୋର ପ୍ରତିଜ୍ଞା ବାତିଲ ହେଲା	୨୩୩
୩୧ ।	ଆଶା ଯୋଶୀପୁରାଙ୍କ ଉପରେ ଭଗବାନଙ୍କ ଅଲୌକିକତା ଏବଂ ରାତୁଦାଁ ଓ ଗୁଲାବ ଦାସଙ୍କ ଅଭିଜ୍ଞତା...	୨୩୫-୨୪୫
	– ଜାମନଗର ନିକଟସ୍ଥ ମ୍ୟାକ୍‌ୱାନାର ରାତୁଦାଁ ଗାଦ୍‌ଭୀ ...	୨୩୬
	– ରୂପାନ୍ତରଣ	୨୪୦
	– ଗୁଲାବ ଦାସ ବାରୋଟଙ୍କ ଈର୍ଷା ଓ ଅନ୍ୟାନ୍ୟ ଅଲୌକିକତା	୨୪୦
	– ନିବେଦନମ୍	୨୪୩
୩୨ ।	ତାଞ୍ଜାନିଆର ଆରୁଶାରେ ସ୍ୱାମୀଙ୍କ ଅଲୌକିକତା	୨୪୬-୨୫୫
	– ଯମୁନା ଦାସ ପଟେଲ	୨୪୯
	– ନାମ ଅନେକ ଭଗବାନ ଏକ	୨୫୧
	– ମହାଶିବରାତ୍ରି ପୂର୍ବରୁ ସ୍ୱାମୀଙ୍କ ଅଲୌକିକତା	୨୫୨
୩୩ ।	ଆରୁଶା (ତାଞ୍ଜାନିଆ)ରେ ଓମ୍ ଶ୍ରୀସତ୍ୟସାଇ ଚିକିତ୍ସାଳୟ...	୨୫୬-୨୬୪
	– ପରମପ୍ରିୟ ସ୍ୱାମୀ ଡାକ୍ତରମାନଙ୍କୁ ଯାହା କହନ୍ତି	୨୫୭
	– ୧୯୭୪ ମଇ ୫ : ପରମପ୍ରିୟ ସ୍ୱାମୀଙ୍କ ଦ୍ୱାରା ଏହି ଦରିଦ୍ର ଆତ୍ମାର ପୁନର୍ଜୀବନ ଲାଭ	୨୫୮
୩୪ ।	ଗ୍ରୀଷ୍ମକାଳୀନ ପାଠ୍ୟକ୍ରମ (୧୯୭୮) ସମୟରେ ପରମ ପ୍ରିୟ ସ୍ୱାମୀଙ୍କର କୃପା	୨୬୫-୨୭୪
	– ଏକ ବଡ଼ ଅଲୌକିକତା	୨୬୮
	– ଦାନ ଓ କ୍ଷମା ଦ୍ୱାରା ପ୍ରେମ ବଞ୍ଚିରହେ	୨୭୦
	– ଭୋଜନ ପୂର୍ବରୁ ପ୍ରାର୍ଥନା : ବ୍ରହ୍ମାର୍ପଣ	୨୭୨
୩୫ ।	ହାଜିବାବା (ବାବାଜୀ)ଙ୍କ ଅଲୌକିକତା	୨୭୫-୨୮୧
	– ଇସ୍‌ଲାମ	୨୭୬
	– ବାବାଜୀ ପକ୍ଷାଘାତ ଭଲ କଲେ	୨୭୭

ଅଧ୍ୟାୟ	ବିଷୟ	ପୃଷ୍ଠା
	– ବାବାଜୀ ଓ ସତ୍ୟସାଇ ବାବା	୨୭୯
	– ଯୁକ୍ତରାଜ୍ୟ ଉଦ୍ଦେଶ୍ୟରେ ତାଞ୍ଜାନିଆରୁ ପ୍ରତ୍ୟାବର୍ତ୍ତନ	୨୮୦
୩୬ ।	ସାଇ ତାଙ୍କର କୃପାବାରି ବୃଷ୍ଟି କରନ୍ତି	୨୮୨-୨୮୮
	– ସ୍ୱାମୀଙ୍କର ଶକ୍ତିଶାଳୀ ମହାଜାଗତିକ ରଶ୍ମି	୨୮୩
	– ବିସ୍ମୟକର ଦର୍ଶନ	୨୮୩
	– ଦୁଃସାଧ୍ୟ ରୋଗକୁ ବାବା ଆରୋଗ୍ୟ କରିଥାନ୍ତି	୨୮୪
	– ସ୍ୱାମୀଙ୍କର ଅନୁଗ୍ରହ ଅଜ୍ଞାନ ଶିଶୁକୁ ଆଶୀର୍ବାଦ କରିଥାଏ	୨୮୫
	– ପରମପ୍ରିୟ ସ୍ୱାମୀ ଜଣେ ଭକ୍ତର ଜୀବନ ରକ୍ଷା କଲେ...	୨୮୬
୩୭ ।	ସାଇ ସ୍ମରଣ ସାଧନା	୨୮୯-୨୯୬
	– ଦିବ୍ୟନାମ ଉଚ୍ଚାରଣ କରିବା ଉପାୟ	୨୮୯
	– ଲକ୍ଷାର୍ଚ୍ଚନା	୨୯୦
	– ଯଜ୍ଞ	୨୯୫
୩୮ ।	ଅଧିକ ସାଇ ସ୍ମରଣ ସାଧନା	୨୯୭
	– ଶିରିଡ଼ି ସାଇ ବାବାଙ୍କ ସଂକଳ୍ପ ଓ ପ୍ରତିଶ୍ରୁତି	୨୯୭-୩୦୩
	– ଶ୍ରୀ ସାଇ ସତ୍‌ଚରିତ	୨୯୮
	– ଥୋମାସ୍‌ମାନଙ୍କ ସନ୍ଦେହ	୨୯୯
	– ଶ୍ରୀସାଇ ସତ୍‌ଚରିତ ସପ୍ତାହର ପ୍ରଥମ ଶ୍ରୁତି ଅଭିଲେଖ (ଅଡ଼ିଓ ରେକର୍ଡ଼ିଂ)	୩୦୦
	– ମହିମା	୩୦୦
	– ଶ୍ରୀସାଇ ସତ୍‌ଚରିତ ପାରାୟଣ ସପ୍ତାହର ପ୍ରଥମ ଦୃଶ୍ୟ ଅଭିଲେଖ (ଭିଡ଼ିଓ ରେକର୍ଡ଼ିଂ)	୩୦୧
୩୯ ।	ହଲାଣ୍ଡରେ ସ୍ୱାମୀଙ୍କ ମହିମା	୩୦୪-୩୧୧
	– ପେଟ୍ରୋଲ ବିହୀନ କାରରେ ଡୋଏଟିଙ୍କେମ ଯାତ୍ରା	୩୦୪
	– ରୋଟରଡାମ୍‌ରେ ବେଦଜ୍ଞ ପଣ୍ଡିତ	୩୦୫
	– ଡଚ୍ ଓ ବେଲ୍‌ଜିଆନ୍ ଭକ୍ତଙ୍କ ସହିତ ସାଇ ଆଧ୍ୟାତ୍ମିକ ଅନୁଧାବନ	୩୧୦
୪୦ ।	ସୁରିନାମ ଓ ତ୍ରିନିଦାଦ ଯାତ୍ରା	୩୧୨-୩୧୮
	– ବର୍ଷାଦିନେ ସ୍ୱାମୀ ତିନିଦିନ କାଳ ବର୍ଷା ବନ୍ଦ କଲେ	୩୧୩
	– ନିକେରି ପରିଦର୍ଶନ	୩୧୫

ଅଧ୍ୟାୟ	ବିଷୟ	ପୃଷ୍ଠା
	– ତ୍ରିନିଦାଦ ଯାତ୍ରା	୩୧୬
	– ଶିବ ମନ୍ଦିରରେ ଲକ୍ଷାର୍ଚ୍ଚନା	୩୧୭
	– ଫାଟିଯାଇଥିବା ବା ଭଙ୍ଗାଯାଇଥିବା ଆଶୀର୍ବାଦ ପ୍ରାପ୍ତ ନଡ଼ିଆକୁ କିପରି ବ୍ୟବହାର କରିବ	୩୧୭
୪୧ ।	ଶତ ଲକ୍ଷାର୍ଚ୍ଚନା	୩୧୯-୩୨୯
	– ବାବା କିଶୋର ପଟେଲଙ୍କୁ ଦୃଷ୍ଟିଶକ୍ତି ପ୍ରଦାନ କଲେ	୩୧୯
	– ଜାତୀୟ ପ୍ରଦର୍ଶନୀ କେନ୍ଦ୍ର, ବର୍ମିଂହାମ୍	୩୨୦
	– ସ୍ୱାମୀଙ୍କର କୃପା	୩୨୪
	– ରୋମରେ ମିଷ୍ଟର ଭି.କେ. ନରସିଂହମ୍‌ଙ୍କ ଅଭିଜ୍ଞତା	୩୨୫
	– ନାମ ସ୍ମରଣର ଶକ୍ତି ସମସ୍ତଙ୍କୁ ପ୍ରାପ୍ୟ	୩୨୯
୪୨ ।	ମିଷ୍ଟର ଭାଡ଼୍‌ଗାମାଙ୍କ ପ୍ରତି ପରମପ୍ରିୟ ସ୍ୱାମୀଙ୍କ କୃପା	୩୩୦-୩୩୬
	– ବାବାଙ୍କୁ ସାକ୍ଷାତ କରିବା ପାଇଁ ଭାଡ଼୍‌ଗାମାଙ୍କ ଭାରତ ଯାତ୍ରା	୩୩୪
୪୩ ।	ଛଅଗୋଟି ଦେଶକୁ ଯାତ୍ରା	୩୩୭-୩୪୩
	– ସ୍ୱିଡେନ	୩୩୭
	– ଅଷ୍ଟ୍ରେଲିଆ	୩୩୯
	– ଫିଜି	୩୪୦
	– ନିଉଜିଲ୍ୟାଣ୍ଡ	୩୪୦
	– ସିଙ୍ଗାପୁର	୩୪୧
	– ଯୁକ୍ତରାଷ୍ଟ୍ର ଆମେରିକା (ଉତ୍ତର କାଲିଫର୍ଣ୍ଣିଆ)	୩୪୧
୪୪ ।	ଅଧିକ ଦେଶକୁ ଯାତ୍ରା	୩୪୪-୩୪୯
	– ଫ୍ରାନ୍ସ	୩୪୪
	– ଜର୍ମାନି	୩୪୫
	– ବାବାଙ୍କ ଦ୍ୱାରା ସୃଷ୍ଟ ବସ୍ତୁର ମହାଜାଗତିକ ଶକ୍ତି	୩୪୬
	– ମାଉରିଟସ୍	୩୪୭
୪୫ ।	ସୁରାଟ (ଗୁଜୁରାଟ)ର ଭାରତୀ ମାଈୟା	୩୫୦-୩୫୬
୪୬ ।	ଲଣ୍ଡନର ଶ୍ରୀ ସାଇରାମ୍ କେନ୍ଦ୍ରର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ	୩୫୭-୩୬୫
	– 'ଓମ୍' ଓ ଏହାର ତାତ୍ପର୍ଯ୍ୟ	୩୫୯
	– 'ଓମ୍' ଉଚ୍ଚାରଣ	୩୬୦

ଅଧ୍ୟାୟ	ବିଷୟ	ପୃଷ୍ଠା
	– ଭଗବାନ ତାଙ୍କର କୃପା ବୃଷ୍ଟି କଲେ	୩୬୨
	– ପରମପ୍ରିୟ ସ୍ୱାମୀଙ୍କର ୬୦ତମ ଜନ୍ମୋତ୍ସବ	୩୬୫
	– ମହାନ୍ ଅଲୌକିକତା	୩୬୫
୪୭ ।	ପ୍ରାରମ୍ଭିକ ପାଦୁକା ଉତ୍ସବ	୩୬୬-୩୭୨
	– ମଦୁରାଇ, କନ୍ୟାକୁମାରୀ ଓ ରାମେଶ୍ୱର ଯାତ୍ରା	୩୬୬
	– ପାଦର ମହତ୍ତ୍ୱ : ଯଶୋଦା ଓ କୃଷ୍ଣଙ୍କ ପାଦ	୩୬୯
	– ଅହଂକାର ଦୂର କର	୩୭୦
	– ଭଜନର ଅଡ଼ିଓ କ୍ୟାସେଟ୍ ଓ ସିଡି	୩୭୧
୪୮ ।	୧୯୯୬ ଓ ୧୯୯୭ର ପାଦୁକା ଉତ୍ସବ	୩୭୩-୩୮୨
	– ୧୯୯୬ରେ ପାଦୁକା ଉତ୍ସବ	୩୭୩
	– ପାଦୁକା ପୂଜା	୩୭୫
	– ଏକ ଆନନ୍ଦମୟ ଅଭିଜ୍ଞତା	୩୭୬
	– ଡକ୍ଟର ଗଡ଼ିଆ ଓ ସ୍ୱାମୀ	୩୭୬
	– ସାଇଙ୍କ ସହିତ ସମ୍ପର୍କ	୩୭୭
	– ଭଗବାନ ତୁମ ସହିତ ଅଛନ୍ତି	୩୭୮
	– ୧୯୯୭ରେ ପାଦୁକା ଉତ୍ସବ	୩୭୮
୪୯ ।	୧୯୯୮ ଓ ୧୯୯୯ର ପାଦୁକା ଉତ୍ସବ	୩୮୩-୩୮୯
	– ୧୯୯୮ର ପାଦୁକା ଉତ୍ସବ	୩୮୩
	– ୧୯୯୯ର ପାଦୁକା ଉତ୍ସବ	୩୮୬
୫୦ ।	ରାମନବମୀରେ ଦିବ୍ୟ ଆଶୀର୍ବାଦ (୨୦୦୩)	୩୯୦-୪୦୧
	– ମିଷ୍ଟର ଇକ୍‌ବାଲ୍ ସିଂହ ରାୟ	୩୯୨
	– ସାକ୍ଷାତକାର	୩୯୨
	– ସ୍ୱାମୀ ମା'ଙ୍କୁ ଆଶୀର୍ବାଦ କଲେ	୩୯୮
	– ସାକ୍ଷାତକାର ସମ୍ପର୍କରେ ପ୍ରଫେସର କସ୍ତୁରୀଙ୍କ ଆଲେଖ୍ୟ	୩୯୯
	– ରାମନବମୀ ଦିବସରେ ବାବାଙ୍କର ଦିବ୍ୟ ସନ୍ଦେଶ	୪୦୦
ଶେଷପୃଷ୍ଠା :	ଜ୍ୟୋତି ଆବାହନ ପାଇଁ ପ୍ରାର୍ଥନା	୪୦୨-୪୦୪

ଅଧ୍ୟାୟ - ୧

ଦୈନିକ ଭଗବାନଙ୍କୁ ପ୍ରାର୍ଥନା ଓ ଭକ୍ତି ନିବେଦନ କରିବାର ତାତ୍ପର୍ଯ୍ୟ

ସର୍ବଦେବତା ସ୍ୱରୂପ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କଠାରୁ ପ୍ରେରଣା ପାଇ ନିମ୍ନୋକ୍ତ ସନ୍ଦେଶ ସହିତ ଏ ଅଧ୍ୟାୟଟି ଆରମ୍ଭ କରୁଛି ।

''ଭଜନ ଭଳି ପ୍ରାର୍ଥନା ମଧ୍ୟ ମନକୁ ଶାନ୍ତ କରିବା ଏବଂ ଭଗବାନଙ୍କ କୃପା ଲାଭ କରିବା ପାଇଁ ବିଶେଷ ସହାୟକ ।''

ବୈଦିକ ଯୁଗରୁ ଭାରତମାତାର ପୁତ୍ର କନ୍ୟାଗଣ ପ୍ରାର୍ଥନା କରି ଆସିଛନ୍ତି ''ଲୋକାଃ ସମସ୍ତାଃ ସୁଖିନୋ ଭବନ୍ତୁ ।'' (ସମଗ୍ର ବିଶ୍ୱର ସମସ୍ତ ଲୋକ ସୁଖି ହୁଅନ୍ତୁ) । ସେଇଥିପାଇଁ ଭାରତ ସମଗ୍ର ମାନବ ଜାତିର ଗୁରୁ ଓ ପଥ ପ୍ରଦର୍ଶକ ଏବଂ ପ୍ରତିକୂଳ ସଂସ୍କୃତିର ଶିକାର ନ ହୋଇ ବଞ୍ଚି ରହିଛି । ଏପରିକି ଆଜି ମଧ୍ୟ ସେହି ଭୂମିକା ସମ୍ପାଦନ କରିବା ପାଇଁ ପ୍ରସ୍ତୁତ ରହିଛି । ପ୍ରକୃତରେ ଭାରତ ଏଭଳି ଗୁରୁ ପଦବାଚ୍ୟ ହେବା ବିଧି ନିର୍ଦ୍ଦିଷ୍ଟ ଏବଂ ସମଗ୍ର ବିଶ୍ୱର 'ପ୍ରଶାନ୍ତି ନିଳୟମ୍'' (ପରମ ଶାନ୍ତିର ଗୃହ) ହେବା ପାଇଁ ଏହାର ସମସ୍ତ ଗୁଣ ରହିଛି । ଏଠାରୁ ପ୍ରଶାନ୍ତିର ରଶ୍ମୀ ସମଗ୍ର ବିଶ୍ୱକୁ ବିକିରିତ ହେବ ।

ପ୍ରତ୍ୟେକ ଦିନର କାର୍ଯ୍ୟକ୍ରମ ଭିତରେ ବାରମ୍ବାର ଭଗବାନଙ୍କୁ ପ୍ରାର୍ଥନା କରିବା ଦ୍ୱାରା ସାଂସାରିକ କର୍ମ ସାଧନ ଅବସରରେ ମନର ମଇଳା ଦୂର ହୋଇ ମନକୁ ନିର୍ମଳ କରିଥାଏ । ଏହି କାରଣରୁ ସବୁ ଧର୍ମରେ ଦିନସାରା ବାରମ୍ବାର ପ୍ରାର୍ଥନା କରିବା ପାଇଁ ପରାମର୍ଶ ଦିଆଯିବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ପ୍ରାର୍ଥନା ଓ ଅନୁତାପ ଏପରି ଦୁଇଟି ଶୃଙ୍ଖଳା ଯାହାଦ୍ୱାରା ଅହଂକାର ଓ ଘୃଣାଭାବ ଦୂର ହୋଇ ମନ ନିର୍ମଳ ହୋଇଥାଏ ।

ବାବାଙ୍କ ଦ୍ୱାରା ଲିଖିତ ପ୍ରାତଃ ପ୍ରାର୍ଥନା

''ହେ ପ୍ରଭୁ ! ମୁଁ ବର୍ତ୍ତମାନ ନିଦ୍ରାଗର୍ଭରୁ ଜନ୍ମ ଲାଭ କଲି । ମୁଁ ସଂକଳ୍ପବଦ୍ଧ ଯେ ଦିନର ସମସ୍ତ କାର୍ଯ୍ୟ ତୁମକୁ ଅର୍ପଣ କରିବି । ମୋର ମାନସ ଚକ୍ଷୁରେ ମୁଁ ସଦାସର୍ବଦା ତୁମ ସହିତ ରହିବି । ମୋ କଥା, ଚିନ୍ତା ଓ କାର୍ଯ୍ୟକୁ ପବିତ୍ର ଓ ନିର୍ମଳ କର ।''

(ହେ ପ୍ରଭୁ !
ନିଦ୍ରା ପରିହରି ଏବେ ଜାଗ୍ରତ ମୁଁ ହେଲି,
ସଂକଳ୍ପ କରୁଛି ପ୍ରଭୁ ଦିବସର ଯେତେସବୁ କାର୍ଯ୍ୟ
ଅର୍ପଣ କରିବି ପ୍ରଭୁ ତୁମ ପାଦପଦ୍ମେ ।
ମାନସ ଚକ୍ଷୁରେ ସଦା ତୁମ ଛବି ଫୁଟି ଉଠୁଥିବ,
ତୁମ ସହ ସାରାଦିନ କାର୍ଯ୍ୟ ସମ୍ପାଦିବି ।
ହେ ପ୍ରଭୁ ।
ମୋ ବାକ୍ୟ, ଚିନ୍ତା ଆଉ କାର୍ଯ୍ୟର ଧାରାକୁ
କୃପା କରି ପବିତ୍ର ଓ ନିର୍ମଳ କରିଦିଅ ।)

ବାବାଙ୍କ ଦ୍ୱାରା ଲିଖିତ ସାନ୍ଧ୍ୟ ପ୍ରାର୍ଥନା

"ହେ ପ୍ରଭୁ ! ଆଜି ଦିବସର ସମସ୍ତ କାର୍ଯ୍ୟ, ପ୍ରଭାତରୁ ତୁମ ଉପରେ ଲଦି ଦେଇଥିବା ଗୁରୁଭାର ବର୍ତ୍ତମାନ ଶେଷ ହେଲା । ତୁମେ ହିଁ ମୋତେ ଚାଲିବା, କଥା କହିବା, ଚିନ୍ତା କରିବା ଓ କାର୍ଯ୍ୟ କରିବା ପାଇଁ ସାହାଯ୍ୟ କରିଛ । ମୁଁ ବର୍ତ୍ତମାନ ମୋର ସବୁ ଚିନ୍ତା, ବାକ୍ୟ ଓ କାର୍ଯ୍ୟ ତୁମ ପାଦପଦ୍ମରେ ଅର୍ପଣ କରୁଛି । ମୋ କାର୍ଯ୍ୟ ଶେଷ ହେଲା । ଏବେ ମୁଁ ତୁମ ପାଖକୁ ଫେରି ଆସୁଛି । ମୋତେ ଗ୍ରହଣ କର ।"

(ହେ ପ୍ରଭୁ !
ଦିବସର କାର୍ଯ୍ୟ ମୋର ଶେଷ ହେଲା ଏବେ,
ଶେଷ ମଧ୍ୟ ହେଲା ପ୍ରଭୁ
ପ୍ରଭାତରୁ ତୁମ ପରେ ଲଦିଥିବା ସବୁ ଗୁରୁଭାର ।
ତୁମେ ମୋତେ ସାରାଦିନ,
ହାତ ଧରି ବାଟ ଚଲାଇଲ,
କଥା ମଧ୍ୟ କୁହାଇଲ ତୁମେ ।
ପାଖେ ପାଖେ ରହି ସଦା କାର୍ଯ୍ୟ କରାଇଲ,
ମୋ ମନରେ ସବୁ ଚିନ୍ତା ତୁମେ ଦେଇଥିଲ ।
ଏବେ ମୁହିଁ ସବୁ ଚିନ୍ତା, ସବୁ କଥା ଆଉ ସବୁ କାର୍ଯ୍ୟ
ଅର୍ପଣ କରୁଛି ପ୍ରଭୁ ତୁମ ପାଦପଦ୍ମେ ।
ଦିବସର ଅବସାନେ ସବୁ କାର୍ଯ୍ୟ ସାରି,
ତୁମରି ପାଖକୁ ପ୍ରଭୁ ଫେରି ମୁଁ ଆସିଛି,
କୃପାକରି ତୋଳି ନିଅ ମୋତେ,
ବିଶ୍ରାମ କରିବି ପ୍ରଭୁ ତୁମରି କୋଳରେ ।)

ଖାଦ୍ୟ ଗ୍ରହଣ ପୂର୍ବରୁ ପ୍ରାର୍ଥନା

" ହେ ପ୍ରଭୁ ! ତୁମେ ଖାଦ୍ୟ, ତୁମେ ଖାଦ୍ୟର ସ୍ରଷ୍ଟା । ତୁମେ ମଧ୍ୟ ଖାଦ୍ୟଦାତା ଏବଂ ଖାଦ୍ୟର ଗ୍ରହିତା । ତେଣୁ ଆମେ ଯେଉଁ ଖାଦ୍ୟ ଗ୍ରହଣ କରିବାକୁ ଯାଉଛୁ ସେସବୁ ତୁମ ପାଦପଦ୍ମରେ ଅର୍ପଣ କରୁଛୁ ଏବଂ ପ୍ରାର୍ଥନା କରୁଛୁ ତୁମେ ଖାଦ୍ୟକୁ ଓ ଆମକୁ ଆଶୀର୍ବାଦ କର । ତାହାହେଲେ ତୁମ ସଂକଳ୍ପ ପୂରଣ ପାଇଁ ଆମେ କାର୍ଯ୍ୟରତ ହେବୁ । ସମଗ୍ର ବିଶ୍ୱରେ ତୁମର ସେବା କରିବାକୁ ସୁଯୋଗ ପାଇବୁ । ଏହାଦ୍ୱାରା ଆମେ ଆତ୍ମ ଉପଲବ୍ଧି ଲାଭ କରିବୁ ।"

(ହେ ପ୍ରଭୁ !
ତୁମେ ଖାଦ୍ୟ, ତୁମେ ତାର ସ୍ରଷ୍ଟା,
ତୁମେ ଦାତା, ତୁମେ ବି ଗ୍ରହିତା ।
ତୁମ ପାଦପଦ୍ମେ ଅରପୁଛୁ ପ୍ରଭୁ,
ଆମ ପାଇଁ ଯେତେ ଖାଦ୍ୟ ରହିଛି ଏଠାରେ ।
ଆଶୀର୍ବାଦ କର ପ୍ରଭୁ
ଖାଦ୍ୟକୁ ଓ ଆମ ସମସ୍ତଙ୍କୁ ।
ତୁମରି ସଂକଳ୍ପମତେ କରିବାକୁ ସେବା
ତୁମର ଓ ସମଗ୍ର ବିଶ୍ୱର ।
ତୁମ ଆଶୀର୍ବାଦେ ପ୍ରଭୁ
ଆତ୍ମ ଉପଲବ୍ଧି ଲଭିବୁ ସକଳେ ।)

ଭକ୍ତି ଓ ଆତ୍ମସମର୍ପଣ ପାଇଁ ପ୍ରାର୍ଥନା

ଶ୍ରୀ ସତ୍ୟସାଇବାବା ନିମ୍ନୋକ୍ତ ପ୍ରାର୍ଥନାଟି ମଧ୍ୟ ଆମକୁ ପ୍ରଦାନ କରିଛନ୍ତି ।

"ହେ ପ୍ରଭୁ ! ମୋର ପ୍ରେମ ଗ୍ରହଣ କର ଏବଂ ଏହା ସମ୍ପୂର୍ଣ୍ଣ ଭକ୍ତିର ସହିତ ତୁମ ନିକଟକୁ ପ୍ରବାହିତ ହେଉ । ହେ ପ୍ରଭୁ ! ମୋର ହାତ ଦୁଇଟିକୁ ଗ୍ରହଣ କର ଏବଂ ତାହା ଅବିରତ ତୁମ ପାଇଁ କାର୍ଯ୍ୟ କରୁ । ହେ ପ୍ରଭୁ ! ମୋର ଆତ୍ମାକୁ ଗ୍ରହଣ କର ଏବଂ ତାହା ତୁମ ସହିତ ମିଶି ଏକାକାର ହୋଇଯାଉ । ହେ ପ୍ରଭୁ ! ମୋର ମନ, ଚିନ୍ତା, କଥା ଓ କାର୍ଯ୍ୟକୁ ଗ୍ରହଣ କର ଏବଂ ସେସବୁ ତୁମ ସହିତ ଐକ୍ୟତାନରେ କାର୍ଯ୍ୟ କରୁ । ହେ ପ୍ରଭୁ ! ମୋର ସବୁକିଛି ଗ୍ରହଣ କର ଏବଂ ମୋତେ ତୁମର ଆୟୁଧ ରୂପେ କାର୍ଯ୍ୟ କରିବାକୁ ଦିଅ ।"

(ହେ ପ୍ରଭୁ !
ପ୍ରେମ ମୋ ଗ୍ରହଣ କର,
ତୁମଠାକୁ ବହିଯାଉ ତାହା ଭକ୍ତି ରୂପ ନେଇ ।

ହେ ପ୍ରଭୁ ! ହସ୍ତ ମୋ ଗ୍ରହଣ କର
ଅବିରତ ତାହା ତୁମ ସେବା କରୁଥାଉ ।
ହେ ପ୍ରଭୁ ! ଆତ୍ମା ମୋ ଗ୍ରହଣ କର
ହେଉ ତାହା ତୁମ ସହ ମିଶି ଏକାକାର ।
ହେ ପ୍ରଭୁ ! ମୋ ମନ, ମୋ ଚିନ୍ତା,
ଆଉ ମୋର କଥା,
କାର୍ଯ୍ୟ ଯେତେ ସମ୍ପାଦିଛି ସବୁ ନେଇଯାଅ,
ଐକ୍ୟତାନେ ତୁମ୍ ସହ ମିଶିଯାଉ ସବୁ ।
ହେ ପ୍ରଭୁ ! ମୋର ବୋଲି ଯାହାସବୁ ରହିଛି ମୋଠାରେ,
ସବୁକିଛି ନେଇଯାଅ ।
ମୋତେ କର ତୁମର ଆୟୁଧ,
ତୁମ କାର୍ଯ୍ୟ ସମ୍ପାଦନ କରିବାରେ ।)

ଶ୍ରୀ ସତ୍ୟସାଇ ବାବାଙ୍କଠାରୁ ପ୍ରାର୍ଥନାର ଗୁରୁତ୍ୱ ପଢ଼ି ଓ ଶିକ୍ଷାଲାଭ କରି ତାଙ୍କର ଦିବ୍ୟ ସଂକଳ୍ପ ଏବଂ ଦିବ୍ୟ କୃପା ବଳରେ ନିମ୍ନୋକ୍ତ ସ୍ୱତନ୍ତ୍ର ପ୍ରାର୍ଥନାଟି ମୁଁ ଅର୍ପଣ କରୁଛି ।

''ହେ ପ୍ରଭୁ ! ତୁମ କୃପା ବିନା ମୁଁ ଏ ପୁସ୍ତକ ଲେଖିବାକୁ ସାହସ କରି ନ ଥାନ୍ତି । ତେଣୁ ମୁଁ ନମ୍ରତାର ସହିତ ମୋର ହୃଦୟର ଗଭୀରତମ ପ୍ରଦେଶରୁ ତୁମ ଉଦ୍ଦେଶ୍ୟରେ ପ୍ରାର୍ଥନା ଜଣାଉଛି । ତୁମେ ମୋର ଏହି କଲମ ଚାଳନା କରି ଲେଖା ଶେଷ ହେବା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ଲେଖିଚାଲ । ପାଠକମାନଙ୍କ ପାଇଁ ଯାହା ଉପଦେଶ ମୂଳକ ତଥା ଉପକାରୀ ତାହା ଲେଖିବା ପାଇଁ ମୋତେ ପ୍ରେରଣା ମିଳୁଥାଉ । ପାଠକମାନେ ମଧ୍ୟ ତୁମର ଦିବ୍ୟ ପ୍ରେରଣା ପାଇ 'ଭଗବାନଙ୍କ ପିତୃତ୍ୱ ଓ ମାନବର ଭ୍ରାତୃତ୍ୱ' ଭଳି ଘୋଷଣାକୁ ଉପଲବ୍ଧି କରନ୍ତୁ । ପରମପ୍ରିୟ ସ୍ୱାମୀ ଏହି ପୁସ୍ତକଟି ନିଜର ସଂକଳ୍ପ ଅନୁସାରେ ନିଜେ ଲେଖନ୍ତୁ'' ।

ଭକ୍ତିର ନଅଟି ପଥ

ମଣିଷ ଭଗବାନଙ୍କ ଆଡ଼କୁ ତୀର୍ଥଯାତ୍ରା କରିବା ପାଇଁ ନିମ୍ନୋକ୍ତ ନଅଟି ପାହାଚ ଦେଇ ତ୍ୟାଗ ଓ ଆତ୍ମସମର୍ପଣର ପଥ ଅନୁସରଣ କରିଥାଏ ।

୧. **ଶ୍ରବଣମ୍ (ଶୁଣିବା) :** ଭଗବାନଙ୍କର ମହିମା ଓ ଗୌରବର କାରୁକାର୍ଯ୍ୟ ସମ୍ପର୍କରେ ଶୁଣିବା ପାଇଁ ଇଚ୍ଛାଶକ୍ତିର ବିକାଶ ଘଟାଇବା ଏବଂ ଭକ୍ତି ମିଶ୍ରିତ ଭୟ ଯୋଗୁ ଦୈବତ୍ୱର ଉନ୍ମିଳନ କରିବା ଏହାର ଉଦ୍ଦେଶ୍ୟ । ଏହା ହିଁ ପ୍ରାରମ୍ଭ । ବାରମ୍ବାର ଭଗବାନଙ୍କ ସମ୍ପର୍କରେ ଶୁଣିବା ଦ୍ୱାରା ଆମେ ନିଜକୁ ଦିବ୍ୟ ସତ୍ତାରେ ରୂପାନ୍ତରିତ କରି ପାରିବା ।

୨. **କୀର୍ତ୍ତନମ୍ (ଗାନ କରିବା)** : ଭଗବାନଙ୍କର ମହିମା ଗାନ କରିବା ଏବଂ ତାଙ୍କର ଚମତ୍କାରିତା ତଥା ବହୁବିଧ କୀର୍ତ୍ତିର ସ୍ତୁତି କରିବା ଏହାର ଅନ୍ତର୍ଭୁକ୍ତ ।

୩. **ବିଷ୍ଣୁ ସ୍ମରଣମ୍ (ଭଗବାନଙ୍କ ଚିନ୍ତା କରିବା)** : ଭଗବାନଙ୍କୁ ମନ ମଧ୍ୟରେ ସ୍ଥାପନ କରିବା ଏବଂ ତାଙ୍କର ସୌନ୍ଦର୍ଯ୍ୟ, ମହିମା ଓ କରୁଣାକୁ ପ୍ରକାଶ କରିବା ହିଁ ବିଷ୍ଣୁ ସ୍ମରଣମ୍ ।

୪. **ପାଦ ସେବନମ୍ (ଭଗବାନଙ୍କ ପାଦପଦ୍ମର ସେବା କରିବା)** : ଭଗବାନଙ୍କର ପୂଜା ସମୟରେ ତାଙ୍କର ପାଦପଦ୍ମ ଉପରେ ମନୋନିବେଶ କରିବା ଏହାର ଅନ୍ତର୍ଭୁକ୍ତ ।

୫. **ଅର୍ଚ୍ଚନମ୍ (ପୂଜା କରିବା)** : ଉପରୋକ୍ତ ଆଚରଣ ଭଗବାନଙ୍କୁ ପ୍ରସନ୍ନ କରିବା ପାଇଁ ଉଦ୍ଦିଷ୍ଟ ଏବଂ ରୀତିସଂଗତ ପୂଜା ବିଧାନ ଅନୁସରଣ କରିବା ଦ୍ୱାରା ଅଭିଳାଷୀ ବ୍ୟକ୍ତି (ସାଧକ) ଅନ୍ତର ଭିତରେ ସନ୍ତୋଷ ଲାଭ କରିବ ଓ ପ୍ରେରଣା ପାଇବ ।

୬. **ବନ୍ଦନମ୍ (ଭକ୍ତି ବା ଶ୍ରଦ୍ଧା ନିବେଦନ)** : ଏହି ସ୍ତରରେ ଅଭିଳାଷୀ ବ୍ୟକ୍ତି (ସାଧକ) ସମସ୍ତ ଜୀବ ଓ ବସ୍ତୁରେ ନିଜର ଆରାଧ୍ୟ ଦେବତାଙ୍କୁ ଦେଖିବାକୁ ପାଇବ ।

୭. **ଦାସ୍ୟମ୍ (ଦାସ ମନୋଭାବ ନେଇ ସେବା କରିବା)** : ମନର ଏହି ଅବସ୍ଥାରେ ଅଭିଳାଷୀ ବ୍ୟକ୍ତି (ସାଧକ) ନିଜକୁ ସମସ୍ତଙ୍କର ନିଷ୍ପାପର ସେବକ ବୋଲି ମନେ କରିବ ଏବଂ ତାର ଅଧିମନ୍ୟତା (ବଡ଼ପଣ) ରହିବ ନାହିଁ । ଏହି ସ୍ତରଟି ଅତି ଗୁରୁତ୍ୱପୂର୍ଣ୍ଣ ଏବଂ ଏହା ଏକ ବଡ଼ ଆଧ୍ୟାତ୍ମିକ ସଫଳତାର ପୂର୍ବାଭାଷ ।

୮. **ସ୍ନେହମ୍ (ସଖା ମନୋଭାବ)** : ଭଗବାନଙ୍କ ନିକଟସ୍ଥ ହେଲା ବେଳକୁ ଅଭିଳାଷୀ ବ୍ୟକ୍ତି (ସାଧକ) ନିଜକୁ ଭଗବାନଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ ଓ ସାଥୀ, ସହଯୋଗୀ ଓ ସଖା, ଦିବ୍ୟଶକ୍ତିର ଅଂଶୀଦାର ବୋଲି ମନେ କରିବ ଏବଂ ଭଗବାନ ଶ୍ରୀକୃଷ୍ଣଙ୍କ ସହିତ ଅର୍ଜୁନ ସଖା ଭାବରେ ରହି ସାଫଲ୍ୟ ଓ ବିଜୟୋଲ୍ଲାସ ଲାଭ କଲା ଭଳି ସାଧକ ନିଜେ ଅନୁଭବ କରିବ ।

୯. **ଆତ୍ମନିବେଦନମ୍ (ସମ୍ପୂର୍ଣ୍ଣ ଆତ୍ମସମର୍ପଣ)** : ଏହି ଶେଷ ପାହାଚରେ ଅଭିଳାଷୀ ବ୍ୟକ୍ତି (ସାଧକ) ନିଜକୁ ସମ୍ପୂର୍ଣ୍ଣ ଭାବରେ ଭଗବାନଙ୍କ ସଂକଳ୍ପ (ଇଚ୍ଛା) ନିକଟରେ ସମର୍ପଣ କରିବ ଯାହା ତାର ଅନ୍ତରର ନିର୍ମଳତା ଯୋଗୁ ସମ୍ଭବ ବୋଲି ସେ ଜାଣିପାରିବ ।

କିପରି ଭଗବାନଙ୍କ ସହିତ ସମ୍ପର୍କ ସ୍ଥାପନ କରିବ

ନିମ୍ନୋକ୍ତ ଯେ କୌଣସି ବାଟରେ ଶ୍ରୀ ସତ୍ୟସାଇ ବାବାଙ୍କ ସହ ସମ୍ପର୍କ ସ୍ଥାପନ ସମ୍ଭବ ହେବ । ତାଙ୍କ ସହିତ ନିମ୍ନୋକ୍ତ ଯେ କୌଣସି ସମ୍ପର୍କକୁ ଗ୍ରହଣ କରିବାକୁ ପଡ଼ିବ ।

୧. ମାତା (ମାଆ)– 'ସାଇ'ର ଅର୍ଥ ଦିବ୍ୟ ମାତା (ସା = ଦିବ୍ୟ, ଆଇ = ମାତା)
୨. ପିତା (ବାପା) – 'ବାବା'ର ଅର୍ଥ ପିତା
୩. ଗୁରୁ (ଆଚାର୍ଯ୍ୟ)
୪. ଅତିଥି (ଆଗନ୍ତୁକ ବ୍ୟକ୍ତି)
୫. ରାଷ୍ଟ୍ର (ଯେଉଁ ଦେଶରେ ତୁମେ ବାସ କର)

(୧) ମାତୃ ଦେବୋ ଭବଃ – ତୁମର ମାତାଙ୍କୁ 'ଦେବୀ' ରୂପେ ସମ୍ମାନ କର ।

ମୁଁ (ଲେଖକ) ଶ୍ରୀ ସତ୍ୟସାଇ ବାବାଙ୍କର ଦିବ୍ୟ ପାଦପଦ୍ମରେ ମୋ ପାଇଁ ଜୀବନ ସାରା ତ୍ୟାଗ ସ୍ୱୀକାର କରିଥିବା ମୋର ପ୍ରକୃତ ମାତାଙ୍କୁ ବିନମ୍ର, ନିଷ୍ଠାପର ଓ ଆନ୍ତରିକ ପ୍ରଣାମ ଜଣାଉଛି । ମାତା ହେଉଛନ୍ତି ପବିତ୍ର ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ମିଳନ ସ୍ଥଳ 'ତ୍ରିବେଣୀ'ର ପ୍ରତୀକ ।

(୨) ପିତୃଦେବୋ ଭବଃ – ନିଜର ପିତାଙ୍କୁ ଦେବତା ରୂପେ ସମ୍ମାନ କର ।

ମୁଁ (ଲେଖକ) ମୋର ପିତା ଶ୍ରୀ ଜଗଜୀବନ ଦାସ ଦେବଚାନ୍ଦ ଗଢ଼ିଆଙ୍କୁ ବିନମ୍ର, ନିଷ୍ଠାପର ଓ ଆନ୍ତରିକ ପ୍ରଣାମ ଜଣାଉଛି । ପରମପ୍ରିୟ ବାବାଙ୍କର ଦିବ୍ୟ କୃପାରୁ ମୁଁ ମୋର ବାର୍ଦ୍ଧକ୍ୟଗ୍ରସ୍ତ ପିତାମାତାଙ୍କର ଯତ୍ନ ନେବା ପାଇଁ ସୁଯୋଗ ପାଇଛି ଏବଂ ସେମାନଙ୍କୁ ଦେବତା ଓ ଦେବୀ ରୂପରେ ଭକ୍ତି ନିବେଦନ କରି ପାରିଛି । ଫଳ ସ୍ୱରୂପ ପ୍ରଶାନ୍ତି ନିଲୟମ୍ ଓ ବୃନ୍ଦାବନରେ ପ୍ରାୟ ସବୁବେଳେ ଭଗବାନ ବାବାଙ୍କୁ ଦର୍ଶନ କରିବାର ସୁଯୋଗ ପାଉଛି । ସେ ମୋତେ ଯଥେଷ୍ଟ କୃପା ପ୍ରଦାନ କରୁଛନ୍ତି ।

ବାବା ବହୁ ସମୟରେ କହିଥାନ୍ତି ଯେ ଯେଉଁ ସନ୍ତାନମାନେ ପିତାମାତାଙ୍କର ସେବା କରନ୍ତି ଓ ଆଶୀର୍ବାଦ ପାଇଥାନ୍ତି ସେମାନେ ତାଙ୍କ (ବାବାଙ୍କ) ନିକଟକୁ କୃପା ପାଇଁ ଯିବାର ଆବଶ୍ୟକତା ନାହିଁ । ଏହା ସ୍ୱତଃସ୍ଫୁର୍ତ୍ତ ଭାବରେ ସେମାନଙ୍କୁ ମିଳିଥାଏ ।

(୩) ଆଚାର୍ଯ୍ୟ ଦେବୋ ଭବଃ – ନିଜର ଗୁରୁ ବା ଶିକ୍ଷକଙ୍କୁ ଦେବତା ରୂପେ ସମ୍ମାନ କର ।

ମୁଁ (ଲେଖକ) ପରମପ୍ରିୟ ସ୍ୱାମୀଙ୍କୁ ମୋର ସଦ୍‌ଗୁରୁ ଓ ଭଗବାନ ବୋଲି ବିଚାର କରେ । ତେଣୁ ମୁଁ ତାଙ୍କୁ ମୋର ବିନମ୍ର, ନିଷ୍ଠାପର ଓ ଆନ୍ତରିକ ପ୍ରଣାମ ଜଣାଉଛି । ପ୍ରକୃତରେ ସ୍ୱାମୀ ହେଉଛନ୍ତି ଜଗତଗୁରୁ, ସମଗ୍ର ବିଶ୍ୱର ଜ୍ଞାନଦାତା ।

ଯେଉଁ ଶିକ୍ଷକମାନେ ମୋତେ ପ୍ରାଥମିକ, ମାଧ୍ୟମିକ, ଉଚ୍ଚମାଧ୍ୟମିକ, ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ପ୍ରଦାନ କରିଛନ୍ତି ସେମାନଙ୍କ ନିକଟରେ ମୁଁ ମୋର ବିନମ୍ର, ନିଷ୍ଠାପର ଓ ଆନ୍ତରିକ ପ୍ରଣାମ ଜଣାଉଛି, ପ୍ରକୃତରେ ଶିକ୍ଷକ ଗୋଷ୍ଠୀ ଜାତିର ପଥ ପ୍ରଦର୍ଶକ । ସେମାନେ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ରାଜକୀୟ ପଥ ପ୍ରସ୍ତୁତ କରିଥାନ୍ତି ।

(୪) ଅତିଥି ଦେବୋ ଭବଃ – ପବିତ୍ର ଗ୍ରନ୍ଥ (ଶାସ୍ତ୍ର ଓ ବେଦ) ଅନୁସାରେ ଭଗବାନ ତୁମ ପାଖକୁ ଅତିଥି ଭାବରେ ଆସନ୍ତି ।

ତେଣୁ ଯିଏ ଯେତେବେଳେ ଆସୁନା କାହିଁକି ମୁଁ (ଲେଖକ) ସବୁ ଅତିଥିଙ୍କର ସେବା କରିଥାଏ ।

(୫) ରାଷ୍ଟ୍ରଦେବୋ ଭବଃ – ତୁମ ଦେଶ ହିଁ ତୁମ ପାଇଁ ଭଗବାନ ।

ତେଣୁ ମୁଁ (ଲେଖକ) ନିଜେ ବାସ କରୁଥିବା ମୋ ଦେଶ ଯୁକ୍ତରାଜ୍ୟ (ୟୁ.କେ.)କୁ ମୋର ପ୍ରଣାମ ଜଣାଉଛି । ଏହା ଶୀଘ୍ର 'ସାଇରାଜ୍ୟ'ରେ ପରିଣତ ହେବାକୁ ଯାଉଛି । ପରମପ୍ରିୟ ସ୍ୱାମୀ ସର୍ବଦେବତା ସ୍ୱରୂପ ଏବଂ ସମଗ୍ର ପୃଥିବୀ ତାଙ୍କର ରାଜ୍ୟ । ସେ କୁହନ୍ତି "କେବଳ ଗୋଟିଏ ଜାତି ରହିଛି ତାହା ହେଲା ମାନବ ଜାତି ।" ଯାହାହେଉ ଜଣେ ତାର ନିଜ ଦେଶ ପ୍ରତି ବିଶ୍ୱାସୀ ହେବା ଉଚିତ ଏବଂ ପ୍ରକୃତ ଦେଶଭକ୍ତି ପ୍ରଦର୍ଶନ କରିବା ଉଚିତ । ଦେଶର ନିୟମ କାନୁନ୍ ମାନିବା ସହିତ ଉତ୍ତମ ନାଗରିକ ହେବାକୁ ଚେଷ୍ଟା କରିବା ଦରକାର ।

ଭଗବାନ ଗଣେଶ (ବିନାୟକ)

ଗଣେଶ ହେଉଛନ୍ତି ଏପରି ଜଣେ ଦେବତା ଯେ କି ସବୁ ଦୁଃଖ, କଷ୍ଟ ଏବଂ ଦୈନ୍ୟ ଦୂର କରିବା ସହିତ ସମସ୍ତ ବାଧାବିଘ୍ନ ମଧ୍ୟ ଦୂର କରିଥାନ୍ତି । ସେ ସବୁପ୍ରକାର ଜ୍ଞାନ, ବୁଦ୍ଧି ଓ ବିଚକ୍ଷଣତାର କର୍ତ୍ତା ଏବଂ ସେ ଆତ୍ମାନୁଭୂତି ଲାଭ ପାଇଁ ଆମକୁ ସାହାଯ୍ୟ କରିଥାନ୍ତି । ପରମପ୍ରିୟ ସ୍ୱାମୀ କହନ୍ତି "ମଣିଷ ପାଇଁ ଆବଶ୍ୟକ ସମସ୍ତ ଜ୍ଞାନ ଆମକୁ କେବଳ ବିନାୟକ (ଗଣେଶ) ଶିକ୍ଷା ଦେଇଥାନ୍ତି । ତୁମେ କେତେବେଳେ ହେଲେ ବି ଦେବ ପ୍ରତିମା ସ୍ଥାପନ ଓ ପୂଜା ବନ୍ଦ କର ନାହିଁ । ତୁମେ ତୁମ ନିଜର କର୍ତ୍ତା ହେବା ପାଇଁ ଉଦ୍ୟମ କରିବା ଉଚିତ ।"

ହସ୍ତୀର ମସ୍ତକ ଧାରଣ କରିଥିବା ବିନାୟକ ଉପରେ ଦିଆଯାଇଥିବା ନବଧା ଭକ୍ତିର ପ୍ରଥମ ଓ ନବମ ଆଚରଣ (ଯଥା ଶ୍ରବଣ ଓ ଆତ୍ମସମର୍ପଣ) ଦୁଇଟିର ମିଶ୍ର ପ୍ରତୀକ । ଫଳରେ ନବଧା ଭକ୍ତିର ଦ୍ୱିତୀୟଠାରୁ ଅଷ୍ଟମ ପର୍ଯ୍ୟନ୍ତ ଆଚରଣଗୁଡ଼ିକ ଆପେ ଆପେ ଆସିଯାଏ । ସେଗୁଡ଼ିକ ହେଲା ପ୍ରେମ ଓ ତ୍ୟାଗ ଯାହା ଭକ୍ତି ଉଦ୍ରେକ କରିଥାଏ ।

ବିନାୟକଙ୍କୁ ମଧ୍ୟ ବିଘ୍ନେଶ୍ୱର ବୋଲି କୁହାଯାଏ । ବିନାୟକଙ୍କୁ ପ୍ରାର୍ଥନା କରୁଥିବା ବ୍ୟକ୍ତିର ଚଲାପଥରେ କୌଣସି ବାଧାବିଘ୍ନ ଆସେ ନାହିଁ । ବିନାୟକଙ୍କ ପୂଜା ଆଧାତ୍ମିକ ଓ ସାଂସାରିକ ଉଦ୍ଦେଶ୍ୟ ସାଧନରେ ସଫଳତା ଆଣିଦିଏ । ଭଗବାନ ଦୁଇଟି ସ୍ତରରେ ଆନନ୍ଦ ପ୍ରଦାନ କରିଥାନ୍ତି । ସେ ଦୁଇଟି ସ୍ତର ହେଲା ପ୍ରବୃତ୍ତି (ବହିର୍ମୁଖୀ) ଓ ନିବୃତ୍ତି (ଅନ୍ତର୍ମୁଖୀ) । ପ୍ରବୃତ୍ତି ସ୍ଥୂଳ ଶରୀର ସହିତ ସମ୍ପୃକ୍ତ ଏବଂ ସମୟକ୍ରମେ ପରିବର୍ତ୍ତିତ

ହୁଏ । ମାତ୍ର ନିବୃତ୍ତି ବୁଦ୍ଧି ସହିତ ସମ୍ପୃକ୍ତ ଏବଂ ଅପରିବର୍ତ୍ତନୀୟ । ଜଣେ ସଠିକ ଖାଦ୍ୟାଭାସ କରି ଶରୀର ସହିତ ସମ୍ପୃକ୍ତିକୁ ହ୍ରାସ କରିପାରେ ।

ହନୁମାନ

ହନୁମାନ ଭଗବାନ ରାମଙ୍କର ପରମ ଭକ୍ତ ଏବଂ ସବୁ ଦିଗରୁ ସୁରକ୍ଷାର ଉତ୍ସ । ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର 'ରାମକଥା ରସବାହିନୀ' (ଦ୍ୱିତୀୟ ଭାଗ, ୧୨୩ ପୃଷ୍ଠା)ର ଏକ ନିର୍ଯ୍ୟାସ ଏଠାରେ ଉଲ୍ଲେଖ କରାଯାଉଛି । ଭଗବାନ ରାମଙ୍କର ଦର୍ଶନ ଓ ଆଶୀର୍ବାଦ ପାଇଁ ଅହରହ ପ୍ରାର୍ଥନା କରୁଥିଲାବେଳେ ହନୁମାନ କହିଥିଲେ ''ରାମ କେବଳ ହୃଦୟ ମଧ୍ୟରେ ଅବସ୍ଥାନ କରନ୍ତି । ସେ ପାରିବାରିକ ବନ୍ଧନ, ଧାର୍ମିକ ଆକର୍ଷଣ ବା ସାଧନା (ଆଧ୍ୟାତ୍ମିକ ଶୃଙ୍ଖଳା) ଭିତରେ ଆବଦ୍ଧ ନୁହନ୍ତି । ପବିତ୍ରତା ଓ ମାନସିକ ଆବେଗ ତାଙ୍କୁ ଶ୍ରେଷ୍ଠ ଆନନ୍ଦ ପ୍ରଦାନ କରିଥାଏ । ସେ ଆଦର୍ଶର ଦାମ୍ଭିକତା ଓ ଦୈନନ୍ଦିନ ଜୀବନର ନିର୍ମଳତା ପାଇଁ ଆଶୀର୍ବାଦ କରିଥାନ୍ତି । ମୁଁ ଜଣେ ମର୍କଟ ଏବଂ ଅବାଟରେ ଯିବା ମୋ ଜାତିର ଲକ୍ଷଣ । ମୋର ଶାସ୍ତ୍ର (ଧର୍ମଗ୍ରନ୍ଥ) ଉପରେ ଦଖଲ ନାହିଁ । ନିର୍ଦ୍ଦିଷ୍ଟ ନିୟମ ଅନୁସାରେ ମୁଁ ଭଗବାନଙ୍କ ନାମ ସ୍ମରଣ କରେ ନାହିଁ । ତାହାହେଲେ ରାମ କିପରି ମୋତେ ଆଶୀର୍ବାଦ କଲେ ? କାରଣ ସେ ପ୍ରେମ ଭିତରେ ଅବସ୍ଥାନ କରନ୍ତି ଯାହାକି ଜୀବନ ଦାନ କରେ ଏବଂ ମଣିଷର ଆବେଗକୁ ସକ୍ରିୟ କରାଏ । ସେ କେବଳ ନିର୍ମଳ ମନୋଭାବ ପ୍ରତି ଲକ୍ଷ୍ୟ ଦେଇଥାନ୍ତି । ଏ ସମ୍ପର୍କରେ ସନ୍ଦେହ ନ କରି ନିଶ୍ଚିତ ରୁହ ।''

ସତରେ ଏହା ପରମପ୍ରିୟ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଭକ୍ତମାନଙ୍କ ପାଇଁ କି ସୁନ୍ଦର ଶିକ୍ଷା !!

ଦେବୀଗଣ

ପ୍ରଥମେ ଦେବୀମାନଙ୍କ ପ୍ରତି ମୁଁ (ଲେଖକ) ମୋର ବିନମ୍ର, ନିଷ୍ଠାପର ଓ ଆନ୍ତରିକ ପ୍ରଣାମ ଜଣାଉଛି (ମୋଟରେ ୬୪ ଦେବୀଙ୍କର ନାମ ଜଣାଶୁଣା) । ବିଶେଷକରି ବିଦ୍ୟାଦାୟିନୀ ଦେବୀ ସରସ୍ୱତୀ, ସମ୍ପଦର ଅଧିଷ୍ଠାତ୍ରୀ ଦେବୀ ଲକ୍ଷ୍ମୀ ଓ ଜ୍ଞାନଦାତ୍ରୀ ଦେବୀ ଭୁବନେଶ୍ୱରୀଙ୍କ ନାମ ଉଲ୍ଲେଖଯୋଗ୍ୟ । ଏହି ତିନି ଦେବୀ ସମଗ୍ର ବିଶ୍ୱକୁ ନିୟନ୍ତ୍ରଣ କରିଥାନ୍ତି ।

ଗାୟତ୍ରୀ ମନ୍ତ୍ର

ଓଁ
ଭୂର୍‌ଭୁବଃ ସ୍ୱଃ
ତତ୍‌ସବିତୁଃ ବରେଣ୍ୟମ୍
ଭର୍ଗୋଦେବସ୍ୟ ଧୀମହି
ଧିୟୋ ୟୋ ନଃ ପ୍ରଚୋଦୟାତ୍ ।

ଅର୍ଥାତ୍ ''ହେ ମାତା, ତୁମେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ତ୍ରି-କାଳରେ ମର୍ତ୍ତ୍ୟ, ସ୍ୱର୍ଗ ଓ ପାତାଳ ତିନିଲୋକରେ ଏବଂ ସତ୍ତ୍ୱ, ରଜ ଓ ତମ ଗୁଣ ମଧ୍ୟରେ ବିରାଜମାନ କରୁଛ । ମୁଁ ମୋର ଧୀଶକ୍ତିକୁ ଆଲୋକିତ କରିବାକୁ ଏବଂ ସୂର୍ଯ୍ୟ ଅନ୍ଧକାରକୁ ଦୂର କଲା ଭଳି ମୋର ଅଜ୍ଞତାକୁ ଦୂର କରିଦେବାକୁ ତୁମର ଦୈବୀ ଜ୍ୟୋତି ଉପରେ ଲକ୍ଷ୍ୟ ରଖି ଧ୍ୟାନ କରୁଛି । ମୋର ବୁଦ୍ଧିକୁ ପ୍ରଶାନ୍ତ, ଉଜ୍ଜ୍ୱଳ ଓ ଦୀପ୍ତିମନ୍ତ କରିବାକୁ ପ୍ରାର୍ଥନା କରୁଛି ।''

ବାବା କହନ୍ତି, ''ପିଲାମାନେ, ବର୍ତ୍ତମାନ ହିଁ ତୁମ ପାଇଁ ସ୍ୱର୍ଣ୍ଣାଭ ସମୟ । ତୁମ ହୃଦୟକୁ ଖୋଲାରଖ ଏବଂ ଏହି ମନ୍ତ୍ର ଉଚ୍ଚାରଣ କର । ତାହାହେଲେ ତୁମେ ଜୀବନରେ ସଫଳତା ଅର୍ଜନ କରିବ । ତୁମେ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କଲେ ଏବଂ ପିତାମାତାଙ୍କୁ ଦେବତା ଭଳି ସମ୍ମାନ କଲେ ଉଭୟର ପ୍ରଭାବ ଏକତ୍ର ସମ୍ମିଳିତ ହୋଇ ତୁମ ଜୀବନକୁ ଯଥେଷ୍ଟ ପ୍ରଭାବିତ କରିବ । ଫଳରେ ତୁମ ଜୀବନ ପ୍ରଭାମୟ ଓ ବୁଦ୍ଧିଦୀପ୍ତ ହେବ ।''

''ଗାୟତ୍ରୀ ମନ୍ତ୍ର ସର୍ବଦା (ଯେ କୌଣସି ସମୟରେ) ଏବଂ ସବୁଠାରେ (ଯେକୌଣସି ସ୍ଥାନରେ) ଉଚ୍ଚାରଣ କରାଯାଇ ପାରେ । ସ୍ନାନ କଲାବେଳେ ଏହା ଉଚ୍ଚାରଣ କରିବାକୁ ମୁଁ ତୁମକୁ ଉପଦେଶ ଦେଉଛି । ଶସ୍ତା ଓ କଳୁଷିତ ସଂଗୀତ ଗାନ କର ନାହିଁ । ବସ୍‌ରେ, ରେଳଗାଡ଼ିରେ କିମ୍ବା ଉଡ଼ାଜାହାଜରେ, ବଜାରରେ କିମ୍ବା ରାସ୍ତାରେ ଯେଉଁଠି ତୁମେ ଥାଅନା କାହିଁକି ଗାୟତ୍ରୀ ମନ୍ତ୍ର ତୁମକୁ ବିପଦରୁ ରକ୍ଷା କରିବ । କଦାପି ଗାୟତ୍ରୀ ମନ୍ତ୍ର ତ୍ୟାଗ କର ନାହିଁ ।''

''ମାନବ ଜାତିର ଅତି ପୁରାତନ ଧର୍ମଗ୍ରନ୍ଥ ବେଦରେ ସଂରକ୍ଷିତ ଗାୟତ୍ରୀ ମନ୍ତ୍ର ହେଉଛି ବିଶ୍ୱବ୍ରହ୍ମାଣ୍ଡର ପ୍ରାର୍ଥନା । ଗାୟତ୍ରୀ ମନ୍ତ୍ରରେ ବେଦର ନିର୍ଯ୍ୟାସ ରହିଛି । ବୈଦିକ ଶିକ୍ଷାର ସାରାଂଶ ରହିଛି । ଏହାକୁ ବେଦସାର (ପ୍ରାର୍ଥନାର ମୌଳିକ ତତ୍ତ୍ୱ) ବୋଲି ବିଚାର କରାଯାଏ ଏବଂ ପ୍ରାର୍ଥନା ଜ୍ଞାନ ପ୍ରଦାୟି ଶିକ୍ଷାକୁ ପରିପୁଷ୍ଟ କରି ତୀକ୍ଷ୍ଣ କରିଥାଏ । ଗାୟତ୍ରୀ ବେଦମାତା ବୋଲି ବର୍ଣ୍ଣନା କରାଯାଇଛି । ଗାୟତ୍ରୀର ଗୋଟିଏ ବିଶେଷତ୍ୱ ହେଲା ଯେ ଏହା ଗୋଟିଏ ମନ୍ତ୍ର ଯାହା ଜୀବନକୁ ପରିପୁଷ୍ଟ କରି ସୁରକ୍ଷା ଦେଇଥାଏ ।''

୧୯୮୩ ମସିହା ମାର୍ଚ୍ଚ ୧୭ ତାରିଖ ଦିନ ପୂର୍ଣ୍ଣଚନ୍ଦ୍ର ପ୍ରେକ୍ଷାଳୟରେ ପରମପ୍ରିୟ ବାବା ଗାୟତ୍ରୀ ମନ୍ତ୍ରର ଗୁରୁତ୍ୱ ତଥା ପିଲାମାନେ କାହିଁକି ସ୍ୱଳ୍ପ ବୟସରୁ ଏହି ମନ୍ତ୍ର ଅଭ୍ୟାସ କରିବେ ତାହା ତାଙ୍କ ଦିବ୍ୟ ସନ୍ଦେଶରେ ବୁଝାଇ କହିଥିଲେ । ଏହା ନିମ୍ନରେ ଉଦ୍ଧାର କରାଗଲା ।

ଗାୟତ୍ରୀର ପଞ୍ଚମୁଖ : ତିନି ଦେବୀ

ଗାୟତ୍ରୀଙ୍କର ପାଞ୍ଚଟି ମୁଖ ଥିବା କଥା କୁହାଯାଇଛି ।

ପ୍ରଥମ ମୁଖ : ଓମ୍

ଦ୍ୱିତୀୟ ମୁଖ : ଭୂର୍‌ଭୁବଃ ସ୍ୱଃ
ତୃତୀୟ ମୁଖ : ତତ୍ ସବିତୁଃ ବରେଣ୍ୟମ୍
ଚତୁର୍ଥ ମୁଖ : ଭର୍ଗୋଦେବସ୍ୟ ଧୀମହି
ପଞ୍ଚମ ମୁଖ : ଧିୟୋ ୟୋ ନଃ ପ୍ରଚୋଦୟାତ୍

''ଏହି ପଞ୍ଚମୁଖରେ 'ଗାୟତ୍ରୀ' ପଞ୍ଚପ୍ରାଣ (ଜୀବନଶକ୍ତି)ର ପ୍ରତିନିଧିତ୍ୱ କରନ୍ତି । 'ଗାୟତ୍ରୀ ହେଉଛନ୍ତି ମଣିଷର ପଞ୍ଚପ୍ରାଣର ରକ୍ଷକ । ପଞ୍ଚପ୍ରାଣ ମଧ୍ୟରେ 'ସାବିତ୍ରୀ' ହେଉଛନ୍ତି ଅଗ୍ରଦେବୀ । ସେ ସେହିମାନଙ୍କୁ ରକ୍ଷା କରନ୍ତି ଯେ ଜୀବନରେ 'ସତ୍ୟ' ଆଚରଣ କରନ୍ତି । ଏହା ହିଁ ଅନ୍ତରାର୍ଥ । ମନ୍ତ୍ର ଉଚ୍ଚାରଣ ଫଳରେ ଅନ୍ତର୍ଦୃଷ୍ଟି ଓ ଧୀ-ଶକ୍ତି ବିକାଶ ଲାଭ କରିବା ପାଇଁ ପ୍ରଭାବିତ କରୁଥିବା ଦେବୀ ହେଲେ 'ଗାୟତ୍ରୀ' । ବାକ୍‌ଶକ୍ତିର ସୁରକ୍ଷା ପାଇଁ ପ୍ରଭାବିତ ଦେବୀ ହେଲେ 'ସରସ୍ୱତୀ' । ସାବିତ୍ରୀ, ଗାୟତ୍ରୀ ଓ ସରସ୍ୱତୀଙ୍କର ଜୀବନ, ବୁଦ୍ଧି ଓ ବାକ୍‌ଶକ୍ତିର ସୁରକ୍ଷା ପାଇଁ ଭୂମିକା ଥିବାରୁ ଗାୟତ୍ରୀ ମନ୍ତ୍ରକୁ 'ସର୍ବଦେବତା ସ୍ୱରୂପିଣୀ' ବୋଲି ବର୍ଣ୍ଣନା କରାଯାଇଛି ।''

''ଦିନକୁ ତିନିଥର (ସକାଳ, ମଧ୍ୟାହ୍ନ ଓ ରାତ୍ର) ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରାଯିବା ଆବଶ୍ୟକ । ମଣିଷ ଦୈନିକ କରୁଥିବା ଭୁଲ୍‌କୁ କମାଇବା ପାଇଁ ଏହା ଫଳପ୍ରଦ । ଏହା ବାକିରେ ନ ଆଣି ନଗଦ ଟଙ୍କା ଦେଇ ଜିନିଷ କିଣିଲା ଭଳି । ଏଥିରେ କାର୍ମୀକ ଋଣ ସ୍ତୁପିକୃତ ହେବାର ପ୍ରଶ୍ନ ନାହିଁ କାରଣ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ ଫଳରେ ପ୍ରତ୍ୟେକ ଦିନର କର୍ମ ପାଇଁ ସେହିଦିନ ହିଁ ପ୍ରାୟଶ୍ଚିତ କରାଯାଇଥାଏ ।''

''ପ୍ରତ୍ୟେକଦିନ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରିବା ପାଇଁ ସମୟ ମିଳୁ ନାହିଁ ବୋଲି ବାହାନା କରିବା ଗ୍ରହଣୀୟ ନୁହେଁ କାରଣ ପ୍ରତ୍ୟେକ ବ୍ୟକ୍ତି ଅଯଥା କାର୍ଯ୍ୟ କରି ଯଥେଷ୍ଟ ସମୟ ନଷ୍ଟ କରିଥାଏ । ସ୍ନାନ କଲାବେଳେ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରାଯାଇପାରେ । ମଧ୍ୟାହ୍ନରେ ଖାଦ୍ୟ ଗ୍ରହଣ ପୂର୍ବରୁ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କଲେ ଖାଦ୍ୟ ଦେବାଦେବୀଙ୍କୁ ଅର୍ପଣ କଲାଭଳି ହୋଇଥାଏ ।''

''ଆମେ ଆନ୍ତରିକତାର ସହିତ ସବୁକିଛି ଭଗବାନଙ୍କୁ ଅର୍ପଣ କରିବା ପାଇଁ ଆବଶ୍ୟକ ପନ୍ଥା ଅନୁସରଣ କରିବାକୁ ଉଦ୍ୟମ କରିବା ଉଚିତ । ଗାୟତ୍ରୀ ମନ୍ତ୍ର ନିୟମିତ ଉଚ୍ଚାରଣ କଲେ ଆମର ସମର୍ପଣ କରିବାର ଦୃଷ୍ଟିଭଙ୍ଗୀ ବୃଦ୍ଧି ପାଇବ । ଏହି କାରଣରୁ ପିଲାମାନେ କମ୍ ବୟସରୁ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରିବା ଉଚିତ । ବ୍ରହ୍ମୋପଦେଶ (ପବିତ୍ର ଧର୍ମଜ୍ଞାନ) ପାଇବା ପୂର୍ବରୁ ଯେଉଁ ବାଳକମାନେ ଅଳସୁଆ ବା ନିର୍ବୁଦ୍ଧିଆ ହୋଇଥାନ୍ତି ବ୍ରହ୍ମୋପଦେଶ ପାଇବା ପରେ ସେମାନଙ୍କର ବୁଦ୍ଧିର ବିକାଶ ଘଟିଥାଏ ଏବଂ ସେମାନେ ଗାୟତ୍ରୀ ମନ୍ତ୍ର ପାଇବା ପରେ ପାଠ ପଢ଼ା ପ୍ରତି ଅଧିକ ଆଗ୍ରହ ପ୍ରକାଶ

କରିଥାନ୍ତି । ଏହା ଏକ ପରୀକ୍ଷିତ ଅଭିଜ୍ଞତା । ଅନ୍ଧକାରାଚ୍ଛନ୍ନ ରାତ୍ରି ପରେ ସୂର୍ଯ୍ୟୋଦୟ ହେଲା ଭଳି, ଗାୟତ୍ରୀମନ୍ତ୍ର ଅଜ୍ଞତାର ଅନ୍ଧକାର ଦୂର କରିଦିଏ । ଗାୟତ୍ରୀ ଜ୍ୟୋତିର ଆଭା ମନ ଓ ଧୀ-ଶକ୍ତିକୁ ଆଲୋକିତ କରେ ଏବଂ ଜ୍ଞାନ, ବୁଦ୍ଧି ଓ ବିଚାରଣା ଶକ୍ତିର ବିକାଶ ଘଟାଏ ।''

''ମୁଁ ପିଲାମାନଙ୍କୁ ଆଶୀର୍ବାଦ କରୁଛି ଯେ ସେମାନେ ଆଜିଠାରୁ ନିୟମିତ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରନ୍ତୁ, ଆଦର୍ଶ ଜୀବନ ଯାପନ କରନ୍ତୁ, ଭଲ ହୁଅନ୍ତୁ, ସେମାନଙ୍କର ଭଗବାନଙ୍କ ପ୍ରତି ଭୟ ବୃଦ୍ଧି ପାଉ ଏବଂ ଭାରତର ସୁଶିକ୍ଷିତ ତଥା ଦିପ୍ତୀମାନ ନାଗରିକ ଭାବରେ ବିକାଶ ଲାଭ କରନ୍ତୁ ।''

ସାଇ ଗାୟତ୍ରୀ ମନ୍ତ୍ର

ସ୍ୱାମୀ ଘଣ୍ଟିକୋଟା ସୁବ୍ରମଣ୍ୟମ୍ ଶାସ୍ତ୍ରୀଙ୍କୁ ପରମପ୍ରିୟ ସ୍ୱାମୀ (ବାବା) ସାଇ ଗାୟତ୍ରୀ ମନ୍ତ୍ର ରଚନା କରିବା ପାଇଁ ତାଙ୍କର ଦିବ୍ୟ କୃପା ପ୍ରଦାନ କରିଥିଲେ । ସାଇ ଗାୟତ୍ରୀ ମନ୍ତ୍ର ନିମ୍ନରେ ପ୍ରଦତ୍ତ ହେଲା ।

''ଓଁ ସାଇଶ୍ୱରାୟ ବିଦ୍‌ମହେ
ସତ୍ୟ ଦେବାୟ ଧୀମହି
ତନଃ ସର୍ବଃ ପ୍ରଚୋଦୟାତ୍ ।''

ଅର୍ଥାତ୍ ''ହେ ପ୍ରଭୁ ଶ୍ରୀ ସତ୍ୟସାଇ ! ଆମେ ଆପଣଙ୍କୁ ପରମ ଈଶ୍ୱର ବୋଲି ସ୍ୱୀକାର କରୁଛୁ ।''

''ହେ ପ୍ରଭୁ ସତ୍ୟସାଇ ! ଆମେ ଆପଣଙ୍କୁ ପରମ ସତ୍ୟର ସ୍ୱରୂପ ବୋଲି ଧ୍ୟାନ କରୁଛୁ ।''

''ହେ ପ୍ରଭୁ ! ଆପଣ ସମସ୍ତଙ୍କ ଭିତରେ ଏବଂ ସମସ୍ତେ ଆପଣଙ୍କ ଭିତରେ ଅବସ୍ଥାନ କରୁଛନ୍ତି । ଆମ୍ଭମାନଙ୍କୁ ଦିବ୍ୟାଲୋକରେ ଆଲୋକିତ କରିବା ପାଇଁ କୃପା ପ୍ରଦାନ କରିବାକୁ ଆମ୍ଭେମାନେ ପ୍ରାର୍ଥନା ଜଣାଉଛୁ ।''

ମୋର (ଲେଖକର) ମାତୃଦେଶ ଭାରତ ଏବଂ ତତ୍ ସଂଗେ ସଂଗେ ପୂର୍ବ ଆଫ୍ରିକା, ଯୁକ୍ତରାଜ୍ୟ ଏବଂ ଅନ୍ୟାନ୍ୟ ଦେଶ ଯେଉଁଠାକୁ ପରମପ୍ରିୟ ସ୍ୱାମୀ ଅତୀତରେ ମୋତେ ପଠାଇଛନ୍ତି ଏବଂ ଭବିଷ୍ୟତରେ ପଠାଇବେ ସେସବୁ ଦେଶକୁ ମୁଁ (ଲେଖକ) ପ୍ରଣାମ ଜଣାଉଛି । ଯେଉଁ ଦେଶରେ ଆମେ ରହୁଛେ ସେ ଦେଶ ପ୍ରତି ଆମେ ବିଶ୍ୱସ୍ତ ହେବା ଦରକାର ଏବଂ ସେ ଦେଶର ଉତ୍ତମ ନାଗରିକ ହେବା ଆବଶ୍ୟକ । ଆମେ ସବୁ ଦେଶକୁ ଭଲ ପାଇବା ଉଚିତ ଏବଂ ସମଗ୍ର ବିଶ୍ୱର ଉନ୍ନତି ପାଇଁ ପ୍ରାର୍ଥନା କରିବା ଦରକାର ।

ମୁଁ ମୋ କର୍ତ୍ତବ୍ୟରେ ଅବହେଳା କରିବି ଯଦି ମୁଁ ପୃଥିବୀର ସବୁ ଭକ୍ତ, ଜ୍ଞାନୀ, ଋଷିପ୍ରତିମ ବ୍ୟକ୍ତି ଓ ପୀର (ମୁସଲମାନଙ୍କ ଧର୍ମଗୁରୁ) ପ୍ରଭୃତି ଯେଉଁମାନଙ୍କ ସମ୍ପର୍କରେ ବାବାଙ୍କର ଦିବ୍ୟକୃପା ବଳରେ ମୁଁ ଆସି ପାରିଛି ସେମାନଙ୍କ କଥା ଏଠାରେ ଉଲ୍ଲେଖ ନ କରେ । ସେମାନଙ୍କ ସହିତ ମୋର ଅଭିଜ୍ଞତା ଏହି ପୁସ୍ତକରେ ବର୍ଣ୍ଣନା କରାଯାଇଛି ।

ଗଡ଼ିଆ ପରିବାରର ସମସ୍ତ ସଭ୍ୟ ଯେଉଁମାନେ ମୋର ଯତ୍ନ ନେଇଛନ୍ତି ଏବଂ ମୋତେ ଆବଶ୍ୟକସ୍ଥଳେ ସାହାଯ୍ୟ ଦେଇ ଚାଲିଛନ୍ତି ସେମାନଙ୍କୁ ମୁଁ ମୋର ବିନମ୍ର, ନିଷ୍ପାପର ଓ ଆନ୍ତରିକ ପ୍ରଣାମ ଜଣାଉଛି । ପରମପ୍ରିୟ ସ୍ୱାମୀ ସେମାନଙ୍କ ପ୍ରତି ଏତେ ଅନୁକମ୍ପା ଓ କରୁଣା ପ୍ରଦର୍ଶନ ପୂର୍ବକ ଆଶୀର୍ବାଦ କରିଛନ୍ତି ଯେ ସେଥିପାଇଁ ସେମାନେ ପ୍ରକୃତ ଭକ୍ତ ହୋଇ ପାରିଛନ୍ତି । ସେମାନଙ୍କ ଭିତରୁ ଅନେକ ନିୟମିତ ଭାବରେ ସାଇ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଏବଂ ଯେଉଁଠି ସେମାନେ ବସବାସ କରନ୍ତି ସେଠାରେ ଥିବା ସାଇ କେନ୍ଦ୍ରଗୁଡ଼ିକୁ ସହଯୋଗର ହାତ ବଢ଼ାଇଛନ୍ତି ।

ସ୍ୱାମୀ ଜଣେ ଭକ୍ତ ସମ୍ପର୍କରେ କଣ କହନ୍ତି ?

ସେ କହନ୍ତି ''ନିୟମିତ ପ୍ରାର୍ଥନା, ପୂଜା, ଆରାଧନା କରୁଥିବା ବ୍ୟକ୍ତି, ଶୃଙ୍ଖଳିତ ତଥା ଦୟାବାନ ବ୍ୟକ୍ତି ଏବଂ ଆନନ୍ଦ ଓ ବିଶୁଦ୍ଧ ପ୍ରେମ ପ୍ରଦର୍ଶନ କରୁଥିବା ଯେ କୌଣସି ବ୍ୟକ୍ତି ମୋ ପାଇଁ ମୂଲ୍ୟବାନ ମଣି ସଦୃଶ ।''

''ଜଣେ ସେହିଭଳି ସହଯୋଗୀ ଚାହିଁବା ଉଚିତ ଯେ କି ଉତ୍ତମ ଓ ଧାର୍ମିକ ହୋଇଥିବ, ସତ୍‌ସଙ୍ଗରେ ଯୋଗ ଦେଉଥିବ, ଭଗବାନ ଓ ସତ୍ୟ ସମ୍ପର୍କରେ ଆଲୋଚନା କରୁଥିବ, ନୈସର୍ଗୀକ ପ୍ରେମ ପ୍ରଦର୍ଶନ କରୁଥିବ ଏବଂ ସମସ୍ତଙ୍କୁ ସମାନ ବୋଲି ବିଚାର କରୁଥିବ । ଏହିଭଳି ବ୍ୟକ୍ତିମାନେ ପ୍ରକୃତ ଭକ୍ତ ।''

ଅନେକ ସମୟରେ ପରମପ୍ରିୟ ସ୍ୱାମୀ ତାଙ୍କର ଭକ୍ତମାନଙ୍କୁ 'ବଙ୍ଗାରୁ' (ସୁନାଟା) ବୋଲି ସମ୍ବୋଧନ କରିଥାନ୍ତି । ଏହା ଭକ୍ତକୁ ଆନନ୍ଦ ଦେଇଥାଏ । ସ୍ୱାମୀ ଏହାକୁ ବୁଝାଇବାକୁ ଯାଇ କହନ୍ତି ''ଯେପରି ସୁନାକୁ ଉତ୍ତପ୍ତ କରି ହାତୁଡ଼ିରେ ପିଟି ଏବଂ ବିଭିନ୍ନ ପ୍ରକାରର ଉପଚାର ପୂର୍ବକ ମୂଲ୍ୟବାନ ଗହଣାରେ ରୂପାନ୍ତରିତ କରାଯାଏ ଭକ୍ତକୁ ମଧ୍ୟ ସେହିପରି ଭଗବାନଙ୍କର ନିୟମିତ କଠୋର ପରୀକ୍ଷାକୁ ଅତିକ୍ରମ କରିବାକୁ ପଡ଼ିଥାଏ ।''

ନବଧା ଆଚରଣ ବିଧି

୧. ଦୈନିକ ଧ୍ୟାନ ଓ ପ୍ରାର୍ଥନା ।

୨. ପରିବାରର ସଭ୍ୟମାନଙ୍କ ସହିତ ସପ୍ତାହକୁ ଥରେ ଭଜନ ।

୩. ପିଲାମାନଙ୍କ ପାଇଁ ସଂଗଠନ ଦ୍ୱାରା ପରିଚାଳିତ ଶିକ୍ଷା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ ।

୪. ଅତିକମ୍‌ରେ ମାସରେ ଥରେ ସଂଗଠନ ଦ୍ୱାରା ପରିଚାଳିତ ସମୂହ ଭକ୍ତିମୂଳକ କାର୍ଯ୍ୟକ୍ରମ (ଭଜନ, ପୂଜା ଇତ୍ୟାଦି)ରେ ଯୋଗଦାନ ।

୫. ସଂଗଠନ ଦ୍ୱାରା ପରିଚାଳିତ ଗୋଷ୍ଠୀ ସେବା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦାନ ।

୬. ନିୟମିତ ସାଇ ସାହିତ୍ୟ ପଠନ ।

୭. କାମନାର ସୀମାଙ୍କନ ନୀତିକୁ ଅଭ୍ୟାସରେ ପକାଇବା ଏବଂ ଏଥିରୁ ମିଳୁଥିବା ସଂଚୟକୁ ମାନବ ସେବାରେ ବିନିଯୋଗ କରିବା ।

୮. ନିଜ ସମ୍ପର୍କରେ ଆସୁଥିବା ସମସ୍ତଙ୍କ ସହିତ ମୃଦୁ ସ୍ୱରରେ ଏବଂ ପ୍ରେମପୂର୍ଣ୍ଣ ଭାବରେ କଥାବାର୍ତ୍ତା କରିବା ।

୯. ଅନ୍ୟମାନଙ୍କ ବିରୁଦ୍ଧରେ ବିଶେଷକରି ସେମାନଙ୍କ ଅନୁପସ୍ଥିତିରେ ସେମାନଙ୍କର ନିନ୍ଦା ନ କରିବା ।

ଦୈବତ୍ୱ ଉନ୍ମିଳନ ପାଇଁ ଦଶବିଧ ମାର୍ଗ

୧. ମାତୃଭୂମିକୁ ପ୍ରେମ କର ଓ ସେବା କର । ଅନ୍ୟମାନଙ୍କର ମାତୃଭୂମିକୁ ଘୃଣା କର ନାହିଁ କିମ୍ବା ତାର ଅନିଷ୍ଟ କର ନାହିଁ ।

୨. ପ୍ରତ୍ୟେକ ଧର୍ମକୁ ସମ୍ମାନ କର – ପ୍ରତ୍ୟେକଟି ଧର୍ମ ଗୋଟିଏ ଈଶ୍ୱରଙ୍କ ଆଡ଼କୁ ମାର୍ଗ ସ୍ୱରୂପ ।

୩. ବାଛ ବିଚାର ନ କରି ସବୁ ମଣିଷଙ୍କୁ ପ୍ରେମ କର । ମନେରଖ ମଣିଷର ଜାତି ମାତ୍ର ଗୋଟିଏ ।

୪. ତୁମ ଗୃହ ଓ ପରିସରକୁ ସଫାସୁତୁରା ରଖ । ଏହା ନିଶ୍ଚିତ ଭାବରେ ତମ ପାଇଁ ଓ ସମାଜ ପାଇଁ ଉତ୍ତମ ସ୍ୱାସ୍ଥ୍ୟ ଓ ଆନନ୍ଦ ଆଣି ଦେଇଥାଏ ।

୫. ଯେଉଁ ଭିକ୍ଷୁକମାନେ ତୁମ ଆଡ଼କୁ ଭିକ୍ଷା ପାଇଁ ହାତ ବଢ଼ାନ୍ତି ସେମାନଙ୍କୁ ଟଙ୍କା ଦିଅ ନାହିଁ । ସେମାନେ ଆତ୍ମନିର୍ଭରଶୀଳ ହେବା ପାଇଁ ସାହାଯ୍ୟ କର । ରୁଗ୍‌ଣ ଓ ବୃଦ୍ଧ ବ୍ୟକ୍ତିମାନଙ୍କୁ ଖାଦ୍ୟ ଓ ବାସ ଯୋଗାଇ ଦିଅ । ସେମାନଙ୍କୁ ପ୍ରେମ କର ଏବଂ ସେମାନଙ୍କର ଯତ୍ନ ନିଅ ।

୬. ଲାଞ୍ଚ ନିଅ ନାହିଁ କିମ୍ବା ଲାଞ୍ଚ ଦେଇ ଅନ୍ୟମାନଙ୍କୁ ଏଥିପାଇଁ ପ୍ରୋତ୍ସାହିତ କର ନାହିଁ ।

୭. କୌଣସି ପ୍ରକାର ଈର୍ଷା, ଘୃଣା କିମ୍ବା ଅସୂୟା ଭାବ ପ୍ରକାଶ କର ନାହିଁ ।

୮. ତୁମର ବ୍ୟକ୍ତିଗତ ଆବଶ୍ୟକତା ପୂରଣ ପାଇଁ ଅନ୍ୟ ଉପରେ ନିର୍ଭର କର ନାହିଁ । ନିଜେ ନିଜର ସେବକ ହୁଅ ।

୯. ରାଜ୍ୟର ଆଇନ କାନୁନ୍‌କୁ ପାଳନ କର ଏବଂ ଆଦର୍ଶ ନାଗରିକ ହୁଅ ।

୧୦. ଭଗବାନଙ୍କୁ ପ୍ରେମ କର, ପାପକୁ ଘୃଣା କର ।

ସତ୍‌ସେବାର ମୂଲ୍ୟ :

ଯେଉଁ ଭକ୍ତମାନେ ସତ୍ ସେବା କରିଥାନ୍ତି ସେମାନେ ପରମପ୍ରିୟ ସ୍ୱାମୀ ସେବା ସମ୍ପର୍କରେ ଯାହା କୁହନ୍ତି ତାହା ଶୁଣିଲେ ଖୁସି ହେବେ ।

''ଅନ୍ୟମାନଙ୍କ ପାଇଁ କରାଯାଉଥିବା ସବୁପ୍ରକାର ସେବା ଭଗବାନଙ୍କୁ ପ୍ରତ୍ୟାର୍ପିତ ହୁଏ ବୋଲି ବିଚାର କରାଯାଏ ।''

''ମୁଁ ଯେତେବେଳେ କୁହେ ଭକ୍ତମାନେ ଭଗବାନଙ୍କ ଉଦ୍ଦେଶ୍ୟରେ ମଣିଷ ସମାଜ ପାଇଁ ନିଃସ୍ୱାର୍ଥପର ସେବା କରିବା ଉଚିତ, ତାହା ପ୍ରକୃତରେ ଭକ୍ତମାନଙ୍କର ନିଜର ହିତ ତଥା ଆଧ୍ୟାତ୍ମିକ ଉତ୍‌ଥାନ ପାଇଁ ଉଦ୍ଦିଷ୍ଟ ।''

''ଯେତେବେଳେ ଭକ୍ତମାନେ ନମ୍ରତା ଓ ବିଶୁଦ୍ଧତାର ଅନ୍ୱେଷଣ କରି ନିଃସ୍ୱାର୍ଥପର ଓ ମହତ୍ ପ୍ରେମ ଦରକାର କରୁଥିବା ମୋ ସୃଷ୍ଟ ଜୀବମାନଙ୍କର ସେବା କରନ୍ତି ଏବଂ ପ୍ରେମ ପ୍ରଦାନ କରନ୍ତି, ସେତେବେଳେ ସେମାନେ ମୋ ସୃଷ୍ଟ ଜୀବମାନଙ୍କୁ ମୋର ସନ୍ତାନ ଓ ସେମାନଙ୍କର ପ୍ରିୟ ଭାଇ ଭଉଣୀ ବୋଲି ବିଚାର କରିବା ଉଚିତ । ସେହି ଜୀବମାନେ ମୋର ଆଶୀର୍ବାଦପ୍ରାପ୍ତ ସର୍ଜନା ବୋଲି ମନେ କରିବା ଆବଶ୍ୟକ । ଏଇଥି ପାଇଁ ମୁଁ ସତ୍ୟସାଇ ଭାବରେ ମୋର ଭୂମିକାର ପୂର୍ତ୍ତି ପାଇଁ ଭକ୍ତମାନଙ୍କୁ ସାହା ହେବାକୁ, ତାଙ୍କ ସହିତ ଅବସ୍ଥାନ କରିବାକୁ ଏବଂ ସେମାନଙ୍କର ସମସ୍ତ ଭାର ବହନ କରିବାକୁ ଅବତରଣ କରିଅଛି ।''

ଯେଉଁ ଭକ୍ତମାନେ 'ଏହି ଦାସାନୁଦାସ' ଭଳି ନିଷ୍ଠାପର ପ୍ରେମ ସହିତ ସେବାକାର୍ଯ୍ୟ କରି ଆସୁଛନ୍ତି ସେମାନେ ଉଲ୍ଲିଖିତ ସନ୍ଦେଶ ଅନୁସାରେ ପରମପ୍ରିୟ ସ୍ୱାମୀଙ୍କର ଅଲୌକିକ କୃପା ଅନୁଭବ କରିଥିବେ । ମୋତେ ଯେଉଁଠାକୁ ପଠାନ୍ତୁ ବା ଯେ କୌଣସି ସେବାରେ ନିଯୁକ୍ତ କରନ୍ତୁ ନା କାହିଁକି ମୁଁ ଅନୁଭବ କରେ ସ୍ୱାମୀ ସବୁବେଳେ ମୋ ସହିତ ଅଛନ୍ତି ।

ପରମପ୍ରିୟ ସ୍ୱାମୀଙ୍କୁ ବିନମ୍ର ପ୍ରଣାମ ଜଣାଇ ଏବଂ ତାଙ୍କର ମୂଲ୍ୟବାନ ଉପଦେଶକୁ ହୃଦୟରେ ଭରି ମୁଁ ପ୍ରାର୍ଥନା ପୂର୍ବକ ପ୍ରଥମ ଅଧ୍ୟାୟଟିକୁ ଏହିଠାରେ ଶେଷ କରୁଛି ।

''ହେ ସ୍ୱାମୀ ! ଦୟାକରି ଆପଣ ନିଜ ଇଚ୍ଛା ଅନୁସାରେ ଏହି ପୁସ୍ତକ ପ୍ରଣୟନ କାର୍ଯ୍ୟ ଅବ୍ୟାହତ ରଖନ୍ତୁ ।''

□□

ଅଧ୍ୟାୟ - ୨

ବାବା ଏବଂ ତାଙ୍କର ଦିବ୍ୟ ସନ୍ଦେଶ

"ତୁମର ମିଶନ କାର୍ଯ୍ୟ ଆରମ୍ଭ ହୋଇ ସାରିଛି । ତୁମକୁ ମୋର ଏସବୁ କହିବା କଥା । ହେ ମୋର ପ୍ରିୟ ଭକ୍ତମାନେ ! ଏଥିରେ ତୁମ ପ୍ରତ୍ୟେକଙ୍କର ଏହି ଜୀବଦ୍ଦଶା ଭିତରେ ଏକ ଅନନ୍ୟ ଓ ମୂଲ୍ୟବାନ ଭୂମିକା ସମ୍ପାଦନ କରିବାର ଅଛି । କେବଳ ଯେଉଁମାନଙ୍କୁ ମୁଁ ଡାକିଥାଏ ସେମାନେ ହିଁ ମୋର ସେବା କରିପାରିବେ ।"

"ମୋର ମିଶନ କାର୍ଯ୍ୟ ସମୟକ୍ରମେ ଏଭଳି ଏକ ଅବସ୍ଥାରେ ପହଞ୍ଚିଛି ଯେତେବେଳେ ତୁମ ପ୍ରତ୍ୟେକଙ୍କ ପାଇଁ କିଛି ନା କିଛି କାର୍ଯ୍ୟ ସମ୍ପାଦନ କରିବାକୁ ରହିଛି । ଯେଉଁ ବିଶାଳ ଛାୟାପଥରେ ଏହି ଗ୍ରହ ଅବସ୍ଥାନ କରୁଛି ସେଥିରେ ତାର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରହିଛି । ସେହି ଉଦ୍ଦେଶ୍ୟ ଏବେ ଆମ ସମ୍ମୁଖରେ ଉନ୍ମୋଚିତ ହେବାରେ ଲାଗିଛି । ମୁଁ ତୁମକୁ ଆହ୍ୱାନ କରୁଛି କି ତୁମ ଭିତରେ ଥିବା ଭକ୍ତିକୁ ବିକିରୀତ କର । ଯାହାଫଳରେ ଏହାର ଅଦୃଶ୍ୟ ଶକ୍ତି ତୁମ ଚତୁର୍ଦ୍ଦିଗରେ ଥିବା ସମସ୍ତଙ୍କୁ ଆଚ୍ଛାଦିତ କରିଦେବ । ତୁମ କାର୍ଯ୍ୟ ସଫଳତାର ସହିତ କରିବାକୁ ସବୁବେଳେ ମୋ ଉପରେ ଧ୍ୟାନ ରଖ । ସବୁ ମଣିଷ ଓ ଜୀବମାନଙ୍କ ପାଇଁ ତୁମ ଭିତରେ ଥିବା ପବିତ୍ରତାକୁ ପ୍ରକାଶିତ ହେବାକୁ ଦିଅ ଏବଂ ନିଜର କର୍ମ ପାଇଁ ଫଳ ଆଶା ରଖ ନାହିଁ ।

"ମୋ ମିଶନର ଏହି ପର୍ଯ୍ୟାୟ ସମ୍ପୂର୍ଣ୍ଣ ନୀରବତା ଭିତରେ ସମାହିତ ହେଉଛି । ତୁମ୍ଭେମାନେ ମୋର ଆୟୁଧ ସ୍ୱରୂପ ଏବଂ ତୁମ୍ଭମାନଙ୍କ ମାଧ୍ୟମରେ ମୋର ପ୍ରେମ ପ୍ରବାହିତ ହେବ । ଯେଉଁ ମୁହୂର୍ତ୍ତରେ ତୁମର ଅହଂକାର ନିମ୍ନଗାମୀ ହେବ ସେହି ମୁହୂର୍ତ୍ତଠାରୁ ମୋର କାର୍ଯ୍ୟ ସହଜ ହୋଇଯିବ । ଯେତେବେଳେ ତୁମେ ତୁମର ନିଷେଧାତ୍ମକ ଅନ୍ୟମନସ୍କତାର ଊର୍ଦ୍ଧ୍ୱକୁ ଚାଲିଯିବ ସେତେବେଳେ ତୁମେ ପୁଣି ମୋର ଦୈବୀକାର୍ଯ୍ୟର ଉତ୍ସରେ ପରିଣତ ହେବ ।"

"ସମଗ୍ର ବିଶ୍ୱରେ ମୋ ପ୍ରେମ ବହୁଗୁଣରେ ବୃଦ୍ଧି ପାଇବା ଉପଲବ୍ଧ ହେବ । ଏହି କାର୍ଯ୍ୟ ପାଇଁ ମୁଁ ଭିନ୍ନ ଭିନ୍ନ ଅବତାର ଭାବରେ ତୁମକୁ ପ୍ରସ୍ତୁତ କରି ରଖିଛି । ମୁଁ

ତୁମ୍ଭମାନଙ୍କୁ ମୋ ପାଖକୁ ଟାଣି ଆଣୁଛି । ଅତୀତରେ ଅବତାର ଗ୍ରହଣ କରିବା ସମୟରୁ ମୁଁ ମୋର ମିଶନର ମହାନ୍ ପାହାଚ ସବୁ ପ୍ରସ୍ତୁତ କରି ରଖିଛି । ମୋ କାର୍ଯ୍ୟ ଅବିରତ ଚାଲିଛି ଏବଂ ତୁମ କାର୍ଯ୍ୟର ମଧ୍ୟ ଶେଷ ନାହିଁ ।''

''ମନେରଖ ମୁଁ ତୁମ ଭିତରେ ଅଛି ଏବଂ ତୁମ ବାହାରେ ମଧ୍ୟ ଅଛି । ଏଥିରେ କୌଣସି ତଫାତ୍ ନାହିଁ । ଅତି ତୁଚ୍ଛ କଥାକୁ ନିଜଠାରୁ ସବୁବେଳେ ଦୂରେଇ ରଖ । ବର୍ତ୍ତମାନ ତୁମେ ହେଉଛ 'ମୁଁ' ଏବଂ ମୁଁ ହେଉଛି 'ତୁମେ' । ଏଥିରେ କୌଣସି ପାର୍ଥକ୍ୟ ନାହିଁ । ମୋର ଆଶୀର୍ବାଦ ତୁମ ଉପରେ ଅଜାଡ଼ି ହୋଇ ପଡ଼ିବ ଏବଂ ତୁମ ମାଧ୍ୟମରେ ପ୍ରସାରିତ ହେବ । ଏହି ନିରବଚ୍ଛିନ୍ନ ପ୍ରକ୍ରିୟା ପ୍ରତି ହୁଏତ ତୁମେ ସଚେତନ ନୁହଁ । ହୃଦୟ ଓ ଆତ୍ମାକୁ ପବିତ୍ର ରଖ ଏବଂ ତୁମ ଜୀବଦ୍ଦଶାରେ ତୁମର ଅନନ୍ୟ ଗୁଣ ଯୋଗୁଁ ମଣିଷ ସମାଜ ଉପକୃତ ହେଉ ।''

''ମୁଁ ଯେତେବେଳେ ଅନ୍ୟମାନଙ୍କୁ ମୋ ଆଡ଼କୁ ଟାଣି ଆଣିବି ସେତେବେଳେ ସେମାନେ ମଧ୍ୟ ମୋ ସହିତ ଏହି ମିଶନରେ ଯୋଗ ଦେବେ । ସେ ସମୟ ପାଖେଇ ଆସୁଛି, ଯେତେବେଳେ ସମଗ୍ର ମାନବ ସମାଜ ଐକ୍ୟବଦ୍ଧ ହୋଇ ଜୀବନଚର୍ଯ୍ୟା ସମାହିତ କରିବେ । ଖୁବ୍ ଶୀଘ୍ର ସେ ସମୟ ଆସି ପହଞ୍ଚିବ ଯାହା କେହି ଆଶା କରିପାରି ନ ଥିବେ । ଏହି ସମୟ ଆସିବା ପୂର୍ବରୁ ଜୀବଜଗତ ତିଷ୍ଠି ରହିବା ପାଇଁ ସମସ୍ତ ଆବଶ୍ୟକତା ପୂରଣ କରିବାକୁ ପ୍ରସ୍ତୁତ ହେବା ଉଚିତ । ଯାହା ସାଧାରଣ ଭାବରେ ଅନୁମାନ କରାଯାଏ, ଏହା ତାହା ନୁହେଁ । ଏହା ଏଭଳି କୌଣସି ପଦାର୍ଥ ନୁହେଁ ଯାହା ଜଣେ ଆଗ୍ରହର ସହିତ ପାଇବା ପାଇଁ ଆଶା ପୋଷଣ କରିଥାଏ । ଏହା ସବୁ ପ୍ରକାର ଧାରଣା ବା ଅନୁଭୂତିର ଉର୍ଦ୍ଧ୍ୱରେ । ମୁଁ କହିପାରେ ଏହାର ସୌନ୍ଦର୍ଯ୍ୟର ଚମତ୍କାରିତା ସବୁ ସ୍ୱପ୍ନର ଉର୍ଦ୍ଧ୍ୱରେ । ଯେହେତୁ ତୁମେ ପ୍ରତ୍ୟେକ ନୀରବରେ ତୁମ କାର୍ଯ୍ୟ ସାଧନ କରି ଚାଲିଛ, ମୁଁ ତୁମକୁ କୋଳାଗ୍ରତ କରି ମୋ ହୃଦୟ କନ୍ଦରକୁ ଟାଣି ନେବି । ଏଣିକି ତୁମର ଆତ୍ମା ଉର୍ଦ୍ଧ୍ୱମୁଖୀ ହେବ ଏବଂ ତୁମର ଅନ୍ତର୍ଦୃଷ୍ଟି ତୁମ ଭିତରେ ମୋର ଉପସ୍ଥିତିକୁ ସନ୍ଦର୍ଶନ କରିବ ।''

''ମୁଁ ଏହା ମୋର ସମସ୍ତ ଭକ୍ତଙ୍କୁ ଦୈବତ୍ୱର ପର୍ବତ ଶିଖରରୁ କହୁଛି ଯେଉଁଠି ସମଗ୍ର ବିଶ୍ୱ ଏକାକାର ହୋଇଯାଇଛି ।''

''ମୋର ପ୍ରିୟ ଭକ୍ତମାନେ ! ମୋ କାର୍ଯ୍ୟରେ ସାମିଲ ହୋଇଯାଅ । ତୁମର ଶ୍ୱାସକ୍ରିୟା ସ୍ୱର୍ଗର ପ୍ରସ୍ଫୁଟିତ ପୁଷ୍ପର ସୁଗନ୍ଧ ବହନ କରିନେବ । ତୁମର ଉଦାହରଣ ଠିକ୍ ସେହି ଦେବଦୂତଙ୍କ ପରି ହେବ । ତୁମର ଆନନ୍ଦ ହିଁ ମୋର ଆନନ୍ଦ ।'' (ଚାର୍ଲସ ପେନ୍‌ଙ୍କର 'ମାଇଁ ବିଲ୍‌ଭେଡ଼' ପୁସ୍ତକରୁ ସଂଗୃହୀତ, ପୃଷ୍ଠା-୯୬ରୁ ୯୭)

ପୁଟ୍ଟାପର୍ତ୍ତିକୁ ପ୍ରଥମ ଥର ଯାତ୍ରା କରିବା ପୂର୍ବରୁ ପରମପ୍ରିୟ ବାବା ଥରେ ବାଙ୍ଗାଲୋରରୁ ମିଷ୍ଟର ପ୍ରଭାକର ନାମକ ଜଣେ ଔଷଧ କମ୍ପାନୀର ପ୍ରତିନିଧିଙ୍କୁ ମୋ ନିକଟକୁ ପଠାଇଦେଲେ । ସେ ମୋତେ ପ୍ରଥମେ ଶ୍ରୀ ସତ୍ୟସାଇ ବାବା ଏବଂ ତାଙ୍କର ଆଶ୍ରମ 'ପ୍ରଶାନ୍ତି ନିଲୟମ୍' ସମ୍ପର୍କରେ କହିଥିଲେ । ଏହା ବାସ୍ତବରେ ସ୍ୱାମୀଙ୍କର ସଂକଳ୍ପ ଥିଲା । ତାଙ୍କର ଅଲୌକିକତା ସମ୍ପର୍କରେ ମୋ ମନରେ ଅସଂଖ୍ୟ ପ୍ରଶ୍ନବାଚୀ ବସା ବାନ୍ଧିଥିଲା । ତେଣୁ ଏ ସମ୍ପର୍କରେ ପ୍ରଥମେ ମୋର ପ୍ରଫେସର କସ୍ତୁରୀଙ୍କ ସହିତ ସାକ୍ଷାତ ଆଲୋଚନା ହୋଇଥିଲା । ଆରମ୍ଭରୁ ମୁଁ ତାହା ହିଁ ଉଲ୍ଲେଖ କରୁଛି ।

ପ୍ରଫେସର କସ୍ତୁରୀଙ୍କ ସହିତ ସାକ୍ଷାତ୍‌କାର

୧୯୬୦ ମସିହାରେ ଯେତେବେଳେ ପରମପ୍ରିୟ ସ୍ୱାମୀ ମାଡ୍ରାସରେ ଥିଲେ ସେତେବେଳେ ମୁଁ ପ୍ରଥମେ ପୁଟ୍ଟାପର୍ତ୍ତି ଯାତ୍ରା କରିଥିଲି । ଆଶ୍ରମରେ ସେତେବେଳେ ଖୁବ୍ କମ୍ ସଂଖ୍ୟକ ଭକ୍ତ ରହୁଥିଲେ । ଯାହାହେଉ ସେଠାରେ ମୁଁ 'ସନାତନ ସାରଥି' (ମାସିକ ପତ୍ରିକା)ର ସମ୍ପାଦକ, ବାବାଙ୍କ ଜୀବନୀ ଓ ଲୀଳା ସମ୍ବଳିତ ପୁସ୍ତକ 'ସତ୍ୟମ୍ – ଶିବମ୍ – ସୁନ୍ଦରମ୍'ର ସଂକଳକ ତଥା ବାବାଙ୍କର ନିକଟତମ ବ୍ୟକ୍ତି ପ୍ରଫେସର କସ୍ତୁରୀଙ୍କୁ ସାକ୍ଷାତ କରିଥିଲି ।

ସେ ରହୁଥିବା କୋଠରୀର କାନ୍ଥରେ ବହୁ ପ୍ରକାରର ଦେବଦେବୀ ଓ ଧର୍ମଯାଜକମାନଙ୍କର ଫଟୋ ଝୁଲୁଥିବାର ଦେଖି ମୁଁ ପ୍ରଫେସର କସ୍ତୁରୀଙ୍କୁ ପଚାରିଥିଲି– ''ବିଭିନ୍ନ ଧର୍ମର ଦେବତାମାନଙ୍କର ଫଟୋ ଏଠାରେ କାହିଁକି ରଖାଯାଇଛି ?''

ସେ ଉତ୍ତର ଦେଇଥିଲେ ''ଆପଣ କଣ ବାବାଙ୍କ ସମ୍ପର୍କରେ କିଛି ଜାଣି ନାହାନ୍ତି ? ଆପଣ କେଉଁଠୁ ଆସିଲେ ?'' ମୁଁ ମୋର ପରିଚୟ ନିମ୍ନ ପ୍ରକାରେ ଦେଇଥିଲି । ''ମୁଁ ପୂର୍ବ ଆଫ୍ରିକାର ଉଗାଣ୍ଡାସ୍ଥ କାମ୍ପାଲାରେ ଜନ୍ମ ଗ୍ରହଣ କରିଛି । ବିଦ୍ୟାଳୟ ଶିକ୍ଷା ପରେ ମୁଁ ବମ୍ବେର ଅନ୍ଧେରୀଠାରେ ଥିବା ଭବାନ୍ସ୍ ମହାବିଦ୍ୟାଳୟରେ ଇଣ୍ଟର ସାଇନ୍ସ ପଢ଼ିବା ପାଇଁ ଭାରତ ଆସିଲି । ତା ପରେ ମୁଁ ଦକ୍ଷିଣ ଭାରତର ମାଙ୍ଗାଲୋର ନିକଟସ୍ଥ କସ୍ତୁରବା ମେଡ଼ିକାଲ କଲେଜରେ ଡାକ୍ତର ହେବା ପାଇଁ ପ୍ରବେଶ କଲି । ମୁଁ ବର୍ତ୍ତମାନ (୧୯୬୦ ମସିହା) ଏମ୍.ବି.ବି.ଏସ୍. ପାଠ୍ୟକ୍ରମର ଦ୍ୱିତୀୟ ବର୍ଷର ଛାତ୍ର ।''

ପ୍ରଫେସର କସ୍ତୁରୀ କହିଥିଲେ ''ସାଧାରଣତଃ ମୁଁ ଆଶ୍ରମକୁ ଆସୁଥିବା ନୂଆ ଲୋକମାନଙ୍କୁ ସାକ୍ଷାତ କରିଥାଏ ଏବଂ ବାବାଙ୍କ ସମ୍ପର୍କରେ ସେମାନଙ୍କ ସହିତ କଥାବାର୍ତ୍ତା କରେ । କିନ୍ତୁ ବର୍ତ୍ତମାନ ମୁଁ ତାହା କରିପାରିବି ନାହିଁ କାରଣ ମୁଁ ଏବେ 'ସନାତନ ସାରଥି'ର ପରବର୍ତ୍ତୀ ସଂଖ୍ୟା ପ୍ରସ୍ତୁତିରେ ଖୁବ୍ ବ୍ୟସ୍ତ ଅଛି । ତେଣୁ ମୋ ନିଜ ପାଖରେ ଥିବା

'ସତ୍ୟମ୍—ଶିବମ୍—ସୁନ୍ଦରମ୍' ବହିର ପ୍ରଥମ ଭାଗଟି ଆପଣଙ୍କୁ ଦେଉଛି । ଏହା ଅଳ୍ପଦିନ ତଳେ ପ୍ରକାଶ ପାଇଛି ଏବଂ ଏହାର ସବୁ କପି ପ୍ରାୟ ବିକ୍ରି ହୋଇ ଗଲାଣି ।''

ବହିଟି ପାଇଁ ମୁଁ ତାଙ୍କୁ ଧନ୍ୟବାଦ ଜଣାଇଲି ଏବଂ ସ୍ୱାମୀଙ୍କର ଗୋଟିଏ ଫଟୋ ପାଇବା ପାଇଁ ଅନୁରୋଧ କଲି । ସେତେବେଳେ ସେଠାରେ କୌଣସି ଅଧିକା ଫଟୋ ନ ଥିଲା । କାନ୍ଥରେ ଝୁଲା ଯାଇଥିବା ବନ୍ଧେଇ ଫଟୋଗୁଡ଼ିକ ଭିତରୁ ଗୋଟିଏ ବାଛିବା ପାଇଁ ସେ ମୋତେ କହିଲେ । ମୁଁ ଶିରିଡ଼ି ସାଇବାବା ଓ ପୁଟ୍ଟାପର୍ତ୍ତି ବାବାଙ୍କର ଏକତ୍ର ଉଠିଥିବା ଫଟୋଟିଏ ବାଛିଥିଲି । ଏହା ମୋ ପାଇଁ ଥିଲା ପ୍ରଫେସର କସ୍ତୁରୀଙ୍କ ମାଧ୍ୟମରେ ଶ୍ରୀ ସତ୍ୟସାଇ ବାବାଙ୍କ ସହିତ ମୋର ପ୍ରଥମ ପରିଚୟ ।

ମୋ ପ୍ରଭୁଙ୍କର ଗୋଟିଏ ଆୟୁଧ

ମୋର ସେତେବେଳେ ଧାରଣା ନ ଥିଲା ଯେ ସ୍ୱାମୀ 'ଏହି ଶରୀର'କୁ ତାଙ୍କ କାର୍ଯ୍ୟରେ ବ୍ୟବହାର କରିବେ । ସେ ଆଜି ସୁଦ୍ଧା ମୋତେ ଅସାଧାରଣ ଉପାୟରେ ପୃଥିବୀର ବିଭିନ୍ନ ଦେଶ ଭ୍ରମଣ କରି ତାଙ୍କର ଦିବ୍ୟ ସନ୍ଦେଶ ସମ୍ପର୍କରେ କହିବା, ସାଇ କେନ୍ଦ୍ରମାନ ପ୍ରତିଷ୍ଠା କରିବା, ଭଜନ, ଲକ୍ଷାର୍ଚ୍ଚନା, ଯଜ୍ଞ ପ୍ରଭୃତି ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟ ସମ୍ପାଦନ କରିବା ଏବଂ ପରବର୍ତ୍ତୀ ସ୍ଥିତିରେ ପାଦୁକା ପୂଜା ଇତ୍ୟାଦି ପାଇଁ ସୁଯୋଗ ଦେଇଛନ୍ତି । ଏହିସବୁ କାର୍ଯ୍ୟକ୍ରମ ତାଙ୍କର ଯେଉଁ ସନ୍ଦେଶ ଦ୍ୱାରା ଆଧାରିତ ତାହା ହେଲା ''ତୁମ ପ୍ରତ୍ୟେକଙ୍କର ଏହି ଜୀବଦ୍ଦଶା ଭିତରେ ବହୁ ଅନନ୍ୟ ତଥା ମୂଲ୍ୟବାନ ଭୂମିକା ସମ୍ପାଦନ କରିବାର ଅଛି । କେବଳ ମୁଁ ଯେଉଁମାନଙ୍କୁ ଚାହିଁବି ସେହିମାନେ ମୋର ସେବା କରି ପାରିବେ ।''

ମୁଁ କେବେ ମୋର ଅନିୟନ୍ତ୍ରିତ ସ୍ୱପ୍ନରେ ଭାବି ନ ଥିଲି ଯେ ମୋର ନାମ 'ସନାତନ ସାରଥି' ଓ 'ସତ୍ୟମ୍—ଶିବମ୍—ସୁନ୍ଦରମ୍'ର ଦ୍ୱିତୀୟ ଓ ତୃତୀୟ ଭାଗରେ ସ୍ଥାନ ପାଇବ । ୧୯୬୦ ମସିହାରୁ ବାବା ମୋତେ ତାଙ୍କ କାର୍ଯ୍ୟ କରିବା ପାଇଁ ବାଛି ଥିବାରୁ ମୁଁ ତାଙ୍କ ନିକଟରେ କୃତଜ୍ଞ । ମୁଁ ଏହି ବହି ଲେଖିବା ପାଇଁ ବାବାଙ୍କର ପ୍ରେରଣା ଓ ସଂକଳ୍ପ ଅନୁସାରେ ତାଙ୍କ ନିଜ ବର୍ଣ୍ଣନା ଉପରେ ନିର୍ଭର କରୁଛି । ମୁଁ ତାଙ୍କ କୃପା ଯୋଗୁଁ ତାଙ୍କ ସଂକଳ୍ପ ପୂରଣ କରିବା ପାଇଁ ନିଜକୁ ଜଣେ ନଗଣ୍ୟ ସେବକ ବୋଲି ବିଚାର କରୁଛି ।

ଏହି ସମୟ ମଧ୍ୟରେ ବାବାଙ୍କର ଦିବ୍ୟକୃପା ମୋର ଏହି ଶରୀର ମଧ୍ୟରେ ଅସାମାନ୍ୟ ଶକ୍ତି ଯୋଗାଇ ଦେଇଛି । ଫଳରେ କୌଣସି କ୍ଳାନ୍ତି ବା ଚିନ୍ତା ନ ଥାଇ ମୁଁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଘୂରି ବୁଲୁଛି । ସମସ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ସଫଳତା ପାଇଁ ସେ ଆଶୀର୍ବାଦ କରିଛନ୍ତି । ତେଣୁ ଏହିସବୁ କାର୍ଯ୍ୟକ୍ରମରେ ହଜାର ହଜାର ଲୋକ ତାଙ୍କର ଅବତାର ଲୀଳା ଶୁଣିଛନ୍ତି ଏବଂ ପୃଥିବୀର ବିଭିନ୍ନ ଦେଶର ଲୋକମାନେ ତାଙ୍କର

ଭକ୍ତ ହୋଇ ପାରିଛନ୍ତି । ତାଙ୍କର ମହାନତା ହୃଦୟଙ୍ଗମ କରିବା ପାଇଁ ସେ ମୋତେ ବହୁ ସାଧୁ, ସନ୍ଥ ଓ ପୀର (ମୁସଲମାନ ଗୁରୁ)ଙ୍କୁ ସାକ୍ଷାତ କରିବାରେ ସାହାଯ୍ୟ କରିଛନ୍ତି । ଏହି ସାଧୁ ସନ୍ଥମାନେ ମୋତେ କହିଛନ୍ତି ବାବା ହେଉଛନ୍ତି ପ୍ରଭୁ କୃଷ୍ଣ ଏବଂ ସେମାନେ ତାଙ୍କ ଦିବ୍ୟ କୃପା ବଳରେ ମାନବ ସମାଜର ସେବା କରିବାକୁ ଆଗ୍ରହୀ ।

ମୁଁ ଯୋଗ୍ୟତା ହାସଲ କରି ଭାରତର ଗୁଜୁରାଟରେ ଡାକ୍ତର ଭାବରେ ଏବଂ ଆରୁଶା (ତାଞ୍ଜାନିଆ, ପୂର୍ବ ଆଫ୍ରିକା)ର ଏଚ.ଏଚ. ଦି ଆଗା ଖାଁ ଡିସ୍‌ପେନ୍‌ସାରୀରେ ମୁଖ୍ୟ ଚିକିତ୍ସା ଅଧିକାରୀ ଭାବରେ କାର୍ଯ୍ୟ କରିବା ପରେ ବାବା ମୋତେ ଆରୁଶାଠାରେ ଗୋଟିଏ ଚିକିତ୍ସାଳୟ ଖୋଲିବା ପାଇଁ ପ୍ରୋତ୍ସାହିତ କରିଥିଲେ । ଏହି ଚିକିତ୍ସାଳୟକୁ ବାବା 'ଓମ୍ ଶ୍ରୀ ସତ୍ୟସାଇ ଚିକିତ୍ସାଳୟ' ବୋଲି ନାମିତ କରିଥିଲେ । ଉଦ୍‌ଘାଟନ ଉତ୍ସବ ଅବକାଶରେ ବାବାଙ୍କ ନିକଟକୁ ଗୋଟିଏ ଟେଲିଗ୍ରାମ ପଠାଯାଇଥିଲା ଏବଂ ଉତ୍ତରରେ ସେ ଲେଖିଥିଲେ ''ଆଶୀର୍ବାଦ କରୁଛି, ପ୍ରେମକୁ ଅଭ୍ୟାସରେ ପରିଣତ କର ଏବଂ ପ୍ରେମର ପ୍ରସାର କର ।''

ସେ ସବୁବେଳେ ଓ ସବୁ ସ୍ଥାନରେ ମୋ ସହିତ ଅଛନ୍ତି ବୋଲି ତାଙ୍କର ଅଲୌକିକତା, ମହାନତା ଓ ଦୀପ୍ତି ମାଧ୍ୟମରେ ମୋତେ ସୂଚନା ଦେଉଥିଲେ । ନିଜର ମହିମା ଓ ଭକ୍ତମାନଙ୍କ ପ୍ରତି ଅସାମାନ୍ୟ କୃପା ପ୍ରଦର୍ଶନ ପୂର୍ବକ ସେ ମୋତେ ତାଙ୍କ ଉପସ୍ଥିତିର ପ୍ରମାଣ ଦେଉଥିଲେ । ସେ କହିଥିଲେ ''ମୋ ପ୍ରେମର ପ୍ରାଚୁର୍ଯ୍ୟ ସମଗ୍ର ପୃଥିବୀରେ ଅନୁଭୂତ ହେବ । ଏପରିକି ଆଜି ମଧ୍ୟ ଜଣେ ଅନୁଭବ କରି ପାରିବ ।''

ସ୍ୱାମୀଙ୍କର କାର୍ଯ୍ୟ ସମ୍ପାଦନ କଲାବେଳେ ଯଦି 'ଏହି ଦାସ'ଠାରେ ଅହଂକାର ଦେଖାଦିଏ ତେବେ ବାବା ତାଙ୍କ ଉପରୋକ୍ତ ସନ୍ଦେଶରେ ଦିଆଯାଇଥିବା ସୂଚନା ଅନୁସାରେ ପ୍ରତ୍ୟାହାର ପନ୍ଥା ଅବଲମ୍ବନ ପୂର୍ବକ ଉଚିତ ଶିକ୍ଷା ଦେଇଥାନ୍ତି । ସେ ତାଙ୍କର ଦିବ୍ୟ ଜ୍ୟୋତି ମାଧ୍ୟମରେ ମୋ ମସ୍ତିଷ୍କ ମଧ୍ୟକୁ ଜ୍ଞାନ ସଂଚରଣ କରିଥାନ୍ତି । ଏହା ପର ପୃଷ୍ଠାରେ ବର୍ଣ୍ଣନା କରାଯିବ ।

ସେ ୧୯୭୪ ମସିହା ମେ ମାସ ୫ ତାରିଖ ଦିନ ଆରୁଶାରେ ମୋତେ ଦୁର୍ଘଟଣା ଜନିତ ମୃତ୍ୟୁମୁଖରୁ ଉଦ୍ଧାର କରି ନୂତନ ଜୀବନ ପ୍ରଦାନ କରିଥିଲେ । କେତେବର୍ଷ ପରେ ମୋର ଅଚଳ ଗୋଡ଼କୁ ମାତ୍ର କେତୋଟି ସେକେଣ୍ଡ ମଧ୍ୟରେ ସମ୍ପୂର୍ଣ୍ଣ ଭଲ କରି ଦେଇଥିଲେ । ଏହି ଘଟଣା ଏହି ପୁସ୍ତକର ୩୩ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି ।

ସ୍ୱାମୀଙ୍କର କେତୋଟି ଦିବ୍ୟ ସନ୍ଦେଶ ଉଦ୍ଧାର କରି ଏହି ଅଧ୍ୟାୟଟି ଶେଷ କରିବା ।

''ମୁଁ ଆସିଛି ତୁମ ହୃଦୟରେ ପ୍ରେମର ପ୍ରଦୀପ ପ୍ରଜ୍ୱଳିତ କରିବା ପାଇଁ । ମୁଁ ଦେଖିବାକୁ ଚାହେଁ ଏହି ପ୍ରେମାଲୋକର ଉଜ୍ଜ୍ୱଳତା ଦିନକୁ ଦିନ ବୃଦ୍ଧି ପାଉ । ମୁଁ ମୋ

ମିଶନ ସମ୍ପର୍କରେ ଭାଷଣ ଦେବାକୁ କିମ୍ୱା କୌଣସି ସମ୍ପ୍ରଦାୟ ବା ଧର୍ମବିଶ୍ୱାସ ବା କାର୍ଯ୍ୟ-କାରଣ ସମ୍ପର୍କରେ ପ୍ରଚାର କରିବାକୁ ଆସି ନାହିଁ। ଅଥବା କୌଣସି ନିର୍ଦ୍ଦିଷ୍ଟ ମତବାଦ ପାଇଁ ଅନୁଗାମୀ ସଂଗ୍ରହ କରିବାକୁ ଆସି ନାହିଁ। ଶିଷ୍ୟ ବା ଭକ୍ତମାନଙ୍କୁ ମୋ ହାତ ମୁଠାରେ ରଖିବାକୁ କିମ୍ୱା ଅନ୍ୟ କୌଣସି ଗୋଷ୍ଠୀକୁ ଆକର୍ଷିତ କରିବା ପାଇଁ ମୋର କୌଣସି ଯୋଜନା ନାହିଁ। ଏକନିଷ୍ଠ ବିଶ୍ୱାସ, ଆଧ୍ୟାତ୍ମିକ ନୀତି ନିୟମ ଏବଂ ପ୍ରେମର ପଥ, ପ୍ରେମର ମହତ୍ତ୍ୱ, ପ୍ରେମପୂର୍ଣ୍ଣ କର୍ତ୍ତବ୍ୟ ଏବଂ ପ୍ରେମର ବାଧ୍ୟବାଧକତା କଥା କହିବାକୁ ମୁଁ ଆସିଛି।''

''ପ୍ରାର୍ଥନା ବା ପୂଜାର ଆବଶ୍ୟକତା, ମାନବର ଭ୍ରାତୃତ୍ୱ ଓ ଈଶ୍ୱରଙ୍କ ପିତୃତ୍ୱ, ସମସ୍ତଙ୍କ ପାଇଁ ପ୍ରେମର ଅଭ୍ୟାସ ଇତ୍ୟାଦି ଉପରେ ଗୁରୁତ୍ୱ ଦେଇ ସବୁ ଧର୍ମରେ ବିଶ୍ୱମୟ ମାନବିକ ମୂଲ୍ୟବୋଧ କଥା କୁହାଯାଇଛି। ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ, ବୌଦ୍ଧ ଏବଂ ଜୀଉମାନଙ୍କର ଧର୍ମରେ ପ୍ରାର୍ଥନାର ନିର୍ଦ୍ଦିଷ୍ଟ ନୀତି ବା ଢଙ୍ଗ ରହିଥିଲେ ମଧ୍ୟ ପ୍ରତ୍ୟେକ ଈଶ୍ୱରଙ୍କ କୃପା ପାଇବା ପାଇଁ ଉଦ୍ୟମ କରନ୍ତି।''

❑❑

ଅଧ୍ୟାୟ - ୩

ପରମପ୍ରିୟ ସ୍ୱାମୀଙ୍କ ସହିତ ମହାଶିବରାତ୍ରି

'ସତ୍ୟମ୍‌—ଶିବମ୍‌—ସୁନ୍ଦରମ୍‌'ର ପ୍ରଥମ ଭାଗରେ ମୁଁ ମହାଶିବରାତ୍ରି (ପ୍ରତିବର୍ଷ ଫେବୃୟାରୀ ବା ମାର୍ଚ୍ଚ ମାସର ପୂର୍ଣ୍ଣିମା ପୂର୍ବରୁ କୃଷ୍ଣପକ୍ଷର ଏକ ପବିତ୍ର ରାତ୍ରି) ସମ୍ପର୍କରେ ପଢ଼ିଥିଲି । ଏହି ଉତ୍ସବରେ ସ୍ୱାମୀ ଲିଙ୍ଗୋଦ୍ଭବ କରିଥାନ୍ତି । ନିଜ ଶରୀର ମଧ୍ୟରେ ସେ ଏକ ବା ଏକାଧିକ ଲିଙ୍ଗ ସୃଷ୍ଟି କରିଥାନ୍ତି ଏବଂ ଶିବରାତ୍ରିଦିନ ନିଜ ମୁଖ ଗହ୍ୱର ଦେଇ ବହାରକୁ ଆଣିଥାନ୍ତି । ଗୋଟିଏ ଲିଙ୍ଗର ଆକୃତି ଅଣ୍ଡାକାର । ଏହା ସୃଷ୍ଟିର ସଂକେତ ରୂପେ ବିବେଚିତ ହୁଏ । ଏହା ଆଦ୍ୟ ପ୍ରାନ୍ତ ନ ଥିବା ସାକାର ଓ ନିରାକାରର ମିଶ୍ରଣ ପ୍ରକ୍ରିୟାର ପ୍ରତୀକ ।

ମୁଁ ତେଣୁ ପ୍ରଶାନ୍ତି ନିଳୟମ୍‌ ଯିବା ପାଇଁ ସ୍ଥିର କଲି ଏବଂ ୧୯୬୦ ମସିହା ମାର୍ଚ୍ଚ ମାସରେ ପଡୁଥିବା ଶିବରାତ୍ରିର ଛଅଦିନ ପୂର୍ବରୁ ସେଠାରେ ପହଞ୍ଚିଲି । ସେତେବେଳେ ସ୍ୱାମୀ ଆଶ୍ରମରେ ରହିଥିବା ଏବଂ ହଜାର ହଜାର ଭକ୍ତ ସେଠାରେ ସମବେତ ହୋଇଥିବା ମୋ ପାଇଁ ଏକ ବଡ଼ ସାନ୍ତ୍ୱନା ଥିଲା । ମହାଶିବରାତ୍ରି ପୂର୍ବଦିନ ସେଠାରେ ନିଶ୍ଚୟ ଛଅରୁ ସାତ ହଜାର ଭକ୍ତ ଉପସ୍ଥିତ ଥିଲେ । ଆଶ୍ରମର ପ୍ରାୟ ପ୍ରତ୍ୟେକ ସ୍ଥାନ ଭରପୁର ଥିଲା ଏବଂ ଲୋକମାନେ ଯେ କୌଣସି ସ୍ଥାନରେ ଏପରିକି ଖୋଲା ପଡ଼ିଆ ବା ଗଛମୂଳେ ଶୋଉଥିଲେ । ମନ୍ଦିରର ଚତୁର୍ଦ୍ଦିଗରେ ନୀରବରେ ମନ୍ତ୍ର ବା ଭଜନ ଉଚ୍ଚାରଣ କରି ଭକ୍ତମାନେ ପ୍ରଦକ୍ଷିଣ କରିବା ଏକ ପରମ୍ପରା । ସେମାନେ ମୋତେ କହିଥିଲେ ଯେ ପରମପ୍ରିୟ ସ୍ୱାମୀ ଏପରି କରିବା ଦ୍ୱାରା ତତ୍‌କ୍ଷଣାତ୍‌ ଭକ୍ତର ପ୍ରାର୍ଥନା ଶୁଣିଥାନ୍ତି । ଏହା ଶୁଣିବା ପରେ ମୁଁ ପ୍ରଭାବିତ ହୋଇଥିଲି ମାତ୍ର ଏହା ସତ୍ୟ ବୋଲି ମୋର ବିଶ୍ୱାସ ନ ଥିଲା ।

ପରଦିନ ପ୍ରଭାତରେ ମନ୍ଦିର ଭିତରେ ଭକ୍ତମାନେ ଭରପୁର ହୋଇଯାଇଥିବାରୁ ମୁଁ ଭିତରକୁ ପ୍ରବେଶ କରିବା ପାଇଁ ସୁଯୋଗ ପାଇ ନ ଥିଲି । ମୁଁ ପ୍ରାର୍ଥନା କଲି "ଯଦି ତୁମେ ପ୍ରକୃତରେ ଭଗବାନ ତେବେ ତୁମେ ନିଶ୍ଚୟ ମନ୍ଦିର ଭିତରେ ମୋତେ ସ୍ଥାନ ଦେବ । ତାହାହେଲେ ମୁଁ ମନ୍ଦିରକୁ ଶହେଥର ପ୍ରଦକ୍ଷିଣ କରିବି ।" ପର ମୁହୂର୍ତ୍ତରେ ମୋତେ ବିସ୍ମିତ କରି ସ୍ୱାମୀ ଭିତରେ ବସିଥିବା ଲୋକମାନଙ୍କୁ ଆଗକୁ ଘୁଞ୍ଚିଯିବା ପାଇଁ

ନିର୍ଦ୍ଦେଶ ଦେଲେ ଏବଂ ଏପରି କରି ସେ ଅଧିକ ପୁରୁଷ ଓ ମହିଳା ଭକ୍ତଙ୍କ ପାଇଁ ମନ୍ଦିର ଭିତରେ ସ୍ଥାନ ସୃଷ୍ଟି କରିଥିଲେ । ସେ ନ କହିବା ପର୍ଯ୍ୟନ୍ତ ଆଉ କାହାରିକୁ ଭିତରକୁ ନ ଛାଡ଼ିବା ପାଇଁ ସ୍ୱେଚ୍ଛାସେବକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତା'ପରେ ସେ ମୋ ପାଖକୁ ଆସିଲେ ଏବଂ କହିଥିଲେ "ହଁ ଡାକ୍ତର, ସ୍ୱାମୀ ତୁମ ପ୍ରାର୍ଥନା ଶୁଣିଛନ୍ତି ।" ଏହାପରେ ମୁଁ ମନ୍ଦିର ଭିତରେ ଥିବା ଶିରିଡ଼ି ବାବାଙ୍କର ରୌପ୍ୟ ପ୍ରତିମୂର୍ତ୍ତି ଉପରେ ବିଭୂତି ଅଭିଷେକ ଦେଖିବାର ସୁଯୋଗ ପାଇଥିଲି । ସ୍ୱାମୀଙ୍କ ଦ୍ୱାରା ଶିରିଡ଼ି ବାବାଙ୍କ ରୌପ୍ୟ ପ୍ରତିମୂର୍ତ୍ତି ଉପରେ ପଞ୍ଚାମୃତ (ଘିଅ, କ୍ଷୀର, ଦହି, ମହୁ ଓ ଗୁଡ଼ର ମିଶ୍ରଣ) ଢାଳି ଅଭିଷେକ (ଭଗବାନଙ୍କ ପ୍ରତିମୂର୍ତ୍ତିର ଉତ୍ସବ ମୁଖରିତ ସ୍ନାନ) ଆରମ୍ଭ ହୋଇଥିଲା । ତାପରେ ପ୍ରତିମୂର୍ତ୍ତି ଉପରେ ପାଣି ଢାଳି ସଫା କରାଯାଇଥିଲା ଏବଂ ସ୍ୱାମୀ ମୂର୍ତ୍ତିକୁ ଶୁଖିବା ପାଇଁ ପୋଛି ଦେଇଥିଲେ ।

ଏହାପରେ ପ୍ରଫେସର କସ୍ତୁରୀ ପ୍ରତିମୂର୍ତ୍ତି ଉପରେ ଏକ ଶୂନ୍ୟପାତ୍ର ତଳମୁହାଁ କରି ଧରିଲେ ଏବଂ ସ୍ୱାମୀ ପାତ୍ର ଭିତରକୁ ନିଜ ହସ୍ତ ପ୍ରବେଶ କରାଇଥିଲେ । ଏଥର ଦେଖନ୍ତୁ ଶୂନ୍ୟପାତ୍ର ଭିତରୁ ଦିବ୍ୟ ବିଭୂତି ରୌପ୍ୟ ପ୍ରତିମୂର୍ତ୍ତି ଉପରେ ଝରିବାକୁ ଲାଗିଲା । ସ୍ୱାମୀ ଶୂନ୍ୟପାତ୍ର ମଧ୍ୟରୁ ହାତ ବାହାର କରିଦେବା ମାତ୍ରେ ଏହି ବିଭୁତିର ସ୍ରୋତ ବନ୍ଦ ହୋଇ ଯାଉଥିଲା । ପୁନର୍ବାର ସ୍ୱାମୀ ଶୂନ୍ୟପାତ୍ର ମଧ୍ୟକୁ ହସ୍ତ ପ୍ରବେଶ କରାଇଲେ ବିଭୂତି ଝରିବା ଆରମ୍ଭ ହୋଇ ଯାଉଥିଲା ।

ଏହି ବିଭୂତି ଅଭିଷେକ ଦେଖୁଥିଲାବେଳେ ମୁଁ ମନ୍ଦିରକୁ ଏକଶତଥର ପ୍ରଦକ୍ଷିଣ କରିବା କଥା ଭୁଲିଯାଇ ନ ଥିଲି । ଅଭିଷେକ ପରେ ଏହି ପ୍ରଦକ୍ଷିଣ କାର୍ଯ୍ୟ ଶେଷ କରି ମୁଁ ଅପରାହ୍ନର ପ୍ରାରମ୍ଭରେ ପୁଣି ସଭା ଗୃହକୁ ଫେରିଆସିଥିଲି । ମୋର ସୌଭାଗ୍ୟ ମୁଁ ମଞ୍ଚର ଖୁବ୍ ନିକଟରେ ବସିବାର ସୁଯୋଗ ପାଇଥିଲି । ଏହି ମଞ୍ଚ ଉପରେ ସ୍ୱାମୀ ସ୍ଥାନ ଗ୍ରହଣ କରି ଲିଙ୍ଗୋଭବ ଲୀଳା ପ୍ରଦର୍ଶନ କରିବା କଥା । ମଞ୍ଚ ନିକଟରେ ବସିଥିବାରୁ ମୋତେ ସ୍ୱାମୀଙ୍କ ମୁଖରୁ ନିର୍ଗତ ଲିଙ୍ଗକୁ ଦେଖିବାର ସୁଯୋଗ ମିଳିବ ବୋଲି ମୁଁ ନିଶ୍ଚିତ ଥିଲି ।

ବାବା ପ୍ରାୟ ସନ୍ଧ୍ୟା ୭ଟାରେ ଦର୍ଶନ ଦେଲେ ଏବଂ ତାଙ୍କ ସିଂହାସନରେ ଉପବେଶନ କଲେ । ଭଜନର କ୍ରମ ବର୍ଦ୍ଧମାନ ଉଚ୍ଛ୍ୱାସ ଲାଗି ରହିଥିଲା ଏବଂ ପରିବେଶ ଉଚ୍ଚ ଦୈବୀ ସମ୍ପନ୍ନ ହୋଇ ଉଠିଥିଲା । ଏହି ସମୟରେ ସ୍ୱାମୀ ଲିଙ୍ଗର ସହଜ ନିର୍ଗମନ ପାଇଁ ଗ୍ଲାସ ପରେ ଗ୍ଲାସ୍ ପାଣି ପିଇବା ଆରମ୍ଭ କଲେ ଏବଂ ହଠାତ୍ ସ୍ୱାମୀଙ୍କୁ ଭୀଷଣ କଷ୍ଟ ହେଲା ଭଳି ମନେ ହେଲା । ସେ ଆଗକୁ ଝୁଙ୍କି ପଡ଼ିଲେ ଏବଂ ନିଜ ମୁଖରୁ ଏକ ସୁବର୍ଣ୍ଣ ଲିଙ୍ଗ ବାହାର କଲେ । ଏହି ଲିଙ୍ଗକୁ ସ୍ୱାମୀ ନିଜ ଦକ୍ଷିଣ ହସ୍ତରେ ଧାରଣ କରି ସମସ୍ତଙ୍କୁ ଦେଖାଇଲେ ।

ତଥାପି ବାବା ନିଜ ସ୍ଥାନରୁ ଉଠି ନ ଥିଲେ ଏବଂ ମୋ ନିକଟରେ ବସିଥିବା ଜଣେ ବ୍ୟକ୍ତି ମୋତେ କହିଥିଲେ "ଆମେ ଅତ୍ୟନ୍ତ ଭାଗ୍ୟବାନ୍ କାରଣ ମୁଁ ଭାବୁଛି ବାବା ଆଉ ଗୋଟିଏ ଲିଙ୍ଗ ଉଦ୍ଭବ କରିବେ ।" କିଛି ସମୟ ପରେ ବାବା ଅଧିକ ପାଣି ପିଇ ନିଜ ମୁଖ ମଧ୍ୟରୁ ଗୋଟିଏ ରୌପ୍ୟ ନିର୍ମିତ ଲିଙ୍ଗ ବାହାର କଲେ । ଏହାର ଆକୃତି ସୁବର୍ଣ୍ଣ ଲିଙ୍ଗ ପରି ଥିଲା, ପ୍ରାୟ ଏକ ଇଞ୍ଚରେ ଦେଢ଼ ଇଞ୍ଚ (୨.୫ ସେ.ମି. × ୩.୫ ସେ.ମି.) ।

ତଥାପି ସ୍ୱାମୀ ସ୍ଥାନ ଛାଡ଼ି ଚାଲିଯାଇ ନ ଥିଲେ । ଭଜନ ନିରବଚ୍ଛିନ୍ନ ଭାବରେ ଚାଲିଥିଲା । ଭକ୍ତମାନେ ପାଟି କରି ଉଠିଲେ "ସେ ତୃତୀୟ ଲିଙ୍ଗ ଉଦ୍ଭବ କରୁଛନ୍ତି ।" ସେ ପୁଣି ଯଥେଷ୍ଟ ପାଣି ପିଇଲେ । ଫଳରେ ତାଙ୍କ ମୁଖରୁ ଗୋଟିଏ ମାର୍ବଲର ଲିଙ୍ଗ ବାହାରି ଆସିଲା । ସେ ସଙ୍ଗେ ସଙ୍ଗେ ଠିଆ ହୋଇପଡ଼ିଲେ ଏବଂ ଶୀଘ୍ର ନିଜ କୋଠରୀକୁ ଚାଲିଗଲେ ।

ପରଦିନ ସକାଳେ ପରମପ୍ରିୟ ସ୍ୱାମୀ ଶୂନ୍ୟ ପାତ୍ରରୁ ଝରିଥିବା ବିଭୁତିର ପ୍ୟାକେଟ ନିଜ ହାତରେ ବାଣ୍ଟିଥିଲେ । ଯେତେବେଳେ ସେ ମୋ ନିକଟକୁ ଆସିଲେ ମୋ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଥିଲେ ତୁମର ବହୁତ ସନ୍ଦେହ ରହିଛି । ସ୍ୱାମୀଙ୍କୁ ବୁଝିବା ପାଇଁ ତୁମକୁ ବାରମ୍ବାର ଆସିବାକୁ ପଡ଼ିବ ।"

ସ୍ୱାମୀଙ୍କର ଇଚ୍ଛା ଥିବାରୁ ମୁଁ ବାରମ୍ବାର ପ୍ରଶାନ୍ତି ନିଳୟମ୍କୁ ଆସିବା ଉଚିତ । ମୁଁ ପ୍ରାୟ ମୋର ସମସ୍ତ ଛୁଟିଦିନମାନଙ୍କରେ ସ୍ୱାମୀଙ୍କ ଦିବ୍ୟ ଉପସ୍ଥିତିରେ ସମୟ ଅତିବାହିତ କରିବାକୁ ଲାଗିଲି । ମୁଁ ଶପଥ କଲି ଯେ ଯଦି ସେ ମୋର ସନ୍ଦେହ ଦୂର କରିବାରେ ସାହାଯ୍ୟ କରନ୍ତି ତେବେ ମୁଁ ମୋର ବଳକା ଜୀବନ ତାଙ୍କ ସେବାରେ କଟାଇବି । ବେଳେବେଳେ ସେ ମୋତେ ଏକାଦିକ୍ରମେ ୧୫ରୁ ୪୫ ଦିନ ପର୍ଯ୍ୟନ୍ତ ଅଟକାଇ ଦିଅନ୍ତି । ଏହି ଦିନଗୁଡ଼ିକରେ ମୁଁ ତାଙ୍କ କୃପା ପାଇବା ଆଶାରେ ଏବଂ ତାଙ୍କ ଇଚ୍ଛା ଅନୁସାରେ ତାଙ୍କ ଦିବ୍ୟ ଉପସ୍ଥିତିରେ ସମୟ ଅତିବାହିତ କରୁଥିଲି । ସେ ସର୍ବଜ୍ଞ ହୋଇଥିବାରୁ ମୋର ସମସ୍ତ ସନ୍ଦେହ ସମ୍ପର୍କରେ ଜାଣିଥାନ୍ତି । ସେ ଦୟାପରବଶ ହୋଇ ଲୀଳା ଓ ମହିମା ପ୍ରଦର୍ଶନ ଭଳି ପ୍ରତ୍ୟକ୍ଷ ଅନୁଭୂତି ଓ ଆତ୍ମଉପଲବ୍ଧି ମୋତେ ପ୍ରଦାନ କରିଛନ୍ତି । ମୋ ପକ୍ଷରୁ ମୁଁ ମୋର ବାକି ଜୀବନ କାଳ ଆତ୍ମ ରୂପାନ୍ତରଣ, ଚିନ୍ତା–ବାକ୍ୟ–କର୍ମର ସମନ୍ୱୟରୁ ଜାତ ହୃଦୟର ପବିତ୍ରତା ଇତ୍ୟାଦି ସମ୍ପର୍କରେ ତାଙ୍କର ଦିବ୍ୟ ସନ୍ଦେଶ ପ୍ରସାର କରିବା ପାଇଁ ବିନିଯୋଗ କରିବି ବୋଲି ସ୍ଥିର କରିଥିଲି ।

ଦିବ୍ୟ ସନ୍ଦେଶ ମାଧ୍ୟମରେ ସ୍ୱାମୀଙ୍କର ଶିକ୍ଷାଦାନ

ବହୁ ଭକ୍ତଙ୍କ ମତରେ ସ୍ୱାମୀ ଲିଙ୍ଗୋଦ୍ଭବ ସମୟରେ ନିଶ୍ଚୟ କଷ୍ଟ ପାଉଥିବେ ଏବଂ ଏଥିପାଇଁ ସେମାନେ ଦୁଃଖ ଅନୁଭବ କରୁଥିଲେ । ସ୍ୱାମୀ ନିଜେ ମହାଶିବରାତ୍ରି ସନ୍ଦେଶରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି ।

''ପ୍ରତ୍ୟେକ ମଣିଷ ଶରୀରରେ ସୁବର୍ଣ୍ଣ ରହିଛି । ଲୌହ ଓ ଅନ୍ୟାନ୍ୟ ଧାତୁ ମଧ୍ୟ ରହିଛି । ବେଦ ଘୋଷଣା କରିଛି ଯେ ଭଗବାନ ପ୍ରତ୍ୟେକଙ୍କ ଶରୀରରେ ରସ ରୂପେ ବ୍ୟାପୀ ରହିଥାନ୍ତି । ଲିଙ୍ଗୋଦ୍ଭବର ତାତ୍ପର୍ଯ୍ୟ କଣ ? ଭଗବାନଙ୍କୁ ହିରଣ୍ୟଗର୍ଭା ବୋଲି କୁହାଯାଏ । ତାଙ୍କ ଗର୍ଭରେ ରହିଥିବା ସୁବର୍ଣ୍ଣ ରସର ଅତିଶୟ ମନ୍ଥନ ପ୍ରକ୍ରିୟା ସାଧିତ ହେଲେ ତାହା ଲିଙ୍ଗ ରୂପ ଗ୍ରହଣ କରେ । ଲିଙ୍ଗ ହେଉଛି ଏକ ପ୍ରତୀକ ।''

ପରେ ପରେ ସେ ସୁବର୍ଣ୍ଣ ଲିଙ୍ଗକୁ ହସ୍ତରେ ଧାରଣ ପୂର୍ବକ ପୁଣି କହିବାକୁ ଲାଗିଲେ—

''ତୁମେ ଯାହା ଦେଖୁଛ ସେଥିରେ ଚକ୍ଷୁ, ମୁଖ ଇତ୍ୟାଦି ସ୍ୱତନ୍ତ୍ର ଲକ୍ଷଣ ନାହିଁ । ଏହାର ପାଦ ନାହିଁ କି ମସ୍ତକ ନାହିଁ । ଏହା ଯେ କୌଣସି ଭାବରେ ରଖାଯାଇ ପାରିବ । ଏହା ନିରାକାର ଦୈବତ୍ୱର ପ୍ରତୀକ । ଏହା ସବୁକିଛିର ମୂଳ ଭିତ୍ତି । ସୁବର୍ଣ୍ଣ ରସ ଶରୀର ଭିତରେ ଲିଙ୍ଗ ଆକୃତି ଗ୍ରହଣ କରି ନିର୍ଗତ ହୋଇଥାଏ । ତୁମେ ସୁନାକୁ ତରଳାଇବା ପାଇଁ ଅଗ୍ନି ଦରକାର କରିଥାଅ । ସେହିପରି ଶରୀର ଭିତରେ ଥିବା ଅଗ୍ନି ସୁନାକୁ ତରଳାଇଦିଏ । ସେଇଥିପାଇଁ ଏହାର ନିର୍ଗମନ ସମୟରେ କଷ୍ଟ ହୋଇଥାଏ । ବାହାରକୁ ଆସିବା ପାଇଁ ଏହା ଲିଙ୍ଗର ଆକୃତି ଗ୍ରହଣ କରେ । ତୁମେ ଅନୁଭବ କର ସ୍ୱାମୀ ଲିଙ୍ଗୋଦ୍ଭବ ସମୟରେ ବହୁତ କଷ୍ଟ ପାଇଥାନ୍ତି । ଏହା ପ୍ରକୃତରେ 'ବାଧା' ନୁହେଁ ବରଂ ତୁମ ପାଇଁ 'ବୋଧ' (ଶିକ୍ଷା) । ଶିଶୁକୁ ଜନ୍ମ ଦେଲାବେଳେ ଜଣେ ମା' ପ୍ରସବ ବେଦନା ଅନୁଭବ କରିବା କଣ ସ୍ୱାଭାବିକ ନୁହେଁ ? ପ୍ରସବ ସମୟରେ ଜଣେ ମା' ଭୀଷଣ କଷ୍ଟ ପାଇଲା ବୋଲି କଣ ଶିଶୁକୁ ଅଭିଶାପ ଦିଏ ? ବରଂ ସେ ଶିଶୁର ଭଲ ପାଇଁ ସବୁବେଳେ ପ୍ରାର୍ଥନା କରେ । ସେହିପରି ଭାବରେ ସ୍ୱାମୀ ଲିଙ୍ଗୋଦ୍ଭବ ସମୟରେ କୌଣସି ପ୍ରକାର କଷ୍ଟ ଅନୁଭବ କରନ୍ତି ନାହିଁ । ମୁଁ ଏହାକୁ 'ବାଧା' ବୋଲି ଅନୁଭବ କରେ ନାହିଁ ବରଂ ମୁଁ ଖୁସି ଯେ ତୁମ ଭିତରୁ ଅନେକଙ୍କୁ ମୁଁ ତାତ୍ପର୍ଯ୍ୟପୂର୍ଣ୍ଣ 'ବୋଧ' ପ୍ରଦାନ କରୁଛି । ଭଗବାନଙ୍କର ସ୍ୱଭାବରେ କୌଣସି ପ୍ରକାର ଦୁଃଖ, କଷ୍ଟ ଓ ବାଧାବିଘ୍ନ ନାହିଁ ।''

''ତୁମେ ଅନୁଭବ କର ସ୍ୱାମୀ ଅତି କଷ୍ଟ ଓ ଦୁର୍ଦ୍ଦଶା ଭୋଗ କରୁଛନ୍ତି । ଏହି ଲିଙ୍ଗ ସର୍ଜନାରେ ସୁବିଧା ହେବା ପାଇଁ ମୋ ଶରୀର ଏକ ଚୁମ୍ବକରେ ପରିଣତ ହୁଏ । ଏହି କାରଣରୁ ମୁଁ ତିନିଦିନ ପୂର୍ବରୁ ଚାଲିବା ପାଇଁ କଷ୍ଟ ଅନୁଭବ କରେ । ଚୁମ୍ବକୀୟ ଆକର୍ଷଣ ଯୋଗୁ ମୋ ପାଦ ଭୂମି ଉପରେ ଲାଗିଯାଏ । ସେହିପରି ଯେ କୌଣସି ପଦାର୍ଥକୁ ସ୍ପର୍ଶ କଲେ ସେସବୁ ହାତରେ ଲାଗି ଯାଆନ୍ତି । ଏହା ମୋ ପାଇଁ କିଛି କଷ୍ଟ ନୁହେଁ । ଏହା ସ୍ୱାଭାବିକ କାରଣ ମୋ ଶରୀର ଏକ ଚୁମ୍ବକରେ ପରିଣତ ହୋଇଥାଏ । ସମସ୍ତେ ଏଭଳି ଏକ ଶକ୍ତିଶାଳୀ ଆକର୍ଷଣକୁ ସହି ପାରିବେ ନାହିଁ । କେବଳ ଭଗବାନଙ୍କ ଶରୀରରେ ତୁମେ ଏଭଳି ଉଚ୍ଚଶକ୍ତି ସମ୍ପନ୍ନ ଚୁମ୍ବକୀୟ ଶକ୍ତି ପାଇବ । ଏସବୁ ଘଟଣା



ମହାଶିବ ରାତ୍ରି ଉତ୍ସବରେ ପ୍ରଫେସର କସ୍ତୁରୀ ଧରିଥିବା ଖାଲି ପାତ୍ରରୁ ଶିରିଡ଼ି ସାଇଙ୍କ ପ୍ରତିମୂର୍ତ୍ତି ଉପରେ ବାବାଙ୍କ ଦ୍ୱାରା ସୃଷ୍ଟ ବିଭୂତିର ଅବିଚ୍ଛିନ୍ନ ବର୍ଷଣର ଦୃଶ୍ୟ ।

ସମସ୍ତଙ୍କୁ ଦେଖାଇ ହେବ ନାହିଁ । ପ୍ରତ୍ୟେକ ମଣିଷର ଶରୀର ଭିତରେ ମଧ୍ୟ ଏଭଳି ଚୁମ୍ବକୀୟ ଶକ୍ତି ରହିଛି । ମାତ୍ର ତା'ର ପ୍ରକଟନରେ କେତେକ ପ୍ରତିବନ୍ଧକ ରହିଛି । ଯାହାହେଉ ଭଗବାନଙ୍କ କ୍ଷେତ୍ରରେ ଏଭଳି କୌଣସି ପ୍ରତିବନ୍ଧକ ନ ଥାଏ । ଯଦିଓ ଭଗବାନ ଏହି ସୀମାକୁ ଅତିକ୍ରମ କରି ପାରନ୍ତି ତଥାପି ମଣିଷ ଏଥିରେ କେତେକ ପ୍ରତିବନ୍ଧକ ସୃଷ୍ଟି କରିଥାଏ ।''

''ଚୁମ୍ବକୀୟ ଶକ୍ତି ଜଳ, ଖାଦ୍ୟ ଓ ଶବ୍ଦ ପ୍ରଭୃତି ସବୁଥିରେ ରହିଛି । ପ୍ରତ୍ୟେକ ପଦାର୍ଥକୁ ଏହି ଚୁମ୍ବକୀୟ ଶକ୍ତି ଘେରି ରହିଛି । ଗଭୀର ଭାବରେ ଅନୁଧାନ କଲେ ତୁମେ ଜାଣି ପାରିବ ଯେ ଏହି ଚୁମ୍ବକୀୟ ଶକ୍ତିର କୌଣସି ସୀମା ନାହିଁ । ସମଗ୍ର ବିଶ୍ୱ ଭଗବାନଙ୍କ ନିୟନ୍ତ୍ରଣାଧୀନ । ସତ୍ୟ ହିଁ ଭଗବାନଙ୍କର ମୌଳିକ ପ୍ରକୃତି । ସବୁକିଛି ଏହି ସତ୍ୟର ନିୟମ ଅନ୍ତର୍ଭୁକ୍ତ । ଯେତେବେଳେ ତୁମେ ଏହି ସତ୍ୟକୁ ଉଦ୍‌ଘାଟନ କରିବ ସେତେବେଳେ ସମସ୍ତ ଦୈବୀ ଶକ୍ତି ତୁମଠାରେ ଦେଖାଦେବ । ସତ୍ୟ ମହତ୍ ଆତ୍ମାର ନିୟନ୍ତ୍ରଣାଧୀନ । କିଏ ମହତ୍ ଆତ୍ମା ? ସେ ପ୍ରେମ, ଶାନ୍ତି ଓ ଦୟାର ଅଧିକାରୀ । ଏହି ମହତ୍ ଆତ୍ମାମାନେ ଯଥାର୍ଥରେ ଶ୍ରେଷ୍ଠ ଦୈବୀ ଶକ୍ତିର ଅଧିକାରୀ ।''

''ଜଣେ କାର ଚଳାଉଥିବା ବ୍ୟକ୍ତିର କାରକୁ ନିୟନ୍ତ୍ରଣ କରିବାର ଦକ୍ଷତା ଥିବା ଦରକାର । ଯଦି କାର ଚଳାଉଥିବା ବ୍ୟକ୍ତିର ଗାଡ଼ି ଉପରେ ନିୟନ୍ତ୍ରଣ ନ ରହେ ତେବେ ଦୁର୍ଘଟଣା ଘଟିବା ନିଶ୍ଚିତ ।''

''ଆମ ଶରୀର ଚୁମ୍ବକୀୟ କାର ସହିତ ତୁଳନୀୟ । ଆଖି ହେଉଛି 'ହେଡ଼ ଲାଇଟ୍' । ମୁଖ 'ହର୍ଣ୍ଣ', ମନ 'ଷ୍ଟିୟରିଂ' ଏବଂ ପାକସ୍ଥଳୀ ହେଉଛି 'ପେଟ୍ରୋଲ ଟାଙ୍କି' । ମଣିଷ ଜୀବନର ଚାରୋଟି ଲକ୍ଷ୍ୟ ଯଥା ଧର୍ମ, ଅର୍ଥ, କାମ ଓ ମୋକ୍ଷ, ଚାରୋଟି 'ଟାୟାର' ସଦୃଶ । ଏହି ଟାୟାର ଭିତରେ ବିଶ୍ୱାସର 'ପବନ' ଭରିବାକୁ ପଡ଼ିବ । ଆଗ ଟାୟାରରେ ଥିବା ବାୟୁ ଚାପ ପଛ ଟାୟାରର ବାୟୁଚାପଠାରୁ ଭିନ୍ନ ହୋଇଥାଏ । ଟାଙ୍କି (ପାକସ୍ଥଳୀ)ରେ ରହିଥିବା ପେଟ୍ରୋଲ (ଖାଦ୍ୟ) ବିଶୁଦ୍ଧ ଓ ପବିତ୍ର ହେବା ଉଚିତ । ଯେତେବେଳେ ପେଟ୍ରୋଲରେ ମଇଳା ରହେ ସେତେବେଳେ ପେଟ୍ରୋଲ ପ୍ରବାହରେ ବାଧା ସୃଷ୍ଟି ହୁଏ । ତେଣୁ ସାତ୍ତ୍ୱିକ ଖାଦ୍ୟ ଖାଇବା ଉଚିତ । ଯେଉଁ ଜଳ ଆମେ ପାନ କରୁ ତାହା ମଧ୍ୟ ବିଶୁଦ୍ଧ ଓ ପ୍ରଦୁଷଣମୁକ୍ତ ହେବା ଦରକାର । କାର ଯେତେବେଳେ ଭଲ ଅବସ୍ଥାରେ ଥାଏ କେବଳ ସେତିକିବେଳେ ତାହା ଆମକୁ ନିରାପଦରେ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଦିଏ । ମଣିଷ ଜୀବନର ପୁନର୍ବିନ୍ୟାସ ହେବ ଯେତେବେଳେ ସେ ଶରୀର ପ୍ରକ୍ରିୟାର ନୀତି ନିୟମକୁ ବୁଝି ପାରିବ ।''

''ସୁଖ ବା ଦୁଃଖ ନିଜର ଆବେଗ ଉପରେ ନିର୍ଭରଶୀଳ । ତୁମେ ଯଦି ଏହି ଶରୀରକୁ ଦୁଃଖର କାରଣ ବୋଲି ବିଚାର କିରବ ତେବେ ତାହା ହିଁ ଘଟିବ । ଅନ୍ୟ

ପକ୍ଷରେ ଯଦି ତୁମେ ଏହାକୁ ପବିତ୍ର ବୋଲି ଭାବିବ ତେବେ ତାହା ତୁମ ପାଇଁ ଆନନ୍ଦର ଉତ୍ସ ବୋଲି ମନେ ହେବ । ପ୍ରକୃତରେ ଭଗବାନଙ୍କ ସୃଷ୍ଟିରେ ମନ୍ଦ ବୋଲି କିଛି ନାହିଁ । ସବୁ କିଛି ପବିତ୍ର ଏବଂ ଚୁମ୍ବକୀୟ ଶକ୍ତିରେ ପରିପୂର୍ଣ୍ଣ । ଶରୀର ହେଉଛି ଚୁମ୍ବକୀୟ ଶକ୍ତି ଥିବା ମନ୍ଦିର ଭଳି । ତେଣୁ ତୁମେ ଯେ କୌଣସି କାର୍ଯ୍ୟ କରନା କାହିଁକି ସେସବୁ ପବିତ୍ର ହେବା ଉଚିତ । ଯେତେବେଳେ ତୁମେ ଅନ୍ୟାୟ, ଅଧର୍ମ କାର୍ଯ୍ୟ କରିବ ସେତେବେଳେ ତୁମେ ତାର ଅନୁରୂପ ଫଳ ଭୋଗ କରିବ । ଜପ, ଧ୍ୟାନ ଭଳି ଆଧ୍ୟାତ୍ମିକ ଅଭ୍ୟାସଗୁଡ଼ିକ ମାନସିକ ସନ୍ତୋଷ ଆଣିଦିଏ । ସେଗୁଡ଼ିକ ଚୁମ୍ବକୀୟ ଶକ୍ତିକୁ ପ୍ରକଟ କରି ପାରିବେ ନାହିଁ ।''

''ଭକ୍ତିର ନଅଟି ପାହାଚ ରହିଛି । ସେଗୁଡ଼ିକ ହେଲା (୧) ଶ୍ରବଣମ୍ (ଶୁଣିବା) (୨) କୀର୍ତ୍ତନମ୍ (ଭଜନ କରିବା), (୩) ବିଷ୍ଣୁ ସ୍ମରଣମ୍ (ଭଗବାନଙ୍କୁ ମନେ ପକାଇବା), (୪) ପଦସେବନମ୍ (ଭଗବାନଙ୍କ ପାଦପଦ୍ମର ସେବା କରିବା), (୫) ବନ୍ଦନମ୍ (ଶ୍ରଦ୍ଧା ପ୍ରଦର୍ଶନ), (୬) ଅର୍ଚ୍ଚନମ୍ (ପୂଜା କରିବା), (୭) ଦାସ୍ୟମ୍ (ସେବା କରିବା), (୮) ସ୍ନେହମ୍ (ସଖା ଭଳି ଦେଖିବା) ଏବଂ (୯) ଆତ୍ମନିବେଦନମ୍ (ସମ୍ପୂର୍ଣ୍ଣ ଆତ୍ମସମର୍ପଣ) ।''

''ତେଣୁ ତୁମେ ଭଗବାନଙ୍କ ସହିତ ସଖ୍ୟ ଭାବ ପୋଷଣ କର । ସ୍ନେହ ବ୍ୟତିରେକେ ତୁମେ ଆତ୍ମନିବେଦନ ସ୍ତରରେ ପହଞ୍ଚି ପାରିବ ନାହିଁ । ଯେ ପର୍ଯ୍ୟନ୍ତ ତୁମେ ଏହି ଅବସ୍ଥାରେ ପହଞ୍ଚି ପାରି ନାହଁ ସେ ପର୍ଯ୍ୟନ୍ତ ତୁମେ ଦୈବୀ ଚୁମ୍ବକୀୟ ଶକ୍ତିର ବ୍ୟାପକତା ବୁଝିପାରିବ ନାହିଁ । ତୁମେ ଯେ କୌଣସି କାର୍ଯ୍ୟ କରନା କାହିଁକି ତାର ମୂଳ ଭିତ୍ତି ହେଉଛି ଚୁମ୍ବକୀୟ ଶକ୍ତି ।''

''ତୁମେ ସବୁକିଛି ଭୁଲିଯାଇ ପାର ମାତ୍ର ଭଗବାନଙ୍କୁ କଦାପି ଭୁଲ ନାହିଁ । ତାହା ନିଜକୁ ଭୁଲିଯିବା ସହିତ ସମାନ । ପୁରାତନ କାଳରେ ଲୋକମାନେ ଦୀର୍ଘଦିନ ବଞ୍ଚୁଥିଲେ । କାରଣ ସେମାନେ ନିରବଚ୍ଛିନ୍ନ ଭାବରେ ଭଗବାନଙ୍କର ନାମ ସ୍ମରଣ କରୁଥିଲେ । ସେମାନେ କୌଣସି ରୋଗରେ ପଡୁ ନ ଥିଲେ । ସେମାନେ ଅତି ସରଳ ଖାଦ୍ୟ ଗ୍ରହଣ କରୁଥିଲେ । ସେମାନଙ୍କର ଭିଟାମିନ୍ ବା ପ୍ରୋଟିନ୍ ସମ୍ପର୍କରେ ଧାରଣା ନ ଥିଲା । ସେମାନେ ଭିଟାମିନ୍ ବଟିକା ଖାଉ ନ ଥିଲେ । ଏସବୁର ଆବଶ୍ୟକତା ନ ଥିଲା କାରଣ ସେମାନେ ଖାଦ୍ୟକୁ ପ୍ରଥମେ ଭଗବାନଙ୍କୁ ଅର୍ପଣ (ବ୍ରହ୍ମାର୍ପଣ) କରୁଥିଲେ । ତୁମେ ଭଗବାନଙ୍କ ଉପରେ ନିଜର ବିଶ୍ୱାସ ଦୃଢ଼ କରି ପାରିଲେ ଜୀବନରେ ସବୁକିଛି ପାଇ ପାରିବ । ପ୍ରକୃତରେ ସେତେବେଳେ ତୁମେ ନିଜେ ଭଗବାନ ହୋଇଯାଇଥିବ । ତୁମ ଓ ଭଗବାନଙ୍କ ମଧ୍ୟରେ ସେତେବେଳେ କୌଣସି ପାର୍ଥକ୍ୟ ରହିବ ନାହିଁ । ଏହି ସତ୍ୟକୁ ନ୍ୟୂନ ବୋଲି ଭାବ ନାହିଁ । ଏହି 'ଏକତ୍ୱ' ଅବସ୍ଥାରେ ପଦାର୍ପଣ କର ।''

ସୁବର୍ଣ୍ଣ ଲିଙ୍ଗ ଭକ୍ତମାନଙ୍କୁ ଦେଖାଇ ସ୍ୱାମୀ କହିଥିଲେ– "ତୁମେ ଦେଖି ପାରିଲା ଭଳି ଲିଙ୍ଗର ଆକୃତି ଟିକେ ବଡ଼ । ଏହା ପଛରେ ଏକ ଗୂଢ଼ ଅର୍ଥ ରହିଛି । ଏହା ପାଞ୍ଚତୋଳା ଓଜନର । ପ୍ରତ୍ୟେକ ମଣିଷ ଶରୀରରେ ଏହିପରି ପାଞ୍ଚତୋଳା ଓଜନର ସ୍ୱର୍ଣ୍ଣରସ ରହିଛି । ଏହା ହିରଣ୍ୟଗର୍ଭ ନାମରେ ପରିଚିତ । ତୁମେ ଜାଣିଥାଇ ପାର ଯେ ସୁନାର କେତେକ ଔଷଧୀୟ ଗୁଣ ରହିଛି । ସୁନା ମଣିଷ ଶରୀର ମଧ୍ୟରେ ଶକ୍ତିର ପ୍ରତିନିଧିତ୍ୱ କରେ ଏବଂ ଏହା ଶରୀରର ଉଜ୍ଜ୍ୱଳତାର କାରଣ । ପ୍ରତ୍ୟେକଙ୍କ ଶରୀରରେ ରହିଥିବା ସୁନା ଏହି ଆକୃତିର । ଏହି ସ୍ୱର୍ଣ୍ଣରସ ଯୋଗୁ ଆଖି ଦେଖିପାରେ ଏବଂ କାନ ଶୁଣିପାରେ । ଆମ ଜିହ୍ୱାରେ ହଜାର ହଜାର ସ୍ୱାଦ କଳିକା ରହିଛି ଏବଂ ଆଖିରେ ହଜାର ହଜାର ଆଲୋକ ରଶ୍ମୀ ରହିଛି । ଆଖି, ଜିଭ ଏବଂ ଅନ୍ୟାନ୍ୟ ସମ୍ବେଦନାଙ୍ଗ ଶରୀର ମଧ୍ୟରେ ଥିବା ଚୁମ୍ବକୀୟ ଶକ୍ତିରୁ ନିଜ ନିଜର ଶକ୍ତି ସଂଗ୍ରହ କରନ୍ତି । ସ୍ୱର୍ଣ୍ଣରସ ସୁରକ୍ଷା କବଚ ଭଳି ସମଗ୍ର ଶରୀରକୁ ବ୍ୟାପୀ ରହିଥାଏ । ବାହ୍ୟ ଚର୍ମ ତଳକୁ ଏକ ପତଳା ଶ୍ୱେତ ଚର୍ମ ରହିଥାଏ । ଏହା ରକ୍ତର ସୁରକ୍ଷା ପର୍ଦ୍ଦାଭଳି କାର୍ଯ୍ୟ କରେ । ଯେତେବେଳେ ଏହି ଶ୍ୱେତପର୍ଦ୍ଦା କଟିଯାଏ ସେତେବେଳେ ରକ୍ତ ବାହାରି ଆସିଥାଏ । ବାହ୍ୟଚର୍ମ ତଳେ ଭଗବାନ ଏହି ଶ୍ୱେତଚର୍ମକୁ ସୁରକ୍ଷା ଉଦ୍ଦେଶ୍ୟରେ ରଖିଥାନ୍ତି । ଭଗବାନ ଯାହା କରନ୍ତି ସେସବୁ ସମସ୍ତଙ୍କର ମଙ୍ଗଳ ପାଇଁ । ଆମେ ଯେଉଁ ପ୍ରାର୍ଥନା କରିଥାଉ ତାର ମୂଳ ଉଦ୍ଦେଶ୍ୟ ଏହାଛଡ଼ା ଅନ୍ୟ କିଛି ନୁହେଁ । 'ଲୋକାଃ ସମସ୍ତା ସୁଖିନୋ ଭବନ୍ତୁ ।"

ସତରେ ଭଗବାନଙ୍କର ଏହା ଏକ ସୁନ୍ଦର ଅର୍ଥପୂର୍ଣ୍ଣ ଦିବ୍ୟ ସନ୍ଦେଶ ନୁହେଁ କି ? ପରମପ୍ରିୟ ସ୍ୱାମୀ ଥରେ ଭକ୍ତମାନଙ୍କୁ ଲେଖିଥିଲେ "ମୋର ପ୍ରିୟ ଭକ୍ତମାନେ ! ମୋର ଆଶୀର୍ବାଦ ଓ ପ୍ରେମ ଗ୍ରହଣ କର । ପ୍ରତ୍ୟେକ ଅହଂକାରରୁ ଜନ୍ମ ଗ୍ରହଣ କରିଥାନ୍ତି ଏବଂ ଅହଂକାରରେ ମୃତ୍ୟୁବରଣ କରିଥାନ୍ତି । ପ୍ରତ୍ୟେକ ଏହିପରି ଆସନ୍ତି ଓ ଯାଆନ୍ତି । ଭଗବାନଙ୍କୁ ଉପଲବ୍ଧି କର । ସେ ତୁମ ଭିତରେ, ତୁମ ସହିତ ଏବଂ ତୁମ ଚତୁର୍ଦ୍ଦିଗରେ ରହିଛନ୍ତି । ଖୁସି ରୁହ ।"

ମୁଁ ନିଷ୍ପାପର ଓ ଆନ୍ତରିକତାର ସହିତ ମୋଠାରୁ ଅହଂକାରକୁ ଦୂରେଇ ରଖିବାକୁ ଏବଂ ସବୁଦିଗରୁ ଏହି ପୁସ୍ତକ ଲେଖା ଶେଷ ହେବା ପର୍ଯ୍ୟନ୍ତ ସାହାଯ୍ୟ କରିବାକୁ ପ୍ରାର୍ଥନା କରୁଛି ।

ହେ ଭଗବାନ ! ଅହଂକାରଠାରୁ ଦୂରରେ ରହିବାକୁ ମୋତେ ସାହାଯ୍ୟ କର ।

❑❑

ଅଧ୍ୟାୟ - ୪

ସାକ୍ଷାତ୍‌କାର, ଅଲୌକିକତା ଓ ଉପଦେଶ

୧୯୬୦ ଦଶକର ଆରମ୍ଭରେ ଯେତେବେଳେ ମୁଁ ବାରମ୍ବାର ପ୍ରଶାନ୍ତି ନିଳୟମ ଯାଉଥିଲି ସେତେବେଳେ ସ୍ୱାମୀଙ୍କର ଅଲୌକିକତା (ଇଚ୍ଛା ଅନୁସାରେ ଯେ କୌଣସି ପଦାର୍ଥ ସୃଷ୍ଟି କରିବା) ସମ୍ପର୍କରେ ସମ୍ବାଦ ଦୂର ଦୂରାନ୍ତକୁ ବହୁଳ ଭାବରେ ସଂପ୍ରସାରିତ ହେଉଥିଲା । ସାଧାରଣତଃ ସେ ବିଭୂତି (ପବିତ୍ର ଭସ୍ମ) ସୃଷ୍ଟି କରୁଥିଲେ ଏବଂ ସାକ୍ଷାତ୍‌କାର ପାଇଁ ଆସୁଥିବା ଭକ୍ତମାନଙ୍କୁ ବାଣ୍ଟୁଥିଲେ । ସେ ମଧ୍ୟ ମୁଦି, ଜପାମାଳା ପ୍ରଭୃତି ବିଭିନ୍ନ ନୈସର୍ଗିକ ପଦାର୍ଥ ସୃଷ୍ଟି କରୁଥିଲେ । ବିଶେଷଭାବରେ ବାବା ବିଭିନ୍ନ ଉପାୟରେ ତାଙ୍କର ଦୈବୀ ଶକ୍ତି ପ୍ରଦର୍ଶନ କରୁଥିଲେ । ସେଥିରୁ କେତେକ ନିମ୍ନରେ ବର୍ଣ୍ଣନା କରାଗଲା ।

ଆଶ୍ରମରେ ଭକ୍ତମାନେ ରହିବା ପାଇଁ ଯଥେଷ୍ଟ ସ୍ଥାନ ନଥିବାରୁ ଭଗବାନଙ୍କ ଦିବ୍ୟ ଆଶୀର୍ବାଦ ପାଇଁ ଆସୁଥିବା ହଜାର ହଜାର ଭକ୍ତ ବହୁ ଶାରୀରିକ କଷ୍ଟ ସହୁଥିଲେ । ଯାହା ଜଣାଯାଏ ସାକ୍ଷାତ୍‌କାର ପାଇଁ ସେତେବେଳେ ଆସୁଥିବା କୌଣସି ଭକ୍ତକୁ କିମ୍ବା ଭକ୍ତଦଳକୁ ଉପଦେଶ ଦେବା ବାବାଙ୍କର କାର୍ଯ୍ୟ ଥିଲା । ଦିନେ ମୁଁ ଗଣନା କରି ଦେଖିଲି ୪୦୦ରୁ ଅଧିକ ଭକ୍ତ ସକାଳ ୯ଟାରୁ ଅପରାହ୍ଣ ୧୨.୩୦ ପର୍ଯ୍ୟନ୍ତ ଏବଂ ଅପରାହ୍ଣ ୪.୩୦ରୁ ସଂଧ୍ୟା ୭.୩୦ ପର୍ଯ୍ୟନ୍ତ ସାକ୍ଷାତ୍‌କାର ପାଇଁ ଆସୁଥିଲେ । ୧୯୬୦ରୁ ୧୯୬୫ ପର୍ଯ୍ୟନ୍ତ ପ୍ରତ୍ୟହ ଏହା ଥିଲା ସାଧାରଣ ବ୍ୟବସ୍ଥା ।

ପରବର୍ତ୍ତୀ କାଳରେ ସ୍ୱାମୀ ବିନା ଖର୍ଚ୍ଚରେ ପଢ଼ିବା ପାଇଁ ବିଦ୍ୟାଳୟ ପ୍ରତିଷ୍ଠା କଲାପରେ ପ୍ରାୟ ଦିନକୁ ୨୦୦ ଭକ୍ତଙ୍କୁ ସାକ୍ଷାତ୍‌କାର ଦେଉଥିଲେ । ଅନନ୍ତପୁରରେ ବାଳିକାମାନଙ୍କ ପାଇଁ ଏବଂ ହ୍ୱାଇଟ୍ ଫିଲ୍‌ଡ଼ରେ ବାଳକମାନଙ୍କ ପାଇଁ ମହାବିଦ୍ୟାଳୟ ପ୍ରତିଷ୍ଠା ହେଲା ପର୍ଯ୍ୟନ୍ତ ଏପରି ସୀମିତ ସାକ୍ଷାତ୍‌କାର ବ୍ୟବସ୍ଥା ଚାଲୁ ରହିଥିଲା । ପରେ ପରେ ସେ ପ୍ରଶାନ୍ତି ନିଳୟମରେ ଉଚ୍ଚଶିକ୍ଷା ପାଇଁ ଅନ୍ୟ ମହାବିଦ୍ୟାଳୟ (କଲେଜ ଅଫ୍ ହାୟର ଲର୍ଣ୍ଣିଂ) ଓ ମାନ୍ୟତାପ୍ରାପ୍ତ ବିଶ୍ୱବିଦ୍ୟାଳୟ (ଡିମ୍‌ଡ଼ ୟୁନିଭରସିଟି) ପ୍ରତିଷ୍ଠା କରିଥିଲେ । ଏବେ ସେଠାରେ ଶ୍ରୀ ସତ୍ୟସାଇ ସଂଗୀତ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । ଏହିସବୁ ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ଶିକ୍ଷାଦାନ

ଦିଆଯାଏ ଏବଂ ଜାତି, ଧର୍ମ, ଧନୀ, ଦରିଦ୍ର ଏସବୁକୁ ବିଚାରକୁ ନ ନେଇ ଏଠାରେ ସମସ୍ତେ ସମାନ ବୋଲି ବିଚାର କରାଯାଏ ।

ସ୍ୱାମୀ କହନ୍ତି, ''ମୁଁ ଭକ୍ତମାନଙ୍କୁ କହିଥାଏ ସର୍ବଦା 'ଲୋକାଃ ସମସ୍ତା ସୁଖୀନୋ ଭବନ୍ତୁ' (ପୃଥିବୀର ସମସ୍ତ ଲୋକ ସୁଖୀ ରହନ୍ତୁ) ମନ୍ତ୍ର ଉଚ୍ଚାରଣ କରି ପ୍ରାର୍ଥନା କରିବାକୁ । ପ୍ରତ୍ୟେକ ଲୋକ ସୁଖୀ, ସ୍ୱାସ୍ଥ୍ୟବାନ ଓ ଆନନ୍ଦପୂର୍ଣ୍ଣ ରହନ୍ତୁ । ଏହିପରି ଏକ ପବିତ୍ର ମନୋଭାବ ନେଇ ମୁଁ ସମଗ୍ର ପୃଥିବୀରେ ପ୍ରେମର ବାର୍ତ୍ତା ପ୍ରସାର କରିଆସୁଛି । ପ୍ରାଥମିକ ବିଦ୍ୟାଳୟ, ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାୟର ଲର୍ଣ୍ଣିଂ)ରେ ପଢୁଥିବା ମୋର ଛାତ୍ରଛାତ୍ରୀମାନେ ସବୁବେଳେ ମୋ ପାଖେ ପାଖେ ଥାଆନ୍ତି । ସେମାନେ କେବେହେଲେ ସ୍ୱାମୀଙ୍କୁ ଛାଡ଼ି ପାରନ୍ତି ନାହିଁ ଏବଂ ସ୍ୱାମୀ ମଧ୍ୟ ସେମାନଙ୍କୁ ଛାଡ଼ିପାରିବେ ନାହିଁ । ଖୁବ୍ ବେଶୀରେ ଦେଖିବାକୁ ଗଲେ ମାନବ ଜାତି ପାଇଁ ହିଁ ମୋର ସ୍ଥିତି । ଲୋକମାନଙ୍କର ଖୁସିହିଁ ସ୍ୱାମୀଙ୍କର ଖୁସି ।''

ଏହିପରି ଭାବରେ ପରମପ୍ରିୟ ବାବା ଅଧିକରୁ ଅଧିକ ସମୟ ତାଙ୍କର ଛାତ୍ରଛାତ୍ରୀ ଏବଂ ଶିକ୍ଷାନୁଷ୍ଠାନ ପ୍ରତି ଧ୍ୟାନ ଦେବାରେ ବିନିଯୋଗ କରୁଥିଲେ । ତେଣୁ ଅଳ୍ପ ସଂଖ୍ୟକ ଭକ୍ତଙ୍କୁ ସାକ୍ଷାତ୍‌କାର ପାଇଁ ଡକାଯାଉଥିଲା । କିନ୍ତୁ ୧୯୬୧ ମସିହା ବେଳକୁ ମୋତେ ଦିନକୁ ଅତି ବେଶୀରେ ତିନିଥର ସାକ୍ଷାତ୍‌କର ମିଳୁଥିଲା । ଏହି ଦିନମାନଙ୍କରେ ସାକ୍ଷାତ୍‌କାର ବେଳେ ସେ ପ୍ରାୟ ଗଳ୍ପ ଶୁଣାନ୍ତି ଏବଂ ଧର୍ମ, ଆଧ୍ୟାତ୍ମିକତା ସଂପର୍କରେ ଉପଦେଶ ଦିଅନ୍ତି । ମୁଁ ଦେଖିଛି ବିଭୂତିକୁ ଛାଡ଼ି ସେ ଅଳଙ୍କାର, ଦେବଦେବୀଙ୍କର ମୂର୍ତ୍ତି ଏବଂ ଅନ୍ୟାନ୍ୟ ଅସଂଖ୍ୟ ବସ୍ତୁ ସୃଷ୍ଟି କରୁଥିଲେ । ଏହିସବୁ ତାଙ୍କର ସୃଷ୍ଟି ଓ ଅଲୌକିକତାର ଉଦାହରଣ ।

ବାବା କହିଥିଲେ ''ତୁମ ଭିତରୁ ଅନେକଙ୍କର ଭ୍ରମ ଧାରଣା ଅଛି ଯେ ସ୍ୱାମୀ ଯେଉଁ ମୁଦି, ଘଣ୍ଟା ବା ଅନ୍ୟାନ୍ୟ ପଦାର୍ଥ ସୃଷ୍ଟି କରୁଛନ୍ତି ସେଗୁଡ଼ିକର ନୈସର୍ଗିକ ତାତ୍ପର୍ଯ୍ୟ ରହିଛି । ଏହା ସଂପୂର୍ଣ୍ଣ ଭୁଲ୍ । ଏସବୁ ତୁମପାଇଁ ଉଜ୍ଜ୍ୱଳ ଓ ଆଦର୍ଶ ଭବିଷ୍ୟତର ଶିଖରକୁ ଉଠିବା ପାଇଁ ଗୋଟିଏ ଗୋଟିଏ ପାହାଚ । ଯେ ପର୍ଯ୍ୟନ୍ତ ତୁମେ ଏହି ପବିତ୍ର ବସ୍ତୁର ଅଧିକାରୀ ଅଛ, ତୁମଠାରୁ କେବଳ ଆଧ୍ୟାତ୍ମିକ ଚିନ୍ତା ପ୍ରକାଶ ପାଇବ ।''

ଅଲୌକିକତାକୁ ଗୁରୁତ୍ୱ ଦିଅ । ସେଗୁଡ଼ିକର ତାତ୍ପର୍ଯ୍ୟକୁ ଅତିରଂଜିତ କର ନାହିଁ । ମୋର ଶକ୍ତିର ମହାନତା ଏହି ଅଲୌକିକତା ମଧ୍ୟରେ ସୀମିତ ନୁହେଁ । ଏହା କେବଳ ମୋର ପ୍ରେମର ପରିପ୍ରକାଶ ମାତ୍ର । ଏହା ସତ୍ୟ ଯେ ମୁଁ ସ୍ୱର୍ଗକୁ ମର୍ତ୍ତ୍ୟରେ ଓ ମର୍ତ୍ତ୍ୟକୁ ସ୍ୱର୍ଗରେ ପରିଣତ କରିଦେଇପାରେ । କିନ୍ତୁ ଦୈବୀ ଶକ୍ତି ଆତ୍ମପ୍ରଦର୍ଶନ ପାଇଁ ଅବତରଣ କରି ନଥାଏ । କେବଳ ପ୍ରେମ ପାଇଁ ଭଗବାନ ଅବତାର ରୂପେ ତଳକୁ ଓହ୍ଲାଇ ଆସିଥାନ୍ତି । ସମସ୍ତ ପ୍ରକଟିତ ଅଲୌକିକତା ସେହି ପ୍ରେମ ସାଗରର ଜଳବିନ୍ଦୁ ପରି । ଏହି ଜଳବିନ୍ଦୁ

ଦ୍ୱାରା ବିମୋହିତ ହୁଅନାହିଁ । ସେହି ପ୍ରେମର ସାଗରକୁ ସ୍ୱୀକାର କର ଏବଂ ତା'ର ଗଭୀର ଜଳରାଶି ମଧ୍ୟକୁ ଲମ୍ଫ ପ୍ରଦାନ କର ।''

''ଦୈବୀ ଶକ୍ତିର ପ୍ରକଟନକୁ ଯାଦୁ ବିଦ୍ୟା ବୋଲି ଭାଷାନ୍ତର କରନାହିଁ । ମନେରଖ ଏପରି କିଛି ନାହିଁ ଯାହା ଦୈବୀ ଶକ୍ତି ସମ୍ପାଦନ କରିପାରିବ ନାହିଁ । ଏହା ପୃଥିବୀକୁ ଆକାଶରେ ଓ ଆକାଶକୁ ପୃଥିବୀରେ ପରିଣତ କରିପାରେ । ମଣିଷର 'ମ୍ୟାଜିକ୍' (ଯାଦୁ) ହେଉଛି ଭଗବାନଙ୍କର 'ଲଜିକ' (ତର୍କଶାସ୍ତ୍ର) ।''

''ଲୋକଙ୍କୁ ଆକର୍ଷିତ କରିବା ପାଇଁ ମୁଁ ମୋର ଶକ୍ତିକୁ ବିନିଯୋଗ କରେ ଏବଂ ସେମାନଙ୍କୁ ଈଶ୍ୱରାଭିମୁଖୀ ରାସ୍ତାକୁ ଟାଣି ଆଣେ । ଏହି ଅଲୌକିକତା ଗୁଡ଼ିକ ଗୋଟିଏ ଗୋଟିଏ ଥୋପ (ପ୍ରଲୋଭନ) ସଦୃଶ ଯାହା ଫଳରେ ମୁଁ ସେମାନଙ୍କୁ ପୋଷା ମନାଇଥାଏ (ମୋ କଥା ମାନିବାକୁ ଅଭ୍ୟାସ କରାଏ) । ଥରେ ସେମାନଙ୍କର ବିଶ୍ୱାସ ଦୃଢ଼ ହୋଇଗଲେ ସେମାନେ ଅଲୌକିକତାର ଊର୍ଦ୍ଧ୍ୱକୁ ଲକ୍ଷ୍ୟ କରନ୍ତି ଏବଂ ମୁଁ ପ୍ରକୃତରେ ଯେଉଁ ଜ୍ଞାନ ଓ ଦିବ୍ୟାନନ୍ଦ ସେମାନଙ୍କୁ ଦେବାକୁ ଆସିଛି ସେଥିପାଇଁ ହସ୍ତ ପ୍ରସାରଣ କରନ୍ତି ।''

''ମୋତେ କୌଣସି ତୁଚ୍ଛ ବସ୍ତୁ ମାଗ ନାହିଁ ବରଂ ମୋତେ ପାଇବାକୁ ଇଚ୍ଛା ପୋଷଣ କର । ତା'ର ଅର୍ଥ ନୁହେଁ ମୁଁ ତୁମକୁ ମୋର କୃପା ଏବଂ ପରିପୂର୍ଣ୍ଣ ପ୍ରେମର ସଂକେତ ସ୍ୱରୂପ ଯେଉଁ ପଦାର୍ଥ ଦେବି, ତାକୁ ଗ୍ରହଣ କରିବ ନାହିଁ । ମୁଁ ତୁମକୁ କହିବି କାହିଁକି ମୁଁ ତୁମକୁ ମୁଦି, ଲକେଟ, ଜପାମାଳି ଇତ୍ୟାଦି ଦେଇଥାଏ । ଏଗୁଡ଼ିକ ମୋର ଓ ଯେଉଁମାନଙ୍କୁ ମୁଁ ଦିଏ ସେମାନଙ୍କ ମଧ୍ୟରେ ଥିବା ବନ୍ଧନର ଚିହ୍ନ । ଯେତେବେଳେ ସେମାନଙ୍କ ଉପରେ ବିପଦ ପଡ଼େ ସେତେବେଳେ ଏହି ବସ୍ତୁଗୁଡ଼ିକ ଆଖି ପିଛୁଳାକେ ମୋ ପାଖକୁ ଫେରିଆସେ ଏବଂ ଆଖି ପିଛୁଳାକେ ମୋଠାରୁ ପ୍ରତିକାର ସ୍ୱରୂପ ସୁରକ୍ଷାର କୃପା ବହନ କରି ଫେରିଯାଏ । ମୋର ଯେଉଁ ନାମ ବା ଯେଉଁ ରୂପକୁ ପ୍ରାର୍ଥନା କରନା କାହିଁକି ମୋର କୃପା ସମସ୍ତଙ୍କ ପାଇଁ ରହିଛି । ଯେଉଁମାନେ ମୋର ଏହି ଉପହାରକୁ ଧାରଣ କରିଥାନ୍ତି କେବଳ ସେହିମାନଙ୍କୁ ମୁଁ କୃପା କରେ ଏକଥା ନୁହେଁ । ପ୍ରେମ ହେଉଛି ସେହି ବନ୍ଧନ ଯାହା କୃପା ଉପରେ ବିଜୟ ହାସଲ କରେ ।''

ଆରମ୍ଭରେ ଯେତେବେଳେ ସ୍ୱାମୀ ଦଳ ଦଳ ଭକ୍ତଙ୍କୁ ସାକ୍ଷାତ୍କାର ପାଇଁ ଡାକୁଥିଲେ ସେତେବେଳେ ମୁଁ ସାକ୍ଷାତ୍କାର ପରେ ପରେ ସେମାନଙ୍କ ପଛରେ ଦୌଡ଼ିଥାଏ ଏବଂ ସ୍ୱାମୀ ସେମାନଙ୍କ ସହିତ କଣ ଆଲୋଚନା କଲେ ସେ କଥା ପଚାରି ବୁଝିଥାଏ । ଥରେ ସ୍ୱାମୀ ମୋତେ ପ୍ରଶ୍ନ କଲେ ''ତୁମେ କଣ ସ୍ୱାମୀଙ୍କ ପଛରେ ଗୁପ୍ତଚର କାର୍ଯ୍ୟ କରୁଛ ?''

ମୁଁ ଉତ୍ତର ଦେଇଥିଲି ''ନାଁ ସ୍ୱାମୀ, ମୁଁ ସମ୍ବାଦ ସଂଗ୍ରହ କରୁଛି ।'' ସେ ପ୍ରତ୍ୟୁତ୍ତରରେ କହିଥିଲେ ''କାହିଁକି ବ୍ୟସ୍ତ ହେଉଛ । ତୁମେ ତୁମ ନିଜର ଅଭିଜ୍ଞତା ଅର୍ଜନ କରିବ । କିଛି ସମୟ ଅପେକ୍ଷା କର । ସ୍ୱାମୀ ତୁମକୁ ଡାକିବେ ।''

ଏହାପରେ ସେ ମୋତେ ବହୁତ ଥର ସାକ୍ଷାତ୍କାର ପାଇଁ ଡାକିଛନ୍ତି । ବେଳେବେଳେ ଦିନକୁ ତିନିଥର ମଧ୍ୟ । ମୁଁ ଅନୁଭବ କଲି ଯେପରି ମୁଁ ସ୍ୱାମୀଙ୍କର ସବୁଠାରୁ ଅଧିକ ପ୍ରିୟଭକ୍ତ ।

ଦିନେ ଆଶ୍ରମକୁ ଗଲାବେଳେ ପ୍ରଶାନ୍ତି ନିଳୟମର ମୁଖ୍ୟ ଫାଟକ ଦେଇ ପ୍ରବେଶ କଲି । ଏହି ଫାଟକଟି କାଣ୍ଟିନ୍ ନିକଟସ୍ଥ ସାକ୍ଷାତ୍କାର ଗୃହର ସମ୍ମୁଖରେ ଥିଲା । ସେ ବାଲ୍କୋନି ଉପରୁ ଡାକ ଦେଲେ 'ଗଡ଼ିଆ' !

ମୁଁ ସଂଗେ ସଂଗେ ଉତ୍ତର ଦେଲି ''ହଁ, ସ୍ୱାମୀ'' । ପରେ ପରେ ବାଲ୍କୋନି ଦେଇ ଦୌଡ଼ି ଯାଉ ଯାଉ ପୁଣି କହିଥିଲି ''ମୁଁ ଏଇମାତ୍ର ପହଞ୍ଚିଲି ।''

ତା'ପରେ ସେ ନିର୍ଦ୍ଦେଶ ଦେଲେ ''ଶିଡ଼ି ଦେଇ ଉପରକୁ ଆସ । ତୁମ ସହିତ କେତେଜଣ ଅଛନ୍ତି ?''

ମୁଁ ଉତ୍ତର ଦେଲି ''ସ୍ୱାମୀ, ବାରଜଣ'' । ତାଙ୍କଠାରୁ ପୁଣି ନିର୍ଦ୍ଦେଶ ମିଳିଲା ''ସମସ୍ତଙ୍କୁ ସାକ୍ଷାତ୍କାର କୋଠରୀକୁ ଆଣ ।'' ଯେତେବେଳେ ଆମେ ସମସ୍ତେ ଏକାଠି ହେଲୁ ସେ ବିଭୂତି ସୃଷ୍ଟି କଲେ ଏବଂ ସବୁ ଭକ୍ତଙ୍କୁ ଦେଲେ । ସମସ୍ତେ ଆଶ୍ଚର୍ଯ୍ୟ ହେଲେ ଯେତେବେଳେ ସ୍ୱାମୀ ପ୍ରତ୍ୟେକଙ୍କର ପରିବାର, ବ୍ୟବସାୟ ଏବଂ ସେମାନଙ୍କ ଅତୀତର ସମସ୍ତ କଥା ପ୍ରକାଶ କରି ସବୁ ଜାଣନ୍ତି ବୋଲି ପ୍ରମାଣ ଦେଲେ । ସେ ମୁଦି, ଚେନ୍, କର୍ଣ୍ଣକୁଣ୍ଡଳ, ବଳା ଇତ୍ୟାଦି ସୃଷ୍ଟିକରି ସମସ୍ତଙ୍କୁ ବାଣ୍ଟିଥିଲେ । ତାହା ସେମାନଙ୍କୁ ଅପାର ଆନନ୍ଦ ଦେଇଥିଲା । ସେହିଦିନମାନଙ୍କରେ ମୁଁ ଅତି ଖୁସି ହୋଇଯାଉଥିଲି କାରଣ ମୋ ଦଳ ଆଶ୍ରମର ମୁଖ୍ୟ ଫାଟକ ଦେଇ ପ୍ରବେଶ କଲା ମାତ୍ରେ ସାକ୍ଷାତ୍କାର ପାଉଥିଲେ ।

ଫଳସ୍ୱରୂପ ମୋର ଅହଂକାର ବୃଦ୍ଧି ପାଉଥିଲା । ଏହା ମଣିଷର ଦୁଇ ଶତ୍ରୁଙ୍କ ଭିତରୁ ଗୋଟିଏ । ଅନ୍ୟ ଶତ୍ରୁଟି ହେଲା ଈର୍ଷା ।

ଥରେ ମୁଁ ମାଙ୍ଗାଲୋରର ଜଣେ ଲକ୍ଷପତି ଭଦ୍ରବ୍ୟକ୍ତିଙ୍କୁ ମୋ ସହିତ ବାବାଙ୍କ ନିକଟକୁ ଯିବାକୁ ନିମନ୍ତ୍ରଣ କଲି କାରଣ ମୁଁ ନିଶ୍ଚିତ ଥିଲି ଯେ ମୁଖ୍ୟ ଫାଟକ ଦେଇ ପ୍ରବେଶ କରିବା ମାତ୍ରେ ମୋ ଦଳକୁ ବାବା ଡାକି ନେବେ । ସେହି ଘଟଣା ଦିନ ମୁଁ ମୋ ଦଳରେ ଦଶଜଣଙ୍କୁ ନେଇଥିଲି । କିନ୍ତୁ ସ୍ୱାମୀ ଆମକୁ ପାଞ୍ଚଦିନ ପର୍ଯ୍ୟନ୍ତ ଡାକିଲେ ନାହିଁ । ଆମେ ସମସ୍ତେ ନିରାଶ ହୋଇ ପଡ଼ିଥିଲୁ । ମୁଁ ଉତ୍ସୁକତା ଓ ନିଷ୍ଠାର ସହିତ ପ୍ରାର୍ଥନା କଲି ''ସ୍ୱାମୀ ! ମୁଁ ଜାଣେ ମୋର ଅହଂକାର ବଢ଼ିଯାଇଛି । ଏବେ ମୁଁ ଠିକ୍ ଶିକ୍ଷା ପାଇଗଲି । ମୋତେ କ୍ଷମାକର ଏବଂ ଆମ୍ଭମାନଙ୍କୁ ସାକ୍ଷାତ୍କାର ଦିଅ ।''

ସେ ସଂଗେ ସଂଗେ ମୋ ନାଁ ଧରି ଡାକିଲେ ଏବଂ ସାକ୍ଷାତ୍କାର ଦେଲେ । ବାବା ମୋତେ କହିଥିଲେ ''ଆମର ଦୁଇଟି ଶତ୍ରୁ ଅଛନ୍ତି । ଗୋଟିଏ ହେଲା ଅହଂକାର ଓ

ଅନ୍ୟଟି ହେଲା ଈର୍ଷା । ଏ ଦୁଇଟି ଦୁଃଖ ଓ ଯାତନାର କାରଣ ।'' ତା'ପରେ ସେ ମୋ କାନରେ ଫୁସ୍‌ଫୁସ୍ କରି କହିଥିଲେ ''ତୁମେ ତୁମ ଶିକ୍ଷା ପାଇଗଲ କି ?'' ମୁଁ ଉତ୍ତର ଦେଇଥିଲି ''ହଁ ସ୍ୱାମୀ'' ।

ସାକ୍ଷାତ୍‌କାର ଗୃହରେ ଜଣେ ଭକ୍ତ ସ୍ୱାମୀ ତାଙ୍କୁ କିଛି ଉପହାର ଦିଅନ୍ତୁ ବୋଲି ଅନୁରୋଧ କରିବାକୁ ମୋତେ କହିଲେ । ସ୍ୱାମୀ ଏହା ଦେଖିପାରିଲେ ଏବଂ ପଚାରିଲେ ''ସେ କଣ କହିଲା ।'' ମୁଁ ଉତ୍ତର ଦେଲି ''ସ୍ୱାମୀ ସେ ଆପଣଙ୍କଠାରୁ ଉପହାରଟିଏ ଚାହୁଁଛନ୍ତି ।'' ବାବା ସଂଗେ ସଂଗେ ଠିଆ ହୋଇ ପଡ଼ିଲେ ଏବଂ ସ୍ୱାଭାବିକ ଭଙ୍ଗୀରେ ହସ୍ତ ସଂଚାଳନ କରି ଗୋଟିଏ ଭିଜିଟିଂ କାର୍ଡ଼ ସୃଷ୍ଟି କଲେ । ସେଥିରେ ବାମ ପାର୍ଶ୍ୱରେ ତାଙ୍କର କ୍ଷୁଦ୍ର ଫଟୋଟିଏ ରହିଥିଲା ଏବଂ ଦକ୍ଷିଣ ପାର୍ଶ୍ୱରେ ତାଙ୍କ ଠିକଣା ରହିଥିଲା । ଉପସ୍ଥିତ ପ୍ରତ୍ୟେକ ଏହି ଅଲୌକିକ ସୃଷ୍ଟିକୁ ଲକ୍ଷ୍ୟ କରି ଖୁସି ହୋଇ ଯାଇଥିଲେ । ସାକ୍ଷାତ୍‌କାର ପାଇଁ ଆମକୁ ପାଞ୍ଚଦିନ ଅପେକ୍ଷା କରିବାକୁ ପଡ଼ିଥିଲା ବୋଲି ଆମର ଆଦୌ ଦୁଃଖ ନ ଥିଲା । ଏହି ଘଟଣା ମାଙ୍ଗାଲୋରରେ ଏବଂ ମୋ ସହିତ ଦିବ୍ୟ ଆଶ୍ରମକୁ ଯିବାକୁ ଚାହୁଁଥିବା ବହୁଲୋକଙ୍କ ପାଖରେ ଆଲୋଚନାର ବିଷୟବସ୍ତୁ ହୋଇଗଲା । ମୁଁ ସେମାନଙ୍କୁ କହୁଥିଲି ସ୍ୱାମୀ ପ୍ରଶାନ୍ତି ନିଳୟମରେ ଥିବା ସମୟରେ କେବଳ ସେମାନଙ୍କୁ ମୁଁ ତାଙ୍କର ଦିବ୍ୟଦର୍ଶନ ପାଇଁ ନେଇପାରିବି । ମୁଁ କେବେହେଲେ ସାକ୍ଷାତ୍‌କାର ପାଇଁ ପ୍ରତିଶ୍ରୁତି ଦେଉ ନଥିଲି । ଏହିପରି ମୋର ଅହଂକାର ତରଳିବାକୁ ଆରମ୍ଭ କଲା । ପରମପ୍ରିୟ ପ୍ରଭୁ ମୋତେ ଏହିପରି ବହୁ ଶିକ୍ଷା ପ୍ରଦାନ କରିଛନ୍ତି ଏବଂ ସାକ୍ଷାତ୍‌କାର ସମୟରେ ନିମ୍ନମତେ ନିର୍ଦ୍ଦେଶ ଦେଇଛନ୍ତି । ବାବା ଅହଂକାର ଓ ଈର୍ଷା ସଂପର୍କରେ ଏହିପରି କହିଛନ୍ତି ।

''ଅହଂକାର ମାନସିକ ଶାନ୍ତି ବ୍ୟାହତ କରେ । ମଣିଷ ନିଜ ଭିତରେ ବହୁ ପ୍ରକାରର କ୍ରମବର୍ଦ୍ଧିଷ୍ଣୁ ସ୍ୱାର୍ଥପର ଅଭ୍ୟାସ ଓ ମନୋଭାବ ପ୍ରକାଶ କରିଥାଏ । ଏହା ତା'ର ଅସନ୍ତୋଷର ମୁଖ୍ୟ କାରଣ ହୋଇଥାଏ । ତା'ର ଆଗକୁ ମାଡ଼ିଯିବାର ପ୍ରତିଭା ଅହଂକାର ଦ୍ୱାରା ବାଧାପ୍ରାପ୍ତ ହୁଏ । ତେଣୁ ଅହଂକାର ଯେତେବେଳେ ନଷ୍ଟ ହୋଇଯାଏ ସେତେବେଳେ ସବୁ ପ୍ରକାର ବାଧାବିଘ୍ନ ଶେଷ ହୋଇଯାଏ । ସମସ୍ତ ଅସନ୍ତୋଷ ଉଭେଇଯାଏ ଏବଂ ପ୍ରକୃତ ଆନନ୍ଦ ମିଳେ ।''

''ଭଗବାନଙ୍କ ପ୍ରତି ଭକ୍ତି, ଈଶ୍ୱରଙ୍କ ବୈଭବରେ ମହିମାନ୍ୱିତ ଜୀବନଯାପନ ଏବଂ ଅନ୍ୟ ପ୍ରତି ଈଶ୍ୱରଙ୍କ ସନ୍ତାନ ଭଳି ମନୋବୃତ୍ତି ପ୍ରଦର୍ଶନ, ନମ୍ର ବ୍ୟବହାର ଓ ସେବା ମନୋଭାବ ପୋଷଣ ଦ୍ୱାରା ସହଜରେ ଅହଂକାର ଦୂର ହୋଇଯାଏ ।''

''ଅନ୍ୟମାନଙ୍କର ସମାଲୋଚନା କରିବା ଏବଂ ସେମାନଙ୍କର ଦୋଷ ବାହାର କରିବା ଭଳି ଗୁଣ ଅହଂକାର ଯୋଗୁ ଜାତ ହୋଇଥାଏ । ଯଦି ତୁମର ଅହଂକାର ଅଛି

ଏବଂ ସ୍ୱାମୀ ତୁମର ବୋଲି ଭାବୁଥାଅ ତେବେ ସ୍ୱାମୀ ତୁମର ଅହଂକାର ଦ୍ୱାରା କାରାରୁଦ୍ଧ ହୋଇଥାନ୍ତି ଏବଂ ତୁମକୁ ସାହାଯ୍ୟ କରିପାରନ୍ତି ନାହିଁ । କିନ୍ତୁ ତୁମେ ଯଦି ଭାବ 'ମୁଁ ସ୍ୱାମୀଙ୍କର' ତାହାହେଲେ ସ୍ୱାମୀ ମୁକ୍ତ ହୋଇ ତୁମର ଯତ୍ନ ନେଇଥାନ୍ତି ଏବଂ ତୁମର ଆଧ୍ୟାତ୍ମିକ ବିକାଶ ଘଟାଇ ଥାନ୍ତି । ଏସବୁ ତୁମର ନମ୍ରତା ଏବଂ ଭଗବାନଙ୍କ ସର୍ବମୟତା ସଂପର୍କରେ ଆତ୍ମୋପଲବ୍ଧି ଉପରେ ନିର୍ଭରଶୀଳ । ତାହାହେଲେ ଭଗବାନ ତୁମ ବାଟରେ ଠିଆ ହୋଇଥିବା ଅହଂକାରକୁ ଆଘାତ ଦେବେ ।''

''ଈର୍ଷା ହେଉଛି ତୁମ ପାଖେ ପାଖେ ରହିଥିବା ଏକ ରୋଗ । ଏହାକୁ କୌଣସି ପ୍ରକାର ସ୍ଥାନ ଦେବା ଉଚିତ୍ ନୁହେଁ । ତୁମେ ଅନୁଭବ କରିବା ଉଚିତ୍ ଯେ ଭଗବାନ ତାଙ୍କର କୃପା ପ୍ରଦର୍ଶନ ପୂର୍ବକ ଆଶୀର୍ବାଦ କରିବାକୁ ସବୁବେଳେ ପ୍ରସ୍ତୁତ ଅଛନ୍ତି ଯଦିଓ ତୁମର ଆବଶ୍ୟକତା ଠାରୁ କମ୍ ଯୋଗ୍ୟତା ରହିଛି । ତୁମେ ଅନ୍ୟର ସୁଖକୁ ଉପଭୋଗ କର । ତୁମେ ସେମାନଙ୍କର ଭଲଗୁଣ କଥା ଶୁଣି ଖୁସି ହେବା ଉଚିତ୍ ଏବଂ ତୁମ ନିକଟରେ ଯାହା ନାହିଁ ସେମାନଙ୍କ ନିକଟରେ ସେସବୁ ଅଛି ବୋଲି ଦୁଃଖ ଅନୁଭବ କରିବା ଉଚିତ୍ ନୁହେଁ । କଳିଯୁଗ (ସବୁ ପ୍ରକାରର ନୈତିକ ଅଧୋଗତିର ଯୁଗ)ରେ ଈର୍ଷା ସର୍ବଭେଦୀ । ଏହା ସବୁ ପ୍ରକାରର ଲୋକ-ଏପରିକି ଯୋଗୀ, ଭୋଗୀ ଓ ରୋଗୀ ମାନଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରିଥାଏ । ଈର୍ଷା କାରଣରୁ ଲୋକମାନେ ସେମାନଙ୍କର ମାନସିକ ଶାନ୍ତି ଏପରିକି ଜୀବନ ହରାଇଥାନ୍ତି । ଘଟଣା କ୍ରମରେ ଈର୍ଷା ମଧ୍ୟ ଭଗବାନଙ୍କ ସହିତ ତୁମର ସଂପର୍କ ମଧ୍ୟରେ ପ୍ରବେଶ କରିପାରେ । ଈର୍ଷା କର୍କଟ ରୋଗ ପରି ।''

''ତୁମ ମନର ପୌନଃପୁନିକ କାମନା ପ୍ରକାଶ ପାଇବା ମାତ୍ରେ ମୋ ନିକଟକୁ ନେଇ ଆସ । ସେଗୁଡ଼ିକ ମୋତେ ଆଘାତ ଦେଇପାରିବେ ନାହିଁ କାରଣ ମୁଁ ସେଗୁଡ଼ିକୁ ଚାହେଁ । ତୁମର ବିଭ୍ରାନ୍ତି, ଭୟ, ଉତ୍କଣ୍ଠା, ବିଶ୍ୱପ୍ରେମ ପାଇଁ ଅନାଗ୍ରହ, ସେବା କରିବା ପାଇଁ କୁଣ୍ଠା, ଈର୍ଷା ଇତ୍ୟାଦି ଯେଉଁସବୁ ଗୁଣ ସାଧନାରେ ବାଧା ସୃଷ୍ଟି କରେ ସେ ସବୁକୁ ମୋତେ ଦେଇଦିଅ ।''

ସତରେ ଏସବୁ ଅହଂକାର ଓ ଈର୍ଷା ସଂପର୍କରେ କି ସୁନ୍ଦର ଅବତାରଣା ।

ସ୍ୱାମୀଙ୍କର ସ୍ୱତନ୍ତ୍ର ଚିକିତ୍ସା

ଆଶ୍ରମରେ ରହିବା ପାଇଁ ସ୍ଥାନାଭାବ ସବୁବେଳେ ରହିଥାଏ । ଆମେ ସାଧାରଣତଃ କାଣ୍ଟିନ୍‌ର ଛାତତଳେ ରାତ୍ରି ବିଶ୍ରାମ ପାଇଁ ସ୍ଥାନ ଅଧିକାର କରୁ କିନ୍ତୁ ବହୁ ଭକ୍ତ ଗଛତଳେ ଶୋଇଥାନ୍ତି । ଥରେ ଏପରି ହେଲା ଯେ ପୋଲାଚିର ଜଣେ ପ୍ରଖ୍ୟାତ ପ୍ରଶାସକ (ମାଜିଷ୍ଟ୍ରେଟ୍) ମିଷ୍ଟର ରାମଚନ୍ଦ୍ରନ ଏବଂ ତାଙ୍କ ପତ୍ନୀ କାଣ୍ଟିନ୍‌ର ଛାତତଳେ ଶେଷକୁ

ବଳିଥିବା ଅଳ୍ପଟିକିଏ ସ୍ଥାନରେ ରହିବାକୁ ବାଧ୍ୟ ହେଲେ । ଏହି ସ୍ଥାନଟି ମୁଁ ବିଶ୍ରାମ ନେଉଥିବା ସ୍ଥାନର ନିକଟବର୍ତ୍ତୀ । ହଠାତ୍ ଶ୍ରୀମତୀ ରାମଚନ୍ଦ୍ରନ୍ ଡାଇରିଆ ରୋଗରେ ଆକ୍ରାନ୍ତ ହୋଇ ପଡ଼ିଲେ । ମୁଁ ଦେଖିଲି ତାଙ୍କ ଶରୀରରୁ ଜଳୀୟ ଅଂଶ ଅତିଶୟ ହ୍ରାସ ପାଇବା ସଂଗେ ସଂଗେ ଘନ ଘନ ବାନ୍ତି ହେବା ଯୋଗୁ ସେ ଅତିଶୟ କଷ୍ଟ ଭୋଗୁଥିଲେ ଏବଂ ନିସ୍ତେଜ ହୋଇ ପଡ଼ିଥିଲେ । ମୋ ସହିତ କଥାବାର୍ତ୍ତା କରୁଥିବାବେଳେ ମିଷ୍ଟର ରାମଚନ୍ଦ୍ରନ୍ ତାଙ୍କ ପତ୍ନୀଙ୍କ ଆରୋଗ୍ୟ ପାଇଁ ମୋ ପାଖରେ କିଛି ଔଷଧ ଅଛି କି ନାହିଁ ପଚାରିଲେ ।

ମୁଁ ଉତ୍ତର ଦେଇଥିଲି ''ରୋଗର ଲକ୍ଷଣ ବନ୍ଦ କରିଦେବା ପାଇଁ ମୋ ପାଖରେ ଔଷଧ ଅଛି । କିନ୍ତୁ ମୁଁ ଯେହେତୁ ଜଣେ ଡାକ୍ତରୀ ଛାତ୍ର ମୁଁ ପ୍ରଥମେ ଆପଣଙ୍କ ପତ୍ନୀଙ୍କୁ ଡାକ୍ତର ବ୍ରହ୍ମମ୍‌ଙ୍କ ନିକଟକୁ ନେବାକୁ ଚାହୁଁଛି । ସେ ପ୍ରଶାନ୍ତି ନିଳୟମ ପଛ ପାଖରେ ଥିବା ଚିକିତ୍ସାଳୟର ଦାୟିତ୍ୱରେ ଅଛନ୍ତି । ଏହି ଚିକିତ୍ସାଳୟରେ ପୁରୁଷ ଓ ମହିଳାଙ୍କ ପାଇଁ ମାତ୍ର ଦୁଇଟି କୋଠରୀ ଅଛି ଏବଂ ଦୁଇ କୋଠରୀ ମଝିରେ ଗୋଟିଏ ଅସ୍ତ୍ରୋପଚାର କକ୍ଷ ରହିଛି । ଏଠାରେ ଅଧିକ ଶଯ୍ୟାର ଆବଶ୍ୟକତା ନାହିଁ । କାରଣ ସ୍ୱାମୀ ନିଜେ ସର୍ବଶ୍ରେଷ୍ଠ ଡାକ୍ତର ଓ ସର୍ଜନ । ହସ୍‌ପିଟାଲ୍‌ର ଡାକ୍ତର ଯଦି ଅନୁମୋଦନ କରନ୍ତି ମୁଁ ସବୁକିଛି କରିପାରିବି ବୋଲି ମିଷ୍ଟର ରାମଚନ୍ଦ୍ରନ୍‌ଙ୍କୁ ଭରସା ଦେଲି ।

ହଠାତ୍ କୌଣସି ଔଷଧ ନ ଦେଇ ନିୟମାନୁମୋଦିତ କାର୍ଯ୍ୟକରି ସିଧାସଳଖ ଡାକ୍ତରଖାନାକୁ ନେଇଥିବାରୁ ଡକ୍ଟର ବ୍ରହ୍ମମ୍ ଖୁସି ହୋଇଥିଲେ । ସେ ମୋତେ ରୋଗୀର ଅବସ୍ଥା ସଂପର୍କରେ ବହୁ ପ୍ରଶ୍ନ ପଚାରିଥିଲେ । ଆରୋଗ୍ୟ ଲାଭ କରିବା ପାଇଁ ପ୍ରାୟ କେତେ ସମୟ ଲାଗିବ ବୋଲି ମୋତେ ସେ ପଚାରିଥିଲେ । ମୁଁ ଉତ୍ତର ଦେଲି ଯେ ରୋଗୀ ଶରୀରରୁ ଅଧିକାଂଶ ଜଳୀୟ ଅଂଶ ନିଷ୍କାସିତ ହୋଇଯାଇଥିବାରୁ ଇଣ୍ଟ୍ରାଭେନସ ଡ୍ରିପ୍ ଓ ଔଷଧ ଦେଇ ଚିକିତ୍ସା କରିବାର ତିନିଚାରିଦିନ ପରେ ରୋଗୀ ଆରୋଗ୍ୟ ଲାଭ କରିବ ।

ତା'ପରେ ଡକ୍ଟର ବ୍ରହ୍ମମ୍ ମୋତେ ବିଶ୍ୱାସରେ କହିଥିଲେ ''ମୁଁ ତୁମକୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଗୁପ୍ତ କଥା କହିବାକୁ ଚାହେଁ । ପରମପ୍ରିୟ ସ୍ୱାମୀ କେବଳ ତାଙ୍କ ଅନୁପସ୍ଥିତିରେ ବ୍ୟବହାର କରିବା ପାଇଁ କିଛି ଜିନିଷ ଦେଇଛନ୍ତି । କେବଳ ତାଙ୍କ ଅନୁପସ୍ଥିତିରେ ରୋଗୀର ଅବସ୍ଥା ଅତି ମାରାତ୍ମକ ହୋଇଥିଲେ ତାହା ବ୍ୟବହାର କରାଯାଇ ପାରିବ । କାହାରିକୁ ସେହି ପଦାର୍ଥ ଦେଖାଇବା ପାଇଁ ମୋତେ ବାରଣ କରାଯାଇଛି । ମୁଁ ବର୍ତ୍ତମାନ ଡାଇରିଆ ଭଲ କରିବା ପାଇଁ ବିସ୍ମଥ କୋଲିନ୍ ମିକ୍‌ଶ୍ଚର ସହିତ ସ୍ୱାମୀଙ୍କର ଗୁପ୍ତ ଔଷଧ ମିଶାଇ ଆଣିଛି । ଏହାକୁ ରୋଗୀକୁ ଆଠଘଣ୍ଟାରେ ଏକ ଚାମଚ ହିସାବରେ ଦିଅ ଏବଂ ନିଜେ ଏହାର ଫଳ କଣ ହେଉଛି ଦେଖ ।''

ମୋର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ଯେ ଭଦ୍ରମହିଳା ମାତ୍ର ଆଠଘଣ୍ଟା ଭିତରେ ସଂପୂର୍ଣ୍ଣ ରୂପେ ଭଲ ହୋଇଯାଇଥିଲେ ଏବଂ ସେହି ସଂଧ୍ୟାରେ ମନ୍ଦିର ପ୍ରଦକ୍ଷିଣ (ମନ୍ଦିର ଚତୁର୍ଦ୍ଦିଗରେ ବୁଲିବା) କରିପାରିଥିଲେ । ମୋ ପାଇଁ ଏହା ଏକ ଆନନ୍ଦଦାୟକ ଅଭିଜ୍ଞତା ଥିଲା । ଡାକ୍ତର ଓ ରୋଗୀଙ୍କ ପ୍ରତି ସ୍ୱାମୀଙ୍କର ଏହା ଥିଲା ଏକ ଆଶୀର୍ବାଦ ପ୍ରକଟନ ।

ଦୈବତ୍ୱ ପ୍ରାପ୍ତି ପାଇଁ ମାର୍ଗ

ପ୍ରାୟ ଏହି ସମୟ ଭିତରେ ଆଉ ଗୋଟିଏ କୌତୁହଳପୂର୍ଣ୍ଣ ଘଟଣା ଘଟିଥିଲା । ମୁଁ ପ୍ରଶାନ୍ତି ନିଳୟମ୍‌ରେ ରହିବାକୁ ସ୍ଥିର କରିଥିଲି ଏବଂ ପରମପ୍ରିୟ ସ୍ୱାମୀ ତାଙ୍କର ଏକ ଗସ୍ତ କାର୍ଯ୍ୟକ୍ରମ ସାରି ଫେରି ଆସିବାର ଥିଲା । ମୁଁ କିନ୍ତୁ ଚିନ୍ତିତ ଥିଲି କାରଣ ମୋ ପାଖରେ ଥିବା ଟଙ୍କା ସରିଆସିଥିଲା । ମୁଁ ମନ୍ଦିର ଭିତରକୁ ଗଲି ଏବଂ ସେଠାରେ ଅଧିକ ଦିନ ରହିବାକୁ ବାଟ ଦେଖାଇ ଦେବାକୁ କିମ୍ବା ଖୁବ୍ ଶୀଘ୍ର ତାଙ୍କ କାର୍ଯ୍ୟରେ ମୋତେ ଡକାଇ ଆଣିବାକୁ ନିଷ୍କାପଟ ଓ ଆନ୍ତରିକତାର ସହିତ ବାବାଙ୍କୁ ପ୍ରାର୍ଥନା ଜଣାଇଲି ।

ସ୍ୱାମୀ ବାରମ୍ବାର କହନ୍ତି ''ଭଜନ ପରି ପ୍ରାର୍ଥନା ମଧ୍ୟ ମନକୁ ସ୍ଥିର ରଖିବାରେ ସାହାଯ୍ୟ କରେ ଏବଂ ଭଗବାନଙ୍କର କୃପା ଆବାହନ କରେ ।''

ସ୍ୱାମୀ ନିଶ୍ଚୟ ମୋ ପ୍ରାର୍ଥନା ଶୁଣିପାରିଲେ କାରଣ ମୋତେ ଜାଣିଥିବା ଏବଂ ବିଶ୍ୱାସ କରୁଥିବା ଜଣେ ଭକ୍ତ ମୋତେ ଟ. ୨୦୦୦/- ଦେଲେ । ନିଜ ପାଖରେ ଥିଲେ ତାଙ୍କର ଏହି ଟଙ୍କା ଚୋରୀ ହୋଇଯାଇପାରେ ବୋଲି ସେ ଆଶଙ୍କା କରୁଥିଲେ । ମୁଁ ସେ ଟଙ୍କା ପରେ ଫେରାଇବାର ଥିଲା । ସେହି ରାତିରେ ପରମପ୍ରିୟ ସ୍ୱାମୀ ସ୍ୱପ୍ନରେ ଆସିଥିଲେ ଏବଂ ତାଙ୍କ ପୂର୍ବଜନ୍ମ ଶରୀର ଶିରିଡ଼ି ବାବାଙ୍କ ଆଶ୍ରମ ଶିରିଡ଼ିକୁ ଯିବା ପାଇଁ ମୋତେ ନିର୍ଦ୍ଦେଶ ଦେଲେ ।

ପରଦିନ ସକାଳୁ ଜାଣିବାକୁ ପାଇଲି ଯେ ପୂର୍ବ ରାତିରେ ହିଁ ସ୍ୱାମୀ ଫେରି ଆସିଥିଲେ ଏବଂ ମୁଁ ଖୁସି ଥିଲି ଯେ ସେ ମୋ ପ୍ରାର୍ଥନାର ଉତ୍ତର ଦେଇ ସାରିଛନ୍ତି । ସ୍ୱାମୀ ସଂଗେ ସଂଗେ ମୋତେ ସାକ୍ଷାତ୍‌କାର ପାଇଁ ଡକାଇଲେ ଏବଂ ପଚାରିଥିଲେ ''ତୁମେ କେବେ ଶିରିଡ଼ି ଯାଉଛ ?'' (ଶିରିଡ଼ି ଯିବା କଥା ସେ କେବଳ ସ୍ୱପ୍ନରେ କହିଥିଲେ ।) ମୁଁ ତାଙ୍କୁ ଉତ୍ତର ଦେଇଥିଲି ''ଆପଣଙ୍କ ଇଚ୍ଛା ଅନୁସାରେ ପ୍ରଭୁ ।'' ସେ ପୁଣି କହିଥିଲେ ''ବର୍ତ୍ତମାନ ଯାଅ ।''

ମୁଁ ସଂଗେ ସଂଗେ ପ୍ରଶାନ୍ତି ନିଳୟମ୍ ଛାଡ଼ିବା ପାଇଁ ପ୍ରସ୍ତୁତ ହୋଇଗଲି କାରଣ 'ସେ' ଏଥିପାଇଁ ମୋତେ ଅର୍ଥ ଯୋଗାଡ଼ କରି ଦେଇଥିଲେ । ମୋତେ ଶିରିଡ଼ି ପଠାଇବା ପାଇଁ ତାଙ୍କର କୃପା ଓ ସଂକଳ୍ପ ରହିଥିଲା । ସର୍ବଦେବତା ସ୍ୱରୂପ ଅବତାର ଭାବରେ

ସ୍ୱାମୀ ଶିରିଡ଼ି ସାଇବାବାଙ୍କ ଅବତାର ଥିଲେ ଏବଂ ଏହା ସେ ଭକ୍ତମାନଙ୍କ ଆଗରେ ପ୍ରମାଣ କରିସାରିଥିଲେ । ଏହି ଅନୁଭୂତି ମଧ୍ୟ ଏହି ପୁସ୍ତକରେ ବର୍ଣ୍ଣନା କରାଯାଇଛି ।

ବର୍ତ୍ତମାନ ଆସନ୍ତୁ ବୁଝିବା ଭଗବାନ ସତ୍ୟସାଇ ବାବା କିଏ ଏବଂ ସେ ନିଜେ ତାଙ୍କ ସଂପର୍କରେ କଣ କହନ୍ତି ।

ଭଗବାନ ସତ୍ୟସାଇ ବାବା ହେଉଛନ୍ତି ସତ୍ୟସ୍ୱରୂପ । ସେ ସତ୍ୟମ୍-ଶିବମ୍-ସୁନ୍ଦରମ୍ ଏବଂ ସତ୍-ଚିତ୍-ଆନନ୍ଦ । ତାଙ୍କର ବାସ୍ତବ ପ୍ରକୃତି ହେଉଛି ସେ ଶିବଶକ୍ତି ସ୍ୱରୂପ । ସେ ଆମ ଭିତରେ ସଂସ୍କାର ଆଣିବାକୁ ଏବଂ ସନାତନ ଧର୍ମର ପୁନଃ ପ୍ରତିଷ୍ଠା କରିବାକୁ ମାନବ ରୂପ ଧାରଣ କରିଛନ୍ତି ।

ମୁନିଋଷିମାନେ ମୁକ୍ତି ପାଇବା ପାଇଁ ତାଙ୍କୁ ପ୍ରାର୍ଥନା କରିଥିଲେ । ବୈଜ୍ଞାନିକମାନେ ସମୂହ ଧ୍ୱଂସ କରିବା ପାଇଁ ମାରଣାସ୍ତ୍ର ତିଆରି କରୁଥିଲାବେଳେ ଭଗବାନ ରକ୍ଷା କରିବାକୁ ଆସିଛନ୍ତି । ସେ ପ୍ରେମ, କରୁଣା ଓ ଶାନ୍ତି ସ୍ୱରୂପ । ସେ ନିଃସ୍ୱାର୍ଥ ପ୍ରେମ ମାଧ୍ୟମରେ ସମସ୍ତଙ୍କୁ ଜୟ କରିବାକୁ ଏବଂ ବିଶ୍ୱଶାନ୍ତି ପ୍ରତିଷ୍ଠା କରିବାକୁ ପୃଥିବୀର ସବୁ ଧର୍ମ ମଧ୍ୟରେ ଏକତା ଆଣିବାକୁ ଇଚ୍ଛା କରନ୍ତି । ସଠିକ୍ ଦିଗ୍‌ଦର୍ଶନ ଦେଇ ମଣିଷ ସମାଜରେ ପରିବର୍ତ୍ତନ ଓ ଉନ୍ନତି ଆଣିବାକୁ ସେ ଚାହାନ୍ତି । ସେ ହେଉଛନ୍ତି ବିଶ୍ୱଗୁରୁ ଏବଂ ସେ ଭଗବାନଙ୍କ ନିକଟରେ ପହଞ୍ଚିବା ପାଇଁ ନିମ୍ନଲିଖିତ ମାର୍ଗ ପ୍ରଦର୍ଶନ କରିଛନ୍ତି ।

(୧) ନାମସ୍ମରଣ : ଭଗବାନଙ୍କର ନାମ ବାରମ୍ବାର ଉଚ୍ଚାରଣ ବା ଜପ, ସମୂହ ଭଜନ ବା ଗାନ, ଯଜ୍ଞାଦି ଭଳି ଧାର୍ମିକ ଉତ୍ସବରେ ଯୋଗଦାନ, ଭଗବାନଙ୍କୁ ଅକ୍ଷତ ଅର୍ପଣ ସହିତ (ବା ବ୍ୟତିତ) ୧୦୮ ବା ୧୦୦୮ ନାମ ଉଚ୍ଚାରଣ ବା ଅର୍ଚ୍ଚନା ଇତ୍ୟାଦି ନାମ ସ୍ମରଣର ଅନ୍ତର୍ଭୁକ୍ତ । ଆଜିକାଲି ପାଦୁକା ପୂଜା (ସ୍ୱାମୀଙ୍କ ପାଦ ସ୍ପର୍ଶରେ ପବିତ୍ରିତ ରୂପାର କଠଉ ବା ଚଟି ଜୋତା)କୁ ମଧ୍ୟ ନାମ ସ୍ମରଣ ବୋଲି ବିଚାର କରାଯାଉଛି ।

(୨) ଲକ୍ଷାର୍ଚ୍ଚନା : ପରମପ୍ରିୟ ସ୍ୱାମୀଙ୍କ ପ୍ରଦତ୍ତ 'ଓଁ ଶ୍ରୀ ସତ୍ୟସାଇ କ୍ରିଷ୍ଣାୟ ନମଃ' ମନ୍ତ୍ର ଉଚ୍ଚାରଣ କରି ଭଗବାନଙ୍କ ପାଦପଦ୍ମରେ ଏକଲକ୍ଷ (ଏକଶତ ସହସ୍ର) ଥର ଅକ୍ଷତ ଅର୍ପଣ କରିବା ଲକ୍ଷାର୍ଚ୍ଚନାର ଉଦ୍ଦେଶ୍ୟ । ଏହି ଆଧ୍ୟାତ୍ମିକ କାର୍ଯ୍ୟ ସଂପର୍କରେ ୩୭ତମ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି ।

(୩) ଆତ୍ମଶୁଦ୍ଧି ପାଇଁ ପଦକ୍ଷେପ : ଅନ୍ୟର ସମାଲୋଚନା କର ନାହିଁ କିମ୍ବା ଦୋଷ ଦୁର୍ବଳତା ଦେଖ ନାହିଁ । ଏହା ବଦଳରେ ସେମାନଙ୍କୁ ସଦ୍‌ବୁଦ୍ଧି ଦେବାକୁ ଓ ସେମାନଙ୍କର ଉନ୍ନତି ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିବା ଦରକାର । ବାବା କହିଛନ୍ତି 'ହିରୋ' ହେବା ପାଇଁ ଚେଷ୍ଟା କରନାହିଁ । ମାତ୍ର ସର୍ବଦା 'ଜିରୋ'

ହୋଇ ରୁହ । ଗୋଟିଏ 'ଜିରୋ' (୦-ଶୂନ୍ୟ)ର ମୂଲ୍ୟ କିଛି ନାହିଁ । କିନ୍ତୁ ଏହା ପୂର୍ବରୁ ଗୋଟିଏ 'ଏକ' (୧) ଲେଖିଦେଲେ ତାହା 'ଦଶ' (୧୦) ହୋଇଯାଏ । ଏହି 'ଏକ'ଟି କଣ ? ନକ୍ଷତ୍ର ଅସଂଖ୍ୟ ହେଲେ ମଧ୍ୟ ଆକାଶ ଗୋଟିଏ, ଗାଇ ଅନେକ ହେଲେ ମଧ୍ୟ କ୍ଷୀର ସମାନ (ଏକ) । ସେହିପରି ନାମ ଅନେକ ହେଲେ ମଧ୍ୟ ଭଗବାନ ଗୋଟିଏ । ଏହାର ଅର୍ଥ ହେଲା ଯେତେବେଳେ ତୁମେ କୌଣସି ଉତ୍ତମ କାର୍ଯ୍ୟ କରୁଛ, କେବେହେଲେ 'ମୁଁ ଏହା କରିଛି' ବୋଲି କୁହନାହିଁ, ବରଂ କୁହ 'ସର୍ବଶକ୍ତିମାନ ଭଗବାନ ଏହା କରିଛନ୍ତି ।' ଗୋଟିଏ ସାକ୍ଷାତ୍‌କାରରେ ଏହା ଶିକ୍ଷା ଦିଆଯାଇଥିଲା । ଦିବ୍ୟ ହେବା ପାଇଁ 'ମାନବିକ ମୂଲ୍ୟବୋଧ ଶିକ୍ଷା' Education in Human Values (ଇ.ଏଚ୍.ଭି.)କୁ ଅଭ୍ୟାସରେ (ଆଚରଣରେ) ପରିଣତ କରିବାକୁ ଚେଷ୍ଟା କର । ଏହି ମୂଲ୍ୟବୋଧ ଗୁଡ଼ିକ ହେଲା ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ।

(୪) ମାନବ ସେବା ହିଁ ମାଧବ ସେବା : ଭଗବାନ ଶ୍ରୀ ସତ୍ୟସାଇ ବାବା କହନ୍ତି "ସେବା କରୁଥିବା ହାତ ପ୍ରାର୍ଥନା କରୁଥିବା ଓଠ (ଅଧର) ଅପେକ୍ଷା ଅଧିକ ପବିତ୍ର ।"

ସାକ୍ଷାତ୍‌କାର ଅବସରରେ ସେ ଅବତାର କାର୍ଯ୍ୟ ସଂପର୍କରେ କହିଛନ୍ତ "ଅବତାର ଶବ୍ଦର ଅର୍ଥ ହେଲା ଧର୍ମ ପ୍ରତିଷ୍ଠା ପାଇଁ ମାନବ ରୂପରେ ଭଗବାନଙ୍କର ବାରମ୍ବାର ଧରାପୃଷ୍ଠରେ ଅବତରଣ । ଦୁଷ୍ଟ ଶକ୍ତିଦ୍ୱାରା ଅବତାର ଟିକିଏ ହେଲେ ପ୍ରଭାବିତ ହେବେ ନାହିଁ । ଅବତାର ହେଉଛନ୍ତି ନିଜେ ପ୍ରେମ । ତେଣୁ ସେ ସଦା ଆନନ୍ଦମୟ । ସେ ସଂଗୀତ ନୃତ୍ୟରେ ଖୁସି ହୋଇଥାନ୍ତି । ଅବତାରମାନଙ୍କ ମଧ୍ୟରେ ରାମ ଓ କୃଷ୍ଣ ମାନବ ସମାଜ ପାଇଁ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଥିଲେ କାରଣ ମାନବ ସେମାନଙ୍କ ଆଦର୍ଶରୁ ଶିକ୍ଷାଲାଭ କରିପାରେ, ସେମାନଙ୍କୁ ନିଜର ସମସ୍ୟା ସହିତ ସଂପୃକ୍ତ କରି ସମାଧାନର ବାଟ ପାଇପାରେ ଏବଂ ସେମାନଙ୍କର ସଦ୍‌ଗୁଣ ଉପଦେଶକୁ କଳ୍ପନାକୁ ଆଣି ଆନନ୍ଦ କାମନା କରିପାରେ । ଅବତାରମାନେ ତ୍ରେତା ଯୁଗରେ ନୈତିକ ଶିକ୍ଷାର ସଂରକ୍ଷଣ କରି ବେଦକୁ ଉଦ୍ଧାର କରିଥିଲେ । କ୍ରେତା ଯୁଗରେ ଧର୍ମକୁ ସୁରକ୍ଷା ଦେଇଥିଲେ ଏବଂ ନାରୀମାନଙ୍କୁ ଅମର୍ଯ୍ୟାଦାରୁ ରକ୍ଷା କରିଥିଲେ । ଦ୍ୱାପର ଯୁଗରେ ସମ୍ପତ୍ତିର ଅଧିକାରକୁ ସାବ୍ୟସ୍ତ କରାଇ ଅନ୍ୟାୟରୁ ରକ୍ଷା କରିଥିଲେ ।"

"ବର୍ତ୍ତମାନ କଳିଯୁଗରେ ଏହି ତିନୋଟିଯାକ ଭୟଙ୍କର ଭାବରେ ସଂକଟର ସମ୍ମୁଖୀନ । ବେଦ ଉପହାସର ସାମଗ୍ରୀ ହୋଇ ପଡ଼ିଛି, ନାରୀମାନେ ବିପରୀତ ନାରୀ

ସୁଲଭ ଗୁଣ ଦ୍ୱାରା ପ୍ରୋତ୍ସାହିତ ହେଉଛନ୍ତି ଏବଂ ସମ୍ପତ୍ତି ଚୌର୍ଯ୍ୟ ସଂପଦ ରୂପେ ପରିଗଣିତ ହେଉଛି । ତେଣୁ ଅବତାରଙ୍କର ତ୍ରିବିଧ କାର୍ଯ୍ୟ ରହିଛି । ମଣିଷ ହୃଦୟରେ ପବିତ୍ରତା ନାହିଁ, ଆବେଗରେ ସାଧୁତା ନାହିଁ, କାର୍ଯ୍ୟରେ ପ୍ରେମ ନାହିଁ ଏବଂ ତା'ର ପ୍ରାର୍ଥନାରେ ଭଗବାନ ନାହାନ୍ତି । ଯଦିଓ କଳିଯୁଗରେ ମନ୍ଦ ପ୍ରକୃତିର ପ୍ରାବଲ୍ୟ ରହିଛି ତଥାପି ପ୍ରତିରୋଧ କ୍ରିୟା ଅତି ସରଳ । ଆଜି ଏବଂ ଭବିଷ୍ୟତରେ ନିଜକୁ ଦୁଶ୍ଚିନ୍ତା ଓ ଭୟରୁ ରକ୍ଷା କରିବା ପାଇଁ ନିଜ ମନକୁ ଭଗବାନଙ୍କ ଆଡ଼କୁ ନେଇଯିବାକୁ ପଡ଼ିବ । ଏଥିପାଇଁ ତ୍ୟାଗ ଓ ଭକ୍ତି ଅପରିହାର୍ଯ୍ୟ । ଏହା ଯଦି ହୁଏ ଶାରୀରିକ କଷ୍ଟ ଓ ତୀବ୍ର ଇନ୍ଦ୍ରିୟ ଯନ୍ତ୍ରଣା ମନକୁ ପ୍ରଭାବିତ କରିପାରିବ ନାହିଁ ।

"ମୁଁ ଆସିଛି ଈଶ୍ୱରଙ୍କ ଆଡ଼କୁ ଲମ୍ବିଥିବା ରାଜପଥକୁ ମରାମତ କରିବା ପାଇଁ । ଅବତାରମାନେ ସଫଳ ବା ବିଫଳ ହୁଅନ୍ତି ନାହିଁ । ଯାହା ସେ ସଂକଳ୍ପ କରନ୍ତି ତାହା ନିଶ୍ଚୟ ଘଟିଥାଏ, ସେମାନେ ଯାହା ଯୋଜନା ପ୍ରସ୍ତୁତ କରିଥାନ୍ତି, ତାହା ନିଶ୍ଚିତ ଭାବରେ ସଂଘଟିତ ହୁଏ । ମୁଁ ଆସିଛି ମାନବ ଇତିହାସରେ ଏକ ସୁବର୍ଣ୍ଣମୟ ଅଧ୍ୟାୟ ଲିପିବଦ୍ଧ କରିବା ପାଇଁ, ଯେଉଁଥିରେ ମିଥ୍ୟାଚାର ବିଫଳ ହୁଏ, ସତ୍ୟ ବିଜୟ ହାସଲ କରେ ଏବଂ ସାଧୁତା ରାଜତ୍ୱ କରେ ।"

❑❑

ଅଧ୍ୟାୟ - ୫

ସମ୍ପୂର୍ଣ୍ଣ ବିଶ୍ୱାସର ଗୁରୁତ୍ୱ

ସାକ୍ଷାତ୍‌କାର କୋଠରୀ ଛାଡ଼ିବା ପରେ ବେଳେବେଳେ ସ୍ୱାମୀ ବାହାରେ ଅପେକ୍ଷା କରିଥିବା ଭକ୍ତମାନଙ୍କ ସହିତ କଥାବାର୍ତ୍ତା ହୁଅନ୍ତି । ଏହିପରି ଏକ ଘଟଣାକ୍ରମରେ ଥରେ ସେ ମୋ ପାଖକୁ ଆସି କହିଥିଲେ ''ସ୍ୱାମୀ ଏଣିକି ଏତେ ଅଲୌକିକତା ପ୍ରଦର୍ଶନ କରିବେ ନାହିଁ କାରଣ ବହୁ ସଂଖ୍ୟକ ଭକ୍ତ ଟିକେ ଆରାମରେ ରହିବା ପାଇଁ ଏଠାରେ ସ୍ଥାନ ନାହିଁ । ଭବିଷ୍ୟତରେ ଏହି ସ୍ଥାନ ଏକ ବୃହତ୍ ନଗରୀରେ ପରିଣତ ହେବାକୁ ଯାଉଛି ।'' ବହୁ ଭକ୍ତ ଦୃଢ଼ତାର ସହିତ କହିପାରିବେ ଯେ ବିଗତ ୨୫ ବର୍ଷ ଭିତରେ ପୁଟ୍ଟାପର୍ତ୍ତିର ପ୍ରଶାନ୍ତି ନିଳୟମ୍ କିପରି ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି ।

ଥରେ ସ୍ୱାମୀ ଅନ୍ୟ କେତେଜଣ ଭକ୍ତଙ୍କ ସହିତ ମୋତେ ସାକ୍ଷାତ୍‌କାର ପାଇଁ ଡାକିଥିଲେ । କଥାବାର୍ତ୍ତା କରୁଥିବା ବେଳେ ସେ ତାଙ୍କର ଦକ୍ଷିଣ ହସ୍ତ ସ୍ୱାଭାବିକ ଭାବରେ ସଂଚାଳନ କରି ଏକ ରୂପାର କବଚ ସୃଷ୍ଟି କଲେ ଏବଂ ତାକୁ ମୋ ହାତକୁ ବଢ଼ାଇ ଦେଇ କହିଥିଲେ ''ଏହା ତୁମର ସୁରକ୍ଷା ପାଇଁ । ଯେତେବେଳେ ମାଙ୍ଗାଲୋର ଫେରିଯିବ ସେତେବେଳେ ଏହାକୁ ଏକ ବଣିଆ ପାଖକୁ ନେଇଯିବ ଏବଂ ଏହା ପାଇଁ ଏକ ସୁନାର ଖୋଳ ତିଆରି କରିଦେବ । ଯଦିଓ ଖର୍ଚ୍ଚ ଅଧିକ ହେବ ତଥାପି ଖୋଳଟି ମଜଭୁତ୍ ହେବା ଉଚିତ୍ ଯେପରି କୋଡ଼ିଏ ବର୍ଷ ପରେ ମଧ୍ୟ ଏହା ଉପରେ ଦାଗଟିଏ ପଡ଼ିବ ନାହିଁ । (ପରୋକ୍ଷରେ ସେ ସୂଚନା ଦେଇଥିଲେ ଯେ ମୁଁ ଆଉ କୋଡ଼ିଏ ବର୍ଷ ବଞ୍ଚିବି !) ।'' କିନ୍ତୁ ମୁଁ ଏକ ଶକ୍ତ ଧକ୍କା ପାଇଲି ଯେତେବେଳେ ସେ କହିଥିଲେ ''ତୁମେ ତିନିମାସ ଭିତରେ ଏକ ରେଳ ଦୁର୍ଘଟଣାର ସମ୍ମୁଖୀନ ହେବାର ସମ୍ଭାବନା ଅଛି । କିନ୍ତୁ ବ୍ୟସ୍ତ ହୁଅ ନାହିଁ ସ୍ୱାମୀ ତୁମକୁ ଏହି କବଚ ମାଧ୍ୟମରେ ରକ୍ଷା କରିବେ ।''

ଭଗବାନଙ୍କ ହସ୍ତକ୍ଷେପ ଯୋଗୁ ନା ଆକସ୍ମିକ ଭାବରେ ବଞ୍ଚିଗଲି !

ମାଡ୍ରାସରେ ମୋର ଜଣେ ସହପାଠୀ ତାଙ୍କ ଘରକୁ ଯିବା ପାଇଁ ମୋତେ ନିମନ୍ତ୍ରଣ କରିଥିଲେ ଏବଂ କେତୋଟି ମୁଖ୍ୟ ତୀର୍ଥସ୍ଥାନକୁ ମୋତେ ନେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

ଆମର ମାଡ୍ରାସ ଯାତ୍ରା ସମୟରେ ସାଲେମ ଷ୍ଟେସନ ଛାଡ଼ିବା ପରେ ହଠାତ୍ ରେଳଗାଡ଼ିଟି ଅଟକିଗଲା ଏବଂ ରାତିସାରା ଚାଲି ନଥିଲା । ସକାଳୁ ଗାଡ଼ିଟି ସାଲେମ ଆଡ଼କୁ ଫେରିବାକୁ ଲାଗିଲା । କଣ ହେଉଛି ବୋଲି ମୁଁ ଷ୍ଟେସନ ମାଷ୍ଟରଙ୍କୁ ପଚାରିଲି । ସେ କହିଥିଲେ ''ଆପଣମାନେ ବାସ୍ତବରେ ଭାଗ୍ୟବାନ । ଏକ ମାରାତ୍ମକ ରେଳ ଦୁର୍ଘଟଣାରୁ ଆପଣମାନେ ବଞ୍ଚିଗଲେ ।'' ସେ ବର୍ଣ୍ଣନା କଲେ ''ଗୋଟିଏ ମାଲବୁହା ଗାଡ଼ି ନିର୍ଦ୍ଦିଷ୍ଟ ସମୟର ଅଧଘଣ୍ଟା ପୂର୍ବରୁ ପହଞ୍ଚିଗଲା ଏବଂ ଆପଣଙ୍କ ଗାଡ଼ିଟି ଅଧଘଣ୍ଟା ବିଳମ୍ବ ଥିଲା । ଏହି ସମୟ ଭିତରେ ମୁଁ ସ୍ଥିର କଲି ଆପଣଙ୍କ ଗାଡ଼ି ପରବର୍ତ୍ତୀ ଷ୍ଟେସନରେ ମାଲଗାଡ଼ିଟିକୁ ଅତିକ୍ରମ କରିବା ଠିକ୍ ହେବ । ଏହା ଭାବି ମୁଁ ମାଲଗାଡ଼ିଟିକୁ ଷ୍ଟେସନ ଛାଡ଼ିବାକୁ ସଂକେତ ଦେଇଥିଲି । ମାତ୍ର ଦୁର୍ଭାଗ୍ୟ ବଶତଃ ରେଳ ଧାରଣାରେ ତ୍ରୁଟି ରହିଥିଲା ଏବଂ ମାଲଗାଡ଼ିଟିର ଚାରିଗୋଟି ବଗି ରେଳ ଧାରଣାରୁ ବାହାରକୁ ଖସିଗଲା । ଆପଣଙ୍କ ଗାଡ଼ିଟି ଦ୍ରୁତ ଗତିରେ ଆସୁଥିବାରୁ ମାଲଗାଡ଼ିଟିକୁ ଜୋର୍‌ରେ ଧକ୍‌କା ଦେଇ ଏକ ବଡ଼ ଧରଣର ଦୁର୍ଘଟଣାର କାରଣ ହୋଇଥାନ୍ତା । ମାତ୍ର କେବଳ ଭଗବାନଙ୍କ ହସ୍ତକ୍ଷେପ ଯୋଗୁ ଆପଣମାନେ ବଞ୍ଚିଗଲେ । ଆମେ ଭଗବାନଙ୍କୁ ଯଥେଷ୍ଟ ଧନ୍ୟବାଦ ଦେବା କଥା ।''

ମୁଁ ଭାବିଲି ସ୍ୱାମୀ ଦେଇଥିବା ରକ୍ଷା କବଚ ଯାତ୍ରୀ ମାନଙ୍କୁ ବଞ୍ଚାଇଦେଲା । ପର ମୁହୂର୍ତ୍ତରେ ମୁଁ ଭାବୁଥିଲି ଏହା ମଧ୍ୟ ଏକ ଆକସ୍ମିକ ଯୋଗାଯୋଗ ହୋଇପାରେ । ପୁଣି ମୁଁ ଭାବୁଥିଲି ଯଦି ଦୁର୍ଘଟଣା ଘଟିଥାନ୍ତା ଏବଂ ମୋର କିଛି ହୋଇ ନଥାନ୍ତା ତେବେ ମୁଁ ସ୍ୱାମୀ ଦେଇଥିବା ରକ୍ଷାକବଚକୁ ବିଶ୍ୱାସ କରିଥାନ୍ତି । ମୁଁ ସେଥିରୁ ସ୍ୱାମୀଙ୍କର ଅଲୌକିକ ଶକ୍ତିର ପ୍ରମାଣ ପାଇଥାନ୍ତି । ଏସବୁ ଥିଲା ମୋ 'ମାଙ୍କଡ଼ ମନ'ର ଚିନ୍ତାଧାରା ।

ଆମେ ଆମର ବନ୍ଧୁଙ୍କୁ ଖୁସି କରିବା ପାଇଁ ନିରାପଦରେ ମାଡ୍ରାସରେ ପହଞ୍ଚିଗଲୁ କିନ୍ତୁ ପ୍ରାୟ ଚଉଦ ଘଣ୍ଟା ବିଳମ୍ବରେ । ତାଙ୍କ ଘରେ ଅଳ୍ପ ସମୟ ପାଇଁ ରହି ଆମେ ବନ୍ଧୁଙ୍କ ଡ୍ରାଇଭରକୁ ନେଇ ତାଙ୍କ କାର୍‌ରେ ପଣ୍ଡିଚେରୀ ଯାତ୍ରା କଲୁ । ଆମେ ସେଠାରେ ଶ୍ରୀମାଙ୍କୁ ଦେଖା କରିପାରି ନଥିଲୁ । କାରଣ ତାଙ୍କ ଇଚ୍ଛା ବ୍ୟତିରେକ ତାଙ୍କୁ ଦର୍ଶନ କରିବା ସମ୍ଭବ ନଥିଲା । ମୁଁ ଟିକେ ନିରାଶ ହୋଇ ପଡ଼ିଥିଲି ମାତ୍ର ଶ୍ରୀ ଅରବିନ୍ଦଙ୍କ ଭଳି ମହାନ୍ ଦିବ୍ୟପୁରୁଷଙ୍କର ମହାସମାଧି ଦର୍ଶନ କରି ଖୁସି ହୋଇ ଯାଇଥିଲି । ଶ୍ରୀ ଅରବିନ୍ଦ ସମଗ୍ର ବିଶ୍ୱରେ ଅତି ପରିଚିତ ଥିଲେ ଏବଂ ତାଙ୍କୁ ଦର୍ଶନ କରିବାକୁ ଆସୁଥିବା ହଜାର ହଜାର ଭକ୍ତଙ୍କୁ ଆଧ୍ୟାତ୍ମିକ ସହାୟତା ଦେଉଥିଲେ । ଶ୍ରୀ ଅରବିନ୍ଦ ୧୯୫୦ ମସିହାରେ ମର ଶରୀର ତ୍ୟାଗ କରିଥିଲେ । ୧୯୨୬ ମସିହା ନଭେମ୍ବର

୨୪ ତାରିଖରେ ସେ ଘୋଷଣା କରିଥିଲେ ଯେ ଭଗବାନ ମାନବ ଶରୀରରେ ଅବତରଣ କରିସାରିଲେଣି । ଆମର ପରମପ୍ରିୟ ସ୍ୱାମୀ ୧୯୨୬ ମସିହା ନଭେମ୍ବର ୨୩ ତାରିଖରେ ଜନ୍ମଗ୍ରହଣ କରିଥିଲେ ।

ଆମର ପରବର୍ତ୍ତୀ ଯାତ୍ରା ଥିଲା 'ପକ୍ଷୀତୀର୍ଥ'କୁ ଯେଉଁଠାରେ ଦୁଇଟି ବୃହଦାକାର ପକ୍ଷୀ ଠିକ୍ ପୂର୍ବାହ୍ନ ୧୨ଟାରେ ଓହ୍ଲାଇ ଥାନ୍ତି ଏବଂ ନିକଟରେ ଥିବା ମନ୍ଦିରର ପୂଜାରୀ ଗୋଟିଏ ପାତ୍ରରେ ରଖୁଥିବା ଖାଦ୍ୟ ଗ୍ରହଣ କରି ଚାଲିଯାଆନ୍ତି । ହଜାର ହଜାର ଲୋକ ମଧ୍ୟାହ୍ନରେ ଏହି ଦୃଶ୍ୟ ଦେଖିବା ପାଇଁ ସେଠାରେ ଉପସ୍ଥିତ ହୁଅନ୍ତି । ଏହା ଜଣାଶୁଣା ଯେ ଏହି ପକ୍ଷୀ ଦୁଇଟି ଉତ୍ତର ଭାରତର କାଶୀଠାରେ ରହନ୍ତି ଏବଂ ଏଠାରେ ଖାଦ୍ୟ ଗ୍ରହଣ ପାଇଁ ଉଡ଼ିଆସନ୍ତି ।

ଆମର ତୃତୀୟ ତୀର୍ଥଯାତ୍ରା ଥିଲା ପ୍ରସିଦ୍ଧ ତିରୁପତି ବାଲାଜୀ ଓ ମା' ପଦ୍ମାବତୀଙ୍କ ମନ୍ଦିରକୁ । ଓଁ ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀ ଭାରୁ ଏବଂ ଶ୍ରୀ ପଦ୍ମାବତୀ ଆମ୍ମାଭାରୁଙ୍କ ନାମ ଅନୁସାରେ ଏହି ମନ୍ଦିରର ନାମକରଣ କରାଯାଇଥିଲା । କୁହାଯାଏ ଭକ୍ତମାନଙ୍କ ଦାନ ବଳରେ ସମଗ୍ର ଭାରତବର୍ଷରେ ଏହି ମନ୍ଦିର ସବୁଠାରୁ ଧନୀ । ମୁଁ ନିଜକୁ ଭାଗ୍ୟବାନ ମନେ କରୁଥିଲି । କାରଣ ବାବାଙ୍କ କୃପାରୁ ଏଭଳି ଏକ ପବିତ୍ର ସ୍ଥାନକୁ ଯିବାପାଇଁ ସକ୍ଷମ ହୋଇଥିଲି ।

ପ୍ରଶାନ୍ତି ନିଳୟମ୍‌କୁ ପ୍ରତ୍ୟାବର୍ତ୍ତନ

ଦୁଇମାସ ପରେ ମୁଁ ପ୍ରଶାନ୍ତି ନିଳୟମ୍‌କୁ ଯାଇଥିଲି । ମାଙ୍ଗାଲୋରରୁ କାର୍‌ରେ ଯାଉଥିବା ଭକ୍ତମାନେ ମୋତେ ସାଙ୍ଗରେ ନେଉଥିବାରୁ ଖୁସି ହେଉଥିଲେ । କାରଣ ସେମାନେ ବାବାଙ୍କ ସାକ୍ଷାତ୍‌କାର ପାଇବା ଆଶା ରଖିଥିଲେ । ପରମପ୍ରିୟ ସ୍ୱାମୀ ମୋତେ ଖୁବ୍ ଭଲପାଉଥିଲେ ଏବଂ ସାକ୍ଷାତ୍‌କାର ପାଇଁ ତତ୍‌କ୍ଷଣାତ୍ ଡାକୁଥିଲେ । ମୁଁ ପୁଣିଥରେ ସାକ୍ଷାତ୍‌କାର ପାଇଁ ଅନୁମତି ପାଇଲି । କିନ୍ତୁ ଏଥର ସେ ମୋତେ ଗୋଟିଏ ବଡ଼ ଧକ୍କା ଦେଇଥିଲେ । ବିଭୂତି ସୃଷ୍ଟି କରି ଆମ୍ଭମାନଙ୍କୁ ଦେବା ପରେ ସେ ମୋତେ ଦୁଃଖଭରା ସ୍ୱରରେ କହିଥିଲେ "ସ୍ୱାମୀ ତୁମକୁ ରେଳ ଦୁର୍ଘଟଣାରୁ ରକ୍ଷା କଲେ ତଥାପି ତୁମେ ଭାବୁଛ ଯେ ଏହା ଏକ ଆକସ୍ମିକ ଯୋଗାଯୋଗ ।" ଏଥିରେ ମୁଁ ଦାରୁଣ ଆଘାତ ପାଇଥିଲି ଏବଂ ଉତ୍ତର ଦେଲି "ସ୍ୱାମୀ ! ମୁଁ ଏବେ ଅନୁଭବ କରୁଛି ପ୍ରକୃତରେ ଆପଣ ଆମକୁ ସେହି ଦୁର୍ଘଟଣାରୁ ରକ୍ଷା କରିଥିଲେ ନଚେତ୍ ଏହା ଏକ ମାରାତ୍ମକ ଦୁର୍ଘଟଣା ହୋଇଥାନ୍ତା । ଅପରନ୍ତୁ ଆମେ ସବୁ ଆପଣଙ୍କ ସନ୍ତାନ ଏବଂ ଭୁଲ୍ ବିଚାରର ବଶବର୍ତ୍ତୀ ହେବା ସ୍ୱାଭାବିକ । ଦୟାକରି ମୋତେ କ୍ଷମା କରନ୍ତୁ । ଆପଣ ସର୍ବବିଦ୍ୟମାନ,

ସର୍ବଶକ୍ତିମାନ ଓ ସର୍ବଜ୍ଞାତା ବୋଲି ବୁଝିବା ପାଇଁ ଦୟାକରି ମୋତେ ସୁଯୋଗ ଦେଇଛନ୍ତି ।'' ଏହାପରଠାରୁ ମୋର ସ୍ୱାମୀଙ୍କ ଉପରେ ବିଶ୍ୱାସ ଦୃଢ଼ ହୋଇଥିଲା ।

ଆଉଥରେ ଆଶ୍ରମକୁ ଯିବା ପାଇଁ ମୁଁ ଓ ଅନ୍ୟ ଜଣେ ଭକ୍ତ, ମିଷ୍ଟର ଗଣତ୍ରା, ମାଡ୍ରାସ ମେଲ୍ ଯୋଗେ ଯାତ୍ରା କରିଥିଲୁ । ତାଙ୍କ ଉଦରରେ ଯନ୍ତ୍ରଣା ହେଉଥିବା କଥା ସେ କାହାରିକୁ କହି ନଥିଲେ । ପରମପ୍ରିୟ ସ୍ୱାମୀ ଆମକୁ ଖୁବ୍ ଶୀଘ୍ର ସାକ୍ଷାତ୍‌କାର ଦେଇଥିଲେ । ସେ ତାଙ୍କର ଦକ୍ଷିଣ ହସ୍ତ ସଂଚାଳନ କରି ବିଭୂତି ସୃଷ୍ଟି କଲେ ଏବଂ ମିଷ୍ଟର ଗଣତ୍ରାଙ୍କୁ ଆଗକୁ ଆସିବାକୁ ନିର୍ଦ୍ଦେଶ ଦେଲେ । ତାଙ୍କ ସାର୍ଟକୁ ଟେକି ଦେଇ ତାଙ୍କ ଉଦରରେ ବିଭୂତି ବୋଳି ଦେଉ ଦେଉ କହିଥିଲେ ''ବିଗତ ଦଶବର୍ଷ ହେଲା ତୁମର ଗାଷ୍ଟ୍ରିକ୍ ଅଲ୍‌ସର ଅଛି । ସ୍ୱାମୀ ତୁମକୁ ଆଜି ଆରୋଗ୍ୟ ପ୍ରଦାନ କଲେ କାରଣ ତୁମେ ସ୍ୱାମୀଙ୍କୁ ପରୀକ୍ଷା କରିବା ପାଇଁ ଆସିଛ ।'' ବାବା ବାରମ୍ବାର କହିଛନ୍ତି ''ପ୍ରଶାନ୍ତି ନିଳୟମ୍ ଆସ, ପ୍ରଥମେ ତନ୍ନତନ୍ନ କରି ଦେଖ, ତା'ପରେ ଅନୁଭବ କର । ଅଭିଜ୍ଞତା ଅର୍ଜନ କର ଏବଂ ଶେଷରେ ବିଶ୍ୱାସ କର । ତୁମ ଆଗରେ ଥିବା ବିଶ୍ୱାସର ପଥକୁ ବିକାଶ କର ।'' ଗାଷ୍ଟ୍ରିକ ଅଲ୍‌ସର ସେହି ମୁହୂର୍ତ୍ତରେ ଭଲ ହୋଇ ଯାଇଥିଲା ଏବଂ ମିଷ୍ଟର ଗଣତ୍ରା ସ୍ୱାମୀଙ୍କର ଜଣେ ବଡ଼ ଭକ୍ତ ପାଲଟି ଯାଇଥିଲେ ।

ବାବା କହନ୍ତି ''ମୋ ଉପରେ ଆସ୍ଥା ରଖ । ମୁଁ ତୁମର ସବୁପ୍ରକାର ଯତ୍ନ ନେବି ।'' ବିଶ୍ୱାସ କରିବା ଓ ବିଶ୍ୱାସ ଭାଜନ ହେବା ମଧ୍ୟରେ ପାର୍ଥକ୍ୟ କଣ ବୋଲି ପ୍ରଶ୍ନ କରାଯିବାରୁ ବାବା କହିଥିଲେ ''ଈଶ୍ୱରଙ୍କ ପ୍ରତି ବିଶ୍ୱାସର ଅର୍ଥ ସେ ନିଜେ (ବାବା) ଈଶ୍ୱର ବୋଲି ବିଶ୍ୱାସ କରିବା । ସେ ସର୍ବବିଦ୍ୟମାନ, ସର୍ବଶକ୍ତିମାନ ଓ ସର୍ବଜ୍ଞାତା । ବିଶ୍ୱାସଭାଜନ ହେବାର ଅର୍ଥ ତାଙ୍କର କଥା, ଇଚ୍ଛା ଓ କାର୍ଯ୍ୟ ପ୍ରତି ଦୃଢ଼ ଆସ୍ଥା ସ୍ଥାପନ କରିବା । ମୁଁ ଯଦି କିଛି କହେ ତା'ର ନିର୍ଦ୍ଦିଷ୍ଟ କାରଣ ରହିଛି । ତୁମର ଏପରି ଆସ୍ଥା ରହିବା ଉଚିତ୍ ଯେ ମୁଁ ଯାହା କହେ, ଯାହା ଇଚ୍ଛା କରେ ଓ ଯାହା କରେ ତା ପଛରେ ସବୁବେଳେ ନିର୍ଦ୍ଦିଷ୍ଟ କାରଣ ରହିଥାଏ । ମୋର କଥା ଓ କାର୍ଯ୍ୟ ପ୍ରତି ତୁମର ଦୃଢ଼ ଆସ୍ଥା ରହିବା ଉଚିତ୍ । ମୁଁ ଯାହା କହେ ତାହା ସତ୍ୟ, ମୁଁ ଯାହା କରେ ତାହା ସତ୍ୟ ଏବଂ ମୁଁ ଯାହା ଇଚ୍ଛା କରେ ତାହା ମଧ୍ୟ ସତ୍ୟ । ଘଟଣା ଅନ୍ୟ ପ୍ରକାର ଜଣାଗଲେ ମଧ୍ୟ ତୁମର ଏଭଳି ଆସ୍ଥା ରହିବା ଦରକାର, ଏହାହିଁ ବିଶ୍ୱାସଭାଜନ ହେବା (ଆସ୍ଥା ସ୍ଥାପନ କରିବା)ର ଅର୍ଥ ।''

ସେ ପୁନର୍ବାର କହିଥିଲେ ''ତୁମର ମନ୍ଦ କର୍ମ ପାଇଁ ତୁମେ କଷ୍ଟ ପାଇଥାଅ । ଯାହାହେଉ, ଈଶ୍ୱରଙ୍କ ପ୍ରତି ତୁମର ବିଶ୍ୱାସ ତୁମର କଷ୍ଟକୁ ଲାଘବ କରିଥାଏ । ମୁଁ ତୁମକୁ

ଏହି କୃପା ପ୍ରଦାନ କରୁଛି ଯାହା ଔଷଧ ବା ପେନ୍‌କିଲର (ଯନ୍ତ୍ରଣା ଧ୍ୱଂସକାରୀ) ପରି କାର୍ଯ୍ୟ କରିବ । ସଂକ୍ଷେପରେ ଯେତେବେଳେ ତୁମର ଭଗବାନଙ୍କ ପ୍ରତି ଶତକଡ଼ା ଶହେଭାଗ ବିଶ୍ୱାସ ରହିଛି, ଭଗବାନ ତାଙ୍କ କରୁଣା ବଳରେ ତୁମ କଷ୍ଟକୁ ଲାଘବ କରିଦେବେ । କିନ୍ତୁ ସେ ତୁମ କର୍ମକୁ ଲାଘବ କରିପାରିବେ ନାହିଁ । କାରଣ ତୁମ କର୍ମ ବ୍ରେକ୍ ବା ଗତିରୋଧକ ଭଳି କାର୍ଯ୍ୟ କରିଥାଏ ଏବଂ ତୁମ ପାଇଁ ବାଧତାମୂଳକ ବୋଲି ତୁମେ ଭାବିଥାଅ । ତୁମ କର୍ମ ଅନୁସାରେ ଭଗବାନ ତୁମକୁ ତୁମର ପ୍ରାପ୍ୟକୃପା ପ୍ରଦାନ କରିଥାନ୍ତି । ଏହିପ୍ରକାର ତୁମେ ବନ୍ଧନଯୁକ୍ତ ଏବଂ ଭଗବାନ ସମ୍ପୂର୍ଣ୍ଣ ରୂପେ ବନ୍ଧନମୁକ୍ତ ।''

''କିନ୍ତୁ ଯେତେବେଳେ ତୁମର ଭଗବାନଙ୍କ ଉପରେ ଶତକଡ଼ା ଶହେଭାଗ ଆସ୍ଥା ରହିଛି, ସେ ସେତେବେଳେ ସମ୍ପୂର୍ଣ୍ଣ ରୂପେ ତୁମର ଯତ୍ନ ନେବାକୁ ବାଧ । ତୁମର କୌଣସି କର୍ମ, ଭଲ ହେଉ ବା ମନ୍ଦ ହେଉ, ଏ ଦିଗରେ ଗତିରୋଧକ ରୂପେ ପ୍ରତିବନ୍ଧକ ସୃଷ୍ଟି କରିବ ନାହିଁ । ଯେତେବେଳେ ଭଗବାନଙ୍କ ପ୍ରତି ତୁମେ ଏଭଳି ପୂର୍ଣ୍ଣ ଆସ୍ଥା ସ୍ଥାପନ କରିବ ଏବଂ ଦୃଢ଼ ବିଶ୍ୱାସ କରିବ ଯେ ସେ ନିଶ୍ଚୟ ତୁମର ଯତ୍ନ ନେବେ, ସେତେବେଳେ ଚିନ୍ତା କରିବାର କଣ ଅଛି ? କାରଣ ସେ କେବେହେଲେ ତୁମକୁ ତଳକୁ ପକାଇ ଦେବେ ନାହିଁ । ସେ ତୁମର ଯତ୍ନ ନେବେ ଏବଂ ତୁମ ପାଇଁ ସବୁ କିଛି କରିଦେବେ । ତୁମ କର୍ମର ସ୍ଥିତି ଯାହା ହେଉନା କାହିଁକି ଏ ଦିଗରେ ଅଗ୍ରସର ହୁଅ ।''

''ଶତକଡ଼ା ଶହେଭାଗ ବିଶ୍ୱାସର ଅର୍ଥ ହେଲା ତୁମକୁ ଭଗବାନ କେବେହେଲେ କଷ୍ଟ ଭୋଗିବାକୁ ଦେବେ ନାହିଁ । ଶତକଡ଼ା ଶହେ ଭାଗ ଆସ୍ଥାର ଅର୍ଥ ହେଲା ଭଗବାନ କେବେହେଲେ ତୁମକୁ ତଳକୁ ପକାଇ ଦେବେ ନାହିଁ । ଶତକଡ଼ା ଶହେଭାଗ ବିଶ୍ୱାସ ଏବଂ ଶହେ ଭାଗ ଆସ୍ଥା ତୁମକୁ ଶହେଭାଗ ଭକ୍ତି ଆଣି ଦେଇଥାଏ । ଏହା ଭକ୍ତିର ଶୀର୍ଷ ଅବସ୍ଥା । ଏଥିରେ ଭଗବାନ ଏକପ୍ରକାର ବାନ୍ଧି ହୋଇ ରହିଥାନ୍ତି ଏବଂ ଭକ୍ତ ପ୍ରଶାନ୍ତି ଓ ମୁକ୍ତି ଉପଭୋଗ କରେ । ପ୍ରତ୍ୟେକ ଭକ୍ତ ଏହା ହିଁ ଆଶା କରିବା ଉଚିତ ।''

''ତୁମର ବିଶ୍ୱାସ ହିଁ ମୋ ଉପରେ ତୁମର ସମ୍ପୂର୍ଣ୍ଣ ଆସ୍ଥା ସ୍ଥାପନ କରିବ । ତୁମର ଦୃଢ଼ ଆସ୍ଥା ରହିବା ଉଚିତ ଯେ ମୁଁ ନିଶ୍ଚୟ ତୁମ ପ୍ରତି ଦୃଷ୍ଟି ରଖିବି । ତୁମର ଆସ୍ଥା ରହିବା ଉଚିତ ଯେ ମୋ କୃପା ସବୁବେଳେ ତୁମ ପାଇଁ ରହିଛି; ମୁଁ ସବୁବେଳେ ତୁମ ଉପରେ ଦୃଷ୍ଟି ରଖିଛି ଏବଂ ତୁମକୁ ରକ୍ଷା କରୁଛି । ତୁମର ଆସ୍ଥା ରହିବା ଉଚିତ ଯେ ମୁଁ କେବେହେଲେ ତୁମକୁ ତଳକୁ ପକାଇ ଦେବି ନାହିଁ । ମୁଁ ସବୁବେଳେ ତୁମ ପାଖେ ପାଖେ ରହିଛି, ତୁମକୁ ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରଦାନ କରୁଛି ଏବଂ ଦୁଃଖ କଷ୍ଟରେ ସହାୟତା ପ୍ରଦାନ କରୁଛି । କାଚଟି ଭାଙ୍ଗିଯିବ ନାହିଁ ବୋଲି ଭାବି ଯେପରି ତୁମେ କାଚ ଉପରେ ଭରା

ଦେଇ ଥାଅ ସେହିପରି ମୋ ଉପରେ ଭରା ଦିଅ ଏବଂ ମୋ ଉପରେ ସମ୍ପୂର୍ଣ୍ଣ ନିର୍ଭର କର । ମୁଁ ତାହା ହେଲେ ତୁମର ଯତ୍ନ ନେବି । ତୁମେ ଯଦି ମୋ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ଓ ଆସ୍ଥା ସ୍ଥାପନ କର ତେବେ ମୁଁ ତୁମର ମଙ୍ଗଳ ସାଧନ କରିବି ଏବଂ ଏ ଜନ୍ମରେ ଓ ପରିବର୍ତ୍ତୀ ଜନ୍ମରେ ତୁମର ସବୁ ପ୍ରକାର ଆବଶ୍ୟକତା ପୂରଣ କରିବି ।''

''ମୃତ୍ୟୁ ପାଖେଇ ଆସିଲାବେଳେ ଭଗବାନଙ୍କ ଉପରେ ବିଶ୍ୱାସ ହରାଇବା ଜଣେ ଭକ୍ତ ପକ୍ଷେ ସବୁଠାରୁ ବଡ଼ ମୂର୍ଖତା । ତୁମର କର୍ମ ପାଇଁ ତୁମେ ଯେଉଁ ଶାସ୍ତି ଭୋଗ କରୁଛ ତାହା ଶେଷ ହୋଇଗଲା ଏବଂ ତୁମେ ମୁକ୍ତି ପାଇଗଲ ବୋଲି ଭାବିଥାଅ । ଅନ୍ୟ ପାଇଁ କେହି ଜନ୍ମ ନେଇ ନ ଥାଏ ଏବଂ ଜୀବନ ଧାରଣ କରି ନ ଥାଏ । ପ୍ରତ୍ୟେକଙ୍କର ନିଜର କର୍ମବୋଝ ବୋହିବା ଓ ଓହ୍ଲାଇବା ଦାୟିତ୍ୱ ରହିଛି । ତେଣୁ ସେଭଳି କୌଣସି ଅବସ୍ଥା ସୃଷ୍ଟି କର ନାହିଁ ଯେଉଁଥିରେ ତୁମକୁ ଶକ୍ତି ଏବଂ ସାନ୍ତ୍ୱନା ଦେଉଥିବା ଭଗବାନଙ୍କ ଉପରେ ତୁମର ବିଶ୍ୱାସ ପ୍ରତିହତ ହେବ ।''

''ତେଣୁ ବିଶ୍ୱାସ ହେଉଛି ଅତି ଗୁରୁତ୍ୱପୂର୍ଣ୍ଣ । ଈଶ୍ୱରଙ୍କୁ ତୁମର ଚିନ୍ତା, କଥା ଓ କାର୍ଯ୍ୟ ମଧ୍ୟରେ ଅବସ୍ଥାପିତ କର । ଈଶ୍ୱର ବିଶ୍ୱାସ ବିନା ଆମେ କୌଣସି କାର୍ଯ୍ୟ କରିପାରିବା ନାହିଁ । ଦୈବତ୍ୱ ସର୍ବତ୍ର ବିଦ୍ୟମାନ ଏବଂ ଅବିଶ୍ରାନ୍ତ ଭାବରେ କାର୍ଯ୍ୟରତ ।''

□□

ଅଧ୍ୟାୟ - ୬

ନବରାତ୍ର ବା ଦଶହରା ଉତ୍ସବ

ପ୍ରଫେସର କସ୍ତୁରୀ ମୋତେ ଦେଇଥିବା ''ସତ୍ୟମ୍-ଶିବମ୍-ସୁନ୍ଦରମ୍''ର ପ୍ରଥମ ଭାଗ ପଢ଼ି ମୁଁ ୧୯୬୧ ମସିହାର ନବରାତ୍ର-ଦଶହରା ଉତ୍ସବରେ ଯୋଗ ଦେବା ପାଇଁ ସ୍ଥିର କଲି । ସେତେବେଳେ ମୁଁ ଯେଉଁ ବିସ୍ମୟାଭିଭୂତ ଅନୁଭୂତି ଲାଭ କରିଥିଲି ଏ ପର୍ଯ୍ୟନ୍ତ ସେଭଳି ଅନୁଭୁତି ଆଉ କେବେ ପାଇ ନାହିଁ ।

ଦଶହଜାର ଲୋକ ବସି ପାରିଲା ଭଳି ହସ୍‌ପିଟାଲ ଆଗରେ ଥିବା ଖୋଲା ସ୍ଥାନରେ ଏକ ବଡ଼ କୁଣ୍ଡ ତିଆରି ହୋଇଥିଲା । ଏଥିପାଇଁ ଦଶଫୁଟ (ତିନିମିଟର) ଲମ୍ବ ଓ ଦଶଫୁଟ ପ୍ରସ୍ଥ ଥିବା ଏକ ଚତୁଃସ୍କୋଣ ବିଶିଷ୍ଟ ଖାତ ଖୋଳାଯାଇଥିଲା । ଏହାର ଗଭୀରତା ଥିଲା ପ୍ରାୟ ଦଶଫୁଟ, ଏହାର ଚତୁର୍ଦ୍ଦିଗରେ ଦୁଇଫୁଟ (୬୦ସେମି) ଚଉଡ଼ାର ଇଟା ନିର୍ମିତ ପାର୍ଶ୍ୱପଥ ରହିଥିଲା । ଏହି ଖାତ ଭିତରେ କାଠର ଗଡ଼ମାନ ରଖାଯାଇଥିଲା । ବୈଦିକ ମନ୍ତ୍ର ଉଚ୍ଚାରଣ ପୂର୍ବକ ପରମ୍ପରା ଅନୁସାରେ ଦୁଇଟି ସ୍ୱତନ୍ତ୍ର କାଠର ଘର୍ଷଣ ଦ୍ୱାରା ଏଥିରେ ଅଗ୍ନି ସଂଯୋଗ କରାଯାଇଥିଲା ।

ଯଜ୍ଞୋତ୍ସବ

ଦଶଦିନ ବ୍ୟାପୀ ଦଶହରା ଉତ୍ସବ ପାଇଁ ସ୍ୱାମୀ କାଶୀର ପଣ୍ଡିତମାନଙ୍କୁ ନିମନ୍ତ୍ରଣ କରିଥିଲେ । ଏମାନେ ସଂସ୍କୃତ ଭାଷାରେ ପାଣ୍ଡିତ୍ୟ ହାସଲ କରିଥିଲେ । ଦୁଇ ଶହ ବେଦ ବିଦ୍ୟାଳୟ ଛାତ୍ରଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଥିଲା । ଏମାନେ ସ୍ପଷ୍ଟ ଭାବରେ ଚାରିବେଦ ଉଚ୍ଚାରଣ କରି ପାରୁଥିଲେ । ଏମାନଙ୍କୁ ଚାରିଗୋଟି ଦଳରେ ବିଭକ୍ତ କରାଯାଇଥିଲା । ପ୍ରତ୍ୟେକ ଦଳରେ ୫୦ ଜଣ ଲେଖାଏଁ ରହି ଋକ୍‌ବେଦ, ଯଜୁର୍ବେଦ, ଅଥର୍ବ ବେଦ ଓ ସାମବେଦର ମନ୍ତ୍ରମାନ ଉଚ୍ଚାରଣ କରୁଥିଲେ । ପ୍ରତ୍ୟେକ ଦଳର ନେତା ଅଗ୍ନିରେ ଘୃତ ଓ ଅନ୍ୟାନ୍ୟ ପଦାର୍ଥ ଅର୍ପଣ କରୁଥିଲେ । ବେଦମନ୍ତ୍ର ଉଚ୍ଚାରଣ ସେଠାରେ ଏକ ଉଚ୍ଚକୋଟୀର ଆଧ୍ୟାତ୍ମିକ ପ୍ରକମ୍ପନ ସୃଷ୍ଟି କରୁଥିଲା ।

ମୁଁ ଏହି ବିଶେଷ ଯଜ୍ଞରେ ଯୋଗ ଦେବା ପାଇଁ ସ୍ୱାମୀଙ୍କର ଆଶୀର୍ବାଦ ପାଇଥିବାରୁ ନିଜକୁ ଅତି ଭାଗ୍ୟବାନ ବୋଲି ମନେ କରୁଥିଲି । କାରଣ ଏଭଳି ବଡ଼ ଧରଣର ଉତ୍ସବ

ପ୍ରଥମଥର ପାଇଁ ପାଳନ କରାଯାଉଥିଲା । ମୋର ସୌଭାଗ୍ୟକୁ ମୁଖ୍ୟ ସ୍ୱେଚ୍ଛାସେବକ ମୋତେ ଜଣେ ସ୍ୱେଚ୍ଛାସେବକ ଭାବରେ କାର୍ଯ୍ୟ କରିବା ପାଇଁ ଡାକିଥିଲେ । ସେ ସମୟରେ ସ୍ୱେଚ୍ଛାସେବକ ହେବା ପାଇଁ କୌଣସି ବିଧିବିଧାନ ନ ଥିଲା । ଯେଉଁ ଭକ୍ତମାନେ ଉତ୍ସବ ଦେଖିବା ପାଇଁ ସେଠାରେ ଉପସ୍ଥିତ ହୋଇଥାନ୍ତି ସେମାନଙ୍କ ଭିତରୁ କେତେକ ଗୋଟିଏ ସ୍ୱେଚ୍ଛାସେବକ ଦଳ ଗଢ଼ି ଉତ୍ସବ ସମୟରେ ନୀରବତା ଓ ଶୃଙ୍ଖଳା ରକ୍ଷା ପାଇଁ କାର୍ଯ୍ୟ କରିଥାନ୍ତି । ଭକ୍ତ ଓ ପ୍ରଶାନ୍ତି ନିଳୟମ୍‌କୁ ଆସୁଥିବା ପରିଦର୍ଶକମାନେ ଦୃଢ଼ ଭାବରେ କହିଥାନ୍ତି ଯେ ପ୍ରକୃତରେ ସେ ସ୍ଥାନ ପରମ ଶାନ୍ତି (ପ୍ରଶାନ୍ତି)ର ଧାମ ।

ସେହି ପ୍ରାକ୍‌କାଳରେ ସେଠାରେ ଭକ୍ତମାନଙ୍କ ପାଇଁ ଖୁବ୍ କମ୍ ସୁବିଧା ସୁଯୋଗ ରହିଥିଲା । ଭକ୍ତମାନେ ୧୯୫୦ ମସିହାରେ ନିର୍ମିତ ପୁରୁଣା ମନ୍ଦିର ଚାରିପଟରେ ଏକତ୍ରିତ ହେଉଥିଲେ । ଲୋକମାନେ ଗଛମୂଳ ବା ଖୋଲା ପଡ଼ିଆରେ ମଧ୍ୟ ଶୟନ କରୁଥିଲେ । ମାତ୍ର ସ୍ୱାମୀଙ୍କ କୃପାରୁ ସମସ୍ତଙ୍କ ପାଇଁ କ୍ୟାଣ୍ଟିନରେ ଖାଦ୍ୟ ମିଳୁଥିଲା ।

ଏକ ଦିବ୍ୟ ସନ୍ଦେଶରେ ସ୍ୱାମୀ କହିଥିଲେ "ତୁମେ ତୁମର ଭକ୍ତି ଓ ବିଶ୍ୱାସ ଯୋଗୁ ବହୁ କଷ୍ଟ ସ୍ୱୀକାର କରି ଏଠାକୁ ଆସୁଛ ଏବଂ ବହୁ ଅସୁବିଧା ସତ୍ତ୍ୱେ ଆନନ୍ଦ ଅନୁଭବ କରୁଛ । ତୁମେ ଯେତେବେଳେ ଘରକୁ ଫେରିଯିବ ତୁମେ ନିଶ୍ଚୟ ଏହି ଦିବ୍ୟାନନ୍ଦ ବହନ କରି ଯିବ । ଆଜି ତୁମେ ପ୍ରତ୍ୟେକ ପୃଥକ ଭାବରେ ଏହା ଅନୁଭବ କରୁଛ । ମାତ୍ର ଘରକୁ ଫେରିଯାଇ ତୁମେ ଏହି ଅନୁଭୂତିକୁ ସ୍ମରଣ କରିବ ଏବଂ ତୁମ ହୃଦୟରେ ଅନ୍ୟ ସମସ୍ତଙ୍କ ଉପସ୍ଥିତି ଅନୁଭବ କରିବ । ଭଗବାନଙ୍କୁ ତୁମ ହୃଦୟରେ ସ୍ଥାପନ କର ଏବଂ ଭକ୍ତି ଓ ତ୍ୟାଗ ସ୍ୱୀକାର କରିବା ସହିତ ନିଜର କର୍ତ୍ତବ୍ୟ ସମ୍ପାଦନ କର ।"

ସେ ପୁଣି କହିଥିଲେ "ବହୁ ଖର୍ଚ୍ଚାନ୍ତ ହୋଇ ତୁମେ ଏଠାକୁ ଆସିଛ । ତଥାପି ତୁମେ ଏଣେତେଣେ ବୁଲି ଏବଂ ଅଯଥା ମୂଲ୍ୟହୀନ କଥାବାର୍ତ୍ତାରେ ସମୟ ନଷ୍ଟ କରୁଛ । ଅନୁଭବ କର ଯେ ସମୟ ଅତି ମୂଲ୍ୟବାନ । ତୁମର ଯଦି ସ୍ୱାସ୍ଥ୍ୟହାନି ଘଟେ ତୁମେ ବିଭିନ୍ନ ଉପାୟରେ ସ୍ୱାସ୍ଥ୍ୟ ଫେରି ପାଇପାର । ଯଦି ତୁମେ ସମ୍ପଦ ହରାଇଥାଅ ତାକୁ ମଧ୍ୟ ଫେରି ପାଇପାର । ମାତ୍ର ତୁମେ ଯଦି ସମୟ ନଷ୍ଟ କର ତାହା ଏକ ସେକେଣ୍ଡ ହୋଇ ଥାଉନା କାହିଁକି କେବେହେଲେ ଫେରି ପାଇବ ନାହିଁ । ସମୟ ନଷ୍ଟ କର ନାହିଁ । ବହୁ ଲୋକ ଏଠାରେ ମଧ୍ୟ ସମୟ ନଷ୍ଟ କରୁଛନ୍ତି । ସମୟ ନଷ୍ଟ ଅର୍ଥ ଜୀବନ ନଷ୍ଟ । ତୁମର ଯେତେ ଦୁର୍ଗୁଣ ଥାଉନା କାହିଁକି ସେସବୁ ଏହି ପବିତ୍ର ସ୍ଥାନ ପ୍ରଶାନ୍ତିନିଳୟମ୍‌ରେ ତ୍ୟାଗ କର । ଅନ୍ତତଃ ସେଥିରୁ କିଛିଟା ତ୍ୟାଗ କର ।"

''ଯେତେଦିନ ତୁମେ ଏଠାରେ ଅଛ ଉପଯୁକ୍ତ ପୋଷାକ ପରିଧାନ କରିବା ଏବଂ ଶିଷ୍ଟାଚାର ପ୍ରଦର୍ଶନ କରିବା ଉଚିତ । ତୁମେ ଏଠାକୁ ଆସିବାରେ ବହୁତ ଅର୍ଥ ଓ ସମୟ ନଷ୍ଟ କରିଛ । ଯଦି ତୁମେ ଉତ୍ତମ ଚିନ୍ତା, ଉତ୍ତମ ଅଭ୍ୟାସ ଓ ଉତ୍ତମ ଗୁଣର ବିକାଶ କର ତେବେ ତୁମର ଏହି ଯାତ୍ରା ତୁମ ପାଇଁ ଉପକାରୀ ହେବ । ସ୍ୱାମୀଙ୍କ ସହିତ ତୁମର ସମ୍ପର୍କକୁ ନୀବିଡ଼ କର ଏବଂ ଅନ୍ୟମାନଙ୍କ ସହିତ ସମ୍ପର୍କ ରଖିବାକୁ ଘୁରିବୁଲ ନାହିଁ । ତୁମେ ତୁମର ପରିବାର ଓ ବନ୍ଧୁଙ୍କୁ ଛାଡ଼ି ଏଠାକୁ ଆସିଛ । ତୁମେ କାହିଁକି ନୂଆ ସମ୍ପର୍କ ଏଠାରେ ସ୍ଥାପନ କରିବ ? ଏଠାରେ ଭଗବାନଙ୍କ ସହିତ ତୁମର ସମ୍ପର୍କ ବିକାଶ ଲାଭ କରି ବୃଦ୍ଧି ପାଇବା ଉଚିତ । ପ୍ରଭୁଙ୍କ ପ୍ରତି ପ୍ରେମ ପ୍ରକାଶ କର । ଏହା ହିଁ ପରମ ପ୍ରେମ ଏବଂ ପ୍ରଭୁ ହେଉଛନ୍ତି ପ୍ରେମ ସ୍ୱରୂପ । କେବେହେଲେ ସନ୍ଦେହ, ଦ୍ୱିଧା ଭାବ ରଖ ନାହିଁ ଏବଂ ଭଗବାନଙ୍କ ପ୍ରେମକୁ ପରୀକ୍ଷା କରିବାର ମନୋଭାବକୁ ନିଜ ଭିତରେ ସ୍ଥାନ ଦିଅ ନାହିଁ ।''

''ଭାବ ନାହିଁ ଯେ ମୁଁ ତୁମର ଯତ୍ନ ନେଉ ନାହିଁ । ମୁଁ ତୁମ ସହିତ କଥାବାର୍ତ୍ତା କରି ନ ପାରିଲେ ମଧ୍ୟ ତୁମ ପ୍ରତି ମୋର ପ୍ରେମ ନାହିଁ ବୋଲି ଧାରଣାର ବଶବର୍ତ୍ତି ହୁଅ ନାହିଁ । ପ୍ରକୃତରେ ମୁଁ ତୁମ ଭିତରେ ତୁମକୁ ଦର୍ଶନ ଦେବାକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଘୁରି ବୁଲେ । ମୁଁ ଯାହା କିଛି କରେ ସେ ସବୁକିଛି ତୁମ ପାଇଁ । ମୋ ପାଇଁ କିଛି ନୁହେଁ । କାରଣ ଏପରି ଅନ୍ୟ କଣ ଅଛି ଯାହା ମୋର ବୋଲି କହିବି ? ତୁମେ ହିଁ କେବଳ ମୋର ।''

ଏହି ଦଶଦିନ ବ୍ୟାପୀ ଉତ୍ସବର ପ୍ରତ୍ୟେକ ଦିନ ବାରଣ୍ଡାରୁ ସ୍ୱାମୀ ଦର୍ଶନ ଦେଉଥିଲେ ଏବଂ ଅପରାହ୍ନ ଚାରିଟା ସମୟରେ ଦିବ୍ୟ ସମ୍ଭାଷଣ ପ୍ରଦାନ କରୁଥିଲେ । ସେ ସମୟରେ ଭକ୍ତମାନେ ଯଥାଯଥ ଶୃଙ୍ଖଳା ରକ୍ଷା କରି ନୀରବତା ପାଳନ କରୁଥିଲେ ।

ଉତ୍ସବର ଚାରିଦିନ ପରେ ବେଦପାଠ କରୁଥିବା ପଣ୍ଡିତମାନେ ନିଜ ଭିତରେ କଥାବାର୍ତ୍ତା ହେଉଥିବାର ଶୁଣିଲି । ସେମାନଙ୍କ ଭିତରୁ ଅର୍ଦ୍ଧେକ ପଣ୍ଡିତ କହୁଥିଲେ ସ୍ୱାମୀଙ୍କର ନିଶ୍ଚୟ ଅଲୌକିକ ଶକ୍ତି ରହିଛି କିନ୍ତୁ ସେ ଭଗବାନ ନୁହନ୍ତି । ଅନ୍ୟମାନେ କହୁଥିଲେ ସେ ନିଶ୍ଚୟ ଭଗବାନ । ଏଥିରୁ କଥା ଉଠିଥିଲା ସ୍ୱାମୀ ଯଦି ପୂର୍ଣ୍ଣଯଜ୍ଞ କରିବେ ତେବେ ସେ ଭଗବାନ ବୋଲି ପ୍ରମାଣିତ ହେବେ । ଯଜ୍ଞର ଶେଷ ଦିବସରେ ସେ ଅଗ୍ନିରେ ନବରତ୍ନ (ହୀରା, ପଦ୍ମରାଗମଣି, ନୀଳା, ମରକତ ମଣି, ମୁକ୍ତା, ବୈଦୁର୍ଯ୍ୟମଣି, ପ୍ରବାଳ, ପୁଷ୍ପରାଗ ମଣି ଓ ଗୋମେଦ) ଅର୍ପଣ କରିବାକୁ ପୂର୍ଣ୍ଣଯଜ୍ଞ ବୋଲି କୁହାଯାଏ । ଏହି ରତ୍ନସବୁ ସାଧାରଣତଃ ରାଜାମହାରାଜା ଏବଂ ଅତି ଧନାଢ୍ୟ ବ୍ୟକ୍ତିବିଶେଷଙ୍କ ପାଖରେ ଥାଏ ।

କାଶୀରୁ ଆସିଥିବା ସବୁ ବେଦଜ୍ଞ ପଣ୍ଡିତମାନେ ପରମପ୍ରିୟ ସ୍ୱାମୀଙ୍କର ଅଲୌକିକ ଶକ୍ତି କଥା ଜାଣି ନ ଥିଲେ । ତେଣୁ ଉତ୍ସବର ପଞ୍ଚମଦିନ ତାଙ୍କ ଦିବ୍ୟ ସମ୍ଭାଷଣରେ ସ୍ୱାମୀ କହିଥିଲେ ''ନିଜ ନିଜ ଘରେ ଶାନ୍ତିରକ୍ଷା କରିବା ପାଇଁ ଏବଂ ନିଜ ନିଜ ଭିତରେ ପ୍ରେମ ଭାବର ବିକାଶ କରିବା ପାଇଁ ସ୍ୱାମୀ ଭକ୍ତମାନଙ୍କୁ ରୂପାନ୍ତରିତ କରିବାକୁ ଚାହାଁନ୍ତି । ଯଦି ଆମର ବେଦଜ୍ଞ ପଣ୍ଡିତମାନଙ୍କ ମଧ୍ୟରେ ମତ ପାର୍ଥକ୍ୟ ଦେଖାଯାଏ ତେବେ ସ୍ୱାମୀ କିପରି ଅନ୍ୟ ଭକ୍ତମାନଙ୍କୁ ଶାନ୍ତି ରକ୍ଷା କରିବାକୁ କହିପାରିବେ ?'' ସେଠାରେ ଯେତେ ଥିଲେ ସମସ୍ତେ ମାନସିକ ଆଘାତ ପାଇଥିଲେ ଏବଂ ବାବା ଏପରି କହିବାର କାରଣ ଉତ୍ସବର ଦଶମ ଓ ଶେଷ ଦିବସ ଦଶହରା ଦିନ ଜଣା ପଡ଼ିଥିଲା ।

ସେଦିନ ସକାଳେ ପରମପ୍ରିୟ ସ୍ୱାମୀ ବିଭୂତି ଅଭିଷେକ କରିଥିଲେ । ଏହି ବିଭୂତି ଅଭିଷେକ କଥା ଶିବରାତ୍ରି ଉତ୍ସବ ପ୍ରସଙ୍ଗରେ ପୂର୍ବରୁ ବର୍ଣ୍ଣନା କରାଯାଇଛି ।

ମଧ୍ୟାହ୍ନରେ ବେଦଜ୍ଞ ପଣ୍ଡିତମାନଙ୍କର ମୁଖ୍ୟ ସ୍ୱାମୀଙ୍କୁ ସାକ୍ଷାତ କରିଥିଲେ ଏବଂ ପଚାରିଥିଲେ ''ଏହି ଯଜ୍ଞ ଆଜି ଶେଷ କରାଯିବ କି ?'' ପରମପ୍ରିୟ ସ୍ୱାମୀ ଉତ୍ତର ଦେଇଥିଲେ ''କାହିଁକି ନୁହେଁ ?'' ପଣ୍ଡିତ ମହାଶୟ କହିଥିଲେ ''ପୂର୍ଣ୍ଣାହୂତି ଉତ୍ସବ ପାଇଁ ନବରତ୍ନ ଦରକାର ।''

ବାବା କହିଥିଲେ ''ସଙ୍ଗେ ସଙ୍ଗେ ମୋତେ ଗୋଟିଏ ବଡ଼ ଖାଲି ଥିବା ଥାଳିଆ ଆଣିଦିଅ ।''

ଆଗରୁ ଯାହା କୁହାଯାଇଛି ସେତେବେଳେ ସ୍ୱେଚ୍ଛାସେବକମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ନିୟମ କାନୁନ୍ ନ ଥିଲା । ମୁଁ ଭିଡ଼ ଠେଲି ପାଖରୁ ସେହି କାର୍ଯ୍ୟ ଦେଖିବା ପାଇଁ ଆଗକୁ ଚାଲିଗଲି । ପୂଜାରୀ ଏକ ବଡ଼ ରୂପାର ଥାଳିଆ ଆଣିବାମାତ୍ରେ ପରମପ୍ରିୟ ସ୍ୱାମୀ ତାଙ୍କର ଦକ୍ଷିଣହସ୍ତ ସଂଚାଳନ କଲେ ଏବଂ ସମସ୍ତେ ଦେଖିଲେ ସେ ପ୍ରାୟ ଶହେଟି ମୂଲ୍ୟବାନ ନବରତ୍ନ ସୃଷ୍ଟି କଲେ । ସେଗୁଡ଼ିକ ରୂପା ଥାଳିଆ ଉପରେ ଖସି ପଡୁଥିଲା । ସେତେବେଳେ ଯେଉଁ ଶବ୍ଦ ସୃଷ୍ଟି ହେଉଥିଲା ତାହା ଅବର୍ଣ୍ଣନୀୟ । ମନେହେଉଥିଲା ଯେପରି ସ୍ୱର୍ଗୀୟ ଆକାଶରୁ ତାରକାମାନ ଥାଳିଆ ମଧ୍ୟକୁ ଖସି ଆସୁଥିଲେ । ସମସ୍ତେ ଜୋରରେ ତାଳି ମାରିବାକୁ ଲାଗିଲେ । ତାଳିର ବଜ୍ରଧ୍ୱନିରେ ସେ ସ୍ଥାନଟି ନିନାଦିତ ହେବାକୁ ଲାଗିଲା । ଥାଳିଆଟିକୁ ସ୍ୱେଚ୍ଛାସେବକମାନଙ୍କ ନିକଟକୁ ନେବା ପାଇଁ ସ୍ୱାମୀ ପଣ୍ଡିତଙ୍କୁ ନିର୍ଦ୍ଦେଶ ଦେଲେ, ଯାହାଫଳରେ ସେମାନେ ଏହି ରତ୍ନଗୁଡ଼ିକ ଦେଖି ପାରିବେ । ପ୍ରତ୍ୟେକ ସେହି ରତ୍ନଗୁଡ଼ିକର ସୌନ୍ଦର୍ଯ୍ୟ ସନ୍ଦର୍ଶନ କରି ବିସ୍ମୟାଭିଭୂତ ହୋଇ ପଡ଼ିଥିଲେ । ସ୍ୱାମୀ ତା ପରେ ଗୋଟିଏ ରୁମାଲ ଆଣିବାକୁ କହିଥିଲେ ଏବଂ ଏହି ମୂଲ୍ୟବାନ ରତ୍ନଗୁଡ଼ିକୁ

ରୁମାଲରେ ରଖି ଧୀରେ ଯଜ୍ଞ ଅଗ୍ନିରେ ଉତ୍ସର୍ଗ କଲେ । ଏହା ଫଳରେ ବେଦ ନିର୍ଦ୍ଦେଶିତ ବିଧିବିଧାନ ଅନୁସାରେ ଯଜ୍ଞ ଶେଷ ହୋଇଥିଲା । ସେଠାରେ ଥିବା ବେଦଜ୍ଞ ପଣ୍ଡିତମାନେ ସ୍ୱାମୀ ଭଗବାନ ବୋଲି ଏକମତ ହୋଇଥିଲେ ।

ଉତ୍ସବ ଶେଷରେ ବାବା ଭକ୍ତମାନଙ୍କ ଭିତରେ ଚାଲି ଚାଲି ଯଜ୍ଞର ପବିତ୍ର ଜଳ ପ୍ରତ୍ୟେକଙ୍କ ଉପରେ ସିଞ୍ଚନ କଲେ । ମୁଁ ପରମ ଆନନ୍ଦ ଅନୁଭବ କରିଥିଲି– କାରଣ ପରମପ୍ରିୟ ସ୍ୱାମୀଙ୍କର କୃପାରୁ ମୁଁ ଇତିହାସର ଏକ ଆଶ୍ଚର୍ଯ୍ୟଜନକ ମୁହୂର୍ତ୍ତ ସ୍ୱଚକ୍ଷୁରେ ଅବଲୋକନ କରିବାର ସୁଯୋଗ ପାଇଥିଲି । ତା ପରଠାରୁ ଏଭଳି ବଡ଼ଧରଣର ଦଶହରା ଉତ୍ସବ କେବେ ପାଳନ କରାଯାଇ ନାହିଁ ।

ଶେଷଦିନ ସ୍ୱାମୀ ତାଙ୍କ ଦିବ୍ୟ ସମ୍ଭାଷଣରେ କହିଥିଲେ "ସ୍ୱାମୀ ଯଜ୍ଞ ଶେଷ କରିବାକୁ ଯଜ୍ଞ କୁଣ୍ଡରେ ନବରତ୍ନ ଉତ୍ସର୍ଗ କଲା ଭଳି ତୁମେ ପ୍ରତ୍ୟେକ ଉତ୍ସବରେ ତୁମର ଯୋଗଦାନ ପର୍ବ ଶେଷ କରିବା ପାଇଁ ଯଜ୍ଞରେ କିଛି ଉତ୍ସର୍ଗ କର । ତୁମ ନିଜ ହାତରେ କିଛି ଆଣି ଉତ୍ସର୍ଗ କରିବାକୁ ସ୍ୱାମୀ ତୁମକୁ ଅନୁମତି ଦେବେ ନାହିଁ । ତେଣୁ ତୁମେ ତୁମର ମନ୍ଦ ଅଭ୍ୟାସ (ଯଥା– ଧୂମ୍ରପାନ, ମଦ୍ୟପାନ, ମାଂସାହାର, ଜୁଆଖେଳ, ଦୁଷ୍ଟ ଲୋକଙ୍କ ସହିତ ସମ୍ପର୍କ ଇତ୍ୟାଦି) ଗୁଡ଼ିକୁ ଉତ୍ସର୍ଗ କର । ଏସବୁକୁ ତ୍ୟାଗ କରିବା ଦ୍ୱାରା ତୁମେ ଆତ୍ମଶୁଦ୍ଧି (ରୂପାନ୍ତର) ଦିଗରେ ଗତି କରିପାରିବ । ତୁମେ ଗୋଟିଏ ମନ୍ଦ ଅଭ୍ୟାସ ଯଜ୍ଞ କୁଣ୍ଡରେ ଉତ୍ସର୍ଗ କରିବା ମାତ୍ରେ ଭଗବାନଙ୍କ କୃପା ଲାଭ କରିବ ।"

ସର୍ବଶେଷରେ ପରମପ୍ରିୟ ସ୍ୱାମୀ ସମସ୍ତ ନିମନ୍ତ୍ରିତ ବେଦଜ୍ଞ ପଣ୍ଡିତମାନଙ୍କୁ ମୂଲ୍ୟବାନ ଉପହାର ଓ ଦକ୍ଷିଣା ସ୍ୱରୂପ ଟଙ୍କା ଦେଇଥିଲେ । ତା'ପରେ ସେ ଯଜ୍ଞକୁଣ୍ଡର ପବିତ୍ର ଭସ୍ମର ପ୍ୟାକେଟମାନ ବାଣ୍ଟିଥିଲେ । ଏହିପରି ନବରାତ୍ର ବା ଦଶହରା ଉତ୍ସବ ଆନନ୍ଦ ଓ ସୁଖପୂର୍ଣ୍ଣ ପରିବେଶରେ ଶେଷ ହୋଇଥିଲା ।

ଏବେ ମଧ୍ୟ ଦଶହରା ଉତ୍ସବ ପ୍ରଶାନ୍ତି ନିଳୟମରେ ପାଳନ କରାଯାଉଛି । ମାତ୍ର ଯଜ୍ଞ କେବଳ ସାତଦିନ ପାଇଁ ହୋଇଥାଏ । ଏଥିରେ ଅଳ୍ପ ସଂଖ୍ୟକ ବେଦଜ୍ଞ ପଣ୍ଡିତ ଯୋଗଦାନ କରିଥାନ୍ତି । କିନ୍ତୁ ପ୍ରତିବର୍ଷ ବାବା ନବରତ୍ନ ସୃଷ୍ଟି କରି ଉତ୍ସର୍ଗ କରିବା ପରେ ବୈଦିକ ବିଧିବିଧାନ ଅନୁସାରେ ଉତ୍ସବ ଶେଷ ହୁଏ । ଉତ୍ସବ ଶେଷରେ ବାବା ଭକ୍ତମାନଙ୍କ ମଧ୍ୟରେ ବୁଲି ବୁଲି ଯଜ୍ଞର ପବିତ୍ର ଜଳ ସମସ୍ତଙ୍କ ଉପରେ ସିଞ୍ଚନ କରନ୍ତି ।

ପରେ ଆମେ ଜାଣିବାକୁ ପାଇଥିଲୁ ବହୁ ଭକ୍ତ ଆତ୍ମଶୁଦ୍ଧି ପାଇଁ ପଦକ୍ଷେପ ନେଇଛନ୍ତି ଏବଂ ମନ୍ଦ ଅଭ୍ୟାସ ତ୍ୟାଗ କରି ପରମପ୍ରିୟ ସ୍ୱାମୀଙ୍କର ଆଶୀର୍ବାଦ ଲାଭ କରିଛନ୍ତି ।

ନବରାତ୍ର ବା ଦଶହରା (ବିଜୟାଦଶମୀ)ର ତାତ୍ପର୍ଯ୍ୟ

ସମଗ୍ର ପୃଥିବୀରେ ହିନ୍ଦୁମାନଙ୍କ ଦ୍ୱାରା ନବରାତ୍ର ବା ଦଶହରା ଉତ୍ସବ ବହୁଳ ଭାବରେ ପାଳନ କରାଯାଏ । ସାହିତ୍ୟ ଦୃଷ୍ଟିରୁ ନବରାତ୍ରର ଅର୍ଥ ହେଲା ନଅଟି ରାତ୍ରି । ଦଶହରା ହେଉଛି ଦଶମ ଦିବସ – ମନ୍ଦ ଉପରେ ଭଲର ବିଜୟ 'ବିଜୟା ଦଶମୀ' ବା ଏହି ନଅଦିନ (ଉଭୟ ଦିନ ଓ ରାତି) ଆଦି ନାରୀର ପ୍ରତିନିଧିତ୍ୱ କରୁଥିବା ତିନି ଦେବୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ । ଏହି ତିନି ଦେବୀ ହେଲେ ପାର୍ବତୀ, ଲକ୍ଷ୍ମୀ ଓ ସରସ୍ୱତୀ ।

ପାର୍ବତୀ : ପ୍ରଥମ ତିନିଦିନ କ୍ରିୟା ଓ ଶକ୍ତିର ଦେବୀ ପାର୍ବତୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ । ତାଙ୍କର ବିଭିନ୍ନ ସ୍ୱରୂପ କାଳୀ, ଦୁର୍ଗା ଓ କୁମାରୀଙ୍କର ପୂଜା ଏହି ସମୟରେ କରାଯାଇଥାଏ ।

ଲକ୍ଷ୍ମୀ : ପରବର୍ତ୍ତି ତିନିଦିନ ଲକ୍ଷ୍ମୀ ଦେବୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ । ଲକ୍ଷ୍ମୀଙ୍କୁ ଶାନ୍ତି, ସମ୍ପଦ, ପରିପୂର୍ଣ୍ଣତା ଓ ଆନନ୍ଦର ଦେବୀ ରୂପେ ପୂଜା କରାଯାଇଥାଏ ।

ସରସ୍ୱତୀ : ଶେଷ ତିନିଦିନ ଜ୍ଞାନ, ବାକ୍, ସଂଗୀତ ଓ କଳାର ଦେବୀ ସରସ୍ୱତୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ।

ସର୍ବମୋଟ ୬୪ ଦେବୀ ଅଛନ୍ତି । ପ୍ରତ୍ୟେକ ଗୋଟିଏ ଲେଖାଁ ଅଲୌକିକ ଶକ୍ତିର ଅଧିକାରୀ । ଏବେ ଦେଖିବା ସ୍ୱାମୀ ଏ ସମ୍ପର୍କରେ କଣ କହନ୍ତି ।

''ଭଗବାନଙ୍କର ଲକ୍ଷ ଲକ୍ଷ ନାମ ଓ ସ୍ୱରୂପ ରହିଛି । ତୁମକୁ ଭଲ ଲାଗୁଥିବା ଯେକୌଣସି ଗୋଟିଏ ନାମକୁ ବାଛ । ଯେ କୌଣସି ଗୋଟିଏ ରୂପକୁ ଗ୍ରହଣ କର । ପ୍ରତ୍ୟହ ପୂର୍ବ ଦିଗରେ ଉଜ୍ଜ୍ୱଳତା ପ୍ରକାଶ ପାଇବା ମାତ୍ରେ ଉଠ, ସେହି ନାମ ଉଚ୍ଚାରଣ କର ଏବଂ ସେହି ରୂପକୁ ଧ୍ୟାନ କର । ସେହି ରୂପ ଓ ନାମକୁ ମାନସ ଚକ୍ଷୁ ସମ୍ମୁଖରେ ରଖ ଏବଂ ତାହା ଅହରହ ତୁମର ଜାଗ୍ରତ ଅବସ୍ଥାରେ ସାଥୀ, ଦିଗ୍‌ଦର୍ଶକ ଓ ମୁରବୀର କାର୍ଯ୍ୟ କରିବ । ଯେତେବେଳେ ତୁମେ ବିଶ୍ରାମ ପାଇଁ ଫେରିଆସିବ, ସେତେବେଳେ ସେହି ନାମ ଓ ରୂପର ଭଗବାନଙ୍କୁ କୃତଜ୍ଞତା ଜଣାଅ ଏବଂ ବିନମ୍ରତା ପ୍ରଦର୍ଶନ କର, କାରଣ ସେ ଦିନ ସାରା ତୁମ ସହିତ, ତୁମ ଦ୍ୱାରା, ତୁମ ଆଗରେ, ତୁମ ପଛରେ ଓ ତୁମ ପାର୍ଶ୍ୱରେ ରହି ତୁମର ସହାୟତା କରିଛନ୍ତି । ଜାଣିରଖ ସବୁ ନାମ ଓ ସବୁ ରୂପରେ ସେହି ଏକ ଭଗବାନ ବିଦ୍ୟମାନ । ଭଗବାନ ଏକ ଏବଂ ମାତ୍ର ଏକ ।''

ପରମପ୍ରିୟ ସ୍ୱାମୀ ହେଉଛନ୍ତି ଅଗ୍ନି ପୁରୁଷ । ତେଣୁ ସେ ଅଗ୍ନି ସୃଷ୍ଟି କରିପାରନ୍ତି ଏବଂ ନିର୍ବାପିତ କରିପାରନ୍ତି । ଚାଲନ୍ତୁ ଏଥର ଏ ସମ୍ପର୍କରେ ତାଙ୍କର ଦିବ୍ୟ ସନ୍ଦେଶ ଉଦ୍ଧାର କରିବା ।

''ଯେଉଁ ଋଷିମାନେ ଯଜ୍ଞ ଓ ଯାଗ ବ୍ୟବସ୍ଥା କରିଯାଇଛନ୍ତି ସେମାନେ ଏହାର ବ୍ୟବହାର ପାଇଁ କୌଣସି ନିର୍ଦ୍ଦିଷ୍ଟ ଦେଶ ବା ଜାତି ବା ସମୟକୁ ଆଖି ଆଗରେ ରଖି ନାହାନ୍ତି । ଏଗୁଡ଼ିକ ଯେ କୌଣସି ଦେଶ, ଯେକୌଣସି ବ୍ୟକ୍ତି ବା ସମୟ ପାଇଁ ମୂଲ୍ୟବାନ । ଯଜ୍ଞ ଶେଷରେ ଏହାର ସୁଫଳ ହେଉଛି 'ଲୋକାଃ ସମସ୍ତାଃ ସୁଖିନୋ ଭବନ୍ତୁ' (ପୃଥିବୀର ସବୁ ଲୋକ ସୁଖରେ ରହନ୍ତୁ ।''

''ଭଗବାନ ହେଉଛନ୍ତି ଯଜ୍ଞର କର୍ତ୍ତା ଏବଂ ଭୋକ୍ତା । ଯଜ୍ଞରେ ଉଚ୍ଚାରଣ କରାଯାଉଥିବା ସମସ୍ତ ମନ୍ତ୍ରର ଲକ୍ଷ୍ୟ ହେଲା ଦିବ୍ୟାନନ୍ଦ ହାସଲ କରିବା । ଯଜ୍ଞ ଦିବ୍ୟ ଆନନ୍ଦ ଓ ଆତ୍ମଉପଲବ୍ଧି ପାଇଁ ଉଦ୍ଦିଷ୍ଟ । ଯେତେବେଳେ ମନ୍ତ୍ରର ପ୍ରଭାବ ସମ୍ପୂର୍ଣ୍ଣ ରୂପେ ହୃଦୟଙ୍ଗମ କରିହୁଏ ଏବଂ ଅନୁଭବ କରିହୁଏ ସେତେବେଳେ ହିଁ ଆତ୍ମ ଉପଲବ୍ଧି ଆସେ ।''

''ଭଗବାନଙ୍କୁ ଏଥିରେ 'ଯଜ୍ଞ ପୁରୁଷ' ଭାବରେ ଆହ୍ୱାନ କରାଯାଏ । ସେ ହେଉଛନ୍ତି 'ଯଜ୍ଞବ୍ରତ' । ସେ ହେଉଛନ୍ତି ଯଜ୍ଞରେ ହେଉଥିବା ସମସ୍ତ କର୍ମକାଣ୍ଡର ଗୁରୁ । ଏଇଥିରୁ ଯଜ୍ଞର ପରମ ତାତ୍ପର୍ଯ୍ୟ ସହଜରେ ଅନୁମେୟ । ଭଗବାନଙ୍କୁ ମଧ 'ଯଜ୍ଞ କର୍ତ୍ତା' ଓ 'ଯଜ୍ଞଭୋକ୍ତା' ବୋଲି କୁହାଯାଏ । ସେ ଯଜ୍ଞ କରାଇ ଥାନ୍ତି ଏବଂ ଯଜ୍ଞକୁ ମଧ ଉପଭୋଗ କରିଥାନ୍ତି ।''

''ଏହିପରି ଭାବରେ ଭଗବାନ ହେଉଛନ୍ତି ତ୍ୟାଗର ପ୍ରତୀକ । ସେ ମଧ ତ୍ୟାଗର ରକ୍ଷକ ଓ ଧ୍ୱଂସକର୍ତ୍ତା । ଯଜ୍ଞରେ ଆହୂତି ଦିଆଯାଉଥିବା (ଉତ୍ସର୍ଗ କରାଯାଉଥିବା) ସମସ୍ତ ପବିତ୍ର ଦ୍ରବ୍ୟ ସହିତ ବୈଦିକ ମନ୍ତ୍ର ଓ ଯନ୍ତ୍ର ସବୁକିଛି ତାଙ୍କ ଦ୍ୱାରା ଗୃହୀତ ହୋଇଥାଏ । ଯେତେବେଳେ 'ସ୍ୱାହା' ମନ୍ତ୍ର ଉଚ୍ଚାରଣ ପୂର୍ବକ ଆହୂତି ଦିଆଯାଏ (ଉତ୍ସର୍ଗ କରାଯାଏ) ସେତେବେଳେ ବୁଝିବାକୁ ହେବ ଯେ ଏହା ବିନମ୍ରତାର ସହିତ ଭଗବାନଙ୍କୁ ଅର୍ପଣ କରାଗଲା । ତେଣୁ ଯାହା ଯଜ୍ଞରେ ଅର୍ପଣ କରାଯାଏ ସେସବୁ ପବିତ୍ର, ମଧୁର ଓ ଆନନ୍ଦବର୍ଦ୍ଧକ ହେବା ଉଚିତ ।''

''ମଣିଷ ଦ୍ୱାରା ଭଗବାନଙ୍କୁ ଅର୍ପଣ କରାଯାଉଥିବା ଶ୍ରେଷ୍ଠ ପଦାର୍ଥ ହେଲା ତାର ହୃଦୟ ।''

''ଯଜ୍ଞର ସାରମର୍ମ ହେଲା ତ୍ୟାଗ କରିବାର ପ୍ରବୃତ୍ତି । ଜ୍ଞାନ, ଶକ୍ତି ଓ ସମ୍ପଦ ଅନ୍ୟର ମଙ୍ଗଳ ପାଇଁ ବ୍ୟବହୃତ ହୋଇ ନ ପାରିଲେ ସେସବୁ ମୂଲ୍ୟହୀନ । ଯାହାକିଛି ଶକ୍ତି ବା କ୍ଷମତା ମଣିଷକୁ ଦିଆଯାଇଛି ସେସବୁ ଭଗବାନଙ୍କୁ ପ୍ରତ୍ୟାର୍ପଣ କରି ଜୀବନକୁ ଉନ୍ନତ କରିବା ଉଚିତ । ମଣିଷ ଏହାକୁ ହୃଦୟଙ୍ଗମ କରିବାହିଁ ଯଜ୍ଞର ମୂଳ ଲକ୍ଷ୍ୟ ।''

''ସଦ୍ ମନୋଭାବ ନେଇ ଯଜ୍ଞ ଓ ଯାଗ କରିବା ପାଇଁ ସ୍ୱତନ୍ତ୍ର ଯଜ୍ଞ ବେଦୀ ଓ ଧର୍ମଯାଜକ ଆବଶ୍ୟକ । ବାହ୍ୟ ଯଜ୍ଞୋପଚାର ହେଉଛି ଅନ୍ତରସ୍ଥ ଯଜ୍ଞର ପ୍ରତିଫଳନ ।

ବାହ୍ୟ ଯଜ୍ଞର ସମସ୍ତ ଉପଚାର ଯଥା ଧର୍ମୀୟ ବିଧିବିଧାନ ଓ ସତ୍‌କର୍ମ ଦ୍ୱାରା ଅନ୍ତରାତ୍ମା ନିର୍ମଳ ହୋଇଥାଏ ।''

''ଯଜ୍ଞର ପୂର୍ଣ୍ଣାହୂତି ସମୟରେ ବହୁ ପବିତ୍ର ଓ ସୁରଭିତ ପଦାର୍ଥ ଯଜ୍ଞ ଅଗ୍ନିରେ ଉତ୍ସର୍ଗ କରାଯାଏ । ମୂଲ୍ୟବାନ ରତ୍ନ ମଧ୍ୟ ଅର୍ପଣ କରାଯାଏ । ଏପରିକି ଶୁଦ୍ଧ ସିଲ୍କ ବସ୍ତ୍ର ମଧ୍ୟ ଅର୍ପଣ କରାଯାଏ । ଏହାର ଅନ୍ତରାର୍ଥ ହେଲା ମଣିଷ ତାର ପବିତ୍ର ନିଃସ୍ୱାର୍ଥ ହୃଦୟ ଏବଂ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ଭଳି ଭଲ ଗୁଣଗୁଡ଼ିକ ଭଗବାନଙ୍କୁ ଅର୍ପଣ କରିବ । ଏହା ସହିତ ସବୁ ଜୀବ ପ୍ରତି ତାର ଦୟା ଓ ସହାନୁଭୂତି ମଧ୍ୟ ଭଗବାନଙ୍କୁ ଅର୍ପଣ କରିବ ।''

ଭଲମନ୍ଦ ବିଚାରଣାର ଉନ୍ନତି ସାଧନ

ପୃଥିବୀରେ ବହୁ ସଂଖ୍ୟାରେ ଧନାଢ଼୍ୟବ୍ୟକ୍ତି, ଅଗାଧ ପାଣ୍ଡିତ୍ୟର ଅଧିକାରୀ ଏବଂ ଜ୍ଞାନୀ ବୈଜ୍ଞାନିକ ଅଛନ୍ତି । ଯଦି ସେମାନଙ୍କ ଭିତରୁ କାହାରି ସହାନୁଭୂତି ଓ ଦୟାଭାବ ନ ଥାଏ ତେବେ ସେମାନଙ୍କର ଧନ ଓ ଜ୍ଞାନ ମୂଲ୍ୟହୀନ । ଆମେ ଆମର ସବୁକିଛିକୁ ଯଦି ସମାଜର ଉନ୍ନତି ଓ ମଙ୍ଗଳ ପାଇଁ ଏବଂ ବିଶ୍ୱର ହିତ ପାଇଁ ଅର୍ପଣ କରିବା ତେବେ ତାହା ହିଁ ହେବ ପ୍ରକୃତ ଯଜ୍ଞ । ସବୁ କାର୍ଯ୍ୟରେ ଭଗବଦ୍ ବିଶ୍ୱାସ ଓ ତ୍ୟାଗଭାବ ନ ଥିଲେ ପୃଥିବୀର ଅନିଷ୍ଟ ସାଧନ ହେବ । କାରଣ ଦୁଷ୍ଟ ଚରିତ୍ରର ଲୋକେ ସର୍ବତ୍ର ସକ୍ରିୟ ଅଛନ୍ତି । ଫଳରେ ସମାଜରେ ହିଂସା, ବିଶୃଙ୍ଖଳା ଏବଂ ବିଭ୍ରାନ୍ତି ଦେଖାଦେବ ।

□□

ଅଧ୍ୟାୟ - ୭

ବୈକୁଣ୍ଠ ଏକାଦଶୀ ଓ ଗୁରୁପୂର୍ଣ୍ଣିମା ଉତ୍ସବ

୧୯୬୧ରୁ ୧୯୬୫ ମସିହା ମଧ୍ୟରେ ପରମପ୍ରିୟ ସ୍ୱାମୀ ଏହି ଉତ୍ସବଗୁଡ଼ିକୁ ଆଡ଼ମ୍ବର ସହକାରେ ପାଳନ କରୁଥିଲେ । ଆଜିକାଲି ଭକ୍ତମାନଙ୍କର ସଂଖ୍ୟା ବୃଦ୍ଧି ପାଉଥିବାରୁ ଏବଂ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନୁରୂପ ଅନ୍ୟ ବହୁ କାର୍ଯ୍ୟକ୍ରମ ହାତକୁ ନିଆଯାଇ ଥିବାରୁ ଏହିସବୁ ଉତ୍ସବର ଗୁରୁତ୍ୱ ହ୍ରାସ ପାଇଛି ।

ଅତୀତରେ ବୈକୁଣ୍ଠ ଏକାଦଶୀ ଓ ଗୁରୁପୂର୍ଣ୍ଣିମାରେ ସ୍ୱାମୀ ସବୁ ଭକ୍ତଙ୍କ ସମ୍ମୁଖରେ ଅମୃତ ସୃଷ୍ଟି କରୁଥିଲେ । ନିମ୍ନରେ ଉଭୟ ଉତ୍ସବର ବର୍ଣ୍ଣନା ଦିଆଯାଇଛି । ମୋର ପିତାମାତା ମଧ୍ୟ ଥରେ ବୈକୁଣ୍ଠ ଏକାଦଶୀ ଉତ୍ସବରେ ଉପସ୍ଥିତ ଥିଲେ ।

ଭକ୍ତମାନେ ଚିତ୍ରାବତୀ ନଦୀର ଉଭୟ ତୀରରେ ବସୁଥିଲେ ଏବଂ ବାଲିଗଦା କରି ଏକ ସୁଉଚ୍ଚ ମଞ୍ଚ ତିଆରି କରାଯାଉଥିଲା ଯେପରି ସମସ୍ତେ ଅଲୌକିକ କାର୍ଯ୍ୟକ୍ରମଟି ଦେଖିପାରିବେ । ନିରବଚ୍ଛିନ୍ନ ଭାବରେ ଆତ୍ମାକୁ ଆଲୋକିତ କଲାଭଳି ଭଜନ ଗାନ କରାଯାଉଥିଲା । ସେଠାକାର ଆଧ୍ୟାତ୍ମିକ ପରିବେଶକୁ ଉନ୍ନତ କରିବା ପାଇଁ ଭଗବାନ ସତ୍ୟନାରାୟଣଙ୍କ ଉଦ୍ଦେଶ୍ୟରେ ବିଶେଷ ଭାବରେ ଭଜନ ଗାନ କରାଯାଉଥିଲା । ଯେତେବେଳେ ଭଜନର ତାନ ଆଧ୍ୟାତ୍ମିକତାର ଶୀର୍ଷ ଦେଶରେ ପହଞ୍ଚୁଥିଲା ବାବା ତାଙ୍କ ଦକ୍ଷିଣ ହସ୍ତ ସଂଚାଳନ କରି ଗୋଟିଏ ଛୋଟ ସୁନା ବା ରୂପାର ପାତ୍ର ସୃଷ୍ଟି କରୁଥିଲେ ଏବଂ ଏହାକୁ ବାମ ହସ୍ତ ପାପୁଲିରେ ରଖୁଥିଲେ ।

ତାପରେ ଆଉଥରେ ଦକ୍ଷିଣ ହସ୍ତ ସଂଚାଳନ କରି ଗୋଟିଏ ଶଙ୍ଖ ସୃଷ୍ଟି କରୁଥିଲେ । ଶଙ୍ଖ ଉପରେ ଚାପ ପ୍ରୟୋଗ କରିବା ଫଳରେ ସେଥିରୁ ଅମୃତ ଝରି ଆସି ପାତ୍ରରେ ପଡୁଥିଲା । ପାତ୍ରଟି ଅମୃତରେ ପୂର୍ଣ୍ଣ ହୋଇଗଲା ପରେ ସ୍ୱାମୀ ଶଙ୍ଖଟିକୁ ଅଦୃଶ୍ୟ କରି ଦେଉଥିଲେ । ପ୍ରତ୍ୟେକ ଭକ୍ତ ଏହା ଦେଖିପାରୁଥିଲେ ।

ପୁଣି ଥରେ ସେ ତାଙ୍କର ଦିବ୍ୟହସ୍ତ ସଂଚାଳନ କରି ପାତ୍ର ମଧ୍ୟରେ ପଶିପାରିଲା ଭଳି ସୁନା ବା ରୂପାର ଗୋଟିଏ ଚାମଚ ସୃଷ୍ଟି କରୁଥିଲେ । ଏହି ଚାମଚ ଏତେ ଛୋଟ ଥିଲା ଯେ ସେଥିରେ ମାତ୍ର ଗୋଟିଏ ବୁନ୍ଦା ଅମୃତ ରହିପାରୁଥିଲା । ତାପରେ ସେ ଅମୃତ

ଭରା ପାତ୍ରଟିକୁ ପ୍ରଫେସର କସ୍ତୁରୀଙ୍କୁ ଦେଉଥିଲେ ଏବଂ ଲଘୁ ମନ୍ତବ୍ୟ ଦେଇ କହୁଥିଲେ ''ନିଜେ ଏସବୁ ପିଇ ଦିଅ ନାହିଁ ।'' ଏହି ମନ୍ତବ୍ୟ ଶୁଣି ସମସ୍ତେ ହସି ଉଠୁଥିଲେ । ସମସ୍ତଙ୍କୁ ପ୍ରଶାନ୍ତି ନିଳୟମ୍‌ର ମନ୍ଦିରକୁ ଯିବା ପାଇଁ ଏବଂ ଧାଡ଼ିବାନ୍ଧି ପରସ୍ପରର ସମ୍ମୁଖୀନ ହୋଇ ବସିବା ପାଇଁ ନିର୍ଦ୍ଦେଶ ମିଳୁଥିଲା । ସ୍ୱାମୀ ପରସ୍ପରକୁ ସମ୍ମୁଖୀନ ହୋଇ ବସିଥିବା ଭକ୍ତଙ୍କ ଦୁଇ ଧାଡ଼ି ମଝିରେ ଚାଲି ପ୍ରତ୍ୟେକଙ୍କ ପାଟିରେ ପ୍ରସାଦ ରୂପେ ଅମୃତର ଗୋଟିଏ ଲେଖାଏଁ ବୁନ୍ଦା ଦେଉଥିଲେ । ସେ ପାଖେଇ ଆସୁଥିବାବେଳେ ପ୍ରତ୍ୟେକ ପାଟି ମେଲା କରି ଅପେକ୍ଷା କରୁଥିଲେ । ଏଠାରେ ଲେଖିବାର କଥା ଯେ ସେହି ଗୋଟିଏ ବୁନ୍ଦା ଅମୃତ ଅନ୍ୟ କେଉଁଠାରେ ନ ପଡ଼ି କେବଳ ଭକ୍ତର ପାଟି ଭିତରେ ପଡୁଥିଲା । ଏହା ଏକ ବିସ୍ମୟକର ଅଭିଜ୍ଞତା ଯେ ଯଦିଓ ହଜାର ହଜାର ଭକ୍ତ ସେଠାରେ ଉପସ୍ଥିତ ରହୁଥିଲେ ତଥାପି ସମସ୍ତଙ୍କ ପାଇଁ ସେହି ପାତ୍ରରେ ଯଥେଷ୍ଟ ଅମୃତ ରହୁଥିଲା । କେବେହେଲେ ଅମୃତ ସରିଯାଉ ନ ଥିଲା ଏବଂ ଯେତେ ବାଣ୍ଟିଲେ ମଧ୍ୟ ସେ ପାତ୍ରରେ ଅମୃତ ଭରିଯାଇ ଅକ୍ଷୟ ପାତ୍ରର ଅଲୌକିକତା ପ୍ରଦର୍ଶନ କରୁଥିଲା । ସମସ୍ତେ ଅମୃତ ପାଇବା ପର୍ଯ୍ୟନ୍ତ ସେହି ପାତ୍ରରେ ଅମୃତ ରହୁଥିଲା ଏବଂ ସମସ୍ତେ ପାଇ ସାରିବା ପରେ ପାତ୍ରଟି ଖାଲି ହୋଇଯାଉଥିଲା । ଏହାପରେ ପାତ୍ରଟିକୁ ଧୋଇଦେବା ପରେ ଆଉ ଅମୃତ ବାହାରୁ ନ ଥିଲା ।

ମୋର ପିତାମାତା ମଧ୍ୟ ପରମପ୍ରିୟ ସ୍ୱାମୀ ବାଣ୍ଟୁଥିବା ଅମୃତ ପାଇ ନିଜକୁ ଭାଗ୍ୟବାନ ମନେ କରୁଥିଲେ । ଅମୃତର ସ୍ୱାଦ ଓ ସୁଗନ୍ଧକୁ ସେମାନେ ଭାଷାରେ ବର୍ଣ୍ଣନା କରି ପାରୁ ନ ଥିଲେ । ତିନିଦିନ ଧରି ଅମୃତର ସ୍ୱାଦ ଓ ସୁଗନ୍ଧ ପାଟିରେ ରହୁଥିଲା । ସେମାନେ ସତରେ କେତେ ଭାଗ୍ୟବାନ ଓ ଅନୁଗୃହୀତ ।

ସାହିତ୍ୟ ଦୃଷ୍ଟିରୁ ଅମୃତର ଅର୍ଥ ଅମରତ୍ୱ । ପରମପ୍ରିୟ ସ୍ୱାମୀ କହନ୍ତି ''କେବଳ ମୁଁ ସୃଷ୍ଟି କରୁଥିବା ଅମୃତ ପାନ କରି କେହି ଅମର ହୋଇ ପାରିବେ ନାହିଁ । ଯିଏ ଜନ୍ମ ଗ୍ରହଣ କରିଛି ସେ ନିଶ୍ଚୟ ମୃତ୍ୟୁମୁଖରେ ପଡ଼ିବ । ସୃଷ୍ଟି ହୋଇଥିବା ପ୍ରତ୍ୟେକ ପଦାର୍ଥ ନିଶ୍ଚୟ ଧ୍ୱଂସପ୍ରାପ୍ତ ହେବ । ନିଃସ୍ୱାର୍ଥପର ଓ ପବିତ୍ର ଜୀବନଯାପନ କରି ପୁନର୍ଜନ୍ମ ଏଡ଼ାଇ ଦେଇ ତୁମେ ମୃତ୍ୟୁମୁଖରୁ ରକ୍ଷା ପାଇପାର ।''

ପରମପ୍ରିୟ ସ୍ୱାମୀ ବର୍ତ୍ତମାନ ଯୁଗରେ ଅମୃତର ପ୍ରାସଙ୍ଗିକତାକୁ ଅବଲମ୍ବନ କରି କହିଥିଲେ ''ଆଜିକାର ମଣିଷ ଜୀବନରେ ଈଶ୍ୱରଙ୍କ ଆଡ଼କୁ ଅଗ୍ରସର ହେବା ପାଇଁ ବହୁ ପ୍ରତିବନ୍ଧକ ରହିଛି । ତା'ର ଚତୁର୍ଦ୍ଦିଗରେ ଦୁଷ୍ଟଶକ୍ତିଗୁଡ଼ିକ ଘେରିରହି ତାକୁ ଅନ୍ଧକାର ଗର୍ଭକୁ ଟାଣି ନେବାକୁ ଅପେକ୍ଷା କରି ରହିଛନ୍ତି । ଭଗବାନଙ୍କ ପ୍ରତି ବିଶ୍ୱାସ ଏବଂ ତାଙ୍କର ସର୍ବମୟତା ସମ୍ପର୍କରେ ଅଟଳ ରହିଲେ ଦୁଷ୍ଟଶକ୍ତିକୁ ଅତିକ୍ରମ କରିହେବ । ଏଥିପାଇଁ ତୁମର ପବିତ୍ର କଳାତ୍ମକ କାର୍ଯ୍ୟ, ବୈଜ୍ଞାନିକ କୃତିତ୍ୱ, ଆଧ୍ୟାତ୍ମିକ ଶୃଙ୍ଖଳାର ଶ୍ରେଷ୍ଠତ୍ୱ

ଏବଂ ଜ୍ଞାନର ପରିପ୍ରକାଶ ବିଚାରକୁ ନିଆଯିବ । ଦୁଷ୍ଟଶକ୍ତି ସେତେବେଳେ ପ୍ରଶ୍ନ କରିପାରେ 'ରାମ, କୃଷ୍ଣ, ଗୋବିନ୍ଦ ଭଳି ଭଗବାନଙ୍କର ନାମ ଉଚ୍ଚାରଣ କରି ଯେଉଁ ସ୍ଥିତିରେ ତୁମେ ଅଛ କେବଳ ସେତିକିରେ କଣ ତୁମକୁ ଅନ୍ନ ଓ ବସ୍ତ୍ର ମିଳିବ ? ସେମାନେ (ଦୁଷ୍ଟଶକ୍ତି) ଜାଣନ୍ତି ନାହିଁ ଯେ ଭଗବାନ ସେପରି ସାଧୁ ଲୋକଙ୍କୁ ସବୁପ୍ରକାର ସାଂସାରିକ ଆବଶ୍ୟକତା ଯୋଗାଇ ଦେବା ସହିତ ଅମୃତ ପ୍ରଦାନ କରନ୍ତି । କେବଳ ନାମ ଉଚ୍ଚାରଣ ଯଥେଷ୍ଟ । ଏଥିରେ ଆବଶ୍ୟକ ହେଉଥିବା ସବୁ ପ୍ରକାର ଶକ୍ତି ନିହିତ ଅଛି । ଗୋଟିଏ ଥର ନାମ ଉଚ୍ଚାରଣ, ଭଗବଦ୍ ପ୍ରାପ୍ତି ପାଇଁ ସାମାନ୍ୟ ବ୍ୟାକୁଳତାପୂର୍ଣ୍ଣ ଅଙ୍ଗଭଙ୍ଗି, ବିକଳ କ୍ରନ୍ଦନ, ବ୍ୟଗ୍ରତାପୂର୍ଣ୍ଣ ଚିତ୍କାର ତାଙ୍କ (ଭଗବାନଙ୍କ)ଠାରୁ ପ୍ରତ୍ୟୁତ୍ତର ପାଇବା ପାଇଁ ଯଥେଷ୍ଟ ।''

ଅକ୍ଷୟ ପାତ୍ର

ମୁଁ କେତେକ ଘଟଣା ବର୍ଣ୍ଣନା କରିବି ଯେଉଁଥିରେ ଭଗବାନ ଅଲୌକିକ ଅକ୍ଷୟ ପାତ୍ର ପ୍ରଦର୍ଶନ କରିଛନ୍ତି । ଏହି ଅକ୍ଷୟ ପାତ୍ରରୁ ଯେତେ ଖାଦ୍ୟ ବ୍ୟବହାର କଲେ ମଧ ସରେ ନାହିଁ ।

ଦରିଦ୍ର ନାରାୟଣମାନଙ୍କୁ ସମୂହ ଭୋଜନ (ନାରାୟଣ ସେବା) ଦିଆଯାଇଥାଏ । 'ଦରିଦ୍ର ସେବା ଯେ ଭଗବାନଙ୍କ ସେବା' ଏହା ତାର ଏକ ଉଦାହରଣ । ସ୍ୱାମୀ ଗୋଟିଏ କପଡ଼ା ଘୋଡ଼ା ହୋଇଥିବା ପାତ୍ରରୁ ଅନ୍ନ ପରିବେଷଣ କରନ୍ତି । ସମସ୍ତେ ଆଶ୍ଚର୍ଯ୍ୟ ହୁଅନ୍ତି ସେ କିପରି ଗୋଟିଏ ପାତ୍ରରୁ ଶହ ଶହ ଲୋକଙ୍କୁ ଅନ୍ନ ପରଷି ପାରନ୍ତି । ସେହି ପ୍ରାକ୍ କାଳରେ ଯେଉଁ ଭକ୍ତମାନେ ଏହି ଅଲୌକିକତା ଦେଖିଥାନ୍ତି ସତରେ ସେମାନେ କି ଭାଗ୍ୟବାନ ?

ଅନ୍ୟ ଏକ ଘଟଣା ନବନଗରର ମହାରାଣୀ (ଜାମନଗର, ଗୁଜୁରାଟ) ମୋତେ କହିଥିଲେ । ୧୯୬୮ ମସିହାରେ ବମ୍ବେ (ମୁମ୍ବାଇ)ଠାରେ ପ୍ରଥମ ବିଶ୍ୱ ସମ୍ମିଳନୀ ଶେଷ ହେବା ଅବସରରେ ମହାରାଣୀ ବାବାଙ୍କୁ ରାତ୍ରିଭୋଜନ ପାଇଁ ଘରକୁ ନିମନ୍ତ୍ରଣ କରିଥିଲେ । ତାଙ୍କ ସହିତ ମଧ କେତେକ ଦରିଆପାରି ଭକ୍ତଙ୍କୁ ନିମନ୍ତ୍ରଣ କରାଯାଇଥିଲା । ସ୍ୱାମୀ ପ୍ରଶ୍ନ କରିଥିଲେ ''ଆମେ କେଉଁଦିନ ଯିବା ପାଇଁ ତୁମେ ଚାହୁଁଛ ?''

ମହାରାଣୀ ଉତ୍ତର ଦେଲେ ''ସ୍ୱାମୀ ଗୁରୁବାରଦିନ ।'' (ଗୁରୁବାର ଦୁଇଦିନ ପରେ ପଡୁଥିଲା) ।

ସ୍ୱାମୀ ପୁଣି ପଚାରିଲେ ''ସ୍ୱାମୀ କେତେଜଣଙ୍କୁ ନିଜ ସହିତ ନେବେ ?''

ମହାରାଣୀ ଉତ୍ତର ଦେଲେ ''ସ୍ୱାମୀ ! ଆପଣ ଯେତେ ଜଣଙ୍କୁ ଚାହିଁବେ ସାଙ୍ଗରେ ଆଣିବେ । କିନ୍ତୁ ଦୟାକରି କେତେଜଣ ଆସିବେ ମୋତେ କହନ୍ତୁ । ତାହାହେଲେ ସେହି ଅନୁସାରେ ଖାଦ୍ୟ ପ୍ରସ୍ତୁତ କରାଯିବ ।''

ସ୍ୱାମୀ ଉତ୍ତର ଦେଲେ "ପଚିଶ ଜଣ ।"

ମହାରାଣୀ ଗୋଲାବ କୁମ୍ବର୍ବା ସଙ୍ଗେ ସଙ୍ଗେ ଜାମନଗରର ବଲ୍ଲଭ ନାମକ ଜଣେ ବ୍ୟକ୍ତିଙ୍କୁ ଚାଳିଶ ଜଣ ଅତିଥିଙ୍କ ପାଇଁ ସ୍ୱତନ୍ତ୍ର ମିଠା ବରାଦ ଦେଲେ । ଉତ୍କୃଷ୍ଟ ଗୁଣ ସମ୍ପନ୍ନ ପବିତ୍ର ଉପାଦାନରେ ଏହି ମିଠା ପ୍ରସ୍ତୁତ ହୋଇଥିଲା ଏବଂ ସ୍ୱତନ୍ତ୍ର ଉଡ଼ାଜାହାଜରେ ଜାମନଗରରୁ ବମ୍ବେ ଅଣାଗଲା ।

ମୋଟ ଚାଳିଶଜଣଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହୋଇଥିଲା । କିନ୍ତୁ ମହାରାଣୀଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ଯେ ସ୍ୱାମୀ ୭୦ଜଣ ଅତିଥିଙ୍କୁ ଧରି ପହଞ୍ଚିଲେ । ସ୍ୱାମୀ ମହାରାଣୀଙ୍କ ମୁହଁରୁ ହତାଶା ଭାବ ଲକ୍ଷ୍ୟ କରି ରୋଷଶାଳାକୁ ପଶିଗଲେ ଏବଂ ଖାଦ୍ୟପାତ୍ର ଗୁଡ଼ିକର ଢାଙ୍କୁଣି ଖୋଲିଦେବାକୁ କହିଥିଲେ । ସେ ଦିବ୍ୟ ବିଭୂତି ସୃଷ୍ଟି କଲେ ଏବଂ ଖାଦ୍ୟପାତ୍ରଗୁଡ଼ିକରେ ମିଶାଇ ଦେଲେ । ତାପରେ ମହାରାଣୀଙ୍କୁ କହିଥିଲେ "ଆଦୌ ବ୍ୟସ୍ତ ହୁଅ ନାହିଁ । ସବୁ ଅତିଥିଙ୍କୁ ପରଷିବା ଆରମ୍ଭ କର । ସମସ୍ତ ଅତିଥି ଭୁରିଭୋଜନ (ଆତ୍ମସନ୍ତୋଷ ହେବା ପର୍ଯ୍ୟନ୍ତ ଖାଦ୍ୟ ଗ୍ରହଣ) କରିବା ପରେ ମଧ୍ୟ ଖାଦ୍ୟପାତ୍ର ଗୁଡ଼ିକରେ ଖାଦ୍ୟ ବଳକା ରହିଥିଲା ।

ପରମପ୍ରିୟ ସ୍ୱାମୀ ହେଉଛନ୍ତି କରୁଣା ଓ କୃପାର ସାଗର । ନିକଟରେ ହୋଇଥିବା ଏକଲକ୍ଷାର୍ଚ୍ଚନା କାର୍ଯ୍ୟକ୍ରମରେ (ଲକ୍ଷେଥର ଭଗବାନଙ୍କ ନାମର ପୁନରାବୃତ୍ତି) ଏହି ଅକ୍ଷୟ ପାତ୍ର ଅନୁଭୂତି ମିଳିଥିଲା । ସେତେବେଳେ ଆଶା କରାଯାଉଥିବା ଭକ୍ତଙ୍କ ସଂଖ୍ୟାର ଦୁଇଗୁଣ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେଦିନ ମଧ୍ୟ ଖାଦ୍ୟ ପାତ୍ର ଗୁଡ଼ିକରେ ବିଭୂତି ମିଶାଇ ଏବଂ ଘୋଡ଼ାଇ ଦେଇ ଖାଦ୍ୟ ନିଅଣ୍ଟ ହେବାର ଆଶଙ୍କା ଦୂର କରାଯାଇଥିଲା । ସମସ୍ତେ ପେଟପୁରା ପ୍ରସାଦ ପାଇ ଆତ୍ମ ସନ୍ତୋଷ ଲାଭ କରିଥିଲେ ଏବଂ କିଛି ଖାଦ୍ୟ ମଧ୍ୟ ବଳକା ରହିଯାଇଥିଲା ।

ପାଠକମାନେ କେବଳ ଅନୁମାନ କରିବା କଥା ଯେ ପ୍ରଶାନ୍ତି ନିଳୟମରେ ଉତ୍ସବମାନଙ୍କରେ ଲକ୍ଷ ଲକ୍ଷ ଭକ୍ତ ଖାଇବା ପାଇଁ ସମ୍ଭାବ୍ୟ ପରିମାଣର ଖାଦ୍ୟ ବରାଦ ହୋଇଥାଏ । ସକାଳ ଜଳଖିଆ, ମଧ୍ୟାହ୍ନ ଓ ରାତ୍ର ଭୋଜନ ପାଇଁ କେତେ ପରିମାଣର ଖାଦ୍ୟ ଦରକାର କେବଳ ଅନୁମାନ କରିବା ଛଡ଼ା ଅନ୍ୟ ଉପାୟ ନାହିଁ । ତଥାପି ଭକ୍ତ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇଲେ ମଧ୍ୟ କେବେହେଲେ ଖାଦ୍ୟ ନିଅଣ୍ଟ ହୋଇ ନାହିଁ କିମ୍ବା ଖାଦ୍ୟ ପରଷିବାରେ ବିଳମ୍ବ ହୋଇ ନାହିଁ । କେବଳ ପରମପ୍ରିୟ ସ୍ୱାମୀଙ୍କର କୃପା ବଳରେ ଏହା ସମ୍ଭବ ହୋଇଥାଏ ।

ସ୍ୱାମୀଙ୍କ ଅନୁପସ୍ଥିତିରେ ବୈକୁଣ୍ଠ ଏକାଦଶୀ

ଥରେ ବୈକୁଣ୍ଠ ଏକାଦଶୀ ଉତ୍ସବରେ ପରମପ୍ରିୟ ସ୍ୱାମୀଙ୍କ ହାତରୁ ବୁନ୍ଦାଏ ଅମୃତ ପାଇବା ଆଶା ରଖି ମୁଁ ପ୍ରଶାନ୍ତି ନିଳୟମରେ ରହିଥିବା ସମୟରେ ଯାହା ଘଟିଲା

ତାହା ଏଠାରେ ବର୍ଣ୍ଣନା କରୁଛି । ଦୁର୍ଭାଗ୍ୟବଶତଃ ବାବା ମାଡ୍ରାସ ଚାଲିଯାଇଥିଲେ । ଆଶ୍ରମରେ ଥିବା ହଜାର ହଜାର ଭକ୍ତ ନିରାଶ ଓ ହତୋତ୍ସାହରେ ଭାଙ୍ଗିପଡ଼ିଥିଲେ । ଏପରିକି କେହି କେହି କାନ୍ଦି ପକାଇଥିଲେ ମଧ୍ୟ ।

ଭକ୍ତମାନଙ୍କ ମଧ୍ୟରେ ଏହି ବିରାଟ ନୈରାଶ୍ୟକୁ ଲକ୍ଷ୍ୟ କରି ପ୍ରଫେସର କସ୍ତୁରୀ ମୋତେ କହିଥିଲେ ଯେ ପ୍ରତ୍ୟେକଙ୍କ ଭକ୍ତିକୁ ପରୀକ୍ଷା କରିବା ପାଇଁ ଏହା ହେଉଛି ସ୍ୱାମୀଙ୍କର ଏକ ଉପାୟ । ପ୍ରକୃତ ଭକ୍ତ ଅନୁଭବ କରିବ ଯେ ଆମ ଦୈନନ୍ଦିନ ଜୀବନରେ ଯାହାକିଛି ଘଟୁଛି ସେସବୁ ଆମର ମଙ୍ଗଳ ପାଇଁ ଉଦ୍ଦିଷ୍ଟ । ସେ ତା ପରେ ଗୋଟିଏ ବହି ବାହାର କଲେ ଏବଂ ସେଥିରୁ ବାବାଙ୍କର ବାଣୀ ଉଦ୍ଧାର କଲେ ।

''କେବଳ ଭଗବାନ ହିଁ ଜଣେ ସଫଳ ବନ୍ଧୁ । ସେ ସବୁ ସମୟରେ ତୁମ ସହିତ ରହିଛନ୍ତି ଏବଂ ରକ୍ଷା କରୁଛନ୍ତି । ଯେତେବେଳେ ତୁମେ ଏଇ ଭାବକୁ ଆପଣେଇ ନେବ ସେତେବେଳେ ତୁମେ ଜୀବନର ଯେ କୌଣସି ପରିସ୍ଥିତିର ସମ୍ମୁଖୀନ ହୋଇ ପାରିବ । ମୂଳ ଲକ୍ଷ୍ୟ ହେଲା ତୁମ ଭିତରେ ଥିବା ଏବଂ ଯେଉଁ ବିଶ୍ୱର ତୁମେ ଏକ ଅଂଶ ତା ମଧ୍ୟରେ ଅବସ୍ଥାନ କରୁଥିବା ସେହି ଭଗବାନଙ୍କ ସହିତ ଘନିଷ୍ଠ ଏବଂ ନିରବଚ୍ଛିନ୍ନ ସମ୍ପର୍କ ରଖିବା ପାଇଁ ନିଜେ ନିଜର ପ୍ରଭୁ ସାଜିବା ଦରକାର । ନୈରାଶ୍ୟକୁ ସ୍ୱାଗତ ଜଣାଅ । କାରଣ ତାହା ତୁମର ମନୋବୃତ୍ତିକୁ ଦୃଢ଼ କରେ ଏବଂ ତୁମ ଧୈର୍ଯ୍ୟର ପରୀକ୍ଷା ନିଏ ।''

ପ୍ରଫେସର କସ୍ତୁରୀ ଏହି ଦିବ୍ୟ ବାଣୀକୁ ଭକ୍ତମାନଙ୍କୁ ଜଣାଇ ଦେବାକୁ ମୋତେ ଅନୁରୋଧ କଲେ କାରଣ ଏହାଦ୍ୱାରା ସେମାନଙ୍କର ମଳିନ ପଡ଼ିଯାଇଥିବା ଉତ୍ସାହ ପୁଣି ଜାଗ୍ରତ ହୋଇପାରେ । ବାବାଙ୍କ ଦିବ୍ୟ ସନ୍ଦେଶକୁ ଭକ୍ତମାନଙ୍କୁ ଜଣାଇବାର ଏହା ଥିଲା ମୋର ପ୍ରଥମ ସୁଯୋଗ । ପରମପ୍ରିୟ ସ୍ୱାମୀଙ୍କର ସଂକଳ୍ପ ଓ ଦିବ୍ୟ କୃପା ବ୍ୟତିରେକେ ଏହା କଣ ସମ୍ଭବ ହୋଇଥାନ୍ତା ? ସେ ପ୍ରଫେସର କସ୍ତୁରୀଙ୍କୁ ଏଥିପାଇଁ ପ୍ରୋତ୍ସାହିତ କରିଥିଲେ ଯେଉଁଥି ପାଇଁ ସେ ମୋତେ କହିବା ପାଇଁ ନିମନ୍ତ୍ରଣ କଲେ ।

ସେହି ଦିବ୍ୟ ବାର୍ତ୍ତା ପ୍ରଶାନ୍ତିନିଳୟମରେ ରହୁଥିବା ଭକ୍ତମାନଙ୍କ ଭିତରେ ପ୍ରଚାରିତ ହୋଇଯାଇଥିଲା । ଏବେ ଯେଉଁଠାରେ କୃଷ୍ଣ ଅର୍ଜୁନଙ୍କ ରଥର ପ୍ରତିମା ସ୍ଥାନ ପାଇଛି ସେହିଠାରେ ସେତେବେଳେ ମଞ୍ଚ ରହିଥିଲା । ମୁଁ କହିବା ପାଇଁ ଉଠିବାମାତ୍ରେ ଭକ୍ତମାନେ କରତାଳି ଦେଇ ସ୍ୱାଗତ ଜଣାଇଥିଲେ । ମୁଁ ସଂସ୍କୃତରେ ''ଈଶାବସ୍ୟମ ଇଦମ୍ ସର୍ବମ୍...'' ଉଚ୍ଚାରଣ କରି କହିବା ଆରମ୍ଭ କଲି । ମିଷ୍ଟର କନ୍ହେୟାଲାଲ ମୁନ୍‌ସୀ ଏହି ବିଶ୍ୱବିଦିତ ପ୍ରାର୍ଥନାଟି ମୋତେ ଦେଇଥିଲେ ।

କନ୍ହେୟାଲାଲ ମୁନ୍‌ସୀ

କୁଳପତି କେ. ଏମ. ମୁନ୍‌ସୀ ପୂର୍ବରୁ ଭାରତ ସରକାରଙ୍କର ଖାଦ୍ୟ ମନ୍ତ୍ରୀ ଥିଲେ । ଭାରତୀୟ ବିଦ୍ୟାଭବନ ଏକ ସର୍ବସାଧାରଣ ଦାତବ୍ୟ ନ୍ୟାସ ଏବଂ ଏହାର ପ୍ରତିଷ୍ଠାତା

ହେଉଛନ୍ତି କହ୍ନେୟାଲାଲ ମୁନ୍‌ସୀ । ଏହା ସହିତ ସେ ୩୫ଟି ଅନୁଷ୍ଠାନର ମଧ୍ୟ ପ୍ରତିଷ୍ଠାତା । ଭାରତୀୟ ବିଦ୍ୟାଭବନ ଶିକ୍ଷା, କଳା ଓ ସଂସ୍କୃତିର ବିକାଶ ପାଇଁ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗୀକୃତ । ଏହି ସଂସ୍ଥା ଆନୁକୂଲ୍ୟରେ ବମ୍ବେର ପୂର୍ବ ଅନ୍ଧେରୀଠାରେ ଏକ ବିଜ୍ଞାନ ଓ କଳା ମହାବିଦ୍ୟାଳୟ ପ୍ରତିଷ୍ଠିତ । କେ.ଏମ. ମୁନ୍‌ସୀ ସଂସ୍କୃତ ଭାଷାର ଜଣେ ପ୍ରବୀଣ ଶିକ୍ଷାବିତ୍ ଏବଂ ବହୁ ପୁସ୍ତକର ପ୍ରଣେତା ଭାବରେ ସୁପରିଚିତ । ସେ ବହୁକ୍ଷେତ୍ରରେ ପ୍ରବୀଣତା ହାସଲ କରିଛନ୍ତି । ଆମ ପୁରାଣ ପୋଥିରୁ ରତ୍ନ ସଂଗ୍ରହ କରି ସେ ହୃଦୟକୁ ସ୍ପର୍ଶ କରି ପାରୁଥିବା ବିଶ୍ୱ ବିଦିତ ପ୍ରାର୍ଥନାଟିଏ ରଚନା କରିଥିଲେ । ଏହାକୁ ସୁଲଳିତ କଣ୍ଠରେ ଉଚ୍ଚାରଣ କରିବା ପାଇଁ କିମ୍ବା ଗାନ କରିବା ପାଇଁ ନିର୍ଦ୍ଦିଷ୍ଟ ରାଗ ନିର୍ଣ୍ଣୟ କରାଯାଇଥିଲା ।

ଉଗାଣ୍ଡାର କାମ୍ପାଲାରେ ଉଚ୍ଚ ବିଦ୍ୟାଳୟ ଶିକ୍ଷା ସମାପ୍ତ କରି ମୁଁ ବମ୍ବେ (ମୁମ୍ବାଇ)ର ଭବାନ୍‌ସ କଲେଜରେ ଉଚ୍ଚ ମାଧ୍ୟମିକ ବିଜ୍ଞାନ ଛାତ୍ର ଭାବରେ ଯୋଗ ଦେଇଥିଲି । କେ.ଏମ. ମୁନ୍‌ସୀଙ୍କ ଦ୍ୱାରା ଲିଖିତ ପ୍ରାର୍ଥନାଟି ପ୍ରତ୍ୟେକ ଦିନ ଶିକ୍ଷା ନିର୍ଘଣ୍ଟ ଆରମ୍ଭ ପୂର୍ବରୁ ସଭାଗୃହରେ ଛାତ୍ରମାନଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ରାଗରେ ଗାନ କରାଯାଉଥିଲା । କଲେଜର ଅଧ୍ୟକ୍ଷ ମୋ ସମେତ କେତେଜଣ ଛାତ୍ରଙ୍କୁ ଏହି ପ୍ରାର୍ଥନା ବୋଲିବା ପାଇଁ ବାଛିଥିଲେ ।

ସେହି ସମୟରେ କେ.ଏମ. ମୁନ୍‌ସୀ ପାର୍କିନ୍‌ସନ୍ ରୋଗରେ ଆକ୍ରାନ୍ତ ହୋଇ ପଡ଼ିଥିଲେ । ରୋଗର ଚିକିତ୍ସା ପାଇଁ ସେ ବିଦେଶକୁ ମଧ୍ୟ ଯାଇଛନ୍ତି । କିନ୍ତୁ କେଉଁଠାରେ ଭଲ ହୋଇ ନାହାନ୍ତି । ସୌଭାଗ୍ୟବଶତଃ ମିଷ୍ଟର ମୁନ୍‌ସୀ ସ୍ୱାମୀଙ୍କ କୃପାରୁ ଅନ୍ଧେରୀରେ ଥିବା କଳା ଓ ବିଜ୍ଞାନ କଲେଜ ପରିସର ମଧ୍ୟରେ ଅନୁଷ୍ଠିତ ହେଉଥିବା ଏକ ଆଧ୍ୟାତ୍ମିକ ସମାବେଶକୁ ବାବାଙ୍କ ଦର୍ଶନ ପାଇଁ ଆସିଥିଲେ । ସେଠାରେ ଦର୍ଶନ ସମୟରେ ବାବା ତାଙ୍କ ନିକଟକୁ ଗଲେ ଏବଂ ସାମାନ୍ୟ ସ୍ପର୍ଶ ଦେଇ ମୁନ୍‌ସୀଙ୍କ ପାର୍କିନ୍‌ସନ୍ ରୋଗର ହାତ ଥରିବା ଲକ୍ଷଣକୁ ତତ୍‌କ୍ଷଣାତ୍ ବନ୍ଦ କରିଦେଲେ । ତାପରେ ସେ ସମ୍ପୂର୍ଣ୍ଣ ରୂପେ ଭଲ ହୋଇଯାଇଥିଲେ । ଏହିପରି କେ.ଏମ. ମୁନ୍‌ସୀ ଆମର ପରମପ୍ରିୟ ସ୍ୱାମୀଙ୍କର ଅଲୌକିକ ଶକ୍ତି ସମ୍ପର୍କରେ ବ୍ୟକ୍ତିଗତ ଭାବରେ ଅଭିଜ୍ଞତା ଅର୍ଜନ କରିଥିଲେ । ସେ ବହୁତ ଥର ସ୍ୱାମୀଙ୍କ ଦର୍ଶନ ପାଇଁ ଯାଇଛନ୍ତି ଏବଂ ଭବାନ୍‌ସ୍ ଜର୍ଣ୍ଣାଲରେ ବାବାଙ୍କ ସମ୍ପର୍କରେ ବହୁ ପ୍ରବନ୍ଧ ଲେଖିଛନ୍ତି । ଥରେ ବାବାଙ୍କ ଉଦ୍ଦେଶ୍ୟରେ ଭବାନ୍‌ସ ଜର୍ଣ୍ଣାଲର ଏକ ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ ପାଇଥିଲା (ଖଣ୍ଡ-୨୭, ସଂଖ୍ୟା-୮) । ପୁଣି ଥରେ ମଧ୍ୟ ବାବାଙ୍କର ୬୦ତମ ଜନ୍ମ ଦିବସ ଉପଲକ୍ଷେ ଏକ ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ ପାଇଥିଲା (ଖଣ୍ଡ-୩୨, ସଂଖ୍ୟା-୮ଏ ୧୬-୩୦ ନଭେମ୍ବର ୧୯୮୫) ।

ଆଉଥରେ ଜନ୍ମଦିନ ଉତ୍ସବରେ ପରମପ୍ରିୟ ସ୍ୱାମୀ ନିମ୍ନୋକ୍ତ ପ୍ରକାରେ ବାର୍ତ୍ତା ଦେଇଥିଲେ । ''ମୁଁ ଏଠାରେ କେ.ଏମ. ମୁନ୍‌ସୀ ଲେଖିଥିବା ଏକ ଚିଠି ସମ୍ପର୍କରେ କହୁଛି ।

ମୁନ୍‌ସୀ ହେଉଛନ୍ତି ଗାନ୍ଧିଜୀଙ୍କର ଜଣେ ଅନୁଗାମୀ । ସ୍ୱାଧୀନ ଭାରତର ସ୍ଥପତିମାନଙ୍କ ମଧ୍ୟରୁ ସେ ଜଣେ । ସେ ମଧ୍ୟ ଗୁଜୁରାଟର ଜଣେ ପ୍ରସିଦ୍ଧ ଲେଖକ ଏବଂ ଭାରତୀୟ ବିଦ୍ୟାଭବନର ପ୍ରତିଷ୍ଠାତା । ଭାରତୀୟ ବିଦ୍ୟାଭବନ ଭାରତୀୟ ସଂସ୍କୃତି ଓ ମୂଲ୍ୟବୋଧର ପୁନରୁଦ୍ଧାର ପାଇଁ ଉତ୍ସର୍ଗୀକୃତ । ସେ ଲେଖିଛନ୍ତି ଯେ ସେ ଆସିଥିଲେ, ଦେଖିଲେ ଓ ଶରଣାଗତ ହେଲେ । ବାସ୍ତବରେ ଯାହା ଘଟିଲା ତାହା ହେଉଛି ତାଙ୍କର ପ୍ରେମ ମୋ ପ୍ରେମ ଭିତରେ ମିଳାଇ ଗଲା । ତାଙ୍କର ଆନନ୍ଦ ମୋ ଆନନ୍ଦ ସହିତ ମିଶିଗଲା ଏବଂ ସେ ଅନିର୍ବଚନୀୟ ଆନନ୍ଦ ଲାଭ କଲେ । ସେହି ଚିଠିରେ ସେ ପୁଣି ଲେଖିଛନ୍ତି– ଯେଭଳି କେତେକ ପବିତ୍ର ଦିବସ ରହିଛି, ମୋ ଜନ୍ମଦିନ (ବାବାଙ୍କର) ସେହିଭଳି ସମଗ୍ର ପୃଥିବୀରେ ଏକ ପବିତ୍ର ଦିବସ ରୂପେ ପାଳନ କରାଯିବା ଉଚିତ । ଏହି ଦିବସଟିକୁ ସମଗ୍ର ପୃଥିବୀରେ 'ସତ୍ୟନାରାୟଣ ପୂଜା ଦିବସ' ରୂପେ ପାଳନ କରାଯିବା ଯୋଜନାକୁ ଆଶୀର୍ବାଦ କରିବା ପାଇଁ ସେ ଅନୁରୋଧ କରିଛନ୍ତି । ମୁଁ ତାଙ୍କର ଶରଣାଗତି ଓ ଭକ୍ତିକୁ ପସନ୍ଦ କରୁଛି । ମାତ୍ର ଗୋଟିଏ ନାମ ଓ ଗୋଟିଏ ରୂପ, ଏପରିକି ମୋର ବର୍ତ୍ତମାନର ନାମ ଓ ରୂପକୁ ଆରାଧନା କରିବାକୁ ମୁଁ ପ୍ରୋତ୍ସାହନ ଦେଉ ନାହିଁ । ମୁଁ ଲୋକମାନଙ୍କୁ ମୋର ଅନ୍ୟନାମ ଓ ଅନ୍ୟରୂପ ଆରାଧନାରୁ ବିଚ୍ୟୁତ କରି ମୋର ବର୍ତ୍ତମାନର ନାମ ଓ ରୂପ ପ୍ରତି ଆକୃଷ୍ଟ କରିବାକୁ ଚାହେଁ ନାହିଁ । ମୋର ଅଲୌକିକତା ପ୍ରଦର୍ଶନ ତୁମମାନଙ୍କୁ କେବଳ ମୋ ଆଡ଼କୁ ଆକୃଷ୍ଟ କରିବା ପାଇଁ ଉଦ୍ଦିଷ୍ଟ ବୋଲି ତୁମେ ଧାରଣା କରିପାର । ମାତ୍ର ସେସବୁ ମୋ ସମ୍ପର୍କରେ ପ୍ରମାଣ ଦେବା ପାଇଁ କିମ୍ବା ପ୍ରଚାର କରିବା ପାଇଁ ଉଦ୍ଦିଷ୍ଟ ନୁହେଁ । ବରଂ ସେ ସବୁ ଗରିମାମୟ ଦୈବତ୍ୱର ସ୍ୱତଃପ୍ରବୃତ୍ତ ତଥା ଆନୁସଙ୍ଗିକ ପରିପ୍ରକାଶ । ସବୁଦିନ ପାଇଁ ମୁଁ ତୁମର ଓ ତୁମେ ମୋର । ତୁମ ପ୍ରେମ ଓ ମୋ କରୁଣାର ପ୍ରଚାର ପାଇଁ କାହାକୁ ଆକର୍ଷଣ କରିବା କିମ୍ବା ପ୍ରଭାବିତ କରିବାର ଆବଶ୍ୟକତା କଣ ? ମୁଁ ତୁମ ଭିତରେ ଅଛି, ତୁମେ ମୋ ଭିତରେ ଅଛ । ଏଥିରେ ଦୂରତା ନାହିଁ କି ପାର୍ଥକ୍ୟ ନାହିଁ ।''

ଦିବ୍ୟ ବାର୍ତ୍ତା ପ୍ରଦାନ

କେ. ଏମ୍‌. ମୁନସୀଙ୍କ ସମ୍ପର୍କରେ ସୂଚନା ଦେବା ପରେ ଏଥର ପ୍ରଶାନ୍ତି ନିଳୟମ ମନ୍ଦିରକୁ ଫେରିବା । ଯେଉଁ ମୁହୂର୍ତ୍ତରେ ମୁଁ ସଂସ୍କୃତରେ ଲିଖିତ ବିଶ୍ୱବିଦିତ ପ୍ରାର୍ଥନାଟି ଗାଇଲି ଭକ୍ତମାନଙ୍କର କରତାଳି ଅବିଚ୍ଛିନ୍ନ ଭାବରେ ସେ ସ୍ଥାନକୁ ମୁଖରିତ କଲା । ପ୍ରଫେସର କସ୍ତୁରୀ ମଞ୍ଚ ଉପରକୁ ଆସି ଦିବ୍ୟବାର୍ତ୍ତା ଶୁଣିବାକୁ ଅନୁରୋଧ କରିବା ପର୍ଯ୍ୟନ୍ତ କରତାଳି ଚାଲୁ ରହିଥିଲା ।

ବାବା ଥରେ ପ୍ରଫେସର କସ୍ତୁରୀଙ୍କୁ କହିଥିଲେ ''ଗଡ଼ିଆ ହେଉଛି 'ଲାଉଡ୍‌ ସ୍ପିକର୍‌' (ବଡ଼ପାଟିଆ ବକ୍ତା) ଏବଂ ମୁଁ ହେଉଛି 'ମାଇକ୍‌' (ଡାକବାଜି ଯନ୍ତ୍ର) । ଏହା ଏକ

ଉଲ୍ଲାସପୂର୍ଣ୍ଣ ଅଭିଜ୍ଞତା । କାରଣ ମୁଁ ସେତେବେଳେ ଅନୁଭବ କରିଥିଲି ଯେ ସେଦିନ ପରମପ୍ରିୟ ସ୍ୱାମୀ ମୋ ଶରୀରକୁ ମାଧମ କରି ନିଜେ କହୁଛନ୍ତି । ମୁଁ କହିଥିଲି -

''ସାଇ ପରିବାରର ମୋ ଭାଇ ଓ ଭଉଣୀମାନେ ! (ଆନନ୍ଦସୂଚକ କରତାଳି) । ପରମପ୍ରିୟ ସ୍ୱାମୀ ଆଶ୍ରମରେ ନ ଥିବାରୁ ଆପଣମାନଙ୍କ ଭିତରୁ କେତେକ ଅତ୍ୟନ୍ତ ଦୁଃଖିତ ଏବଂ ନିରାଶ ହୋଇ ପଡ଼ିଛନ୍ତି । ମାଡ୍ରାସରେ ରହୁଥିବା ଭକ୍ତ, ସାଇ ପରିବାରର ଭାଇ ଓ ଭଉଣୀମାନଙ୍କୁ ବୋଧହୁଏ ଆମର ପରମପ୍ରିୟ ସ୍ୱାମୀ ଏବର୍ଷ ଅମୃତ ସୃଷ୍ଟି ଲୀଳା ପ୍ରଦର୍ଶନ କରିବାକୁ ଇଚ୍ଛା କରିଛନ୍ତି । ଆପଣମାନେ ମଧ ଭାଗ୍ୟବାନ ଯେ ଏହି ପବିତ୍ର ବୈକୁଣ୍ଠ ଏକାଦଶୀ ଦିବସରେ ପରମ ପ୍ରଶାନ୍ତିର ଧାମ 'ପ୍ରଶାନ୍ତି ନିଳୟମ୍'ରେ ଉପସ୍ଥିତ ଅଛନ୍ତି । କେବଳ ପରମପ୍ରିୟ ସ୍ୱାମୀଙ୍କ ସଂକଳ୍ପ ଓ କୃପା ଯୋଗୁ ଏହା ସମ୍ଭବ ହେଲା ।''

''ଆପଣମାନେ ଏଠାରେ କାଣ୍ଟିନ୍‌ରୁ ଯେଉଁ ପ୍ରସାଦ ପାଉଛନ୍ତି ତାହା ବାସ୍ତବରେ ଅମୃତ । ଆପଣମାନେ ଅନୁଭବ କରିବା ଉଚିତ୍ ଯେ ଆପଣମାନେ ମାଡ୍ରାସର ଭାଇଭଉଣୀଙ୍କ ଠାରୁ ଅଧିକ ଭାଗ୍ୟବାନ (କରତାଳି) । ଆମର କର୍ତ୍ତବ୍ୟ ହେଉଛି ଆମେ ନିଷ୍ପାପର ଭାବରେ ଓ ଆନ୍ତରିକତାର ସହିତ ପ୍ରାର୍ଥନା କରିବା ଯେପରି ବାବା ମାଡ୍ରାସରୁ ତାଙ୍କର ଦିବ୍ୟ କୃପା ଆମ ଉପରେ ଅଜାଡ଼ି ଦେବେ ।''

ଏହା ଶୁଣିବା ପରେ ବହୁ ଭକ୍ତ ପ୍ରଫେସର କସ୍ତୁରୀଙ୍କୁ ଅଧିକ ବାର୍ତ୍ତା ଓ ସ୍ୱାମୀଙ୍କ ସହିତ ମୋର ଅନୁଭୂତି ସଂପର୍କରେ କହିବା ପାଇଁ ଅନୁରୋଧ କରିଥିଲେ । ମୁଁ ବ୍ୟକ୍ତିଗତ ଭାବରେ ଅନୁଭବ କରୁଥିଲି ଯେ ପରମପ୍ରିୟ ସ୍ୱାମୀ ଭବିଷ୍ୟତ କାର୍ଯ୍ୟକ୍ରମ ପାଇଁ ଏବଂ ତାଙ୍କ ବାର୍ତ୍ତାର ପ୍ରସାର ପାଇଁ ମୋତେ ପ୍ରସ୍ତୁତ କରାଉଛନ୍ତି, ତାଙ୍କର ଦିବ୍ୟକୃପା ବଳରେ ମୁଁ ମୋର ଏହି ପ୍ରଥମ ଆନନ୍ଦମୟ ସୁଯୋଗ ଲାଭ କରିଥିଲି ।

ଗୁରୁପୂର୍ଣ୍ଣିମା ଦିବସ

ଏହିଦିନ ମଧ ପରମପ୍ରିୟ ସ୍ୱାମୀ ଚିତ୍ରାବତୀ ନଦୀକୂଳରେ ଅମୃତ ସୃଷ୍ଟି କରୁଥିଲେ ଏବଂ ପ୍ରଶାନ୍ତି ନିଳୟମ୍ ମନ୍ଦିର ସମ୍ମୁଖରେ ଉପସ୍ଥିତ ଥିବା ସବୁ ଭକ୍ତଙ୍କ ମଧ୍ୟରେ ପ୍ରସାଦ ରୂପେ ବାଣ୍ଟୁଥିଲେ । ଏହିପରି ଏକ ଉତ୍ସବରେ ସେ କହିଥିବା ଏକ ଦିବ୍ୟ ବାର୍ତ୍ତାରୁ ଆମେ ଅନେକ କିଛି ଶିକ୍ଷା କରିପାରିବା ।

''ଗୁରୁ ଅର୍ଥ ହେଲା – ଯେ ଅଜ୍ଞତା ଦୂର କରିଥାଏ ।''

''ଆଜି ଦିନଟିକୁ ଗୁରୁପୂଜା ପାଇଁ ନିର୍ଦ୍ଦିଷ୍ଟ କରାଯାଇଛି । ଗୁରୁ କିଏ ? ଯେ ନିଜେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିନାହିଁ ସେ ନିଜେ କିପରି ତୁମକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବା ପାଇଁ ଦିଗ୍‌ଦର୍ଶନ ଦେଇ ପାରିବ ? ଯେତେବେଳେ ସେ ନିଜେ ଅନ୍ଧାରରେ ବାଡ଼ି ବୁଲାଉଛି

ସେ କିପରି ତୁମ ବାଟକୁ ଆଲୋକିତ କରିପାରିବ ? ଅନେକ ଗୁରୁ, ଯେଉଁମାନେ ବୃତ୍ତିଗତ ଭାବରେ ପଥ ପ୍ରଦର୍ଶକର ଭୂମିକା ଗ୍ରହଣ କରିଛନ୍ତି, ସେମାନେ କେଉଁ ଗୋଟିକ ସଠିକ୍ ପଥ ସ୍ଥିର ନିଶ୍ଚିତ ନୁହନ୍ତି କିମ୍ବା ପଥର ସଠିକତା ସଂପର୍କରେ ନିଃସନ୍ଦେହ ହୋଇପାରି ନାହାନ୍ତି ।''

''ଗୁ-ର ଅର୍ଥ ଅନ୍ଧକାର ଏବଂ ରୁ-ର ଅର୍ଥ ଦୂରକରିବା । ତେଣୁ ଗୁରୁ ଅଜ୍ଞତା ଦୂର କରିବା ପଦ୍ଧତି ଜାଣିବା ଉଚିତ୍ । ଯେତେବେଳେ ସେ ନିଜ ପାଇଁ ଏହା କରିପାରି ନାହିଁ, ସେ ଅନ୍ୟ ପାଇଁ ଏହା କରିବ କିପରି ? ଜଣେ ଅନ୍ଧ ଅନ୍ୟ ଜଣେ ଅନ୍ଧକୁ ବାଟ ଦେଖାଇ ପାରିବ ନାହିଁ ।''

''ଭଗବାନ ହେଉଛନ୍ତି ତୁମ ହୃଦୟରେ ବାସ କରୁଥିବା ଗୁରୁ । ସେ ସବୁବେଳେ ବାଟ ଦେଖାଇ ଦେବାକୁ ଏବଂ ତୁମକୁ ଆଲୋକିତ କରିବାକୁ ପ୍ରସ୍ତୁତ ଅଛନ୍ତି । ସେ ସର୍ବଜ୍ଞାତା, ସର୍ବଶକ୍ତିମାନ ଓ ସର୍ବବିଦ୍ୟମାନ । ତୁମ ହୃଦୟ ଆକାଶରେ ପ୍ରତିଭାତ ହେଉଥିବା ସୂର୍ଯ୍ୟ । ଏହାର ଆଲୋକରେ ଅଜ୍ଞତା ଓ ଅହଂକାରର ମେଘକୁ ଛିନ୍ନଭିନ୍ନ କରିଦିଅ । ତୁମ ପିତାମାତା ତୁମକୁ ତ୍ୟାଗ କରିପାରନ୍ତି, ତୁମ ଜ୍ଞାତି କୁଟୁମ୍ବ ତୁମକୁ ବର୍ଜନ କରିପାରନ୍ତି, ତୁମ ବନ୍ଧୁମାନେ ତୁମକୁ ଛାଡ଼ି ଚାଲିଯାଇ ପାରନ୍ତି, ତୁମର ଗଚ୍ଛିତ ସଂପତ୍ତି ନଷ୍ଟ ହୋଇଯାଇ ପାରେ ମାତ୍ର ଭଗବାନ ସଦା ସର୍ବଦା ତୁମ ପାଖରେ ଓ ତୁମର ପ୍ରିୟ ଭାବରେ ତୁମକୁ ସାହସ ଓ ପ୍ରେତ୍ସାହନ ଦେବା ପାଇଁ ପ୍ରସ୍ତୁତ ଅଛନ୍ତି । ତୁମ ପାଖରେ ଯେ ପର୍ଯ୍ୟନ୍ତ ଧନ ଓ କ୍ଷମତା ଅଛି ଲୋକେ ତୁମ ଚତୁର୍ଦ୍ଦିଗରେ ଘେରି ରହିଥିବେ । ମାତ୍ର ଏସବୁ ହରାଇଲେ ସେମାନେ ତୁମକୁ ନିହାତି ଏକୁଟିଆ କରି ଚାଲିଯିବେ । ସେମାନେ ହ୍ରଦ ଭିତରେ ପୁରି ରହିଥିବା ପଲ ପଲ ବେଙ୍ଗଙ୍କ ଭଳି ତୋଷାମଦର ରଡ଼ି ଛାଡୁଥିବେ ମାତ୍ର ହ୍ରଦ ଶୁଖିଗଲେ କେଉଁଆଡ଼େ ଉଭେଇଯିବେ ।''

ବର୍ଷର ସବୁଦିନେ ଗୁରୁପୂଜା

ନିମ୍ନ ପ୍ରକାର ବାବାଙ୍କର ଦିବ୍ୟ ସମ୍ଭାଷଣ ଲାଗି ରହିଥିଲା । ସେ କହି ଚାଲିଥିଲେ-

''ତୁମେ ଏଠାକୁ ଧାଇଁ ଆସିଛ ଗୁରୁପୂର୍ଣ୍ଣିମା ଉତ୍ସବ ପାଇଁ । ମାତ୍ର ଗୁରୁଙ୍କୁ ସମ୍ମାନ ଦେବା ପାଇଁ ତୁମେ ବର୍ଷକରେ ଥରେ ଏହି ଦିନକୁ ଅପେକ୍ଷା କରିବାର ଆବଶ୍ୟକତା ନାହିଁ । ଲୋକେ ଏହି ଦିନଟିକୁ ଗୁରୁଙ୍କ ପୂଜା କରିବା ଓ ତାଙ୍କର ନିର୍ଦ୍ଦେଶ ଗ୍ରହଣ କରିବାରେ କଟାଇଥାନ୍ତି । ଏହା କିନ୍ତୁ ବର୍ଷର ସବୁଦିନେ କରାଯାଇ ପାରେ । ଏଥିପାଇଁ ଗୋଟିଏ ଦିନ ବାଛିବା ଉପରଠାଉରିଆ ଓ ଦେଖାଇହେବା ଭାବର ପରିପ୍ରକାଶ ମାତ୍ର । ତୁମର ଏହି ମନୋବୃତ୍ତିକୁ ମୁଁ ପ୍ରୋତ୍ସାହନ ଦେବାକୁ ଇଚ୍ଛା କରେ ନାହିଁ । ମୁଁ ଚାହେଁ ଏହି ସବୁ ବାହ୍ୟ ଉପଚାର ଓ ଉତ୍ସବରେ ନ ମାତି ଅନ୍ତତ ସାଧନା, ଅନ୍ତର୍ଦୃଷ୍ଟି ଓ ଆଧ୍ୟାତ୍ମିକ ମନୋବୃତ୍ତିର ବିକାଶ ସାଧନ କର ।''

''ମୁଁ ଗୁରୁ ବୋଲି ଦାବି କରୁ ନାହିଁ । ତୁମେ ସବୁ ମୋର ଛାତ୍ର ବା ଶିଷ୍ୟ ବୋଲି ମୁଁ ବିଚାର କରୁ ନାହିଁ । ଅଜ୍ଞତା ଦ୍ୱିଧାଗ୍ରସ୍ତ କରାଏ । ଅଜ୍ଞତା ଯୋଗୁ ସତ୍ୟାନୁସନ୍ଧାନର ମର୍ଯ୍ୟାଦା ଶେଷ ହୋଇଯାଏ । କେହି ଶିକ୍ଷା ଦେବାକୁ କିମ୍ୱା ଶିକ୍ଷା ଗ୍ରହଣ କରିବାକୁ ଚାହାଁନ୍ତି ନାହିଁ । ସମସ୍ତେ ମୌଳିକ ଭାବରେ ସତ୍-ଚିତ୍-ଆନନ୍ଦ ।''

''ଜଣେ ଶିକ୍ଷକ (ଏହା ହିଁ ଅଧିକ ନିର୍ଭୁଲ ନାମକରଣ) ନିଜକୁ ବଡ଼ ବା ଅଧିକ ଗୁଣସଂପନ୍ନ ବୋଲି ମନେ କରିବା ଉଚିତ୍ ନୁହେଁ । ଜଣେ ଛାତ୍ର ନିଜକୁ ହେୟଜ୍ଞାନ କରିବା (ହୀନମନ୍ୟତା ପ୍ରକାଶ କରିବା) ଠିକ୍ ନୁହେଁ । ବାସ୍ତବତା ଦୃଷ୍ଟିରୁ ଉଭୟ ଆତ୍ମା । ଏଠାରେ ଉଚ୍ଚ ନୀଚ ଭାବ ନାହିଁ । ସମସ୍ତେ ଆନନ୍ଦ ସାଗରର ତରଙ୍ଗ ସଦୃଶ । ଯେତେବେଳେ ତୁମ ଶରୀର ଆକର୍ଷଣୀୟ ଓ ତୃପ୍ତ, ସେତେବେଳେ ତୁମେ କେତେ ସୁଖୀ ଥାଅ ! ଯେତେବେଳେ ଅନ୍ୟସବୁ ଆତ୍ମାର ଶରୀର ମାନ ସୁଖୀ, ସୁସ୍ଥ, ସବଳ ଓ ସଂପୂର୍ଣ୍ଣ ସେତେବେଳେ ହିସାବକରି ଜାଣିରଖ ତୁମ ହୃଦୟ ମଧ୍ୟରେ କେତେ ସମ୍ମିଳିତ ଆନନ୍ଦ ଉପଲବ୍ଧ ହୋଇଥାଏ ? ବିରାଟ ଦର୍ଶନ (ବିଶ୍ୱରୂପ ଦର୍ଶନ)ର ସୁଯୋଗ ସେହିମାନଙ୍କୁ ମିଳିଥାଏ ଯେଉଁମାନେ ସେମାନଙ୍କର ଅହଂକାର ଭଗବାନଙ୍କୁ ସମର୍ପଣ କରି ଭଗବାନଙ୍କର ଶରଣାପନ୍ନ ହୋଇଥାନ୍ତି, ଯେପରି ଭଗବତ୍ ଗୀତାରେ ବର୍ଣ୍ଣିତ କୁରୁକ୍ଷେତ୍ର ଯୁଦ୍ଧଭୂମିରେ ଅର୍ଜୁନ ଶ୍ରୀକୃଷ୍ଣଙ୍କର ଶରଣାପନ୍ନ ହୋଇଥିଲେ । ଗୀତାରେ ଉଲ୍ଲେଖ ଥିବା ଭଗବାନଙ୍କ ସଂଗୀତ (ଶ୍ଳୋକ)କୁ ଯେଉଁମାନେ ନୀରବରେ ହୃଦୟ ମଧ୍ୟରେ ଗ୍ରହଣ କରନ୍ତି ସେମାନେ ଭଗବାନଙ୍କ ସର୍ବବିଦ୍ୟମାନତା ଅନୁଭବ କରନ୍ତି । ସେ ବିଶ୍ୱବ୍ରହ୍ମାଣ୍ଡର ପ୍ରତ୍ୟେକ ଅଣୁ ପରମାଣୁର ଅନ୍ତଃ ପ୍ରବର୍ତ୍ତକ ।''

''ତୁମର ପୂଜା କରିବାର ପଦ୍ଧତିରେ ଭଗବାନ କେବଳ ବଶ ହୋଇଥାନ୍ତି, ତୁମେ ଶିକ୍ଷା କରିଥିବା ନାମରେ ଡାକିଲେ ଭଗବାନ କେବଳ ଉତ୍ତର ଦିଅନ୍ତି ଏପରି ଭାବିବା ତାଙ୍କର ସର୍ବଜ୍ଞାତା ପଣିଆ ଓ ମହତ୍ତ୍ୱ ପ୍ରତି ଅବମାନନା । ସମସ୍ତଙ୍କ ଭିତରେ ତାଙ୍କୁ ଦେଖ ଏବଂ ପ୍ରାର୍ଥନା କର 'ସମସ୍ତ ବିଶ୍ୱ ସମୃଦ୍ଧ ହେଉ ଏବଂ ସବୁ ମଣିଷ ସୁଖରେ ରହନ୍ତୁ' । ଗୁରୁପୂର୍ଣ୍ଣିମା ଦିବସରେ ଏହା ହେଉଛି ମୋର ସ୍ୱତନ୍ତ୍ର ବାର୍ତ୍ତା ।''

□□

ଅଧ୍ୟାୟ - ୮

ରାମନବମୀ ଓ ଗୋକୁଳାଷ୍ଟମୀ ଉତ୍ସବ

ପ୍ରତିବର୍ଷ ପ୍ରଶାନ୍ତି ନିଳୟମ୍‌ରେ ଭଗବାନ ରାମଙ୍କର ଜନ୍ମଦିବସ ପାଳନ କରାଯାଏ । ଆରମ୍ଭ ସମୟରେ ଥରେ ଏଭଳି ଏକ ଉତ୍ସବରେ ପରମପ୍ରିୟ ସ୍ୱାମୀ ରାମ, ସୀତା ଓ ଲକ୍ଷ୍ମଣଙ୍କର ଗୋଟିଏ ପ୍ରତିମୂର୍ତ୍ତି ସୃଷ୍ଟି କଲେ । ଏହି ମୂର୍ତ୍ତିଟି ସୁନାରେ ତିଆରି ହୋଇଥିଲା । ଏହାର ଲମ୍ବ ପାଞ୍ଚ ଇଞ୍ଚ (୧୩ ସେ.ମି.) ଏବଂ ପ୍ରସ୍ଥ ତିନି ଇଞ୍ଚ (୮ ସେ.ମି.) । ମିଷ୍ଟର କସ୍ତୁରୀ ମୋତେ ଦେଇଥିବା 'ସତ୍ୟମ୍-ଶିବମ୍-ସୁନ୍ଦରମ୍' ପୁସ୍ତକର ପ୍ରଥମ ଭାଗ (ପ୍ରଥମ ସଂସ୍କରଣ)ରେ ଏହାର ଫଟୋଚିତ୍ର ପ୍ରକାଶ ପାଇଛି ।

ଏହି ଉତ୍ସବରେ ମୁଖ୍ୟତଃ ଭଗବାନ ରାମଙ୍କ ଉପରେ ପୂର୍ବଦିନ ଅପରାହ୍ନ ୬ଟା ଠାରୁ ପରଦିନ ସକାଳ ୬ଟା ପର୍ଯ୍ୟନ୍ତ ଅଖଣ୍ଡ ଭଜନ ଗାନ କରାଯାଏ । ଏହାପରେ ପରମପ୍ରିୟ ସ୍ୱାମୀ ଏହି ପବିତ୍ର ଦିବସ ଉପଲକ୍ଷେ ତାଙ୍କର ଦିବ୍ୟ ବାର୍ତ୍ତା ପ୍ରଦାନ କରନ୍ତି । ଏଥର ଆସନ୍ତୁ ତାଙ୍କ ଦିବ୍ୟ ସନ୍ଦେଶ ଉପରେ ମନୋନିବେଶ କରିବା ।

''ଯେଉଁ ରାମଙ୍କର ଜନ୍ମ ଉତ୍ସବ ଆଜି ପାଳନ କରୁଛ ସେ ନିଜକୁ ରକ୍ଷାକରି ଜନ୍ମଠାରୁ ଅଜନ୍ମା ହେବା (ଜନ୍ମକୁ ଏଡ଼ାଇ ଯିବା) ପର୍ଯ୍ୟନ୍ତ ବିପଦପୂର୍ଣ୍ଣ ପଥର ଯାତ୍ରୀ ହେବାର ଏକ ଜ୍ୱଳନ୍ତ ଉଦାହରଣ । ରାମ ଧର୍ମର ସ୍ୱରୂପ ଏବଂ ସେହି କାରଣରୁ ସେ ଧର୍ମର ପୁନଃପ୍ରତିଷ୍ଠା ପାଇଁ ସକ୍ଷମ ହୋଇଥିଲେ । ଆଜି ଏକ ପବିତ୍ର ଦିବସ କାରଣ ତୁମେ ଭଗବାନଙ୍କର ମହିମା ଓ ତାଙ୍କର ମଣିଷ ସହିତ ସଂପର୍କର ପୁନରାବୃତ୍ତି କରିବାର ସୁଯୋଗ ପାଇଛ ।

''ପ୍ରତ୍ୟେକଙ୍କ ଜୀବନରେ ରାମାୟଣ ଅନୁଭୂତ ହୋଇଥାଏ । ନିଜର ଗୁଣାବଳୀ, ଇନ୍ଦ୍ରିୟ ଗୁଡ଼ିକର କାର୍ଯ୍ୟ, ଅନୁସନ୍ଧିତ୍ସା ଓ ସାଧନା ମାଧ୍ୟମରେ ପ୍ରତ୍ୟେକଙ୍କ ଜୀବନରେ ରାମାୟଣ ଅଭିନୀତ ହୁଏ । ଦଶଟି ରଥର ଅଧିକାରୀ ରାଜା ଦଶରଥଙ୍କର ପୁତ୍ର ହେଉଛନ୍ତି ରାମ । ତୁମେ ଏହି ଦଶଟି ରଥ ସଂପର୍କରେ କଣ ଭାବୁଛ ? ସେଗୁଡ଼ିକ ହେଲେ ଦଶ ଇନ୍ଦ୍ରିୟ ଯଥା ପାଞ୍ଚ କର୍ମେନ୍ଦ୍ରିୟ ଏବଂ ପାଞ୍ଚ ଜ୍ଞାନେନ୍ଦ୍ରିୟ । ଦଶରଥଙ୍କର ଚାରି ପୁତ୍ର ସତ୍ୟ, ଧର୍ମ, ଶାନ୍ତି ଓ ପ୍ରେମର ପ୍ରତିନିଧିତ୍ୱ କରନ୍ତି । ରାମ ସତ୍ୟର, ଭରତ ଧର୍ମର, ଲକ୍ଷ୍ମଣ ପ୍ରେମର ଓ ଶତ୍ରୁଘ୍ନ ଶାନ୍ତିର ପ୍ରତୀକ । ରାମାୟଣ ବର୍ଣ୍ଣିତ ପୌରାଣିକ କାହାଣୀରେ ଥିବା

ଏହି ମହାନ୍ ଚରିତ୍ର ଗୁଡ଼ିକୁ ନିଜର ଆଦର୍ଶ ରୂପେ ଗ୍ରହଣ କର । ଏହି ଆଦର୍ଶରେ ଅନୁପ୍ରାଣିତ ହେଲେ ତୁମ ଜୀବନ କିପରି ଶାନ୍ତି ଓ ଆନନ୍ଦରେ ଭରିଯିବ ତାହା ଅନୁଭବ କରିବ ।''

''ରାମାୟଣକୁ ହୃଦୟ ଭିତରେ ଅନୁଭବ କରି ହେବ । ଅନୁସନ୍ଧାନ ମନୋବୃତ୍ତି ନେଇ ଏହାକୁ ଦେଖି ହେବ ନାହିଁ । ରାମାୟଣକୁ ପଢ଼ିବା ଓ ହୃଦୟଙ୍ଗମ କରିବା ସମୟରେ ଏହାର ଅନ୍ତରାର୍ଥ ତୁମ ଉପରେ ପ୍ରତିଫଳିତ ହେବ । ମନ ନିର୍ମଳ ହେବା ସହିତ ମନୋବୃତ୍ତିର ଉନ୍ନତି ଘଟିବ । ଏଥିରେ ଥିବା ସେହିସବୁ ଚରିତ୍ର ବା ଘଟଣାର ଗୁରୁତ୍ୱକୁ ଅତିରଂଜିତ କର ନାହିଁ । ଏଗୁଡ଼ିକର କେବଳ ଭୌତିକ ଉପଯୋଗୀତା ରହିଛି ଏବଂ ଏଗୁଡ଼ିକୁ ହାତକୁ ନେଉ ନେଉ ନିଷ୍ପ୍ରଭ ହୋଇଯାଏ ବା ମଳିନ ପଡ଼ିଯାଏ । ଯାହାର ପରିବର୍ତ୍ତନ ନାହିଁ ସେହି 'ସତ୍'ର ଅନୁସନ୍ଧାନ କର । ମନର ଆବେଗ ଦ୍ୱାରା ପ୍ରଭାବିତ ହେଉ ନଥିବା ପବିତ୍ର ଅହଂକାରଶୂନ୍ୟ, କାମନା ରହିତ ସଚେତନ ଅବସ୍ଥା 'ଚିତ୍'ର ଅନ୍ୱେଷଣ କର । ଆନନ୍ଦ ପ୍ରେମରୁ ନିଃସୃତ ହୋଇଥାଏ । ପ୍ରେମରେ ବନ୍ଧନର କଳଙ୍କ ନ ଥାଏ । ମହୁମାଛି ଭଳି ହୁଅ । ଭଗବାନଙ୍କର ମହିମା ରୂପକ ଫୁଲ ଉପରେ ଉଡ଼ି ବୁଲ । ନୀରବରେ ଓ ଆନନ୍ଦରେ ଭଗବାନଙ୍କ କୃପା ରୂପକ ମଧୁର ସୁରଭିକୁ ଶୋଷି ନିଅ ।''

''ମାୟା ଦୈନନ୍ଦିନ ଜୀବନରେ ଶୈଶବ ଅବସ୍ଥାରୁ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ରାମ ମଣିଷ ରୂପରେ ଆବିର୍ଭୂତ ହେଲେ । ସେ ଧର୍ମର ସ୍ୱରୂପ ।''

''ରାମନାମ ତୁମକୁ ରକ୍ଷା କରିବ ଯଦି ତାଙ୍କପରି ତୁମର ପିତାମାତାଙ୍କ ପ୍ରତି ପ୍ରେମ ଓ ସମ୍ମାନବୋଧ (ପିତୃ-ମାତୃ ଭକ୍ତି) ରହିଛି । କେବଳ ଓଠରେ ରାମନାମ ଉଚ୍ଚାରଣ କଲେ ହେବ ନାହିଁ, ରାମ ନାମ ଉଚ୍ଚାରଣ କଲାବେଳେ କିମ୍ବା ଲେଖିଲା ବେଳେ ରାମଙ୍କ ରୂପ (ରାମ-ସ୍ୱରୂପ) ଏବଂ ରାମଙ୍କ ସ୍ୱଭାବ (ରାମ-ସ୍ୱଭାବ)କୁ ଧ୍ୟାନ କର । ଏହା ମନକୁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ସୁସ୍ଥ ଓ ସବଳ ହେବା ପାଇଁ ଶିକ୍ଷା ଦେବ ।''

''ଆଜି ଭଗବାନ ରାମଙ୍କର ଏହି ଜନ୍ମଦିବସରେ ରାମ-ସ୍ୱରୂପକୁ ତୁମର ଆତ୍ମାରାମ ଭାବରେ ଗ୍ରହଣ କର । ଏହାହିଁ ତୁମ ସମସ୍ତଙ୍କ ପାଇଁ ମୋର ଉପଦେଶ ଓ ଆଶୀର୍ବାଦ ।''

ଗୋକୁଳାଷ୍ଟମୀ (ବା କୃଷ୍ଣଜନ୍ମାଷ୍ଟମୀ ଦିବସ)

ଥରେ ଭଗବାନ କୃଷ୍ଣଙ୍କର ଜନ୍ମଦିନ (ଗୋକୁଳାଷ୍ଟମୀ ବା ଜନ୍ମାଷ୍ଟମୀ) ଅବସରରେ ପରମପ୍ରିୟ ସ୍ୱାମୀ ପ୍ରଭୁ ଶ୍ରୀକୃଷ୍ଣଙ୍କର ଚନ୍ଦନକାଠର ଏକ ପ୍ରତିମୂର୍ତ୍ତି ସୃଷ୍ଟି କଲେ ଏବଂ ଘୋଷଣା କଲେ ''ମୁଁ ଏହାକୁ ଜଣେ ଭକ୍ତଙ୍କୁ ଦେବାକୁ ଚାହେଁ । ସେ କିଏ ତୁମେ ଅନୁମାନ କରିପାରୁଛି କି ?'' କିଛି ସମୟ ପରେ ସେ ପୁଣି କହିଥିଲେ ''ଏଠି ଜଣେ ସ୍ତ୍ରୀଲୋକ ଅଛନ୍ତି ଯେ କି ଗୋକୁଳାଷ୍ଟମୀ ଦିନ ପୁତ୍ରଟିଏ ଜନ୍ମ ଦେଇଥିଲେ ।'' ସେଠାରେ ଉପସ୍ଥିତ ଥିବା ଲକ୍ଷ୍ମଣଦାସ ଭାଟିଆଙ୍କ ମା ଠିଆ ହୋଇ ପଡ଼ିଲେ ଏବଂ ମୂର୍ତ୍ତିଟି ନେବା ପାଇଁ ହାତ ବଢ଼ାଇଲେ । ଏହାଦ୍ୱାରା ବାବା ତାଙ୍କର ଯେକୌଣସି ପଦାର୍ଥ ସୃଷ୍ଟି କରି ପାରିବାର ଶକ୍ତି

ରହିଛି ବୋଲି କେବଳ ଜଣାଇ ଦେଲେ ତାହା ନୁହେଁ ସେ ସର୍ବଜ୍ଞାତା ବୋଲି ମଧ୍ୟ ସୂଚନା ଦେଲେ । ଆମେ କହୁ ସ୍ୱାମୀ ଅଲୌକିକତା ପ୍ରଦର୍ଶନ କରୁଛନ୍ତି କିନ୍ତୁ ପ୍ରକୃତ କଥା ହେଲା ଏହା ହେଉଛି ତାଙ୍କର ସ୍ୱଭାବ ଯାହାଦ୍ୱାରା ଯେ କୌଣସି ପଦାର୍ଥ ତାଙ୍କ ଦିବ୍ୟ ହସ୍ତକୁ ଆସିଯାଏ । ସେ ଆକାଶକୁ ପୃଥିବୀ ଓ ପୃଥିବୀକୁ ଆକାଶରେ ପରିଣତ କରିପାରନ୍ତି । କିନ୍ତୁ ତାଙ୍କର ସର୍ବଶ୍ରେଷ୍ଠ ଶକ୍ତି ହେଉଛି ପ୍ରେମ । ସେ କହନ୍ତି ପ୍ରେମର ସହିତ ବିଶ୍ୱଶାନ୍ତି ପ୍ରତିଷ୍ଠା କରିବା ପାଇଁ ସେ ଏଠାକୁ ଆସିଛନ୍ତି । ସେ ଚାହାନ୍ତି ପ୍ରେମ ଏବଂ କେବଳ ପ୍ରେମ ।

ମିଷ୍ଟର ଲକ୍ଷ୍ମଣଦାସ ଭାଟିଆ ଜଣେ ଅତି ଧନାଢ୍ୟ ବ୍ୟକ୍ତି ଏବଂ ସେ ମୁମ୍ବାଇର ମାଲବାର ହିଲ୍‌ରେ ବାସ କରନ୍ତି । ଆକୁଳ ପ୍ରାର୍ଥନା ଓ ଅନୁରୋଧ ରକ୍ଷାକରି ପରମପ୍ରିୟ ସ୍ୱାମୀ ତାଙ୍କ ବାସଭବନକୁ ଯାଇଥିଲେ ଏବଂ ୧୯୬୦ର ପ୍ରାକ୍ କାଳରେ ସେଠାରେ ରହିଥିଲେ । ମୋତେ ଥରେ ମିଷ୍ଟର ଲକ୍ଷ୍ମଣଦାସ ତାଙ୍କ ମା'ଙ୍କ କୋଠରୀକୁ ନେଇଗଲେ । ସେଠାରେ ସ୍ୱାମୀ ତାଙ୍କୁ ଉପହାର ଦେଇଥିବା ଭଗବାନ କୃଷ୍ଣଙ୍କର ପ୍ରତିମୂର୍ତ୍ତି ରହିଥିଲା । ଭଗବାନ ନିଜେ ନକ୍‌ସା କରିଥିବା ମୂର୍ତ୍ତିର ସତରେ କି ଚମତ୍କାର ଭାସ୍କର୍ଯ୍ୟ ! ସେଥିରୁ ଯେପରି ଭଗବାନଙ୍କ ବାସସ୍ଥାନ ବୈକୁଣ୍ଠପୁରକୁ ଚନ୍ଦନର ସୁରଭି ଭାସି ଆସୁଥିଲା ! ପରମପ୍ରିୟ ସ୍ୱାମୀ ସତରେ କେତେ ମହାନୁଭବ ! ସେ ଶ୍ରୀମତୀ ଭାଟିଆଙ୍କ ପାଇଁ ଅତି ଆଶ୍ଚର୍ଯ୍ୟଜନକ ପ୍ରତିମୂର୍ତ୍ତି (ତିନିଫୁଟ୍ /୯୦ ସି.ଏମ୍. ଲମ୍ବ ଏବଂ ଛ' ଇଞ୍ଚ / ୧୫ ସି.ଏମ୍. ପ୍ରସ୍ଥ) ସୃଷ୍ଟି କରିଥିଲେ । ସେହି ପ୍ରତିମୂର୍ତ୍ତିଟି ମୁକୁଟ ଓ ବଂଶୀ ଥାଇ ସ୍ୱୟଂ ସଂପୂର୍ଣ୍ଣ ହୋଇଥିଲା ।

ପରମପ୍ରିୟ ସ୍ୱାମୀ ଗୁଜୁରାଟ ଦ୍ୱାରକା ପରିଦର୍ଶନ କରିସାରି ମିଥାପୁର ସମୁଦ୍ର କୂଳରେ ବାଲିରୁ ୧୬ ଇଞ୍ଚ (୪୦ ସି.ଏମ୍.) ବିଶିଷ୍ଟ ଭଗବାନ କୃଷ୍ଣଙ୍କର ଏକ ସୁନାର ପ୍ରତିମୂର୍ତ୍ତି ସୃଷ୍ଟି କରିଥିଲେ । ଏହାର ବର୍ଣ୍ଣନା ଅଧ୍ୟାୟ-୯ରେ ଦିଆଯାଇଛି ।

ଭଗବାନ କୃଷ୍ଣଙ୍କର ଜନ୍ମଦିବସ ଉପଲକ୍ଷେ ପରମପ୍ରିୟ ସ୍ୱାମୀ ଯେଉଁ ସୁମଧୁର ଦିବ୍ୟବାର୍ତ୍ତା ପ୍ରଦାନ କରିଥିଲେ ତାହା ଏଠାରେ ଉଲ୍ଲେଖ କରାଗଲା ।

"କୃଷ୍ଣ ହେଉଛନ୍ତି ଯୋଗେଶ୍ୱର । ସେ କର୍ମଫଳ ସହିତ ଅନୁବନ୍ଧିତ ନୁହଁନ୍ତି । ସେ କାମନା ରହିତ, ଭଗବାନ କୃଷ୍ଣ ରୂପରେ ନିଜର ଲୀଳା ସଂଗୀତର ଯାଦୁ ଓ ମଧୁରତା ଦ୍ୱାରା ମଣିଷକୁ ବିମୋହିତ କରିବାକୁ ଧରାପୃଷ୍ଠରେ ଆବିର୍ଭୂତ ହୋଇଥିଲେ । ସେ ମଣିଷ ସମାଜକୁ ଉପଦେଶ ଦେଇ ତାଙ୍କର ଶିକ୍ଷା ଓ କୃପାବଳରେ ରକ୍ଷା କରିବାକୁ ଆସିଥିଲେ ।"

"ଯେଉଁଦିନ କୃଷ୍ଣ ଜନ୍ମ ହେଲେ ସେ ଦିନଟିକୁ ଗୋକୁଳାଷ୍ଟମୀ ବା କୃଷ୍ଣ ଜନ୍ମାଷ୍ଟମୀ କୁହାଯାଏ । ତାଙ୍କର ପିତାମାତା, ଦେବକୀ ଓ ବସୁଦେବ, ଯେଉଁ କାରାଗାରରେ ଦୁଷ୍ଟ

ଶକ୍ତି ଦ୍ୱାରା ବନ୍ଦୀ ଭାବରେ ଜୀବନ ବିତାଉଥିଲେ କୃଷ୍ଣ ସେହି ବନ୍ଦୀଶାଳାରେ ଜନ୍ମଗ୍ରହଣ କରିଥିଲେ । ସେ ସେହି ଦୁଷ୍ଟ ଶକ୍ତିର ବିନାଶ ପାଇଁ ଆସିଥିଲେ ।''

''ଯେଉଁ ନକ୍ଷତ୍ରରେ ଭଗବାନ ରାମ ଓ କୃଷ୍ଣ ଧରାପୃଷ୍ଠରେ ଅବତରଣ କରିଥିଲେ, ତାହା ମଧ୍ୟ ଅତି ତାତ୍ପର୍ଯ୍ୟପୂର୍ଣ୍ଣ । ଯେତେବେଳେ ଅବତାର ଆସନ୍ତି ସେତେବେଳେ ସେ ସମୟ, ସ୍ଥାନ, ବଂଶ ଓ ପରିବାର ନିରୂପଣ କରି ଆସିଥାନ୍ତି । ସେ ତାଙ୍କ ସହିତ ତାଙ୍କର ସଖା ଓ ସହକାରୀ ଆଣିବାକୁ ସ୍ଥିର କରିଥାନ୍ତି ।''

''ଭଗବାନ ଆସକ୍ତି ଓ ଘୃଣା ରହିତ । ସେ ଏକ ମିଶନ (ଧର୍ମ ପ୍ରତିଷ୍ଠା ଲକ୍ଷ୍ୟ)ରେ ଆସିଥାନ୍ତି ଏବଂ ସେହି କାର୍ଯ୍ୟରେ ହିଁ ମନୋନିବେଶ କରିଥାନ୍ତି । ତାଙ୍କର ସ୍ୱଭାବ ହେଲା ସେ ସତ୍‌ର ପ୍ରତିଷ୍ଠା କରନ୍ତି ଏବଂ ଅସତ୍‌ର ବିରୋଧ କରନ୍ତି ।''

''ନୈତିକତା ଏବଂ ଆତ୍ମସଂଯମ ପଥରେ ପାଦ ରଖି ଅଗ୍ରସର ହେବା ପାଇଁ ମଣିଷକୁ ଶିକ୍ଷା ଦେବାହିଁ ତାଙ୍କର ମୁଖ୍ୟ କାର୍ଯ୍ୟ । ଏହା ଫଳରେ ମଣିଷ ଆତ୍ମଜ୍ଞାନ ଲାଭ କରିପାରିବ ।''

''ସେ ନିଜେ ହିଁ ଗୀତାରେ ଦିଆଯାଇଥିବା ଶିକ୍ଷାର ସର୍ବଶ୍ରେଷ୍ଠ ଉଦାହରଣ । ସେ ଏଥିରେ ନିଜକୁ ପ୍ରକାଶ କରିଛନ୍ତି । ଭଗବଦ୍ ଗୀତା ହେଉଛି ଏଭଳି ଏକ ଗ୍ରନ୍ଥ ଯେଉଁଥିରେ ଅବତାରମାନଙ୍କର ସ୍ୱଭାବ ଓ ଚରିତ୍ର ସଂପର୍କରେ ସଂପୂର୍ଣ୍ଣ ଚିତ୍ର ମିଳିପାରିବ । ଭଗବାନ କୃଷ୍ଣ ଭକ୍ତମାନଙ୍କ ପାଇଁ ଜଣେ ବନ୍ଧୁ, ଜଣେ ସହଚର, ଜଣେ ସାରଥୀ, ଜଣେ ଗୁରୁ, ଜଣେ ଦିଗ୍‌ଦର୍ଶକ ଓ ଅଭିଭାବକର ଭୂମିକା ନିର୍ବାହ କରନ୍ତି ।''

''ମହାଭାରତ ଯୁଦ୍ଧ ପୁରାତନ ଇତିହାସର ଏକ ଅଧ୍ୟାୟ ନୁହେଁ । ଏହା ପ୍ରତ୍ୟେକ ମଣିଷର ଶ୍ୱାସକ୍ରିୟା ମଧ୍ୟରେ ସତ୍ ଓ ଅସତ୍, ଉତ୍ତମ ଓ ଦୁଷ୍ଟ ଶକ୍ତି ମଧ୍ୟରେ ସଂଘଟିତ ହେଉଛି । ଯିଏ ଭଗବାନ ଯୋଗେଶ୍ୱର କୃଷ୍ଣଙ୍କୁ ନିଜ ହୃଦୟର ସାରଥୀ ଭାବରେ ପ୍ରତିଷ୍ଠା କରିପାରେ ତା'ର ବିଜୟ ସୁନିଶ୍ଚିତ । ଅନ୍ୟମାନେ ଦୁଷ୍ଟ ଶକ୍ତି ଅଧୀନରେ ଅସହାୟ ଅବସ୍ଥାରେ ରହିଥାନ୍ତି, ଦୁଷ୍ଟ ଶକ୍ତିର ବଶ୍ୟତା ସ୍ୱୀକାର କରନ୍ତି ଏବଂ ଜୀବନ ସଂଗ୍ରାମରେ ଅକୃତକାର୍ଯ୍ୟ ହୁଅନ୍ତି ।''

''ତୁମ ଭିତରେ ଥିବା ଭଗବାନଙ୍କୁ ଗୁରୁ ଭାବରେ ଗ୍ରହଣ କର । ତୁମର ସମସ୍ତ କାର୍ଯ୍ୟକୁ ତାଙ୍କ ନିକଟରେ ସମର୍ପଣ କର । ତୁମ ଚିନ୍ତା, କଥା ଓ କାର୍ଯ୍ୟକୁ ପୁଷ୍ପରୂପେ ତାଙ୍କ ପାଦ ପଦ୍ମରେ ଅର୍ପଣ କର । ସେ ତୁମକୁ ମୋକ୍ଷ ପ୍ରାପ୍ତିର ଭରସା ଦେବେ । ସେ ତୁମକୁ ଦୁଃଖ ନ କରିବା ପାଇଁ ଆଶ୍ୱାସନା ଦେବେ ।''

''ଅର୍ଜୁନ ଭଗବଦ୍ ଗୀତାରେ ବର୍ଣ୍ଣନା କରାଯାଇଥିବା ପରମ ସତ୍ୟ ଶୁଣିବା ପାଇଁ ଯୋଗ୍ୟ ପ୍ରାର୍ଥୀ ଥିଲେ । ତାଙ୍କର ପ୍ରକୃତ ଜ୍ଞାନ ଲାଭ କରିବା ପାଇଁ ବିଚାରଣା ଶକ୍ତି, ତ୍ୟାଗ ଓ ଉଚ୍ଚାଭିଳାଷ ରହିଥିଲା । ସେ 'ପ୍ରିୟ ନମ୍ର ସଖା' (ପରମପ୍ରିୟ ଘନିଷ୍ଠ ବନ୍ଧୁ)

ପଦବାଚ୍ୟ । ଭୀଷ୍ମ, ଉଦ୍ଧବ, ଭୀମ, ଦ୍ରୌପଦୀ ମଧ୍ୟ ଏହି ପ୍ରକାର ଭକ୍ତ ଶ୍ରେଣୀଭୁକ୍ତ । ଉଦ୍ଧବ କୃଷ୍ଣଙ୍କର ନିକଟତମ ବନ୍ଧୁ ଥିଲେ ଯେଉଁଥିପାଇଁ କୃଷ୍ଣ ତାଙ୍କୁ ବହୁ ପୂର୍ବରୁ ଯାଦବ ବଂଶ (କୃଷ୍ଣଙ୍କର ନିଜ ବଂଶ)ର ବିନାଶ ଓ ଧ୍ୱଂସ ପ୍ରାପ୍ତିର ସୂଚନା ଦେଇଥିଲେ ।

''ପାଣ୍ଡବ ଓ କୌରବମାନଙ୍କର ପିତାମହ ଭୀଷ୍ମ ଜାଣିଥିଲେ ଯେ କୃଷ୍ଣ ଭଗବାନଙ୍କର ଅବତାର । ବହୁ ଘଡ଼ିସନ୍ଧି ମୁହୂର୍ତ୍ତରେ ସେ ଏକଥା କୌରବ ଦରବାରରେ ପ୍ରକାଶ କରିଛନ୍ତି । ଯେତେବେଳେ କୃଷ୍ଣ ବ୍ୟକ୍ତିଗତ ଭାବରେ ତାଙ୍କର 'ଇଚ୍ଛାମୃତ୍ୟୁ'ର ଶେଷ ମୁହୂର୍ତ୍ତରେ ମୃତ୍ୟୁଶଯ୍ୟା ନିକଟରେ ପହଞ୍ଚିଥିଲେ ସେତେବେଳେ ଭୀଷ୍ମ ଅତିଶୟ ଆନନ୍ଦିତ ହୋଇଥିଲେ ।''

''ତା ପରେ ଯେଉଁମାନଙ୍କ ସହିତ କୃଷ୍ଣ ଖେଳ କୌତୁକରେ ମାତୁଥିଲେ ଏବଂ ଯେଉଁମାନଙ୍କୁ ଥଟ୍ଟା ପରିହାସ କରିପାରୁଥିଲେ ସେମାନେ ହେଲେ 'ପ୍ରିୟସଖା' । ସେମାନେ କୃଷ୍ଣଙ୍କର ଦର୍ଶନ, ସ୍ପର୍ଶନ ଓ ସମ୍ଭାଷଣର ସୁଯୋଗ ପାଇ ଆନନ୍ଦିତ ହେଉଥିଲେ । ସେମାନେ ଯେତେଦୂର ସମ୍ଭବ କୃଷ୍ଣଙ୍କ ଉପସ୍ଥିତିରେ ସମୟ କଟାଉଥିଲେ । ସେମାନେ ହେଲେ ଗୋକୁଳର ଗୋପାଳ ବାଳକମାନେ । ଗୋକୁଳରେ କୃଷ୍ଣ ଏଗାର ବର୍ଷ ବୟସ ପର୍ଯ୍ୟନ୍ତ ରହିଥିଲେ । ସେମାନେ ତାଙ୍କର ସଖା ବା ଖେଳସାଥୀ ଥିଲେ ।''

''ତାପରେ ବୟସ୍କ ସଙ୍ଗୀ, ଶୁଭେଚ୍ଛୁ ଓ ସହଚରମାନଙ୍କର ଗୋଷ୍ଠୀ ରହିଥିଲା । ସେମାନଙ୍କୁ 'ସୁହୃଦ୍' ବୋଲି କୁହାଯାଏ । କୃଷ୍ଣଙ୍କ ପ୍ରତି ସେମାନଙ୍କର ପିତାମାତା ସଦୃଶ ସ୍ନେହ ଶ୍ରଦ୍ଧା ରହିଥିଲା । ସେମାନେ ସବୁବେଳେ କୃଷ୍ଣଙ୍କର ମଙ୍ଗଳ ଚାହୁଁଥିଲେ । ତାଙ୍କର ଆବଶ୍ୟକତା ପ୍ରତି ମଧ୍ୟ ସଜାଗ ରହୁଥିଲେ । ସେମାନେ କୃଷ୍ଣଙ୍କୁ ସ୍ନେହ ଆଦର କରି କିମ୍ବା ତାଙ୍କର ସେବା କରି ଖୁସି ହେଉଥିଲେ । କୃଷ୍ଣଙ୍କର ଖୁସି ଓ ପ୍ରଫୁଲ୍ଲତା ଦେଖିଲେ ସେମାନେ ଅପାର ଆନନ୍ଦ ଅନୁଭବ କରୁଥିଲେ ।''

''ରାମ ନବମୀ ଓ କୃଷ୍ଣ ଜନ୍ମାଷ୍ଟମୀ ଭଳି ପବିତ୍ର ଦିବସରେ ଏହି ଦୁଇ ଅବତାରଙ୍କୁ କେନ୍ଦ୍ରକରି ଯେଉଁ ଉଚ୍ଚ ଚିନ୍ତାଧାରା ରହିଛି ସେଥିରେ ନିମଜ୍ଜିତ ରହିବା ମଣିଷର କରଣୀୟ । ଆଧ୍ୟାତ୍ମିକ ସାଧନା କରିବାକୁ ମଧ୍ୟ ଏହି ଦିବସ ଗୁଡ଼ିକରେ ପରବର୍ତ୍ତୀ ପଦକ୍ଷେପ ପାଇଁ ସଂକଳ୍ପ କରିବା ବାଞ୍ଛନୀୟ । ତୁମେ ବାଛିଥିବା ଏହି ପବିତ୍ର ଦିବସଗୁଡ଼ିକୁ ଏବଂ ତୁମ ଅନ୍ତରତମ ପ୍ରଦେଶକୁ ସ୍ପର୍ଶ କରିଥିବା ଭଗବାନଙ୍କ ରୂପକୁ ସମ୍ମାନ ପ୍ରଦର୍ଶନ କରିବା ପାଇଁ ପ୍ରାରମ୍ଭିକ ଦିବସ ରୂପେ ଗ୍ରହଣ କରିବା ଆବଶ୍ୟକ ।''

''କୌଣସି ନିର୍ଦ୍ଦିଷ୍ଟ ଦିନ ବା ନକ୍ଷତ୍ର ପ୍ରତି ଲକ୍ଷ୍ୟ ରଖ ନାହିଁ । ପ୍ରତ୍ୟେକ ଦିନ ହିଁ ଶୁଭଙ୍କର ଯଦି ତୁମେ ଭଗବନାଙ୍କ ପାଇଁ ଦିନଟିକୁ ବିନିଯୋଗ କରିଥାଅ । ପ୍ରତ୍ୟେକ ନକ୍ଷତ୍ର ଶୁଭଙ୍କର ଯଦି ତା'ର ଆଲୋକ ତୁମକୁ ଈଶ୍ୱରାଭିମୁଖୀ କରାଏ । ଏହା ହିଁ ମୋର ଆଜି ଦିନରେ ତୁମମାନଙ୍କ ପାଇଁ ସନ୍ଦେଶ ।''

❑❑

ଅଧ୍ୟାୟ - ୯

ପରମପ୍ରିୟ ସ୍ୱାମୀଙ୍କର ଜନ୍ମଦିବସ ଓ ଖ୍ରୀଷ୍ଟମାସ ଉତ୍ସବ

ସ୍ୱାମୀଙ୍କର ଜନ୍ମଦିବସ ଉତ୍ସବ

ପରମପ୍ରିୟ ସ୍ୱାମୀ ଆମର ଦିବ୍ୟମାତା, ଦିବ୍ୟପିତା, ଦିବ୍ୟଗୁରୁ ଏବଂ ଜଗଦ୍‌ଗୁରୁ ତଥା ନିଜେ ଭଗବାନ । ତେଣୁ ଭକ୍ତମାନେ ସର୍ବଦା ତାଙ୍କର ଜନ୍ମ ଉତ୍ସବ ପାଳନ କରିବାକୁ ଏବଂ ତାଙ୍କର ଦର୍ଶନ ଓ କୃପାଲାଭ କରିବାକୁ ଅପେକ୍ଷା କରିଥାନ୍ତି । ୧୯୬୦ରୁ ୧୯୬୫ ମଧ୍ୟରେ ବାବା ତାଙ୍କର ପାଦପଦ୍ମକୁ ସ୍ପର୍ଶ କରିବା ପାଇଁ ଭକ୍ତମାନଙ୍କୁ ଅନୁମତି ଦେଉଥିଲେ । ତାହା ଏକ ଉଲ୍ଲାସମୟ ଅଭିଜ୍ଞତା ।

ସ୍ୱାମୀଙ୍କର ଜନ୍ମଦିବସରେ ଭକ୍ତମାନଙ୍କର ଇଚ୍ଛା ପୂରଣ କରିବା ପାଇଁ ବାବା ସେମାନଙ୍କୁ ଡାକୁଥିଲେ । ସେମାନେ ସ୍ୱାମୀଙ୍କୁ ପୁଷ୍ପମାଳାରେ ବିମଣ୍ଡିତ କରିବାକୁ ଚାହୁଁଥିଲେ ଏବଂ ସ୍ୱାମୀ ସେଥିପାଇଁ ଅନୁମତି ଦେଉଥିଲେ । ଭକ୍ତମାନେ ନିଜ ନିଜ ପସନ୍ଦ ଅନୁସାରେ ବିଭିନ୍ନ ପ୍ରକାରର ସୁଗନ୍ଧିତ ମନଲୋଭା ପୁଷ୍ପମାଲ୍ୟ ଧରି ଲମ୍ବାଧାଡ଼ି ବାନ୍ଧି ଠିଆ ହେଉଥିଲେ । ସ୍ୱାମୀ ସମସ୍ତଙ୍କ ଠାରୁ ପୁଷ୍ପମାଲ୍ୟ ଗ୍ରହଣ କରୁଥିଲେ ଏବଂ ଶୀଘ୍ର ତାଙ୍କ ପାଖରେ ପୁଷ୍ପମାଲ୍ୟର ଏକ ସ୍ତୂପ ମୁଣ୍ଡ ଟେକୁଥିଲା ।

ତା ପରେ ସ୍ୱାମୀ ସବୁ ଭକ୍ତଙ୍କୁ ପ୍ରଶ୍ନ କରୁଥିଲେ "ଯଥେଷ୍ଟ ପ୍ରେମର ସହିତ ତୁମେ ସବୁ ଯେଉଁ ପୁଷ୍ପ ମୋତେ ଅର୍ପଣ କଲ ସେଗୁଡ଼ିକ କଣ ହେବ ?" ଉତ୍ତରକୁ ଅପେକ୍ଷା ନ କରି ସେ କହି ଚାଲିଲେ "ଯେତେବେଳେ ଏଗୁଡ଼ିକ ମଉଳି ଯିବ ସ୍ୱାମୀ ସେଗୁଡ଼ିକୁ ଫିଙ୍ଗି ଦେବେ । ଏହା ନୁହେଁ କି ?" ପ୍ରତ୍ୟେକ ଭକ୍ତ ଏକ ସ୍ୱରରେ କହିଥିଲେ "ହଁ ସ୍ୱାମୀ ।"

ଅଗାଧ ପ୍ରେମ ଓ ସ୍ନେହର ସହିତ ସେ ପୁଣି କହିଥିଲେ "ତୁମେ କାହିଁକି ତୁମର ଅମଳିନ ହୃଦୟକୁ ମୋତେ ଅର୍ପଣ କରିବ ନାହିଁ ? ତାହା ହେଲେ ସ୍ୱାମୀଙ୍କର ଆଶୀର୍ବାଦ ସବୁବେଳେ ତୁମ ପାଇଁ ରହିବ ।" ଫୁଲହାର କିଣିବାରେ ଯେଉଁ ଟଙ୍କା ଖର୍ଚ୍ଚ ହୋଇଛି



ସ୍ୱାମୀଙ୍କର ପିତା ପେଦ୍ଦା ଭେଙ୍କାପ୍ପା ରାଜୁ ଓ ମାତା ଈଶ୍ୱରାମ୍ମା

ସେଥିରେ ନାରାୟଣ ସେବା କରିବା ପାଇଁ ସ୍ୱାମୀ ପ୍ରତ୍ୟେକଙ୍କୁ ଉପଦେଶ ଦେଇଥିଲେ । ସ୍ୱାମୀ ତାଙ୍କ ଜନ୍ମଦିବସରେ ଅତି ବଡ଼ ଧରଣର ନାରାୟଣ ସେବା କରାଇଥାନ୍ତି । ସେ ପ୍ରତ୍ୟେକଙ୍କୁ ସେପରି କରିବାକୁ ପ୍ରୋତ୍ସାହିତ କରନ୍ତି, କାରଣ ''ମାନବ ସେବା ହିଁ ମାଧବ ସେବା ।''

ଥରେ ସେ ତାଙ୍କ ଜନ୍ମଦିବସ ଉତ୍ସବରେ ଉପସ୍ଥିତ ଥିବା ପ୍ରତ୍ୟେକ ମହିଳା ଭକ୍ତଙ୍କୁ ଶାଢ଼ି ବାଣ୍ଟିଥିଲେ । ସମସ୍ତେ ତାଙ୍କ ଦିବ୍ୟହସ୍ତରୁ ଶାଢ଼ି ଗ୍ରହଣ କରିଥିଲେ ଏବଂ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଯେ ପ୍ରତ୍ୟେକ ନିଜର ପସନ୍ଦ ଯୋଗ୍ୟ ରଂଗର ଶାଢ଼ି ପାଇଥିଲେ । ସେ ଦୁଇହଜାର ଶାଢ଼ି ବାଣ୍ଟିଥିଲେ । ତଥାପି ଶାଢ଼ି ଗଦା ପୂର୍ବପରି ରହିଥିଲା । ତା'ର ଅନ୍ତ ନ ଥିଲା ।

ପରବର୍ଷ ଦଶହଜାର ମହିଳା ଭକ୍ତ ତାଙ୍କ ଦିବ୍ୟହସ୍ତରୁ ଗୋଟିଏ ଲେଖାଁଏ ଶାଢ଼ି ପାଇବା ପାଇଁ ଆଶା ରଖିଥିଲେ । ମାତ୍ର ସେମାନଙ୍କୁ ନିରାଶ ହେବାକୁ ପଡ଼ିଥିଲା । ସ୍ୱାମୀ ସେତେବେଳେ କହିଥିଲେ ''ଏହି ମହିଳାମାନେ ମୋ ଜନ୍ମଦିନ ପାଳନ କରିବାକୁ ଆସି ନାହାନ୍ତି । ସେମାନେ କେବଳ ଗୋଟିଏ ଲେଖାଁ ଶାଢ଼ି ପାଇବା ପାଇଁ ଆସିଛନ୍ତି ।''

ଜନ୍ମଦିନ ସଂଧ୍ୟାରେ ସ୍ୱାମୀ ଆଗ୍ରହର ସହିତ ଅପେକ୍ଷା କରୁଥିବା ଭକ୍ତମାନଙ୍କୁ ତାଙ୍କର ଦିବ୍ୟ ସନ୍ଦେଶ ଦେଇ କହିଥିଲେ -

''ମୁଁ ତୁମକୁ କହି ଆସୁଛି 'ମୋ ଜୀବନ ହିଁ ମୋର ବାର୍ତ୍ତା ।' ଉପନିଷଦ ଅନୁଯାୟୀ ମୁଁ ତୁମକୁ ସତ୍‌ପରାମର୍ଶ ଦେଉଛି - ମାତାଙ୍କୁ ଦେବତା ରୂପେ ସମ୍ମାନ କର, ପିତାଙ୍କୁ ଦେବତା ରୂପେ ସମ୍ମାନ କର । ଗୁରୁଙ୍କୁ ଦେବତା ରୂପେ ସମ୍ମାନ କର ଏବଂ ଅତିଥିଙ୍କୁ ଦେବତା ରୂପେ ସମ୍ମାନ କର ।''

''ସର୍ବୋପରି ସତ୍ୟକୁ ସ୍ୱୀକୃତି ଦିଅ । ସାଇ ସମସ୍ତଙ୍କ ଭିତରେ ଅଛନ୍ତି । ତୁମେ ଯେତେବେଳେ ଅନ୍ୟକୁ ଘୃଣା କରୁଛ ସେତେବେଳେ ପ୍ରକୃତରେ ସାଇଙ୍କୁ ଘୃଣା କରୁଛ । ଯେତେବେଳେ ତୁମେ ସାଇଙ୍କୁ ଘୃଣା କରୁଛ, ସେତେବେଳେ ତୁମେ ନିଜକୁ ଘୃଣା କରୁଛ । ତୁମେ ଯେତେବେଳେ ଅନ୍ୟକୁ କଷ୍ଟ ଦେଉଛ, ମନେରଖ ଯେ ସେ ଅନ୍ୟଜଣକ ଆଉ କେହି ନୁହେଁ, ସେ ହେଉଛି ଅନ୍ୟ ରୂପରେ ଓ ଅନ୍ୟ ନାମରେ ତୁମେ ନିଜେ । ଅନ୍ୟ ପ୍ରତି ଈର୍ଷା, ଈର୍ଷା କରୁଥିବା ବ୍ୟକ୍ତିଙ୍କୁ ହିଁ କଷ୍ଟ ଦେଇଥାଏ । ଯେତେବେଳେ ଅନ୍ୟର ଭାଗ୍ୟ ସବୁଜ, ସେତେବେଳେ ତୁମର ଆଖି କାହିଁକି ଲାଲ ହୋଇଯିବ ? ଅନ୍ୟ ଜଣେ ଯେତେବେଳେ ପରିତୃପ୍ତ ତୁମେ କାହିଁକି ହିଂସ୍ର ହୋଇ ଉଠ ? ଈର୍ଷା ପରି ମନ୍ଦ ପ୍ରକୃତି ପରିହାର କର, ଯେତେବେଳେ ଅନ୍ୟଜଣକ ଖୁସି ସେତେବେଳେ ତୁମେ ଖୁସି ହୁଅ । ତୁମେ ଉଚ୍ଚାରଣ କରୁଥିବା ମନ୍ତ୍ର, ଛବି ବା ପ୍ରତିମୂର୍ତ୍ତି ଉପରେ ଗଦାକରୁଥିବା ପୁଷ୍ପ,

ଏପରିକି ଜପ ଓ ଧ୍ୟାନରେ ବିତାଉଥିବା ସମୟ ଅପେକ୍ଷା ଏହା ଭଗବାନଙ୍କ ପାଇଁ ଅଧିକ ଆନନ୍ଦଦାୟକ ।''

ଅତୀତରେ ପରମପ୍ରିୟ ସ୍ୱାମୀ ପ୍ରତ୍ୟୁଷରୁ ପତାକା ଉତ୍ତୋଳନ ଉତ୍ସବ କରାଉଥିଲେ । ସେ ନିଜେ ପତାକା ଉତ୍ତୋଳନ କରୁଥିଲେ । କିନ୍ତୁ ଗୋଟିଏ ଘଟଣାରେ ସେ ଉଗାଣ୍ଡା, କେନିୟା ଓ ତାଞ୍ଜାନିଆର ତିନିଜଣ ଭକ୍ତଙ୍କୁ ଡାକିଥିଲେ ଏବଂ କହିଥିଲେ ''ଆଜି ପୂର୍ବ ଆଫ୍ରିକା ପତାକା ଉତ୍ତୋଳନ କରିବ ।''

ଅନ୍ୟ ଏକ ଘଟଣାରେ ଯେତେବେଳେ ସେ ନିଜେ ପତାକା ଉତ୍ତୋଳନ କଲେ ସେତେବେଳେ କହିଥିଲେ ''ମୁଁ ବର୍ତ୍ତମାନ ଏହି ପ୍ରଶାନ୍ତି ନିଳୟମ୍‌ରେ ପତାକା ଉତ୍ତୋଳନ କରୁଛି । ଏହି ପତାକା ତୁମ ପ୍ରତ୍ୟେକଙ୍କ ପାଇଁ ତାତ୍ପର୍ଯ୍ୟପୂର୍ଣ୍ଣ ସଂକେତ । ଏହା ତୁମ ପ୍ରତି ତୁମର କର୍ତ୍ତବ୍ୟବୋଧକୁ ସ୍ମରଣ କରାଇ ଦିଏ । ଏହାକୁ ଯେତେବେଳେ ମୁଁ ଏହି କୋଠା ଉପରେ ଉଡ଼ାଇଥାଏ, ସେତେବେଳେ ତୁମେ ତୁମ ହୃଦୟ ଭିତରେ ଉଡ଼ାଇ ଦିଅ । ଏହା କ୍ରୋଧ ଓ ଘୃଣାର ହୀନ କାମନାକୁ ଅତିକ୍ରମ କରିବା ପାଇଁ ତୁମକୁ ସ୍ମରଣ କରାଇ ଦେବ । ଯେତେବେଳେ ତୁମର କାମନା ଅବଦମିତ ହେବ, ସେତେବେଳେ ଏହା ତୁମ ହୃଦୟକୁ ପ୍ରଶସ୍ତ କରିବ । ତୁମେ ସମଗ୍ର ମାନବଜାତିକୁ, ସବୁ ଜୀବକୁ ଓ ସମଗ୍ର ସୃଷ୍ଟିକୁ ଆଲିଙ୍ଗନ କରିବ । ଏହା ତୁମର ଉତ୍ତେଜନାକୁ ଶାନ୍ତ କରିବ ଏବଂ ତୁମ ଅନ୍ତରସ୍ଥ ବାସ୍ତବତାକୁ ନୀରବରେ ଧ୍ୟାନ କରିବାକୁ ସୁଯୋଗ ଦେବ । ଏହା ତୁମକୁ ନିଶ୍ଚିତ କରିବ ଯେ ଏପରି କଲେ ତୁମର ହୃଦୟ ରୂପକ ପଦ୍ମ ପ୍ରସ୍ଫୁଟିତ ହେବ ଏବଂ ଏହାର କେନ୍ଦ୍ରସ୍ଥଳରୁ ଏକ ଦିବ୍ୟ ଜ୍ୟୋତି ଉଦୟ ହେବ ଏବଂ ଏହା ଅନ୍ତହୀନ ପ୍ରଶାନ୍ତି ପାଇଁ ପ୍ରତିଶ୍ରୁତି ଦେବ ।''

''ତୁମର ଭାବପ୍ରବଣତା, ଆବେଗ, ଉତ୍ତେଜନା ଓ ମନୋବୃତ୍ତିକୁ ମାର୍ଜିତ କର । ସବୁ ଧର୍ମବିଶ୍ୱାସରେ ଉଲ୍ଲିଖିତ ଆଧ୍ୟାତ୍ମିକ ଶୃଙ୍ଖଳାର ଏହା ହେଉଛି ସାରମର୍ମ । ତୁମ ମନ ଓ ଚିନ୍ତାକୁ ପରୀକ୍ଷା କର । ଦୋଷଯୁକ୍ତ ବ୍ୟକ୍ତିଙ୍କୁ ଅନ୍ୱେଷଣ କର ନାହିଁ । କେବଳ ପବିତ୍ରତାକୁ ଦେଖ, ଅନ୍ୟର ଦୋଷ ଦେଖ ନାହିଁ । ଯଦି ଅପବାଦ ଆଡ଼କୁ ଗୋଡ଼ ଖସିଯାଏ ତେବେ ଅନୁତାପ କର ଏବଂ ପ୍ରତିଜ୍ଞା କର ଆଉ ଥରେ ଏପରି ଅପବାଦକୁ ସୁଯୋଗ ଦେବ ନାହିଁ । ଅନ୍ୟ କାହାରିକୁ ଉପହାସ କର ନାହିଁ । ସମସ୍ତଙ୍କଠାରେ ଥିବା ଉତ୍ତମ ଗୁଣ ପାଇଁ ସେମାନଙ୍କୁ ସମ୍ମାନ କର । ତୁମ ବ୍ୟବହାର ଯୋଗୁ ସେମାନଙ୍କର ଦୁଃଖ ତୁମର ଶେଷ ସମୟରେ ତୁମକୁ ଆଘାତ ଦେବ । ତୁମେ ସଂସାର ତ୍ୟାଗ କଲା ସମୟରେ ତୁମର ସମସ୍ତ କାର୍ଯ୍ୟ ତୁମ ପାଇଁ ସୁପାରିଶ ପତ୍ର ଭଳି କାର୍ଯ୍ୟକ୍ଷମ ହେବାକୁ ଦିଅ । ତୁମର କୌଣସି ଗୋଟିଏ କାର୍ଯ୍ୟ ମଧ୍ୟ ଋଣ ରୂପେ ରହିବାକୁ ଦିଅ ନାହିଁ । ତୁମର ପ୍ରତ୍ୟେକ ମୁହୂର୍ତ୍ତ ପ୍ରେମଭିଜା ହେବା ଦରକାର । କହିବାକୁ ଗଲେ ତାହାହିଁ ଭଗବାନ ।''

ପ୍ରଶାନ୍ତି ନିଳୟମରେ ଖ୍ରୀଷ୍ଟମାସ ଉତ୍ସବ

ପ୍ରଶାନ୍ତି ନିଳୟମରେ ଖ୍ରୀଷ୍ଟମାସ ଉତ୍ସବ ଯେପରି ପାଳନ କରାଯାଏ ପୃଥିବୀର ଅନ୍ୟ କେଉଁଠାରେ ସେଭଳି ପାଳନ କରାଯାଏ ନାହିଁ । ଏଠାରେ ଭକ୍ତମାନେ ଦିବ୍ୟ ଆନନ୍ଦରେ ଉନ୍ମାଦିତ ହୋଇ ଯାଆନ୍ତି । ମଦ୍ୟପାନ ଦ୍ୱାରା କୃତ୍ରିମ ଉନ୍ମାଦନାର ଆବଶ୍ୟକତା ନଥାଏ ।

ପ୍ରଭାତ ପୂର୍ବରୁ ଉତ୍ସବ ଆରମ୍ଭ ହୋଇଯାଏ । ଭକ୍ତମାନେ ମହମବତୀ ଧରି ଏବଂ ଭଜନ, ଈଶ୍ୱର ସ୍ତୁତି ଓ ଖ୍ରୀଷ୍ଟମାସ ସଂଗୀତ ଗାନ କରି ଆଶ୍ରମ ପରିସର ମଧ୍ୟରେ ଶୋଭାଯାତ୍ରାରେ ମନ୍ଦିର ସମ୍ମୁଖକୁ ଯାଆନ୍ତି ଯେଉଁଠାରେ ସ୍ୱାମୀ ପ୍ରତ୍ୟହ ପ୍ରଭାତ ଦର୍ଶନ ଦେଇଥାନ୍ତି । ସେଠାରେ ସମସ୍ତେ ସ୍ୱାମୀ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତି । ସେତେବେଳେ ସ୍ୱାମୀଙ୍କର କୋଠରୀ ମନ୍ଦିରର ଉପର ମହଲାରେ ଥିଲା । ସ୍ୱାମୀ କୋଠରୀରୁ ବାହାରି ବାଲ୍‌କୋନି ଉପରକୁ ଆସନ୍ତି । ସେ ସାଧାରଣତଃ ଧଳା ପୋଷାକ ପିନ୍ଧିଥାନ୍ତି । ସେ ଅଭୟ ମୁଦ୍ରାରେ ଉଭୟ ହସ୍ତ ସଂଚାଳନ କରି ଉପସ୍ଥିତ ସମସ୍ତ ଭକ୍ତଙ୍କୁ ଆଶୀର୍ବାଦ କରନ୍ତି । ତାହା ଏକ ସ୍ୱର୍ଗୀୟ ପରିବେଶ ସୃଷ୍ଟି କରିଥାଏ ।

ସଂଧ୍ୟା ସମୟରେ ସେ ଦରିଆପାରି ଭକ୍ତମାନଙ୍କୁ ଖ୍ରୀଷ୍ଟମାସ କଣ୍ଠସଂଗୀତ ଓ ଯନ୍ତ୍ରସଂଗୀତର ଏକ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ଅନୁମତି ଦେଇଥାନ୍ତି । ମନ୍ଦିର ସମ୍ମୁଖରେ ଥିବା ଖୋଲା ସ୍ଥାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ପରମପ୍ରିୟ ବାବାଙ୍କର ଦିବ୍ୟ ଉପସ୍ଥିତିରେ ସମସ୍ତ ଭକ୍ତ ଏହାକୁ ଉପଭୋଗ କରିଥାନ୍ତି ।

ପୂର୍ବରୁ ଦରିଆପାରି ଦେଶମାନଙ୍କରୁ ଆସିଥିବା ଭକ୍ତମାନେ ସ୍ୱାମୀଙ୍କ ପାଇଁ ଅଣ୍ଡା ପଡ଼ି ନଥିବା କେକ୍ କାଗଜରେ ଗୁଡ଼ାଇ ଆଣୁଥିଲେ । ସ୍ୱାମୀ ଏହା ଗ୍ରହଣ କରୁଥିଲେ ଏବଂ ପ୍ରତିବଦଳରେ ସେ କାଣ୍ଟିନ୍‌ରେ ତିଆରି ହୋଇଥିବା ବିଭିନ୍ନ ପ୍ରକାରର ମିଠା ପ୍ରସାଦ ରୂପେ ବାଣ୍ଟୁଥିଲେ ।

ସାଧାରଣତଃ ସଂଧ୍ୟାରେ ସ୍ୱାମୀ ଖ୍ରୀଷ୍ଟମାସ ସନ୍ଦେଶ ଦେଉଥିଲେ । ଏଥିରେ ଯୀଶୁଖ୍ରୀଷ୍ଟଙ୍କ ସଂପର୍କରେ ଅନେକ ଅଜଣା କଥା ସ୍ଥାନ ପାଉଥିଲା । ସେ କହୁଥିଲେ -

"ଆମେ ପ୍ରକୃତ ଖ୍ରୀଷ୍ଟିଆନ ହେବା ଯେତେବେଳେ ଆମେ ଯୀଶୁଖ୍ରୀଷ୍ଟଙ୍କର ଶିକ୍ଷା ଅନୁସରଣରେ ଦୈନନ୍ଦିନ ଜୀବନ ଯାପନ କରିବା । ଏପରିକି ଆମେ ଯଦି ତାଙ୍କର ଦୁଇଟି ଉପଦେଶକୁ ଅନୁସରଣ କରିପାରିବା ତାହା ଯଥେଷ୍ଟ ହେବ । ଯୀଶୁଖ୍ରୀଷ୍ଟ କହିଥିଲେ– 'ମୋର ପ୍ରିୟ ପୁତ୍ରମାନେ ! ଜାଣିରଖ, ସବୁ ଜୀବ ଏକ । ସମସ୍ତଙ୍କ ପ୍ରତି ସେହିଭଳି ଆଚରଣ କର ।' ଯଦି ଆମେ ଏହି ଗୋଟିଏ ଉପଦେଶକୁ ଅନୁସରଣ କରିବା ତାହାହେଲେ ଏହା ଆମ ଭାଗ୍ୟକୁ ପରିପୂର୍ଣ୍ଣ କରିବା ପାଇଁ ଯଥେଷ୍ଟ ହେବ । ଯେତେବେଳେ ଯୀଶୁଖ୍ରୀଷ୍ଟ

'କ୍ରସ୍' ଉପରେ କ୍ରୁସବିଦ୍ଧ ହେଲେ ଏବଂ ପରଲୋକ ଗମନ କଲେ ସେତେବେଳେ ଏକ ଅଜଣା ସ୍ୱର ସ୍ୱର୍ଗଲୋକରୁ ଭାସିଆସିଥିଲା– 'ମୃତ୍ୟୁ ହେଉଛି ଏକ ପୋଷାକ ଯାହା ଜଣେ ଦିବ୍ୟ ପୁରୁଷ ପରିଧାନ କରିଥାଏ । ମୃତ୍ୟୁ ହେଉଛି ଏକ ଘଟଣା ଯାହା ପ୍ରତ୍ୟେକ ସଜୀବ ଶରୀର ପାଇଁ ସ୍ୱାଭାବିକ ।''

''ପ୍ରଖ୍ୟାତ ଗୁରୁମାନେ ମଣିଷ ଜାତିର । ଯୀଶୁଖ୍ରୀଷ୍ଟ ଯେ କେବଳ ଖ୍ରୀଷ୍ଟିଆନ ଏବଂ ପବିତ୍ର ଖ୍ରୀଷ୍ଟମାସ ଉତ୍ସବ ଯେ କେବଳ ଖ୍ରୀଷ୍ଟିଆନ୍‌ମାନଙ୍କର ଏପରି ବିଶ୍ୱାସ କରିବା ଭୁଲ୍ । ଜଣେ ଗୁରୁଙ୍କୁ ଗ୍ରହଣ କରି ଅନ୍ୟ ଗୁରୁମାନେ ଅନ୍ୟମାନଙ୍କର ବୋଲି କହି ପ୍ରତ୍ୟାଖ୍ୟାନ କରିବା ନୀଚ ମନବୃତ୍ତିର ପରିଚାୟକ । ଯୀଶୁଖ୍ରୀଷ୍ଟ, ରାମ, କୃଷ୍ଣ, ବୁଦ୍ଧ, ଜୋରାଷ୍ଟର, ଆଲ୍ଲା ଇତ୍ୟାଦି ସମଗ୍ର ମାନବ ଜାତି ପାଇଁ ଆସିଥିଲେ ।''

''ବିଭିନ୍ନ ଅବୟବ (ହସ୍ତପଦ) ଓ ଅଙ୍ଗ ପ୍ରତ୍ୟଙ୍ଗକୁ ନେଇ ଶରୀର ଗଠିତ । ସେହିପରି ବିଭିନ୍ନ ଗୋଷ୍ଠୀ ଓ ରାଜ୍ୟକୁ ନେଇ ପୃଥିବୀର ସ୍ଥିତି ସମ୍ଭବ ହୋଇଛି । ଭଗବାନଙ୍କ କୃପାରୁ ମିଳିଥିବା ପୁଷ୍ଟି ସାଧକ ପଦାର୍ଥ ଶରୀରର ସମସ୍ତ ଅଂଶରେ ସଞ୍ଚାଳିତ ହୁଏ ଏବଂ ଶରୀରର ଅଙ୍ଗପ୍ରତ୍ୟଙ୍ଗକୁ ଏକକାଳୀନ କାର୍ଯ୍ୟକ୍ଷମ ହେବାକୁ ସାହାଯ୍ୟ କରେ ।''

''ଭଗବାନଙ୍କ କୃପାରୁ ପ୍ରେମର ଯେଉଁ ପୁଷ୍ଟିସାର ମିଳିଛି ତାହା ପ୍ରତ୍ୟେକ ରାଜ୍ୟରେ ଓ ଗୋଷ୍ଠୀ ମଧ୍ୟରେ ସଂଚାଳିତ ହେବା ଉଚିତ । ଏହାଦ୍ୱାରା ସମଗ୍ର ବିଶ୍ୱ ଶାନ୍ତି ଓ ଆନନ୍ଦ ଭିତରେ ତିଷ୍ଠି ରହିବ । ଏହି ସତ୍ୟକୁ ହୃଦୟଙ୍ଗମ କଲେ ବିଭିନ୍ନତା ବା ପ୍ରଭେଦର ଧାରଣା ରହିବ ନାହିଁ ।''

''ଯୀଶୁଖ୍ରୀଷ୍ଟଙ୍କର ବାର୍ତ୍ତା ଅତି ସରଳ । ସେ କହିଛନ୍ତି– 'ଯେ ମୋତେ ତୁମ ପାଖକୁ ପଠାଇଛନ୍ତି, ସେ ଆସିବେ ।' ସେ ଗୋଟିଏ ମେଣ୍ଢା ଆଡ଼େ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ । ମେଣ୍ଢା ଏକ ସାଂକେତିକ ଚିହ୍ନ ମାତ୍ର । ଏହା ତାର 'ବା, ବା' ଡାକ ପାଇଁ ସୁପରିଚିତ । ଏହି 'ବା, ବା' ଘୋଷଣା ସତ୍ୟସାଇ ବାବାଙ୍କ ଅବତରଣ ସମ୍ପର୍କରେ ସୂଚନା ଦିଏ । ଯୀଶୁଖ୍ରୀଷ୍ଟ କହିଥିଲେ, ତାଙ୍କ ନାମ ହେବ ସତ୍ୟ, ସେ ରକ୍ତରଙ୍ଗର ପୋଷାକ ପରିଧାନ କରିଥିବେ ।'' ଏତକ କହି ସ୍ୱାମୀ ନିଜେ ପରିଧାନ କରିଥିବା ପୋଷାକ ଆଡ଼େ ଅଙ୍ଗୁଳି ନିର୍ଦ୍ଦେଶ କଲେ । ''ଯୀଶୁଖ୍ରୀଷ୍ଟ ପୁଣି କହିଥିଲେ 'ସେ ଖର୍ବକାୟ ହେବେ ଏବଂ ତାଙ୍କ ମସ୍ତକରେ କେଶର ମୁକୁଟ ଥିବ ।' ମେଣ୍ଢା ହେଉଛି ପ୍ରେମର ସଂକେତ ଓ ନିଦର୍ଶନ । ଯୀଶୁଖ୍ରୀଷ୍ଟ ନିଜେ ଆସିବେ ବୋଲି କହି ନ ଥିଲେ । ସେ କହିଥିଲେ 'ମୋତେ ଯିଏ ପଠାଇଛନ୍ତି ସେ ଆସିବେ ।' ସେତେବେଳର 'ବା, ବା' ଏବେ ଏହି ସାଇବାବା ଏବଂ ମସ୍ତକରେ କେଶର ମୁକୁଟ ଓ ରକ୍ତରଙ୍ଗର ପୋଷାକରେ ସେ ଆସିଛନ୍ତି । ସେ କେବଳ ଏହି ରୂପରେ ଆସି ନାହାନ୍ତି । ସେ ତୁମ ସମସ୍ତଙ୍କ ରୂପରେ ଆସିଛନ୍ତି । ସେ ତୁମର ହୃଦୟ ନିବାସୀ ।''

ଯୀଶୁଖ୍ରୀଷ୍ଟଙ୍କ ସମ୍ପର୍କରେ ପ୍ରଶ୍ନୋତ୍ତର

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ଥରେ ବାବାଙ୍କୁ ପଚରା ଯାଇଥିଲା ଏବଂ ସେ ଉତ୍ତର ଦେଇଥିଲେ ।

୧. ''ଯୀଶୁଖ୍ରୀଷ୍ଟଙ୍କର ସ୍ଥୂଳ ଶରୀର ସମାଧି ଭିତରୁ ମିଳିଥିଲା କି ? (ମୋର କହିବାର କଥା ଏହା କଣ ଆତ୍ମା ଦ୍ୱାରା ସୃଷ୍ଟି ହୋଇଥିବା ଶରୀର)''

ସ୍ୱାମୀ ଉତ୍ତର ଦେଇଥିଲେ ''ନାଁ, ଏହା ପ୍ରକୃତରେ ସ୍ଥୂଳ ଶରୀର ଥିଲା । କୌଣସି ଆତ୍ମା ସ୍ଥୂଳ ଶରୀର ସୃଷ୍ଟି କରେ ନାହିଁ ।''

୨. ''ତାହାହେଲେ ଯୀଶୁଖ୍ରୀଷ୍ଟ କଣ ପୂର୍ବକୁ ଯାଇ ତାଙ୍କ ମିଶନକୁ ଜାରି ରଖିଥିଲେ ଏବଂ କାଶ୍ମୀରକୁ ମଧ୍ୟ ମିଶନରେ ଯାତ୍ରା କରିଥିଲେ ?''

ସ୍ୱାମୀ କହିଥିଲେ ''ହଁ ସେ ମଧ୍ୟ କଲିକତା ଓ ମାଲେସିଆ ଯାତ୍ରା କରିଥିଲେ ।''

୩. ''ତାହାହେଲେ ଏହା କଣ ଯୀଶୁଖ୍ରୀଷ୍ଟଙ୍କର ସେହି ଶରୀର ଯାହାକୁ କାଶ୍ମୀରର ଶ୍ରୀନଗରଠାରେ ରୋଜାବାଲିର ପବିତ୍ର ପୀଠରେ ସମାଧି ଦିଆଯାଇଥିଲା ?''

ସ୍ୱାମୀ କହିଥିଲେ ''ହଁ ।''

ଅନ୍ୟ ଏକ ଖ୍ରୀଷ୍ଟମାସ ଦିବସରେ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ କହିଥିଲେ—

''ଯୀଶୁଖ୍ରୀଷ୍ଟ ଯେତେବେଳେ ନିଜକୁ ଭଗବାନଙ୍କର ବାର୍ତ୍ତାବହ ବୋଲି କହିଥିଲେ, ପ୍ରକାରାନ୍ତରେ ସେ କହିଥିଲେ ଯେ ପ୍ରତ୍ୟେକ ବ୍ୟକ୍ତି ଭଗବାନଙ୍କର ବାର୍ତ୍ତାବହ ଏବଂ ପ୍ରତ୍ୟେକ କଥା, କାର୍ଯ୍ୟ ଓ ଚିନ୍ତାରେ ଏକ । ଯେତେବେଳେ ଚିନ୍ତାଧାରାର ଅଗ୍ରଗତି ଘଟିଲା ଯୀଶୁଖ୍ରୀଷ୍ଟ ସ୍ପଷ୍ଟ କରିଦେଇଥିଲେ ଯେ ପ୍ରତ୍ୟେକ ବ୍ୟକ୍ତି ଭଗବାନଙ୍କ ପୁତ୍ର (ଭଗବାନଙ୍କ ସନ୍ତାନ, ପରସ୍ପରର ଭାଇ ଓ ଭଉଣୀ) ବୋଲି ପରିଚିତ ହେବା ଉଚିତ । ଶେଷରେ ଯେତେବେଳେ ଅନ୍ତର୍ନିହିତ ଜ୍ଞାନ ଓ ବୁଦ୍ଧି ପରିପକ୍ୱ ହେବ ଏବଂ ଲକ୍ଷ୍ୟ ସିଦ୍ଧିପ୍ରାପ୍ତ ହେବ ସେତେବେଳେ ଜଣେ ଅନୁଭବ କରିବ ଯେ 'ମୁଁ ଓ ମୋର ପିତା ଏକ' ।''

''ଏହିଭଳି ଭାବରେ କିଛି ସମୟ ଅତିବାହିତ କରିବା ପରେ ଯୀଶୁଖ୍ରୀଷ୍ଟ ଭାବିବାକୁ ଆରମ୍ଭ କଲେ ଯେ ଅନ୍ୟ ଆଲୋକକୁ ଚିହ୍ନିବା ପାଇଁ ତାଙ୍କୁ ନିଶ୍ଚୟ ଏକ ଆଲୋକ ହିଁ ସାହାଯ୍ୟ କରିଛି । ତା ପରେ ସେ ନିଜ ସମ୍ପର୍କରେ ମୌଳିକ ସତ୍ୟକୁ ଜାଣିବା ପାଇଁ ଉଦ୍ୟମ କରିଥିଲେ । କିଛିଦିନ ପରେ ସେ ଘୋଷଣା କଲେ 'ସେ ଆଲୋକ ହେଉଛି ମୁଁ ।' ପ୍ରଥମେ ସେ କହିଥିଲେ 'ମୁଁ ହେଉଛି ଏକ ଉଜ୍ଜ୍ୱଳ ଆଲୋକ ।' ତା ପରେ ସେ କହିଥିଲେ 'ଆଲୋକ ମୋ ଭିତରେ ରହିଛି' ଏବଂ ଶେଷରେ କହିଥିଲେ— 'ମୁଁ ନିଜେ ହିଁ ସେ ଆଲୋକ' ।''

''ଯୀଶୁଖ୍ରୀଷ୍ଟ 'ମାନବର ଭ୍ରାତୃତ୍ୱ ଓ ଭଗବାନଙ୍କ ପିତୃତ୍ୱ' ସମ୍ପର୍କରେ ଶିକ୍ଷା ଦେବାକୁ ଚେଷ୍ଟା କରିଥିଲେ । ପରମ୍ପରା ଓ ଅହଂକାରର ବଶବର୍ତ୍ତୀ ହୋଇ କେତେକ ତାଙ୍କୁ ପ୍ରତାରକ ଧର୍ମଯାଜକ ବୋଲି ବିଚାର କଲେ ଏବଂ ସେମାନେ ତାଙ୍କ ମିଶନ ବିରୁଦ୍ଧରେ ସବୁ ପ୍ରକାର ବାଧାବିଘ୍ନ ସୃଷ୍ଟି କରୁଥିଲେ । ଯାହାହେଉ ଯୀଶୁଖ୍ରୀଷ୍ଟ କୌଣସି ପ୍ରକାର ଇତସ୍ତତଃ ହେଉ ନ ଥିଲେ । ବିରୋଧର ସମ୍ମୁଖୀନ ହୋଇ ମଧ୍ୟ ସେ ସମାଜକୁ ନିର୍ମଳ କରିବା ପାଇଁ ସତ୍ୟନିଷ୍ଠ ଜୀବନଯାପନ କରି ଆଦର୍ଶ ଦେଖାଇଥିଲେ ।''

''ବହୁ ଶିଷ୍ୟ ତାଙ୍କୁ ଅନୁସରଣ କରିବାକୁ ଲାଗିଲେ । ମାତ୍ର ଆଧ୍ୟାତ୍ମିକ ଜଗତର ଇତିହାସରେ ରାମ, କୃଷ୍ଣ, ଯୀଶୁ, ମହମ୍ମଦ ଓ ଅନ୍ୟାନ୍ୟ ପୁଣ୍ୟାତ୍ମାମାନେ ଅନୁଭବ କରିଥିଲେ ଯେ ଶିଷ୍ୟ ଯେତେ ନିକଟତର ହେଲେ ମଧ୍ୟ କ୍ୱଚିତ ସମ୍ପୂର୍ଣ୍ଣ ରୂପେ ସମର୍ପିତ ହୋଇଥାନ୍ତି । ଅଧିକାଂଶ କେବଳ ଆଂଶିକ (ସାମୟିକ) ଭାବରେ ଭକ୍ତ ଥିଲେ ।''

''ଯୀଶୁଖ୍ରୀଷ୍ଟଙ୍କର ବାରଜଣ ପ୍ରଧାନ ଶିଷ୍ୟ ଥିଲେ ଏବଂ ସେମାନଙ୍କ ଭିତରୁ ଅନେକଙ୍କର ତାଙ୍କ ଶିକ୍ଷା (ଉପଦେଶ) ଉପରେ ବିଶ୍ୱାସ ରହିଥିଲା । କିନ୍ତୁ ଜୁଦାସ ନାମକ ଜଣେ ଶିଷ୍ୟ ଲୋଭୀ ଥିଲେ । ସେ ତିରିଶଟି ରୌପ୍ୟ ମୁଦ୍ରା ପାଇଁ ତାଙ୍କ ଗୁରୁଙ୍କ ପ୍ରତି ବିଶ୍ୱାସଘାତକତା କଲେ । ଏହି ପ୍ରତାରଣା ପରେ ସେ କେବେହେଲେ ଜୀବନରେ ଆନନ୍ଦ ଲାଭ କରି ନାହାନ୍ତି । ତାଙ୍କ ମନରେ ଶାନ୍ତି ନ ଥିଲା । ଶେଷରେ ସେ ଆତ୍ମହତ୍ୟା କରିଥିଲେ ।''

''ଯୀଶୁଖ୍ରୀଷ୍ଟ କେବଳ ଦିବ୍ୟ ପ୍ରେମର ପ୍ରସାର, ଦିବ୍ୟପ୍ରେମ ପ୍ରଦାନ, ଦିବ୍ୟପ୍ରେମ ଗ୍ରହଣ ଏବଂ ଦିବ୍ୟ ପ୍ରେମରେ ଜୀବନ ଯାପନରୁ ହିଁ ଆନନ୍ଦ ପାଉଥିଲେ ।''

''ଆଧ୍ୟାତ୍ମିକ ସାଧନା ଓ ଈଶ୍ୱରଙ୍କୁ ଧ୍ୟାନ ଅଭ୍ୟାସ କରିବା ପାଇଁ ଯୀଶୁଖ୍ରୀଷ୍ଟ ଦୀର୍ଘ ବାରବର୍ଷ ଧରି ଜାଣିଶୁଣି ନିର୍ଜନ ସ୍ଥାନମାନଙ୍କରେ ଘୂରି ବୁଲୁଥିଲେ । ଅବଶ୍ୟ ଈଶ୍ୱରଦତ୍ତ ଶରୀରକୁ ଜଣେ ରକ୍ଷା କରିବା ଓ ସଂରକ୍ଷଣ କରିବା ଉଚିତ । ଏହି ଶରୀର ଗୋଟିଏ ଡଙ୍ଗା ସଦୃଶ । ଏହି ଡଙ୍ଗାର ଯେଉଁ ଯାନ୍ତ୍ରିକ ବ୍ୟବସ୍ଥା ରହିଛି ତାହା ମାଧ୍ୟମରେ ମଣିଷ ଚିରସ୍ଥାୟୀ ପରିବର୍ତ୍ତନର ସମୁଦ୍ରକୁ ପାରି ହୋଇ ଭଗବାନଙ୍କ ନିକଟରେ ପହଞ୍ଚିବା ସମ୍ଭବ ହେବ । ଶରୀର ରୂପକ ଡଙ୍ଗାରେ କଣା ହେବା ଏବଂ ରୋଗ, ଅଳସୁଆମୀ ଓ ବାର୍ଦ୍ଧକ୍ୟ ଜନିତ ଦୁର୍ବଳତା ଯୋଗୁ ଡଙ୍ଗା ବୁଡ଼ିଯିବା ପୂର୍ବରୁ ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଦରକାର । ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ପ୍ରତି ସତର୍କତା ମୂଳକ ଯତ୍ନ ନିଆଯିବା ଦରକାର । ଅଧିକନ୍ତୁ ଜଣେ ସବୁବେଳେ ଧର୍ମ ଓ ଦୈବତ୍ୱର ସୁରକ୍ଷା ପାଇଁ ଦେହତ୍ୟାଗ କରିବା ପାଇଁ ପ୍ରସ୍ତୁତ ଥିବା ଦରକାର । ଯୀଶୁଖ୍ରୀଷ୍ଟ ଏଥିପାଇଁ ତୁମ୍ଭମାନଙ୍କର ଆଦର୍ଶ । ପୁରାତନ ଧର୍ମଗ୍ରନ୍ଥମାନଙ୍କରୁ ତୁମ୍ଭମାନଙ୍କୁ ମୂଲ୍ୟବାନ ମୌଳିକ

ଶିକ୍ଷା ଦେବା ଏବଂ ସେଥିରୁ ତୁମ୍ଭେମାନେ ଶାନ୍ତି ଓ ଆନନ୍ଦ ପାଇବା ପାଇଁ ଯୀଶୁଖ୍ରୀଷ୍ଟ ନିଜ ଜୀବନକୁ ନିଃଶେଷ କରି ଦେଇଥିଲେ ।''

''ଯେତେବେଳେ ଯୀଶୁଖ୍ରୀଷ୍ଟ ଯୁବକ ଥିଲେ ଏବଂ ତାଙ୍କ ପିତା ଯୋଶେଫ ଶରୀର ତ୍ୟାଗ କରିଥିଲେ, ସେତେବେଳେ ତାଙ୍କ ମା ତାଙ୍କୁ କହିଥିଲେ 'ପୁତ୍ର, ବର୍ତ୍ତମାନ ତୁମ ପିତା ଆମ ସହିତ ନାହାନ୍ତି । ତୁମେ ତୁମ ପିତାଙ୍କ ବୃତ୍ତିକୁ ଚାଲୁ ରଖିବା ଉଚିତ । ତାହାହେଲେ ଆମେ ଜୀବନ ଧାରଣ ପାଇଁ କିଛି ଅର୍ଥ ରୋଜଗାର କରିପାରିବା ।' କିନ୍ତୁ ସେହି ଯୁବକ (ଯୀଶୁଖ୍ରୀଷ୍ଟ) ଏପରି କରିବାକୁ ସମ୍ମତ ହୋଇ ନ ଥିଲେ । ମା ମଧ୍ୟ ଯୁବକ ଯୀଶୁଖ୍ରୀଷ୍ଟଙ୍କ ଅନ୍ତର୍ନିହିତ ପ୍ରବୃତ୍ତିକୁ ବିରୋଧ କରିବାକୁ ଚାହିଁ ନ ଥିଲେ ।''

''ଦିନେ ଯୁବକ ଯୀଶୁଖ୍ରୀଷ୍ଟ ଭଗବାନଙ୍କୁ ଧ୍ୟାନ କରିବାକୁ ଏକ ନିର୍ଜନ ପାହାଡ଼ ଉପରକୁ ଯାଇଥିଲେ । ଯେତେବେଳେ ସେ ଫେରୁଥିଲେ ଗାଲିଲି ସମୁଦ୍ର କୂଳରେ କେତେକ ବିଶାଦଗ୍ରସ୍ତ ଲୋକଙ୍କୁ ଦେଖି ସେମାନଙ୍କ ନିକଟକୁ ଗଲେ । ସେମାନଙ୍କର ଦୁଃଖର କାରଣ ଯୁବକ ଯୀଶୁ ଅନୁସନ୍ଧାନ କରି ଜାଣି ପାରିଲେ, ସେମାନେ କହିଥିଲେ ଯେ କିଛି ସମୟ ହେଲା ସେମାନେ ଜାଲରେ ଗୋଟିଏ ହେଲେ ମାଛ ଧରି ପାରି ନାହାନ୍ତି । ଯୀଶୁ ସେମାନଙ୍କୁ କହିଥିଲେ 'ମୋର ଅନୁସରଣ କର । ଏପରି କୌଣସି ଜଳ ଅଛି କି ଯେଉଁଥିରେ ମାଛ ନାହାନ୍ତି ?' ଯୀଶୁ ସେମାନଙ୍କୁ ସେମାନଙ୍କ ଡଙ୍ଗାରେ ସମୁଦ୍ର ମଧ୍ୟଭାଗକୁ ନେଇଗଲେ ଏବଂ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଜାଲ ପକାଇବାକୁ କହିଲେ । ସେହି କେଉଟମାନେ ସେମାନଙ୍କ ଜାଲରେ ଭରପୁର ମାଛ ପାଇ ଆଶ୍ଚର୍ଯ୍ୟ ଓ ଆନନ୍ଦରେ କୋଳାହଳ କରିଉଠିଲେ ।''

''ଏହି ଘଟଣା କେଉଟମାନଙ୍କ ମନରେ ଯଥେଷ୍ଟ ବିଶ୍ୱାସ ସୃଷ୍ଟି କରିଥିଲା । ତେଣୁ ବିଶ୍ୱାସ ମାନବ ସମାଜ ପାଇଁ ଅପରିହାର୍ଯ୍ୟ ।''

''ଯେଉଁଠାରେ ବିଶ୍ୱାସ ଅଛି ସେଠାରେ ପ୍ରେମ ରହିଛି ।
ଯେଉଁଠାରେ ପ୍ରେମ ଅଛି ସେଠାରେ ସତ୍ୟ ରହିଛି ।
ଯେଉଁଠାରେ ସତ୍ୟ ଅଛି ସେଠାରେ ଶାନ୍ତି ରହିଛି ।
ଯେଉଁଠାରେ ଶାନ୍ତି ଅଛି ସେଠାରେ ଆନନ୍ଦ ରହିଛି ।
ଯେଉଁଠାରେ ଆନନ୍ଦ ଅଛି ସେଠାରେ ଈଶ୍ୱର ରହିଛନ୍ତି ।''

''ଏହି ପ୍ରକାର ଯୀଶୁ ଧର୍ମ ଉପଦେଶ ଦେଲେ ଏବଂ ତାଙ୍କୁ ଘେରି ରହିଥିବା ଲୋକଙ୍କ ମନରେ ବିଶ୍ୱାସ ଓ ଆତ୍ମପ୍ରତ୍ୟୟ ସୃଷ୍ଟି କରିଥିଲେ । ଏପରି ଭାବରେ କେଉଟ ଗୋଷ୍ଠୀ ଯୀଶୁଖ୍ରୀଷ୍ଟଙ୍କ ସଂସ୍ପର୍ଶରେ ଆସି ଆନନ୍ଦରେ ଜୀବନଯାପନ କଲେ । ସେହି ସମୟରେ ରୋମାନମାନଙ୍କଠାରୁ ଟିକସ ଆଦାୟ କରୁଥିବା ମାଥ୍ୟୁ ନାମକ ଜଣେ ବ୍ୟକ୍ତି ନିଜ ସରକାରୀ କାର୍ଯ୍ୟରେ ସେମାନଙ୍କ ନିକଟକୁ ଆସିଥିଲେ । ତାଙ୍କର ଏହି ସରକାରୀ

ଗସ୍ତ କାଳରେ ସେ ଯୀଶୁଖ୍ରୀଷ୍ଟଙ୍କଠାରୁ ତାଙ୍କ ବାଣୀ ଶୁଣୁଥିଲେ ଏବଂ ତାଙ୍କ ଶିକ୍ଷା ସମ୍ପର୍କରେ ବିଶେଷ ଧ୍ୟାନ ଦେଉଥିଲେ । ଶେଷରେ ସେ ଯୀଶୁଖ୍ରୀଷ୍ଟଙ୍କ ଶିଷ୍ୟ ହୋଇଥିଲେ ।''

''କିଛିଦିନ ପରେ ଯେତେବେଳେ ଯୀଶୁଙ୍କ ଖ୍ୟାତି ବୃଦ୍ଧି ପାଇବାରେ ଲାଗିଲା ତାଙ୍କ ଧର୍ମ ଶିକ୍ଷାରେ ସେ ବହୁ ବାଧାବିଘ୍ନ ଓ ବିରୋଧର ସମ୍ମୁଖୀନ ହେଲେ । ନୈସର୍ଗିକ ଶରୀର ଧାରଣ କରି କୌଣସି ବ୍ୟକ୍ତି ଜୀବନରେ ଏଭଳି ବିରୋଧାଭାସରୁ ରକ୍ଷା ପାଇପାରେ ନାହିଁ । କଷ୍ଟ ବ୍ୟତିରେକେ ମଣିଷ ତିଷ୍ଠି ପାରିବ ନାହିଁ । ଜନ୍ମ ପରେ ମୃତ୍ୟୁ ଆସେ ଏବଂ ସେହି ପରିପ୍ରେକ୍ଷୀରେ ସୁଖ ପରେ ଦୁଃଖ ଆସେ । ଜଣେ ସୁଖ ଓ ଦୁଃଖରେ, ଲାଭ ଓ କ୍ଷତିରେ, ବିଜୟ ଓ ପରାଜୟରେ ସମାନ ମାନସିକ ସ୍ଥିତି (ସମାଧି)ରେ ରହିବା ଉଚିତ । ଦୁଇଟି ଯନ୍ତ୍ରଣା ମଝିରେ ଆମୋଦ ଏକ ମଧ୍ୟାନ୍ତର ବା ଅବକାଶ ରୂପେ ରହିଛି । ଜଣେ ମଣିଷର ଅନ୍ତର୍ନିହିତ ପ୍ରକୃତିକୁ ଜାଣିବା ପାଇଁ ଏବଂ ନିଜର ପ୍ରକୃତ ପରିଚୟ ପାଇବା ପାଇଁ ଉଦ୍ୟମ କରିବା ଉଚିତ । ଯୀଶୁଖ୍ରୀଷ୍ଟ ଏହି ପବିତ୍ର ସତ୍ୟର ଧାର୍ମିକ ଶିକ୍ଷା ଦେଉଥିଲେ ତେଣୁ ସେ ତାଙ୍କର ସମସାମୟିକ ଧର୍ମଗୁରୁମାନଙ୍କ ମଧ୍ୟରେ ଅଧିକ ଲୋକପ୍ରିୟ ହୋଇପାରିଥିଲେ । ସମଗ୍ର ପୃଥିବୀରେ ଲୋକପ୍ରିୟ ହେବା ଈର୍ଷା ଓ ପରଶ୍ରୀକାତରତାକୁ ସ୍ୱତଃ ଜନ୍ମ ଦେଇଥାଏ । ଈର୍ଷା, ଆଡ଼ମ୍ବର ଓ ଅହଂକାରକୁ ମନ୍ଦ ପ୍ରକୃତି ରୂପେ ଗଣାଯାଏ । ଏହା ଶେଷରେ ଧ୍ୱଂସ ଆଡ଼କୁ ବାଟ କଢ଼ାଇନିଏ । ଏଭଳି ପ୍ରକୃତିର ଲୋକଙ୍କୁ କେହି କେବେ କ୍ଷମା ଦେବ ନାହିଁ ।''

''ତୁମେ ଅନ୍ୟମାନଙ୍କୁ ଗାଳିଦିଅ ନାହିଁ କିମ୍ବା ବିଦ୍ରୂପ କର ନାହିଁ । ଯେତେବେଳେ ଜଣେ ସମଭାବାପନ୍ନ ହୁଏ ସେତେବେଳେ ତାର ମାନବିକତା ପ୍ରସ୍ଫୁଟିତ ହୋଇଥାଏ । ଆଜି ମଣିଷ ଅକଥନୀୟ ଯନ୍ତ୍ରଣାର ଅଧୀନସ୍ଥ ହେଉଛି । କାରଣ ସେ ମାନବିକ ଗୁଣ ରହିତ । ଯାହାର ଦହନ କରିବାର ଶକ୍ତି ରହିଛି ତାହା ହେଲା ଅଗ୍ନି । ସେହିପରି ଭାବରେ ଯାହାର ମାନବିକ ମୂଲ୍ୟବୋଧ ରହିଛି ସେ ମାନବ । ଜଣେ ମାନବିକ ମୂଲ୍ୟବୋଧ ରହିତ ହେଲେ ସେ ଆଦୌ ମାନବ ପଦବାଚ୍ୟ ନୁହେଁ । ତୁମେ ଉଚ୍ଚଶିକ୍ଷିତ ହୋଇପାର ଏବଂ ଉଚ୍ଚ ପଦାଧିକାରୀ ହୋଇପାର, ଯଦି ତୁମର ମାନବିକ ମୂଲ୍ୟବୋଧ ନ ଥାଏ ତେବେ ତୁମକୁ ଅମାନବୀୟ (ଅମଣିଷ) ବୋଲି ବିଚାର କରାଯିବ । ତେଣୁ ମନ୍ଦ ଗୁଣଗୁଡ଼ିକୁ ପ୍ରଥମ ଦୃଷ୍ଟାନ୍ତରେ ହିଁ ତ୍ୟାଗ କର ।''

ସତ୍ୟସାଇଙ୍କ ବାର୍ତ୍ତାବହର ଉଦାହରଣ

ଥରେ ଖ୍ରୀଷ୍ଟମାସ ଉତ୍ସବରେ ମୁଁ ବାଙ୍ଗାଲୋର ନିକଟସ୍ଥ ହ୍ୱାଇଟ୍‌ଫିଲ୍ଡରେ ଥିବାବେଳେ 'ସତ୍ୟସାଇ ବାର୍ତ୍ତାବହ' (ମେସେଞ୍ଜରସ ଅଫ୍ ସତ୍ୟସାଇ)ମାନଙ୍କର ମୁଖ୍ୟ (ଝିଅମାନଙ୍କ ପାଇଁ ଅନନ୍ତପୁରଠାରେ ଥିବା ସଂସ୍ଥାର ଜଣେ ଛାତ୍ରୀ) ସେମାନେ ବିଦେଶରେ

ନିଜ ନିଜ ମାତୃଭୂମିରେ ଯେଉଁସବୁ ଉତ୍ତମ ସେବା କାର୍ଯ୍ୟ କରୁଥିଲେ ତାର ଏକ ବିବରଣୀ ଦେଇଥିଲେ । ସେମାନେ ପ୍ରକୃତରେ ମାନବିକତାପୂର୍ଣ୍ଣ କାର୍ଯ୍ୟ କରୁଥିଲେ । ପରମପ୍ରିୟ ସ୍ୱାମୀ ସେମାନଙ୍କର ଉଦ୍ୟମକୁ ପ୍ରଶଂସା କରିଥିଲେ ଏବଂ ତାଙ୍କର ଦିବ୍ୟ ସମ୍ଭାଷଣରେ ସେ ଏହାକୁ ସ୍ୱୀକାର କରିଥିଲେ ।

''ଆଜି 'ସତ୍ୟସାଇ ବାର୍ତ୍ତାବହ'ମାନେ ତାଙ୍କର ବାର୍ଷିକ ଉତ୍ସବ ପାଳନ କରୁଛନ୍ତି । ଈର୍ଷା, କ୍ରୋଧ ଏବଂ ଘୃଣା ଭଳି ମନ୍ଦ ପ୍ରକୃତିକୁ ସେମାନେ ସୁଯୋଗ ଦେବା ଉଚିତ ନୁହେଁ । ଏହାର ଯେଉଁ ସଭ୍ୟମାନେ ଦରିଆପାରି ଦେଶମାନଙ୍କରେ କାର୍ଯ୍ୟ କରୁଛନ୍ତି ସେମାନେ ଆଦର୍ଶ ଜୀବନଯାପନ କରୁଛନ୍ତି । ଜାପାନ ଓ ଆମେରିକାରୁ ଆସିଥିବା ଆମର ପୂର୍ବତନ ଛାତ୍ରମାନେ ଯେଉଁ ଭାଷଣ ଦେଲେ ତାହା ତୁମ୍ଭେମାନେ ଶୁଣିଲ । ସେମାନଙ୍କର ବକ୍ତବ୍ୟରେ ମଧୁରତା ଭରି ରହିଛି । ଜାପାନରୁ ଆସିଥିବା ଝିଅଟି, ଯେ ଆଗରୁ କହିଥିଲା ସେ ପିଏଚ.ଡି. ଡିଗ୍ରୀଧାରୀ । ସେମାନେ ଉଚ୍ଚଶିକ୍ଷିତା, ତଥାପି ସେମାନେ ବିନୟୀ ଓ କର୍ତ୍ତବ୍ୟପରାୟଣା । ସେମାନଙ୍କର ଭକ୍ତି ଏବଂ ଆତ୍ମସମର୍ପଣ ଭାବ ଅନୁକରଣଯୋଗ୍ୟ ।''

''ଯଦି ଜଣେ ଗର୍ହିତ ଧର୍ମବିରୋଧି କାର୍ଯ୍ୟ ଯଥା ଈର୍ଷା ଓ ଅନ୍ୟ ବିରୁଦ୍ଧରେ ଗୁଜବ ପ୍ରଚାର ଭଳି ମନ୍ଦ ଗୁଣକୁ ତ୍ୟାଗ କରି ନ ପାରେ ତେବେ ତାର ଉଚ୍ଚଶିକ୍ଷା ଓ ପି.ଏଚ.ଡି. ଡିଗ୍ରୀର ମୂଲ୍ୟ କଣ ? ମୁଁ ପ୍ରକୃତରେ ଏଭଳି ବ୍ୟବହାରକୁ ଅତିଶୟ ଘୃଣା କରେ । ପ୍ରେମ, ଉତ୍ସାହ ଓ ପବିତ୍ର ଅନୁଭୂତି ସହିତ ସତ୍ୟସାଇଙ୍କ ନାମରେ ମାନବ ସମାଜର ସେବା ପାଇଁ ଏକ ସଂଗଠନ ତୁମେ ପ୍ରତିଷ୍ଠା କରିଛ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ସଂଗଠନ ମାଧ୍ୟମରେ ଭଲ କାମ ହେଉଛି । କିନ୍ତୁ ଯତ୍ନବାନ ହେବା ଉଚିତ ଯେପରି ମହତ ଅନୁଭୂତିର ଅଧଃପତନ ଘଟି ମନ୍ଦ ଅନୁଭୂତିରେ ରୂପାନ୍ତରିତ ନ ହୁଏ ।''

''ମୁଁ ସେବା ଉପରେ ସେତେ ଗୁରୁତ୍ୱ ଦେଉ ନାହିଁ । ମୋ ପାଇଁ ତୁମର ଗୁଣ ସବୁ ଗୁରୁତ୍ୱପୂର୍ଣ୍ଣ । ତୁମେ ଯେଉଁଠି ଥାଅନା କାହିଁକି, ଜଙ୍ଗଲରେ କିମ୍ବା ଆକାଶରେ, ସହରରେ କିମ୍ବା ଗାଁରେ, ତୁମେ ନିଶ୍ଚୟ ମହତ ଗୁଣର ବିକାଶ କରିବ । ଈର୍ଷା ବାସ୍ତବରେ ଜୀବନ୍ତ ମରଣ । ଏହା ସହିତ ଯଦି ଅନ୍ୟ ବିରୁଦ୍ଧରେ ଗୁଜବ ରଚନା ଭଳି ମନ୍ଦଗୁଣ ଥାଏ ତେବେ ତୁମେ କଷ୍ଟ ପାଇବାକୁ ବାଧ୍ୟ । ତୁମେ ଅନ୍ୟମାନଙ୍କର କାହିଁକି ସମାଲୋଚନା କରିବ ? ବରଂ ତୁମ ନିଜର ମନ୍ଦଗୁଣଗୁଡ଼ିକର ସମାଲୋଚନା କର । ତୁମର ମନ୍ଦ ଅନୁଭୂତି ଓ ମନ୍ଦ ଚିନ୍ତାକୁ ଦୂରେଇ ଦିଅ । ତୁମର ମନ୍ଦ ଗୁଣ ଗୁଡ଼ିକୁ ଅନ୍ୟ ଆଗରେ ପ୍ରକାଶ କର ଏବଂ ତୁମର ଏପରି ଅପବାଦର ପ୍ରଚାର କର । ମୁଁ ବାରମ୍ବାର ଉପଦେଶ ଦେବା ସତ୍ତ୍ୱେ ଅନେକ ଲୋକଙ୍କର କୌଣସି ପ୍ରକାର ପରିବର୍ତ୍ତନ ହୋଇ ନାହିଁ । ବିଗତ ପାଞ୍ଚ ଛଅ ବର୍ଷ

ହେଲା ମୁଁ ସେମାନଙ୍କର ବ୍ୟବହାରରେ ବିରକ୍ତ ହୋଇ ଗଲିଣି । ଏଭଳି ସଂଗଠନ ପ୍ରତିଷ୍ଠା କରିବାର ଆବଶ୍ୟକତା କଣ ? ତୁମର ସତ୍ୟସାଇ ସେବା ସମିତି ଓ ଭଜନ ମଣ୍ଡଳୀ ରହିଛି । ତୁମେ ସମାଜ ସେବା କାର୍ଯ୍ୟ କରୁଛ ଏବଂ ପାଠଚକ୍ର ପରିଚାଳନା କରୁଛ । କିନ୍ତୁ ସେବା ଯଦି ହୃଦୟରୁ ନିସୃତ ପ୍ରେମର ପୃଷ୍ଠଭୂମି ଉପରେ ପ୍ରତିଷ୍ଠିତ ନୁହେଁ ତେବେ ସେବାର ଉଦ୍ଦେଶ୍ୟ ସଫଳ ହେବ ନାହିଁ । ପ୍ରେମ ହିଁ ଭଗବାନ । ପ୍ରେମରେ ବାସ କର । ଏଭଳି ପ୍ରେମମୟ ଜୀବନ ପରିବର୍ତ୍ତେ ଲୋକମାନଙ୍କର ଅନ୍ୟମାନଙ୍କ ପ୍ରତି ଘୃଣାଭାବ ବୃଦ୍ଧି ପାଇବାରେ ଲାଗିଛି । ଏଭଳି ଲୋକଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡବିଧାନ ହେବା ଉଚିତ । କାରଣ ଏଭଳି ମନ୍ଦ ପ୍ରକୃତିର ଲୋକଙ୍କ ପାଇଁ ଅନ୍ୟମାନେ ମଧ୍ୟ ନଷ୍ଟ ହେଉଛନ୍ତି ।''

''ମୁଁ ତୁମକୁ ସବୁକିଛି ଦେବାକୁ ପ୍ରସ୍ତୁତ, ଏପରିକି ଜୀବନ ମଧ୍ୟ, ଯଦି ତୁମେ ତୁମର ମନ୍ଦଗୁଣଗୁଡ଼ିକୁ ପରିତ୍ୟାଗ କର । ତୁମେ ଯେତେବେଳେ ସତ୍ୟସାଇଙ୍କ ନାମ ସ୍ମରଣ କର, ତୁମର ସାଂଗଠନିକ ଉତ୍ସବଗୁଡ଼ିକ କେତେ ମହତ୍ୱପୂର୍ଣ୍ଣ ହୋଇଥାଏ ! ତୁମେ ସମାଜରେ କେତେ ସମ୍ମାନ ପାଇଥାଅ ! ତେଣୁ ଅତି କମ୍‌ରେ ଆଜିଠାରୁ ସତ୍ୟ, ପ୍ରେମ ଓ ନୈତିକତା ଗୁଣଗୁଡ଼ିକର ବିକାଶ ସାଧନ କର । ଗୋଟିଏ ଆଧ୍ୟାତ୍ମିକ ସଂଗଠନ ନାମରେ ପୈଶାଚିକ କାର୍ଯ୍ୟ କରିବା ଠିକ୍ ନୁହେଁ ।''

''ଆଜି ତୁମେ ପୃଥିବୀର କୌଣସି ସ୍ଥାନରେ ଶାନ୍ତି ପାଉ ନାହଁ । ତୁମେ କେବଳ ଏହାର ଟୁକୁଡ଼ା (କ୍ଷୁଦ୍ରଅଂଶ) ହିଁ ଦେଖୁଛ । ପ୍ରକୃତପକ୍ଷେ ଲୋକମାନେ ତାଙ୍କର ହୃଦୟକୁ ଖଣ୍ଡଖଣ୍ଡ କରି ଭାଙ୍ଗି ଦେଉଛନ୍ତି । ତାହାହେଲେ ଶାନ୍ତି ଆସିବ କିପରି ? ଏହି ସମସ୍ୟାର ସମାଧାନ ପାଇଁ ମାତ୍ର ଗୋଟିଏ ଉପାୟ ଅଛି । ଭଗବାନଙ୍କୁ ପ୍ରେମ କର । ଭଗବାନଙ୍କୁ ବିଶ୍ୱାସ କର । ତାଙ୍କ ନିକଟରେ ଆତ୍ମ ସମର୍ପଣ କର । ତୁମର ସାରା ଜୀବନ ତାଙ୍କୁ ଅର୍ପଣ କର । ଯଦି ତୁମେ ସବୁବେଳେ ଖୁସି ରହିବାକୁ ଚାହଁ ତେବେ ଅନ୍ୟମାନଙ୍କର ମଙ୍ଗଳ ପାଇଁ ପ୍ରାର୍ଥନା କର । ଏହା ହିଁ ପ୍ରକୃତ ସେବା ।''

❑❑

ଅଧ୍ୟାୟ - ୧୦

ଶିରିଡ଼ି ସାଇ ବାବା

ପରମପ୍ରିୟ ସ୍ୱାମୀ ଶିରିଡ଼ି ସାଇବାବାଙ୍କର ଅବତାର ଏବଂ ତାଙ୍କୁ ସର୍ବଦେବତା ସ୍ୱରୂପ ଅବତାର (ସବୁ ଅବତାରମାନଙ୍କର ଅବତାର) ବୋଲି ବିଚାର କରାଯାଏ । ଏହି କାରଣରୁ ସେ ଯୀଶୁ, କୃଷ୍ଣ, ରାମ, ସୁବ୍ରମଣ୍ୟମ୍, ଦେବୀ ଅମ୍ବା ଏବଂ ଅନ୍ୟ ବହୁ ରୂପରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ସେ ସମସ୍ତ ଦେବଦେବୀଙ୍କର ଅବତାର ବୋଲି ବିଶ୍ୱାସ କରାଯାଏ ।

ଆମେ ଶିରିଡ଼ି ସାଇ ବାବାଙ୍କୁ ଶିବଙ୍କର, ସତ୍ୟସାଇବାବାଙ୍କୁ ବିଷ୍ଣୁଙ୍କର ଏବଂ ଜନ୍ମ ଗ୍ରହଣ କରିବାକୁ ଥିବା ପ୍ରେମ ସାଇଙ୍କୁ ବ୍ରହ୍ମାଙ୍କର ଅବତାର ବୋଲି କହି ପାରିବା । ପରମପ୍ରିୟ ସ୍ୱାମୀ କହିଛନ୍ତି ସେ ୯୫ ବର୍ଷ ପର୍ଯ୍ୟନ୍ତ ଏହି ଶରୀର ଧାରଣ କରିବେ ଏବଂ ପରବର୍ତ୍ତୀ କାଳରେ ମହୀଶୂର ରାଜ୍ୟର ମାଣ୍ଡ୍ୟ ଜିଲ୍ଲାରେ ଥିବା ଶ୍ରୀରଙ୍ଗାପଟନମ୍ ଅଞ୍ଚଳରେ ପ୍ରେମସାଇ ରୂପେ ଜନ୍ମ ଗ୍ରହଣ କରିବେ । ଅନ୍ୟ ଏକ ବାସ୍ତବତାକୁ ଏଡ଼ାଇ ଦେଇ ହେବ ନାହିଁ । ଶିରିଡ଼ି ସାଇ ବାବା ଶିବ, ସତ୍ୟ ସାଇ ବାବା ଶିବ-ଶକ୍ତି (ଶରୀରର ଦକ୍ଷିଣ ଭାଗ ଶିବ ଓ ବାମ ଭାଗ ଶକ୍ତି) ଏବଂ ପ୍ରେମସାଇ ପ୍ରଭାବଶାଳୀ ଶକ୍ତିଙ୍କର ପ୍ରତିନିଧିତ୍ୱ କରିବେ ।

ବହୁ ଲେଖକ ବିଭିନ୍ନ ଭାଷାରେ ଶିରିଡ଼ି ସାଇବାବାଙ୍କର ଜୀବନ ଚରିତ ଲେଖିଛନ୍ତି । ସେଥିମଧ୍ୟରୁ ଶ୍ରୀ ଗୋବିନ୍ଦ ରାଓ ରଘୁନାଥ ଦାଭୋଲକର (ହେମଦ୍ ପନ୍ଥ)ଙ୍କ ମୂଳ ମରାଠୀ ଭାଷାରେ ଲିଖିତ 'ଶ୍ରୀ ସାଇ ସତ୍‌ଚରିତ' ସବୁଠାରୁ ଲୋକପ୍ରିୟ । ଶ୍ରୀ ଦାଭୋଲକର ବାନ୍ଦ୍ରା (ବମ୍ବେ)ର ଆବାସିକ ନ୍ୟାୟାଧୀଶ (ମାଜିଷ୍ଟ୍ରେଟ୍) ଥିଲେ । ଏହି ବହିଟି ଗୁଜୁରାଟର ପୋର ବନ୍ଦରର ଶ୍ରୀ ରେବାଶଙ୍କର ଓଘାଡ୍‌ଭାଇ ସୋମପୁରାଙ୍କ ଦ୍ୱାରା ଗୁଜୁରାଟି ଭାଷାରେ ଅନୁବାଦିତ ହୋଇଥିଲା । ଏହାର ଇଂରାଜୀ ଅନୁବାଦ କରିଥିଲେ ମହାରାଷ୍ଟ୍ର ରାଜ୍ୟର ବେଲଗାଁଓର ଶ୍ରୀ ନାଗେଶ ବାସୁଦେବ ଗୁଣାଜୀ । ମିଷ୍ଟର ଶିବରାମ ଠାକୁର ହିନ୍ଦୀ ଭାଷାରେ ଏହାକୁ ଅନୁବାଦ କରିଥିଲେ । ମାଡ୍ରାସର (ତାମିଲନାଡୁ ରାଜ୍ୟ) ସ୍ୱାମୀ ନରସିଂହ ଶିରିଡ଼ି ସାଇ ବାବାଙ୍କ ସମ୍ପର୍କରେ ଚାରିଟି ଭାଗରେ ଜୀବନ ଚରିତ ଲେଖିଛନ୍ତି । ଏହିପରି ଭାବରେ ଦକ୍ଷିଣ ଭାରତର ଲୋକମାନେ ଏହି ମହାନ୍ ସନ୍ଥ (ଅବତାର)ଙ୍କ ସମ୍ପର୍କରେ ସଚେତନ ଥିଲେ ।

ମିଷ୍ଟର ଆର୍ଥର ଓସ୍‌ବର୍ଣ୍ଣ 'ଦି ଇନ୍‌କ୍ରେଡିବ୍‌ଲ୍ ସାଇବାବା' ନାମକ ଏକ ଇଂରାଜୀ ପୁସ୍ତକ ଲେଖିଥିଲେ । ବିଦେଶରେ ଏହାର ବହୁଳ ପ୍ରଚାର ହୋଇଥିଲା । ତେଣୁ ଅଧିକ ଲୋକ ଶିରିଡ଼ି ସାଇ ବାବାଙ୍କ ଜୀବନ ଚରିତ ଓ ଶିକ୍ଷା (ଉପଦେଶ) ସମ୍ପର୍କରେ ଅବଗତ ହେଲେ । ସେମାନଙ୍କ ମଧ୍ୟରୁ ଅନେକ ଶିରିଡ଼ି ପରିଦର୍ଶନ କରିଥିଲେ । ଶିରିଡ଼ି ବର୍ତ୍ତମାନ ଏକ କ୍ରମବର୍ଦ୍ଧିଷ୍ଣୁ ଓ ଉନ୍ନତ ତୀର୍ଥ କେନ୍ଦ୍ର । ଏହା ହଜାର ହଜାର ଭକ୍ତଙ୍କୁ ପ୍ରତିବର୍ଷ ଆକୃଷ୍ଟ କରୁଛି ।

ଶ୍ରୀ ସାଇ ସଦ୍‌ଚରିତ ପଢ଼ି ଗୁଜୁରାଟର ବହୁ ଲୋକ ସାଇବାବାଙ୍କର ପରମ ଭକ୍ତ ପାଲଟି ଯାଇଥିଲେ । ସେମାନେ ପାରାୟଣ ସପ୍ତାହ ପାଳନ କରୁଥିଲେ (କୌଣସି ଶୁକ୍ରବାରଠାରୁ ଆରମ୍ଭ କରି ଗୁରୁବାର ପର୍ଯ୍ୟନ୍ତ ସାତଦିନ ଧରି ଶ୍ରୀ ସାଇ ସଦ୍ ଚରିତ ପାଠ କରିବା) । ବହୁ ଭକ୍ତ ଜଣାଇଛନ୍ତି ଯେ ସେମାନଙ୍କର ଦୁଃଖ, ରୋଗ ଓ ସମସ୍ୟାମାନ ସାତଦିନ ପଢ଼ିବା ପରେ ଆଶ୍ଚର୍ଯ୍ୟଜନକ ଭାବରେ ଦୂର ହୋଇଯାଇଛି । ବର୍ତ୍ତମାନ ମୁଁ ଦୀକ୍ଷିତ ପରିବାରର ଶିରିଡ଼ି ସାଇବାବା ଓ ସତ୍ୟସାଇ ବାବାଙ୍କ ସହ ଯେଉଁ ସମ୍ପର୍କ ଗଢ଼ିଉଠିଥିଲା ତାହା ବର୍ଣ୍ଣନା କରୁଛି ।

ଦୀକ୍ଷିତ ପରିବାର

ପରମପ୍ରିୟ ସ୍ୱାମୀଙ୍କର ପ୍ରେରଣା କ୍ରମେ ଦୀକ୍ଷିତ ପରିବାରର ଇତିହାସ ନିମ୍ନରେ ଦିଆଗଲା ।

ଶ୍ରୀହରି ସୀତାରାମ ଦୀକ୍ଷିତ (୧୮୬୪-୧୯୨୬) ମଧ୍ୟପ୍ରଦେଶର ଖାଣ୍ଡ୍ୱା ନିବାସୀ ଏବଂ ତାଙ୍କୁ ଶିରିଡ଼ି ବାବା କାକା ସାହେବ ଦୀକ୍ଷିତ ବୋଲି ଡାକୁଥିଲେ । ସେ ନଗର ବ୍ରାହ୍ମଣ ଜାତିରେ ଜନ୍ମଲାଭ କରିଥିଲେ । ଏଠାରେ ପ୍ରଖ୍ୟାତ ସନ୍ଥ ନରସିଂହ ମେହେଟ୍ଟାଙ୍କ କଥା ଆମର ମନେପଡ଼େ । ସେ ମଧ୍ୟ ନଗର ବ୍ରାହ୍ମଣ ଥିଲେ ଏବଂ ତାଙ୍କର ଦୃଢ଼ ଭକ୍ତି ଯୋଗୁ ସେ ଭଗବାନ କୃଷ୍ଣଙ୍କର କୃପାଲାଭ କରିଥିଲେ ।

କାକା ସାହେବ ଦୀକ୍ଷିତ ଅତି ବୁଦ୍ଧିମାନ ଯୁବକ ଥିଲେ ଏବଂ ୧୯ ବର୍ଷ ବୟସରେ ଆଇନ ଡିଗ୍ରୀ ଲାଭ କରିଥିଲେ । ସେ ବମ୍ବେରେ ଲିଟିଲ୍ ଆଣ୍ଡ କୋ:ର ଓକିଲ ଭାବରେ କାର୍ଯ୍ୟ କରୁଥିଲେ । ଆବଶ୍ୟକ ଅଭିଜ୍ଞତା ଅର୍ଜନ କରିବା ପରେ ସେ ନିଜେ ଓକିଲାତି ବ୍ୟବସାୟ ଆରମ୍ଭ କଲେ ଏବଂ ସୌଭାଗ୍ୟପ୍ରାପ୍ତ ହେଲେ । ସେ ରାମାୟଣ, ଭଗବତ୍ ଗୀତା ଇତ୍ୟାଦି ହିନ୍ଦୁ ଧର୍ମଶାସ୍ତ୍ରରେ ପ୍ରବୀଣ ଥିଲେ ।

୧୯୦୯ ମସିହା ପୂର୍ବରୁ ଶିରିଡ଼ି ସାଇ ବାବାଙ୍କ ନାମ କାକା ସାହେବଙ୍କୁ ଜଣା ନ ଥିଲା । ଏହାପରେ ସେ ବାବାଙ୍କର ଜଣେ ବଡ଼ ଭକ୍ତ ପାଲଟିଯାଇଥିଲେ । ଯେତେବେଳେ ସେ ଲୋନାଭ୍‌ଲାରେ ରହୁଥିଲେ ତାଙ୍କର ପୁରାତନ ବନ୍ଧୁ ନାନା ସାହେବ ଚନ୍ଦୋରକରଙ୍କ



ଶିରିଡ଼ି ସାଇଙ୍କ ମହାସମାଧି

ସହିତ ତାଙ୍କର ଦେଖା ହୋଇଥିଲା । ସେମାନେ ଅନେକ ବିଷୟରେ କଥାବାର୍ତ୍ତା ହୋଇ ସମୟ କଟାଇଥିଲେ । କାକା ସାହେବ ଲଣ୍ଡନରେ ଗୋଟିଏ ଟ୍ରେନରେ ଯାଉଥିଲାବେଳେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ବୋଲି ତାଙ୍କୁ କହିଥିଲେ । ସେହି ଦୁର୍ଘଟଣାରେ ତାଙ୍କ ଗୋଡ଼ ଖସିଯାଇ ସେ ପଡ଼ିଯିବାରୁ ଗୋଡ଼ଟି ଭାଙ୍ଗିଯାଇଥିଲା ଏବଂ ସେ କ୍ଷତବିକ୍ଷତ ହୋଇଥିଲେ । ଶତାଧିକ ପ୍ରତିକାର ବ୍ୟବସ୍ଥା କରାଗଲେ ମଧ୍ୟ ସେ ଭଲ ହୋଇ ନ ଥିଲେ । ଏକଥା ଜାଣି ନାନା ସାହେବ ତାଙ୍କୁ କହିଥିଲେ ‘‘ତୁମେ ଯଦି ତୁମର ଗୋଡ଼ର ଯନ୍ତ୍ରଣା ଓ ଅଚଳାବସ୍ଥାରୁ ରକ୍ଷା ପାଇବା ପାଇଁ ଚାହଁ ତେବେ ସଦ୍‌ଗୁରୁ ସାଇବାବାଙ୍କ ନିକଟକୁ ଯାଅ ।’’ ସେ ତାଙ୍କୁ ସାଇବାବାଙ୍କ ସମ୍ପର୍କରେ ସମସ୍ତ ବିବରଣୀ ଦେଲେ ଏବଂ ବାବାଙ୍କର ବାଣୀ ଶୁଣାଇଥିଲେ । ବାବା କହିଥିଲେ ‘‘ଗୋଡ଼ରେ ଦଉଡ଼ି ବନ୍ଧା ହୋଇଥିବା ଘରଚଟିଆ ଯେପରି ଟାଣି ହୋଇ ଯାଇଥାଏ, ସେହିପରି ମୁଁ ଦୂରଦୂରାନ୍ତରୁ ଏପରିକି ସାତ ସମୁଦ୍ର ପାରି ଲୋକମାନଙ୍କୁ ମୋ ନିକଟକୁ ଟାଣି ଆଣେ ।’’ ଏକଥା ମଧ୍ୟ ସେ ସ୍ପଷ୍ଟ ଭାବରେ ଜଣାଇ ଦେଲେ ଯେ ଯଦି ସେ ବାବାଙ୍କ ଲୋକ ହୋଇ ନ ଥିବେ ତେବେ ବାବା ତାଙ୍କୁ ଆକର୍ଷିତ କରିବେ ନାହିଁ ଏବଂ ଦର୍ଶନ ମଧ୍ୟ ଦେବେ ନାହିଁ । ଏକଥା ଶୁଣି କାକା ସାହେବ ଅତ୍ୟନ୍ତ ଖୁସି ହୋଇଥିଲେ ଏବଂ ନାନା ସାହେବଙ୍କୁ କହିଥିଲେ ଯେ ସେ ବାବାଙ୍କ ପାଖକୁ ଯିବେ, ଦର୍ଶନ କରିବେ ଏବଂ ତାଙ୍କୁ ଭଲ କରିଦେବାକୁ ପ୍ରାର୍ଥନା କରିବେ । କେବଳ ଛୋଟା ଗୋଡ଼ ଭଲ କରିବାକୁ ନୁହେଁ, ଛୋଟା ଗୋଡ଼ ସହିତ ତାଙ୍କର ମାନସିକ ଅସ୍ଥିରତାକୁ ମଧ୍ୟ ଭଲ କରି ଶାଶ୍ୱତ ଆନନ୍ଦ ଦେବା ପାଇଁ ପ୍ରର୍ଥନା କରିବେ ।

ଯଥା ସମୟ ଆସି ଉପସ୍ଥିତ ହେଲା ଏବଂ କାକା ସାହେବ ଦୁଇଜଣ ସଚ୍ଚା ଭକ୍ତଙ୍କ ସହିତ ଶିରିଡ଼ି ଯାଇଥିଲେ । ସେ ଦୁଇଜଣ ଭକ୍ତ ହେଲେ ନାନା ସାହେବ ପାନ୍‌ସେ ଓ ଆପ୍ପା ସାହେବ ଗାଡ୍ରେ । କାକା ସାହେବ ଜଣେ ଅତ୍ୟନ୍ତ କାର୍ଯ୍ୟବ୍ୟସ୍ତ ଲୋକ ଥିଲେ ଏବଂ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଥିଲେ । କିନ୍ତୁ ବାବା ଦଉଡ଼ା ଟାଣିଦେଲେ ଏବଂ ତାଙ୍କୁ ପାଖକୁ ନେଇଗଲେ ।

ବାବାଙ୍କୁ ଦର୍ଶନ କରିବା ମାତ୍ରେ କାକା ସାହେବ ସମ୍ପୂର୍ଣ୍ଣ ବିମୋହିତ ହୋଇଯାଇଥିଲେ । ତାଙ୍କୁ ଲାଗୁଥିଲା ଯେପରି ବାବାଙ୍କ ସହିତ ତାଙ୍କ ସମ୍ପର୍କ ଦୀର୍ଘଦିନର । କାକା ସାହେବଙ୍କ ମନ ତରଳି ଯାଇଥିଲା, ଚକ୍ଷୁ ଲୋତକରେ ପୂର୍ଣ୍ଣ ହୋଇ ଯାଇଥିଲା ଏବଂ ସେ ଆନନ୍ଦରେ ବିଗଳିତ ହୋଇ ପଡ଼ିଥିଲେ । ବାବା ତାଙ୍କୁ ପାଖରେ ବସାଇ କହିଥିଲେ ‘‘ମୁଁ ଦୀର୍ଘଦିନ ହେଲା ତୁମକୁ ଅପେକ୍ଷା କରିଥିଲି । ଶେଷରେ ତୁମେ ଆସିଲ ।’’

ତା ପରେ କାକା ସାହେବ ବାବାଙ୍କ ପାଖରେ ବହୁବର୍ଷ ଧରି ଅତି ଆନନ୍ଦରେ କଟାଇଥିଲେ । ସେ ଶିରିଡ଼ିଠାରେ ଏକ ୱାଡା (କୋଠାଘର) ନିର୍ମାଣ କରିଥିଲେ । ସେହି

କୋଠାକୁ ସେ ପ୍ରାୟ ନିଜର ସ୍ଥାୟୀ ନିବାସ କରିଥିଲେ । ଏଥିରେ ଶିରିଡ଼ିକୁ ଆସୁଥିବା ଅନ୍ୟ ଭକ୍ତମାନେ ରହିବା ପାଇଁ ମଧ୍ୟ ସୁବିଧା ଥିଲା । ବାବା ଏହାର ନାମ 'ଦୀକ୍ଷିତ ୱାଡ଼ା' ବୋଲି ରଖିଥିଲେ । ବାବାଙ୍କ ପାଦପଦ୍ମରେ କାକା ସାହେବ ସମ୍ପୂର୍ଣ୍ଣ ରୂପେ ଆତ୍ମସମର୍ପଣ କରିଥିଲେ ।

ଶେଷରେ ବାବା ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ କାକା ସାହେବଙ୍କର ଜୀବନାବସାନ କାଳରେ ସେ ଆସି ତାଙ୍କୁ ନେଇଯିବେ । ସେତେବେଳେ ଏକଥା କେହି ବୁଝି ପାରି ନ ଥିଲେ । ବାବାଙ୍କର କହିବାର ଅର୍ଥ ହେଲା ସେ ତାଙ୍କୁ ରୋଗ ଓ କଷ୍ଟ ବିହୀନ ଶାନ୍ତିପୂର୍ଣ୍ଣ ମୃତ୍ୟୁ ଦେବେ । ନିମ୍ନ ପ୍ରକାରେ ଏହା ଘଟିଥିଲା ।

୧୯୬୬ ମସିହା ଜୁଲାଇ ୫ ତାରିଖ ଦିନ କାକା ସାହେବ ଶ୍ରୀ ସାଇ ସତ୍‌ଚରିତର ମୂଳଲେଖକ ଶ୍ରୀ ଗୋବିନ୍ଦ ରାଓ ରଘୁନାଥ ଦାଭୋଲକର (ହେମଦ୍ ପନ୍ଥ)ଙ୍କ ସହିତ ଟ୍ରେନରେ ଯାତ୍ରା କରୁଥିଲେ । କଥାବାର୍ତ୍ତା ସମୟରେ କାକା ସାହେବଙ୍କର ଭାବାନ୍ତର ହେଲା ଯେପରି ସେ ବାବାଙ୍କୁ ଧ୍ୟାନ କରୁଛନ୍ତି । ହଠାତ୍ କୌଣସି ଯନ୍ତ୍ରଣା କିମ୍ବା ଶ୍ୱାସକ୍ରିୟାରେ କୌଣସି ପ୍ରକାର ବ୍ୟତିକ୍ରମ ନ ଥାଇ ସେ ହେମଦ୍ ପନ୍ଥଙ୍କ କାନ୍ଧ ଉପରକୁ ଢଳି ପଡ଼ିଲେ ।

କାକା ସାହେବଙ୍କର ଏହି ଇତିହାସ ପରେ ମୋ କାହାଣୀ ଏବେ ତାଙ୍କ ପୁତୁରା ମାଧବ ଦୀକ୍ଷିତଙ୍କ ଉପରେ ଆଧାରିତ ହେବ । ଆଠବର୍ଷ ବୟସରେ ମାଧବ ଶିରିଡ଼ିରେ ରହୁଥିବା ତାଙ୍କ କାକାଙ୍କ ନିକଟକୁ ୧୯୧୦ ମସିହାରେ ଯାଇଥିଲେ ଏବଂ ୧୯୧୮ ମସିହାରେ ବାବା ଦେହତ୍ୟାଗ କଲା ପର୍ଯ୍ୟନ୍ତ ସେଠାରେ ରହିଥିଲେ । ସେ ସ୍ୱାସ୍ଥ୍ୟବାନ ପିଲା ଥିଲେ ମାତ୍ର ବେଳେବେଳେ ପ୍ରାୟ ମଧ୍ୟାହ୍ନ ବେଳକୁ ଭୀଷଣ ମୁଣ୍ଡବ୍ୟଥା ଜନିତ ଯନ୍ତ୍ରଣା ଭୋଗୁଥିଲେ । ଏକଥା ସେ କାକା ସାହେବଙ୍କୁ ବହୁବାର କହିଥିଲେ ।

ଥରେ ଯେତେବେଳେ ଶିରିଡ଼ି ବାବା ଧୂନୀ (ପବିତ୍ର ଅଗ୍ନିଶିଖା) ନିକଟରେ ବସିଥିଲେ, ମାଧବ ସାଂଘାତିକ ଭାବରେ ମୁଣ୍ଡବ୍ୟଥାରେ ଆକ୍ରାନ୍ତ ହୋଇ ପଡ଼ିଲେ । ସେ ସଂଗେ ସଂଗେ କାକାଙ୍କ ନିକଟକୁ ଗଲେ ଏବଂ କାକା କହିଥିଲେ "ବାବା ତାଙ୍କ ଧୂନୀ ନିକଟରେ ଅଛନ୍ତି । ସେଠାକୁ ଯାଇ ଏକଥା କହ ।" ମାଧବ ବାବାଙ୍କ ନିକଟକୁ ଗଲେ ଏବଂ କାକାଙ୍କ ପରାମର୍ଶ ଅନୁସାରେ ବାବାଙ୍କୁ ମୁଣ୍ଡବ୍ୟଥା କଥା ଜଣାଇଲେ । ବାବା ଧୂନୀରୁ ଟିକେ ବିଭୂତି ନେଇ ନିର୍ଦ୍ଦେଶ ଦେଲେ "ଏଠାକୁ ଆସ" । ମାଧବ ବାବାଙ୍କ ନିକଟକୁ ଲାଗି ଆସିଲେ ଏବଂ ବାବା ତାଙ୍କ ତାଳୁରେ ଏକ ଶକ୍ତ ଚାପୁଡ଼ା ମାରିଲେ । ପିଲାଟି କାନ୍ଦିବାକୁ ଲାଗିଲା ଏବଂ କାକାଙ୍କ ନିକଟକୁ ଦୌଡ଼ିଯାଇ କହିଲା ଯେ ସେ ଆଉ କେବେହେଲେ ବାବାଙ୍କ ପାଖକୁ ଯିବ ନାହିଁ । କାକା ତାକୁ ପ୍ରଶ୍ନ କଲେ "ତୋ ମୁଣ୍ଡ ବିନ୍ଧା କିପରି ଅଛି ?" ସେ ଉତ୍ତର ଦେଲେ "ଏହା ଆଦୌ ନାହିଁ ।" କାକା ପିଲାଟିକୁ ଦୃଢ଼

ଭାବରେ କହିଥିଲେ "ବାବା ତୋର ମୁଣ୍ଡବିନ୍ଧା ସମ୍ପୂର୍ଣ୍ଣ ଭାବରେ ଭଲ କରି ଦେଇଛନ୍ତି ।" ଏହାପରେ ମାଧବ ଆଉ କେବେହେଲେ ମୁଣ୍ଡବିନ୍ଧା ଜନିତ କଷ୍ଟ ଭୋଗ କରି ନାହାନ୍ତି ।

ମାଙ୍ଗାଲୋରରେ ମୁଁ ଡାକ୍ତରୀ ପାଠ ପଢୁଥିବାବେଳେ ଅକସ୍ମାତ ଗୋଟିଏ ହିନ୍ଦୁ ହୋଟେଲରେ ମାଧବ ଦୀକ୍ଷିତଙ୍କ ସହିତ ମୋର ସାକ୍ଷାତ ହେଲା । ତାଙ୍କ ନାମ ଜାଣିଲା ପରେ ଶିରିଡ଼ି ସାଇବାବାଙ୍କ ପରମ ଭକ୍ତ ହରି ସୀତାରାମ ଦୀକ୍ଷିତଙ୍କୁ ସେ ଜାଣନ୍ତି କି ନାହିଁ ପଚାରିଲି । ମୋଠାରୁ ଏହି ନାମ ଶୁଣି ସେ ଆଶ୍ଚର୍ଯ୍ୟ ହେଲେ କାରଣ ହରି ସୀତାରାମ ଦୀକ୍ଷିତ ତାଙ୍କ କକା ଥିଲେ ଏବଂ ସେ ନିଜେ ତାଙ୍କ ସହିତ ଶିରିଡ଼ିରେ ୧୯୧୦ରୁ ୧୯୧୮ ପର୍ଯ୍ୟନ୍ତ ରହିଥିଲେ । ସେ ମୋତେ କହିଲେ ଯେ ଶିରିଡ଼ିସାଇ ବାବା ମର ଶରୀର ତ୍ୟାଗ କଲାବେଳେ ତାଙ୍କୁ ୧୬ ବର୍ଷ ବୟସ ହୋଇଥିଲା । ମାଧବ ଦୀକ୍ଷିତ ଗୋଟିଏ କମ୍ପାନୀରେ ହିସାବ ରକ୍ଷକ ଥିଲେ ଏବଂ ମାଙ୍ଗାଲୋରରେ କାର୍ଯ୍ୟ କରୁଥିଲେ । ସେହି ସ୍ଥାନରେ ଆମର ବହୁ ସମୟରେ ସାକ୍ଷାତ ହେଉଥିଲା ଏବଂ ଆମେ ଶିରିଡ଼ି ସାଇ ବାବାଙ୍କ ଜୀବନ ଚରିତ ଓ ତାଙ୍କ ଶେଷ ଜୀବନ ସମ୍ପର୍କରେ କୌତୁହଳଜନକ କଥାବାର୍ତ୍ତା ହେଉଥିଲୁ । ଶିରିଡ଼ି ସାଇ ବାବା ତାଙ୍କ ମହାସମାଧି ପୂର୍ବରୁ ତାଙ୍କ କାକାଙ୍କୁ ଯେଉଁ ମୂଲ୍ୟବାନ ସୂଚନା ଦେଇଥିଲେ ସେ ସମ୍ପର୍କରେ ମୁଁ ମାଧବ ଦୀକ୍ଷିତଙ୍କୁ କହିଥିଲି । ଶିରିଡ଼ି ସାଇବାବା ସେତେବେଳେ କହିଥିଲେ ଯେ ସେ ଶୀଘ୍ର ଏ ଶରୀର ତ୍ୟାଗ କରିବେ ଏବଂ ଆଠବର୍ଷ ବୟସରେ ପୁଣି ଆସିବେ । ମୁଁ ତାଙ୍କୁ ସୂଚନା ଦେଇଥିଲି ଯେ ଦାଭୋଲକର ତାଙ୍କ ଦ୍ୱାରା ମରାଠୀ ଭାଷାରେ ଲିଖିତ ଶ୍ରୀ ସାଇ ସତ୍‌ଚରିତ ବହିର ଦ୍ୱିତୀୟ ପୃଷ୍ଠାରେ ଏ ସମ୍ପର୍କରେ ବିଶଦ ବିବରଣୀ ଦେଇଛନ୍ତି । ମାଧବ ଦୀକ୍ଷିତ ଏସବୁ ବିବରଣୀ ସମ୍ପର୍କରେ ସମ୍ପୂର୍ଣ୍ଣ ଭାବରେ ସଚେତନ ଥିଲେ । ମାତ୍ର ସେ ଜାଣି ନ ଥିଲେ ଯେ ଶିରିଡ଼ି ସାଇ ବାବା ଭଗବାନ ଶ୍ରୀ ସତ୍ୟସାଇ ବାବା ରୂପରେ ଅବତରଣ କରି ସାରିଲେଣି । ସେ ଏକଥା ବିଶ୍ୱାସ କରି ପାରି ନ ଥିଲେ ଏବଂ ସେ କହିଥିଲେ ଯେ, ସେ ସବୁବେଳେ ଶିରିଡ଼ିର ଭକ୍ତମାନଙ୍କ ସମ୍ପର୍କରେ ଆସୁଛନ୍ତି ଏବଂ ସେହି ଭକ୍ତମାନେ ଶିରିଡ଼ି ସାଇବାବା ଶ୍ରୀ ସତ୍ୟସାଇ ବାବା ରୂପରେ ଅବତରଣ କରିବା କଥା ଜାଣନ୍ତି ନାହିଁ ।

ମୁଁ ତାଙ୍କୁ ମୋ ସହିତ ପୁଟ୍ଟାପର୍ତ୍ତି ଯିବା ପାଇଁ ଅନୁରୋଧ କଲି ଏବଂ ପରମପ୍ରିୟ ସ୍ୱାମୀଙ୍କ ସମ୍ପର୍କରେ ମୋର ଅଭିଜ୍ଞତା କଥା କହିଥିଲି । ସେ ସେସବୁ ଆଗ୍ରହର ସହିତ ଶୁଣିଥିଲେ । ଛୁଟିରେ ମୋର ପରବର୍ତ୍ତି ପୁଟ୍ଟାପର୍ତ୍ତି ଯାତ୍ରା କାଳରେ ସେ, ତାଙ୍କ ଧର୍ମପତ୍ନୀ ଓ ଅନ୍ୟ କେତେକ ଭକ୍ତ ମୋ ସହିତ ପୁଟ୍ଟାପର୍ତ୍ତି ଯାଇଥିଲେ । ଆମ ଦଳରେ ପ୍ରାୟ ବାରଜଣ ଥିଲେ । ବାଙ୍ଗାଲୋର ଦେଇ ପ୍ରାୟ ଆଠଘଣ୍ଟା ଯାତ୍ରା କରିବା ପରେ ଆମେ ପୁଟ୍ଟାପର୍ତ୍ତିରେ ପହଞ୍ଚିଲୁ । ସେତେବେଳେ ବାବା ସାକ୍ଷାତକାର କୋଠରୀରୁ ବାହାରି ଆସୁଥିଲେ । ସେ ମୋତେ ଦେଖିବା ମାତ୍ରେ ପଚାରିଥିଲେ "ଦୀକ୍ଷିତଙ୍କୁ ତୁମ ସହିତ

ଜାଣିଛ କି ? ସେ ସ୍ୱାମୀଙ୍କ ସହିତ ଆଠବର୍ଷ ରହିଥିଲେ । ଏହା ଠିକ୍ ନୁହେଁ କି ?'' ମାଧବ ଦୀକ୍ଷିତ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଏବଂ ଉତ୍ତର ଦେଲେ ''ହଁ ସ୍ୱାମୀ, ଆପଣ ସମ୍ପୂର୍ଣ୍ଣ ଭାବରେ ଠିକ୍ କଥା କହିଛନ୍ତି ।''

ପରମପ୍ରିୟ ସ୍ୱାମୀ ପ୍ରତିଶ୍ରୁତି ଦେଲେ ''ସାକ୍ଷାତକାର କୋଠରୀକୁ ଆସ । ସ୍ୱାମୀ ତୁମକୁ ତାଙ୍କର ସ୍ୱାମୀଙ୍କ ସହିତ ଆଠ ବର୍ଷ ରହଣିର ସମସ୍ତ ବିବରଣୀ ଦେବେ ।''

ସେ ଆମକୁ ସାକ୍ଷାତକାର କୋଠରୀକୁ ଡାକିନେଲେ ଏବଂ ବିଭୂତି ସୃଷ୍ଟି କରି ସମସ୍ତଙ୍କୁ ଦେଲେ । ଏହି ଦିବ୍ୟ ବିଭୂତି ପାଇ ଏବଂ ବିଭୂତି ସୃଷ୍ଟିର ଅଲୌକିକତା ଦେଖି ପ୍ରତ୍ୟେକ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ । ଆମ ସମସ୍ତଙ୍କ ସମ୍ମୁଖରେ ସ୍ୱାମୀ ଦୀକ୍ଷିତଙ୍କୁ କେତେକ ପ୍ରଶ୍ନ ପଚାରିଥିଲେ । ସେତେବେଳେ ଆମେ ସେ ସମ୍ପର୍କରେ କିଛି ବୁଝିପାରି ନ ଥିଲୁ । ସେ ପଚାରିଥିଲେ । ''ଶିରିଡ଼ିଠାରେ ମୁଁ ତୁମ ତାଳୁରେ ଥାପଡ଼ ମାରିବା ପରେ ତୁମେ କଣ ଆଉ ମୁଣ୍ଡବିନ୍ଧା କଷ୍ଟ ପାଉଛ ?'' ମାଧବ ଦୀକ୍ଷିତ ଆଶ୍ଚର୍ଯ୍ୟରେ ହତବାକ୍ ହୋଇ ଯାଇଥିଲେ । ତାଙ୍କ ଗଣ୍ଡସ୍ଥଳ ଦେଇ ଲୋତକ ଝରିଆସିଥିଲା । ସେ ସ୍ୱାମୀଙ୍କ ପାଦତଳେ ଲମ୍ବ ହୋଇ ପଡ଼ିଗଲେ । ତାଙ୍କ ଦିବ୍ୟ ପାଦପଦ୍ମରେ ସାଷ୍ଟାଙ୍ଗ ପ୍ରଣିପାତ ଜଣାଇଲେ । ବାବା ପୁଣି କହିଥିଲେ ''ଏତିକି ଯଥେଷ୍ଟ ନୁହେଁ । ବ୍ୟକ୍ତିଗତ ସାକ୍ଷାତକାର ବେଳେ ମୁଁ ଅଧିକ ପ୍ରମାଣ ଦେବି ।''

ଏହାପରେ ସେ ଆମକୁ ଘରୋଇ ଭାବରେ ବ୍ୟକ୍ତିଗତ ସାକ୍ଷାତକାର ଦେଇଥିଲେ । ଏହି ବ୍ୟକ୍ତିଗତ ସାକ୍ଷାତକାରବେଳେ ଆମର ସମସ୍ୟା ସମ୍ପର୍କରେ କଥାବାର୍ତ୍ତା ହୋଇଥିଲା । ସେ ଆମ ସମସ୍ୟାଗୁଡ଼ିକର ସମାଧାନ ପାଇଁ ନିର୍ଭର ପ୍ରତିଶ୍ରୁତି ଏବଂ ପରାମର୍ଶ ଦେଇଥିଲେ । ମାଧବ ଦୀକ୍ଷିତଙ୍କ ସହିତ ବ୍ୟକ୍ତିଗତ ସାକ୍ଷାତକାର ବେଳେ ସେ ଶିରିଡ଼ିରେ ଘଟିଥିବା ସମସ୍ତ ଘଟଣାର ବିଶଦ ବିବରଣୀ ଦେଇଥିଲେ । ଏ ସମ୍ପର୍କରେ ମୁଁ ଆଗରୁ ସଚେତନ ଥିଲି କାରଣ ମାଙ୍ଗାଲୋରଠାରେ ମାଧବ ଦୀକ୍ଷିତଙ୍କ ସହିତ ମୋର ଏ ସମ୍ପର୍କରେ କଥାବାର୍ତ୍ତା ହୋଇଥିଲା ।

କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରକଟିତ ସତ୍ୟ ଥିଲା କାକା ସାହେବ ଦୀକ୍ଷିତଙ୍କ ସମ୍ପର୍କରେ । ପରମପ୍ରିୟ ସ୍ୱାମୀ କହିଥିଲେ ''କାକା ସାହେବ ଅଳସୁଆ ଲୋକ ଥିଲେ । ଶିରିଡ଼ି ବାବା ଆଠ ବର୍ଷର ବାଳକ ରୂପରେ ଆସିବେ ବୋଲି କହି ନଥିଲେ । କିନ୍ତୁ ଆଠବର୍ଷ ପରେ ଆସିବେ ବୋଲି କହିଥିଲେ ।'' (ଶିରିଡ଼ି ସାଇବାବା ୧୯୧୮ ମସିହାରେ ମହାସମାଧି ଲାଭ କରିଥିଲେ ଏବଂ ସତ୍ୟସାଇବାବା ୧୯୨୬ ମସିହାରେ ଠିକ୍ ଆଠବର୍ଷ ପରେ ଜନ୍ମଗ୍ରହଣ କରିଥିଲେ) କାକା ସାହେବ ଏହାକୁ ସଙ୍ଗେ ସଙ୍ଗେ ସିଧାସଳଖ ଲେଖି ନ ଥିଲେ ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ସତ୍ୟକୁ ଠିକ୍ ଭାବରେ ମନେ ରଖି ପାରି ନ ଥିଲେ । ମାଧବ ଦୀକ୍ଷିତ ଶିରିଡ଼ିରେ ଥିଲାବେଳେ ଯାହାସବୁ ଘଟିଥିଲା ତାର ବିଶଦ ବିବରଣୀ

ସ୍ୱାମୀ ଶ୍ରଦ୍ଧାନନ୍ଦ, ମାଧବ ଦୀକ୍ଷିତ ଏବଂ ଲେଖକ ଡକ୍ଟର ଗଡ଼ିଆଙ୍କ ସହିତ ଭଗବାନ ବାବା

ସ୍ୱାମୀ ପ୍ରକାଶ କରିଥିଲେ । ସତ୍ୟସାଇ ବାବା ଯେ ଶିରିଡ଼ି ସାଇଙ୍କର ଅବତାର ଏ ସମ୍ପର୍କରେ, ମୋ ସନ୍ଦେହର ବହୁ ଉର୍ଦ୍ଧ୍ୱରେ, ମାଧବ ଦୀକ୍ଷିତ ସମ୍ପୂର୍ଣ୍ଣ ଭାବରେ ନିଶ୍ଚିତ ହୋଇ ଯାଇଥିଲେ । ଏହି ବିବରଣୀ ପ୍ରଶାନ୍ତିନିଳୟମରୁ ପ୍ରକାଶ ପାଉଥିବା ମାସିକ ପତ୍ରିକା 'ସନାତନ ସାରଥି'ରେ ପ୍ରକାଶ ପାଇଥିଲା । ଏହି 'ସନାତନ ସାରଥି' ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ମାଧ୍ୟମରେ ମାନବ ସମାଜର ଆଧ୍ୟାତ୍ମିକ ଓ ନୈତିକ ମୂଲ୍ୟବୋଧର ବିକାଶ ପାଇଁ ଉତ୍ସର୍ଗୀକୃତ ।

ଯେତେବେଳେ ସାକ୍ଷାତକାର ଶେଷ ହେଲା ସ୍ୱାମୀ ଦରଜା ପାଖକୁ ଆସିଲେ ଏବଂ ମୋତେ କହିଥିଲେ ''ଆମେ କଣ ଦୀକ୍ଷିତକୁ ତାର ଅତୀତର ଇତିହାସ ସ୍ମରଣ କରାଇ ଦେବା ପାଇଁ କିଛି ଉପହାର ଦେବା ?'' ମୁଁ ଉତ୍ତର ଦେଲି ''ସ୍ୱାମୀ, ଆପଣଙ୍କର ଯାହା ଇଚ୍ଛା ।'' ତା ପରେ ସେ ନିଜ ଦକ୍ଷିଣହସ୍ତକୁ କୋଠରୀର ଦରଜା ସହିତ ଲମ୍ବ ସମାନ୍ତର ଭାବରେ ରଖି ସଂଚାଳନ କରିବାକୁ ଆରମ୍ଭ କଲେ । (ସାଧାରଣତଃ ସେ ତୀର୍ଯ୍ୟକ ଭାବରେ ହସ୍ତ ସଂଚାଳନ କରିଥାନ୍ତି) । କ୍ୟାମେରାର କ୍ଲିକ୍ ହେଲା ଭଳି ଏକ ଶବ୍ଦ ହେଲା ଏବଂ ଦଶତୋଳା (୬୦ଗ୍ରାମ) ଓଜନର ସୁନା ନିର୍ମିତ ଗୋଟିଏ ଶିରିଡ଼ିସାଇଙ୍କ ପ୍ରତିମୂର୍ତ୍ତି ତାଙ୍କ ହାତକୁ ଆସିଗଲା । ଶିରିଡ଼ିସାଇ ତାଙ୍କର ସ୍ୱାଭାବିକ ଢଙ୍ଗରେ ବାମ ଗୋଡ଼ ଉପରେ ଦକ୍ଷିଣ ଗୋଡ଼ ରଖି ଗୋଟିଏ ପଥର ଉପରେ ବସିଥିଲେ । ଏହି ପ୍ରତିମୂର୍ତ୍ତିଟିର ଉଚ୍ଚତା ୬ ଇଞ୍ଚ (୧୫ସି.ଏମ.) ଓ ପ୍ରସ୍ଥ ଦୁଇ ଇଞ୍ଚ (୫ ସି.ଏମ.) ଥିଲା । ଉପସ୍ଥିତ ପ୍ରତ୍ୟେକ ବ୍ୟକ୍ତି ଏହି ଅଲୌକିକ ସୃଷ୍ଟି ସଂଦର୍ଶନ କରି ଆଶ୍ଚର୍ଯ୍ୟ ହେବା ସହିତ ଅତ୍ୟନ୍ତ ଖୁସି ହୋଇଥିଲେ ।

ପରମପ୍ରିୟ ସ୍ୱାମୀ ମାଧବ ଦୀକ୍ଷିତଙ୍କୁ ପରାମର୍ଶ ଦେଲେ ''ଅଭିଷେକ (ମୂର୍ତ୍ତି ଉପରେ ବିଧି ବିଧାନ ଅନୁସାରେ ଜଳ ଢାଳିବା) କର ଏବଂ ସେହି ଜଳ ପାନ କର । ସ୍ୱାମୀ ଜାଣିଛନ୍ତି ତୁମର ସ୍ୱାସ୍ଥ୍ୟ ଅବସ୍ଥା ଭଲ ନୁହେଁ । ତେଣୁ ଏହି ପବିତ୍ର ଜଳ ତୁମକୁ ସମ୍ପୂର୍ଣ୍ଣ ରୂପେ ଭଲ କରିଦେବ ।'' ଏହି ପବିତ୍ର ଜଳକୁ ସେ ଅନ୍ୟକୁ ଦେଇ ପାରିବେ କି ବୋଲି ମାଧବ ଦୀକ୍ଷିତ ପ୍ରଶ୍ନ କଲେ । ସ୍ୱାମୀଙ୍କର ଉତ୍ତର ଥିଲା ''ହଁ, ସେ ଜଳ ଯେ କୌଣସି ବ୍ୟକ୍ତିକୁ ଦିଆଯାଇପାରେ । ଏହା ('କସ୍ମିକ୍ ରେ') ମହାଜାଗତିକ ରଶ୍ମି ଦ୍ୱାରା ଶକ୍ତି ସଞ୍ଚୟ କରିବ ଏବଂ ପ୍ରତ୍ୟେକଙ୍କୁ ଆନନ୍ଦ ଦେବ ।'' ଏହା ପରେ ମାଧବ ଦୀକ୍ଷିତ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିଥିଲେ ଏବଂ ଏହା ଅତି ଉତ୍ତମ ଫଳ ପ୍ରଦାନ କରିଥିଲା । ବହୁ ବ୍ୟକ୍ତି ରୋଗ କଷ୍ଟରୁ ଉପଶମ ପାଇଥିଲେ ।

ଆମ ଦଳରେ ଆସିଥିବା ଅନନ୍ତ କାମାତ୍ଙ୍କ ମା' ଶ୍ରୀମତୀ କାମାତ୍ଙ୍କ କ୍ଷେତ୍ରରେ ଯେଉଁ ଅଲୌକିକ ଘଟଣା ଘଟିଥିଲା ତାହା ଜାଣି ଆମେ ଭାବପ୍ରବଣ ହେବା ସହିତ ଆଶ୍ଚର୍ଯ୍ୟ ହୋଇଥିଲୁ । ବ୍ୟକ୍ତିଗତ ସାକ୍ଷାତକାର ପାଇଁ ସେମାନେ ସାକ୍ଷାତକାର କୋଠରୀକୁ

ପ୍ରବେଶ କରିବା ମାତ୍ରେ ସର୍ବଜ୍ଞାତା ପରମପ୍ରିୟ ସ୍ୱାମୀ ସିଧାସଳଖ ଶ୍ରୀମତୀ କାମାତ୍‌ଙ୍କୁ ପ୍ରଶ୍ନ କଲେ "ତୁମେ କଣ ମନସ୍ଥ କରି ନାହଁ କି ମାଧବ ଦୀକ୍ଷିତଙ୍କୁ ଦିଆଗଲା ପରି ତୁମକୁ ଯଦି ମୂର୍ତ୍ତିଟିଏ ଦିଆଯାଏ ତୁମେ ତାକୁ ସବୁଦିନ ପୂଜା କରିବ ?" ଶ୍ରୀମତୀ କାମାତ୍ ଏହା ଶୁଣିବା ମାତ୍ରେ ଅବାକ୍ ହୋଇଗଲେ ଏବଂ କହିଥିଲେ "ସ୍ୱାମୀ, ଆପଣ ମୋ ମନକଥା ଜାଣିପାରିଛନ୍ତି ।"

ତାପରେ ପରମପ୍ରିୟ ସ୍ୱାମୀ ତାଙ୍କର ଦକ୍ଷିଣ ହସ୍ତ ସଂଚାଳନ କଲେ ଏବଂ ଏକା ପ୍ରକାରର ଶିରିଡ଼ି ସାଇଙ୍କର ସୁନାର ମୂର୍ତ୍ତିଟିଏ ସୃଷ୍ଟି କରି ଶ୍ରୀମତୀ କାମାତ୍‌ଙ୍କୁ ଦେଲେ । ଏହି ମୂର୍ତ୍ତିଟିର ଆକାର ମାଧବ ଦୀକ୍ଷିତଙ୍କୁ ଦିଆଯାଇଥିବା ମୂର୍ତ୍ତିର ଅଧା ଥିଲା । ସ୍ୱାମୀ ତାଙ୍କୁ କହିଥିଲେ "ତୁମେ ଶାଢ଼ୀ ଭିତରେ ଏହାକୁ ଘୋଡ଼ାଇ ଦିଅ ଏବଂ ଏ କଥା କାହାରିକୁ କୁହ ନାହିଁ । କାରଣ ଏକଥା ଜାଣିବା ମାତ୍ରେ ସମସ୍ତେ ଏହିପରି ମୂର୍ତ୍ତି ମାଗିବେ । ମାଙ୍ଗାଲୋରରେ ପହଞ୍ଚି ତୁମେ ଏକଥା ପ୍ରକାଶ କରିପାର ।" ବାବା ଏହିଭଳି ସତର୍କତା ଅବଲମ୍ବନ କରିଥାନ୍ତି କାରଣ ସେ ସମସ୍ତଙ୍କର ମନ କଥା ଜାଣିଥାନ୍ତି ।

ବାବାଙ୍କର କରୁଣା

ଗୋଟିଏ ଉଲ୍ଲେଖଯୋଗ୍ୟ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବାବା ଯଦିଓ ପ୍ରତ୍ୟେକଙ୍କର ଭିତର ବାହାର ସବୁ କିଛି ଜାଣିଥାନ୍ତି ତଥାପି ସେ ସିଧାସଳଖ ଦୋଷତ୍ରୁଟି ପ୍ରକାଶ କରନ୍ତି ନାହିଁ କିନ୍ତୁ ପରୋକ୍ଷ ଭାବରେ ସାମାନ୍ୟ ସୂଚନା ଦିଅନ୍ତି । ଏ ଅଧ୍ୟାୟ ଶେଷ କରିବା ପୂର୍ବରୁ ମୁଁ ତାର ଗୋଟିଏ ଉଦାହରଣ ଦେବି ।

ଯୁକ୍ତରାଜ୍ୟର ଜଣେ ଭକ୍ତ ମିଷ୍ଟର ପ୍ରକାଶ ଭାଇ ପଟେଲ ଆମ ଦଳ ସହିତ ପୁଟ୍ଟାପର୍ତ୍ତି ଆସିଥିଲେ । ଯୁକ୍ତରାଷ୍ଟ୍ର ଆମେରିକାରେ ରହୁଥିବା ତାଙ୍କ ଭାଇ ମିଷ୍ଟର ଭାନୁ ଭାଇ ପଟେଲଙ୍କର ସାଂଘାତିକ ଚକ୍ଷୁ ସମସ୍ୟା ଦେଖାଦେଇଥିଲା । ଗୋଟିଏ ମାସ ଭିତରେ ଚକ୍ଷୁ ଅସ୍ତ୍ରୋପଚାର କରିବା ପାଇଁ ଡାକ୍ତରମାନେ ପରାମର୍ଶ ଦେଇଥିଲେ । ଅନ୍ୟଥା ସାଂଘାତିକ ଜଟିଳତା ଦେଖାଦେବ । ଆମେରିକାରେ ଏହି ଅସ୍ତ୍ରୋପଚାର କରିବା ସମ୍ଭବ ନ ହେବାରୁ ସେ ଭାରତ ଆସିଥିଲେ । ଗୁଜୁରାଟର ବରୋଦାରେ ରହୁଥିବା ଜଣେ ଚକ୍ଷୁ ଶଲ୍ୟ ଚିକିତ୍ସକଙ୍କ ପରାମର୍ଶ ପାଇଁ ସ୍ଥିର ହୋଇଥିଲା । ଏହି ସମୟରେ ଯୁକ୍ତରାଜ୍ୟର ଜଣେ ଭକ୍ତ ବରୋଦା ଯିବା ପୂର୍ବରୁ ସ୍ୱାମୀଙ୍କ ଦର୍ଶନ ପାଇଁ ପୁଟ୍ଟାପର୍ତ୍ତି ଯିବା ପାଇଁ ତାଙ୍କ ଭାଇଙ୍କୁ ପରାମର୍ଶ ଦେଇଥିଲେ । ସେହି ଅନୁସାରେ ରୋଗୀର ଭାଇ ଆମ ଦଳରେ ପୁଟ୍ଟାପର୍ତ୍ତି ଆସିଥିଲେ । ଭାନୁ ଭାଇଙ୍କର ସ୍ୱାମୀଙ୍କ ଉପରେ ଆଦୌ ବିଶ୍ୱାସ ନ ଥିଲା ଏବଂ ଆମ ସହିତ ଯିବା ପାଇଁ ସେ ମନା କରି ଦେଇଥିଲେ । କିନ୍ତୁ ତାଙ୍କ ଭାଇ ଆମ ଦଳରେ ଯିବା ପାଇଁ ତାଙ୍କୁ ବାଧ୍ୟ କରିଥିଲେ । ଯଦି ସେ ଚାହାଁନ୍ତି ତେବେ ଦର୍ଶନକୁ ନ ଯାଇ ନିଜ କୋଠରୀରେ ରହିପାରନ୍ତି ।

ଶେଷରେ ସେ ଆମ ଦଳରେ ଯୋଗ ଦେବାକୁ ରାଜି ହେଲେ । ବୋଧହୁଏ ପରମପ୍ରିୟ ସ୍ୱାମୀ ତାଙ୍କୁ ଆଶୀର୍ବାଦ କରିବା ପାଇଁ ସ୍ଥିର କରିଥିଲେ । ଯେତେବେଳେ ଭାନୁ ଭାଇ ପୃଥିବୀର ବିଭିନ୍ନ କୋଣରୁ ଆସିଥିବା ହଜାର ହଜାର ଲୋକଙ୍କୁ ପୁଟ୍ଟାପର୍ତ୍ତିରେ ଦେଖିଲେ ତାଙ୍କର କୌତୁହଳ ବଢ଼ିବାକୁ ଲାଗିଲା ଏବଂ ସେ ସ୍ଥିର କଲେ ହଲର ପଛରେ ନୀରବରେ ବସି ରହିବେ । ପରମପ୍ରିୟ ସ୍ୱାମୀ ସକାଳ ୭ଟାରେ ଆସିଲେ ଏବଂ ଭାନୁ ଭାଇ ତାଙ୍କର ପ୍ରଥମ ଦର୍ଶନ ଲାଭ କଲେ । ସେ ସେଠାକାର ଶୃଙ୍ଖଳା ଓ ଶାନ୍ତି ପରିବେଶ ଦେଖି ପ୍ରଭାବିତ ଓ ଆକର୍ଷିତ ହେଲେ । ତା ପରଠାରୁ ସେ ନିୟମିତ ଆମ ସହିତ ଦର୍ଶନ ପାଇଁ ଆସିବାକୁ ଲାଗିଲେ ।

କିଛିଦିନ ପରେ ଆମ ଦଳକୁ ସାକ୍ଷାତକାର ପାଇଁ ଡାକରା ଆସିଲା । ସ୍ୱାମୀ ପ୍ରଥମେ ସାଧାରଣ ଭାବରେ ସମସ୍ତଙ୍କ ସହିତ କଥାବାର୍ତ୍ତା ହେଲେ ଏବଂ ଭାନୁଭାଇଙ୍କ ଆଡ଼କୁ ହଠାତ୍ ବୁଲିପଡ଼ି ପଚାରିଲେ ''କିପରି ଅଛ ?'' ସେ ଉତ୍ତର ଦେଲେ ''ମୁଁ ଭଲ ଅଛି ।'' ପରମପ୍ରିୟ ସ୍ୱାମୀ ସଙ୍ଗେ ସଙ୍ଗେ କହିଥିଲେ ''ନାଁ, ତୁମେ ଭଲ ନାହଁ । ତୁମକୁ ତିନୋଟି ଦୁର୍ଗୁଣ ଛାଡ଼ିବାକୁ ହେବ ।'' ଭାନୁଭାଇ ବାବାଙ୍କ ସୂଚନାକୁ ବୁଝିଗଲେ । ଏହି ସାକ୍ଷାତକାର ସମୟରେ ପରମପ୍ରିୟ ସ୍ୱାମୀ ପୃଥକ ପୃଥକ ଭାବରେ ଆମ ସହିତ ଏବଂ ପ୍ରତ୍ୟେକଙ୍କ ପରିବାର ସହିତ ଫଟୋ ଉଠାଇଥିଲେ । ଏଥିରେ ପ୍ରତ୍ୟେକ ଖୁସି ହୋଇଥିଲେ । ପରମପ୍ରିୟ ସ୍ୱାମୀ ଫଟୋ ମାଧ୍ୟମରେ ସ୍ଥାୟୀ ବିବରଣୀ ରଖିବାକୁ ଚାହିଁଥିବାରୁ ଆମ ସହିତ ସାକ୍ଷାତକାର ପାଇଁ ଆସିଥିବା ଜଣେ ବିଦେଶୀ ଭକ୍ତକୁ କ୍ୟାମେରା ଆଣିବାକୁ ପ୍ରେରଣା ଦେଇଥିଲେ ।

ମିଷ୍ଟର ପ୍ରକାଶ ଭାଇ ଏବଂ ତାଙ୍କ ପରିବାର ସହିତ ତାଙ୍କ ଭାଇ ବରୋଦା ଫେରିଗଲେ ଏବଂ ଚକ୍ଷୁ ବିଶେଷଜ୍ଞଙ୍କ ସହିତ ପରାମର୍ଶ କଲେ । ଆଶ୍ଚର୍ଯ୍ୟର କଥା ଯେ ତାଙ୍କ ଭାଇଙ୍କର ଚକ୍ଷୁ ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ ଅବସ୍ଥାରେ ଥିଲା, ଯଦିଓ ବରୋଦାର ଡାକ୍ତର ଆମେରିକାରେ କରାଯାଇଥିବା ଚକ୍ଷୁ ପରୀକ୍ଷା ରିପୋର୍ଟ ଦେଖି ଅସ୍ୱାଭାବିକତା ସମ୍ପର୍କରେ ସୂଚନା ପାଇଥିଲେ । ତାଙ୍କର (ଭାନୁଭାଇଙ୍କର) ତିନୋଟି ଦୁର୍ଗୁଣ ହେଲା– ଧୂମ୍ରପାନ, ମଦ୍ୟପାନ ଓ ଆମିଷ ଭୋଜନ । ସ୍ୱାମୀ ସତର୍କ କରାଇବା ଅନୁସାରେ ଭାନୁଭାଇ ତାଙ୍କର ତିନୋଟି ଦୁର୍ଗୁଣକୁ ତ୍ୟାଗ କରିଥିଲେ । ଏହିପରି ପରମପ୍ରିୟ ସ୍ୱାମୀ ଭକ୍ତମାନଙ୍କ ଉପରେ ତାଙ୍କର କୃପା ବୃଷ୍ଟି କରିଥାନ୍ତି ଏବଂ ସେମାନଙ୍କ ମଧ୍ୟରେ ପରିବର୍ତ୍ତନ ଆଣିଥାନ୍ତି ।

ଦର୍ଶନ ଦ୍ୱାରା ସମସ୍ୟା ଦୂର ହୋଇପାରେ

ଥରେ ସ୍ୱାମୀ କହିଥିଲେ ''ଇଣ୍ଟରଭ୍ୟୁ'' (ସାକ୍ଷାତକାର)ର ଆବଶ୍ୟକତା ନାହିଁ, ଆବଶ୍ୟକ ରହିଛି 'ଇନରଭ୍ୟୁ'– (ଅନ୍ତର୍ଦୃଷ୍ଟି)ର । ସ୍ୱାମୀଙ୍କର ପାଦ ସ୍ପର୍ଶ କରିବାର ଆବଶ୍ୟକତା ନାହିଁ, ମାତ୍ର ତୁମ ସମସ୍ୟା ଦର୍ଶନ ଦ୍ୱାରା ସମାଧାନ ହୋଇପାରେ ।''

ପରମପ୍ରିୟ ବାବା ପୁଣି କହିଥିଲେ ''ମୁଁ ତୁମ୍ଭମାନଙ୍କ ମଧ୍ୟରେ ବୁଲୁଥିଲାବେଳେ ତୁମ୍ଭମାନଙ୍କ ଭିତରେ ହେଉଥିବା ପରିବର୍ତ୍ତନକୁ ହାଲକା ଭାବେ ଗ୍ରହଣ କର ନାହିଁ । ମୋ ଦୃଷ୍ଟି ଯାହା ଉପରେ ପଡ଼ିବ ତାର ପରିବର୍ତ୍ତନ ଅବଶ୍ୟମ୍ଭାବି । ସବୁବେଳେ ମୋ ଦର୍ଶନ ପରେ ଏକ ନିରୋଳା ସ୍ଥାନ ବାଛିନିଅ ଯେଉଁଠାରେ ତୁମେ ସ୍ଥିରତା ଭିତରେ ପ୍ରବେଶ କରିବ ଏବଂ ମୋ କୃପାର ସମ୍ପୂର୍ଣ୍ଣତା ପ୍ରାପ୍ତ ହେବ । ମୁଁ ତୁମ ପାଖ ଦେଇ ଗଲାବେଳେ ମୋର ଶକ୍ତି ମୋଠାରୁ ନିସୃତ ହୁଏ । ଯଦି ତୁମେ ଅନ୍ୟ ସହିତ ଗପସପରେ ମାତିଥାଅ ତେବେ ଏହି ଅମୂଲ୍ୟ ଶକ୍ତି ବିକ୍ଷିପ୍ତ ଭାବରେ ଅବ୍ୟବହୃତ ହୋଇ ମୋ ପାଖକୁ ଫେରିଆସେ । କିନ୍ତୁ ନିଶ୍ଚିତ ରୁହ ଯେ ମୋ ଆଖି ଯାହା ଦେଖେ ସେ ସବୁଥିରେ ପ୍ରାଣ ସଂଚାର ହୁଏ ଏବଂ ସେଥିରେ ଆକସ୍ମିକ ପରିବର୍ତ୍ତନ ଆସେ । ତୁମେ ଦିନକୁଦିନ ପରିବର୍ତ୍ତିତ ହେଉଛ । ଦର୍ଶନ ଦ୍ୱାରା ଯାହା କିଛି ସମ୍ପାଦିତ ହେଉଛି ସେ ସବୁକୁ ନ୍ୟୁନ ମନେ କର ନାହିଁ । ମୁଁ ତୁମ ଭିତରେ ବୁଲିବା ତୁମ ପାଇଁ ଏକ ଉପହାର । ଏହା ସ୍ୱର୍ଗର ଶୀର୍ଷ ଦେଶରେ ଥିବା ଭଗବାନଙ୍କର ବଳବତୀ ଇଚ୍ଛା ଏବଂ ଏଠାରେ ତୁମେ ଏହି କୃପା ଲାଭ କରୁଛ । କୃତଜ୍ଞ ରୁହ । ଯଥା ସମୟରେ ତୁମେ ପାଉଥିବା କୃପା ଆପେ ଆପେ ପ୍ରକାଶମୟ ହେବ । କିନ୍ତୁ ମନେରଖ ଯାହାକୁ ଅଧିକ ଦିଆଯାଏ ତାଠାରୁ ଅଧିକ କିଛି ଦାବି (ଆଶା) କରାଯାଏ ।''

''ମୁଁ ଯଦି ତୁମ ପାଖକୁ ଚାରିହାତ, ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧରି ନାରାୟଣ ରୂପରେ ଆସିଥାନ୍ତି ତେବେ ତୁମେ ମୋତେ ନେଇ ଗୋଟିଏ ଯାଦୁଘରେ ରଖି ଦେଇଥାନ୍ତ ଏବଂ ଯେଉଁମାନେ ଦେଖିବା ପାଇଁ ଆସନ୍ତେ ତାଙ୍କଠାରୁ ଚାନ୍ଦା (ଶୁଳ୍କ) ଆଦାୟ କରିଥାନ୍ତ । ମୁଁ ଯଦି ସାଧାରଣ ମଣିଷ ଭାବରେ ଆସିଥାନ୍ତି ତେବେ ତୁମେ ମୋ ଶିକ୍ଷା ବା ଉପଦେଶକୁ ସମ୍ମାନ ଜଣାଇ ନ ଥାନ୍ତ ଏବଂ ନିଜର ଭଲ ପାଇଁ ସେ ସବୁକୁ ଅନୁସରଣ କରି ନ ଥାନ୍ତ । ତେଣୁ ମୁଁ ପରମଜ୍ଞାନୀ ଓ ପରମ ଶକ୍ତି ସମ୍ପନ୍ନ ହୋଇ ଏତାଦୃଶ ମାନବ ଶରୀରରେ ଆସିଛି ।

ଧୂନୀ

ଶିରିଡ଼ି ସାଇ ବାବାଙ୍କୁ ଅଗ୍ନିହୋତ୍ରୀ ବୋଲି ବିଚାର କରାଯାଏ । ସେ ନିରବଛିନ୍ନ ଭାବରେ ଅଗ୍ନି(ଧୂନୀ) ପ୍ରଜ୍ୱଳିତ କରି ରଖିଥାନ୍ତି । ଏପରିକି ଏବେ ମଧ୍ୟ ଶିରିଡ଼ିରେ ରହୁଥିବା ଭକ୍ତମାନେ ଏହି ଧୂନୀକୁ ଜୀବନ୍ତ ଓ ପ୍ରଜ୍ୱଳିତ କରି ରଖିଛନ୍ତି ।

ଏହି ଧୂନୀରୁ ମିଳୁଥିବା ଭସ୍ମକୁ 'ଉଦି' ବା 'ବିଭୂତି' କୁହାଯାଏ । ଏହା ଅତି ଶୁଭ ସୂଚକ ଓ ପବିତ୍ର । ଏହା ବିଭିନ୍ନ ପ୍ରକାରର ଅକ୍ଷମତା ଏବଂ ରୋଗ ଉପଶମ ପାଇଁ

ବ୍ୟବହୃତ ହୋଇଥାଏ (ଅଧ୍ୟାୟ-୨୦ ଦ୍ରଷ୍ଟବ୍ୟ) । ଏହା ମଧ୍ୟ ଭକ୍ତମାନଙ୍କର ବହୁ ସମସ୍ୟା ଓ ଦୁଃଖ ଦୂର କରିଥାଏ । ବିଭୂତି ମଧ୍ୟ ମାନସିକ, ଶାରୀରିକ ଓ ଆଧ୍ୟାତ୍ମିକ ବିକାଶ ସାଧନ କରିଥାଏ । ଏହା ମୃତ୍ୟୁମୁଖରେ ପଡ଼ିଥିବା କିମ୍ବା ମୃତ ଶରୀରକୁ ଜୀବନ୍ୟାସ ଦେଇଥିବା କଥା ଜଣାଶୁଣା (ଅଧ୍ୟାୟ-୧୧ ଦ୍ରଷ୍ଟବ୍ୟ) ।

ଥରେ ସତ୍ୟସାଇ ବାବାଙ୍କୁ ସାକ୍ଷାତକାର କୋଠରୀରେ ପ୍ରଶ୍ନ କରାଯାଇଥିଲା "ଶିରିଡ଼ି ସାଇ ବାବା ଟିକେ ଟିକେ କଥାରେ ରାଗିଯାଉଥିବାବେଳେ ଆପଣ କିପରି ଆଦୌ ରାଗନ୍ତି ନାହିଁ ?" ସତ୍ୟସାଇ ବାବା ଉତ୍ତର ଦେଇଥିଲେ "ଯେତେବେଳେ ସ୍ୱାମୀ ଶିରିଡ଼ିରେ ଥିଲେ ସେ ବିଭୂତି ପାଇବା ପାଇଁ ନିରବଚ୍ଛିନ୍ନ ଭାବରେ ନିଆଁ (ଧୂନୀ) ଜଳାଇ ରଖୁଥିଲେ । ମାତ୍ର ଏହି ସତ୍ୟସାଇ ବାବା ଅବତାରରେ ବିଭୂତି ଆପେ ଆପେ ହାତକୁ ଆସିଥାଏ ।" ସ୍ୱାମୀ ବୁଝାଇ ଦେଇଥିଲେ ଯେ ଶିରିଡ଼ି ସାଇବାବା ଭୋଜନ ପ୍ରସ୍ତୁତ କରିବା (ଐକ୍ୟବଦ୍ଧ ଭାବରେ ଜୀବନ ଧାରଣ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବା) ପାଇଁ ପାଚକର ଭୂମିକା ଗ୍ରହଣ କରିଥିଲେ । ଏହା କରୁଥିବାବେଳେ ଯଦି ପିଲାମାନେ ତାଙ୍କୁ ବିରକ୍ତ କରନ୍ତି ସେ ରାଗିଯାଉଥିଲେ । ବର୍ତ୍ତମାନ ଏହି ଅବତାରରେ ଭୋଜନ ବା ଖାଦ୍ୟ (ପ୍ରେମ ଓ ଆନନ୍ଦର) ପ୍ରସ୍ତୁତ ହୋଇ ରହିଛି । ଏବେ ଅବତାର ପିଲାମାନଙ୍କୁ (ଭକ୍ତମାନଙ୍କୁ) ଖାଦ୍ୟ ପରଷି ଦେଉଛନ୍ତି ।"

❑❑

ଅଧ୍ୟାୟ - ୧୧

ଲୀଳା ଓ ମହିମା

ଭଗବାନ ବାବାଙ୍କର ଅତିଭୌତିକ (ମହାଜାଗତିକ) ଶକ୍ତି ଅଲୌକିକତା ପ୍ରକଟନ କରିଥାଏ, ଯାହାକୁ ଲୀଳା ବା ମହିମା କୁହାଯାଇପାରେ ।

ଲୀଳା : ସ୍ୱାମୀ ପ୍ରକଟ କରୁଥିବା ଅଲୌକିକତାକୁ ଲୀଳା କୁହାଯାଏ । ଯଥା ଦୁରାରୋଗ୍ୟ ରୋଗ ଉପଶମ କରିବା, ମୃତ ବ୍ୟକ୍ତିକୁ ଜୀବନ ଦାନ ଦେବା, ଆକାଶ ଆଡ଼କୁ ହସ୍ତ ସଂଚାଳନ କରି ବର୍ଷା ବନ୍ଦ କରିଦେବା ଏବଂ ଅନ୍ୟାନ୍ୟ ଅନେକ ଏ ପୁସ୍ତକରେ ବର୍ଣ୍ଣନା କରାଯାଇଛି ।

ମହିମା : ବାବା ରହୁଥିବା ସ୍ଥାନରୁ ହଜାର ହଜାର ମାଇଲ ଦୂରରେ ପୃଥିବୀର ଯେ କୌଣସି ସ୍ଥାନରେ ଘଟୁଥିବା ଅଲୌକିକତା ହିଁ ମହିମା । ମୁଁ ଏଭଳି ଅନେକ ମହିମା ବହୁ ଦେଶରେ ସ୍ୱଚକ୍ଷୁରେ ଦେଖିଛି । ଯଥା ବିଭୂତି, କୁଙ୍କୁମ (ଯାହା ଭାରତୀୟ ନାରୀ ମଥାରେ ଲଗାନ୍ତି), ଚନ୍ଦନ କାଠର ଚୂର୍ଣ୍ଣ ବା ମଣ୍ଡ, ଅମୃତ ଇତ୍ୟାଦି ସୃଷ୍ଟି ହେବା ଏହାର ଅନ୍ତର୍ଭୁକ୍ତ । ସର୍ବମୋଟ ଅଶୀଟି ଅଲୌକିକତା ଏହି ପୁସ୍ତକରେ ବର୍ଣ୍ଣନା କରାଯାଇଛି । ସ୍ୱାମୀ ଏଗୁଡ଼ିକୁ ତାଙ୍କର ଭିଜିଟିଂ କାର୍ଡ଼ (ପରିଦର୍ଶନ ପତ୍ର) ବୋଲି କହିଥାନ୍ତି । ସର୍ବଶ୍ରେଷ୍ଠ ମହିମା ହେଲା— ସ୍ଥାନାନ୍ତର ଗମନ ଓ ଅନ୍ୟତ୍ର ଶରୀର ପ୍ରକଟନ । ସେ ଭକ୍ତକୁ ତାଙ୍କର ଦିବ୍ୟ ଆଶୀର୍ବାଦ ଓ ସାହାଯ୍ୟ ପ୍ରଦାନ କରିବାକୁ ଯେକୌଣସି ରୂପରେ ଏବଂ ଯେକୌଣସି ସ୍ଥାନରେ ନିଜକୁ ପ୍ରକଟ କରିପାରନ୍ତି ।

ଯାହାହେଉ ଏକଥା ମନେରଖ ଯେ ସ୍ୱାମୀ କହନ୍ତି "ଅଲୌକିକତାକୁ ଗୁରୁତ୍ୱ ଦିଅନାହିଁ । ସେଗୁଡ଼ିକର ତାତ୍ପର୍ଯ୍ୟକୁ ଅତିରଂଜିତ କର ନାହିଁ । ଅଲୌକିକତା ପ୍ରଦର୍ଶନରେ ମୋର ଅଧିକ ଶକ୍ତି ବିନିଯୋଗ ହୋଇ ନଥାଏ । ଏହା କେବଳ ପ୍ରେମରେ ରହିଥାଏ । ଏହା ସତ୍ୟ ଯେ ମୁଁ ଆକାଶକୁ ପୃଥିବୀରେ ଏବଂ ପୃଥିବୀକୁ ଆକାଶରେ ପରିଣତ କରିପାରେ । କିନ୍ତୁ ଭଗବାନ ଯେତେବେଳେ ଅବତାର ଗ୍ରହଣ କରନ୍ତି ଦିବ୍ୟ ଶକ୍ତି ଚାଲିଯାଏ ନାହିଁ । ପ୍ରକଟିତ ସବୁ ଅଲୌକିକତା ପ୍ରେମର ସମୁଦ୍ରରେ କେବଳ ବିନ୍ଦୁଭଳି । ଏହି ବିନ୍ଦୁ

ଗୁଡ଼ିକର ପ୍ରହେଳିକାରେ ବିମୁଗ୍ଧ ହୁଅନାହିଁ । ସମୁଦ୍ରକୁ ଚିହ୍ନ ଏବଂ ସେହି ସମୁଦ୍ର ଭିତରେ ନିଜକୁ ନିମଜ୍ଜିତ କର ।''

ପ୍ରେମମୟ ସ୍ୱାମୀ କହିଛନ୍ତି ଯେ 'ଏହି ଦାସ' ଦୀର୍ଘ ୪୨ ବର୍ଷ ଧରି ସମୁଦ୍ର ଭିତରେ ବୁଡ଼ି ସର୍ବଶ୍ରେଷ୍ଠ ରତ୍ନ (ଭଗବାନ) ସନ୍ଧାନରେ ଅଛି । ପ୍ରକୃତରେ ସମୁଦ୍ର ଭିତରେ ବୁଡ଼ି 'ଏହି ଦାସ' ରତ୍ନ (ଭଗବାନ)ର ସନ୍ଧାନ କରୁ କରୁ ଶେଷରେ ତାଙ୍କୁ ପାଇବାର ସୁଯୋଗ ଦେଇ ସେ ଆଶୀର୍ବାଦ କରିଛନ୍ତି । ଏହି ଶରୀରର ମୃତ୍ୟୁହେବା ପରେ 'ଏହି ଦାସ'ର ଦୁଃଖ କରିବାର କିଛି ନାହିଁ । କାରଣ ବାବା ଅତିରିକ୍ତ କୃପା ପ୍ରଦାନ କରି ନିଶ୍ଚିତ କରି ଦେଇଛନ୍ତି ଯେ 'ଏହି ଦାସ'ର ପୁନର୍ଜନ୍ମ ମହୀଶୂର ରାଜ୍ୟରେ ହେବ । ବାବାଙ୍କର 'ପ୍ରେମସାଇ' ଅବତାର କାଳରେ ତାଙ୍କର ସେବା କରିବା ପାଇଁ 'ଏହି ଦାସ' ଏକ ସୁବିଧାଜନକ ସ୍ଥିତିରେ ରହିବ ।

ଏହି କଲମ କେବଳ ଲେଖି ଚାଲିଛି କିନ୍ତୁ ଭାବ ଓ ଭାଷା ସ୍ୱାମୀଙ୍କର । ସେ ତାଙ୍କ 'ଦାସ'କୁ ଶକ୍ତି ପ୍ରଦାନ କରିଛନ୍ତି । ସେ 'ଏହି ଦାସ'କୁ ତାଙ୍କ ଦିବ୍ୟ ପାଦପଦ୍ମରେ ସ୍ଥାନ ଦେଇଛନ୍ତି ଏବଂ ପୃଥିବୀ ସାରା ହଜାର ହଜାର ସାଇ ଭକ୍ତଙ୍କର ସେବା କରିବା ପାଇଁ ସୁଯୋଗ ଦେଇଛନ୍ତି । ତେଣୁ ସେ 'ସାଇଚରଣ ଦାସାନୁଦାସ' (ସାଇ ଚରଣାଶ୍ରିତ ଭକ୍ତମାନଙ୍କର ସେବକ) ନାମ ଗ୍ରହଣ କରିବାକୁ ଉଦ୍‌ବୁଦ୍ଧ କରିଛନ୍ତି ।

ଏହା ଜାଣିବାକୁ କୌତୁହଳପ୍ରଦ ଯେ ଭରତ ଭଗବାନ ରାମଙ୍କର 'ଦାସ' (ସେବକ) ଥିଲେ ଏବଂ ରାମ ଯେତେବେଳେ ଅଯୋଧ୍ୟା ତ୍ୟାଗ କରି ବନବାସରେ ଗଲେ ଶତ୍ରୁଘ୍ନ 'ଭରତଙ୍କର ଦାସ' (ରାମଙ୍କର ସେବକଙ୍କର ସେବକ - ଦାସାନୁଦାସ) ହୋଇଥିଲେ । ଭଗବାନ ବାବା ୨୦୦୨ ମସିହା ମେ ମାସ ୨୦ ତାରିଖରେ ଦେଇଥିବା ଦିବ୍ୟ ସମ୍ଭାଷଣରେ ଏହି କଥା ଅତି ସ୍ପଷ୍ଟ ।

''ରାମଙ୍କର କଠଉ (ପାଦୁକା) ଗ୍ରହଣ କରିବା ପରେ ଭରତ ଅଯୋଧ୍ୟା ଯାଇ ନଥିଲେ । ସେ ନନ୍ଦୀଗ୍ରାମଠାରେ ଏକ ଆଶ୍ରମ ନିର୍ମାଣ କରି ସେଠାରେ ରହି ରାମଙ୍କର କଠଉ (ପାଦୁକା) ପୂଜା କରିବାରେ ଲାଗିଲେ । ରାମ ଓ ଲକ୍ଷ୍ମଣ ଜଙ୍ଗଲରେ ରହିଲେ । ରାମଙ୍କ ପ୍ରତିନିଧି ଭାବରେ ଭରତ ନନ୍ଦୀଗ୍ରାମରେ ସ୍ୱେଚ୍ଛାକୃତ ବନବାସ ବରଣ କଲେ । ଅଯୋଧ୍ୟାର ଶାସନ କାର୍ଯ୍ୟ କିଏ ଚଳାଇଥିଲେ ? ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଶତ୍ରୁଘ୍ନହିଁ ଅଯୋଧ୍ୟାରେ ରହୁଥିଲେ । ସେ ପ୍ରଜାମାନଙ୍କର ସମସ୍ୟା ବୁଝୁଥିଲେ ଏବଂ ରାଜ୍ୟର ସମସ୍ତ କାର୍ଯ୍ୟ କରୁଥିଲେ । ପ୍ରତ୍ୟେକ ରାତିରେ ବିଶ୍ୱାସର ସହିତ ସେ ଭରତଙ୍କୁ ସବୁକଥା ଜଣାଉଥିଲେ । ଭରତଙ୍କୁ ଯେପରି ସାମାନ୍ୟତମ କଷ୍ଟ ନହୁଏ ସେଥିପାଇଁ ସେ

ଅଯୋଧ୍ୟାର ଶାସନ କାର୍ଯ୍ୟ ତୁଲାଉଥିଲେ । ଶତୃଘ୍ନ ସଂପୂର୍ଣ୍ଣ ରୂପେ ଭରତଙ୍କ ନିକଟରେ ନିଜକୁ ଉତ୍ସର୍ଗ କରିଦେଇଥିଲେ ଏବଂ ତାଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରୁଥିଲେ ।'' ତେଣୁ ଶତୃଘ୍ନ ଥିଲେ ରାମଙ୍କର ଦାସାନୁଦାସ ।

ମାଧବ ଦୀକ୍ଷିତଙ୍କ ବିଶ୍ୱାସ ବୃଦ୍ଧି ପାଇଲା

ଯେତେବେଳେ 'ଏହି ଦାସ' ଦକ୍ଷିଣ ଭାରତର ମାଙ୍ଗାଲୋରରେ ଡାକ୍ତରୀ ଛାତ୍ର ଥିଲା, ମାଧବ ଦୀକ୍ଷିତ ଓ ଅଳ୍ପକେତେକ ଭକ୍ତ କଲେଜ ଛୁଟି ଥିଲା ବେଳେ 'ଏହି ଦାସ' ସହିତ ପ୍ରଶାନ୍ତି ନିଲୟମ ଯାତ୍ରା କରିଥିଲେ । ପରମପ୍ରିୟ ସ୍ୱାମୀ ଆମ୍ଭମାନଙ୍କୁ ସାକ୍ଷାତ୍‌କାର ପାଇଁ ଅନୁମତି ଦେଇଥିଲେ । ସେ ସିଧାସଳଖ ବିଭୂତି ସୃଷ୍ଟି କରି ସମସ୍ତଙ୍କୁ ବାଣ୍ଟିଥିଲେ । ତା'ପରେ ସ୍ୱାମୀ ସିଧା ମୋ ଆଡ଼କୁ ଚାହିଁ ପ୍ରଶ୍ନକଲେ ''ତୁମେ ଦୀକ୍ଷିତକୁ ଇନ୍‌ସୁଲିନ୍ ଇଞ୍ଜେକ୍‌ସନ୍ ଦେଉଛ କି ?''

ଏହା ଯେପରି ତାଙ୍କର ପଚାରିବାର ଆବଶ୍ୟକତା ଥିଲା ! ମୁଁ ଉତ୍ତର ଦେଲି ''ହଁ ସ୍ୱାମୀ, ତାଙ୍କୁ ମୁଁ ୪୦ ୟୁନିଟ୍ ଇନ୍‌ସୁଲିନ୍ ଦେଉଛି କାରଣ ତାଙ୍କର ରକ୍ତଶର୍କରା, ଅତି ଉଚ୍ଚ ସ୍ତରରେ ରହିଛି, ଏହା ତାଙ୍କର ଶତକଡ଼ା ୨୪୦ ମିଲିଗ୍ରାମ ରହୁଛି । ଜଣେ ସାଧାରଣ ଲୋକର ରକ୍ତ ଶର୍କରା ସ୍ତର ଶତକଡ଼ା ୧୦୦ରୁ ୧୨୦ ମିଲିଗ୍ରାମ୍ ରହିବା କଥା ।''

ସ୍ୱାମୀ କହିଲେ ''ଦୀକ୍ଷିତ ଲଡୁ (ଭାରତର ଲୋକ ପ୍ରିୟ ମିଠା) ଖାଇବାକୁ ଅତି ଭଲପାଏ । ସ୍ୱାମୀ ଆଜି ତା'ର ମଧୁମେହ ରୋଗ ଭଲ କରି ଦେଉଛନ୍ତି ଏବଂ ଏହାପରେ ସେ ମିଠା ଖାଇପାରିବ ।'' ସେ ତା'ପରେ ମୋତେ ନିର୍ଦ୍ଦେଶ ଦେଲେ ''ଆସନ୍ତାକାଲିଠାରୁ ତାକୁ ଆଉ ଇଞ୍ଜେକ୍‌ସନ୍ ଦିଅ ନାହିଁ ।'' ଏହାପରେ ସେ ଚକୋଲେଟ୍ ରଙ୍ଗର ବିଭୂତି ସୃଷ୍ଟି କରି ଦୀକ୍ଷିତଙ୍କୁ ଖାଇବାକୁ ଦେଲେ ଏବଂ କହିଥିଲେ ''ମଧୁମେହ ରୋଗ ଭଲ ହୋଇଗଲା ।''

ସ୍ୱାମୀଙ୍କର ଏହି କଥାରେ ମୁଁ ଚିନ୍ତିତ ହୋଇ ପଡ଼ିଲି ଏବଂ ଭୟ କରିବାକୁ ଲାଗିଲି ଯେ ସ୍ୱାମୀ ତାଙ୍କୁ ସ୍ୱର୍ଗକୁ ପଠାଇବାକୁ ଚାହାନ୍ତି । ସେ ଯେପରି ସେହି ମୁହୂର୍ତ୍ତରେ ମୋ ମନ କଥା ପଢ଼ିପାରିଲେ । ସଂଗେ ସଂଗେ ବାବା କହିଥିଲେ ''ତୁମେ ଯେଉଁଠାରେ ଥାଅନା କାହିଁକି ମୁଁ ତୁମକୁ ରକ୍ଷା କରିବାକୁ ଓ ବାଟ ଦେଖାଇବାକୁ ସବୁବେଳେ ତୁମ ସହିତ ଅଛି । ଆଗେଇ ଚାଲ । ଭୟ କର ନାହିଁ । ଯେଉଁମାନେ ମୋତେ ଦର୍ଶନ କରିବାକୁ ପ୍ରସ୍ତୁତ ଥାନ୍ତି, ସେମାନଙ୍କୁ ମୁଁ ଡାକିଥାଏ । ଅବଶ୍ୟ ଏହି ପ୍ରସ୍ତୁତି ବିଭିନ୍ନ ସ୍ତରର ହୋଇପାରେ । ମୋ କାର୍ଯ୍ୟ କେବଳ କାହାକୁ ଆରୋଗ୍ୟ କରିବା, ସାନ୍ତ୍ୱନା ଦେବା କିମ୍ବା



ଅବତାରଙ୍କ ଶୋଭାଯାତ୍ରା : ଶିରିଡ଼ି ସାଇଙ୍କ (ବାମ) ମସ୍ତକ ଉପରେ ଛତ୍ରଧାରଣ କରିଛନ୍ତି ଭାଗୋଜୀ ସିନ୍ଦେ ଏବଂ ପୁଟ୍ଟପର୍ତ୍ତିରେ (ଡାହାଣ) ସତ୍ୟସାଇଙ୍କ ମସ୍ତକ ଉପରେ ଛତ୍ର ଧାରଣ କରିଛନ୍ତି ପ୍ରଫେସର ଏନ୍.କସ୍ତୁରୀ ।

ତା'ର ଦୁଃଖ ଦୈନ୍ୟ ଦୂରକରିବା ନୁହେଁ । ମୋର ମୁଖ୍ୟ କାର୍ଯ୍ୟ ହେଲା ଭାରତବର୍ଷରେ ଏବଂ ସର୍ବୋପରି ସମଗ୍ର ପୃଥିବୀରେ ବେଦାନ୍ତ ଓ ବେଦୋକ୍ତ ନୀତି ଅନୁସାରେ ଜୀବନ ଧାରଣର ମାନ ପ୍ରତିଷ୍ଠା କରିବା ।''

ତା'ପରେ ସେ ଆମ ଆଡ଼େ ଚାହିଁ କହିଥିଲେ ''ମୁଁ ଯେତେବେଳେ ଅଛି ଭୟ କାହିଁକି ? ମୋ ଉପରେ ସଂପୂର୍ଣ୍ଣ ବିଶ୍ୱାସ ରଖ । ମୁଁ ତୁମକୁ ଦିଗ୍‌ଦର୍ଶନ ଦେବି ଓ ରକ୍ଷା କରିବି ।'' ସେ ପୁଣି ସ୍ପଷ୍ଟ ଭାବରେ ଜଣାଇ ଦେଲେ ''ଏହା ମୋତେ କହିବାକୁ ଦିଅ । ମୋର କାର୍ଯ୍ୟ କୁହୁକ, ଅଲୌକିକତା ବା ଯାଦୁବିଦ୍ୟା ନୁହେଁ । ମୋ କାର୍ଯ୍ୟ ଖାଣ୍ଟି ଦିବ୍ୟ ଶକ୍ତି ସଂପନ୍ନ ।''

ସ୍ୱାମୀଙ୍କ ନିର୍ଦ୍ଦେଶ ଅନୁସାରେ ମୁଁ ଦୀକ୍ଷିତଙ୍କୁ ଇନ୍‌ସୁଲିନ୍ ଇଞ୍ଜେକ୍‌ସନ୍ ଦେବା ବନ୍ଦ କରିଦେଲି । ସେ ଆତ୍ମତୃପ୍ତି ପାଇବା ପର୍ଯ୍ୟନ୍ତ ମିଠା ଖାଇବାକୁ ଲାଗିଲେ । ସାଧାରଣତଃ ଇନ୍‌ସୁଲିନ୍ ବନ୍ଦ ହେବାର ସାତଦିନ ପରେ ଏହାର ପ୍ରତିକ୍ରିୟାକୁ ଜାଣିବା ପାଇଁ ପରୀକ୍ଷା କରାଯାଏ । ମୋର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ଯେ ଦୀକ୍ଷିତଙ୍କର କୌଣସି ପ୍ରକାର ଜଟିଳତା ବା ଅଭିଯୋଗ ନ ଥିଲା । ତାଙ୍କ ରକ୍ତ ଶର୍କରା ପରୀକ୍ଷା କରାଗଲା ଏବଂ ଜଣାଗଲା ଯେ ଏହା ସ୍ୱାଭାବିକ ରହିଛି । ସେ ସଂପୂର୍ଣ୍ଣ ରୋଗମୁକ୍ତ ଥିଲେ । ଦୀକ୍ଷିତଙ୍କର ବାବାଙ୍କ ପ୍ରତି ବିଶ୍ୱାସ ଦୃଢ଼ ହୋଇଥିଲା । ମୋର ଏହି ଅଭିଜ୍ଞତା ବାବାଙ୍କ ପ୍ରତି ମୋର ବିଶ୍ୱାସକୁ ବଢ଼ାଇ ଦେଇଥିଲା ।

ସାକ୍ଷାତ୍‌କାର ସମୟରେ ସ୍ୱାମୀ ଆମକୁ ଅନେକ ଗୁଡ଼ିଏ ବିଭୂତି ପୁଡ଼ିଆ ଦେଇଥାନ୍ତି । ଏହି ବିଭୂତି ପୁଡ଼ିଆ ଗୁଡ଼ିକୁ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କୁ ଦିଆଯାଏ । ଭଗବାନଙ୍କ ଆଶୀର୍ବାଦ ପାଇବାକୁ ପ୍ରାର୍ଥନା କରି ସାମାନ୍ୟ ଟିକେ ବିଭୂତି ପାଟିରେ ଦେଲେ କିମ୍ବା ରୋଗାକ୍ରାନ୍ତ ଅଙ୍ଗରେ ବୋଳି ଦେଲେ କିମ୍ବା କୌଣସି ରୋଗୀ ବା ଅଚେତ୍ ଅବସ୍ଥାରେ ଥିବା ବ୍ୟକ୍ତିର ମଥାରେ ଘଷିଦେଲେ ଆଶ୍ଚର୍ଯ୍ୟଜନକ ଫଳ ମିଳିଥାଏ । ଏହା ଜୀବନରେ ସବୁ ପ୍ରକାର ଉତ୍ତମ ଓ ନିଃସନ୍ଦେହ ଫଳ ପ୍ରଦାନ କରିଥାଏ ।

ପୂର୍ବ ଆଫ୍ରିକାର ଉଗାଣ୍ଡା ଅଞ୍ଚଳର କାମ୍ପାଲାଠାରେ ରହୁଥିବା ମୋ ଭାଇଙ୍କ ନିକଟକୁ ମୁଁ ଥରେ ଗୋଟିଏ ବିଭୂତି ପୁଡ଼ିଆ ପଠାଇଥିଲି । ଚିଠିରେ ବିଭୂତିର ପବିତ୍ର ପ୍ରଭାବ କଥା ମଧ୍ୟ ତାଙ୍କୁ ଜଣାଇଥିଲି । ମୋର ପିତାଙ୍କର ସ୍ୱାମୀଙ୍କ ମହିମା ସଂପର୍କରେ କୌଣସି ଅଭିଜ୍ଞତା ନ ଥିଲା । ସେ ସଂପର୍କୀୟ ମାନଙ୍କୁ କହିବା ଆରମ୍ଭ କରିଥିଲେ । ''ପୁଅ (ଏହି ଦାସ) ପ୍ରତି ମୋର ଅଧିକ ଆଶା ନାହିଁ । ବ୍ୟକ୍ତିଗତ ଭାବରେ ମୁଁ ଭାବୁଛି ସେ କେବେହେଲେ ଡାକ୍ତର ହୋଇପାରିବ ନାହିଁ । କାରଣ ସେ ସବୁବେଳେ ଜଣେ 'ବାଓ୍ୱା' (ସନ୍ଥ/ବାବାଜୀ)ଙ୍କ ପଛରେ ଗୋଡ଼ାଇଛି ।''

ପରମପ୍ରିୟ ସ୍ୱାମୀଙ୍କ ସଂପର୍କରେ ଅଧିକ ଅଭିଜ୍ଞତା

ମାଧବ ଦୀକ୍ଷିତ ମାଙ୍ଗାଲୋର ଫେରିଯିବା ଉଦ୍ଦେଶ୍ୟରେ ଆଶ୍ରମ ଛାଡ଼ିଲେ । ମାତ୍ର ଛୁଟି ଥିବାରୁ ମୁଁ ଆଶ୍ରମରେ ରହିଥିଲି । ଏହି ସମୟ ଭିତରେ ପରମପ୍ରିୟ ସ୍ୱାମୀ ତାଙ୍କର ସର୍ବୋତ୍କୃଷ୍ଟ କୃପାବାରି ବର୍ଷଣ କରି ମୋତେ ଏକ ବିସ୍ମୟକର ଅଭିଜ୍ଞତା ଅର୍ଜନ କରିବାର ସୁଯୋଗ ପ୍ରଦାନ କରିଥିଲେ ।

ସ୍ୱାମୀ ଅତ୍ୟନ୍ତ କରୁଣାମୟ । ସେ ସକାଳେ ଓ ଅପରାହ୍ନରେ ଭକ୍ତମାନଙ୍କୁ ସାକ୍ଷାତ୍କାର ଦେଇଥାନ୍ତି । ଅପରାହ୍ନରେ ଘ ୪.୩୦ ମିନିଟ୍‌ରୁ ଘ ୭.୩୦ ମିନିଟ୍ ମଧ୍ୟରେ ସେ ସାକ୍ଷାତ୍କାର ପାଇଁ ଡାକିଥାନ୍ତି । କିନ୍ତୁ ମୁଁ ଆଶ୍ଚର୍ଯ୍ୟ ହେଲି ଯେ ଥରେ ବାବା ଠିକ୍ ଅପରାହ୍ନ ଘ ୨.୩୦ ମିନିଟ୍‌ରେ (ନିର୍ଦ୍ଦିଷ୍ଟ ଦର୍ଶନ ସମୟର ଦୁଇଘଣ୍ଟା ପୂର୍ବରୁ) ଜଣେ ଅଚିହ୍ନା ସେବକଙ୍କ ଦ୍ୱାରା ମୋତେ ଡକାଇ ପଠାଇଲେ । ସାକ୍ଷାତ୍କାର କୋଠରୀରେ ସ୍ୱାମୀଙ୍କ ସହିତ ମୁଁ ଏକା ଥିଲି । ସେ ମୋତେ କହିଥିଲେ "ତୁମ ଡାଏରୀ ବାହାର କର ଏବଂ ଆଜିର ତାରିଖ ଓ ସମୟ ଟିପିରଖ । ଏହି ମୁହୂର୍ତ୍ତରେ ତୁମ ମା'ଙ୍କର କାମ୍ପାଲା (ପୂର୍ବ ଆଫ୍ରିକା, ଉଗାଣ୍ଡା)ଠାରେ ଏକ ଅସ୍ତ୍ରୋପଚାର କରାଯାଇଛି । ୟୁରୋପର ଦୁଇଜଣ ଅସ୍ତ୍ର ଚିକିତ୍ସକ ଅସ୍ତ୍ରୋପଚାରର ପରବର୍ତ୍ତୀ ଅବସ୍ଥାରେ ସାଂଘାତିକ ଜଟିଳତା ଆଶଙ୍କା କରୁଛନ୍ତି । ଫଳରେ ତୁମ ମା'ଙ୍କର ହୃତ୍‌ସ୍ପନ୍ଦନ ଏକ ବିପଦପୂର୍ଣ୍ଣ ସ୍ତରକୁ ଖସିଆସିଛି । ମାତ୍ର ସ୍ୱାମୀ ଏହି ଅବସ୍ଥାକୁ ଓଲଟାଇ ଦେବେ ଏବଂ ତୁମ ମା'ଙ୍କୁ ଦୀର୍ଘ ଜୀବନ ଦେବେ ।"

ସ୍ୱାମୀଙ୍କର ଏହି ଉକ୍ତିରେ ମୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହେଲି କାରଣ ଠିକ୍ ଦୁଇଦିନ ପୂର୍ବରୁ ଘରେ ସମସ୍ତେ ଭଲରେ ଓ ଆନନ୍ଦରେ ଅଛନ୍ତି ବୋଲି ଭାଇଙ୍କଠାରୁ ଚିଠି ପାଇଥିଲି । ତେଣୁ ଏହାକୁ ମୁଁ କିପରି ବିଶ୍ୱାସ କରନ୍ତି ? ମୁଁ ନିଜକୁ ଅତି ଚତୁର ମନେ କଲି ଏବଂ ଭାବିଲି ଯେ ବାବା ମୋତେ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି । କିନ୍ତୁ ସ୍ୱାମୀ ହେଉଛନ୍ତି ଅନ୍ତର୍ଯ୍ୟାମୀ । (ଆମର ସବୁକଥା ଏପରିକି ଆମ ମନ ଭିତରେ ଯେଉଁ ଚିନ୍ତା ଆସୁଛି ସବୁକିଛି ସେ ଜାଣନ୍ତି) । ସେ ସଂଗେ ସଂଗେ ମୋତେ ସତର୍କ କରାଇ ଦେଇ କହିଥିଲେ "ତୁମେ ସନ୍ଦେହ ଭିତରେ ଏ କୋଠରୀ ଛାଡ଼ିବାକୁ ଯାଉଛ । କିନ୍ତୁ ତୁମେ ଭାରତ ଓ କାମ୍ପାଲାର ସମୟ ବ୍ୟବଧାନ ଜାଣିଛ କି ?" ମୁଁ ଉତ୍ତର ଦେଲି "କାମ୍ପାଲାରେ ବର୍ତ୍ତମାନ ଅପରାହ୍ନ ୧୨ ଘଣ୍ଟା ।"

ପ୍ରକୃତ ଘଟଣାଟି ଥିଲା ଏହିପରି— ମା'ଙ୍କର ହଠାତ୍ କ୍ଷୁଦ୍ରାନ୍ତର ସଂବେଦନ ପ୍ରବଣତା ଯୋଗୁ ଘା' ହୋଇ ପଚିବାକୁ ଆରମ୍ଭ କରିଥିଲା । କୌଣସି କାରଣରୁ ଗୁଡ଼େଇ ହୋଇ ରହିଥିବା କ୍ଷୁଦ୍ରାନ୍ତର ଗୋଟିଏ ଅଂଶ ଅନ୍ୟ ଅଂଶକୁ ଅତିକ୍ରମ କରିଗଲେ ଏଭଳି ଘା'ର

ସମ୍ଭାବନା ରହିଥାଏ । ଏହା ଅତି ସାଂଘାତିକ ରୋଗ । ତେଣୁ ଡାକ୍ତରମାନେ ମଧ୍ୟାହ୍ନ ୧୨ ଘଣ୍ଟା ସମୟରେ ଅସ୍ତ୍ରୋପଚାର କରିବାକୁ ସ୍ଥିର କରିଥିଲେ । ସ୍ୱାମୀ କହିଲା ପରି ମା'ଙ୍କର ହୃଦ୍‌ସ୍ପନ୍ଦନ ଅସ୍ତ୍ରୋପଚାର ପରେ ପରେ ହ୍ରାସ ପାଇବାକୁ ଲାଗିଲା ଏବଂ ତାଙ୍କ ଅବସ୍ଥା ଅତି ସାଂଘାତିକ ହୋଇ ପଡ଼ିଲା । ଆମ ପରିବାରର ସଂପର୍କୀୟମାନଙ୍କୁ ମା'ଙ୍କ ଶଯ୍ୟା ନିକଟକୁ ଡକାଗଲା ଯେପରି ତାଙ୍କର ଶେଷ ନିଃଶ୍ୱାସ ତ୍ୟାଗ କରିବାର ସମୟ ପାଖେଇ ଆସୁଛି ।

ସେହି ସମୟରେ ମୋ ଭଉଣୀ ମୁଁ ପଠାଇଥିବା ବିଭୂତି ଆଣି ମା'ଙ୍କ ଶରୀରରେ ବୋଳିଦେଲା । ଏଥର ଦେଖନ୍ତୁ !! ଅଲୌକିକ ଭାବରେ ମା'ଙ୍କର ହୃଦ୍‌ସ୍ପନ୍ଦନର ହାର ଧୀରେ ଧୀରେ ବୃଦ୍ଧି ପାଇବାକୁ ଲାଗିଲା । ଅଧଘଣ୍ଟା ଭିତରେ ସେ ତାଙ୍କ ଆଖି ଖୋଲିଲେ ଏବଂ ସମସ୍ତଙ୍କ ସହିତ କଥାବାର୍ତ୍ତା ଆରମ୍ଭ କରିଦେଲେ । ଡାକ୍ତରମାନେ ସଂପୂର୍ଣ୍ଣ ରୂପେ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ସେହି ଧଳାଗୁଣ୍ଡ କଣ ବୋଲି ଜାଣିବାକୁ ଚାହିଁଲେ । ମୋ ଭଉଣୀ ସେମାନଙ୍କୁ ବିଭୂତିର ଶକ୍ତି ସଂପର୍କରେ ବୁଝାଇ ଦେଇଥିଲା ।

ମୁଁ ଯେତେବେଳେ କାମ୍ପାଲା ଫେରିଗଲି ଏହି ଡାକ୍ତରମାନେ ସ୍ୱାମୀଙ୍କ ସଂପର୍କରେ ଅଧିକ ଜାଣିବାକୁ ପ୍ରବଳ ଆଗ୍ରହ ପ୍ରକାଶ କରିଥିଲେ । ପରେ ମୁଁ ଶୁଣିଲି ସେମାନଙ୍କର ପରମପ୍ରିୟ ବାବାଙ୍କ ପ୍ରତି ବିଶ୍ୱାସ ଦୃଢ଼ ହୋଇଛି ଏବଂ ସେମାନେ ସମୟ ଓ ସୁଯୋଗ ଦେଖି ପୁଟ୍ଟାପର୍ତ୍ତି ଯିବାପାଇଁ ସ୍ଥିର କରିଛନ୍ତି ।

ଏହି ଘଟଣା ପରେ ସ୍ୱାମୀଙ୍କ ପ୍ରତି ମୋ ପରିବାରର ସମସ୍ତଙ୍କର ବିଶ୍ୱାସ ଦୃଢ଼ୀଭୂତ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ଭାରତ ଗଲେ ପ୍ରଶାନ୍ତି ନିଲୟମ ଯିବା ପାଇଁ ସ୍ଥିର କରିଥିଲେ । ମୁଁ ମଧ୍ୟ ବାବାଙ୍କୁ ଭଗବାନ ବୋଲି ଭାବିବା ଆରମ୍ଭ କଲି । ସେ ସର୍ବବିଦ୍ୟମାନ, ସର୍ବଶକ୍ତିମାନ ଏବଂ ସର୍ବଜ୍ଞାତା ବୋଲି ମୋତେ ଯଥେଷ୍ଟ ପ୍ରମାଣ ଦେଇଥିଲେ । ପରବର୍ତ୍ତୀ ସାକ୍ଷାତ୍‌କାର ବେଳେ ମୁଁ ମୋ ମା'ଙ୍କୁ ରକ୍ଷା କରିଥିବାରୁ ବାବାଙ୍କୁ ଧନ୍ୟବାଦ ଦେଇଥିଲି । ସେ ହସି ହସି କହିଥିଲେ "ତୁମେ ଭବିଷ୍ୟତରେ ଆହୁରି ଅଧିକ ଅଭିଜ୍ଞତା ଅର୍ଜନ କରିବ ।" ଏଠାରେ ମୁଁ ତାଙ୍କ ଦିବ୍ୟ ବାର୍ତ୍ତା ମଧ୍ୟରୁ ଗୋଟିଏ ବାର୍ତ୍ତା ଉଦ୍ଧାର କରୁଛି । "ତୁମେ ବ୍ୟକ୍ତିଗତ ଭାବରେ ମୋର ସାକ୍ଷାତ୍‌କାର ପାଇବା ପାଇଁ ଆଶାରଖି ଏହି ବାରଣ୍ଡାରେ ଏକାଠି ହୋଇଛ । ତୁମ ହୃଦୟରେ ଅସଂଖ୍ୟ (ବୋଝେ) କାମନା ଧରି ଆସିଛ ଏବଂ ମୁଁ ସେ ସବୁ ପୂରଣ କରିବାକୁ ଆଶା ବାନ୍ଧିଛ । କାହିଁକି ଏସବୁ ବୋଝ ବୋହି ଚାଲିଛ ? କେବଳ ଗୋଟିଏ ବୋଝ ବହନ କର । ତାହା ହେଲା ଭଗବାନଙ୍କର କୃପା ଲାଭ କରିବା ପାଇଁ କାମନା । ସେ ତୁମର ଯାହା ଦରକାର ତାହା ନିଶ୍ଚିତ ଭାବରେ ଦେବେ । ବାକି ସବୁ କଥା ଭଗବାନଙ୍କ ଉପରେ ଛାଡ଼ିଦିଅ ।"

ସେ ପୁଣି କହିଥିଲେ ''ତୁମେ ବହୁତ ଖର୍ଚ୍ଚ କରି, ମାନସିକ ଓ ଶାରୀରିକ କଷ୍ଟ ସ୍ୱୀକାର କରି ବହୁ ଦୂରରୁ ଆସିଛ । ଦିନ ଦିନ ଧରି ଅସୁବିଧା ସତ୍ତ୍ୱେ ଅପେକ୍ଷା କରୁଛ ଏବଂ ମୋ ସହିତ ବହୁ ଆକାଂକ୍ଷିତ ସାକ୍ଷାତ୍କାର ପାଇଁ ଆଶା ରଖିଛ । କିନ୍ତୁ ଶେଷରେ ତୁମେ ଘରକୁ ଫେରିବ । ପରେ ଏଠାରୁ ପାଇଥିବା ଶାନ୍ତି ଓ ସନ୍ତୋଷ କୁଆଡ଼େ ବିକ୍ଷିପ୍ତ ଭାବରେ ମିଳାଇ ଯିବ ।''

ବାବାଙ୍କ ଉପରେ ସଂପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରିବା ପରେ ମୁଁ ନିଷ୍ଠାପର ଓ ସଚ୍ଚୋଟ ଭାବରେ ସେବା କାର୍ଯ୍ୟ ଆରମ୍ଭ କରିଦେଲି । ଯେତେବେଳେ ସ୍ୱାମୀଙ୍କ ସଂପର୍କରେ ମୋ ମନରେ ପ୍ରଶ୍ନ ଉଠେ, ମୁଁ ଲକ୍ଷ୍ୟ କରେ ସାକ୍ଷାତ୍କାର ବେଳେ ତାଙ୍କ ମୁହଁକୁ ଚାହିଁ ମୁଁ ସେ ସବୁ ଭୁଲିଯାଏ । ତେଣୁ ମୁଁ ଗୋଟିଏ ଉପାୟ ସ୍ଥିର କଲି । ମୁଁ ଭକ୍ତମାନଙ୍କୁ ସେମାନଙ୍କର ପ୍ରଶ୍ନସବୁ ଗୋଟିଏ କାଗଜରେ ଲେଖି ରଖିବାକୁ ଓ ସାକ୍ଷାତ୍କାର ସମୟରେ ପଢ଼ିଦେବାକୁ ପରାମର୍ଶ ଦେଲି । ବାବା କିନ୍ତୁ ପ୍ରତ୍ୟେକ ଭକ୍ତ ଲେଖିଥିବା ପ୍ରଶ୍ନର ଉତ୍ତର ଭିନ୍ନ ଭିନ୍ନ ବିଷୟ ଆଲୋଚନା ବେଳେ ପ୍ରକାଶ କରୁଥିଲେ । ଏଭଳି ବିଭିନ୍ନ ବିଷୟରେ ବହୁ ପ୍ରଶ୍ନୋତ୍ତର ପ୍ରଫେସର ଏନ୍. କସ୍ତୁରୀଙ୍କ ଦ୍ୱାରା ଲିଖିତ 'ସନ୍ଦେହ ନିବାରିଣୀ' ପୁସ୍ତକରେ ଲିପିବଦ୍ଧ କରାଯାଇଛି ।

ସେ ସମୟରେ ପ୍ରଶାନ୍ତି ନିଳୟମ ସଭାଗୃହରେ ପରମପ୍ରିୟ ସ୍ୱାମୀ ତାଙ୍କ ଦିବ୍ୟ ସନ୍ଦେଶ ପ୍ରଦାନ କରୁଥିଲେ । ତାଙ୍କର ନିମ୍ନୋକ୍ତ ସନ୍ଦେଶ ଶୁଣିବା ପରେ ମୁଁ ସେବାକାର୍ଯ୍ୟ କରିବା ପାଇଁ ଅଧିକ ପ୍ରେରଣା ପାଇଥିଲି । ସେ କହିଥିଲେ ''ମାନବ ସେବା ହିଁ ମାଧବ ସେବା । ମାନବ କେବଳ ନିଛକ ସାଧାରଣ ମାନବଟିଏ ନୁହେଁ । ସେ ଦିବ୍ୟ ସ୍ୱରୂପ । ଅନ୍ୟମାନଙ୍କ ପ୍ରତି ସବୁ ପ୍ରକାର ସେବା ଭଗବାନଙ୍କ ସେବା ବୋଲି ବିଚାର କରାଯାଏ ।''

ସେ ପୁଣି କହିଥିଲେ ''ମୁଁ କାହାରିକୁ ନୂଆ ପଇସାଟିଏ ମାଗେ ନାହିଁ । ଏହାର କାରଣ କଣ ? ତୁମେ ଏଠାରେ ଆମର ସ୍ୱାର୍ଥବିହୀନ ସେବାର ପ୍ରତିକ୍ରିୟା ଦେଖୁଛ । ଏ ସଂପର୍କରେ ସନ୍ଦେହ ରଖନାହିଁ । ଯେ କୌଣସି କାର୍ଯ୍ୟ ତୁମେ ହାତକୁ ନେଉଛ ତାକୁ ହୃଦୟ ଦେଇ ଆତ୍ମୋତ୍ସର୍ଗ ପୂର୍ବକ ସଂପାଦନ କର । ଏଥିରୁ ଯେଉଁ ସନ୍ତୋଷ ମିଳିବ ତାହା ତୁମ ପାଇଁ ପୁରସ୍କାର ଏବଂ କ୍ଷତିପୂରଣ ସଦୃଶ । ଏହା ତୁମକୁ ଶକ୍ତି ପ୍ରଦାନ କରିବ । ଏଭଳି ଗୁଣର ବିକାଶ ସାଧନ କରିବା ଉଚିତ୍ । ଏହାହିଁ ପ୍ରକୃତ ସଂପଦ । ଏହାକୁ ଅଧିକାର କର । ଉତ୍ତମ ଗୁଣ ବ୍ୟତୀତ ଅନ୍ୟସବୁ ମୂଲ୍ୟହୀନ ।''

ତାଙ୍କ ନିମ୍ନୋକ୍ତ ସନ୍ଦେଶ ମୋତେ ସ୍ୱତନ୍ତ୍ର ଭାବରେ ଅନୁପ୍ରାଣିତ କରିଥିଲା, କାରଣ ସେତେବେଳେ ମୁଁ ଜଣେ ଡାକ୍ତରୀ ଛାତ୍ର ଥିଲି । ''ମଣିଷ ପ୍ରଥମେ ଅନୁଭବ କରିବା ଉଚିତ୍ ଯେ ତାକୁ ଏକ ମାନବ ଶରୀର ପ୍ରଦାନ କରାଯାଇଛି । ସେ ଶରୀର ନିଜର

ସ୍ୱାର୍ଥସାଧନ ପାଇଁ ନୁହେଁ ବରଂ ଅନ୍ୟର ସେବା ପାଇଁ ଉଦ୍ଦିଷ୍ଟ । ଜଣେ ଯେଉଁ ବୈଜ୍ଞାନିକ ଦକ୍ଷତା ବା ଡାକ୍ତରୀ ଜ୍ଞାନ ଭଳି ସଂପତ୍ତିର ଅଧିକାରୀ ହୋଇଛି ସେସବୁ ଏହି ସମାଜରୁ ହିଁ ତାକୁ ପ୍ରାପ୍ତ ହୋଇଛି । ଯେହେତୁ ମଣିଷ ସଂପତ୍ତି, ଜ୍ଞାନ ଓ ଦକ୍ଷତା ସମାଜରୁ ପାଇଛି, ସେ ସମାଜର ମଙ୍ଗଳ ସାଧନ କରି ଏହି ଋଣ ଶୁଝିବା ଉଚିତ୍ ।''

ବାବାଙ୍କର ସେବା କରିବାକୁ ଏବଂ ତାଙ୍କର ଦିବ୍ୟ ସନ୍ଦେଶର ପ୍ରସାର କରିବା ପାଇଁ ମୁଁ 'ପାଠଚକ୍ର' ଆରମ୍ଭ କରିବାକୁ ଚାହୁଁଥିଲି । ତେଣୁ ମୁଁ ତାଙ୍କୁ ପ୍ରଶ୍ନ କରିଥିଲି ''ସ୍ୱାମୀ ! ମୁଁ ମାଙ୍ଗାଲୋରଠାରେ ଏକ 'ପାଠଚକ୍ର' ଆରମ୍ଭ କରିପାରିବି କି ?'' ସେ ଅତି ଖୁସି ହୋଇ ଯାଇଥିଲେ ଏବଂ କହିଥିଲେ ''ପାଠଚକ୍ର ! ଏହା ଏକ ସୁନ୍ଦର ନାମ । ତୁମେ ଏଭଳି ନାମ କେଉଁଠୁ ପାଇଲ ?'' ମୁଁ ନମ୍ରତାର ସହିତ ଉତ୍ତର ଦେଇଥିଲି ''ସ୍ୱାମୀ ! ମୁଁ କସ୍ତୁରବା ମେଡ଼ିକାଲ କଲେଜର ସାଂସ୍କୃତିକ ପାଠଚକ୍ର ଓ ଦର୍ଶନ ପାଠଚକ୍ରର ସଂପାଦକ ଅଛି । ତେଣୁ ମୁଁ ମାଙ୍ଗାଲୋରଠାରେ ଭକ୍ତମାନଙ୍କ ପାଇଁ ଶ୍ରୀ ସତ୍ୟସାଇ ପାଠଚକ୍ର ଆରମ୍ଭ କରିବାକୁ ଇଚ୍ଛା କରୁଛି ।''

ସେ ଉତ୍ତର ଦେଇଥିଲେ ''ଅତି ସୁନ୍ଦର ! ତୁମେ ପାଠଚକ୍ର ଆରମ୍ଭ କରିପାର । ସ୍ୱାମୀ ତୁମ ସହିତ ସବୁବେଳେ ରହିଥିବେ ।''

ଏହିଭଳି ଦିବ୍ୟ ଆଶୀର୍ବାଦ ପ୍ରଦାନ କରି ସେ ଏହି ଶରୀରକୁ ତାଙ୍କର ସତ୍ ଓ ନିଷ୍ପାପର ସେବକରେ ପରିବର୍ତ୍ତିତ କରିଥିଲେ । ସମଗ୍ର ପୃଥିବୀରେ ସାଇ ପାଠଚକ୍ର ଆରମ୍ଭ କରିବାକୁ ସେ ଏହି ଶରୀରକୁ ମାଧ୍ୟମ ରୂପେ ବ୍ୟବହାର କରିଥିଲେ । ପ୍ରଥମ ପାଠଚକ୍ରଟି ମାଙ୍ଗାଲୋରଠାରେ ପ୍ରତିଷ୍ଠିତ ହୋଇଥିଲା । ତା'ପରେ ବମ୍ବେ, କାମ୍ପାଲା (ଉଗାଣ୍ଡା), ଲିଭର୍‌ପୁଲ୍ (ଇଂଲଣ୍ଡ), ଗୁଜୁରାଟର ଜାମନଗର ଇତ୍ୟାଦିଠାରେ ପାଠଚକ୍ର ପ୍ରତିଷ୍ଠା ହେଲା ।

ପରମପ୍ରିୟ ସ୍ୱାମୀ ବୁଝାଇ ଦେଇଥିଲେ ''ପାଠଚକ୍ର କଣ ? କେବଳ ବହି ପଢ଼ିବା ପାଠଚକ୍ର ନୁହେଁ । ପାଠଚକ୍ରରେ କୌଣସି ଏକ ବିଷୟ ବସ୍ତୁ (ଆଧ୍ୟାତ୍ମିକ) ସ୍ଥିର କରି ପ୍ରତ୍ୟେକ ବ୍ୟକ୍ତି (ଭକ୍ତ – ଯେଉଁମାନେ ଗୋଲ ଟେବୁଲ ବୈଠକରେ ବସିଲା ପରି ବୃତ୍ତାକାରରେ ବସିଥାନ୍ତି) ତାହା ଉପରେ ଆଲୋଚନା କରିବେ । ପ୍ରତ୍ୟେକ ବ୍ୟକ୍ତି ବିଷୟବସ୍ତୁ ଉପରେ ତାଙ୍କର ମତାମତ ଦେବେ । ଯଦି କେବଳ ଜଣେ ବ୍ୟକ୍ତି ପଢ଼େ ବା ଆଲୋଚନା କରେ ତେବେ ବିଷୟବସ୍ତୁର ଅର୍ଥ ସୀମିତ ହୋଇଯାଏ । ଏଠାରେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ମତ ପ୍ରଦାନ କରିବେ ଏବଂ ଶେଷରେ ଆଲୋଚନାରୁ ବିଷୟବସ୍ତୁର ମୂଲ୍ୟାୟନ କରାଯିବ ।''

"ପ୍ରତ୍ୟେକ ଆଗ୍ରହର ସହିତ ଅନ୍ୟର ମତାମତକୁ ଶୁଣିବେ । ବାଇବେଲ, କୋରାନ, ଭଗବତ ଗୀତା ଏବଂ ସ୍ୱାମୀଙ୍କ ଦିବ୍ୟ ସନ୍ଦେଶ ସମ୍ବଳିତ ପୁସ୍ତକ ଗୁଡ଼ିକୁ ବ୍ୟବହାର କରାଯାଇପାରେ । ପାଠଚକ୍ର ପାଇଁ ଘୂର୍ଣ୍ଣନ ବା ଆବର୍ତ୍ତନ (ଜଣକ ପରେ ଜଣେ କହିବା) ନିହାତି ଆବଶ୍ୟକ । ପ୍ରତ୍ୟେକ ନିଶ୍ଚିତ ଭାବରେ କହିବାକୁ ବା ଆଲୋଚନା କରିବାକୁ ସୁଯୋଗ ପାଇବା ଦରକାର ।"

"ପାଠଚକ୍ରରେ ଯାହା ଆମେ ଶୁଣିଲେ ଏବଂ ମନ ଭିତରେ ଗ୍ରହଣ କଲେ ସେଥିରୁ ଅନ୍ୟମାନେ ଭାଗ ପାଇବା ଉଚିତ୍ । ପାଠଚକ୍ର ଆଲୋଚନାରୁ ଆମେ ଯେଉଁ ଶିକ୍ଷାଲାଭ କଲେ ସେଥିରୁ ଅନ୍ୟମାନଙ୍କୁ ଭାଗ ଦେଇ କୃତଜ୍ଞତା ପ୍ରକାଶ କରିବା ଆମର କର୍ତ୍ତବ୍ୟ । ଆମେ କେବଳ ଶୁଣିବା ଏବଂ ଯାହା ଶିକ୍ଷା ଲାଭ କଲେ ତାକୁ ନିଜ ଉପକାର ପାଇଁ ନିଜ ଭିତରେ ସାଇତି ରଖିବା ଉଚିତ୍ ନୁହେଁ । ଯାହା ଆମେ ଜାଣିଲେ ଏବଂ ଅଭ୍ୟାସ କଲେ ତାକୁ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସମାଜକୁ ପ୍ରତ୍ୟର୍ପଣ କରିବା ଉଚିତ୍ ।"

ପାଠଚକ୍ର ଗୁଡ଼ିକ କାଳକ୍ରମେ ସାଇକେନ୍ଦ୍ରରେ ରୂପାନ୍ତରିତ ହେବାକୁ ଲାଗିଲା । ଯେତେବେଳେ ସ୍ୱାମୀ ସେବା ସମିତି (ସମୂହ ସେବାପାଇଁ ସଂସ୍ଥା) ପ୍ରତିଷ୍ଠା କଲେ ଏବଂ ସେଥିପାଇଁ ଆବଶ୍ୟକ ନିୟମ ଓ ସଂବିଧାନ ପ୍ରଣୟନ କରାଗଲା, ସେ ସବୁକୁ ସମଗ୍ର ପୃଥିବୀରେ ସାଇକେନ୍ଦ୍ରଗୁଡ଼ିକ ଅନୁସରଣ କଲେ ।

ପ୍ରଥମ ଶ୍ରୀସତ୍ୟସାଇ ପାଠଚକ୍ର ମାଙ୍ଗାଲୋରର ହାମ୍ପାଙ୍କାଟା ଅଞ୍ଚଳରେ ମାଧବ ଦୀକ୍ଷିତଙ୍କ ବାସସ୍ଥାନରେ ପ୍ରତିଷ୍ଠା କରାଗଲା । ମିଷ୍ଟର ଏସ୍.ଭି.ରାଓ ଜଣେ ସକ୍ରିୟ ସଭ୍ୟ ଥିଲେ ଏବଂ ବହୁବର୍ଷ ଧରି ଏହି କେନ୍ଦ୍ରରେ ସେବା କରିଥିଲେ । ବହୁଲୋକ ଏହି କେନ୍ଦ୍ରକୁ ଆସୁଥିଲେ ଏବଂ ସ୍ୱାମୀଙ୍କ ମହିମା ସଂପର୍କରେ ଅବଗତ ହେଉଥିଲେ । ବିଶେଷକରି 'ସତ୍ୟମ୍-ଶିବମ୍-ସୁନ୍ଦରମ୍' (ପ୍ରଥମ ଭାଗ) ଶୁଣି ପ୍ରଭାବିତ ହେଉଥିଲେ । ପରବର୍ତ୍ତୀ ସମୟରେ ପାଠଚକ୍ର ସହିତ ଭଜନକୁ ସାମିଲ କରାଗଲା । ଭଜନ ପରେ ପରେ ସ୍ୱାମୀଙ୍କ ଦିବ୍ୟ ସନ୍ଦେଶ ପାଠ କରିବା ସହିତ ଆଲୋଚନା ମଧ୍ୟ କରଯାଉଥିଲା ।

ଶୀଘ୍ର ଅଧିକରୁ ଅଧିକ ଲୋକ ସ୍ୱାମୀଙ୍କ ମହିମା ସଂପର୍କରେ ସଚେତନ ହେଲେ ଏବଂ ମାଙ୍ଗାଲୋର, ବମ୍ବେ ଇତ୍ୟାଦିରେ ଅଧିକ ସାଇକେନ୍ଦ୍ର ଆରମ୍ଭ ହେଲା । କାମ୍ପାଲାର ଭକ୍ତମାନେ ଯେଉଁମାନେ ସ୍ୱାମୀଙ୍କର ଉପଦେଶ ସଂପର୍କରେ ପରିଚିତ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ ଏବଂ ପ୍ରେସିଡ଼େଣ୍ଟ ଇଦ୍ ଅମୀନଙ୍କ ଦ୍ୱାରା ଦେଶରୁ ବିତାଡ଼ିତ ହୋଇଥିଲେ ସେମାନେ ଦେଶ ଛାଡ଼ି ଚାଲିଯାଇଥିଲେ। ଏହି ଭକ୍ତମାନେ ଅନ୍ୟ ଦେଶମାନଙ୍କରେ ଅବସ୍ଥାନ କଲେ ଏବଂ ଯେଉଁଠାକୁ ଗଲେ ସେଠାରେ ସେମାନଙ୍କର

ନିଜର ସାଇକେନ୍ଦ୍ରମାନ ପ୍ରତିଷ୍ଠା କଲେ । ଏହିଭଳି ଭାବରେ ସେମାନେ ପରମପ୍ରିୟ ସ୍ୱାମୀଙ୍କର ମହିମା ପ୍ରସାର କରିବାକୁ ଲାଗିଲେ ।

ବର୍ତ୍ତମାନ ସୁଦ୍ଧା ଏକଶହ ସତୁରୀଟି ଦେଶର ଭକ୍ତମାନେ ବାବାଙ୍କର ଦିବ୍ୟଦର୍ଶନ ପାଇଁ ପ୍ରଶାନ୍ତି ନିଳୟମ ଆସୁଛନ୍ତି । ଏଇଥିରୁ ସମଗ୍ର ପୃଥିବୀରେ ମୋଟ କେତେ ସଂଖ୍ୟକ ସାଇକେନ୍ଦ୍ର ରହିଛି ତାହା ଅନୁମାନ କରାଯାଇପାରେ ।

ବିଭୂତି ସୃଷ୍ଟିର ପ୍ରଥମ ଦୃଶ୍ୟ

ମାଧବ ଦୀକ୍ଷିତଙ୍କ ଆବାସ ପରିସରରେ ଥିବା ସାଇକେନ୍ଦ୍ରରେ ଏହା ସମ୍ଭବ ହୋଇଥିଲା । ଏହି କେନ୍ଦ୍ରରେ ଯୋତା ତଳିପା ଆକୃତି ବିଶିଷ୍ଟ ବିଭୂତିର ଏକ ସ୍ତୁପ ସୃଷ୍ଟି ହୋଇଥିଲା । ସବୁଠାରୁ ଅଲୌକିକ କଥାଟି ହେଲା ଏଥିରୁ ଲୋକେ ଯେତେ ବିଭୂତି ନେଇଗଲେ ମଧ୍ୟ ବିଭୂତିର ପୁନଃସୃଷ୍ଟି ବନ୍ଦ ହେଉ ନଥିଲା । ଏହି ପ୍ରକ୍ରିୟା ସଂପର୍କରେ ମୋ ମନରେ ସନ୍ଦେହ ଜାତ ହେଲା । ମୁଁ ଅନୁମତି ନେଇ ସେ କୋଠରୀ ମଧ୍ୟରେ ବିଭୂତି ସ୍ତୁପ ନିକଟରେ ଶୋଇ ରହିଲି । ଅଧିକାଂଶ ବିଭୂତି ଲୋକମାନେ ନେଇ ଯାଇଥିଲେ । କୋଠରୀର ସବୁ ଦରଜା ଓ ଝରକା କବାଟ ବନ୍ଦ ଥିଲା । କିନ୍ତୁ ସକାଳୁ ଉଠି ଦେଖିଲି ବିଭୂତି ସ୍ତୁପର ପୁନଃଆବିର୍ଭାବ ହୋଇଛି । ଏହିପରି ଏହା ପରମପ୍ରିୟ ସ୍ୱାମୀଙ୍କର ମହିମା ବୋଲି ସ୍ୱୀକାର କଲି ।

ପ୍ରଶାନ୍ତି ନିଳୟମକୁ ମୋର ପରବର୍ତ୍ତୀ ଯାତ୍ରା ଓ ରହଣୀ କାଳରେ ମୁଁ ସ୍ୱାମୀଙ୍କୁ କହିଥିଲି "ମୁଁ ମାଧବ ଦୀକ୍ଷିତଙ୍କ ବାସଭବନରେ ବିଭୂତି ସୃଷ୍ଟି ହେବାର ଦେଖିଲି । ଆମେ ଏଭଳି କୃପା ପାଇଁ ନିଜକୁ ଅତ୍ୟନ୍ତ ଭାଗ୍ୟବାନ ବୋଲି ମନେ କରୁଛୁ ।"

ବାବା ଉତ୍ତର ଦେଇଥିଲେ "ଭବିଷ୍ୟତରେ ଏଭଳି ଅଧିକ ମହିମା ପୃଥିବୀ ସାରା ଦେଖିବାକୁ ମିଳିବ ।"

ମାଙ୍ଗାଲୋରର ସାଇକେନ୍ଦ୍ରରେ ଭଜନ ଓ ପାଠଚକ୍ରର ଦିନକୁ ଦିନ ଉନ୍ନତି କରିଥିବାରୁ ମୁଁ ମାଙ୍ଗାଲୋର ଆସିବା ପାଇଁ ବାବାଙ୍କୁ ପ୍ରାର୍ଥନା କଲି । ସେ କହିଥିଲେ "ସ୍ୱାମୀ ପରବର୍ତ୍ତୀ ଗୁରୁବାର ଦିନ ଯିବେ । ସ୍ୱାମୀଙ୍କୁ ସ୍ୱାଗତ ଜଣାଇବାକୁ ପ୍ରସ୍ତୁତ ରୁହ ।"

ଏହି ସମ୍ବାଦ ଶୀଘ୍ର ପ୍ରଚାର ହୋଇଗଲା ଏବଂ ଦୁଇଶହରୁ ଅଧିକ ଭକ୍ତ ବାବାଙ୍କୁ ସ୍ୱାଗତ ଜଣାଇବାକୁ ପ୍ରସ୍ତୁତ ହୋଇ ରହିଲେ । କେତୋଟି ଭଜନ ବୋଲା ହେଲାବେଳକୁ ରୋଷେଇ ଘରେ କିଛି ଗୋଟାଏ ଭାଙ୍ଗି ଚୁର୍‌ମାର୍ ହୋଇଯିବାର ଶବ୍ଦ ହେଲା । ଆମର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ଯେ ଟେବୁଲ ତଳେ ଥିବା ଏକ ଅଭଙ୍ଗା କାଚ ଗ୍ଲାସ୍

ଭାଙ୍ଗି ଛୋଟ ଛୋଟ ଖଣ୍ଡରେ ବିଭକ୍ତ ହୋଇଛି । ଛ' ମାସ ପରେ ଏକ ସାକ୍ଷାତ୍କାର ସମୟରେ ମୁଁ ସ୍ୱାମୀଙ୍କୁ କହିଥିଲି ଯେ ତାଙ୍କ ପ୍ରତିଶ୍ରୁତି ଅନୁସାରେ ଆମେ ସମସ୍ତେ ତାଙ୍କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ ହୋଇ ଅପେକ୍ଷା କରିଥିଲାବେଳେ ସେ ଆସିଲେ ନାହିଁ ଏବଂ ଭକ୍ତମାନେ ନିରାଶ ହୋଇ ପଡ଼ିଥିଲେ ।

ବାବା ଉତ୍ତର ଦେଲେ ''ସ୍ୱାମୀ ଯାଇଥିଲେ ଏବଂ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ତୁମେ କଣ ଗ୍ଲାସ୍ ଭାଙ୍ଗିବାର ଶବ୍ଦ ଶୁଣି ନାହଁ ?'' ଏହିଭଳି ଭାବରେ ଏବଂ ଅନ୍ୟ ବହୁ ଉପାୟରେ ବାବା ଆମକୁ ତାଙ୍କ ମହିମା ପ୍ରଦର୍ଶନ କରିଥାନ୍ତି ।

ଶ୍ରୀ ସତ୍ୟସାଇ ସଂଗଠନର ଲକ୍ଷ୍ୟ ସଂପର୍କରେ ବାବା କହନ୍ତି ''ଲୋକମାନେ ଜାଣନ୍ତି ନାହିଁ ଯେ ସେମାନେ ମଧ୍ୟ ଭଗବାନ । ସେମାନେ ବୁଝନ୍ତି ନାହିଁ ଯେ କଣ ପାଇଁ ସେମାନେ ମଣିଷ । ସେମାନଙ୍କର ଅହଂକାର, କ୍ରୋଧ, ଲୋଭ, ଈର୍ଷା, କାମ ଓ ଘୃଣା ରହିଛି । ଏଗୁଡ଼ିକ ମାନବିକ ଗୁଣ ନୁହେଁ । ଏଗୁଡ଼ିକ ପାଶବିକ ଗୁଣ ଓ ଲକ୍ଷଣ । ତେଣୁ ଏଭଳି ଭକ୍ତ ଅନ୍ୟକୁ ଆଧ୍ୟାତ୍ମିକ ଜୀବନଯାପନ ପାଇଁ କିପରି କହିପାରିବେ ? ସେମାନଙ୍କର କଥାର ପ୍ରଭାବ ଆଦୌ ରହିବ ନାହିଁ । ଯଦି ସାଧାରଣ ଭକ୍ତ ଏହି ପାଶବିକ ଲକ୍ଷଣରୁ ମୁକ୍ତ ନୁହଁନ୍ତି ତେବେ ପ୍ରତ୍ୟେକ ସତ୍ୟସାଇ ବାବା କେନ୍ଦ୍ରରେ ଦୁଇ ତିନି ଜଣ ସଭ୍ୟ ରହିବା ଦରକାର ଯେଉଁମାନେ କି ପ୍ରକୃତ ମାନବୀୟ ସଂପନ୍ନ ଜୀବନ ଯାପନ କରିପାରିବେ ।''

ଥରେ ପରମପ୍ରିୟ ସ୍ୱାମୀ କହିଥିଲେ ''ସମଗ୍ର ପୃଥିବୀ ଦିନେ ସାଇଭକ୍ତଙ୍କର ଆଦର୍ଶ ଦ୍ୱାରା ପ୍ରଭାବିତ ହେବ । ପୃଥିବୀର ଲୋକମାନେ ଏଭଳି ଜୀବନଯାପନ ପାଇଁ ଅନୁସନ୍ଧାନ କରି ଚାଲିଛନ୍ତି ଏବଂ ଇଚ୍ଛା ପ୍ରକଟ କରୁଛନ୍ତି । ଏହା ସ୍ୱତଃପ୍ରବୃତ୍ତ ଭାବରେ ହେଉଛି । ତେଣୁ ଯଦି ଏଭଳି ଜୀବନ ଯାପନ ପାଇଁ ସୁଯୋଗ ମିଳୁଛି, ତେବେ ସେଭଳି ଜୀବନକୁ ଗ୍ରହଣ କର । ସମସ୍ତେ ଏହାଦ୍ୱାରା ପ୍ରଭାବିତ ହେବେ ଏବଂ ଏହାକୁ ଅନୁସରଣ କରିବେ । ଶ୍ରୀ ସତ୍ୟସାଇ କେନ୍ଦ୍ର ଗୁଡ଼ିକର ସଭ୍ୟମାନେ ବିଶ୍ୱବାସୀଙ୍କୁ ଏଭଳି ଜୀବନ ଯାପନ ପାଇଁ ପରାମର୍ଶ ଦେବା ପୂର୍ବରୁ ସାବଧାନତାର ସହିତ ପ୍ରକୃତ ମଣିଷ ହେବା ପାଇଁ କାର୍ଯ୍ୟ କରିବା ଉଚିତ୍ ।

ସାଇ ପାଠଚକ୍ର/କେନ୍ଦ୍ରଗୁଡ଼ିକର ଲକ୍ଷ୍ୟ ଓ କାର୍ଯ୍ୟ

୧. ଆଧ୍ୟାତ୍ମିକ ପୁସ୍ତକ, ବିଶେଷ କରି ପ୍ରଶାନ୍ତି ନିଳୟମରୁ (ଏବଂ ଶିରିଡ଼ିରୁ ମଧ୍ୟ) ସାଇ ସଂଗଠନ ଦ୍ୱାରା ପ୍ରକାଶିତ ପୁସ୍ତକ ପାଠ କରିବା ଏବଂ ଭଗବାନଙ୍କର ଜୀବନ ଚରିତ, ଲୀଳା, ମହିମା ଓ ଉପଦେଶ ସଂପର୍କରେ ଜାଣିବା ।

୨. ପୃଥିବୀର ସମସ୍ତ ଧର୍ମ ସଂପର୍କରେ ଜ୍ଞାନ ଅର୍ଜନ କରିବା ।

୩. ଆମର ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିରୁ ସ୍ୱାସ୍ଥ୍ୟସେବାର ବିକାଶ ସାଧନ କରିବା ।

୪. ଧ୍ୟାନ ଓ ଭଜନ ମାଧ୍ୟମରେ ମାନସିକ ଶାନ୍ତି ପାଇବା ।

୫. ଯାହା ଶିକ୍ଷା ମିଳିଲା ତାକୁ ସର୍ବୋତ୍ତମ ଉପାୟରେ ଅଭ୍ୟାସରେ ପରିଣତ କରି ବଞ୍ଚି ରହିବାର ଉଦ୍ଦେଶ୍ୟକୁ ହୃଦୟଙ୍ଗମ କରିବା ।

୬. ସତ୍‌ସଙ୍ଗରେ ଅଂଶଗ୍ରହଣ କରିବା (ଆଧ୍ୟାତ୍ମିକ ଜୀବନଯାପନ ପାଇଁ ଅଭିଳାଷୀ ବ୍ୟକ୍ତିଙ୍କ ସହିତ ସଂପର୍କ ରଖିବା) ଏବଂ ଏଥିରୁ ମିଳୁଥିବା ଲାଭର ଅଂଶୀଦାର ହେବା ।

୭. ଯେ କୌଣସି ପରିସ୍ଥିତିରେ ସାମର୍ଥ୍ୟ ଅନୁସାରେ ମାନବ ଜାତିର ସେବା କରିବା ।

୮. ଭଗବାନଙ୍କର ପିତୃତ୍ୱ ଓ ମାନବର ଭ୍ରାତୃତ୍ୱକୁ ହୃଦୟଙ୍ଗମ କଲାଭଳି ପରିବେଶ ସୃଷ୍ଟି କରିବା ।

୯. ନିର୍ଦ୍ଦିଷ୍ଟ ଧର୍ମ ଓ ଧର୍ମଯାଜକଙ୍କ ମାଧ୍ୟମରେ ନିଜର ପରିଚୟ ନ ଦେଇ ଚାରିତ୍ରିକ ଉତ୍ତମ ଗୁଣ ଗୁଡ଼ିକର ବିକାଶ ସାଧନ କରିବା ।

୧୦. ଆଚରଣ ବିଧି, ଦୈବତ୍ୱ ଉନ୍ମିଳନ ପାଇଁ ମାର୍ଗ ଏବଂ ଈଶ୍ୱର ପ୍ରାପ୍ତିପାଇଁ ନବଧା ଭକ୍ତି ସମ୍ପର୍କରେ ପ୍ରତ୍ୟେକଙ୍କୁ ସଚେତନ କରାଇବା ।

❑❑

ଅଧ୍ୟାୟ - ୧୨

ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କର ପରମପ୍ରିୟ ବାବାଙ୍କୁ ଦର୍ଶନ

ମାଙ୍ଗାଲୋରଠାରେ ଥରେ ଗୁରୁବାର ସଂଧ୍ୟା ଭଜନ ଚାଲିଥିବା ସମୟରେ ଗେରୁଆ ବସ୍ତ୍ର ପରିଧାନ କରିଥିବା ଜଣେ ସ୍ୱାମୀ (ସନ୍ଥ/ସନ୍ୟାସୀ) ଠିକ୍ ଆରତୀ ପୂର୍ବରୁ ଆମ କେନ୍ଦ୍ରକୁ ଆସିଲେ ଏବଂ ଗୋଟିଏ ଚେୟାରରେ ଚେକାମାଡ଼ି ବସି ଆଖି ବନ୍ଦକରି ଧ୍ୟାନ ଆରମ୍ଭ କରିଦେଲେ । ଆରତୀ ସରିବା ପରେ ପରେ ଜଣେ ସ୍ୱେଚ୍ଛା ସେବକ ଚେୟାରକୁ ସେଠାରୁ ନେଇଯିବା ପାଇଁ ସ୍ୱାମୀଙ୍କୁ ସଜାଗ କରିଦେବାକୁ ମୋର ଅନୁମତି ଚାହିଁଲେ । ମୁଁ ତାଙ୍କୁ କହିଥିଲି "ନାଁ ତାଙ୍କର ଧ୍ୟାନ ଶେଷ ହେବା ପର୍ଯ୍ୟନ୍ତ ଆମେ ଅପେକ୍ଷା କରିବା ।"

ପରେ ସ୍ୱାମୀ ଆମକୁ କହିଥିଲେ "ମୁଁ ଆଜି ଏଠାରେ ଥିବାରୁ ବହୁତ ଖୁସି । ମୋ ଗୁରୁ ଆପଣଙ୍କ ସହିତ ପ୍ରଶାନ୍ତି ନିଳୟମ ଯିବାପାଇଁ ମୋତେ ଅନୁମତି ଦେଇଛନ୍ତି ।" ଅଧିକ ଅନୁସନ୍ଧାନ କରି ଆମେ ଜାଣିଲୁ ଯେ ସେ ହେଉଛନ୍ତି ସ୍ୱାମୀ ଶ୍ରଦ୍ଧାନନ୍ଦ ଏବଂ ସ୍ୱାମୀ ନିତ୍ୟାନନ୍ଦଙ୍କ ଶିଷ୍ୟ । ଏହାଙ୍କର ଦେହାବସାନ ପରେ ବମ୍ବେ ନିକଟରେ ଥିବା ବ୍ରଜେଶ୍ୱରୀ ଗଣେଶପୁରୀ ଆଶ୍ରମର ଉତ୍ତରାଧିକାରୀ ହୋଇଥିଲେ ସ୍ୱାମୀ ମୁକୁନ୍ଦାନନ୍ଦ । ସେ ଭାରତବର୍ଷରେ ବହୁ ଆଶ୍ରମ ପ୍ରତିଷ୍ଠା କରିଥିଲେ । ସ୍ୱାମୀ ଶ୍ରଦ୍ଧାନନ୍ଦ ପ୍ରଶାନ୍ତି ନିଳୟମଠାରୁ ୧୭୫ ମାଇଲ (୨୮୦ କିଲୋମିଟର) ଦୂରରେ ଥିବା ହସ୍‌ପେଟ୍ ଶାଖା ଦାୟିତ୍ୱରେ ଥିଲେ ।

ମୁଁ ତାଙ୍କୁ ଉତ୍ତର ଦେଇଥିଲି "ହଁ, ଆମ ସହିତ ଆପଣଙ୍କୁ ଆମେ ନିଶ୍ଚୟ ପ୍ରଶାନ୍ତି ନିଳୟମକୁ ନେଇଯିବୁ ।"

ମୁଁ ବିଶ୍ୱାସ କରେ ଯେ ଯଦି ତୁମର ଆସନ୍ତାକାଲି କିଛି ଭଲ କାର୍ଯ୍ୟ କରିବାର ଥାଏ ତେବେ ତାକୁ ଆଜି କର ଏବଂ ତୁମେ ଯଦି ତାହା ଆଜି କରିପାରିବ ତାହାହେଲେ ତାକୁ ବର୍ତ୍ତମାନହିଁ ସଂପାଦନ କରିବା ଭଲ ।

ତେଣୁ ଆମେ ପରଦିନ ସକାଳ ୫ ଘଣ୍ଟା ସମୟରେ ବାହାରିବୁ ବୋଲି ବ୍ୟବସ୍ଥା କଲୁ । କାରଣ ପ୍ରାତଃ ତିନିଟା ଠାରୁ ୬ଟା ଭିତରେ ଶୁଭବେଳା ଥିଲା । ମାଙ୍ଗାଲୋରଠାରୁ ପୁଟ୍ଟାପର୍ତ୍ତି ପର୍ଯ୍ୟନ୍ତ ୩୫୦ ମାଇଲ୍ (୫୬୦ କିଲୋମିଟର) ପାହାଡ଼ିଆ କଦର୍ଯ୍ୟ ରାସ୍ତା

ଦେଇ କଷ୍ଟସାଧ୍ୟ ଯାତ୍ରା କରି ଆମେ ବିଳମ୍ବିତ ଅପରାହ୍ନରେ ପ୍ରଶାନ୍ତି ନିଳୟମରେ ପହଞ୍ଚିଲୁ । ଆମେ ସର୍ବମୋଟ ପନ୍ଦର ଜଣ ତିନୋଟି କାର୍‌ରେ ଯାତ୍ରା କରିଥିଲୁ ।

ଏଭଳି କଷ୍ଟକର ଯାତ୍ରାର ଚାପ ଯୋଗୁ ଶରୀର ଅବସନ୍ନ ହୋଇପଡ଼େ ଓ କ୍ଳାନ୍ତି ଆସିଥାଏ । ମୋର ଯୁବାବସ୍ଥା ଓ ପରମପ୍ରିୟ ସ୍ୱାମୀଙ୍କର ଆଶୀର୍ବାଦ ଯୋଗୁ ମୁଁ ବହୁତଥର ଏଭଳି କଦର୍ଯ୍ୟ ରାସ୍ତାରେ ଯାତାୟତ କରିଛି । ଏଥିରୁ ମୁଁ ଜାଣିପାରିଛି ଯେ ବାବା ମୋତେ ସଖା ଭାବରେ ଗ୍ରହଣ କରି ମୋ ଜୀବନର ସମସ୍ତ ଘଟଣାରେ ସାହାଯ୍ୟ କରୁଛନ୍ତି । ଭଗବାନଙ୍କ ସହିତ ବନ୍ଧୁତ୍ୱ ସ୍ଥାପନ ନବଧା ଭକ୍ତି ମଧ୍ୟରୁ ଗୋଟିଏ । ବାବାଙ୍କର ମୋ ପ୍ରତି ଅତିରିକ୍ତ ଅନୁଗ୍ରହ ଓ କୃପା ଯୋଗୁ ମୁଁ ଏପ୍ରକାର ସାମାଜିକ ପ୍ରତିଷ୍ଠା ଲାଭ କରିଛି । ଏହା ମୋର ସୌଭାଗ୍ୟ ।

ଆମେ ପ୍ରଶାନ୍ତି ନିଳୟମରେ ପହଞ୍ଚିବା ପରେ ପରମପ୍ରିୟ ବାବା ସାକ୍ଷାତ୍‌କାର କୋଠରୀରୁ ବାହାରି ଆମ ଆଡ଼କୁ ଚାଲିଚାଲି ଆସିଲେ ଏବଂ ପ୍ରଶ୍ନ କଲେ ‘‘ତୁମେ ସ୍ୱାମୀଙ୍କୁ ସାଙ୍ଗରେ ଆଣିଛ ତ ?’’ ମୁଁ ଉତ୍ତର ଦେଲି ‘‘ହଁ ସ୍ୱାମୀ, ସେ ଆମ ସହିତ ଆସିବାକୁ ଚାହିଁଲେ ।’’ ମୁଁ ଅଧିକ କିଛି କହି ନଥିଲି କାରଣ ସବୁ ଅବତାରଙ୍କର ଅବତାର ଭାବରେ ସେ ସବୁକଥା ଜାଣନ୍ତି ।

ସାକ୍ଷାତ୍‌କାର କୋଠରୀକୁ ଯିବାପାଇଁ ଆମକୁ ନିର୍ଦ୍ଦେଶ ମିଳିଲା । ବାବା ତାଙ୍କ ସ୍ୱାଭାବିକ ଢଙ୍ଗରେ ହସ୍ତ ସଂଚାଳନ କରି ଦିବ୍ୟ ବିଭୂତି ସୃଷ୍ଟି କରିବାକୁ ଯାଉଥିବାବେଳେ ସ୍ୱାମୀ ଶ୍ରଦ୍ଧାନନ୍ଦ ମଣିବନ୍ଧ ଉପରେ ତାଙ୍କ ହାତକୁ ଧରି ପକାଇଲେ ଏବଂ ଜୋର୍ ଦେଇ ଧରି ରଖିଲେ । ଆମେସବୁ ଆଶ୍ଚର୍ଯ୍ୟ ହେଲୁ ଯେ ବାବା ଏତାଦୃଶ କାର୍ଯ୍ୟରେ ବାଧା ଦେଇ ନଥିଲେ ।

ସ୍ୱାମୀ ଶ୍ରଦ୍ଧାନନ୍ଦ ନିଜ କାର୍ଯ୍ୟର କୈଫିୟତ୍ ଦେଇ କହିଥିଲେ ‘‘ଆପଣ ବାଣ୍ଟୁଥିବା ପିପରମେଣ୍ଟ ନେବାପାଇଁ ମୁଁ ଆସିନାହିଁ । ମୁଁ ଏକ ବୃହତ୍ ଲକ୍ଷ୍ୟ ନେଇ ଆସିଛି ।’’

ଏତାଦୃଶ କାର୍ଯ୍ୟ ଯେକୌଣସି ଲୋକକୁ କ୍ଷୁବ୍ଧ କରିବା ସ୍ୱାଭାବିକ; ମାତ୍ର ବାବା ଟିକିଏ ହେଲେ ରାଗି ନ ଥିଲେ । ଏହା ବଦଳରେ ସେ ସ୍ମିତ ହସି ଉତ୍ତର ଦେଲେ ‘‘ତୁମ ସଂପର୍କରେ ସ୍ୱାମୀ ସବୁକିଛି ଜାଣନ୍ତି । ତୁମେ ଗାୟତ୍ରୀ ମନ୍ତ୍ରର ଜଣେ ବଡ଼ ଉପାସକ । ଏହା ନିରବଚ୍ଛିନ୍ନ ଭାବରେ କରିଚାଲ । ତୁମେ ମୋକ୍ଷ ପ୍ରାପ୍ତ ହେବ ।’’

ସ୍ୱାମୀ ଶ୍ରଦ୍ଧାନନ୍ଦ ତତ୍‌କ୍ଷଣାତ୍ ନିଜ ହାତ ଦୂରେଇ ନେଲେ ଏବଂ କହିଥିଲେ ‘‘ମୁଁ ଏଥିପାଇଁ ଦୁଃଖିତ ।’’ ଯେତେବେଳେ ଏହି ସ୍ୱାମୀ ବାବାଙ୍କ ହାତଧରି ପକାଇଲେ ମୁଁ ଭାବିଲି ଏଥର ସ୍ୱାମୀ ଏଭଳି ଲୋକଙ୍କୁ ତାଙ୍କ ନିକଟକୁ ଆଣିଛି ବୋଲି ମୋତେ ସାକ୍ଷାତ୍‌କାର କୋଠରୀରୁ ବାହାରିଯିବାକୁ କହିବେ ।

ଭଗବାନ ବାବା ସୃଷ୍ଟି କରିଥିବା ବିଶ୍ୱସ୍ୱରୂପ ପଦକକୁ ଲେଖକ ଡକ୍ଟର ଗଡ଼ିଆ ଓ ଅନ୍ୟମାନଙ୍କୁ ପ୍ରଦର୍ଶନ କରୁଛନ୍ତି ।

ତା'ପରେ ପରମପ୍ରିୟ ବାବା ପରିହାସ କରି କହିଥିଲେ ''ମୁଁ ଆଶା କରୁଛି ଏହି ପିଲାମାନଙ୍କୁ ପିପରମେଣ୍ଟ ଦେବାରେ ତୁମର ଆପତ୍ତି ନାହିଁ।'' ସେ ବିଭୂତି ସୃଷ୍ଟି କଲେ ଏବଂ ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କ ବ୍ୟତୀତ ଆମ ସମସ୍ତଙ୍କୁ ଦେଲେ । ତା'ପରେ ପୁଣି କହିଥିଲେ ''ମୁଁ ଯଦି ଏ ପିଲାମାନଙ୍କୁ ପ୍ରଥମେ ସାକ୍ଷାତ୍କାର ଦେଇ ତୁମକୁ ଶେଷରେ ଡାକେ ତେବେ ତୁମେ ଆପତ୍ତି କରିବ ନାହିଁ ବୋଲି ମୁଁ ଆଶା କରୁଛି ।''

ଏହାପରେ ବାବା ପ୍ରତ୍ୟେକଙ୍କୁ ଜଣ ଜଣ କରି ବ୍ୟକ୍ତିଗତ ସାକ୍ଷାତ୍କାର ଦେଲେ । ସାକ୍ଷାତ୍କାର ସମୟରେ ସେ ମୋତେ କହିଥିଲେ ''ଆଦୌ ବ୍ୟସ୍ତ ହୁଅ ନାହିଁ । ଏହି ସ୍ୱାମୀ ଆଜି ଆତ୍ମ ଉପଲବ୍ଧିର ଅଭିଜ୍ଞତା ଅର୍ଜନ କରିବେ ।'' ସତରେ କି ଦିବ୍ୟ ପ୍ରତିଶ୍ରୁତି !!

ଶେଷରେ ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କୁ ବ୍ୟକ୍ତିଗତ ସାକ୍ଷାତ୍କାର ପାଇଁ ଡକାଗଲା । ବାବା ତାଙ୍କୁ କିଛି ପ୍ରଶ୍ନ ପଚାରିବାକୁ ଅନୁମତି ଦେଲେ ନାହିଁ । ନିଜ ପୋଷାକର ବୋତାମ ଖୋଲି ବାବା ନିଜର ନଗ୍ନ ବକ୍ଷ ପ୍ରଦର୍ଶନ ପୂର୍ବକ କହିଥିଲେ ''ଏଠି ଦେଖ ।'' ସେହି ଦୃଶ୍ୟଟି ଥିଲା ସବୁ ଆଶ୍ଚର୍ଯ୍ୟ ମଧ୍ୟରେ ଆଶ୍ଚର୍ଯ୍ୟତମ । ସ୍ୱାମୀ ଶ୍ରଦ୍ଧାନନ୍ଦ ବାବାଙ୍କ ନଗ୍ନ ବକ୍ଷ ଉପରେ ତାଙ୍କ ଗୁରୁ ନିତ୍ୟାନନ୍ଦ ସ୍ୱାମୀଙ୍କୁ ଦେଖିବାକୁ ପାଇଥିଲେ । ତା'ପରେ ସେ ପରମପ୍ରିୟ ବାବାଙ୍କର ପାଦପଦ୍ମକୁ ସ୍ପର୍ଶ କରିବା ପାଇଁ ଆଣ୍ଠେଇ ପଡ଼ିଥିଲେ ଏବଂ କହିଥିଲେ ''ହେ ମୋର ପରମ ଗୁରୁ ! ମୁଁ ଜାଣି ନଥିଲି ଯେ ଆପଣ ପ୍ରଶାନ୍ତି ନିଳୟମରେ ଅଛନ୍ତି । ମୋର ପ୍ରଣାମ ଗ୍ରହଣ କରନ୍ତୁ ଏବଂ ଭୁଲ୍ ପାଇଁ କ୍ଷମା କରନ୍ତୁ । ଦୟାକରି ମୋତେ ଆଶୀର୍ବାଦ କରନ୍ତୁ ।'' ସେ ଆନନ୍ଦରେ ଆଖିର ଲୁହ ଝରାଇବାକୁ ଲାଗିଲେ । ବାବା ତାଙ୍କୁ ସାନ୍ତ୍ୱନା ଦେବାକୁ ଯାଇ କହିଥିଲେ ''ଭୁଲ୍ ସବୁବେଳେ ଭସା ମେଘ ପରି । ଦୁଃଖ କର ନାହିଁ । ସ୍ୱାମୀ ତୁମ ସହିତ ରହିବେ । ତୁମର ମହତ୍ ସାଧନା ପାଇଁ ସେ ତୁମକୁ ଏଠାକୁ ଆଣିବା ପାଇଁ ଚାହିଁଥିଲେ । ଗଡ଼ିଆ ଥିଲା କେବଳ ମାଧ୍ୟମ ।''

ପଦକରେ ପ୍ରେମସାଇ

ବାବା ତା'ପରେ ସବୁ ଭକ୍ତଙ୍କ ସମ୍ମୁଖରେ ଅନ୍ୟ ଏକ ଅଲୌକିକତା ପ୍ରଦର୍ଶନ କଲେ ଏବଂ କହିଥିଲେ ''ଏଠାରେ ଦେଖ ।'' ସେ ବହୁରଙ୍ଗ ବିଶିଷ୍ଟ ଅଢ଼େଇ ଇଞ୍ଚ (୬.୫ ସି.ଏମ୍)ରେ ଦୁଇ ଇଞ୍ଚ (୫ ସି.ଏମ୍) ଆକୃତିର କେତେକ ଅସ୍ପଷ୍ଟ ଚିତ୍ର ଥିବା ଏକ ପଦକ ସୃଷ୍ଟି କଲେ । ଏହା କରୁଥିବା ବେଳେ ସେ ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କ ଦୃଷ୍ଟିକୁ ନିଜ ଆଡ଼କୁ ଟାଣି ନେଇଥିଲେ । ସେ ମୋ ହାତରେ ପଦକଟିକୁ ରଖି ପ୍ରଶ୍ନ କଲେ ''ଏହି ପଦକରେ ଥିବା ଚିତ୍ର ଗୁଡ଼ିକୁ ଚିହ୍ନିପାରିବ କି ?'' ମୁଁ କହିଥିଲି ''ଭଗବାନ ସତ୍ୟନାରାୟଣ ।'' ବାବା ପୁଣି ପଚାରିଲେ ''ତାହାହେଲେ ତାଙ୍କ ବକ୍ଷ ଦେଶରେ କିଏ ଅଛନ୍ତି ?'' ମୁଁ ଉତ୍ତର ଦେଲି ''ଶିରିଡ଼ି ବାବା ।'' ସେ ଆଉ ଗୋଟିଏ ପ୍ରଶ୍ନ କଲେ

ଭଗବାନ ବାବାଙ୍କ ସୃଷ୍ଟ ବିଶ୍ୱସ୍ୱରୂପ ପଦକର ପରିବର୍ଦ୍ଧିତ ଫଟୋଚିତ୍ର
(ଏଥିରେ ଶିରିଡ଼ି ସାଇ, ସତ୍ୟସାଇ ଏବଂ ପ୍ରେମସାଇଙ୍କର ଛବି ରହିଛି) ।

''ଶିରିଡ଼ି ବାବାଙ୍କ ବକ୍ଷ ଦେଶରେ କିଏ ଅଛନ୍ତି ?'' ମୁଁ କହିଥିଲି ''ସ୍ୱାମୀ ! ଆପଣ ନିଜେ ।''

ସେ ପୁଣି ପ୍ରଶ୍ନର ପୁନରାବୃତ୍ତି କଲେ ''ସ୍ୱାମୀଙ୍କ ବକ୍ଷଦେଶରେ କିଏ ଅଛନ୍ତି ?'' ମୁଁ ତାଙ୍କ ନିଜ ବକ୍ଷକୁ ଲକ୍ଷ୍ୟ କରିବାରେ ଲାଗିଲି । ଏହା ଦେଖି ସେ କହିଉଠିଥିଲେ ''ଏଠି ନୁହେଁ । ପଦକଟିରେ ଦେଖ ।'' ବାବାଙ୍କ କଥା ଶୁଣି ସମସ୍ତେ ହସି ଉଠିଥିଲେ । ମୁଁ କହିଥିଲି ''ସ୍ୱାମୀ ! ମୁଁ ସେହି ଚିତ୍ରକୁ ଚିହ୍ନିପାରୁ ନାହିଁ । ମୁଁ ଦୁଃଖିତ ।''

ବାବା ତା ପରେ ପଦକଟିକୁ ନିଜ ହାତକୁ ନେଇ ଦେଖିବା ପାଇଁ ନିର୍ଦ୍ଦେଶ ଦେଲେ । ମାତ୍ର ସମସ୍ତେ କହିଥିଲେ ''ଏହା ଆମକୁ ଆଦୌ ସ୍ପଷ୍ଟ ଜଣା ପଡୁ ନାହିଁ ।'' ତା'ପରେ ବାବା କହିଥିଲେ ''ପଦକଟି ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କୁ ଦିଅ ।'' ସେତେବେଳକୁ ତାଙ୍କ କାନ୍ଦ ବନ୍ଦ ହୋଇଯାଇଥିଲା । ''ଦୁଃଖିତ ପ୍ରଭୁ । ମୁଁ କିଛି ଦେଖିପାରୁ ନାହିଁ ।'' ପରମପ୍ରିୟ ସ୍ୱାମୀ ତା ପରେ କହିଥିଲେ ''ଠିକ୍ ଅଛି । ବର୍ତ୍ତମାନ ପଦକଟିକୁ ଗଡ଼ିଆକୁ ଦିଅ ।'' ସେ ବୁଝାଇ ଦେଇଥିଲେ କଳାରଙ୍ଗର ଫୁଲ ଉପରେ ଜଣେ ବାଳକ ବସିଛି ।'' ଏଥିପ୍ରତି ମୋ ଦୃଷ୍ଟି ଆକର୍ଷଣ କରି ସେ ପ୍ରଶ୍ନ କଲେ ''ଦକ୍ଷିଣ ଭାରତର ହ୍ରଦ ମଧ୍ୟରେ କଳାଫୁଲ ଦେଖିଛ କି ?'' ମୁଁ ସଙ୍ଗେ ସଙ୍ଗେ ଉତ୍ତର ଦେଲି ''ହଁ ସ୍ୱାମୀ ।'' ସେ କଥା ଆଗେଇ ନେଇ କହିଥିଲେ ''ଏହି ବାଳକଟି ଏପରି ଭାବରେ ବସିଛି ଯେ ତାର ଦୁଇଟିଯାକ ଗୋଡ଼ କଳାଫୁଲ ମଧ୍ୟରେ ରହିଯାଇଛି । କିନ୍ତୁ ତୁମେ ପରିଷ୍କାର ଭାବରେ ଦେଖି ପାରିବ ଯେ ଶିରିଡ଼ି ବାବାଙ୍କ ପରି ତାର ଦକ୍ଷିଣ ଗୋଡ଼ ବାମ ଗୋଡ଼ ଉପରେ ରହିଛି । ବାଳକଟିର ମୁଖମଣ୍ଡଳ ସ୍ପଷ୍ଟ ନ ଥିଲେ ମଧ୍ୟ ସମଗ୍ର ଶରୀରର ଚିତ୍ର ଅତି ସ୍ପଷ୍ଟ ।''

ଦୂରରୁ ପଦକଟିକୁ ଲକ୍ଷ୍ୟ କରୁଥିବା କେତେକ ଭକ୍ତ କହିଉଠିଲେ ''ସ୍ୱାମୀ ! ଆମକୁ ଏବେ ପରିଷ୍କାର ଭାବରେ ଜଣାପଡ଼ିଲା ।'' ତା ପରେ ବାବା କହିଥିଲେ ''ଏଠି କାହିଁକି ଏକ କଳା ଫୁଲ ରହିଛି ତୁମେ ଜାଣ କି ?'' ଉତ୍ତର ମିଳିଲା ''ନାଁ ସ୍ୱାମୀ ।''

ବାବା କହିଥିଲେ ''ପଦକଟିକୁ ଓଲଟାଇ ଦିଅ । ଉପରପଟ ତଳକୁ ଓ ତଳପଟ ଉପରକୁ ରଖି ବର୍ତ୍ତମାନ ଦେଖ କଳା ଫୁଲ ସ୍ୱାମୀଙ୍କର କେଶ ବିନ୍ୟାସ ପରି ଓ ବାଳକଟିର ଶରୀର ସ୍ୱାମୀଙ୍କ ମୁଖମଣ୍ଡଳ ପରି ପ୍ରତୀୟମାନ ହେବ ।'' ସେ ପୁଣି ସୂଚନା ଦେଲେ ''ସ୍ୱାମୀଙ୍କୁ ଶିରିଡ଼ି ସାଇଙ୍କ ବକ୍ଷ ଦେଶରେ ଦେଖୁଛ କି ? ତାଙ୍କର ଆଖି କେରାଏ କେଶଦ୍ୱାରା ଲୁଚିଯାଇଛି । ପଦକଟିର ଓଲଟା ପଟରେ ମଧ୍ୟ ସେହିପରି କେଶଗୁଚ୍ଛ ଦ୍ୱାରା ବାମ ଆଖି ଘୋଡ଼ାଇ ହୋଇ ରହିଛି । ଏହା ହିଁ ପଦକଟିର ସୌନ୍ଦର୍ଯ୍ୟ । ସେହି ଦୃଶ୍ୟମାନ ବାଳକଟି ହେଉଛି 'ପ୍ରେମ ସାଇ' । ଏହି ପଦକକୁ 'ବିଶ୍ୱ ସ୍ୱରୂପ ପଦକ' ବୋଲି କୁହାଯାଏ ।''

ଅଧିକାଂଶ ଭକ୍ତ ଜାଣନ୍ତି ଯେ ସ୍ୱାମୀ ପରବର୍ତ୍ତୀ ଅବତାରରେ ମହିଶୂର ରାଜ୍ୟର ମାଣ୍ଡ୍ୟା ଜିଲ୍ଲାରେ ଶ୍ରୀରଙ୍ଗାପତନମ୍ ଅଞ୍ଚଳରେ ଏକ ଗ୍ରାମରେ 'ପ୍ରେମସାଇ' ରୂପେ ଜନ୍ମ ଗ୍ରହଣ କରିବେ । ସ୍ୱାମୀ କହିଛନ୍ତି ସେ ଏ ଶରୀର ତ୍ୟାଗ କଲାବେଳକୁ ୯୫ ବର୍ଷ ବୟସ୍କ ହୋଇଥିବେ ।

ଆଧ୍ୟାତ୍ମିକ ସନ୍ଥମାନଙ୍କ ସମ୍ପର୍କରେ ପରମପ୍ରିୟ ବାବା ନିମ୍ନୋକ୍ତ ସୂଚନା ପ୍ରକାଶ କରିଛନ୍ତି ।

''ବହୁ ସାଧୁ ସନ୍ଥ ଓ ମାନବ ଶରୀରରେ ଭଗବାନ ଅବତରଣ କରିବା ପାଇଁ ଭାରତ ଆଶୀର୍ବାଦ ପ୍ରାପ୍ତ ହୋଇଛି । ସନ୍ଦେହ ଆସିପାରେ ପୃଥିବୀ ଏତେ ବିଶାଳ ଏବଂ ପ୍ରତ୍ୟେକ ସ୍ଥାନରେ ମାନବଜାତି ରକ୍ଷା ପାଇବା ପାଇଁ ଏବଂ ଦିଗ୍‌ଦର୍ଶନ ଲାଭ କରିବାକୁ ଚାହିଁ ରହିଥିବାବେଳେ ଅନ୍ୟସ୍ଥାନ ତୁଳନାରେ କେବଳ ଭାରତରେ କାହିଁକି ଅଧିକ ସାଧୁସନ୍ଥ ଓ ଅବତାରମାନଙ୍କର ଆବିର୍ଭାବ ଘଟୁଛି ?''

''ମୋତେ ବିଶ୍ୱାସ କର । ଏହାର ଗୋଟିଏ କାରଣ ରହିଛି । ଉଦାହରଣ ସ୍ୱରୂପ ସମଗ୍ର ଭାରତବର୍ଷରେ କେବଳ କୋଲାରରେ କାହିଁକି ସୁନା ମିଳୁଛି ? ସେଠାରେ ଗୋଟିଏ ସୁନା ଖଣି ରହିଛି । ସେଥିପାଇଁ ଖଣି ଇଞ୍ଜିନିୟର ଓ ରସାୟନବିତ୍‌ଙ୍କର ଆବଶ୍ୟକତା ରହିଛି । ସେମାନେ ଖଣିରୁ ସୁନା ବାହାର କରିବା ସହିତ ପୃଥକ୍ କରିବେ ଏବଂ ବିଶୁଦ୍ଧ ସୁନାରେ ପରିଣତ କରିବେ । ତାପରେ ସୁନାକୁ ଚାହିଦା ଅନୁସାରେ ବାଣ୍ଟିବେ । ଏହା କଣ ସତ୍ୟ ନୁହେଁ କି ?''

''ଠିକ୍ ସେହିପରି ଭାରତରେ ଏକ ଆଧ୍ୟାତ୍ମିକ ଜ୍ଞାନ ସମ୍ପଦର ଖଣି ରହିଛି । ପ୍ରତ୍ୟେକ ସ୍ଥାନରେ ରହିଥିବା ଆଗ୍ରହୀ ଉଚ୍ଚାକାଂକ୍ଷି ବ୍ୟକ୍ତିମାନଙ୍କୁ ଦର୍ଶନଶାସ୍ତ୍ର ଓ ଉପନିଷଦ, ଭଗବଦ୍ ଗୀତା ଓ ବେଦଗୁଡ଼ିକର ପବିତ୍ରତା, ନିର୍ମଳତା ଓ ତୃଟୀଶୂନ୍ୟତା ସମ୍ପର୍କରେ ଦୃଢ଼ ଅଙ୍ଗୀକାର ପ୍ରଦାନ କରିବାର ଆବଶ୍ୟକତା ରହିଛି । ସେହି କାରଣରୁ ଭାରତରେ ପର୍ଯ୍ୟାୟ କ୍ରମେ ସାଧୁସନ୍ଥଙ୍କର ଆବିର୍ଭାବ ଘଟିଛି । ଏହି ସାଧୁସନ୍ଥଙ୍କର ଉପଦେଶ ଓ ଜୀବନାଦର୍ଶ ଯୋଗୁ ଏଠାରେ ଆଧ୍ୟାତ୍ମିକ ମୂଲ୍ୟବୋଧର ଏକ ବିସ୍ତୃତ କ୍ଷେତ୍ର ରହିଛି । ସାମାନ୍ୟ ଯତ୍ନ କଲେ ଏହା ପ୍ରଚୁର ଆଧ୍ୟାତ୍ମିକ ଫସଲ ଅମଳ ଦେବ ।''

ସେ ପୁଣି କହିଥିଲେ ''କୌଣସି ସେବା କାର୍ଯ୍ୟକୁ ଅର୍ଥହୀନ ବୋଲି ମନେକର ନାହିଁ । ଉଦାହରଣ ସ୍ୱରୂପ ରାସ୍ତା ସଫା କରିବା ମର୍ଯ୍ୟାଦା ହାନି କରୁ ନାହିଁ । ତୁମେ କଣ ତୁମ ଘରର ଚଟାଣକୁ ସଫା କରୁ ନାହଁ ? ତୁମେ କଣ ଘଷାମଜା କରି ଏବଂ ପାଣିରେ ଧୋଇ ଘରେ ଲାଗିଥିବା ମଇଳା ସଫା କରୁ ନାହଁ ? ତୁମେ ଯେତେବେଳେ ଗାଁ ଭିତରେ

ଏଭଳି କାର୍ଯ୍ୟ କରିବ ଗ୍ରାମବାସୀମାନେ ମଧ୍ଯ ତୁମ ସହିତ ଆନନ୍ଦରେ ଯୋଗଦାନ କରିବେ । ଭଲ ହେବା ପାଇଁ ଭଲ କାର୍ଯ୍ୟ କରିବା ପାଇଁ ଲଜ୍ଜା କାହିଁକି ? ତୁମେ ଯାହାକୁ ବିଦ୍ରୁପ ବା ଉପହାସ ବୋଲି ମନେ କରୁଛ ତାହା ବହୁ ସାଧୁସନ୍ଥଙ୍କୁ ପୁରସ୍କାର ବୋଲି ମନେ ହେବ । ଏହି ବିଦ୍ରୁପ ଭାବ କ୍ରମେ ତୁମ ମନରୁ ଉଭେଇ ଯିବ । ଯେଉଁମାନେ ମହମ୍ମଦ ଓ ଯୀଶୁଙ୍କ ଉପଦେଶକୁ ଗ୍ରହଣ କରୁ ନ ଥିଲେ ସେମାନେ ତାଙ୍କୁ ବିତାଡ଼ିତ କରିଥିଲେ ଓ କ୍ରୁଶବିଦ୍ଧ କରିଥିଲେ । କିନ୍ତୁ ସେମାନଙ୍କୁ (ଯୀଶୁଖ୍ରୀଷ୍ଟ ଓ ମହମ୍ମଦ) ସମ୍ମାନ ଦେଇ ଲକ୍ଷ ଲକ୍ଷ ଲୋକଙ୍କର ହୃଦୟରେ ଆଜି ସେମାନଙ୍କର ନାମ ପ୍ରତିଧ୍ୱନିତ ହେଉଛି । ତେଣୁ ଦୃଢ଼ତାର ସହିତ ଏଭଳି ବିଦ୍ରୁପର ସମ୍ମୁଖୀନ ହୁଅ ଏବଂ ନିଜକୁ ସ୍ୱାର୍ଥହୀନ ବୌଦ୍ଧିକ ସେବାରେ ନିମଜ୍ଜିତ କର ।''

ମନେରଖିବା ଉଚିତ ଯେ ଭଗବାନଙ୍କ ଇଚ୍ଛା ବିରୁଦ୍ଧରେ କେହି ସାଧୁ ସନ୍ଥଙ୍କ ସମ୍ପର୍କରେ ଆସି ପାରିବ ନାହିଁ । ମୁଁ ବିଶ୍ୱାସ କରେ ପରମପ୍ରିୟ ବାବାଙ୍କର ସଂକଳ୍ପ ଯୋଗୁ ଗୁରୁଙ୍କ ପରାମର୍ଶ କ୍ରମେ ସ୍ୱାମୀ ଶ୍ରଦ୍ଧାନନ୍ଦ ମାଙ୍ଗାଲୋରରୁ 'ଏହି ଦାସ' ସହିତ ପ୍ରଶାନ୍ତି ନିଳୟମ୍ ଆସିଥିଲେ । ପରମପ୍ରିୟ ସ୍ୱାମୀ ହିଁ ଆମକୁ ତାଙ୍କ ଆଡ଼କୁ ଟାଣି ଆଣିଥିଲେ । ବୋଧହୁଏ ମୋ ଜୀବନରେ ପ୍ରଶାନ୍ତିର ମୌଳିକ ନୀତି ଓ ତାର ଆଭାସକୁ ଜାଗରୁକ କରିବା ପାଇଁ ବାବା ଏଭଳି ଏକ ଅଭିଜ୍ଞତା ଅର୍ଜନ କରିବାର ସୁଯୋଗ ମୋତେ ପ୍ରଦାନ କରିଛନ୍ତି ।

ପରମପ୍ରିୟ ସ୍ୱାମୀ ମୋ ପ୍ରତି ଦୟା ପରବଶ ହୋଇ ବିଭିନ୍ନ ଆଧ୍ୟାତ୍ମିକ କ୍ଷେତ୍ର ପରିଦର୍ଶନ କରି ସାଧୁସନ୍ଥଙ୍କ ସମ୍ପର୍କରେ ଆସିବା ପାଇଁ ମୋତେ ପ୍ରବୁଦ୍ଧ କରିଛନ୍ତି । ଏହି ଯୋଗାଯୋଗ ସମ୍ପର୍କରେ ଏହି ପୁସ୍ତକରେ ବର୍ଣ୍ଣନା କରାଯାଇଛି ।

ଭଗବାନ୍ ଶ୍ରୀ ସତ୍ୟସାଇ ତାଙ୍କର ଦିବ୍ୟାଲୋକ ଓ କୃପାବାରି ପୃଥିବୀର ସମସ୍ତଙ୍କ ଉପରେ ବର୍ଷଣ କରନ୍ତୁ ।

□□

ଅଧ୍ୟାୟ - ୧୩

ଭକ୍ତଙ୍କ ପ୍ରତି ଦିବ୍ୟ କୃପା

ମୁଁ ପ୍ରଶାନ୍ତିନିଳୟମରେ ରହୁଥିବା ସମୟରେ କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣା ସଂଘଟିତ ହୋଇଛି । ଏଗୁଡ଼ିକ ସ୍ୱାମୀଙ୍କ କୃପାର ମୂଲ୍ୟବାନ ଉପହାର ବୋଲି ମୁଁ ବିଚାର କରେ । ଦିନେ ପରମପ୍ରିୟ ସ୍ୱାମୀ 'ଏହି ଦାସ'କୁ ପରବର୍ତ୍ତୀ ସାକ୍ଷାତକାରବେଳକୁ ଗୋଟିଏ 'ଟାଇ' (ଗଳାବନ୍ଧ) ଆଣିବାକୁ ନିର୍ଦ୍ଦେଶ ଦେଲେ । ମୁଁ ତେଣୁ ଆଶ୍ଚର୍ଯ୍ୟରେ ପ୍ରଶ୍ନ କଲି ''ଗୋଟିଏ ଟାଇ ?'' ସେ ତତ୍‌କ୍ଷଣାତ୍ କହିଥିଲେ ''ଲଣ୍ଡନରେ ସମସ୍ତେ ଗଳାରେ ଟାଇ ବାନ୍ଧନ୍ତି । ତୁମେ କଣ ଏହା ଜାଣି ନାହଁ ?'' ମୁଁ ଉତ୍ତର ଦେଲି ''ହଁ ସ୍ୱାମୀ, ସେ ପ୍ରକାର ଟାଇ କଥା ମୁଁ ଜାଣେ ।'' ସେ ମୋତେ ସ୍ମରଣ କରାଇ ଦେଲେ ଯେପରି ମୁଁ ଟାଇ କଥା ଭୁଲି ନ ଯାଏ ।

ମୋର ପ୍ରଶାନ୍ତି ନିଳୟମକୁ ପରବର୍ତ୍ତୀ ଗସ୍ତ କାଳରେ ମୁଁ ଏକ ଟାଇ ଆଣିଥିଲି ଏବଂ ତାକୁ ଦର୍ଶନ ସମୟରେ ଗୁଡ଼ାଇ ପକେଟରେ ରଖିଥିଲି । ସ୍ୱାମୀ ମୋତେ ସାକ୍ଷାତକାର କୋଠରୀକୁ ଡାକିଲେ ଏବଂ ସିଧାସଳଖ କହିଥିଲେ ''ଆସ ଏବଂ ପକେଟରୁ ଟାଇ ବାହାର କର ।''

ବାବା ହେଉଛନ୍ତି ଅନ୍ତର୍ଯ୍ୟାମୀ ଏବଂ ସେ ସବୁକଥା ଜାଣନ୍ତି । ମୁଁ ଗୁଡ଼ାଇ ଧରିଥିବା ଟାଇକୁ ସେ ଖୋଲିଦେଲେ ଏବଂ ମୋ ଗଳାରେ ଗୁଡ଼ାଇ ଦେଇ କହିଥିଲେ ''ଭୁଲି ନ ଯାଇ ତୁମେ ସବୁଦିନେ ଟାଇ ପିନ୍ଧିବ ଏବଂ ମୁଁ ନ କହିବା ପର୍ଯ୍ୟନ୍ତ ଟାଇ ପିନ୍ଧିବା ବନ୍ଦ କରିବ ନାହିଁ । ଆଜି ତୁମେ ଏଥିପାଇଁ ପ୍ରତିଜ୍ଞା କର ।'' ମୁଁ ଖୁସି ହୋଇଥିଲି ଏବଂ ଉତ୍ତର ଦେଲି ''ମୁଁ ପ୍ରତିଜ୍ଞା କରୁଛି ଆପଣ ଟାଇପିନ୍ଧା ବନ୍ଦ କରିବାକୁ ନ କହିବା ପର୍ଯ୍ୟନ୍ତ ମୁଁ ପ୍ରତିଦିନ ଟାଇ ବାନ୍ଧିବି ।'' ସେ ଅତି ଖୁସି ହୋଇଯାଇଥିଲେ । ଏହା ୧୯୬୨ ମସିହାର ଘଟଣା । ତା ପରଠାରୁ ମୁଁ କେବେହେଲେ ଟାଇ ନ ବାନ୍ଧି ଯାଇ ନାହିଁ । ଭକ୍ତମାନେ ମୋତେ କୌତୁକପୂର୍ଣ୍ଣ ପ୍ରଶ୍ନ ପଚାରନ୍ତି– ''ଆପଣ କଣ ସବୁଦିନେ ସେହି ଟାଇଟିକୁ ପିନ୍ଧନ୍ତି ?'' ''ଆପଣ କଣ ବିଛଣାରେ ଶୋଇଥିଲାବେଳେ ଟାଇ ପିନ୍ଧି ଶୁଅନ୍ତି ।'' ''ଆପଣଙ୍କୁ ସ୍ୱାମୀ ଏପରି କରିବାର କାରଣ କହିଛନ୍ତି କି ?'' ଇତ୍ୟାଦି ।

କେତେମାସ ପରେ ପରମପ୍ରିୟ ସ୍ୱାମୀ, 'ଏହି ଦାସ'କୁ ପ୍ରଫେସର କସ୍ତୁରୀ ଓ ମାଧବ ଦୀକ୍ଷିତଙ୍କ ଉପସ୍ଥିତିରେ ନିର୍ଦ୍ଦେଶ ଦେଲେ ''ଆଗପରି ତୁମ କାର୍ଯ୍ୟ କରିଚାଲ ଏବଂ କାହାରି କଥା ନ ଶୁଣି ପାଠଚକ୍ର ପ୍ରତିଷ୍ଠା କର । ଯଦି କେହି ତୁମ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରନ୍ତି ସଙ୍ଗେ ସଙ୍ଗେ ସ୍ୱାମୀଙ୍କୁ ଜଣାଅ । ତୁମ ସମସ୍ୟା ଦୂର ହୋଇଯିବ ।'' ତାପରେ ସେ ଦୀକ୍ଷିତଙ୍କୁ ଚାହିଁ କହିଥିଲେ ''ତୁମେ ଓ କସ୍ତୁରୀ ଉଭୟ ସାକ୍ଷୀ ରହିଲ ।''

ପରମପ୍ରିୟ ସ୍ୱାମୀ ହାଇଦ୍ରାବାଦ ଚାଲିଯାଇଥିଲେ । ତେଣୁ ମୁଁ ମୋର ପରବର୍ତ୍ତୀ ଛୁଟିରେ ବମ୍ବେ ଯିବି ବୋଲି ସ୍ଥିର କଲି । ସେଠାରେ ମୁଁ ଭବାନ୍ସ କଲେଜରେ ପଢୁଥିବାବେଳେ ମୋର ବହୁ ପରିବାର ସହିତ ସମ୍ପର୍କ ଗଢ଼ିଉଠିଥିଲା । ମୁଁ ଯେଉଁସବୁ ପରିବାରକୁ ଜାଣିଥିଲି ସେମାନଙ୍କ ନିକଟରେ ପରମପ୍ରିୟ ସ୍ୱାମୀଙ୍କର ଦିବ୍ୟ ବାର୍ତ୍ତା ପହଞ୍ଚାଉଥିଲି । ସେହି ସମୟରେ ଜଣେ କେହି ମୋତେ କହିଥିଲେ ''ତୁମେ ଜାଣିଛ କି ସ୍ୱାମୀ ବମ୍ବେ ଆସିଥିଲେ ଏବଂ ହାଙ୍ଗିଙ୍ଗ୍ ଗାର୍ଡ଼େନ (ଝୁଲନ୍ତା ଉଦ୍ୟାନ) ନିକଟରେ ଲକ୍ଷ୍ମଣ ଦାସ ଭାଟିଆଙ୍କ ପରିବାର ସହିତ ରହୁଥିଲେ ।'' ଏହା ଅତି ଜଣାଶୁଣା ସ୍ଥାନ ଏବଂ ମୁଁ ତୁରନ୍ତ ଭାଟିଆ ପରିବାରର ଠିକଣା ପାଇବାକୁ ସକ୍ଷମ ହୋଇଥିଲି ।

ମୁଁ ଭାଟିଆଙ୍କ ଘରକୁ ଗଲି ଏବଂ ତାଙ୍କ ପରିବାର ସହିତ ସମ୍ପର୍କ ସ୍ଥାପନ କଲି । ପରମପ୍ରିୟ ବାବାଙ୍କ ସହିତ ଆମର ଅଭିଜ୍ଞତା, ତାଙ୍କର ଅଲୌକିକତା ଓ ଉପଦେଶ ସମ୍ପର୍କରେ ଆଲୋଚନା କରି ଆମେ ପରସ୍ପରର ଆଧ୍ୟାତ୍ମିକ ଅଗ୍ରଗତିରେ ସହାୟକ ହୋଇଥିଲୁ ଏବଂ ପରସ୍ପରକୁ ପ୍ରୋତ୍ସାହିତ କରିଥିଲୁ । ଲକ୍ଷ୍ମଣ ଦାସ ଭାଟିଆ ମୋ ସହିତ ପ୍ରଶାନ୍ତି ନିଳୟମ୍ ଯିବା ପାଇଁ ସଂକଳ୍ପ କଲେ । ଠିକ୍ ସେହି ସମୟରେ ସେ ମହାରାଷ୍ଟ୍ର ସରକାରଙ୍କର କୃଷିମନ୍ତ୍ରୀ ଶ୍ରୀ ପି.କେ. ସାବନ୍ତଙ୍କ କଥା ମନେ ପକାଇଲେ । ସାବନ୍ତ ଶିରିଡ଼ି ସାଇ ବାବାଙ୍କର ଅନୁଗାମୀ ଥିଲେ ଏବଂ ଶିରିଡ଼ି ସଂସ୍ଥାନ ଟ୍ରଷ୍ଟର ସଭ୍ୟ ଓ ପୂର୍ବତନ ସଭାପତି ଥିଲେ । ଲକ୍ଷ୍ମଣ ଦାସ ଚାହିଁଥିଲେ ଆମର ପରମପ୍ରିୟ ସ୍ୱାମୀ ଶିରିଡ଼ି ସାଇବାବାଙ୍କର ଅବତାର ବୋଲି ମନ୍ତ୍ରୀ ଜାଣନ୍ତୁ । ସ୍ୱାମୀଙ୍କର ଲୀଳା, ମହିମା ଓ ଉପଦେଶ ତଥା ମାଧବ ଦୀକ୍ଷିତଙ୍କ ଅଭିଜ୍ଞତା ଶୁଣିଲା ପରେ ମନ୍ତ୍ରୀ ଅତ୍ୟନ୍ତ ଆଗ୍ରହୀ ହୋଇ ପଡ଼ିଥିଲେ ଏବଂ ପ୍ରଶାନ୍ତି ନିଳୟମ୍ ଯିବା ପାଇଁ ଇଚ୍ଛା ପ୍ରକାଶ କଲେ । ଯାହାଫଳରେ ଆମେ ଏକାଠି ବହୁତଥର ପ୍ରଶାନ୍ତି ନିଳୟମ୍ ଯାଇଥିଲୁ ।

ଦୀର୍ଘଦିନ ଧରି ଭାଟିଆଙ୍କ ପରିବାର ସହିତ ରହୁଥିବା ତାଙ୍କ ଚାକର ସମ୍ପର୍କରେ ଏକ ଚିତ୍ତାକର୍ଷକ ଘଟଣା ଘଟିଥିଲା । ଏହି ଲୋକ ହଠାତ୍ ସାଂଘାତିକ ରୋଗରେ ପଡ଼ିଲେ ଏବଂ ତାଙ୍କର କୌଣସି ଚିକିତ୍ସାଳୟରେ ଚିକିତ୍ସିତ ହେବା ନିହାତି ଜରୁରୀ ଥିଲା । ଲକ୍ଷ୍ମଣ ଦାସ ତାଙ୍କୁ ଧରି ବହୁ ଚିକିତ୍ସାଳୟ ବୁଲିଲେ ଏବଂ ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବାକୁ ମଧ୍ୟ

ପ୍ରସ୍ତୁତ ଥିଲେ । ମାତ୍ର କୌଣସିଠାରେ କୋଠରୀଟିଏ ମିଳିଲା ନାହିଁ । ତେଣୁ ରୋଗୀଟି ପ୍ରତ୍ୟାଖ୍ୟାତ ଓ ନିରାଶ ହୋଇ ଘରକୁ ଫେରିଲା ।

ସ୍ୱାମୀଙ୍କ ପ୍ରେରଣା ଯୋଗୁ ମୁଁ ରୋଗୀକୁ ଦିବ୍ୟ ବିଭୂତି ଦେଲି ଏବଂ ତାଙ୍କୁ ଆନ୍ତରିକତାର ସହିତ ନିଷ୍କାପର ଭାବରେ ପ୍ରାର୍ଥନା କଲି । ଯେଉଁ ମୁହୂର୍ତ୍ତରେ ରୋଗୀ ବିଭୂତି ସେବନ କଲା ସେହି ମୁହୂର୍ତ୍ତରେ ହିଁ ତାକୁ ଭଲ ଲାଗିଲା, ତାର କଷ୍ଟ ଦୂର ହୋଇଗଲା ଏବଂ ଅଧଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କଲା । ଏହି ସମ୍ବାଦ ସେହି ବ୍ଲକର ଫ୍ଲାଟଗୁଡ଼ିକରେ କାମ କରୁଥିବା ଅନ୍ୟ ଚାକରମାନଙ୍କ ମଧ୍ୟରେ ଶୀଘ୍ର ପ୍ରଚାର ହୋଇଗଲା ଏବଂ ମୋଠାରୁ ବିଭୂତି ପାଇବା ପାଇଁ ଏକ ଲମ୍ବାଧାଡ଼ି ଲାଗିଗଲା । ଏହିପରି ସ୍ୱାମୀ ଓ ତାଙ୍କ ବିଭୂତି ସମ୍ପର୍କରେ ଏହି ଲୋକମାନଙ୍କ ମନରେ ବିଶ୍ୱାସ ଜନ୍ମିଥିଲା ।

ସେହି ସମୟରେ ମନ୍ତ୍ରୀ ସାବନ୍ତ ଲକ୍ଷ୍ମଣ ଦାସଙ୍କ ଘରକୁ ପ୍ରଶାନ୍ତି ନିଳୟମ ସମ୍ପର୍କରେ କେତୋଟି କଥା ଜାଣିବାକୁ ଆସିଥିଲେ । ଏକ ଲମ୍ବା ଧାଡ଼ିରେ ମୋଠାରୁ ବିଭୂତି ନେବା ପାଇଁ ବହୁଲୋକ ଅପେକ୍ଷା କରିଥିବା ଦେଖି ସେ ଆଶ୍ଚର୍ଯ୍ୟ ହେଲେ । ସେ ମଧ୍ୟ ତାଙ୍କ ପାଳି ଆସିବା ପର୍ଯ୍ୟନ୍ତ ଧାଡ଼ିରେ ଠିଆ ହେଲେ । ଅବଶ୍ୟ ତାଙ୍କ ଉପସ୍ଥିତି ଜାଣିବା ମାତ୍ରେ ତାଙ୍କୁ ଭିତରକୁ ଡାକି ନିଆଗଲା ।

ମୁଁ ଯେତେବେଳେ ତାଙ୍କୁ ବିଭୂତି ଯାଚିଲି ସେ ତାଙ୍କୁ ବିଭୂତି ଖୁଆଇ ଦେବା ପାଇଁ ମୋତେ ବାଧ୍ୟ କରିଥିଲେ । ମୁଁ ତାଙ୍କୁ ହାତରେ ବିଭୂତି ନେବା ପାଇଁ ଯେତେ କହିଥିଲେ ମଧ୍ୟ ସେ କିଛି ଶୁଣିଲେ ନାହିଁ । ମୁଁ ଜାଣି ଆଶ୍ଚର୍ଯ୍ୟ ହେଲି ଯେ ଏ ଦୃଶ୍ୟର ଫଟୋ ନେବା ପାଇଁ ସେ ଆଗରୁ ଜଣେ ଫଟୋଗ୍ରାଫରକୁ ପ୍ରସ୍ତୁତ ହୋଇ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଁ ଡରିଗଲି ଯେ ଯଦି ପରମପ୍ରିୟ ସ୍ୱାମୀ ଏହି ଫଟୋ ଦେଖନ୍ତି ସେ ଖୁସି ହୋଇ ନ ପାରନ୍ତି । କିନ୍ତୁ ମୋର କୌଣସି ଉପାୟ ନ ଥିବାରୁ ଯଦି କୌଣସି ଭୁଲ୍ ହୋଇ ଯାଇଥାଏ ସେଥିପାଇଁ କ୍ଷମା ଦେବାକୁ ମୁଁ ପରମପ୍ରିୟ ସ୍ୱାମୀଙ୍କୁ ବିନମ୍ର ପ୍ରାର୍ଥନା ଜଣାଇଲି ।

ବାବା ଘୋଡ଼ାରେ ବସିଥିବା ଏକ ଫଟୋଚିତ୍ର କାନ୍ଥରେ ଝୁଲୁଥିଲା ଏବଂ ଏହି ଫଟୋର ଉଭୟ ପାର୍ଶ୍ୱରେ ମନ୍ତ୍ରୀ ଓ ମୁଁ ଠିଆ ହୋଇଥିଲୁ । କୁହାଯାଏ କଲ୍କୀ ଅବତାର ଅଭୟ ହସ୍ତ ଉତ୍ତୋଳନ କରି ଘୋଡ଼ାରେ ବସିଥିବେ । ଏହା ସତ୍ୟ ଯେ ପରମପ୍ରିୟ ସ୍ୱାମୀ ହେଉଛନ୍ତି କଲ୍କୀ ଅବତାର । ସଦ୍ୟ ଉତ୍ତୋଳିତ ଫଟୋଟି ଧୁଆଯିବା ପରେ ଦେଖାଗଲା ଯେ ଏକ ଦିବ୍ୟ ରଶ୍ମି ଫଟୋରେ ଥିବା ବାବାଙ୍କ ଅଭୟ ହସ୍ତରୁ ନିସୃତ ହୋଇ ସିଧାସଳଖ ମନ୍ତ୍ରୀ ସାବନ୍ତଙ୍କ ଉପରେ ପଡୁଛି ।

ପରମପ୍ରିୟ ସ୍ୱାମୀ ବାଙ୍ଗାଲୋରରେ ଥିବା ସମୟରେ ଲକ୍ଷ୍ମଣ ଦାସ ଫଟୋଟିରୁ ନିସୃତ ରଶ୍ମୀ ସମ୍ପର୍କରେ ପଚାରିବାକୁ ଗଲେ । ବହୁ ଭକ୍ତ ସେଠାରେ ଥିଲେ ଏବଂ ଲକ୍ଷ୍ମଣ

ଦାସଙ୍କୁ ବାବା ସତର୍କ କରାଇ କହିଥିଲେ ''ଲକ୍ଷ୍ମଣ ଦାସ ! ତୁମେ ବର୍ତ୍ତମାନ ମୋତେ କିଛି କୁହ ନାହିଁ । ମୁଁ ତୁମକୁ ପରେ ସୁଯୋଗ ଦେବି ।'' ପ୍ରଫେସର କସ୍ତୁରୀ ଲକ୍ଷ୍ମଣ ଦାସଙ୍କ ହାତରେ ଫଟୋ ଥିବା ଲଫାପାଟି ଦେଖି ତାଙ୍କୁ ଅନ୍ୟ ଏକ କୋଠରୀକୁ ଡାକି ନେଲେ ଏବଂ ଫଟୋଟି ଦେଖିବାକୁ ଚାହିଁଲେ ।

ପରେ ଯେତେବେଳେ ଏହି ଫଟୋଟିକୁ ପ୍ରଫେସର କସ୍ତୁରୀ ବାବାଙ୍କୁ ଦେଖାଇଲେ ବାବା କହିଥିଲେ ''ଯେତେବେଳେ ଗଡ଼ିଆ ମନ୍ତ୍ରୀଙ୍କ ପାଟିରେ ବିଭୂତି ଦେଉଥିଲା ସେତେବେଳେ ମନ୍ତ୍ରୀଙ୍କର ସନ୍ଦେହ ଆସିଥିଲା ଯେ ଏହି ବିଭୂତି ଓ ଶିରିଡ଼ି ବିଭୂତି କଣ ଏକା ପ୍ରକାରର ଫଳ ପ୍ରଦାନ କରନ୍ତି ? ଫଟୋ ନେବା ମୁହୂର୍ତ୍ତରେ ହିଁ ସ୍ୱାମୀ ସନ୍ଦେହ ଦୂର କରିଥିଲେ ଏବଂ ଏହା ଦିବ୍ୟ ରଶ୍ମୀ ରୂପେ ଫଟୋରେ ଦେଖାଦେଇଥିଲା ।''

ଏହି ଅଲୌକିକ ଘଟଣା ବାବା ଭଗବାନ ବୋଲି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ବୋଲି ପ୍ରଫେସର କସ୍ତୁରୀ ବିଚାର କରନ୍ତି । କାରଣ ଭଗବାନଙ୍କ ବ୍ୟତୀତ ଅନ୍ୟ କେହି କ୍ୟାମେରାର କ୍ଲିକ୍ ମାତ୍ରକେ କାହାରି ମନରୁ ସନ୍ଦେହ ଦୂର କରି ପାରିବେ ନାହିଁ । ଏହି ଘଟଣାଟି 'ସତ୍ୟମ୍-ଶିବମ୍-ସୁନ୍ଦରମ୍'ର ଦ୍ୱିତୀୟ ଭାଗ ତୃତୀୟ ଅଧ୍ୟାୟ 'କର୍ମଭାର (ଦି ଟ୍ୟାସ୍କ)' ଶୀର୍ଷକରେ ପ୍ରକାଶିତ ।

୧୯୬୫ ମସିହା ଜୁନ୍ ସାତ ତାରିଖ ଦିନ 'ପ୍ରଶାନ୍ତି ବିଦ୍ୱାନ ମହାସଭା'ର ମହାରାଷ୍ଟ୍ର ଶାଖା ପରମପ୍ରିୟ ସ୍ୱାମୀଙ୍କ ଦ୍ୱାରା ବମ୍ବେର ସମ୍ମୁଖାନନ୍ଦ ସଭାଗୃହରେ ଉଦ୍‌ଘାଟିତ ହୋଇଥିଲା । ମନ୍ତ୍ରୀ ପି.କେ. ସାବନ୍ତ ଏହି ସଭାରେ ଚେୟାରମ୍ୟାନ୍ ଥିଲେ ।

ବମ୍ବେର ବିଭିନ୍ନ ସ୍ଥାନରେ ମୁଁ ବାବାଙ୍କର ଦିବ୍ୟବାର୍ତ୍ତା ପ୍ରସାର କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଥରେ ସେ ମନ୍ତ୍ରୀଙ୍କୁ ଡକାଇ କହିଥିଲେ ''ଗଡ଼ିଆ ବମ୍ବେରେ ଭାରି କୋଳାହଳ କରୁଛି । ତାକୁ ଡକାଇ ଆଣ । ସ୍ୱାମୀ କୌଣସି ପ୍ରକାର ପ୍ରଚାର ଚାହାଁନ୍ତି ନାହିଁ । ତେଣୁ ଏସବୁ କାର୍ଯ୍ୟକ୍ରମ ବନ୍ଦ କରିବାକୁ ପଡ଼ିବ ।''

ମୁଁ ଏହି ବାର୍ତ୍ତା ମନ୍ତ୍ରୀଙ୍କଠାରୁ ପାଇ ହତବାକ୍ ହୋଇ ପଡ଼ିଲି ଏବଂ ସଙ୍ଗେ ସଙ୍ଗେ ସବୁକିଛି ବନ୍ଦ କରିଦେଲି । ପୁଟ୍ଟାପର୍ତ୍ତି ଯିବା ଉଦ୍ଦେଶ୍ୟରେ ପରବର୍ତ୍ତୀ ଟ୍ରେନ୍ ଧରିଲି । ମୁଁ ଠିକ୍ ମୁଖ୍ୟ ଫାଟକ ଦେଇ ପ୍ରଶାନ୍ତି ନିଳୟମ୍‌କୁ ପ୍ରବେଶ କରୁଥିଲାବେଳେ ସ୍ୱାମୀ ମୋ ଆଡ଼କୁ ଆସି କହିଥିଲେ ''ତୁମେ ତୁମ କର୍ତ୍ତବ୍ୟରେ ଅସଫଳ ହୋଇଛ । ତୁମେ ସାବନ୍ତ କଥା କାହିଁକି ଶୁଣିଲ ?'' ମୁଁ ଉତ୍ତର ଦେଲି ''ସ୍ୱାମୀ ! ସେ ଯଦି ସାଧାରଣ ଭକ୍ତ ହୋଇଥାନ୍ତେ ତେବେ ମୁଁ ତାଙ୍କ କଥା ଶୁଣି ନ ଥାନ୍ତି । ମାତ୍ର ଆପଣ ଜଣେ ଅତି ପ୍ରଭାବଶାଳୀ ବ୍ୟକ୍ତି ଜରିଆରେ ବାର୍ତ୍ତା ପଠାଇଲେ । ତେଣୁ ମୁଁ ବାର୍ତ୍ତାର ସତ୍ୟତା ଜାଣିବା ପାଇଁ ଏଠାକୁ ଆସିଲି ।'' ସେ ଟିକେ କ୍ରୋଧାନ୍ୱିତ ସ୍ୱରରେ କହିଥିଲେ ''ଏପରିକି ସେ ଯଦି ପ୍ରଧାନମନ୍ତ୍ରୀ ହୋଇଥାନ୍ତେ ତାଙ୍କ କଥା ମଧ୍ୟ ତୁମେ ଶୁଣି ନ ଥାନ୍ତ ।''

ତା ପରେ ସେ ନିଜ ହାତ ଛାତି ଉପରେ ରଖି କହିଥିଲେ "ଏ ହେଉଛନ୍ତି କୃଷ୍ଣ । ସେ ଜଣକୁ ଗୋଟିଏ କଥା କହିପାରନ୍ତି ଏବଂ ଅନ୍ୟ ଜଣକୁ ଅନ୍ୟକଥା କହନ୍ତି । ତୁମକୁ ସ୍ୱାମୀ ଯାହା କହୁଛନ୍ତି ତାହା ତୁମେ ଶୁଣିବା ଉଚିତ ଏବଂ କାର୍ଯ୍ୟରେ ପରିଣତ କରିବା ଉଚିତ । ପୁଣି ଥରେ ଯେପରି ଏଭଳି ଭୁଲ୍ ନ କର ।"

ମୁଁ ସଙ୍ଗେ ସଙ୍ଗେ ଭବିଷ୍ୟତରେ ଅନ୍ୟ କାହା କଥା ନ ଶୁଣିବା ପାଇଁ ପ୍ରତିଜ୍ଞା କଲି । ତା ପରେ ସେ ମୋ ପାଇଁ କିଛି ବିଭୂତି ସୃଷ୍ଟି କଲେ ଏବଂ ପ୍ରଶାନ୍ତି ନିଳୟମ୍ ଛାଡ଼ି ଯିବା ପାଇଁ ଅନୁମତି ଦେଲେ । ଏହି ଘଟଣାରୁ ଆମେ ସବୁ ଗୋଟିଏ ଶିକ୍ଷା ପାଇଲେ । ତାହା ହେଲା ଜଣେ ଆମର ପରମପ୍ରିୟ ସ୍ୱାମୀଙ୍କର ନିର୍ଦ୍ଦେଶ ଅନୁସାରେ ନିଜ କର୍ତ୍ତବ୍ୟ ସାଧନ କରିବା ଉଚିତ । ଅନ୍ୟ କାହାରି କାର୍ଯ୍ୟରେ ଅନୁପ୍ରବେଶ କରିବା ଉଚିତ ନୁହେଁ କିମ୍ବା କୌଣସି ସମୟରେ ଅନ୍ୟ କାହାରି କଥା ଶୁଣିବା ଉଚିତ ନୁହେଁ ।

ପ୍ରଶାନ୍ତି ବିଦ୍ୱାନ୍ ମହାସଭା

ଉଚ୍ଚଶିକ୍ଷିତ ବିଜ୍ଞ ପଣ୍ଡିତମାନଙ୍କର ସଂଗଠନକୁ 'ପ୍ରଶାନ୍ତି ବିଦ୍ୱାନ୍ ମହାସଭା' କୁହାଯାଏ । ଏମାନେ ପରସ୍ପର ସହିତ ବୁଝାମଣା ଭିତ୍ତିରେ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଏବଂ ସମଗ୍ର ପୃଥିବୀରେ ଧର୍ମ ପ୍ରତିଷ୍ଠା କରି ପ୍ରଶାନ୍ତି ବା ଅନ୍ତର୍ନିହିତ ଶାନ୍ତି ଓ ସଂଗତି ଆଣିବାରେ ସାହାଯ୍ୟ କରନ୍ତି ।

ବିଭିନ୍ନ ଧର୍ମର ଭକ୍ତମାନେ ମଧ୍ୟ ବେଳେବେଳେ ଏକାଠି ବସି ସେମାନଙ୍କର ଧର୍ମ ମଧ୍ୟରେ ଯେଉଁ ସମନ୍ୱୟ ରହିଛି ସେ ସମ୍ପର୍କରେ ଆଲୋଚନା କରନ୍ତି । ସବୁ ଧର୍ମର ମୌଳିକ ଶିକ୍ଷା ହେଲା ଭଗବାନଙ୍କ ପିତୃତ୍ୱ (ପରମ ସତ୍ତା ବା ବିଶ୍ୱ ଚେତନା) ଏବଂ ମାନବର ଭ୍ରାତୃତ୍ୱ । ତେଣୁ ଉଭୟ (ଭଗବାନ ଓ ମାନବ)ଙ୍କ ପାଇଁ ପ୍ରତ୍ୟେକଙ୍କ ହୃଦୟ ପ୍ରେମରେ ପରିପୂର୍ଣ୍ଣ ଥିବା ଦରକାର । ଏହା ସମ୍ଭବ ହେବ ଯଦି ସବୁ ଗୋଷ୍ଠୀର ଲୋକେ ଏକାଠି ବସି ଧର୍ମୀୟ ସାଧାରଣ ଗୁଣକୁ ଭିତ୍ତି କରି ନିଜ ନିଜ ଧର୍ମକୁ ବୁଝିବାକୁ ଚେଷ୍ଟା କରିବେ । ଧର୍ମ ପ୍ରତିଷ୍ଠାତାମାନେ ଭିନ୍ନ ଭିନ୍ନ ଦିଗ ପ୍ରତି ଦୃଷ୍ଟି ରଖି ହୁଏତ ଧର୍ମ ସଂହିତା ରଚନା କରିଥାଇ ପାରନ୍ତି । ମାତ୍ର ପ୍ରତ୍ୟେକ ଧର୍ମର ମୌଳିକ ଶିକ୍ଷା ଏକ ।

ମୁଖ୍ୟ ଧର୍ମଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ବା ଲକ୍ଷଣଗୁଡ଼ିକର ସଂକ୍ଷିପ୍ତସାର ନିମ୍ନରେ ପ୍ରଦତ୍ତ ହେଲା ।

୧. ହିନ୍ଦୁ ଧର୍ମ ହଜାର ହଜାର ବର୍ଷ ପୂର୍ବରୁ ପ୍ରତିଷ୍ଠା ଲାଭ କରିଥିଲାବେଳେ ଶିଖ ଧର୍ମ ମାତ୍ର କେତେଶହ ବର୍ଷ ପୂର୍ବରୁ (ପଞ୍ଚଦଶ ଶତାବ୍ଦୀର ଶେଷଭାଗରେ) ପ୍ରତିଷ୍ଠିତ । ଏହି ମଧ୍ୟବର୍ତ୍ତିକାଳୀନ ସମୟ ମଧ୍ୟରେ ଅନ୍ୟ ଅନେକ ଧର୍ମ ପ୍ରତିଷ୍ଠା ଲାଭ କରିଥିଲା ।



ଭଗବାନ ଏକ ଏବଂ ସେ ସର୍ବବିଦ୍ୟମାନ ।

୨. ଅଧିକାଂଶ ମୁଖ୍ୟ ଧର୍ମ ଏସିଆ ମହାଦେଶରୁ ଉତ୍ପତ୍ତି ଲାଭ କରିଥିଲା । ଏଥିପାଇଁ ଏସିଆକୁ ଧର୍ମମାନଙ୍କର 'ଶୈଶବ ଝୁଲା' ବୋଲି କୁହାଯାଏ ।

୩. ହିନ୍ଦୁ ଧର୍ମ ବ୍ୟତୀତ ଅନ୍ୟ ସବୁ ଧର୍ମର ଜଣେ ଲେଖାଁ ପ୍ରତିଷ୍ଠାତା (ଧର୍ମ ପ୍ରବର୍ତ୍ତକ ବା ଧର୍ମାଚାର୍ଯ୍ୟ) ଥିଲେ । ଯଥା, ଜୁଦାଇ ଧର୍ମର ମୋଜେସ୍, ବୌଦ୍ଧଧର୍ମର ଗୌତମ ବୁଦ୍ଧ, ଖ୍ରୀଷ୍ଟଧର୍ମର ଯୀଶୁଖ୍ରୀଷ୍ଟ ଏବଂ ତାଓ୍ୱାଇ ଧର୍ମର ଲାଓ-ଜେ ଇତ୍ୟାଦି । ଏଭଳି ଭାବରେ ହିନ୍ଦୁଧର୍ମର କୌଣସି ପ୍ରତିଷ୍ଠାତା ବା ପ୍ରବର୍ତ୍ତକ ନାହାନ୍ତି । ଏହା ବିଶ୍ୱାସ କରାଯାଏ ଯେ ଧର୍ମଗଛ (ବେଦ) ଭଗବାନଙ୍କ ମୁଖନିସୃତ ଏବଂ ଭଗବାନ ନିଜେ ହିଁ ଏ ଧର୍ମର ପ୍ରବର୍ତ୍ତକ ।

୪. ସବୁ ଧର୍ମର ଗୋଟିଏ ଗୋଟିଏ ଧର୍ମଗ୍ରନ୍ଥ ରହିଛି ଯଥା ଖ୍ରୀଷ୍ଟଧର୍ମର ବାଇବେଲ୍, ମୁସଲମାନ ଧର୍ମର କୋରାନ୍ ଇତ୍ୟାଦି ।

୫. ସବୁ ଧର୍ମର ଗୋଟିଏ ଗୋଟିଏ ତୀର୍ଥସ୍ଥାନ ରହିଛି ଯଥା ହିନ୍ଦୁଧର୍ମର କାଶୀ (ବାରଣାସୀ ବା ବନାରସ୍), ମୁସଲମାନମାନଙ୍କର ମକ୍କା ଇତ୍ୟାଦି ।

୬. ସବୁ ଧର୍ମରେ ଉପବାସ, ଆନନ୍ଦୋତ୍ସବ ବା ପ୍ରାର୍ଥନା ସହିତ ପବିତ୍ର ଦିବସ ପାଳନ କରାଯାଏ । ଯଥା ହିନ୍ଦୁମାନଙ୍କର ମହାଶିବରାତ୍ରୀ, ଖ୍ରୀଷ୍ଟିୟାନ୍‌ମାନଙ୍କର ବଡ଼ଦିନ ଓ ଇଷ୍ଟର, ମୁସଲମାନମାନଙ୍କର ରମଜାନ୍ ଇତ୍ୟାଦି ।

୭. ପଦ୍ଧତି ଭିନ୍ନ ଭିନ୍ନ ହେଲେ ମଧ୍ୟ ପ୍ରାର୍ଥନା ଓ ଆରାଧନା ସବୁଧର୍ମର ମୌଳିକ ଉପଚାର ।

୮. ସବୁ ଧର୍ମ ଗୋଟିଏ ଭଗବାନଙ୍କୁ ବା ପରମ ସତ୍ତାକୁ ବିଶ୍ୱାସ କରନ୍ତି ।''

ସବୁ ଧର୍ମର ସତ୍ୟ

ସବୁ ଧର୍ମ ସମାନ ଭାବରେ ମହତ୍ ଓ ସତ୍ୟ । ସେଗୁଡ଼ିକର ଲକ୍ଷ୍ୟସ୍ଥଳ ଏକ—ଭଗବାନଙ୍କ ନିକଟରେ ପହଞ୍ଚିବା । ଧର୍ମଗୁଡ଼ିକ ଭଗବାନଙ୍କ ନିକଟରେ ପହଞ୍ଚିବା ପାଇଁ ଗୋଟିଏ ଗୋଟିଏ ମାର୍ଗ ରୂପେ ପରିଗଣିତ । ସବୁ ଧର୍ମ ଭଗବାନଙ୍କର ପିତୃତ୍ୱ ଓ ମାନବର ଭାତୃତ୍ୱ ଉପରେ ଗୁରୁତ୍ୱ ଦେଇଥାନ୍ତି । ସମଗ୍ର ମାନବ ସମାଜ ଓ ଜୀବଜନ୍ତୁଙ୍କୁ ପ୍ରେମ କରିବା ପାଇଁ ସବୁ ଧର୍ମ ଶିକ୍ଷା ଦେଇଥାଏ । ସବୁ ଧର୍ମ ଅନୁଗାମୀମାନଙ୍କୁ ଭଲ ହେବା ପାଇଁ, ଭଲ କାର୍ଯ୍ୟ କରିବା ପାଇଁ ଏବଂ ଭଲ ଦେଖିବା ପାଇଁ ଉପଦେଶ ଦେଇଥାଏ । ମଣିଷ ଜାତିର ନୈତିକ ଓ ଆଧ୍ୟାତ୍ମିକ ଜୀବନର ପୁଷ୍ଟି ସାଧନ ଭଳି ମହତ କାର୍ଯ୍ୟ କରିବା ପାଇଁ ସବୁ ଧର୍ମ ବନ୍ଧୁ ଭାବାପନ୍ନ ଅଂଶୀଦାର ବୋଲି ଆମେ ବିଚାର କରିବା ଉଚିତ । ଯେତେବେଳେ ବିଭିନ୍ନ ଧର୍ମ ନିଜ ନିଜର ଭାବ ବିନିମୟ ଦ୍ୱାରା ପରସ୍ପରକୁ ନିଷିକ୍ତ କରିବେ (ପରସ୍ପରର ଭାବକୁ ଗ୍ରହଣ କରିବେ) ସେତେବେଳେ ସେମାନେ ଆନ୍ତରିକ ଐକ୍ୟ

ପ୍ରତିଷ୍ଠା ସହ ଆତ୍ମାର ପୁଷ୍ଟି ସାଧନ କରିପାରିବେ । ସମଗ୍ର ପୃଥିବୀ ଏହା ଚାହେଁ । ଆସନ୍ତୁ ଭିନ୍ନ ଭିନ୍ନ ଧର୍ମ ପରମ୍ପରାକୁ ସଂସ୍କାର ମାଧ୍ୟମରେ ବିଭବଶାଳୀ କରିବା । ସମଗ୍ର ମାନବ ଜାତିର ଉଚ୍ଚ ପରମ୍ପରାଗତ ସମ୍ପଦର ଉତ୍ତରାଧିକାରୀ ହେବା । ଏହା କେବଳ ନିର୍ଦ୍ଦିଷ୍ଟ ଜାତି ଧର୍ମ ଭିତରେ ସୀମିତ ନ ରହୁ । ଆସନ୍ତୁ ହୃଦୟର ଏକତା ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିବା । ଏହା ହିଁ ସାଇବାବାଙ୍କ ନିର୍ଦ୍ଦେଶିତ ଧର୍ମ କାର୍ଯ୍ୟ । ସେ ଆମକୁ ସର୍ବଧର୍ମ ସଂକେତ ଦେଇଛନ୍ତି । ସବୁ ଧର୍ମ ସେଥିରୁ ଐକ୍ୟ, ସଂଗତି, ସମନ୍ୱୟ ଏବଂ ଅଦ୍ୱିତୀୟ ଭାବ (ବା ଏକତ୍ୱ ଭାବ)ର ସଂକେତ ପାଇ ପାରିବେ ।

ପରମପ୍ରିୟ ସ୍ୱାମୀ କହିଛନ୍ତି–

''ଧର୍ମ ହେଉଛି ଗୋଟିଏ – ତାହା ହେଲା ପ୍ରେମର ଧର୍ମ,
ଜାତି ହେଉଛି ଗୋଟିଏ – ତାହା ହେଲା ମାନବ ଜାତି,
ଭାଷା ହେଲା ଗୋଟିଏ – ତାହା ହୃଦୟର ଭାଷା,
ଈଶ୍ୱର ମଧ୍ୟ ଗୋଟିଏ – ସେ ସର୍ବତ୍ର ବିଦ୍ୟମାନ ।''

ସେ ପୁଣି କହିଛନ୍ତି ''ଭିନ୍ନ ଭିନ୍ନ ଧର୍ମ ବିଶ୍ୱାସ ରହୁ, ସେ ସବୁ ବିକାଶ ଲାଭ କରନ୍ତୁ ଏବଂ ଭଗବାନଙ୍କର ମହିମା ଭିନ୍ନ ଭିନ୍ନ ଭାଷାରେ ଓ ଭିନ୍ନ ଭିନ୍ନ ସ୍ୱରରେ ଗାନ୍ କରନ୍ତୁ । ତାହା ହିଁ ହେବ ଆଦର୍ଶ । ଭିନ୍ନ ଭିନ୍ନ ଧର୍ମବିଶ୍ୱାସରେ ରହିଥିବା ପ୍ରଭେଦକୁ ସମ୍ମାନ କର । ଯେ ପର୍ଯ୍ୟନ୍ତ ସେଗୁଡ଼ିକ ଏକତାର ଆଲୋକକୁ ନିଷ୍ପ୍ରଭ ନ କରିଛି ସେଗୁଡ଼ିକୁ ସ୍ୱୀକାର କର ।''

''ନାମ ଭିନ୍ନ ଭିନ୍ନ ହୋଇପାରେ ମାତ୍ର ସେସବୁ ସର୍ବଶକ୍ତିମାନ ବିଧାତା (ଭଗବାନ)ଙ୍କର ଅଖଣ୍ଡ ଓ ଶାଶ୍ୱତ ପ୍ରକଟନ । ଶବ୍ଦବିନ୍ୟାସ ଭିନ୍ନ ଭିନ୍ନ ହୋଇପାରେ କିନ୍ତୁ ଅନ୍ତରାର୍ଥ ଭିନ୍ନ ନୁହେଁ । ପ୍ରତ୍ୟେକ ବ୍ୟକ୍ତି ନିଜର ଧର୍ମବିଶ୍ୱାସକୁ ନିଷ୍ଠାପର ଭାବରେ ଅଭ୍ୟାସରେ ପରିଣତ କରିବା ଉଚିତ । ଜଣେ ଖ୍ରୀଷ୍ଟିୟାନ ଉତ୍ତମ ଖ୍ରୀଷ୍ଟିଆନ୍ ହେବା ଉଚିତ । ଜଣେ ହିନ୍ଦୁ ଉତ୍ତମ ହିନ୍ଦୁ ଓ ଜଣେ ମୁସଲମାନ ଉତ୍ତମ ମୁସଲମାନ ହେବା ଉଚିତ । ପ୍ରତ୍ୟେକ ନିଜ ଧର୍ମର ସଚ୍ଚା ସାଧକ ହେବା ଦରକାର, ଜଣେ ଅନ୍ୟ ଧର୍ମକୁ ସମାଲୋଚନା କରିବା ବା ଘୃଣା କରିବା ଉଚିତ ନୁହେଁ । ମୁସଲମାନ ହିନ୍ଦୁକୁ ସମାଲୋଚନା କରିବା ଉଚିତ ନୁହେଁ କିମ୍ବା ହିନ୍ଦୁ ମୁସଲମାନମାନଙ୍କୁ ଘୃଣା କରିବା ଠିକ୍ ନୁହେଁ । ଯୀଶୁଖ୍ରୀଷ୍ଟ କହିଛନ୍ତି – ''ସମସ୍ତେ ସମାନ, ସମସ୍ତଙ୍କ ପ୍ରତି ସମଭାବାପନ୍ନ ହୁଅ । ସମସ୍ତଙ୍କ ପାଇଁ ଗୋଟିଏ ଈଶ୍ୱର ଅଛନ୍ତି ।''

''ମୋ ପ୍ରତି ବା ଭଗବାନଙ୍କ ପ୍ରତି ଯଦି ବିଶ୍ୱାସ ନ ଥାଏ ତେବେ ସେଥିରେ କିଛି ଯାଏଆସେ ନାହିଁ । ନିଜ ଉପରେ ବିଶ୍ୱାସ ରଖ । ତାହା ହିଁ ଯଥେଷ୍ଟ । କାରଣ ପ୍ରକୃତରେ

ତୁମେ କିଏ ? ତୁମେ ଜାଣିଥାଅ ବା ନ ଜାଣିଥାଅ, ତୁମେ ସମସ୍ତେ ଭଗବାନ । ମଣିଷ ନିଜର ଅମୂଲ୍ୟ ଦୈବତ୍ୱକୁ ଜାଣିବା ଉଚିତ । ସେ ମନେ ରଖିବା ଉଚିତ ଯେ ସେ ହେଉଛି ଅବିନଶ୍ୱର ଆତ୍ମା ଏବଂ ଶରୀର ହେଉଛି ଆତ୍ମାକୁ ବହନ କରୁଥିବା ଏକ ଯାନ ।''

''ସାଇଧର୍ମ ହେଉଛି ସବୁ ଧର୍ମ ଓ ସବୁ ବିଶ୍ୱାସର ସାର ତତ୍ତ୍ୱ । ଇସ୍‌ଲାମ୍, ଖ୍ରୀଷ୍ଟ, ଜୁଦାଇ ଧର୍ମର ନିର୍ଯ୍ୟାସ ମଧ୍ୟ ଏହାର ଅନ୍ତର୍ଭୁକ୍ତ । ସବୁ କ୍ଷେତ୍ରରେ ବିଭିନ୍ନ ଧର୍ମବିଶ୍ୱାସର ପ୍ରତିଷ୍ଠା ଓ ପ୍ରଚାରର ମୂଳ ଲକ୍ଷ୍ୟ ସମାନ । ଏଗୁଡ଼ିକର ପ୍ରତିଷ୍ଠାତା ଓ ପ୍ରଚାରକମାନେ ପ୍ରେମ ଓ ଜ୍ଞାନରେ ପରିପୂର୍ଣ୍ଣ ଥିଲେ । ସେମାନଙ୍କର ଲକ୍ଷ୍ୟ, ଲକ୍ଷ୍ୟସ୍ଥଳ, ଉଦ୍ଦେଶ୍ୟ ଓ ଲକ୍ଷ୍ୟବସ୍ତୁ ସବୁ ସମାନ । ଧର୍ମବିଶ୍ୱାସକୁ ଭାଗ ଭାଗ କରିବା, ପ୍ରତିବନ୍ଧକ ସୃଷ୍ଟି କରିବା ବା ଧ୍ୱଂସ କରିବାର ଅଭିପ୍ରାୟ କାହାରି ନ ଥିଲା । 'ଭଲ କର, ଭଲ ଦେଖ ଓ ଭଲ ହୁଅ'– ଏହି ମନ୍ତ୍ରରେ ସମସ୍ତଙ୍କୁ ଉଦ୍‌ବୁଦ୍ଧ କରିବା ପାଇଁ ସେମାନେ ଚେଷ୍ଟା କରିଥିଲେ ।''

''ସବୁ ଧର୍ମ ପରମେଶ୍ୱର ପରମବ୍ରହ୍ମଙ୍କ ପ୍ରତି ଭକ୍ତି ଓ ଆତ୍ମସମର୍ପଣ ଉପରେ ଗୁରୁତ୍ୱ ଦେଇଛନ୍ତି । ଏହି ଅବସ୍ଥାରେ ପହଞ୍ଚିବାର ପନ୍ଥା ଭିନ୍ନ ଭିନ୍ନ ହୋଇପାରେ । ଚୂଡ଼ାନ୍ତ ଅବସ୍ଥାରେ ଭାବୋଚ୍ଛ୍ୱାସର ବର୍ଣ୍ଣନା ଭିନ୍ନ ଭିନ୍ନ ହୋଇପାରେ । ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ମାର୍ଗ ମଧ୍ୟ ଭିନ୍ନ ଭିନ୍ନ ହୋଇପାରେ । କିନ୍ତୁ ଲକ୍ଷ୍ୟ ଏକ । ଏସବୁ ବର୍ଣ୍ଣନାତୀତ । ଭକ୍ତି ମାର୍ଗ ପ୍ରକୃତରେ ଭକ୍ତି ଓ ଆତ୍ମସମର୍ପଣ ଭାବର ଅନ୍ୟ ନାମ । ଏହା ନିଶ୍ଚିତ ଭାବରେ ମନକୁ ନିର୍ମଳ କରିବ ଏବଂ ମନ ଦୈବତ୍ୱର ଆଲୋକରେ ଉଦ୍ଭାସିତ ହେବ ।''

''ଧର୍ମ ବା ଭାଷା ଯାହା ହେଉନା କାହିଁକି, ଗୁରୁ ଯେ କେହି ହୁଅନ୍ତୁନା କାହିଁକି, ସବୁ ଧର୍ମରେ ସତ୍ୟ, ଧର୍ମ, ଶାନ୍ତି ଓ ପ୍ରେମ ଗୁରୁତ୍ୱପୂର୍ଣ୍ଣ । ତାହା ହିଁ ଶାଶ୍ୱତ ଓ ସନାତନ । ପୁରାତନ କାଳରୁ ସନାତନ ଧର୍ମ ରହିଆସିଛି ଏବଂ ଯୁଗ ଯୁଗ ଧରି ପରୀକ୍ଷା ନିରୀକ୍ଷାର ସମ୍ମୁଖୀନ ହୋଇଛି । ଏହା ତୁମକୁ ଆନନ୍ଦ ଦେବା ପାଇଁ ସକ୍ଷମ ।''

ସମସ୍ତେ ଖୁସି ହୁଅନ୍ତୁ ଏବଂ ରୋଗମୁକ୍ତ ହୁଅନ୍ତୁ । କେହି ବିପଥଗାମୀ ନ ହୋଇ ପ୍ରତ୍ୟେକ ସମୃଦ୍ଧିଶାଳୀ ହୁଅନ୍ତୁ ।

ଅଧ୍ୟାୟ - ୧୪

ସ୍ୱାମୀଙ୍କ ଆଶାତୀତ କୃପା

୧୯୬୦ ଦଶକର ପ୍ରାକ୍‌କାଳରେ ପୁଟ୍ଟାପର୍ତ୍ତି ଯିବା କଷ୍ଟସାଧ୍ୟ ଥିଲା । ଭକ୍ତମାନେ ବୁକ୍‌କାପଟନମ୍‌ରୁ ପ୍ରଶାନ୍ତି ନିଲୟମ୍ ତିନି ମାଇଲ ବାଟ ଚାଲିଚାଲି ଯାଉଥିଲେ । ଏହି ଯାତ୍ରା ବର୍ଷାଦିନେ କ୍ଳାନ୍ତିକର ଓ ଯନ୍ତ୍ରଣାଦାୟକ ଥିଲା । କେହି କେହି ଆଶ୍ରମରେ ପହଞ୍ଚିବା ପାଇଁ ବଳଦଗାଡ଼ି ଭଡ଼ାରେ ନେଉଥିଲେ ।

ଗୋଟିଏ ଘଟଣାରେ ସ୍ୱାମୀ ଅଳ୍ପ କେତେଜଣ ପୁରୁଷ ଓ ମହିଳା ଭକ୍ତଙ୍କୁ, ସାକ୍ଷାତକାର କୋଠରୀକୁ ନୁହେଁ, ଅସ୍ତ୍ରୋପଚାର କୋଠରୀକୁ ଡକାଇଲେ । ସେମାନଙ୍କୁ ଗୋଟିଏ ରୋଗୀ ଚାରିକଡ଼ରେ ଠିଆ ହେବାକୁ ନିର୍ଦ୍ଦେଶ ଦେଲେ । ସେହି ରୋଗୀଟି ପେପ୍‌ଟିକ୍ ଅଲ୍‌ସର (ପେଟ ଘା) ରୋଗରେ ଆକ୍ରାନ୍ତ ଥିଲା । ତା ପରେ ସେ କେତେଜଣ ଡାକ୍ତରଙ୍କ ନାମ ଓ ଯୋଗ୍ୟତା ସମ୍ପର୍କରେ ସୂଚନା ଦେଇଥିଲେ ଏଥିରୁ ତାଙ୍କର ସର୍ବଦର୍ଶିତା (ସର୍ବଜ୍ଞାତା ପଣିଆ)ର ପ୍ରମାଣ ମିଳେ । ଡାକ୍ତରମାନଙ୍କୁ ସ୍ୱାମୀ ପ୍ରଶ୍ନ କଲେ ''ତୁମ୍ଭେମାନେ 'ଗାଷ୍ଟ୍ରୋ-ଜେଜୁନୋଷ୍ଟୋମୀ' (ପାକସ୍ଥଳୀ-ଗ୍ରହଣୀ ମଧ୍ୟଭାଗ) ଅସ୍ତ୍ରୋପଚାର ପାଇଁ କେତେ ସମୟ ଦରକାର କର ?'' ଏହା ଏକ ପେପ୍‌ଟିକ ଅଲ୍‌ସର ଅସ୍ତ୍ରୋପଚାର ଏବଂ ଡାକ୍ତରମାନେ ବାବାଙ୍କଠାରୁ ଜଣେ ଦକ୍ଷ ଡାକ୍ତର ଭଳି ନିର୍ଭୁଲ ବୈଜ୍ଞାନିକ-ଡାକ୍ତରୀ ଭାଷା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । ସେମାନେ ସମସ୍ତେ ଏକମତ ହେଲେ ଯେ ଏଭଳି ଅସ୍ତ୍ରୋପଚାର ପାଇଁ ପ୍ରାୟ ଦୁଇଘଣ୍ଟା ସମୟ ଲାଗିବ । ତା ପରେ ସେ କହିଥିଲେ ''ବର୍ତ୍ତମାନ ସ୍ୱାମୀ ଅସ୍ତ୍ରୋପଚାର କରିବେ । ତୁମେ ଦେଖ ଏଥିପାଇଁ କେତେ ସମୟ ଲାଗୁଛି ।''

ସେ ତାଙ୍କ ହସ୍ତ ସଂଚାଳନ କଲେ ଏବଂ ଗୋଟିଏ ସ୍କାଲପେଲ୍ (ଛୁରୀ) ସୃଷ୍ଟି କରି ରୋଗୀ ପେଟର ଚମଡ଼ାକୁ କାଟିଲେ । ତାପରେ ସ୍କାଲପେଲକୁ ନିଜ ହାତରେ ଅଦୃଶ୍ୟ କରାଇଦେଲେ । ପରେ ପରେ କଇଁଚି ଓ ଅନ୍ୟାନ୍ୟ ଆବଶ୍ୟକ ଯନ୍ତ୍ରପାତି ଗୋଟିକ ପରେ ଗୋଟିଏ ସୃଷ୍ଟି କରି ଅଧଘଣ୍ଟା ଭିତରେ ଅସ୍ତ୍ରୋପଚାର ଶେଷ କଲେ । ଡାକ୍ତରମାନେ ଏହା ଦେଖି ବିସ୍ମୟାଭିଭୂତ ହୋଇଗଲେ ଏବଂ ଖୁସି ହେଲେ ମଧ୍ୟ । ଏତଦ୍ୱାରା ପରମପ୍ରିୟ ସ୍ୱାମୀଙ୍କ ଉପରେ ସେମାନଙ୍କର ବିଶ୍ୱାସ ଦୃଢ଼ ହୋଇଥିଲା । ଏହା ଡାକ୍ତରମାନଙ୍କ ପାଇଁ ଏକ ଶିକ୍ଷା ଏବଂ ସେମାନଙ୍କ ପ୍ରତି ସ୍ୱାମୀଙ୍କର ଅଶେଷ କୃପାର ନିଦର୍ଶନ ।

ଥରେ ଗୁରୁବାରଦିନ ମାଙ୍ଗାଲୋରଠାରେ ମାଧବ ଦୀକ୍ଷିତଙ୍କ ଘରେ ଆମ କେନ୍ଦ୍ରର ଭଜନ ସରିବାର ଘଣ୍ଟାକ ପରେ ମୁଁ ସ୍ୱାମୀଙ୍କ ଲୀଳା ଓ ମହିମା ତଥା ଦିବ୍ୟ ବାର୍ତ୍ତା ସମ୍ପର୍କରେ ଅଳ୍ପ ସମୟ ପାଇଁ କହିଥିଲି । କାର୍ଯ୍ୟକ୍ରମ ଶେଷରେ ମୁଁ ପ୍ରାୟ ଭକ୍ତମାନଙ୍କୁ ଏଭଳି କହିଥାଏ । ସେଦିନ ମୁଁ କହିଥିଲି ''ମୁଁ ଆପଣମାନଙ୍କୁ ଭଗବାନଙ୍କ ସନ୍ଦେଶ ଶୁଣାଇଲି । ମୁଁ ଯେହେତୁ ଭଗବାନ ଓ ତାଙ୍କ ଭକ୍ତମାନଙ୍କର ସେବକ, ତାଙ୍କ କୃପାବଳରେ ହିଁ ମୁଁ ତାଙ୍କ ପ୍ରତି ମୋର କର୍ତ୍ତବ୍ୟ ସମ୍ପାଦନ କରିଥାଏ । ଆମେ ଏବେ କଳିଯୁଗ (ବିଜ୍ଞାନ ଯୁଗ)ରେ ବାସ କରୁଛେ । ଆପଣମାନେ ମୋ କଥା କିମ୍ବା ସ୍ୱାମୀଙ୍କ ସମ୍ପର୍କରେ ଲେଖାଯାଇଥିବା ପୁସ୍ତକଗୁଡ଼ିକର ତଥ୍ୟକୁ ବିଶ୍ୱାସ ନ କରିପାରନ୍ତି । ଆପଣମାନେ ନିଜ ଆଖିକୁ ତଥା ଅଭିଜ୍ଞତାକୁ ବିଶ୍ୱାସ କରନ୍ତୁ । ମୋ କଥା ବିଶ୍ୱାସ କରିବା ପୂର୍ବରୁ ପ୍ରଥମେ ପ୍ରଶାନ୍ତି ନିଳୟମ୍ ଯାଆନ୍ତୁ, ଅନୁଭବ କରନ୍ତୁ ଏବଂ ଅଭିଜ୍ଞତା ଅର୍ଜନ କରନ୍ତୁ । ମୁଁ ଆପଣମାନଙ୍କୁ ପ୍ରଶାନ୍ତି ନିଳୟମ୍‌ର ଠିକଣା ଜଣାଇ ଦେଇଥିବାରୁ ଖୁସି ।''

ସେହିଦିନ କର୍ଣ୍ଣାଟକ ବିଶ୍ୱବିଦ୍ୟାଳୟର ଉପକୁଳପତି ଡକ୍ଟର ଆଦ୍‌କେ ଆମ କେନ୍ଦ୍ରରେ ଥିଲେ । ସେ ସୌରତ୍‌କାଲ୍‌ଠାରେ ଏକ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିଲେ । ମୁଁ ଯାହାସବୁ କହିଲି ଡକ୍ଟର ଆଦ୍‌କେ ଶୁଣିଥିଲେ ଏବଂ ପ୍ରଶାନ୍ତି ନିଳୟମ ଯାଇ ସବୁକିଛି ନିଜେ ଦେଖିଥିଲେ ଏବଂ ଅଭିଜ୍ଞତା ଅର୍ଜନ କରିଥିଲେ । ପରମପ୍ରିୟ ସ୍ୱାମୀ ଡକ୍ଟର ଆଦ୍‌କେ ରହୁଥିବା ସ୍ଥାନ ହୁବ୍‌ଲି ଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏଥିରେ ସେ ଏତେ ଅଭିଭୂତ ଓ ଉତ୍ତେଜିତ ହୋଇପଡ଼ିଲେ ଯେ ଚନ୍ଦ୍ର ଉପରକୁ ଡେଇଁ ପଡ଼ିଲା ପରି ତାଙ୍କୁ ଲାଗୁଥିଲା ।

ପରମପ୍ରିୟ ସ୍ୱାମୀ ତାଙ୍କର ପ୍ରତିଶ୍ରୁତି ରକ୍ଷା କରିଥିଲେ । ଡକ୍ଟର ଆଦ୍‌କେ ମେଡ଼ିକାଲ ପରିସର ମଧ୍ୟରେ ବହୁ ପ୍ରଚାରିତ ଏକ ବିରାଟ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଏଥିରେ ସାମ୍ବାଦିକ ଓ ଫଟୋଗ୍ରାଫରଙ୍କ ସହିତ ହଜାର ହଜାର ଲୋକ ଯୋଗ ଦେଇଥିଲେ । ସମସ୍ତେ ସ୍ୱାମୀଙ୍କ ଆସିବାକୁ ଅପେକ୍ଷା କରି ରହିଥିଲେ ।

ବାବା ପହଞ୍ଚିବା ମାତ୍ରେ ଅପେକ୍ଷା କରିଥିବା ଦୁଇଜଣ ମହିଳାଙ୍କ ନିକଟକୁ ଗଲେ । ଜଣେ ଠିଆ ହୋଇ କାନ୍ଦୁଥିଲେ ଏବଂ ଅନ୍ୟ ଜଣକ ନିକଟରେ ବସି ନିରବଚ୍ଛିନ୍ନ ଭାବରେ ଜପ କରୁଥିଲେ । ପରମପ୍ରିୟ ସ୍ୱାମୀ ଉଚ୍ଚସ୍ୱରରେ କହିଥିଲେ ''ଆମ୍ମା ! ବର୍ତ୍ତମାନ କାନ୍ଦ ବନ୍ଦ କର । ସ୍ୱାମୀ ତୁମ କନ୍ୟାର ଦୃଷ୍ଟିଶକ୍ତି ଫେରାଇ ଦେବାକୁ ଆସିଛନ୍ତି । କାରଣ ତାର ସାଧନା 'ଓଁ ନମଃ ଶିବାୟ' ମନ୍ତ୍ର ଜପଦ୍ୱାରା ପରିପୂର୍ଣ୍ଣ ହୋଇଛି । ସେ ପାଞ୍ଚବର୍ଷର ହୋଇଥିଲାବେଳେ ତୁମେ ତାକୁ ଏହି ମନ୍ତ୍ର ଶିଖାଇଥିଲ । ଯେହେତୁ ସେ ନିରବଚ୍ଛିନ୍ନ ଭାବରେ ଜପ କରି ଚାଲିଛି, ସ୍ୱାମୀ ଦୃଷ୍ଟିଶକ୍ତି ଫେରାଇ ଦେବାକୁ ଆସିଛନ୍ତି ।'' ସେ ବାଳିକାର ବୟସ ସେତେବେଳେ ଅଠର ବର୍ଷ ଏବଂ ସେ ଜନ୍ମାନ୍ଧ ଥିଲା ।

ଜଣେ ଫଟୋଗ୍ରାଫର ବାବାଙ୍କ ସହିତ ସେହି ଅନ୍ଧୁଣୀ ବାଳିକାର ଫଟୋ ନେବା ପାଇଁ ବ୍ୟଗ୍ର ହୋଇ ପଡ଼ିଥିଲା । ପରମପ୍ରିୟ ସ୍ୱାମୀ ଉଭୟ ହସ୍ତର ଟିପରେ ଅନ୍ଧୁଣୀ ବାଳିକାଟିର ଚକ୍ଷୁପତା ଉପରେ ଚାପ ଦେଲେ ଏବଂ ବାଳିକାଟି ସଙ୍ଗେ ସଙ୍ଗେ ଦୃଷ୍ଟିଶକ୍ତି ଫେରି ପାଇଥିଲା । ଯେଉଁମାନେ ସେଠାରେ ଏହି ଦୃଶ୍ୟ ଦେଖିଥିଲେ ସେମାନେ ପରମପ୍ରିୟ ସ୍ୱାମୀଙ୍କର ସର୍ବଶକ୍ତିମତ୍ତା ସମ୍ପର୍କରେ ବିଶ୍ୱାସ କରିବାକୁ ଲାଗିଲେ । ସ୍ୱାମୀ ତା ପରେ ଭକ୍ତମାନଙ୍କ ମଧ୍ୟରେ ପ୍ରାୟ ଅଧଘଣ୍ଟା ଚାଲିବାକୁ ଲାଗିଲେ ଏବଂ ଉପସ୍ଥିତ ସମସ୍ତ ଲୋକଙ୍କୁ ଆଶୀର୍ବାଦ କଲେ । ଫଟୋଗ୍ରାଫର ଅଲୌକିକତାର ଏକ ବିଶଦ ବିବରଣୀ ଦେଇ ସେହି ବାଳିକାର ଫଟୋ ଛାପିଥିଲେ ।

ଜଣେ ୟୁରୋପୀୟ ମହିଳା ଗୋଡ଼ର ଅଚଳାବସ୍ଥା ଯୋଗୁ ଆଶାବାଡ଼ି ସାହାଯ୍ୟରେ ଚାଲୁଥିଲେ । ସେ ଖବରକାଗଜରୁ ବାଳିକାଟିର ଫଟୋ ଦେଖିଲେ ଏବଂ ଅଲୌକିକତା ସମ୍ପର୍କରେ ବିବରଣୀଟି ପଢ଼ିଲେ । ସେ ଭାବିଲେ ଏଭଳି ଅଲୌକିକ ଶକ୍ତି ସମ୍ପନ୍ନ ଲୋକ ନିଶ୍ଚୟ ତାଙ୍କୁ ଭଲ କରିଦେବ ।

ପରଦିନ ମେଡ଼ିକାଲ ପରିସର ମଧ୍ୟରେ ଯେଉଁଠାରେ ବାବା ପୁନର୍ବାର ଦର୍ଶନ ଦେବାର ଥିଲା ସେଠାରେ ପ୍ରାୟ ଦୁଇଗୁଣ ଲୋକ ଉପସ୍ଥିତ ଥିଲେ । ସେମାନଙ୍କ ମଧ୍ୟରୁ ଅଧେ ଲୋକ ଖବରକାଗଜରୁ ଉପରୋକ୍ତ ଘଟଣା ସମ୍ପର୍କରେ ପଢ଼ି ସେଠାକୁ ଆସିଥିଲେ ।

ସେହି ୟୁରୋପୀୟ ମହିଳା ତାଙ୍କ ଗୋଡ଼ର ଅଚଳାବସ୍ଥା ଯୋଗୁ ଜନଗହଳି ଦେଖି ଡରିଯାଇଥିଲେ । ତେଣୁ ଗହଳିଠାରୁ କିଛି ଦୂରରେ ଗୋଟିଏ ପଥର ଉପରେ ବସିପଡ଼ିଲେ । ପରମପ୍ରିୟ ସ୍ୱାମୀ ଆସିଲେ, ଅପେକ୍ଷାରତ ଲୋକମାନଙ୍କୁ ଦର୍ଶନ ଦେଲେ ଏବଂ ସମସ୍ତଙ୍କୁ ଆଶୀର୍ବାଦ କଲେ । ତା ପରେ ସେ ସେହି ଭଦ୍ର ମହିଳା ଯେଉଁଠାରେ ବସିଥିଲେ ସେଠାକୁ ଯାଇ କହିଥିଲେ "ଯୀଶୁଖ୍ରୀଷ୍ଟଙ୍କ ପ୍ରତି ତୁମର ଭକ୍ତି ଅସାଧାରଣ ଏବଂ ତୁମେ ଏଠାକୁ ଆସିବା ପାଇଁ ସ୍ୱାମୀ ତୁମ ହାତରେ ଖବରକାଗଜ ଦେଇଥିଲେ । ଆସ, ଠିଆହୁଅ ଏବଂ ତୁମର ଦୁଇଟିଯାକ ଆଶାବାଡ଼ି ସ୍ୱାମୀଙ୍କୁ ଦେଇଦିଅ ।" ତା ପରେ ସ୍ୱାମୀ ଆଶାବାଡ଼ି ଦୁଇଟିକୁ ଅଲଗା ରଖି ଦେଇ ମହିଳାଙ୍କ ବାମହାତ ଧରି ଉଚ୍ଚସ୍ୱରରେ କହିଥିଲେ "ଯାଅ ଏବଂ ଦୌଡ଼ ।" ତା ପରେ ସେହି ମହିଳା ପ୍ରକୃତରେ ଦୌଡ଼ିଥିଲେ ଏବଂ ଅତ୍ୟନ୍ତ ଭାବବିହ୍ୱଳ ହୋଇ ତାଙ୍କୁ ଭଲ କରିଦେଇଥିବାରୁ ବାବାଙ୍କୁ ଧନ୍ୟବାଦ ଜଣାଇଥିଲେ ।

ଡକ୍ଟର ଆଡ୍‌କେ ଏହି ଦୁଇଟି ଅଲୌକିକ ଘଟଣା ମୋ ନିକଟରେ ବର୍ଣ୍ଣନା କରିଥିଲେ । ଭଗବଦ୍ ଗୀତାରୁ ଉଦ୍ଧାର କରି ସେ କହିଥିଲେ ଯେ ସେ ହେଉଛନ୍ତି ଭଗବାନ ଯେ ନିଜର କୃପାବାରି ବର୍ଷଣ କରି ମୂକ ଓ ବଧିରକୁ କଥା କୁହାଇପାରେ, ପଙ୍ଗୁକୁ

ଚଲାଇପାରେ । ସେ ପୁଣି କହିଥିଲେ ପରମପ୍ରିୟ ସ୍ୱାମୀ ହେଉଛନ୍ତି ମାଧବ (ମାଧବ-କୃଷ୍ଣ) ।

ଭଗବଦ୍ ଗୀତାରେ କୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି ''ମୁଁ ମଣିଷର ମଙ୍ଗଳ ପାଇଁ ବିଭିନ୍ନ ଯୁଗରେ ଏହି ଆଧ୍ୟାତ୍ମିକ ଜ୍ଞାନ ପ୍ରଦାନ କରିଛି । ଯେତେବେଳେ ଅସତ୍ୟ ପ୍ରାଧାନ୍ୟ ବିସ୍ତାର କରେ ମୁଁ ସତ୍‌ବ୍ୟକ୍ତିମାନଙ୍କୁ ରକ୍ଷା କରିବାକୁ ଏବଂ ଦୁଷ୍ଟ ଶକ୍ତିର ସଂହାର କରିବାକୁ ଅବତାର ଗ୍ରହଣ କରିଥାଏ ।'' ଏହି ଅବତାରମାନଙ୍କର କାର୍ଯ୍ୟକଳାପ ଓ ଉପଦେଶକୁ ଅନୁଧ୍ୟାନ କରି ମଣିଷ ମୋକ୍ଷ ପ୍ରାପ୍ତ ହୋଇଥାଏ ।

ପରମପ୍ରିୟ ସ୍ୱାମୀ ମଧ୍ୟ ସେହିଭଳି କଥା କହିଛନ୍ତି; କାରଣ ସେ ହେଉଛନ୍ତି କୃଷ୍ଣ ଏବଂ ସର୍ବଦେବତା ସ୍ୱରୂପ (ସବୁ ଅବତାରଙ୍କର ଅବତାର) । ଧରଓ୍ୱାରଠାରେ ସେ କହିଥିଲେ ''ତୁମେ ସତ୍ୟସାଇ ସେବା ସଂଗଠନର ମୌଳିକ ଆଦର୍ଶରେ ଅନୁପ୍ରାଣିତ ହୋଇ ଜୀବନ ନିର୍ବାହ କରିବା ଉଚିତ । ଯେଉଁ ସେବା ପାଇଁ ଏହି ସଂଗଠନ ପ୍ରେରଣା ଦିଏ, ସେହି ସେବା ହିଁ ଆଧ୍ୟାତ୍ମିକ ଚେତନାର ବିକାଶ ପାଇଁ ପ୍ରଥମ ପଦକ୍ଷେପ । କୌଣସି ଫଳ ଆଶା ନ ରଖି ସ୍ୱତଃପ୍ରବୃତ୍ତ ଭାବରେ ସେବାକାର୍ଯ୍ୟ କରିବା ପାଇଁ ତୁମେ ଆଗେଇ ଆସ; କାରଣ ସେବାକାର୍ଯ୍ୟ ପୂଜା ଭାବରେ ସମର୍ପିତ । ଏହି ମନବୃତ୍ତି ଅହଂକାରକୁ ଦୂରେଇ ଦେଇଥାଏ ଏବଂ ଅନ୍ତର୍ନିହିତ ଦୈବତ୍ୱକୁ ମନ ଭିତରେ ସଂସ୍ଥାପିତ କରିଥାଏ । ସଂଗଠନ ମାଧ୍ୟମରେ ହେଉ ବା ଅନ୍ୟ ଉପାୟରେ ହେଉ ଈଶ୍ୱର ବିଶ୍ୱାସ ସବୁ ଆଧ୍ୟାତ୍ମିକ କାର୍ଯ୍ୟର ମୂଳ ଉତ୍ସ ।''

''ସଂଗଠନର ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ଓ ଶୃଙ୍ଖଳା ରହିଛି । ସବୁ ୟୁନିଟ୍ ସର୍ବଭାରତୀୟ କାର୍ଯ୍ୟପଦ୍ଧତିକୁ ଅନୁସରଣ କରିବା ଉଚିତ । କୌଣସି ରାଜ୍ୟ ନିଜ ଇଚ୍ଛା ଅନୁସାରେ କିଛି କରିବା ଉଚିତ ନୁହେଁ । ମହୀଶୂର, କେରଳ, ଗୁଜୁରାଟ ଏବଂ ଅନ୍ୟ ସମସ୍ତ ରାଜ୍ୟ ସମାନ କାର୍ଯ୍ୟପଦ୍ଧତି ଅନୁସରଣ କରିବା ଦରକାର । ସେମାନେ ପୃଥକ୍ ଭାବରେ ସ୍ୱତନ୍ତ୍ର ବ୍ୟକ୍ତିକୈନ୍ଦ୍ରିକ ୟୁନିଟ୍ ଗଠନ ପାଇଁ ପ୍ରୟାସ କରିବା ଉଚିତ ନୁହେଁ । ପ୍ରତ୍ୟେକ ୟୁନିଟ୍ ସର୍ବଭାରତୀୟ ସମ୍ମିଳନୀମାନଙ୍କରେ ଗୃହୀତ ବିଧିବିଧାନକୁ ନିଶ୍ଚିତ ଭାବରେ ଅନୁସରଣ କରିବା ଉଚିତ ।''

''ଏହି ସମ୍ମିଳନୀ ତୁମକୁ ଦିନେ ବା ଦୁଇଦିନ ପାଇଁ ଉତ୍ତମ ସଂସର୍ଗର ସୁଯୋଗ ଦେଇଛି । ଭଗବାନଙ୍କ ନିକଟକୁ ପରବର୍ତ୍ତୀ ପଦକ୍ଷେପରେ ଯାତ୍ରା କରିବା ପାଇଁ ତୁମ ବ୍ୟାଟେରୀଗୁଡ଼ିକୁ ଚାର୍ଜ କରିନିଅ । (ଶକ୍ତି ସଂଚୟ କର । ।''

''ତୁମ ୟୁନିଟ୍‌ରେ ତୁମେ ଯେଉଁ ଦାୟିତ୍ୱରେ ଅଛ ତାର ସର୍ବୋତ୍ତମ ସୁଯୋଗ ନିଅ, ତୁମ ଅହଂକାର ଉପରେ ବିଜୟ ହାସଲ କର, ଅନ୍ୟମାନଙ୍କୁ ଈଶ୍ୱରାଭିମୁଖୀ

ହେବାକୁ ପ୍ରେରଣା ଦିଅ ଏବଂ ଯନ୍ତ୍ରଣାମୁକ୍ତ ହୁଅ । ଭଜନ, ଧ୍ୟାନ ଓ ନଗର ସଂକୀର୍ତ୍ତନକୁ ଏକ ରୁଟିନ୍ ବନ୍ଧା (ଧରାବନ୍ଧା) କାର୍ଯ୍ୟ ବୋଲି ବିଚାର କର ନାହିଁ କିମ୍ବା କାର୍ଯ୍ୟ ନ କଲେ ତୁମ ଅଧିକାରକୁ ଅନ୍ୟ କେହି ଜୋର ଜବରଦସ୍ତ ନେଇଯିବାର ଆଶଙ୍କା ଥିବାରୁ କାର୍ଯ୍ୟ କରିବା ଠିକ୍ ନୁହେଁ । ଅନ୍ୟ ସହିତ ସବୁଥିରେ ଅଂଶୀଦାର ହୁଅ, ଗଭୀର ଆନ୍ତରିକତାର ସହିତ କାର୍ଯ୍ୟ କର, କେବେ କଥା କହିବାରେ ନିଜକୁ ସମ୍ପୃକ୍ତ କର ନାହିଁ । ତୁମେ ଯାହା ଅନ୍ୟକୁ କରିବା ପାଇଁ ନିର୍ଦ୍ଦେଶ ଦେଉଛ ତାହା ନିଶ୍ଚିତ ଭାବରେ ଉପକାରୀ ବୋଲି ନିଜେ ଅଭ୍ୟାସରେ ପରିଣତ କର । ଈଶ୍ୱରଙ୍କ ଭିତରେ ବୁଡ଼ିଯାଅ, ଦିବ୍ୟ କାର୍ଯ୍ୟରେ ତୁମ ମନକୁ ନିମଜ୍ଜିତ କର । ତୁମେ ହେଉଛ ମିଠାରେ ତିଆରି କଣ୍ଢେଇ । ମୁଁ ହେଉଛି ସେହି ମିଠା । ତୁମେ ମୋତେ ଯେଉଁ ନାମ ଧରି ଭକ୍ତି ପ୍ରଦର୍ଶନ କରନା କାହିଁକି ତୁମ ଭକ୍ତି ମୋ ନିକଟରେ ପହଞ୍ଚିଥାଏ । କାରଣ ସମସ୍ତେ ମୋ ସଂକଳ୍ପର ପରିପ୍ରକାଶ ।''

''ମଣିଷ ଦୈବତ୍ୱର ଏକ ଝଲକ । ସେ ତେଣୁ ତାର ପ୍ରତ୍ୟେକ କାର୍ଯ୍ୟରେ ଦୈବତ୍ୱକୁ ପ୍ରକଟ କରିବା ଉଚିତ । କାର୍ଯ୍ୟ କରିବା ହେଉଛି ମଣିଷର ଭାଗ୍ୟ ଲିଖନ । ସେ ଶ୍ୱାସକ୍ରିୟା ସମ୍ପାଦନ କଲା ଭଳି ଶାରୀରିକ କାର୍ଯ୍ୟ ବା ଚିନ୍ତା କରିବା ଭଳି ମାନସିକ କାର୍ଯ୍ୟରୁ ନିବୃତ୍ତ ରହିପାରିବ ନାହିଁ । ପ୍ରତିଥର ଶ୍ୱାସକ୍ରିୟାରେ 'ସୋଽହମ୍' ଉଚ୍ଚାରିତ ହୁଏ (ସେ ହେଉଛି ମୁଁ, ମୁଁ ହେଉଛି ସେ) । ପ୍ରତ୍ୟେକ ଚିନ୍ତାରେ ଦୈବତ୍ୱର ଅନୁବନ୍ଧନ ପ୍ରକାଶ ପାଇବା ଓ ଅନୁଭୂତ ହେବା ଉଚିତ । ଭଗବାନ ହେଉଛନ୍ତି ପ୍ରେମ । ପ୍ରେମ ହେଉଛି ସର୍ବଶ୍ରେଷ୍ଠ ଦିବ୍ୟଗୁଣ । ଏହାକୁ ମଣିଷ ନିଜେ ବିକଶିତ କରି ପାରିବ ଏବଂ ବିତରଣ କରିପାରିବ । ପ୍ରେମରେ ଜନ୍ମ ଗ୍ରହଣ କର, ପ୍ରେମରେ ମୃତ୍ୟୁବରଣ କର ଏବଂ ପ୍ରେମରେ ଜୀବନ ନିର୍ବାହ କର । ଅନ୍ୟ ଅର୍ଥରେ ଈଶ୍ୱରଙ୍କଠାରୁ ଉଦ୍ଭବ ହୁଅ ଏବଂ ଈଶ୍ୱରଙ୍କଠାରେ ମିଶିଯାଅ । ପ୍ରେମର ସାଗରରେ ତରଙ୍ଗ ହୋଇଯାଅ । ମୃତ୍ୟୁବରଣ ନକରି ଈଶ୍ୱରଙ୍କ ସହିତ ମିଶିଯାଅ ଏବଂ ନିଜକୁ ପରିପୂର୍ଣ୍ଣ କର । ତାହା ହିଁ ଭାଗ୍ୟ, ତାହା ହିଁ ଲକ୍ଷ୍ୟସ୍ଥଳ ।''

''ଧରଓ୍ୱାର ଓ ହୁବ୍ଲିରେ ବହୁ ସଂଖ୍ୟାରେ ଶିବ ଭକ୍ତ ଅଛନ୍ତି । ସେମାନେ ଭଗବାନଙ୍କର ଶିବ ସ୍ୱରୂପ ପ୍ରତି ସମର୍ପିତ । ଶିବ ହେଉଛନ୍ତି ପ୍ରଶାନ୍ତିର ଦୃଷ୍ଟାନ୍ତ ସ୍ୱରୂପ ।''

''ଧରଓ୍ୱାରରେ ଏତେ ସଂଖ୍ୟକ ଅନୁସନ୍ଧିତ୍ସୁ ଥିବାବେଳେ କାହିଁକି ଉଦ୍‌ବେଗ ଓ ସନ୍ତ୍ରାସର ବାଦଲ ମହାନଗରୀକୁ ଘୋଡ଼ାଇ ରଖିଛି ? ଭଗବାନଙ୍କ ନାମ ପ୍ରତ୍ୟେକଙ୍କ ଦରଜାରେ ପହଞ୍ଚାଇ ଦିଅ । ପ୍ରେମ ଓ ଭକ୍ତିରେ ଏହି ବାଦଲଗୁଡ଼ିକୁ ଆଲୋକିତ କର । ସହରର ପ୍ରତ୍ୟେକ ସାହିରେ ଏବଂ ରାଜ୍ୟର ପ୍ରତ୍ୟେକ ଗ୍ରାମରେ ସର୍ବଶକ୍ତିମାନ ଭଗବାନଙ୍କ ଆରାଧନାର ଘଣ୍ଟି ବାଜି ଉଠୁ । ପ୍ରତ୍ୟେକ ସୂର୍ଯ୍ୟୋଦୟ ରାମ, ଈଶ୍ୱର, ଶଙ୍କର ବା

କୃଷ୍ଣଙ୍କ ସଂଗୀତରେ ମୁଖରିତ ହେଉ । ପ୍ରେମର ନିର୍ଯ୍ୟାସରେ ପରିପୁଷ୍ଟ ହୋଇଥିଲେ ପ୍ରତ୍ୟେକ ନାମ ଫଳପ୍ରଦ । ବୃକ୍ଷର ଶାଖା, ପ୍ରଶାଖା, ପତ୍ର, ଫୁଲ ଓ ଫଳର ରଙ୍ଗ, ଆକୃତି, ସ୍ୱାଦ, ଗନ୍ଧ ପ୍ରଭୃତି ଭିନ୍ନ ଭିନ୍ନ ହୋଇପାରେ ମାତ୍ର ସେ ସବୁ ଭୂପୃଷ୍ଠରୁ ଉତ୍ପନ୍ନ ଏବଂ ସମସ୍ତେ ମାଟି ଓ ସୂର୍ଯ୍ୟକିରଣରୁ ଖାଦ୍ୟସାର ସଂଗ୍ରହ କରି ବୃଦ୍ଧି ପାଇଥାନ୍ତି ।''

ଆଦର୍ଶ ପରିବାର

୨୦୦୩ ମସିହା ମାର୍ଚ୍ଚ ୧ ତାରିଖରେ ପୁଟ୍ଟାପର୍ତ୍ତିଠାରେ ମହାଶିବରାତ୍ରି ଉତ୍ସବ ଦିନ ଅପରାହ୍ନରେ ପରମପ୍ରିୟ ସ୍ୱାମୀ ହସ୍ତ ସଂଚାଳନ ପୂର୍ବକ ଗୋଟିଏ ସୁନାର ଶିବଲିଙ୍ଗ ସୃଷ୍ଟି କରିଥିଲେ ଏବଂ ସନ୍ଧ୍ୟା ଭଜନ ସମୟରେ ତାଙ୍କ ପାକସ୍ଥଳୀରୁ ମୁଖ ଗହ୍ୱର ଦେଇ ସୁନାର ଏକ ଛୋଟ ଲିଙ୍ଗମ୍ ଉଦ୍ଭବ ହୋଇଥିଲା । ପରଦିନ ତାଙ୍କର ଦିବ୍ୟ ସମ୍ଭାଷଣରେ ପରମପ୍ରିୟ ବାବା ଭଗବାନ୍ ଶିବଙ୍କ ପରିବାରକୁ ଏକ ଆଦର୍ଶ ପରିବାର ରୂପେ ଚିତ୍ରଣ କରିଥିଲେ ଏବଂ ଶିବଙ୍କ ପରିବାର ଭକ୍ତମାନଙ୍କ ପାଇଁ ବିଭିନ୍ନତା ଭିତରେ ଏକତାର ଏକ ଉଦାହରଣ ବୋଲି ବର୍ଣ୍ଣନା କରିଥିଲେ । ସେ ଭଗବାନଙ୍କ ପିତୃତ୍ୱ ଓ ମାନବର ଭ୍ରାତୃତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ । ସେ କହିଥିଲେ–

''ପୁରାଣ (ବେଦୋକ୍ତ ସତ୍ୟ ଉପରେ ଆଧାରିତ ପୋଥି) ଅନୁସାରେ ଶିବଙ୍କର ଏକ କୌତୁହଳ ଉଦ୍ରେକ କରୁଥିବା ବିଚିତ୍ର ପରିବାର ରହିଛି । ତଥାପି ପରିବାରର ପ୍ରତ୍ୟେକ ସଭ୍ୟ ଅତି ଶାନ୍ତ ଓ ଉତ୍ତେଜନାରହିତ । ଏହି ଦିବ୍ୟ ପରିବାର ଶାନ୍ତି ଓ ଏକତା ଭିତରେ ତିଷ୍ଠି ରହିଛି ।''

''ଶିବଙ୍କର ହାତରେ ଓ ଗଳାରେ, ତାଙ୍କ ମସ୍ତକ ଉପରେ ଏବଂ କଟିଦେଶରେ ଗୁଡ଼ାଇ ହୋଇ ଅନେକ ବିଷଧର ସର୍ପ ଅବସ୍ଥାନ କରନ୍ତି । ତାଙ୍କର ପୁତ୍ର ସୁବ୍ରମଣ୍ୟମ୍‌ର ବାହାନ ଗୋଟିଏ ମୟୂର ଏବଂ ମୟୂର ସର୍ପମାନଙ୍କର ଶତ୍ରୁ । ଅନ୍ୟ ଜଣେ ପୁତ୍ର ଗଣେଶଙ୍କର ବାହାନ ମୂଷା । ମୂଷା ସର୍ପମାନଙ୍କର ଆହାର । ଗଣେଶଙ୍କର ମସ୍ତକ ଏକ ହାତୀ ମସ୍ତକ ଏବଂ ହାତୀ ସିଂହର ଶିକାର । ସିଂହ ଶିବପତ୍ନୀ ଦୁର୍ଗାଙ୍କର ବାହାନ ଏବଂ ଦୁର୍ଗା ଶିବଙ୍କର ଅବିଚ୍ଛିନ୍ନ ଅଙ୍ଗ ସଦୃଶ । ଶିବଙ୍କର ସେ ବାମଭାଗ । ଶିବଙ୍କର ବାହାନ ହେଲା ଷଣ୍ଢ ଏବଂ ଷଣ୍ଢ କେବେହେଲେ ସିଂହର ବନ୍ଧୁ ହୋଇ ନ ପାରେ । ଶିବଙ୍କ ଭ୍ରୁଲତା ମଧ୍ୟଭାଗରେ ଥିବା ତୃତୀୟ ନେତ୍ରରୁ ଅଗ୍ନି ସ୍ଫୁରଣ ହୋଇଥାଏ ଏବଂ ଶିବଙ୍କର ମସ୍ତକରୁ ସର୍ବଦା ଜଳ (ଗଙ୍ଗାନଦୀ) ପ୍ରବାହିତ ହୋଇଥାଏ । ଅଗ୍ନି ଓ ଜଳ ଉଭୟ ପରସ୍ପର ବିରୋଧୀ । ଅନୁମାନ କର, ବିପରୀତଧର୍ମୀ ଚରିତ୍ରମାନଙ୍କୁ ନେଇ କୈଳାସ ପର୍ବତ ଉପରେ ପ୍ରେମ ଓ ସହଯୋଗର ଦୃଷ୍ଟାନ୍ତ ସୃଷ୍ଟି କରି କିପରି ଶିବ ପରିବାର ପ୍ରଶାନ୍ତି ଓ ଆନନ୍ଦରେ ଜୀବନ ଅତିବାହିତ କରନ୍ତି ।''

''ଏସବୁ ମନ ଓ ଯଥାର୍ଥ ଶୃଙ୍ଖଳା ଉପରେ ନିର୍ଭରଶୀଳ । ପ୍ରେମର ଅସ୍ତ୍ର ସବୁବେଳେ ପ୍ରତିପକ୍ଷକୁ ନିରସ୍ତ୍ର କରିଦିଏ । ପ୍ରେମରୁ ହିଁ ପ୍ରେମ ଜାତ ହୁଏ ଏବଂ ଏହାର ପଶ୍ଚାତ୍ ପ୍ରତିଫଳନ ହୋଇଥାଏ । ପ୍ରେମର ପ୍ରତିକ୍ରିୟା କେବଳ ପ୍ରେମ । ଉଚ୍ଚସ୍ୱରରେ 'ପ୍ରେମ' ଉଚ୍ଚାରଣ କର । ଏହା ଅନ୍ୟମାନଙ୍କ ହୃଦୟରେ 'ପ୍ରେମ' ବୋଲି ପ୍ରତିଧ୍ୱନିତ ହେବ ।''

''ଧର୍ମପଥରେ ଚାଲ । ସମସ୍ତେ ଏହାକୁ ପ୍ରଶଂସା କରିବେ । ଧର୍ମର ଅର୍ଥ ନୈତିକତା । ଏହା ଆବେଗ ଓ ଉତ୍ତେଜନାକୁ ନିୟନ୍ତ୍ରଣ କରେ ଏବଂ ସେମାନଙ୍କୁ ଉପକାରରେ ଲଗାଏ । ତୁମର ଯଦି ଲୋଭ ଓ ଘୃଣାଭାବ ନାହିଁ, ତୁମେ ସୁଖରେ ନିଦ୍ରାଯାଇ ପାରିବ । ଶୋଇବା ପାଇଁ ବଟିକା ଗିଳିବାର ଆବଶ୍ୟକତା ନାହିଁ । ଏବେ ଜୀବନ କୃତ୍ରିମତା (ଆର୍ଟିଫିସିଆଲ୍)ରେ ଭରିଯାଇଛି । ଏଥିରେ 'ଆର୍ଟ' (କଳା) ନାହିଁ କି 'ହାର୍ଟ' (ହୃଦୟ) ନାହିଁ । ଏହା କେବଳ ଆଇଁସିଆ (ଫିସାଇଲ) ଜୀବନ । ଅନୁମାନ କର ମାଛ ପାଣି ଭିତରେ ବାସ କରୁଥିଲେ ମଧ୍ୟ କିପରି ଦୁର୍ଗନ୍ଧ ସୃଷ୍ଟି କରୁଥାଏ ।''

''ପ୍ରତ୍ୟହ ଜାଗ୍ରତ ହେବା ସଙ୍ଗେ ସଙ୍ଗେ ନଗର ସଂକୀର୍ତ୍ତନ କରି ଭଗବାନଙ୍କର ମହିମା ଗାନ କର । ଯଦି ଭାବୁଥାଅ ଈଶ୍ୱର ନାହାନ୍ତି ତେବେ ଆଉ କିଏ ଅଛି ? ନଗର ସଂକୀର୍ତ୍ତନର ଆନନ୍ଦ ଓ ପ୍ରେରଣାକୁ ପାଥେୟ କରି ପ୍ରତିଟି ଦିବସ ଅତିବାହିତ କର ।''

''ପ୍ରେମରେ ଏକତ୍ର ଜୀବନ ଧାରଣ କର । ଶାନ୍ତିରେ ବଞ୍ଚିରୁହ । ସେବା କରି ବଞ୍ଚିରୁହ । ମୁଁ ଆଶୀର୍ବାଦ କରୁଛି ତୁମେ ଏହି ମହତ୍ ଉଦ୍ୟମରେ ସଫଳକାମ ହୁଅ ।''

□□

ଅଧ୍ୟାୟ - ୧୫

ଅଲୌକିକ ଶକ୍ତି ପ୍ରଦାନ

ଥରେ ପରମପ୍ରିୟ ସ୍ୱାମୀ ମୋତେ ସାକ୍ଷାତକାର ପାଇଁ ଡାକିଲେ । ମୁଁ ତାଙ୍କ ସହିତ ଏକୁଟିଆ ଥିଲି । ସେ ମୋ ପାଇଁ ବିଭୂତି ସୃଷ୍ଟି କଲେ ଏବଂ ପ୍ରଶ୍ନ କଲେ ''ତୁମେ କଣ ଚାହଁ ?'' ସାଧାରଣତଃ ଏଭଳି ପ୍ରଶ୍ନ ସେ ଭକ୍ତମାନଙ୍କୁ ପଚାରିଥାନ୍ତି । ମୁଁ ଉତ୍ତର ଦେଲି ''ସ୍ୱାମୀ ! ଆତ୍ମ ଉପଲବ୍ଧି (ଆତ୍ମଜ୍ଞାନ) ।'' ସେ ପୁଣି ପ୍ରଶ୍ନ କଲେ ''ଆତ୍ମୋପଲବ୍ଧି କହିଲେ ତୁମେ କଣ ବୁଝ ?'' ମୁଁ କହିଥିଲି ''ସ୍ୱାମୀ ! ଆପଣ ଯେତେବେଳେ କୃଷ୍ଣ ଥିଲେ ଅର୍ଜୁନଙ୍କୁ ଆପଣ ଏହି ଜ୍ଞାନ ଦେଇ ନଥିଲେ କି ?''

ସେ ଉତ୍ତର ଦେଲେ ''କେବଳ ତୁମେ ସ୍ନାତକ ଡିଗ୍ରୀ ଲାଭ କରି ଡାକ୍ତର ହେବା ପରେ ସ୍ୱାମୀ ତୁମକୁ ଆତ୍ମଜ୍ଞାନ ପ୍ରଦାନ କରିବେ ।''

ଶେଷ ବର୍ଷ ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ମୁଁ ସଙ୍ଗେ ସଙ୍ଗେ ସ୍ୱାମୀଙ୍କ ନିକଟକୁ ଗଲି । ଆଶା ରଖିଥିଲି, ସେ ମୋତେ ଆତ୍ମଜ୍ଞାନ ପ୍ରଦାନ କରିବେ । ସେ ମୋତେ ଦେଖିଲେ ଏବଂ କହିଥିଲେ ''ତୁମେ ତୁମର ବର୍ଷିକିଆ ଇଣ୍ଟର୍ଣ୍ଣସିପ୍ (ହାଉସସର୍ଜନ) ସାରି ଡାକ୍ତର ଭାବେ ତାଲିକାଭୁକ୍ତ ପ୍ରମାଣପତ୍ର ଧରି ଆସ ।''

ଇଣ୍ଟର୍ଣ୍ଣସିପ୍ ସରିବା ମାତ୍ରେ ମୁଁ ପ୍ରଶାନ୍ତି ନିଳୟମ ଗଲି । ମୋ ସହିତ କୋଡ଼ିଏଜଣ ଭକ୍ତ ଓ କ୍ୟାମେରା ଲୋଡ଼ କରି ଜଣେ ବୃତ୍ତିଧାରୀ ଫଟୋଗ୍ରାଫର ଯାଇଥିଲେ । ଆମେ ଆଶ୍ରମ ଭିତରକୁ ପ୍ରବେଶ କରିବା ମାତ୍ରେ ସ୍ୱାମୀ ଆମକୁ ସାକ୍ଷାତକାର ପାଇଁ ଡାକିଲେ । ସେ ଭକ୍ତମାନଙ୍କୁ ବହୁ ପ୍ରଶ୍ନ ପଚାରିଥିଲେ ଏବଂ କହିଥିଲେ ''ସ୍ୱାମୀ ବର୍ତ୍ତମାନ ତୁମ ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ । କେହି ପ୍ରଶ୍ନ ପଚାରିବାକୁ ଇଚ୍ଛା କରୁଛ କି ?'' ପ୍ରତ୍ୟେକ ପରସ୍ପରକୁ ଚାହିଁବାରେ ଲାଗିଲେ । ମୋର ମଧ୍ୟ କୌଣସି ପ୍ରଶ୍ନ ପଚାରିବାର ନ ଥିଲା । କାରଣ ମୋ ମନରେ ଉଠୁଥିବା ଅଧିକାଂଶ ପ୍ରଶ୍ନର ଉତ୍ତର ସ୍ୱାମୀ ସାକ୍ଷାତକାରମାନଙ୍କରେ ସନ୍ତୋଷଜନକ ଭାବେ ଦେଇସାରିଛନ୍ତି ।

ପରବର୍ତ୍ତୀ ଜୀବନ ପାଇଁ ଅନୁମତି ପତ୍ର

ସ୍ୱାମୀ ସମସ୍ତଙ୍କ ମୁହଁକୁ ଚାହିଁବା ପରେ କହିଥିଲେ ''ଯଦି କାହାରି କିଛି ପ୍ରଶ୍ନ ନାହିଁ ତେବେ ଗଢ଼ିଆ ଗୋଟିଏ ପ୍ରଶ୍ନ ପଚାରୁ ।''

ମୁଁ ପ୍ରାର୍ଥନା କଲି ଏବଂ ମୋ ମନ ଭିତରେ ଗୋଟିଏ ଯୁକ୍ତିଯୁକ୍ତ ପ୍ରଶ୍ନ ଖୋଜି ଚାଲିଲି । ଯେଉଁ ମୁହୂର୍ତ୍ତରେ ମୁଁ ପ୍ରାର୍ଥନା ଜଣାଇଲି, ପରମପ୍ରିୟ ସ୍ୱାମୀ ଗୋଟିଏ ପ୍ରଶ୍ନ ପଚାରିବା ପାଇଁ ମୋତେ ସାହାଯ୍ୟ କଲେ । ମୋର ପ୍ରଶ୍ନ ଥିଲା ''ସ୍ୱାମୀ ! ଆପଣ ଯେତେବେଳେ ଶିରିଡ଼ିରେ ଥିଲେ ଆପଣ ଆପଣଙ୍କ ସଚ୍ଚା ଭକ୍ତ ଶ୍ୟାମକୁ କହିଥିଲେ ଯେ ସେ ଆପଣଙ୍କ ସହିତ ପୂର୍ବରୁ ୭୨ଟି ଜନ୍ମରେ ରହିଥିଲା । ଯେତେବେଳେ ଧୁରନ୍ଧରଙ୍କ ପରିବାରର ସଭ୍ୟମାନେ ଆସି ପହଞ୍ଚିଲେ ଆପଣ କହିଥିଲେ ଯେ ସେମାନେ ସମସ୍ତେ ଆପଣଙ୍କ ଦରବାରର ଲୋକ ଥିଲେ ଏବଂ ୬୦ ଜନ୍ମ ଧରି ଆପଣଙ୍କ ସହିତ ସମ୍ପୃକ୍ତ ଥିଲେ । ମୁଁ ଏବେ ଆପଣଙ୍କ ସମ୍ମୁଖରେ ଅଛି । ମୁଁ ଜାଣିବାକୁ ଚାହେଁ କେତେ ଜନ୍ମ ଧରି ମୁଁ ଆପଣଙ୍କ ସହିତ ସମ୍ପୃକ୍ତ ରହିଛି ?''

ସମସ୍ତେ ଏଭଳି ପ୍ରଶ୍ନକୁ ପ୍ରଶଂସା କରିଥିଲେ ଏବଂ ସ୍ୱାମୀ ତାଙ୍କ ଲମ୍ବା ଶୋଫା ଉପରେ ଶରୀର ଦୋହଲାଇ କହିଥିଲେ ''ଅତି ଉତ୍ତମ ପ୍ରଶ୍ନ ।''

ତା ପରେ ସେ କହିଥିଲେ ''ତୁମେ ମୋ ସହିତ ବହୁ ଜନ୍ମ ଧରି ସମ୍ପୃକ୍ତ ରହିଥିଲ ଏବଂ ଆହୁରି ବହୁ ଜନ୍ମ ଧରି ସମ୍ପୃକ୍ତ ରହିବ ।''

ମୁଁ ସଙ୍ଗେ ସଙ୍ଗେ ପ୍ରଶ୍ନ କଲି ''ତାହାହେଲେ ମୋର ମୁକ୍ତି ନାହିଁ ସ୍ୱାମୀ ?'' ସେ ସିଧା ହୋଇ ତାଙ୍କ ଶୋଫା ଉପରେ ବସିଲେ ଏବଂ ମୁଖରେ ଖୁସି ନ ଥିବାର ଭାବ ପ୍ରକାଶ କରି କହିଥିଲେ ''ମୁକ୍ତି ? ତାର ଅର୍ଥ ତୁମେ ଏକ ବଡ଼ ପ୍ରତାରକ ।''

ମୁଁ ସଙ୍ଗେ ସଙ୍ଗେ କହିଥିଲି ''ସ୍ୱାମୀ ! ମୁଁ ବୁଝିପାରୁ ନାହିଁ ଆପଣ ମୋତେ କାହିଁକି ପ୍ରତାରକ ବୋଲି କହିଲେ ।'' ସେ କହିଥିଲେ ''ତୁମେ କଣ ଭକ୍ତମାନଙ୍କ ଗହଣରେ ଏହି ଭଜନ ଗାନ କର ନାହିଁ ?''–

''ତୁମ୍ହି ମେରି ରାମ ହୋ
ତୁମ୍ହି ମେରି ଶ୍ୟାମ ହୋ
ତୁମ୍ହି ମେରି ପ୍ରାଣ୍ ହୋ
ଜନମ୍ ଜନମକେ ସାଥୀ ହୋ ।''

(ଅର୍ଥାତ୍ : ତୁମେ ମୋର ରାମ, ତୁମେ ମୋର ଶ୍ୟାମ, ତୁମେ ମୋର ପ୍ରାଣ ଏବଂ ତୁମେ ମୋର ଜନ୍ମ ଜନ୍ମର ସାଥୀ ।)

ସାକ୍ଷାତକାର କୋଠରୀରେ ଭଗବାନ ବାବା ଲେଖକ ଡକ୍ଟର ଗଡ଼ିଆଙ୍କୁ 'ଆତ୍ମୋପଲବ୍ଧି'ର ବିରଳ ଅନୁଭୂତି ପ୍ରଦାନ କରୁଛନ୍ତି ।

ସେ କହିଥିଲେ ''ଏହାର ଅର୍ଥ ହେଲା ତୁମେ ଭକ୍ତମାନଙ୍କୁ କହିବାରେ ଲାଗିଛ ଯେ ତୁମେ ସ୍ୱାମୀଙ୍କର ବହୁ ଜନ୍ମ ଧରି ସହଚର ରହିଛ । ଏହା କେବଳ ଉପର ଦେଖାଣିଆ କଥା । କାରଣ ଆଜି ମୋତେ ତୁମେ ମୁକ୍ତି ଦେବା ପାଇଁ ଅନୁରୋଧ କରୁଛ । ଏଥିରୁ ତୁମେ କଣ ଭାବୁନାହଁ ଯେ ତୁମେ ଜଣେ ପ୍ରତାରକ ।''

ମୁଁ ଦୁଇ ହାତରେ ମୋର ଦୁଇକାନ ଧରି ଉତ୍ତର ଦେଇଥିଲି ''ସ୍ୱାମୀ ! ପ୍ରତିଜ୍ଞା କରୁଛି, ଆଉ କେବେ ମୁକ୍ତି ପାଇଁ ଅନୁରୋଧ କରିବି ନାହିଁ । କିନ୍ତୁ ଭବିଷ୍ୟତ ଜୀବନରେ ଆପଣ କଣ ମୋର ସାଥୀ ହୋଇ ରହିବେ ?''

ସେ ପ୍ରଫୁଲ୍ଲ ଚିତ୍ତରେ ଉତ୍ତର ଦେଲେ ''ସ୍ୱାମୀ ତୁମ ସହିତ ଆଗାମୀ ବହୁ ଜନ୍ମ ଧରି ରହିବେ । ତୁମର ପରବର୍ତ୍ତୀ ଜନ୍ମ ମହୀଶୂର ରାଜ୍ୟରେ ଶ୍ରୀରଙ୍ଗାପଟନମ୍ ଅଞ୍ଚଳରେ ହେବ ଏବଂ ତୁମେ ପ୍ରେମ ସାଇଙ୍କ ନିକଟରେ ରହିବ । ('ପ୍ରେମ ସାଇ' ବାବାଙ୍କର ପରବର୍ତ୍ତୀ ଅବତାର) । ତୁମେ ଏ ଜନ୍ମରେ ସେବା କରୁଛ ଏବଂ ପରଜନ୍ମରେ ଅଧିକ ସେବା କରିବ ।''

ମୁଁ ନିଜକୁ ଗୌରବାନ୍ୱିତ ମନେ କରି କହିଥିଲି ''ଆପଣଙ୍କୁ ଅଶେଷ ଧନ୍ୟବାଦ ।'' ତା ପରେ ମୋ ସହିତ ସାକ୍ଷାତକାର ପାଇଁ ଆସିଥିବା ଭକ୍ତମାନଙ୍କୁ ସାକ୍ଷାତକାର କୋଠରୀରୁ ବାହାରକୁ ଆସିବା ପରେ ମୁଁ କହିଥିଲି ''ପରମପ୍ରିୟ ସ୍ୱାମୀ ମୋତେ ଏ ଜନ୍ମରେ ବ୍ରିଟିଶ ପାଶ୍‌ପୋର୍ଟ (ବ୍ରିଟିଶରେ ରହିବା ପାଇଁ ଅନୁମତି ପତ୍ର) ଦେଇଥିଲେ କିନ୍ତୁ ପରଜନ୍ମ ପାଇଁ ଭାରତୀୟ ପାଶ୍‌ପୋର୍ଟ ଦେବେ ବୋଲି କହିଛନ୍ତି ସତରେ ଏହା କେତେ ମହାନ୍ ପ୍ରତିଶ୍ରୁତି ।''

ଜଣେ ଭକ୍ତ କହିଥିଲେ ''ତୁମ ସହିତ ଆମକୁ ମଧ୍ୟ ନିଅ ।'' ମୁଁ ଉତ୍ତର ଦେଲି ''ମୋ ପାଶ୍‌ପୋର୍ଟରେ ତୁମେ ଯାତ୍ରା କରିପାରିବ କି ? ତୁମେ ମହୀଶୂର ରାଜ୍ୟକୁ ଆସିବା ପାଇଁ ତୁମ ଭକ୍ତିର ବିକାଶ ସାଧନ କର । ତାହାହେଲେ ନିଜ ପାଶ୍‌ପୋର୍ଟରେ ତୁମେ ପରଜନ୍ମରେ ମହୀଶୂର ଆସିପାରିବ ।'' ମୁଁ ଉତ୍‌ଫୁଲ୍ଲିତ ହୋଇ ସ୍ୱାମୀଙ୍କୁ ଧନ୍ୟବାଦ ଜଣାଇଥିଲି । କାରଣ ସେ ଅନୁଗ୍ରହ କରି ମୋତେ ପରଜନ୍ମରେ ଆଉଥରେ ତାଙ୍କର ସେବା କରିବା ପାଇଁ ସୁଯୋଗ ଦେବେ ବୋଲି ସ୍ପଷ୍ଟ କରିଦେଲେ ।

ଆତ୍ମୋପଲବ୍ଧି

ମୋର ପରବର୍ତ୍ତୀ ଜୀବନ ସମ୍ପର୍କରେ ସୂଚନା ଦେବା ପରେ ସ୍ୱାମୀ ଆମ ସହିତ ସାକ୍ଷାତକାର କୋଠରୀକୁ ଯାଇଥିବା ଫଟୋଗ୍ରାଫରକୁ କହିଥିଲେ ''ତୁମ କ୍ୟାମେରାରେ ରିଲ୍ ଅଛି ତ ?'' ଫଟୋଗ୍ରାଫର ଉତ୍ତର ଦେଲା ''ହଁ ସ୍ୱାମୀ ।''

ତା'ପରେ ବାବା ମୋତେ କହିଥିଲେ "ଗଡ଼ିଆ ! ଏଠାକୁ ଆସ ଏବଂ ମୋ ଦକ୍ଷିଣ ଗୋଡ଼ ନିକଟରେ ବସ ।" ସେ ଫଟୋଗ୍ରାଫରକୁ ଆମ ସମ୍ମୁଖରେ ଠିଆ ହେବାକୁ ନିର୍ଦ୍ଦେଶ ଦେଲେ ଏବଂ କହିଥିଲେ "ଯେତେବେଳେ ତୁମେ ପ୍ରସ୍ତୁତ ହୋଇଯିବ 'ରେଡ଼ି' (ପ୍ରସ୍ତୁତ) ବୋଲି କହିବ ।" ବାବା ତାଙ୍କର ଦକ୍ଷିଣ ହସ୍ତ ମୋ ମସ୍ତକ ଉପରେ ଏବଂ ତାଙ୍କର ବାମ ହସ୍ତ ମୋ ବାମ କାନ୍ଧ ଉପରେ ରଖିଲେ । ଯେଉଁ ମୁହୂର୍ତ୍ତରେ କ୍ୟାମେରାମ୍ୟାନ 'ରେଡି' ବୋଲି କହିଲା ସେହି ମୁହୂର୍ତ୍ତରେ ମୋ ଶରୀରରେ ଏକ ଅନିର୍ବଚନୀୟ ପ୍ରତିକ୍ରିୟା ସଂଘଟିତ ହେଲା । ମୁଁ ଅନୁଭବ କଲି ଯେପରି ଏକ ତଡ଼ିତ୍ ପ୍ରବାହ ମୋ ଶରୀର ମଧ୍ୟରେ ପ୍ରବେଶ କଲା ଏବଂ ମୁଁ ଏକ ତନ୍ଦ୍ରାଚ୍ଛନ୍ନ ଏବଂ ଘୂର୍ଣ୍ଣାୟମାନ ଶାରୀରିକ ଅବସ୍ଥାରେ ଥିବାଭଳି ଅନୁଭବ କରିବାକୁ ଲାଗିଲି । ମୋ ଅବସ୍ଥା ଭଲ ନ ଥିଲା । ତେଣୁ ସ୍ୱାମୀ ଅନ୍ୟମାନଙ୍କୁ କହିଥିଲେ "ତାକୁ ଧର ଏବଂ ତା କୋଠରୀକୁ ନେଇଯାଅ । ତାକୁ ଦୁଇଘଣ୍ଟା ପର୍ଯ୍ୟନ୍ତ ଶୋଇବାକୁ ଦିଅ । ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ସ୍ୱାମୀ ସମସ୍ତଙ୍କୁ ସାକ୍ଷାତକାର ପାଇଁ ଡାକିବେ ।"

ଦୁଇଘଣ୍ଟା ପାଇଁ ମୁଁ ଏକ ଅନ୍ୟ ଜଗତରେ ଥିଲି । ମୁଁ ସେଠାରେ ପରମ ଶାନ୍ତି ଓ ନିସ୍ତବ୍ଧତା ଅନୁଭବ କରୁଥିଲି । ମୋଠାରେ ଯଥେଷ୍ଟ ଶକ୍ତି ଭରି ରହିଥିଲା । ତାହା ଏକ ସୁନ୍ଦର ଅନୁଭୂତି ଥିଲା । ମୋର ମନେହେଉଥିଲା ଯେପରି ସ୍ୱାମୀ ମୋତେ ଏହି ଶକ୍ତି ପ୍ରଦାନ କରିଛନ୍ତି ଏବଂ ମୋଠାରେ ରୂପାନ୍ତରଣ ତଥା ଶକ୍ତିର ପୁନଃସଂଚରଣ ପାଇଁ ମୋତେ ଅନ୍ୟ ଏକ ଜଗତକୁ ପଠାଇଛନ୍ତି । ଏଥିସହିତ ସେ ମୋତେ ପ୍ରଶାନ୍ତି ଓ ପ୍ରଜ୍ଞାରେ ଉଦ୍‌ବୁଦ୍ଧ କରିଛନ୍ତି ।

ସୁସ୍ଥ ହେବା ପରେ ଆମେ ମନ୍ଦିର ନିକଟରେ ପହଞ୍ଚିବା ମାତ୍ରେ ସ୍ୱାମୀ ବାଲ୍‌କୋନି ଉପରେ ଠିଆ ହୋଇ ଏକ ପ୍ରକାର ଚିତ୍କାର କରି କହିଉଠିଲେ "ଗଡ଼ିଆ ! ଏବେ କିପରି ଅନୁଭବ କରୁଛ ?" ମୁଁ ଉତ୍ତର ଦେଲି "ସ୍ୱାମୀ ! ଆପଣ ମୋତେ ପ୍ରଭୂତ ଶକ୍ତି ପ୍ରଦାନ କରିଛନ୍ତି । ଆପଣ ମୋ ମନରେ ପ୍ରଶାନ୍ତି ଏବଂ ମସ୍ତିଷ୍କରେ ଜ୍ଞାନ ଭରପୂର କରିଦେଇଛନ୍ତି । ମୁଁ ପ୍ରକୃତରେ ଆପଣଙ୍କ ପ୍ରତି ଅତିଶୟ କୃତଜ୍ଞ ସ୍ୱାମୀ ।" ସେ ଆନନ୍ଦରେ ଉତ୍ତର ଦେଇଥିଲେ "ତାହା ହିଁ ଆତ୍ମୋପଲବ୍ଧି ।"

ବର୍ତ୍ତମାନ ଆସନ୍ତୁ ଜାଣିବା ଆତ୍ମୋପଲବ୍ଧି ସମ୍ପର୍କରେ ସ୍ୱାମୀ କଣ କୁହନ୍ତି ।

"ଆତ୍ମୋପଲବ୍ଧି ତର୍କ ମାଧ୍ୟମରେ ସମ୍ଭବ ନୁହେଁ । ସମର୍ପଣ, ଆଲୋଚନା ଓ ଅନ୍ୟାନ୍ୟ ଶୃଙ୍ଖଳା ଦ୍ୱାରା ମଧ୍ୟ ସମ୍ଭବ ନୁହେଁ । କେବଳ ପ୍ରେମ ମାଧ୍ୟମରେ ଏହା ପ୍ରାପ୍ତ ହୋଇଥାଏ ।"

''ଆତ୍ମୋପଲବ୍ଧି କଣ ? ଯେଉଁ ମୁହୂର୍ତ୍ତରେ ତୁମେ ନିଜ ଅନ୍ତରସ୍ଥ ସୌନ୍ଦର୍ଯ୍ୟ ଦେଖିପାରିବ ଏବଂ ଏଥିରେ ପରିପୂର୍ଣ୍ଣତା ଲାଭ କରିବ, ସେହି ମୁହୂର୍ତ୍ତରେ ତୁମେ ସବୁ କିଛି ଭୁଲିଯିବ । ସବୁ ବନ୍ଧନରୁ ତୁମେ ମୁକ୍ତ ହୋଇଯିବ । ତୁମେ ଅନୁଭବ କରିବ ଯେ ତୁମେ କେବଳ ସେହି ସମସ୍ତ ସୌନ୍ଦର୍ଯ୍ୟ, ସମସ୍ତ ମହିମା, ସମସ୍ତ ଶକ୍ତି ଏବଂ ସମଗ୍ର ବିଶ୍ୱର ବିଶାଳତା ଛଡ଼ା ଅନ୍ୟ କିଛି ନୁହଁ । ଏହି ପ୍ରକୃତି ଭଗବାନଙ୍କର ଅନନ୍ତ ଅସୀମ ମହିମାର ଏକ କ୍ଷୁଦ୍ର ଅଂଶ ମାତ୍ର । ତଥାପି ତୁମର ଏହି ଅନୁଭୂତି ତୁମକୁ ଅପାର ଆନନ୍ଦ ପ୍ରଦାନ କରିବ । ତୁମେ ଅଗାଧ ଜ୍ଞାନର ଅଧିକାରୀ ହୋଇପାରିବ ଏବଂ ଏହା ପ୍ରକଟ କରୁଥିବା ବିସ୍ମୟ ପାଇଁ ଆତ୍ମସନ୍ତୋଷ ଲାଭ କରିବ । ପ୍ରକୃତରେ ଦର୍ପଣ ଉପରେ ଶିବ (ଭଗବାନ)ଙ୍କର ପ୍ରତିଫଳନ ହିଁ ଜୀବ ।''

''ଦର୍ପଣକୁ ଚାହଁ ଏବଂ ସେଥିରେ ନିଜର ପ୍ରତିବିମ୍ବ ଦେଖ । ସେଥିରୁ ତୁମେ ନିଶ୍ଚିତ ହେବ ଯେ ତାହା ତୁମର ପ୍ରତିବିମ୍ବ ଏବଂ ତୁମେ ସମ୍ପୂର୍ଣ୍ଣ ଭିନ୍ନ । ସେହିଭଳି ମଧ୍ୟ ଜୀବ ହେଉଛି ଶିବ କିନ୍ତୁ ଶିବ ଜୀବ ନୁହଁନ୍ତି । ଜଳପୃଷ୍ଠରେ ସୂର୍ଯ୍ୟଙ୍କର ପ୍ରତିବିମ୍ବ ଦୋହଲି ଉଠେ କିନ୍ତୁ ସୂର୍ଯ୍ୟ ଆକାଶରେ ସ୍ଥିର ରହିଥାନ୍ତି । ଦୋହଲିଯିବା ଜଳର ପ୍ରକୃତି ଯୋଗୁ ହୋଇଥାଏ ମାତ୍ର ସୂର୍ଯ୍ୟଙ୍କ ପାଇଁ ନୁହେଁ । ସେହିପରି ପ୍ରକୃତି ପରିବର୍ତ୍ତନଶୀଳ କିନ୍ତୁ ଶିବ ଅପରିବର୍ତ୍ତନୀୟ ଓ ସ୍ଥିର ।''

''ତୁମେ ବିଶ୍ୱାସ କର ନାହିଁ ଯେ ସ୍ୱପ୍ନ ବାସ୍ତବତାର ସୂଚନା ଦିଏ କାରଣ ଜାଗ୍ରତ ହେବା ମାତ୍ରେ ଏହା ଉଭେଇଯାଏ । ତୁମେ ଯେତେବେଳେ 'ଜ୍ଞାନ ପ୍ରାପ୍ତ' ହୁଅ ତୁମର ଜାଗ୍ରତ ହେବାର ଅଭିଜ୍ଞତା ଉଭେଇଯାଏ । ସେ ପର୍ଯ୍ୟନ୍ତ ସବୁକିଛି ତୁମକୁ ବାସ୍ତବ ବୋଲି ଜଣାପଡ଼େ । ଏହି ଅବସ୍ଥା ପରେ ତୁମେ ଅନୁଭବ କରିବ ଯେ ଏସବୁର ମୂଲ୍ୟ ଆପେକ୍ଷିକ ମାତ୍ର ।''

ଆତ୍ମୋପଲବ୍ଧି ପରେ

ଆତ୍ମ ଉପଲବ୍ଧି ପରେ ପରମପ୍ରିୟ ସ୍ୱାମୀ ମୋତେ ନିର୍ଦ୍ଦେଶ ଦେଇଥିଲେ ''ଉଗାଣ୍ଡାର କାମ୍ପାଲାକୁ ଯାଅ, ପିତାମାତାଙ୍କର ଆଶୀର୍ବାଦ ନିଅ ଏବଂ ସ୍ୱାମୀଙ୍କ ନିକଟକୁ ପରବର୍ତ୍ତୀ ନିର୍ଦ୍ଦେଶ ନେବା ପାଇଁ ଫେରିଆସ ।''

ମୁଁ ତାଙ୍କୁ ଉତ୍ତର ଦେଇଥିଲି ''ସ୍ୱାମୀ, ମୁଁ ଯଦି କାମ୍ପାଲା ଯାଏ ତେବେ ମୋର ପିତାମାତା ମୁଁ କୌଣସି ହସ୍‌ପିଟାଲରେ ଯୋଗ ଦେଇ ରୋଜଗାର କରିବା ପାଇଁ ଚାହିଁବେ । ମୋର ପିତା ମୋତେ ଫେରିଆସିବା ପାଇଁ ଆଦୌ ଅନୁମତି ଦେବେ ନାହିଁ ।'' ସେ କହିଥିଲେ ''ତୁମେ ସ୍ୱାମୀଙ୍କ ନାମ କୁହ । ସେ ନିଶ୍ଚୟ ତୁମକୁ ଫେରିଆସିବାକୁ ଅନୁମତି ଦେବେ ।''

ମୋ ମୁଣ୍ଡ ଭିତରେ ଚିନ୍ତାସବୁ ଦୌଡ଼ିବାକୁ ଆରମ୍ଭ କଲେ । ଗୋଟିଏ ପକ୍ଷରେ ମୋର ପିତାମାତା ଭାବୁଥିଲେ ଯେ ମୁଁ ପରମପ୍ରିୟ ସ୍ୱାମୀଙ୍କ ପଛରେ ପାଗଳଙ୍କ ପରି ଗୋଡ଼ାଇଛି, ମୁଁ ଜଣେ ମେଡ଼ିକାଲ ଡାକ୍ତର ହେବି ଏ ବିଶ୍ୱାସ ସେମାନଙ୍କର ଆଦୌ ନ ଥିଲା । ଅନ୍ୟପକ୍ଷରେ ଯେହେତୁ ମୁଁ ଡାକ୍ତରୀ ଯୋଗ୍ୟତା ହାସଲ କରିଛି ସେମାନେ ଆଶା କରିବା ସ୍ୱାଭାବିକ ଯେ ମୁଁ ଚାକିରୀରେ ଯୋଗ ଦିଏ ଏବଂ ବର୍ଷ ବର୍ଷ ଧରି ମୋ ପାଇଁ ଯେତେ ଖର୍ଚ୍ଚ ହୋଇଛି ତାହା ରୋଜଗାର କରି ଭରଣା କରେ । ମୁଁ ବିବ୍ରତ ହୋଇପଡ଼ିଲି ମାତ୍ର ସଙ୍ଗେ ସଙ୍ଗେ ପରମପ୍ରିୟ ସ୍ୱାମୀଙ୍କର ନିମ୍ନୋକ୍ତ ସନ୍ଦେଶ ମୋର ସ୍ମରଣ ହେଲା ।

"ମା'ର ତା ପିଲା ପ୍ରତି ରହିଥିବା ପ୍ରେମ ଅପେକ୍ଷା ସଂସାରରେ ଅନ୍ୟ କିଛି ମଧୁରତର ପଦାର୍ଥ ନାହିଁ । ପିଲାର ମଙ୍ଗଳ ପାଇଁ ମା' ତାର ସବୁକିଛି, ଏପରିକି ତାର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ । ଏଭଳି ସୁଗନ୍ଧଯୁକ୍ତ ମଧୁରତା କେବଳ ମା' ପାଖରେ ସମ୍ଭବ । ମା' ହେଉଛି ଭଗବାନଙ୍କର ସ୍ୱରୂପ ।"

"ସେହିପରି ପିଲାଙ୍କୁ ଲାଳନ ପାଳନ କରିଥିବା ଏବଂ ତାର ବ୍ୟକ୍ତିତ୍ୱ ବିକାଶ କରାଇଥିବା ପିତାର ହୃଦୟ ମଧ ମଧୁର । ତେଣୁ ଉପନିଷଦ ପିତାମାତାଙ୍କୁ ଭଗବାନଙ୍କ ସହିତ ସମାନ ବୋଲି ନିର୍ଦ୍ଦେଶ ଦେଇଥାଏ ।"

"ପ୍ରେମ ଓ ଭକ୍ତିର ସହିତ ପିତାମାତାଙ୍କୁ ସମ୍ମାନ ଦେଖାଅ । ତୁମେ ପିତାମାତାଙ୍କୁ ଅର୍ପଣ କରିବା ପାଇଁ ଏହା ହେଉଛି ଏକ ଶ୍ରଦ୍ଧାଞ୍ଜଳି । ଏହା ତୁମର କରିବା ଉଚିତ କାରଣ ସେ ତୁମକୁ ଏହି ପୃଥିବୀକୁ ଆସିବା ପାଇଁ ତଥା ଆତ୍ମୋପଲବ୍ଧି ପାଇଁ ଏକ ସୁନ୍ଦର ସୁଯୋଗ ଦେଇଛନ୍ତି ।"

ଏହି ସମୟ ମଧରେ ଆମେ ପରମପ୍ରିୟ ସ୍ୱାମୀଙ୍କର ସର୍ବଶକ୍ତିମତ୍ତାର ଅନ୍ୟ ଏକ ପ୍ରମାଣ ପାଇଥିଲୁ । ସେ ମାଧବ ଦୀକ୍ଷିତଙ୍କୁ କହିଥିଲେ "ତୁମେ ଆସନ୍ତାକାଲି ଏହି ଶରୀର ତ୍ୟାଗ କରିବ । କିନ୍ତୁ ସ୍ୱାମୀଙ୍କ ସଂକଳ୍ପ ଯୋଗୁ ତୁମର ଜୀବିତ ରହିବାର ସମୟ ଆଉ ଆଠବର୍ଷ ବୃଦ୍ଧି ପାଇଛି । କାରଣ ତୁମେ ଶିରିଡ଼ିରେ ସ୍ୱାମୀଙ୍କ ସହିତ ଓ କାକା ସାହେବଙ୍କ ସହିତ ଆଠବର୍ଷ ରହିଥିଲ । ତୁମର ଇଚ୍ଛା କଣ ସ୍ୱାମୀ ଜାଣିବାକୁ ଚାହାଁନ୍ତି । ତୁମେ ତୁମ ଜୀବନରେ ଏହି ବର୍ଦ୍ଧିତ ଆଠବର୍ଷ ମଧରେ କଣ କରିବାକୁ ଚାହଁ ?"

ମାଧବ ଦୀକ୍ଷିତ ଅଶ୍ରୁଳ ନୟନରେ ଉତ୍ତର ଦେଲେ "ସ୍ୱାମୀ ! ମୁଁ ଆପଣଙ୍କ ଫାଟକ ଜଗୁଆଳିର କାମ କରିବାକୁ ଭଲ ପାଇବି ।" ସ୍ୱାମୀ ସଙ୍ଗେ ସଙ୍ଗେ ଉତ୍ତର ଦେଲେ "ତୁମେ ତାହାହେଲେ ବାଙ୍ଗାଲୋର ନିକଟରେ ବୃନ୍ଦାବନ ଆଶ୍ରମର ଦାୟିତ୍ୱ ନିଅ ଏବଂ ଆଶ୍ରମ ଫାଟକର ଠିକ୍ ବିପରୀତ ପାର୍ଶ୍ୱରେ ଥିବା ଘରେ ରୁହ ।"

ମାଧବ ଦୀକ୍ଷିତ ଠିକ୍ ଆଠବର୍ଷ ପରେ ମୃତ୍ୟୁବରଣ କଲେ ଏବଂ ପରମପ୍ରିୟ ସ୍ୱାମୀ ପ୍ରମାଣ କରିଦେଲେ ଯେ ସେ ଭଗବାନ । ସେ ମଧ୍ୟ ପ୍ରମାଣ କଲେ ଯେ ତାଙ୍କ ସଂକଳ୍ପ ଚୂଡ଼ାନ୍ତ । ଏତଦ୍ଦ୍ୱାରା ବାବାଙ୍କ ପ୍ରତି ଲୋକମାନଙ୍କର ବିଶ୍ୱାସ ବୃଦ୍ଧି ପାଇଥିଲା ଏବଂ ଅଧିକରୁ ଅଧିକ ଲୋକ ବାବାଙ୍କର ଦିବ୍ୟ ଦର୍ଶନ ଓ ଆଶୀର୍ବାଦ ପାଇବା ପାଇଁ ପ୍ରଶାନ୍ତି ନିଳୟମ୍କୁ ଆସିବାରେ ଲାଗିଲେ ।

ପରମପ୍ରିୟ ସ୍ୱାମୀଙ୍କର ନିର୍ଦ୍ଦେଶ ଅନୁସାରେ ମୁଁ କାମ୍ପାଲା ଯିବା ପାଇଁ ସ୍ଥିର କଲି । ମୁଁ ବମ୍ବେଠାରୁ ସମୁଦ୍ର ପଥରେ ମୋର ନଅଦିନିଆ ଯାତ୍ରା ଆରମ୍ଭ କଲି । ସେହି ଜାହାଜରେ ଅଳ୍ପକିଛି ଲୋକ ସ୍ୱାମୀଙ୍କ ସମ୍ପର୍କରେ ଶୁଣିଥିଲେ । ସେମାନେ ମୋଠାରୁ ବାବାଙ୍କର ଲୀଳା ଓ ମହିମା ଏବଂ ହୃଦୟକୁ ସ୍ପର୍ଶ କଲାଭଳି ଉପଦେଶ ଶୁଣିବାକୁ ଚାହିଁଲେ ।

ବର୍ତ୍ତମାନ ମୁଁ ପରମପ୍ରିୟ ସ୍ୱାମୀଙ୍କର ଦିବ୍ୟବାର୍ତ୍ତାର ମୋ ଦ୍ୱାରା ହୋଇଥିବା ତତ୍କାଳୀନ ବ୍ୟାଖ୍ୟା ଏବଂ ବର୍ତ୍ତମାନର ବ୍ୟାଖ୍ୟାର ଏକ ତୁଳନାତ୍ମକ ପରିହାସୋଦ୍ଦୀପକ ବିବରଣୀ ଦେବି ।

ସ୍ୱାମୀ – ''ମୋ ଜୀବନ ହିଁ ମୋର ବାର୍ତ୍ତା ।''

ମୁଁ କହେ – ''ମୋ ଜୀବନ ହିଁ ସ୍ୱାମୀଙ୍କର ବାର୍ତ୍ତା ।''

କିଛି ବର୍ଷ ପରେ ପରମପ୍ରିୟ ସ୍ୱାମୀ ତାଙ୍କ ସନ୍ଦେଶକୁ ପରିବର୍ତ୍ତନ କରି କହିଥିଲେ ''ତୁମର ଜୀବନ ହିଁ ବାବାଙ୍କର ବାର୍ତ୍ତା ।'' ମୁଁ ଆମ ପରିବାରର ବଂଶଗତ ମଧୁମେହ ରୋଗରେ ପଡ଼ିଥିବାରୁ ପରିହାସରେ କହେ ''ମୋ ଜୀବନ ହେଉଛି ଇନ୍‌ସୁଲିନ୍ ।''

ଜାହାଜରେ ଥିବା ଶତାଧିକ ଯାତ୍ରୀ ମୋଠାରୁ ବାବା ବିଭିନ୍ନ ସମୟରେ ଦେଇଥିବା ଦିବ୍ୟ ସନ୍ଦେଶମାନ ଶୁଣିଲେ । ମୁଁ ଜାଣି ନ ଥିଲି କାମ୍ପାଲାର ଦୁଇଜଣ ମହିଳା ଜାହାଜରେ ଯାଉଥିବା ଯାତ୍ରୀମାନଙ୍କ ମଧ୍ୟରେ ଥିଲେ । ନଅଦିନ ପରେ କେନିୟାର ଏକ ସାମୁଦ୍ରିକ ବନ୍ଦର ମୋମ୍ବାଶାରେ ଆମ ଜାହାଜ ଲଙ୍ଗର କଲା । ସେଠାରୁ ଦୁଇଦିନ ଟ୍ରେନରେ ଯାତ୍ରା କରିବା ପରେ ମୁଁ କାମ୍ପାଲାରେ ପହଞ୍ଚିଲି । ସ୍ୱାମୀଙ୍କ ସମ୍ପର୍କରେ କାମ୍ପାଲାରେ ଗୋଟିଏ ହେଲେ ଶବ୍ଦ ଉଚ୍ଚାରଣ ନ କରିବା ପାଇଁ ମୋର ପିତା ମୋତେ କଠୋର ଭାବରେ ସତର୍କ କରାଇ ଦେଇଥିଲେ । କାରଣ ତାଙ୍କ ମତରେ ଏହା କରିବା ଦ୍ୱାରା କାମ୍ପାଲାର ଲୋକମାନଙ୍କର ମୋ ପ୍ରତି ଭୁଲ ଧାରଣା ହେବ ଏବଂ ମୁଁ ଜଣେ ଡାକ୍ତର ବୋଲି କାହାରି ବିଶ୍ୱାସ ହେବ ନାହିଁ । ସ୍ୱାମୀ କହିଛନ୍ତି ''ପିତା ହେଉଛନ୍ତି ଭଗବାନ ।'' ତେଣୁ ମୁଁ ନୀରବ ରହିଥିଲି ଏବଂ ପିତାଙ୍କ ନିର୍ଦ୍ଦେଶ ପାଳନ କରିଥିଲି ।

ଘଟଣା କ୍ରମେ ଜାହାଜରେ ଥିବା କାମ୍ପାଲାର ସେହି ଦୁଇଜଣ ମହିଳା ଆମ ଘରକୁ ଆସିଲେ ଏବଂ କହିବା ଆରମ୍ଭ କଲେ ''ଆପଣଙ୍କ ପୁଅ ଆମ ସହିତ ଜାହାଜରେ ଥିଲେ । ସେ ଆମକୁ ବାବାଙ୍କର ଦିବ୍ୟ ସନ୍ଦେଶ ଦେଇଥିଲେ । ବାବା ଭଗବାନ ବୋଲି ବିଚାର କରାଯାଏ । ସେ ମଧ୍ୟ ଅତି ସୁନ୍ଦର ଭଜନ ଗାନ କରନ୍ତି ।''

ମୋ ମା' ଉତ୍ତର ଦେଲେ ''ମୋ ପୁଅ ସିନେମା ଗୀତ ବୋଲେ, ଭଜନ ନୁହେଁ ।'' ସେ ମୋତେ ପାଖ କୋଠରୀକୁ ଡକାଇ ଆଣିଲେ ଏବଂ ପ୍ରଶ୍ନ କଲେ ''ତୁ କଣ ଭଜନ ବୋଲୁ ?'' ମୁଁ ଉତ୍ତର ଦେଲି ''ହଁ ମା', ମୁଁ ବାବାଙ୍କ ପାଖକୁ ଯିବା ପରେ ଭଜନ ଗାଇବାକୁ ଶିକ୍ଷାଲାଭ କରିଛି ଏବଂ ସିନେମା ଗୀତ ସମ୍ପୂର୍ଣ୍ଣ ଭାବରେ ଭୁଲି ଗଲିଣି ।''

ମୋ ପିତାମାତାଙ୍କର ଦୟାର୍ଦ୍ର ଅନୁମତି ନେଇ ମୁଁ ପୁଣି ଥରେ ସ୍ୱାମୀଙ୍କର ଦିବ୍ୟ ସନ୍ଦେଶ ସମ୍ପର୍କରେ କହିବା ଓ ଭଜନ ବୋଲିବା ଆରମ୍ଭ କରିଦେଲି । ସେହି ମହିଳା ଦୁଇଜଣଙ୍କ ମଧ୍ୟରୁ ଜଣେ (ସେ ଜଣେ ସମାଜସେବା ସଂସ୍ଥାର ସଭାପତିଙ୍କର ଧର୍ମପତ୍ନୀ) ସ୍ଥାନୀୟ ହିନ୍ଦୁ ମନ୍ଦିରରେ ବାବାଙ୍କ ସମ୍ପର୍କରେ ମୋର ବକ୍ତବ୍ୟ ଶୁଣିବା ପାଇଁ ଏକ କାର୍ଯ୍ୟକ୍ରମର ବ୍ୟବସ୍ଥା କଲେ । ଏହା ପରଠାରୁ ବହୁ ପରିବାର ମୋଠାରୁ ସ୍ୱାମୀଙ୍କର ଦିବ୍ୟ ବାର୍ତ୍ତା ଏବଂ ଉପଦେଶ ଶୁଣିବା ପାଇଁ ନିମନ୍ତ୍ରଣ କଲେ । ପରମପ୍ରିୟ ସ୍ୱାମୀଙ୍କର ମହତ୍ତ୍ୱ କଥା ଜାଣି ଅଳ୍ପ କେତେକ ପରିବାର ଶ୍ରୀ ସତ୍ୟସାଇ ପାଠଚକ୍ର ଆରମ୍ଭ କରିବାକୁ ସ୍ଥିର କଲେ । ଏହା ଥିଲା କାମ୍ପାଲାରେ ପ୍ରଥମ ଶ୍ରୀ ସତ୍ୟସାଇ ପାଠଚକ୍ର । ଏହା ଡାକଘରର ବିପରୀତ ପାର୍ଶ୍ୱରେ ଥିବା ଶ୍ରୀ ରେବାଶଙ୍କର ସୋମପୁରାଙ୍କ ବାସଭବନରେ ଆରମ୍ଭ କରାଯାଇଥିଲା ।

ଡକ୍ଟର ସି.ଜି.ପଟେଲ

ଡକ୍ଟର ସି.ଜି. ପଟେଲ ଥିଲେ ଆମ ପରିବାରର ଚିକିତ୍ସକ । ସେ ଥରେ ଆମ ଘରକୁ ଆସିଥିଲେ ଏବଂ ମୁଁ ତାଙ୍କ ଘରକୁ ଯିବା ପାଇଁ ଅନୁମତି ଦେବାକୁ ମୋ ପିତାଙ୍କୁ ଅନୁରୋଧ କଲେ । ସେ କହିଥିଲେ ''ମୁଁ ଓ ମୋର ପତ୍ନୀ ଶିରିଡ଼ି ସାଇ ବାବାଙ୍କ ସମ୍ପର୍କରେ ଜାଣିଛୁ ମାତ୍ର ସତ୍ୟସାଇଙ୍କ କଥା କିଛି ଜାଣିପାରି ନାହୁଁ । ଆମେ ଆପଣଙ୍କ ପୁଅଠାରୁ ଏହା ଶୁଣିବାକୁ ଚାହୁଁ ।''

ମୁଁ ତାଙ୍କ ସହିତ ତାଙ୍କ ଘରକୁ ଗଲି ଏବଂ ଆମେ ଦୁହେଁ ଏକ ବଡ଼ ଦୋଳିରେ ବସିଲୁ । ତାଙ୍କର ପତ୍ନୀ ମଧୁବେନ-ଦୋଳିର ବିପରୀତ ଦିଗରେ ରହିଥିବା ପାହାଚ ଉପରେ ବସିଲେ । ମୋଠାରୁ ପରମପ୍ରିୟ ସ୍ୱାମୀଙ୍କ କଥା ଶୁଣି ମୁଁ ପୁଣି ଭାରତ ଫେରିଗଲା ବେଳେ ମୋ ସହିତ ସ୍ୱାମୀଙ୍କ ପାଖକୁ ଯିବା ପାଇଁ ସିଧାସଳଖ ସ୍ଥିର

କରିଦେଲେ । ସ୍ଥିର ହେଲା ସେମାନେ ଉଡ଼ାଜାହାଜରେ ବମ୍ବେ ଯିବେ ଏବଂ ମୁଁ ସମୁଦ୍ର ପଥରେ ଯାତ୍ରା କରିବି । ମୁଁ ତାଙ୍କୁ ବମ୍ବେର ଝୁଲନ୍ତା ଉଦ୍ୟାନ (ହାଙ୍ଗିଙ୍ଗ୍ ଗାର୍ଡ଼େନ) ନିକଟରେ ଥିବା ମିଷ୍ଟର ଲକ୍ଷ୍ମଣ ଦାସ ଭାଟିଆଙ୍କ ଠିକଣା ଦେଇଥିଲି ।

ବମ୍ବେରେ ଥିଲାବେଳେ ମୁଁ ଜାଣିବାକୁ ପାଇଥିଲି ଯେ ମନ୍ତ୍ରୀ ପି.କେ. ସାବନ୍ତ ସ୍ୱାମୀଙ୍କ ଦର୍ଶନ ପାଇଁ ବାଙ୍ଗାଲୋର ଯାଉଛନ୍ତି । ଡକ୍ଟର ସି.ଜି. ପଟେଲ ଓ ତାଙ୍କ ପତ୍ନୀ ମଧୁବେନଙ୍କୁ ତାଙ୍କ ସହିତ ଯିବା ପାଇଁ ମୁଁ ତାଙ୍କୁ (ମନ୍ତ୍ରୀଙ୍କୁ) ଅନୁରୋଧ ଜଣାଇଲି । ସେ ରାଜିହେଲେ ଏବଂ ସୌଭାଗ୍ୟବଶତଃ ବାବା ସେମାନଙ୍କୁ ସାକ୍ଷାତକାର ମଧ ଦେଇଥିଲେ । ଉଭୟଙ୍କର ଭକ୍ତି ବୃଦ୍ଧି ପାଇଥିଲା ଏବଂ ମିଷ୍ଟର ସୋମପୁରାଙ୍କ ମୃତ୍ୟୁ ପରେ ଡକ୍ଟର ସି.ଜି. ପଟେଲ ଶ୍ରୀ ସତ୍ୟସାଇ ପାଠଚକ୍ରର ଦାୟିତ୍ୱ ନେଇଥିଲେ । ସେ କେନିୟା ଓ ତାଞ୍ଜାନିଆରେ ଅନେକଗୁଡ଼ିଏ ସାଇକେନ୍ଦ୍ର ପ୍ରତିଷ୍ଠା କରିଥିଲେ ।

ପରମପ୍ରିୟ ସ୍ୱାମୀ ତାଙ୍କ ଭକ୍ତମାନଙ୍କର ଭକ୍ତିର ଉତ୍ତର ଦେଉଥିଲେ ଏବଂ ସେମାନଙ୍କ ଉପରେ ତାଙ୍କର ଅଜସ୍ର କୃପା ଅଜାଡ଼ି ଦେଉଥିଲେ ।

ଭକ୍ତି

ସ୍ୱାମୀ କହନ୍ତି ''ଭଗବାନଙ୍କ ପ୍ରତି ଭକ୍ତି ହେଉଛି ଦିବ୍ୟ ପ୍ରେମ । ଭଗବାନଙ୍କୁ ପାଇବା ପାଇଁ ବହୁ ପଥ ମଧ୍ୟରୁ ସବୁଠାରୁ ସହଜ ପଥ ହେଲା ନାମ ସ୍ମରଣ । ଭଗବାନଙ୍କର ଦିବ୍ୟ ନାମ ପୃଥିବୀର ସମସ୍ତଙ୍କ ପାଇଁ ମହୌଷଧି ଭଳି । ତାଙ୍କ ନାମଠାରୁ ମଧୁରତର ଆଉ କିଛି ନାହିଁ । କୌଣସି ବାଧାବିଘ୍ନ ନ ଥାଇ ଭଗବାନଙ୍କ ନିକଟରେ ପହଞ୍ଚିବା ପାଇଁ ତାଙ୍କ ନାମ ଉଚ୍ଚାରଣ ହିଁ ସବୁଠାରୁ ସହଜ ପଥ ଏବଂ ଏହାଦ୍ୱାରା ତୁମେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ । କୌଣସି ପ୍ରକାର ବାଛ ବିଚାର ନ କରି ଏହି ନାମ ପାପୀ ଓ ସନ୍ଥ, ଛାତ୍ର ଓ ଶିକ୍ଷକ, ପୁରୁଷ ଓ ମହିଳା ସମସ୍ତଙ୍କୁ ସମାନ ଭାବରେ ମିଳିଥାଏ । ଭଗବାନଙ୍କୁ ପାଇବା ପାଇଁ ପ୍ରେମ ଓ ଭକ୍ତି ମାଧମରେ ତାଙ୍କ ନାମ ଉଚ୍ଚାରଣ କରିବା ଅତି ସହଜ ଓ ପବିତ୍ର ପଥ ।''

''ତୁମେ ଯଦି ତାଙ୍କ ନାମ ଜପ କରି ଚାଲିଥିବ ଏବଂ ତାଙ୍କ ନାମର ମଧୁରତାରେ ପାଗଳ ହୋଇଯାଇଥିବ ତେବେ ଭଗବାନ ମଧ ତୁମ ସହିତ ନୃତ୍ୟ କରିବା ଆରମ୍ଭ କରିଦେବେ । ଏହା ହେଉଛି ସେହି ମଧୁର ଉଚ୍ଚାରଣ ଯାହା ଭଗବାନ ଶିବଙ୍କୁ ନୃତ୍ୟରତ କରାଇଥାଏ । ସେହି ପବିତ୍ର ନାମର ଏପରି ଶକ୍ତି ଅଛି ଯେ ତାହା ଭଗବାନ ଓ ଭକ୍ତଙ୍କୁ ଏକତ୍ର ନଚାଇ ପାରେ ।''

ଅଧ୍ୟାୟ - ୧୬

ସ୍ୱାମୀଙ୍କର ପୂର୍ବଆଫ୍ରିକା ଯାତ୍ରା (୧୯୬୮)

ଭାରତ ବାହାରେ ଆଫ୍ରିକା ହେଉଛି ପ୍ରଥମ ମହାଦେଶ ଯେଉଁଠାକୁ ସ୍ୱାମୀ ପ୍ରଥମେ ପରିଦର୍ଶନରେ ଯାଇଥିଲେ । ପୂର୍ବଆଫ୍ରିକାର ଲୋକମାନଙ୍କ ତରଫରୁ କାମ୍ପାଲା (ଉଗାଣ୍ଡା)ର ଡକ୍ଟର ଛୋଟାଭାଇ ଜି.ପଟେଲଙ୍କ ଅବିରତ ଉଦ୍ୟମ ଓ ପ୍ରାର୍ଥନା ଯୋଗୁ ଆଫ୍ରିକା ମହାଦେଶ ଏଭଳି ଏକ ଅପୂର୍ବ ସୁଯୋଗ ହାସଲ କରିଥିଲା । ଏହି ଯାତ୍ରାରେ ବାବା କେନିୟା, ଉଗାଣ୍ଡା ଏବଂ ତାଞ୍ଜାନିଆ ପରିଦର୍ଶନରେ ଯାଇଥିଲେ ।

ସ୍ୱାମୀ ଘୋଷଣା କରିଛନ୍ତି ସମଗ୍ର ପୃଥିବୀ ହେଉଛି ତାଙ୍କର ବିଶାଳ ବାସଭବନ ଏବଂ ପ୍ରତ୍ୟେକ ଦେଶ ହେଉଛି ସେହି ଭବନର ଗୋଟିଏ ଗୋଟିଏ କୋଠରୀ । ତାଙ୍କର ପୂର୍ବଆଫ୍ରିକା ଗସ୍ତ ତାଙ୍କ ବିରାଟ ଭବନର ଗୋଟିଏ କୋଠରୀକୁ ପ୍ରବେଶ କଲା ପରି । ସବୁ ଭକ୍ତ, ବିଶେଷକରି ଡକ୍ଟର ସି.ଜି. ପଟେଲ ଏବଂ ତାଙ୍କ ପତ୍ନୀ ମଧୁବେନଙ୍କ ପ୍ରେମ, ଭକ୍ତି, ବିନମ୍ରତା ଏବଂ ସାଧୁତାର ଫଳ ସ୍ୱରୂପ ଏହା ସମ୍ଭବ ହୋଇଥିଲା ।

୧୯୬୮ ମସିହା ଜୁନ ୩୦ ତାରିଖରେ ସ୍ୱାମୀ ବମ୍ବେର ଶାନ୍ତାକ୍ରୁଜ ବିମାନ ଘାଟି ଛାଡ଼ିଲେ । ବିମାନ ଘାଟିରେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ପାଇଁ ଉପସ୍ଥିତ ଥିବା ହଜାର ହଜାର ଭକ୍ତଙ୍କୁ ସେ ଦିବ୍ୟ ଦର୍ଶନ ପ୍ରଦାନ କରି ଆଶୀର୍ବାଦ କରିଥିଲେ । ଏହି ଯାତ୍ରାରେ ବାବାଙ୍କର ପ୍ରଥମ ରହଣୀ ସ୍ଥାନ ହେଲା କେନିୟାର ନାଇରୋବୀ । ବାବା ଆସୁଛନ୍ତି ବୋଲି ସମ୍ବାଦ ପ୍ରଚାର ହୋଇଯାଇଥିଲା ଏବଂ ଆନନ୍ଦ ଉଲ୍ଲାସ ମଧ୍ୟରେ ବହୁଲୋକ ବିମାନ ବନ୍ଦର କୋଠାର ଟେରାସ (ସମତୁଲ ଛାତ) ଉପରେ ଗହଳି କରିଥିଲେ । ଡକ୍ଟର ପଟେଲ ସ୍ୱାମୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ସେଠାରେ ଅଳ୍ପ ସମୟ ରହି ସେ କାମ୍ପାଲା ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କଲେ । ଚାରିଶହ ମାଇଲ ଦୂର କାମ୍ପାଲା ଯିବା ବାଟରେ ଏଲ୍‌ଡୋରେଟି ଓ ନାକୁରୁ ନାମକ ଦୁଇଟି ସହର ଅବସ୍ଥିତ । ବାବାଙ୍କୁ ଧରି ଏକ ଲମ୍ବା ଧାଡ଼ିରେ କାରଗୁଡ଼ିକ ଯାତ୍ରା ଆରମ୍ଭ କରିଦେଲେ । ଚିରହରିତ୍ ଜଙ୍ଗଲର ମନୋଲୋଭା ସବୁଜିମା ଏବଂ ପାର୍ବତ୍ୟ ଉପତ୍ୟକାର ଚିତ୍ତାକର୍ଷକ ଦୃଶ୍ୟ ପ୍ରତ୍ୟେକଙ୍କ ଚକ୍ଷୁକୁ ଅପୂର୍ବ ଖୋରାକ ଯୋଗାଇଥିଲା ଏବଂ ଅପାର ଆନନ୍ଦ ପ୍ରଦାନ କରିଥିଲା ।

କାରଗୁଡ଼ିକ ଅପରାହ୍ନ ଏକ ଘଣ୍ଟା ତିରିଶ ମିନିଟ୍‌ରେ କାମ୍ପାଲାରେ ପହଞ୍ଚିଥିଲା । ଦୁଇ ହଜାରରୁ ଅଧିକ ଭକ୍ତ ସେଠାରେ ବାବାଙ୍କର ଦିବ୍ୟଦର୍ଶନ ପାଇଁ ଅପେକ୍ଷା କରି ରହିଥିଲେ । ପରମପ୍ରିୟ ସ୍ୱାମୀ ତାଙ୍କର ଅଭୟ ହସ୍ତ ଉତ୍ତୋଳନ କରି ସମସ୍ତଙ୍କୁ ଆଶୀର୍ବାଦ କରିଥିଲେ ।

ଜୁଲାଇ ଦୁଇ ତାରିଖ ସକାଳେ ବାବା ଆଫ୍ରିକାର ମୂଳ ଅଧିବାସୀଙ୍କ ସମେତ ବହୁ ଭକ୍ତଙ୍କୁ ସାକ୍ଷାତକାର ଦେଇଥିଲେ । ହଜାର ହଜାର ସଂଖ୍ୟାରେ ଲୋକ ଡକ୍ଟର ପଟେଲଙ୍କ ବାସଗୃହଠାରେ ପହଞ୍ଚିଯାଇଥିଲେ । ସେଠାରେ ଏକ ଖୋଲା ସ୍ଥାନରେ ଏକ ଅସ୍ଥାୟୀ ସଭାଗୃହ ନିର୍ମାଣ କରାଯାଇଥିଲା । ଏହାର ଛାତ ତରଙ୍ଗାୟିତ ଆଜ୍‌ବେଷ୍ଟସ୍ ଚାଦରରେ ତିଆରି ହୋଇଥିଲା ଏବଂ ସଭାଗୃହଟି ଡକ୍ଟର ପଟେଲଙ୍କ ବାସଗୃହ ସମ୍ମୁଖରେ ରହିଥିଲା । ବାବାଙ୍କୁ ଦର୍ଶନ କରିବାକୁ ଆସୁଥିବା ସବୁ ଭକ୍ତଙ୍କ ପାଇଁ ସଭାଗୃହରେ ଯଥେଷ୍ଟ ସ୍ଥାନ ଥିଲା । କେନ୍ଦ୍ରସ୍ଥଳରେ ଏକ ଚଉକି ଉପରେ ବାବା ବସିଥିଲେ ଏବଂ ହଜାର ହଜାର ଭକ୍ତ ସମସ୍ୱରରେ ଭକ୍ତି ସଂଗୀତ (ଭଜନ) ଗାନ କରୁଥିଲେ । ବାବା ସମସ୍ତଙ୍କୁ ଆଶୀର୍ବାଦ କରି ଖୁସି କରାଇଥିଲେ ।

ମୁଁ ସେତେବେଳେ ଭାରତର ଜାମନଗରଠାରେ ଥିଲି ଏବଂ ପରମପ୍ରିୟ ସ୍ୱାମୀ ପୂର୍ବଆଫ୍ରିକା ଯିବା କଥା ଶୁଣିଲି । ମୋ ପରିବାରର ଅନ୍ୟ ସମସ୍ତେ କାମ୍ପାଲାରେ ଥିବାରୁ ମୁଁ ବାବାଙ୍କୁ ନିମ୍ନ ପ୍ରକାରେ ଏକ ଚିଠି ଦେଇଥିଲି ।

"ମୁଁ ମୋ ପିତାମାତାଙ୍କର ଜ୍ୟେଷ୍ଠପୁତ୍ର ଏବଂ ସେମାନଙ୍କୁ ତୀର୍ଥ କ୍ଷେତ୍ରକୁ ନେବା ମୋର କର୍ତ୍ତବ୍ୟ । ତେବେ ମୁଁ ଯେଉଁ ତୀର୍ଥ କ୍ଷେତ୍ର ଗଲେ ବି ମୋର ପରମପ୍ରିୟ ସ୍ୱାମୀ ସେହିଠାରେ ଆରାଧ୍ୟ ଦେବତା ଭାବରେ ବିରାଜମାନ କରିଥାନ୍ତି କାରଣ ସେ ହେଉଛନ୍ତି ସର୍ବଦେବତା ସ୍ୱରୂପ ଅବତାର । ଯେତେବେଳେ ଆପଣ ଆପଣଙ୍କ ନୈସର୍ଗୀକ ଶରୀରକୁ କାମ୍ପାଲା ନେଉଛନ୍ତି ମୁଁ ମୋର ନିଷ୍ଠାପର ଓ ଆନ୍ତରିକ ପ୍ରାର୍ଥନା ଜଣାଉଛି ଯେ ସେଠାରେ ଆପଣ ଆମ ଘରକୁ ଯାଇ ମୋ ପରିବାରର ସଭ୍ୟମାନଙ୍କୁ ଦର୍ଶନ ଦିଅନ୍ତୁ । ତାହା ମୋ ପାଇଁ ମୋ ପିତାମାତାଙ୍କୁ ପବିତ୍ର ତୀର୍ଥକ୍ଷେତ୍ରମାନଙ୍କ ମଧ୍ୟରୁ ପବିତ୍ରତମ ତୀର୍ଥକ୍ଷେତ୍ରକୁ ନେଲା ପରି ହେବ ।"

ପରମପ୍ରିୟ ସ୍ୱାମୀଙ୍କର ମହିମା ଭାଷାରେ ପ୍ରକାଶ କରିବା ସମ୍ଭବ ନୁହେଁ । ସେ ଜୁଲାଇ ଏଗାର ତାରିଖରେ କାମ୍ପାଲାରେ ଆମ ଘରକୁ ଯାଇଥିଲେ । ଏଗାର ସଂଖ୍ୟା ହେଉଛି ଆମ ପାଇଁ ଅତି ଅମୂଲ୍ୟ ଓ ସୌଭାଗ୍ୟପ୍ରଦ । ସ୍ୱାମୀ ଡକ୍ଟର ପଟେଲଙ୍କ ସହିତ ଆମ ଘରେ ପହଞ୍ଚିଥିଲେ ଏବଂ ମୋର ମା' ଅତି ଆଗ୍ରହର ସହିତ ପଚାରିଥିଲେ "ଆପଣ କଣ ସାବ୍ରିଙ୍କ ବେରି (ଏକପ୍ରକାର ସୁସ୍ୱାଦୁ ଜାମୁକୋଳି) ଚାଖିବାକୁ ଆସିଛନ୍ତି ? ମୁଁ ଆପଣଙ୍କ ନିକଟରେ ଚିର କୃତଜ୍ଞ ।"

ସ୍ୱାମୀ ଉତ୍ତର ଦେଇଥିଲେ ''ଆମ୍ମା ! ଗଡ଼ିଆ ପରିବାର ହେଉଛି ସାଇ ପରିବାର । ସ୍ୱାମୀ ତୁମ ସମସ୍ତଙ୍କୁ ଆଶୀର୍ବାଦ କରିବାକୁ ଆସିଛନ୍ତି ।'' ମୋ ପିତା ସଙ୍ଗେ ସଙ୍ଗେ ପ୍ରଶ୍ନ କରିଥିଲେ ''କସ୍ତୁରୀ କାହାନ୍ତି ?'' ସ୍ୱାମୀଙ୍କର ଉତ୍ତର ଥିଲା ''ଯେତେବେଳେ ସ୍ୱାମୀ ତୁମ ଘରକୁ ଆସିଛନ୍ତି, ଏଠାରେ କସ୍ତୁରୀଙ୍କର ଆବଶ୍ୟକତା ନାହିଁ ।''

ମୁଁ ମୋ ବାପାଙ୍କୁ ଲେଖିଥିଲି ସ୍ୱାମୀଙ୍କ ପାଇଁ ଗୋଟିଏ ନୂଆ ଚେୟାର ଓ ତାଙ୍କୁ ପ୍ରସାଦ ଦେବା ପାଇଁ ରୂପାର ବାସନ କିଣି ରଖିବା ପାଇଁ । ବାବା ସେହି ନୂଆ ଚେୟାର ଉପରେ ବସିଥିଲେ ଏବଂ ଗୋଟିଏ କପ୍ କଫି ଗ୍ରହଣ କରିଥିଲେ । ତା'ପରେ ଗୋଟିଏ ଟ୍ରେରେ କିଛି ଅଙ୍ଗୁର ପ୍ରସାଦ ରୂପେ ତାଙ୍କୁ ଅର୍ପଣ କରାଯାଇଥିଲା । ସେ ସେହି ଅଙ୍ଗୁରକୁ ଖେଳିଲା ଭଳି ମୋ ପରିବାରର ସଭ୍ୟ ଏବଂ ଉପସ୍ଥିତ ଭକ୍ତମାନଙ୍କ ଉପରକୁ ଫିଙ୍ଗିବାକୁ ଲାଗିଲେ । ଅତି କୌତୁହଳପ୍ରଦ ଘଟଣା ହେଲା ସ୍ୱାମୀ ଫିଙ୍ଗୁଥିବା ଅଙ୍ଗୁର ଯାହାକୁ ଲକ୍ଷ୍ୟ କରି ଫିଙ୍ଗୁଥାନ୍ତି ଠିକ୍ ତାଙ୍କ ହାତ ପାପୁଲିରେ ପଡୁଥିଲା । ମୋ ଭାଇ ଗିରିଧର ସ୍ୱାମୀଙ୍କୁ କହିଥିଲା ''ବାବା ! ଆପଣ ଆମ ସହିତ ଖେଳ ଖେଳୁଛନ୍ତି ।'' ବାବା ଉତ୍ତର ଦେଲେ ''ସାଂସାରିକ ଜୀବନ ହେଉଛି ଗୋଟିଏ ଖେଳ ଏବଂ ଲକ୍ଷ୍ୟ ହେଲା ଭଗବାନ ।''

ପରମପ୍ରିୟ ସ୍ୱାମୀ ମା'ଙ୍କୁ ଆଳତୀ ଦେବାକୁ କହିଥିଲେ ଏବଂ ଆଳତୀ ଶେଷ ପର୍ଯ୍ୟନ୍ତ ଠିଆ ହୋଇ ରହିଲେ । ତା ପରେ ସେ କେତେକ ଭକ୍ତଙ୍କ ପାଇଁ ବିଭୂତି ସୃଷ୍ଟି କଲେ ଏବଂ ଝଡ଼ ବେଗରେ ଯେପରି ପହଞ୍ଚିଥିଲେ ସେହିପରି ତତ୍‌କ୍ଷଣାତ୍ ସେଠାରୁ ଚାଲିଗଲେ । ଏହା ଏକ ସୁନ୍ଦର ସ୍ୱପ୍ନ ପରି ପ୍ରତୀୟମାନ ହେଉଥିଲା । ବାବାଙ୍କର ଦିବ୍ୟ ଦର୍ଶନ ଓ ଆଶୀର୍ବାଦ ଲାଭ କରି ସମସ୍ତେ ଖୁସି ହୋଇଥିଲେ । ତାଙ୍କର ପ୍ରେମ ଭାଷାରେ ପ୍ରକାଶ କରିବା ସମ୍ଭବ ନୁହେଁ ।

ଉଗାଣ୍ଡା, କେନିୟା ଓ ତାଞ୍ଜାନିଆର ବିଭିନ୍ନ ସ୍ଥାନରୁ ହଜାର ହଜାର ଭକ୍ତ ସ୍ୱାମୀଙ୍କ ରହଣି କାଳରେ ଦର୍ଶନ ପାଇଁ ଆସୁଥିଲେ । ଆଫ୍ରିକାରେ ତାଙ୍କର ଦୁଇ ସପ୍ତାହ ରହଣି କାଳରେ ସେ ଜୁଲାଇ ଦଶ ତାରିଖଦିନ ଗୁରୁପୂର୍ଣ୍ଣିମା ଉତ୍ସବ ପାଳନ କରିଥିଲେ ଏବଂ ବିଭୂତି ଓ ମିଠା ପ୍ୟାକେଟ ଭକ୍ତମାନଙ୍କୁ ବାଣ୍ଟିଥିଲେ । ମୋ ପରିବାରର ଲୋକମାନେ ଏବଂ ଅନ୍ୟ ଭକ୍ତମାନେ ବାବାଙ୍କର ଆଫ୍ରିକା ଗସ୍ତ ସମ୍ପର୍କରେ ବିଶଦ ବିବରଣୀ ମୋତେ ଦେଇଥିଲେ । ମୁଁ ଏବେ କେତେକ ଘଟଣା ଏଠାରେ ବର୍ଣ୍ଣନା କରିବି ।

ପରମପ୍ରିୟ ସ୍ୱାମୀଙ୍କୁ ମର୍ଚ୍ଚିସନ ଜଳପ୍ରପାତକୁ ନେବା ପାଇଁ ଭକ୍ତମାନେ ସ୍ଥିର କଲେ । ବାଟରେ ଯାଉ ଯାଉ ହଠାତ୍ ସେ ତାଙ୍କ କାର ଅଟକାଇବା ପାଇଁ ଡ୍ରାଇଭରକୁ ନିର୍ଦ୍ଦେଶ ଦେଲେ ଏବଂ କହିବାକୁ ଲାଗିଲେ, ''ପଛରେ ଆସୁଥିବା କସ୍ତୁରୀଙ୍କ କାର ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଛି ଏବଂ ଅନ୍ୟ ଏକ କାରରେ ସେମାନେ ଏଠାରେ ପହଞ୍ଚିବା ପର୍ଯ୍ୟନ୍ତ ଆମେ ଅପେକ୍ଷା କରିବା । କସ୍ତୁରୀ ଦୁର୍ଘଟଣାରେ କ୍ଷତବିକ୍ଷତ ହୋଇଛନ୍ତି ।'' ଏକଥା କେବଳ ବାବା ହିଁ ଜାଣିପାରିଥିଲେ ।

କେହି ହୁଏତ ପ୍ରଶ୍ନ କରିପାରେ ''ଯଦି ବାବା ଭଗବାନ ତାହାହେଲେ ତାଙ୍କର ନିକଟତମ ଭକ୍ତ କିପରି ଏଭଳି ଦୁର୍ଘଟଣାର ସମ୍ମୁଖୀନ ହେଲେ ?'' ଏହାର ଉତ୍ତର ହେଲା ଏଭଳି ନ ଘଟିଲେ ଭଗବାନଙ୍କୁ ଏବଂ ତାଙ୍କର ସର୍ବଶକ୍ତିମତ୍ତାକୁ ଚିହ୍ନିବା ପାଇଁ ଆମେ ସକ୍ଷମ ହେବା ନାହିଁ ।

ପ୍ରଫେସର କସ୍ତୁରୀ ସେଠାରେ ପହଞ୍ଚିଲା ପରେ ସ୍ୱାମୀ ତାଙ୍କୁ ଡାକିଲେ ଏବଂ ତାଙ୍କ ମସ୍ତକ ଉପରେ ହସ୍ତ ସଂଚାଳନ କଲେ । ତତ୍‌କ୍ଷଣାତ୍ ତାଙ୍କର କ୍ଷତ ଭଲ ହୋଇ ଯାଇଥିଲା । ଏହିପରି ବାବା ପୁଣି ଥରେ ତାଙ୍କର ସର୍ବଶକ୍ତିମତ୍ତା ପ୍ରଦର୍ଶନ କଲେ । ତେତ୍ରିଶ ଅଧ୍ୟାୟରେ ବାବା କିପରି ମୋତେ ଏକ ସାଂଘାତିକ କାର ଦୁର୍ଘଟଣାରୁ ଉଦ୍ଧାର କରି ନୂତନ ଜୀବନ ଦେଇଥିଲେ ଏବଂ ପରେ କିପରି ମୋର ଗୋଡ଼ର ଅଚଳାବସ୍ଥାକୁ ଭଲ କରିଦେଇଥିଲେ ତାହା ପଢ଼ିବାକୁ ପାଇବେ । ଏଭଳି ବ୍ୟକ୍ତିଗତ ଅଭିଜ୍ଞତା ହିଁ ଆମକୁ ଭଗବାନଙ୍କୁ ଚିହ୍ନିବା ପାଇଁ ଏବଂ ସେ ସର୍ବବିଦ୍ୟମାନ, ସର୍ବଶକ୍ତିମାନ ଓ ସର୍ବଜ୍ଞାତା ବୋଲି ବୁଝିବା ପାଇଁ ସାହାଯ୍ୟ କରିବ । ପରମପ୍ରିୟ ସ୍ୱାମୀ ତାଙ୍କର ଦିବ୍ୟ ସମ୍ଭାଷଣରେ ପ୍ରେମର ଗୁରୁତ୍ୱ ଏବଂ ଏହା କିପରି ଜୀବନର ଲକ୍ଷ୍ୟ ସାଧନରେ ସାହାଯ୍ୟ କରେ ସେ ସମ୍ପର୍କରେ ଜୋର ଦେଇ କହିଥିଲେ । ଏଠାରେ ତାଙ୍କର ସନ୍ଦେଶ ଉଦ୍ଧାର କରାଗଲା ।

''ଭଗବାନ ସମସ୍ତ ପ୍ରେମର ଉତ୍ସ । ଭଗବାନଙ୍କୁ ପ୍ରେମ କର, ସଂସାରକୁ ପ୍ରେମ କର କାରଣ ଏହା ଭଗବାନଙ୍କର ପୋଷାକ ସଦୃଶ । ପ୍ରେମ ଜରିଆରେ ତୁମେ ପ୍ରେମର ସମୁଦ୍ରରେ ନିମଜ୍ଜିତ ହୋଇପାରିବ । ପ୍ରେମ ନଗଣ୍ୟତା, ଘୃଣା ଓ ଦୁଃଖର ଉପଶମ କରିଥାଏ । ପ୍ରେମ ସଂସାର ବନ୍ଧନରୁ ମୁକ୍ତି ଦେଇଥାଏ । ଏହା ଜନ୍ମ ମୃତ୍ୟୁର ଘୂର୍ଣ୍ଣନରୁ ରକ୍ଷା କରିଥାଏ । ପ୍ରେମ ସମସ୍ତଙ୍କ ହୃଦୟକୁ କୋମଳ ରେଶମ କନାରେ ଏକାଠି ବାନ୍ଧି ରଖେ, ପ୍ରେମ ଚକ୍ଷୁରେ ଦେଖିଲେ ସବୁ ଜୀବ ସୁନ୍ଦର ଦେଖାଯା'ନ୍ତି, ସବୁକିଛି କାର୍ଯ୍ୟ ଭଗବାନଙ୍କୁ ସମର୍ପିତ ହୋଇଯାଏ ଏବଂ ସବୁ ଚିନ୍ତା ତ୍ରୁଟୀହୀନ ହୋଇଥାଏ । ଏହି ପୃଥିବୀ ଏକ ବିଶାଳ ପରିବାରରେ ପରିଣତ ହୋଇଥାଏ ।''

''ପୂଜା ପଦ୍ଧତି, ଭକ୍ତି ନିବେଦନର ପ୍ରକାଶ ଭଙ୍ଗି କିମ୍ବା ସମ୍ବୋଧନର ଢଙ୍ଗ ଭିନ୍ନ ଭିନ୍ନ ହୋଇପାରେ, ମାତ୍ର ସବୁ ଧର୍ମର ଲକ୍ଷ୍ୟ ଏକ । ଏକ ରକ୍ତସ୍ରୋତ ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗକୁ ପ୍ରବାହିତ ହୋଇଥାଏ । ଏକ ଦୈବୀସ୍ରୋତ ସମଗ୍ର ବିଶ୍ୱକୁ ସକ୍ରିୟ କରେ । ପରମ ସ୍ଥପତି, ଅବୋଧ ଚିତ୍ରକର ଓ ଅଦୃଶ୍ୟ ଜୀବନଦାତା ଜଣେ ବୋଲି ବିଚାର କର । ଏହାକୁ ଭଗବାନଙ୍କର ପିତୃତ୍ୱ ଓ ମାନବର ଭ୍ରାତୃତ୍ୱ ବୋଲି କୁହାଯାଏ ।''

''ଲକ୍ଷ ଲକ୍ଷ ଲୋକ ଦିନକୁ ତିନିଥର ଲେଖାଁ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରନ୍ତି । ଏହା ଅନ୍ତର୍ନିହିତ ଜ୍ଞାନକୁ ଜାଗ୍ରତ କରାଏ ଯେପରି ସୂର୍ଯ୍ୟ ମୁଣ୍ଡ ଉପରେ ଥିବା ଆକାଶକୁ ଉଜ୍ଜ୍ୱଳତାରେ ଭରିଦିଏ । ଏହା ମାୟାର ବିନାଶ ଘଟାଏ । ଏହା ସଂକୀର୍ଣ୍ଣ, ସୀମାବଦ୍ଧ ଓ ଭ୍ରମାତ୍ମକ ଦ୍ୱନ୍ଦ୍ୱ-ସିଦ୍ଧାନ୍ତର ପ୍ରହେଳିକାମୟ ତରଙ୍ଗକୁ ଶାନ୍ତ କରାଏ ।''

''ମୁଁ ଚାହେଁ କାମ୍ପାଲାର ଆଧ୍ୟାତ୍ମିକ ବିକାଶ ଚାହୁଁଥିବା ଲୋକମାନେ ଗୋଷ୍ଠୀ ଭଜନରେ ଏକାଠି ହୁଅନ୍ତୁ, ଭଗବାନଙ୍କର ଆରାଧନା କରନ୍ତୁ ଏବଂ ତାଙ୍କର ମହିମା ଗାନ କରନ୍ତୁ । ଘଟଣାଚକ୍ରରେ କୌଣସି ମହାତ୍ମା ବା ସାଧୁସନ୍ଥ ଆସିଲେ ହଜାର ହଜାର ସଂଖ୍ୟାରେ ଏକାଠି ହେବା ଯଥେଷ୍ଟ ନୁହେଁ । ଏହା ତୁମେ ନିଜର ଏକ କର୍ତ୍ତବ୍ୟ ବୋଲି ମନେ କରିବା ଉଚିତ । ସପ୍ତାହରେ ଥରେ ବା ବାରମ୍ବାର ଏକାଠି ହୁଅନ୍ତୁ । ଭଜନ କରନ୍ତୁ, କୌଣସି ଆଧ୍ୟାତ୍ମିକ ପୁସ୍ତକ ପାଠ କରନ୍ତୁ । ତାହା ଅଧିକ ସାଧନା ପାଇଁ ପ୍ରେରଣା ଯୋଗାଇବ । କିଛି ସମୟ ପାଇଁ ଧ୍ୟାନ କର । ଶେଷରେ ସତେଜ ଓ ଶକ୍ତିମନ୍ତ ହୋଇ ବିଦାୟ ନିଅ । ଭଗବାନଙ୍କ ସାହଚର୍ଯ୍ୟ ଲାଭ କରି ଭଗବଦ୍ ଉନ୍ମାଦନାର ତୈଳଦ୍ୱାରା ତୁମର କ୍ଷୁଦ୍ର ପ୍ରଦୀପକୁ ପ୍ରଜ୍ୱଳିତ କର । ଯେଉଁଠାରେ ସମ୍ଭବ, ଏପରିକି ରାସ୍ତାରେ ମଧ୍ୟ ଭଗବାନଙ୍କ ନାମାବଳୀ ଗାନ କରି ଅଗ୍ରସର ହୁଅ । ଭାରତରେ ଏହାକୁ ନଗର ସଂକୀର୍ତ୍ତନ କୁହାଯାଏ । ଯେଉଁମାନେ ଏହା ଶୁଣନ୍ତି ସେମାନେ ଭଗବାନଙ୍କ କୋଳରେ ବିଶ୍ରାମ କରନ୍ତି ବୋଲି ସଚେତନ ହେବେ । ଏହା ସୂର୍ଯ୍ୟୋଦୟ ପୂର୍ବରୁ ଯେତେବେଳେ ପୂର୍ବଦିଗ ସୂର୍ଯ୍ୟଙ୍କ ଆଭାରେ ଉଜ୍ଜ୍ୱଳ ଦେଖାଯାଏ ସେତେବେଳେ କରାଯାଇଥାଏ । ଏଭଳି କରିବା ଦ୍ୱାରା ଶକ୍ତି ଓ ସାନ୍ତ୍ୱନାଦାତାଙ୍କ ଦାନ ପାଇଁ ପ୍ରଶଂସାମୂଳକ ସଂଗୀତ ଗାନ କରି ଦିବସଟି ଆରମ୍ଭ କରାଯାଇଥାଏ ।''

''ପ୍ରେମସ୍ୱରୂପଗଣ ! ପ୍ରେମକୁ ଅଭ୍ୟାସରେ ପରିଣତ କର । ଏହି ପ୍ରେମ ନିଷ୍କଳଙ୍କ ହେବା ଉଚିତ । ଜାତି ବର୍ଣ୍ଣ ନିର୍ବିଶେଷରେ ତୁମର ଭାଇ ଓ ଭଉଣୀମାନଙ୍କ ସହିତ ଏହି ପ୍ରେମର ଅଂଶୀଦାର ହୁଅ । ଯେତେବେଳେ ତୁମେ ପ୍ରତ୍ୟେକ ସାଧୁତା ଓ ପବିତ୍ରତାର ଆଲୋକ ବିଚ୍ଛୁରଣ କରି ପ୍ରେମର ପ୍ରଦୀପତୁଲ୍ୟ ହେବ ସେତେବେଳେ ମୁଁ ଖୁସି ହେବି ।''

ଉଗାଣ୍ଡାରେ ସ୍ୱାମୀଙ୍କର ରହିବାର ଶେଷଦିନ ସେ କାମ୍ପାଲାର ସ୍ୱେଚ୍ଛାସେବକମାନଙ୍କୁ ଉପଦେଶ ଦେଇଥିଲେ ଏବଂ ସେମାନଙ୍କର ସେବାକାର୍ଯ୍ୟ ପ୍ରଶଂସାଯୋଗ୍ୟ ବୋଲି ପ୍ରକାଶ କରିଥିଲେ । ସେ ଭଗବାନ ରାମଙ୍କର ସେବା କରିଥିବା ହନୁମାନ ଏବଂ ଅର୍ଜୁନଙ୍କ ସାରଥୀ ଭାବରେ ସେବା କରିଥିବା ଭଗବାନ ଶ୍ରୀକୃଷ୍ଣ ଇତ୍ୟାଦିଙ୍କର ଉଦାହରଣ ଦେଇଥିଲେ । ସ୍ଥାନୀୟ ଆଫ୍ରିକାବାସୀଙ୍କର ଭକ୍ତିର ସେ ପ୍ରଶଂସା କରିଥିଲେ । ସେ ସେମାନଙ୍କୁ ମାନବ ସେବା ପାଇଁ ପରାମର୍ଶ ଦେଇଥିଲେ । ଏହା ପ୍ରକୃତରେ ମାଧବ ସେବା ବୋଲି ସେ ସୂଚାଇ ଦେଇଥିଲେ ।

କେନିୟା ଓ ତାଞ୍ଜାନିଆ ଗସ୍ତ

ଜୁଲାଇ ତିନି ତାରିଖ ଦିନ ପରମପ୍ରିୟ ସ୍ୱାମୀଙ୍କର କାର୍ଯ୍ୟକ୍ରମର ଚାପ ଅତ୍ୟଧିକ ଥିଲା । ତାଙ୍କୁ ଲଘୁ ବାୟୁଯାନରେ କେନିୟାର ବିଭିନ୍ନ ସ୍ଥାନକୁ ନିଆଯାଇଥିଲା । 'ଭିକ୍ଟୋରିଆ ହ୍ରଦ', 'ସେରେଙ୍ଗେତି' ଜାତୀୟ ଉଦ୍ୟାନ ଏବଂ ତାଞ୍ଜାନିଆର 'ଙ୍ଗୋରେଙ୍ଗୋର'

ପୂର୍ବ ଆଫ୍ରିକାର ଉଗାଣ୍ଡାସ୍ଥ କାମ୍ପାଲା ଠାରେ ଲେଖକ ଡକ୍ଟର ଗଡ଼ିଆଙ୍କ ପରିବାର ସହିତ ଭଗବାନ ବାବା ।

ଆଗ୍ନେୟଗିରିର ପାନପତ୍ରାକୃତି ମୁଖ ଗହ୍ୱର ଉପର ଦେଇ ତାଙ୍କୁ ଉଡ଼ିଯିବାକୁ ପଡ଼ିଥିଲା । ଆଗ୍ନେୟଗିରିର ମୁଖ ଏକ ଫୁଲଣା ପରି ସ୍ଥାନ । ପରିଦର୍ଶକମାନଙ୍କୁ ସ୍ୱତନ୍ତ୍ର ଜିପ୍‌ରେ ପର୍ବତ ଶିଖରରୁ ତଳେ ଥିବା ସମତଳ ଭୂମିକୁ ନିଆଯାଇଥାଏ । ଏହି ସମତଳ ଭୂମିରେ ଶିକାର ଓ ଇତସ୍ତତଃ ବିଚରଣ କରୁଥିବା ବିଭିନ୍ନ ପ୍ରକାରର ପ୍ରାଣୀ ଦେଖିବାକୁ ମିଳିଥାନ୍ତି ।

ଯେତେବେଳେ ବାୟୁଯାନଟି ଆଗ୍ନେୟଗିରି ଅଞ୍ଚଳରେ ଥିବା ସମତଳ ଭୂମିର ମଧ୍ୟଭାଗରେ ଅବତରଣ କଲା ସ୍ୱାମୀ ତାଙ୍କ ସହ ଯାଇଥିବା ସହଯାତ୍ରୀମାନଙ୍କୁ ଏକ ସୁନ୍ଦର ଶିକ୍ଷା ଦେଇଥିଲେ । ଏହା ପ୍ରକୃତରେ ସମଗ୍ର ମାନବ ଜାତି ପାଇଁ ଉଦ୍ଦିଷ୍ଟ ଥିଲା । ବାବା ସେତେବେଳେ ପ୍ରଶ୍ନ କରିଥିଲେ ''ମୋତେ ତୁମ୍ଭେମାନେ ଏଠାକୁ କାହିଁକି ଆଣିଲ ?'' ଉତ୍ତର ମିଳିଲା ''କାହିଁକି ବାବା ?'' ବାବା କହିଥିଲେ ''ସ୍ୱାମୀ ସମଗ୍ର ପୃଥିବୀକୁ ଦେଖିଛନ୍ତି । ତୁମେ ସ୍ୱାମୀଙ୍କୁ ଏଠାକୁ ଆଣିଛ କାରଣ ସ୍ୱାମୀ ତୁମକୁ ଏକ ବଡ଼ ଧରଣର ଶିକ୍ଷା ଦେବାକୁ ଚାହାଁନ୍ତି । ଦେଖ ଏଠାରେ ବିଭିନ୍ନ ପ୍ରକାରର ପ୍ରାଣୀ ଏକାଠି ଶାନ୍ତି ଓ ଏକତା ଭିତରେ ବାସ କରନ୍ତି । ମାତ୍ର ତୁମେ (ମାନବ ଜାତି) ଗୋଟିଏ ଜାତିର ହୋଇଥିଲେ ମଧ୍ୟ ପରସ୍ପର ମଧ୍ୟରେ ଯୁଦ୍ଧ କରି ଚାଲିଛ ।'' ସତରେ ପରମପ୍ରିୟ ସ୍ୱାମୀ କେଡ଼େ ସୁନ୍ଦର ଉପଦେଶଟିଏ ଦେଲେ !

ବାବା ଯେତେବେଳେ ନାଇରୋବୀରେ ପହଞ୍ଚିଲେ ସେଠାରେ ହଜାର ହଜାର ଭକ୍ତ, ସରକାରୀ କର୍ମଚାରୀ ତଥା ସମ୍ମାନାସ୍ପଦ ବ୍ୟକ୍ତିଗଣ ତାଙ୍କର ଦିବ୍ୟଦର୍ଶନ ଓ ଆଶୀର୍ବାଦ ପାଇବା ଆଶାରେ ଅପେକ୍ଷା କରି ରହିଥିଲେ ।

ସେ ସମୟରେ ସେ ଦେଇଥିବା ଦିବ୍ୟ ସମ୍ଭାଷଣରୁ ଯେଉଁଗୁଡ଼ିକ ମୋତେ ଭଲ ଲାଗିଥିଲା ସେଥିରୁ କେତୋଟି ନିମ୍ନରେ ଉଦ୍ଧାର କରାଗଲା । ଭଲ ଲାଗିବାର କାରଣ ହେଲା ସେଗୁଡ଼ିକ ଆମ ପାଇଁ ସ୍ୱତନ୍ତ୍ର ଉପହାର ଭଳି । ପରମପ୍ରିୟ ସ୍ୱାମୀ କହିଥିଲେ ''ତୁମର ବାସ୍ତବ ସ୍ଥିତି ହେଉଛି ଆତ୍ମା । ଆତ୍ମା ପରମାତ୍ମାଙ୍କର ଗୋଟିଏ ତରଙ୍ଗ ଭଳି । ମଣିଷ ଜୀବନର ଲକ୍ଷ୍ୟ ହେଲା ଏହି ବାସ୍ତବତାକୁ ଉପଲବ୍ଧି କରିବା । ଏହି ଆତ୍ମା ଓ ପରମାତ୍ମାଙ୍କ ସମ୍ପର୍କ ତରଙ୍ଗ ଓ ସମୁଦ୍ରର ସମ୍ପର୍କ ଭଳି ।''

''ମଣିଷ ଦୁଇଟି ସ୍ୱତନ୍ତ୍ର ଈଶ୍ୱରଦତ୍ତ ଉପହାର ଦ୍ୱାରା ବିଭୂଷିତ । ସେ ଦୁଇଟି ହେଲା ବିବେକ (ନ୍ୟାୟୋଚିତ ବିଚାର କରିବାର ଐଶୀ ଶକ୍ତି) ଏବଂ ବିଜ୍ଞାନ (ବିଶ୍ଳେଷଣ ଓ ସଂଶ୍ଳେଷଣ କରିବାର ଐଶୀ ଶକ୍ତି) । ମଣିଷ ନିଜେ ନିଜେ ପରମ ସତ୍ୟର ଅନୁସନ୍ଧାନ କରିବା ପାଇଁ ଏହି ଦୁଇଟି ଉପହାରକୁ ବ୍ୟବହାର କରିପାରିବ । ମଣିଷ ସେହି ସତ୍ୟର ଅନୁସନ୍ଧାନ କରିବ ଯାହା ଯେ କୌଣସି ଜୀବ ଓ ଯେକୌଣସି ପଦାର୍ଥ ପାଇଁ ମଧ୍ୟ ସତ୍ୟ । ଏହି ପୃଥିବୀ ପୃଷ୍ଠରେ ବହୁ ଦେଶ ସୃଷ୍ଟି ହୋଇଛି ଏବଂ ତିଷ୍ଠି ରହିଛି । ସେହି ଗୋଟିଏ ସୂର୍ଯ୍ୟଠାରୁ ସବୁ ଦେଶ ଉତ୍ତାପ ଗ୍ରହଣ କରନ୍ତି । ସେହି ଏକା ଦୈବୀ ପ୍ରକ୍ରିୟାରେ

ସମସ୍ତେ ଶ୍ୱାସକ୍ରିୟା ସମ୍ପାଦନ କରନ୍ତି । ସମସ୍ତେ ସେହି ଏକା ଅନ୍ତର୍ନିହିତ ଶକ୍ତି ଦ୍ୱାରା ପରିଚାଳିତ । ମଣିଷ ନିଜ ଉପରେ ବିଜୟ ହାସଲ କରିବାର ପ୍ରାକ୍ ସନନ୍ଦ ହେଉଛି ବେଦ । ସମଗ୍ର ସୃଷ୍ଟିରେ ରହିଥିବା ଅନ୍ତର୍ନିହିତ ଐକ୍ୟ ହିଁ ମଣିଷର ଉଦ୍ଭାବନ । ସତ୍ୟ ସହିତ ରହିଥିବା ଅବିଚ୍ଛିନ୍ନ ସମ୍ପର୍କ ହିଁ ଅନ୍ତର୍ନିହିତ ଐକ୍ୟ ପ୍ରତିଷ୍ଠା କରିଥାଏ । ବେଦ ଘୋଷଣା କରିଛି ଈଶ୍ୱର ହେଉଛନ୍ତି ସବୁ ଜୀବ ମଧ୍ୟରେ ରହିଥିବା ଅନ୍ତର୍ନିହିତ ବାସ୍ତବତା । ସମସ୍ତେ ଭଗବାନଙ୍କ ଦ୍ୱାରା ଆବୃତ ଏବଂ ସବୁକିଛି ହିଁ ଭଗବାନ । ପ୍ରତ୍ୟେକଙ୍କ ଭିତରେ ଥିବା ଦୈବତ୍ୱ ସବୁପ୍ରକାର ବଲ୍‌ବକୁ ଦୀପ୍ତିମନ୍ତ କରାଇ ପାରୁଥିବା ବିଦ୍ୟୁତ୍ ସ୍ରୋତ ଭଳି । ମୋ ସମ୍ମୁଖରେ ଥିବା ବିଭିନ୍ନ ରଙ୍ଗ ଓ ଉଜ୍ଜ୍ୱଳତାର ବଲ୍‌ବଗୁଡ଼ିକ ପରି ସମସ୍ତେ (ସବୁ ଜୀବ) ଦୈବତ୍ୱର ବିଦ୍ୟୁତ୍ ସ୍ରୋତରେ ପ୍ରଜ୍ୱଳିତ । ସେହି ଏକା ଭଗବାନ ଜାତି, ବର୍ଣ୍ଣ, ଗୋଷ୍ଠୀ ଏବଂ ଆଞ୍ଚଳିକ ବୈଷମ୍ୟ ନିର୍ବିଶେଷରେ ସମସ୍ତଙ୍କ ଭିତରେ ଦୀପ୍ତିମାନ । ବିଦ୍ୟୁତ୍ ସ୍ରୋତ ବିଜୁଳିବତୀଗୁଡ଼ିକୁ ଜୀବନ୍ୟାସ ଦେଇ ସକ୍ରିୟ କରାଏ । ଠିକ୍ ସେହିପରି ଦୈବତ୍ୱ ସବୁ ଜୀବଙ୍କୁ କାର୍ଯ୍ୟକ୍ଷମ କରାଏ । ଯେଉଁମାନେ ଏଥିରେ ବିଭିନ୍ନତା ଦେଖନ୍ତି ସେମାନେ କ୍ରମେ ନିଷ୍ପ୍ରଭ ହୋଇଯାନ୍ତି । ସେମାନେ କୁସଂସ୍କାର, ଅହଂକାର, ଘୃଣା ଓ ଅସୂୟାର କୁହୁଡ଼ି ଭିତରେ ଲୁଚିଯାନ୍ତି ।''

ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାରେ ସ୍ୱାମୀଙ୍କର ସତର୍କ ବାଣୀ

ପରମପ୍ରିୟ ସ୍ୱାମୀ ନିଜେ ଭଗବାନ ହୋଇଥିବାରୁ ସେ ସମସ୍ତଙ୍କର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ କଥା ଜାଣିଥାନ୍ତି । ସେ କେତେକ ଭକ୍ତଙ୍କୁ କହିଥିଲେ ଯେ ବିଦେଶୀମାନଙ୍କୁ (ମୁଖ୍ୟତଃ ଏସିଆର) ଚାରିବର୍ଷ ଭିତରେ ଉଗାଣ୍ଡା ଛାଡ଼ି ଚାଲିଯିବା ପାଇଁ ନିର୍ଦ୍ଦେଶ ଦିଆଯିବ । ଏକଥା ସେତେବେଳେ କେହି ବିଶ୍ୱାସ କରି ନ ଥିଲେ କାରଣ ପ୍ରଭୁ ଶ୍ରୀରାମଙ୍କ ଦ୍ୱାରା ଶାସିତ ଅଯୋଧ୍ୟାର ରାମରାଜ୍ୟ ପରି ଉଗାଣ୍ଡାରେ ଜୀବନଯାପନ ଶାନ୍ତିପ୍ରଦ ଓ ସୁଖମୟ ଥିଲା । ଅଳ୍ପକେତେକ ଯେଉଁମାନଙ୍କର ସ୍ୱାମୀଙ୍କ ପ୍ରତି ଗଭୀର ବିଶ୍ୱାସ ଥିଲା ସେମାନେ ଅନ୍ୟ ଦେଶରେ ବସବାସ କରିବା ପାଇଁ ନିଜକୁ ପ୍ରସ୍ତୁତ କରି ରଖିଥିଲେ ।

୧୯୭୨ ମସିହାରେ ଉଗାଣ୍ଡାର ପ୍ରଧାନମନ୍ତ୍ରୀ ଇଦି ଅମୀନ ପଶୁଭଳି ଏସିଆନ୍‌ମାନଙ୍କୁ ବହିଷ୍କାର ନିର୍ଦ୍ଦେଶ ଦେଇଥିଲେ । ଏହା ସମଗ୍ର ପୃଥିବୀରେ ଅଶାନ୍ତି ଓ ଉତ୍ତେଜନାର ତରଙ୍ଗ ସୃଷ୍ଟି କରିଥିଲା । ଯେତେବେଳେ ଏହି ନିର୍ଦ୍ଦେଶ ପ୍ରଥମେ ପ୍ରକାଶ ପାଇଲା କେତେକ ଲୋକ ଏହାକୁ ଏକ ରୁଗ୍ଣ ଲୋକର ପରିହାସ (ପାଗଳର ପ୍ରଳାପ) ବୋଲି ମନେ କରିଥିଲେ । କିନ୍ତୁ ଅଳ୍ପ ଦିନ ପରେ ପୁଣି ଏକ ନିର୍ଦ୍ଦେଶନାମା ଜାରି ହେଲା ଯେ ଏସିଆନ୍‌ମାନେ ୧୯୭୨ ମସିହା ଅଗଷ୍ଟ ମାସ ଆରମ୍ଭରୁ ୯୦ ଦିନ ମଧ୍ୟରେ ଉଗାଣ୍ଡା ତ୍ୟାଗ କରିବେ । ଏହା ସମସ୍ତଙ୍କୁ ଏକ ଶକ୍ତ ଧକ୍କା ଦେଇଥିଲା । ଯେଉଁମାନଙ୍କର

ବ୍ରିଟିଶ ପାଶ୍‌ପୋର୍ଟ ଥିଲା ସେମାନେ ଯୁକ୍ତରାଜ୍ୟରେ ବସବାସ କଲେ । ଅନ୍ୟମାନେ କାନାଡ଼ା, ଭାରତ ଏବଂ ଅନ୍ୟ ଦେଶମାନଙ୍କୁ ଚାଲିଗଲେ । ଏପରିକି ଫାଲକଲ୍ୟାଣ୍ଡ ଦ୍ୱୀପପୁଞ୍ଜ କେତେକ ଶିକ୍ଷକ, ଡାକ୍ତର ଓ କୃଷକଙ୍କ ଭଳି ବୃତ୍ତିଧାରୀମାନଙ୍କୁ ଗ୍ରହଣ କରିଥିଲା ।

ଏହି ସମୟରେ ମୁଁ ତାଞ୍ଜାନିଆର ଆରୁଶାରେ ଥିଲି । ଡକ୍ଟର ସି.ଜି. ପଟେଲ ଟେଲିଫୋନ ଯୋଗେ ମୋତେ ଖବର ଦେଲେ ଯେ ଯେଉଁମାନେ ବାବାଙ୍କୁ ସମାଲୋଚନା କରୁଥିଲେ ସେମାନେ ବାବାଙ୍କ ମହିମାକୁ ଠିକ୍ ଭାବରେ ବୁଝି ପାରିଲେ ଏବଂ ତାଙ୍କର ଫଟୋ ରଖି ପ୍ରାର୍ଥନା କରିବାକୁ ଚାହିଁଲେ । ଏହି ଘଟଣା ପରେ ବାବା ଭଗବାନ ବୋଲି ବହୁ ଲୋକ ଗ୍ରହଣ କରିଥିଲେ ।

ଏକ ସତ୍ୟ କାହାଣୀ

ସ୍ୱାମୀଙ୍କର ଉଗାଣ୍ଡା ପରିଦର୍ଶନ ପରେ ଭାରତର ଜାମନଗରକୁ ଆସିଥିବା ଜଣେ ଲୋକ ଏହି କାହାଣୀଟିକୁ ମୋ ଆଗରେ ବର୍ଣ୍ଣନା କରିଥିଲେ । ସେ କିପରି ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଭକ୍ତ ହେଲେ ତାହା ହିଁ ସେ କହିଥିଲେ ।

ସେ କହିଥିଲେ ଯେ, ସେ ତାଙ୍କ ପତ୍ନୀଙ୍କୁ ସବୁବେଳେ ଡକ୍ଟର ସି.ଜି. ପଟେଲଙ୍କ ଘରେ ଛାଡ଼ିଦେଇ ଯାଉଥିଲେ । ମାତ୍ର ବାବାଙ୍କୁ ଦର୍ଶନ କରିବାର ଇଚ୍ଛା ତାଙ୍କର କେବେହେଲେ ନ ଥିଲା । ତାଙ୍କ ବନ୍ଧୁଙ୍କର ମଧୁମେହ ରୋଗକୁ ପରମପ୍ରିୟ ସ୍ୱାମୀ ଯେପରି ଭଲକରିଦେଲେ ଏବଂ ବାବାଙ୍କର ଅନ୍ୟାନ୍ୟ ବହୁ ଅଲୌକିକ ଘଟଣା ଶୁଣିବା ପରେ ସେହି ବ୍ୟକ୍ତି ଜଣକ ହଠାତ୍ ସ୍ୱାମୀଙ୍କ ପ୍ରତି ଆଗ୍ରହୀ ହୋଇ ପଡ଼ିଥିଲେ । ବାବାଙ୍କର ପ୍ରତ୍ୟାବର୍ତ୍ତନ ଦିନ ଏଣ୍ଟେବି ବିମାନବନ୍ଦରଠାରେ ସକାଳେ ସେ ଦର୍ଶନ ପାଇଁ ଯିବେ ବୋଲି ସ୍ଥିର କଲେ । ବିମାନବନ୍ଦରଟି ୨୫ ମାଇଲ (୪୦କି.ମି.) ଦୂରରେ ଅବସ୍ଥିତ ଥିଲା ଏବଂ ସେ ଯେତେଶୀଘ୍ର ସମ୍ଭବ ବିମାନବନ୍ଦରଠାରେ ପହଞ୍ଚିବା ଆବଶ୍ୟକ ଥିଲା । ପ୍ରାୟ ୧୫ ମାଇଲ୍ (୨୪କି.ମି.) ଯାତ୍ରା କରିବା ପରେ ସେ ଦେଖିଲେ ଭକ୍ତମାନଙ୍କୁ ଧରି ଗୁଡ଼ାଏ କାର ବିମାନ ବନ୍ଦରରୁ ଫେରୁଛି । ସେ ଗୋଟିଏ କାରକୁ ଅଟକାଇଲେ ଏବଂ ସ୍ୱାମୀ ବିମାନରେ ଚାଲିଗଲେଣି କି ବୋଲି ଡ୍ରାଇଭରକୁ ପ୍ରଶ୍ନ କଲେ । ଉତ୍ତର ମିଳିଲା "ହଁ, ସେ ପ୍ରାୟ ଅଳ୍ପ କେତେମିନିଟ୍ ପୂର୍ବରୁ ଚାଲିଗଲେ ।" ସ୍ୱାମୀଙ୍କ ଦର୍ଶନରୁ ବଞ୍ଚିତ ହେଲେ ବୋଲି ସେହି ବ୍ୟକ୍ତି ନିରାଶ ହୋଇ ପଡ଼ିଥିଲେ । ସେ ସଙ୍ଗେ ସଙ୍ଗେ ନିଷ୍ଠା ଓ ଆନ୍ତରିକତାର ସହିତ ପ୍ରାର୍ଥନା କଲେ ଏବଂ ନିଜର ସତ୍‌ପ୍ରେମ ନିବେଦନ କଲେ । ସେ ମନେ ମନେ କହିବାକୁ ଲାଗିଲେ "ବାବା ! ମୁଁ ଆପଣଙ୍କ ଆଶୀର୍ବାଦ ପାଇବାକୁ ଅତ୍ୟନ୍ତ ଆଗ୍ରହୀ ଥିଲି । ଶେଷ ମୁହୂର୍ତ୍ତରେ ମୁଁ ଆପଣଙ୍କ ମହିମାକୁ ବୁଝିବା ପାଇଁ ଆସିଥିଲି । ମୁଁ ଜଣେ ହତଭାଗ୍ୟ ଲୋକ । ଏହା ବୋଧହୁଏ ଆପଣଙ୍କ ଇଚ୍ଛା ।

ବର୍ତ୍ତମାନ ଆପଣ ମୋ ହୃଦୟରେ ଅବସ୍ଥାନ କରୁଛନ୍ତି ଏବଂ ମୁଁ ଅନୁତପ୍ତ ଯେ ଠିକ୍ ଘର ଦରଜା ପାହାଚରେ ହିଁ ମୁଁ ଆପଣଙ୍କ ଦର୍ଶନରୁ ବଞ୍ଚିତ ହେଲି ।''

ଏହିପରି ଅନୁତାପ କରି ସେ ସ୍ଥିର କଲେ ଯେ ବିମାନବନ୍ଦରକୁ ଯିବେ ଏବଂ ନିଜର ପ୍ରେମ ନିବେଦନ କରିବା ସହିତ ବାବା ଯେଉଁ ଫାଟକ ଦେଇ ପ୍ରସ୍ଥାନ କଲେ ସେହି ଫାଟକକୁ ସ୍ପର୍ଶ କରିବେ ଏବଂ ଚୁମ୍ବନ କରିବେ । ବାବାଙ୍କର ମହିମା ଦେଖନ୍ତୁ !! ସେ ଭଦ୍ରବ୍ୟକ୍ତି ବିମାନବନ୍ଦରଠାରେ ପହଞ୍ଚିବା ମାତ୍ରେ ପୂର୍ବଆଫ୍ରିକା ଆକାଶମାର୍ଗ କର୍ତ୍ତୃପକ୍ଷଙ୍କର ଏକ ଘୋଷଣା ଶୁଣିବାକୁ ପାଇଲେ । ଘୋଷଣାଟି ଥିଲା ''ଯେଉଁ ବିମାନରେ ବାବା ଯାତ୍ରା ଆରମ୍ଭ କରିଥିଲେ ସେ ବିମାନଟି ଏବେ ଫେରି ଆସୁଛି ଏବଂ ଖୁବ୍ ଶୀଘ୍ର ଏଠାରେ ଅବତରଣ କରିବ ।''

ଏହାକୁ କେହି ଆକସ୍ମିକ ମେଳ ବା ସମକାଳୀନ ଅବସ୍ଥା ବୋଲି କହିପାରେ ମାତ୍ର ଏହି ଲୋକ ପାଇଁ ଆନନ୍ଦର ସୀମା ନଥିଲା । ସେ ଅଶ୍ରୁଳ ନୟନରେ ସ୍ୱାମୀଙ୍କର ଦର୍ଶନ ଲାଭ କରିଥିଲେ । ଯଥାଶୀଘ୍ର ବିମାନର ଯାନ୍ତ୍ରିକ ତ୍ରୁଟି ଦୂର କରାଯାଇଥିଲା ଏବଂ ସବୁ ଯାତ୍ରୀ ବିମାନରେ ସ୍ଥାନ ଗ୍ରହଣ କରିବା ପରେ ପୁନଃ ଯାତ୍ରା ପାଇଁ ସୂଚନା ଦିଆଯାଇଥିଲା ।

ଜଣେ ପ୍ରଶ୍ନ କଲେ ''ଯେଉଁ ବିମାନରେ ଭଗବାନ ଯାତ୍ରା କରୁଛନ୍ତି ସେ ବିମାନର ଯାନ୍ତ୍ରିକ ତ୍ରୁଟି ଦେଖାଯାଇପାରେ କି ?'' ପ୍ରକୃତରେ ଭଗବାନ ସମସ୍ତଙ୍କ ପ୍ରାର୍ଥନା ଶୁଣିଥାନ୍ତି ଏବଂ ଭକ୍ତର ସତ୍ ଓ ନିଷ୍କପଟ ପ୍ରାର୍ଥନାର ଉତ୍ତର ଦେଇଥାନ୍ତି ।

ପରମପ୍ରିୟ ସ୍ୱାମୀ ବମ୍ବେରେ ପହଞ୍ଚିଥିଲେ ଏବଂ ୧୯୬୮ ମସିହା ଜୁଲାଇ ୧୫ ତାରିଖରେ ଧର୍ମକ୍ଷେତ୍ରଠାରେ ଦିବ୍ୟ ସନ୍ଦେଶ ପ୍ରଦାନ କରିଥିଲେ । ସେ ପୂର୍ବଆଫ୍ରିକାର ଭକ୍ତମାନଙ୍କର ଭକ୍ତି ଓ ପ୍ରେମ ତଥା ସ୍ୱେଚ୍ଛାସେବକମାନଙ୍କର ସେବାର ପ୍ରଶଂସା କରିଥିଲେ । ଏହା ଉଚ୍ଛ୍ୱସିତ କରତାଳି ମାଧ୍ୟମରେ ସ୍ୱୀକୃତ ହୋଇଥିଲା । ସେ ପୁଣି କହିଥିଲେ ଯେ ଲୋକମାନଙ୍କର ନୈତିକ ଓ ଆଧ୍ୟାତ୍ମିକ ପୁନର୍ଜାଗରଣ ପାଇଁ ତାଙ୍କର ଏହି ପୂର୍ବଆଫ୍ରିକା ଗସ୍ତ ଉଦ୍ଦିଷ୍ଟ ଥିଲା ।

□□

ଅଧ୍ୟାୟ - ୧୭

ଶିରିଡ଼ି ଓ ଶକୁରିକୁ ଯାତ୍ରା

ଉଗାଣ୍ଡାର କାମ୍ପାଲାଠାରେ ପ୍ରଥମେ ଶ୍ରୀ ସତ୍ୟସାଇ ପାଠଚକ୍ର ପ୍ରତିଷ୍ଠା କରିବା ପାଇଁ ପରମପ୍ରିୟ ସ୍ୱାମୀ ଏହି ଦାସକୁ ମାଧ୍ୟମ ରୂପେ ବ୍ୟବହାର କରିଥିଲେ । ଏହାପରେ ମୁଁ ପୁଣି ଥରେ ପରମପ୍ରିୟ ସ୍ୱାମୀଙ୍କର ପାଦପଦ୍ମରେ ନିଜକୁ ଆବିଷ୍କାର କଲି ।

ମୁଁ ଯୁକ୍ତରାଜ୍ୟ ଯାଇ ବିଷୁବମଣ୍ଡଳୀୟ ରୋଗ ସମ୍ପର୍କରେ ଉଚ୍ଚତର ଡିଗ୍ରୀ ହାସଲ କରି ତାଙ୍କ ନିକଟକୁ ଫେରିଆସିବାକୁ ପରମପ୍ରିୟ ସ୍ୱାମୀ ମୋତେ ପରାମର୍ଶ ଦେଇଥିଲେ । ସେତେବେଳେ ମୁଁ ତାଙ୍କୁ କହିଥିଲି ''ସ୍ୱାମୀ ! ଆଗରୁ ଦରଖାସ୍ତ ନ କରି ସେଠାରେ ନାମ ଲେଖାଇବା ଏବଂ ଯୁକ୍ତରାଜ୍ୟ ସରକାରଙ୍କଠାରୁ ଅନୁମତି ପାଇବା କଷ୍ଟକର ।'' ସ୍ୱାମୀ ଉତ୍ତର ଦେଇଥିଲେ ''ନାମ ଲେଖାଇବା ପାଇଁ ତୁମେ ନା ସ୍ୱାମୀ ଇଚ୍ଛା କରୁଛନ୍ତି?'' ମୋର ତତ୍‌କ୍ଷଣାତ୍ ଉତ୍ତର ହେଲା ''ପରମପ୍ରିୟ ସ୍ୱାମୀ ଏହା ଚାହାଁନ୍ତି । ନିଶ୍ଚୟ ମୁଁ ଆପଣଙ୍କ ପରାମର୍ଶ ଗ୍ରହଣ କରିବି ।''

ସେ ତା ପରେ ନିର୍ଦ୍ଦେଶ ଦେଲେ ''ତୁମ ବାପାଙ୍କୁ କୁହ ସେ ବମ୍ବେର ଲକ୍ଷ୍ମଣ ଦାସ ଭାଟିଆଙ୍କ ଠିକଣାରେ ବମ୍ବେରୁ ଲଣ୍ଡନ ଯାତ୍ରା ପାଇଁ ଗୋଟିଏ ପିଠିର ଟିକଟ ବାବଦ ଅର୍ଥ ପଠାଇଦେବେ । ତୁମେ ନିଜେ ବମ୍ବେ ଯାଇ ଅପେକ୍ଷା କର ।'' ବମ୍ବେରୁ ଲଣ୍ଡନ ବିମାନରେ ଯିବା ପାଇଁ ଆଉ କୋଡ଼ିଏ ଦିନ ସମୟ ଥାଏ । ତେଣୁ ଲକ୍ଷ୍ମଣ ଦାସ ଭାଟିଆ ଓ 'ଏହି ଦାସ' ଶିରିଡ଼ି ଓ ଶକୁରି ପରିଦର୍ଶନ ପାଇଁ ସ୍ଥିର କଲେ ।

ଶିରିଡ଼ିକୁ ଆମର ଯାତ୍ରା

କୁହାଯାଏ ଶିରିଡ଼ି ସାଇବାବା ହେଉଛନ୍ତି ବ୍ରହ୍ମଜ୍ଞାନୀ । ସେ ଥିଲେ ବିଶ୍ୱଚେତନା ସ୍ୱରୂପ । ସେ ମଧ୍ୟ ଥିଲେ ଜଣେ ସଦ୍‌ଗୁରୁ । ସେ ତାଙ୍କର ଭକ୍ତମାନଙ୍କୁ ଚରମ ବାସ୍ତବତା ସମ୍ପର୍କରେ ଶିକ୍ଷା ଦେଉଥିଲେ ଏବଂ ସତ୍ୟ ପଥରେ ଅଗ୍ରସର ହେବା ପାଇଁ ଦିଗ୍‌ଦର୍ଶନ ଦେଉଥିଲେ । ସେ ମଧ୍ୟ ଥିଲେ ପୂର୍ଣ୍ଣ ଅବତାର । ସେ ସମସ୍ତ ଦୈବୀ ଗୁଣର ଅଧିକାରୀ ଥିଲେ । ସେ ତାଙ୍କ ଶକ୍ତିର ପ୍ରକଟନ କରୁ ନ ଥିଲେ । ସେ ତାର ଗତିରୋଧ କରିଥିଲେ ଏବଂ ସମ୍ପୂର୍ଣ୍ଣ ସୁଯୋଗ ଦେଉ ନଥିଲେ । ତାଙ୍କର ଶକ୍ତି ଆକର୍ଷଣ ପାଇଁ ଉଦ୍ଦିଷ୍ଟ ନ ଥିଲା । କିନ୍ତୁ ନିରାପଦ ରଖିବା ଓ ସୁରକ୍ଷା ଦେବା ପାଇଁ ତାଙ୍କ ଶକ୍ତିକୁ ସେ ବିନିଯୋଗ କରୁଥିଲେ ।

ତାଙ୍କ ଭକ୍ତମାନେ ଯନ୍ତ୍ରଣା ଭୋଗିଲେ ବା ବିପଦର ସମ୍ମୁଖୀନ ହେଲେ, ଦୁଃଖ କଷ୍ଟରେ ପଡ଼ିଲେ ସେମାନଙ୍କୁ ରକ୍ଷା କରିବା ପାଇଁ ତାଙ୍କ ଶକ୍ତିକୁ ସେ ବ୍ୟବହାର କରୁଥିଲେ । ଭକ୍ତମାନଙ୍କ ସ୍ୱାର୍ଥ ପାଇଁ ନୁହେଁ ବରଂ ଭକ୍ତମାନଙ୍କୁ ଅନିଷ୍ଟକର ପରିସ୍ଥିତି ଓ ବିପଦରୁ ରକ୍ଷା କରିବା ପାଇଁ ସେ ତଥାକଥିତ ଅଲୌକିକତା ପ୍ରଦର୍ଶନ କରୁଥିଲେ ।

ସାରଳା ଚାରିଟେବ୍ଲ ଟ୍ରଷ୍ଟ ଦ୍ୱାରା ଶିରିଡ଼ି ସାଇବାବାଙ୍କ ଜୀବନୀ ସମ୍ବଳିତ ଏକ ଚଳଚ୍ଚିତ୍ର ମୁକ୍ତିଲାଭ କରିବା ପରେ ବହୁଳ ଭାବରେ ତାଙ୍କୁ ଲୋକେ ଜାଣିଲେ । ପରେ ଶିରିଡ଼ି ସାଇ ଟ୍ରଷ୍ଟର ସଭ୍ୟମାନଙ୍କ ଦ୍ୱାରା ବହୁ ସଂଖ୍ୟାରେ ଓ୍ୟାଡ଼ା (ଅତିଥିଭବନ) ନିର୍ମାଣ କରାଯାଇଥିଲା । ସବୁ ପ୍ରକାରର ଲୋକ ବହୁ ସଂଖ୍ୟାରେ ଶିରିଡ଼ି ଆସିବା ଆରମ୍ଭ କରିଦେବାରୁ ଅସଂଖ୍ୟ ହୋଟେଲ ମଧ୍ୟ ସେଠାରେ ଗଢ଼ି ଉଠିଥିଲା । ପଞ୍ଚତାରକା ବିଶିଷ୍ଟ ହୋଟେଲ ମଧ୍ୟ ଏହାର ଅନ୍ତର୍ଭୁକ୍ତ ଥିଲା । ଆଜିକାଲି ଦୈନିକ ହଜାର ହଜାର ଭକ୍ତ ଶିରିଡ଼ି ପରିଦର୍ଶନରେ ଆସୁଛନ୍ତି । ଶିରିଡ଼ିର ସମସ୍ତ କାର୍ଯ୍ୟ ମହାରାଷ୍ଟ୍ର ସରକାରଙ୍କ ନିୟନ୍ତ୍ରଣାଧୀନ, ରାଜ୍ୟ ସରକାର ଶିରିଡ଼ି ସଂସ୍ଥାନର ସମସ୍ତ କାର୍ଯ୍ୟ ତଦାରଖ କରିବା ପାଇଁ 'ରିସିଭର' ନିଯୁକ୍ତ କରିଥାନ୍ତି ।

ସେ ସମୟରେ ମିଷ୍ଟର କ୍ଷୀରସାଗର ଶିରିଡ଼ି ସଂସ୍ଥାନର 'ରିସିଭର' ଥିଲେ । ଯେତେବେଳେ ଆମଠାରୁ ଶ୍ରୀ ସତ୍ୟସାଇ ବାବାଙ୍କ ସଂପର୍କରେ ଶୁଣିଲେ ସେ ଗଭୀର ଭାବରେ ଅଭିଭୂତ ହୋଇ ପଡ଼ିଥିଲେ । ମୁଖ୍ୟ ସଭାଗୃହରେ ଶିରିଡ଼ି ବାବାଙ୍କ ପୁନରାଗମନ ସଂପର୍କରେ ଘୋଷଣା କରିବାକୁ ସେ ଆମକୁ ସଦୟ ଅନୁମତି ଦେଇଥିଲେ । ସାତଦିନ ଧରି ଘୋଷଣା ପରେ ପରେ ସଂଧ୍ୟା ଘ ୭.୩୦ ମିନିଟରୁ ଘ ୮.୩୦ ମିନିଟ ପର୍ଯ୍ୟନ୍ତ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା । ରାତ୍ର ଘ ୯ରୁ ୯.୩୦ ମିନିଟ ପର୍ଯ୍ୟନ୍ତ ମିଷ୍ଟର ଲକ୍ଷ୍ମଣ ଦାସ ଭାଟିଆଙ୍କ ଦ୍ୱାରା ପରମପ୍ରିୟ ସ୍ୱାମୀଙ୍କ ଉପରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଉଥିଲା । ଗୋଟିଏ ୧୬ ମିଲିମିଟର ପ୍ରୋଜେକ୍ଟର ସାହାଯ୍ୟରେ ଏହି ଚଳଚ୍ଚିତ୍ର ମନ୍ଦିର ବାହାରେ ଏକ ଖୋଲା ପଡ଼ିଆରେ ଶିରିଡ଼ି ଭକ୍ତମାନଙ୍କୁ ପ୍ରଦର୍ଶନ କରାଯାଉଥିଲା ।

ଶକୁରି ପରିଦର୍ଶନ ପରେ ଆମେ ପୁଣି ଶିରିଡ଼ି ଫେରି ଆସିଲୁ ଏବଂ ପରମପ୍ରିୟ ସ୍ୱାମୀଙ୍କର ଦିବ୍ୟବାର୍ତ୍ତା ଶିରିଡ଼ି ଭକ୍ତମାନଙ୍କୁ ଜଣାଇବାକୁ ଅନୁମତି ଦେଇଥିବାରୁ ଶିରିଡ଼ି ସଂସ୍ଥାନର 'ରିସିଭର'ଙ୍କୁ ଧନ୍ୟବାଦ ଜଣାଇଥିଲୁ ।

କିଛିବର୍ଷ ପରେ ଶିରିଡ଼ିରୁ ଏକ ପ୍ରତିନିଧି ଦଳ ପ୍ରଶାନ୍ତି ନିଳୟମକୁ ଯାଇଥିଲେ ଏବଂ ପରମପ୍ରିୟ ସ୍ୱାମୀଙ୍କୁ ଶିରିଡ଼ି ଆସିବା ପାଇଁ ନିମନ୍ତ୍ରଣ ଜଣାଇଥିଲେ । ବାବା

ସେମାନଙ୍କୁ ସମ୍ମତି ପ୍ରଦାନ କରିଥିଲେ ଏବଂ ସେମାନଙ୍କୁ କହିଥିଲେ ଯେ ସେ ଯଥା ସମୟରେ ଶିରିଡ଼ି ପରିଦର୍ଶନରେ ଯିବେ ।

ଆମର ଶକୁରି ଯାତ୍ରା

ଶିରିଡ଼ିଠାରୁ ଅଳ୍ପ କେତେ ମାଇଲ ଦୂରରେ ଶକୁରିଠାରେ ଶ୍ରୀ ଉପାସନୀ କନ୍ୟାକୁମାରୀ ସଂସ୍ଥାନ ଅବସ୍ଥିତ । ଶ୍ରୀ ଉପାସନୀ ବାବା ଶିରିଡ଼ି ସାଇବାବାଙ୍କର ଜଣେ ବଡ଼ ଭକ୍ତ ଥିଲେ । ସେ ହେଉଛନ୍ତି ପ୍ରଥମ ପବିତ୍ର ଓ ଆଧ୍ୟାତ୍ମବାଦୀ ଲୋକ ଯେ ଅବିବାହିତା କନ୍ୟାମାନଙ୍କର ଯଜ୍ଞ କରିବା ପ୍ରଥା ପ୍ରଚଳନ କରିଥିଲେ । ଯଦିଓ ପୂର୍ବରୁ ମହିଳାମାନଙ୍କୁ ଯଜ୍ଞ କରିବା ପାଇଁ ବାରଣ କରାଯାଇଥିଲା ତଥାପି ନୂତନ ପ୍ରଥା ଅନୁସାରେ ଏଠାରେ ପଚାଶରୁ ଅଧିକ କନ୍ୟା ବେଦ ଅଧ୍ୟୟନ କରି ମନେ ରଖୁଥିଲେ ଏବଂ ବିଧି ଅନୁସାରେ ଯଜ୍ଞ କରିବା ପାଇଁ ଆବଶ୍ୟକ ମନ୍ତ୍ର ଶିକ୍ଷା କରୁଥିଲେ । ଶିରିଡ଼ି ସାଇ ବାବା ଉପାସନୀ ବାବାଙ୍କୁ ମାନବିକତାପୂର୍ଣ୍ଣ ସେବା କରିବା ପାଇଁ ଶକ୍ତି ପ୍ରଦାନ କରିଥିଲେ । ଭକ୍ତମାନଙ୍କୁ ଆରୋଗ୍ୟ କରିବା ଏବଂ ସାହାଯ୍ୟ କରିବା ଏହି ସେବାର ଅନ୍ତର୍ଭୁକ୍ତ ଥିଲା । ଯେଉଁମାନେ ତାଙ୍କ ସହିତ ରହୁଥିଲେ ସେମାନେ ତାଙ୍କର ଅଧିଭୌତିକ ଶକ୍ତି ଏବଂ ଆଶ୍ଚର୍ଯ୍ୟଜନକ ସେବା ସଂବଳିତ ଜୀବନ ଚରିତ ଜାଣିଥିଲେ ।

ଆମେ ଏହି ଆଶ୍ରମ ସଂପର୍କରେ ସଚେତନ ଥିଲୁ ଏବଂ ସେଠାରେ ପରମପ୍ରିୟ ପ୍ରଭୁ ସତ୍ୟସାଇ ବାବାଙ୍କର ଦିବ୍ୟବାର୍ତ୍ତା ପ୍ରଦାନ କରିବା ପାଇଁ ସେଠାକୁ ଯାଇଥିଲୁ । ପ୍ରଶାନ୍ତି ନିଳୟମ ସଂପର୍କରେ ଚଳଚ୍ଚିତ୍ର ମଧ୍ୟ ଆମେ ସେଠାରେ ପ୍ରଦର୍ଶନ କରିଥିଲୁ । ଏହି ଚଳଚ୍ଚିତ୍ର ବିଭୂତି ସୃଷ୍ଟି, ଲିଙ୍ଗୋଦ୍ଭବ ଭଳି ଅଲୌକିକତା ଏବଂ ବାବାଙ୍କର ପ୍ରେମ ସଂପର୍କିତ ସନ୍ଦେଶ ପ୍ରଦର୍ଶନ କରୁଥିଲା । ଏହି ଚଳଚ୍ଚିତ୍ରରେ ମଧ୍ୟ କିପରି ଯେ କୌଣସି ଧର୍ମର ଜଣେ ଭକ୍ତ ଯେ କୌଣସି ନାମ ସ୍ମରଣ କରି ଆତ୍ମଶୁଦ୍ଧି ପାଇଁ ପଦକ୍ଷେପ ନେଇପାରେ ଏବଂ 'ମାନବ ସେବା ଯେ ମାଧବ ସେବା' ମନ୍ତ୍ରଦ୍ୱାରା ଅନୁପ୍ରାଣିତ ହୋଇ ସେବା କରିବା ପୂର୍ବକ ଜଣେ ସଚ୍ଚା ଭକ୍ତ ହୋଇପାରେ ତାହା ପ୍ରଦର୍ଶନ କରାଯାଉଥିଲା ।

ଉପାସନୀ ବାବାଙ୍କ ଗୁରୁ ଭଗବାନ ସତ୍ୟସାଇ ବାବା ରୂପେ ପୁନର୍ଜନ୍ମ ଲାଭ କରିଛନ୍ତି ବୋଲି ଜାଣି ଆଶ୍ରମର ଅନ୍ତେବାସୀମାନେ ଅତ୍ୟନ୍ତ ଖୁସି ହୋଇଥିଲେ । ମର ଶରୀର ତ୍ୟାଗ କରିବା ପୂର୍ବରୁ ଶ୍ରୀ ଉପାସନୀ ବାବା ତାଙ୍କ ଶକ୍ତି ଶ୍ରୀ ଗୋଦାବରୀ ମାତାଜୀଙ୍କୁ ଏବଂ ମାତାଜୀ ତାଙ୍କ ଶକ୍ତି ଶ୍ରୀ ଦେବୀତାଇଙ୍କୁ ପ୍ରଦାନ କରିଥିଲେ ।

ନିକଟରେ ୧୯୯୬ ମସିହା ଅଗଷ୍ଟ ମାସରେ ଯୁକ୍ତରାଜ୍ୟର ଭକ୍ତମାନେ ଏହି ଆଶ୍ରମ ପରିଦର୍ଶନରେ ଯାଇ ଶ୍ରୀ ଦେବୀତାଇ, ଦଶଜଣ କନ୍ୟା ଏବଂ ପାଞ୍ଚଜଣ ଅନ୍ୟ ଭକ୍ତଙ୍କୁ ଶକୁରିରୁ ଯାଇ ଯୁକ୍ତରାଜ୍ୟରେ ଯଜ୍ଞ କରିବା ପାଇଁ ନିମନ୍ତ୍ରଣ କରିଥିଲେ । ତିନୋଟି

ବଡ଼ଧରଣର କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ତିନୋଟି ଉତ୍ତରରେ ବ୍ରାଡ୍‌ଫୋର୍ଡ୍, ମଧ୍ୟାଞ୍ଚଳରେ ଲେସେଷ୍ଟର ଏବଂ ଲଣ୍ଡନଠାରେ ଅନୁଷ୍ଠିତ ହୋଇଥିଲା । ତିନୋଟିଯାକ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଲୋକମାନେ ଯୋଗଦାନ କରିଥିଲେ ଏବଂ କନ୍ୟାମାନଙ୍କର ଉଚ୍ଚକୋଟୀର ବୈଦିକ ଜ୍ଞାନ ଏବଂ ଯଜ୍ଞ ପରିଚାଳନା କରିବାର ଦକ୍ଷତା ଦ୍ୱାରା ପ୍ରଭାବିତ ହୋଇଥିଲେ ।

ଶିରିଡ଼ି ବାବାଙ୍କ ଉପଦେଶ

ଆମ ବ୍ୟବହାର ସଂପର୍କରେ ଶିରିଡ଼ିସାଇ ବାବାଙ୍କ ଉପଦେଶ ଏଠାରେ ଉଦ୍ଧାର କରାଗଲା –

‘‘କୌଣସି ସଂପର୍କ ବା ସଂଯୋଗ ନ ଥାଇ କେହି କେଉଁଠାକୁ ଯାଇପାରନ୍ତି ନାହିଁ । ଯଦି କୌଣସି ଲୋକ ବା ଜୀବ ତୁମ ପାଖକୁ ଆସେ ତେବେ ତାକୁ ଅଭଦ୍ରୋଚିତ ବ୍ୟବହାର କରି ତଡ଼ି ଦିଅ ନାହିଁ ବରଂ ତାକୁ ଭଲ ଭାବରେ ସ୍ୱାଗତ ଜଣାଅ ଏବଂ ଯଥୋଚିତ ସମ୍ମାନ ପ୍ରଦର୍ଶନ କର । ତୁମେ ଯଦି ତୃଷାର୍ତ୍ତକୁ ଜଳ, କ୍ଷୁଧାର୍ତ୍ତକୁ ରୁଟି (ଖାଦ୍ୟ), ନିର୍ବସ୍ତ୍ର (ଉଲଗ୍ନ) ଲୋକକୁ ବସ୍ତ୍ର ପ୍ରଦାନ କର ଏବଂ ନିରାଶ୍ରୟ ଲୋକକୁ ତୁମ ବାରଣ୍ଡାରେ ବିଶ୍ରାମ ନେବା ପାଇଁ ଅନୁମତି ଦିଅ ତେବେ ଶ୍ରୀହରି (ଭଗବାନ) ନିଶ୍ଚୟ ଖୁସି ହେବେ । ଯଦି କେହି ତୁମକୁ ଟଙ୍କା ମାଗେ ଏବଂ ତାକୁ ଟଙ୍କା ଦେବାକୁ ଚାହୁଁନାହିଁ ତେବେ ନ ଦେଇ ପାର ମାତ୍ର କୁକୁରଙ୍କ ଭଳି ଭୁକ ନାହିଁ (ପାଟିତୁଣ୍ଡ କରି ତଡ଼ିଦିଅ ନାହିଁ) । ଯେ କେହି ବ୍ୟକ୍ତି ତୁମ ବିରୁଦ୍ଧରେ ଶହେ କଥା କହିପାରେ, ତୁମେ କିନ୍ତୁ ତିକ୍ତତାପୂର୍ଣ୍ଣ ଉତ୍ତର ଦେଇ ପ୍ରତିକ୍ରିୟା ପ୍ରକାଶ କରନାହିଁ । ଏଭଳି ପରିସ୍ଥିତିରେ ଯଦି ସହନଶୀଳ ହେବ ତେବେ ନିଶ୍ଚୟ ତୁମକୁ ଖୁସି ଲାଗିବ । ପୃଥିବୀ ଓଲଟ ପାଲଟ ହୋଇଯାଉ, ତୁମେ ଯେଉଁଠାରେ ଅଛ ସେହିଠାରେ ରହିବ । ତୁମେ ତୁମ ନିଜ ସ୍ଥାନରେ ଠିଆ ହୋଇ (ଅବସ୍ଥାନ କରି) ତୁମ ଆଗରେ ଘଟିଯାଉଥିବା ଘଟଣା ଗୁଡ଼ିକୁ ଧିରସ୍ଥିର ଭାବରେ ଲକ୍ଷ୍ୟ କର । ବିଭିନ୍ନତାର ପ୍ରାଚୀରକୁ ଭାଙ୍ଗିଦିଅ କାରଣ ଏହା ତୁମକୁ ମୋଠାରୁ ପୃଥକ୍ କରିଦିଏ । ଏହା ହେଲେ ଆମ ଭିତରେ ଦେଖାସାକ୍ଷାତ୍ ପାଇଁ ରହିଥିବା ରାସ୍ତା ଖୋଲିଯିବ ଏବଂ ପରିଷ୍କାର ହୋଇଯିବ ।’’

‘‘ବିଭିନ୍ନତାର ଭାବ, ଯେପରି ମୁଁ ଓ ତୁମେ – ଏପରି ଭାବ, ପ୍ରାଚୀର ପରି ଠିଆ ହୋଇ ଶିଷ୍ୟକୁ ଗୁରୁଠାରୁ ଦୂରେଇ ରଖେ । ଏହି ପ୍ରାଚୀର ବିଧ୍ୱଂସ ନ ହେଲେ ଭଗବାନଙ୍କ ସହିତ ଏକତ୍ୱର ଅବସ୍ଥା ପ୍ରାପ୍ତ ହେବା କିମ୍ବା ପ୍ରାୟଶ୍ଚିତ କରିବା ସମ୍ଭବ ହେବ ନାହିଁ । ଆଲ୍ଲାମାଲିକ (ଭଗବାନ ହିଁ ଏକମାତ୍ର ଅଧିକାରୀ), ଅନ୍ୟ କେହି ଆମର ଅଧିକାରୀ (ପ୍ରଭୁ) ନୁହନ୍ତି ।’’

"ଭଗବାନଙ୍କର କାର୍ଯ୍ୟ ପଦ୍ଧତି ଅସାଧାରଣ, ଅମୂଲ୍ୟ ଓ ଦୁର୍ବୋଧ । ତାଙ୍କ ଇଚ୍ଛା ହିଁ କାର୍ଯ୍ୟକାରୀ ହୋଇଥାଏ । ସେ ଆମକୁ ବାଟ ଦେଖାଇଥାନ୍ତି ଏବଂ ଆମ ହୃଦୟର କାମନାକୁ ପୂରଣ କରିଥାନ୍ତି । ଜନ୍ମଜନ୍ମାନ୍ତରର ସମ୍ବନ୍ଧରୁ ଆମେ ଏକାଠି ହୋଇପାରିଛେ । ତେଣୁ ଚାଲ ଆମେ ପରସ୍ପରକୁ ଭଲପାଇ ଓ ପରସ୍ପରର ସେବା କରି ଖୁସି ହେବା । ଯିଏ ଜୀବନର ଚରମ ଲକ୍ଷ୍ୟ ହାସଲ କରିଛି ସେ ଅମର ଓ ଆନନ୍ଦମୟ, ଅନ୍ୟମାନେ କେବଳ ବଞ୍ଚିବା ପାଇଁ ଜୀବନ ଧାରଣ କରିଥାନ୍ତି । ଯେ ପର୍ଯ୍ୟନ୍ତ ଶ୍ୱାସକ୍ରିୟା ଚାଲିଥାଏ ସେ ପର୍ଯ୍ୟନ୍ତ ସେ ବଞ୍ଚିଥାନ୍ତି ।"

ନିଜ ସମାଧିର ଗୁରୁତ୍ୱ ସଂପର୍କରେ ଶିରିଡ଼ି ସାଇ ବାବା ଦିବ୍ୟଲୋକରୁ ନିମ୍ନଲିଖିତ ଏଗାରଟି କଥା ତାଙ୍କ ଭକ୍ତମାନଙ୍କୁ କହିଛନ୍ତି ।

୧. ନିଜର ସମସ୍ୟା ଗୁଡ଼ିକର ସମାଧାନ ହୋଇଗଲେ ଶିରିଡ଼ି ଯିବେ ବୋଲି ଯେଉଁମାନେ ପ୍ରାର୍ଥନା କରନ୍ତି, ସେମାନେ ଶିରିଡ଼ିରେ ପାଦ ରଖୁ ରଖୁ ସେମାନଙ୍କ ପ୍ରାର୍ଥନା ଗୃହୀତ ହୋଇଯାଏ ।

୨. ଯେଉଁମାନେ ମୋ ସମାଧି ନିକଟକୁ ଆସନ୍ତି ସେମାନଙ୍କର ସମସ୍ୟା ସଂପୂର୍ଣ୍ଣ ରୂପେ ସମାଧାନ ହୋଇଯାଏ ।

୩. ଯଦିଓ ମୁଁ ମୋର ଶରୀର ତ୍ୟାଗ କରିଛି ତଥାପି ମୋତେ ପ୍ରାର୍ଥନା କଲାମାତ୍ରେ ମୁଁ ମୋ ଭକ୍ତଙ୍କ ପାଖକୁ ଦୌଡ଼ିଯାଏ ।

୪. ମୋ ଉପରେ ସଂପୂର୍ଣ୍ଣ ବିଶ୍ୱାସ ରଖିଲେ ତୁମର ସଂକଳ୍ପ ପୂରଣ ହୋଇଯାଏ ।

୫. ମୁଁ ସର୍ବଦା ଜୀବିତ – ଏହି ସତ୍ୟକୁ ପ୍ରତ୍ୟେକ ଦିନ ଉପଲବ୍ଧି କର ।

୬. ମୋ ନିକଟରେ ଯିଏ ଶରଣ ପଶେ ତାଙ୍କ ଜୀବନ କେବେହେଲେ ବୃଥା ଯାଏନାହିଁ – ସେମାନେ ଜୀବନର ଲକ୍ଷ୍ୟ ପୂରଣ କରିଥାନ୍ତି ।

୭. ତୁମେ ତୁମର ଭକ୍ତି ମାଧ୍ୟମରେ ପୁରସ୍କୃତ ହେବ ।

୮. ତୁମ ବୋଝ ବୋହିବା ପାଇଁ (ତୁମ ଦାୟିତ୍ୱ ନେବା ପାଇଁ) ମୋର ସଂକଳ୍ପ କେବେହେଲେ ବୃଥା ହେବ ନାହିଁ ।

୯. ତୁମେ ଯେଉଁ ପ୍ରକାର ସାହାଯ୍ୟ ଚାହିଁବ ତାହା ପାଇବ ।

୧୦. ଯେଉଁମାନେ ତାଙ୍କର ଶରୀର, ମନ ଏବଂ ବାକ୍ୟ ମୋତେ ସମର୍ପି ଦେଇଛନ୍ତି ସେମାନଙ୍କ ନିକଟରେ ମୁଁ ସବୁବେଳେ ରହିଥିବି ।

୧୧. ଯେଉଁମାନେ ସାଇଙ୍କର ପୂଜା କରନ୍ତି ସେମାନେ ମୋର ଭକ୍ତ ଭାବରେ ଜୀବନର ଲକ୍ଷ୍ୟ ପୂରଣ କରିଥାନ୍ତି ।

ପରମପ୍ରିୟ ସ୍ୱାମୀଙ୍କ ଦ୍ୱାରା ଶିରିଡ଼ିସାଇଙ୍କ ଜନ୍ମରହସ୍ୟ ପ୍ରକଟନ

ସତ୍ୟସାଇ ବାବା ନିମ୍ନୋକ୍ତ ଘଟଣା ପ୍ରକାଶ କରିବା ପୂର୍ବରୁ କେହି ଶିରିଡ଼ି ସାଇ ବାବାଙ୍କ ଜନ୍ମ ସଂପର୍କରେ ସଠିକ୍ ଖବର ଜାଣିପାରି ନଥିଲେ ।

''ଗଙ୍ଗା ଭବଦିଆ ଓ ଦେବଗିରି ଆମ୍ମା ନାମରେ ଗୋଟିଏ ବ୍ରାହ୍ମଣ ଦମ୍ପତ୍ତି ପଥ୍ରୀ ଗ୍ରାମରେ ବାସ କରୁଥିଲେ । ସେମାନେ ଈଶ୍ୱର (ଶିବ) ଓ ପାର୍ବତୀ (ଶିବପତ୍ନୀ)ଙ୍କୁ ପୂଜା କରୁଥିଲେ । ଦୀର୍ଘ ସମୟ ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ତାନ ସନ୍ତତି ନ ଥିଲେ । ସେମାନେ ସେମାନଙ୍କ ପ୍ରାର୍ଥନାକୁ ତୀବ୍ରତର କରି ଦେଇଥିଲେ । ଗଙ୍ଗା ଭବଦିଆ ଗ୍ରାମ ନିକଟସ୍ଥ ନଦୀରେ ଡଙ୍ଗା ଚଳାଇ ଜୀବିକା ନିର୍ବାହ କରୁଥିଲେ । ଦିନେ ରାତିରେ ପ୍ରବଳ ଝଡ଼ବର୍ଷା ମାଡ଼ି ଆସିଥିଲା । ଗଙ୍ଗା ଭବଦିଆ ଡଙ୍ଗାର ସୁରକ୍ଷା ପାଇଁ ଘରୁ ବାହାରି ଯାଇଥିଲେ ଏବଂ ସେ ରାତିରେ ଡଙ୍ଗାକୁ ଜଗି ନଦୀକୂଳରେ ରହିବେ ବୋଲି ପତ୍ନୀଙ୍କୁ କହି ଯାଇଥିଲେ । ସ୍ୱାମୀ ଚାଲିଯିବା ପରେ ଦେବଗିରି ଆମ୍ମା ରାତ୍ର ଭୋଜନ ସାରି ୯ଟା ସମୟରେ ବିଛଣା ଧରିଥିଲେ । ଏହି ସମୟରେ ସେ ବାହାର ଦରଜାରେ କରାଘାତ ଶୁଣି ଦରଜା ଖୋଲିଥିଲେ । ସେ ଭାବିଥିଲେ ସ୍ୱାମୀ ବୋଧହୁଏ ଶୀଘ୍ର ଫେରି ଆସିଛନ୍ତି । ମାତ୍ର ଦରଜା ସେପଟରେ ଜଣେ ବୃଦ୍ଧ ବ୍ୟକ୍ତି ଠିଆ ହୋଇଥିବାର ଦେଖିଲେ । ସେହି ବ୍ୟକ୍ତି କ୍ଳାନ୍ତ ହୋଇ ପଡ଼ିଥିବାରୁ ଏବଂ ସଂପୂର୍ଣ୍ଣ ଭାବରେ ବର୍ଷାଜଳରେ ଭିଜି ଥଣ୍ଡାରେ କଷ୍ଟ ପାଉଥିବାରୁ ରାତ୍ରିଟି ତାଙ୍କ ଘରେ ବିଶ୍ରାମ ନେବାକୁ ଚାହୁଁଥିଲେ ।''

''ଜଣେ ଧର୍ମପ୍ରାଣା ମହିଳା ହୋଇଥିବାରୁ ଦେବଗିରି ଆମ୍ମା ସେହି ବ୍ୟକ୍ତିଙ୍କୁ ଘର ବାରଣ୍ଡାରେ ବିଶ୍ରାମ ନେବାକୁ ଅନୁମତି ଦେଇଥିଲେ ଏବଂ ଭିତର ପଟୁ ଦରଜା ବନ୍ଦକରି ସେ ଶୋଇବାକୁ ଚାଲିଗଲେ । କିଛି ସମୟ ପରେ ପୁଣି ଭିତର ଦରଜାରେ କରାଘାତ ଶୁଭିଲା ଏବଂ ଦେବଗିରି ଆମ୍ମା ଦରଜା ଖୋଲିଲେ । ସେହି ବୃଦ୍ଧ ବ୍ୟକ୍ତି କହିଥିଲେ 'ମୁଁ ଅତ୍ୟନ୍ତ କ୍ଷୁଧାର୍ତ୍ତ । ମୋତେ କିଛି ଖାଦ୍ୟ ଦିଅ ।' ଘରେ କିଛି ଖାଦ୍ୟ ନ ଥିବାରୁ ଦେବଗିରି ଆମ୍ମା ଦହି ସହିତ କିଛି ଗହମ ଚୂନା ତାଙ୍କୁ ଦେଇଥିଲେ । ଭିତର ଦରଜା ବନ୍ଦକରି ସେ ଶଯ୍ୟା ଗ୍ରହଣ କରିବା ପରେ ପରେ ପୁଣି ଦରଜାରେ କରାଘାତ ଶବ୍ଦ ଶୁଭିଲା । ଏଥର ସେହି ବୃଦ୍ଧ ବ୍ୟକ୍ତି କହିଥିଲେ 'ମୋ ଗୋଡ଼ ଭୀଷଣ ବିନ୍ଧୁଛି । ମା, ତୁମେ ଟିକେ ମୋ ଗୋଡ଼ ଘସି ଦେବକି ? ଦେବଗିରି ଆମ୍ମା ପାର୍ବତୀଙ୍କୁ ପ୍ରାର୍ଥନା କରି କହିଥିଲେ – 'ହେ ଦିବ୍ୟମାତା ! କାହିଁକି ତୁମେ ମୋତେ ଏ ପରୀକ୍ଷାରେ ପକାଇଲ ? ମୁଁ ଏବେ କଣ କରିବି ? ମୁଁ ସେହି ବୃଦ୍ଧଙ୍କର ସେବା କରିବି ନା ମନା କରିଦେବି ?' ତା ପରେ ସେ ପଛ ଦରଜା ଦେଇ ଘର ବାହାରକୁ ଗଲେ ଏବଂ ଏହି ସେବା କରିବା ପାଇଁ ଜଣେ ଲୋକର ସନ୍ଧାନ ନେବାକୁ ଲାଗିଲେ । ଏଭଳି ସେବା କରିବା ପାଇଁ କୌଣସି ଲୋକ ମିଳିଲେ ନାହିଁ ଏବଂ ସେ ଦୁଃଖଭରା ହୃଦୟରେ ଫେରି ଆସିଲେ ।''

''ଠିକ୍ ଏହି ସମୟରେ ଜଣେ ସ୍ତ୍ରୀଲୋକ ପଛପଟ ଦରଜାରେ କରାଘାତ କଲେ ଏବଂ କହିଥିଲେ 'ଶୁଣିଲି ତୁମେ ମୋ ଘରକୁ ଆସିଥିଲ ଏବଂ ମୁଁ ନ ଥିବା ଅବସ୍ଥାରେ ମୋ ଠାରୁ କିଛି ସାହାଯ୍ୟ ଚାହିଁଥିଲ । ଦୟାକରି ମୋତେ କୁହ ମୁଁ ତୁମର କି ପ୍ରକାର ସେବା କରିପାରିବି ?' ଏଥିରେ ସେ ଅତ୍ୟନ୍ତ ଖୁସି ଓ ଉଲ୍ଲସିତ ହୋଇଥିଲେ । ଦେବୀ ପାର୍ବତୀ ନିଜେ ଏଭଳି ଜଣେ ସ୍ତ୍ରୀଲୋକକୁ ପଠାଇ ତାଙ୍କ ପ୍ରାର୍ଥନା ଶୁଣିଛନ୍ତି ବୋଲି ଦେବଗିରି ଆମ୍ମା ଅନୁଭବ କଲେ, ସେ ସେହି ନବାଗତା ସ୍ତ୍ରୀ ଲୋକଟିକୁ ବାରଣ୍ଡାରେ ଶୋଇଥିବା ବୃଦ୍ଧଙ୍କର ବିନ୍ଧୁଥିବା ଗୋଡ଼ ଘସି ଦେବାକୁ ପଠାଇ ନିଜେ ଶୟନ କକ୍ଷକୁ ଚାଲିଗଲେ । ପ୍ରକୃତରେ ସେ ଦୁହେଁ (ବୃଦ୍ଧ ଓ ନବାଗତା ସ୍ତ୍ରୀଲୋକ) ପରମେଶ୍ୱର ଶିବ ଓ ପାର୍ବତୀଙ୍କ ଛଡ଼ା ଅନ୍ୟ କେହି ନଥିଲେ । ପାର୍ବତୀ ଶିବଙ୍କୁ ଅନୁରୋଧ କରିଥିଲେ 'ଆପଣ ହେଉଛନ୍ତି ପରମେଶ୍ୱର । ଏହି ମହିଳା ଭକ୍ତଙ୍କର ଦୀର୍ଘଦିନର କାମନାକୁ ପୂରଣ କରନ୍ତୁ । ଦୟାକରି ଆପଣ ନିଜେ ତାପ୍ରତି କୃପା ପ୍ରଦାନ କରନ୍ତୁ ।' ଈଶ୍ୱର କହିଥିଲେ 'ମୁଁ ତାଙ୍କୁ ପରୀକ୍ଷା କରିବାକୁ ଆସିଥିଲି । ତୁମେ ତାଙ୍କ ପ୍ରାର୍ଥନା ଶୁଣି ଆସିଛ । ତେଣୁ ତୁମେ ତାଙ୍କୁ ଆଶୀର୍ବାଦ କର ।''

''ଦେବଗିରି ଆମ୍ମା ନବାଗତା ସ୍ତ୍ରୀଲୋକଟିକୁ ବୃଦ୍ଧଙ୍କର ଗୋଡ଼ ଘସିଦେବାକୁ ପଠାଇ ଦେଇ ଭିତର ଦରଜା ବନ୍ଦ କଲେ । କିଛି ସମୟ ପରେ ଦରଜାରେ ପୁଣି କରାଘାତ ଶବ୍ଦ ଶୁଣାଗଲା । ଅନ୍ୟଜଣେ ସ୍ତ୍ରୀଲୋକ ଥିବାରୁ ଏଥର ଦେବଗିରି ଆମ୍ମା ନିର୍ଭୟରେ ତତ୍‌କ୍ଷଣାତ୍ ଦରଜା ଖୋଲି ଦେଲେ । ଦରଜା ବାହାରେ ଶିବ ପାର୍ବତୀ ନିଜର ଦିବ୍ୟ ରୂପରେ ଆତ୍ମ ପ୍ରକଟନ କରିଛନ୍ତି । ଦେବଗିରି ଆମ୍ମା ନିଜର ଆନନ୍ଦକୁ ସମ୍ୱରଣ କରିପାରି ନଥିଲେ । ସେ ଆନନ୍ଦରେ ବିଭୋର ହୋଇ ଶିବ ପାର୍ବତୀଙ୍କ ପାଦତଳେ ଲୋଟି ପଡ଼ିଲେ । ପାର୍ବତୀ ସେତେବେଳେ କହିଥିଲେ 'ମୁଁ ତୁମକୁ ତୁମର ବଂଶରକ୍ଷା ପାଇଁ ଗୋଟିଏ ପୁତ୍ର ଓ ଗୋଟିଏ କନ୍ୟା ପାଇଁ ବର ପ୍ରଦାନ କରୁଛି ।' ଈଶ୍ୱର କହିଥିଲେ 'ମୁଁ ତୁମର ଭକ୍ତିରେ ଅତ୍ୟନ୍ତ ପ୍ରୀତ । ମୁଁ ତୁମର ତୃତୀୟ ସନ୍ତାନ ଭାବରେ ଜନ୍ମଗ୍ରହଣ କରିବି ।' ଦେବଗିରି ଆମ୍ମା ଭୂମି ଉପରୁ ଉଠିଲା ବେଳକୁ ସେହି ଦିବ୍ୟ ଦଂପତ୍ତି କେଉଁଆଡ଼େ ଅଦୃଶ୍ୟ ହୋଇ ଯାଇଥିଲେ । ଏହି ଘଟଣାରେ ଦେବଗିରି ଆମ୍ମା ଅତ୍ୟନ୍ତ ଉଲ୍ଲସିତ ହୋଇ ପଡ଼ିଥିଲେ ଏବଂ ସକାଳେ ସ୍ୱାମୀ ଫେରିବା ପରେ ନିଜର ଅଭିଜ୍ଞତା ଜଣାଇବା ପାଇଁ ଆଗ୍ରହର ସହିତ ଅପେକ୍ଷା କରି ରହିଥିଲେ ।''

''ସକାଳେ ଯେତେବେଳେ ସ୍ୱାମୀ ଫେରିଲେ ଯାହାସବୁ ରାତିରେ ଘଟିଥିଲା ତାଙ୍କୁ ଜଣାଇଥିଲେ । ଏସବୁ ଶୁଣି ସ୍ୱାମୀ କହିଥିଲେ 'ସତରେ ଏସବୁ କି ଅଦ୍ଭୁତ କାହାଣୀ ? ଏସବୁ ତୁମେ ନିଶ୍ଚୟ ସ୍ୱପ୍ନରେ ଦେଖିଛ । ଶିବ ପାର୍ବତୀ ତୁମ ସମ୍ମୁଖରେ ଆବିର୍ଭୂତ

ହୋଇ ତୁମକୁ ସତରେ ଦର୍ଶନ ଦେଲେ ? ଏହା ସଂପୂର୍ଣ୍ଣ କାଳ୍ପନିକ ।' ଏତକ କହି ଗଙ୍ଗା ଭବଦିଆ ଘଟଣାଟି ଗ୍ରହଣୀୟ ଓ ବିଶ୍ୱାସଯୋଗ୍ୟ ହୋଇ ନଥିବାରୁ ସଂପୂର୍ଣ୍ଣଭାବରେ ଏଡ଼ାଇ ଦେଲେ ।''

''ବର୍ଷ ବର୍ଷ ବିତିଯିବା ପରେ ଦେବଗିରି ଆମ୍ମା ଗର୍ଭବତୀ ହେଲେ ଏବଂ ଗୋଟିଏ ପୁତ୍ର ସନ୍ତାନକୁ ଜନ୍ମ ଦେଲେ । ବର୍ଷକ ପରେ କନ୍ୟା ସନ୍ତାନଟିଏ ମଧ୍ୟ ଜନ୍ମ ହୋଇଥିଲା । ଗଙ୍ଗା ଭବଦିଆ ବିଶ୍ୱାସ କରିବାକୁ ଲାଗିଲେ ଯେ ଦୁଇଟି ସନ୍ତାନ ଲାଭ କରିବା ନିଶ୍ଚୟ ଦେବୀ ପାର୍ବତୀ ଓ ପରମେଶ୍ୱରଙ୍କ ବରଦାନ ଯୋଗୁ ସମ୍ଭବ ହୋଇଛି । କିନ୍ତୁ ସେ ନିରାଶ ହୋଇ ପଡ଼ିଥିଲେ ଏବଂ ପତ୍ନୀଙ୍କ ନିକଟରେ ଅଭିଯୋଗ କରିଥିଲେ 'ତୁମର ସୌଭାଗ୍ୟ ତୁମେ ଆଶୀର୍ବାଦ ପାଇଲ କିନ୍ତୁ ଏ ସୌଭାଗ୍ୟ ମୋତେ ମିଳିଲା ନାହିଁ ।''

''ଯେତେବେଳେ ଦେବଗିରି ଆମ୍ମା ପୁନର୍ବାର ଗର୍ଭବତୀ ହେଲେ, ଗଙ୍ଗା ଭବଦିଆ ଘର ସଂସାର ତ୍ୟାଗ କରି ଦେବ ଦମ୍ପତ୍ତି (ଶିବ-ପାର୍ବତୀ)ଙ୍କ ସନ୍ଧାନରେ ଯିବା ଉଚିତ ବୋଲି ଅନୁଭବ କଲେ । ସେ ତାଙ୍କ ପତ୍ନୀଙ୍କ ନିକଟରେ ଘୋଷଣା କଲେ ଯେ ସେ ଗୃହତ୍ୟାଗ କରି ଜଙ୍ଗଲରେ ଧ୍ୟାନ କରିବେ । ସ୍ୱାମୀଙ୍କ ପ୍ରତି ତାଙ୍କର ଅନୁରକ୍ତି ଓ ଭକ୍ତି ଯୋଗୁ ଦେବଗିରି ଆମ୍ମା ସ୍ୱାମୀଙ୍କର ଅନୁଧାବନ କଲେ । ସେତେବେଳେ ତାଙ୍କର ଗର୍ଭଧାରଣ (ତୃତୀୟ)ର ନବମ ମାସ ଚାଲିଥିଲା । କିଛିବାଟ ସ୍ୱାମୀଙ୍କୁ ଅନୁସରଣ କରି ଯିବା ପରେ ସେ ପ୍ରସବ ବେଦନା ଅନୁଭବ କଲେ ଏବଂ ଜଙ୍ଗଲ ମଧ୍ୟରେ ଗୋଟିଏ ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲେ । ଖଣ୍ଡେ କନାରେ ପିଲାଟିକୁ ଗୁଡ଼ାଇ ଦେଇ ରାସ୍ତାକଡ଼ରେ ରଖିଦେଇ ପୁଣି ସେ ସ୍ୱାମୀଙ୍କର ଅନୁଧାବନ କଲେ । ଜଣେ ଫକୀର ସେହି ପିଲାଟିକୁ ପାଇଥିଲେ ଏବଂ ପିଲାଟିକୁ ଘରକୁ ନେଇ ନିଜର ସନ୍ତାନଭଳି ତାର ଯତ୍ନ ନେବାକୁ ଲାଗିଲେ । ଏହି କାରଣରୁ ପିଲାଟିର ପିତାମାତାଙ୍କୁ କେହି ଜାଣିପାରି ନଥିଲେ ।''

''ଶିରିଡ଼ି ସାଇ ବାବା ଯୁବକ ଅବସ୍ଥାରେ ଶିରିଡ଼ିରେ ପହଞ୍ଚିବା ପରଠାରୁ ତାଙ୍କ ଜୀବନୀ ଜଣାଥିଲା । ସେ ଭଗବାନ ଶିବଙ୍କର ଅବତାର ଏବଂ ଶିରିଡ଼ିଠାରେ ୮୨ ବର୍ଷ ଅତିବାହିତ କରିଥିଲେ । ଜୀବନର ଶେଷବେଳକୁ କହିଥିଲେ 'ମୁଁ ପୁଣି ଆସିବି ଏବଂ ତୁମକୁ ସବୁ ଦର୍ଶନ ଦେବି ।' ଅବଦୁଲ ପଚାରିଥିଲେ 'ଆପଣ କେବେ ଆସିବେ ?' ବାବା କହିଥିଲେ 'ଠିକ୍ ଆଠବର୍ଷ ପରେ' ।''

''ସାଇ ପ୍ରଥମେ ମହାରାଷ୍ଟ୍ରରେ ଅବତାର ଗ୍ରହଣ କଲେ । ଦ୍ୱିତୀୟଥର ପାଇଁ ସେ ମାଡ୍ରାସ ପ୍ରେସିଡ଼େନ୍ସିରେ ଅବତରଣ କରିବେ ବୋଲି କହିଥିଲେ । ମନେରଖ ସତ୍ୟସାଇ ଭାବରେ ତାଙ୍କର ବର୍ତ୍ତମାନର ସ୍ୱରୂପ ଆନ୍ଧ୍ରପ୍ରଦେଶରେ ଅବତରଣ କରିଛି ଏବଂ ଆନ୍ଧ୍ରପ୍ରଦେଶ ମାଡ୍ରାସ ପ୍ରେସିଡ଼େନ୍ସିର ଅଂଶବିଶେଷ ଥିଲା ।''

''ସେ କେଉଁ ରୂପରେ ଅବତରଣ କରିବେ ବୋଲି ଅବ୍‌ଦୁଲ ଯେତେବେଳେ ଶିରିଡ଼ି ସାଇଙ୍କୁ ପ୍ରଶ୍ନ କଲେ ଶିରିଡ଼ି ସାଇ କେବଳ ଅବଦୁଲ୍‌କୁ କହିଥିଲେ 'ମୁଁ ସତ୍ୟର ଅଭ୍ୟୁତ୍ଥାନ ପାଇଁ ସତ୍ୟ ନାମରେ ଦର୍ଶନ ଦେବି ।' ସେହି ସତ୍ୟ ହିଁ ବର୍ତ୍ତମାନର ଅବତାର ।''

''ଶିରିଡ଼ି ସାଇ ଓ ସତ୍ୟସାଇଙ୍କର ଶରୀର ଭିନ୍ନ ଭିନ୍ନ ହୋଇଥିଲେ ମଧ୍ୟ ଦୈବତ୍ୱ ଏକ । ପ୍ରଥମ ଅବତାର (ଶିରିଡ଼ି ସାଇ) ଦୈବତ୍ୱର ପ୍ରକଟନ କରିଥିଲେ । ଦ୍ୱିତୀୟ ଅବତାର (ସତ୍ୟସାଇ) ମାନବ ସମାଜର ଦୈବତ୍ୱ ଉନ୍ମିଳନ ପାଇଁ ଆସିଛନ୍ତି । ତୃତୀୟ ଅବତାର ଦୈବତ୍ୱର ପ୍ରସାର ପାଇଁ ଆସିବେ । ଏହି ତିନି ସାଇ ହେଲେ ଶିରିଡ଼ିସାଇ , ସତ୍ୟସାଇ, ପ୍ରେମସାଇ ।''

ଭଗବାନ ସବୁବେଳେ ଏକ ଶରୀର ଗ୍ରହଣ କରି ଆସିଥାନ୍ତି କାରଣ ଶରୀର ବିହୀନ (ନିରାକାର) ଭଗବାନଙ୍କୁ ବିଶ୍ୱାସ କରିବା କଷ୍ଟକର । ମାନବ ରୂପରେ ଭଗବାନଙ୍କର ଅବତରଣ ନିରାକାର ପରମବ୍ରହ୍ମଙ୍କୁ ଚିହ୍ନିବାରେ ସାହାଯ୍ୟ କରିଥାଏ ।

ଦଶମ ଅଧ୍ୟାୟରେ କୁହାଯାଇଛି ଶିରିଡ଼ି ସାଇବାବା ତାଙ୍କର ପରମ ଭକ୍ତ କାକା ସାହେବ ଦୀକ୍ଷିତଙ୍କୁ କହିଥିଲେ ଯେ ଆଠବର୍ଷ ପରେ (୧୯୨୬)ରେ ସେ ଫେରିବେ (ପୁନର୍ଜନ୍ମ ଲାଭ କରିବେ) । ସେହି ଦୃଷ୍ଟିରୁ ୧୯୧୮ ମସିହାରେ ମହାସମାଧି ନେଇଥିବାରୁ ସେ ପୁଣି ଆଠବର୍ଷ ପରେ ଅର୍ଥାତ୍ ୧୯୨୬ ରେ ପୁନର୍ଜନ୍ମ ଲାଭ କରିବେ । କିନ୍ତୁ କାକା ସାହେବ ଦୀକ୍ଷିତ ଆଠବର୍ଷର ବାଳକ ଭାବରେ ବାବା ଦେଖା ଦେବେ ବୋଲି ଲେଖି ରଖିଥିଲେ । ୧୯୬୦ ଦଶକର ମଧ୍ୟଭାଗରେ ପରମପ୍ରିୟ ସ୍ୱାମୀ କାକା ସାହେବ ଦୀକ୍ଷିତଙ୍କ ପୁତୁରା ମାଧବ ଦୀକ୍ଷିତଙ୍କୁ ଏହି ଭୁଲ୍‌କୁ ଦର୍ଶାଇ ଦେଇଥିଲେ ।

❑❑

ଅଧ୍ୟାୟ - ୧୮

ସ୍ୱାମୀ କ୍ରିଷ୍ଣଦାସ ବାବାଙ୍କ ସଂପର୍କରେ ଏକ ମହାନ ଅଭିଜ୍ଞତା

ସ୍ୱାମୀ କ୍ରିଷ୍ଣଦାସ ବାବା ହିମାଳୟରେ ଦୀର୍ଘଦିନ ଧରି ଭଗବାନ ବିଷ୍ଣୁଙ୍କୁ ଧ୍ୟାନ କରୁଥିଲେ । ଯେତେବେଳେ ତାଙ୍କ ଧ୍ୟାନ ସଂପୂର୍ଣ୍ଣ ହେଲା ସେ ଏକ ଦୈବୀ ବାଣୀ ଶୁଣିବାକୁ ପାଇଥିଲେ – ''ବିଷ୍ଣୁ ମାନବ ରୂପରେ ଅବତରଣ କରିଛନ୍ତି ଏବଂ ସେ ଆନ୍ଧ୍ରପ୍ରଦେଶର ପୁଟ୍ଟାପର୍ତ୍ତିରେ ଅବସ୍ଥାନ କରୁଛନ୍ତି । ଯେତେ ଶୀଘ୍ର ସମ୍ଭବ ସେଠାକୁ ଆସ ।''

ସ୍ୱାମୀ କ୍ରିଷ୍ଣଦାସ ବାବା ଉଲ୍ଲସିତ ହୋଇଥିଲେ ଏବଂ ତାଙ୍କ ଆନନ୍ଦର ସୀମା ନ ଥିଲା । କୌଣସି ବସ୍ତ୍ର ପରିଧାନ କରୁ ନଥିବାରୁ ସେ ପୁଟ୍ଟାପର୍ତ୍ତି ଯାତ୍ରା ପାଇଁ କୌଣସି ପ୍ରକାର ତାଙ୍କ କଟିଦେଶକୁ ଘୋଡ଼ାଇ ରଖିଥିଲେ । ପୁଟ୍ଟାପର୍ତ୍ତି ଉଦ୍ଦେଶ୍ୟରେ ସେ ଯାତ୍ରା ଆରମ୍ଭ କଲେ । ସେ ପ୍ରଶାନ୍ତି ନିଳୟମରେ ପହଞ୍ଚିବା ମାତ୍ରେ ପରମପ୍ରିୟ ସ୍ୱାମୀ ମନ୍ଦିର ଭିତରୁ ବାହାରକୁ ଆସିଲେ ଏବଂ କହିଥିଲେ ''ତୁମେ ତାହା ହେଲେ ଆସିଗଲ ?'' ସେ ଉତ୍ତର ଦେଲେ ''ହଁ ପ୍ରଭୁ, ଆପଣ କଣ ମୋତେ ମୋକ୍ଷ ପ୍ରଦାନ କରିବାକୁ ଡାକିଛନ୍ତି ?'' ପରମପ୍ରିୟ ସ୍ୱାମୀ ତାଙ୍କ ପ୍ରଶ୍ନର ଉତ୍ତର ଦେଇ କହିଥିଲେ ''ମୋକ୍ଷପ୍ରାପ୍ତି ପୂର୍ବରୁ ତୁମକୁ ନିମ୍ନ ପ୍ରକାରେ ମାନବ ସମାଜର ସେବା କରିବାକୁ ପଡ଼ିବ । ତୁମେ ବମ୍ବେର କୌଣସି ମନ୍ଦିରରେ ଯାଇ ରୁହ ଏବଂ ତୁମର ଧ୍ୟାନ ପୂର୍ବପରି ଚାଲୁ ରଖ । କିଛିଦିନ ପରେ ଜଣେ ଧନାଢ଼୍ୟ ବ୍ୟକ୍ତି ଆସି ତୁମେ ଏକ ମନ୍ଦିରରେ ପୂଜାରୀ କାର୍ଯ୍ୟ କରିବ କି ବୋଲି ପଚାରିବେ । ତୁମେ ତାଙ୍କୁ ଦୁଇଟି ପ୍ରଶ୍ନ କରିବ । ସେ ମନ୍ଦିରର ଆରାଧ୍ୟ ଦେବତା କିଏ ? ଏବଂ ସେ ମନ୍ଦିର କେଉଁଠାରେ ଅବସ୍ଥିତ ? ତୁମେ ତାଙ୍କଠାରୁ ନିମ୍ନ ପ୍ରକାରେ ଉତ୍ତର ପାଇବ – 'ଏହା ହେଉଛି ଗୁରୁ ଦତ୍ତାତ୍ରେୟଙ୍କ ମନ୍ଦିର ଏବଂ ଏହା ମହାରାଷ୍ଟ୍ର ରାଜ୍ୟର ରେଭେଡ଼ାଣ୍ଡା ଜିଲାର ଚାଉଲଠାରେ ଅବସ୍ଥିତ । ଏହି ମନ୍ଦିର ଏକ ପାହାଡ଼ର ଶୀର୍ଷ ଦେଶରେ ଅବସ୍ଥିତ ଏବଂ ହାରାହାରି ୫୦୦ ପାହାଚ ଦେଇ ଆରୋହଣ କରିବାକୁ ପଡ଼ିବ' ।''

''ତୁମେ ଥରେ ପୂଜାରୀ ଭାବରେ ଯୋଗ ଦେଇ ମନ୍ଦିରରେ ରହିଲେ ଆଉ ତଳକୁ ଆସିବାକୁ ପଡ଼ିବ ନାହିଁ । ସ୍ୱାମୀ ତୁମକୁ ଖାଦ୍ୟ ଓ ବିଭୂତି ଯୋଗାଇବେ । ଏହି ଦିବ୍ୟ ବିଭୂତିକୁ ମନ୍ଦିରକୁ ଆସୁଥିବା ସମସ୍ତଙ୍କୁ ଦିଅ । ଏହା ସେମାନଙ୍କୁ ଯଥେଷ୍ଟ ଆଶୀର୍ବାଦ ପ୍ରଦାନ କରିବ । ଏହି ଉପାୟରେ ତୁମେ ମୋକ୍ଷପ୍ରାପ୍ତି ପୂର୍ବରୁ ଚାଉଲର ଚତୁଃପାର୍ଶ୍ୱରେ ଥିବା ଗ୍ରାମମାନଙ୍କରେ ବାସ କରୁଥିବା ବହୁ ଲୋକଙ୍କର କେତେବର୍ଷ ଧରି ସେବା କରିବ । ଏଥିପାଇଁ ସ୍ୱାମୀ ତୁମକୁ ବାଛିଛନ୍ତି । ଯଦି ତୁମର କିଛି ପ୍ରଶ୍ନ ରହିଥାଏ ତେବେ ଧ୍ୟାନ ମାଧ୍ୟମରେ ମୋତେ ପଚାର । ସେ ସବୁର ସନ୍ତୋଷଜନକ ଉତ୍ତର ପାଇବ । ଯଦି ସ୍ୱାମୀଙ୍କର ତୁମକୁ କିଛି ବାର୍ତ୍ତା ଦେବାର ଥାଏ ତେବେ ତୁମେ ତାହା ତୁମର ଧ୍ୟାନ ସମୟରେ ପାଇବ ।''

ଦିନେ ଯେତେବେଳେ ମିଷ୍ଟର ଲକ୍ଷ୍ମଣ ଦାସ ଭାଟିଆ ଓ 'ଏହି ଦାସ' ବୟେର ସହରତଳି ଅଞ୍ଚଳରେ ସତ୍ୟସାଇ ବାବାଙ୍କର ଦିବ୍ୟ ବାର୍ତ୍ତା ଲୋକମାନଙ୍କୁ ଶୁଣାଉଥିଲେ ସେତେବେଳେ ଜଣେ ଭକ୍ତ ଆମକୁ ପ୍ରଶ୍ନ କରିଥିଲେ ''ଆପଣମାନେ ସ୍ୱାମୀ କ୍ରିଷ୍ଣଦାସ ବାବାଙ୍କ ସଂପର୍କରେ କିଛି ଜାଣିଛନ୍ତି କି ?'' ଆମେ ଉତ୍ତର ଦେଲୁ ''ତାଙ୍କ ସଂପର୍କରେ ଆମେ କେବେହେଲେ କିଛି ଶୁଣିନାହୁଁ ?'' କେତେକ ଭକ୍ତ ସେତେବେଳେ ଆମକୁ ତାଙ୍କ ସଂପର୍କରେ କେତେକ ଅବିଶ୍ୱାସଯୋଗ୍ୟ କାହାଣୀ ଶୁଣାଇଥିଲେ ଏବଂ ଆମେ ଯେତେବେଳେ ଅଧିକ ଆଗ୍ରହ ପ୍ରକାଶ କଲୁ ସେମାନେ ଆମକୁ ସ୍ୱାମୀ କ୍ରିଷ୍ଣଦାସ ବାବାଙ୍କ ନିକଟକୁ ନେବାପାଇଁ ରାଜି ହୋଇଯାଇଥିଲେ ।

ଯେତେବେଳେ ଆମେ କୌଣସି ମହାନ୍ ସନ୍ଥଙ୍କ ସଂପର୍କରେ ଆସୁ ଆମେ ଏହାକୁ ଭଗବାନଙ୍କର ଦିବ୍ୟ ଆଶୀର୍ବାଦ ବୋଲି ମନେ କରିବା ଉଚିତ । ଶିରିଡ଼ି ସାଇ ବାବା ଓ ସତ୍ୟସାଇ ବାବା ଉଭୟ କହିଛନ୍ତି ''ସାଧୁସନ୍ଥମାନେ ଆମର ପ୍ରାଣ ଏବଂ ସେମାନେ ମାନବର ପରିବର୍ତ୍ତନ (ରୂପାନ୍ତର) ପାଇଁ ବହୁ ମାନବିକ କାର୍ଯ୍ୟ କରିଥାନ୍ତି ।'' ଏହିପରି ଭାବରେ ପରମପ୍ରିୟ ସ୍ୱାମୀଙ୍କ ସଂକଳ୍ପ ଓ କୃପା ଯୋଗୁ 'ଏହି ଦାସ' ସ୍ୱାମୀ କ୍ରିଷ୍ଣଦାସ ବାବାଙ୍କ ସଂପର୍କରେ ଆସିପାରିଥିଲା । ସ୍ୱାମୀ କ୍ରିଷ୍ଣଦାସ ବାବା ମଧ୍ୟ ପରମପ୍ରିୟ ସ୍ୱାମୀଙ୍କର ଆଶୀର୍ବାଦ ଲାଭ କରିଥିଲେ ।

ମହାରାଷ୍ଟ୍ର ରାଜ୍ୟର ରେଭେଡ଼ାଣ୍ଡା ଜିଲାର ଚାଉଲ ଗ୍ରାମରେ ପହଞ୍ଚିବା ପାଇଁ ଆମକୁ ପାଞ୍ଚ ଘଣ୍ଟା ସମୟ ଲାଗିଥିଲା । ପ୍ରାୟ ଦୁଇବର୍ଷ ହେଲା ସ୍ୱାମୀ କ୍ରିଷ୍ଣଦାସ ବାବା ପାହାଚ ତଳକୁ ଆସି ନଥିଲେ । କିନ୍ତୁ ଆମର ସୌଭାଗ୍ୟ ଆମେ ମାତ୍ର କେତୋଟି ପାହାଚ ଆରୋହଣ କରି ଦେଖିଲୁ ସ୍ୱାମୀ କ୍ରିଷ୍ଣଦାସ ବାବା ଅତି ବ୍ୟସ୍ତ ହୋଇ ତଳକୁ

ଆମ ଆଡ଼କୁ ଓହ୍ଲାଇ ଆସୁଛନ୍ତି । ସେ ଆମକୁ ପଚାରିଲେ "ଗଡ଼ିଆ କିଏ ?" ଜଣେ ଭକ୍ତ ମୋ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଥିଲେ "ସେ ଏଇଠି ଅଛନ୍ତି ।"

ତାପରେ ସ୍ୱାମୀ କ୍ରିଷ୍ଣଦାସ କହିଥିଲେ ଯେ ଧ୍ୟାନରେ ସେ ପରମପ୍ରିୟ ସ୍ୱାମୀଙ୍କଠାରୁ ବାର୍ତ୍ତା ପାଇଛନ୍ତି । ସେ କହିଥିଲେ "ବାବା ମୋତେ ତଳକୁ ଆସିବାକୁ ଏବଂ ଗଡ଼ିଆଙ୍କୁ ସ୍ୱାଗତ ଜଣାଇବାକୁ କହିଛନ୍ତି, ପାହାଡ଼ର ପାଦଦେଶରେ ଏକ କାର୍ଯ୍ୟକ୍ରମ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି ।" ଏକଥା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । 'ଏହି ଦାସ' ସେତେବେଳେ ପ୍ରାର୍ଥନା ଜଣାଇଥିଲା । "ହେ ମୋର ପରମପ୍ରିୟ ବାବା ! ଏ ସବୁ କିଛି ପାଇଁ ମୋର ଧନ୍ୟବାଦ ଗ୍ରହଣ କରନ୍ତୁ । ଆପଣ ଏତେ ଦୟାବାନ ଓ କରୁଣାମୟ ଯେ ଆମ ସମସ୍ତଙ୍କୁ ଆଶୀର୍ବାଦ କରିଛନ୍ତି ଏବଂ ସ୍ୱାମୀ କ୍ରିଷ୍ଣଦାସ ବାବାଙ୍କ ଭଳି ଜଣେ ଜ୍ଞାନୋଦୀପ୍ତ ଆତ୍ମା ସହିତ ସଂପର୍କ ରଖିବା ପାଇଁ ସୁଯୋଗ ଦେଇଛନ୍ତି ।"

ଆମେ ପାହାଡ଼ର ପାଦଦେଶରେ ଯେଉଁ କାର୍ଯ୍ୟକ୍ରମ କରିବା କଥା ସେ ସଂପର୍କରେ ଖବର ଖୁବ୍ ଶୀଘ୍ର ପ୍ରଚାର ହୋଇଗଲା । ପ୍ରାୟ ଅଧଘଣ୍ଟା ଭିତରେ ୫୦୦ ଲୋକ ପରମପ୍ରିୟ ସ୍ୱାମୀଙ୍କ ଦିବ୍ୟ ସନ୍ଦେଶ ଶୁଣିବା ପାଇଁ ଦଳଦଳ ହୋଇ ଜମା ହୋଇଗଲେ । 'ଏହି ଦାସ'ର ବକ୍ତବ୍ୟରୁ କାର୍ଯ୍ୟକ୍ରମଟି ଆରମ୍ଭ ହେଲା । ସେଠାରେ 'ଏହି ଦାସ' କହିଥିଲା "ଭଗବାନ ଶ୍ରୀ ସତ୍ୟସାଇ ବାବା ସ୍ୱାମୀ କ୍ରିଷ୍ଣଦାସ ବାବାଙ୍କୁ ଚାଉଳ ପଠାଇ ଆପଣ ସମସ୍ତଙ୍କୁ ଭାଗ୍ୟଶାଳୀ କରିଛନ୍ତି । ତାଙ୍କର ଉପଦେଶ ପାଳନ କରନ୍ତୁ । ତଦ୍ଦ୍ୱାରା ଆପଣମାନଙ୍କର ଯଥେଷ୍ଟ ଉପକାର ହେବ ।" ସ୍ୱାମୀ କ୍ରିଷ୍ଣଦାସ କିଛି କହିବା ପାଇଁ ଚାହିଁଲେ ନାହିଁ । ତେଣୁ ଲକ୍ଷ୍ମଣ ଦାସ ଭାଟିଆ ତାଙ୍କର ୧୬ ମିଲିମିଟର ପ୍ରୋଜେକ୍ଟର ସାହାଯ୍ୟରେ ଏକ ବଡ଼ ପର୍ଦ୍ଦା ଉପରେ ଶ୍ରୀ ସତ୍ୟସାଇ ବାବାଙ୍କ ଉପରେ ଏକ ଚଳଚ୍ଚିତ୍ର ପ୍ରଦର୍ଶନ କରିଥିଲେ । ଏହି ପ୍ରୋଜେକ୍ଟରଟି ଆମେ ଆମ ସହିତ ଆଣିଥିଲୁ । ପ୍ରତ୍ୟେକ ଏଥିରେ ଯଥେଷ୍ଟ ଆନନ୍ଦ ଲାଭ କରିଥିଲେ ଏବଂ ଏହା ସେମାନଙ୍କ ପାଇଁ ଏକ ସ୍ମରଣୀୟ ଦିବସ ହୋଇ ରହିଗଲା ।

ଏହାପରେ ସ୍ୱାମୀ କ୍ରିଷ୍ଣଦାସ ବାବା ପାହାଡ଼ ଉପରକୁ ଯାଇ ତାଙ୍କ ସହିତ ତିନିଦିନ ରହିବାକୁ ପ୍ରତିଶ୍ରୁତି ଆଦାୟ କରି ନେଇଥିଲେ । ମନ୍ଦିର ପଛପଟେ ଗୋଟିଏ କୋଠରୀ ଥିଲା । କ୍ରିଷ୍ଣଦାସ ବାବା ସେହି କୋଠରୀର କାନ୍ଥରେ ଶିରିଡ଼ି ସାଇବାବା ଓ ସତ୍ୟସାଇ ବାବାଙ୍କ ଫଟୋ ଲଗାଇଥିଲେ । ସତ୍ୟସାଇ ବାବାଙ୍କ ଫଟୋ ତଳେ ଚଟାଣ ଉପରେ ଗୋଟିଏ ଅକ୍ଷୟ ବିଭୂତି ପାତ୍ର ରଖାଯାଇଥିଲା । ଏହି କୋଠରୀକୁ ପାର ହୋଇ ଆରପାଖକୁ ଯିବା ପାଇଁ କାହାରିକୁ ଅନୁମତି ଦିଆଯାଏ ନାହିଁ । ଆମେ ଜାଣିବାକୁ ପାଇଲୁ ଯେ

କୋଠରୀଟିର ପଛପଟରେ ଏକ ବାରଣ୍ଡା ରହିଛି ଏବଂ ସେଠାରୁ ମାଟିତଳେ ଥିବା ଏକ କୋଠରୀକୁ ଓହ୍ଲାଇ ଯିବା ପାଇଁ ପାହାଚ ରହିଛି । ଏହି ମାଟିତଳ କୋଠରୀରେ ସ୍ୱାମୀ କ୍ରିଷ୍ଣଦାସ ବାବା ଧ୍ୟାନ କରନ୍ତି । ଏଠାରେ ଦିନକୁ ଚାରିଥର ତାଙ୍କପାଇଁ ଖାଦ୍ୟ ମନକୁ ମନ ସୃଷ୍ଟି ହୋଇଥାଏ । ସକାଳ ସାତଟାରେ ଜଳଖିଆ, ଅପରାହ୍ନ ଗୋଟାଏ ସମୟରେ ମଧ୍ୟାହ୍ନ ଭୋଜନ, ଅପରାହ୍ନ ପାଞ୍ଚଟାରେ ଚା ଓ କିଛି ଲଘୁ ଖାଦ୍ୟ ଏବଂ ରାତ୍ର ସାତଟା ସମୟରେ ରାତ୍ର ଭୋଜନ ଏଠାରେ ସୃଷ୍ଟି ହୋଇଥାଏ । ଷ୍ଟେନ୍‌ଲେସ୍ ଷ୍ଟିଲ୍ ପାତ୍ରରେ ଏହି ଖାଦ୍ୟ ସବୁ ଆପେ ଆପେ ସୃଷ୍ଟି ହୋଇ ପରିବେଶିତ ହୋଇଥାଏ ।

ଚାଉଲର ଚତୁର୍ଦ୍ଦିଗରେ ଥିବା ପ୍ରାୟ ୪୦ଟି ଗାଁରୁ ଭକ୍ତମାନେ ଆସି ସ୍ୱାମୀ କ୍ରିଷ୍ଣଦାସ ବାବାଙ୍କୁ ଦେଖା କରି ପ୍ରଭୁ ଦତ୍ତାତ୍ରେୟଙ୍କର ଦର୍ଶନ କରନ୍ତି ଏବଂ ଅକ୍ଷୟ ବିଭୂତି ପାତ୍ରରୁ ବିଭୂତି ଗ୍ରହଣ କରି ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଦିବ୍ୟ ଆଶୀର୍ବାଦ ପ୍ରାପ୍ତ ହୋଇଥାନ୍ତି । କେବଳ ଗୁରୁବାରଦିନ ମନ୍ଦିର ଦର୍ଶନ ପାଇଁ ଅନୁମତି ମିଳିଥାଏ । ସେଦିନ ପାହାଚ ଆରୋହଣ କରି ଆସିଥିବା ପ୍ରାୟ ୫୦୦ ଭକ୍ତଙ୍କର ଏକ ଲମ୍ବାଧାଡ଼ି ଲାଗିରହିଥିବା ବେଳେ ଅନ୍ୟ ୫୦୦ ଭକ୍ତ ଦର୍ଶନ ସାରି ତଳକୁ ଓହ୍ଲାଇ ଯାଉଥାନ୍ତି । ଅକ୍ଷୟ ପାତ୍ରରୁ ଦିବ୍ୟ ବିଭୂତି ସବୁ ଭକ୍ତଙ୍କୁ ମିଳିଥାଏ । ଅନ୍ୟଦିନମାନଙ୍କରେ ସ୍ୱାମୀ କ୍ରିଷ୍ଣଦାସ ବାବା ଆଧ୍ୟାତ୍ମିକ ସାଧନାରେ ବ୍ୟସ୍ତ ରହନ୍ତି ଏବଂ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ନିର୍ଦ୍ଦେଶ ମତେ ଧ୍ୟାନ କରନ୍ତି ।

ପରମପ୍ରିୟ ସ୍ୱାମୀ 'ଏହି ଦାସ'କୁ ଯୁକ୍ତରାଜ୍ୟ ଏବଂ ଗୁଜୁରାଟର ଜାମନଗର ଠାରେ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ରଖି ଦେଇଥିଲେ । ତେଣୁ ତିନିବର୍ଷ ପରେ ଆଉଥରେ ଚାଉଲ ଯିବାପାଇଁ ସୁଯୋଗ ମିଳିଥିଲା । ଭଗବାନ ଶ୍ରୀ ସତ୍ୟସାଇବାବା ୧୯୬୭ ମସିହା ଜାନୁଆରୀ ଚଉଦ ତାରିଖ ଦିନ ପ୍ରଶାନ୍ତି ନିଳୟମରେ ନନ୍ଦାଙ୍କ ସହିତ ମୋର ବିବାହ ସଂପନ୍ନ କଲେ । ଏହା ପରେ ଆମେ ବମ୍ବେରେ ରହୁଥିଲୁ । ସେତେବେଳେ କେତେକ ଭକ୍ତ ଆମ ପାଖକୁ ଆସି ସ୍ୱାମୀ କ୍ରିଷ୍ଣଦାସ ବାବାଙ୍କ ବାର୍ତ୍ତା ଆମକୁ ଦେଇଥିଲେ । ସେ ଆମ ସଂପର୍କରେ ବହୁତ ଦିନ ଧରି ଖୋଜ ଖବର ନେଉଥିଲେ । ତେଣୁ ନନ୍ଦା, 'ଏହି ଦାସ' ଏବଂ ବମ୍ବେର ତିନିଜଣ ଭକ୍ତ ଚାଉଲ ଯିବା ପାଇଁ ସ୍ଥିର କରାଗଲା । ସେହି ଭକ୍ତ ତିନିଜଣ ଚାଉଲର ପାହାଡ଼ ପାଦଦେଶରେ ରହିଗଲେ ଏବଂ ନନ୍ଦା ଓ ମୁଁ ବହୁ କଷ୍ଟରେ ଧୀରେ ଧୀରେ ପାହାଚ ଚଢ଼ିଲୁ ।

ସ୍ୱାମୀ କ୍ରିଷ୍ଣଦାସ ବାବା ଆମକୁ ସ୍ୱାଗତ ଜଣାଇ କହିଥିଲେ "ମୁଁ ଦୀର୍ଘଦିନ ହେଲା ତୁମକୁ ଅପେକ୍ଷା କରୁଥିଲି । ବମ୍ବେରୁ ଆସୁଥିବା ଭକ୍ତମାନଙ୍କ ହାତରେ ଏଠାକୁ

ଆସିବା କଥା ତୁମକୁ ସ୍ମରଣ କରାଇ ଦେବାକୁ ମୁଁ କହିଥିଲି । କାରଣ ତୁମେ ଆସିବ ବୋଲି ଆଗରୁ ପ୍ରତିଶ୍ରୁତି ଦେଇଥିଲ ।''

ସ୍ୱାମୀ କ୍ରିଷ୍ଣଦାସ ବାବାଙ୍କୁ ଉତ୍ତର ଦେଇ ମୁଁ କହିଥିଲି ''ହଁ ସ୍ୱାମୀ, 'ଏହି ଦାସ' ଏଠାକୁ ଆସିବା ପାଇଁ ପ୍ରତିଶ୍ରୁତି ଦେଇଥିଲା । ମାତ୍ର ଶୀଘ୍ର ଆସିପାରିଲା ନାହିଁ । ବୋଧହୁଏ ଏବେ ମୋ ସ୍ତ୍ରୀ ନନ୍ଦାଙ୍କ ସହିତ ଏଠାକୁ ଆସିବା ଠିକ୍ ସମୟ ହେବ ବୋଲି ଭଗବାନ ଚିନ୍ତା କରିଥିଲେ । ଭଗବାନ ବାବା ଓ ଆପଣଙ୍କ ଦିବ୍ୟକୃପାରୁ ଆଜି ଆମେ ଦୁହେଁ ଏଠାକୁ ଆସିପାରିଥିବାରୁ ଖୁବ୍ ଖୁସି ହୋଇଛୁ ।''

ତା ପରେ ସେ ଦିବ୍ୟ ମଧ୍ୟାହ୍ନ ଭୋଜନ ପହଞ୍ଚିଛି କି ନାହିଁ (ସୃଷ୍ଟି ହେଲା କି ନାହିଁ) ଦେଖିବାକୁ ଧ୍ୟାନ କୋଠରୀକୁ ଗଲେ । ଆମେ ଆଶ୍ଚର୍ଯ୍ୟ ହେଲୁ ଯେ ତିନୋଟି ଦକ୍ଷିଣ ଭାରତୀୟ ମିଲ୍ ପ୍ରସ୍ତୁତ୍ ହୋଇ (ସୃଷ୍ଟି ହୋଇ) ରହିଛି । ସେଗୁଡ଼ିକ ଅତ୍ୟନ୍ତ ସୁସ୍ୱାଦୁ ଥିଲା କାରଣ ସେସବୁ ବୈକୁଣ୍ଠରୁ ହିଁ ଆସିଥିଲା ।

ପରଦିନ ଦକ୍ଷିଣ ଭାରତୀୟ ପ୍ରାତଃ ଭୋଜନ ପରେ ଏଣେତେଣେ ବୁଲି ସେଠାକାର ପ୍ରାକୃତିକ ଦୃଶ୍ୟ ଉପଭୋଗ କଲୁ । ତା ପରେ ସ୍ୱାମୀ କ୍ରିଷ୍ଣଦାସ ବାବା ଧ୍ୟାନ ସମୟରେ ପାଇଥିବା ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ବାର୍ତ୍ତା ଆମକୁ ଜଣାଇଲେ । ସେ ବାର୍ତ୍ତାଟି ଥିଲା ''ଗଡ଼ିଆକୁ କୁହ ସେ ସ୍ୱାମୀଙ୍କର ବାର୍ତ୍ତା ସମଗ୍ର ପୃଥିବୀରେ ପ୍ରସାର କରୁ ।'' ସ୍ୱାମୀ କ୍ରିଷ୍ଣଦାସ ବାବା ଆମକୁ ବାବାଙ୍କର ଏହି ଅତି ପବିତ୍ର ବାର୍ତ୍ତା ଜଣାଇଥିବାରୁ ଆମେ ତାଙ୍କୁ ଧନ୍ୟବାଦ ଜଣାଇଲୁ ଏବଂ ଆଶ୍ଚର୍ଯ୍ୟ ହେଲୁ ଯେ ଏହା କିପରି ସମ୍ଭବ ହେଲା ! ଯାହା ହେଉ ବାର୍ତ୍ତାଟି ସତ୍ୟ ହୋଇଥିବ ବୋଲି ଆମେ ଅନୁଭବ କଲୁ କାରଣ ଆମକୁ ଦିବ୍ୟ କୃପା ପ୍ରଦାନ କରିବା ପାଇଁ ପରମପ୍ରିୟ ସ୍ୱାମୀଙ୍କର ସଂକଳ୍ପ ଥିଲା । ଭଗବାନ 'ଏହି ଦାସ'କୁ ବକ୍ତୃତା ଦେବା ପାଇଁ ଦକ୍ଷତା ଏବଂ ତାଙ୍କ ମହିମା ଗାନ କରିବା ପାଇଁ ସୁଲଳିତ କଣ୍ଠ ପ୍ରଦାନ କରିଛନ୍ତି । ପରବର୍ତ୍ତୀ ବର୍ଷମାନଙ୍କରେ ପରମପ୍ରିୟ ସ୍ୱାମୀଙ୍କର ସଂକଳ୍ପ ଅନୁସାରେ ନନ୍ଦା ଓ 'ଏହି ଦାସ' ପାଇଁ ଯିବା ଆସିବା ଟିକେଟ ସହ ପୃଥିବୀର ବିଭିନ୍ନ ଦେଶରୁ ନିମନ୍ତ୍ରଣ ଆସିବାରେ ଲାଗିଲା । 'ଏହି ଦାସ' ବିଭିନ୍ନ ଦେଶରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲା । ଆମର ସମସ୍ତ ଆବଶ୍ୟକତା ଭଗବାନ ପୂରଣ କରିଥିଲେ ।

ପାହାଡ଼ର ଶୀର୍ଷ ଦେଶରେ ଗୁରୁ ଦତ୍ତାତ୍ରେୟଙ୍କର ମନ୍ଦିର ମଧ୍ୟରେ ସ୍ୱାମୀ କ୍ରିଷ୍ଣଦାସ ବାବାଙ୍କ ସହିତ ରହଣୀର ସୁନ୍ଦର ସ୍ମୃତି ବହନ କରି ଆମେ ବମ୍ବେ ଫେରି ଆସିଲୁ । ଏହିପରି ଆମେ ପରମପ୍ରିୟ ସ୍ୱାମୀଙ୍କର ସର୍ବଶକ୍ତିମତ୍ତା ସଂପର୍କରେ ଅଧିକ ଅଭିଜ୍ଞତା

ଅର୍ଚ୍ଚନ କରିଥିଲୁ । ଭଗବାନ ସାଇ ସମସ୍ତଙ୍କ ଉପରେ ତାଙ୍କର ଦିବ୍ୟ ଆଶୀଷ ଢାଳି ଦିଅନ୍ତୁ ଏହାହିଁ ପ୍ରାର୍ଥନା ।

ଗୁରୁ ଦତ୍ତାତ୍ରେୟ

ଗୁରୁ ଦତ୍ତାତ୍ରେୟ ହେଉଛନ୍ତି ଦିବ୍ୟ ତ୍ରିମୂର୍ତ୍ତି ଯଥା- ବ୍ରହ୍ମା (ସ୍ରଷ୍ଟା), ବିଷ୍ଣୁ (ରକ୍ଷାକର୍ତ୍ତା) ଏବଂ ମହେଶ୍ୱର (ଧ୍ୱଂସକର୍ତ୍ତା) । ମନ୍ଦିର ମଧ୍ୟରେ ରହିଥିବା ମୂର୍ତ୍ତିର ତିନୋଟି ମସ୍ତକ ରହିଛି । ସତ୍ୟସାଇ ବାବା ତ୍ରିମୂର୍ତ୍ତି ସଂପର୍କରେ କହିଛନ୍ତି ''ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କର କୌଣସି ସ୍ଥିତି ନାହିଁ । ଏହି ତ୍ରିମୂର୍ତ୍ତି ସୃଷ୍ଟି, ପାଳନ ଓ ବିଲୟର ପ୍ରତୀକାତ୍ମକ ପ୍ରକାଶନ । ପ୍ରତ୍ୟେକ ଲୋକ ତିନୋଟି ଗୁଣର ଅଧିକାରୀ । ସେ ଗୁଣ ଗୁଡ଼ିକ ହେଲା– ସତ୍ତ୍ୱ, ରଜ ଓ ତମ । ତ୍ରିମୂର୍ତ୍ତି ମଧ୍ୟ ମଣିଷର ଏହି ତିନିଗୁଣର ପ୍ରତୀକ । ଆମେ ଏହି ତିନିଗୁଣକୁ ଏକତ୍ର ଶିବଙ୍କୁ ଅର୍ପଣ କରିବା ଉଚିତ । ଶିବ କହିଲେ ତୁମେ କଣ ବୁଝ ? ଏହା ପବିତ୍ରତାର ଏକ ଅବସ୍ଥା । ତୁମେ ଏହି ତିନୋଟିକୁ ଏକତ୍ର କରିପାରିଲେ ତୁମ ଭିତରେ ପବିତ୍ରତା ସୃଷ୍ଟି ହେବ ।''

''ସରକାରଙ୍କର ବିଭିନ୍ନ ବିଭାଗ ରହିଥାଏ, ଯଥା- ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ଅର୍ଥ ବିଭାଗ ଇତ୍ୟାଦି । ସେହିପରି ଆଧ୍ୟାତ୍ମିକ କ୍ଷେତ୍ରରେ ସୃଷ୍ଟି, ପାଳନ ଓ ବିଲୟର ତିନୋଟି ବିଭାଗ ରହିଛି । ପ୍ରତି ବିଭାଗରେ ଜଣେ ଜଣେ ମୁଖ୍ୟ ରହିଥାନ୍ତି । ସମସ୍ତଙ୍କ ଉପରେ ଜଣେ ଅଧ୍ୟକ୍ଷ ରହିଥାନ୍ତି । ସେ ହେଲେ ଭଗବାନ (GOD), G (ଜି) – ଜେନେରେଟର ବା ସୃଷ୍ଟିକର୍ତ୍ତା, O (ଓ) – ଅପରେଟର ବା ଚାଳକ, D (ଡି) – ଡିଜଲ୍ୟୁସନ୍ ବା ବିଲୟ । ଭଗବାନ (GOD) ତିନୋଟିଯାକ ବିଭାଗକୁ ନିୟନ୍ତ୍ରଣ କରିଥାନ୍ତି ।''

''ଗୁରୁର ପ୍ରକୃତ ଅର୍ଥ ହେଲା ଯେ ଅଜ୍ଞତାର ଅନ୍ଧକାର ଦୂର କରିଥାଏ । ଅନ୍ୟ ଏକ ଅର୍ଥ ହେଲା ଯେ ଗୁଣ ଓ ରୂପର ଊର୍ଦ୍ଧ୍ୱରେ । ଅର୍ଥାତ୍ ପରମାତ୍ମା । ସେ ଆତ୍ମା ରୂପରେ ତୁମ ଭିତରେ ରହିଛନ୍ତି । ତେଣୁ ଅନ୍ୟ ଜଣକୁ ଗୁରୁ ଭାବରେ ଶିକ୍ଷା ଦେବା ପାଇଁ ଖୋଜିବାର ଆବଶ୍ୟକତା କଣ ଅଛି ? ଜଣେ ଶିକ୍ଷକ ଅନ୍ୟକୁ ଶିକ୍ଷା ଦେଇଥାଏ । ତାକୁ ଶିକ୍ଷା ଦେବା ପାଇଁ ଅନ୍ୟଜଣେ ଶିକ୍ଷକ ଥିଲେ ବା ଅଛନ୍ତି ନିଶ୍ଚୟ । କିନ୍ତୁ ଜଣେ ଗୁରୁ ହେଉଛନ୍ତି ସିଏ ଯାହା ଉପରେ ଆଉ କେହି ଗୁରୁ ନାହାନ୍ତି ।''

□□

ଅଧ୍ୟାୟ - ୧୯

ଯୁକ୍ତରାଜ୍ୟ ଓ ଫ୍ରାନ୍ସର ଲାଉର୍ଡ୍‌ସ୍ ପରିଦର୍ଶନ (୧୯୬୩ - ୧୯୬୪)

ମୋର ପିତା ଆଲିଟାଲିଆ ନାମକ ଇଟାଲୀର ଏକ ଉଡ଼ାଜାହାଜରେ ବମ୍ବେରୁ ଲଣ୍ଡନ ଯିବା ପାଇଁ ଗୋଟିଏ ପିଠିର ଟିକେଟଟିଏ ପଠାଇଥିଲେ । ଗୋଟିଏ ବୁଧବାର ଦିନ ଏହି ଯାତ୍ରା ଆରମ୍ଭ ହେବାର ଥିଲା । ଯାହାହେଉ ପରମପ୍ରିୟ ସ୍ୱାମୀ ଏହି ଯାତ୍ରା ପାଇଁ ଯେଉଁ ତାରିଖ ମୋତେ କହିଥିଲେ ତାହା ଗୁରୁବାର ଦିନ ପଡୁଥିଲା ।

ଯେତେବେଳେ 'ଏହି ଦାସ' ଯାତ୍ରା ପାଇଁ ଟିକେଟର ସଠିକତା ବୁଝିବାକୁ ଗଲା ଆଲିଟାଲିଆ ରିସେପ୍‌ସନ ଡ଼େସ୍କରେ ଥିବା କ୍ଲର୍କ ଜଣାଇଲେ ''ଦୁଃଖର କଥା ବୁଧବାରର ବିମାନ ଯାତ୍ରା କେତେକ ଯାନ୍ତ୍ରିକ ତ୍ରୁଟି ଥିବା କାରଣରୁ ବାତିଲ ହୋଇଯାଇଛି । ଆପଣ ଟି.ଡବ୍ଲ୍ୟୁ.ଏ. ବିମାନରେ ଯିବା ପାଇଁ ବ୍ୟବସ୍ଥା କରାଯାଇଛି । ଏହି ବିମାନ ଆସନ୍ତା କାଲି ଗୁରୁବାର ଦିନ ଏଠାରୁ ଛାଡ଼ିବ ।'' ଏହିପରି ପରମପ୍ରିୟ ସ୍ୱାମୀଙ୍କର ସଂକଳ୍ପ କାର୍ଯ୍ୟକାରୀ ହୋଇଥିଲା ଏବଂ ମୁଁ ତାଙ୍କ ନିର୍ଦ୍ଦେଶ ଅନୁସାରେ ଗୁରୁବାର ଦିନହିଁ ବିମାନ ଯାତ୍ରା କରିଥିଲି ।

୧୯୬୩ ମସିହା ସେପ୍ଟେମ୍ବର ୧୨ ତାରିଖ ଦିନ ଲଣ୍ଡନରେ ପହଞ୍ଚିବା ମାତ୍ରେ 'ଏହି ଦାସ' ସିଧାସଳଖ ସ୍କୁଲ ଅଫ୍ ଟ୍ରପିକାଲ ମେଡ଼ିସିନ୍ ଆଣ୍ଡ୍ ହାଇଜିନ୍ (ବିଷୁବ ମଣ୍ଡଳୀୟ ଭେଷଜ ଓ ସ୍ୱାସ୍ଥ୍ୟରକ୍ଷା ପ୍ରତିଷ୍ଠାନ)କୁ ଯାଇଥିଲା । ସେଠାରେ ଦାୟିତ୍ୱରେ ଥିବା ସଂପାଦକ କହିଥିଲେ ''ତୁମେ ଦରିଆପାରିରୁ ଆସିଛ । ନିୟମ ଅନୁସାରେ ଛଅମାସ ଆଗରୁ ଦରଖାସ୍ତ କରିବା କଥା । ଯଥେଷ୍ଟ ପୂର୍ବରୁ ଅନୁମତି ନେଇ ନାମଲେଖା ହେବା କଥା ।''

ଗ୍ଲାସ୍‌ଗୋ ଓ ସ୍କଟ୍‌ଲ୍ୟାଣ୍ଡ୍‌ର ଏଡ଼ିନ୍‌ବରାରେ ମଧ୍ୟ ସେହି କାରଣରୁ ମୋର ନାମ ଲେଖାଇବା ପାଇଁ ମନା କରି ଦିଆଗଲା । ଏହି ପରିସ୍ଥିତିରେ ମୁଁ ଦୁଃଖିତ ଓ ନିରାଶ ହୋଇ ପଡ଼ିଥିଲି । ସେଠାକାର ଥଣ୍ଡା ପାଗ ମୋତେ କିଛି ସାହାଯ୍ୟ କରିପାରି ନଥିଲା ।

ମୁଁ ଜୀବନରେ ପ୍ରଥମଥର ପାଇଁ ସେଠାରେ ବରଫ ପଡ଼ିବା ଦେଖିଲି । 'ଏହି ଦାସ' ଗ୍ଲାସ୍‌ଗୋର ଏକ ହୋଟେଲରେ ରହୁଥିଲା । ଶୋଇବାକୁ ଯିବା ପୂର୍ବରୁ ମୁଁ ପରମପ୍ରିୟ ସ୍ୱାମୀଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇଲି ଏବଂ ଆନ୍ତରିକତାର ସହିତ ପ୍ରାର୍ଥନା କଲି ''ହେ ପ୍ରଭୁ ! ଆପଣଙ୍କ ଦିବ୍ୟ ରହସ୍ୟ ଆମେ ଜାଣିପାରି ନଥାଉ । ମୁଁ ସେତେବେଳେ ଆପଣଙ୍କୁ କହିଥିଲି 'ଯିବା ପୂର୍ବରୁ ନାମ ଲେଖାଇବା ପାଇଁ ସ୍ଥାନ ସଂପର୍କରେ ନିଶ୍ଚିତ ହୋଇଯିବା ଦରକାର' । ଆପଣ ଓଲଟା ପ୍ରଶ୍ନ କରିଥିଲେ 'କିଏ ନାମ ଲେଖାଇବା କଥା କହୁଛି, ତୁମେ ନା ସ୍ୱାମୀ ?' ଏବେ 'ଏହି ଦାସ' ନାମ ଲେଖାଇବା ପାଇଁ ସବୁକିଛି ଉଦ୍ୟମ କରିସାରିଲାଣି । ବର୍ତ୍ତମାନ ମୁଁ ବିନମ୍ର ଭାବରେ ଆପଣଙ୍କ ସାହାଯ୍ୟ ଚାହୁଁଛି ।''

ସେହି ରାତିରେ ସ୍ୱାମୀ ମୋ ସ୍ୱପ୍ନରେ ଆବିର୍ଭୂତ ହୋଇଥିଲେ ଏବଂ ଇଂରାଜୀରେ କହିଥିଲେ ''ତୁମେ କାହିଁକି ବ୍ୟସ୍ତ ହେଉଛ ? ଆସନ୍ତାକାଲି ସକାଳୁ ଲିଭରପୁଲ୍ ଯାଅ । ସେଠାରେ ମୁଁ ତୁମପାଇଁ ଗୋଟିଏ ସ୍ଥାନ ସଂରକ୍ଷଣ କରି ରଖିଛି । ମୁଁ ଯେତେବେଳେ ତୁମକୁ ଯୁକ୍ତରାଜ୍ୟ ପଠାଇଛି ସେତେବେଳେ ମୁଁ କିପରି ଅବହେଳା କରିପାରିବି ?''

ସ୍ୱପ୍ନ ଦେଖିବା ପରେ 'ଏହି ଦାସ' ଉଠିପଡ଼ିଥିଲା ଏବଂ ଗୁଣୁଗୁଣୁ ହୋଇ ଲିଭରପୁଲ୍ ନାମକୁ ଉଚ୍ଚାରଣ କରିଥିଲା । କାରଣ ସ୍ୱପ୍ନର ବିଷୟବସ୍ତୁକୁ ଆମେ ସକାଳେ ଭୁଲିଯାଇ ଥାଉ । 'ଏହି ଦାସ' ବିଭିନ୍ନ ସ୍ଥାନରେ ଯେତେବେଳେ ସ୍ୱାମୀଙ୍କ ଭକ୍ତମାନଙ୍କୁ କହିଥାଏ ସେତେବେଳେ ସେ ସ୍ୱପ୍ନରେ ଦେଖିଥିବା ଘଟଣାବଳୀକୁ ଟିପି ରଖିବା ପାଇଁ ସୁପାରିଶ କରିଥାଏ । ସ୍ୱପ୍ନ ଦେଖିବା ପରେ ପରେ ଯଦି ନିଦ ଭାଙ୍ଗିଯାଏ, ତେବେ ଏପରି କରିବା ଉଚିତ ।

'ଏହି ଦାସ' ପରଦିନ ଅପରାହ୍ନ ଚାରିଟା ସମୟରେ ଲିଭରପୁଲ୍ ଷ୍ଟେସନରେ ପହଞ୍ଚିଥିଲା ଏବଂ ଗୋଟିଏ ଟ୍ୟାକ୍ସି ଭଡ଼ାରେ ନେଇଥିଲା । ସେତେବେଳେ ଡ୍ରାଇଭର କହିଥିଲା ''ଟ୍ରପିକାଲ ମେଡ଼ିସିନ୍ ଆଣ୍ଡ୍ ହାଇଜିନ୍ ସ୍କୁଲ ବନ୍ଦ ହୋଇ ଯାଇଥିବ । ମାତ୍ର ଅଫିସ ଅଧଘଣ୍ଟା ପରେ ବନ୍ଦହୁଏ । ବ୍ୟସ୍ତ ହୁଅନ୍ତୁ ନାହିଁ । ମୁଁ ଆପଣଙ୍କୁ ଠିକ୍ ସମୟରେ ପହଞ୍ଚାଇ ଦେବି ।''

ସେଠାରେ ପହଞ୍ଚି ଯେତେବେଳେ ମୁଁ ପାହାଚ ଦେଇ ଉପରକୁ ଉଠୁଥିଲି ସେକ୍ରେଟାରୀ ଅଫିସ ବନ୍ଦକରି ସାରିଥିଲେ ଏବଂ ତଳକୁ ଆସିବାକୁ ଉଦ୍ୟତ ହେଉଥିଲେ । ମୋତେ ଦେଖି ପଚାରିଲେ ''ତୁମେ କଣ ଜଣେ ଛାତ୍ର ? ତୁମେ କଣ ନାମ ଲେଖାଇବାକୁ ଆସିଛ ?'' 'ଏହି ଦାସ' ଉଚ୍ଚ ସ୍ୱରରେ ଉତ୍ତର ଦେଇଥିଲା ''ହଁ ମହାଶୟ ।''

ସେ ପୁଣି ଅଫିସ ଖୋଲିଲେ ଏବଂ କହିଥିଲେ "ଉପରକୁ ଆସ । ତୁମେ ଅତି ଭାଗ୍ୟବାନ । ଏ ପର୍ଯ୍ୟନ୍ତ ଆଦୌ ସ୍ଥାନ ନ ଥିଲା । କିନ୍ତୁ ଜଣେ ପ୍ରାର୍ଥୀ ଲଣ୍ଡନରେ ନାମ ଲେଖାଇଲା ବୋଲି ଜଣାଇଛି । ଏହି ସଂଗେ ସଂଗେ ମୁଁ ତାର ଟେଲିଗ୍ରାମ ପାଇଲି । ଅପେକ୍ଷା କରୁଥିବା ପ୍ରାର୍ଥୀମାନଙ୍କ ତାଲିକାରୁ ମାତ୍ର ଜଣେ ବାକି ରହିଥିଲା । ସେ ମଧ୍ୟ ଆସିଲା ନାହିଁ । ତୁମେ ଖାଲିଥିବା ସ୍ଥାନଟି ନେଇପାର । ତୁମେ ଭଗବାନଙ୍କୁ ଧନ୍ୟବାଦ ଦିଅ । ଠିକ୍ ସମୟରେ ସେ ତୁମକୁ ଏଠାକୁ ଆଣିଛନ୍ତି ।"

'ଏହି ଦାସ' ଉତ୍ତର ଦେଇଥିଲା "ହଁ ମହାଶୟ, ମୁଁ ମୋର କୋଠରୀରେ ପହଞ୍ଚିଲା ମାତ୍ରେ ନିଶ୍ଚୟ ଭଗବାନଙ୍କୁ ଧନ୍ୟବାଦ ଦେବି କିନ୍ତୁ ପ୍ରଥମେ ନାମଲେଖା ପାଇଁ ଆବଶ୍ୟକ କାର୍ଯ୍ୟ ଶେଷ ହେଉ ।" ସେଠାରେ ମୋର ନାମ ଲେଖା ହେଲା ଏବଂ ମୁଁ ରାତ୍ରିଯାପନ ପାଇଁ ଗୋଟିଏ ହୋଟେଲ ଖୋଜି ସେଠାରେ ରହିଥିଲି । କୋଠରୀରେ ପହଞ୍ଚି ମୁଁ ସ୍ୱାମୀଙ୍କ ନିକଟକୁ ଧନ୍ୟବାଦ ଦେଇ ଗୋଟିଏ ଚିଠି ଲେଖିଥିଲି । ସେଥିରେ ମୁଁ ସବୁକଥା ଜଣାଇଥିଲି । ଏହି ଚିଠିଟି ୧୯୬୪ ମସିହାର ସନାତନ ସାରଥିରେ ପ୍ରକାଶ ପାଇଥିଲା । ବିଷୁବ ମଣ୍ଡଳୀୟ ଭେଷଜ ଓ ସ୍ୱାସ୍ଥ୍ୟରକ୍ଷା (ଡି.ଟି.ଏମ୍. ଆଣ୍ଡ୍ ଏଚ୍) ଡିପ୍ଲୋମା ପାଠ୍ୟକ୍ରମ ଶେଷକରି ପୂର୍ବଆଫ୍ରିକା କିମ୍ବା ଭାରତରେ ବିଷୁବମଣ୍ଡଳୀୟ ରୋଗର ଚିକିତ୍ସା ଓ ନିରାକରଣ ଉଦ୍ଦେଶ୍ୟରେ ମାନବ ସେବା କରିବାକୁ 'ଏହି ଦାସ' ଇଚ୍ଛା କରିଥିଲା । ଯାହାହେଉ ଚୂଡ଼ାନ୍ତ ପରୀକ୍ଷାରେ ପାଶ୍ କରିବା ପରେ 'ଏହି ଦାସ' କୌଣସି ସ୍ଥାନରେ ରହି କାର୍ଯ୍ୟ କରିବା ପୂର୍ବରୁ ଆଉ ଗୋଟିଏ ବର୍ଷ ପବ୍ଲିକ ହେଲ୍‌ଥ (ଡି.ପି.ଏଚ.)ରେ ଡିପ୍ଲୋମା କରିବା ପାଇଁ ମନସ୍ଥ କଲା । ମାତ୍ର ଲଣ୍ଡନରେ ରହିବା ଓ ପାଠ ପଢ଼ିବା ଖର୍ଚ୍ଚ ଅତ୍ୟଧିକ ଥିବାରୁ ମୋର ପିତାମାତା ଏଥିପାଇଁ ମନା କରିଦେଇଥିଲେ । ଏତିକିରୁ ପାଠପଢ଼ା ବନ୍ଦ କରି ଚାକିରୀରେ ଯୋଗ ଦେଇ ରୋଜଗାର କରିବାକୁ ସେମାନେ ପରାମର୍ଶ ଦେଇଥିଲେ । ମୁଁ ଏଥିରେ ଆଦୌ ଖୁସି ହୋଇ ନ ଥିଲି । ପରମପ୍ରିୟ ସ୍ୱାମୀ ସେମାନଙ୍କୁ ବିତ୍ତଶାଳୀ କରାଇଥିଲେ ମାତ୍ର ସେମାନେ ମୋତେ ଆଉ ଗୋଟିଏ ବର୍ଷ ଅର୍ଥ ଯୋଗାଇବା ପାଇଁ ମନା କରିଦେଲେ । ଚାକିରୀ କରି ପାଠ ପଢ଼ିବା ସମ୍ଭବ ନ ଥିଲା । ତେଣୁ 'ଏହି ଦାସ' ପରମପ୍ରିୟ ସ୍ୱାମୀଙ୍କ ନିକଟକୁ ଯାଇ ପରାମର୍ଶ ନେବାକୁ ସ୍ଥିର କରିଥିଲା ।

ଯେତେବେଳେ ମୁଁ ବମ୍ବେ ଫେରିବା ପାଇଁ ବିମାନ ଯାତ୍ରା ଉଦ୍ଦେଶ୍ୟରେ ଟିକେଟ କରିବାକୁ ଗଲି ସେଠାରେ ଥିବା ଟ୍ରାଭେଲ ଏଜେଣ୍ଟ ଜଣାଇଲା ଯେ ସିଧାସଳଖ ଯାତ୍ରା କରିବା ପାଇଁ ଟିକେଟ ଆଦୌ ନାହିଁ । ଯଦି ମୁଁ ପ୍ୟାରିସ୍‌ରେ ଓହ୍ଲାଇ ସେଠାରୁ ବମ୍ବେ ଯିବାକୁ ଇଚ୍ଛା କରିବି ତେବେ ହୁଏତ ଟିକେଟ ବ୍ୟବସ୍ଥା ହୋଇ ପାରିବ ।

ସେତେବେଳେ ଫ୍ରାନ୍ସରେ ଥିବା ଲାଉର୍ଡିସ୍ ଭଳି ଏକ ଅଲୌକିକ ସ୍ଥାନ କଥା ମୋର ହଠାତ୍ ସ୍ମରଣ ହେଲା । ଏହି ସ୍ଥାନ କଥା ମୋର ଜଣେ ସ୍କୁଲ ଶିକ୍ଷକ ଆମକୁ କହିଥିଲେ । ଏହି ସ୍ଥାନ ଦେଖିବା ପାଇଁ ଇଚ୍ଛା କରି ମୁଁ ପ୍ୟାରିସ୍ ଦେଇ ବମ୍ବେ ଯିବା ପ୍ରସ୍ତାବକୁ ଗ୍ରହଣ କଲି । ଟ୍ରାଭେଲ୍ ଏଜେଣ୍ଟ ଲାଉର୍ଡ଼ିସରେ ହୋଟେଲ ରହଣୀ ସହିତ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା କରି ଦେଇଥିଲେ ।

ଲାଉର୍ଡିସ୍‌ର ପବିତ୍ର ଜଳ

ଏକଶତ ପଞ୍ଚଚାଳିଶ ବର୍ଷ ପୂର୍ବରୁ ୧୮୫୮ ମସିହା ଫେବୃୟାରୀ ୨୫ ତାରିଖରେ ଲାଉର୍ଡ଼ିସ ନିକଟରେ ଥିବା ଏକ ପାହାଡ଼ି ଝରଣା କୂଳରେ ଅବସ୍ଥିତ ଏକ କବର ସ୍ଥାନରେ 'ଭାଗ୍ୟବତୀ କୁମାରୀ'ଙ୍କର ନବମ ପ୍ରେତାତ୍ମା ଦିବସ ପାଳନ ଅବସରରେ ବେର୍ଣ୍ଣାଡିଟି ନାମକ ଏକ ୧୪ ବର୍ଷର ବାଳିକା ଗୋଟିଏ ନାରୀର କଣ୍ଠସ୍ୱର ଶୁଣିଥିଲା । ଏହି କଣ୍ଠସ୍ୱର ବାଳିକାଟିକୁ କହିଥିଲା ''ପାପୀମାନଙ୍କ ପାଇଁ ଆଣ୍ଠେଇ ଆଣ୍ଠେଇ, ଭୂମିକୁ ଚୁମ୍ବନ କରି, ଯିବା ବାଟରେ ଥିବା ଘାସ ଖାଇ ତୁମେ ତଳକୁ ଯିବାକୁ ଆପତ୍ତି କରିବ କି ? ଏହିପରି ଯାଅ ଏବଂ ଝରଣାର ଜଳ ପାନ କରି ସେଠାରେ ସ୍ନାନ କର ।''

ବହୁ କଷ୍ଟରେ ବେର୍ଣ୍ଣାଡିଟି ଏହି କାର୍ଯ୍ୟ ସମ୍ପନ୍ନ କରିଥିଲା । ଫେବୃୟାରୀ ୧୧ ତାରିଖ ପ୍ରଥମ ପ୍ରେତାତ୍ମା ଦିବସରେ ବାଳିକାଟି ଏକୁଟିଆ ଥିଲା । ତା ପରଠାରୁ ଦର୍ଶକମାନଙ୍କ ସଂଖ୍ୟା ସେଠାରେ ବଢ଼ିବାରେ ଲାଗିଥିଲା ଏବଂ ସେମାନଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ମଧ୍ୟ ରହିଥିଲା । କିନ୍ତୁ ବର୍ତ୍ତମାନ ଏସବୁ ଦେଖି ଦର୍ଶକମାନେ ମର୍ମାହତ ହେଲେ ଏବଂ ବିରକ୍ତି ମଧ୍ୟ ପ୍ରକାଶ କଲେ । ବେର୍ଣ୍ଣାଡିଟିକୁ ସେମାନେ ଅପମାନିତ କଲେ ଏବଂ ପବ୍ଲିକ ପ୍ରୋସିକ୍ୟୁଟରଙ୍କ ନିକଟରେ ହାଜର କରାଇଲେ । ସେ ଏସବୁ ପାପୀମାନଙ୍କ ପାଇଁ କରିଛି ବୋଲି ବେର୍ଣ୍ଣାଡିଟି ଧୀରସ୍ଥିର ଭାବରେ କୈଫିୟତ ଦେଇଥିଲା ।

ବେର୍ଣ୍ଣାଡିଟି ସେହି ନାରୀ କଣ୍ଠରୁ ସେହି ଏକା କଥା ବାରମ୍ବାର ଶୁଣିଛି – ''ଯାଅ ଏବଂ ଝରଣାରୁ ଜଳ ପାନ କର ଓ ସ୍ନାନ କର । ପ୍ରାୟଶ୍ଚିତ କର ! ପ୍ରାୟଶ୍ଚିତ କର ! ପ୍ରାୟଶ୍ଚିତ କର ! ପାପୀମାନଙ୍କ ପାଇଁ ପ୍ରାର୍ଥନା କର । ମୁଁ ଯେଉଁ ଜଳ ଦେବି ତାହା ଝରଣାରେ ରୂପାନ୍ତରିତ ହୋଇ ଶାଶ୍ୱତ ଜୀବନର ମଙ୍ଗଳ ସାଧନ କରିବ ।''

ଏହି ଘଟଣା ଲାଉର୍ଡିସ୍ ଜଳର ସାଂକେତିକ ଅର୍ଥ ଓ ଅଲୌକିକତାକୁ ବୁଝିବାରେ ଆମକୁ ସାହାଯ୍ୟ କରିଥାଏ । ଏହି ଜଳ ଯୀଶୁଖ୍ରୀଷ୍ଟଙ୍କର ପ୍ରେମର ପ୍ରତୀକ । ଯୀଶୁଖ୍ରୀଷ୍ଟ ପାପୀମାନଙ୍କ ପାଇଁ ଜୀବନ ଦେଇଥିଲେ । ଈଶ୍ୱରପୁତ୍ର ବାପ୍ଟିଷ୍ଟମାନଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ଏବଂ ପ୍ରାୟଶ୍ଚିତର ସଂକେତ ସ୍ୱରୂପ ସେ ଏହି ତ୍ୟାଗ ସ୍ୱୀକାର କରିଥିଲେ । ଏଥିରେ

ଭଗବାନ କ୍ଷମା, ପବିତ୍ରତା ଓ ସଂଗତି (ପୁନର୍ମିଳନ) ପ୍ରଦାନ କରିଥାନ୍ତି । ପୁନର୍ଜନ୍ମ ଲାଭ କରିବା, କ୍ଷମଣୀୟ ହେବା, ପବିତ୍ର ହେବା ଓ ପୁନର୍ବାର ମିଳିତ ହେବା ଉଦ୍ଦେଶ୍ୟରେ ଆମେ ଏହି ପବିତ୍ର ଜଳ ପାଇଁ ଆସିଥାଉ ।

ଲାଉର୍ଡିସ ପରିଦର୍ଶନ ସମୟରେ ବହୁ ସଂଖ୍ୟାରେ ତୀର୍ଥଯାତ୍ରୀ, ଚକଲଗା ଚେୟାର ଉପରେ ଶହ ଶହ ରୋଗୀ ଧାଡ଼ିବାନ୍ଧି ଅପେକ୍ଷା କରୁଥିବାର ମୁଁ ଦେଖିଛି । ଚର୍ଚ୍ଚ ମଧ୍ୟରେ ସେବା କାର୍ଯ୍ୟ ମଧ୍ୟ ଚାଲିଥିଲା । ପ୍ରାୟ ଅପରାହ୍ନ ଚାରିଟା ସମୟରେ ଜଣେ ଧର୍ମଯାଜକ ବାହାରକୁ ଆସିଲେ । ତାଙ୍କ ହାତରେ ମୟୂରପୁଚ୍ଛର ଏକ ଲମ୍ବା ଯଷ୍ଟି ରହିଥିଲା । ସେ ମୟୂର ପୁଚ୍ଛର ଅଗ୍ରଭାଗକୁ ପ୍ରତ୍ୟେକଙ୍କ ମସ୍ତକ ଉପରେ ସ୍ପର୍ଶ କରାଉଥିଲେ ଏବଂ ଆନ୍ତରିକତା ଓ ବିନମ୍ରତାର ସହିତ ସମସ୍ତଙ୍କୁ ବିଶେଷକରି ମାନବ ସମାଜକୁ ଆଶୀର୍ବାଦ କରିବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରୁଥିଲେ ।

ଲାଉର୍ଡ଼ିସ ଜଳର ସ୍ୱାଦ ଦିବ୍ୟ । ମୁଁ ସେଥିରୁ ଏକ ଗ୍ୟାଲନ ଜଳ ମୋର ବନ୍ଧୁ, ସମ୍ପର୍କୀୟ ଓ ଭକ୍ତମାନଙ୍କ ପାଇଁ ସଂଗ୍ରହ କଲି । ଏଥିରୁ ଏକ ଚାମଚ ଲେଖାଁ ପବିତ୍ର ଜଳ ସେବନ କଲେ ନିଶ୍ଚିତ ଭାବରେ ସେମାନଙ୍କର ଅସୁସ୍ଥତା ଦୂର ହୋଇ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ । ଏହାଦ୍ୱାରା ସେମାନେ ଏହି ପବିତ୍ର ଜଳର ଅଲୌକିକ ଶକ୍ତି ସମ୍ପର୍କରେ ଅଭିଜ୍ଞତା ଅର୍ଜନ କରିବେ ।

ପ୍ୟାରିସ୍‌କୁ ଫେରି ‘ଏହି ଦାସ’ ବିମାନ ଯୋଗେ ବମ୍ବେ ଯାଇଥିଲା ଏବଂ ସେଠାରୁ ଟ୍ରେନ ଓ ବସ୍‌ରେ ଯାଇ ପ୍ରଶାନ୍ତି ନିଳୟମରେ ପହଞ୍ଚିଥିଲା ।

କେତେବର୍ଷ ପରେ ‘ଏହି ଦାସ’ ଉତ୍ତର ଭାରତର ହରିଦ୍ୱାର ପରିଦର୍ଶନରେ ଯାଇଥିଲା । ସେଠାରେ ପବିତ୍ର ଗଙ୍ଗାନଦୀ ପ୍ରବାହିତ । ଗଙ୍ଗାନଦୀ ଜଳର ସ୍ୱାଦ ଲାଉର୍ଡିସ୍‌ର ଜଳ ପରି ।

ଡକ୍ଟର ଜୟଲକ୍ଷ୍ମୀ

ପ୍ରାୟ ଏହି ସମୟ ମଧ୍ୟରେ ପରମପ୍ରିୟ ସ୍ୱାମୀଙ୍କ ହସ୍‌ପିଟାଲରେ କାର୍ଯ୍ୟ କରୁଥିବା ଡ଼କ୍ଟର ଜୟଲକ୍ଷ୍ମୀଙ୍କୁ ବାବା କିପରି ମୃତ୍ୟୁମୁଖରୁ ଉଦ୍ଧାର କରିଥିଲେ ସେ ସମ୍ପର୍କରେ ସେ ‘ଏହି ଦାସ’କୁ କହିଥିଲେ ।

ସ୍ୱାମୀ କେବଳ ‘ଏହି ଦାସ’କୁ ଯୁକ୍ତ ରାଜ୍ୟ ଯାଇ ଉଚ୍ଚତର ଯୋଗ୍ୟତା ହାସଲ କରିବାକୁ ପରାମର୍ଶ ଦେଇଥିଲେ ତାହା ନୁହେଁ । ସେ ଡକ୍ଟର ଜୟଲକ୍ଷ୍ମୀଙ୍କୁ ମଧ୍ୟ ଅନୁରୂପ ପରାମର୍ଶ ଦେଇଥିଲେ । ମୁଁ କହିଲା ପରି ସେ ମଧ୍ୟ କହିଥିଲେ “ସ୍ୱାମୀ ! ସେଠାରେ

ନାମ ଲେଖାଇବା ଅତି କଷ୍ଟକର ।'' ସ୍ୱାମୀ ଉତ୍ତର ଦେଇଥିଲେ ''ତୁମେ ଦରଖାସ୍ତ ପଠାଇଦିଅ । ସ୍ୱାମୀ ତୁମକୁ ତିନିମାସ ମଧ୍ୟରେ ସେଠାରେ ନାମ ଲେଖାଇ ଦେବେ ।'' ଯାହା ବାବା ସ୍ଥିର କରନ୍ତି ତାହା କେବେହେଲେ ବିଫଳ ହୁଏ ନାହିଁ । ସେ ସେଠାରେ ନାମ ଲେଖାଇବା ପାଇଁ ସ୍ଥାନଟିଏ ପାଇଲେ ଏବଂ ଯାତ୍ରା ପାଇଁ ଆବଶ୍ୟକୀୟ ପ୍ରସ୍ତୁତି ସମ୍ପନ୍ନ କଲେ । ଯେତେବେଳେ ସେ ଯାତ୍ରା ପୂର୍ବରୁ ସ୍ୱାମୀଙ୍କର ଆଶୀର୍ବାଦ ପାଇଁ ଗଲେ ସ୍ୱାମୀ ତାଙ୍କୁ ପ୍ରଶ୍ନ କରିଥିଲେ ''କି ପ୍ରକାର ଆଶୀର୍ବାଦ ତୁମେ ଚାହଁ ?''

ଡକ୍ଟର ଜୟଲକ୍ଷ୍ମୀ ଅତି ଚତୁର ଥିଲେ ଏବଂ ସେ ସବୁ ପ୍ରକାର ଆଶୀର୍ବାଦ ପାଇଁ ଗୋଟିଏ ବାକ୍ୟରେ ଉତ୍ତର ଦେଇଥିଲେ । ସେ କହିଥିଲେ ''ସ୍ୱାମୀ ! ଦୟାକରି ମୋତେ ଆଶୀର୍ବାଦ କରନ୍ତୁ ଯେପରି ମୁଁ ନିରାପଦରେ ଆପଣଙ୍କ ପାଦପଦ୍ମକୁ ଫେରିଆସେ ।'' ଏହାର ଅର୍ଥ ହେଲା ସେ ନିରାପଦରେ ଲଣ୍ଡନରେ ପହଞ୍ଚିବେ । ସଫଳତାର ସହିତ ପରୀକ୍ଷାରେ ପାଶ୍ କରିବେ ଏବଂ ଉତ୍ତମ ସ୍ୱାସ୍ଥ୍ୟ ସହିତ ନିରାପଦରେ ଫେରି ଆସିବେ । ସ୍ୱାମୀ ତାଙ୍କୁ ଆଶୀର୍ବାଦ କରି କହିଥିଲେ ''ସ୍ୱାମୀ ତୁମକୁ ନିରାପଦରେ ଫେରାଇ ଆଣିବାକୁ ପ୍ରତିଶ୍ରୁତି ଦେଉଛନ୍ତି । ଯାଅ ଏବଂ ସେଠାରେ ଭଲ ଭାବରେ ଅଧ୍ୟୟନ କର ।'' ଏହା ଶୁଣି ଡକ୍ଟର ଜୟଲକ୍ଷ୍ମୀ ଅତ୍ୟନ୍ତ ଖୁସି ହୋଇଥିଲେ ।

ପାଠ୍ୟକ୍ରମ ଶେଷରେ ଭାରତ ଫେରିବା ବାଟରେ ଡକ୍ଟର ଜୟଲକ୍ଷ୍ମୀ ପ୍ୟାରିସ୍‌ରେ କିଛି ସମୟ ପାଇଁ ରହିଥିଲେ । ସେ ସ୍ଥିର କଲେ ଯେ ରହଣୀ ସମୟ ମଧ୍ୟରେ ସେ ବିଖ୍ୟାତ ଇଫେଲ୍ ଦୁର୍ଗ ପରିଦର୍ଶନ କରିବେ । ଟ୍ୟାକ୍ସି ଡ୍ରାଇଭର ଠାରୁ ଠିକ୍ ସମୟରେ ବିମାନ ଘାଟିରେ ପହଞ୍ଚାଇ ଦେବା ପାଇଁ ପ୍ରତିଶ୍ରୁତି ଆଦାୟ କରି ସେ ଦୁର୍ଗ ପରିଦର୍ଶନରେ ଗଲେ ।

ବିମାନଘାଟିକୁ ଫେରିବା ବାଟରେ ରେଲ୍‌ୱେ ଲେଭଲ କ୍ରସିଂର ଫାଟକ କୌଣସି ଅଜଣା କାରଣରୁ ବନ୍ଦ ରହିଥିଲା ଏବଂ ଟ୍ୟାକ୍ସି କୌଣସି ପ୍ରକାର ରେଳ ଲାଇନକୁ ଅତିକ୍ରମ କରିବା ସମ୍ଭବ ନଥିଲା । ତାଙ୍କର ଅଧଘଣ୍ଟା ବିଳମ୍ବ ହେଲା ଏବଂ ଠିକ୍ ସମୟରେ ବିମାନ ଘାଟିରେ ପହଞ୍ଚିବା ସମ୍ଭବ ହେଲା ନାହିଁ । ତାଙ୍କ ବିମାନଟି ଯଥା ସମୟରେ ଆକାଶ ମାର୍ଗରେ ଉଡ଼ିଯାଇଥିଲା । ସେ ଟ୍ୟାକ୍ସି ଡ୍ରାଇଭର ଉପରେ ରାଗିଲେ ଏବଂ ତା ଉପରେ ସବୁ ଦୋଷ ଲଦିଦେଇଥିଲେ ।

ଯାହାହେଉ ପରବର୍ତ୍ତୀ ବିମାନରେ ଯାତ୍ରା କରିବା ପାଇଁ ତାଙ୍କୁ ସୁଯୋଗ ମିଳିଥିଲା । ଯେତେବେଳେ ସେ ଲାଉଞ୍ଜରେ ଅପେକ୍ଷା କରୁଥିଲେ ସେ ଏକ ସମ୍ବାଦ ଘୋଷଣା କରାଯିବାର ଶୁଣିଲେ । ଯେଉଁ ବିମାନଟିକୁ ସେ ଯଥା ସମୟରେ ଧରିପାରି ନ ଥିଲେ

ଏବଂ ବିମାନଘାଟିରେ ପହଞ୍ଚିବା ପୂର୍ବରୁ ବିମାନଟି ଚାଲିଯାଇଥିଲା, ସେହି ବିମାନଟି ଆକାଶ ମାର୍ଗରୁ ଖସିପଡ଼ି ଖଣ୍ଡଖଣ୍ଡ ହୋଇଯାଇଥିଲା । ଯାତ୍ରୀମାନଙ୍କ ମଧ୍ୟରୁ କେହି ବଞ୍ଚି ନ ଥିଲେ । ସେ ଏହି ଘୋଷଣା ଶୁଣି କାନ୍ଦି ପକାଇଥିଲେ ଏବଂ ତାଙ୍କ ଜୀବନ ରକ୍ଷା କରିଥିବାରୁ ସେ ସ୍ୱାମୀଙ୍କୁ ଧନ୍ୟବାଦ ଜଣାଇଥିଲେ । ବିଳମ୍ବରେ ବିମାନ ଘାଟିରେ ପହଞ୍ଚିଥିବା ଯୋଗୁ ସେ ଟ୍ୟାକ୍ସି ଡ୍ରାଇଭର ଉପରେ ଯେପରି ରାଗିଥିଲେ ସେଥିପାଇଁ ସେ ଅନୁତାପ କଲେ ।

ପରେ ପ୍ରଶାନ୍ତି ନିଳୟମରେ ପରମପ୍ରିୟ ସ୍ୱାମୀ ତାଙ୍କୁ କହିଥିଲେ ''ତୁମେ କହିଥିଲ ତୁମେ ନିରାପଦରେ ମୋ ନିକଟକୁ ଫେରିଆସିବାକୁ ଚାହଁ । ତେଣୁ ମୁଁ ଲେଭଲ କ୍ରସିଂର ଫାଟକ ବନ୍ଦ କରି ଦେଇଥିଲି । ଡ୍ରାଇଭର ଉପରେ ଅଯଥା ରାଗିବା ଓ ଗାଳି ଦେବା ଅର୍ଥ ତୁମେ ଆଚରଣ ବିଧି ଉଲ୍ଲଙ୍ଘନ କରିଛ । ଏଥିରେ କୁହାଯାଇଛି ସମସ୍ତଙ୍କ ସହିତ ବିନମ୍ରତାର ସହିତ ପ୍ରେମପୂର୍ଣ୍ଣ କଥାବାର୍ତ୍ତା କର । ଯେତେବେଳେ ତୁମେ ସ୍ୱାମୀଙ୍କ ନିକଟରେ ସମ୍ପୂର୍ଣ୍ଣ ଭାବରେ ଆତ୍ମସମର୍ପଣ କରିଛ ସେତେବେଳେ ତୁମେ ଭାବିବା ଉଚିତ ଯେ ଯାହାକିଛି ଜୀବନରେ ଘଟୁଛି ସେସବୁ ତୁମର ମଙ୍ଗଳ ପାଇଁ ଉଦ୍ଦିଷ୍ଟ । ତୁମେ ତୁମ ଜୀବନରେ ଏହା ଗ୍ରହଣ କରିପାରି ନାହଁ । ଭବିଷ୍ୟତ ତୁମ ହାତରେ ନାହିଁ । ଯାଅ ଏବଂ ହସ୍‌ପିଟାଲରେ କାର୍ଯ୍ୟ ଆରମ୍ଭ କର । ବର୍ତ୍ତମାନ ଉପରେ ମନ ନିବେଶ କର ।''

ଈଶ୍ୱରଙ୍କ ନିକଟରେ ଆତ୍ମସମର୍ପଣ

ଏଥର ଆସନ୍ତୁ ଦେଖିବା ଆତ୍ମସମର୍ପଣ ସମ୍ପର୍କରେ ପରମପ୍ରିୟ ସ୍ୱାମୀ କଣ କହିଛନ୍ତି । ''ଯେତେବେଳେ ତୁମେ ସମ୍ପୂର୍ଣ୍ଣ ଭାବରେ ଭଗବାନଙ୍କ ନିକଟରେ ନିଜକୁ ସମର୍ପଣ କରି ଦେଇଛ ସେତେବେଳେ ତୁମେ ଈଶ୍ୱରଙ୍କ ସନ୍ତାନ ହୋଇଗଲ । ତୁମେ କଣ ଚାହଁ ଭଗବାନଙ୍କୁ କହିବା ଦରକାର ନାହିଁ । ତୁମେ ଯାହା ଯାହଁ ତାହାଠାରୁ ଅଧିକ କିଛି ସେ ତୁମକୁ ଦେବେ । ଏହା କେବଳ ପ୍ରେମ ଦ୍ୱାରା ସମ୍ଭବ । ସେ ତୁମର ସବୁଠାରୁ ପ୍ରିୟ ବୋଲି ଭାବିବା ଦରକାର । ଆଧ୍ୟାତ୍ମିକ ସାଧନା କର ଏବଂ ଭଗବାନଙ୍କ ସହିତ ଘନିଷ୍ଠ ହେବା ପାଇଁ ଚେଷ୍ଟା କର । ତାହାହେଲେ ତୁମେ ତାଙ୍କୁ କିଛି କହିବା ଦରକାର ହେବ ନାହିଁ । କାରଣ ତୁମେ ତାଙ୍କ ନିକଟରେ ଗୋଟିଏ ଛୋଟ ଶିଶୁ । ସେ ତୁମକୁ ସବୁକିଛି ଦେବେ ।''

''ଲୋକମାନେ ମୋ ନିକଟକୁ ବାରମ୍ବାର ଆସି କହୁଛନ୍ତି – ମୁଁ ଆନନ୍ଦ ଚାହେଁ, ମୁଁ ଶାନ୍ତି ଚାହେଁ, ମୁଁ ମୁକ୍ତି ଚାହେଁ । ତୁମେ ଯେତେବେଳେ ଗହଣାଟିଏ ଗଢ଼ାଇବାକୁ ଚାହଁ ସେତେବେଳେ ତୁମେ ବଣିଆକୁ କିଛି ସୁନା ଦେଇଥାଅ । ବଣିଆ ସେହି ସୁନାକୁ କ୍ରୁସିବ୍ଲରେ

ତରଳାଇ ହାତୁଡ଼ିରେ ପିଟି ଓ କାଟି, କ୍ଷୁଦ୍ରକ୍ଷୁଦ୍ର ଅଂଶକୁ ଏକାଠି ଯୋଡ଼େଇ କରି ଆବଶ୍ୟକ ଅଳଙ୍କାର ତିଆରି କରିଦିଏ । ଏହିଭଳି ପଦ୍ଧତିରେ ସୁନାକୁ ଅତି ସୁନ୍ଦର ରତ୍ନରେ ପରିଣତ କରାଯାଏ । ସେହିପରି ତୁମେ ତୁମ ମନକୁ ଭଗବାନଙ୍କୁ ଦେଇଦେବା ଉଚିତ ଏବଂ ଆବଶ୍ୟକୀୟ ପନ୍ଥା ଗ୍ରହଣ କରିବାକୁ ତାଙ୍କୁ ଅନୁମତି ଦେବା ଉଚିତ । କିନ୍ତୁ ଆଜିକାଲି ଭକ୍ତମାନେ ଭଗବାନଙ୍କ କୃପା ପାଇବା ପାଇଁ ସର୍ତ୍ତ ରଖୁଛନ୍ତି । ତୁମେ ଈଶ୍ୱରଙ୍କ ନିକଟରେ ସମ୍ପୂର୍ଣ୍ଣ ଭାବରେ ଆତ୍ମସମର୍ପଣ କରିବା ଏବଂ ତାଙ୍କ ଇଚ୍ଛା ଉପରେ ସବୁକିଛି ଛାଡ଼ିଦେବା ଉଚିତ । ଭଗବାନ ତୁମକୁ କିପରି ଠିକ୍ ବାଟକୁ ଆଣିବେ (ରୂପ ଦେବେ) ସେ କଥା ସେ ଜାଣନ୍ତି ।''

''ଜଣେ ଭଗବାନଙ୍କ ନିକଟରେ ନିଜକୁ ସମର୍ପଣ କରିବା ଉଚିତ । ଥରେ ତୁମେ ଆତ୍ମସମର୍ପଣ କଲେ ଜୀବନର ପ୍ରତି ମୁହୂର୍ତ୍ତରେ ତୁମେ ତାଙ୍କର ଉପସ୍ଥିତି ଅନୁଭବ କରି ପାରିବ । ତୁମେ ଯଦି ଏକ ନୂତନ ଜୀବନ ଆରମ୍ଭ କରିବାକୁ ଚାହୁଁଥାଅ ତୁମକୁ ବର୍ଷସାରା ଅପେକ୍ଷା କରିବାକୁ ପଡ଼ିବ ନାହିଁ । ପ୍ରତି ସେକେଣ୍ଡକୁ ନୂତନତ୍ୱର ପ୍ରାରମ୍ଭ ବୋଲି ମନେ କରିବା ଉଚିତ । ଜୀବନର ପ୍ରତି ମୁହୂର୍ତ୍ତକୁ ପବିତ୍ର କର । ଦୈବତ୍ୱ ଓ ବ୍ୟକ୍ତି ମଧ୍ୟରେ ଏକତ୍ୱ ଅନୁଭବ କର । ଯେତେବେଳେ ଏହି ଐକ୍ୟ ପ୍ରତିଷ୍ଠିତ ହେବ ସେତେବେଳେ ଆନନ୍ଦ ଅନୁଭୂତ ହେବ । ଯେତେବେଳେ ଚିନି ଓ ପାଣି ମିଶିଯାଏ ସେତେବେଳେ ତୁମେ ମିଠା ଶିରା ପାଇବ । ଏହି ଆନନ୍ଦ ପାଇବା ହିଁ ପ୍ରତ୍ୟେକଙ୍କର ପ୍ରାଥମିକ କାର୍ଯ୍ୟ ହେବା ଉଚିତ । ପ୍ରତି ସେକେଣ୍ଡ ଦୈବତ୍ୱ ପ୍ରକଟନ ପାଇଁ ଉପଯୁକ୍ତ ସମୟ ବୋଲି ମନେ କରିବା ଉଚିତ ।''

□□

ଅଧ୍ୟାୟ - ୨୦

ଜାମନଗରରେ ୧୯୬୪ରୁ ୧୯୬୮ ପର୍ଯ୍ୟନ୍ତ

'ଏହି ଦାସ' ସ୍ୱାମୀଙ୍କ ନିକଟରେ ଅଭିଯୋଗ କରିଥିଲା ଯେ ତାଙ୍କ ପରିବାର ଆଉ ବର୍ଷେ ଲଣ୍ଡନରେ ରହି ପବ୍ଲିକ ହେଲ୍‌ଥ (ଡି.ପି.ଏଚ.)ରେ ଡିପ୍ଲୋମା କୋର୍ସ ପଢ଼ିବା ପାଇଁ ରାଜି ହେଉ ନାହାନ୍ତି । ବାବାଙ୍କୁ 'ଏହି ଦାସ' କହିଥିଲା ''ସ୍ୱାମୀ ! ଆପଣ ସେମାନଙ୍କୁ ବିତ୍ତଶାଳୀ କରିଛନ୍ତି ଏବଂ ସେମାନଙ୍କର ବ୍ୟବସାୟ ଖୁବ୍ ଭଲଭାବରେ ଚାଲିଛି । ତଥାପି ସେମାନେ ମୋତେ ସାହାଯ୍ୟ କଲେ ନାହିଁ ।''

ପରମପ୍ରିୟ ସ୍ୱାମୀ ଉତ୍ତର ଦେଇଥିଲେ ''ସମ୍ପତ୍ତି ବୃଦ୍ଧି ପାଇଲେ, ଲୋଭ ମଧ ତା ସହିତ ବୃଦ୍ଧି ପାଏ । ତୁମେ ନିଶ୍ଚିତ ରୁହ ଏହା ସ୍ୱାମୀଙ୍କର ଇଚ୍ଛା ନୁହେଁ । ତୁମେ କଣ ପ୍ରକୃତରେ ଡି.ପି.ଏଚ. ପଢ଼ିବାକୁ ଚାହଁ ?''

'ଏହି ଦାସ' ସେତେବେଳେ ଉତ୍ତର ଦେଇଥିଲା ''ହଁ ସ୍ୱାମୀ ।'' ତା ପରେ ସ୍ୱାମୀ ମୋ ଡାହାଣ ହାତ ଧରି ନିଜ ଡାହାଣ ହାତରେ ତିନିଥର ତାଳି ମାରିଲେ ଏବଂ କହିଥିଲେ ''ସ୍ୱାମୀ ତୁମକୁ ପ୍ରତିଶ୍ରୁତି ଦେଉଛନ୍ତି ତୁମେ ଡି.ପି.ଏଚ.ରେ ଡିପ୍ଲୋମା ପାଇବ, ନିଶ୍ଚୟ, ନିଶ୍ଚୟ, ନିଶ୍ଚୟ । ବର୍ତ୍ତମାନ ତୁମେ ସ୍ୱାମୀ ଚାହୁଁଥିବା କାର୍ଯ୍ୟ କର । ସ୍ୱାମୀ ଚାହାଁନ୍ତି ତୁମେ କୌଣସି ଏକ ସ୍ଥାନକୁ ଯାଅ । 'କାହିଁକି' ବୋଲି ପ୍ରଶ୍ନ କର ନାହିଁ । ତୁମେ ଗୁଜୁରାଟର ଜାମନଗର (ନବନଗର) ଯାଅ ।''

ଏହାପରେ 'ଏହି ଦାସ' ସିଧାସଳଖ ଜାମନଗର ଯାଇ ଏମ.ପି. ସାହା ମେଡ଼ିକାଲ କଲେଜରେ ଯୋଗ ଦେଇଥିଲା । ଏହି କଲେଜ ଇରୱିନ୍ ହସ୍‌ପିଟାଲ ସହିତ ଅନୁବନ୍ଧିତ । ଏହା ଏକ ଡାକ୍ତରୀ ଶିକ୍ଷା ପ୍ରତିଷ୍ଠାନ ଏବଂ ଏଠାରେ ସ୍ନାତକୋତ୍ତର ଶିକ୍ଷାର ସୁବିଧା ଅଛି । ବର୍ଷସାରା 'ଏହି ଦାସ' ସେଠାରେ ପ୍ରତି ସପ୍ତାହରେ ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ପ୍ରତ୍ୟହ ସକାଳେ କର୍ତ୍ତବ୍ୟ ସମ୍ପାଦନ କରୁଥିଲା । ଏହାଛଡ଼ା ପ୍ରତ୍ୟହ ଏକ ଘଣ୍ଟା ଶରୀର ବିଜ୍ଞାନ ଉପରେ ପାଠ ପଢ଼ାଇବାକୁ ପଡୁଥିଲା ଏବଂ ତା'ପରେ ପରେ ଲାବୋରେଟୋରୀରେ ଛାତ୍ରମାନଙ୍କ ସହିତ ପ୍ରାକ୍ଟିକାଲ କାର୍ଯ୍ୟ କରୁଥିଲା ।

ଅଧ୍ୟାପକ ଭାବରେ ଗୋଟିଏ ବର୍ଷ କାର୍ଯ୍ୟ କଲାପରେ 'ଏହି ଦାସ' ତିନିବର୍ଷିଆ ସ୍ନାତକୋତ୍ତର ଏମ.ଡି. ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା । ସେ ଡକ୍ଟର ସୋଲାଙ୍କିଙ୍କ ଅଧିନରେ କାର୍ଡ଼ିଓଲୋଜି (ହୃଦ୍‌ବିଜ୍ଞାନ)ରେ ସ୍ନାତକୋତ୍ତର ପାଠ୍ୟକ୍ରମ ଗ୍ରହଣ କରିଥିଲା । ଇରୱିନ୍ ହସ୍‌ପିଟାଲରେ ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ପ୍ରତ୍ୟହ ଅପରାହ୍ନରେ ଏହି ସ୍ନାତକୋତ୍ତର ଶିକ୍ଷା ଦିଆଯାଉଥିଲା ।

ଜାମନଗରରେ ସ୍ୱାମୀଙ୍କ ସନ୍ଦେଶର ପ୍ରସାର

ପ୍ରତ୍ୟହ ସନ୍ଧ୍ୟାରେ ମୁଁ ମେଡ଼ିକାଲ ଛାତ୍ରମାନଙ୍କୁ ଏବଂ ଜାମନଗରର ବାନ୍ଦାଫାଲିରେ ଅବସ୍ଥିତ ଶିରିଡ଼ି ସାଇବାବାଙ୍କ ମନ୍ଦିରରେ ସ୍ୱାମୀଙ୍କର ଦିବ୍ୟବାର୍ତ୍ତା ସମ୍ପର୍କରେ କହୁଥିଲି । ସ୍ୱାମୀଙ୍କର ବାର୍ତ୍ତା ଖୁବ୍ ଶୀଘ୍ର ପ୍ରସାର ଲାଭ କରିଥିଲା ଏବଂ ସ୍ୱାମୀଙ୍କର ଜଣେ ସମର୍ପିତ ଭକ୍ତ ମିଷ୍ଟର ରମଣୀ ସେଠାରେ ପ୍ରଥମ ଶ୍ରୀ ସତ୍ୟସାଇ ପାଠଚକ୍ର ପ୍ରତିଷ୍ଠା କରିଥିଲେ । ଏହା ଜାମନଗରର ୪୫ ଦିଗ୍‌ବିଜୟ ପ୍ଲଟରେ ଥିବା ତାଙ୍କ ବାସଭବନରେ ଆରମ୍ଭ ହୋଇଥିଲା ।

ମୁଁ ଯେଉଁଠାରେ କାର୍ଯ୍ୟରତ ଥିଲି ସେହି ମେଡ଼ିକାଲ କଲେଜ ଓ ହସ୍‌ପିଟାଲରେ କିଷାନ ଗଢ଼ିଆ ନାମକ ମୋର ଜଣେ ସହୋଦର ଭାଇ ମେଡ଼ିକାଲ ଛାତ୍ର ଥିଲା । ଯେତେବେଳେ ପରମପ୍ରିୟ ସ୍ୱାମୀଙ୍କର ଦିବ୍ୟ ସନ୍ଦେଶ ସଭାମାନଙ୍କରେ ଉପସ୍ଥାପନ କରାଯାଉଥିଲା ଏହି ଭାଇର ସାଙ୍ଗମାନେ 'ଏହି ଦାସ'ର ବକ୍ତବ୍ୟକୁ ହସରେ ଉଡ଼ାଇ ଦେଉଥିଲେ । ସେମାନେ ଭାବୁଥିଲେ ଯେ ବାବାଙ୍କର ଅଲୌକିକତା କାଳ୍ପନିକ କାହାଣୀ ମାତ୍ର । ମୁଁ ସେମାନଙ୍କୁ କହିଥିଲି "ତୁମେ ପ୍ରଶାନ୍ତି ନିଲୟମ ଯାଉନାହଁ କାହିଁକି ? ସେଠାକୁ ଗଲେ ନିଜେ ସିଧା ସଳଖ ସ୍ୱାମୀଙ୍କ ସମ୍ପର୍କରେ ଅଭିଜ୍ଞତା ଅର୍ଜନ କରିବ ।"

କିଷାନ ଗଢ଼ିଆ ଓ ଅନ୍ୟ ଚାରିଜଣ ଛାତ୍ର ଶେଷରେ ପ୍ରଶାନ୍ତି ନିଲୟମ ଯିବା ପାଇଁ ସ୍ଥିର କଲେ । ମୁଁ କିଷାନକୁ ରୂପାର ଗୋଟିଏ ଡବା କିଣିବା ପାଇଁ କହିଥିଲି । ମୁଁ ମଧ ତା ସହିତ ଜାମନଗରର ପ୍ରସିଦ୍ଧ ରୂପା ଅଳଙ୍କାର ବ୍ୟବସାୟ କେନ୍ଦ୍ର ଚାନ୍ଦିବଜାରକୁ ଯାଇଥିଲି । ଦୋକାନୀ ଆମେ ବାଛିଥିବା ଗୋଟିଏ ରୂପା ଡବାକୁ ସଫା କରିବା ପରେ ପାଲିସ କରି କିଷାନକୁ ଦେଇଥିଲା । ଘରେ ପହଞ୍ଚିବା ମାତ୍ରେ ଡବାରେ ବିଭୂତି ରଖିବା ଉଦ୍ଦେଶ୍ୟରେ ମୁଁ ଡବା ଖୋଲିବା ପାଇଁ କିଷାନକୁ କହିଥିଲି । ଏହି ବିଭୂତି କିଷାନର ସ୍ୱାସ୍ଥ୍ୟ ଓ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଥିଲା । ଯେତେବେଳେ କିଷାନ ଡବାଟିକୁ ଖୋଲିଲା ଦେଖାଗଲା ଯେ ଡବାଟି ବିଭୂତିରେ ପୂର୍ଣ୍ଣ ହୋଇ ରହିଛି । ଏହା କିପରି ଘଟିଲା ? କିଷାନ ମୋତେ ଦୋଷ ଦେଇ କହିଲା "ଦୋକାନିଟି ନିଶ୍ଚୟ ତୁମର ବନ୍ଧୁ ଏବଂ ଡବାଟି ମୋତେ ଦେବା ଆଗରୁ ସେଥିରେ ବିଭୂତି ରଖିଦେବାକୁ ତୁମେ ନିଶ୍ଚୟ ତାକୁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲ ।" ମୁଁ ସଙ୍ଗେ ସଙ୍ଗେ କହିଥିଲି "ଗୋଟିଏ ରିକ୍ସା ଭଡ଼ା କରି ଚାଲ ସେ ଦୋକାନକୁ ଯିବା ଏବଂ ତୁମର ସନ୍ଦେହ ଦୂର କରିବା ।"

ସେଠାକୁ ଯିବା ପରେ ଦୋକାନୀଟି କହିଥିଲା "ଯେଉଁ ଡବାଟି ତୁମେ କିଣିନେଲ ତାହା ନାଶ ରଖିବା ପାଇଁ ତିଆରି ହୋଇଥିଲା । ତୁମେ ଯେଉଁ ବିଭୂତି କଥା କହୁଛ ସେ ସମ୍ପର୍କରେ ମୋତେ କିଛି ଜଣା ନାହିଁ । ତୁମ ଆଗରେ ମୁଁ ଏହାକୁ ସଫା କଲି ଏବଂ ତୁମ ହାତକୁ ବଢ଼ାଇ ଦେଲି । ଡବାଟି ଭଲ ନୁହେଁ ବୋଲି ଯଦି ତୁମେ ଭାବୁଥାଅ ତେବେ ମୁଁ ତାକୁ ବଦଳାଇ ଦେବାକୁ ପ୍ରସ୍ତୁତ ଅଛି ।"

କିଷାନ ମୋତେ ପଚାରିଲା "ତାହାହେଲେ କିପରି ଏଥିରେ ବିଭୂତି ଭରିଗଲା ?" ମୁଁ ତାକୁ ଉତ୍ତର ଦେଇଥିଲି "ତୁମେ ସବୁ ଖୁବ୍ ଶୀଘ୍ର ସ୍ୱାମୀଙ୍କ ପାଖକୁ ଯାଉଛ । ତାଙ୍କୁ ପଚାରିବ । ସେ ତୁମକୁ ଉତ୍ତର ଦେବେ ।"

ମୁଁ ଅବଶ୍ୟ ସେ ପାଞ୍ଚଜଣଙ୍କୁ ନିଜ ନିଜ ବିଛଣା ନେବା ପାଇଁ କହିଥିଲି ମାତ୍ର ସେମାନେ ଅବହେଳା ଯୋଗୁ ବିଛଣା ନେଇ ନ ଥିଲେ ଏବଂ ଟାଓ୍ୱେଲ ବିଛାଇ ଚଟାଣରେ ଶୋଇଥିଲେ ।

ସେମାନେ ପ୍ରଶାନ୍ତି ନିଳୟମରେ ପହଞ୍ଚିବା ପରଦିନ ପରମପ୍ରିୟ ସ୍ୱାମୀ ସେମାନଙ୍କୁ ସାକ୍ଷାତକାର ପାଇଁ ଡାକିଥିଲେ । ପ୍ରତ୍ୟେକଙ୍କ ନାମ ଧରି ଡାକି ବାବା ସେମାନଙ୍କୁ ପ୍ରଥମେ ଆଶ୍ଚର୍ଯ୍ୟ କରି ଦେଇଥିଲେ । "ସାହା ନାଇରୋବୀରୁ ଆସିଛି, ବୁର୍ଜା କାଶ୍ମୀରରୁ ଆସିଛି । ଗଡ଼ିଆ କାମ୍ପାଲାରୁ ଆସିଛି" ଇତ୍ୟାଦି ବାବା ପ୍ରକାଶ କରିଦେଇଥିଲେ ।

ସ୍ୱାମୀ ତା ପରେ ସାହାକୁ କହିଥିଲେ "ତୁମ ଡାହାଣ ପାଖ କାନରେ ସମସ୍ୟା ରହିଛି ଏବଂ ଡାକ୍ତର ଆସନ୍ତା ସପ୍ତାହରେ ଅସ୍ତ୍ରୋପଚାର କରିବାକୁ କହିଛନ୍ତି । ଏହା ସତ୍ୟ ନୁହେଁ କି ?" ବାବାଙ୍କର ଅପରିମେୟ ପ୍ରେମ ଲକ୍ଷ୍ୟ କରି ସାହା ଆଖିରୁ ଲୁହ ଝରି ଆସିଲା । ବାବାଙ୍କର ଏହି ପ୍ରେମକୁ ଭାଷାରେ ପ୍ରକାଶ କରିବା ସମ୍ଭବ ନୁହେଁ । ବାବା କହିଥିଲେ "ବ୍ୟସ୍ତ ହୁଅ ନାହିଁ । ସ୍ୱାମୀ ତୁମକୁ ଗୋଟିଏ ସପ୍ତାହ ଭିତରେ ଭଲ କରିଦେବେ ।"

ସେ ସଙ୍ଗେ ସଙ୍ଗେ ବିଭୂତି ସୃଷ୍ଟି କରି ଖଣ୍ଡେ କାଗଜ ଉପରେ ରଖିଲେ ଏବଂ କହିଥିଲେ "ଅଳ୍ପ ରନ୍ଧା ତେଲ ନେଇ ସେଥିରେ ସାମାନ୍ୟ ବିଭୂତି ମିଶାଇ ଏହି ମିଶ୍ରଣକୁ କାନ ପଛ ପାଖରେ ଲଗାଅ । ଗୋଟିଏ ସପ୍ତାହ ମଧ୍ୟରେ ଭଲ ହୋଇଯିବ ।"

ବାବା କିଷାନ ଗଡ଼ିଆକୁ ଛାଡ଼ି ଅନ୍ୟ ଚାରିଜଣଙ୍କୁ ବିଭୂତି ଦେଲେ । ସାକ୍ଷାତକାର କୋଠରୀରେ ପାହାଚ ନିକଟରେ ପର୍ଦ୍ଦା ପଛପଟୁ ଯେତେବେଳେ କିଷାନ ଗଡ଼ିଆକୁ ବ୍ୟକ୍ତିଗତ ସାକ୍ଷାତକାର ପାଇଁ ବାବା ଡାକିଲେ ସେତେବେଳେ କିଷାନ ତାକୁ କାହିଁକି ବିଭୂତି ମିଳିଲା ନାହିଁ ବୋଲି ପ୍ରଶ୍ନ କରିଥିଲା । ସ୍ୱାମୀ କହିଥିଲେ "ମୁଁ ତୁମକୁ ଜାମନଗରରେ ବିଭୂତି ଦେଇ ସାରିଛି । ସ୍ୱାମୀ ଆଉ ଗୋଟିଏ କଥା ପ୍ରକାଶ କରିବାକୁ ଚାହାଁନ୍ତି । ଆଜି

ତୁମ ମା'ଙ୍କର କାମ୍ପାଲାରେ ହୃଦ୍‌ଘାତ ହୋଇଛି କିନ୍ତୁ ବ୍ୟସ୍ତ ହୁଅ ନାହିଁ । ସ୍ୱାମୀ ତାଙ୍କୁ ସୁରକ୍ଷା ଦେବେ ।'' ଏକଥା ଶୁଣିବା ପରେ ଅଧିକ ଜାଣିବା ପାଇଁ କିଷାନର ଆଗ୍ରହ ବଢ଼ିଯାଇଥିଲା ଏବଂ ଅଧୈର୍ଯ୍ୟ ହୋଇପଡ଼ିଥିଲା । କିଷାନ ମନରେ ଥିବା ସବୁ ସନ୍ଦେହ ଭୁଲିଯାଇ ସେ କହିଥିଲା ''ସ୍ୱାମୀ ! ଦୟାକରି ମା'ଙ୍କର ଯତ୍ନ ନିଅନ୍ତୁ । ଆପଣ କୃପାଳୁ ଓ ଦୟାଳୁ ।''

ପରମପ୍ରିୟ ସ୍ୱାମୀ ସମସ୍ତଙ୍କ ସହିତ କଥାବାର୍ତ୍ତା ହେବା ପରେ ସେମାନଙ୍କୁ ବାଙ୍ଗାଲୋର ଯିବା ପାଇଁ ଅନୁମତି ଦେଇଥିଲେ । ବାଙ୍ଗାଲୋରରୁ କିଷାନ ଗଡ଼ିଆ କାମ୍ପାଲାକୁ ଫୋନ କରି ବାପାଙ୍କ ସହିତ କଥାବାର୍ତ୍ତା ହୋଇଥିଲା । ବାପା ତାକୁ କହିଥିଲେ ''ତୁମ ମା'ଙ୍କର ହୃଦ୍‌ଘାତ ହୋଇଥିଲା କିନ୍ତୁ ବର୍ତ୍ତମାନ ସେ ଭଲ ଅଛନ୍ତି ଏବଂ ଶୀଘ୍ର ଆରୋଗ୍ୟ ଲାଭ କରୁଛନ୍ତି ।''

ଏହି ଛାତ୍ରମାନେ ଜାମନଗରକୁ ଫେରିବା ପରେ ମୋତେ ସାକ୍ଷାତ କରି କହିଥିଲେ ଯେ, ମୁଁ ସେମାନଙ୍କୁ ଯାହାସବୁ କହିଥିଲି ସେମାନେ ସେଥିରେ ଏକମତ । ସେମାନେ ବୁଝିଥିଲେ ଯେ, ଜଣେ ଅନ୍ୟକୁ ସମାଲୋଚନା କରିବା ଠିକ୍ ନୁହେଁ କାରଣ ଏଥିପାଇଁ ପରେ ଅନୁତାପ କରିବାକୁ ପଡ଼ିପାରେ । ଏହା ପରଠାରୁ ସେମାନେ ମଧ୍ୟ ପରମପ୍ରିୟ ସ୍ୱାମୀଙ୍କର ପ୍ରଶଂସାରେ ଶତମୁଖ ହୋଇ ଉଠିଥିଲେ ।

ପରବର୍ତ୍ତୀ ସପ୍ତାହରେ ସାହା କାନର ଅସ୍ତ୍ରୋପଚାର ପାଇଁ ଯାଇଥିଲା । ମାତ୍ର ଇ.ଏନ.ଟି. ଶଲ୍ୟ ଚିକିତ୍ସକ କାନ ପରୀକ୍ଷା କରି କହିଥିଲେ ''ଆଶ୍ଚର୍ଯ୍ୟ ! ତୁମ କାନର ସମସ୍ୟା ଦୂର ହୋଇ ଯାଇଛି । ଆଉ ଅସ୍ତ୍ରୋପଚାରର ଆବଶ୍ୟକତା ନାହିଁ ।'' ସାହାର ଆନନ୍ଦ ସୀମା ଟପିଯାଇଥିଲା ।

ଏହିପରି ପାଞ୍ଚଜଣଯାକ ଡାକ୍ତରୀ ଛାତ୍ର ସ୍ୱାମୀଙ୍କର ଦୈବତ୍ୱ ସମ୍ପର୍କରେ ସିଧାସଳଖ ଅଭିଜ୍ଞତା ଅର୍ଜନ କରିଥିଲେ ।

ଭଗବାନଙ୍କ ସଂକଳ୍ପ ଓ ଇଚ୍ଛା

ଜାମନଗରରେ ଚାରିବର୍ଷ ଓ ଆରୁଶା (ତାଞ୍ଜାନିଆ, ପୂର୍ବଆଫ୍ରିକା)ରେ ଦୀର୍ଘ ଦଶବର୍ଷ କାମ କରିବା ପରେ 'ଏହି ଦାସ' ୧୯୭୯ ମସିହା ନଭେମ୍ବର ୨୩ ତାରିଖରେ ଯୁକ୍ତରାଜ୍ୟକୁ ଫେରିଆସିଥିଲା ।

ସେତେବେଳେ ଲଣ୍ଡନରେ ରୟାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ ହେଲ୍‌ଥ ଆଣ୍ଡ ହାଇଜିନ୍ ଘୋଷଣା କରିଥିଲା ଯେ ଯେଉଁ ଡାକ୍ତରମାନେ ଘରୋଇ ଚିକିତ୍ସାଳୟରେ ଦଶବର୍ଷ କାର୍ଯ୍ୟ କରିସାରିଛନ୍ତି ସେମାନେ ଡି.ପି.ଏଚ. କୋର୍ସରେ ନାମ ଲେଖାଇବା ପାଇଁ ଯୋଗ୍ୟ । ଯାହାହେଉ ୧୯୮୩ ମସିହାରେ ୟୁ.କେ. ମେଡ଼ିକାଲ କାଉନ୍‌ସିଲ ଏହି କୋର୍ସକୁ ବନ୍ଦ

କରିଦେବା ପାଇଁ ବିଚାର କରୁଥିଲା । କାରଣ ଏଥିପାଇଁ ଖର୍ଚ୍ଚ ଅତ୍ୟଧିକ ଥିଲା । ମାତ୍ର ୧୯୮୪ ମସିହାରେ ଯେତେବେଳେ ମୁଁ ଏହି କୋର୍ସରେ ଯୋଗ ଦେଲି ସେତେବେଳେ ଶେଷଥର ପାଇଁ ଛାତ୍ର ଗ୍ରହଣ କରାଯାଇଥିଲା । ଆମେ ଯେତେବେଳେ ଏହି କୋର୍ସ ପାଇଁ ପ୍ରମାଣପତ୍ର ପାଇଲୁ ଆମକୁ କୁହାଯାଇଥିଲା ''ତୁମେ ଡାକ୍ତରମାନେ ଅତି ଭାଗ୍ୟବାନ । କାରଣ ତୁମେ ଏହି କୋର୍ସରେ ନାମ ଲେଖାଇବା ପାଇଁ ସୁଯୋଗ ପାଇଥିଲ । ଏହାପରେ ଏହି କୋର୍ସ ବନ୍ଦ ହୋଇ ଯାଉଛି ।'' ଏହି ସମୟର ମେଳକୁ ଆଖି ଆଗରେ ରଖି ଜଣେ ପରମପ୍ରିୟ ସ୍ୱାମୀଙ୍କର ଦୂରଦୃଷ୍ଟି ଓ ଇଚ୍ଛା (ସଂକଳ୍ପ) ସମ୍ପର୍କରେ ଦୃଢ଼ ନିଶ୍ଚିତ ହୋଇ ପାରିବ ।

ଅନ୍ୟପକ୍ଷରେ ୧୯୬୮ ମସିହାରେ 'ଏହି ଦାସ' ଜାମନଗରରେ ତାର ତିନିବର୍ଷିଆ ଏମ.ଡି. କୋର୍ସ ଶେଷ କରି ଚୂଡ଼ାନ୍ତ ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ ହେଉଥିଲାବେଳେ ଅହମଦାବାଦଠାରେ ଥିବା ବିଦେଶାଗତ ନାଗରିକ କାର୍ଯ୍ୟାଳୟରୁ ଏକ ପତ୍ର ପାଇଥିଲା । ଏହି ପତ୍ରରେ ମୋତେ ଭାରତର ନାଗରିକତ୍ୱ ଗ୍ରହଣ କରିବାକୁ କିମ୍ବା ଚାକିରୀ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଦେଶାଗତ ଲୋକମାନଙ୍କ ପାଇଁ ଥିବା ନିୟମ ଓ ଆଚରଣ ସଂହିତା ଅନୁସାରେ ଯଦି କାହାର ବିଦେଶୀ (ଅଣଭାରତୀୟ) ପାଶ୍‌ପୋର୍ଟ ଥାଏ ତେବେ ସେ ଚାରିବର୍ଷରୁ ଅଧିକ ସମୟ ଭାରତରେ ରହିପାରିବ ନାହିଁ । ଅଳ୍ପ କିଛିଦିନ ପରେ ମୋତେ ସେହି ମୁହୂର୍ତ୍ତରୁ ଚାକିରୀରୁ ଛଟେଇ କରାଯାଇଛି ବୋଲି ଏକ ଟେଲିଗ୍ରାମ ଆସି ପହଞ୍ଚିଲା । ଏଥିରୁ ମୁଁ ଜାଣିଗଲି ଯେ ପରମପ୍ରିୟ ସ୍ୱାମୀ ମୁଁ ଆଉ ଅଧିକ ଦିନ ଗୁଜୁରାଟରେ ରହିବା ଚାହାଁନ୍ତି ନାହିଁ । ତାଙ୍କ ସଂକଳ୍ପ ଓ ଇଚ୍ଛା ଅନୁସାରେ ମୁଁ ଡି.ପି.ଏଚ.ରେ ଯୋଗ ଦେବା କଥା କିନ୍ତୁ ଏମ.ଡି. ପାଠ୍ୟକ୍ରମରେ ନୁହେଁ । କୁହାଯାଏ ଭଗବାନଙ୍କ ପ୍ରତିଶ୍ରୁତି ବା ସଂକଳ୍ପ ବିଳମ୍ବ ହେଲେ ମଧ୍ୟ ବିଫଳ ହୁଏ ନାହିଁ ।

'ଏହି ଦାସ' ୧୯୮୫ ମସିହା ମେ ମାସରେ ଡି.ପି.ଏଚ. ପାଠ୍ୟକ୍ରମ ଶେଷ କରିଥିଲା । ପରମପ୍ରିୟ ସ୍ୱାମୀ୍ ଏହିପରି ତାଙ୍କର ପ୍ରତିଶ୍ରୁତି ପାଳନ କରିଥିଲେ । ଏକୋଇଶ ବର୍ଷ ପରେ ହେଲେ ମଧ୍ୟ ତାଙ୍କ ସଂକଳ୍ପ ଓ ଇଚ୍ଛା କାର୍ଯ୍ୟକାରୀ ହୋଇଥିଲା ।

ଅଧ୍ୟବସାୟ ଓ ଅନୁତାପ

ପରମପ୍ରିୟ ସ୍ୱାମୀ କହିଥିଲେ ''ଭଗବାନଙ୍କୁ ଚିହ୍ନିବା ପାଇଁ ଧର୍ମଗ୍ରନ୍ଥ ବା ଉପନିଷଦ ଉପରେ ଦକ୍ଷତା ହାସଲ କରିବାର ଆବଶ୍ୟକତା ନାହିଁ । ଗୋଟିଏ ମାତ୍ର ଦୃଶ୍ୟମାନ ଅଭିଜ୍ଞତା ଯଥେଷ୍ଟ । ଭଗବାନଙ୍କର ପ୍ରକୃତି ବା ଗୁଣକୁ ବର୍ଣ୍ଣନା କରିହେବ ନାହିଁ କିମ୍ବା ତାର ସଂଜ୍ଞା ନିରୂପଣ କରି ହେବ ନାହିଁ । ଏହା ବର୍ଣ୍ଣନାତୀତ । ସମ୍ପଦ ବା ବିପଦ ଭିତରେ ବିଶ୍ୱାସ ବୃଦ୍ଧି ହେବା ଆବଶ୍ୟକ । ଭଗବାନଙ୍କ ଅନ୍ୱେଷଣରେ ଅଧ୍ୟବସାୟ

ଅପରିହାର୍ଯ୍ୟ । କୌଣସି ପରିସ୍ଥିତିରେ ମଧ୍ୟ ଏହି ଅନ୍ୱେଷଣକୁ ତ୍ୟାଗ କରିବା ଉଚିତ ନୁହେଁ । ଭଗବାନ ତୁମକୁ ଆଶୀର୍ବାଦ କରନ୍ତୁ କିମ୍ବା ଭଗବତ୍ ଚିନ୍ତାରେ ତୁମେ ନିଜକୁ ଭୁଲିଯାଅ ମାତ୍ର ଅନ୍ୱେଷଣ ଜାରିରଖ । ଆଜିକାଲି ଲୋକମାନଙ୍କର ଏହି ସଂକଳ୍ପ ଓ ଅଧ୍ୟବସାୟର ଅଭାବ ରହିଛି । ଆଂଶିକ ଭକ୍ତ ଆଂଶିକ କୃପା ପାଇଥାଏ ।''

ସ୍ୱାମୀ କହନ୍ତି ''ଜଣେ ବ୍ୟକ୍ତି ନିଜର ଭ୍ରମ ଉପଲବ୍ଧି କରିପାରେ ଏବଂ ସେ ଯାହା କରିଛି ତାହା ଭ୍ରମାତ୍ମକ ବୋଲି ଅନୁଭବ କରିପାରେ । ଅନୁଶୋଚନା ଓ ନିଷ୍ଠାର ସହ ଅନୁତାପ କରି ସେ ତାର ତ୍ରୁଟି ଉପରେ ବିଜୟ ହାସଲ କରେ ଏବଂ ସେ ପ୍ରାୟଶ୍ଚିତ କରିବାକୁ ଉଦ୍ୟମ କରେ ।''

''ମୁଁ ଚାହେଁ ଭକ୍ତମାନେ ତାଙ୍କର ବ୍ୟବହାର ଓ ଚରିତ୍ରର ଉତ୍କର୍ଷତା ଲାଭ କରନ୍ତୁ । ଯେତେବେଳେ ଜଣେ ଭକ୍ତ ଅନୁଭବ କରେ ଯେ ଭଗବାନ ତା ନିକଟକୁ ଆସୁ ନାହାନ୍ତି ସେତେବେଳେ ଦୋଷ କେବଳ ସେହି ଭକ୍ତର । ନିଶ୍ଚିତ ଭାବରେ ଭକ୍ତର ହୃଦୟ ଯଥେଷ୍ଟ ପବିତ୍ର ନୁହେଁ ଏବଂ ଏହା ଘୃଣା ଓ ଅବଜ୍ଞାରେ କଳଙ୍କିତ । ତୁମେ ଯାହା ଭୁଲ୍ କରିଛ ସେଥିପାଇଁ ଅନୁତାପ କର । ଭଗବାନଙ୍କୁ ପ୍ରାର୍ଥନା କର ଯେପରି ତୁମର କର୍ତ୍ତବ୍ୟ ପାଳନ, ସଂକଳ୍ପ ପୂରଣ ସହିତ ଆଚରଣରେ ଉନ୍ନତି ସାଧନ ହେଉ ।''

''ଯଦି ତୁମେ ପାପ କରିଛ, ତୁମେ କଣ ଭାବିଛ ପାପୀ ରକ୍ଷା ପାଏ ନାହିଁ ? ପାପକୁ ପବିତ୍ରତାରେ ରୂପାନ୍ତରିତ କରିବା ପାଇଁ ଅନୁତାପ ଯଥେଷ୍ଟ । ପଶ୍ଚାତାପ ବା ଅନୁତାପକୁ ଭଗବାନ ଦୟା ପରବଶ ହୋଇ ଗ୍ରହଣ କରନ୍ତି ଏବଂ ତାଙ୍କର କୃପା ଢାଳି ଦିଅନ୍ତି ।''

ବିଭୂତି

ବର୍ତ୍ତମାନ ଆସନ୍ତୁ ବିଭୂତିର ବ୍ୟବହାର ପରୀକ୍ଷା କରିବା । ଯଦି ମସ୍ତକ ବା ଗ୍ରୀବାରେ କୌଣସି ସମସ୍ୟା ରହିଛି ତେବେ ଅଳ୍ପ ଆଲମଣ୍ଡ (ବାଦାମ) ତେଲ ନେଇ ସେଥିରେ ଚିମୁଟାଏ ବିଭୂତି ମିଶ୍ରଣ କର । ଏହି ମିଶ୍ରଣକୁ ନିମ୍ନ ପ୍ରକାରେ ମାଲିସ କର ।

(କ) ମସ୍ତକର ସମସ୍ୟା ଯଥା – ମୁଣ୍ଡବିନ୍ଧା, ମୁଣ୍ଡଘୁରା, ନିଦ୍ରାହୀନତା ଦେଖାଦେଲେ ଶୋଇବାକୁ ଗଲାବେଳେ ତାଳୁରେ ଏହି ତେଲ ମିଶ୍ରଣ ମାଲିସ କରାଯାଏ ।

(ଖ) ଆଖି ସମସ୍ୟା ଦେଖାଦେଲେ ଶୋଇବାକୁ ଗଲାବେଳେ ଏହି ମିଶ୍ରଣକୁ ଆଖି ପତାରେ ସ୍ପର୍ଶ କରାନ୍ତୁ । ମିଶ୍ରଣ ଆଖି ଭିତରକୁ ଗଲେ କୌଣସି କ୍ଷତି କରେ ନାହିଁ ।

(ଗ) କପାଳ ଗର୍ତ୍ତ (ଫ୍ରଣ୍ଟାଲ ସାଇନସ୍)ରେ ସମସ୍ୟା ଦେଖାଦେଲେ ଶୋଇବା ସମୟରେ ଏହି ତେଲ ମିଶ୍ରଣକୁ ଦୁଇ ଭ୍ରୁଲତାର ମଧ୍ୟଭାଗରେ କପାଳ ଉପରେ ପ୍ରଲେପ ଦିଅନ୍ତୁ ।

(ଘ) ଦାନ୍ତ ମାଢ଼ି ଗର୍ତ୍ତ (ମାକ୍ସିଲାରି ସାଇନସ୍)ରେ ସମସ୍ୟା ଦେଖାଦେଲେ ଏହି ତୈଳ ମିଶ୍ରଣକୁ ଶଯ୍ୟା ଗ୍ରହଣ ସମୟରେ ଆଖିର ତଳ ପତାର ନିମ୍ନ ଭାଗରେ ଗଣ୍ଡସ୍ଥଳରେ ପ୍ରଲେପ ଦିଅନ୍ତୁ ।

(ଙ) ଗଳ ଗ୍ରନ୍ଥି (ଥାଇରଏଡ଼୍)ରେ ସମସ୍ୟା ଦେଖାଦେଲେ ଏହି ତୈଳ ମିଶ୍ରଣକୁ ଶଯ୍ୟା ଗ୍ରହଣ ସମୟରେ ଗଳାରେ ଠିକ୍ ଗଳଗ୍ରନ୍ଥି ଉପରେ ପ୍ରଲେପ ଦିଅନ୍ତୁ ।

ଯଦି ଛାତି (ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍)ରେ କିମ୍ବା ଉଦରର ଯେ କୌଣସି ସ୍ଥାନରେ କୌଣସି ସମସ୍ୟା ଦେଖାଦିଏ ତେବେ ରନ୍ଧା ତେଲରେ କିଛି ବିଭୂତି ମିଶାଇ ଆକ୍ରାନ୍ତ ହୋଇଥିବା ସ୍ଥାନରେ ପ୍ରଲେପ ଦିଅନ୍ତୁ । ଯଦି ସମ୍ଭବ ହୁଏ ବିଛଣାକୁ ଯିବାବେଳେ ସମ୍ପୃକ୍ତ ସ୍ଥାନରେ ସଂସ୍କୃତରେ 'ଓଁ' ଲେଖି ଦିଅନ୍ତୁ ।

ହାଡ଼ ବା ଗଣ୍ଠିରେ ସମସ୍ୟା ଦେଖାଦେଲେ ଅଲିଭ ଅଏଲ୍‌ରେ କିଛି ବିଭୂତି ମିଶାଇ ଆକ୍ରାନ୍ତ ହୋଇଥିବା ସ୍ଥାନରେ ଧୀରେ ଧୀରେ ପ୍ରଲେପ ଦିଅନ୍ତୁ (ଘସନ୍ତୁ ନାହିଁ) ।

ଉପରୋକ୍ତ ଉଦାହରଣ ଗୁଡ଼ିକରୁ ଜଣାଯାଏ ଯେ ଏହି ତିନି ପ୍ରକାର ତେଲ ସହିତ ବିଭୁତି କିପରି ଉପକାରରେ ଲାଗିଥାଏ । ହଜାର ହଜାର ଭକ୍ତ ଦୃଢ଼ ବିଶ୍ୱାସର ସହିତ ତେଲରେ ବିଭୂତି ମିଶାଇ ପ୍ରଲେପ ଦେଇ କିମ୍ବା କେବଳ ବିଭୂତି ସେବନ କରି କିମ୍ବା ଜଳରେ ବିଭୂତି ମିଶାଇ ପାନ କରିବା ଦ୍ୱାରା ମାନସିକ, ଶାରୀରିକ ଏବଂ ଆଧ୍ୟାତ୍ମିକ ଉପକାର ପାଇଛନ୍ତି ବୋଲି ଜଣାଇଛନ୍ତି ।

❑ ❑

ଅଧ୍ୟାୟ - ୨୧

ଜାମନଗର ମହାରାଜାଙ୍କର ଦିବ୍ୟ ଅନୁଭୂତି

ମୋର ଜାମନଗର ରହଣୀ କାଳ ମଧ୍ୟରେ ମେଡ଼ିକାଲ କଲେଜ ଓ ହସ୍‌ପିଟାଲ କାର୍ଯ୍ୟ ବ୍ୟତୀତ ଅନ୍ୟ ଏକ କାର୍ଯ୍ୟ ଥିଲା ସପ୍ତାହ ଶେଷରେ ଟ୍ରେନ୍ ଓ ବସ୍‌ରେ ଜାମନଗରର ବିଭିନ୍ନ ସ୍ଥାନ ଘୁରି ବୁଲିବା । ଦୁଇ ତିନି ଘଣ୍ଟା ପାଇଁ ଏଭଳି ଯାତ୍ରା କରିବାକୁ ପଡୁଥିଲା । ଏହି ଯାତ୍ରାର ଏକମାତ୍ର ଉଦ୍ଦେଶ୍ୟ ଥିଲା ପରମପ୍ରିୟ ସ୍ୱାମୀଙ୍କର ଦିବ୍ୟ ସନ୍ଦେଶକୁ ଲୋକଙ୍କ ପାଖରେ ପହଞ୍ଚାଇବା । ଏହାଦ୍ୱାରା ବାଡ଼ବାଗ୍ନି ସମଗ୍ର ଜଙ୍ଗଲ ମଧ୍ୟରେ ମାଡ଼ିଗଲା ଭଳି ବାବାଙ୍କର ନାମ ଓ ସନ୍ଦେଶ ଚାରିଆଡ଼େ ପ୍ରସାର ଲାଭ କରିବାକୁ ଲାଗିଲା । ଅଧିକରୁ ଅଧିକ ଲୋକ ବାବାଙ୍କ ସମ୍ପର୍କରେ ବିଭିନ୍ନ କାର୍ଯ୍ୟକ୍ରମ କରିବାକୁ ଆରମ୍ଭ କଲେ । ପରେ ପରେ ସତ୍ୟସାଇ ପାଠଚକ୍ର ଓ ସାଇକେନ୍ଦ୍ରମାନ ବିଭିନ୍ନ ସ୍ଥାନରେ ପ୍ରତିଷ୍ଠିତ ହେଲା ।

ଛୁଟିଦିନମାନଙ୍କରେ ମଧ୍ୟ 'ଏହି ଦାସ' ବାବାଙ୍କ ଦିବ୍ୟବାର୍ତ୍ତା ଲୋକମାନଙ୍କ ପାଖରେ ପହଞ୍ଚାଇବା, ସାଇ ପାଠଚକ୍ର ଓ ଭଜନ କେନ୍ଦ୍ର ପ୍ରତିଷ୍ଠା କରିବା, ବାଳବିକାଶ ପାଠ୍ୟକ୍ରମ ଆରମ୍ଭ କରିବା ଏବଂ ସେବାଦଳ ଗଠନ କରିବା ଉଦ୍ଦେଶ୍ୟରେ ଦୂର ସ୍ଥାନକୁ ଯାତ୍ରା କରୁଥିଲା । ଯେତେବେଳେ ଏହିପରି ଦଳ ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ହାତକୁ ନେଉଥିଲେ ସେତେବେଳେ ସେଗୁଡ଼ିକ ସାଇବାବା କେନ୍ଦ୍ରରେ ରୂପାନ୍ତରିତ ହେଉଥିଲା । ୧୯୬୪ରୁ ୧୯୬୮ ମସିହା ଚାରିବର୍ଷ ମଧ୍ୟରେ ପରମପ୍ରିୟ ସ୍ୱାମୀ 'ଏହି ଦାସ'କୁ ସମଗ୍ର ଗୁଜୁରାଟରେ ଶତାଧିକ ସାଇକେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ଆୟୁଧ (ବା ମାଧ୍ୟମ) ରୂପେ ବ୍ୟବହାର କରିଥିଲେ ।

ଥରେ ମୁଁ ଯେତେବେଳେ ମେଡ଼ିକାଲ କଲେଜରେ ମୋ କୋଠରୀରେ ଥିଲି ଜାମନଗର ମହାରାଜାଙ୍କ ଡ୍ରାଇଭର ମୋ ନିକଟକୁ ଆସି ପ୍ରଶ୍ନ କରିଥିଲା "ଆପଣ କଣ ଡକ୍ଟର ଗଢ଼ିଆ ?" ସେ ମହାରାଣୀ ଗୁଲାବ କୁମ୍ବର୍ବାଙ୍କ ଗୁଜୁରାଟି ଭାଷାରେ ଲିଖିତ ଛୋଟ ଚିଠିଟିଏ ମୋ ହାତକୁ ବଢ଼ାଇ ଦେଲା । ସେଥିରେ ଲେଖା ଥିଲା "ଯଦି ଆପଣ ଆମ ପାଇଁ କେତେ ମିନିଟ୍ ସମୟ ଦେଇ ପାରନ୍ତେ ଆମେ ଆପଣଙ୍କୁ ସାକ୍ଷାତ କରି ଖୁସି ହୁଅନ୍ତୁ । କେତେବେଳେ ଆପଣଙ୍କୁ ଆଣିବା ସୁବିଧାଜନକ ହେବ ଦୟାକରି ଡ୍ରାଇଭରକୁ ଜଣାଇଲେ ଆମେ କୃତଜ୍ଞ ରହନ୍ତୁ ।"

ତାପରେ ଯାହା ଘଟିଲା ତାହା ଅତି ବିସ୍ମୟକର ଅନୁଭୂତି । ସେହିଦିନ ସନ୍ଧ୍ୟା ସମୟରେ ଗୋଟିଏ ନମ୍ବର ନ ଥିବା ଏବଂ ଆଗରେ ଭାରତୀୟ ଜାତୀୟ ପତାକା ଉଡୁଥିବା ଏକ ଷ୍ଟେଟ୍ କାର୍‌ରେ ମୋତେ ନିଆଗଲା । ରାଜପ୍ରାସାଦ ନିକଟରେ କାର ପହଞ୍ଚିବା ମାତ୍ରେ ଜଣେ ସଶସ୍ତ୍ର ରକ୍ଷୀ ମୁଖ୍ୟ ଫାଟକ ଖୋଲିଦେଲା । ଦ୍ୱିତୀୟ ଫାଟକ ପାର ହେବା ପରେ ଡ୍ରାଇଭର ମୋତେ ମୁଖ୍ୟ ଦରଜା ଦେଇ ପ୍ରାସାଦ ଭିତରକୁ ନେଇଗଲା । ଏହି ଦରଜାରେ ମଧ୍ୟ ସଶସ୍ତ୍ର ରକ୍ଷୀ ଜଗିରହିଥିଲେ । ରାଜପ୍ରାସାଦ ଅତି ବିଶାଳ । ମୋତେ ଗୋଟିଏ ଅତି ସୁନ୍ଦର ସାଜ ସରଞ୍ଜାମ ସହ କାର୍ପେଟ ବିଛା ହୋଇଥିବା ଏବଂ ଆକର୍ଷଣୀୟ ଅଳଙ୍କାର ଖଞ୍ଜାଯାଇଥିବା କୋଠରୀକୁ ନିଆଗଲା । ମହାରାଣୀ ଏହି କୋଠରୀରେ ପହଞ୍ଚିବା ମାତ୍ରେ ଭଦ୍ରୋଚିତ କୋମଳ ସ୍ୱରରେ କହିଥିଲେ "ସ୍ୱାଗତମ୍, ଦୟାକରି ବେଞ୍ଚରେ ବସନ୍ତୁ ।" ସେ ନିଜେ ମୋ ପାଖରେ ବସି ପଚାରିଥିଲେ "ଆପଣ କଣ ନେବେ ? କଫି ନା ଚା ?" ମୁଁ କହିଥିଲି "ଯାହା ହେଲେ ବି ଚଳିବ ।" ଜଳଯୋଗ ପରେ ସେ ପୁଣି ପଚାରିଲେ "ଏଥର ଆମେ ବାପୁଙ୍କୁ (ମହାରାଜାଙ୍କୁ) ଏଠାକୁ ଡାକିବା କି ? କାରଣ ସେ ଚକଲଗା ଚେୟାରରେ ଅପେକ୍ଷା କରୁଛନ୍ତି ।" ମୁଁ ଉତ୍ତର ଦେଲି "ଦୟାକରି ଡାକନ୍ତୁ ।" ତାପରେ ଜଣେ ସେବକ ଚକଲଗା ଚେୟାରରେ ମହାରାଜା ଦିଗ୍‌ବିଜୟ ସିଂହଙ୍କୁ ସେଇ କୋଠରୀ ମଧ୍ୟକୁ ଆଣିଲା ।

ମହାରାଣୀ ମହାରାଜାଙ୍କୁ କହିଥିଲେ "ଡାକ୍ତର ('ଏହି ଦାସ') ଆସିଛନ୍ତି । ତାଙ୍କୁ ଆମେ ଡାକିବାର କାରଣ କହିବା କି ?" ମହାରାଜା ସମ୍ମତି ଜଣାଇ କହିଥିଲେ "ହଁ ନିଶ୍ଚୟ ।" ମହାରାଣୀ ଗୁଡ଼ା ହୋଇ ରହିଥିବା ପରମପ୍ରିୟ ବାବାଙ୍କର ଏକ ଫଟୋ ଖୋଲି ଧରି କହିଥିଲେ "ମୋ ଗୁରୁ (ଗୁରୁଙ୍କ ନାମ ସେ କହି ନ ଥିଲେ) ଏହି ଫଟୋଟିକୁ ମୋତେ ଦେଇଛନ୍ତି । ତାଙ୍କର ଅତି ବିସ୍ମୟକର ସୂଚନା ହେଲା ଭଗବାନ ଏ ଧରା ପୃଷ୍ଠରେ ପୁନର୍ବାର ଅବତରଣ କରି ସାରିଲେଣି । ଏହା ହେଉଛି ତାଙ୍କ ଫଟୋ । ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ଆପଣଙ୍କ ସହିତ ସମ୍ପର୍କ ରଖିବାକୁ ଗୁରୁ ଆମକୁ ପରାମର୍ଶ ଦେଇଛନ୍ତି । ତେଣୁ ଦୟାକରି ଆମକୁ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ସମ୍ପର୍କରେ ସବୁକଥା ଜଣାଇ ଆପ୍ୟାୟିତ କରାନ୍ତୁ ।" ମୁଁ କହିଥିଲି "ମୁଁ ସ୍ୱାମୀଙ୍କ ସମ୍ପର୍କରେ ଯାହା ଜାଣେ ତାହା ସମୁଦ୍ର ଭିତରେ ଜଳବିନ୍ଦୁ ପରି । ଦେବୀ ସରସ୍ୱତୀ ମଧ୍ୟ ନିଜେ ତାଙ୍କ ସମ୍ପର୍କରେ ସବୁକଥା ଲେଖିପାରିବେ ନାହିଁ । ଏପରିକି ସମୁଦ୍ରର ସବୁ ପାଣି କାଳିରେ ରୂପାନ୍ତରିତ ହେଲେ ମଧ୍ୟ ଲେଖିବା ପାଇଁ ଯଥେଷ୍ଟ ହେବ ନାହିଁ ।"

ମହାରାଣୀ କହିଥିଲେ "ଆପଣଙ୍କ ଉତ୍ତରରେ ଆମେ ସନ୍ତୁଷ୍ଟ । ଆପଣ ଜଣେ ଭଲ ଦାର୍ଶନିକ । ଦୟାକରି ଆପଣଙ୍କ ନିକଟରେ ଥିବା ଜଳବିନ୍ଦୁ ଆମକୁ ଦିଅନ୍ତୁ ।" ମୁଁ

ପରମପ୍ରିୟ ସ୍ୱାମୀଙ୍କର ପୁଟ୍ଟାପର୍ତ୍ତିରେ ଜନ୍ମ ଗ୍ରହଣ, ପିଲାବେଳେ ତାଙ୍କର ଅଲୌକିକତା ପ୍ରଦର୍ଶନ ଏବଂ ତାଙ୍କ ସମ୍ପର୍କରେ ଭକ୍ତମାନଙ୍କର ଓ 'ଏହି ଦାସ'ର ଅଭିଜ୍ଞତା ବର୍ଣ୍ଣନା କରିବା ଆରମ୍ଭ କରିଦେଲି ।

କଥା ମଝିରେ ମହାରାଣୀ ବାଧା ଦେଇ କହିଥିଲେ ''କ୍ଷମା କରିବେ । ବାପୁ ଅଧିକ ଶୁଣିବାକୁ ପ୍ରସ୍ତୁତ ଅଛନ୍ତି କି ନାହିଁ ପଚାରିବା ପାଇଁ ମୋତେ ସୁଯୋଗ ଦିଅନ୍ତୁ । ବାପୁ (ମହାରାଜା)ଙ୍କର ତତ୍‌କ୍ଷଣାତ୍ ଉତ୍ତର ଥିଲା ''ହଁ, ହଁ, ଆମକୁ ଅଧିକ କୁହନ୍ତୁ । ଏହା ନିଶ୍ଚୟ ପ୍ରେରଣାଦାୟକ ।''

ଘଣ୍ଟାଏ ପରେ ବାପୁ ଅଧିକ ଶୁଣିବାକୁ ଚାହାଁନ୍ତି କି ନାହିଁ ଜାଣିବାକୁ ମହାରାଣୀ ତାଙ୍କୁ ପଚାରିଥିଲେ । ବାପୁ ପୁନର୍ବାର ସମ୍ମତି ଜଣାଇଥିଲେ । ଦେଢ଼ଘଣ୍ଟା ପରେ ମହାରାଣୀ ମୋତେ କଥା ବନ୍ଦ କରିବାକୁ ଅନୁରୋଧ କରି କହିଥିଲେ ''ଆଜି ଆମେ ଏକ ଅଲୌକିକତା ଅନୁଭବ କଲୁ । କାରଣ ବାପୁଙ୍କର ଅବସ୍ଥା ଯାହା ସେଥିରେ ସେ ଚକଲଗା ଚେୟାରରେ ଅଧଘଣ୍ଟାରୁ ଅଧିକ ସମୟ ବସି ପାରନ୍ତି ନାହିଁ । କିନ୍ତୁ ଆଜି ସେ ଦେଢ଼ଘଣ୍ଟା ବସିଲେ । ଏ ତ ଆମ ପାଇଁ ଏକ ବଡ଼ ଅଲୌକିକତା ।''

ମହାରାଜା ଚକଲଗା ଚେୟାର ସହ ଠେଲା ହୋଇ ଯିବା ପୂର୍ବରୁ ସପ୍ତାହ ମଧ୍ୟରେ ମୋତେ ଆଉଥରେ ଆସିବା ପାଇଁ ନିମନ୍ତ୍ରଣ କରିବାକୁ ମହାରାଣୀଙ୍କୁ ଅନୁରୋଧ କଲେ । ତାହାହେଲେ ସେ ମୋଠାରୁ ଆହୁରି ଅଧିକ ସୂଚନା ପାଇବେ । ମୁଁ କହିଥିଲି ''ହଁ, ମୁଁ ଗୁରୁବାରଦିନ ଆସି ପାରିବି । ସନ୍ଧ୍ୟା ୬ଟା ୩୦ ମିନିଟ୍‌ରୁ ୮ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଁ ଆପଣମାନଙ୍କ ପାଇଁ ସମୟ ଦେଇ ପାରିବି ।''

ପାଞ୍ଚସପ୍ତାହ ପରେ ମହାରାଜା ହଠାତ୍ ମୋତେ ଆଶ୍ଚର୍ଯ୍ୟ କରି ଜଣାଇଲେ ''ମୁଁ ଆସନ୍ତା କାଲି ଗୋଟିଏ ଭଡ଼ା ବିମାନରେ ମୋର ସେକ୍ରେଟାରୀ ଓ ଦେହରକ୍ଷୀଙ୍କୁ ନେଇ ବାବାଙ୍କ ପାଖକୁ ଯାଉଛି । ଆପଣ ମୋ ସହିତ ଯିବା ପାଇଁ ପସନ୍ଦ କରିବେ କି ?'' ମୁଁ କହିଥିଲି ଯେ ଏବେ ଯିବା ପାଇଁ ମୋ ପକ୍ଷରେ ସମ୍ଭବ ନୁହେଁ । ତାପରେ ସେ ମହାରାଣୀଙ୍କୁ ନେବା ପାଇଁ ଚାହିଁଥିଲେ । ସେ ପର୍ଯ୍ୟନ୍ତ ମହାରାଣୀଙ୍କର ଶତକଡ଼ା ଶହେଭାଗ ବିଶ୍ୱାସ ଆସି ନ ଥିଲା । ସେ ଉତ୍ତର ଦେଲେ ''ଆପଣ ପ୍ରଥମେ ଯାଆନ୍ତୁ, ଅଭିଜ୍ଞତା ଅର୍ଜନ କରନ୍ତୁ । ଆପଣଙ୍କ ଅଭିଜ୍ଞତା ମୋତେ କହିଲେ ମୁଁ ପରେ ଯିବା ନ ଯିବା କଥା ସ୍ଥିର କରିବି ।''

ପ୍ରଶାନ୍ତି ନିଲୟମ୍‌ରେ ପରମପ୍ରିୟ ସ୍ୱାମୀ ମହାରାଜାଙ୍କୁ ଦୂରରୁ ଦେଖି ଜଣେ ସ୍ୱେଚ୍ଛାସେବକଙ୍କୁ ତାଙ୍କ ପାଇଁ ଏକ ଚେୟାର ଆଣିବାକୁ ନିର୍ଦ୍ଦେଶ ଦେଲେ । ସାଧାରଣତଃ ଭକ୍ତମାନେ ସାକ୍ଷାତକାର କୋଠରୀରେ ପରମପ୍ରିୟ ସ୍ୱାମୀଙ୍କ ଆଗରେ ଚଟାଣରେ ବସନ୍ତି ।

ସାକ୍ଷାତକାର କୋଠରୀରେ ସ୍ୱାମୀ ମହାରାଜାଙ୍କୁ କହିଥିଲେ 'ଗଢ଼ିଆ ତୁମ ରାଜପ୍ରାସାଦକୁ ଯିବା ପରେ ତୁମେ ସ୍ୱାମୀ କିଏ ଜାଣିଲ, ଏହା ସତ ନୁହେଁ କି ?'' ମହାରାଜା ଉତ୍ତର ଦେଲେ ''ହଁ ବାବା, ଆପଣ ଠିକ୍ କହୁଛନ୍ତି ।'' ତାପରେ ପରମପ୍ରିୟ ସ୍ୱାମୀ ତାଙ୍କୁ ପଚାରିଲେ ''ତୁମେ ଜାଣ ସ୍ୱାମୀ ତୁମକୁ କେବେଠାରୁ ଜାଣନ୍ତି ?'' ମହାରାଜା ଉତ୍ତର ଦେଲେ ''ନାଁ ବାବା ।''

ତା ପରେ ସ୍ୱାମୀ ସୋମନାଥ ମନ୍ଦିରରେ ଘଟିଥିବା ଏକ ଘଟଣା କଥା ପ୍ରକାଶ କରି ସେଠାରେ ଉପସ୍ଥିତ ଥିବା ସମସ୍ତଙ୍କୁ ଖୁସି କରାଇଥିଲେ । ସେ ପ୍ରକାଶ କଲେ ''ତୁମ ଠାକୁର ଜେଜବାପା ସୋମନାଥଠାରେ ଏକ ଶିବ ମନ୍ଦିର ନିର୍ମାଣ କରାଇଥିଲେ । ସେଠାରେ ସୋମନାଥ ଜ୍ୟୋତିର୍ଲିଙ୍ଗ ପ୍ରତିଷ୍ଠା କରାଯାଇଥିଲା ।'' ବାବାଙ୍କଠାରୁ ଏକଥା ଶୁଣି ମହାରାଜା ଅତି ଖୁସି ହୋଇଯାଇଥିଲେ । ଭାରତରେ ପ୍ରତିଷ୍ଠିତ ବାରଟି ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ସୋମନାଥ ଜ୍ୟୋତିର୍ଲିଙ୍ଗ ଅନ୍ୟତମ ।

ମହାରାଜା ତାଙ୍କ ଜୀବନ ସାରା ଜାମନଗରର ପ୍ରଜାମାନଙ୍କର ଏବଂ ମାନବ ସମାଜର ସେବା କରି ଆସିଛନ୍ତି । ପରମପ୍ରିୟ ସ୍ୱାମୀ ତାଙ୍କୁ କହିଥିଲେ ''ମାନବ ସମାଜ ପାଇଁ ତୁମର ସେବା ଯୋଗୁ ସ୍ୱାମୀ ତୁମକୁ ଏହା ଦେଉଛନ୍ତି ।'' ଏତକ କହି ସ୍ୱାମୀ ଏକ ଅତି ସୁନ୍ଦର ତାମ୍ରଫଳକ ସୃଷ୍ଟି କରିଥିଲେ । ସେଥିରେ ସ୍ୱାମୀଙ୍କର ଫଟୋ ରହିଥିଲା । ସ୍ୱାମୀ ତା ପରେ କହିଥିଲେ ''ଏହି ଫଟୋ ଆଗରେ ଯେତେବେଳେ ଯାହା ପ୍ରାର୍ଥନା ଜଣାଇଲେ ମଧ୍ୟ ସ୍ୱାମୀ ତାର ଉତ୍ତର ଦେବେ ଓ ତୁମର ସବୁ ସମସ୍ୟାର ସମାଧାନ କରିଦେବେ ।'' ସ୍ୱାମୀଙ୍କର ଏହି ଉକ୍ତିରେ ସମସ୍ତେ ଖୁସି ହୋଇଯାଇଥିଲେ ।

ପରମପ୍ରିୟ ସ୍ୱାମୀ ପୁଣି କହିଥିଲେ ''ତୁମର ମହାନ ସେବା ପାଇଁ ତୁମେ କଣ ଚାହଁ ସ୍ୱାମୀ ଜାଣିବାକୁ ଚାହାନ୍ତି ।'' ମହାରାଜା ଉତ୍ତର ଦେଲେ ''ବାବା ମୁଁ ମଧୁମେହ ରୋଗରେ ପୀଡ଼ିତ । ଫଳରେ ମୋର ଦୃଷ୍ଟିଶକ୍ତି ଚାଲିଯାଇଛି । ମୋର ମଧ୍ୟ ଉଚ୍ଚ ରକ୍ତଚାପ ଓ ଯକୃତ ସମସ୍ୟା ରହିଛି । ମୋ ନିଜ ଆଖିରେ ମୁଁ ଆପଣଙ୍କ ଦିବ୍ୟଦର୍ଶନ ଚାହେଁ ।''

ସ୍ୱାମୀ ଉତ୍ତର ଦେଲେ ''ତୁମ ରାଜପ୍ରାସାଦରେ ହିଁ ସ୍ୱାମୀ ତୁମର ଦୃଷ୍ଟିଶକ୍ତି ଫେରାଇ ଆଣିବେ । ସ୍ୱାମୀ ମଧ୍ୟ ତୁମ ରାଜପ୍ରାସାଦ ପରିଦର୍ଶନ କରିବାକୁ ଚାହାଁନ୍ତି ।''

ମହାରାଜା ଏହା ଶୁଣି ଆନନ୍ଦରେ ଅଭିଭୂତ ହୋଇ ପଡ଼ିଥିଲେ ଏବଂ ଉତ୍‌ଫୁଲ୍ଲ ଚିତ୍ତରେ କହିପକାଇଥିଲେ ''ଯଦି ଆପଣ ଆମ ରାଜପ୍ରାସାଦକୁ ଆସନ୍ତି ତେବେ ମୋର ଆଉ କିଛି ଦରକାର ନାହିଁ ।'' ପରମପ୍ରିୟ ସ୍ୱାମୀ ତା ପରେ କହିଥିଲେ ''ଆଦୌ ବ୍ୟସ୍ତ ହୁଅ ନାହିଁ । ସ୍ୱାମୀ କେବଳ ତୁମ ପ୍ରାସାଦରେ ହିଁ ତୁମ ଦୃଷ୍ଟିଶକ୍ତି ଫେରାଇ ଆଣିବେ ।''

ରାଜାଙ୍କ ଦଳଟି ଜାମନଗର ଫେରିଆସିବା ପରେ ମହାରାଜା ମୋତେ ଡକାଇ ପଠାଇଲେ । ମୋତେ ଦେଖିବା ମାତ୍ରେ ତାଙ୍କ ଆଖିରୁ ଲୁହ ଝରିଆସିଲା । ପ୍ରଥମେ ମୋ ମନରେ ବିଭିନ୍ନ ପ୍ରକାର ଚିନ୍ତା ପ୍ରବେଶ କରିଥିଲା । ବୋଧହୁଏ ସ୍ୱାମୀ ତାଙ୍କୁ ସାକ୍ଷାତକାର ଦେଲେ ନାହିଁ କିମ୍ବା ସ୍ୱାମୀ ଏଭଳି ସତ୍ୟ ପ୍ରକାଶ କଲେ ଯେଉଁଥିରେ ମହାରାଜା ଅସନ୍ତୁଷ୍ଟ ହୋଇଛନ୍ତି । ଏହିଭଳି ବହୁ ଚିନ୍ତା ମୋ ମନକୁ ଆସିଥିଲା । ମୁଁ ଶେଷରେ ପଚାରିଥିଲି ''ବାପୁ, ଆଖିରେ ଲୁହ ଆସିବାର କାରଣ କଣ ?''

ସେ ତତ୍‌କ୍ଷଣାତ୍ ଉତ୍ତର ଦେଲେ ''ପରମପ୍ରିୟ ସ୍ୱାମୀ ଏତେ ମହାନ ଯେ ମୁଁ ତାହା ଭାଷାରେ ପ୍ରକାଶ କରିପାରୁ ନାହିଁ ।'' ସେ ମୋତେ ସେହି ତାମ୍ର ଫଳକଟି ଦେଖାଇଲେ ଯେଉଁଥିରେ ସ୍ୱାମୀଙ୍କର ଫଟୋ ରହିଥିଲା । ସେ ସ୍ୱାମୀଙ୍କର ସମସ୍ତ କଥାର ପୁନରାବୃତ୍ତି କରିଥିଲେ । ତାପରେ ସେ କହିଥିଲେ ''ମୁଁ କଣ ଚାହେଁ ବୋଲି ବାବା ମୋତେ ପଚାରିଥିଲେ । ମୁଁ ନିଜ ଚକ୍ଷୁରେ ତାଙ୍କର ଦିବ୍ୟଦର୍ଶନ ଚାହିଁଥିଲି । ଅର୍ଥାତ୍ ମୁଁ ମୋ ଦୃଷ୍ଟିଶକ୍ତି ଫେରାଇ ଆଣିବାକୁ କହିଥିଲି ।'' ଏକଥା କହି ସେ ପୁଣି କାନ୍ଦିବାକୁ ଲାଗିଲେ ଏବଂ କାନ୍ଦି କାନ୍ଦି କହୁଥିଲେ ''ମୁଁ କାହିଁକି ମୋ ଦୃଷ୍ଟିଶକ୍ତି ତାଙ୍କୁ ମାଗିଲି ? ମୁଁ ଶୀଘ୍ର ଏହି ଶରୀର ତ୍ୟାଗ କରିବି । କାହିଁକି ମୁଁ ମୋକ୍ଷ ପ୍ରାପ୍ତି ମାଗିଲି ନାହିଁ ?''

ମୁଁ ତାଙ୍କୁ କହିଥିଲି ''ଆପଣ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ । ଆପଣ ଭାଗ୍ୟବାନ ଯେ ସ୍ୱାମୀଙ୍କର ଏଭଳି ଏକ ସୁନ୍ଦର ଫଟୋ ପାଇଛନ୍ତି ଏବଂ ଏହି ଫଟୋ ଆଗରେ ପ୍ରାର୍ଥନା କଲେ ସେସବୁ ପୂରଣ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହା ସତ୍ୟ ନୁହେଁ କି ? ତେଣୁ ବର୍ତ୍ତମାନ ଆପଣ ସେହି ଫଟୋ ଆଗରେ ପ୍ରାର୍ଥନା କରନ୍ତୁ । ସ୍ୱାମୀ, ମୁଁ ଆପଣଙ୍କୁ ମୋର ଦୃଷ୍ଟିଶକ୍ତି ଫେରାଇ ଦେବାକୁ ଚାହିଁଲି । ମୁଁ ବର୍ତ୍ତମାନ ଅନୁଭବ କରୁଛି ଏହା ମୋର ଭୁଲ୍ ଥିଲା । ମୁଁ ଆପଣଙ୍କୁ ମୋକ୍ଷପ୍ରାପ୍ତି ପାଇଁ ପ୍ରାଥର୍ନା କରିବା ଉଚିତ ଥିଲା । ମୋତେ ମୋକ୍ଷ ପ୍ରାପ୍ତି ପାଇଁ ପ୍ରତିଶ୍ରୁତି ଦେଲେ ମୁଁ ଆପଣଙ୍କ ନିକଟରେ କୃତଜ୍ଞ ରହିବି ।''

ମହାରାଜା କାନ୍ଦ ବନ୍ଦ କଲେ ଏବଂ କହିଥିଲେ ''ଆପଣଙ୍କର ଅତିବ ଯୁକ୍ତିସଙ୍ଗତ ପରାମର୍ଶ ପାଇଁ ମୁଁ ଆପଣଙ୍କୁ ଧନ୍ୟବାଦ ଜଣାଉଛି । ଆପଣଙ୍କ ପରାମର୍ଶ ଅନୁସାରେ ତାମ୍ର ଫଳକରେ ଥିବା ଫଟୋ ଆଗରେ ମୁଁ ଆଜିଠାରୁ ପ୍ରାର୍ଥନା ଆରମ୍ଭ କରିବି ।''

ଛଅମାସ ପରେ ଗୋଟିଏ ଗୁରୁବାର ପୂର୍ବାହ୍ଣ ପାଞ୍ଚଟା (ବ୍ରାହ୍ମ ମୁହୂର୍ତ୍ତ)ରେ ପରମପ୍ରିୟ ସ୍ୱାମୀ ରାଜପ୍ରାସାଦରେ ଆବିର୍ଭୂତ ହେଲେ । ବ୍ରାହ୍ମମୁହୂର୍ତ୍ତ ପୂର୍ବାହ୍ଣ ୩ଟାରୁ ୬ଟା ମଧ୍ୟରେ ପଡ଼ିଥାଏ ଏବଂ ଏହା ଅତି ପବିତ୍ର ସମୟ । ବାବା ପ୍ରାସାଦରେ ଆବିର୍ଭୂତ ହୋଇ ମହାରାଜାଙ୍କ ଶଯ୍ୟା ନିକଟରେ ଏକ ଶବ୍ଦ କଲେ । ମହାରାଜା ପାଟି କରି ଉଠିଲେ ''ସେଠାରେ କିଏ ?''

ପରମପ୍ରିୟ ସ୍ୱାମୀ ତାଙ୍କର ବର୍ତ୍ତମାନର ରୂପରେ ଉତ୍ତର ଦେଲେ ''ସ୍ୱାମୀ ଆସିଛନ୍ତି ।'' ମହାରାଜା ନିଶ୍ଚିତ ହେବା ପାଇଁ ପ୍ରଶ୍ନ କଲେ ''କିଏ ? ବାବା ?'' ସ୍ୱାମୀ କହିଥିଲେ ''ହଁ ସ୍ୱାମୀ ଆସିଛନ୍ତି ।''

ମହାରାଜା ଉଠିପଡ଼ି ବିଛଣା ଉପରେ ସିଧା ହୋଇ ବସିଲେ ଏବଂ କହିଥିଲେ ''ମୁଁ ଆପଣଙ୍କୁ ଧନ୍ୟବାଦ ଜଣାଉଛି । ଆପଣ ମୋତେ ଦେଖିବାକୁ ପ୍ରାସାଦକୁ ଆସିଛନ୍ତି ।'' ପରମପ୍ରିୟ ସ୍ୱାମୀ କହିଥିଲେ ''ସ୍ୱାମୀ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ତୁମ ଦୃଷ୍ଟିଶକ୍ତି ଫେରାଇ ଦେବା ପାଇଁ ସ୍ୱାମୀ ତୁମ ପ୍ରାସାଦକୁ ଆସିଛନ୍ତି । ମହାରାଜା କହିଥିଲେ ''ହଁ ବାବା, ମୁଁ ଆପଣଙ୍କ କଥା ଭଲଭାବରେ ମନେ ରଖିଛି । ଆପଣ ଆପଣଙ୍କ ପ୍ରତିଶ୍ରୁତି ରକ୍ଷା କରି ଆସିଥିବାରୁ ମୁଁ ଆପଣଙ୍କୁ ଧନ୍ୟବାଦ ଜଣାଉଛି ।'' ତା ପରେ ପରମପ୍ରିୟ ସ୍ୱାମୀ ତାଙ୍କର ଦୁଇ ହାତର ପାପୁଲିକୁ ବାପୁଙ୍କର ଦୁଇ ଆଖି ପତା ଉପରେ ଘସିଦେଲେ ଏବଂ କହିଥିଲେ ''ଏଥର ସ୍ୱାମୀଙ୍କ ଆଡ଼କୁ ଚାହଁ ।'' ଆଶ୍ଚର୍ଯ୍ୟ ! ସ୍ୱାମୀଙ୍କ ପ୍ରତିଶ୍ରୁତି ଅନୁସାରେ ମହାରାଜା ସବୁକିଛି ଦେଖିପାରିଥିଲେ । ମହାରାଜା କହିବାକୁ ଲାଗିଲେ ''ମୁଁ ବର୍ତ୍ତମାନ ଆପଣଙ୍କ ଦିବ୍ୟରୂପ ଦେଖି ପାରୁଛି । ବାବା, ମୁଁ ମୋର ବିନମ୍ର, ନିଷ୍ପାପର ଓ ଆନ୍ତରିକ ପ୍ରାର୍ଥନା ଜଣାଉଛି । ଆମେ ଆପଣଙ୍କ ପାଇଁ କଣ କରିପାରିବୁ ସ୍ୱାମୀ ?'' ବାବା କହିଥିଲେ ''ମହାରାଣୀଙ୍କୁ ଏଠାକୁ ଡାକନ୍ତୁ ।''

ମହାରାଜା ତିନିଥର ତାଳି ମାରିଲେ ଏବଂ ତିନିଜଣ ପୁରୁଷ ସେବାକାରୀ ତତ୍‌କ୍ଷଣାତ୍ ଉପସ୍ଥିତ ହୋଇ କହିଲେ ''ଜୀ ହଜୁର ।'' ମହାରାଜା ସେମାନଙ୍କୁ ନିର୍ଦ୍ଦେଶ ଦେଲେ – ''ମହାରାଣୀଙ୍କୁ କୁହ ସେ ସଙ୍ଗେ ସଙ୍ଗେ ଏ କୋଠରୀକୁ ଆସିବେ ।'' ପୁଣିଥରେ ''ଜୀ ହଜୁର'' କହି ସେମାନେ ମହାରାଣୀଙ୍କୁ ଡାକିବା ପାଇଁ ଚାଲିଗଲେ । ଏହି ପୁରୁଷ ସେବକମାନେ ଭାଗ୍ୟବାନ ଥିଲେ କାରଣ ସେମାନେ ମଧ୍ୟ ସ୍ୱାମୀଙ୍କର ଦିବ୍ୟଦର୍ଶନ ଲାଭ କଲେ ।

ପୁରୁଷ ମୁଖ୍ୟ ସେବକ ମହିଳା ମୁଖ୍ୟ ସେବିକାଙ୍କୁ ଡାକି ଏକଥା ଜଣାଇଲେ ଏବଂ ମୁଖ୍ୟ ସେବିକା ମହାରାଣୀଙ୍କ ଶୟନ କକ୍ଷର ଦରଜାରେ କରାଘାତ କରିବା ସହିତ ''ମହାରାଣୀ ସାହେବା, ମହାରାଣୀ ସାହେବା'' ବୋଲି ବାରମ୍ବାର ଡାକୁଥିଲେ । ମହାରାଣୀ କାରଣ ଜାଣି ପାରି ନ ଥିବାରୁ ତତ୍‌କ୍ଷଣାତ୍ ବିରକ୍ତି ସୂଚକ ଉତ୍ତର ଦେଇଥିଲେ ''କାହିଁକି ଏତେ ସକାଳୁ ଏଠି ଗୋଳମାଳ କରୁଛ ?'' ସେବିକାଟି ସଙ୍ଗେ ସଙ୍ଗେ ଉତ୍ତର ଦେଲା ''ମହାରାଜା ଆପଣଙ୍କୁ ତୁରନ୍ତ ତାଙ୍କ କୋଠରୀକୁ ଯିବାକୁ କହିଛନ୍ତି ।''

ମହାରାଣୀ ଭାବିଲେ ବାପୁ ନିଶ୍ଚୟ ଅଧିକ ଅସୁସ୍ଥତା ଅନୁଭବ କରୁଛନ୍ତି । ତେଣୁ ସେ ତାଙ୍କର ଶୋଇବା ପୋଷାକରେ ତାଙ୍କ ସ୍ୱାମୀଙ୍କ କୋଠରୀକୁ ଦୌଡ଼ିଗଲେ ।

ମହାରାଜାଙ୍କ କୋଠରୀ ଭିତରେ ସ୍ୱାମୀଙ୍କୁ ଦେଖି ମହାରାଣୀ ଆନନ୍ଦରେ ଚିତ୍କାର କରିଉଠିଲେ "ବାବା, ବାବା ।" ମହାରାଣୀ ପ୍ରଥମେ ଭାବିଲେ ଗଡ଼ିଆ ବହୁବାର କହିଲା ପରି ବାବା ସମ୍ମୋହନ ପ୍ରକ୍ରିୟାରେ ସୂକ୍ଷ୍ମ ଶରୀରରେ ଆସି ଆବିର୍ଭୂତ ହୋଇଛନ୍ତି । ତାପରେ ସେ ଭାବିଲେ ପୋଲିସ ସୁରକ୍ଷା କର୍ମୀଙ୍କୁ ଅତିକ୍ରମ କରି ସ୍ୱାମୀ କିପରି ଏଠାକୁ ଆସିପାରିଲେ ? ତାଙ୍କର ପରବର୍ତ୍ତି ଧାରଣା ହେଲା ଯେ ସ୍ୱାମୀ ନିଶ୍ଚୟ ଭଗବାନ ।

ପରମପ୍ରିୟ ସ୍ୱାମୀ ମହାରାଣୀଙ୍କୁ କହିଥିଲେ "ହଁ, ବାବା ଆସିଛନ୍ତି । ବାପୁଙ୍କୁ ମୁଁ ତାଙ୍କର ଦୃଷ୍ଟିଶକ୍ତି ଫେରାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲି । ସେ କାର୍ଯ୍ୟ ଶେଷ ହେଲାଣି । ତାଙ୍କୁ ପଚାର ।"

ବାପୁ ଉତ୍ତର ଦେଲେ "ହଁ ମୁଁ ଏବେ ସବୁ ଦେଖିପାରୁଛି । ବାବା ! ଆମେ ଆପଣଙ୍କ ପ୍ରତି କୃତଜ୍ଞ ଏବଂ ଆପଣଙ୍କୁ ଧନ୍ୟବାଦ ଜଣାଉଛୁ । ଆମେ ଆପଣଙ୍କ ପାଇଁ କଣ କରିପାରିବୁ ?"

ସ୍ୱାମୀ ତାପରେ ବାପୁଙ୍କୁ ତାଙ୍କ ପ୍ରାର୍ଥନା କଥା ସ୍ମରଣ କରାଇ ଦେଇଥିଲେ "ପ୍ରତିଦିନ ତୁମେ କି ପ୍ରାର୍ଥନା କରୁଥିଲ ?" ମହାରାଜା ଉତ୍ତର ଦେଲେ "ସ୍ୱାମୀ ମୋକ୍ଷ ପ୍ରାପ୍ତିପାଇଁ ମୁଁ ପ୍ରାର୍ଥନା କରୁଥିଲି ।" ତାପରେ ପରମପ୍ରିୟ ସ୍ୱାମୀ ତାଙ୍କର ଦିବ୍ୟ ଦକ୍ଷିଣ ହସ୍ତ ବାପୁଙ୍କ ମସ୍ତକ ଉପରେ ସଂଚାଳନ କରିଥିଲେ ଏବଂ କହିଥିଲେ "ଏବେ ତୁମକୁ ମୁକ୍ତି ମିଳିଲା ।" ପରେ ପରେ ବାପୁ ମର ଶରୀର ତ୍ୟାଗ କରିଥିଲେ ଏବଂ ପରମପ୍ରିୟ ସ୍ୱାମୀ ଅଦୃଶ୍ୟ ହୋଇଯାଇଥିଲେ । ସତରେ, ଏହା କେତେ ମହାନ୍ ଅଲୌକିକତା !!

ଜାମନଗରର ପ୍ରଜାମାନେ ତାଙ୍କର ପ୍ରିୟ ମହାରାଜାଙ୍କୁ ଶେଷ ସମ୍ମାନ ଜଣାଇବା ପାଇଁ ବାପୁଙ୍କ ଶରୀରକୁ କିଛିଦିନ ପାଇଁ ସୁରକ୍ଷିତ କରାଯାଇଥିଲା । ପ୍ରଜାମାନେ ମହାରାଜାଙ୍କ ଅନ୍ତିମ ଯାତ୍ରା ପାଇଁ ପ୍ରାର୍ଥନା କରିଥିଲେ "ଯଦିଓ ବାପୁ ଆମ ଭିତରେ ନାହାନ୍ତି, ତଥାପି ଆମେ ସବୁବେଳେ ତାଙ୍କର ସ୍ନେହ, ତାଙ୍କର ଉତ୍ତମ ପ୍ରକୃତି, ଉଲ୍ଲେଖନୀୟ ସେବାକଥା ମନେ ରଖିବୁ । ଭଗବାନ ଆଶୀର୍ବାଦ କରନ୍ତୁ ଯେପରି ତାଙ୍କ ଆତ୍ମା ଶାନ୍ତି ଲାଭ କରୁ ।"

ପରମପ୍ରିୟ ସ୍ୱାମୀ ମୋକ୍ଷପ୍ରାପ୍ତି ସଂପର୍କରେ ଯାହା କୁହନ୍ତି :

"ଯେତେବେଳେ ସାଧକ ତାର ବାହାର ଓ ଭିତରର ସମୁଦାୟ ସୃଷ୍ଟିକୁ ଏକ ଆନନ୍ଦମୟ ପ୍ରେମ ଏବଂ ଜ୍ୟୋତିର ପରିପ୍ରକାଶ ବୋଲି ଅନୁଭବ କରେ ସେତେବେଳେ ସେ ତାର ବ୍ୟକ୍ତିସତ୍ତାର ସୀମିତ ଚେତନାକୁ ହରାଇ ବସେ ଏବଂ ସବୁଦିନ ପାଇଁ ବ୍ୟକ୍ତିତ୍ୱର ପରିସୀମାକୁ ଅତିକ୍ରମ କରିଥାଏ । ଏହାଦ୍ୱାରା ସେ ତାର ଇନ୍ଦ୍ରିୟଗୁଡ଼ିକ ମାଧ୍ୟମରେ ତାର ଅନ୍ତର୍ନିହିତ ଆନନ୍ଦମୟ ଦୈବତ୍ୱକୁ ଉପଲବ୍ଧି କରେ ।"

"ଯେତେବେଳେ ତୁମେ ନିରବଚ୍ଛିନ୍ନ ଭାବରେ ଆନନ୍ଦ ଓ ଶାନ୍ତି ପ୍ରାପ୍ତ ହୁଅ, ସାମୟିକ ସୁଖ ଓ କ୍ଷଣିକ ଶାନ୍ତି ପ୍ରତି ବିମୁଖ ହୁଅ, ସେତେବେଳେ ଶେଷ ମୁହୂର୍ତ୍ତରେ ପରମାନନ୍ଦ ଓ ପ୍ରଶାନ୍ତିର ରହସ୍ୟ ଉପଲବ୍ଧି କର । ତାହାହିଁ ମୋକ୍ଷ । ଏଥିପାଇଁ ଜଣେ କେବଳ ଭଲ କାର୍ଯ୍ୟ କରିବା ପାଇଁ ପ୍ରବଳ ଉଦ୍ୟମ କରିବା ଦରକାର । ତାହାହିଁ ତାକୁ ମୋକ୍ଷ ପ୍ରାପ୍ତି ପାଇଁ ବାଟ କଢ଼ାଇ ନେବ । ମୋକ୍ଷ ଗୋଟିଏ ବସ୍ତୁ ନୁହେଁ ଯେ ତାକୁ ବାହରୁ ସଂଗ୍ରହ କରାଯାଇ ପାରିବ । ଏହା ଜୀବନର ଏକ ମାର୍ଗ । ତୁମେ ଯେତେବେଳେ ତୁମର ଈଶ୍ୱର ଦତ୍ତ ଗୁଣ ବା ପ୍ରକୃତିକୁ ଚିହ୍ନିବ ଏବଂ ଉତ୍ତମ ଆବେଗର ଉତ୍କର୍ଷ ସାଧନ କରିବ ସେତେବେଳେ ତୁମେ ସାଂସାରିକ ବନ୍ଧନମୁକ୍ତ ହୋଇ ମୋକ୍ଷ ପ୍ରାପ୍ତ ହେବ ।"

"କେବଳ ନିଜ ପାଇଁ ମୋକ୍ଷ ପ୍ରାପ୍ତି ଇଚ୍ଛା କରିବା ଠିକ୍ ନୁହେଁ । ଅନ୍ୟମାନଙ୍କର ମୋକ୍ଷ ପ୍ରାପ୍ତି ପାଇଁ ମଧ୍ୟ ଜଣେ ଉଦ୍ୟମ କରିବା ଉଚିତ । ତାହାହିଁ ପ୍ରକୃତ ସେବା । ପ୍ରଥମ ଅବସ୍ଥାରେ ଆମେ ପ୍ରତ୍ୟେକ ମଣିଷର ଅନ୍ତର୍ନିହିତ ଦୈବତ୍ୱକୁ ସ୍ୱୀକାର କରିବା ଦରକାର । ସମଗ୍ର ବିଶ୍ୱ ଈଶ୍ୱରଙ୍କର ଏକ ପ୍ରତିଫଳନ ବୋଲି ଆମର ହୃଦ୍‌ବୋଧ ହେବା ଦରକାର । 'ବିଭିନ୍ନତା ଭିତରେ ଏକତା'କୁ ଆମେ ଅନୁଭବ କରିବା ଦରକାର । କେବଳ ସେତିକିବେଳେ ଆମେ ଦୈବତ୍ୱର ସାମାନ୍ୟ ଅନୁଭୂତି ପାଇପାରିବା ।"

"ଭଗବାନଙ୍କ କୃପା ପାଇବାକୁ ପ୍ରାର୍ଥନା କରିବା ଦ୍ୱାରା ମୋକ୍ଷପ୍ରାପ୍ତି ହୋଇପାରେ । କିନ୍ତୁ ସାଧକ ନିଜର ଅହଂକାରକୁ ତ୍ୟାଗ ନ କଲା ପର୍ଯ୍ୟନ୍ତ ସାଂସାରିକ ସମସ୍ୟାରୁ ନିଜକୁ ମୁକ୍ତ କରିପାରିବ ନାହିଁ । ଯେତେବେଳେ ଅହଂକାର ଚାଲିଯାଏ ସେତେବେଳେ ସେ ନିଜେ ନିଜେ ମୋକ୍ଷ ପ୍ରାପ୍ତ ହୁଏ । ତେଣୁ ମୋକ୍ଷ ପ୍ରାପ୍ତି ପାଇଁ ଇଚ୍ଛା କରିବାର ପ୍ରଶ୍ନ ଉଠିବ କାହିଁକି ?"

କିଛିଦିନ ପରେ ଜାମନଗର ରାଜ୍ୟର ପ୍ରଜାମାନେ ସେମାନଙ୍କର ମହାରାଜାଙ୍କ ମୋକ୍ଷପ୍ରାପ୍ତି କାହାଣୀ ଜାଣିବାକୁ ପାଇଥିଲେ । ଏ ସମ୍ବାଦ ସମଗ୍ର ଗୁଜୁରାଟରେ ବ୍ୟାପୀ ଯାଇଥିଲା । ଅଳ୍ପଦିନ ଭିତରେ ପ୍ରତ୍ୟେକ ଲୋକ ଭଗବାନ ସତ୍ୟସାଇ ବାବାଙ୍କର ମହିମା ଜାଣିପାରିଥିଲେ ।

□□

ଅଧ୍ୟାୟ - ୨୨

ଜାମନଗର ମହାରାଣୀଙ୍କୁ ସ୍ୱାମୀଙ୍କର ଆଶୀର୍ବାଦ

ପରମପ୍ରିୟ ସ୍ୱାମୀଙ୍କର ଜାମନଗର ରାଜ ପ୍ରାସାଦରେ ଅବିର୍ଭାବ ପୂର୍ବକ ଅଲୌକିକ ଘଟଣା ଘଟିବାର କିଛିଦିନ ପରେ ଜାମନଗରର ମହାରାଣୀ ରାଜମାତା ଗୁଲାବ କୁମ୍ବର୍ବା ମୋତେ ଡକାଇଥିଲେ । ସେ ମୋ ଆଗରେ ଯାହା ସବୁ ଘଟିଥିଲା ତାର ପୂର୍ଣ୍ଣ ବିବରଣୀ ପ୍ରକାଶ କରିଥିଲେ । ତାଙ୍କଠାରେ ସଂପୂର୍ଣ୍ଣ ପରିବର୍ତ୍ତନର ସୂଚନା ଦେଇ ସେ କହିଥିଲେ ''ବାବା ଭଗବାନ ବୋଲି ମୁଁ ବର୍ତ୍ତମାନ ବୁଝୁଛି ।''

ବାପୁ (ମହାରାଜା)ଙ୍କ ପାଇଁ ଶୋକପାଳନ ସମୟ ଅତିବାହିତ ହେବା ପରେ ମହାରାଣୀ ପ୍ରଶାନ୍ତି ନିଳୟମକୁ ଯାଇଥିଲେ । ପରମପ୍ରିୟ ସ୍ୱାମୀ ତାଙ୍କୁ ସାକ୍ଷାତ୍କାରର ସୁଯୋଗ ଦେଇ କହିଥିଲେ ''ବର୍ତ୍ତମାନ ତୁମେ ନିଜକୁ ସଂପୂର୍ଣ୍ଣ ରୂପେ ବଦଳାଇ ଦିଅ ଯେପରି ତୁମେ ମୀରାବାଈର ସମକକ୍ଷ ହେବ ।'' (ମୀରାବାଈ ଭଗବାନ ଶ୍ରୀକୃଷ୍ଣଙ୍କର ଏକନିଷ୍ଠ ଭକ୍ତ ଥିଲେ । ସେ ରାଣୀ ହେବା ସତ୍ତ୍ୱେ ସାଂସାରିକ ବନ୍ଧନରୁ ସଂପୂର୍ଣ୍ଣ ମୁକ୍ତ ରହି ଓ ଶ୍ରୀକୃଷ୍ଣଙ୍କ ପାଇଁ ନିସର୍ତ୍ତ ପ୍ରେମ ପ୍ରକାଶ କରି ପ୍ରସିଦ୍ଧି ଲାଭ କରିଥିଲେ ।)

ସ୍ୱାମୀଙ୍କ କୃପାରୁ ରାଜମାତାଙ୍କର ମାତ୍ର କେତୋଟି ମାସ ମଧ୍ୟରେ ସଂପୂର୍ଣ୍ଣ ପରିବର୍ତ୍ତନ ଆସିଯାଇଥିଲା । ମାନବୀୟ ସେବା କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ସେ ବାବାଙ୍କୁ ପ୍ରାର୍ଥନା କରିଥିଲେ । ପରମପ୍ରିୟ ସ୍ୱାମୀ ତାଙ୍କୁ ଜାମନଗରଠାରେ ଏକ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ପରାମର୍ଶ ଦେଇଥିଲେ । ଶ୍ରୀ ସତ୍ୟସାଇ ବିଦ୍ୟାଳୟ ନାମରେ ଏହି ବିଦ୍ୟାଳୟ ଗଢ଼ି ଉଠିଥିଲା । ଏହା ତାର ଉତ୍କର୍ଷତା ପାଇଁ ପ୍ରସିଦ୍ଧି ଲାଭ କଲା । ଏକହଜାରରୁ ଅଧିକ ଛାତ୍ର ସେଠାରେ ପଢ଼ନ୍ତି । ନିରାପଦରେ ପିଲାମାନଙ୍କୁ ନେବା ଆଣିବା ପାଇଁ ମହାରାଣୀ ମଧ୍ୟ ବସ୍ ବ୍ୟବସ୍ଥା କରିଥିଲେ ।

ପରମପ୍ରିୟ ସ୍ୱାମୀ ମହାରାଣୀଙ୍କର ପରିବର୍ତ୍ତନରେ ଅତ୍ୟନ୍ତ ଖୁସି ହୋଇଥିଲେ ଏବଂ ତାଙ୍କୁ ବାଙ୍ଗାଲୋର ହ୍ୱାଇଟ୍ ଫିଲ୍ଡ଼ର ମୁଖ୍ୟ ଫାଟକ ନିକଟରେ ଏବଂ ପ୍ରଶାନ୍ତି ନିଳୟମଠାରେ ଦୁଇଟି ଘର ଯୋଗାଇ ଦେଇଥିଲେ । ମହାରାଣୀ ଯେତେବେଳେ ଦର୍ଶନ

ପାଇଁ ଆସନ୍ତି ସେଠାରେ ରହନ୍ତି । ବେଳେବେଳେ ସ୍ୱାମୀ ମହାରାଣୀଙ୍କର ଉଭୟ ଘରେ ଭୋଜନ ମଧ୍ୟ କରିଥାନ୍ତି ।

ଏହି ସମୟ ମଧ୍ୟରେ ପରମପ୍ରିୟ ସ୍ୱାମୀ ଦୁଇଟି ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ସେଥିରୁ ଗୋଟିଏ ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟ ନାମରେ ଅନନ୍ତପୁରଠାରେ ପ୍ରତିଷ୍ଠିତ ଓ ଅନ୍ୟଟି ଶ୍ରୀ ସତ୍ୟସାଇ ସାଇନ୍ସ ଆଣ୍ଡ୍ ଆର୍ଟସ୍ କଲେଜ (ବିଜ୍ଞାନ ଓ କଳା ମହାବିଦ୍ୟାଳୟ) ନାମରେ ବାଙ୍ଗାଲୋରର ହ୍ୱାଇଟ୍ ଫିଲ୍ଡ଼ଠାରେ ପ୍ରତିଷ୍ଠିତ । ହ୍ୱାଇଟ୍ ଫିଲ୍ଡ଼ କଲେଜରେ ଗୋଟିଏ ଅଡ଼ିଟୋରିୟମ୍ (ସଭାଗୃହ/ପ୍ରେକ୍ଷାଳୟ) ନ ଥିବାରୁ ମହାରାଣୀ ଏକହଜାର ଲୋକ ବସିଲା ଭଳି ଏକ ସଭାଗୃହ ତିଆରି କରାଇଥିଲେ । ପରମପ୍ରିୟ ସ୍ୱାମୀ ଏହାର ନାମ 'ଗୁଲାବ କୁମ୍ବର୍ବା ଅଡ଼ିଟୋରିୟମ୍' ନାମରେ ନାମିତ କରିଥିଲେ । ଏହା ସ୍ୱର୍ଗତ ମହାରାଜାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ । ଏହି ସଭାଗୃହ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିଲା । ୧୯୭୦ ମସିହାରେ 'ସମର ସାଓ୍ୱାର୍ସ ଇନ୍ ବୃନ୍ଦାବନ' (ବୃନ୍ଦାବନରେ ଗ୍ରୀଷ୍ମକାଳୀନ ବୃଷ୍ଟିପାତ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ପାଠ୍ୟକ୍ରମରେ ବଛାଯାଇଥିବା ପ୍ରାୟ ୫୦୦ ଛାତ୍ରଛାତ୍ରୀ ଯୋଗ ଦେଉଥିଲେ । ବିଭିନ୍ନ ଭାରତୀୟ ରାଜ୍ୟରୁ କାର୍ଯ୍ୟକୁଶଳତା ଓ ପରୀକ୍ଷାରେ ସେମାନଙ୍କର କୃତିତ୍ୱକୁ ଭିତ୍ତିକରି ସେମାନଙ୍କୁ ବଛାଯାଉଥିଲା । 'ଏହି ଦାସ' ଏବଂ ତାଙ୍କ ପତ୍ନୀ ନନ୍ଦା ମଧ୍ୟ ଏଭଳି ଗୋଟିଏ କାର୍ଯ୍ୟକ୍ରମକୁ ନିମନ୍ତ୍ରିତ ହୋଇଥିଲେ । (ଅଧ୍ୟାୟ - ୩୪ ଦେଖନ୍ତୁ) ।

ବାପୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ରାଜମାତା ସୋମନାଥ ମନ୍ଦିରଠାରେ ଏକ ବିଶାଳକାୟ ତୋରଣ ଦ୍ୱାର ନିର୍ମାଣ କରିଥିଲେ । ଏହାକୁ 'ଦିଗ୍‌ବିଜୟ ଦ୍ୱାର' ନାମରେ ନାମିତ କରାଯାଇଥିଲା । ଏହାକୁ ଉଦ୍‌ଘାଟନ କରିବା ପାଇଁ ରାଜମାତା ସ୍ୱାମୀଙ୍କୁ ନିମନ୍ତ୍ରଣ କରିଥିଲେ । ପରମପ୍ରିୟ ବାବାଙ୍କୁ ସୋମନାଥ ମନ୍ଦିରଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ହଜାର ହଜାର ଲୋକଙ୍କର ଗହଳି ହୋଇଥିଲା । ସମସ୍ତେ ସ୍ୱାମୀଙ୍କର ଦିବ୍ୟଦର୍ଶନ ଲାଭ କରିଥିଲେ ।

ଉଦ୍‌ଘାଟନୀ ଉତ୍ସବ ସରିବା ପରେ ସ୍ୱାମୀ ସୋମନାଥ ମନ୍ଦିର ମଧ୍ୟକୁ ଯାଇଥିଲେ ଏବଂ ଏକ ଜ୍ୟୋତିର୍ଲିଙ୍ଗ ସୃଷ୍ଟି କରିଥିଲେ । ରାଜମାତା ଗୁଲାବ କୁମ୍ବର୍ବା ସୁନ୍ଦର ଭାବରେ ସଜା ହୋଇଥିବା ଗୋଟିଏ ସୁବର୍ଣ୍ଣ ଫଳକ ଦେଇଥିଲେ ଏବଂ ଏହା ଉପରେ ଜ୍ୟୋତିର୍ଲିଙ୍ଗକୁ ରଖାଯାଇଥିଲା । ଏହା ରାଜମାତା ଓ ଉପସ୍ଥିତ ଭକ୍ତମାନଙ୍କ ପାଇଁ ଏକ ସ୍ମରଣୀୟ ଦିବସ ହୋଇଥିଲା । ଏବେ ମଧ୍ୟ ସୋମନାଥଙ୍କ ଆସ୍ଥାନ ପଛପାଖରେ ରହିଥିବା ଏହି ଜ୍ୟୋତିର୍ଲିଙ୍ଗକୁ ଦାୟିତ୍ୱରେ ଥିବା ପୂଜକଙ୍କ ଅନୁମତି ନେଇ ଦେଖି ହେବ ।

ରାଜମାତା ଜାମନଗର ରାଜପ୍ରାସାଦକୁ ଯିବା ପାଇଁ ନିମନ୍ତ୍ରଣ ଜଣାଇବାରୁ ବାବା କହିଥିଲେ ''ଯଥା ସମୟରେ ସ୍ୱାମୀ ରାଜପ୍ରାସାଦ ପରିଦର୍ଶନ କରିବେ ।'' ଯାହା ହେଉ ଏହାପରେ ୧୯୬୫ ମସିହାରେ ଭାରତ ଓ ପାକିସ୍ଥାନ ମଧ୍ୟରେ ଯୁଦ୍ଧ ଲାଗି ଯାଇଥିଲା ଏବଂ ବୋମା ବିସ୍ଫୋରଣ ଫଳରେ ଜାମନଗରର ବିମାନ ବନ୍ଦର କ୍ଷତିଗ୍ରସ୍ତ ହୋଇଥିଲା ।

ବାବାଙ୍କର ଆଶ୍ଚର୍ଯ୍ୟଜନକ କୃପା

ଭାବନଗରର ରାଜମାତା ଜାମନଗରର ରାଜମାତାଙ୍କୁ ସାକ୍ଷାତ୍ କରି କହିଥିଲେ '' ଆମେ ଶୁଣିଲୁ ଭଗବାନ ସତ୍ୟସାଇ ବାବା ଆପଣଙ୍କୁ ଦିବ୍ୟ କୃପା ପ୍ରଦାନ କରିଛନ୍ତି । ତାଙ୍କର ଦିବ୍ୟଦର୍ଶନ ଓ ଆଶୀର୍ବାଦ ଦେଇ ସୌଭାଗ୍ୟବତୀ କରିବା ପାଇଁ ମୁଁ ମଧ୍ୟ ମୋର ନିଷ୍କାପର ଓ ଆନ୍ତରିକ ପ୍ରାର୍ଥନା ଜଣାଉଛି ।'' ଜାମନଗରର ରାଜମାତା ଉତ୍ତର ଦେଇ ଜଣାଇଥିଲେ ''ସ୍ୱାମୀ ହେଉଛନ୍ତି ସମଗ୍ର ବିଶ୍ୱର ସର୍ବଦେବତା ସ୍ୱରୂପ ଅବତାର । ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ସେ ଆପଣଙ୍କୁ ଆଶୀର୍ବାଦ କରିବେ । ଆପଣ ମୋ ସହିତ ଆସିପାରନ୍ତି ।''

ଉଭୟ ପରମପ୍ରିୟ ସ୍ୱାମୀଙ୍କ ନିକଟକୁ ଯାଇଥିଲେ । ସ୍ୱାମୀ ଜାମନଗରର ରାଜମାତାଙ୍କୁ ପ୍ରଶ୍ନ କରିଥିଲେ ''ତୁମେ ଭାବନଗରର ରାଜାମାତାଙ୍କୁ ତୁମ ସହିତ ଆଣିଛ । ସେ ଗୋଟିଏ ପୁତ୍ର ସନ୍ତାନ ଚାହାଁନ୍ତି । ଏହା ସତ୍ୟ ନୁହେଁ କି ?'' ଭାବନଗରର ରାଜମାତା ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଏବଂ ସ୍ୱାମୀଙ୍କୁ କହିଥିଲେ ''ବାବା, ଆପଣ ଅନ୍ତର୍ଯ୍ୟାମୀ । ଆପଣ ସବୁକିଛି ଜାଣନ୍ତି । ହଁ, ଆପଣ ଠିକ୍ କଥା କହିଛନ୍ତି । ଦୟାକରି ମୋତେ ଆପଣଙ୍କର ଦିବ୍ୟ ଆଶୀର୍ବାଦ ପ୍ରଦାନପୂର୍ବକ ପୁତ୍ର ସନ୍ତାନଟିଏ ଦିଅନ୍ତୁ ।''

ତା ପରେ ପରମପ୍ରିୟ ସ୍ୱାମୀ ତାଙ୍କୁ ପାଖକୁ ଆସିବାକୁ କହିଥିଲେ ଏବଂ ଗୋଟିଏ ଶୁଖିଲା ଖଜୁରୀ ସୃଷ୍ଟିକରି କହିଥିଲେ ''ରାଜପ୍ରାସାଦରେ ଏହି ଖଜୁରୀଟି ଖାଇଦିଅ ଏବଂ ଏହାର ମଞ୍ଜିକୁ ପ୍ରାସାଦର କୂପ ମଧ୍ୟରେ ନିକ୍ଷେପ କର । ତାହାହେଲେ ତୁମେ ପୁତ୍ର ସନ୍ତାନଟିଏ ପାଇବ ।''

କିଛିଦିନ ପରେ ଭାବନଗରର ରାଜମାତା ଗର୍ଭବତୀ ହୋଇଥିଲେ ଏବଂ ଯଥା ସମୟରେ ପୁତ୍ର ସନ୍ତାନଟିଏ ଜନ୍ମ ଦେଇଥିଲେ । ସେ ପରମପ୍ରିୟ ସ୍ୱାମୀଙ୍କ ନିକଟକୁ ଯାଇ କହିଥିଲେ ''ଆପଣଙ୍କ କୃପା ଓ ଆଶୀର୍ବାଦ ଯୋଗୁ ଏହି ପୁତ୍ର ସନ୍ତାନଟି ଜନ୍ମଗ୍ରହଣ କରିଛି । ତାର ନାମକରଣ କରିଦିଅନ୍ତୁ ।'' ପରମପ୍ରିୟ ସ୍ୱାମୀ ମୁଖରେ ସ୍ମିତହାସ୍ୟ ଫୁଟାଇ ପିଲାଟିର ନାମ ଦେଇଥିଲେ 'ବିଜୟରାଜ' । ନିକଟରେ ମହାମହୀମ ଭାବନଗରର ରାଜମାତା ଓ ତାଙ୍କର ପୁତ୍ର ମହାମହୀମ ବିଜୟରାଜ ସିଂହ (ଯାହାଙ୍କର ବୟସ ଏବେ

୩୦ ବର୍ଷ)ଙ୍କର ଫଟୋ 'ଗର୍ବୀ ଗୁଜୁରାଟ'ର ସ୍ୱତନ୍ତ୍ର ସଂଖ୍ୟା, ୨୦୦୩ ରେ 'ଏସିଆନ୍ ଭଏସ୍'ରେ ପ୍ରକାଶ ପାଇଥିଲା ।

ମୁଁ ଯେତେବେଳେ ବାଙ୍ଗାଲୋର ନିକଟରେ ହ୍ୱାଇଟ୍ ଫିଲ୍ଡ଼ରେ ରହୁଥିଲି, ଏ ଘଟଣାର ବହୁବର୍ଷ ପରେ ସ୍ୱାମୀ ମୋତେ ବାରମ୍ବାର ସେଠାରେ ଥିବା ତାଙ୍କ ବାସସ୍ଥାନ 'ତ୍ରୟି ବୃନ୍ଦାବନ'କୁ ଡାକି ଛାତ୍ରମାନଙ୍କୁ ମୋ ଅଭିଜ୍ଞତା ବର୍ଣ୍ଣନା କରିବାକୁ କହୁଥିଲେ । ଥରେ ମୁଁ ସେଠାରେ ଯାହା କହିଥିଲି ତାର ସଂକ୍ଷିପ୍ତ ବିବରଣୀ ନିମ୍ନରେ ଦିଆଗଲା ।

ଭଗବାନଙ୍କ ସଂକଳ୍ପହିଁ ଚୂଡ଼ାନ୍ତ

୧୯୬୪ ମସିହା ପରେ ଗୁଜୁରାଟରେ ଶତାଧିକ ସାଇକେନ୍ଦ୍ରମାନ ପ୍ରତିଷ୍ଠା ହୋଇଥିଲା । ଜାମନଗରର ଛ'ଟି ସାଇକେନ୍ଦ୍ର ମଧ୍ୟରୁ ଗୋଟିଏ ବିମାନବନ୍ଦର ନିକଟରେ ଥିବା ବାୟୁସେନା ସାମରିକ ଘାଟିଠାରେ ଅବସ୍ଥିତ ଥିଲା । ଅଧିକାଂଶ ବାୟୁସେନା ଅଫିସର ସ୍ୱାମୀଙ୍କର ଭକ୍ତ ଥିଲେ । ଯଦିଓ ସେମାନେ ଜାମନଗରରେ ରହୁଥିଲେ, ତଥାପି ସେମାନେ ମାଡ୍ରାସ (ତାମିଲନାଡୁ)ର ମୂଳ ବାସିନ୍ଦା ।

ମିଷ୍ଟର ପଦ୍ମନାଭନ ବାୟୁସେନା ଘାଟିର ଅଧ୍ୟକ୍ଷ ଏବଂ ସାଇକେନ୍ଦ୍ରର ମୁଖ୍ୟ ଥିଲେ । ଜାମନଗରରେ ମଧ୍ୟ ସ୍ଥଳବାହିନୀ ଓ ନୌବାହିନୀର ସାମରିକ ଘାଟି ରହିଥିଲା । ତେଣୁ ଏହା ୧୯୬୫ ମସିହା ଯୁଦ୍ଧରେ ଶତ୍ରୁପକ୍ଷର ଲକ୍ଷ୍ୟସ୍ଥଳ ଥିଲା । ପ୍ରଥମ ବୋମାମାଡ଼ ଜାମନଗରର ବାୟୁସେନା ସାମରିକ ଘାଟି ଉପରେ ହୋଇଥିଲା ।

ଯୁଦ୍ଧ ସମୟରେ ସଂପୂର୍ଣ୍ଣ ରୂପେ ସେଠାରେ ବ୍ଲାକ୍ ଆଉଟ୍ ଲାଗୁ କରାଯାଇଥିଲା । ସେତେବେଳେ ମିଷ୍ଟର ପଦ୍ମନାଭନ 'ଏହି ଦାସ'କୁ ଦୁଇଟି କାରଣରୁ ସାହାଯ୍ୟ ମାଗିଥିଲେ । (୧) ବାୟୁସେନାର ଅଫିସର ଓ ଅନ୍ୟ ଲୋକମାନଙ୍କୁ ରକ୍ଷା କରିବା ପାଇଁ ପ୍ରାର୍ଥନା ଜଣାଇ ଭଗବାନ ବାବାଙ୍କ ନିକଟକୁ ଏକ୍ସପ୍ରେସ୍ ଡେଲିଭରି ଚିଠି ପଠାଇବାକୁ ଏବଂ (୨) ସେମାନଙ୍କ ପରିବାରର ସଭ୍ୟମାନେ ପରଦିନ ସକାଳୁ ମାଡ୍ରାସ ଯିବା ପର୍ଯ୍ୟନ୍ତ ସେମାନଙ୍କର ଦାୟିତ୍ୱ ନେବା ପାଇଁ ଅନୁରୋଧ କରିଥିଲେ । ସବୁ ଦୃଷ୍ଟିରୁ ସବୁ ପରିବାରର ସଭ୍ୟମାନଙ୍କର ଯତ୍ନ ନିଆଯାଇଥିଲା ଏବଂ ଯାତ୍ରାପାଇଁ ଅଧିକ ଖାଦ୍ୟ ପ୍ୟାକେଟ୍ ମଧ୍ୟ ପ୍ରସ୍ତୁତ କରାଯାଇଥିଲା ।

ସ୍ୱାମୀ ଚିଠି ପାଇବା ମାତ୍ରେ ପ୍ରଫେସର କସ୍ତୁରୀଙ୍କୁ ଡକାଇ ସିଧାସଳଖ ଏକ୍ସପ୍ରେସ୍ ଡେଲିଭରି ଡାକରେ ଉତ୍ତର ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପରଦିନ ହିଁ କସ୍ତୁରୀଙ୍କ ଚିଠି ଆମେ ପାଇଥିଲୁ । ବାର୍ତ୍ତାରେ ଲେଖା ଥିଲା—

"ଏ ଚିଠିର ବିଷୟବସ୍ତୁ ଲେଖିବା ପାଇଁ ସ୍ୱାମୀ ଡାକି ଦେଇଥିଲେ । ଯେତେବେଳେ ତୁମପରି ଅର୍ଜୁନ ସେଠାରେ ଅଛନ୍ତି ସେତେବେଳେ ବ୍ୟସ୍ତ ହେବ କାହିଁକି ? ସବୁ ବାୟୁସେନା ଭକ୍ତମାନଙ୍କୁ ଜଣାଇଦିଅ ଆଦୌ ବ୍ୟସ୍ତ ହେବେ ନାହିଁ । ସେମାନଙ୍କର ସେଭଳି କିଛି ଅନିଷ୍ଟ ହେବାର ନାହିଁ । କିନ୍ତୁ ସେମାନେ ଦୁଇଟି କାର୍ଯ୍ୟ କରିବା ଉଚିତ । ପ୍ରଥମତଃ ତୁଣ୍ଡରେ ଭଗବାନଙ୍କ ନାମ ଉଚ୍ଚାରଣ କରିବେ ଏବଂ ଦ୍ୱିତୀୟତଃ ନିଜ ହୃଦୟ ମଧ୍ୟରେ ଭଗବାନଙ୍କ ମୂର୍ତ୍ତି ସ୍ଥାପନ କରିବେ ।"

ଯୁଦ୍ଧ ବିରତି ପୂର୍ବରୁ ପାକିସ୍ଥାନ ଅଳ୍ପଦିନ ବ୍ୟବଧାନରେ ଜାମନଗର ବାୟୁସେନା ସାମରିକ ଘାଟି ଉପରେ ତିନୋଟି ବୋମା ପକାଇଥିଲା । କିନ୍ତୁ ସେଥିରୁ କୌଣସିଟି ବିସ୍ଫୋରିତ ହୋଇ ନଥିଲା । ବାୟୁସେନା ଅଫିସରମାନେ ବୋମା ବିସ୍ଫୋରଣ ନ ହେବାର କାରଣ ଜାଣିବାକୁ ଆଗ୍ରହୀ ହୋଇ ପଡ଼ିଥିଲେ । ସେମାନେ ଅନୁସନ୍ଧାନ କରିବାକୁ ଲାଗିଲେ କିନ୍ତୁ ବିସ୍ଫୋରଣର ବିଫଳତା ସଂପର୍କରେ କିଛି ଜାଣିପାରିଲେ ନାହିଁ । ପ୍ରତ୍ୟେକ ବୋମାର 'ସେଲ' ବାହାରି ଯାଇଥିଲା ମାତ୍ର କୌଣସି ବୋମା ବିସ୍ଫୋରଣ ହୋଇପାରି ନ ଥିଲା । ଏହା ଅତି ଜଣାଶୁଣା ଯେ ଯେତେବେଳେ ବୋମାର 'ସେଲ' ବାହାରିଯାଏ ବୋମା ନିଶ୍ଚିତ ଭାବରେ ବିସ୍ଫୋରିତ ହୋଇଥାଏ । ଅଫିସରମାନେ ଭାବିବାକୁ ଲାଗିଲେ ଯେ କେବଳ ସ୍ୱାମୀଙ୍କ ହସ୍ତକ୍ଷେପ ଯୋଗୁ ବୋମାଗୁଡ଼ିକ ଫୁଟି ନଥିଲା । ଏହାଛଡ଼ା ଅନ୍ୟ କୌଣସି କାରଣ ସେମାନେ ଖୋଜି ପାଇ ନଥିଲେ । ସ୍ୱାମୀଙ୍କ ସଂକଳ୍ପ କେବେହେଲେ ବିଫଳ ହୁଏ ନାହିଁ । ସେମାନଙ୍କର ବିଶ୍ୱାସ ବହୁଗୁଣରେ ବୃଦ୍ଧି ପାଇଥିଲା, କାରଣ ସ୍ୱାମୀ ସେମାନଙ୍କର ଜୀବନ ରକ୍ଷା କରିଦେଇଥିଲେ । ଏହି ଘଟଣା 'ସନାତନ ସାରଥି'ରେ ପ୍ରକାଶ ପାଇଛି ।

ହ୍ୱାଇଟ୍ ଫିଲ୍ଡ଼ଠାରେ ସ୍ୱାମୀଙ୍କ ଉପସ୍ଥିତିରେ ମୁଁ ଛାତ୍ରମାନଙ୍କ ଆଗରେ ଏ ଘଟଣା ବର୍ଣ୍ଣନା କରିଥିଲି । ବାବା ଦକ୍ଷିଣ ଭାରତରେ କେତେଶହ ମାଇଲ ଦୂରରେ ଥିବା ସମୟରେ ଏହି ବୋମା ବିସ୍ଫୋରଣ କିପରି ବନ୍ଦ କରିଦେଇଥିଲେ ଏବଂ ତାଙ୍କର ଶହ ଶହ ଭକ୍ତମାନଙ୍କର ଜୀବନରକ୍ଷା କରିଥିଲେ ସେ ସଂପର୍କରେ ମୋର ସନ୍ଦେହ ମୁଁ ପ୍ରକାଶ କରିଥିଲି ।

ମୋର ଏହି ସନ୍ଦେହ ୧୯୮୫ ମସିହାରେ ପ୍ରାୟ କୋଡ଼ିଏ ବର୍ଷ ପରେ ଦୂର ହୋଇଥିଲା । ମେଜର ଜେନେରାଲ କାନ୍ତିଲାଲ ଟେଲର ଲଣ୍ଡନଠାରୁ ଉତ୍ତର ପଶ୍ଚିମରେ ପ୍ରାୟ ଏକଶହ ମାଇଲ ଦୂରରେ ଲେସେଷ୍ଟର ଠାରେ ଅବସ୍ଥିତ ମୋର ବାସଭବନରେ ମୋତେ ଦେଖା କରିଥିଲେ । ମୋର ବାସଭବନ ଏକ କେନ୍ଦ୍ରସ୍ଥଳରେ ରହିଥିଲା । ଏହାଦ୍ୱାରା ଯୁକ୍ତରାଜ୍ୟ (ୟୁ.କେ.)ର ସବୁ ଦିଗରେ ମୋର କାର୍ଯ୍ୟପାଇଁ ସୁବିଧା ହେଉଥିଲା ।

ପରମପ୍ରିୟ ସ୍ୱାମୀଙ୍କର ଦିବ୍ୟକୃପାରୁ ଏହି ଶରୀର ଶତ ସହସ୍ର ଭକ୍ତଥିବା ଯୁକ୍ତରାଜ୍ୟରେ କାର୍ଯ୍ୟକରି ଆସୁଛି ।

ଗୁଜୁରାଟରେ ବିଶେଷ କରି ସୌରାଷ୍ଟ୍ରରେ ସେବାରତ ସାଇକେନ୍ଦ୍ର ସଂଖ୍ୟା ବୃଦ୍ଧି ସହିତ ଭକ୍ତମାନଙ୍କର ସଂଖ୍ୟା ବୃଦ୍ଧି ପାଉଥିଲା । ପ୍ରଫେସର କସ୍ତୁରୀ 'ସନାତନ ସାରଥି'ରେ ଲେଖିଥିଲେ ''ସୌରାଷ୍ଟ୍ର ଖୁବ୍ ଶୀଘ୍ର ସାଇରାଷ୍ଟ୍ରରେ ପରିଣତ ହେବାକୁ ଯାଉଛି ।'' ସେହିପରି କୁହାଯାଇପାରିବ ଯେ ''ଯୁକ୍ତରାଜ୍ୟ ଖୁବ୍ ଶୀଘ୍ର ସାଇରାଜ୍ୟରେ ପରିଣତ ହେବାକୁ ଯାଉଛି ।''

ମେଜର ଜେନେରାଲ କାନ୍ତିଲାଲ ମୋତେ କହିଥିଲେ ''ମୁଁ ଆପଣଙ୍କୁ ସାକ୍ଷାତ୍ କରିବା ପାଇଁ ଅତୀବ ଆଗ୍ରହୀ ଥିଲି । କାରଣ ଏହାଦ୍ୱାରା ଆମେ ଏକତ୍ର ସାଇବାର୍ତ୍ତା ଏବଂ ମୋର ଅନୁଭୂତିକୁ ବିଭିନ୍ନ ସ୍ଥାନରେ ପହଞ୍ଚାଇ ପାରିବା ।'' ମୁଁ ତାଙ୍କୁ ଉତ୍ତର ଦେଇଥିଲି ''ସାଇଚରଣ ଦାସାନୁଦାସ ଭାବରେ ସର୍ବଦା ସବୁ ସମୟରେ ମୁଁ ଆପଣଙ୍କ ସେବାରେ ଅଛି ।''

ବହୁ ସମୟ ଧରି ବାବାଙ୍କ ଭକ୍ତ ଥିବା ମେଜର ଜେନେରାଲ ତାଙ୍କର ଅସାଧାରଣ ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ଥରେ ସ୍ୱାମୀ ତାଙ୍କୁ ପ୍ରଶ୍ନ କରିଥିଲେ ''ତୁମେ କଣ ଚାହଁ ?'' ଏବଂ ସେ ଉତ୍ତର ଦେଇଥିଲେ ''ସ୍ୱାମୀ, ମେଜର ଜେନେରାଲ ଭାବରେ ଯୁଦ୍ଧ ସମୟରେ ମୋତେ ସମ୍ମୁଖ ଭାଗରେ ରହିବାକୁ ପଡ଼ିବ । ମୁଁ ସବୁବେଳେ ଆପଣଙ୍କଠାରୁ ସୁରକ୍ଷା ଚାହେଁ ।'' ସ୍ୱାମୀଙ୍କର ଉତ୍ତର ଥିଲା ''ହଁ, ତୁମେ ସୁରକ୍ଷା ପାଇବ କିନ୍ତୁ ତୁମେ ସ୍ୱାମୀଙ୍କ ନିକଟରେ ଗୋଟିଏ ପ୍ରତିଜ୍ଞା କରିବ କି ?'' ସେ କହିଥିଲେ ''ହଁ ସ୍ୱାମୀ, ବର୍ତ୍ତମାନ ମୋତେ କୁହନ୍ତୁ ଆପଣ ମୋଠାରୁ କି ପ୍ରକାର ପ୍ରତିଜ୍ଞା ଚାହାଁନ୍ତି ?'' ବାବା କହିଥିଲେ ''ତୁମେ ଦେଶ ପ୍ରତି ବିଶ୍ୱସ୍ତ ରହିବାକୁ ପ୍ରତିଜ୍ଞା କରିବା ଉଚିତ ।'' ମେଜର ଜେନେରାଲ କହିଥିଲେ ''ହଁ ସ୍ୱାମୀ, ମୁଁ ଦେଶ ପ୍ରତି ବିଶ୍ୱସ୍ତ ରହିବା ପାଇଁ ପ୍ରତିଜ୍ଞା କରିବାକୁ ପ୍ରସ୍ତୁତ ଅଛି ।'' ବାବା ଉତ୍ତର ଦେଇଥିଲେ ''ଠିକ୍ ଅଛି । ତୁମ ସୁରକ୍ଷା ପାଇଁ ସ୍ୱାମୀ ପ୍ରତିଶ୍ରୁତି ଦେଉଛନ୍ତି ।''

ଚୀନ୍ ଓ ପାକିସ୍ଥାନ ବିରୁଦ୍ଧରେ ଯୁଦ୍ଧ ଲାଗିଥିବା ସମୟରେ ମେଜର ଜେନେରାଲ ଟେଲର ସମ୍ମୁଖ ଭାଗରେ ରହୁଥିଲେ । ସେତେବେଳେ ଯେତୋଟି ବୋମା ପଡ଼ିଥିଲା ସେଥିରୁ କୌଣସିଟି ବିସ୍ଫୋରିତ ହୋଇ ନଥିଲା । ମାତ୍ର ଗୋଟିଏ ବୋମା କିଛି ଦୂରରେ ପଡ଼ି ବିସ୍ଫୋରିତ ହେବା ଫଳରେ ଜଣେ ଅଫିସର ମୃତ୍ୟୁବରଣ କରିଥିଲେ । ଭଗବାନ ବାବା ଏହିପରି ଭାବରେ ତାଙ୍କ ପ୍ରତିଶ୍ରୁତି ରକ୍ଷା କରିଥିଲେ ଏବଂ ତାଙ୍କୁ ବଞ୍ଚାଇ ଦେଇଥିଲେ ।

ତା ପରେ ମୁଁ ଛାତ୍ରମାନଙ୍କୁ ପରମପ୍ରିୟ ସ୍ୱାମୀଙ୍କ ଉପସ୍ଥିତିରେ କହିଥିଲି ଯେ ୧୯୬୫ ମସିହାରେ ଜାମନଗର ବାୟୁସେନା ସାମରିକ ଘାଟି ଉପରେ ପଡ଼ିଥିବା ବୋମା

ବିସ୍ଫୋରିତ ନ ହେବାର କାରଣ ସଂପର୍କରେ ମୋର ରହିଥିବା ସନ୍ଦେହ ଏହିପରି ଭାବରେ ଦୂର ହୋଇଥିଲା । ଭଗବାନ ଭାବରେ ବାବା ଯେକୌଣସି ସ୍ଥାନରେ ଯେ କୌଣସି ପ୍ରକାର ଅଲୌକିକତା ପ୍ରଦର୍ଶନ କରିପାରନ୍ତି ।

ଆଉ ଏକ ଅଭିଜ୍ଞତାରୁ ମେଜର ଜେନେରାଲ ଟେଲର ମୋତେ କହିଥିଲେ ଯେ ଥରେ ସେ କିପରି ଏକ ପାହାଡ଼ିଆ ରାସ୍ତାରେ ଯାଉଥିଲେ । ରାସ୍ତା ଆଦୌ ନିରାପଦ ନ ଥିଲା । ଜିପ୍‌ଟି ଘାଟି ରାସ୍ତାର ଗୋଟିଏ ପାଖକୁ ଖସିଗଲା ଏବଂ କେତେଥର ଗଡ଼ିଗଲା । ଶେଷରେ ପାହାଡ଼ର ପାଦଦେଶରେ ଅଟକିଗଲା । ସେ ଜିପ୍ ଭିତରୁ ବାହାରି ଆସିଲେ । ତାଙ୍କ ଶରୀରରେ ଟିକିଏ ହେଲେ କ୍ଷତ ନ ଥିଲା । ଏହା ଥିଲା ସ୍ୱାମୀଙ୍କର କୃପା । ତାଙ୍କର ପ୍ରତିଶ୍ରୁତି କେବେହେଲେ ବିଫଳ ହୁଏ ନାହିଁ ।

ଛାତ୍ରମାନଙ୍କୁ କହୁଥିବାବେଳେ ବାବାଙ୍କ ସଂକଳ୍ପ କିପରି ଚୂଡ଼ାନ୍ତ ସେ ସଂପର୍କରେ ଅନ୍ୟ ଏକ ଘଟଣା ବର୍ଣ୍ଣନା କରିଥିଲି ।

ରାଜମାତା ଗୁଲାବ କୁମ୍ୱର୍ବାଙ୍କ ନିମନ୍ତ୍ରଣ କ୍ରମେ ପରମପ୍ରିୟ ସ୍ୱାମୀ ୧୯୬୭ ମସିହା ମାର୍ଚ୍ଚ ମାସ ୨୭ ତାରିଖରେ ଜାମନଗରରେ ପହଞ୍ଚିଲେ । ଏହି ସମୟ ଭିତରେ ତାଙ୍କ କୃପାରୁ ବହୁ ସାଇକେନ୍ଦ୍ର ପ୍ରତିଷ୍ଠିତ ହୋଇଥିଲା ।

ଗୁଜୁରାଟର ଶ୍ରୀ ସତ୍ୟସାଇ ସେବା କେନ୍ଦ୍ରର ସଭ୍ୟମାନେ ପହଞ୍ଚିବା ମାତ୍ରେ ବାବାଙ୍କୁ ଫୁଲହାର ଦେବା ପାଇଁ ମୋ ପତ୍ନୀ ନନ୍ଦାଙ୍କୁ ଅନୁରୋଧ କରିଥିଲେ । କିଛି ଲୋକଙ୍କର ଛୋଟିଆ ଦଳଟିଏ ବାବା ଯେତେବେଳେ ଖୋଦିଆର ମାତା ମନ୍ଦିର ବାଟ ଦେଇ ଯିବେ ସେତେବେଳେ ତାଙ୍କୁ କଳାପତାକା ଦେଖାଇ ଅପମାନିତ କରିବା ଉଦ୍ଦେଶ୍ୟରେ ରାସ୍ତାକଡ଼ରେ ଅପେକ୍ଷା କରୁଥିଲେ । ମନ୍ଦିର ପ୍ରାଙ୍ଗଣରେ ଦଶହଜାରରୁ ଅଧିକ ଭକ୍ତ ବାବାଙ୍କ ଦିବ୍ୟ ଦର୍ଶନ ପାଇଁ ଆଗ୍ରହର ସହିତ ଅପେକ୍ଷା କରୁଥିଲେ ।

ପରମପ୍ରିୟ ସ୍ୱାମୀ ସର୍ବଜ୍ଞ ହୋଇଥିବାରୁ ଆଗରେ କଣ ଘଟିବ ଜାଣିଥିଲେ । ତାଙ୍କ ସଂକଳ୍ପ ଅନୁସାରେ ତାଙ୍କ କାର୍ କଳାପତାକାଧାରୀ ଦଳ ନିକଟକୁ ଆସିଲାବେଳେ ଡ୍ରାଇଭର ଏକ ଲରିକୁ ଅତିକ୍ରମ କଲା । ଫଳରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ଅପେକ୍ଷା କରୁଥିବା ଦଳ ଲରିର ସ୍ଥିତି ଯୋଗୁ ବାବାଙ୍କ କାର୍‌କୁ ଦେଖିପାରିଲେ ନାହିଁ ।

ମୁଁ ଯେତେବେଳେ ଏକଥା ଛାତ୍ରମାନଙ୍କ ଆଗରେ ବର୍ଣ୍ଣନା କରୁଥିଲି ପରମପ୍ରିୟ ସ୍ୱାମୀ କଥା ମଝିରେ ବାଧା ସୃଷ୍ଟିକରି କହିଥିଲେ "ତୁମେ କହିବାକୁ ଭୁଲିଗଲ ଯେ ସ୍ୱାମୀ ମଧ ସେତେବେଳେ ବର୍ଷା ସୃଷ୍ଟି କରିଥିଲେ । ଫଳରେ କଳାପତାକାଧାରୀ ଦଳର ସମସ୍ତେ ପୁରାପୁରି ଓଦା ହୋଇଯାଇଥିଲେ । ସେମାନେ ନିଜ ନିଜ ସ୍ଥାନରୁ ଚାଲିଯାଇ ନ ଥିବାରୁ

ସ୍ୱାମୀ ସେଠାରେ ଏହି ଲରିକୁ କାର୍ ଆଗରେ ପହଞ୍ଚାଇ ଦେଇଥିଲେ । ତେଣୁ ସ୍ୱାମୀଙ୍କ ଲକ୍ଷ୍ୟ କଳାପତାକା ଗୁଡ଼ିକ ଉପରେ ପଡ଼ି ନଥିଲା ।

ମୁଁ ଛାତ୍ରମାନଙ୍କୁ ସ୍ମରଣ କରାଇ ଦେଇଥିଲି ଯେ ପରମପ୍ରିୟ ସ୍ୱାମୀ ରାମ, କୃଷ୍ଣ, ଯୀଶୁ ରୂପରେ ଆସିଥିଲାବେଳେ ମଧ୍ୟ ବିରୋଧର ସମ୍ମୁଖୀନ ହୋଇଥିଲେ । ତେଣୁ ଏହି ଅବତାରଙ୍କୁ ବିରୋଧ କରିବା ଘଟଣାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ଖୋଦିଆର ମାତା ମନ୍ଦିର ପ୍ରାଙ୍ଗଣରେ ବାବା ଭକ୍ତମାନଙ୍କ ଭିତରେ ବୁଲି ଦିବ୍ୟ ଦର୍ଶନ ଦେଇଥିଲେ ଏବଂ ତା ପରେ ଦିବ୍ୟ ସନ୍ଦେଶ ଦେବା ଆରମ୍ଭ କରିଥିଲେ ।

"ସମଗ୍ର ବିଶ୍ୱରେ ମଣିଷ ସହିତ ସଂପୃକ୍ତ ତିନୋଟି ମୌଳିକ ସତ୍ତା ଉପଲବ୍ଧ । ସେହି ତିନୋଟି ହେଲା ପରମାତ୍ମା, ପ୍ରକୃତି ଏବଂ ଜୀବାତ୍ମା । ଯଥାକ୍ରମେ ଏହି ତିନି ସତ୍ତା ହେଲେ ଈଶ୍ୱର, ଜଡ଼ଜଗତ ଓ ମଣିଷ । ଏହି ତିନୋଟି ସତ୍ତା ମଧ୍ୟରୁ ପ୍ରକୃତି ମାଧ୍ୟମରେ ମଣିଷ ଈଶ୍ୱରଙ୍କୁ ଉପଲବ୍ଧି କରିବ ଏବଂ ପୂଜା କରିବ । ଈଶ୍ୱରଙ୍କ ମହିମା ଓ ଦୀପ୍ତି ସଂପର୍କରେ ମଣିଷକୁ ପ୍ରଭାବିତ କରିବା ପାଇଁ ରହିଥିବା ଦ୍ରବ୍ୟ ସମୂହକୁ ପ୍ରକୃତି ବୋଲି ନାମିତ କରାଯାଇଛି ।"

"ବାସ୍ତବ ଓ ଅବାସ୍ତବ ମଧ୍ୟରେ ପ୍ରଭେଦଗତ ବିଚାରଣା ସହିତ ଇନ୍ଦ୍ରିୟ ସୁଖ ତ୍ୟାଗ କଲେ ଆତ୍ମସମର୍ପଣ କାର୍ଯ୍ୟକ୍ଷମ ହୋଇଥାଏ । ତେଜୋଦୀପ୍ତ ସାଧନା ଦ୍ୱାରା 'ମୁଁ' ଓ 'ମୋର' ଭାବ ଦୂର କରିବାକୁ ପଡ଼ିବ । ଏହି ସାଧନା ମଧ୍ୟରେ ନାମ ସ୍ମରଣ ହେଉଛି ମୁଖ୍ୟ । କାରଣ ନାମଧାରୀ ଅନ୍ତର୍ନିବାସୀ ଭଗବାନ ତାଙ୍କର ମହିମା, ତାଙ୍କର କୃପା, ତାଙ୍କର ଶକ୍ତି, ତାଙ୍କର ବ୍ୟାପ୍ତିକୁ ମଣିଷର ବୋଧଶକ୍ତି ବା ଆତ୍ମଜ୍ଞାନ ଅନୁସାରେ ସ୍ଥିର କରିଥାନ୍ତି । ତାର କ୍ଷମତା ଓ କାର୍ଯ୍ୟଦକ୍ଷତା ଦୈବତ୍ୱ ମଧ୍ୟରେ ଆବୃତ ହୋଇ ରହିଥାଏ । ଫଳରେ ତାର ବିନୟ ଭାବ ବୃଦ୍ଧି ପାଏ । ତେଣୁ ଆତ୍ମସମର୍ପଣ ସହଜସାଧ୍ୟ ହୋଇଥାଏ । ମାନବ ଜୀବନର ମୂଳ ଉଦ୍ଦେଶ୍ୟ ହେଲା ଈଶ୍ୱରଙ୍କୁ ଦର୍ଶନ କରିବା ଏବଂ ତାଙ୍କ ମହିମାରେ ନିଜକୁ ମିଶାଇ ଦେବା । ଅନ୍ୟସବୁ ସଫଳତା ମୂଲ୍ୟହୀନ । ବେଦ ଏହାକୁ ମଣିଷର ଚରମ ଲକ୍ଷ୍ୟ ବୋଲି ଘୋଷଣା କରିଛି । ଉପନିଷଦ ଏଥିପାଇଁ ଦିଗ୍‌ଦର୍ଶନ ଦେଇଛି । ଭଗବତ ଗୀତା ଏହାକୁ ଆଲୋକିତ କରିଛି । ସାଧୁସନ୍ଥମାନେ ଏହାର ଗୌରବ ଗାନ କରିଛନ୍ତି । ଯେତେବେଳେ ଲୋକମାନେ ଏଥିରୁ ଦୂରେଇ ରହନ୍ତି ଏବଂ ପଶୁତ୍ୱ ଓ କୁ-ପ୍ରକୃତି ମଧ୍ୟରେ ହଜିଯାଆନ୍ତି ସେତେବେଳେ ଅବତାର ଆସିଥାନ୍ତି ।"

❑❑

ଅଧ୍ୟାୟ - ୨୩

ରାଜକୋଟ ଦେଇ ସ୍ୱାମୀଙ୍କର ବାବ୍ରା ଯାତ୍ରା

ଜାମନଗରର ଖୋଦିଆର ମାତା ମନ୍ଦିର ପ୍ରାଙ୍ଗଣରେ ଦିବ୍ୟ ସନ୍ଦେଶ ପ୍ରଦାନ କରି ସ୍ୱାମୀ ରାଜମାତା ଗୁଲାବ କୁମ୍ୱର୍ବାଙ୍କ ଏକ ବଙ୍ଗଳାରେ ରହିଥିଲେ । ତାଙ୍କ ସହିତ ଥିବା ସମସ୍ତ ଅତିଥି ମଧ୍ୟ ସେଠାରେ ରହିବା ପାଇଁ ସ୍ଥାନ ପାଇଥିଲେ ।

ବାବା ସ୍ଥିର କଲେ ସେଠାରେ ସେବା ସମିତି ସଭ୍ୟମାନଙ୍କର ଏକ ସଭା କରିବେ । ମୋତେ ବାବା ପୂର୍ବରୁ କୌଣସି କର୍ମକର୍ତ୍ତା ନ ହେବା ପାଇଁ ନିର୍ଦ୍ଦେଶ ଦେଇଥିବାରୁ ମୁଁ ଜଣେ ସାଧାରଣ ସେବକର ଭୂମିକା ଗ୍ରହଣ କରିଥିଲି । ମୁଁ ତେଣୁ ସେଠାରେ ନ ରହି ଘରକୁ ଚାଲିଗଲି ଏବଂ ପରଦିନ ସକାଳେ ସ୍ୱାମୀ ଜାମନଗର ଛାଡ଼ିବା ପୂର୍ବରୁ ସେଠାକୁ ଫେରି ଆସିବି ବୋଲି ସ୍ଥିର କରିଥିଲି ।

ସେବା ସମିତି ସଭାରେ ଏକ ଅମୂଲ୍ୟ ଶିକ୍ଷା

ସେବା ସମିତିର ସଭ୍ୟମାନେ ସେଠାରେ ଏକତ୍ରିତ ହେଲେ ଏବଂ ଗୁଜୁରାଟ ରାଜ୍ୟ ସାଇ ସେବା ସଂଗଠନର ସଭାପତି ଡକ୍ଟର ଚୂଡ଼ାସାମା ବାବାଙ୍କୁ ପ୍ରଶ୍ନ କଲେ "ସ୍ୱାମୀ ! ଆମେ କଣ ଏବେ ସଭା ଆରମ୍ଭ କରିବା ?" ବାବା ସେତେବେଳେ ସନ୍ଧାନ ନେଇଥିଲେ "ସମସ୍ତେ କଣ ଆସିଲେଣି ?" ଡକ୍ଟର ଚୂଡ଼ାସାମା ଉତ୍ତର ଦେଲେ "ହଁ ସ୍ୱାମୀ ।" ବାବା ପୁଣି ପ୍ରଶ୍ନ କଲେ "ଗଢ଼ିଆ କାହିଁ ? ତାକୁ ଡାକ । ସେ ଆସିଲେ ଆମେ ସଭା ଆରମ୍ଭ କରିବା ।"

କେହି ଜଣେ ମୋତେ ଡାକିବାକୁ ଆସିଲେ । ମୋତେ ଦେଖିବା ମାତ୍ରେ ବାବା କହିଥିଲେ "ତୁମେ ଆସିଲ ? ଆମେ କଣ ଏଥର ସଭା ଆରମ୍ଭ କରିବା ?" ମୁଁ ଉତ୍ତର ଦେଲି "ହଁ ସ୍ୱାମୀ ।"

ପରମପ୍ରିୟ ସ୍ୱାମୀ ସମସ୍ତଙ୍କୁ ଏକ ଅମୂଲ୍ୟ ଶିକ୍ଷା ଦେଇ ସଭାକାର୍ଯ୍ୟ ଆରମ୍ଭ କଲେ । ସେ କହିଥିଲେ "ନନ୍ଦା ଓ ଗଢ଼ିଆ ଥରେ ରୋଷେଇ ଘରେ ଝଗଡ଼ା କରୁଥିଲାବେଳେ ବାହାର ସମ୍ମୁଖ ଦରଜାରେ କରାଘାତ ଶବ୍ଦ ଶୁଭିଲା । ଗଢ଼ିଆ ନନ୍ଦାଙ୍କୁ

କଥାବାର୍ତ୍ତା ବନ୍ଦ କରିବାକୁ କହିଥିଲେ । ସେମାନେ ଯାଇ ଅତିଥିଙ୍କୁ ସପ୍ରେମ ସ୍ୱାଗତ ଜଣାଇଲେ । ନନ୍ଦା ଅତିଥିଙ୍କ ପାଇଁ କପେ କଫି ପ୍ରସ୍ତୁତ କଲେ ଏବଂ ସମସ୍ତେ ନମ୍ରତାର ସହିତ କଥାବାର୍ତ୍ତା ହେଲେ । ଅତିଥି ଆସିବାର ଠିକ୍ ପୂର୍ବରୁ ନନ୍ଦା ଓ ଗଡ଼ିଆ ରୋଷେଇ ଘରେ ଝଗଡ଼ା ଲାଗୁଥିଲେ ବୋଲି କୌଣସି ସୂଚନା ଅତିଥି ପାଇପାରି ନଥିଲେ । ସେ ଚାଲିଗଲେ, ସେହିଭଳି ତୁମ ଭିତରେ ମତ ପାର୍ଥକ୍ୟ ଥାଇ ପାରେ । ଏପରିକି ତୁମେ ପରସ୍ପର ମଧ୍ୟରେ ଝଗଡ଼ା ମଧ୍ୟ କରିଥାଇପାର । ମାତ୍ର ଏହା ସଭ୍ୟମାନଙ୍କ ମଧ୍ୟରେ ସୀମିତ ରହିବା ଉଚିତ । ବାହାରକୁ ପ୍ରକାଶ ପାଇବା ଉଚିତ ନୁହେଁ ।'' ସତରେ କି ଅମୂଲ୍ୟ ଉପଦେଶ !!

ମଧ୍ୟରାତ୍ରରେ ତାଙ୍କ ସହିତ ଭାବନଗର ଯିବା ପାଇଁ ସକାଳ ୫ଟାରେ ଆସିବାକୁ ବାବା ମୋତେ ନିର୍ଦ୍ଦେଶ ଦେଲେ । ମୋର ଆନନ୍ଦର ସୀମା ରହିଲା ନାହିଁ । ମୁଁ ଆଉ ଶୋଇପାରିଲି ନାହିଁ । ପ୍ରଭାତରୁ ଉଠି ପଡ଼ିଲି । ନନ୍ଦା ଓ 'ଏହି ଦାସ' ଭୋର ଚାରିଘଣ୍ଟା ତିରିଶ ମିନିଟ୍ ସମୟରେ ରାଜପ୍ରାସାଦକୁ ଗଲୁ । ନନ୍ଦାଙ୍କ ବାନ୍ଧବୀ ଚାରୁବେନ ଢୋଲାକିଆ 'ସୁପ୍ରଭାତମ୍' ଗାନ କରିବାକୁ ଆରମ୍ଭ କଲେ । ପ୍ରଶାନ୍ତି ନିଳୟମରେ ଯେଉଁ 'ରାଗ' ଅନୁସରଣ କରାଯାଇଥାଏ, ସେହି 'ରାଗ'ରେ ସେ 'ସୁପ୍ରଭାତମ୍' ଗାନ କରିଥିଲେ । ଏହା ସମସ୍ତଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା ।

'ସୁପ୍ରଭାତମ୍' ପରେ ପରେ ପରମପ୍ରିୟ ସ୍ୱାମୀ ମୋତେ ଡକାଇ ପଠାଇଲେ ଏବଂ ନିର୍ଦ୍ଦେଶ ଦେଲେ ''ଭାବନଗରର ଭକ୍ତମାନେ ଏକ ବଡ଼ ଧଳା କାର ପଠାଇଛନ୍ତି, କିନ୍ତୁ ସ୍ୱାମୀ ରାଜମାତାଙ୍କ ଗାଡ଼ିରେ କସ୍ତୁରୀ ଓ ଇନ୍ଦୁଲାଲ ସାହାଙ୍କ ସହିତ ଯିବେ । ରାସ୍ତା ଓ କାର୍ଯ୍ୟକ୍ରମ ସଂପର୍କରେ ଅବଗତ ଥିବା ଜଣେ ଭକ୍ତ ତୁମ ସହିତ ଯିବେ । ତୁମେ ରାଜମାତାଙ୍କ କାର୍‌କୁ ଅନୁସରଣ କରିବ ଏବଂ ବାଟରେ ସ୍ୱାମୀ ତୁମକୁ ପାଇଲଟ୍ କାର୍‌ରେ ଯିବା ପାଇଁ ନିର୍ଦ୍ଦେଶ ଦେବେ । କାର୍ଯ୍ୟକ୍ରମ ହେବାକୁ ଥିବା ସ୍ଥାନରେ ଯେଉଁଠାରେ ସ୍ୱାମୀ ରହିବେ ସେ ପର୍ଯ୍ୟନ୍ତ ତୁମେ ଆମକୁ ବାଟ କଢ଼ାଇ ନେବ ।

ସ୍ୱାମୀ ଯେତେବେଳେ ଯେଉଁଠାକୁ ଯାଆନ୍ତୁ ନା କାହିଁକି ଥର୍ମୋଫ୍ଲାସ୍କରେ କଫି, ଚା ଓ ଜଳଖିଆ ନେବା ଏକ ସାଧାରଣ କଥା । ଠିକ୍ ପୂର୍ବାହ୍ନ ୧୦ଟା ସମୟରେ ସମସ୍ତେ ଜଳଯୋଗ କରିବା ପାଇଁ ସ୍ୱାମୀ ଗାଡ଼ି ଅଟକାଇଥିଲେ ।

ରାଜକୋଟ ପରିଦର୍ଶନ

ପ୍ରାୟ ୫୦ ମାଇଲ ଯିବା ପରେ ମୁଁ ଦେଖି ଆଶ୍ଚର୍ଯ୍ୟ ହେଲି ରାଜମାତାଙ୍କ ଗାଡ଼ି ରାଜକୋଟ ଆଡ଼କୁ ଯାଇଥିବା ରାସ୍ତାରେ ଚାଲିଲା । ଆମେ ଜାଣିବାକୁ ପାଇଥିଲୁ ଯେ

ସ୍ୱାମୀ ରାଜକୋଟ ସେବା ସମିତିର ଚେୟାରମ୍ୟାନ୍‌ଙ୍କୁ ଡକାଇ କୋଠି ପରିସର ମଧ୍ୟରେ ସବୁ ଭକ୍ତ ଦର୍ଶନ ଓ ଆଶୀର୍ବାଦ ପାଇଁ ଏକାଠି ହେବାକୁ ନିର୍ଦ୍ଦେଶ ଦେଇଥିଲେ । ସେଠାରେ ମଧ୍ୟ କେତେକ ଲୋକ ଥିଲେ ଯେଉଁମାନେ ବାବାଙ୍କୁ ବିରୋଧ କରୁଥିଲେ । ସେମାନଙ୍କର ବିଶ୍ୱାସ ଥିଲା ବାବା ତାଙ୍କ ପୋଷାକର ହାତ ମଧ୍ୟରେ ବିଭୂତି ଲୁଚାଇ ରଖିଥାନ୍ତି ଏବଂ ପ୍ରକୃତରେ ବିଭୂତି ସୃଷ୍ଟି କରନ୍ତି ନାହିଁ ।

ରାଜକୋଟର କୋଠି ପରିସର ମଧ୍ୟରେ ପ୍ରାୟ ୬୦୦ ଭକ୍ତ ଅପେକ୍ଷା କରୁଥିଲେ । ପରମପ୍ରିୟ ସ୍ୱାମୀ ଆମକୁ କାର୍ ଭିତରେ ବସି ରହିବାକୁ ନିର୍ଦ୍ଦେଶ ଦେଲେ । ସେ ମୋତେ ଡାକି କହିଥିଲେ ''ଭକ୍ତମାନଙ୍କୁ କୁହ ସ୍ୱାମୀଙ୍କ ବାଟକୁ ଅବରୋଧ କର ନାହିଁ । ସ୍ୱାମୀ ସମସ୍ତଙ୍କୁ ଦର୍ଶନ ଦେବେ ଏବଂ ଆଶୀର୍ବାଦ କରିବେ ।''

ଦର୍ଶନ ଦେବା ସମୟରେ ସ୍ୱାମୀ ମୋତେ ଡାକି ଗୋଟିଏ ଶିଶୁ ଓ ତା ମା' ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଥିଲେ ''ଏହି ଶିଶୁଟି ରୁଗ୍ଣ । ତା ମା'କୁ କୁହ ମଞ୍ଚ ଉପରକୁ ଯାଇ ଦର୍ଶକମାନଙ୍କ ଆଡ଼କୁ ମୁହଁ କରି ପିଲାଟିକୁ କୋଳରେ ଧରି ବସିବ । ଦର୍ଶନ କାର୍ଯ୍ୟକ୍ରମ ଶେଷ ହେବା ପୂର୍ବରୁ ସେ ପାଞ୍ଚଜଣ ମା' ଓ ଶିଶୁଙ୍କୁ ମଞ୍ଚ ଉପରେ ବସିବା ପାଇଁ ବାଛିଥିଲେ । ସମସ୍ତଙ୍କୁ କୁହାଯାଇଥିଲା ଯେ ପିଲାମାନଙ୍କୁ କୋଳରେ ଧରି ଦର୍ଶକମାନଙ୍କ ଆଡ଼କୁ ଚାହିଁ ମଞ୍ଚ ଉପରେ ବସିବେ ।

ପରମପ୍ରିୟ ସ୍ୱାମୀ ମୋ କାନରେ ଫୁସ୍‌ଫୁସ୍ ହୋଇ କହିଥିଲେ ''ଯେତେବେଳେ ଆମେ ଏ ସ୍ଥାନ ଛାଡ଼ିବା ତୁମେ ତୁରନ୍ତ ଯାଇ ତୁମ କାର୍‌ରେ ବସିପଡ଼ିବ ଏବଂ ସ୍ୱାମୀଙ୍କ କାର୍‌କୁ ଅନୁସରଣ କରିବ ।'' ତାପରେ ସେ ମା'ମାନଙ୍କ ପଛରେ ଠିଆ ହେଲେ ଏବଂ ନିଜ ପୋଷାକର ହାତକୁ ମୋଡ଼ି ମୋଡ଼ି କହୁଣୀ ପର୍ଯ୍ୟନ୍ତ ଟେକିଦେଲେ । ତା ପରେ ସେ ବିଭୂତି ସୃଷ୍ଟି କଲେ ଯାହା ମା' ଓ ପିଲାମାନଙ୍କ ମସ୍ତକ ଉପରେ ଝରି ପଡ଼ିଥିଲା । ମଞ୍ଚକୁ ଲାଗି ବସିଥିବା କେତେକ ଭକ୍ତଙ୍କ ମସ୍ତକ ଉପରେ ମଧ୍ୟ ବିଭୂତି ପଡ଼ିଥିଲା । ଏସବୁ ଦେଖି ସେମାନଙ୍କର ଭ୍ରମଧାରଣା ଦୂର ହୋଇଥିଲା ଏବଂ ବିରୋଧି ଗୋଷ୍ଠୀ ସେଠାରୁ ପଳାଇ ଯାଇଥିଲେ । ବାବା କହିଥିଲେ ''ଏଭଳି ବିରୋଧ ମନୋବୃତ୍ତି ଲୋକମାନଙ୍କର ଅଜ୍ଞତା ଯୋଗୁ ହୋଇଥାଏ ।'' ଜାମନଗରକୁ ଫେରିବା ପରେ ଦୁଇଜଣ ପିଲା ସଂଗେ ସଂଗେ ଆରୋଗ୍ୟ ଲାଭ କରିଥିବା ଏବଂ ଅନ୍ୟମାନେ ଭଲ ଆଡ଼କୁ ଆସୁଥିବା କଥା ଆମେ ଶୁଣିବାକୁ ପାଇଥିଲୁ ।

ଦର୍ଶନ ପରେ ପରମପ୍ରିୟ ସ୍ୱାମୀ ମଞ୍ଚ ପଛପଟକୁ ଚାଲିଯାଇ କାର୍‌ରେ ବସିପଡ଼ିଥିଲେ ଏବଂ କାର୍ ସଂଗେ ସଂଗେ ସେ ସ୍ଥାନ ଛାଡ଼ି ଚାଲିଯାଇଥିଲା । ମୁଁ କାର୍

ନିକଟରେ ପହଞ୍ଚିବା ପୂର୍ବରୁ ଲୋକମାନଙ୍କର ଠେଲାପେଲା ଗହଳି ଭିତରେ ରହିଯାଇଥିଲି ଏବଂ ଜଣକ ଉପରେ ମଧ୍ୟ ପଡ଼ିଯାଇଥିଲି । ସେ ଲୋକର କଣ ହେଲା ମୁଁ ଜାଣିପାରି ନଥିଲି । କିନ୍ତୁ ମୋର ଆଘାତ ଜନିତ ସାମାନ୍ୟ କ୍ଷତ ହୋଇଥିଲା । ଆମ କାର୍‌ରେ ବାବା ଅଛନ୍ତି ବୋଲି ଲୋକମାନେ ଭାବୁଥିଲେ କିନ୍ତୁ ସେତେବେଳକୁ ବାବା ଚାଲିଯାଇଥିଲେ ।

ଏକ ମାଇଲ ଦୂରରେ ପରମପ୍ରିୟ ସ୍ୱାମୀ ଆମକୁ ଅପେକ୍ଷା କରୁଥିଲେ । ଆମ କାର୍ ସେଠାରେ ପହଞ୍ଚିବା ପରେ ଉଭୟ କାର୍ ଭାବନଗର ଆଡ଼କୁ ଅଗ୍ରସର ହେଲେ ।

ବାବ୍ରା ପରିଦର୍ଶନ

ଠିକ୍ ପୂର୍ବାହ୍ନ ୧୦ଟାରେ ପରମପ୍ରିୟ ସ୍ୱାମୀ ଦକ୍ଷିଣ ଦିଗରେ ବାବ୍ରାରେ ଅବସ୍ଥିତ ଏକ ଅତିଥି ଭବନ ଆଡ଼କୁ ଗାଡ଼ି ବୁଲାଇବା ପାଇଁ ଡ୍ରାଇଭରକୁ ନିର୍ଦ୍ଦେଶ ଦେଲେ । ସେଠାରେ ଓହ୍ଲାଇ ପଡ଼ି ମୁଁ ଅତିଥି ଭବନ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ କହିଥିଲି ଯେ ସେ ବାବାଙ୍କୁ ଅତିଥି ଭାବରେ ପାଇଥିବାରୁ ଅତି ଭାଗ୍ୟବାନ୍ ଏବଂ ସେ ଆନ୍ତରିକତାର ସହିତ ବାବାଙ୍କର ସେବା କରିବା ଉଚିତ ।

ଯେତେବେଳେ ରାଜମାତାଙ୍କ ଡ୍ରାଇଭର ତାଙ୍କ ଗାଡ଼ିକୁ ପେଟ୍ରୋଲ ପମ୍ପ ଆଡ଼େ ନେବାକୁ ଅନୁମତି ମାଗିଲା ମୁଁ ମନେ ମନେ ଭାବିଲି ଗତକାଲି ରାତିରୁ ପେଟ୍ରୋଲ ଟାଙ୍କି ଭର୍ତ୍ତି କରି ରଖିବା କଥା । ମୁଁ ପରେ ପରେ ନିଜକୁ ସ୍ମରଣ କରାଇ ଦେଲି ଯେ ଆମ ଦୈନନ୍ଦିନ ଜୀବନରେ ଯାହା କିଛି ଘଟୁଛି ସବୁ ମଙ୍ଗଳ ପାଇଁ ଏବଂ ଭଗବାନ ହିଁ ଏହି ବଡ଼ ନାଟକର ନିର୍ଦ୍ଦେଶକ । ମୁଁ ସ୍ୱାମୀଙ୍କ ନିକଟକୁ ଅନୁମତି ପାଇଁ ଗଲି ଏବଂ ସେ ହସିଲେ ଓ କହିଥିଲେ ''ହଁ ତାକୁ ଅନୁମତି ଦିଆଗଲା ।''

ଭକ୍ତମାନେ ଜାଣିବାକୁ ପାଇଥିଲେ ଯେ ପରମପ୍ରିୟ ସ୍ୱାମୀ ପୂର୍ବାହ୍ନ ୫ଟାରେ ଷ୍ଟେଟ କାର୍‌ରେ ଜାମନଗରରୁ ଭାବନଗର ଯାତ୍ରା କରିଥାନ୍ତେ । ଭାବନଗର ଯିବା ପାଇଁ ଏହା ଏକମାତ୍ର ରାସ୍ତା ଏବଂ ବାବାଙ୍କ ଦର୍ଶନ ଓ ଆଶୀର୍ବାଦ ପାଇବା ପାଇଁ ଶହ ଶହ ଭକ୍ତ ପେଟ୍ରୋଲ ପମ୍ପଠାରେ ଅପେକ୍ଷା କରିଥିଲେ । ସେମାନେ ଡ୍ରାଇଭରକୁ ପଚାରିଲେ ''ଏହା କଣ ରାଜମାତାଙ୍କ କାର୍ ?'' ଡ୍ରାଇଭର କହିଥିଲା ''ହଁ ଏହା ରାଜମାତାଙ୍କ ଗାଡ଼ି ।'' ପରବର୍ତ୍ତୀ ପ୍ରଶ୍ନ ଥିଲା ''ବାବା କେଉଁଠି ?'' ଡ୍ରାଇଭର ସେମାନଙ୍କୁ ସମସ୍ତ ବିବରଣୀ ଦେଇଥିଲା ଏବଂ ସମସ୍ତେ ଠେଲାପେଲା ହୋଇ ଅତିଥି ଭବନ ଆଡ଼କୁ ଧାଇଁବାକୁ ଲାଗିଲେ ।

ମୁଁ ରାଜକୋଟରେ ଧସ୍ତାଧସ୍ତି ଭିତରେ ଗୁରୁତର ଭାବରେ ଆହତ ହୋଇଛି କି ନାହିଁ ବାବା ସ୍ନେହଭରା କଣ୍ଠରେ ପ୍ରଶ୍ନ କଲେ । ମୁଁ କହିଥିଲି ''ନାଁ ସ୍ୱାମୀ । ସାମାନ୍ୟ କ୍ଷତ

ମାତ୍ର ।'' ଅତିଥି ଭବନ ବାହାରେ ଲୋକ ଗହଳି ବୃଦ୍ଧି ପାଇବାରେ ଲାଗିଲା । ମୁଁ ଯେତେବେଳେ ସେମାନେ କଣ ଚାହାଁନ୍ତି ବୋଲି ପ୍ରଶ୍ନ କଲି ଅତି ରୁକ୍ଷ ଭାବରେ ସେମାନେ ଉତ୍ତର ଦେଲେ ''ତୁମେ କଣ ଭାବୁଛ ବାବା କଣ ତୁମର ?'' ମୁଁ ଉତ୍ତର ଦେଇଥିଲି ''ନାଁ ବାବା ସମଗ୍ର ପୃଥିବୀର, ଯଦି ଆପଣମାନେ ତାଙ୍କ ଦର୍ଶନ ଓ ଆଶୀର୍ବାଦ ଚାହାଁନ୍ତି ତେବେ ଦୟାକରି ଟିକେ ଶୃଙ୍ଖଳା ରକ୍ଷା କରନ୍ତୁ । ପୁରୁଷମାନେ ଗୋଟିଏ ପାଖରେ ଓ ମହିଳାମାନେ ଅନ୍ୟ ପାଖରେ ବସନ୍ତୁ । ଦୟାକରି ସମସ୍ତେ ନୀରବରେ ବସନ୍ତୁ ।''

ସମସ୍ତେ ବିନା ଯୁକ୍ତିରେ ବସିଥିଲେ । କେବଳ ଜଣେ ଭଦ୍ରଲୋକ ନ ବସି କହିଥିଲେ ଯେ ସେ ହେଉଛନ୍ତ ଏହି ସ୍ଥାନ (ବାନ୍ଦ୍ରା)ର ମୁଖିଆ । ମୁଁ ତାଙ୍କୁ ନମ୍ରତାର ସହିତ ବସିବାକୁ ଅନୁରୋଧ କଲି ଏବଂ ସେ ଶେଷରେ ପୁରୁଷମାନଙ୍କ ମଧ୍ୟରେ ବସିପଡ଼ିଥିଲେ । ସ୍ୱାମୀ ବାହାରିଲେ ଏବଂ କହିଥିଲେ ''ତୁମର ଏ ଚଗଲାମୀ କାହିଁକି ?'' ମୁଁ କହିଥିଲି ଡ୍ରାଇଭର ନିଶ୍ଚୟ ଏମାନଙ୍କୁ ପେଟ୍ରୋଲ ପମ୍ପ ନିକଟରେ ଅପେକ୍ଷା କରିଥିବାର ଦେଖିଥିବ ଏବଂ ସେମାନଙ୍କୁ ଆପଣଙ୍କ ଆସିବା କଥା କହି ଦେଇଥିବ ।''

ସ୍ୱାମୀ ଅପେକ୍ଷାରତ ଭକ୍ତଙ୍କ ଗହଳି ଆଡ଼କୁ ଚାଲି ଚାଲି ଗଲେ ଏବଂ ତାଙ୍କୁ ଅନୁସରଣ କରିବାକୁ ମୋତେ ନିର୍ଦ୍ଦେଶ ଦେଲେ । ସେ ଫୁଲତୋଡ଼ା, ଫୁଲହାର ଏବଂ ଚିଠି ଗ୍ରହଣ କରିଥିଲେ ଏବଂ ମୋ ଆଡ଼କୁ ସବୁତକ ବଢ଼ାଇ ଦେଇ କହିଥିଲେ ''ଯାଅ ସବୁତକ କାର୍‌ରେ ରଖିଦିଅ ।'' କାର୍ କିଛି ଦୂରରେ ରହିଥିଲା । ମୁଁ ଯେତେବେଳେ କାର୍ ଆଡ଼କୁ ଯାଉଥିଲି ପରମପ୍ରିୟ ସ୍ୱାମୀ ମହିଳାମାନଙ୍କ ନିକଟକୁ ଯାଉଥିଲେ । ମୋ ପିଉସୀ ମିସେସ୍ ଚମ୍ପାବେନ୍‌ଙ୍କୁ ଦେଖି ସ୍ୱାମୀ କହିଥିଲେ ''ତୁମେ ଗଢ଼ିଆର ପିଉସୀ । ତୁମେ ପୁଟାପର୍ତ୍ତି ଆସିଥିଲ ଏବଂ ଦର୍ଶନ ପାଇଥିଲ । ମାତ୍ର ସାକ୍ଷାତ୍‌କାର ନ ପାଇ ଫେରିଯାଇଥିଲ କାରଣ ତୁମ ସ୍ୱାମୀ ତୁମକୁ ଅଧିକ ଦିନ ରହିବାକୁ ଅନୁମତି ଦେଇ ନଥିଲେ ।'' ଏକଥା ଶୁଣି ସେ କାନ୍ଦିବାକୁ ଲାଗିଲେ ଏବଂ ମୁଁ ପାଖକୁ ଆସିବାରୁ ସ୍ୱାମୀ ମୋତେ କହିଥିଲେ ''ଦେଖ ତୁମ ପିଉସୀ ଏଠାରେ ଅଛନ୍ତି ।'' ମୁଁ ଜାଣିଥିଲି ମୋ ପିଉସୀ ବାନ୍ଦ୍ରାରେ ରହନ୍ତି କିନ୍ତୁ ମୁଁ ତାଙ୍କୁ ଏଠାରେ ଦେଖିବି ବୋଲି ଆଶା କରି ନଥିଲି । କାରଣ ତାଙ୍କ ସ୍ୱାମୀଙ୍କର ବାବାଙ୍କ ଉପରେ ଆଦୌ ବିଶ୍ୱାସ ନ ଥିଲା । ତେଣୁ ଏଠାକୁ ଆସି ବାବାଙ୍କୁ ଦର୍ଶନ କରିବାକୁ ତାଙ୍କ ସ୍ୱାମୀ ଅନୁମତି ଦେବା କଥା ନୁହେଁ । ମୁଁ ଦୁଇହାତ ଯୋଡ଼ି ପିଉସୀଙ୍କୁ ପ୍ରଣାମ ଜଣାଇଲି ମାତ୍ର ସେ କାନ୍ଦୁଥିବା ଦେଖି ମୋ ବୁଦ୍ଧି ବଣା ହୋଇଯାଇଥିଲା ।

ମୁଁ ତାଙ୍କ ଇତିହାସ ଜାଣିଥିଲି । ସେ ଯେତେବେଳେ ବାଙ୍ଗାଲୋର ଆସିଥିଲେ ପରମପ୍ରିୟ ସ୍ୱାମୀଙ୍କର ଦର୍ଶନ ଓ ଆଶୀର୍ବାଦ ପାଇବା ପାଇଁ ତାଙ୍କୁ ପୁଟ୍ଟାପର୍ତ୍ତି ନେବାପାଇଁ ନିଜ ସ୍ୱାମୀଙ୍କୁ ଅନୁରୋଧ କରିଥିଲେ । ସେତେବେଳେ ତାଙ୍କ ସ୍ୱାମୀ କହିଥିଲେ ''ଗଡ଼ିଆ ବାବାଙ୍କ ପାଖକୁ ଯିବାପରେ ପାଗଳ ହୋଇ ଯାଇଛି । ତା ଭଳି ତୁମେ କାହିଁକି ପାଗଳ ହେବାକୁ ଯାଉଛ ?'' ଶେଷରେ ବହୁ ପ୍ରବର୍ତ୍ତନା ପରେ ସେ ପିଉସୀଙ୍କୁ ପୁଟ୍ଟାପର୍ତ୍ତି ନେବାକୁ ଗୋଟିଏ ସର୍ତ୍ତରେ ରାଜି ହୋଇଥିଲେ । ସ୍ୱାମୀଙ୍କ ଦର୍ଶନ ପାଇବା ମାତ୍ରେ ଟ୍ୟାକ୍ସିରେ ଫେରି ଆସିବେ ଏବଂ ଗୋଟିଏ ମିନିଟ୍ ମଧ୍ୟ ଅଧିକ ସମୟ ସେଠାରେ ରହିବେ ନାହିଁ ।

ଦୁଇବର୍ଷ ପରେ ସ୍ୱାମୀ ତାଙ୍କୁ ଚିହ୍ନିପାରି ସେହି କଥା ସ୍ମରଣ କରାଇ ଦେଇଥିଲେ । ଏଇଥିପାଇଁ ସେ କାନ୍ଦୁଥିଲେ । ବାବା କହିଥିଲେ ''କାନ୍ଦ ନାହିଁ, ଏଆଡ଼େ ଚାହଁ ।'' ସେ ଯଥେଷ୍ଟ ବିଭୂତି ସୃଷ୍ଟି କରି ତାଙ୍କ ଆଞ୍ଜୁଳାରେ ଭରିଦେଲେ । ଏହା ଦେଖି ଉପସ୍ଥିତ ସମସ୍ତ ଭକ୍ତ ଖୁସି ହୋଇଯାଇଥିଲେ ।

ତା ପରେ ବାବା ତାଙ୍କୁ ନିର୍ଦ୍ଦିଷ୍ଟ ଭାବରେ ପରାମର୍ଶ ଦେଇଥିଲେ ''ଏ ବିଭୂତି ଏଠାରେ କାହାରିକୁ ଦିଅ ନାହିଁ । ତୁମେ ମଧ୍ୟ ଏଥିରୁ କିଛି ଗ୍ରହଣ କରିବ ନାହିଁ । କିନ୍ତୁ ଘରକୁ ଯାଇ ଆନ୍ତରିକତାର ସହିତ ତୁମ ମା'ଙ୍କୁ ଦିଅ ।'' ତାଙ୍କ ମା' ୧୦୨ ବର୍ଷର ବୃଦ୍ଧା ଏବଂ ୩୦ ବର୍ଷରୁ ଅଧିକ ସମୟ ଧରି ସେ ଶଯ୍ୟାଶାୟୀ । ସେ କେବଳ ଗୋଟିଏ ଜପ ପୁନରାବୃତ୍ତି କରି ଚାଲିଛନ୍ତି ''ଓଁ ଶ୍ରୀ କୃଷ୍ଣ ଶରଣମ୍ ମମଃ ।''

ତାପରେ ପରମପ୍ରିୟ ସ୍ୱାମୀ ମୋତେ ଚାହିଁ କହିଥିଲେ ''ଏବେ ତୁମ କାର୍ ପାଇଲଟ୍ କାର୍ ହେବ ଏବଂ ଆଗରେ ଚାଲିବ । ଆମେ ତୁମକୁ ଅନୁସରଣ କରିବୁ । ଶୀଘ୍ର ଚାଲ ।

ଆମେ ସଂଗେ ସଂଗେ ବାତ୍ରା ଛାଡ଼ିଲୁ । ତାହାହିଁ ଆମର ବାତ୍ରାଯାତ୍ରାର ସମାପ୍ତି ଥିଲା ।

❑❑

ଅଧ୍ୟାୟ - ୨୪

ବାବ୍ରାରୁ ଭାବନଗର ଯାତ୍ରା

ଭକ୍ତମାନଙ୍କ ପାଇଁ ପ୍ରେମ

ଭାବନଗର ଯିବା ବାଟରେ କେତେକ ବିସ୍ମୟକର ଘଟଣା ଘଟିଥିଲା । ଆମେ ଯେତେବେଳେ ବାଟରେ ଏକ ରେଲୱେ ଲେଭଲ୍ କ୍ରସିଂ ନିକଟରେ ପହଞ୍ଚିଲୁ, ଲାଲ ପତାକା ଧରିଥିବା ଜଣେ ଲୋକ ପ୍ରଥମ କାର୍‌ଟିକୁ ଅଟକାଇଥିଲେ । ବାବା ସେଥିରେ ନ ଥିବାରୁ ସେ ସଂଗେ ସଂଗେ ସବୁଜ ପତାକା ଦେଖାଇ କାର୍‌ଟିକୁ ଛାଡ଼ି ଦେଇଥିଲା । ପ୍ରକୃତରେ ସେ ପରେ ପରେ ଆସୁଥିବା କାର୍‌ଟିକୁ ଅଟକାଇବା ଉଦ୍ଦେଶ୍ୟରେ ଲାଲ ପତାକା ଦେଖାଇଥିଲା । ସବୁଜ ପତାକା ଦେଖାଇବା ଦ୍ୱାରା ଉଭୟ କାର୍ ଲେଭଲ୍ କ୍ରସିଂ ପାର ହୋଇ ଯାଇଥିଲେ । କିନ୍ତୁ ସେ ବାବାଙ୍କୁ ଦ୍ୱିତୀୟ କାର୍‌ରେ ଦେଖିବା ମାତ୍ରେ ସେଠାରେ ଥିବା ଲୋକମାନଙ୍କ ଉଦ୍ଦେଶ୍ୟରେ ପାଟିକରି ଉଠିଲା "ବାବା ଏହି କାର୍‌ରେ ଅଛନ୍ତି । ଶୀଘ୍ର ଆସ ।" ଲୋକମାନେ ଆଗକୁ ମାଡ଼ିଯାଇ ବାବାଙ୍କ ଦିବ୍ୟ ଦର୍ଶନ ଓ ଆଶୀର୍ବାଦ ପାଇଥିଲେ ।

ପରମପ୍ରିୟ ସ୍ୱାମୀ ଦୟାପରବଶ ହୋଇ କାର୍‌ରୁ ଓହ୍ଲାଇ ଆସିଲେ ଏବଂ ପ୍ରତ୍ୟେକଙ୍କୁ ଆଶୀର୍ବାଦ କରିଥିଲେ । ସେ ବିଭୂତି ସୃଷ୍ଟିକରି କେତେକଙ୍କୁ ଦେଇଥିଲେ । ଏଭଳି ଘଟଣା ଦୁଇ ତିନିଥର ଘଟିଥିଲା । ପ୍ରଫେସର କସ୍ତୁରୀ ବାବାଙ୍କୁ ପ୍ରଶ୍ନ କରିଥିଲେ "ବହୁ ଲୋକ ଆପଣଙ୍କୁ ଆଗ୍ରହ ସହକାରେ ଅପେକ୍ଷା କରୁଥିଲେ । ଏହା କିପରି ସମ୍ଭବ ? ସେମାନେ ଆପଣଙ୍କ ଆସିବା ଖବର ଜାଣିଲେ କିପରି ?" ସ୍ୱାମୀ ଉତ୍ତର ଦେଇଥିଲେ "ଏସବୁ ଗଡ଼ିଆର ଚଗଲାମୀ ।" ବାବାଙ୍କର କୃପାକୁ ଭାଷାରେ ପ୍ରକାଶ କରିବା ସମ୍ଭବ ନୁହେଁ । ସେ ଏହି ଶରୀର (ଗଡ଼ିଆ)କୁ ତାଙ୍କ ଦିବ୍ୟ ପାଦପଦ୍ମରେ 'ଦାସ' ରୂପେ ଆଶ୍ରୟ ଦେଇଛନ୍ତି ଏବଂ ଦିନ ରାତି ପ୍ରତ୍ୟେକ ସ୍ଥାନରେ ତାଙ୍କର ଦିବ୍ୟ ସନ୍ଦେଶ ପ୍ରସାର କରିବା ପାଇଁ ଲଗାଉଛନ୍ତି ।

ଭାବନଗର ଯିବା ପାଇଁ ମୁଁ ବସିଥିବା କାର୍‌ରେ ଯେଉଁ ବ୍ୟକ୍ତି ଆସିଥିଲେ ସେ ମୋତେ ପଚାରିଲେ "ଆପଣ ଦୟାକରି ଅଳ୍ପ କେତେ ମିନିଟ୍ ପାଇଁ ଏହି କାର୍‌ରେ ଯାତ୍ରା

କରିବାକୁ ବାବାଙ୍କୁ ଅନୁରୋଧ କରିବେ କି ?'' ମୁଁ କହିଥିଲି ''ମୁଁ ପାରୁପର୍ଯ୍ୟନ୍ତ ଚେଷ୍ଟା କରିବି ।'' କିନ୍ତୁ ରେଲୱେ ଲେଭଲ୍ କ୍ରସିଂଠାରେ ଘଟିଥିବା ଘଟଣା ଯୋଗୁ ମୁଁ ସ୍ୱାମୀଙ୍କୁ ଅନୁରୋଧ କରିବା କଥା ଭୁଲି ଯାଇଥିଲି । ଯେତେବେଳେ ଆମେ ଭାବନଗର ସହରରେ ପ୍ରବେଶ କଲୁ ସେତେବେଳେ ଏହି ଭଦ୍ରଲୋକ ସମ୍ପୂର୍ଣ୍ଣ ଭାବରେ ନିରାଶ ହୋଇ ପଡ଼ିଥିଲେ । କିନ୍ତୁ ମୁଁ ତାଙ୍କୁ ସାନ୍ତ୍ୱନା ଦେଇ କହିଥିଲି ''ଆମେ ତାଙ୍କ ସହିତ ଯାତ୍ରା କରିବାର ସୁଯୋଗ ପାଇଥିବାରୁ ଏବଂ କେତୋଟି ଦିବ୍ୟ ଘଟଣା ସନ୍ଦର୍ଶନ କରିଥିବାରୁ ସନ୍ତୁଷ୍ଟ ରହିବା ଉଚିତ ।''

ଯାତ୍ରା ସମୟରେ ଗ୍ରୀଷ୍ମଋତୁର ଅସହ୍ୟ ଉତ୍ତାପ ସତ୍ତ୍ୱେ ଆମେ ଶୀତଳତା ଅନୁଭବ କରୁଥିଲୁ । ଆକାଶରେ ମେଘ ନ ଥିଲା । ମନେ ହେଉଥିଲା ଯେପରି ଭାବନଗର ଯାଉଥିବା ଦୁଇଟିଯାକ କାରକୁ ସୂର୍ଯ୍ୟଙ୍କ ଉତ୍ତାପରୁ ରକ୍ଷା କରିବା ପାଇଁ ଏକ ସୁରକ୍ଷା ଢାଲ ଘୋଡ଼ାଇ ରଖିଥିଲା । ଆମେ ଯେତେବେଳେ ଭାବନଗରରେ ପହଞ୍ଚିଲୁ ପ୍ରଫେସର କସ୍ତୁରୀ ଏହି ଶୀତଳିକରଣ ପ୍ରକ୍ରିୟା ସମ୍ପର୍କରେ ଏକ ଯୁକ୍ତିଯୁକ୍ତ କାରଣ ଦର୍ଶାଇଥିଲେ । ସେ କହିଥିଲେ ''ଯେତେବେଳେ ଭଗବାନ ଯାତ୍ରା କରନ୍ତି ପ୍ରକୃତି ତାଙ୍କର ସୁଖସ୍ୱାଚ୍ଛନ୍ଦ୍ୟ କଥା ବୁଝିଥାନ୍ତି ।''

ଭାବନଗରରେ

ଆମେ ଭାବନଗରରେ ପହଞ୍ଚି ଆମେରିକା ଢଙ୍ଗରେ ନିର୍ମିତ ଏକ ନୂତନ ଗୃହରେ ରହିଥିଲୁ । ଏହି ଗୃହ ସମ୍ମୁଖରେ ହଜାର ହଜାର ଭକ୍ତ ଭଜନ ଗାନ ପୂର୍ବକ ବାବାଙ୍କୁ ଅପେକ୍ଷା କରୁଥିଲେ । ଆମେ ରହୁଥିବା ଗୃହରୁ ସମସ୍ତେ ବାହାରକୁ ଆସିଲେ ମାତ୍ର ବାବା ବାହାରି ନ ଥିଲେ । ପ୍ରଫେସର କସ୍ତୁରୀ ଅନୁଭବ କଲେ ଯେ ଭଜନ ଗାନର ତାଳ, ଲୟ ଠିକ୍ ରହୁ ନାହିଁ ଏବଂ ସମୟ ଜ୍ଞାନ ଓ ଆନ୍ତରିକତା ପ୍ରକାଶ ପାଉନାହିଁ । ସେହି କାରଣରୁ ବାବା ବାହାରୁ ନ ଥିଲେ । ତେଣୁ ସେ ଓ ଇନ୍ଦୁଲାଲ ସାହା ମୁଁ ଅଗ୍ରଗାୟକ ଭାବେ ଭଜନର ନେତୃତ୍ୱ ନେବାକୁ ପରାମର୍ଶ ଦେଲେ । ମୋ ନେତୃତ୍ୱରେ କେତୋଟି ଭଜନ ଗାନ କରାଯିବା ପରେ ପରମପ୍ରିୟ ସ୍ୱାମୀ ବାହାରକୁ ଆସିଥିଲେ ।

ବାବା କହିଥିଲେ ''ମୁଁ ଏଭଳି ଭଜନ ଚାହେଁ ନାହିଁ ଯାହା କେବଳ ଗ୍ରାମୋଫୋନ ରେକର୍ଡ଼ ପରି ଭଗବାନଙ୍କ ମହିମା ଓ ନାମର ଏକ ଶୃଙ୍ଖଳ ସୃଷ୍ଟି କରୁଥିବ ମାତ୍ର ସେଥିରେ ଆନ୍ତରିକତା ବା ଆକୁଳତା ନ ଥିବ । ଘଣ୍ଟା ଘଣ୍ଟା ଧରି ରଡ଼ି ଛାଡ଼ିବାର କିଛି ମୂଲ୍ୟ ନାହିଁ । ଗୋଟିଏ ମୁହୂର୍ତ୍ତ ପାଇଁ ଆନ୍ତରିକତା ଓ ଏକାଗ୍ରତାର ସହିତ ପ୍ରାର୍ଥନା କଲେ ତାହା ଭଗବାନଙ୍କୁ ବିଗଳିତ ଓ ବିଚଳିତ କରିଦେବ ।''

''ଭଜନ ହେଉଛି ଏପରି ସଂଗୀତ ଯାହା ପରମାତ୍ମାଙ୍କୁ ମହିମାନ୍ୱିତ କରିଥାଏ । ତେଣୁ ସ୍ୱଭାବତଃ ଭଜନ ଦ୍ୱାରା ଯେଉଁ ଆଧ୍ୟାତ୍ମିକ ପ୍ରକମ୍ପନ ସୃଷ୍ଟି ହୁଏ ତାହା ଉଭୟ

ଗାୟକ ଓ ଶ୍ରୋତାଙ୍କୁ ପରମାନନ୍ଦ ପ୍ରଦାନ କରିଥାଏ । ଭଜନ ସବୁ ପ୍ରକାର ନକାରାତ୍ମକ ଚିନ୍ତା ଦୂର କରିଥାଏ, ସ୍ନାୟୁକୁ ଶାନ୍ତ କରିଥାଏ, ମନକୁ ପବିତ୍ର କରିଥାଏ ଏବଂ ଶରୀର ତଥା ହୃଦୟରେ ମଧୁର ପ୍ରେମ ଭରି ଦେଇଥାଏ । ଜଣେ ଭଜନ ଗାନ କଲେ ତାର ମନ ଈଶ୍ୱର ଚେତନାରେ ପୁଷ୍ଟ ହୋଇଥାଏ ଏବଂ ଅନ୍ତର ଭିତରେ ପରମାନନ୍ଦ ଅନୁଭୂତ ହୋଇଥାଏ ।''

''ଏକତାନରେ ସମସ୍ତେ ଏକାଠି ଗୋଷ୍ଠୀ ଭଜନ ଗାନ କଲାବେଳେ ଯେଉଁ ଦିବ୍ୟ ପ୍ରକମ୍ପନ ସୃଷ୍ଟି ହୁଏ ସେଥିରେ ସମଗ୍ର ପରିବେଶ ପବିତ୍ର ହୋଇଯାଏ । ଏଭଳି ଗୋଷ୍ଠୀ ଭଜନ ଗୁରୁନାନକ (୧୪୬୯-୧୫୩୯) ଆରମ୍ଭ କରିଥିଲେ । ଏହା ଏକ ଆନନ୍ଦମୟ ଅନୁଭୂତି । ଜଣେ ଏକୁଟିଆ ଭଜନ ଗାନ କଲେ ସେଭଳି ଅନୁଭୂତି ଆଶା କରାଯାଏ ନାହିଁ । ଗୋଷ୍ଠୀ ଭଜନ ଏକତାର ବିକାଶ ଘଟାଏ ଏବଂ ଏହା ଦୈବତ୍ୱ ଓ ପବିତ୍ରତା ଆଡ଼କୁ ବାଟ କଢ଼ାଇନିଏ ।''

''ଆମ ଭଜନରେ ଆମେ ତିନିଥର ପ୍ରଣବ (ଓଁକାର) ଉଚ୍ଚାରଣ କରି ଭଜନ ଆରମ୍ଭ କରିଥାଉ ଏବଂ ପ୍ରଥମ ଭଜନ ବିନାୟକ (ଗଣେଶ)ଙ୍କ ଉଦ୍ଦେଶ୍ୟରେ ଗାନ କରାଯାଇଥାଏ । ପ୍ରଣବ ଓ ବିନାୟକ ସମ୍ମିଳିତ ହେଲେ ଆମ ଜୀବନରେ ପରିତ୍ରାଣ (ଉଦ୍ଧାର ବା ଦାୟମୁକ୍ତି) ମିଳିଥାଏ ।''

ତା ପରେ ପରମପ୍ରିୟ ସ୍ୱାମୀ ଏକ ଗୁରୁତ୍ୱପୂର୍ଣ୍ଣ କଥା କହିଥିଲେ– ''ଭଜନ ଅନ୍ତରକୁ ସ୍ପର୍ଶ କଲାଭଳି ଅଭିଜ୍ଞତା ଆଣିଦେବା ଉଚିତ । ଭଜନ ଗାନ କଲାବେଳେ ଗୋଟିଏ ଚକ୍ଷୁ ଶ୍ରୋତାମାନଙ୍କ ଉପରେ ପଡୁଥିବା ପ୍ରଭାବକୁ ଲକ୍ଷ୍ୟ କଲାବେଳେ ଅନ୍ୟ ଚକ୍ଷୁଟି ଭଗବାନଙ୍କ ଉପରେ ଥିବା ପ୍ରଭାବକୁ ଲକ୍ଷ୍ୟ କରିବା ଠିକ୍ ନୁହେଁ । ତୁମର ହୃଦୟ ଭଗବାନଙ୍କୁ ପାଇବା ପାଇଁ ଅତ୍ୟନ୍ତ ବ୍ୟାକୁଳ ହେବା ଦରକାର । ତାହାହେଲେ ରାଗ ଓ ତାଳ ଆପେ ଆପେ ମନ ମୁଗ୍ଧକର ଓ ତ୍ରୁଟିଶୂନ୍ୟ ହେବ ।''

ଆଳାପନା (ଉଚ୍ଚାରଣ) କଲାବେଳେ ଗୁରୁତ୍ୱପୂର୍ଣ୍ଣ ଶବ୍ଦ ଉପରେ ଜୋର ଦିଆଗଲେ ତାହା ହୃଦୟକୁ ସ୍ପର୍ଶ କରିବ । କେତେକ ଛାତ୍ର ମୋତେ କହିଥିଲେ ଯେ ପରମପ୍ରିୟ ସ୍ୱାମୀ ସେମାନଙ୍କୁ ଏହି କୌଶଳଟି ଶିକ୍ଷା ଦେଇଛନ୍ତି ଏବଂ ସେମାନେ ସୁନ୍ଦର ଭାବରେ ଗାନ କରି ପାରୁଛନ୍ତି ।

ବଙ୍ଗଳା ସମ୍ମୁଖରେ ମୁଁ ଦଳେ ଭକ୍ତଙ୍କ ଗହଣରେ ବସିଥିଲି ଏବଂ ପ୍ରାୟ ୩୦ ମିନିଟ ଧରି ଅଗ୍ରଗାୟକ ଭାବରେ ଭଜନର ନେତୃତ୍ୱ ନେଇଥିଲି । ସବୁ ଭଜନରେ ସ୍ୱାମୀ ତାଙ୍କ ଦିବ୍ୟ ଦର୍ଶନ ଓ ଆଶୀର୍ବାଦ ପ୍ରଦାନ କରିବା ପାଇଁ ଭକ୍ତମାନଙ୍କର ବ୍ୟାକୁଳ ପ୍ରାର୍ଥନା ରହିଥିଲା ।

ସ୍ୱାମୀ ଯେତେବେଳେ ଭକ୍ତମାନଙ୍କ ମଧ୍ୟରେ ବୁଲିବାକୁ ଲାଗିଲେ ଏବଂ ହସ୍ତ ଉତ୍ତୋଳନ କରି ପ୍ରତ୍ୟେକଙ୍କୁ ଆଶୀର୍ବାଦ ପୂର୍ବକ ଅଭୟ ପ୍ରଦାନ କଲେ, ସେତେବେଳେ ପ୍ରତ୍ୟେକ ଭକ୍ତ ଖୁସି ହୋଇଥିଲେ ଏବଂ ପ୍ରତ୍ୟେକଙ୍କ ହୃଦୟ ଆନନ୍ଦରେ ଭରିଯାଇଥିଲା । ଅଳ୍ପ କେତେକ ଭକ୍ତ ଭଗବାନ ସୃଷ୍ଟି କରିଥିବା ବିଭୂତି, ମୁଦି ଇତ୍ୟାଦି ପାଇ ନିଜକୁ ଭାଗ୍ୟବାନ ବୋଲି ମନେ କରୁଥିଲେ ।

ସ୍ୱାମୀଙ୍କର ଦିବ୍ୟବାର୍ତ୍ତା

ତା ପରେ ପରମପ୍ରିୟ ସ୍ୱାମୀ ଅଳ୍ପ କେତେ ମିନିଟ୍ ପାଇଁ ସମ୍ଭାଷଣ ଦେଇଥିଲେ । ସେ କହିଥିଲେ "ଯେତେବେଳେ ଧର୍ମର ଗ୍ଲାନି ଘଟେ ଏବଂ ଅଧର୍ମ ବୃଦ୍ଧି ପାଏ ସେତେବେଳେ ମୋର ମୂଳ ସଂକଳ୍ପ ଅନୁସାରେ ଆଧ୍ୟାତ୍ମିକ ଭିତ୍ତିଭୂମିର ସୁରକ୍ଷା ପାଇଁ ମୁଁ ନିଜକୁ ପ୍ରକଟ କରିଥାଏ (ମୁଁ ଅବତରଣ କରିଥାଏ) । କାରଣ ଏହା ମୋର ସଂକଳ୍ପର ଅଂଶ ବିଶେଷ । ମୋର ନିରାକାର ସତ୍ତାକୁ ଦୂରେଇ ଦେଇ ମୁଁ ଯେଉଁ ଉଦ୍ଦେଶ୍ୟରେ ଆସିଛି ତାକୁ ସୁହାଇଲା ଭଳି ନାମ ଓ ରୂପ ଗ୍ରହଣ କରେ । ଯେତେବେଳେ ଦୁଷ୍ଟ ଶକ୍ତି ଉତ୍ତମ ଆଚରଣକୁ ଧ୍ୱଂସ କରିବା ପାଇଁ ଭୟ ପ୍ରଦର୍ଶନ କରେ ମୁଁ ସେତେବେଳେ ଧ୍ୱଂସମୁଖୀ ଉତ୍ତମ ଆଚରଣର ସୁରକ୍ଷା ପାଇଁ ଆସିଥାଏ । ନିର୍ଦ୍ଦିଷ୍ଟ ପଥ ବା ଶୃଙ୍ଖଳାକୁ ଅନୁସରଣ କରୁଥିବା ଲୋକମାନଙ୍କୁ ସେଥିରୁ ବିଚ୍ୟୁତ ହେବା ପାଇଁ ଭଗବାନ ବାଧ୍ୟ କରନ୍ତି ନାହିଁ । ତାଙ୍କ ବିଶାଳ ବାସଭବନକୁ ଅନେକ ଦରଜା ରହିଛି । ମୁଖ୍ୟ ପ୍ରବେଶ ଦ୍ୱାର ହେଲା ମୋହକ୍ଷୟ (ସାଂସାରିକ ବନ୍ଧନମୁକ୍ତ ହେବା) । କୃଷ୍ଣ ଅର୍ଜୁନଙ୍କୁ ଏହାକୁ ସାଧନ (ହାସଲ) କରିବା ପାଇଁ ଉପଦେଶ ଦେଇଥିଲେ ।"

"ମନ ଏକ ନୀରବ ଶରଣାର୍ଥୀ ହେବା ଉଚିତ ନଚେତ ଏହା ତୁମକୁ ଏକ ଜଟିଳ ଗଣ୍ଠି ଦ୍ୱାରା ବାନ୍ଧି ପକାଇବ । ମନ ବାନ୍ଧିପାରେ ଏବଂ ବନ୍ଧନମୁକ୍ତ କରିପାରେ । ତୁମେ ସଂସାର ସାଗରକୁ ନିରାପଦରେ ପାର ହୋଇଯିବ ଯଦି ନୌକାରେ କୌଣସି ଛିଦ୍ର ନ ଥାଏ । କିନ୍ତୁ ଷଡ଼ରିପୁ (କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ)ର ଛିଦ୍ର ମଧ୍ୟ ଦେଇ ସଂସାର ସାଗରର ଜଳ ନୌକା ମଧ୍ୟକୁ ପ୍ରବେଶ କରିବ ଏବଂ ଶେଷରେ ନୌକାଟି ବୁଡ଼ିଯିବ । ଏହାଦ୍ୱାରା ତୁମେ ବୁଡ଼ିଗଲେ ଉଦ୍ଧାର ପାଇବାର ବାଟ ନ ଥିବ । କୌଣସି ପ୍ରକାର ନୌକା ମଧ୍ୟକୁ ଜଳ ପ୍ରବେଶ କରିବାକୁ ଦିଅ ନାହିଁ । ସବୁ ଛିଦ୍ର ବନ୍ଦ କରିଦିଅ । ତାହାହେଲେ ତୁମେ ସଂସାରକୁ ଭୟ କରିବ ନାହିଁ ଏବଂ ଇନ୍ଦ୍ରିୟମାନଙ୍କୁ ତାଲିମ ଦେବା ପାଇଁ ସୁଯୋଗ ପାଇ ଉପକୃତ ହେବ । ଫଳରେ ବନ୍ଧନମୁକ୍ତ ହେବା ପାଇଁ ପର୍ଯ୍ୟାପ୍ତ ଓ ବଳବତୀ ସୁଯୋଗ ମିଳିବ ।"

ପରବର୍ତ୍ତୀ ଦିବସରେ ବାବା ବିମାନ ଯୋଗେ ବମ୍ବେ ଯିବାର କାର୍ଯ୍ୟକ୍ରମ ଥିବାରୁ ଆଉ ଅଧିକ ଦର୍ଶନ ଦେବା ସମ୍ଭବ ହେବ ନାହିଁ ବୋଲି ଘୋଷଣା କରି ଆମେ ସେହି

ସୁନ୍ଦର ବଙ୍ଗଳା ମଧ୍ୟରେ ପ୍ରବେଶ କରିଥିଲୁ । ଦିବ୍ୟ ସନ୍ଦେଶ ଦେବା ପରେ ଏହି ଘୋଷଣା କରାଯାଇଥିଲା ।

ବାବା ମୋତେ ତାଙ୍କ କୋଠରୀର ଦରଜା ନିକଟକୁ ଡାକି ନିର୍ଦ୍ଦେଶ ଦେଇଥିଲେ ''ତୁମେ ଏହି ଦରଜା ନିକଟରେ ଠିଆ ହୁଅ । ଯଦି କେହି ଭିତରକୁ ଆସିବାକୁ ଚାହେଁ ପ୍ରଥମେ ମୋତେ ତାର ନାମ ଜଣାଇବ । ଯଦି ସ୍ୱାମୀ ଅନୁମତି ଦିଅନ୍ତି ତୁମେ ତାଙ୍କୁ ଭିତରକୁ ଛାଡ଼ିପାର ।''

କେତୋଟି ମିନିଟ୍ ପରେ ସେ ମୋତେ ଭିତରକୁ ଡାକି କହିଥିଲେ ''ଗଢ଼ିଆ, ରାଜମାତାଙ୍କ ଡ୍ରାଇଭରକୁ ଡାକ । ଆମେ ତାକୁ ଜାମନଗର ଫେରିଯିବାକୁ ଅନୁମତି ଦେବା ।''

ଡ୍ରାଇଭର ଭିତରକୁ ଆସିବା ମାତ୍ରେ ସ୍ୱାମୀ ମୋତେ ଦରଜା ବନ୍ଦ କରିଦେବାକୁ ନିର୍ଦ୍ଦେଶ ଦେଲେ ଏବଂ ତାଙ୍କ ବାମ ପାର୍ଶ୍ୱରେ ସୁନ୍ଦର ମାର୍ବଲ ପଥରର ପାହାଚ ଉପରେ ବସିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ସ୍ୱାମୀ ଡ୍ରାଇଭରକୁ କହିଥିଲେ ''ତୁମେ ଜାମନଗର ଫେରିଯାଇ ପାର କାରଣ ସ୍ୱାମୀ ଏଠାରୁ ବିମାନରେ ବମ୍ବେ ଯିବେ । ରାଜମାତାଙ୍କୁ ସ୍ୱାମୀଙ୍କର ଆଶୀର୍ବାଦ ଜଣାଅ । ବର୍ତ୍ତମାନ ଏଠାକୁ ଆସ ।'' ତାପରେ ସେ ଏକ ରୂପାର ମୁଦି ସୃଷ୍ଟି କରି ଡ୍ରାଇଭରକୁ ଦେଇ କହିଥିଲେ ''ତୁମେ ଏବେ ଯାଇପାର ।''

ସଙ୍ଗେ ସଙ୍ଗେ ସ୍ୱାମୀ ମୋ ଡାହାଣ କାନ ପାଖରେ ଫୁସ୍‌ଫୁସ୍ ହୋଇ କହିଥିଲେ ''ଡ୍ରାଇଭର ଭାବୁଛି ଯେ ଯଦି ସ୍ୱାମୀ ତାକୁ ସୁନାର ମୁଦିଟିଏ ଦେଇଥାନ୍ତେ ଭଲ ହୋଇଥାନ୍ତା । କାରଣ ତାର ଜଣେ ବନ୍ଧୁଙ୍କର ସୁନାମୁଦି ଅଛି ।''

ମୋର ସୌଭାଗ୍ୟ ଯେ ସ୍ୱାମୀ ମୋତେ ସଖା ରୂପେ ଭକ୍ତି କରିବାକୁ ସୁଯୋଗ ଦେଇଛନ୍ତି । ସେହି କାରଣରୁ ମୁଁ ତାଙ୍କ ସହିତ ସର୍ବଦା ସ୍ୱାଧୀନ ଭାବରେ କଥାବାର୍ତ୍ତା କରିପାରୁଛି । ସେ ମୋର ଯୁକ୍ତିଯୁକ୍ତ ଓ ଆନ୍ତରିକ ପ୍ରାର୍ଥନା ଶୁଣିଥାନ୍ତି । ମୁଁ ତାଙ୍କୁ କହିଲି ''ସ୍ୱାମୀ ତାକୁ ଗୋଟିଏ ସୁନା ମୁଦି ଦେବା ପାଇଁ ଆପଣଙ୍କୁ ମାତ୍ର ଗୋଟିଏ ସେକେଣ୍ଡ ଲାଗିବ । ଦୟାକରି ରୂପା ମୁଦିଟିକୁ ତା ପାଇଁ ବଦଳାଇ ଦିଅନ୍ତୁ ।'' ସଙ୍ଗେ ସଙ୍ଗେ ପୁଣିଥରେ ଡ୍ରାଇଭରକୁ ଭିତରକୁ ଡକାଗଲା । ସ୍ୱାମୀ ତାଠାରୁ ରୂପା ମୁଦିଟି ମାଗିନେଲେ ଏବଂ ଫୁଙ୍କିଦେଇ ସୁନାମୁଦିରେ ପରିଣତ କରିଦେଲେ । ମୁଁ ଏହି ପରିବର୍ତ୍ତନ ଦେଖିପାରି ନ ଥିଲି କାରଣ ସେହି ମୁହୂର୍ତ୍ତରେ ଦରଜାରେ କରାଘାତ ଶବ୍ଦ ଶୁଣି ମୁଁ ଦରଜା ଆଡ଼କୁ ଯାଇଥିଲି । ମାତ୍ର ଡ୍ରାଇଭର ସୁନାମୁଦିଟି ପାଇ ଅତ୍ୟନ୍ତ ଖୁସି ଥିଲା ।

ସ୍ୱାମୀଙ୍କର ରାତ୍ର ଭୋଜନ ତାଙ୍କୁ କୋଠରୀ ମଧ୍ୟରେ ପରିବେଷଣ କରାଯାଇଥିଲା । ଅନ୍ୟମାନେ ଡାଇନିଂ ରୁମକୁ ଯାଇଥିଲେ । ମୋର ଖାଇବା ଶେଷ ହେଲା ବେଳକୁ ପ୍ରଫେସର କସ୍ତୁରୀ ଜଣାଇଲେ ଯେ ବାବା ଆମ ଦୁହିଁଙ୍କୁ ତାଙ୍କ ପାଖକୁ ଯିବା ପାଇଁ ଚାହୁଁଛନ୍ତି ।

ପରମପ୍ରିୟ ସ୍ୱାମୀ ମୁହଁ ତଳକୁ କରି ପେଟମାଡ଼ି ବିଶ୍ରାମ ନେଉଥିଲେ । ସେ ପ୍ରଫେସର କସ୍ତୁରୀ ଓ 'ଏହି ଦାସ'କୁ ତାଙ୍କ ଦିବ୍ୟ ଗୋଡ଼ ଚାପିବାକୁ କହିଥିଲେ । ସତରେ ଆମ ଉଭୟଙ୍କ ପାଇଁ କି ଅପୂର୍ବ ସୁଯୋଗ !! ମୁଁ ତାଙ୍କ ଦକ୍ଷିଣ ଗୋଡ଼ ଚାପିବାକୁ ଲାଗିଲି । ଏହି ଗୋଡ଼ ମୋତେ ଏକ କାଠ ଗଡ଼ ପରି କଠିନ ଲାଗୁଥିଲା । ମନେ ହେଉଥିଲା ଯେପରି ଗୋଡ଼ରେ ଆଦୌ ମାଂସପେଶୀ ନାହିଁ । ମୁଁ କେତୋଟି ମିନିଟ ପରେ ଝାଳ ପୋଛିବା ପାଇଁ ମୋ ରୁମାଲ ବାହାର କଲି । କିନ୍ତୁ ସେ ମୋତେ ଗୋଟିଏ ସେକେଣ୍ଡ ପାଇଁ ମଧ୍ୟ ଗୋଡ଼ ଚାପିବା ବନ୍ଦ କରିବାକୁ କହି ନ ଥିଲେ । କିନ୍ତୁ ମୋତେ ସଙ୍ଗେ ସଙ୍ଗେ ପ୍ରଶ୍ନ କରିଥିଲେ "ତୁମର କ'ଣ ହେଲା ?"

ମୋ ମୁଣ୍ଡରେ ଏକ ଧାରଣା ପ୍ରବେଶ କଲା ଯେ ପରମପ୍ରିୟ ସ୍ୱାମୀ ହେଉଛନ୍ତି ଶିବ-ଶକ୍ତି ସ୍ୱରୂପ । ତାଙ୍କର ଦକ୍ଷିଣ ପାର୍ଶ୍ୱ ଶିବ ଏବଂ ବାମପାର୍ଶ୍ୱ ଶକ୍ତି । ସେଇଥିପାଇଁ ଦକ୍ଷିଣ ଗୋଡ଼ କଠିନ । ତେଣୁ ମୁଁ ତାଙ୍କ ବାମଗୋଡ଼ ଚାପି ପ୍ରଭେଦ ଅନୁଭବ କରିବାକୁ ଚାହିଁଥିଲି । ମୁଁ ନୀରବରେ ପ୍ରଫେସର କସ୍ତୁରୀଙ୍କୁ ପାର୍ଶ୍ୱ ପରିବର୍ତ୍ତନ କରିବା ପାଇଁ ଇଙ୍ଗିତ ଦେଲି । କିନ୍ତୁ ସେ ସେଥିପାଇଁ ସାହାସ କରି ନ ଥିଲେ । ଆମେ ସତର୍କତାର ସହିତ ଗୋଟିଏ ଗୋଡ଼ ଚାପୁ ଚାପୁ ଆଣ୍ଠୁ ପର୍ଯ୍ୟନ୍ତ ଯାଇ ତତ୍‌କ୍ଷଣାତ୍ ଅନ୍ୟ ଗୋଡ଼ ଚାପିବାକୁ ଆରମ୍ଭ କରିଦେଲୁ । ମୋ ପାଇଁ ବାବାଙ୍କର ବାମଗୋଡ଼ ମଧ୍ୟ କାଠଗଡ଼ ପରି କଠିନ ଥିଲା ।

ପରେ ପ୍ରଫେସର କସ୍ତୁରୀ ମୋର ଅଭିଜ୍ଞତା ଜାଣି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସେ କହିଥିଲେ "ମୁଁ ଅନୁଭବ କଲି ସ୍ୱାମୀଙ୍କ ଗୋଡ଼ ତୁଳା ପରି ଅତି ନରମ ।" ମୁଁ ତାଙ୍କୁ ପଚାରିଥିଲି "ଏହି ପ୍ରଭେଦର କାରଣ କଣ ହୋଇପାରେ ?" ତାଙ୍କର ଉତ୍ତର ଥିଲା ଯେ ଏକା ସମୟରେ ଦୁଇଜଣଙ୍କୁ ଭିନ୍ନ ଭିନ୍ନ ଅଭିଜ୍ଞତା ପ୍ରଦାନ କରିବାକୁ ସ୍ୱାମୀ ଚାହିଁଥିଲେ । କି ସୁନ୍ଦର କୈଫିୟତ !! ମୁଁ ସିଦ୍ଧାନ୍ତରେ ପହଞ୍ଚିଲି ଯେ ବାବା ଭଗବାନ ହୋଇଥିବାରୁ ତାଙ୍କ ଶରୀରକୁ ମୋ ପାଇଁ କଠିନ କରିଦେବାକୁ ଇଚ୍ଛା କରିଥିଲେ ।

ପରମପ୍ରିୟ ସ୍ୱାମୀ ତା ପରେ କହିଥିଲେ "ତୁମେ ଏବେ ଯାଇପାର ଏବଂ ସୁଖରେ ନିଦ୍ରା ଯାଅ ।" ମୁଁ ଅତ୍ୟନ୍ତ କ୍ଳାନ୍ତ ହୋଇପଡ଼ିଥିଲି । ତେଣୁ ଭୋର ପାଞ୍ଚଟା ସମୟରେ ଉଠି ପାରିଲି ନାହିଁ । ସବୁ ଭକ୍ତ ୭ଘଣ୍ଟା ୩୦ ମିନିଟ୍ ସୁଦ୍ଧା ତାଙ୍କ ଦରଜା

ସମ୍ମୁଖରେ ଦିବ୍ୟଦର୍ଶନ ପାଇଁ ପ୍ରସ୍ତୁତ ହୋଇ ରହିଥିଲେ । ମୁଁ ସକାଳ ଆଠଟାରେ ସେଠାରେ ପହଞ୍ଚିବା ପର୍ଯ୍ୟନ୍ତ ସ୍ୱାମୀ ତାଙ୍କ କୋଠରୀର ଦରଜା ଖୋଲି ନ ଥିଲେ ।

ସେ ମୋତେ କହିଥିଲେ ''ତୁମେ ଗତକାଲି କ୍ଲାନ୍ତ ହୋଇପଡ଼ିଥିଲ । ତୁମେ ଜାଣ ସ୍ୱାମୀ ପୂର୍ବାହ୍ନ ଦଶଟାରେ ବିମାନ ବନ୍ଦରକୁ ଯିବା କଥା । ଶୀଘ୍ର ଚାଲ ଓ ଜଳଯୋଗ ଶେଷ କର । ତୁମେ ଜାଣକି ସ୍ୱାମୀ କାହା କାରରେ ବିମାନ ବନ୍ଦର ପର୍ଯ୍ୟନ୍ତ ଯିବେ ?'' ମୁଁ ଉତ୍ତର ଦେଲି ''ନାଁ ସ୍ୱାମୀ ।'' ସେ ସଙ୍ଗେ ସଙ୍ଗେ କହିଥିଲେ ''ତୁମେ ଯେଉଁ ଧଳା କାରରେ ଯାତ୍ରା କରିଥିଲ ସେହି କାରରେ ସ୍ୱାମୀ ଯିବେ ।'' ଏବେ ସେହି ଭଦ୍ରବ୍ୟକ୍ତି ଯିଏ ଭାବନଗର ଯାତ୍ରାପଥରେ ତାଙ୍କ କାରରେ ସ୍ୱାମୀ ଯାତ୍ରା କଲାଭଳି କୃପା ପ୍ରଦାନ କରି ନ ଥିବାରୁ ନିରାଶ ହୋଇ ପଡ଼ିଥିଲେ, ସେ ଆନନ୍ଦରେ ଅଧୀର ହୋଇ ପଡ଼ିଥିଲେ । ତାଙ୍କ ଚକ୍ଷୁରୁ ଆନନ୍ଦାଶ୍ରୁ ଝରିଆସିଲା ।

ପରମପ୍ରିୟ ସ୍ୱାମୀ ବିମାନରେ ଚାଲିଯାଇଥିଲେ ଏବଂ ଆମେ ଜାମନଗର ଉଦ୍ଦେଶ୍ୟରେ ଯାତ୍ରା କଲୁ । ବାଟରେ ଅଳ୍ପ ସମୟ ପାଇଁ ଆମେ ବାବ୍ରାରେ ରହିଥିଲୁ ଏବଂ ମୁଁ ମୋର ମା'ଙ୍କର ପିଉସୀଙ୍କୁ ଦେଖା କରିଥିଲି । ତାଙ୍କୁ ପରମପ୍ରିୟ ସ୍ୱାମୀ ସ୍ୱତନ୍ତ୍ର ପରାମର୍ଶ ସହ ବିଭୂତି ପ୍ରଦାନ କରିଥିଲେ । ସେ ମୋତେ କହିଥିଲେ ''ମୋ ପାଇଁ ବାବା ହେଉଛନ୍ତି ଭଗବାନ । କାରଣ ମୋର ୧୦୨ ବର୍ଷର ବୃଦ୍ଧା ଏବଂ ଶଯ୍ୟାଶାୟୀ ମାତା ବିଭୂତି ପାଇବା ମାତ୍ରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ସେତେବେଳେ ସେ 'ଓଁ ଶ୍ରୀ କୃଷ୍ଣଶରଣମ୍ ମମଃ' ଉଚ୍ଚାରଣ କରୁଥିଲେ । ବାବା କେବଳ ତାଙ୍କୁ ମୋକ୍ଷ ପ୍ରଦାନ କରିବାକୁ ବାବ୍ରା ଆସିଥିଲେ । ମୁଁ କେବେହେଲେ ବାବାଙ୍କୁ ଭୁଲି ପାରିବି ନାହିଁ ।''

ବାବା ଯେ କେବଳ ପ୍ରାୟଶ୍ଚିତ କରିଥିବା ଏବଂ ମାନବିକତାପୂର୍ଣ୍ଣ ସେବା କରିଥିବା ସାଧୁସନ୍ଥଙ୍କୁ ମୋକ୍ଷ ପ୍ରଦାନ କରନ୍ତି ତାହା ନୁହେଁ, ଯେ କୌଣସି ଲୋକ ଯଦି ଆଧ୍ୟାତ୍ମିକ ସାଧନାରେ ଶ୍ରେଷ୍ଠତା ଲାଭ କରି ଅଗ୍ରଗତି କରିଥାଏ (ଯେପରି ମୋ ମା'ଙ୍କର ପିଉସୀଙ୍କର ମା') ତାଙ୍କୁ ମଧ୍ୟ ମୋକ୍ଷ ପ୍ରଦାନ କରିଥାନ୍ତି । ଆମେ ସମସ୍ତେ ଏ ପୁସ୍ତକରେ ବର୍ଣ୍ଣନା କରାଯାଇଥିବା ଆଧ୍ୟାତ୍ମିକ ସାଧନା ଦ୍ୱାରା ନିଜ ନିଜକୁ ପରିବର୍ତ୍ତିତ (ରୂପାନ୍ତରିତ) କରିବା ଉଚିତ ।

ପରମପ୍ରିୟ ସ୍ୱାମୀଙ୍କ ସହିତ ଏହି ଯାତ୍ରା ସ୍ମରଣୀୟ ହୋଇ ରହିବ । କାରଣ ମୁଁ ତାଙ୍କର ଘନିଷ୍ଠ ସମ୍ପର୍କରେ ଆସିବା ସହିତ ତାଙ୍କର ଅଲୌକିକତା ଦେଖିବାର ସୁଯୋଗ ପାଇଥିଲି । ବାବ୍ରା ଦେଇ ରାଜକୋଟ ଏବଂ ବାବ୍ରାରୁ ଭାବନଗର ଯାତ୍ରାକୁ ମୁଁ କିପରି ଭୁଲି ପାରିବି ?

❑❑

ଅଧ୍ୟାୟ - ୨୫

ବାବାଙ୍କ ଦ୍ୱାରା ସ୍ୱାମୀ ଶରଣାନନ୍ଦଜୀଙ୍କୁ ଆତ୍ମଜ୍ଞାନ ପ୍ରଦାନ

୧୯୬୬ ମସିହାରେ ମୋର ପିତାମାତା ଉଗାଣ୍ଡାର କାମ୍ପାଲାରୁ ଆସି ଜାମନଗରଠାରେ ମେଡ଼ିକାଲ କଲେଜ ମୋତେ ଯୋଗାଇ ଦେଇଥିବା କ୍ୱାର୍ଟରର୍ସ (ଆବାସସ୍ଥଳ)ରେ ମୋ ସହିତ ରହିଥିଲେ । ସେମାନଙ୍କ ରହଣି କାଳରେ ସ୍ୱାମୀ ଶରଣାନନ୍ଦଜୀ ଅହମ୍ମଦାବାଦଠାରେ ଥିବା ତାଙ୍କ ଆଶ୍ରମରୁ ଆସି ଆମ ସହିତ କିଛିଦିନ ରହିଥିଲେ । ସେ ଅହମ୍ମଦାବାଦ ଆଶ୍ରମରେ ରହି ବହୁ ଭକ୍ତଙ୍କର ବହୁ ପ୍ରକାର ସେବା କରୁଥିଲେ ।

ସେତେବେଳେ ତାଙ୍କର ବୟସ ଥିଲା ଅଶୀବର୍ଷ । ସ୍ୱାମୀ ଶରଣାନନ୍ଦଜୀ ଶିରିଡ଼ି ସାଇ ବାବାଙ୍କ ପ୍ରାକ୍ ଜୀବନ ଏବଂ ଦୀର୍ଘ ଦଶବର୍ଷ ଧରି ତାଙ୍କ ସମ୍ପର୍କରେ ଅର୍ଜନ କରିଥିବା ଅଭିଜ୍ଞତା ସମ୍ବଳିତ ବହୁ ପୁସ୍ତକ ରଚନା କରିଛନ୍ତି । ସେ ଆମକୁ ତାଙ୍କର କୌତୁହଳପ୍ରଦ ଅଭିଜ୍ଞତା ସମ୍ପର୍କରେ କହିଥିଲେ ଏବଂ ସପ୍ତାହାନ୍ତ କାର୍ଯ୍ୟକ୍ରମରେ ସାଇକେନ୍ଦ୍ରର ଭକ୍ତମାନଙ୍କୁ ମଧ୍ୟ ବକ୍ତବ୍ୟ ମାଧ୍ୟମରେ ଜଣାଇଥିଲେ । ସେ ଅହମ୍ମଦାବାଦ ଫେରିଯିବା ପୂର୍ବରୁ ମୋଠାରୁ ଶ୍ରୀ ସତ୍ୟସାଇ ବାବାଙ୍କ ପରବର୍ତ୍ତୀ ବମ୍ବେ ଯାତ୍ରା ସମ୍ପର୍କରେ ଜଣାଇବାକୁ ପ୍ରତିଶ୍ରୁତି ଆଦାୟ କରି ନେଇଥିଲେ । ତାହାହେଲେ ସେ ବାବାଙ୍କର ଦିବ୍ୟ ଦର୍ଶନ ଓ ଆଶୀର୍ବାଦ ପାଇ ପାରିବେ ।

ପରେ ମୁଁ ସ୍ୱାମୀ ଶରଣାନନ୍ଦଜୀଙ୍କୁ ଟେଲିଗ୍ରାମ କରି ଜଣାଇଥିଲି ଯେ ପରମପ୍ରିୟ ବାବା ବମ୍ବେର ମାଲବାର ହିଲ୍ସରେ ଥିବା ମନ୍ତ୍ରୀ ପି.କେ. ସାବନ୍ତଙ୍କ ବାସଭବନକୁ ଆସୁଛନ୍ତି । ପି.କେ. ସାବନ୍ତ ଶିରିଡ଼ି ସାଇ ସଂସ୍ଥାନର ଟ୍ରଷ୍ଟି ହିସାବରେ ସ୍ୱାମୀ ଶରଣାନନ୍ଦଜୀଙ୍କୁ ଜାଣିଥିଲେ । ସେ ସିଧାସଳଖ ସ୍ୱାମୀ ଶରଣାନନ୍ଦଜୀଙ୍କୁ ବାବାଙ୍କ ସହିତ ସାକ୍ଷାତକାର ପାଇଁ ଉପର ମହଲାକୁ ନେଇ ଯାଇଥିଲେ । ତାଙ୍କ ସହିତ ଦୀର୍ଘ ସମୟ କଥାବାର୍ତ୍ତା ହେବା ପରେ ବାବା କହିଥିଲେ ‘‘ହଁ, ଏ ଶରୀର ହେଉଛି ଶିରିଡ଼ି ସାଇବାବା । ଏଥିରେ କୌଣସି ସନ୍ଦେହ ରଖ ନାହିଁ । ଏଠାକୁ ଚାହଁ । ମୁଁ କିଏ ?’’ ସେହି ମୁହୂର୍ତ୍ତରେ ବାବା ତାଙ୍କୁ ଶିରିଡ଼ି ସାଇ ରୂପରେ ଦିବ୍ୟଦର୍ଶନ ଦେଇଥିଲେ । ସ୍ୱାମୀ ଶରଣାନନ୍ଦଜୀଙ୍କର

ଶିରିଡ଼ି ସାଇବାବାଙ୍କ ପ୍ରତି ଅତୀବ ପ୍ରେମ ଓ ଭକ୍ତି ଥିବାରୁ ସତ୍ୟସାଇ ବାବା କାଳବିଳମ୍ବ ନ କରି ତାଙ୍କୁ ଆତ୍ମଜ୍ଞାନ ପ୍ରଦାନ କରିଥିଲେ ।

ପରମପ୍ରିୟ ସ୍ୱାମୀ କହିଥିଲେ ''ଆତ୍ମଜ୍ଞାନ ପ୍ରାପ୍ତି (ବା ଆତ୍ମ ଉପଲବ୍ଧି) ସମର୍ପଣ, ତ୍ୟାଗ ମାଧ୍ୟମରେ ସମ୍ଭବ ନୁହେଁ । ଏହା ମଧ୍ୟ ଆଲୋଚନା ବା ଅନ୍ୟାନ୍ୟ ଆଧ୍ୟାତ୍ମିକ ଶୃଙ୍ଖଳା ମାଧ୍ୟମରେ ସମ୍ଭବ ନୁହେଁ । ଏହା କେବଳ ପ୍ରେମ ମାଧ୍ୟମରେ ମିଳିପାରିବ ।''

ସ୍ୱାମୀ ଶରଣାନନ୍ଦଜୀ ପରମ ସନ୍ତୋଷ ଲାଭ କରିଥିଲେ ଏବଂ ବାବାଙ୍କ ସହିତ ସାକ୍ଷାତକାର ପରେ ତଳକୁ ଆସି ସମ୍ପୂର୍ଣ୍ଣ ଘଟଣାଟି ବର୍ଣ୍ଣନା କରିଥିଲେ । ମିଷ୍ଟର ଶଙ୍କରଲାଲ ଚୋକ୍ଷି, ଗୁଜୁରାଟର ମାସିକ ପତ୍ରିକା 'ସାଇ ସୁମନ'ର ସମ୍ପାଦକ, ସେଠାରେ ଉପସ୍ଥିତ ଥିଲେ । ସେ ସବୁ ଘଟଣା ଟିପି ରଖିଥିଲେ ଏବଂ ସ୍ୱାମୀ ଶରଣାନନ୍ଦଜୀଙ୍କ ଅନୁମତି ନେଇ ତାଙ୍କ ପତ୍ରିକାରେ ପ୍ରକାଶ କରିଥିଲେ । ଏହି ଲେଖାଟି ପଢ଼ି ହଜାର ହଜାର ଶିରିଡ଼ି ସାଇ ଭକ୍ତ ଶ୍ରୀ ସତ୍ୟସାଇ ବାବା ଯେ ଶିରିଡ଼ି ସାଇଙ୍କ ଅବତାର ଏହା ଜାଣିପାରିଥିଲେ ।

'ଏହି ଦାସ' ଅତ୍ୟନ୍ତ ଖୁସି ହୋଇଥିଲା ଯେ ପରମପ୍ରିୟ ବାବା ସ୍ୱାମୀ ଶରଣାନନ୍ଦଜୀଙ୍କୁ ତାଙ୍କ ନିକଟକୁ ଆଣିବା ପାଇଁ ଏହି ଶରୀରକୁ ବ୍ୟବହାର କରିଥିଲେ । ପୂର୍ବଆଫ୍ରିକାରେ ଥିଲାବେଳେ ସ୍ୱାମୀ ଶରଣାନନ୍ଦଜୀଙ୍କ ସହିତ ମୋର ସମ୍ପର୍କ ରହି ନ ଥିଲା ଏବଂ ପରେ ଜାଣିବାକୁ ପାଇଥିଲି ଯେ ସେ ତାଙ୍କର ମର ଶରୀର ତ୍ୟାଗ କରି ସାରିଛନ୍ତି ।

'ଏହି ଦାସ'ର ପିତାମାତାଙ୍କୁ ପରମପ୍ରିୟ ସ୍ୱାମୀ ପରୀକ୍ଷା କଲେ

ମୋର ପିତାମାତା ଜାମନଗରର ସତ୍ୟନାରାୟଣ ରୋଡ଼ରେ ଗୋଟିଏ ଘର କିଣିଥିଲେ ଏବଂ ପରମପ୍ରିୟ ସ୍ୱାମୀ ଏହାର ନାମ ରଖିଥିଲେ ''ଶ୍ରୀ ସତ୍ୟସାଇ ନିବାସ'' । ସେଠାରେ ଆମେ ଭଜନ, ପାଠଚକ୍ର ଏବଂ ବାଳବିକାଶ କାର୍ଯ୍ୟକ୍ରମ କରୁଥିଲୁ । କ୍ରୁବେନ ଢୋଲକିଆ ଏହି ଘରେ ଚାଲୁଥିବା ବାଳବିକାଶ କାର୍ଯ୍ୟକ୍ରମ ଓ ଭଜନ ଦାୟିତ୍ୱରେ ଥିଲେ । କିନ୍ତୁ ପାଠଚକ୍ର ଓ ଅନ୍ୟାନ୍ୟ ସାଇ କାର୍ଯ୍ୟକ୍ରମ ଜାମନଗରର ମୁଖ୍ୟ ସାଇ କେନ୍ଦ୍ରରେ ହେଉଥିଲା ।

ମୋର ପିତାମାତା ମୋ ସହିତ ଜାମନଗରରେ ରହୁଥିଲାବେଳେ ବହୁତ ଥର ପ୍ରଶାନ୍ତି ନିଳୟମ୍ ଯାଇଥିଲେ ଏବଂ ପରମପ୍ରିୟ ସ୍ୱାମୀଙ୍କଠାରୁ ଉଲ୍ଲେଖନୀୟ କୃପା ଓ ଆଶୀର୍ବାଦ ପାଇଥିଲେ । ଥରେ ସ୍ୱାମୀ ଭଗବାନ କୃଷ୍ଣଙ୍କର ଗୋଟିଏ ପଦକ ସୃଷ୍ଟି କରିଥିଲେ ଏବଂ ମା'ଙ୍କୁ କହିଥିଲେ ''ତୁମର ଭଗବାନ କୃଷ୍ଣଙ୍କ ପ୍ରତି ଅଧିକ ବିଶ୍ୱାସ ରହିଛି । କିନ୍ତୁ ସ୍ୱାମୀ ହେଉଛନ୍ତି କୃଷ୍ଣ । ଏ ପଦକଟିକୁ ନିଅ ଏବଂ ଗୋଟିଏ କଳା ସୂତାରେ ଗୁନ୍ଥି ପିନ୍ଧ । ତୁମ ଆଣ୍ଠୁଗଣ୍ଠିର ଯନ୍ତ୍ରଣା କଥା ସ୍ୱାମୀ ଜାଣନ୍ତି । ଯେ ପର୍ଯ୍ୟନ୍ତ ଏହି ପଦକ ତୁମ

ଦେହରେ ରହିଛି ତୁମେ କୌଣସି ଯନ୍ତ୍ରଣା ଅନୁଭବ କରିବ ନାହିଁ ଏବଂ ସ୍ୱାଭାବିକ ଭାବରେ ଚାଲିପାରିବ ।''

କଳା ସୂତା କିଣି ସେଥିରେ ପଦକଟିକୁ ଗୁନ୍ଥି ବେକରେ ପିନ୍ଧିବା ପରଠାରୁ ମୋ ମା'ଙ୍କର ଆଣ୍ଠୁର ଯନ୍ତ୍ରଣା ସଙ୍ଗେ ସଙ୍ଗେ ଭଲ ହୋଇ ଯାଇଥିଲା । ଏହିଭଳି ଭାବରେ ସେ ପଦକଟିର ଦିବ୍ୟଶକ୍ତିକୁ ଅନୁଭବ କରିଥିଲେ । ଯେତେବେଳେ ମୋର ପିତାମାତା ବାଙ୍ଗାଲୋର ଆସିଥିଲେ ସେତେବେଳେ ମୋ ମା' ସ୍ୱାମୀଙ୍କୁ ପରୀକ୍ଷା କରିବା ପାଇଁ ପଦକଟିକୁ ପିନ୍ଧି ନ ଥିଲେ । ମାତ୍ର କେତେ ମିନିଟ ମଧ୍ୟରେ ତାଙ୍କ ଆଣ୍ଠୁର ଯନ୍ତ୍ରଣା ଆରମ୍ଭ ହୋଇଯାଇଥିଲା । ସେ ତତ୍‌କ୍ଷଣାତ୍ ପଦକଟିକୁ ପିନ୍ଧି ପକାଇଥିଲେ ଏବଂ ଯନ୍ତ୍ରଣା ସଙ୍ଗେ ସଙ୍ଗେ ବନ୍ଦ ହୋଇଯାଇଥିଲା । ଏହିଭଳି ଭାବରେ ମୋ ମା' ବାବାଙ୍କର ଦିବ୍ୟଶକ୍ତିକୁ ଅନୁଭବ କରିଥିଲେ । ଏହି ଘଟଣା ପରେ ମୋ ମା' ବହୁଭାବରେ ଅଭିଜ୍ଞତା ଅର୍ଜନ କରିଥିଲେ ଏବଂ ବାବା ଯେ ଭଗବାନ କୃଷ୍ଣ ଏକଥା ତାଙ୍କର ହୃଦ୍‌ବୋଧ ହୋଇଥିଲା ।

ପରମପ୍ରିୟ ସ୍ୱାମୀ କହିଥିଲେ ''ରାମ, କୃଷ୍ଣ ଓ ବାବା ଭିନ୍ନ ଭିନ୍ନ ପୋଷାକରେ ଆବିର୍ଭୂତ ହୋଇଥିଲେ ମଧ୍ୟ ଏକ ସତ୍ତା । ବିଶ୍ୱାସ କର ମୁଁ ନୂଆ ହେଲେ ମଧ୍ୟ ସର୍ବ ପୁରାତନ । ମୁଁ ସବୁବେଳେ ଧର୍ମରକ୍ଷା କରିବା ପାଇଁ, ମୂଲ୍ୟବୋଧର ବିକାଶ ଏବଂ ସେଗୁଡ଼ିକର ଉପଯୋଗ ନିଶ୍ଚିତ କରିବାକୁ ଆସିଥାଏ । ବାଟବଣା ହୋଇଥିବା ଏବଂ ଉଚ୍ଛୃଙ୍ଖଳାର ଜଙ୍ଗଲ ଭିତରେ ଘୁରିବୁଲୁଥିବା 'ଅନ୍ଧ'ମାନଙ୍କୁ ଶିକ୍ଷା ଦେବାକୁ ମୁଁ ଆସିଥାଏ । ଧର୍ମର ଅଧୋଗତି ତୀବ୍ର ହେଲେ, ଭଲ ଲୋକଙ୍କ ପ୍ରତି ଭଗବାନଙ୍କର ମମତା ଏତେ ପ୍ରଗାଢ଼ ହୁଏ ଯେ ଭଗବାନ ନିଜେ ଆସିଥାନ୍ତି । ଭଗବାନ ହିଁ ନିଜେ ପ୍ରେମ ସ୍ୱରୂପ । ସେ ମାନବ ରୂପରେ ଆସନ୍ତି ଯାହା ଫଳରେ ତୁମେ ତାଙ୍କ ସହିତ କଥାବାର୍ତ୍ତା ହୋଇପାରିବ, ଚାଲିବୁଲି ପାରିବ, ତାଙ୍କ ସେବା କରିପାରିବ, ପୂଜା କରିପାରିବ ଏବଂ ତାଙ୍କ ନିକଟରେ ପହଞ୍ଚି ପାରିବ । ଏହିପରି ତୁମେ ତାଙ୍କ ସହିତ ଘନିଷ୍ଠତା ସ୍ୱୀକାର କରିବ । ମୁଁ ଘୋଷଣା କରୁଛି ମୁଁ ପ୍ରତ୍ୟେକଙ୍କ ଭିତରେ ଅଛି, ପ୍ରତି ଜୀବ ମଧ୍ୟରେ ରହିଛି ।''

ଆମ ବିବାହ

ସ୍ୱାମୀଙ୍କ ସହିତ ଆଉଥରେ ସାକ୍ଷାତକାରବେଳେ ମୋ ମା' କାନ୍ଦି ପକାଇଥିଲେ ଏବଂ ପରମପ୍ରିୟ ସ୍ୱାମୀ ତାଙ୍କୁ ପଚାରିଥିଲେ ''ତୁମେ କାନ୍ଦୁଛ କାହିଁକି ଆମ୍ମା ?'' ସେ ଉତ୍ତର ଦେଇଥିଲେ ''ମୋ ପୁଅ ('ଏହି ଦାସ')ର ବିବାହ କରିବା ପାଇଁ ଇଚ୍ଛା ନାହିଁ । ଦୟାକରି ଗୋଟିଏ ଭଲ ଝିଅ ଠିକ୍ କରି ଦିଅନ୍ତୁ ଏବଂ ବିବାହ କରିବା ପାଇଁ ତାକୁ କୁହନ୍ତୁ ।'' ପରମପ୍ରିୟ ସ୍ୱାମୀ ଉତ୍ତର ଦେଇ କହିଥିଲେ ''ତୁମ ପୁଅକୁ ଶୀଘ୍ର ଏଠାକୁ ଆସିବା ପାଇଁ ଟେଲିଗ୍ରାମ ପଠାଇଦିଅ ।''

ମୁଁ ଟେଲିଗ୍ରାମ ପାଇ ବ୍ୟସ୍ତ ହୋଇ ପଡ଼ିଥିଲି । ମୁଁ ଭାବିଲି ମୋ ପିତାମାତାଙ୍କର ସ୍ୱାସ୍ଥ୍ୟ ବୋଧହୁଏ ଭଲ ନାହିଁ ଏବଂ ନିଶ୍ଚୟ କିଛି ଜରୁରୀ ଆବଶ୍ୟକତା ରହିଛି ।

ସୌଭାଗ୍ୟବଶତଃ ମୁଁ ମେଡ଼ିକାଲ କଲେଜରୁ ଛୁଟି ପାଇଗଲି ଏବଂ ଉଡ଼ାଜାହାଜରେ ବମ୍ବେ ଚାଲିଗଲି । ସେଠାରୁ ବାଙ୍ଗାଲୋର ଗଲି ଏବଂ ବାଙ୍ଗାଲୋରରୁ କାର ଭଡ଼ା କରି ପୁଟ୍ଟାପର୍ତ୍ତି ଗଲି । ମୁଁ ପହଞ୍ଚିବା ପରେ ମୋର ପିତା କହିଥିଲେ "ବାବା ତୋତେ ଦେଖିବାକୁ ଚାହୁଁଛନ୍ତି ।" ମୁଁ ଖୁସି ହୋଇଥିଲି ଯେ ମୋର ପିତାମାତା ଭଲରେ ଅଛନ୍ତି ।

ପରଦିନ ପରମପ୍ରିୟ ସ୍ୱାମୀ ଆମ ତିନିଜଣଙ୍କୁ ଡକାଇଲେ ଏବଂ ମୋତେ ପ୍ରଶ୍ନ କଲେ "ତୁମ ଭଗବାନ କିଏ ?" ମୁଁ ଅତି ଆଗ୍ରହ ଓ ଉତ୍ସାହରେ ଉତ୍ତର ଦେଇଥିଲି "ଆପଣ ମୋ ଭଗବାନ ।" ସେ ତତ୍‌କ୍ଷଣାତ୍ କହିଥିଲେ "ନା, ତୁମ ମା' ପ୍ରଥମେ ଆସିବେ ଏବଂ ବାପାଙ୍କର ସ୍ଥାନ ଦ୍ୱିତୀୟ । ତୁମେ ସେମାନଙ୍କ କଥା ଶୁଣିବା ଉଚିତ ।" ମୁଁ ଉତ୍ତର ଦେଇଥିଲି "ସ୍ୱାମୀ, ମୁଁ ସବୁବେଳେ ତାହା ହିଁ କରୁଛି ।" ସେ ପୁଣି କହିଥିଲେ "ତୁମ ମା' ତୁମର ବିବାହ ଚାହାଁନ୍ତି । ବିବାହ ପାଇଁ ତୁମର ବୟସ ହୋଇଗଲାଣି ।" ମୁଁ ଉତ୍ତର ଦେଇଥିଲି "ମୁଁ ବିବାହ କରିବି କିପରି ? ମୁଁ ପ୍ରତିଜ୍ଞାବଦ୍ଧ ଯେ ଆପଣ ଯେଉଁ ଝିଅଟିକୁ ବାଛିବେ ତାକୁ ହିଁ ବିବାହ କରିବି । ଆପଣ ମଧ୍ୟ ଆମ ବିବାହ ସମ୍ପନ୍ନ କରିବେ ।"

ପରମପ୍ରିୟ ବାବା ମୋ ମା'ଙ୍କ ଆଡ଼କୁ ଚାହିଁଲେ ଏବଂ କହିଥିଲେ "ସ୍ୱାମୀ ପ୍ରତିଶ୍ରୁତି ଦେଉଛନ୍ତି ଯେ ତୁମ ପୁଅ ଛ ମାସ ଭିତରେ ନିଶ୍ଚୟ ବିବାହ କରିବ ।" ଏହା ଶୁଣି ମୋର ପିତାମାତା ଅତ୍ୟନ୍ତ ଖୁସି ହୋଇଯାଇଥିଲେ ।

ଯେତେବେଳେ ମୁଁ ବିବାହ ପ୍ରସ୍ତାବ ପାଏ ସେତେବେଳେ ମୁଁ ସିଧାସଳଖ ବାବାଙ୍କ ପାଖକୁ ଚିଠି ଲେଖେ ଏବଂ ତାଙ୍କ ସମ୍ମତିକୁ ଅପେକ୍ଷା କରେ । ଶେଷରେ ସ୍ୱାମୀଙ୍କଠାରୁ ଗୋଟିଏ ଉତ୍ତର ମିଳିଲା ଏହା ଥିଲା ନନ୍ଦାଙ୍କ ସହିତ ମୋର ବିବାହ ପାଇଁ ଏକ ପ୍ରସ୍ତାବ । ପରମପ୍ରିୟ ସ୍ୱାମୀ ମାଧବ ଦୀକ୍ଷିତଙ୍କ ହାତରେ ଏକ ବାର୍ତ୍ତା ପଠାଇଥିଲେ । ମୁଁ ନନ୍ଦାଙ୍କୁ ଜାମନଗରରେ ବିବାହ କରିବି ଏବଂ ବିବାହ ପରେ ସଙ୍ଗେ ସଙ୍ଗେ ପ୍ରଶାନ୍ତି ନିଳୟମ୍ ଗଲେ ସେ ଆମର ଦୈବୀ ବିବାହ ସମ୍ପନ୍ନ କରିବେ ।

ବିବାହ ପାଇଁ ମୋର ଭାଇ ଗିରିଧର କାନାଡ଼ାର ଭାଙ୍କୋଭରରୁ ଆସିଥିଲେ ଏବଂ ମୋ ଭଉଣୀ ଭୀମୁବେନ୍ ଓ ତାର ସ୍ୱାମୀ ମୋହନଲାଲ କୋଟାଚା ଆସି ବାଙ୍ଗାଲୋରରେ ଥିଲେ । ସେତେବେଳେ ସ୍ୱାମୀ ପ୍ରଶାନ୍ତି ନିଳୟମ ଚାଲିଯିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ୧୯୬୭ ମସିହା ଜାନୁୟାରୀ ୧୪ ତାରିଖ ଦିନ ବାବା ଆମର ଦୈବୀ ବିବାହ ସମ୍ପନ୍ନ କରିଥିଲେ । ଏହି ଦିନଟି ଥିଲା ମକର ସଂକ୍ରାନ୍ତି (ଏକ ପବିତ୍ର ଦିବସ ଯେଉଁଦିନ ସୂର୍ଯ୍ୟ ମକର କ୍ରାନ୍ତିରେ ପ୍ରବେଶ କରନ୍ତି) ।

ସାକ୍ଷାତକାର କୋଠରୀରେ ସ୍ୱାମୀ ଏକ ସୁନାର ମଙ୍ଗଳ ସୂତ୍ର ନନ୍ଦା ପାଇଁ ସୃଷ୍ଟି କରିଥିଲେ । ଏହା ଥିଲା ଅସାଧାରଣ ଏବଂ ଏଭଳି ପଦାର୍ଥକୁ ମୁଁ କେବେ ଆଗରୁ ଦେଖି ନଥିଲି । ପଦକଟି ହଳଦିଆ ସୂତାରେ ରେଖାଙ୍କିତ ଓ ଗୋଲାକାର ଥିଲା । ପରେ ଆମେ

ଜାଣିବାକୁ ପାଇଥିଲୁ ଯେ ନନ୍ଦାଙ୍କର ଇଷ୍ଟ ଦେବତା ହେଉଛନ୍ତି ସୂର୍ଯ୍ୟ । ପଦକଟି ତାର ପ୍ରତିନିଧିତ୍ୱ କରୁଥିଲା । ଏହି ଘଟଣାରେ ମଧ୍ୟ ସ୍ୱାମୀଙ୍କର ସର୍ବଜ୍ଞାତା ପଣିଆ ପ୍ରଦର୍ଶିତ ହୋଇଥିଲା । ମଙ୍ଗଳସୂତ୍ର ସୃଷ୍ଟି କରି ସ୍ୱାମୀ ସମସ୍ତଙ୍କ ଆଡ଼କୁ ଚାହିଁଲେ ଏବଂ ମୋ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଥିଲେ ''ସେ ନନ୍ଦାକୁ ଈର୍ଷା କରୁଛି ।'' ମୁଁ ସଙ୍ଗେ ସଙ୍ଗେ ଉତ୍ତର ଦେଇଥିଲି ''ନାଁ ସ୍ୱାମୀ ।'' ସେ ପୁଣି କହିଥିଲେ ''ଯଦିଓ ମୁଁ ନନ୍ଦାକୁ ଏହି ମଙ୍ଗଳସୂତ୍ର ଦେଉଛି, ଏହା କିନ୍ତୁ ତୁମର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ।'' ଏଥିରେ ସମସ୍ତେ ଖୁସି ହୋଇ ଯାଇଥିଲେ ।

ତା'ପରେ ସେ ମୋତେ ନନ୍ଦାଙ୍କ ପାଖକୁ ଘୁଞ୍ଚି ଆସିବା ପାଇଁ ନିର୍ଦ୍ଦେଶ ଦେଲେ ଏବଂ ମଙ୍ଗଳସୂତ୍ରର ଦୁଇପ୍ରାନ୍ତକୁ କିପରି ଧରିବାକୁ ହେବ ଦେଖାଇ ଦେଇଥିଲେ । ପରମପ୍ରିୟ ସ୍ୱାମୀ ମୋର ଦକ୍ଷିଣ ହସ୍ତ ବୁଢ଼ା ଆଙ୍ଗୁଠିକୁ ନିଜ ଦକ୍ଷିଣହସ୍ତ ବୁଢ଼ା ଆଙ୍ଗୁଠି ଓ ବିଶି ଆଙ୍ଗୁଠି ଦ୍ୱାରା ଧରି କେତୋଟି ଶକ୍ତିଶାଳୀ ମନ୍ତ୍ର ଉଚ୍ଚାରଣ କରିଥିଲେ । ଏହାର ଦିବ୍ୟ ପ୍ରକମ୍ପନ (ବିଶ୍ୱଚେତନା ଜନିତ ପ୍ରକମ୍ପନ) ଏତେ ଶକ୍ତିଶାଳୀ ଥିଲା ଯେ ମୁଁ ମୋ ଅଙ୍ଗୁଠି ଦେଇ ଏକ ଦିବ୍ୟ ବିଦ୍ୟୁତ ସ୍ରୋତ (ବିଶ୍ୱ ଚେତନାର ବିଦ୍ୟୁତ୍‌ସ୍ରୋତ) ପ୍ରବାହିତ ହେବାର ଅନୁଭବ କଲି । ଏହି ସ୍ରୋତର ପ୍ରବାହକୁ ସହ୍ୟ କରିବା କଷ୍ଟକର ଥିଲା । ଗୋଟିଏ ମୁହୂର୍ତ୍ତରେ ମୁଁ ଅଙ୍ଗୁଠି ଛଡ଼ାଇ ଆଣିବାକୁ ଉଦ୍ୟମ କରିବାରୁ ସ୍ୱାମୀ ''ଏପରି କର ନାହିଁ'' ବୋଲି ପାଟିକରି କହିବା ସହିତ ମନ୍ତ୍ର ଉଚ୍ଚାରଣ କରିଚାଲିଲେ । ସେତେବେଳକୁ ମୁଁ ଶକ୍ତିହୀନ ହୋଇ ପଡ଼ିଥିଲି । ପରମପ୍ରିୟ ସ୍ୱାମୀ ମଙ୍ଗଳସୂତ୍ରଟିକୁ ନନ୍ଦାଙ୍କ ଗଳାରେ ପିନ୍ଧାଇ ଦେବାକୁ କହିଥିଲେ । ମୁଁ ନିସ୍ତେଜ ଭଳି ମଙ୍ଗଳସୂତ୍ରଟିକୁ ନନ୍ଦାଙ୍କ ଗଳାର ଅର୍ଦ୍ଧେକ ଅଂଶ ବହୁ କଷ୍ଟରେ ବେଷ୍ଟନ କଲାବେଳକୁ ସ୍ୱାମୀ ସଙ୍ଗେ ସଙ୍ଗେ ମୋ ହାତକୁ ଠେଲିଦେଇ ମଙ୍ଗଳସୂତ୍ରଟିକୁ ସମ୍ପୂର୍ଣ୍ଣ ଭାବରେ ନନ୍ଦାଙ୍କ ଗଳାବେଷ୍ଟନ କରାଇ ଦେଇଥିଲେ । ସେତେବେଳେ ସେ କହିଥିଲେ ''ଜାମନଗରରେ ତୁମର ସାଂସାରିକ ବିବାହ ହୋଇଥିଲା କିନ୍ତୁ ଏଠାରେ ତୁମର ଦୈବୀ ବିବାହ ସମ୍ପନ୍ନ ହେଲା ।'' ଏହା ଆମ ପାଇଁ ବାବାଙ୍କର ଗଭୀର ପ୍ରେମର ନିଦର୍ଶନ । ସମସ୍ତେ ସାକ୍ଷାତକାର କୋଠରୀରୁ ପରମପ୍ରିୟ ସ୍ୱାମୀଙ୍କ ପ୍ରତି ନିଜ ନିଜର ବିଶ୍ୱାସକୁ ଦୃଢ଼ କରି ଫେରିଥିଲେ ।

ବାବା ମୋ ମା'ଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ପାଞ୍ଚମାସ ମଧ୍ୟରେ ମୋର ବିବାହ ସମ୍ପନ୍ନ ହୋଇଥିଲା । ବିବାହ ସମ୍ପର୍କରେ ପରମପ୍ରିୟ ସ୍ୱାମୀ କହିଛନ୍ତି ''ବିବାହ ପୂର୍ବରୁ କେହି କନ୍ୟା ସମ୍ପର୍କରେ ଏବଂ ତାର ଭାବମୂର୍ତ୍ତି ସମ୍ପର୍କରେ କିଛି ଜାଣି ନ ଥାଏ । ବିବାହ ପୂର୍ବରୁ ଝିଅଟିର ଯାହାକିଛି କଷ୍ଟ ଥାଉନା କାହିଁକି ପୁରୁଷଟି ତା ସମ୍ପର୍କରେ ଆଦୌ ଚିନ୍ତା କରି ନ ଥାଏ । ମାତ୍ର ବିବାହ ହୋଇଯିବା ମାତ୍ରେ ପତ୍ନୀର ସାମାନ୍ୟ ଯନ୍ତ୍ରଣା ବା କଷ୍ଟ ପାଇଁ ସ୍ୱାମୀ ମଧ୍ୟ କଷ୍ଟ ଭୋଗିଥାଏ । ଏହି ଉଦାହରଣରୁ ଏହା ସ୍ପଷ୍ଟ ଯେ ବିବାହ

ପରମ ପ୍ରିୟ ସ୍ୱାମୀ ଲେଖକ ଡକ୍ଟର ଗଡ଼ିଆ ଏବଂ ତାଙ୍କ ସହଧର୍ମିଣୀ ନନ୍ଦାଙ୍କୁ ଆଶୀର୍ବାଦ କରୁଛନ୍ତି ।

ପରେ ଏହିସବୁ ଦୁଃଖ କଷ୍ଟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବାଣ୍ଟି ହୋଇଯାଏ ଏବଂ ଏହା ଅବିବାହିତ ଜୀବନରେ ସ୍ୱାଭାବିକ ନୁହେଁ ।''

''ବଂଶ ବୃଦ୍ଧି ପାଇଁ ପୁରୁଷ ଓ ସ୍ତ୍ରୀ ଏକାଠି ହେବା କିମ୍ବା ସେମାନଙ୍କୁ ଏକାଠି କରାଇବା ହିଁ ବିବାହ । ଲୋକମାନେ ଶୃଙ୍ଖଳାକୁ ଅଭ୍ୟାସରେ ପରିଣତ କରିବା ଉଚିତ ଏବଂ ବୈବାହିକ ଜୀବନକୁ ନିୟନ୍ତ୍ରଣରେ ରଖିବା ଉଚିତ । ସେଇଥି ପାଇଁ କୁହାଯାଇଛି ଶୃଙ୍ଖଳାକୁ ଛାଡ଼ି ମହାନତା ବା ସଫଳତାର ପ୍ରଶ୍ନ ଉଠି ନ ଥାଏ । ବିବାହ ପୂର୍ବରୁ ପୁରୁଷ ଅର୍ଦ୍ଧେକ ଶରୀର ବୋଲି ବିବେଚିତ ହୁଏ । ସେହିପରି ବିବାହ ପୂର୍ବରୁ ସ୍ତ୍ରୀ ମଧ୍ୟ ଅର୍ଦ୍ଧେକ ଶରୀର ବୋଲି ବିବେଚିତ ହୁଏ । ବିବାହ ଦ୍ୱାରା ଏହି ଶରୀର ପୂର୍ଣ୍ଣାଙ୍ଗ ପ୍ରାପ୍ତ ହୋଇଥାଏ । ସ୍ତ୍ରୀ ସର୍ବଦା ବାମ ଭାଗରେ ଏବଂ ପୁରୁଷ ସର୍ବଦା ଦକ୍ଷିଣ ଭାଗରେ ରହିଥାଏ । ଦୁଇ ଅର୍ଦ୍ଧ ଶରୀର ଏକତ୍ର ହୋଇ ଗୋଟିଏ ହୋଇଯାଏ । ଭାରତୀୟ ଦର୍ଶନ ଓ ପରମ୍ପରା ଅନୁସାରେ ଏହାକୁ 'ଅର୍ଦ୍ଧାଙ୍ଗୀ' କୁହାଯାଏ । (ଏହି କାରଣରୁ ସ୍ତ୍ରୀକୁ 'ଅର୍ଦ୍ଧାଙ୍ଗିନୀ' ବୋଲି କୁହାଯାଏ) ।''

''ଅନେକ ସମୟରେ ତୁମ ପାଇଁ ସମନ୍ୱୟ ଓ ବୁଝାମଣା ସ୍ୱାଭାବିକ ହୋଇଥାଏ । ପ୍ରଥମେ ତୁମେ ପରସ୍ପରକୁ ଠିକ୍ ଭାବରେ ବୁଝିବା ଦରକାର । ତା ପରେ ସମନ୍ୱୟ ସହଜସାଧ୍ୟ ହୋଇଥାଏ ।''

ସ୍ୱାମୀଙ୍କ କେଶଦାମରେ କେତେବୁନ୍ଦା ତୈଳ ପ୍ରଦାନ

ନନ୍ଦା ଓ ମୁଁ ତାଞ୍ଜାନିଆର ଆରୁଶାରେ ଥିଲାବେଳେ ମୁଁ ଉଗାଣ୍ଡାର କାମ୍ପାଲାରେ ଥିବା ମୋର ପିତାମାତାଙ୍କୁ ସ୍ୱାମୀଙ୍କ ଜନ୍ମଦିନ ଉତ୍ସବରେ ଯୋଗ ଦେବାକୁ ଅନୁରୋଧ କରିଥିଲି । ସେମାନେ ସମ୍ମତି ପ୍ରଦାନ କରିଥିଲେ ଏବଂ ୧୯୭୧ ମସିହା ନଭେମ୍ବର ୨୦ ତାରିଖ ଦିନ ପ୍ରଶାନ୍ତି ନିଳୟମରେ ପହଞ୍ଚିଥିଲେ ।

ପରମପ୍ରିୟ ସ୍ୱାମୀଙ୍କର ଜନ୍ମଦିନମାନଙ୍କରେ ତାଙ୍କ ନିଜ ପିତାମାତା କେତେବୁନ୍ଦା ତୈଳ ତାଙ୍କ କେଶଦାମରେ ଦେବାର୍ପଣ କରୁଥିଲେ । ବାବାଙ୍କର ପିତା ପେଦା ଭେଙ୍କାପ୍ପା ରାଜୁଙ୍କ ଦେହାନ୍ତ ହେବା ପରେ ମାତା ଈଶ୍ୱରାମ୍ମା ଏହି କାର୍ଯ୍ୟ କରି ଆସୁଥିଲେ । ପରମପ୍ରିୟ ସ୍ୱାମୀ ହେଉଛନ୍ତି ଅନ୍ତର୍ଯ୍ୟାମୀ ଏବଂ ତାଙ୍କ ମାତା ଅଧିକଦିନ ବଞ୍ଚିବେ ନାହିଁ ବୋଲି ଜାଣିଥିଲେ ।

ତେଣୁ ୧୯୭୧ର ଜନ୍ମୋତ୍ସବ ସ୍ୱତନ୍ତ୍ର ଥିଲା । ବାବା କେତୋଟି ଦମ୍ପତିଙ୍କୁ ଏଥିପାଇଁ ବାଛିଥିଲେ । ସେମାନଙ୍କ ଭିତରେ ଥିଲେ ନାଇରୋବୀରୁ ଆସିଥିବା ଡକ୍ଟର ସି.ଜି. ପଟେଲ ଓ ତାଙ୍କ ପତ୍ନୀ ମଧୁବେନ । କାମ୍ପାଲାରୁ ଆସିଥିବା ଗଢ଼ିଆ ପରିବାରକୁ ଡାକିବା ପାଇଁ ବାବା ଜଣେ ସ୍ୱେଚ୍ଛାସେବକକୁ ପୁରୁଣା ମନ୍ଦିରକୁ ପଠାଇଥିଲେ । ମୋ ପିତାମାତା ଆଶ୍ଚର୍ଯ୍ୟ ଓ ଚିନ୍ତିତ ହୋଇ ପଡ଼ିଥିଲେ କାରଣ ସେମାନେ ଏହି ତୈଳାର୍ପଣ କିପରି ହୁଏ ଜାଣି ନ ଥିଲେ । ଶେଷରେ ସେମାନେ ଈଶ୍ୱରାମ୍ମାଙ୍କୁ ଅନୁସରଣ କରିବାକୁ ସ୍ଥିର କରିଥିଲେ ।

ଏହିପରି ମୋର ପିତାମାତା ପରମପ୍ରିୟ ସ୍ୱାମୀଙ୍କର କେଶଦାମରେ କେତେବୁନ୍ଦା ତୈଳ ଦେବାର୍ପଣ କଲାଭଳି ସୁଯୋଗ ପାଇବା ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହୋଇଥିଲେ । ଏହି ଜନ୍ମୋତ୍ସବ ପାଳନର କିଛିମାସ ପରେ ମାତା ଈଶ୍ୱରାମ୍ମାଙ୍କର ଦେହାନ୍ତ ହୋଇଯାଇଥିଲା (୧୯୭୨ ମସିହା ମଇ ମାସ ୬ ତାରିଖ) ଏବଂ ସ୍ୱାମୀ ତା ପରେ ଏହି ତୈଳାର୍ପଣ ଉତ୍ସବ ବନ୍ଦ କରି ଦେଇଥିଲେ ।

ଜନ୍ମଦିନ ସମ୍ପର୍କରେ ପରମପ୍ରିୟ ସ୍ୱାମୀ କହିଛନ୍ତି ''ପ୍ରତ୍ୟେକ ମଣିଷର ଚାରୋଟି ଜନ୍ମଦିନ ରହିଥାଏ । ପ୍ରଥମଟି ହେଲା ସେ ଯେତେବେଳେ ମାତୃଗର୍ଭରୁ ଭୂମିଷ୍ଠ ହୋଇଥାଏ । ସେତେବେଳେ ସେ ପବିତ୍ର ନୁହେଁ କି ଅପବିତ୍ର ନୁହେଁ । ଏହିଭାବ ନେଇ ସେ ଖାଦ୍ୟ ଓ ଆଶ୍ରୟ ଖୋଜିଥାଏ । ଦ୍ୱିତୀୟ ଜନ୍ମଦିନ ହେଲା ଯେତେବେଳେ ସେ ଅନ୍ଧକାରରୁ ଆଲୋକ ଆଡ଼କୁ ଆଧ୍ୟାତ୍ମିକ ଯାତ୍ରା ଆରମ୍ଭ କରେ । ତୃତୀୟ ଜନ୍ମଦିନ ହେଲା ଯେତେବେଳେ ସେ ଜ୍ଞାନପ୍ରାପ୍ତ ହୁଏ, ମୁନୀ ଋଷିଙ୍କ ପ୍ରଦର୍ଶିତ ଶୃଙ୍ଖଳା ଅନୁସାରେ ଦକ୍ଷତା ହାସଲ କରି ଆତ୍ମୋପଲବ୍ଧି ଅନୁଭବ କରିଥାଏ । ତାର ଚତୁର୍ଥ ଓ ଶେଷ ଜନ୍ମ ହେଲା ଯେତେବେଳେ ସେ ନିଜର ପ୍ରକୃତ ପରିଚୟ ପାଏ ଏବଂ ବ୍ରହ୍ମ ମଧ୍ୟରେ ଲୀନ ହୁଏ ।''

ପିତାମାତାଙ୍କ ସମ୍ପର୍କରେ ପରମପ୍ରିୟ ସ୍ୱାମୀ କହିଛନ୍ତି ''ପିତାମାତାଙ୍କୁ ପ୍ରେମ ଓ ଭକ୍ତିର ସହିତ ସମ୍ମାନ ପ୍ରଦର୍ଶନ କର । ପିତାମାତାଙ୍କର କର୍ତ୍ତବ୍ୟ ହେଲା ନିଜ ପିଲାମାନଙ୍କୁ ଜାତିର ଆଦର୍ଶ ପୁତ୍ର ଓ କନ୍ୟା ରୂପେ ଗଢ଼ିବା ।''

''ପିଲା ପାଇଁ ମା'ର ପ୍ରେମଠାରୁ ଅଧିକ ମଧୁର ପଦାର୍ଥ ଏ ସଂସାରରେ କିଛି ନାହିଁ । ପିଲାର ଭଲ ପାଇଁ ମା' ତାର ସବୁକିଛି ଏପରିକି ଜୀବନ ମଧ୍ୟ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ । ଏଭଳି ଏକ ସୁବାସିତ ମଧୁରତା କେବଳ ମା' ହିଁ ସୃଷ୍ଟି କରିପାରେ । ସେ ଭଗବାନଙ୍କର ସ୍ୱରୂପ ।''

''ପୁରାତନ କାଳରେ ମା' ପିଲାମାନଙ୍କୁ ତାଙ୍କର ଦୈବତ୍ୱ ସମ୍ପର୍କରେ ଶିକ୍ଷା ଦେଉଥିଲେ ଏବଂ ସେମାନଙ୍କର ଅସଲ ସ୍ୱଭାବ (ପ୍ରକୃତି) ସମ୍ପର୍କରେ ସଚେତନ କରାଉଥିଲେ । ଏହିପରି ଭାରତବର୍ଷର ପବିତ୍ର କାହାଣୀମାନ ପିଲାମାନଙ୍କୁ ଶିକ୍ଷା ଦିଆଯାଉଥିଲା । ସେମାନେ ପିତାମାତା ଓ ବୟସ୍କମାନଙ୍କୁ ସମ୍ମାନ ଦେବା ପାଇଁ ଶିକ୍ଷାଲାଭ କରୁଥିଲେ । ପ୍ରଥମରୁ ମା' ପିଲାମାନଙ୍କୁ ମଣିଷ ଜୀବନର ଅପରିମେୟ ମୂଲ୍ୟବୋଧ ସମ୍ପର୍କରେ ଶିକ୍ଷା ଦେବା ଉଚିତ । ସେମାନଙ୍କର ମଣିଷ ଜୀବନର ଦୈବତ୍ୱ ସମ୍ପର୍କରେ ବିଶ୍ୱାସ ରହିବା ଆବଶ୍ୟକ ।''

''ସେହିପରି ପିତାଙ୍କର ହୃଦୟ ମଧ୍ୟ ମଧୁର । ସେ ପିଲାକୁ ପାଳନ କରନ୍ତି ଏବଂ ସେମାନଙ୍କର ବ୍ୟକ୍ତିତ୍ୱର ବିକାଶ ଘଟାନ୍ତି । ତେଣୁ ପିତାଙ୍କୁ ମଧ୍ୟ ଭଗବାନଙ୍କ ସ୍ୱରୂପ ବୋଲି ଗ୍ରହଣ କରିବାକୁ ଉପନିଷଦ କହିଥାଏ । ମାତା ଓ ପିତା ଈଶ୍ୱର ସମାନ ।''

□□

ଅଧ୍ୟାୟ - ୨୬

ନରେଶ୍ୱର (ଗୁଜୁରାଟ)ର ସ୍ୱାମୀ ରଙ୍ଗ ଅବଧୂତ (ବାପ୍‌ଜୀ)

ସ୍ୱାମୀ ରଙ୍ଗ ଅବଧୂତଙ୍କୁ ଭଗବାନ ଗୁରୁ ଦତ୍ତାତ୍ରେୟଙ୍କର ଅବତାର ବୋଲି ବିଚାର କରାଯାଏ । ଯେତେବେଳେ ସେ କାମ୍ପାଲା (ଉଗାଣ୍ଡା, ପୂର୍ବଆଫ୍ରିକା) ଯାଇଥିଲେ, ସେ ମିଷ୍ଟର ରେବାଶଙ୍କର ସୋମପୁରାଙ୍କ ସହିତ ରହୁଥିଲେ । ସୋମପୁରାଙ୍କ ବାସଭବନରେ ଉଗାଣ୍ଡାର ସତ୍ୟସାଇ ପାଠଚକ୍ର ପ୍ରତିଷ୍ଠିତ ହୋଇଥିଲା । ଶ୍ରୀମତୀ ରେବାଶଙ୍କର ଗୋଟିଏ ଫଟୋ ନେବା ପାଇଁ ବାପ୍‌ଜୀ (ସ୍ୱାମୀ ରଙ୍ଗ ଅବଧୂତ)ଙ୍କର ଅନୁମତି ଚାହିଁବାରୁ ସେ କହିଥିଲେ ''ମୁଁ ମୋର ଫଟୋ ଉଠାଇବାକୁ କାହାରିକୁ ଅନୁମତି ଦିଏ ନାହିଁ ।'' ଏଥିରେ ଶ୍ରୀମତୀ ରେବାଶଙ୍କର ଟିକେ ଅପଦସ୍ତ ହୋଇଗଲେ ଏବଂ ତାଙ୍କ ଆଖିରୁ ଲୁହ ଝରି ଆସିଲା ।

ବାପ୍‌ଜୀ ଏହା ଦେଖିଲେ ଏବଂ ସହାନୁଭୂତି ପ୍ରକାଶ କରି ସଙ୍ଗେ ସଙ୍ଗେ କହିଥିଲେ ''ମୁଁ ତୁମ ଆବେଗକୁ ଆଘାତ ଦେବାକୁ ଚାହୁଁ ନ ଥିଲି । ତୁମେ ତୁମ ପୁଅକୁ କୁହ ଗୋଟିଏ ମାତ୍ର ଫଟୋ ଉଠାଇବ ।'' ଯେତେବେଳେ ସେହି ଫଟୋ ଧୁଆଗଲା ସେଥିରେ ବାପ୍‌ଜୀଙ୍କର ତିନୋଟି ମସ୍ତକ ଦେଖାଯାଉଥିଲା । ସେ ଗୁରୁ ଦତ୍ତାତ୍ରେୟ (ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର) ବୋଲି ଏହା ପ୍ରମାଣ କରୁଥିଲା ।

ମୁଁ ଥରେ ରେଳ ଯୋଗେ ଜାମନଗର ଯାତ୍ରା କରୁଥିଲି । ପ୍ରଥମେ ବାଙ୍ଗାଲୋରରୁ ପୁନା ଦେଇ ବମ୍ବେ ଏବଂ ବମ୍ବେରୁ ଜାମନଗର ଯାଇଥିଲି । ପୁନା ଯିବା ବାଟରେ ମୋତେ ଜଣେ କହିଥିଲା ଶିରିଡ଼ି ପୁନାର ଖୁବ୍ ନିକଟରେ ଅବସ୍ଥିତ । ତେଣୁ ମୁଁ ଶିରିଡ଼ିର ବାବାଙ୍କ ମନ୍ଦିରକୁ ଯିବାକୁ ଚାହୁଁଥିବାରୁ ପୁନାରେ ରେଳଗାଡ଼ିରୁ ଓହ୍ଲାଇ ପଡ଼ିଲି । କିନ୍ତୁ ମୁଁ ପ୍ରଥମେ ବାପ୍‌ଜୀଙ୍କ ଦିବ୍ୟ ଦର୍ଶନ ଓ ଆଶୀର୍ବାଦ ପାଇବା ପାଇଁ ପରମପ୍ରିୟ ସ୍ୱାମୀ ଚାହୁଁଥିଲେ ।

ସ୍ୱାମୀ କହନ୍ତି ''ସବୁ ସାଧୁ ସନ୍ଥ ମୋର ପ୍ରାଣ '' । ଏହି କାରଣରୁ ମୁଁ ଶିରିଡ଼ି ଯିବା ପାଇଁ ଅବସର ପାଇ ନ ଥିଲି ।

ପୁନାଠାରେ ମୁଁ ରିଜ୍ ହୋଟେଲରେ ରହିଥିଲି । ହୋଟେଲ ମ୍ୟାନେଜରଙ୍କ ସହିତ ମୁଁ ପରମପ୍ରିୟ ସ୍ୱାମୀଙ୍କ ସମ୍ପର୍କରେ କଥାବାର୍ତ୍ତା ହେଉଥିଲାବେଳେ ସେ ମୋତେ କହିଥିଲେ ଯେ ତାଙ୍କ ପତ୍ନୀ ବାପ୍‌ଜୀଙ୍କର ଜଣେ ବଡ଼ ଭକ୍ତ । ଏହି ଖବର ତତ୍‌କ୍ଷଣାତ୍ ମୋ ଶରୀର ମଧ୍ୟରେ ଏକ ବିଦ୍ୟୁତ୍ ପ୍ରବାହ ସୃଷ୍ଟି କରିଥିଲା । ପୂର୍ବରୁ ମୋ ସହିତ କସ୍ତୁରବା ମେଡ଼ିକାଲ କଲେଜ (ମଣିପାଲ, ମାଙ୍ଗାଲୋର)ରେ ଏମ.ବି.ବି.ଏସ. ପଢୁଥିବା ଡକ୍ଟର ରମେଶ ବାଣୀଙ୍କୁ କହିଥିଲି ଯେ ମୁଁ ନିଶ୍ଚୟ ତାଙ୍କ ଗୁରୁ ବାପ୍‌ଜୀଙ୍କୁ ଦର୍ଶନ କରିବି ଏବଂ ସେ ମଧ୍ୟ ମୋ ଗୁରୁ ପରମପ୍ରିୟ ସ୍ୱାମୀଙ୍କୁ ଦର୍ଶନ କରିବେ । ତିନିବର୍ଷ ଧରି ମୁଁ ଏକଥା ଭୁଲିଯାଇଥିଲି ।

ଡକ୍ଟର ବାଣୀ ପରମପ୍ରିୟ ସ୍ୱାମୀଙ୍କ ନିକଟକୁ ଯାଇଥିଲେ ଏବଂ ସାକ୍ଷାତକାର ପାଇଥିଲେ । ସେ ଅତ୍ୟନ୍ତ ପ୍ରଭାବିତ ହୋଇ କହିଥିଲେ ‘‘ସ୍ୱାମୀ ପ୍ରକୃତରେ ବିସ୍ମୟଜନକ ଅବତାର ଏବଂ ତାଙ୍କ ଦିବ୍ୟ ହସ୍ତରେ ସବୁ ପ୍ରକାର ଶକ୍ତି ରହିଛି ।’’

ମୁଁ ହୋଟେଲ ମ୍ୟାନେଜରଙ୍କ ପତ୍ନୀଙ୍କୁ ଦେଖାକଲି । ସେ ବାପ୍‌ଜୀଙ୍କ ସହିତ ଘଟିଥିବା ଏକ ଅଲୌକିକ ଘଟଣା ବର୍ଣ୍ଣନା କରିଥିଲେ । ସେ କହିଥିଲେ ଯେ ବାପ୍‌ଜୀ ତାଙ୍କର ଦିବ୍ୟ ପାଦପଦ୍ମକୁ ସ୍ପର୍ଶ କରିବାକୁ ଦିଅନ୍ତି ନାହିଁ ଏବଂ କାହାରିଠାରୁ କୌଣସି ଉପହାର ଗ୍ରହଣ କରନ୍ତି ନାହିଁ ।

ଥରେ ଯେତେବେଳେ ସେ ବାପ୍‌ଜୀଙ୍କ ନିକଟକୁ ଯାଇଥିଲେ ଏବଂ ତାଙ୍କୁ ଦୂରରୁ ମୁଣ୍ଡ ନୁଆଇଁ ପ୍ରଣତି ଜଣାଉଥିଲେ ତାଙ୍କ ମୁଦିଟି ଅଙ୍ଗୁଠିରୁ ଖସିଯାଇ ଚଟାଣରେ ପଡ଼ିଥିଲା । ସେ କହିଥିଲେ ‘‘ବାପ୍‌ଜୀ, ଏ ମୁଦିଟି କେବଳ ଆପଣଙ୍କ ଉଦ୍ଦେଶ୍ୟରେ ଅଙ୍ଗୁଠିରୁ ବାହାରି ଆସିଲା କାରଣ ବିଶ୍ୱାସ କରାଯାଏ ଯେ ଏଭଳି ପରିସ୍ଥିତିରେ କୁଣ୍ଠିତ ନ ହୋଇ ପ୍ରେମ ଓ ପୂର୍ଣ୍ଣ ବିଶ୍ୱାସର ସହିତ ମୁଁ ଆପଣଙ୍କୁ ମୁଦିଟି ଅର୍ପଣ କରିବା କଥା ।’’ସେ ଉତ୍ତର ଦେଲେ ‘‘ମା’, ମୁଁ ଏହାକୁ ଗ୍ରହଣ କଲେ ପ୍ରଥମେ ମୁଁ ଚବିଶ ଘଣ୍ଟା ଉପବାସରେ ରହିବି ।’’ ସେ ଭଦ୍ର ମହିଳା କାନ୍ଦୁଥିବାର ଦେଖି ବାପ୍‌ଜୀ ସହାନୁଭୂତିର ସହିତ କହିଥିଲେ ‘‘ଠିକ୍ ଅଛି । ତୁମେ ଅସୁଖୀ ଓ ବିବ୍ରତ ହେବା ମୁଁ ଚାହେଁ ନାହିଁ । ମୁଁ ଏହି ମୁଦିଟି ଗ୍ରହଣ କରିବି । ଦୟାକରି ମୁଦିଟି ସେ କୋଣରେ ରଖିଦିଅ ଏବଂ ଏହି ନଡ଼ିଆଟି ନେଇ ଘରେ ପ୍ରତ୍ୟେକଙ୍କୁ ପ୍ରସାଦ ରୂପେ ବାଣ୍ଟି ଦିଅ ।’’ ନଡ଼ିଆଟି ନେଇ ଯେତେବେଳେ ସେ ଭାଙ୍ଗିଲେ ସେ ଦେଖିଲେ ଅତି ଆଶ୍ଚର୍ଯ୍ୟ ଜନକ ଭାବରେ ସେ ମୁଦିଟି ନଡ଼ିଆ ଭିତରୁ ବାହାରିଲା । ଏହି ଅଲୌକିକ ଘଟଣା ହୋଟେଲ ମ୍ୟାନେଜରଙ୍କ ପତ୍ନୀ ଅନୁଭବ କରିଥିଲେ ।

ମୁଁ ବାପ୍‌ଜୀଙ୍କୁ ପ୍ରାର୍ଥନା କଲି ''ଆପଣଙ୍କ ଇଚ୍ଛା ବିରୁଦ୍ଧରେ ଆପଣଙ୍କ ନିକଟକୁ କେହି ଆସି ପାରିବେ ନାହିଁ । ମୁଁ ମୋର ବନ୍ଧୁଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ଆପଣ ବିସ୍ମରଣ କରାଇ ଦେଇଥିଲେ । ମୁଁ ମୋର ସଂକଳ୍ପକୁ ବର୍ତ୍ତମାନ ସ୍ମରଣ କରୁଛି ଏବଂ ଆପଣଙ୍କ ଦିବ୍ୟ ଦର୍ଶନ ଲାଭ କରିବାକୁ ଇଚ୍ଛା କରୁଛି ।'' ଭଗବାନ ସତ୍ୟସାଇଙ୍କ କୃପାରୁ ନିମ୍ନପ୍ରକାରେ ବାପ୍‌ଜୀଙ୍କ ସହିତ ମୋର ସାକ୍ଷାତ୍‌କାର ହୋଇଥିଲା ।

ରେଳ ଯୋଗେ ବମ୍ବେରୁ ରାଜକୋଟ ଦେଇ ଜାମନଗର ଯିବା ବାଟରେ ବ଼ରୋଦା ପାଖାପାଖି ଜଣେ ଯାତ୍ରୀ କହୁଥିବାର ଶୁଣିଲି ''ବାପ୍‌ଜୀ ବରୋଦାରେ ଅଛନ୍ତି ।'' ବାପ୍‌ଜୀଙ୍କ ରହଣି ସମ୍ପର୍କରେ ଅଧିକ ଜାଣିବାକୁ ଚାହିଁବାରୁ ସେ କହିଥିଲେ ''ବାପ୍‌ଜୀ ମଗନ୍‌ଭାଇ ୱାଡ଼ି (ଫାର୍ମ)ରେ ରହୁଛନ୍ତି ।''

ମୁଁ ମନେ ମନେ ଭାବିଲି ଏହା ହେଉଛି ମୋ ପାଇଁ ବାପ୍‌ଜୀଙ୍କ ଦର୍ଶନ ଓ ଆଶୀର୍ବାଦ ପାଇବା ପାଇଁ ଅପୂର୍ବ ସୁଯୋଗ । ପରମପ୍ରିୟ ସ୍ୱାମୀ ଓ ବାପ୍‌ଜୀଙ୍କ ସଂକଳ୍ପ ବିନା ଏହା ଆଦୌ ସମ୍ଭବ ନୁହେଁ । ତେଣୁ ମୁଁ ମୋ ଜିନିଷପତ୍ର ଧରି ବରୋଦାରେ ଓହ୍ଲାଇ ପଡ଼ିଲି ଏବଂ ଗୋଟିଏ ହୋଟେଲରେ ଯାଇ ରହିଲି । ହୋଟେଲର ଅଭ୍ୟର୍ଥନା କେନ୍ଦ୍ରରେ ମଗନ ଭାଇଙ୍କ ୱାଡ଼ିର ଅବସ୍ଥିତି ସମ୍ପର୍କରେ ପଚାରି ବୁଝିଲି । ସମ୍ବର୍ଦ୍ଧନା କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀର ଉତ୍ତର ଶୁଣି ମୁଁ ଆଶ୍ଚର୍ଯ୍ୟ ହେଲି । ସେ କହିଥିଲେ ''ମୁଁ ଜାଣେ ଆପଣ କାହିଁକି ମୋତେ ଏ ପ୍ରଶ୍ନ କରୁଛନ୍ତି । ମୁଁ ବାପ୍‌ଜୀଙ୍କର ଜଣେ ଭକ୍ତ । ୱାଡ଼ି ଏଠାରୁ ଅଳ୍ପ କେତେ ମାଇଲ ଦୂରରେ ଅବସ୍ଥିତ । ମୁଁ ଆସନ୍ତା କାଲି ସକାଳ ଛଅଟାରେ ଆପଣଙ୍କୁ ରିକ୍‌ସାରେ ସେଠାକୁ ନେଇଯିବି । ସମ୍ଭବତଃ ସେତେବେଳେ ସେଠାରେ ବେଶୀ ଲୋକ ନଥିବେ ।''

ବାପ୍‌ଜୀଙ୍କ ସହିତ ସାକ୍ଷାତ

ଅତି ପ୍ରତ୍ୟୁଷରୁ ବାହାରି ୪୫ ମିନିଟ୍ ମଧ୍ୟରେ ଆମେ ୱାଡ଼ିରେ ପହଞ୍ଚିଥିଲୁ । କିନ୍ତୁ ଆଶ୍ଚର୍ଯ୍ୟର କଥା ସେଠାରେ ବାପ୍‌ଜୀଙ୍କ ଦର୍ଶନ ଓ ଆଶୀର୍ବାଦ ପାଇଁ ପ୍ରାୟ ୫୦୦ ଲୋକ ଅପେକ୍ଷା କରୁଥିଲେ ।

ତା ପରେ ଯାହା ଘଟିଲା ତାହା କେହି ଭାବି ପାରିବେ ନାହିଁ । ବାପ୍‌ଜୀଙ୍କ ସେକ୍ରେଟାରୀ ବାହାରକୁ ଆସି ଘୋଷଣା କଲେ ''ଏହି ଗହଳି ମଧ୍ୟରେ କୌଣସି ଡାକ୍ତର ଅଛନ୍ତି କି ନାହିଁ ବୁଝିବାକୁ ବାପ୍‌ଜୀ ମୋତେ ପଠାଇଛନ୍ତି ।'' ମୁଁ କହିଥିଲି ''ମୁଁ ଜଣେ ଡାକ୍ତର କିନ୍ତୁ ମୁଁ ଜାଣେନା ଏଠାରେ ଆଉ କେହି ଡାକ୍ତର ଅଛନ୍ତି କି ନାହିଁ ।''

ପରବର୍ତ୍ତୀ ଘୋଷଣା ପ୍ରକୃତରେ ମୋ ଶରୀରରେ ଏକ ତଡ଼ିତ୍ ପ୍ରବାହ ସୃଷ୍ଟି କରିଥିଲା । ଘୋଷଣାଟି ଥିଲା ''ଏଠାରେ ଆଫ୍ରିକାରୁ ଆସିଥିବା କୌଣସି ଡାକ୍ତର ଅଛନ୍ତି କି ?'' ମୁଁ ସଙ୍ଗେ ସଙ୍ଗେ ଉତ୍ତର ଦେଇଥିଲି ''ହଁ ମୁଁ ଅଛି ।'' ସେ କହିଥିଲେ ''ଦୟାକରି ମୋ ସହିତ ଆସ ।''

ସେକ୍ରେଟାରୀ ମୋତେ ଗୋଟିଏ କୋଠରୀରେ ଅପେକ୍ଷା କରିବାକୁ କହିଥିଲେ । ଏହା ଗାଧୁଆ ଘରକୁ ଲାଗିଥିବା ଏକ କୋଠରୀ । ସେତେବେଳେ ବାପ୍‌ଜୀ ନିଜକୁ ପ୍ରସ୍ତୁତ କରୁଥିଲେ । ସେକ୍ରେଟାରୀ ମୋତେ କହିଥିଲେ ଯେ, ବାପ୍‌ଜୀଙ୍କ ସ୍ନାନାଦି ଶେଷ ହେବା ମାତ୍ରେ ମୁଁ ତାଙ୍କର ଦିବ୍ୟଦର୍ଶନ ଲାଭ କରିବି । ଏହା ମୋର ସୌଭାଗ୍ୟ ଥିଲା ।

ମୁଁ ଏଠାରେ ଉଲ୍ଲେଖ କରିବା ଉଚିତ ଯେ ମୁଁ ସାକ୍ଷାତ କରୁଥିବା ସାଧୁସନ୍ଥଙ୍କୁ ଉପହାର ଦେବା ପାଇଁ ମୋ ସହିତ ସ୍ୱାମୀଙ୍କ ବହି ନେଇଥାଏ । ମୁଁ ଯେତେବେଳେ ସେକ୍ରେଟାରୀଙ୍କୁ ବହିଟି କିପରି ବାପ୍‌ଜୀଙ୍କୁ ଦେବି ବୋଲି ପ୍ରଶ୍ନ କଲି ସେ କହିଥିଲେ ''ବହିଟି ମୋତେ ଦିଅ । ମୁଁ ତାଙ୍କୁ ପରେ ଦେଇଦେବି । ଯଦି ତୁମେ ବହିଟି ସିଧାସଳଖ ବାପ୍‌ଜୀଙ୍କୁ ଦେବ ତେବେ ସେ ପ୍ରଥମେ ୨୪ ଘଣ୍ଟା ଉପବାସ କରିବେ । ଏକଥା ତୁମେ ଜାଣିଥିବ । ପ୍ରକୃତରେ ତୁମେ କଣ ଜାଣି ନାହଁ ?''

ଆଉ ଏକ ଆଶ୍ଚର୍ଯ୍ୟ ମୋ ପାଇଁ ଅପେକ୍ଷା କରିଥିଲା । ଯେତେବେଳେ ବାପ୍‌ଜୀ ସ୍ନାନାଗାରରୁ ବାହାରକୁ ଆସିଲେ ସେ କହିଥିଲେ ''ତୁମେ ଅତି ଭାଗ୍ୟବାନ କାରଣ ତୁମେ ସିଧାସଳଖ ବର୍ତ୍ତମାନର ଅବତାର ପୁରୁଷଙ୍କ ବାହୁଛାୟା ତଳେ ରହିଛ ।'' ମୁଁ ଉତ୍ତର ଦେଇଥିଲି ''ଧନ୍ୟବାଦ । ମୁଁ ଅତି ଭାଗ୍ୟବାନ ଯେ ମୁଁ ଆପଣଙ୍କ ଦିବ୍ୟଦର୍ଶନ ଲାଭ କରି ପାରିଛି ।''

ସେ କହିଥିଲେ ''ତୁମ ସଂକଳ୍ପ ଅନୁସାରେ ତୁମେ ନରେଶ୍ୱର ଆସିବା କଥା– ଏଠାକୁ ନୁହେଁ ।''

ମୁଁ ତାପରେ ପ୍ରଶ୍ନ କରିଥିଲି ''ମୁଁ ତାହାହେଲେ କେବେ ନରେଶ୍ୱର ଯିବି ?'' ସେ ଜୋର ଦେଇ କହିଥିଲେ ''ଆସନ୍ତା କାଲି ।'' ମୁଁ ପରଦିନ ନରେଶ୍ୱର ଯିବା ପାଇଁ ତାଙ୍କୁ ପ୍ରତିଶ୍ରୁତି ଦେଲି ।

ମୁଁ ଆନ୍ତରିକତାର ସହିତ ତାଙ୍କର ଦିବ୍ୟ ପଦ ସ୍ପର୍ଶ କରିବାକୁ ଚାହୁଁଥିଲି କିନ୍ତୁ ସେ କାହାରିକୁ ତାଙ୍କୁ ସ୍ପର୍ଶ କରିବାକୁ ଅନୁମତି ଦିଅନ୍ତି ନାହିଁ ।

ସେ ତ୍ରିକାଳ ଜ୍ଞାନୀ (ସର୍ବଜ୍ଞାତା) ବୋଲି ମୁଁ ପ୍ରମାଣ ପାଇଗଲି କାରଣ ସେ ମୋ ମନକୁ ଠିକ୍ ଭାବରେ ପଢ଼ିପାରିଥିଲେ । ଯେତେବେଳେ ମୁଁ ତାଙ୍କ ଆଗରେ ଟିକେ ଦୂରରେ

ବସିଲି ସେ କହିଥିଲେ ''ଭଗବାନ ତୁମକୁ ଦେଇଥିବା 'ବିଶ୍ୱରୂପ' ଫଟୋ ମୋତେ ଦେଖାଅ । ତୁମେ ତାହା ତୁମ ପକେଟରେ ଥିବା ପର୍ଶ ଭିତରେ ରଖିଛ ।''

ସେ 'ଭଗବାନ' ବୋଲି କହିବାର ଶୁଣି ଏବଂ 'ବିଶ୍ୱରୂପ' ଫଟୋଟି ତାଙ୍କ ହାତକୁ ବଢ଼ାଇ ଦେବାବେଳେ ତାଙ୍କ ପାପୁଲିକୁ ସ୍ପର୍ଶ କରିବାର ସୁଯୋଗ ପାଇବି ବୋଲି ମୁଁ ଖୁସି ହୋଇଯାଇଥିଲି । ବିଶ୍ୱରୂପ ଫଟୋ ସେ ନିଜ ହାତରେ ନେଲେ । ଦୁଇ ଆଖିର ଉପର ପତାରେ ସ୍ପର୍ଶ କରାଇ ଅତି ଆନନ୍ଦରେ ମୋତେ ଫେରାଇ ଦେଲେ । ମୁଁ ତାଙ୍କର ଦିବ୍ୟ ଜ୍ୟୋତିର ସଂସ୍ପର୍ଶରେ ଆସି ଅତ୍ୟନ୍ତ ଖୁସି ହୋଇଯାଇଥିଲି ।

ଅପେକ୍ଷାରତ ଅନ୍ୟ କେହି ଆସିବ ବୋଲି ମୁଁ ଯେତେବେଳେ ସେହି କୋଠରୀ ତ୍ୟାଗ କରିବା ପାଇଁ ଅନୁମତି ମାଗିଲି ସେ କହିଥିଲେ ''ତୁମେ ଭଲ ଗାଇପାର । ତୁମେ ଗୋଟିଏ ଭଜନ ଗାଇବ କି ?'' ମୁଁ କହିଥିଲି ''ହଁ ବାପ୍‌ଜୀ । ମୁଁ ଏବେ ଆରମ୍ଭ କରିବି କି ?'' ସେ କହିଥିଲେ ହାରମୋନିୟମ୍ ଓ ତବ୍‌ଲା ଆସିବା ପର୍ଯ୍ୟନ୍ତ ଅପେକ୍ଷା କର ।'' ତାପରେ ସେ ତାଙ୍କ ସେକ୍ରେଟାରୀଙ୍କୁ ସଂକେତ ଦେଲେ ଏବଂ ପରେ ପରେ ଯନ୍ତ୍ରବାଦକ ଭିତରକୁ ଆସିଥିଲେ ।

ବାପ୍‌ଜୀ ସର୍ବଜ୍ଞାତା ହୋଇଥିବାରୁ ସେ ହୁଏତ ତାଙ୍କ ସେକ୍ରେଟାରୀଙ୍କୁ ସବୁ ପ୍ରସ୍ତୁତ କରି ରଖିବାକୁ ଆଗରୁ କହିଥିବେ । ସେ ତା ପରେ ମୋତେ ଭଜନ ଗାଇବାକୁ ସଂକେତ ଦେଲେ । ମୁଁ ଗୋଟିଏ ଭଜନ ଗାଇଥିଲି ।

''ସତ୍ୟମ୍, ଶିବମ୍, ସୁନ୍ଦରମ୍ ଏହି ସାଇକା ନାମ୍,
ବ୍ରହ୍ମା, ବିଷ୍ଣୁ, ମହେଶ ଏହି ବାବାକେ ନାମ୍ ।''

ଏହି ଭଜନରେ ବହୁ ଦେବାଦେବୀଙ୍କ ନାମ ରହିଥିଲା । ଶେଷରେ ମୁଁ ବାପ୍‌ଜୀଙ୍କ ନାମ ମଧ୍ୟ ଯୋଡ଼ି ଦେଇଥିଲି । ମୁଁ ତାପରେ ଠିଆ ହୋଇପଡ଼ି ଯିବା ପାଇଁ ଅନୁମତି ଚାହିଁଥିଲି । ସେ ଅଭୟ ହସ୍ତ ଉତ୍ତୋଳନ କରି ଆଶୀର୍ବାଦ କରିଥିଲେ ଏବଂ କହିଥିଲେ ''ନରେଶ୍ୱର ଯିବା ପାଇଁ ଭୁଲ ନାହିଁ ।''

ପରଦିନ ମୁଁ ନରେଶ୍ୱର ଗଲି । ଏହା ବେଶୀ ଦୂର ନ ଥିଲା । ସେଠାରେ ମୁଁ ବାପ୍‌ଜୀଙ୍କ ବୃଦ୍ଧା ମାତାଙ୍କୁ ପାଇଥିଲି । ସେ ମୋତେ ଆଶୀର୍ବାଦ କରିଥିଲେ । ସେ ମୋ ମସ୍ତକରେ ନର୍ମଦା ନଦୀର ପବିତ୍ର ଜଳ ସିଞ୍ଚନ କରି କହିଥିଲେ ''ତୁମେ ଏ ଜୀବନରେ ଯଥେଷ୍ଟ ସଫଳତା ଲାଭ କରିବ ।''

ମୁଁ ଜାମନଗର ଫେରିବା ପରେ ପରେ ଜାଣିବାକୁ ପାଇଲି ଯେ ବାପ୍‌ଜୀଙ୍କ ମା' ଏହି ଦରିଦ୍ର ଆତ୍ମାକୁ ଆଶୀର୍ବାଦ କରିବାର କିଛିଦିନ ପରେ ଶେଷ ନିଃଶ୍ୱାସ ତ୍ୟାଗ

କରିଥିଲେ । ମୁଁ ସତରେ କେଡ଼େ ଭାଗ୍ୟବାନ୍ !! ବାପ୍‌ଜୀ ମଧ୍ୟ ମା'ଙ୍କ ପରେ ପରେ ନିଜର ସଂକଳ୍ପ ଅନୁସାରେ ହରିଦ୍ୱାରଠାରେ ଗଙ୍ଗାନଦୀ କୂଳରେ ତାଙ୍କର ମରଶରୀର ତ୍ୟାଗ କରିଥିଲେ ।

ନିମ୍ନଲିଖିତ କାରଣରୁ ମୁଁ ମୋର ଏହି ଅଭିଜ୍ଞତାକୁ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରେ ।

(୧) ମୁଁ ଡକ୍ଟର ରମେଶ ବାଣୀଙ୍କ ନିକଟରେ କରିଥିବା ସଂକଳ୍ପ କଥା ସଂପୂର୍ଣ୍ଣ ଭାବରେ ଭୁଲି ଯାଇଥିଲି । ପରମପ୍ରିୟ ସ୍ୱାମୀ ଓ ବାପ୍‌ଜୀଙ୍କ ଇଚ୍ଛା ଅନୁସାରେ ମୋତେ ପୁନାର ସେହି ହୋଟେଲରେ ସ୍ମରଣ କରାଇ ଦିଆଯାଇଥିଲା ।

(୨) ବାପ୍‌ଜୀ ପରମପ୍ରିୟ ସ୍ୱାମୀଙ୍କୁ ବର୍ତ୍ତମାନର ଅବତାର ପୁରୁଷ ବୋଲି ବିଚାର କରନ୍ତି ଏବଂ ତାଙ୍କର ସ୍ୱାମୀଙ୍କ ମହିମା ସଂପର୍କରେ ଆଦୌ ସନ୍ଦେହ ନଥିଲା । ବାପ୍‌ଜୀଙ୍କ ପ୍ରତି ନିସର୍ତ୍ତ ବିଶ୍ୱାସ ରଖିଥିବା ହଜାର ହଜାର ଭକ୍ତ ବହୁଥର ପ୍ରଶାନ୍ତି ନିଳୟମ ଯାତ୍ରା କରିଥିଲେ ଏବଂ ସ୍ୱାମୀଙ୍କର ଦିବ୍ୟଦର୍ଶନ ଓ ଆଶୀର୍ବାଦ ପାଇଥିଲେ ।

(୩) ବାପ୍‌ଜୀ ତାଙ୍କ ଦିବ୍ୟମାତାଙ୍କର ଆଶୀର୍ବାଦ ଲାଭ କରିବାକୁ ମୋତେ ନରେଶ୍ୱର ପରିଦର୍ଶନ କରିବା ପାଇଁ ପରାମର୍ଶ ଦେଇଥିଲେ ।

ମୋର ଦୁଇଟି ଘଟଣା ମନେ ପଡୁଥିଲା । ଯେତେବେଳେ ମୁଁ ପୁଟ୍ଟାପର୍ତ୍ତି ଯାଏ ପରମପ୍ରିୟ ସ୍ୱାମୀଙ୍କର ପିତା ପେଦ୍ଦା ଭେଙ୍କାପ୍ପା ରାଜୁ ମୋ ହାତଧରି ମୋ ସହିତ ଆସିଥିବା ଦଳଟିକୁ ବାବାଙ୍କ ଜନ୍ମସ୍ଥାନ, କଳ୍ପବୃକ୍ଷ, ସତ୍ୟଭାମା ପଥର ମୂର୍ତ୍ତି, ପୁରୁଣା ମନ୍ଦିର ଇତ୍ୟାଦି ଦେଖାଉଥିଲେ । ଦ୍ୱିତୀୟରେ ଆମେ ପରମପ୍ରିୟ ସ୍ୱାମୀଙ୍କର ଦିବ୍ୟ ପିତାମାତାଙ୍କଠାରୁ ଆଶୀର୍ବାଦ ପାଉଥିଲୁ କାରଣ ସ୍ୱାମୀଙ୍କର ଏହା ସଂକଳ୍ପ ଥିଲା । ମାଙ୍ଗାଲୋରରୁ ମୋ ସହିତ ଆସିଥିବା ଭକ୍ତମାନେ ମଧ୍ୟ ଏଥିପାଇଁ ଭାଗ୍ୟବାନ ଥିଲେ ।

ଏବେ ଜାଣିବା ପବିତ୍ର ଓ ଦିବ୍ୟ ପୁରୁଷମାନଙ୍କ ସଂପର୍କରେ ସ୍ୱାମୀ କଣ କହନ୍ତି ।

"ବିଶ୍ୱବ୍ରହ୍ମାଣ୍ଡ ଭଗବାନଙ୍କର ଶରୀର । ଏହି ଶରୀର ମଧ୍ୟରେ ଚେତନାଶକ୍ତିର ଐକ୍ୟ, ଏକତାଭାବ ହେଉଛି ଭାରତ । ହଜାର ହଜାର ବର୍ଷ ପୂର୍ବେ ବେଦ ଘୋଷଣା କରିଛି 'ଏକମ୍ ସତ୍' (ସତ୍ୟ ହେଉଛି ଗୋଟିଏ) । ଆଜି ତାହାହିଁ ଭାରତର ହୃତ୍‌ସ୍ପନ୍ଦନ । ଏହି କାରଣରୁ ସାଧୁ, ସନ୍ଥ, ଦିବ୍ୟପୁରୁଷଗଣ ଏବଂ ଭଗବାନଙ୍କର ଅବତାରମାନେ ଭାରତବର୍ଷରେ ଆବିର୍ଭୂତ ହୋଇଥାନ୍ତି । ଏହି ପବିତ୍ର ଭୂମିରୁ ସେମାନେ ମଣିଷ ସମାଜକୁ

ବାର୍ତ୍ତା ଦେଇଥାନ୍ତି । ଏହି ମୂଲ୍ୟବାନ ବାର୍ତ୍ତା ଏବେ ବିଦେଶକୁ ରପ୍ତାନି ହେଉଛି ମାତ୍ର ଭାରତରେ ଏହାର ଉପଯୋଗ ଅତି କମ୍ । ଏହାହିଁ ଦୁଃଖଦ ଘଟଣା । ଉଚ୍ଚ ପଦପଦବୀର କର୍ତ୍ତୃତ୍ୱ ଜାହିର କରି, କ୍ଷମତା ହାସଲ ପୂର୍ବକ ନିଜ ନିଜର ଶକ୍ତି ଠୁଳ କରିବା ପାଇଁ ବ୍ୟକ୍ତିବିଶେଷ ଅନ୍ୟର ନିନ୍ଦା କରନ୍ତି ଏବଂ ଘୃଣାଭାବ ସୃଷ୍ଟି କରନ୍ତି । ଏହି ଅବସ୍ଥା ଆମର ସନାତନ ସଂସ୍କୃତି ପାଇଁ ଏକ ଅପମାନ । ଶସ୍ତା ଲୋକପ୍ରିୟତା ଏବଂ କ୍ଷଣସ୍ଥାୟୀ ପ୍ରସିଦ୍ଧି ପାଇଁ ବଳବତୀ ଇଚ୍ଛାରୁ ଏହି ଅବସ୍ଥା ସୃଷ୍ଟି ହୋଇଥାଏ ।''

''ଭାରତୀୟ ସଂସ୍କୃତି ଅନୁସାରେ ସବୁ ନାମ ଏବଂ ସବୁ ରୂପ ସେହି ଗୋଟିଏ ଭଗବାନଙ୍କର । ଭାରତୀୟ ସଂସ୍କୃତି ତାହାହିଁ ଆମକୁ ଶିକ୍ଷା ଦେଇଥାଏ । ଏକଥା ତୁମେ ଜାଣ । ତୁମେ ଯଦି ସାଇଙ୍କ ସହିତ ସଂପୃକ୍ତ ଏବଂ କୃଷ୍ଣଙ୍କଠାରୁ ବିଚ୍ୟୁତ ତାହାହେଲେ ତୁମର ଗୋଟିଏ ଦିଗରେ ଯୁକ୍ତ ଓ ଅନ୍ୟ ଦିଗରେ ବିଯୁକ୍ତ ମନୋଭାବ ରହିଥାଏ ଏବଂ ଏହାର ଶେଷଫଳ ହେଲା 'ଶୂନ୍ୟ' । ଏ ସଂପର୍କରେ ଧର୍ମାନ୍ଧତା ଓ ସାମ୍ପ୍ରଦାୟିକତା ବିକଶିତ ହେବାପାଇଁ ସୁଯୋଗ ଦିଅ ନାହିଁ । ଅନ୍ୟମାନଙ୍କର ଏହା ଥାଇପାରେ କିନ୍ତୁ ତୁମେ ଏତାଦୃଶ ବିଫଳତାକୁ ପ୍ରଶ୍ରୟ ଦେବାର କୌଣସି କାରଣ ନାହିଁ । ଏହି ସଂକ୍ରମଣଠାରୁ ଦୂରେଇ ରହିବାକୁ ଚେଷ୍ଟା କର । ଯେତେବେଳେ ଅନ୍ୟ ସଂଗଠନ ସାହାଯ୍ୟ ଚାହିଁବେ ସେମାନଙ୍କୁ ସାହାଯ୍ୟ କର । ଏଥିରୁ ସେମାନେ ତୁମର ବିଶ୍ୱପ୍ରେମ ମନୋଭାବ ଅନୁଭବ କରିପାରିବେ ।''

ଯଦିଓ ସ୍ୱାମୀ ରଙ୍ଗ ଅବଧୂତ (ବାପ୍‌ଜୀ) ଗୁରୁ ଦତ୍ତାତ୍ରେୟଙ୍କର ଏକ ଅବତାର ତଥାପି ସେ ମୋତେ ସ୍ୱାଗତ କରି ପରମପ୍ରିୟ ସ୍ୱାମୀ ଅବତାରୀ ପୁରୁଷ ବୋଲି ସ୍ୱୀକାର କରିଥିଲେ । ଏହିପରି ସେ ଓ ବହୁ ସାଧୁସନ୍ଥ ସତ୍ୟସାଇ ବାବାଙ୍କୁ ସର୍ବଦେବତା ସ୍ୱରୂପ ଅବତାର ବୋଲି ସମ୍ମାନ ଦିଅନ୍ତି । ସେ ସମସ୍ତଙ୍କୁ ଆମେ ବିନମ୍ର, ନିଷ୍ପାପର ଓ ଆନ୍ତରିକ ପ୍ରଣତି ଜଣାଇବା ଉଚିତ ।

□□

ଅଧ୍ୟାୟ - ୨୭

ପ୍ରଥମ ସର୍ବଭାରତୀୟ ସମ୍ମିଳନୀ

ଭଗବାନ ଶ୍ରୀ ସତ୍ୟସାଇ ସେବା ସଂଗଠନର ପ୍ରଥମ ସର୍ବଭାରତୀୟ ସମ୍ମିଳନୀ ୧୯୬୭ ମସିହା ଏପ୍ରିଲ୍ ମାସରେ ମାଡ୍ରାସର ଆବଟ୍ସବରି ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ସଭାଗୃହର ଦୁଇଟି ଭାଗ ପରସ୍ପର ସହିତ ସମକୋଣରେ ରହିଥିଲା । ଫଳରେ ମହିଳାମାନେ ଗୋଟିଏ ଭାଗରେ ଥିବାବେଳେ ଅନ୍ୟ ଭାଗରେ ଥିବା ପୁରୁଷମାନଙ୍କୁ ଦେଖିପାରିବେ ନାହିଁ ଏବଂ ପୁରୁଷମାନେ ମଧ୍ୟ ଅନ୍ୟ ଭାଗରେ ଥିବା ମହିଳାମାନଙ୍କୁ ଦେଖିପାରିବେ ନାହିଁ । ଏହି ଦୁଇଭାଗରେ ସଂଯୋଗସ୍ଥଳରେ ମଞ୍ଚ ଉପରେ ପରମପ୍ରିୟ ସ୍ୱାମୀଙ୍କ ପାଇଁ ଗୋଟିଏ ଚେୟାର, ଗୋଟିଏ ଟେବୁଲ ଓ ଭାଷାନ୍ତରକାରୀ ବା ଦ୍ୱିଭାଷୀ (ଉତ୍ତରପ୍ରଦେଶର ରାଜ୍ୟପାଳ ରାମକୃଷ୍ଣ ରାଓ)ଙ୍କ ପାଇଁ ଆଉ ଗୋଟିଏ ଚେୟାର ଓ ମାଇକ୍ରୋଫୋନ୍ ରହିଥିଲା ।

ପ୍ରତ୍ୟେକ ରାଜ୍ୟରୁ ଜଣେ ଜଣେ ପ୍ରତିନିଧି ସେହି ରାଜ୍ୟର ସାଇ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କୀୟ ବିବରଣୀ ପ୍ରଦାନ କରିବା କଥା । ଗୁଜୁରାଟ ରାଜ୍ୟର ସାଇ ସଂଗଠନର ସଭାପତି ଡକ୍ଟର ଚୂଡ଼ାସାମା ରାଜ୍ୟର ପ୍ରତିନିଧିତ୍ୱ କରୁଥିଲେ ।

ମୁଖ୍ୟ କର୍ମକର୍ତ୍ତାମାନଙ୍କୁ ଓ ମୋର ପତ୍ନୀ ନନ୍ଦାଙ୍କୁ ସମ୍ମିଳନୀରେ ଯୋଗ ଦେବା ପାଇଁ ଅନୁମତି ପତ୍ର ମିଳିଥିଲା । ମାତ୍ର 'ଏହି ଦାସ'କୁ କୌଣସି ଅନୁମତି ପତ୍ର ମିଳି ନଥିଲା । ସେମାନେ ମୋତେ ଛାଡ଼ିଯାଇଥିବାରୁ ନନ୍ଦା ନିରାଶ ହୋଇ ପଡ଼ିଥିଲେ । କିନ୍ତୁ ମୁଁ ନନ୍ଦାଙ୍କୁ କହିଥିଲି ''ସେମାନେ ଯୁକ୍ତିଯୁକ୍ତ କାର୍ଯ୍ୟ କରିଛନ୍ତି । କାରଣ 'ଏହି ଦାସ' ସଂଗଠନର କୌଣସି କର୍ମକର୍ତ୍ତା ନୁହେଁ । ପରମପ୍ରିୟ ସ୍ୱାମୀ ଜୋର୍ ଦେଇ କହିଛନ୍ତି ଯେ ମୁଁ ଜଣେ ସାଧାରଣ ଭକ୍ତ ଭଳି ସେବା କାର୍ଯ୍ୟ କରିବି ।''

ପରମପ୍ରିୟ ସ୍ୱାମୀ ଜାଣିଥିଲେ ଯେ ନନ୍ଦା ଟିକେ ବିବ୍ରତ ହୋଇ ପଡ଼ିଛନ୍ତି । ମୁଁ ବିଶ୍ୱାସ କରେ ଯେ ଭଗବାନ ଆମର କାର୍ଯ୍ୟ ଦେଖନ୍ତି ଏବଂ ଆମ ଚିନ୍ତାଧାରା ପ୍ରତି ସଚେତନ ଥାନ୍ତି । ଜୋର୍‌ରେ ପାଟିକରି ପ୍ରାର୍ଥନା କଲେ ଯେ ଭଗବାନ ଶୁଣିବେ ଏକଥା ନୁହେଁ । ତାଙ୍କ ନିକଟରେ ପହଞ୍ଚିବାକୁ ହେଲେ ପବିତ୍ର ହୃଦୟ ଓ ସମର୍ପଣ ଭାବ ଥିବା ଦରକାର ।

ଆମ ପାଇଁ ପରମପ୍ରିୟ ସ୍ୱାମୀ ସବୁକିଛି । ଆମେ ତାଙ୍କର କରୁଣା ଓ କୃପା ବହୁଥର ଅନୁଭବ କରିସାରିଛୁ । ଏହି ଘଟଣାରେ ଆମେ ସ୍ୱାମୀଙ୍କଠାରୁ ସମ୍ମିଳନୀରେ ଯୋଗ ହେବା ପାଇଁ ଦୁଇଟି ଅନୁମତି ପତ୍ର ସହ ଗୋଟିଏ ଚିଠି ପାଇଥିଲୁ । ସେହି ଚିଠିଟି ଖୁବ୍ ଛୋଟ ଏବଂ ମଧୁର । ସେ ଲେଖିଥିଲେ "ନନ୍ଦା ଓ ଗଡ଼ିଆ, ତୁମେ କିପରି ଅଛ ? ସ୍ୱାମୀ ବାଙ୍ଗାଲୋରରେ ଅଛନ୍ତି । ମାଡ୍ରାସ ସମ୍ମିଳନୀ ପାଇଁ ଦୁଇଟି ଅନୁମତି ପତ୍ର ଦିଆଗଲା – ପ୍ରେମ ଓ ଆଶୀର୍ବାଦ ସହ ଶ୍ରୀ ସତ୍ୟସାଇ ବାବା ।" ନନ୍ଦା ଆନନ୍ଦରେ ଅଧୀର ହୋଇ ପଡ଼ିଥିଲେ । ମୁଁ ତାଙ୍କୁ କହିଥିଲି "ଚାଲ ଭଗବତ ଗୀତାର ଗୋଟିଏ ଷ୍ଟୋତ୍ର ଅଭ୍ୟାସ କରିବା । ତାହା ହେଲା 'ଆମେ ଭଲ ଘଟଣା ଘଟିଲେ ଅଧିକ ଆନନ୍ଦିତ ହେବା ଉଚିତ ନୁହେଁ ଏବଂ ଯଦି କୌଣସି ଅଘଟଣ ଘଟେ ସେଥିରେ ଦୁଃଖରେ ଭାଙ୍ଗି ପଡ଼ିବା ଠିକ୍ ନୁହେଁ ।"

ମାଡ୍ରାସ ଉଦ୍ଦେଶ୍ୟରେ ଆମେ ୧୯୬୭ ମସିହା ଏପ୍ରିଲ ୧୮ ତାରିଖରେ ରେଳଯାତ୍ରା ଆରମ୍ଭ କରିଥିଲୁ । ବାଟରେ ନନ୍ଦା ଆବିଷ୍କାର କଲେ ଯେ ପାଶ୍ ଦୁଇଟିକୁ ସେ ଘରେ ଛାଡ଼ି ଦେଇ ଆସିଛନ୍ତି । ସେ ଅଧୀର ହୋଇ କାନ୍ଦିବା ଆରମ୍ଭ କରିଦେଲେ । ମୁଁ ତାଙ୍କୁ କହିଥିଲି "ମୁଁ ତୁମକୁ ଆଗରୁ କହିଛି ଏତେ ବ୍ୟସ୍ତ ହେବା ଠିକ୍ ନୁହେଁ । ବର୍ତ୍ତମାନ ପରମପ୍ରିୟ ସ୍ୱାମୀ ତୁମକୁ ଏକ ଶିକ୍ଷା ଦେଲେ । କିନ୍ତୁ ଦୁଃଖ କର ନାହିଁ । ସେ ସବୁ ଠିକ୍ କରିଦେବେ । ତାଙ୍କ ଇଚ୍ଛା ହିଁ ଚୂଡ଼ାନ୍ତ ଏବଂ ଆମର ତାଙ୍କ ପ୍ରତି ସଂପୂର୍ଣ୍ଣ ବିଶ୍ୱାସ ରହିବା ଉଚିତ ।"

ଆମେ ମାଡ୍ରାସ ରେଳ ଷ୍ଟେସନରେ ଓହ୍ଲାଇବା ମାତ୍ରେ ଜଣେ କିଏ ପାଟିକରି ଡାକୁଥିଲା "ଟ୍ରେନ୍‌ରେ କେହି ଡକ୍ଟର ଗଡ଼ିଆ ଅଛନ୍ତି କି ?" ମୁଁ କହିଥିଲି "ହଁ ମହାଶୟ" । ସେ ଅତି ଖୁସିରେ କହିଥିଲେ "ମୋ ନାଁ ଡକ୍ଟର ଧୈର୍ଯ୍ୟମ । ମୁଁ ମାଡ୍ରାସର ଜଣେ ମାନସିକ ରୋଗ ବିଶେଷଜ୍ଞ । ସ୍ୱାମୀ ଆପଣଙ୍କୁ ସ୍ୱାଗତ କରିବା ପାଇଁ ମୋତେ ନିର୍ଦ୍ଦେଶ ଦେଇଛନ୍ତି । ମୋ ବାସଗୃହର ଏକ ଶୀତତାପ ନିୟନ୍ତିତ କୋଠରୀରେ ଆପଣଙ୍କୁ ରଖିବା ପାଇଁ ଏବଂ ଡ୍ରାଇଭର ସହ କାର ଯୋଗାଇ ଦେବାପାଇଁ ସେ ମୋତେ କହିଛନ୍ତି ।" ଆମେ ଡକ୍ଟର ଧୈର୍ଯ୍ୟମ୍‌ଙ୍କୁ କହିଥିଲୁ ଯେ ଆମର ଏତେ ସୁବିଧା ଆବଶ୍ୟକ ନାହିଁ । ତାଙ୍କ ଘରେ ଟିକେ ଧୁଆଧୋଇ ହୋଇ ସତେଜ ହେବା ପରେ ଆମେ ସିଧାସଳଖ ସ୍ୱାମୀଙ୍କ ନିକଟକୁ ଚାଲିଯିବୁ ।

ମାଡ୍ରାସରେ ପରମପ୍ରିୟ ସ୍ୱାମୀ ଶ୍ରୀ ବୈକୁଣ୍ଠ ମୁନିଙ୍କ ବାସଭବନରେ ରହୁଥିଲେ । ଆଜିକାଲି ବାବା ମାଡ୍ରାସରେ ଥିବା ଅତି ସୁନ୍ଦର ସାଇମନ୍ଦିର 'ସୁନ୍ଦରମ୍' ଠାରେ ରହନ୍ତି । ଆମେ ଶ୍ରୀ ବୈକୁଣ୍ଠ ମୁନିଙ୍କ ବାସଭବନରେ ପହଞ୍ଚିଲା ସମୟକୁ ପରମପ୍ରିୟ ସ୍ୱାମୀ

ଭକ୍ତମାନଙ୍କୁ ଦର୍ଶନ ଦେବାକୁ ବାହାରକୁ ଆସିଲେ । ସେ ସିଧାସଳଖ ନନ୍ଦାଙ୍କ ନିକଟକୁ ଗଲେ ଏବଂ ଉତ୍‌ଫୁଲ୍ଲ ହୋଇ ପ୍ରଶ୍ନ କଲେ "ତୁମେ କଣ ବହୁତ କାନ୍ଦିଲ ?" ତାପରେ ସେ ମୋ ନିକଟକୁ ଆସିଲେ ଏବଂ କହିଥିଲେ "ତୁମକୁ ଦେଖି ସ୍ୱାମୀ ଅତ୍ୟନ୍ତ ଖୁସି ।" ପରମପ୍ରିୟ ସ୍ୱାମୀଙ୍କର ଅଫୁରନ୍ତ ପ୍ରେମ ଏବଂ କରୁଣା ଥିବା ଆମେ ବୁଝିପାରିଲୁ । ସେ ପୁଣି ଥରେ ଆମ ଆଗରେ ନିଜକୁ ସର୍ବଜ୍ଞାତା ବୋଲି ଏବଂ ଆମ ପ୍ରତି ତାଙ୍କର ଅଫୁରନ୍ତ ପ୍ରେମର ପ୍ରମାଣ ଦେଇଥିଲେ । ସେ ସମସ୍ତଙ୍କ ପାଇଁ ସମାନ ଏବଂ ସମସ୍ତଙ୍କୁ ସମାନ ଭାବରେ ଭଲପାନ୍ତି ।

ଦୁର୍ଭାଗ୍ୟବଶତଃ ଡକ୍ଟର ଚୂଡ଼ାସାମା ଯେଉଁ ବିମାନରେ ଆସିବା କଥା ସେ ବିମାନଟିକୁ ସେ ଠିକ୍ ସମୟରେ ଧରିପାରି ନଥିଲେ । ତେଣୁ ସମ୍ମିଳନୀକୁ ଆସିପାରିଲେ ନାହିଁ । ଏହା ବୋଧହୁଏ ପରମପ୍ରିୟ ସ୍ୱାମୀଙ୍କର ଇଚ୍ଛା ଥିଲା । ତାଙ୍କ ଅନୁପସ୍ଥିତିରେ ଗୁଜୁରାଟର ଭକ୍ତମାନେ 'ଏହି ଦାସ'କୁ ଗୁଜୁରାଟ ରାଜ୍ୟର ସାଇ କାର୍ଯ୍ୟକ୍ରମ ସଂପର୍କରେ କହିବା ପାଇଁ ବାଛିଥିଲେ ।

ପରମପ୍ରିୟ ସ୍ୱାମୀ ନିଜକୁ ସର୍ବଜ୍ଞାତା ବୋଲି ପ୍ରମାଣ କରିବା ପାଇଁ ଆମକୁ ଆଉ ଏକ ଅଭିଜ୍ଞତା ଲାଭ ପାଇଁ ସୁଯୋଗ ଦେଇଥିଲେ । ମୁଁ ସମ୍ମିଳନୀ କକ୍ଷ ବାହାରେ ମୋର ପୂର୍ବ ବକ୍ତା ତାଙ୍କ ବକ୍ତବ୍ୟ ଶେଷ କଲା ପର୍ଯ୍ୟନ୍ତ ଅପେକ୍ଷା କରୁଥିଲି । ମୁଁ ଦେଖିଲି ମିଷ୍ଟର ଇନ୍ଦୁଲାଲ ସାହା (ଯେ କି ପରେ ଆନ୍ତର୍ଜାତୀୟ ଶ୍ରୀ ସତ୍ୟସାଇ ସେବା ସଂଗଠନର ଚେୟାରମ୍ୟାନ୍ ନିଯୁକ୍ତ ହୋଇଥିଲେ) ମୋ ପାଖରେ ଠିଆ ହୋଇଛନ୍ତି । ମୁଁ ତାଙ୍କୁ ନମ୍ରତାର ସହିତ କହିଥିଲି "କ୍ଷମା କରିବେ, ମୁଁ ଏହାପରେ ଗୁଜୁରାଟର ପ୍ରତିନିଧିତ୍ୱ କରିବି । ମୁଁ ଉଗାଣ୍ଡା ଓ ଲିଭରପୁଲ୍‌ର ସାଇ କେନ୍ଦ୍ର ସଂପର୍କରେ ବିବରଣୀ ଦେଇପାରିବି କି ?" ସେ ଉତ୍ତର ଦେଇଥିଲେ "ସେଭଳି ବିବରଣୀର ଆବଶ୍ୟକତା ନାହିଁ । ଗୁଜୁରାଟ ରାଜ୍ୟ ଉପରେ ବକ୍ତବ୍ୟ କେନ୍ଦ୍ରୀଭୂତ କର ।" ଏ ବିଚାରକୁ ମୁଁ ସମ୍ମାନ ଦେଲି ଏବଂ କେବଳ ଗୁଜୁରାଟ ସଂପର୍କରେ କହିବା ପାଇଁ ପ୍ରସ୍ତୁତ ହେଲି ।

ଏବେ ସ୍ୱାମୀଙ୍କର ମହାନତାକୁ କେହି କଳ୍ପନା କରିପାରିବେ ନାହିଁ । ମୁଁ ଯେଉଁ ମୁହୂର୍ତ୍ତରେ ମଞ୍ଚ ଉପରକୁ ଯାଇ କହିବାକୁ ଉଦ୍ୟତ ହେଲି, ସ୍ୱାମୀ କହିଥିଲେ "ଅପେକ୍ଷା କର ।" ମୁଁ ତାଙ୍କ ଆଡ଼େ ଚାହିଁଲି ଏବଂ ସବୁ ଭକ୍ତ ସ୍ୱାମୀ ମୋତେ ବକ୍ତବ୍ୟ ପ୍ରଦାନରୁ ବଞ୍ଚିତ କରିଥିବାରୁ ଆଶ୍ଚର୍ଯ୍ୟ ହୋଇଥିଲେ । ତା ପରେ ସ୍ୱାମୀ ଉତ୍ତରପ୍ରଦେଶର ରାଜ୍ୟପାଳ ରାମକ୍ରିଷ୍ଣ ରାଓ, ଭାଷାନ୍ତରକାରୀ (ଦ୍ୱିଭାଷୀ)ଙ୍କୁ କିଛି କହିଥିଲେ ଏବଂ ସେମାନେ ଘୋଷଣା କରି କହିଥିଲେ "ସ୍ୱାମୀ ଚାହାନ୍ତି ବର୍ତ୍ତମାନର ବକ୍ତା ଗୁଜୁରାଟ ସହିତ ଅନ୍ୟ ଦେଶର ସାଇକେନ୍ଦ୍ରମାନଙ୍କର ବିବରଣୀ ମଧ୍ୟ ପ୍ରଦାନ କରନ୍ତୁ ।" ପ୍ରତ୍ୟେକ ଭକ୍ତ କରତାଳି ଦେଇ

ଏହାକୁ ସମର୍ଥନ ଜଣାଇଥିଲେ ଏବଂ ମୁଁ ମୋର ଇଚ୍ଛା ପୂରଣ କରିଥିବାରୁ ସ୍ୱାମୀଙ୍କୁ ଧନ୍ୟବାଦ ଦେଇଥିଲି ।

ଭକ୍ତମାନଙ୍କୁ ମୁଁ ବୁଝାଇଥିଲି ଯେ କିପରି ଦିବ୍ୟ ସନ୍ଦେଶ ଧୀରେ ଧୀରେ ଅଥଚ ଦୃଢ଼ ଭାବରେ ପ୍ରସାର ଲାଭ କରୁଛି । ଗୁଜୁରାଟରେ କିପରି ସାଇକେନ୍ଦ୍ରମାନ ପ୍ରତିଷ୍ଠା ଲାଭ କରିଛି ଏବଂ ଅତ୍ୟନ୍ତ ଆଗ୍ରହ ଓ ଉଦ୍ଦୀପନା ମଧ୍ୟରେ କିପରି ସେବାକାର୍ଯ୍ୟ କରାଯାଉଛି । ଉଗାଣ୍ଡାର କାମ୍ପାଲା ଓ ଯୁକ୍ତରାଜ୍ୟର ଲିଭରପୁଲରେ କିପରି ସତ୍ୟସାଇ ପାଠଚକ୍ରମାନ ଗଢ଼ି ଉଠିଛି ସେ ସଂପର୍କରେ ମଧ୍ୟ ମୁଁ ଉଲ୍ଲେଖ କରିଥିଲି ।

ଶେଷରେ ପରମପ୍ରିୟ ସ୍ୱାମୀ ନିମ୍ନୋକ୍ତ ସନ୍ଦେଶ ପ୍ରଦାନ କରିଥିଲେ ।

"କ୍ଷୁଧାର୍ତ୍ତଙ୍କୁ ଖାଦ୍ୟ ଦେବା ଏବଂ ମରୁଭୂମିରେ ବର୍ଷା ହେବା ଭଳି ଆଧ୍ୟାତ୍ମିକ ଆତ୍ମ ଉପଲବ୍ଧି ପ୍ରଦାନକାରୀ ବୈଦିକ ବିଜ୍ଞାନ ମାନବ ସମାଜ ପାଇଁ ଜୀବନ ରକ୍ଷାକାରୀ ଭୂମିକା ଗ୍ରହଣ କରିଥାଏ । ବର୍ତ୍ତମାନ ଏହା ଧ୍ୱଂସମୁଖୀ ହୋଇ ତଳକୁ ଖସି ଖସି ଯାଉଛି । କାରଣ ଏହା ସତ୍ୟ, ନୈତିକତା, ଶାନ୍ତି ଓ ପ୍ରେମ ଉପରେ ନିଜର କର୍ତ୍ତୃତ୍ୱ ହରାଇ ବସିଛି । ଏହି ବିଶାଳ ଭୂମିର କୋଣପ୍ରତିକୋଣକୁ ବୈଦିକ ବିଜ୍ଞାନର ପ୍ରସାର ପାଇଁ ତୁମେ ସବୁ ମୋର ଅସ୍ତ୍ର (ମାଧ୍ୟମ) ଭଳି । ତୁମେ ସବୁ ଏଥିପାଇଁ ବଛାଯାଇଛ । ଉପଦେଶ ଓ ଉଦାହରଣ ଦ୍ୱାରା ତୁମକୁ ଏହା ଦେଖାଇ ଦେବାକୁ ପଡ଼ିବ ଯେ ଆତ୍ମୋପଲବ୍ଧିର ମାର୍ଗ ନିର୍ମଳ ଆନନ୍ଦର ମାର୍ଗ ଅଟେ । ତେଣୁ ତୁମମାନଙ୍କ ଉପରେ ଖୁବ୍ ବଡ଼ ଦାୟିତ୍ୱ ରହିଛି । ଏହି ଦାୟିତ୍ୱ ଗୁଡ଼ିକ ହେଲା ତୁମର ସ୍ଥିରତା (ଶାନ୍ତଭାବ), ଧୈର୍ଯ୍ୟ (ଉଦ୍‌ବେଗଶୂନ୍ୟତା), ବିନମ୍ରତା, ସାଧୁତା, ସାହସ, ସବୁ ପରିସ୍ଥିତିରେ ଦୃଢ଼ ବିଶ୍ୱାସକୁ ପ୍ରଦର୍ଶନ କରିବା । ଏଭଳି ଯେଉଁ ସାଧନା ତୁମେ ଅଭ୍ୟାସ କରୁଛ ତାହା ତୁମକୁ ଜଣେ ଉତ୍ତମ, ସୁଖୀ ଏବଂ ଅଧିକ ନିର୍ଭରଶୀଳ ବ୍ୟକ୍ତିରେ ରୂପାନ୍ତରିତ କରିବ । ଅଭ୍ୟାସ କର, ଆଚରଣରେ ପ୍ରଦର୍ଶନ କର । ଆଚରଣକୁ ପ୍ରତ୍ୟାଖ୍ୟାନ କରି କେବଳ ଭାଷଣ ଦିଅନାହିଁ ।"

"ସମୁଦ୍ର ପବିତ୍ର ବୋଲି ବିଚାର କରାଯାଏ । ଏହା ଯେକୌଣସି ନଦୀଠାରୁ ମଧ୍ୟ ପବିତ୍ର କାରଣ ସବୁ ନଦୀ ଏହା ମଧ୍ୟରେ ଜଳ ଢାଳି ଦେଇଥାନ୍ତି । ଭାରତର ବିଭିନ୍ନ ସ୍ଥାନରୁ କର୍ମୀମାନେ ଆସି ଏଠାରେ ଏକତ୍ରିତ ହୋଇଛନ୍ତି । ତେଣୁ ଏହା ଏକ ପବିତ୍ର ସମ୍ମିଳନୀ (ସମାବେଶ) । ଏମାନେ ବିଭିନ୍ନ ଭକ୍ତସ୍ରୋତର ପ୍ରତିନିଧିତ୍ୱ କରନ୍ତି । ପ୍ରତ୍ୟେକ ନିଜ ନିଜ ଘରକୁ ଆଧ୍ୟାତ୍ମିକ ଜ୍ଞାନ ପରିବହନ କରିବାକୁ ଏହି ସମ୍ମିଳନୀ ପନ୍ଥା ନିର୍ଣ୍ଣୟ କରିବ । କାରଣ ଆଧୁନିକ ଯନ୍ତ୍ର ସଭ୍ୟତାର ମହାବନ୍ୟା ମଣିଷର ଦୈବତ୍ୱକୁ ଅଚିରେ ଧ୍ୱଂସ କରିବାକୁ ବସିଛି ।"

"ପ୍ରଥମେ ନିଜ ଭିତରେ ଏକତା ପ୍ରତିଷ୍ଠା କର । ଅନ୍ୟର ନିନ୍ଦା କର ନାହିଁ କିମ୍ବା ନିଜର ପ୍ରଶଂସା କର ନାହିଁ । ଭଗବାନଙ୍କ ପିତୃତ୍ୱ ଓ ମାନବର ଭ୍ରାତୃତ୍ୱ ଉପରେ ପୂର୍ଣ୍ଣ ବିଶ୍ୱାସ ରଖ । ତୁମର ପ୍ରତ୍ୟେକ କାର୍ଯ୍ୟକୁ ସମ୍ମାନବୋଧ ଓ ପ୍ରେମରେ ଭରିଦିଅ । ସପ୍ତାହରେ ଥରେ କିମ୍ବା ପନ୍ଦରଦିନରେ କିମ୍ବା ଗୋଟିଏ ମାସରେ ଥରେ ଏକାଠି ହୁଅ । ସେଠାରେ କେହି ତୁମକୁ ପ୍ରବଚନ ଦେଉ କିମ୍ବା ସେଠାରେ ଭଜନ, ଅଧ୍ୟୟନ ବା ଧ୍ୟାନରେ ନିଜକୁ ନିୟୋଜିତ କର । ଆଧ୍ୟାତ୍ମିକ ବନ୍ଧୁତ୍ୱର ଆବେଗକୁ ଅନୁଭବ କର ।"

"ସଂଗଠନର ପ୍ରତ୍ୟେକ ସଭ୍ୟ ତାଙ୍କୁ ଦିଆଯାଇଥିବା କାର୍ଯ୍ୟ ନିଶ୍ଚୟ ସଂପାଦନ କରିବେ । ଶାରୀରିକ ଅସୁବିଧା ନଥିଲେ ପ୍ରତ୍ୟେକ ନିଶ୍ଚୟ ଏଭଳି ସଭାରେ ଯୋଗ ଦେବେ ।"

"ମୁଁ ଏଠାରେ ଆଉ ଗୋଟିଏ କଥା କହିବି । ତୁମେ ଯେଉଁଠାରେ ଥାଅ ଏବଂ ତୁମେ ଯେ କୌଣସି କାର୍ଯ୍ୟ କର ନା କାହିଁକି, ଏହାକୁ ଏକ ପୂଜା ବା ଆରାଧନା, ଅର୍ଚ୍ଚନା ବା ଭଗବାନଙ୍କର ମହିମା କୀର୍ତ୍ତନ କଲାଭଳି କାର୍ଯ୍ୟ ବୋଲି ବିଚାର କରିବା ଉଚିତ । ଭଗବାନ ହେଉଛନ୍ତି ପ୍ରୋତ୍ସାହକ, ସର୍ବଦ୍ରଷ୍ଟା ଏବଂ ଗୁରୁ । ତୁମେ ତୁମ କାର୍ଯ୍ୟକୁ 'ଏହା ମୋ ପାଇଁ' ଏବଂ 'ଏହା ଭଗବାନଙ୍କ ପାଇଁ' କହି ଭାଗ ଭାଗ କରନାହିଁ । ସବୁ କାର୍ଯ୍ୟକୁ ଏକାଭଳି ଦେଖ । ଶାସ୍ତ୍ରୋକ୍ତ ଉପଦେଶ ଅନୁସାରେ କୌଣସି କାର୍ଯ୍ୟର ବଳକା ଅଂଶ ଋଣ ଆକାରରେ ବା ରୋଗ ଆକାରରେ ଅଥବା ଜନ୍ମ ମୃତ୍ୟୁର ଚକ୍ର ଭିତରେ ଶତ୍ରୁ ବିରୁଦ୍ଧରେ ପ୍ରତିଶୋଧ ମୂଳକ ମନୋବୃତ୍ତି ନେଇ ଛାଡ଼ି ଯାଅ ନାହିଁ । ଶେଷ ପର୍ଯ୍ୟନ୍ତ ଅଗ୍ରସର ହୋଇ କାର୍ଯ୍ୟ ସମାପ୍ତ କର । ଯଦି ତୁମେ ସବୁ କାର୍ଯ୍ୟକୁ ଭଗବାନଙ୍କ ପାଦପଦ୍ମରେ ଅର୍ପଣ କର ଏବଂ ଏହି କାର୍ଯ୍ୟଗୁଡ଼ିକୁ ଅହଂକାର ଜନିତ ସାଂସାରିକ ବନ୍ଧନଠାରୁ ଦୂରେଇ ରଖ, ତେବେ ଫଳସ୍ୱରୂପ ତୁମେ ଆଉ ବନ୍ଧନ ଭିତରେ ନ ରହି ମୁକ୍ତି ପାଇବ ଓ ମୋକ୍ଷ ପ୍ରାପ୍ତ ହେବ ।"

□□

ଅଧ୍ୟାୟ - ୨୮

ଭଗବାନ ଶ୍ରୀ ସତ୍ୟସାଇ ସେବା ସଂଗଠନର ବିଶ୍ୱ ସମ୍ମିଳନୀ

ଭଗବାନ ଶ୍ରୀ ସତ୍ୟସାଇ ସେବା ସଂଗଠନର ପ୍ରଥମ ବିଶ୍ୱ ସମ୍ମିଳନୀ ୧୯୬୮ ମସିହା ମଇ ମାସ ୧୬ ତାରିଖଠାରୁ ୧୮ ତାରିଖ ପର୍ଯ୍ୟନ୍ତ ବମ୍ବେରେ ଅବସ୍ଥିତ ଭଗବାନଙ୍କର ମନ୍ଦିର ଧର୍ମକ୍ଷେତ୍ରଠାରେ ଅନୁଷ୍ଠିତ ହୋଇଥିଲା । ଏହି ମନ୍ଦିର ନଗର ଉପକଣ୍ଠ (ସହର ତଳି ଅଞ୍ଚଳ) ଅନ୍ଧେରୀର ମହାକାଳୀ କେଭ୍ ରୋଡ଼ରେ ଅବସ୍ଥିତ । ଭକ୍ତମାନେ ଅତି କମ୍ ସମୟ ମଧ୍ୟରେ ଏହି ମନ୍ଦିର ନିର୍ମାଣ କରିଛନ୍ତି । ଏହାର ଉଦ୍‌ଘାଟନ ଉତ୍ସବରେ ପରମପ୍ରିୟ ସ୍ୱାମୀ କହିଥିଲେ ''ଦେଖ ଯେପରି ସବୁ ଭକ୍ତ ଐକ୍ୟବଦ୍ଧ ହୋଇ ରହନ୍ତି । ଏହାକୁ କୁରୁକ୍ଷେତ୍ରରେ ପରିଣତ କରିଦିଅ ନାହିଁ । ଏହାକୁ ଧର୍ମକ୍ଷେତ୍ର ଭାବରେ ସବୁଦିନ ପାଇଁ ରହିବାକୁ ଦିଅ ।''

ବିଭିନ୍ନ ଦେଶରୁ ଆସିଥିବା ପ୍ରତିନିଧିମାନଙ୍କୁ ପାଶ୍ ଦିଆଯାଇଥିଲା । ଅଧିକାଂଶ ଉଚ୍ଚପଦସ୍ଥ ସମ୍ମାନିତ ବ୍ୟକ୍ତି ଏହି ପ୍ରଥମ ସମ୍ମିଳନୀରେ ଯୋଗ ଦେଇଥିଲେ । ଏହି ଅବସରରେ ମଧ୍ୟ ମୋର ପତ୍ନୀ ନନ୍ଦା ଓ ମୁଁ କୌଣସି ପାଶ୍ ପାଇ ନ ଥିଲୁ । କାରଣ ଆମେ କର୍ମକର୍ତ୍ତା ବା ଉଚ୍ଚପଦସ୍ଥ ବ୍ୟକ୍ତି ନ ଥିଲୁ । ଯେହେତୁ ମୁଁ ଏହି ଶରୀରକୁ ପରମପ୍ରିୟ ସ୍ୱାମୀଙ୍କ ପାଦପଦ୍ମରେ ସମର୍ପଣ କରି ଦେଇଛି, ମୁଁ ଭାବେ ଆମ ଜୀବନରେ ଯାହାସବୁ ଘଟୁଛି ସେ ସବୁ ଭଗବାନଙ୍କ ଇଚ୍ଛା ଅନୁସାରେ ହିଁ ଘଟୁଛ । ତେଣୁ ମୁଁ ଭାବିଥିଲି ବୋଧହୁଏ ଆମେ ପ୍ରଥମ ବିଶ୍ୱସମ୍ମିଳନୀରେ ଯୋଗ ଦେବାପାଇଁ ସେ ଚାହୁଁନାହାନ୍ତି ।

ନନ୍ଦା କହିଥିଲେ ''ଏଠାରୁ (ଜାମନଗରରୁ) ପୁଟ୍ଟାପର୍ତ୍ତି ଯାଇ ପରମପ୍ରିୟ ସ୍ୱାମୀଙ୍କର ଦିବ୍ୟଦର୍ଶନ ଲାଭ କରିବା ପାଇଁ ଦୂରତା ଯଥେଷ୍ଟ ବେଶୀ । ସେ ବର୍ତ୍ତମାନ ଅଧାବାଟ ଆସି ସାରିଛନ୍ତି । ତେଣୁ ବମ୍ବେ ଯାଇ ଆମେ କାହିଁକି ତାଙ୍କ ଦର୍ଶନ ଲାଭ ନ କରିବା ।'' ମୁଁ ଉତ୍ତର ଦେଇଥିଲି ''ପ୍ରଶାନ୍ତି ନିଳୟମରେ ତାଙ୍କୁ ଅତି ପାଖରୁ ଦର୍ଶନ କରିହେବ । ବମ୍ବେରେ ଭକ୍ତମାନଙ୍କର ବିରାଟ ଗହଳି ମଧ୍ୟରେ ଆମକୁ ବସିବାକୁ ବା ଠିଆ ହେବାକୁ ପଡ଼ିବ ଏବଂ ଦୂରରୁ ତାଙ୍କୁ ଦର୍ଶନ କରିହେବ । ଯାହା ହେଉ ଯଦି ତୁମେ ବମ୍ବେ ଯିବାକୁ ଚାହୁଁଛ ମୋର କିଛି ଆପତ୍ତି ନାହିଁ ।''

ଆମେ ଦୁହେଁ ବମ୍ବେର ଧର୍ମକ୍ଷେତ୍ର ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କଲୁ । ରେଳଗାଡ଼ି ଭିତରେ ଅତି ପାଖରୁ ଆମକୁ ଦିବ୍ୟଦର୍ଶନ ଦେବା ପାଇଁ ଅତ୍ୟନ୍ତ ଆଗ୍ରହର ସହିତ ଆମେ ପରମପ୍ରିୟ ସ୍ୱାମୀଙ୍କୁ ବ୍ୟାକୁଳ ପ୍ରାର୍ଥନା ଜଣାଇଥିଲୁ । ଭଗବାନ ଆମର ପ୍ରାର୍ଥନା ଜାଣିପାରିଥିଲେ ଏବଂ ତାଙ୍କର ପ୍ରେମ ଓ ଅନୁଗ୍ରହ ପ୍ରଦାନ କରିଥିଲେ । ଯେତେବେଳେ ପ୍ରାର୍ଥନା ହୃଦୟ ମଧ୍ୟରୁ ନିସୃତ ହୋଇଥାଏ ଭଗବାନ ନିଶ୍ଚିତ ଭାବରେ ତାହା ଶୁଣିଥାନ୍ତି ।

ଧର୍ମକ୍ଷେତ୍ରରେ ମୁଖ୍ୟ ସ୍ୱେଚ୍ଛାସେବକ ମୋତେ ପଚାରିଲେ ''ଆପଣ କଣ ଡକ୍ଟର ଗଡ଼ିଆ ?'' ମୋର ସମ୍ମତି ସୂଚକ ଉତ୍ତର ଶୁଣି ସେ କହିଥିଲେ ''ମୋତେ ସ୍ୱାମୀ ଏହି ଗେଟ୍ ପାଖରେ ଅପେକ୍ଷା କରିବାକୁ କହିଥିଲେ । ଟାଇପିନ୍ଧା ଲୋକଟିଏ ଦେଖିଲେ ସେ ଡକ୍ଟର ଗଡ଼ିଆ କି ନୁହେଁ ପଚାରିବି ବୋଲି ସେ ନିର୍ଦ୍ଦେଶ ଦେଇଥିଲେ । ସ୍ୱାମୀ କହିଥିଲେ ଯେ ସେ ତାଙ୍କ ପତ୍ନୀଙ୍କ ସହିତ ଆସିଥିବେ ଏବଂ ସେମାନଙ୍କୁ ସିଧାସଳଖ ନେଇଯିବାକୁ ମୋତେ ନିର୍ଦ୍ଦେଶ ମିଳିଥିଲା ।''

ଆମେ ସମ୍ମୁଖ କୋଠରୀରେ ପହଞ୍ଚିବା ମାତ୍ରେ ସ୍ୱାମୀ ମୋତେ ପଚାରିଥିଲେ ''ତୁମେ ସମ୍ମିଳନୀରେ ଯୋଗ ଦେଲ ନାହିଁ କାହିଁକି ?'' ମୁଁ ଉତ୍ତର ଦେଲି ''ସ୍ୱାମୀ, ଆମେ ସମ୍ମିଳନୀରେ ଯୋଗ ଦେବା ପାଇଁ ପାଶ୍ ପାଇ ନଥିଲୁ ।'' ସେ କହିଥିଲେ ''ସାବଧାନତାର ସହିତ ଶୁଣ । ଏଣିକି ତୁମ ପାଇଁ କୌଣସି ପାଶ୍‌ର ଆବଶ୍ୟକତା ନାହିଁ । ତୁମେ ସିଧାସଳଖ ଆସ, ମୁଖ୍ୟ ସ୍ୱେଚ୍ଛାସେବକଙ୍କୁ ଜଣାଅ । ସ୍ୱାମୀ ତୁମକୁ ସଂଗେ ସଂଗେ ସମ୍ମିଳନୀକୁ ନେବାର ବ୍ୟବସ୍ଥା କରିବେ । କଣ ସବୁ ବୁଝୁଛ ତ ?'' ମୁଁ ନରମ ଗଳାରେ ଉତ୍ତର ଦେଲି ''ହଁ, ସ୍ୱାମୀ ।'' ସେ ଆମ ପାଇଁ ବିଭୂତି ସୃଷ୍ଟି କରିଦେଲେ ଏବଂ କହିଥିଲେ ''ଏବେ ତୁମେ ଯାଇପାର ।'' ଏହିପରି ଆମ ପ୍ରାର୍ଥନା ଅନୁସାରେ ସ୍ୱାମୀ ମୁହାଁମୁହିଁ ଆମକୁ ଦର୍ଶନ ଦେଇଥିଲେ ।

ଆମେ ସଂଗେ ସଂଗେ ହୃଦୟରେ ଏକ ସୁନ୍ଦର ଉଷ୍ମ ଅନୁଭୂତି ନେଇ ଜାମନଗରକୁ ଫେରି ଆସିଥିଲୁ ଏବଂ ପରମପ୍ରିୟ ସ୍ୱାମୀଙ୍କର ବିସ୍ମୟଭରା ଲୀଳାକୁ ସ୍ମରଣ କରୁଥିଲୁ । ସ୍ୱାଭାବିକ ଭାବରେ ମୁଁ ନନ୍ଦାଙ୍କୁ ଧନ୍ୟବାଦ ଦେଇଥିଲି କାରଣ ସେ ପ୍ରସ୍ତାବ ଦେଇ ନ ଥିଲେ ମୁଁ ମୋ ନିଜ ଇଚ୍ଛା ଅନୁସାରେ ବମ୍ବେ ଯାଇ ନଥାନ୍ତି ।

ଆସନ୍ତୁ ପରମପ୍ରିୟ ସ୍ୱାମୀ ପ୍ରଥମ ବିଶ୍ୱ ସମ୍ମିଳନୀ ଅବସରରେ ଦେଇଥିବା ବାର୍ତ୍ତା ସହ ଏହି ଅଧ୍ୟାୟଟି ଶେଷ କରିବା ।

''ପୃଥିବୀର ବିଭିନ୍ନ କୋଣରୁ ଆସିଥିବା ସତ୍ୟସାଇ ସେବା ସଂଗଠନ ଗୁଡ଼ିକର ସଭାପତି, ଉପସଭାପତି ଓ ସମ୍ପାଦକମାନେ ଏଠାରେ ଉପସ୍ଥିତ ଅଛନ୍ତି । ତୁମେ ସବୁ

'ସାଇସେନା'ର କାର୍ଯ୍ୟନିର୍ବାହୀ କର୍ମକର୍ତ୍ତା । ତୁମେ ଯେତେବେଳେ ଯୁଦ୍ଧକୌଶଳର ଜଟିଳତା ସଂପର୍କରେ ସଚେତନ ନୁହଁ ତୁମେ ଯୁଦ୍ଧଭୂମି ମଧ୍ୟକୁ ସୈନ୍ୟଚାଳନା କରିବ କିପରି ? ତୁମେ ନିଜେ ଯେତେବେଳେ ଅକାମୀ ଯନ୍ତ୍ରଭଳି ରହିଛ ସେତେବେଳେ ଏହା ତୁମେ କିପରି ବା କରିପାରିବ ? ଯେତେବେଳେ ତୁମେ ଦକ୍ଷତା ହାସଲ ପାଇଁ ରହିଥିବା ଶୃଙ୍ଖଳା ନିଜେ ଅଭ୍ୟାସ କରିବ, ସେତେବେଳେ ତୁମେ ଅନ୍ୟମାନଙ୍କୁ ନେତୃତ୍ୱ ଦେଇପାରିବ । ମାନବିକ କାର୍ଯ୍ୟର ସବୁ କ୍ଷେତ୍ର ପାଇଁ ଏହା ସତ୍ୟ । ତୁମେ ପ୍ରଥମେ ଆନନ୍ଦ ଓ ପ୍ରଶାନ୍ତି ଲାଭ କରିବା ଉଚିତ ଏବଂ ପରେ ଯାଇ ତୁମେ ଅନ୍ୟମାନଙ୍କୁ ଏ ସଂପର୍କରେ ପରାମର୍ଶ ଦେଇପାରିବ ।''

''ଛାତ୍ରମାନେ ଯାହା ହେବା ଆବଶ୍ୟକ ବୋଲି ବିଦ୍ୟାଳୟର ଶିକ୍ଷକମାନେ ଚାହାଁନ୍ତି, ପ୍ରଥମେ ସେମାନେ ନିଜେ ତାର ଉଦାହରଣ ସୃଷ୍ଟି କରିବା ଦରକାର । କର୍ତ୍ତୃତ୍ୱ ଜାହିର କରୁଥିବା ବ୍ୟକ୍ତି ପ୍ରେମ ଓ ସହଯୋଗର ନୀତି ଅନୁସରଣ କରିବାକୁ ପରାମର୍ଶ ଦେବା ପୂର୍ବରୁ ନିଜେ ସେସବୁ ମୂଲ୍ୟବୋଧକୁ ଅଭ୍ୟାସ କରିବା ଦରକାର । ଆଜିକାଲି ଲୋକମାନେ କାହାରି ନେତୃତ୍ୱକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି । ନେତାମାନଙ୍କର ନେତୃତ୍ୱ ଦେବାର କ୍ଷମତା ମଧ୍ୟ ନାହିଁ । ସବୁଠାରେ ମଣିଷ ସମାଜର ବିଭିନ୍ନ ଗୋଷ୍ଠୀରେ ଅଶାନ୍ତି ସୀମା ଲଙ୍ଘନ କରିଚାଲିଛି । ଏହାର କାରଣ ହେଲା ପିତାମାତା, ଶିକ୍ଷକ, ପ୍ରଶାସକ ଓ ନେତାମାନଙ୍କର ଦାୟିତ୍ୱହୀନତା । ସୁବିଧାବାଦୀ ଗୋଷ୍ଠୀ, ଯେଉଁମାନେ ଫାଇଦା ଉଠାଇବା ପାଇଁ ଉଦ୍ୟମ କରୁଛନ୍ତି ସେମାନେ ମଧ୍ୟ ଏଥିପାଇଁ ଦାୟୀ ।''

''ନାମ ସ୍ମରଣ ଆଧ୍ୟାତ୍ମିକ ସାଧନାର ଏକ ମୌଳିକ ଶୃଙ୍ଖଳା । ସେଇଥିପାଇଁ ଏହି ସମ୍ମିଳନୀ ନାମସ୍ମରଣ ଉପରେ ଅଧିକ ଧ୍ୟାନ ଦେଇଛି । ମୁଁ ମୋର ସମ୍ଭାଷଣରେ ସାଇଙ୍କ ସଂପର୍କରେ କହେ ନାହିଁ ଏବଂ ସମ୍ଭାଷଣ ଶେଷରେ ସାଧାରଣତଃ ମୁଁ ଭଜନ ଗାଇଥାଏ । ମାତ୍ର ସେତେବେଳେ ମୁଁ ସାଇଙ୍କ ସଂପର୍କରେ ଭଜନ ଗାନ କରେ ନାହିଁ । ମୁଁ କାହିଁକି ଏପରି କରେ ସେକଥା ଭାବି ତୁମେ ଆଶ୍ଚର୍ଯ୍ୟ ହେଉଥିବ । ମୁଁ ଚାହେଁନା ଏହି ନାମ ପ୍ରଭାବ ବିସ୍ତାର କରୁ କାରଣ ମୁଁ ଚାହେଁନା କେବଳ ଏହି ନାମ ଓ ରୂପ ପ୍ରଚାରିତ ହେଉ ।''

''ଏ ସଂପର୍କରେ ଲୋକମାନେ ଭୁଲ୍ ବୁଝିବା ମୁଁ ଚାହେଁ ନାହିଁ । ମୁଁ ଦୃଢ଼ ଭାବରେ ଘୋଷଣା କରୁଛି ଯେ ସାଇ ରୂପ ହେଉଛି ସେହି ନାମର ରୂପ ଯାହା ତୁମେ ପୂଜା ପାଇଁ ବ୍ୟବହାର କରୁଛ । ତେଣୁ ମୁଁ ତୁମକୁ ଉପଦେଶ ଦେବାକୁ ଚାହେଁ ଯେ ରାମ, କୃଷ୍ଣ, ଈଶ୍ୱର ଓ ସାଇ ନାମ ଭିତରେ କୌଣସି ପ୍ରଭେଦ ରଖିବା ଉଚିତ ନୁହେଁ କାରଣ ସବୁ ନାମ ହେଉଛି ମୋର ।''

''ତୁମେ ମୋର କାର୍ଯ୍ୟକଳାପ ଓ ମୋତେ ଲକ୍ଷ୍ୟ କରିପାର । ମୁଁ କିପରି ଧର୍ମ, ନୈତିକ ଶୃଙ୍ଖଳା, ସତ୍ୟ ଓ ବିଶ୍ୱ କଲ୍ୟାଣ ସହ ସଂଲଗ୍ନ ତାହା ଲକ୍ଷ୍ୟ କର । ମୋଠାରୁ ତୁମେ ତାହାହିଁ ଶିକ୍ଷାକର ବୋଲି ମୁଁ ଚାହେଁ । ତୁମ ମଧ୍ୟରୁ ଅନେକ ନିଜ ନିଜ ସମିତି ପାଇଁ ବାର୍ତ୍ତା ଦେବା ପାଇଁ ମୋତେ ଅନୁରୋଧ କରୁଛ । ଠିକ୍ ଅଛି, ମୋ ଜୀବନ ହିଁ ମୋର ବାର୍ତ୍ତା । ଯଦି ସେପରି ଜୀବନ ଧାରଣ କରିବାକୁ ଚାହୁଁଥାଅ ତେବେ ମୋର ଏହି ବାର୍ତ୍ତା ସହିତ ନିଜକୁ ସାମିଲ କର । ଯେଉଁମାନେ ବିପଥଗାମୀ ସେମାନଙ୍କର ସେବା କରିବା ପାଇଁ ତୁମ ଜୀବନ ଅନାସକ୍ତି, ଶାନ୍ତି, ସାହସ, ଆତ୍ମବିଶ୍ୱାସ ଓ ଆଗ୍ରହର ପ୍ରମାଣ ବୋଲି ଦେଖାଇ ଦିଅ । ଏଇଥିପାଇଁ ମୋ ଜୀବନ ତୁମକୁ ପ୍ରେରଣା ଦେଇଥାଏ ।''

''ଯେହେତୁ ଏଠାରେ ଭକ୍ତିଥିବା ବହୁଲୋକ ଏକାଠି ହୋଇଛନ୍ତି ଏବଂ ଲୋକେ ବିଭିନ୍ନ ଦେଶରୁ ଏଠାକୁ ଆସିଛନ୍ତି, ମୁଁ ତୁମ୍ଭମାନଙ୍କୁ ଗୋଟିଏ କଥା ନ କହି ରହିପାରୁ ନାହିଁ ।''

''ଧର୍ମ ବା ଆଧ୍ୟାତ୍ମିକ ସମସ୍ୟା ପ୍ରତି ଉତ୍ସର୍ଗୀକୃତ ଏଭଳି ବିଶ୍ୱ ସମ୍ମିଳନୀ ପୂର୍ବରୁ କେବେ ହୋଇନାହିଁ । ଏଥିରେ ସନ୍ଦେହ କରିବାର ଆଦୌ ଅବକାଶ ନାହିଁ । କୌଣସି ଗୋଟିଏ ଧର୍ମ ବିଶ୍ୱାସର ଅନୁଗାମୀ ମାନଙ୍କର ମଧ୍ୟ ଏଭଳି ସମ୍ମିଳନୀ ହୋଇ ନାହିଁ । କେବଳ ଧର୍ମ ପ୍ରତିଷ୍ଠାତା ବା ଦିବ୍ୟ ପ୍ରେରଣାଦାତାମାନଙ୍କର ଦେହାନ୍ତ ହେବାପରେ ଏଭଳି ସମ୍ମିଳନୀ ହୋଇଛି । ପ୍ରତ୍ୟେକଙ୍କ ସମ୍ମୁଖରେ ସ୍ୱଦେହରେ ଅବତାର ଉପସ୍ଥିତ ଥାଇ ଭକ୍ତମାନଙ୍କର ଗୋଟିଏ ବିଶ୍ୱ ସମ୍ମିଳନୀ ହେବା ଏହା ହେଉଛି ସର୍ବପ୍ରଥମ । ଅବତାର ଆବଶ୍ୟକତା ଅନୁସାରେ ଶରୀର ଧାରଣ କରି ଏଥିପାଇଁ ନିଜେ ବାଛିଥିବା ନାମ ବହନ କରି ବିଶ୍ୱସମ୍ମିଳନୀରେ ଉପସ୍ଥିତ ଅଛନ୍ତି ।''

''ମୁଁ ଏହି ସତ୍ୟକୁ ତୁମ ଆଗରେ ପ୍ରକାଶ କରୁଛି କାରଣ ତୁମ ଭିତରୁ ଶହେ ଭାଗରୁ ଅନେଶୋତ ଭାଗ ଲୋକ ମୋର ବାସ୍ତବତା ସଂପର୍କରେ ଜାଣନ୍ତି ନାହିଁ । ଏକ ବିକଳ୍ପ ଆବଶ୍ୟକତା ପୂରଣ, ଆଧ୍ୟାତ୍ମିକ ତତ୍ତ୍ୱର ପରୀକ୍ଷା, ତୁମେ ସଂପୃକ୍ତ ଥିବା ଆଧ୍ୟାତ୍ମିକ ଅନୁଷ୍ଠାନ ଗଢ଼ିବା ପାଇଁ ଆଗ୍ରହ, ପ୍ରଶଂସା, ମମତା, ପ୍ରେମ କିମ୍ବା ସମ୍ମାନବୋଧ, ଅନ୍ୟମାନଙ୍କ ସହିତ ଏକାଠି ହେବାର ଆବେଗ ଓ ସେମାନଙ୍କ ସହିତ ଆନନ୍ଦ ଉଲ୍ଲାସରେ ଭାଗିଦାର ହେବାପାଇଁ ତୁମେ ସବୁ ଏଠାକୁ ଟାଣି ହୋଇ ଆସିଛ ।''

''ଯେହେତୁ ମୁଁ ତୁମ ସହିତ ବୁଲୁଛି, ତୁମଭଳି ଭୋଜନ କରୁଛି ଏବଂ ତୁମ ସହିତ କଥାବାର୍ତ୍ତା କରୁଛି, ତୁମେ ସାଧାରଣ ମଣିଷ ବୋଲି ଭାବି ଭ୍ରମରେ ପଡ଼ିଯାଇଛ । ଏହି ଭୁଲ୍ ପ୍ରତି ସତର୍କ ରୁହ । ମୁଁ ମଧ୍ୟ ତୁମ ସହିତ ଭଜନ ଗାଇ, କଥାବାର୍ତ୍ତା କରି ଏବଂ ବିଭିନ୍ନ କାର୍ଯ୍ୟରେ ତୁମ ସହିତ ସହଯୋଗ କରି ତୁମ ମନରେ ଏହି ଭ୍ରମ ସୃଷ୍ଟି କରିଛି ।

କିନ୍ତୁ ଯେ କୌଣସି ମୁହୂର୍ତ୍ତରେ ମୋର ଦୈବତ୍ୱ ପ୍ରକଟ ହୋଇପାରେ । ସେହି ମୁହୂର୍ତ୍ତ ପାଇଁ ପ୍ରସ୍ତୁତ ହୋଇ ରହିଥାଅ । ଯେହେତୁ ମାନବତ୍ୱ ଦୈବତ୍ୱକୁ ଘୋଡ଼ାଇ ରଖିଛି, ତୁମକୁ ତୁମ ଆଖି ଆଗରୁ ନିଶ୍ଚୟ ମାୟାର ପରଦା ହଟାଇ ଦେବାକୁ ପଡ଼ିବ ।''

''ଏହା ଏକ ମାନବ ଶରୀର । ଏଥିରେ ପ୍ରତିଟି ଦୈବୀ ସତ୍ତା, ଦିବ୍ୟ ବିଧାନ ଯଥା ଭଗବାନଙ୍କୁ ମଣିଷ ଦେଇଥିବା ସବୁ ନାମ ଓ ସବୁ ରୂପ ଠୁଳ ହୋଇ ରହିଛି । ଏ ଶରୀର ସର୍ବଦେବତା ସ୍ୱରୂପ । ବିକଶିତ ହେବା ପାଇଁ ସନ୍ଦେହକୁ ମନରେ ସ୍ଥାନ ଦିଅନାହିଁ । ତୁମ ହୃଦୟ କନ୍ଦରରେ ଯଦି ଦିବ୍ୟ ମୂର୍ତ୍ତିକୁ ପ୍ରତିଷ୍ଠା କର ଏବଂ ମୋର ଦୈବତ୍ୱ ଉପରେ ଦୃଢ଼ ବିଶ୍ୱାସ ରଖ, ତେବେ ତୁମେ ମୋର ବାସ୍ତବତାକୁ ଦେଖିପାରିବ । ଅନ୍ୟଥା ଯଦି ତୁମେ ପେଣ୍ଡୁଲମ ବା ଘଣ୍ଟା କଣ୍ଟାପରି ଅସ୍ଥିର ହୁଅ, କେତେବେଳେ ଭକ୍ତି ତ ଆଉ କେତେବେଳେ ଅବିଶ୍ୱାସ ମଧ୍ୟରେ ଦୋଳାୟମାନ ରୁହ, ତେବେ କେବେହେଲେ ତୁମେ ସତ୍ୟକୁ ଉପଲବ୍ଧି କରିବାରେ ସଫଳ ହେବ ନାହିଁ ଏବଂ ପରମାନନ୍ଦ ଲାଭ କରିପାରିବ ନାହିଁ । ତୁମେ ଭାଗ୍ୟବାନ ଯେ ତୁମେ ଏହି ଜୀବନରେ ସର୍ବଦେବତା ସ୍ୱରୂପ ଭଗବାନଙ୍କର ଦିବ୍ୟଦର୍ଶନ ଲାଭ କରିବାର ସୁଯୋଗ ପାଇଛ । ତୁମେ ନିଶ୍ଚିତ ରୁହ ଯେ ଏହି ମାନବ ଶରୀର ହେଉଛି ଅତିଭୌତିକ ଦୈବତ୍ୱ ଏବଂ ତାହାହିଁ ମୋର ବାସ୍ତବତାର ଭିତ୍ତିଭୂମି ।''

''ପୁନଶ୍ଚ ତୁମେ ଭାଗ୍ୟବାନ ଯେ ପୃଥିବୀର ସମସ୍ତ ଦେଶ ଭାରତକୁ ସମ୍ମାନ ଦେବାର ତୁମେ ଦେଖିପାରିବ । ସତ୍ୟସାଇଙ୍କ ନାମର ସମ୍ମାନ ପୃଥିବୀର କୋଣ ପ୍ରତିକୋଣରେ ପ୍ରତିଧ୍ୱନିତ ହେଉଥିବାର ତୁମେ ଶୁଣି ପାରିବ । ଏହା ସୁଦୂର ଭବିଷ୍ୟତରେ ନୁହେଁ, ଏହି ଶରୀର ତୁମ ସହିତ ଓ ତୁମ ଆଗରେ ଥିବା ସମୟ ମଧ୍ୟରେ ହିଁ ଘଟିବ ।''

''ତୁମେ ଦେଖିବ ଯେ ପୃଥିବୀରେ ଲୋକମାନଙ୍କ ମଙ୍ଗଳ ପାଇଁ ବେଦରେ ଉଲ୍ଲେଖ ଥିବା ଧର୍ମ, ସନାତନ ଧର୍ମ, ତାର ବାସ୍ତବ ରୂପ ଓ ସ୍ୱାଭାବିକ ସ୍ଥିତି ନେଇ ପୁନର୍ବାର ପ୍ରତିଷ୍ଠା ଲାଭ କରିଛି । ବୈଦିକ ଧର୍ମର ପୁନଃ ସଂସ୍ଥାପନା ହେଉଛି ସାଇ ସଂକଳ୍ପ । କେବଳ ଏହା ଦ୍ୱାରା ମୁଁ ଲୋକମାନଙ୍କୁ ମୋ ଆଡ଼କୁ ଆକର୍ଷଣ କରି ଆଣୁଛି ତାହା ନୁହେଁ ବରଂ ମୋର ଶକ୍ତି ଓ ସାମର୍ଥ୍ୟ ପ୍ରଦର୍ଶନ ଦ୍ୱାରା ସେମାନଙ୍କୁ ମୁଁ ପାଖକୁ ଟାଣି ଆଣୁଛି । ଏହା ଏକ ଭ୍ରମାତ୍ମକ ତତ୍ତ୍ୱ ନୁହେଁ । ଏହି କୌଶଳ ସତ୍ୟକୁ ସୁରକ୍ଷା ଦେବ ଏବଂ ଅସତ୍ୟର ମୂଳୋତ୍ପାଟନ କରିବ । ଏହି ବିଜୟ ତୁମ ସମସ୍ତଙ୍କ ଜୀବନକୁ ଆନନ୍ଦ ଉଲ୍ଲାସରେ ଭରିଦେବ । ଏହାହିଁ ସାଇ ସଂକଳ୍ପ ।''

□□

ଅଧ୍ୟାୟ - ୨୯

ସ୍ୱାମୀଙ୍କର ଗୁଜୁରାଟରେ ଦ୍ୱାରକା ଓ ମିଥାପୁର ପରିଦର୍ଶନ

ଜାମନଗର (ନବନଗର) ରାଜମାତାଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ସ୍ୱାମୀ ଦ୍ୱାରକା ପରିଦର୍ଶନ କରିଥିଲେ । ଏହି ଦ୍ୱାରକା ହେଉଛି ଏକ ନଗରୀ ଯେଉଁଠାରେ ସ୍ୱାମୀ ଭଗବାନ କୃଷ୍ଣ ନାମରେ ବାସ କରୁଥିଲେ ।

ଗୁଜୁରାଟ ସତ୍ୟସାଇ ସଂଗଠନର ସଭାପତି ଡକ୍ଟର ଚୂଡ଼ାସାମା ଦେଖିଲେ ଯେ ସ୍ୱାମୀ ଭଗବାନ ଶ୍ରୀକୃଷ୍ଣଙ୍କ ମନ୍ଦିର ମଧ୍ୟରେ ପ୍ରବେଶ କରିବା ପୂର୍ବରୁ ଗୋଟିଏ ଛୋଟ ସଭାଗୃହ ମଧ୍ୟରେ ଲୋକଙ୍କର ଅତ୍ୟଧିକ ଗହଳି ହୋଇଯାଇଛି । ତେଣୁ ସେ ମୁଖ୍ୟ ପୂଜକଙ୍କୁ ମନ୍ଦିର ସଂଲଗ୍ନ ପରବର୍ତ୍ତୀ କୋଠରୀଟିକୁ ଖୋଲିଦେବା ପାଇଁ ଅନୁରୋଧ କଲେ । ଫଳରେ ବାବା ସହଜରେ ମନ୍ଦିର ଭିତରକୁ ଯାଇପାରିବେ ଏବଂ ଶାନ୍ତି ଶୃଙ୍ଖଳା ମଧ୍ୟ ରକ୍ଷା କରାଯାଇ ପାରିବ । କିନ୍ତୁ ମୁଖ୍ୟ ପୂଜକ ଏହି କୋଠରୀଟିକୁ ଖୋଲିଦେବା ପାଇଁ ସକ୍ଷମ ହୋଇ ନଥିଲେ କାରଣ ସେହି କୋଠରୀଟି ପରମପୂଜ୍ୟ ଶଙ୍କରାଚାର୍ଯ୍ୟଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ପରମପ୍ରିୟ ସ୍ୱାମୀ ଏବଂ ତାଙ୍କର ଦକ୍ଷିଣ ହାତ ପରି କାର୍ଯ୍ୟ କରୁଥିବା ରାଜା ରେଡ଼ି ମନ୍ଦିର ମଧ୍ୟକୁ ପ୍ରବେଶ କରିବାକୁ ଉଦ୍ୟମ କଲାବେଳେ ଆଘାତପ୍ରାପ୍ତ ହୋଇଥିଲେ । ପରମପ୍ରିୟ ସ୍ୱାମୀ ମନ୍ଦିର ମଧ୍ୟରୁ ବାହାରକୁ ଆସିବା ପାଇଁ ଏକ ଅଲୌକିକ ଲୀଳା ପ୍ରଦର୍ଶନ କରିଥିଲେ । ସର୍ବଜ୍ଞ ହୋଇଥିବାରୁ ସେ ଡକ୍ଟର ଚୂଡ଼ାସାମା ଓ ମୁଖ୍ୟ ପୂଜକଙ୍କ ଶଙ୍କଟକୁ ବୁଝିପାରିଥିଲେ । ସ୍ୱାମୀ ରାଜା ରେଡ଼ିଙ୍କ ହାତକୁ ଧରିଥିଲେ ଏବଂ ଅଲୌକିକ ଭାବରେ ଉଭୟ ମୁହୂର୍ତ୍ତକ ମଧ୍ୟରେ ମନ୍ଦିର ବାହାରକୁ ଚାଲି ଆସିଥିଲେ । କ୍ଷଣକ ମଧ୍ୟରେ ଉଭୟ ରାଜମାତାଙ୍କ କାର୍ ନିକଟରେ ଠିଆ ହୋଇଥିବାର ଦେଖା ଯାଇଥିଲା । ରାଜା ରେଡ଼ିଙ୍କୁ କାର୍ ଚଳାଇବା ପାଇଁ ଛାଡ଼ିଦେଇ ପଛରେ ଆସିବାକୁ ସ୍ୱାମୀ ରାଜମାତାଙ୍କ ଡ୍ରାଇଭରକୁ ନିର୍ଦ୍ଦେଶ ଦେଇଥିଲେ । ସେମାନେ ପରବର୍ତ୍ତୀ ଲକ୍ଷ୍ୟସ୍ଥଳ ମିଥାପୁର ଚାଲିଗଲେ ବୋଲି ରାଜମାତାଙ୍କୁ ଜଣାଇ ଦେବାକୁ ସ୍ୱାମୀ ଡ୍ରାଇଭରକୁ କହିଥିଲେ ।

ଯେତେବେଳେ ଡ୍ରାଇଭର ରାଜମାତାଙ୍କୁ ଜଣାଇଲା ରାଜମାତା ସ୍ୱାମୀଙ୍କ ସହିତ ଯାଇପାରି ନଥିବାରୁ କ୍ଷୁବ୍ଧ ହୋଇଥିଲେ । ସେହି ମୁହୂର୍ତ୍ତକ ପାଇଁ ସେ ପରମପ୍ରିୟ ସ୍ୱାମୀଙ୍କର

ଦୈବତ୍ୱକୁ ଭୁଲିଯାଇଥିଲେ । ରାଜା ରେଡ଼ି ମିଥାପୁର ରାସ୍ତା ଜାଣି ନଥାଇ ପାରନ୍ତି ବୋଲି ରାଜମାତା ବ୍ୟସ୍ତ ହୋଇ ପଡ଼ିଥିଲେ ।

ମିଥାପୁରରେ ପହଞ୍ଚି ସ୍ୱାମୀ ତାଙ୍କର ଦିବ୍ୟବାର୍ତ୍ତା ପ୍ରଦାନ କରିଥିଲେ । ଏହାପରେ ଏକ ଉଦ୍‌ଫୁଲ୍ଲ ହେଲାପରି ଘଟଣା ଘଟିଥିଲା । ପୂର୍ବରୁ ସ୍ୱାମୀ ସମୁଦ୍ରରେ ଯେଉଁ ଅଲୌକିକତା ପ୍ରଦର୍ଶନ କରିଥିଲେ ଓ ସମୁଦ୍ରର ତୃଷା ବୃଦ୍ଧି କରିଥିଲେ ତାହା ପ୍ରଫେସର କସ୍ତୁରୀ ଦେଖିଥିଲେ । ତେଣୁ ସେ ମିଥାପୁର ସମୁଦ୍ର କୂଳକୁ ଯିବା ପାଇଁ ବାବାଙ୍କୁ ଅନୁରୋଧ କରିଥିଲେ । ସ୍ୱାମୀ କିନ୍ତୁ ପ୍ରଫେସର କସ୍ତୁରୀଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ ଏବଂ ବସିଯିବାକୁ ନିର୍ଦ୍ଦେଶ ଦେଇଥିଲେ । ପରେ ପରେ ଡକ୍ଟର ଚୂଡ଼ାସାମା ମଧ୍ୟ ସେହି ଏକା ପ୍ରସ୍ତାବ ଦେଇଥିଲେ । ସ୍ୱାମୀ କହିଥିଲେ "କସ୍ତୁରୀ ମଧ୍ୟ ଏଭଳି ପ୍ରସ୍ତାବ ଦେଇ ସାରିଛନ୍ତି । ସେ ହେଉଛି ଶାଶୁ ଓ ତୁମେ ହେଉଛ ବୋହୂ । ଏହା ସତ୍ୟ ନୁହେଁ କି ?" ଏକଥା ଶୁଣି ସମସ୍ତେ ହସିଥିଲେ ।

ଫେରିବା ବାଟରେ କେତୋଟି କାର୍ ସ୍ୱାମୀଙ୍କ କାର୍‌କୁ ଅନୁସରଣ କରୁଥିଲା । ଅଳ୍ପବାଟ ଯିବା ପରେ ସ୍ୱାମୀ କାର୍‌ଗୁଡ଼ିକୁ ଅଟକାଇଲେ ଏବଂ କସ୍ତୁରୀ ଓ ଚୂଡ଼ାସାମାଙ୍କୁ ଡାକି କହିଥିଲେ "ସ୍ୱାମୀ ସମୁଦ୍ରକୂଳକୁ ଯିବା ତୁମେ ଚାହୁଁଥିଲ । ଏହା ସତ୍ୟ ନୁହେଁ କି ? ଠିକ୍ ଅଛି । ଏହି ଛୋଟ ପାହାଡ଼ି ମୁଣ୍ଡିଆ ପଛରେ ସମୁଦ୍ର ରହିଛି । ସମସ୍ତେ ଚାଲ ପାହାଡ଼ ଉପରକୁ ଉଠିବା ଏବଂ ସେପଟରେ ସମୁଦ୍ର କୂଳକୁ ଓହ୍ଲାଇବା ।"

ସମୁଦ୍ର କୂଳର ଦୃଶ୍ୟ ଅତ୍ୟନ୍ତ ମନୋରମ ଥିଲା । ଭକ୍ତମାନଙ୍କ ମଝିରେ ପରମପ୍ରିୟ ସ୍ୱାମୀ ବାଲିର ଏକ କୁଦ ତିଆରି କଲେ ଏବଂ ହିନ୍ଦୀରେ କହିଥିଲେ "ଦ୍ୱାରକା ମେ କଷ୍ଟ ଦର୍ଶନ ହୁଆ, ଯାହାଁ କୃଷ୍ଣକା ଦର୍ଶନ ହୋଗା ।" (ଅର୍ଥାତ୍ ଦ୍ୱାରକାରେ କୃଷ୍ଣଙ୍କ ମନ୍ଦିରକୁ ଯିବା କଷ୍ଟକର ହୋଇଥିଲା । ମାତ୍ର ଏଠାରେ ଆମେ କୃଷ୍ଣଙ୍କୁ ଦର୍ଶନ କରିବା) । ଆଶ୍ଚର୍ଯ୍ୟ, ବାବା ବାଲିକୁଦ ମଧ୍ୟରୁ ସୃଷ୍ଟିକରି ଏକ ସୁନାର କୃଷ୍ଣମୂର୍ତ୍ତି ବାହାର କରି ଆଣିଲେ । ଏହାର ଓଜନ ଶହେ ତୋଳା ଓ ଉଚ୍ଚତା ୧୬ ଇଞ୍ଚ (୪୦ ସି.ଏମ୍.) ଥିଲା । ସ୍ୱାମୀ ଅତି ପ୍ରେମରେ ଏହି ସୁନା ମୂର୍ତ୍ତିଟିକୁ ରାଜମାତାଙ୍କୁ ତାଙ୍କର କଠିନ ପରିଶ୍ରମ ତଥା ସମସ୍ତଙ୍କ ପ୍ରତି ରହିଥିବା ପ୍ରେମ ଓ ସ୍ୱାମୀଙ୍କର ଏହି ଆନନ୍ଦମୟ ଯାତ୍ରାର ସମସ୍ତ ଖର୍ଚ୍ଚ ବହନ କରିବା ଘଟଣାର ପ୍ରତୀକ ରୂପେ ଉପହାର ଦେଇଥିଲେ ।

ପରମପ୍ରିୟ ସ୍ୱାମୀ ଭକ୍ତି ଓ ପ୍ରେମର ସହିତ ଅର୍ପଣ କରାଯାଉଥିବା ସମସ୍ତ ଉପହାର ଗ୍ରହଣ କରିଥାନ୍ତି । ପ୍ରତିବଦଳରେ ସେ ଉପହାରଠାରୁ ଯଥେଷ୍ଟ ଅଧିକ ଦେଇଥାନ୍ତି ।

ଡକ୍ଟର ଚୂଡ଼ାସାମା ପରେ କହିଥିଲେ ଯେ ସେ ବହୁଥର ଏହି ବାଟଦେଇ ଯାଇଛନ୍ତି ମାତ୍ର ପାହାଡ଼ି ମୁଣ୍ଡିଆ ସେପଟେ ଏତେ ସୁନ୍ଦର ସମୁଦ୍ରବେଳା ରହିଛି ବୋଲି ଜାଣି

ନଥିଲେ । ଯେତେବେଳେ ସେ କୃଷ୍ଣମୂର୍ତ୍ତିଟି ନିଜ ହାତରେ ଧରିଲେ, ଏହା ଭିତର ଫମ୍ପା ନୁହେଁ ବୋଲି ଅନୁଭବ କରିଥିଲେ । ଏହା ଥିଲା ନିଦା ସୁନା ।

ଡକ୍ଟର ଚୂଡ଼ାସାମା ଥରେ ତାଙ୍କ ଝିଅକୁ ଦେଖିବା ପାଇଁ ଲଣ୍ଡନ ଆସିଥିଲେ । ମୁଁ ସେତେବେଳେ ଲେସେଷ୍ଟରରେ ରହୁଥିଲି ଏବଂ ତାଙ୍କୁ ଯୁକ୍ତରାଜ୍ୟର ବିଭିନ୍ନ ସାଇକେନ୍ଦ୍ରକୁ ନେଇଥିଲି । ଏହି କେନ୍ଦ୍ରଗୁଡ଼ିକରେ ସେ ଉପରୋକ୍ତ ଘଟଣା ଗୁଡ଼ିକର ସଂକ୍ଷିପ୍ତ ବିବରଣୀ ଦେଇଥିଲେ । ଏହା ଶୁଣିବା ପରେ ସମସ୍ତେ ପରମପ୍ରିୟ ସ୍ୱାମୀଙ୍କର ଦିବ୍ୟଶକ୍ତି କଥା ଜାଣିପାରିଥିଲେ । ସେ କହିଥିଲେ "ଆମେ ଜାଣୁ ପରମପ୍ରିୟ ସ୍ୱାମୀ ସମାଧିସ୍ଥ (ଦେହାନ୍ତର) ହୋଇ ନିଜକୁ ବିଭିନ୍ନ ରୂପରେ ଓ ବିଭିନ୍ନ ସ୍ଥାନରେ ଏକାସମୟରେ ପ୍ରକଟ କରି ଭକ୍ତମାନଙ୍କର ଜୀବନ ରକ୍ଷା କରିଥାନ୍ତି । କିନ୍ତୁ ଆମେ ଯେତେଦୂର ଜାଣୁ ପ୍ରଥମଥର ପାଇଁ ସ୍ୱାମୀ ଅନ୍ୟଜଣକୁ ସାଙ୍ଗରେ ନେଇ ସମାଧିସ୍ଥ ବା ଦେହାନ୍ତର ଗମନ କରି ଅନ୍ୟତ୍ର ପ୍ରକଟିତ ହୋଇଥିଲେ । (ଏଥିରେ ସେ ରାଜା ରେଡ଼ିଙ୍କ ସହିତ ମନ୍ଦିର ମଧ୍ୟରୁ ଅଦୃଶ୍ୟ ହୋଇ କାର୍ ନିକଟରେ ନିଜକୁ ଓ ରାଜା ରେଡ଼ିଙ୍କୁ ପ୍ରକଟ କରିଥିଲେ) । ଏହି ଘଟଣାରେ ଉଭୟ ନିରାପଦରେ ସ୍ଥାନାନ୍ତରିତ ହୋଇଥିଲେ ।

ରାଜା ରେଡ଼ି

ରାଜା ରେଡ଼ି ବାବାଙ୍କ ସହିତ ରହୁଥିଲେ ଏବଂ ପ୍ରତ୍ୟହ ୨୪ ଘଣ୍ଟା ତାଙ୍କର ସେବା କରୁଥିଲେ । ତାଙ୍କର କଣ୍ଠସ୍ୱର ଅତ୍ୟନ୍ତ ଶ୍ରୁତି ମଧୁର, ଲାଳିତ୍ୟପୂର୍ଣ୍ଣ ଏବଂ ତାଙ୍କର ଭଜନ ଗାନ ହଜାର ହଜାର ଭକ୍ତଙ୍କ ହୃଦୟକୁ ପ୍ରକମ୍ପିତ କରି ଆନନ୍ଦ ପ୍ରଦାନ କରିଥାଏ ।

ସେ ସମୟରେ ରାଜା ରେଡ଼ିଙ୍କୁ ଭଜନ ଆରମ୍ଭ କରିବାକୁ ଦାୟିତ୍ୱ ଦିଆଯାଇଥିଲା ଏବଂ ସେ ପ୍ରଥମ ଭଜନ (ଗଣେଶ ବନ୍ଦନା) ଗାନ ହେବାର ଦୁଇ ମିନିଟ ପୂର୍ବରୁ ମନ୍ଦିରକୁ ଆସୁଥିଲେ । ଦ୍ୱିତୀୟ ଭଜନ ସାଧାରଣତଃ ବିଜୟା ନାମକ ଜଣେ ମହିଳା ଗାନ କରୁଥିଲେ । 'ଏହି ଦାସ'କୁ ତୃତୀୟ ଭଜନ ଗାନ କରିବା ପାଇଁ ସୁଯୋଗ ଦିଆଯାଉଥିଲା । ତା ପରେ ଅଗ୍ରଗାୟକମାନେ ପୁରୁଷ ଓ ମହିଳା କ୍ରମରେ ଅଦଳବଦଳ କରି ଭଜନ ଗାଉଥିଲେ । ଏହା ପ୍ରାୟ ଦେଢ଼ ଘଣ୍ଟା ଧରି ଚାଲୁଥିଲା । ଭଜନ ଅଧିବେଶନ ଶେଷ କରିବା ପାଇଁ ବାବା ତାଙ୍କ ଦିବ୍ୟ ପାଦପଦ୍ମରେ ପାଦରଖାଟିକୁ ଠେଲି ଦେଇ ସଂକେତ ଦେଉଥିଲେ । ତା ପରେ ସେ ଠିଆ ହୋଇ ପଡୁଥିଲେ ଏବଂ ପରେ ପରେ ଆରତୀ ଅର୍ପଣ କରାଯାଉଥିଲା । ସେ ସମୟରେ ତିନି ପ୍ରକାର ଆରତୀ ବନ୍ଦନା ଗାନ କରାଯାଉଥିଲା ଏବଂ ଶେଷରେ ପୂଜାରୀ (ଯେଉଁ ଭକ୍ତ ଆରତୀ ପ୍ରଦାନ କରନ୍ତି) ବଡ଼ ପାଟିରେ କହୁଥିଲେ –

"ବୋଲ ଭଗବାନ ଶ୍ରୀ ସତ୍ୟସାଇ ବାବାକି ଜୟ,
ବୋଲ ପୁଟ୍ଟାପର୍ତ୍ତି ମହାତ୍ମା ଶ୍ରୀ ସଚ୍ଚିଦାନନ୍ଦ ମୂର୍ତ୍ତିକି ଜୟ ।"

ତା ପରେ ସମସ୍ତେ 'ଜୟଧ୍ୱନି' କରୁଥିଲେ ।

କେତେବର୍ଷ ପରେ ଭଜନ ଅଧିବେଶନ ଦେଢ଼ଘଣ୍ଟା ପରିବର୍ତ୍ତେ କୋଡ଼ିଏ ମିନିଟ କରାଗଲା ଏବଂ ମାତ୍ର ଗୋଟିଏ ଆରତୀ ଦିଆଗଲା ।

ଏବେ ନିକଟରେ ପରମପ୍ରିୟ ସ୍ୱାମୀ କହିଥିଲେ ''ଆରତୀ ପରେ 'ଜୟ' ଧ୍ୱନିକୁ ସ୍ୱାମୀ ପସନ୍ଦ କରୁ ନାହାନ୍ତି । ଏହା ବଦଳରେ ବରଂ 'ଲୋକା ସମସ୍ତା ସୁଖୀନୋ ଭବନ୍ତୁ' ତିନିଥର ପୁନରାବୃତ୍ତି କରାଯାଉ ।'' ଏହାର ଅର୍ଥ 'ସବୁଲୋକ ଏକତ୍ର ସୁଖରେ ଓ ଶାନ୍ତିରେ ରହନ୍ତୁ ।' ଏହା ପରେ ପରେ 'ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ' କହି ଭଜନ ଅଧିବେଶନ ସମାପ୍ତ କରାଯାଏ ।

ବର୍ତ୍ତମାନ ଆସନ୍ତୁ ପରମପ୍ରିୟ ସ୍ୱାମୀଙ୍କର ଦିବ୍ୟ ବାର୍ତ୍ତା ପ୍ରତି ଧ୍ୟାନ ଦେବା ।

''ମୋର କୃପା ତୁମମାନଙ୍କ ପ୍ରତି ସବୁବେଳେ ରହିଛି । ଏହା ଏପରି ଜିନିଷ ନୁହେଁ ଯାହାକୁ ହାତକୁ ହାତ ଦିଆଯାଇ ପାରିବ କିମ୍ବା ନିଆଯାଇ ପାରିବ । ଏହା ସବୁବେଳେ ଦିଆଯାଉଛି ଏବଂ ଚେତନା ମାଧ୍ୟମରେ ଗ୍ରହଣ କରାଯାଉଛି । ଏହି ଚେତନା କୃପାର ତାତ୍ପର୍ଯ୍ୟ ଅବଗତ କରାଇଥାଏ । କେବଳ ତୁମ ଅବଚେତନ ମନର ଅବଗତି ଦ୍ୱାରା ହିଁ ଭଗବାନଙ୍କ କୃପା ଗ୍ରହଣ କରାଯାଇପାରେ ।''

''ନିର୍ମଳ ହୃଦୟରେ, ନିଃସ୍ୱାର୍ଥପର ଭାବରେ ଏବଂ ପବିତ୍ର ଆବେଗପୂର୍ଣ୍ଣ ହୃଦୟରେ ଭଗବାନଙ୍କୁ ପ୍ରାର୍ଥନା କଲେ ଭଗବାନ ସ୍ୱତନ୍ତ୍ର କୃପା ପ୍ରଦାନ କରିଥାନ୍ତି । ଅଧିକନ୍ତୁ ଯଦି ଜଣେ ପୂର୍ବଜନ୍ମରେ କିମ୍ବା ଅତୀତରେ ଯେ କୌଣସି ସମୟରେ ଅନନ୍ୟ ତ୍ୟାଗ ସ୍ୱୀକାର କରିଥାଏ ତେବେ ଏଥିପାଇଁ ଭଗବାନ ଯଥା ସମୟରେ ତାକୁ ଯଥାର୍ଥ ପାରିତୋଷିକ ଦେଇଥାନ୍ତି ।''

''ପ୍ରେମର ସହିତ, ପ୍ରେମ ଭିତରେ, ପ୍ରେମ ପାଇଁ ବଞ୍ଚିରୁହ । ତାହାହେଲେ ପ୍ରେମ ସ୍ୱରୂପ ଭଗବାନ ତୁମେ ନ ଚାହିଁଲେ ମଧ୍ୟ ତୁମର ଆବଶ୍ୟକତା ପୂରଣ କରିବେ । ସେ ଜାଣନ୍ତି ଯେ ସେ ହେଉଛନ୍ତି ମାତା । ମାତା କେବେହେଲେ ଖାଇବା ପାଇଁ ପିଲା କାନ୍ଦିବା ପର୍ଯ୍ୟନ୍ତ ଅପେକ୍ଷା କରେ ନାହିଁ । ତାର ପ୍ରେମ ଏତେ ବିଶାଳ ଓ ଗଭୀର ଯେ ସେ ପିଲାର ପ୍ରତ୍ୟେକ ଆବଶ୍ୟକତା ଅନୁଭବ କରିପାରେ ଏବଂ ସାହାଯ୍ୟ ପାଇଁ ଦୌଡ଼ିଯାଏ ।''

''ଭଗବାନଙ୍କ କୃପା ବିନା ମଣିଷ ପକ୍ଷରେ ବଞ୍ଚିବା ଅସମ୍ଭବ । ଏପରିକି ତୁମେ ଭୋଗୁଥିବା କଷ୍ଟ ମଧ୍ୟ ଭଗବାନଙ୍କର ଦାନ । ଯେତେବେଳେ ତୁମେ ତୁମର ସମସ୍ତ କାର୍ଯ୍ୟ ଭଗବାନଙ୍କୁ ସମର୍ପଣ କରିଦେବ ସେତେବେଳେ ତୁମେ ନିଶ୍ଚୟ ଭଗବାନଙ୍କର କୃପା ଲାଭ କରିବ ।''

❑❑

ଅଧ୍ୟାୟ - ୩୦

ସନ୍ଥ ଶ୍ରୀ ଜଳାରାମ ବାପାଙ୍କ ପ୍ରତିନିଧିଦଳ

ଆମ ଗଢ଼ିଆ ପରିବାରର ସନ୍ଥ ଜଳାରାମା ବାପାଙ୍କ ପ୍ରତି ନିଃସର୍ତ୍ତ ବିଶ୍ୱାସ ରହିଥିଲା । ତାଙ୍କ ମନ୍ଦିର ଗୁଜୁରାଟର ରାଜକୋଟ ନିକଟରେ ବୀରପୁରଠ ରେ ଅବସ୍ଥିତ । ସନ୍ଥ ଶ୍ରୀ ଜଳାରାମ ବାପା ଭଗବାନ ଶ୍ରୀରାମଙ୍କର ଜଣେ ବଡ଼ ଭକ୍ତ ଥିଲେ । ଶ୍ରୀରାମଙ୍କ ପ୍ରତି ତାଙ୍କର ଭକ୍ତି ଏତେ ଥିଲା ଯେ ସେ ଦିବ୍ୟ ଶକ୍ତିର ଅଧିକାରୀ ହୋଇ ପାରିଥିଲେ ଏବଂ ଭକ୍ତ ଭାବରେ ଆମେ ଭଗବାନ ଶ୍ରୀରାମଙ୍କୁ ଯାହା ପ୍ରାର୍ଥନା କଲେ ମଧ ଜଳାରାମ ବାପା ତାହା ପୂରଣ କରି ପାରୁଥିଲେ । କୁହାଯାଏ ଶ୍ରୀରାମଙ୍କ ଭକ୍ତ ଶ୍ରୀରାମଙ୍କଠାରୁ ମଧ ବଡ଼ ।

ବମ୍ବେର ଭବାନ୍ସ କଲେଜରେ ମୋର ଇଣ୍ଟରସାଇନ୍ସ ପରୀକ୍ଷା ଶେଷ ହେବା ପରେ ମୁଁ ଭାରତର କୌଣସି ମେଡ଼ିକାଲ କଲେଜରେ ସ୍ଥାନ ପାଇ ନଥିଲି । ତେଣୁ ମୁଁ ପୂର୍ବଆଫ୍ରିକା ଫେରିଯିବାଛଡ଼ା ଅନ୍ୟ ଉପାୟ ନ ଥିଲା । ମୁଁ ତେଣୁ ସଂକଳ୍ପ କଲି ''ହେ ଜଳାରାମ ବାପା, ଯଦି ଆପଣ ମୋତେ କୌଣସି ମେଡ଼ିକାଲ କଲେଜରେ ସ୍ଥାନ ପାଇବା ପାଇଁ ସାହାଯ୍ୟ କରନ୍ତି ତେବେ ମୁଁ ବୀରପୁରରେ ଗୋଟିଏ ବର୍ଷ ମାଗଣାରେ ସେବା କାର୍ଯ୍ୟ କରିବି ।''

ପରେ ପରେ ମୁଁ ଦକ୍ଷିଣଭାରତର ମଣିପାଲଠାରେ ଅବସ୍ଥିତ କସ୍ତୁରବା ମେଡ଼ିକାଲ କଲେଜରେ ପ୍ରଥମ ବର୍ଷ ଏମ.ବି.ବି.ଏସ. ପଢ଼ିବା ପାଇଁ ଏବଂ ପରେ ବଳକା କୋର୍ସ ମାଙ୍ଗାଲୋରର ମେଡ଼ିକାଲ କଲେଜରେ ପଢ଼ିବା ପାଇଁ ସ୍ଥାନ ପାଇଥିଲି । ମୁଁ ମୋର ହୃଦୟର ଗଭୀରତମ ପ୍ରଦେଶରୁ ଜଳାରାମ ବାପାଙ୍କୁ ଏହି ସୁଯୋଗ ପାଇଁ ଧନ୍ୟବାଦ ଜଣାଇଲି ।

ମୋର ଅଙ୍କଲ ହରିକାକା ଜଳାରାମ ବାପାଙ୍କର ବଡ଼ ଭକ୍ତ ଥିଲେ । ସେ ଅତି ଭାଗ୍ୟବାନ ଥିଲେ କାରଣ ତାଙ୍କ ଜନ୍ମ ରାମନବମୀ ଦିନ ଓ ମୃତ୍ୟୁ ମଧ ରାମନବମୀ ଦିନ ହୋଇଥିଲା । କ୍ୱଚିତ ଏପରି ଉଦାହରଣ ଦେଖାଯାଇଥାଏ । କେବଳ ଜଣେ ଜନ୍ମ ଜନ୍ମ ଧରି ଭକ୍ତି ପ୍ରକଟ କରିଥିଲେ ଏଭଳି ସୁଯୋଗ ଲାଭ କରିଥାଏ ।

ସେହି ସମୟଠାରୁ ମୁଁ ସବୁବେଳେ ଭାବୁଥିଲି ଏ କଳିଯୁଗରେ ଯେତେବେଳେ ନୈତିକତାର ଅଧଃପତନ ଘଟିଛି ସେତେବେଳେ ଭଗବାନ କେଉଁଠି ଅଛନ୍ତି ? ଭଗବାନ ଶ୍ରୀକୃଷ୍ଣ ''ସମ୍ଭବାମୀ ଯୁଗେ ଯୁଗେ'' କହି ସେ ସବୁ ଯୁଗରେ ଆବିର୍ଭୂତ ହେବେ ବୋଲି ପ୍ରତିଜ୍ଞା କରିଛନ୍ତି ଏବଂ କଳିଯୁଗରେ କଲ୍‌କୀ ଅବତାର ହେବେ ବୋଲି ମଧ୍ୟ କହିଛନ୍ତି ।

ପରେ ମୁଁ ପରମପ୍ରିୟ ସତ୍ୟସାଇ ବାବାଙ୍କୁ ଏବଂ ତାଙ୍କର ଅତିପ୍ରାକୃତିକ (ଅଲୌକିକ) ଶକ୍ତି କଥା ଜାଣିବାକୁ ପାଇଥିଲି । ଏହା ମୋର ବିଶ୍ୱାସକୁ ଦୃଢ଼ କରିଥିଲା ଏବଂ ସେ 'ସର୍ବଦେବତା ସ୍ୱରୂପ' ଅବତାର ବୋଲି ମୁଁ ବିଶ୍ୱାସ କରୁଥିଲି । ତେଣୁ ସାଇବାବା ମୋ ପାଇଁ ଉଭୟ ଭଗବାନ ରାମ ଓ ଜଲାରାମ ବାପାଙ୍କର ପ୍ରତିନିଧିତ୍ୱ କରୁଥିଲେ ।

ଜଲାରାମ ବାପାଙ୍କର ବହୁ ଭକ୍ତ ଅନୁଭବ କରିଛନ୍ତି ଯେ ତାଙ୍କ ନାମରେ ଶପଥ କଲେ ସେମାନଙ୍କର ଇଚ୍ଛା ପୂରଣ ହୋଇଥାଏ । ଶ୍ରୀ ସୌଭାଗ୍ୟଚାନ୍ଦ ରାଜଦେବ ଏହି ସବୁ ଅଭିଜ୍ଞତାକୁ ନେଇ ଏକ ପୁସ୍ତକ ରଚନା କରିଛନ୍ତି । ବୀରପୁର ମନ୍ଦିରର ମୁଖ୍ୟ ଥିଲେ ଜଲାରାମ ବାପାଙ୍କର ସହୋଦର ଭାଇ ଶ୍ରୀ ଗିରିଧରରାମ ବାପା ।

ଥରେ ଶ୍ରୀ ରାଜଦେବ ମୋତେ ବମ୍ବେରେ ଦେଖା କଲେ ଏବଂ କହିଥିଲେ ''ମୁଁ ଶୁଣିଲି ଆପଣ କୁଆଡ଼େ ସତ୍ୟସାଇବାବାଙ୍କ ପ୍ରତି ବିଶ୍ୱାସ ରଖିଛନ୍ତି । ଆପଣ ତାଙ୍କ ପଛରେ କାହିଁକି ଗୋଡ଼ାଇଛନ୍ତି ?''

ମୁଁ ସେତେବେଳେ ଉତ୍ତର ଦେଇଥିଲି ''ଆପଣଙ୍କର ଅଜ୍ଞତା ପାଇଁ ମୁଁ ଦୁଃଖିତ । ଏ ଯୁଗରେ ସତ୍ୟସାଇ ବାବା ଅବତାର ଏବଂ ଆପଣ ଯଦି ତାଙ୍କ ସମ୍ପର୍କରେ ଅଧିକ ଜାଣିବାକୁ ଚାହାଁନ୍ତି ତେବେ ଏହି ବହିଟି ପଢ଼ନ୍ତୁ ।'' ଏହା କହି ମୁଁ ତାଙ୍କୁ 'ସତ୍ୟମ୍- ଶିବମ୍- ସୁନ୍ଦରମ୍'ର ପ୍ରଥମ ଭାଗ ବହି ଦେଇଥିଲି । ଏ ବହି ପଢ଼ିବା ପରେ ତାଙ୍କ ଉପରେ ଏକ ଚୁମ୍ବକୀୟ ପ୍ରଭାବ ପଡ଼ିଥିଲା । ମାଙ୍ଗାଲୋର ଠିକଣାରେ ସେ ମୋତେ ଏକ ପତ୍ର ଲେଖିଥିଲେ । ସେଥିରେ ସେ ଲେଖିଥିଲେ ''ବୀରପୁର ଜଲାରାମ ବାପାଙ୍କ ମନ୍ଦିରରୁ ଏକ ବାରଜଣିଆ ପ୍ରତିନିଧିଦଳ ସ୍ୱାମୀଙ୍କ ଦିବ୍ୟଦର୍ଶନ ପାଇଁ ଯିବେ । ଆମେ କେବେ ଯିବା ଉଚିତ ବୋଲି ଆପଣ ବାବାଙ୍କୁ ପଚାରିବେ କି ? ସବୁ ଭକ୍ତଙ୍କର ଏକମାତ୍ର ଇଚ୍ଛା ଯେ ଆପଣ ସେମାନଙ୍କୁ ଧର୍ମାଭରମ୍ ରେଳ ଷ୍ଟେସନକୁ ଆସି ସାଙ୍ଗରେ ନେବେ ।''

ମୁଁ ଉତ୍ତର ଦେଇଥିଲି ''ପୁଟ୍ଟାପର୍ତ୍ତି ଗଲେ ମୁଁ ଭଗବାନଙ୍କୁ ପଚାରିବି ଏବଂ ତାଙ୍କଠାରୁ ଶୁଣିବା ପରେ ସେ କଣ କହିଲେ ଆପଣମାନଙ୍କୁ ଜଣାଇବି ।'' ମୋର ପରବର୍ତ୍ତୀ ଯାତ୍ରାରେ ମୁଁ ସାକ୍ଷାତକାର ଗୃହକୁ ପ୍ରବେଶ କଲାମାତ୍ରେ ସର୍ବଜ୍ଞାତା ପରମପ୍ରିୟ ସ୍ୱାମୀ କହିଥିଲେ ''ସ୍ୱାମୀ ପ୍ରତିନିଧି ଦଳର ଇଚ୍ଛା ଜାଣନ୍ତି । ସେମାନେ ଦୁଇ ସପ୍ତାହ ମଧ୍ୟରେ ଆସନ୍ତୁ ଏବଂ ତୁମେ ଦିନକ ଆଗରୁ ଆସି ସେମାନଙ୍କୁ ରେଳଷ୍ଟେସନରୁ ଆଣିବ ।''

ସବୁକିଛି ବ୍ୟବସ୍ଥା ହୋଇଗଲା । ମାଙ୍ଗାଲୋରର ବହୁ ବ୍ୟବସାୟୀ ଏଭଳି ଉତ୍ତମ କାର୍ଯ୍ୟ ପାଇଁ ମୋତେ ଡ୍ରାଇଭର ସହିତ ସେମାନଙ୍କର କାର ଦେବା ପାଇଁ ପ୍ରସ୍ତୁତ ଥିଲେ । ପାଞ୍ଚଟି କାର ମିଳିଥିଲା – ଦୁଇଟି ଜିନିଷପତ୍ର ପାଇଁ ଏବଂ ଅନ୍ୟ ତିନୋଟି ଯାତ୍ରୀମାନଙ୍କ ପାଇଁ । ମୁଁ ପ୍ରଶାନ୍ତିନିଳୟମରେ ଅପରାହ୍ନ ଚାରିଟାରେ ପହଞ୍ଚିଥିଲି ଏବଂ ଟ୍ରେନ ଧର୍ମାଭରମ୍ ରେଳଷ୍ଟେସନରେ ସନ୍ଧ୍ୟା ୭ଟାରେ ପହଞ୍ଚିବା କଥା । କାରରେ ସେଠାକୁ ଯିବା ପାଇଁ ଅଧଘଣ୍ଟା ସମୟ ଲାଗେ । ସନ୍ଧ୍ୟା ୬ଟାରେ ପରମପ୍ରିୟ ସ୍ୱାମୀ ମୋ ସହିତ କେତେଜଣ ଭକ୍ତଙ୍କୁ ସାକ୍ଷାତକାର କୋଠରୀକୁ ଡକାଇନେଲେ । ସାକ୍ଷାତକାର କୋଠରୀରେ ମୁଁ ସମୟ ସମ୍ପର୍କରେ ଅଧିକ ଆଗ୍ରହୀ ହୋଇ ପଡ଼ିଥିଲି କାରଣ ଖୁବ୍ ଶୀଘ୍ର ମୋତେ ରେଳଷ୍ଟେସନରେ ପହଞ୍ଚିବାକୁ ପଡ଼ିବ । ପରମପ୍ରିୟ ସ୍ୱାମୀ ଆମକୁ ଦୈବତ୍ୱ ସମ୍ପର୍କରେ ବୁଝାଉଥିଲେ ଏବଂ ହଠାତ୍ କହିଥିଲେ "ଗଢ଼ିଆ ବ୍ୟତୀତ ଏଠାରେ ଥିବା ପ୍ରତ୍ୟେକ ମୋ କଥା ଶୁଣୁଛନ୍ତି ।" ମୁଁ ତତ୍‌କ୍ଷଣାତ୍ ଉତ୍ତର ଦେଲି "ଯେତେବେଳେ ମୋର ରେଳ ଷ୍ଟେସନକୁ ଯାଇ ଗୁଜୁରାଟ ପ୍ରତିନିଧି ଦଳକୁ ଆଣିବାର ଅଛି ସେତେବେଳେ ଯାହା କୁହାଯାଉଛି ସେଥିପ୍ରତି ମୁଁ କିପରି ଧ୍ୟାନ ଦେଇ ପାରିବି ?"

ସ୍ୱାମୀ ମୋତେ ପ୍ରତିଶ୍ରୁତି ଦେଇ କହିଥିଲେ "ସ୍ୱାମୀ ତୁମକୁ ବିଳମ୍ବ ହେବା ପାଇଁ ଦେବେ ନାହିଁ । ତୁମେ ଯେ ପର୍ଯ୍ୟନ୍ତ ଷ୍ଟେସନରେ ନ ପହଞ୍ଚିଛ ଟ୍ରେନ୍ ସେପର୍ଯ୍ୟନ୍ତ ଆସିପାରିବ ନାହିଁ । ତେଣୁ ଏଠାରେ ଧ୍ୟାନ ଦିଅ ।"

ମୁଁ ସ୍ୱାମୀଙ୍କୁ ପରୀକ୍ଷା କରିବା ପାଇଁ ଇଚ୍ଛା କଲି ଏବଂ ବିଳମ୍ବରେ ଯିବା ପାଇଁ ସ୍ଥିର କଲି । ମୁଁ ଦେଖିବାକୁ ଚାହୁଁଥିଲି ମୁଁ ଷ୍ଟେସନରେ ପହଞ୍ଚିବା ପୂର୍ବରୁ ଟ୍ରେନ୍ ପହଞ୍ଚୁଛି କି ନାହିଁ । ମୁଁ ବାହାରକୁ ଆସିଲାବେଳକୁ ସ୍ୱାମୀ ବାଲ୍‌କୋନିରେ ଠିଆ ହୋଇ ମୋତେ ଲକ୍ଷ୍ୟ କରୁଥିଲେ ।

ମୁଁ ଡ୍ରାଇଭରକୁ କହିଥିଲି "ତୁମେ ଯାଅ ଏବଂ କ୍ୟାଣ୍ଟିନରେ କିଛି ଖାଇନିଅ । ଶୀଘ୍ର ଆସିବ ।" ସେମାନଙ୍କ ପଛେ ପଛେ ମୁଁ ଯିବାକୁ ବସିଥିଲାବେଳେ ସ୍ୱାମୀ ଡାକିଥିଲେ "ଗଢ଼ିଆ, ଏଠାକୁ ଆସ । ତୁମେ ମଧ୍ୟ ଖାଇବାକୁ ଯାଅ । ରାତିରେ ଫେରିବ ନାହିଁ । ତୁମେ ସମସ୍ତେ ଅପେକ୍ଷା ଗୃହରେ ରାତ୍ରିଟି କଟାଇ ଆସନ୍ତା କାଲି ସକାଳ ସାତଟାରେ ପୁଟ୍ଟାପର୍ତ୍ତି ଫେରିବ ।"

ରାତ୍ରି ଭୋଜନ ଶେଷ କରି ଆମେ ନଅଟାରେ ଧର୍ମାଭରମ୍‌ରେ ପହଞ୍ଚିଲୁ । ଟ୍ରେନ୍ ରାତି ୯ଘଣ୍ଟା ୩୦ ମିନିଟରେ ପହଞ୍ଚିଲା । ପ୍ରତିନିଧି ଦଳରେ ଭଗବାନ ଶ୍ରୀ ରାମଙ୍କ ଭକ୍ତ ଓ ସନ୍ଥ ଶ୍ରୀ ଜଲାରାମଙ୍କର ଦଶଜଣ ଶିଷ୍ୟ ଆସିଥିଲେ । ସେମାନେ ପ୍ରତ୍ୟେକ ଦୁଇଟି ଲେଖା ଟ୍ରଙ୍କ ଧରିଥିଲେ । ଗୋଟିକରେ ପୂଜା ପାଇଁ ଫଟୋ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ

ରହିଥିଲା । ଅନ୍ୟଟିରେ ପୋଷାକପତ୍ର ଥିଲା । ଦଳର ନେତା ମିଷ୍ଟର ସୌଭାଗ୍ୟଚାନ୍ଦ ରାଜଦେବ କହିଥିଲେ ''ଆମେ ସ୍ଥିର କରିଛୁ ଏଠାରୁ ଗୋଟିଏ ବସ୍ ଭଡ଼ାରେ ନେବୁ ।'' ମୁଁ ସେମାନଙ୍କୁ କହିଥିଲି ''ପରମପ୍ରିୟସ୍ୱାମୀ ଚାହାଁନ୍ତି ଆମେ ଷ୍ଟେସନର ଅପେକ୍ଷା ଗୃହରେ ରାତିଟି କଟାଇବା ।''

ମିଷ୍ଟର ରାଜଦେବ କାହାରି କଥା ଶୁଣିଲେ ନାହିଁ ଏବଂ ଡକ୍ଟର ମାନକୋଡ଼ିଙ୍କୁ ମୋ ସହିତ ଯାଇ ଭଡ଼ାରେ ଗୋଟିଏ ବସ୍ ଆଣିବା ପାଇଁ ନିର୍ଦ୍ଦେଶ ଦେଲେ । ଆମେ ଦୁହେଁ ଗୋଟିଏ ବସ୍ ମାଲିକଙ୍କ ନିକଟକୁ ଗଲୁ । ସେ ଶହେ ଟଙ୍କା ନେବେ ବୋଲି କହିଲେ ମାତ୍ର ରାତ୍ରିରେ ଯାତ୍ରା କରିବାକୁ ଡ୍ରାଇଭର ମନା କରିଦେଲା । ଆମେ ତା ପରେ ଦ୍ୱିତୀୟ ବସ୍ ମାଲିକଙ୍କ ପାଖକୁ ଗଲୁ । ସେ ଦେଢ଼ଶହ ଟଙ୍କା ନେବେ ବୋଲି କହିଥିଲେ । କିନ୍ତୁ ଡ୍ରାଇଭର ମଦ ପିଇ ମାତାଲ ଅବସ୍ଥାରେ ଥିଲା । ଡକ୍ଟର ମାନକୋଡ଼ି ସେହି ରାତିରେ କେଉଁଠାକୁ ଯିବା ସମ୍ଭବ ନୁହେଁ ବୋଲି ସ୍ଥିର କଲେ । ସ୍ୱାମୀ ପରାମର୍ଶ ଦେଲା ପରି ଆମେ ରାତିରେ ବିଶ୍ରାମ ନେଇ ପ୍ରତ୍ୟୁଷରୁ ଯାତ୍ରା ଆରମ୍ଭ କରିବା ଉଚିତ ବୋଲି ସ୍ଥିର କଲୁ । ଆମ ଅହଙ୍କାର ସବୁବେଳେ ଆମକୁ ପ୍ରତ୍ୟାଖ୍ୟାନ କରେ ।

ପରମପ୍ରିୟ ସ୍ୱାମୀ କହନ୍ତି ''ଅହଙ୍କାର ଅନ୍ତର ମଧ୍ୟରେ ଅଶାନ୍ତି ସୃଷ୍ଟିର କାରଣ ହୋଇଥାଏ । ମଣିଷ ନିଜ ଭିତରେ ବହୁ ପ୍ରକାର ସ୍ୱାର୍ଥପରତାର ଆଚାର ଓ ଦୃଷ୍ଟିଭଙ୍ଗି ସୃଷ୍ଟି କରି ସେଗୁଡ଼ିକୁ ବୃଦ୍ଧି କରାଇଥାଏ । ମଣିଷର ଦୈବୀ ପ୍ରକୃତିର ଦିପ୍ତୀ ଅହଙ୍କାର ଦ୍ୱାରା ନିଷ୍ପ୍ରଭ ହୋଇଥାଏ । ତେଣୁ ଯେତେବେଳେ ଅହଙ୍କାରର ବିନାଶ ଘଟେ, ସେତେବେଳେ ସବୁ ଅସୁବିଧା ଦୂର ହୁଏ, ସବୁ ପ୍ରକାର ଅସନ୍ତୋଷ ଅନ୍ତର୍ଦ୍ଧାନ ହୁଏ ଏବଂ ପ୍ରକୃତ ଆନନ୍ଦ ମିଳିଥାଏ ।''

''ଭଗବାନଙ୍କୁ ଭକ୍ତି କରିବା, ଭଗବାନଙ୍କ ମହିମାରେ ମହିମାନ୍ୱିତ ହେବା, ବିନମ୍ରତା ପୋଷଣ କରିବା ଏବଂ ଭଗବାନଙ୍କ ସନ୍ତାନ ଭାବରେ ଅନ୍ୟର ସେବା କରିବା ଦ୍ୱାରା ଅହଙ୍କାର ଧ୍ୱଂସ ପାଇଥାଏ ।''

ବସ୍ ସକାଳ ଛ'ଟାରେ ପହଞ୍ଚିଲା ଏବଂ ଆମେ ପ୍ରଶାନ୍ତି ନିଳୟମ୍‌ରେ ୭ଟା ସମୟରେ ପହଞ୍ଚିଥିଲୁ । ପରମପ୍ରିୟ ସ୍ୱାମୀ ବାଲ୍‌କୋନି ଉପରେ ଠିଆ ହୋଇଥିଲେ । ସାଧାରଣତଃ ଏହି ବାଲ୍‌କୋନି ଉପରୁ ସେ ସକାଳେ ତାଙ୍କର ଦିବ୍ୟଦର୍ଶନ ଦେଇଥାନ୍ତି ।

ସେ ମୋତେ ଦେଖିବା ମାତ୍ରେ ପ୍ରଶ୍ନ କଲେ ''ସମସ୍ତେ ନିରାପଦରେ ପହଞ୍ଚଛନ୍ତି ତ ?'' ମୁଁ ଉତ୍ତର ଦେଲି ''ହଁ ସ୍ୱାମୀ, ଆପଣଙ୍କ କୃପାରୁ ସମସ୍ତେ ନିରାପଦରେ ପହଞ୍ଚିଛନ୍ତି । ତା'ପରେ ସେ ମୋତେ ନିର୍ଦ୍ଦେଶ ଦେଲେ ''ତୁମେ ଏଥର ମାଙ୍ଗାଲୋର ହସ୍‌ପିଟାଲ ଫେରିଯାଅ ଏବଂ ନିଜ କାର୍ଯ୍ୟରେ ଯୋଗ ଦିଅ । ସ୍ୱାମୀ ପ୍ରତିନିଧି ଦଳଙ୍କ କଥା ବୁଝିବେ ।'' ମୁଁ କହିଥିଲି ''ହଁ ସ୍ୱାମୀ, ମୁଁ ଜଳଯୋଗ ପରେ ଫେରିଯିବି ।''

ଜଳଯୋଗ ସମୟରେ ଦୁଇଜଣ ଯୁବ ପ୍ରତିନିଧିଙ୍କ ସହିତ କଥାବାର୍ତ୍ତା ହେଲି । ସେ ଦୁଇଜଣ ଔଦ୍ଧତ୍ୟ ଓ ଅହଙ୍କାରରେ ପରିପୂର୍ଣ୍ଣ ଥିଲେ । ମୁଁ ସେମାନଙ୍କୁ କହିଥିଲି ''ତୁମ ଦୁଇଜଣଙ୍କ ନିକଟରେ କ୍ୟାମେରା ରହିଛି । ବିନା ଅନୁମତିରେ ଫଟୋ ନିଅ ନାହିଁ ।'' ପରେ ମୁଁ ଜାଣିବାକୁ ପାଇଥିଲି ଯେ ସେମାନେ ଫଟୋ ଉଠାଇଥିଲେ କିନ୍ତୁ ରିଲ୍ ବ୍ଲାଙ୍କ୍ (ଫାଙ୍କା) ହୋଇଯାଇଥିଲା । ଗୋଟିଏ ହେଲେ ଫଟୋ ଉଠି ନ ଥିଲା । ଅଭିଜ୍ଞତାରୁ ହିଁ ସେମାନେ ଶିକ୍ଷା ଲାଭ କରିଥିଲେ ।

ଯେତେବେଳେ ପ୍ରତିନିଧି ଦଳ ବୀରପୁରକୁ ଫେରିଆସିଲେ ମିଷ୍ଟର ରାଜଦେବ 'ଫୁଲ୍‌ଛାବ' ନାମକ ଏକ ସମ୍ବାଦପତ୍ରରେ ତାଙ୍କର ପ୍ରଶାନ୍ତିନିଳୟମ୍ ଅଭିଜ୍ଞତା ସମ୍ପର୍କରେ ଲେଖିଥିଲେ । ଏହା ସମ୍ପୂର୍ଣ୍ଣ ଗୋଟିଏ ପୃଷ୍ଠାର ପ୍ରବନ୍ଧ ଥିଲା । ବର୍ତ୍ତମାନ ମୁଁ ତାଙ୍କ ଅଭିଜ୍ଞତାର ଗୁରୁତ୍ୱପୂର୍ଣ୍ଣ ଦିଗ ଏଠାରେ ଆଲୋଚନା କରୁଛି । ପ୍ରତିଦିନ ପରମପ୍ରିୟ ବାବା ସେମାନଙ୍କୁ ସାକ୍ଷାତକାର ପାଇଁ ଡାକୁଥିଲେ । ଆରମ୍ଭରେ ସ୍ୱାମୀ ତାଙ୍କର ହସ୍ତ ସଞ୍ଚାଳନ ପୂର୍ବକ ବିଭୂତି ସୃଷ୍ଟି କରୁଥିଲେ । ସେହି ଦୁଇଜଣ ଅହଂକାରୀ ଯୁବକ ବାବା ବିଭୂତି ସୃଷ୍ଟି କରିଥିବା ହାତ ରୁମାଲରେ ନ ପୋଛିବା ପର୍ଯ୍ୟନ୍ତ ବିଭୂତି ନେବା ପାଇଁ ହାତ ବଢ଼ାଇବେ ନାହିଁ ବୋଲି ସ୍ଥିର କରିଥିଲେ । ବାବା ରୁମାଲରେ ହାତ ପୋଛି ସାରିବା ପରେ ସେ ଦୁହେଁ ହଠାତ୍ ବିଭୂତି ପାଇଁ ହାତ ବଢ଼ାଇଥିଲେ ଏବଂ କହିଥିଲେ ''ବାବା, ଅମେ ଏ ପର୍ଯ୍ୟନ୍ତ ବିଭୂତି ପାଇ ନାହୁଁ ।'' ବାବା ଉତ୍ତର ଦେଇଥିଲେ ''ତୁମେ ଦୁହେଁ ସ୍ୱାମୀଙ୍କୁ ପରୀକ୍ଷା କରିବାକୁ ଆସିଛ । ତୁମେ ପର୍ଯ୍ୟାପ୍ତ ପରିମାଣରେ ବିଭୂତି ପାଇବ ।'' ତାପରେ ବାବା ବହୁ ପରିମାଣରେ ବିଭୂତି ସୃଷ୍ଟି କରି ଉଭୟ ଯୁବକଙ୍କ ଆଞ୍ଜୁଳି ଭରି ଦେଇଥିଲେ ।

ସେମାନେ ଅନ୍ୟ ପ୍ରକାର ଅଲୌକିକତା ମଧ୍ୟ ଦେଖିବାକୁ ଚାହିଁଥିଲେ । ବିଶ୍ୱାସ କିପରି ବୃଦ୍ଧି କରିବାକୁ ହୁଏ ସେ ସମ୍ପର୍କରେ ସାଂକେତିକ ବର୍ଣ୍ଣନା ଦେବା ପରେ ସ୍ୱାମୀ ଏଗାରଟି ଫଟୋ ସୃଷ୍ଟି କରିଥିଲେ କିନ୍ତୁ ସେହି ଦଳରେ ବାରଜଣ ବ୍ୟକ୍ତି ଥିଲେ । ସମସ୍ତେ ନିଜ ନିଜର ଇଷ୍ଟ ଦେବତାଙ୍କ ଫଟୋ ପାଇ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସେହି ଦୁଇଜଣଙ୍କ ପାଇଁ ମାତ୍ର ଗୋଟିଏ ଫଟୋ ରହିଥିଲା । ପରମପ୍ରିୟ ସ୍ୱାମୀ ଫଟୋଟିକୁ ଦୁଇଖଣ୍ଡ କରି ଚିରିଦେଲେ ଏବଂ ଦୁଇହାତରେ ଦୁଇଖଣ୍ଡ ଚିରା ଫଟୋ ଧରି ଉଭୟଙ୍କୁ ଏକ ସଙ୍ଗରେ ଦେବା ପାଇଁ ହାତ ବଢ଼ାଇଲେ । ସେ ଦୁଇଜଣଙ୍କ ଭିତରୁ ଜଣେ କହିଥିଲା ''ବାବା, ଆପଣ ଆମ ଆଗରେ ହାତସଫେଇ ଖେଳ ଖେଳୁଛନ୍ତି'' ସ୍ୱାମୀ କହିଥିଲେ ''ତୁମ ହାତରେ ଏହାକୁ ନିଅ ଏବଂ ନିଜେ ନିଜେ ଏହାକୁ ଦେଖ ।'' ସେମାନେ ସ୍ୱାମୀ ଦେଇଥିବା ଅଧାଫଟୋ ଗ୍ରହଣ କରି ଦେଖିଲାବେଳକୁ ଅଧା ଫଟୋ ସମ୍ପୂର୍ଣ୍ଣ ଫଟୋରେ ପରିଣତ ହୋଇଯାଇଛି । ସେମାନେ ଅତି ଖୁସି ହୋଇଯାଇଥିଲେ ଏବଂ ଏତାଦୃଶ ଅଲୌକିକତା

ଦେଖି ସନ୍ତୋଷ ଲାଭ କରିଥିଲେ । ତା ପରଠାରୁ ସେମାନେ ପରମପ୍ରିୟ ବାବାଙ୍କର ଅତି-ପ୍ରାକୃତିକ ଶକ୍ତି ଓ ମହାନତାକୁ ପ୍ରଶଂସା କରିବାକୁ ଲାଗିଲେ ।

ତା ପରେ ସ୍ୱାମୀ ପ୍ରତ୍ୟେକଙ୍କୁ ବ୍ୟକ୍ତିଗତ ସାକ୍ଷାତକାର ପାଇଁ ଡାକିଥିଲେ । ସେମାନେ ଅତ୍ୟନ୍ତ ସନ୍ତୋଷ ଲାଭ କରିଥିଲେ ଏବଂ ବାବା ସର୍ବବିଦ୍ୟମାନ ଓ ସର୍ବଜ୍ଞାତା ବୋଲି ସ୍ୱୀକାର କରିଥିଲେ । ବାବା ସେମାନଙ୍କ ସମ୍ପର୍କରେ ଏବଂ ସେମାନଙ୍କ ପରିବାର ସମ୍ପର୍କରେ ସବୁକିଛି ଜାଣିଥିଲେ ।

ମିଷ୍ଟର ରାଜଦେବ ମଧ ସେହି ପ୍ରବନ୍ଧରେ ନିଜର ବ୍ୟକ୍ତିଗତ ସାକ୍ଷାତକାର କଥା ବର୍ଣ୍ଣନା କରିଛନ୍ତି । ପରମପ୍ରିୟ ସ୍ୱାମୀ ତାଙ୍କୁ ପ୍ରଶ୍ନ କରିଥିଲେ ''ତୁମର ସମସ୍ୟା କଣ ?'' ସେ ଉତ୍ତର ଦେଇଥିଲେ ''ମୋର କିଛି ସମସ୍ୟା ନାହିଁ ଏବଂ ମୁଁ କିଛି ଚାହେଁ ନାହିଁ ।'' ତା ପରେ ବାବା ତାଙ୍କୁ ପଚାରିଥିଲେ ''ତୁମେ କିଛି ପ୍ରଶ୍ନ ପଚାରିବାକୁ ଚାହଁ କି ?'' ମିଷ୍ଟର ରାଜଦେବ କହିଥିଲେ ''ନାଁ, ସ୍ୱାମୀ ।''

ତା'ପରେ ପରମପ୍ରିୟ ସ୍ୱାମୀ ତାଙ୍କୁ ସ୍ମରଣ କରାଇ ଦେଇଥିଲେ ''ତୁମର ବନ୍ଧୁ ତାଙ୍କର ମୂକ ବଧିର ଝିଅ ପାଇଁ ଆଶୀର୍ବାଦ ଦେବା କଥା କହି ନ ଥିଲେ କି ?'' ଏକଥା ଶୁଣି ରାଜଦେବ ଚମକି ପଡ଼ିଥିଲେ କାରଣ ଏକଥା ସେ ସମ୍ପୂର୍ଣ୍ଣ ରୂପେ ଭୁଲିଯାଇଥିଲେ । ସେ ତତ୍‌କ୍ଷଣାତ୍ ସ୍ୱାମୀଙ୍କର ଦିବ୍ୟପାଦ ସ୍ପର୍ଶ କରିଥିଲେ । ତାଙ୍କ ଚକ୍ଷୁରୁ ଆନନ୍ଦାଶ୍ରୁ ଝରି ଆସିଥିଲା । ସେ କହିଥିଲେ ''ବାବା ମୁଁ ସବୁ ଅବତାର ପୁରୁଷଙ୍କ ପରି ଆପଣଙ୍କ ମହାନ୍ ଶକ୍ତି କଥା ଜାଣିବାକୁ ଆସିଥିଲି ।''

ସେ ବାବାଙ୍କ ସମ୍ପର୍କରେ ବହୁ ବିଶଦ ବିବରଣୀ ବର୍ଣ୍ଣନା କରିଥିଲେ ଏବଂ ଲେଖିଥିଲେ ''କଲ୍‌କୀ ଅବତାର ସମଗ୍ର ପୃଥିବୀର ମଣିଷମାନଙ୍କର ଉଦ୍ଧାର ପାଇଁ ଆସିଛନ୍ତି ।'' ନିଜର ବ୍ୟକ୍ତିଗତ ଅଭିଜ୍ଞତା ନ ଥିଲେ କେହି ଭଗବାନଙ୍କର ମହାନତାକୁ ବୁଝିପାରିବେ ନାହିଁ । ଏପରିକି ଅର୍ଜୁନ ବିଶ୍ୱରୂପ ଦେଖିବା ପରେ ଯାଇ ଶ୍ରୀକୃଷ୍ଣ ଭଗବାନ ବୋଲି ବିଶ୍ୱାସ କରିଥିଲେ । ସେହି ଦଳରେ ଥିବା ସବୁ ପ୍ରତିନିଧି ବୀରପୁର ଆସିବା ପାଇଁ ବାବାଙ୍କୁ ନିମନ୍ତ୍ରଣ କରିଥିଲେ ଏବଂ ପରମପ୍ରିୟ ସ୍ୱାମୀ ଉତ୍ତର ଦେଇଥିଲେ ''ହଁ, ଉପଯୁକ୍ତ ସମୟ ଆସିଲେ ମୁଁ ନିଶ୍ଚୟ ବୀରପୁର ଯିବି ।'' ସେମାନଙ୍କ ନିକଟରେ ବାବାଙ୍କ ସହିତ ଉଠିଥିବା କୌଣସି ଫଟୋ ନ ଥିଲା କାରଣ ସେ ଅହଂକାରୀ ଯୁବକ ଦ୍ୱୟ ଉଠାଇଥିବା ସମସ୍ତ ଫଟୋ ବ୍ଲାଙ୍କ୍(ଫାଙ୍କା) ହୋଇଯାଇଥିଲା ।

ମୋର ପ୍ରତିଜ୍ଞା ବାତିଲ ହେଲା

ମୁଁ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ମିଷ୍ଟର ରାଜଦେବ ମୋତେ ବୀରପୁର ନେଇଯାଇଥିଲେ । ସେ ବ୍ୟକ୍ତିଗତ ଭାବରେ ମୁଁ (ଡକ୍ଟର ଗଡ଼ିଆ) ଏକବର୍ଷ ପାଇଁ

ସେଠାରେ ପ୍ରତ୍ୟେକଙ୍କୁ ମାଗଣା ଚିକିତ୍ସା କରିବା କଥା ଆଶ୍ରମ ଦାୟିତ୍ୱରେ ଥିବା ଗିରିଧରରାମ ବାପାଙ୍କୁ ସୁପାରିଶ କରିଥିଲେ ।

ରୂପା ଥାଳିଆରେ ମଧ୍ୟାହ୍ନ ଭୋଜନ ପରିବେଷଣ ହେବା ପରେ ଶ୍ରୀ ଗିରିଧରରାମ ବାପା କହିଥିଲେ ''ଏହି ଛୋଟିଆ ଗାଁଟିରେ ତିନିଜଣ ଡାକ୍ତର ଅଛନ୍ତି । ଆମେ ଆଉ ଅଧିକ ଡାକ୍ତର ଚାହୁଁ ନାହୁଁ । ଯଦି ଆମେ ଡକ୍ଟର ଗଢ଼ିଆଙ୍କୁ ଅନୁମତି ଦେବା ତାହାହେଲେ କେବଳ ଅଧିକ ଗହଳି ନୁହେଁ ତିନିଜଣ ଡାକ୍ତରଙ୍କର ଶଲ୍ୟ ଚିକିତ୍ସା ମଧ ବାଧାପ୍ରାପ୍ତ ହେବ ।''

ମୁଁ ତାଙ୍କୁ ସନ୍ଥ ଜଳାରାମ ବାପାଙ୍କ ମୂର୍ତ୍ତି ଆଗକୁ ଆସିବାକୁ ଏବଂ ତାଙ୍କ ଦିବ୍ୟ ପାଦପଦ୍ମରେ ମଥା ରଖି 'ସେମାନେ ଡକ୍ଟର ଗଢ଼ିଆଙ୍କ ସେବା ବୀରପୁରରେ ଦରକାର କରୁ ନାହାନ୍ତି' ବୋଲି କହିବାକୁ ଅନୁରୋଧ କଲି । ଏହା ହେଲେ ମୋର ପ୍ରତିଜ୍ଞା ପୂରଣ ହେଲା ବୋଲି ବିଚାର କରିବା ସହିତ ବୀରପୁର ଛାଡ଼ି ଯିବା ପାଇଁ ଅନୁମତି ମିଳିଲା ବୋଲି ଧରିନେବି ।

ମୋ ଅନୁରୋଧ କ୍ରମେ ଏହା କରାଯାଇଥିଲା । ଜଳାରାମ ବାପାଙ୍କ ଅଲୌକିକତା ସମ୍ପର୍କରେ ଯେତେବେଳେ ବହିଟିଏ ପ୍ରକାଶ ପାଇଲା ମିଷ୍ଟର ରାଜଦେବ ସେଥିରେ ଏହି ଘଟଣା ଉଲ୍ଲେଖ କରିଥିଲେ । ସେ ଲେଖିଥିଲେ ''ସ୍ନାତକ ଡିଗ୍ରୀ ହାସଲ ପରେ ଡକ୍ଟର ଗଢ଼ିଆ ନିଜର ପ୍ରତିଜ୍ଞା ପୂରଣ ପାଇଁ ବୀରପୁର ଆସିଥିଲେ ।''

ଅଭିଜ୍ଞତା ଅର୍ଜନ ସମ୍ପର୍କରେ ପରମପ୍ରିୟ ସ୍ୱାମୀ କହିଥିଲେ ''ଏହା ହେଉଛି ପ୍ରକୃତ ଯାତ୍ରା ଯାହା କ୍ଲେଶ, ମତ୍ସରତା, ସ୍ଖଳନ ଏବଂ ଛିଦ୍ରକୁ ପ୍ରକଟ କରେ । ଏଥିସହିତ ଏହା ଚୂଡ଼ାନ୍ତ ଲକ୍ଷ୍ୟସ୍ଥଳର ସମ୍ମୁଖୀନ କରାଏ ଏବଂ ଲକ୍ଷ୍ୟସ୍ଥଳର ଚମତ୍କାରିତା ସମ୍ପର୍କୀୟ ସୁନ୍ଦର ଦୃଶ୍ୟକୁ ପ୍ରକାଶ କରେ । କୌଣସି ଶୁଣାକଥା ପ୍ରତ୍ୟକ୍ଷ ଅଭିଜ୍ଞତା ସହିତ ସମାନ ହୋଇ ନ ପାରେ ।''

ଭଗବାନ ଗୋଟିଏ ସୁନ୍ଦର ଶିକ୍ଷା ଦେଇଛନ୍ତି ''ବିଶ୍ୱାସ କର, ଭଗବାନ ସମସ୍ତଙ୍କ ଭିତରେ ବାସ କରନ୍ତି । ଏପରି କଥା କୁହ ଯାହା ଉତ୍ତମ ଗୁଣ ସତ୍ୟ ଓ ସୌନ୍ଦର୍ଯ୍ୟର ପ୍ରସାର ଘଟାଇବ । ଏଭଳି କାର୍ଯ୍ୟ କର ଯାହା ସମସ୍ତଙ୍କର ସୁଖ ଓ ସମୃଦ୍ଧିର ବିକାଶ ଘଟାଇବ । ସମଗ୍ର ପୃଥିବୀରେ ଶାନ୍ତି ପ୍ରତିଷ୍ଠା ପାଇଁ ଭଗବାନଙ୍କୁ ପ୍ରାର୍ଥନା କର । ନିଜକୁ ବିସ୍ତାର କର, ନିଜର କ୍ଷୁଦ୍ର ବ୍ୟକ୍ତିତ୍ୱ ମଧ୍ୟରେ ନିଜକୁ ସଂକୁଚିତ କର ନାହିଁ ।''

''ବିଶ୍ୱ ପ୍ରେମ, ଦୃଢ଼ ଏକତା ଓ ସଦାକ୍ଷମ ସାଧୁତାକୁ ପ୍ରସାରିତ କର । ଏହା ତୁମ ଦୈବତ୍ୱର ସମ୍ପୂର୍ଣ୍ଣ ଉନ୍ମୀଳନ ପାଇଁ ଏକମାତ୍ର ପଥ ।''

❑❑

ଅଧ୍ୟାୟ - ୩୧

ଆଶା ଯୋଶୀପୁରାଙ୍କ ଉପରେ ଭଗବାନଙ୍କର ଅଲୌକିକତା ଏବଂ ରାତୁଦାଁ ଓ ଗୁଲାବ ଦାସଙ୍କର ଅଭିଜ୍ଞତା

ଗୁଜୁରାଟର ଜୁନାଗଡ଼ରେ ରହୁଥିବା ଆଶା ଯୋଶୀପୁରାଙ୍କ ବାପାଙ୍କଠାରୁ ମୁଁ ଗୋଟିଏ ଚିଠି ପାଇଥିଲି । ସେ ଲେଖିଥିଲେ ''ଆଶା ନାମରେ ମୋର ଗୋଟିଏ ଷୋହଳ ବର୍ଷର ଝିଅ ଅଛି । ସେ ଦେଖିବାକୁ ଅତି ସୁନ୍ଦର ହୋଇଥିଲେ ମଧ୍ୟ ଅନ୍ଧୁଣୀ । ଚକ୍ଷୁ ବିଶେଷଜ୍ଞ କହନ୍ତି ଅପ୍‌ଟିକ୍ ନର୍ଭ (ଦୃଷ୍ଟି ସ୍ନାୟୁ) କ୍ଷୟପ୍ରାପ୍ତ ହେବା ଯୋଗୁଁ ତାର ଦୃଷ୍ଟି ଶକ୍ତି ନଷ୍ଟ ହୋଇ ଯାଇଛି ଏବଂ ସେ କେବେହେଲେ ଦେଖିପାରିବ ନାହିଁ । ଜଣେ କେହି ମୋତେ ଆପଣଙ୍କ ନାମ କହିଥିଲା । ଆପଣ ଭଗବାନ ସତ୍ୟସାଇ ବାବାଙ୍କ ବାର୍ତ୍ତା ପ୍ରସାର କରୁଛନ୍ତି । ବାବା ଆଶାକୁ ତାର ଦୃଷ୍ଟିଶକ୍ତି ଫେରାଇ ଦେଇ ପାରିବେ କି ନାହିଁ ଆପଣ କହିପାରିବେ କି ? ଯଦି ଆପଣ ତୁରନ୍ତ ଉତ୍ତର ଦିଅନ୍ତି ମୁଁ ଆପଣଙ୍କ ନିକଟରେ କୃତଜ୍ଞ ରହନ୍ତି ।''

ମୁଁ ତାଙ୍କୁ ଉତ୍ତର ଦେଇଥିଲି ''ହଁ, ଭଗବାନ ମାନବ ରୂପରେ ଶ୍ରୀ ସତ୍ୟସାଇ ବାବା ଭାବରେ ଅବତରଣ କରିଛନ୍ତି । ମୋତେ ଏଭଳି ପ୍ରଶ୍ନ ନ ପଚାରି ବରଂ ଆମେ ଗୋଟିଏ ପ୍ରଶ୍ନ ପଚାରିବା ଉଚିତ ଯେ ସେ ଧରା ପୃଷ୍ଠରେ କଣ ନ କରି ପାରନ୍ତି ? ଦୟାକରି ଏଥି ସହିତ ଦିଆଯାଉଥିବା ଠିକଣାରେ ଆନ୍ଧ୍ରର ପୁଟ୍ଟାପର୍ତ୍ତିକୁ ଝିଅକୁ ନେଇ ଯାଆନ୍ତୁ ।''

ସେମାନେ ପ୍ରଶାନ୍ତି ନିଳୟମ ଯାଇଥିଲେ ଏବଂ ସ୍ୱାମୀ ସେମାନଙ୍କୁ ସାକ୍ଷାତକାର ପାଇଁ ଡାକିଥିଲେ । ପରମପ୍ରିୟ ସ୍ୱାମୀ ତାଙ୍କୁ କେତୋଟି ବିଭୁତି ପୁଡ଼ିଆ ଦେଇଥିଲେ ଏବଂ ଦୈନିକ ଥରେ ଚିମୁଟାଏ ଲେଖାଏଁ ବିଭୂତି ଏକ ମାସ ପର୍ଯ୍ୟନ୍ତ ସେବନ କରିବାକୁ ଆଶାକୁ ନିର୍ଦ୍ଦେଶ ଦେଇଥିଲେ । ମାସକ ପରେ ସେମାନେ ପୁଣି ପୁଟ୍ଟାପର୍ତ୍ତି ଗଲେ ଏବଂ ସାକ୍ଷାତକାର ମଧ୍ୟ ପାଇଥିଲେ । ପରମପ୍ରିୟ ସ୍ୱାମୀ ନିଜ ହାତ ପାପୁଲିକୁ ଆଶାର ଉଭୟ ଚକ୍ଷୁର ଉପର ପତାରେ ଘସିଦେଲେ । ଆଶା ତତ୍‌କ୍ଷଣାତ୍ ତାର ଦୃଷ୍ଟିଶକ୍ତି ଫେରି ପାଇଥିଲା ।

ସମଗ୍ର ଜୁନାଗଡ଼ ଅଧିବାସୀ ଏହି ଅଲୌକିକତା ସମ୍ପର୍କରେ ଜାଣିପାରିଥିଲେ ଏବଂ ସେମାନେ ସ୍ୱାମୀଙ୍କ ସମ୍ପର୍କରେ ଅଧିକ ଜାଣିବାକୁ ଚାହିଁଥିଲେ । ଭଗବାନ ସତ୍ୟସାଇ ବାବାଙ୍କ ଦିବ୍ୟବାର୍ତ୍ତା ପ୍ରଦାନ କରିବାକୁ ମୁଁ ସେଠାକୁ ଯାଇଥିଲି । ନିଚାବରି ନାମକ ଏକ ସ୍ଥାନରେ ଖୋଲା ପଡ଼ିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ସେଠାରେ ଉପସ୍ଥିତ ଥିବା ସମସ୍ତ ଲୋକ ଦିବ୍ୟବାର୍ତ୍ତା ଶ୍ରବଣ କରି ସନ୍ତୋଷ ଲାଭ କରିଥିଲେ । ପରେ ପରେ ସେମାନଙ୍କ ମଧ୍ୟରୁ ଅନେକ ବାବାଙ୍କ ନିକଟକୁ ଯାଇଥିଲେ ଏବଂ ତାଙ୍କର ପ୍ରକୃତ ଭକ୍ତ ପାଲଟିଯାଇଥିଲେ ।

ମୁଁ ଯେତେବେଳେ ଆଶା ଯୋଶୀପୁରାଙ୍କ ପାରିବାରିକ ଗୃହ ପରିଦର୍ଶନ କଲି, ମୁଁ ଦେଖିଲି ମାତାଜୀ (ଦିବ୍ୟମାତା)ଙ୍କ ପ୍ରତିମୂର୍ତ୍ତି ଆଗରେ ପ୍ରତ୍ୟହ ଚବିଶ ଘଣ୍ଟା ଧରି ନିରବଚ୍ଛିନ୍ନ ଭାବରେ ଏକ ଜ୍ୟୋତି ପ୍ରଜ୍ୱଳିତ ହୋଇ ରହିଛି । ମୋତେ କୁହାଯାଇଥିଲା ଏହି ଜ୍ୟୋତି ଅତୀତର ଶହେ ବର୍ଷ ଧରି ପୁରୁଷାନୁକ୍ରମେ ରହିଆସିଛି । ଏହା ହେଉଛି ଆଶା ଯୋଶୀପୁରାଙ୍କ ପରିବାରର ଭଗବାନଙ୍କ ପ୍ରତି ଭକ୍ତିର ନିଦର୍ଶନ ଏବଂ ଏହି କାରଣରୁ ସ୍ୱାମୀ ଆଶା ଯୋଶୀପୁରାଙ୍କ ଦୃଷ୍ଟି ଶକ୍ତି ଫେରାଇ ଆଣିଛନ୍ତି ।

ବହୁ ଶିରିଡ଼ି ସାଇ ବାବାଙ୍କ ଭକ୍ତ ଜାଣନ୍ତି ଯେ ଶିରିଡ଼ିଠାରେ ଲେଣ୍ଡିବାଗ ନିକଟସ୍ଥ ମନ୍ଦିର ପଛରେ ଏକ ଅଖଣ୍ଡ ଜ୍ୟୋତି ରହିଛି । ଏହାକୁ 'ନାନ୍ଦାଦୀପ' ବୋଲି କୁହାଯାଏ ଏବଂ ଏହା ବହୁବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଜଳୁଛି ।

ଜାମନଗର ନିକଟସ୍ଥ ମ୍ୟାକ୍ୱାନାର ରାତୁଦାଁ ଗାଦ୍‌ଭୀ

ରାତୁଦାଁ ଗାଦ୍‌ଭୀ ଏକ ସରଳ ଲୋକ ଏବଂ ତାଙ୍କର ଗୋଟିଏ କୃଷିଫାର୍ମ ରହିଛି । ମ୍ୟାକ୍ୱାନା ନିକଟସ୍ଥ ଏକ ଗ୍ରାମରେ ଚାଷୀମାନେ ରହୁଥିଲେ । ଥରେ ଏକ ସାଂଘାତିକ ମରୁଡ଼ିରେ ସେମାନଙ୍କର ପାଳିତ ପଶୁମାନେ ମୃତ୍ୟୁବରଣ କରୁଥିଲେ ଏବଂ ମଣିଷମାନଙ୍କର ଜୀବନ ପ୍ରତି ମଧ୍ୟ ଆଶଙ୍କା ରହିଥିଲା । ରାତୁଦାଁ ଗାଦ୍‌ଭୀଙ୍କ କକା ଗୁଲାବ୍ ଦାସ ବାରୋଟ ରାଜକୋଟ ନିକଟସ୍ଥ ଲିମ୍ବଦୀଠାରେ ରହୁଥିଲେ । ରାତୁଦାଁ ଏହି ମରୁଡ଼ି ଜନିତ ସମସ୍ୟାର କିପରି ସମ୍ମୁଖୀନ ହେବେ ସେ ସମ୍ପର୍କରେ ପରାମର୍ଶ ପାଇଁ କକାଙ୍କ ନିକଟକୁ ଯାଇଥିଲେ ।

ଗୁଜୁରାଟରେ ପ୍ରତିଷ୍ଠିତ ହୋଇଥିବା ବହୁ ସତ୍ୟସାଇ କେନ୍ଦ୍ର ମଧ୍ୟରୁ ଗୋଟିଏ ଏହି ଗୁଲାବ୍ ଦାସ ବାରୋଟଙ୍କ ଘରେ ରହିଥିଲା । ସେଠାରେ ସ୍ୱାମୀଙ୍କର ଏକ ବଡ଼ ଫଟୋ ରହିଥିଲା ଏବଂ ପ୍ରତି ଗୁରୁବାରଦିନ ନିୟମିତ ଭାବରେ ଭଜନ କାର୍ଯ୍ୟକ୍ରମ ହେଉଥିଲା । ସେମାନେ ମଧ୍ୟ ନଗର ସଂକୀର୍ତ୍ତନ (ଭୋର ପାଞ୍ଚଟାରେ ଭକ୍ତମାନେ ଗାଁ ଦାଣ୍ଡରେ ଭଜନ

ଗାଇ ଗାଇ ଶୋଭା ଯାତ୍ରାରେ ଯିବା) ନିୟମିତ ଭାବରେ କରୁଥିଲେ । ସମୂହ ଆଧ୍ୟାତ୍ମିକ ସଚେତନତା ପାଇଁ ସେମାନେ ପ୍ରତ୍ୟେକ ଘର ଆଗ ଦେଇ ଭଗବାନଙ୍କ ନାମରେ ଲୋକମାନଙ୍କୁ ଜାଗ୍ରତ କରିବା ଉଦ୍ଦେଶ୍ୟରେ ନଗର ସଂକୀର୍ତ୍ତନରେ ଯାଉଥିଲେ । ଏହାଦ୍ୱାରା ଗ୍ରାମରେ ବିଶୁଦ୍ଧ ଓ ପବିତ୍ର ପରିବେଶ ସୃଷ୍ଟି ହେଉଥିଲା । ନଗର ସଂକୀର୍ତ୍ତନ ଏକ ବଡ଼ ସାଧନା କାରଣ ଏହା ସମସ୍ତଙ୍କୁ ଶୃଙ୍ଖଳିତ ଭାବରେ ପ୍ରତ୍ୟୁଷରୁ ଜାଗ୍ରତ ହେବା ପାଇଁ ଶିକ୍ଷା ଦେଉଥିଲା ଏବଂ ଅନ୍ୟମାନଙ୍କ ସହିତ ରାସ୍ତାରେ ଏକତାନରେ ଭଜନ ଗାଇବା ଦ୍ୱାରା ଅହଂକାର ହ୍ରାସ ପାଉଥିଲା । ଏହା ଏକପ୍ରକାର ସାମାଜିକ ସେବା ।

ଗୁଲାବ ଦାସ ବାରୋଟ ରାତୁଦାଁଙ୍କୁ ଏବର ଅବତାରଙ୍କ ଅବତରଣ ଏବଂ ବାବାଙ୍କର ଦିବ୍ୟ ବିଭୂତି ସମ୍ପର୍କରେ ବୁଝାଇ ଦେଇଥିଲେ । ରାତୁଦାଁ ଗାଦ୍‌ଭୀ ଜଣେ ବିନୟୀ ଲୋକ ଥିଲେ ଏବଂ ସେ ତାଙ୍କ କକାଙ୍କୁ କହିଥିଲେ ଯେ ସେ ସ୍ୱାମୀଙ୍କୁ ବିଶ୍ୱାସ କରିପାରନ୍ତି ମାତ୍ର ଏହି ଲୋକ (ସାଇବାବା) ତାଙ୍କର ଆଫ୍ରିକୀୟ ବେଶବିନ୍ୟାସ ସହିତ କେବେହେଲେ ବଂଶୀଧାରୀ ଭଗବାନ କୃଷ୍ଣଙ୍କ ସହିତ ତୁଳନୀୟ ନୁହନ୍ତି । କକା ଗୁଲାବଦାସ ଗାଦ୍‌ଭୀଙ୍କୁ କହିଥିଲେ ''କିଛି ବିଭୂତି ନେଇ ଜମିରେ ବିଞ୍ଚିଦିଅ ଏବଂ ପ୍ରତିଜ୍ଞା କର ଯଦି ବର୍ଷା ହୁଏ ଏବଂ ଭଲ ଫସଲ ଅମଳ ହୁଏ ତେବେ ସ୍ୱାମୀଙ୍କୁ ବିଶ୍ୱାସ କରିବ ।''

କରୁଣାମୟ ଭଗବାନ ରାତୁଦାଁଙ୍କ ନିଷ୍ଠାପର ଓ ବିନମ୍ର ପ୍ରାର୍ଥନା ଶୁଣିଥିଲେ ଏବଂ ପ୍ରଚୁର ବର୍ଷା ହୋଇ ସେ ବର୍ଷର ଫସଲ ଯଥେଷ୍ଟ ଅଧିକ ଅମଳ ହୋଇଥିଲା । ରାତୁଦାଁ ଭଗବାନଙ୍କ ପ୍ରତି ଗଭୀର କୃତଜ୍ଞତା ଜ୍ଞାପନ କରିଥିଲେ ଏବଂ ସମ୍ପୂର୍ଣ୍ଣ ଅଲୌକିକ କାହାଣୀଟି ଶୁଣାଇବା ପାଇଁ ''ଏହି ଦାସ'' ନିକଟକୁ ଆସିଥିଲେ । ସେ ବାବାଙ୍କ ଆଶ୍ରମରେ ପହଞ୍ଚିବା ପାଇଁ ମୋଠାରୁ ଦିଗ୍‌ଦର୍ଶନ ଚାହିଁଥିଲେ । ରାତୁଦାଁ ଗାଦ୍‌ଭୀଙ୍କୁ କୃପା ପ୍ରଦାନ କରିବା ପାଇଁ ପରମପ୍ରିୟ ସ୍ୱାମୀ ଏହିପରି ତାଙ୍କୁ ଆକର୍ଷିତ କରିଥିଲେ ।

ରାତୁଦାଁ କେବଳ ଶଗଡ଼ ଗାଡ଼ିରେ ଯାତ୍ରା କରିଥାନ୍ତି ଏବଂ କେବେହେଲେ ରେଳ ବା କାରରେ ଯାତ୍ରା କରି ନାହାଁନ୍ତି । ପୁଟ୍ଟାପର୍ତ୍ତିରେ କିପରି ପହଞ୍ଚିବାକୁ ହେବ ସେ ସମ୍ପର୍କରେ ବିଶଦ ବିବରଣୀ ଦେଇ ମୁଁ ତାଙ୍କୁ ଚିଠି ଲେଖିଥିଲି । ସେହି ଅନୁସାରେ ସେ ବମ୍ବେର ଭିକ୍ଟୋରିଆ ଟର୍ମିନସ୍‌ରେ ପହଞ୍ଚିବା ପାଇଁ ରେଳ ଟିକେଟ କିଣିଥିଲେ । ସେ ଏତେ ନିଷ୍କପଟ ଓ ସରଳ ଲୋକ ଥିଲେ ଯେ ଭିକ୍ଟୋରିଆ ଟର୍ମିନସ୍ ଭାବି ସେ ଅହମ୍ମଦାବାଦଠାରେ ଟ୍ରେନ୍‌ରୁ ଓହ୍ଲାଇ ପଡ଼ିଥିଲେ । ମାତ୍ର ଜଣେ କେହି ତାଙ୍କୁ ଏଭଳି ଭୁଲ ନ କରିବା ପାଇଁ ଯଥା ସମୟରେ ଚେତାଇ ଦେଇଥିଲା ଏବଂ ସେ ପୁନର୍ବାର ଟ୍ରେନ ଭିତରକୁ ଫେରି ଆସିଥିଲେ । ସହଯାତ୍ରୀମାନଙ୍କ ସାହାଯ୍ୟ ନେଇ ସେ ଶେଷରେ ବମ୍ବେରେ ପହଞ୍ଚିଲେ

ଏବଂ ଗୁଣ୍ଟାକଲ ଦେଇ ଧର୍ମାଭରମ୍ ଯିବା ପାଇଁ ଆଉ ଗୋଟିଏ ଟିକେଟ କିଣିଥିଲେ । ଧର୍ମାଭରମରୁ ବସ୍‌ରେ ସେ ପୁଟ୍ଟାପର୍ତ୍ତି ଯିବା ପାଇଁ ଯୋଜନା କରିଥିଲେ ।

ଯେଉଁ ମାଡ୍ରାସ ଏକ୍ସପ୍ରେସ୍ ଟ୍ରେନରେ ରାତୁଦାଁ ଯାତ୍ରା କରିବା କଥା ତାହା ଏତେ ଭିଡ଼ ଥିଲା ଯେ, ବସିବା ପାଇଁ ସ୍ଥାନଟିଏ ପାଇବା କଷ୍ଟକର ଥିଲା । ଶେଷରେ ଖୋଜି ଖୋଜି ଆଗରେ ଇଞ୍ଜିନ୍ ପାଖରେ ଥିବା ଗୋଟିଏ ଖାଲି କମ୍ପାର୍ଟମେଣ୍ଟକୁ ଆସି ଭିତରେ ବସିଥିଲେ । ଟ୍ରେନ୍‌ରେ ବସିବା ପାଇଁ ସ୍ଥାନଟିଏ ପାଉ ନ ଥିବା ରାତୁଦାଁ ଗୋଟିଏ ସମ୍ପୂର୍ଣ୍ଣ ଖାଲି ଡବା ପାଇ ଭଗବାନଙ୍କୁ ପ୍ରାର୍ଥନା ମାଧ୍ୟମରେ ଧନ୍ୟବାଦ ଜଣାଇଥିଲେ । ମାତ୍ର ଏହି ଡବାଟି ସୈନ୍ୟ ବାହିନୀର ଲୋକମାନଙ୍କ ପାଇଁ ସଂରକ୍ଷିତ ହୋଇଥିଲା । ଟ୍ରେନ ଛାଡ଼ିବାର ପନ୍ଦର ମିନିଟ ପୂର୍ବରୁ ବହୁ ସଶସ୍ତ୍ର ସୈନିକ ସେହି ଡବା ମଧ୍ୟକୁ ପ୍ରବେଶ କରିଥିଲେ ଏବଂ ସେ ଡବା ଛାଡ଼ି ଚାଲିଯିବା ପାଇଁ ରାତୁଦାଁଙ୍କୁ କହିଥିଲେ । ଟ୍ରେନର ଅନ୍ୟ ଡବାରେ ସ୍ଥାନ ନ ଥିବାରୁ ସେହି ଡବାରେ ରହିବା ପାଇଁ ତାଙ୍କୁ ଅନୁମତି ଦେବାକୁ ରାତୁଦାଁ ସୈନ୍ୟମାନଙ୍କୁ ଅନୁରୋଧ କରିଥିଲେ । ମୁଁ ତାଙ୍କୁ ଯାତ୍ରାର ସୁବିଧା ପାଇଁ ଦେଇଥିବା ଲିଖିତ ଚିଠାକୁ ସେ ସୈନ୍ୟମାନଙ୍କୁ ଦେଖାଇଥିଲେ । ଏହାକୁ ଦେଖି ସେମାନେ ରାତୁଦାଁଙ୍କୁ ସେହି ଡବାରେ ରହିବାକୁ ଅନୁମତି ଦେଇଥିଲେ । ଏପରିକି ଗୁଣ୍ଟାକଲରେ ଓହ୍ଲାଇବା ପାଇଁ ତାଙ୍କୁ ନିଦରୁ ଉଠାଇ ଦେଇଥିଲେ । ଗୁଣ୍ଟାକଲରୁ ଟ୍ରେନ ବଦଳାଇ ଅନ୍ୟ ଏକ ଟ୍ରେନରେ ତାଙ୍କର ଯିବା କଥା । ଯାତ୍ରାକାଳରେ ତାଙ୍କୁ ସାହାଯ୍ୟ କରିବା ପାଇଁ ବହୁ ସଶସ୍ତ୍ର ସୈନିକ ପଠାଇ ଦେଇଥିବାରୁ ରାତୁଦାଁ ବିନମ୍ରତାର ସହିତ ଭଗବାନ କୃଷ୍ଣଙ୍କୁ ଧନ୍ୟବାଦ ଜଣାଇ ପ୍ରାର୍ଥନା କରିଥିଲେ ।

ପ୍ରଶାନ୍ତିରେ ନିରାପଦରେ ପହଞ୍ଚିବା ପରେ ରାତୁଦାଁଙ୍କର ପେଟ ଗୋଳେଇ ଘାଣ୍ଟି ହେଲା । ସେ ଦର୍ଶନ ଧାଡ଼ିରେ ପେଟକୁ ଚାପି ଧରି ବହୁ କଷ୍ଟରେ ଦର୍ଶନ ପାଇଁ ବସି ରହିଥିଲେ । ସ୍ୱାମୀ ସର୍ବଜ୍ଞାତା ହୋଇଥିବାରୁ ତାଙ୍କ ଅବସ୍ଥା ଜାଣି ପାରିଥିଲେ ଏବଂ ସିଧାସଳଖ ତାଙ୍କ ପାଖକୁ ଆସି ସାକ୍ଷାତକାର କୋଠରୀକୁ ଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସାକ୍ଷାତକାର ପାଇଁ ଅନ୍ୟମାନଙ୍କୁ ମଧ୍ୟ ଡାକିଥିଲେ ।

ସାକ୍ଷାତକାର ଦେବା ପରେ ରାତୁଦାଁଙ୍କ ବ୍ୟତୀତ ଅନ୍ୟମାନଙ୍କୁ କୋଠରୀ ଛାଡ଼ି ଚାଲିଯିବାକୁ ବାବା ଅନୁମତି ଦେଇଥିଲେ । ତା ପରେ ସେ ରାତୁଦାଁଙ୍କ ଆଡ଼କୁ ଚାହିଁ କହିଥିଲେ "ତୁମେ ସମସ୍ତଙ୍କୁ କହି ବୁଲୁଥିଲ ଯେ ଏହି ଲୋକ ଆଫ୍ରିକୀୟ କେଶ ବିନ୍ୟାସ କରିଥିବାରୁ ବଂଶୀଧାରୀ କୃଷ୍ଣଙ୍କ ଭଳି ଭଗବାନ ହୋଇ ପାରିବ ନାହିଁ । ଏହା ସତ୍ୟ ନୁହେଁ କି ?" ରାତୁଦାଁ ଉତ୍ତର ଦେଇଥିଲେ "ହଁ ବାବା ।" ତା ପରେ ପରମପ୍ରିୟ ବାବା

ରାତୁଦାଁଙ୍କ ଉଦର ଉପରେ ନିଜର ଦକ୍ଷିଣ ହସ୍ତ ସଂଚାଳନ କରିବାକୁ ଲାଗିଲେ ଏବଂ ତତ୍‌କ୍ଷଣାତ୍ ରାତୁଦାଁଙ୍କ କଷ୍ଟ ଦୂର ହୋଇଯାଇଥିଲା । ତା ପରେ ସ୍ୱାମୀ ନିଜକୁ ଦେଖାଇ ପଚାରିଥିଲେ ''ଏଠାରେ କାହାକୁ ଦେଖୁଛ ?'' ସେ ବଂଶୀଧାରୀ କୃଷ୍ଣଙ୍କ ରୂପରେ ନିଜକୁ ପରିବର୍ତ୍ତିତ କରିଥିଲେ । ଏହା ଦେଖି ରାତୁଦାଁ ସ୍ୱାମୀଙ୍କ ପାଦପଦ୍ମରେ ଲୋଟି ପଡ଼ିଥିଲେ । ତାଙ୍କ ଆଖିରୁ ଲୁହ ଝରି ଆସିଥିଲା । ସେ କହିଥିଲେ ''ହେ ମୋର ପ୍ରିୟ ଭଗବାନ ! ଆପଣଙ୍କୁ ସନ୍ଦେହ କରିଥିବାରୁ ଏବଂ ଆପଣଙ୍କ ବର୍ତ୍ତମାନର ରୂପକୁ ସମାଲୋଚନା କରିଥିବାରୁ ମୋତେ କ୍ଷମା କରନ୍ତୁ । ଦୟାକରି ମୋର ଭକ୍ତି ନିବେଦନକୁ ସ୍ୱୀକାର କରନ୍ତୁ ।''

ପରମପ୍ରିୟ ବାବା ତାଙ୍କୁ ପଚାରିଥିଲେ ''ସ୍ୱାମୀ କାହିଁକି ତୁମକୁ ଭଗବାନ କୃଷ୍ଣଙ୍କ ରୂପରେ ଦର୍ଶନ ଦେଲେ ଜାଣିଛ କି ? ତୁମ ଭକ୍ତି ପାଇଁ ନୁହେଁ ବରଂ ତୁମର ସମ୍ପୂର୍ଣ୍ଣ ପରିବର୍ତ୍ତନ ପାଇଁ । ପ୍ରତିଜ୍ଞା କର, ଦଶବର୍ଷ ପୂର୍ବରୁ ତୁମେ ଯେଉଁ ବ୍ୟବସାୟ କରୁଥିଲ ଆଉ କେବେ ତାହା କରିବ ନାହିଁ ।'' ସ୍ୱାମୀଙ୍କୁ ପରୀକ୍ଷା କରିବା ପାଇଁ ରାତୁଦାଁ ପଚାରିଥିଲେ ''କି ବ୍ୟବସାୟ ?'' ବାବା ଉତ୍ତର ଦେଇଥିଲେ ''ତୁମେ ଦଶବର୍ଷ ପୂର୍ବେ ଜଣେ ଡକାୟତ ଥିଲ । ତୁମେ ଲୋକଙ୍କୁ ହତ୍ୟା କରିଛ ଏବଂ ସେମାନଙ୍କର ବହୁ ସମ୍ପତ୍ତି ତୁମେ ଲୁଟ୍ କରିଛ । ତୁମର କାର୍ଯ୍ୟକଳାପ ଅତି ନିକୃଷ୍ଟ ଧରଣର ଥିଲା । ଏହା କଣ ସତ୍ୟ ନୁହେଁ ? ସ୍ୱାମୀଙ୍କୁ ସତକଥା କହିଦିଅ ।'' ରାତୁଦାଁ ପୁଣି ଥରେ ପରମପ୍ରିୟ ବାବାଙ୍କର ଦିବ୍ୟ ପାଦପଦ୍ମରେ ଲୋଟିପଡ଼ିଥିଲେ । ଶିଶୁ ଭଳି ସେ କାନ୍ଦି ଉଠିଥିଲେ ଏବଂ ପୁନର୍ବାର 'ସେ ବ୍ୟବସାୟ' କରିବେ ନାହିଁ ବୋଲି ପ୍ରତିଜ୍ଞା କରିଥିଲେ ।

ସ୍ୱାମୀ ପୁଣି କହିଥିଲେ ''ତୁମର ଭକ୍ତି ବୃଦ୍ଧି କରିବା ପାଇଁ ଗଢ଼ିଆକୁ କୁହ ତୁମ ଘରେ ଏକ ସାଇ କେନ୍ଦ୍ର ପ୍ରତିଷ୍ଠା କରିବ ।'' ବାବା ତା ପରେ କିଛି ବିଭୂତି ପୁଡ଼ିଆ ଦେଇ ତାଙ୍କୁ ପ୍ରଶାନ୍ତି ନିଲୟମ୍ ଛାଡ଼ିବା ପାଇଁ ଅନୁମତି ଦେଇଥିଲେ । ଏହିପରି ରାତୁଦାଁ ପୁଟ୍ଟାପର୍ତ୍ତି ଆସି ଭଗବାନ କୃଷ୍ଣ ଏବଂ ବର୍ତ୍ତମାନର ଭଗବାନଙ୍କୁ ଶ୍ରୀ ସତ୍ୟସାଇ ରୂପରେ ଦର୍ଶନ କରିପାରିଥିବାରୁ ନିଜକୁ ଅତ୍ୟନ୍ତ ଭାଗ୍ୟବାନ ମନେ କରି ଅଶ୍ରୁଳ ନୟନରେ ଆଶ୍ରମ ତ୍ୟାଗ କରିଥିଲେ ।

ଜାମନଗରରେ ପହଞ୍ଚିବା ପରେ ରାତୁଦାଁ ସିଧାସଳଖ ମୋ ନିକଟକୁ ଆସିଥିଲେ ଏବଂ ପଚାରିଥିଲେ ''ଏ ସାଇ କେନ୍ଦ୍ର କଣ ?'' ମୁଁ ତାଙ୍କୁ ଆବଶ୍ୟକୀୟ ସୂଚନା ଦେଇଥିଲି ଏବଂ ତାଙ୍କ ଘରେ ଭଜନ ଆରମ୍ଭ କରିବା ପାଇଁ ଏକ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା । ମୁଁ ଆଶ୍ଚର୍ଯ୍ୟ ହୋଇଥିଲି ଯେ ସେ ମୋତେ ନେବା ପାଇଁ ଗୋଟିଏ ଶଗଡ଼ ଗାଡ଼ି ଧରି ଆସିଥିଲେ । ଶଗଡ଼ ଗାଡ଼ିରେ ତାଙ୍କ ଘର ପର୍ଯ୍ୟନ୍ତ ଯାତ୍ରା କରିବା ଏକ ବିରଳ ଅନୁଭୂତି ।

ରାତୁଦାଁଙ୍କ ଘରେ ଯେଉଁ କେନ୍ଦ୍ର ପ୍ରତିଷ୍ଠିତ ହୋଇଥିଲା ତାହା ସବୁ ପ୍ରକାର କାର୍ଯ୍ୟକ୍ରମକୁ ନେଇ ଖୁବ୍ ଭଲ ଭାବରେ ଚାଲିଥିଲା । ଏହି କେନ୍ଦ୍ରର କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ବାବା ତାଙ୍କର ପରବର୍ତ୍ତୀ ଜାମନଗର ପରିଦର୍ଶନବେଳେ ରାତୁଦାଁ ଗାଦଭୀଙ୍କୁ ତାଙ୍କର ଦ୍ୱାରପାଳ ରୂପେ ସେବା କରିବାର ସୁଯୋଗ ଦେଇଥିଲେ ।

ରୂପାନ୍ତରଣ (ପରିବର୍ତ୍ତନ)

ପରମପ୍ରିୟ ସ୍ୱାମୀ କହିଥିଲେ "ବ୍ୟକ୍ତିବିଶେଷଙ୍କର ରୂପାନ୍ତରଣ ବା ପରିବର୍ତ୍ତନ ଆରମ୍ଭ ହେବା ଉଚିତ । ଯେତେବେଳେ ବ୍ୟକ୍ତି ପରିବର୍ତ୍ତିତ ହୁଏ ସମଗ୍ର ପୃଥିବୀ ମଧ୍ୟ ପରିବର୍ତ୍ତିତ ହୁଏ । ଏହି ପରିବର୍ତ୍ତନ ବା ରୂପାନ୍ତରଣ ମଣିଷର ମନ ଭିତରେ ସଂଘଟିତ ହୋଇଥାଏ । ସତ୍‌ଚିନ୍ତା ହେଉଛି ସତ୍‌କର୍ମର ନିୟାମକ । ସେଇଥିପାଇଁ ଧର୍ମଶାସ୍ତ୍ରଗୁଡ଼ିକ ଘୋଷଣା କରିଛନ୍ତି ଯେ ମନ ହିଁ ସାଂସାରିକ ବନ୍ଧନ ଅଥବା ମୋକ୍ଷ ପ୍ରାପ୍ତିର କାରଣ ।"

"କୋମଳ ଓ ମଧୁର ବଚନ ଦ୍ୱାରା ଆମେ ଜଣେ ଦାନବ ପ୍ରକୃତିର ବ୍ୟକ୍ତିକୁ ଉତ୍ତମ ମାନବରେ ରୂପାନ୍ତରିତ କରି ପାରିବା । କେବଳ ନୈତିକ ଅଭ୍ୟାସ ବା ପରାମର୍ଶ ଦିବ୍ୟ ଚେତନା ଆଣିପାରେ ନାହିଁ । ଏହା କେବଳ ଆଧ୍ୟାତ୍ମିକ ସାଧନା ଦ୍ୱାରା ସମ୍ଭବ । ଏହା ହିଁ ରୂପାନ୍ତରଣର ଭିତ୍ତିଭୂମି ।"

ପ୍ରେମ ଓ କରୁଣା ଦ୍ୱାରା ରାତୁଦାଁଙ୍କୁ ପରମପ୍ରିୟ ସ୍ୱାମୀ ଭଗବାନ କୃଷ୍ଣଙ୍କର ରୂପ ପ୍ରଦର୍ଶନ କରି ରୂପାନ୍ତରିତ କରି ପାରିଥିଲେ । ଜଣକୁ ରୂପାନ୍ତରିତ କରିବା ପାଇଁ ବିଭିନ୍ନ ଉପାୟ ରହିଛି । କେଉଁ ଉପାୟରେ କାହାକୁ ରୂପାନ୍ତରିତ କରିହେବ ତାହା ପରମପ୍ରିୟ ସ୍ୱାମୀ ଭଲ ଭାବରେ ଜାଣନ୍ତି ।

ଗୁଲାବ ଦାସ ବାରୋଟଙ୍କ ଈର୍ଷା ଓ ଅନ୍ୟାନ୍ୟ ଅଲୌକିକତା

ଗୁଲାବ ଦାସ ବାରୋଟ ଅନୁଭବ କଲେ ଯେ ସେ ତାଙ୍କ ଘରେ ଏକବର୍ଷ ହେଲା ସତ୍ୟସାଇ କେନ୍ଦ୍ର ଚଳାଉଛନ୍ତି ତଥାପି ପରମପ୍ରିୟ ସ୍ୱାମୀ ତାଙ୍କୁ ଭଗବାନ କୃଷ୍ଣଙ୍କ ରୂପରେ ଦର୍ଶନ ଦେଉ ନାହାନ୍ତି । ସ୍ୱାମୀଙ୍କ ସମ୍ପର୍କରେ ମାତ୍ର କେତେଦିନ ତଳେ ଜାଣିଥିବା ସେହି ସରଳ ବ୍ୟକ୍ତି ରାତୁଦାଁ ଭଗବାନ କୃଷ୍ଣଙ୍କ ଦର୍ଶନ ପାଇଥିଲେ ମଧ୍ୟ ତାଙ୍କୁ ସ୍ୱାମୀ ସେ ସୁଯୋଗ ଦେଇ ନାହାନ୍ତି ଯଦିଓ ସେ ଏଥିପାଇଁ ବ୍ୟାକୁଳ ହେଉଛନ୍ତି । ଗୁଲାବ ଦାସ ପୁଟ୍ଟାପର୍ତ୍ତି ଯିବା ପାଇଁ ସ୍ଥିର କଲେ ଏବଂ କରୁଣାମୟ ସ୍ୱାମୀ ଅବିଳମ୍ବେ ତାଙ୍କୁ ସାକ୍ଷାତକାର ପାଇଁ ଡାକିଥିଲେ । ସାଇକେନ୍ଦ୍ର ଚଳାଉଥିବାରୁ ପରମପ୍ରିୟ ସ୍ୱାମୀ ତାଙ୍କୁ ପ୍ରଶଂସା କରିଥିଲେ ଏବଂ କହିଥିଲେ "ସାଇକେନ୍ଦ୍ର ଚଳାଇବା

ସହିତ ତୁମେ ମଧ୍ୟ ନିୟମିତ ନଗର ସଂକୀର୍ତ୍ତନ କରାଉଅଛ ଯଦିଓ ଖୁବ୍ କମ୍ ସଂଖ୍ୟକ ଭକ୍ତ ଏଥିରେ ଯୋଗ ଦେଉଛନ୍ତି । ସଂଖ୍ୟା ବା ପରିମାଣ ଗୁରୁତ୍ୱପୂର୍ଣ୍ଣ ନୁହେଁ । କେବଳ ଉତ୍କର୍ଷତା ଆବଶ୍ୟକ । ସ୍ୱାମୀ ତୁମ କାର୍ଯ୍ୟକଳାପରେ ସନ୍ତୁଷ୍ଟ ଅଛନ୍ତି । ସେ ତୁମର ଇଚ୍ଛା ପୂରଣ କରିବାକୁ ଚାହାଁନ୍ତି । ତୁମେ କଣ ଚାହଁ ?'' ମନ ମଧ୍ୟରେ ପରିବର୍ତ୍ତନ ଆଣି ଗୁଲାବ ଦାସ କହିଥିଲେ ''ସ୍ୱାମୀ, ଆପଣ ମୋତେ ଗୋଟିଏ ବଡ଼ ପରିବାର ଦେଇଛନ୍ତି । ଦୟାକରି ସେମାନଙ୍କର ଯତ୍ନ ନିଅନ୍ତୁ ଏବଂ ସମସ୍ତଙ୍କୁ ରକ୍ଷା କରନ୍ତୁ । ସେମାନଙ୍କୁ ଶକ୍ତି, ଜ୍ଞାନ ଓ ଭକ୍ତି ପ୍ରଦାନ କରନ୍ତୁ । ଏହା ବ୍ୟତୀତ ମୁଁ ଆପଣଙ୍କୁ ଅଧିକ କଣ ମାଗି ପାରିବି ?''

ପରମପ୍ରିୟ ସ୍ୱାମୀ ଉତ୍ତର ଦେଇଥିଲେ ''ତୁମେ ମୋତେ ଖୁବ୍ ଭଲ ଜିନିଷ ମାଗିଛ । ସ୍ୱାମୀ ତୁମ ପରିବାରର ଯତ୍ନ ନେବାକୁ, ସେମାନଙ୍କୁ ରକ୍ଷା କରିବାକୁ ଏବଂ ଆନନ୍ଦ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଉଛନ୍ତି । ବର୍ତ୍ତମାନ ତୁମେ ସନ୍ତୁଷ୍ଟ କି ?'' ଗୁଲାବ ଦାସ ଅତ୍ୟନ୍ତ ଖୁସି ହୋଇ ଯାଇଥିଲେ ଏବଂ କହିଥିଲେ ''ହଁ ସ୍ୱାମୀ, ଆପଣଙ୍କୁ ଧନ୍ୟବାଦ ।'' ସାକ୍ଷାତ୍‌କାର ସରିବା ମାତ୍ରେ ସେ ଭଗବାନ କୃଷ୍ଣଙ୍କର ଦିବ୍ୟ ଦର୍ଶନ କଥା ସ୍ମରଣ କରିଥିଲେ । ସେ ପୁରାପୁରି ଏକଥା ଭୁଲିଯାଇଥିଲେ । ତେଣୁ ସେ ବ୍ୟଥିତ ହୃଦୟରେ ଫେରି ଆସିଥିଲେ ।

ଯେତେବେଳେ ସେ ନିଜେ ବାସ କରୁଥିବା ସହର ଲିମ୍ବଡିରେ ପହଞ୍ଚିଥିଲେ ତିନିଜଣ ସାଇଭକ୍ତ ତାଙ୍କୁ ରେଳ ଷ୍ଟେସନରେ ଏକ ଦୁଃଖଦ ଖବର ସହିତ ଅପେକ୍ଷା କରୁଥିଲେ । ସେମାନେ ସୂଚନା ଦେଲେ ଯେ ଗୁଲାବ ଦାସଙ୍କ ପତ୍ନୀ ଏକ କାର ଦୁର୍ଘଟଣାରେ ସାଂଘାତିକ ଭାବରେ ଆହତ ହୋଇଛନ୍ତି । ତାଙ୍କ ଡାହାଣ ଗୋଡ଼ ଛେଚି ହୋଇ ଅତି ସାଂଘାତିକ ଅବସ୍ଥାରେ ଅଛି ଏବଂ ଡାକ୍ତରମାନେ ଗୋଡ଼ଟିକୁ ଆଣ୍ଠୁ ଉପରୁ କାଟିଦେବା ପାଇଁ ସ୍ଥିର କରିଛନ୍ତି । ଶଲ୍ୟ ଚିକିତ୍ସକମାନେ ଅସ୍ତ୍ରୋପଚାର ପାଇଁ ଅନୁମତି ଦେବାକୁ ଅପେକ୍ଷା କରିଛନ୍ତି ।

ଏହି ସମ୍ବାଦରେ ଗୁଲାବ ଦାସ ମର୍ମାହତ ହୋଇପଡ଼ିଲେ ଏବଂ ଅସ୍ତ୍ରୋପଚାର ପାଇଁ ପ୍ରସ୍ତୁତ ହେବାକୁ ଡାକ୍ତରମାନଙ୍କୁ କହିବା ପାଇଁ ସେ ସେହି ତିନିଜଣ ଭକ୍ତଙ୍କୁ କହିଥିଲେ । ପରେ ସେ ବାବାଙ୍କ ଫଟୋ ଆଗରେ ଠିଆ ହୋଇ ଦକ୍ଷିଣ ହସ୍ତର ତର୍ଜନୀ ନିର୍ଦ୍ଦେଶ କରି ଅଭିଯୋଗ କଲେ ''ଆପଣ ମୋ ପରିବାରର ସମସ୍ତଙ୍କୁ ରକ୍ଷା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଆପଣ ଏବେ କଣ ମୋ ପତ୍ନୀଙ୍କୁ ଗୋଡ଼ କଟାରୁ ରକ୍ଷା କରି ପାରିବେ ? ଆପଣ କଣ ସତରେ ଭଗବାନ ?''

ବାବା କହନ୍ତି, ଯିଏ ତାଙ୍କ ଫଟୋକୁ ଗୋଟିଏ ଛବି ବୋଲି ମନେ କରେ ନାହିଁ ବରଂ ତାଙ୍କ ସହିତ ଏକ ସାକ୍ଷାତକାର ବୋଲି ମନେ କରେ, ଭଗବାନ ତାର ନିଷ୍ପାପ଼ର ପ୍ରାର୍ଥନାର ଉତ୍ତର ଦିଅନ୍ତି ।

ପରମପ୍ରିୟ ସ୍ୱାମୀ ଗୁଲାବ ଦାସଙ୍କ ପ୍ରାର୍ଥନା ଶୁଣିପାରିଥିଲେ ଏବଂ ଏକ ବଡ଼ ଧରଣର ଅଲୌକିକତା ପ୍ରଦର୍ଶନ କରିଥିଲେ । ବାବା ସଙ୍ଗେ ସଙ୍ଗେ ସମାଧିସ୍ଥ ଅବସ୍ଥାରେ ଗୋଟିଏ ନର୍ସ ରୂପରେ ଗୁଲାବ ଦାସଙ୍କ ପତ୍ନୀ ଯେଉଁ କୋଠରୀରେ ଚିକିତ୍ସିତ ହେଉଥିଲେ ସେ କୋଠରୀରେ ପହଞ୍ଚିଯାଇଥିଲେ ଏବଂ ରୋଗୀର ଶଯ୍ୟା ନିକଟରେ ଆସି ଠିଆ ହୋଇଥିଲେ । ଦୁଇ ହାତରେ ରୋଗୀର ଗୋଡ଼ ସ୍ପର୍ଶ କରି ପଚାରିଥିଲେ "ତୁମେ କଣ ଏଠାରେ କଷ୍ଟ ଅନୁଭବ କରୁଛ ?" ତା ପରେ ସେ ତାଙ୍କ ଦିବ୍ୟହସ୍ତ ଆକ୍ରାନ୍ତ ଗୋଡ଼ ଉପରେ ସଂଚାଳନ କଲେ ଏବଂ ସଙ୍ଗେ ସଙ୍ଗେ ଗୋଡ଼ଟି ସ୍ୱାଭାବିକ ହୋଇ ଉଠିଲା । ଯେତେବେଳେ ଗୁଲାବ ଦାସଙ୍କ ସ୍ତ୍ରୀ ବିନା କଷ୍ଟରେ ଗୋଡ଼ ସଂଚାଳନ କରିବା ପାଇଁ ସକ୍ଷମ ବୋଲି ଅନୁଭବ କଲେ ସେତେବେଳେ ସେ ପାଟିକରି ଡାକିବାକୁ ଲାଗିଲେ "ସମସ୍ତେ ଏଠାକୁ ଆସ । ଏହି ନର୍ସଟି ଏବେ ଅସମ୍ଭବକୁ ସମ୍ଭବ କରି ପାରିଛି । ସେ ମୋ ଗୋଡ଼କୁ ଆଗ ଅପେକ୍ଷା ଅଧିକ ଭଲ କରି ଦେଇଛି । ମୁଁ ବର୍ତ୍ତମାନ ସ୍ୱାଭାବିକ ଭାବରେ ଚାଲିପାରିବି । ସମସ୍ତେ ଦୌଡ଼ିଆସ ।" ଯେତେବେଳେ ରୋଗୀ ଅନ୍ୟମାନଙ୍କୁ ଡାକୁଥିଲେ ନର୍ସଟି ସେଠାରୁ ଖସି ଚାଲିଯାଇ ଅଦୃଶ୍ୟ ହୋଇଯାଇଥିଲା ।

ଶଲ୍ୟ ଚିକିତ୍ସକମାନେ ଆସି ପହଞ୍ଚିଲେ ଏବଂ ଗୋଡ଼ଟିକୁ ପରୀକ୍ଷା କରି ପ୍ରଶ୍ନ କଲେ "ଏହି ଅଲୌକିକ କାର୍ଯ୍ୟ କିଏ କରିଛି ?" ରୋଗୀ ଉତ୍ତର ଦେଇଥିଲା "ସେ ଜଣେ ନର୍ସ ଥିଲା ।" ଚିକିତ୍ସକମାନେ ସଙ୍ଗେ ସଙ୍ଗେ ହସ୍‌ପିଟାଲର ସବୁ ନର୍ସଙ୍କୁ ଡକାଇଲେ ଏବଂ ସମ୍ପୃକ୍ତ ନର୍ସକୁ ଚିହ୍ନିବା ପାଇଁ ରୋଗୀକୁ କହିଥିଲେ । ସବୁ ନର୍ସଙ୍କର ଲମ୍ବା କେଶ ଥିଲା ଏବଂ ରୋଗୀର ବର୍ଣ୍ଣନା ଅନୁଯାୟୀ କେହି ହେଲେ ଆଫ୍ରିକୀୟ ଢଙ୍ଗରେ କେଶ ବିନ୍ୟାସ କରି ନ ଥିଲେ । ସମ୍ପୃକ୍ତ ନର୍ସଙ୍କର ଆଫ୍ରିକୀୟ କେଶ ବିନ୍ୟାସ ରହିଥିଲା ।

ଯେତେବେଳେ ଗୁଲାବ ଦାସ ସେଠାରେ ପହଞ୍ଚିଲେ ଏବଂ ଅସ୍ତ୍ରୋପଚାର ପାଇଁ ଅନୁମତି ପତ୍ର ଦସ୍ତଖତ କରିବା ପାଇଁ ମାଗିଲେ ସେତେବେଳେ ତାଙ୍କୁ କୁହାଗଲା "ସବୁକାମ ସରିଯାଇଛି ।" ଗୁଲାବ ଦାସ ଭାବିଲେ ବୋଧହୁଏ ତାଙ୍କ ପତ୍ନୀ ମୃତ୍ୟୁବରଣ କରିଛନ୍ତି । ମାତ୍ର ସମ୍ପୂର୍ଣ୍ଣ ଘଟଣାଟି ଶୁଣିବା ପରେ ସେ ଜାଣିପାରିଥିଲେ ଯେ ଆଫ୍ରିକୀୟ କେଶ ବିନ୍ୟାସ କରି କେଉଁ ନର୍ସଟି ଏଭଳି ଅଲୌକିକତା ପ୍ରଦର୍ଶନ କରି ଅଦୃଶ୍ୟ ହୋଇଯାଇଛି ।

ଗୁଲାବ ଦାସ ପୁଣି ନିଜ ଘରେ ଥିବା ସ୍ୱାମୀଙ୍କ ଫଟୋ ନିକଟକୁ ଫେରିଗଲେ ଏବଂ କହିଥିଲେ ''ମୁଁ ଆପଣଙ୍କୁ ଗାଳି ଦେଇ ନ ଥିଲେ ଆପଣ ବୋଧହୁଏ ଯଥା ସମୟରେ ଏ କାର୍ଯ୍ୟ କରି ନଥାନ୍ତେ । ମୋତେ ଦୟାକରି କ୍ଷମା କରିବେ । ମୁଁ ଏବେ ଅନୁଭବ କରୁଛି ଯେ ମୋର କେବଳ ଆଂଶିକ ଭକ୍ତି ରହିଛି । ଦୟାକରି ସବୁବେଳେ ଆମ ସହିତ ରହନ୍ତୁ ଏବଂ ପୂର୍ଣ୍ଣ ସମର୍ପଣ ଭାବ ପ୍ରଦାନ କରନ୍ତୁ ।''

ଏହି ଅନନ୍ୟ ଅଲୌକିକତା ସମ୍ବାଦ ବାଡ଼ବାଗ୍ନି ପରି କେବଳ ଲିମ୍ବଡ଼ିରେ ନୁହେଁ ଆଖପାଖ ଅଞ୍ଚଳରେ ମଧ୍ୟ ବ୍ୟାପିଯାଇଥିଲା । ଶହ ଶହ ଭକ୍ତଙ୍କର ପରମପ୍ରିୟ ସ୍ୱାମୀଙ୍କ ପ୍ରତି ବିଶ୍ୱାସ ଦୃଢ଼ ହୋଇଥିଲା । ତା ପରଠାରୁ ନଗର ସଂକୀର୍ତ୍ତନରେ ଭକ୍ତଙ୍କ ଧାଡ଼ି ଲମ୍ବିଯାଇଥିଲା । ଏହା ଥିଲା ସେଇ ଅଲୌକିକତାର ଫଳ ।

ମୁଁ ମଧ୍ୟ ଗୁଲାବ ଦାସଙ୍କ ପତ୍ନୀଙ୍କୁ ଦେଖିବା ପାଇଁ ଲିମ୍ବଡି ଯାଇଥିଲି । ତାଙ୍କ ଗୋଡ଼ ସମ୍ପୂର୍ଣ୍ଣ ଭାବେ ଠିକ୍ ଥିଲା । ଗୋଡ଼ରେ କେବଳ ଗୋଟିଏ ଦାଗ ଦେଖାଯାଉଥିଲା ଏବଂ ସେ ସୁସ୍ଥ ଲୋକ ପରି ଚଳ ପ୍ରଚଳ କରିପାରୁଥିଲେ । ମୁଁ ସ୍ୱାମୀଙ୍କର ପ୍ରଶଂସା କଲି ଏବଂ ପ୍ରାର୍ଥନା କରିଥିଲି ''ହେ ଭଗବାନ, ଆପଣ ହେଉଛନ୍ତି ସବୁ ଅବତାରଙ୍କର ଅବତାର ଏବଂ ଏ ପର୍ଯ୍ୟନ୍ତ ବିଦ୍ୟମାନ ରହିଛନ୍ତି । ଏହି ଅନନ୍ୟ ଅଲୌକିକତା ମାଧ୍ୟମରେ ଆପଣ ସମଗ୍ର ଗୁଜୁରାଟକୁ ଆଶୀର୍ବାଦ କରିଛନ୍ତି । ସମସ୍ତେ ଆପଣଙ୍କୁ ସର୍ବବିଦ୍ୟମାନ ଅବତାର ରୂପେ ମନେ ରଖିବେ ।''

ନିବେଦନମ୍

୧୯୬୭ ମସିହାରେ ପରମପ୍ରିୟ ସ୍ୱାମୀ 'ଏହି ଦାସ'କୁ ନିଜର ଅଭିଜ୍ଞତାଗୁଡ଼ିକୁ ଲେଖିବା ପାଇଁ ପ୍ରେରଣା ଦେଇଥିଲେ । ସେ ଏହା କରିପାରି ନ ଥିଲା । ମାତ୍ର ଓମ୍ ଶ୍ରୀ ସତ୍ୟସାଇ ନିବାସ, ଜାମନଗର (ଗୁଜୁରାଟ)ର ସତ୍ୟନାରାୟଣ ରୋଡ଼ରେ ଥିବା ସାଇ କେନ୍ଦ୍ରର କାର୍ଯ୍ୟକଳାପ ସମ୍ପର୍କରେ ଗୋଟିଏ ବାର୍ଷିକ ବିବରଣୀ ଲେଖି ପାରିଥିଲା । ଏହି ବିବରଣୀକୁ 'ନିବେଦନମ୍' ନାମରେ ନାମିତ କରାଯାଇଥିଲା । ଏଥିରେ ପୃଥିବୀର ସବୁ ସାଇକେନ୍ଦ୍ର ଗୁଡ଼ିକର ଠିକଣା ଓ କେତେକ ଭକ୍ତଙ୍କର ନାମ ଉଲ୍ଲେଖ କରାଯାଇଥିଲା । କାରଣ ବାବା ଶିକ୍ଷା ଦେଇଛନ୍ତି ଯେ ସମଗ୍ର ବିଶ୍ୱ ଏକ ପରିବାର । 'ନିବେଦନମ୍' ଭାରତର ଓ ବିଦେଶର ଦୁଇହଜାର ସାଇକେନ୍ଦ୍ର ଠିକଣାରେ ପଠାଯାଇଥିଲା । ଏହାର ନାମାଙ୍କନ ପୃଷ୍ଠାରେ ପରମପ୍ରିୟ ସ୍ୱାମୀ ଲେଖି ଦେଇଥିଲେ **''ପ୍ରେମ ଓ ଆଶୀର୍ବାଦ ସହ ସବୁ ଭକ୍ତମାନଙ୍କୁ– ସ୍ୱା : ଶ୍ରୀ ସତ୍ୟସାଇବାବା, ୨୮.୩.୬୯ ।''**

ଏହି ରିପୋର୍ଟରେ ୧୯୬୭ ନଭେମ୍ବର ୨୩ ତାରିଖଠାରୁ ୧୯୬୮ ନଭେମ୍ବର ୨୩ ତାରିଖ ପର୍ଯ୍ୟନ୍ତ କ୍ରମାନ୍ୱୟରେ ସାଇ କାର୍ଯ୍ୟକ୍ରମର ବିଶଦ ବିବରଣୀ ଦିଆଯାଇଥିଲା । ପରମପ୍ରିୟ ସ୍ୱାମୀ, ପ୍ରତ୍ୟେକ କେନ୍ଦ୍ରକୁ ଗୋଟିଏ ଲେଖାଁ ପୁସ୍ତିକା ପଠାଇ ଦେବାକୁ 'ଏହି ଦାସ'କୁ ନିର୍ଦ୍ଦେଶ ଦେଇଥିଲେ । ସେ ନିଜ ପାଖରେ ୫୦୦ ପୁସ୍ତିକା ରଖି ବିଦେଶୀ ଭକ୍ତମାନଙ୍କୁ ବାଣ୍ଟିଥିଲେ ।

ପ୍ରଫେସର ଏନ. କସ୍ତୁରୀ 'ସତ୍ୟମ୍- ଶିବମ୍- ସୁନ୍ଦରମ୍'ର ଦ୍ୱିତୀୟ ଭାଗ ପ୍ରଥମ ସଂସ୍କରଣରେ ଯାହା ଲେଖିଥିଲେ ତାହା ଏହି ବିବରଣୀ 'ନିବେଦନମ'ର ପ୍ରଚ୍ଛଦ ପୃଷ୍ଠାରେ ଉଦ୍ଧୃତ ହୋଇଥିଲା । ତାଙ୍କ ଲେଖାଟି ଏହିପରି–

''ଗୁଜୁରାଟର ସୌରାଷ୍ଟ୍ରରେ ସତ୍ୟସାଇ ପାଠଚକ୍ର ଓ ଭଜନ ମଣ୍ଡଳିଗୁଡ଼ିକ ବନ୍ୟା ପ୍ଲାବନ ପରି ଚାରିଆଡ଼େ ବ୍ୟାପି ଯାଇଛି । ବାବା ସେହି ଅଞ୍ଚଳ ପାଇଁ ତାଙ୍କର ଅସୀମ କୃପା ପ୍ରଦର୍ଶନ କରିଛନ୍ତି । ଏପରିକି ସେ ଶିରିଡ଼ିରେ ଥିଲାବେଳେ ମଧ୍ୟ ଏଭଳି କୃପା ପ୍ରଦର୍ଶନ କରିଥିଲେ । ଏବେ ତାହା ସୌରାଷ୍ଟ୍ର ପାଇଁ ପୁନର୍ବାର ମିଳିଛି । ନିଜର ଉପସ୍ଥିତି ଓ ବଦାନ୍ୟତାର ସ୍ପଷ୍ଟ ପ୍ରମାଣ ଦେଇ ସେ ଗ୍ରାମ ଓ ସହର ଗୁଡ଼ିକର ଲୋକମାନଙ୍କୁ ନିଜ ଆଡ଼କୁ ଟାଣି ଆଣିଛନ୍ତି । ସେ 'ସୌରାଷ୍ଟ୍ର'କୁ ଖୁବ୍ ଶୀଘ୍ର 'ସାଇରାଷ୍ଟ୍ର'ରେ ପରିଣତ କରିଦେଇଛନ୍ତି । ଥରେ ଗୋଟିଏ ସାଧାରଣ ସଭା ଜାମନଗରରେ ହେବାର ଥିଲା । ଅଣ ପାରମ୍ପରିକ ରୀତିରେ ପୁରୁଷ ଓ ମହିଳାମାନେ ବନ୍ୟାର ସ୍ରୋତ ପରି 'ସାଇମୁହାଁ' ହେବାର କାରଣ କଣ ବୋଲି ମୁଁ ସେତେବେଳେ ଜଣକୁ ପଚାରିଥିଲି । ସେ ଉତ୍ତର ଦେଇଥିଲେ ''ଏ ଅଞ୍ଚଳକୁ ଘେରି ରହିଥିବା ଗ୍ରାମମାନଙ୍କରେ ଯେଉଁଠାରେ ସତ୍ୟସାଇଙ୍କ ଫଟୋ ପୂଜା ପାଉଛି ସେଠରେ ଫଟୋରୁ ବିଭୂତି ଝରି ଆସୁଛି । ଏହା ବାବାଙ୍କ ଉପସ୍ଥିତି ଓ କୃପାର ନିର୍ବିବାଦୀୟ ପ୍ରାମାଣିକ ସଂକେତ ।''

ପ୍ରଶାନ୍ତି ନିଳୟମ୍ରୁ ପ୍ରକାଶ ପାଉଥିବା ମାସିକ ପତ୍ରିକା 'ସନାତନ ସାରଥି'ର ୧୯୬୫ ମସିହା ଅକ୍ଟୋବର ସଂଖ୍ୟାରେ ନିମ୍ନଲିଖିତ ମନ୍ତବ୍ୟଟି ପ୍ରକାଶିତ ହୋଇଥିଲା ।

''ବାବା ହେଉଛନ୍ତି ସର୍ବାନ୍ତର୍ଯ୍ୟାମୀ । ସେ ସମସ୍ତଙ୍କ ଅନ୍ତର ମଧ୍ୟରେ ଦିଗ୍‌ଦର୍ଶକ । ଏହି ସତ୍ୟ ଅନ୍ୟସ୍ଥାନ ପରି ସୌରାଷ୍ଟ୍ରରେ ହଜାର ହଜାର ସଂଖ୍ୟାରେ ପ୍ରଦର୍ଶିତ ହେଉଅଛି । ଫଳରେ 'ସୌରାଷ୍ଟ୍ର' ଦ୍ରୁତ ଗତିରେ 'ସାଇରାଷ୍ଟ୍ର'ରେ ପରିଣତ ହେଉଅଛି ।''

ବର୍ତ୍ତମାନ ଆସନ୍ତୁ ପରମପ୍ରିୟ ସ୍ୱାମୀଙ୍କ ଦିବ୍ୟବାଣୀ ଏଠାରେ ଉଦ୍ଧାର କରିବା ।

''ପ୍ରଥିବୀର ଯେ କୌଣସି ସ୍ଥାନ ହେଉ ନା କାହିଁକି ଯେଉଁଠାରେ ସାଧୁ, ସନ୍ଥ, ଯୋଗୀ, ଋଷି, ଆଧାତ୍ମିକ ସାଧକ ଭଗବାନଙ୍କୁ ପାଇବା ପାଇଁ ବ୍ୟାକୁଳ ହୁଅନ୍ତି ସେମାନଙ୍କ

ସହିତ ବାବା ସର୍ବଦା ରହିଥାନ୍ତି । ସେମାନଙ୍କୁ ଲକ୍ଷ୍ୟ କରନ୍ତି, ଦିଗ୍‌ଦର୍ଶନ ଦିଅନ୍ତି, ଭଗବାନଙ୍କ ଆଡ଼କୁ ସେମାନଙ୍କର ହୃଦୟ ଓ ମନର ଗତିକୁ ବୃଦ୍ଧି କରାନ୍ତି । ବାବା ତାଙ୍କର ସଂଖ୍ୟାହୀନ ଶରୀରକୁ ନେଇ ହଜାର ହଜାର ମସ୍ତକ, ହସ୍ତ ଓ ପଦର କାର୍ଯ୍ୟ ଯେ କୌଣସି ସ୍ଥାନରେ କରିପାରନ୍ତି । ଏହା କେବଳ ଏହି ଶରୀର ଯାହା ଏଠାରେ ବସି ତୁମମାନଙ୍କ ସହିତ କଥାବାର୍ତ୍ତା କରୁଛି । ଏହା ହିଁ ବାବାଙ୍କର ସର୍ବବ୍ୟାପକତା । ଅବତାର ପଞ୍ଚଭୂତର ଊର୍ଦ୍ଧ୍ୱରେ । ସେ ହେଉଛନ୍ତି ସ୍ରଷ୍ଟା ।''

''ସାଇବାବା ଏକ ଭୌତିକ ରୂପ ମାତ୍ର । ସାଇ ବାବାର ଅର୍ଥ ଦିବ୍ୟ ମାତା ଓ ଦିବ୍ୟ ପିତା । 'ସା' ଅକ୍ଷରର ଅର୍ଥ ହେଲା 'ଦିବ୍ୟ', 'ଆଇ'ର ଅର୍ଥ ହେଲା 'ମାତା', 'ବାବା'ର ଅର୍ଥ ହେଲା 'ପିତା' । ତେଣୁ 'ସାଇବାବା'ର ଅର୍ଥ ହେଲା ଦିବ୍ୟ ପିତାମାତା । 'ସାଇରାମ' ସେହି ଏକା ରୂପ ସାଇବାବାର ପ୍ରତିନିଧିତ୍ୱ କରିଥାଏ ।''

''ଏହି ସତ୍ୟସାଇ ଅବତାର ଷୋଳ କଳାର ଅଧିକାରୀ ହୋଇ ପୂର୍ଣ୍ଣ ଅବତାର । ପୂର୍ବରୁ କୃଷ୍ଣ ଅବତାର ସମୟରେ ଏହା ଥରେ ମାତ୍ର ଘଟିଥିଲା ।''

''ମୁଁ ବର୍ତ୍ତମାନ ଶିବ-ଶକ୍ତି ସ୍ୱରୂପ (ବିଶ୍ୱ ଚେତନା ଓ ବିଶ୍ୱଶକ୍ତିର ମିଳିତ ରୂପ) । ମୁଁ ଏହି ଉଭୟର ସମ୍ପୂର୍ଣ୍ଣ ଓ ସର୍ବାଧିକ ପ୍ରମାଣ ପ୍ରଦର୍ଶନ କରିସାରିଛି ।''

ଆଉ ଗୋଟିଏ ଉଦାହରଣ ଦେଇ ଆମେ ଏହି ଅଧ୍ୟାୟଟି ଶେଷ କରିବା । ଜଣେ ଭକ୍ତ ଥରେ ସ୍ୱାମୀଙ୍କ ନିକଟକୁ ଗଲେ ଏବଂ ସ୍ୱାମୀ ଗୁଜୁରାଟରୁ ଆସିଥିବା ଭକ୍ତମାନଙ୍କ ସହ ଏକ ଘଣ୍ଟା ରହି ସେମାନଙ୍କୁ ଦିବ୍ୟଜ୍ଞାନ ପ୍ରଦାନ କରିବାକୁ ସାକ୍ଷାତକାର କୋଠରୀରେ ପ୍ରାର୍ଥନା ଜଣାଇଲେ । ବାବା ସଙ୍ଗେ ସଙ୍ଗେ 'ସତ୍ୟସାଇ କହନ୍ତି'ର ପଞ୍ଚମ ଭାଗଟି ସୃଷ୍ଟି କରି ତାଙ୍କ ଆଡ଼କୁ ବଢ଼ାଇ ଦେଲେ । ଏଥିରେ ତାଙ୍କ ଦସ୍ତଖତ ଓ ତାରିଖ ରହିଥିଲା । ସ୍ୱାମୀ କହିଥିଲେ ''ସ୍ୱାମୀ ଆଜିକାଲି ଭାରି ବ୍ୟସ୍ତ ଅଛନ୍ତି । କିନ୍ତୁ ଏହି ବହିଟିରେ ସ୍ୱାମୀ ଗୁଜୁରାଟରେ ଦେଇଥିବା ସନ୍ଦେଶ ରହିଛି । ଏହାକୁ ଅନ୍ୟ ସମସ୍ତଙ୍କ ସମ୍ମୁଖରେ ତୁମେ ପଢ଼ ଏବଂ ଆବଶ୍ୟକ ଜ୍ଞାନ ଆହରଣ କର ।''

ପରମପ୍ରିୟ ସ୍ୱାମୀ ତାଙ୍କର ଭକ୍ତମାନଙ୍କୁ ବିଭିନ୍ନ ଉପାୟରେ ଆଶୀର୍ବାଦ କରିଥାନ୍ତି ।

□□

ଅଧ୍ୟାୟ - ୩୨

ତାଞ୍ଜାନିଆର ଆରୁଶାରେ ସ୍ୱାମୀଙ୍କ ଅଲୌକିକତା

ସ୍ୱାମୀଙ୍କ ଇଚ୍ଛା ଅନୁସାରେ ପାଶ୍‌ପୋର୍ଟ ଓ ନାଗରିକତ୍ୱ ନୀତି ନିୟମର ବିଶେଷ କଟକଣା ଯୋଗୁ ମୁଁ ଜାମନଗରର ଏମ.ପି. ଶାହା ମେଡ଼ିକାଲ କଲେଜ ଓ ଇରଓ୍ୱିନ୍ ହସ୍‌ପିଟାଲରେ ବେଶିଦିନ କାର୍ଯ୍ୟ କରି ପାରି ନ ଥିଲି ।

ମୁଁ ଥରେ ପରମପ୍ରିୟ ସ୍ୱାମୀଙ୍କ ନିକଟକୁ ଯାଇଥିଲି । ସେ ମୋତେ ନିର୍ଦ୍ଦେଶ ଦେଇଥିଲେ ''ତୁମକୁ ଆଫ୍ରିକା ପଠାଇବା ସ୍ୱାମୀଙ୍କର ଇଚ୍ଛା । ତୁମେ ବର୍ତ୍ତମାନ ଆଫ୍ରିକା ଯାଅ ।'' ସେ ଦୁଇଟି ମୁଦି ସୃଷ୍ଟି କରିଥିଲେ । ସେଥିରୁ ଗୋଟିଏ ରୂପାରେ ତିଆରି ଏବଂ ସେଥିରେ ଶିରିଡ଼ି ସାଁଇଙ୍କର ଛବି ରହିଥିଲା । ଅନ୍ୟଟି ମଥୁରାନାଥଙ୍କ ଭଙ୍ଗିରେ ସତ୍ୟସାଇଙ୍କ ଛବି ଥାଇ ସୁନାରେ ତିଆରି । ସୁନା ମୁଦିଟିକୁ ସେ ନନ୍ଦାଙ୍କୁ ଦେଲେ ଏବଂ ରୂପା ମୁଦିଟିକୁ ମୋ ହାତକୁ ବଢ଼ାଇ ଦେଲେ । ମୋ ମନରେ ଗୋଟିଏ ଚିନ୍ତା ଆସିଲା ଯେ ସୁନା ମୁଦିଟି ମୋ ପାଇଁ ଭଲ ହୋଇଥାନ୍ତା । ସଙ୍ଗେ ସଙ୍ଗେ ପରମପ୍ରିୟ ସ୍ୱାମୀ କହିଥିଲେ ''ଦୁହେଁ ପରସ୍ପରକୁ ପିନ୍ଧାଇ ଦେଇ ମୁଦି ଦୁଇଟିକୁ ବଦଳାଇଦିଅ ।''

ମୁଁ ଖୁସି ହୋଇ ଯାଇଥିଲି ଯେ ସେ ମୋ ଇଚ୍ଛା ପୂରଣ କରିଛନ୍ତି । ଯାହାହେଉ ମୁଦି ଦୁଇଟି ଖୁବ୍ ବଡ଼ ଥିଲା । ସେ ମୋତେ ନନ୍ଦାଙ୍କ ଦକ୍ଷିଣ ହସ୍ତ ତର୍ଜନୀରେ ପିନ୍ଧାଇ ଦେବାକୁ କହିଥିଲେ । ମୁଁ ପିନ୍ଧାଇ ଦେବା ମାତ୍ରେ ମୁଦିଟି ଆପେ ଆପେ ଛୋଟ ହୋଇଯାଇ ନନ୍ଦାଙ୍କ ଆଙ୍ଗୁଠିକୁ ଠିକ୍ ଖାପ ଖାଇଥିଲା । ସେ ନନ୍ଦାଙ୍କୁ ମୋର ଦକ୍ଷିଣ ହସ୍ତର ମଧ୍ୟମା ଆଙ୍ଗୁଠିରେ ପିନ୍ଧାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏବେ ମଧ୍ୟ ସେ ସେହି ମୁଦିଟିର ଆକାରକୁ ଛୋଟ କରି ଦେଇଥିଲେ । ସେ କହିଥିଲେ ''ଏହି ମୁଦି ଦୁଇଟି ତୁମର ରକ୍ଷା କବଚ ଏବଂ ସ୍ୱାମୀ ତୁମ ଉଭୟଙ୍କର ଯତ୍ନ ନେଉଥିବେ ।''

ନନ୍ଦା ଓ 'ଏହି ଦାସ' ପରମପ୍ରିୟ ସ୍ୱାମୀଙ୍କୁ ଛାଡ଼ି ଅତି ଦୂରକୁ ଯିବା ପାଇଁ ଅସୁଖୀ ଥିଲେ । ଏହାଦ୍ୱାରା ଆମେ ସ୍ୱାମୀଙ୍କୁ ଦର୍ଶନ କରିବା ସମ୍ଭବ ହେବ ନାହିଁ । ଦୁଇ ଆଖିରୁ ଲୁହ ଝରାଇ ନନ୍ଦା ପଚାରିଲେ ''ସ୍ୱାମୀ, ଆମେ ପୁଣି କେବେ ଆପଣଙ୍କ ଦର୍ଶନ ପାଇବୁ ?'' ସେ ତତ୍‌କ୍ଷଣାତ୍ ଉତ୍ତର ଦେଇଥିଲେ ସ୍ୱାମୀ ପ୍ରତିଜ୍ଞା କରୁଛନ୍ତି ଯେ ସେ

ବର୍ଷକ ଭିତରେ ତୁମେ ଯେଉଁଠାରେ ଥାଅନା କାହିଁକି ନିଶ୍ଚୟ ଦର୍ଶନ ଦେବେ । ଏବେ ତୁମେ ଖୁସି ତ ?'' ଏଇ ଉତ୍ତରରେ ଆମେ ସନ୍ତୋଷ ଲାଭ କରିଥିଲୁ ଏବଂ ତାଙ୍କର ପ୍ରତିଶ୍ରୁତି ପାଇଁ ଧନ୍ୟବାଦ ଜଣାଇଥିଲୁ ।

ମୁଁ ଉଗାଣ୍ଡାର କାମ୍ପାଲାରେ ମୋର ପୈତୃକ ଗୃହରେ ପହଞ୍ଚିଲି ଏବଂ ପୂର୍ବଆଫ୍ରିକାର ତିନୋଟି ଦେଶରେ ଚିକିତ୍ସା କରିବା ଉଦ୍ଦେଶ୍ୟରେ ଅନୁମତିପତ୍ର ପାଇଁ ଦରଖାସ୍ତ କଲି । କେନିଆ ଓ ଉଗାଣ୍ଡାର ମେଡ଼ିକାଲ କାଉନସିଲ ଅନୁମତି ପତ୍ର ଦେବା ପାଇଁ ବିଳମ୍ବ କଲେ ମଧ ଶେଷରେ ସମ୍ପୂର୍ଣ୍ଣ ଅନୁମତି ପତ୍ର ମିଳିଥିଲା । ତାଞ୍ଜାନିଆର ମେଡ଼ିକାଲ କାଉନ୍‌ସିଲ ଅଳ୍ପଦିନ ମଧ୍ୟରେ ଅନୁମତି ପତ୍ର ଦେଇଥିଲେ । ତେଣୁ ମୁଁ ତାଞ୍ଜାନିଆର ରାଜଧାନୀ 'ଦର୍-ଏସ୍-ସଲାମ୍'କୁ ଗଲି ଏବଂ ମୋତେ ଏଚ.ଏଚ. ଆଗାଖାଁ ହସ୍‌ପିଟାଲରେ ନିଯୁକ୍ତି ଦେବା ପାଇଁ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅନୁରୋଧ କଲି । ମୋର ଯୋଗ୍ୟତା ପ୍ରମାଣପତ୍ର, କୃତିତ୍ୱ ଓ ଅଭିଜ୍ଞତା ସମ୍ପର୍କୀୟ ପ୍ରମାଣପତ୍ର ସବୁ ଦେଖିବା ପରେ ମୋତେ ଆରୁଶା ଯିବା ପାଇଁ ଅନୁମତି ଦିଆଯାଇଥିଲା । ଏଠାରେ ମୋତେ ଏଚ.ଏଚ. ଆଗାଖାଁ ହସ୍‌ପିଟାଲର ମୁଖ୍ୟ ଚିକିତ୍ସକ ପଦ ଗ୍ରହଣ କରିବାକୁ କୁହାଯାଇଥିଲା । ମୋତେ ଭଲ ଲାଗିଲେ ମୁଁ ସେହିଦିନ ମୁଖ୍ୟ ଚିକିତ୍ସକ ପଦ ଗ୍ରହଣ କରିବି ବୋଲି ସ୍ଥିର କଲି ଏବଂ ପାଞ୍ଚଦିନ ଭିତରେ ମୋର ନିଷ୍ପତ୍ତି ଜଣାଇଦେବି ବୋଲି ପ୍ରତିଶ୍ରୁତି ଦେଇ ଆସିଥିଲି । ସହର ଓ ହସ୍‌ପିଟାଲଟିକୁ ନିଜେ ଦେଖିବା ପାଇଁ ମୁଁ ବସ୍‌ରେ ଆରୁଶା ଗଲି ଏବଂ ସେଠାରେ ମୋତେ ସ୍ୱାଗତ କଲାଭଳି ଏସିଆର କେତୋଟି ସ୍ନେହୀ ପରିବାରକୁ ଭେଟିଥିଲି । ମିଷ୍ଟର ଜୟନ୍ତିଲାଲ କୋଲେରା ବୋଲି ଜଣେ ବ୍ୟକ୍ତି ମୋତେ ଯଥେଷ୍ଟ ପ୍ରୋତ୍ସାହନ ଦେଇଥିଲେ ଏବଂ ଅନ୍ୟ ଘର ପାଇବା ପର୍ଯ୍ୟନ୍ତ ନନ୍ଦାଙ୍କ ସହିତ ତାଙ୍କ ଘରେ ରହିବା ପାଇଁ ନିମନ୍ତ୍ରଣ କରିଥିଲେ ।

ଜୟନ୍ତିଲାଲ ଓ ତାଙ୍କ ପତ୍ନୀ ଇନ୍ଦୁବେନ୍‌ଙ୍କ ପ୍ରେମ ମୋତେ ଉଦ୍‌ବୁଦ୍ଧ କରିଥିଲା । ମୁଁ ଆରୁଶାର ମୁଖ୍ୟ ଚିକିତ୍ସକ ପଦବୀଟିକୁ ଗ୍ରହଣ କରିଥିଲି ଏବଂ ୧୯୬୯ ମସିହା ନଭେମ୍ବର ପହିଲା ତାରିଖଠାରୁ ତିନିବର୍ଷ ପାଇଁ ଚୁକ୍ତିପତ୍ର କରି କାର୍ଯ୍ୟ ଆରମ୍ଭ କରିଥିଲି । ତିନୋଟି ଶୟନ କକ୍ଷ ଥିବା ରହିବା ଉପଯୋଗୀ ବାସଗୃହ ଯୋଗାଇ ଦେବାକୁ ସେଥିରେ ସର୍ତ୍ତ ରହିଥିଲା । ସେଠାରେ ତିନିବର୍ଷ କାର୍ଯ୍ୟ କରିବା ପରେ ପରମପ୍ରିୟ ସ୍ୱାମୀଙ୍କ ପ୍ରେରଣା ଯୋଗୁ ମୁଁ ମୋର ନିଜର ଘରୋଇ ଚିକିତ୍ସାଳୟ ସେଠାରେ ଆରମ୍ଭ କରିଥିଲି । ଏହାର ନାମ ଥିଲା 'ଓମ୍ ଶ୍ରୀ ସତ୍ୟସାଇ ଚିକିତ୍ସାକେନ୍ଦ୍ର' । ଏହା ଆରୁଶାର ଉହୁରୁ ରୋଡ଼ରେ ଅବସ୍ଥିତ ଥିଲା ।

ମୁଁ ଯେତେବେଳେ ପରମପ୍ରିୟ ସ୍ୱାମୀଙ୍କୁ ଦିବ୍ୟ ଆଶୀର୍ବାଦ ପ୍ରଦାନ କରିବାକୁ ଟେଲିଗ୍ରାମ ପଠାଇଲି ସେ ଉତ୍ତର ଦେଇଥିଲେ 'ଆଶୀର୍ବାଦ ରହିଲା । ପ୍ରେମର ବିକାଶ

ଓ ପ୍ରସାର କର ।'' ପରମପ୍ରିୟ ସ୍ୱାମୀଙ୍କର ଆଶୀର୍ବାଦ ଅତ୍ୟନ୍ତ ଫଳପ୍ରଦ ଥିଲା ଏବଂ ମୁଁ ପାଞ୍ଚହଜାର ପରିବାରର ଘରୋଇ ଚିକିତ୍ସକ ହୋଇପାରିଥିଲି । ପ୍ରତ୍ୟେକ ପରିବାରକୁ ଗୋଟିଏ ଲେଖାଏଁ ଚିକିତ୍ସା ପତ୍ର ମିଳିଥିଲା ଏବଂ ଏଥିରେ ପଞ୍ଜିକୃତ ସଂଖ୍ୟାଟିଏ ଦିଆଯାଇଥିଲା । ଚିକିତ୍ସା ଆରମ୍ଭ ପୂର୍ବରୁ ସେଥିରୁ ରୋଗୀ ସମ୍ପର୍କରେ ବିଶଦ ବିବରଣୀ ଜାଣି ହେଉଥିଲା । ମୋ ଚିକିତ୍ସାରେ ସବୁ ପରିବାର ଖୁସି ଥିଲେ ଏବଂ ସବୁ କିଛି ଭଲ ଭାବରେ ଚାଲିଥିଲା ।

ସନ୍ଧ୍ୟା ସମୟରେ ପ୍ରତ୍ୟହ କେତୋଟି ପରିବାର ବାବାଙ୍କ ଦିବ୍ୟ ସନ୍ଦେଶ ସମ୍ପର୍କରେ ଆଲୋଚନା କରିବା ପାଇଁ ଏକାଠି ହେଉଥିଲେ । ୧୯୬୯ ମସିହା ନଭେମ୍ବର ୨୩ ତାରିଖଦିନ ଜୟନ୍ତିଲାଲ କୋରେଲାଙ୍କ ଘରେ ଏକ ସାଇକେନ୍ଦ୍ର ପ୍ରତିଷ୍ଠିତ ହୋଇଥିଲା । ଅନେକଗୁଡ଼ିଏ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା ଏବଂ ସମୟକ୍ରମେ ଆମର ବାର୍ଷିକ ବିବରଣୀ ସନାତନ ସାରଥିରେ ପ୍ରକାଶ ପାଉଥିଲା । ଭକ୍ତମାନଙ୍କର ସଂଖ୍ୟା କ୍ରମେ ବଢ଼ିବାକୁ ଲାଗିଲା । ଆମର କ୍ରମବର୍ଦ୍ଧିଷ୍ଣୁ କାର୍ଯ୍ୟକ୍ରମ ପାଇଁ ଆରୁଶାରେ ଅବସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରରେ ଥିବା ସଭାଗୃହଟିକୁ ବ୍ୟବହାର କରିବା ପାଇଁ ସ୍ଥାନୀୟ ହିନ୍ଦୁ ସମିତି ଅନୁମତି ଦେଇଥିଲା । ବାଳବିକାଶ ଶ୍ରେଣୀ (ପିଲାମାନଙ୍କ ପାଇଁ ଆଧ୍ୟାତ୍ମିକ ଶିକ୍ଷା) ଆରମ୍ଭ କରାଯାଇଥିଲା ଏବଂ ଏହା ଅତ୍ୟନ୍ତ ଲୋକପ୍ରିୟ ହୋଇପାରିଥିଲା ।

ଆସନ୍ତୁ ଏଥର ବାଳ ବିକାଶ ସମ୍ପର୍କରେ ସ୍ୱାମୀଙ୍କର ବାଣୀ ଏଠାରେ ଉଦ୍ଧାର କରିବା ।

''ଯେଉଁ ବାଳବିକାଶ ପିଲାମାନଙ୍କୁ ତୁମେ ଦିଗ୍‌ଦର୍ଶନ ଦେଉଛ ଏବଂ ପ୍ରେରଣା ଯୋଗାଉଛ ସେମାନେ ଆସନ୍ତାକାଲି ଦେଶର ନେତୃତ୍ୱ ନେବେ । ସେମାନଙ୍କ ଭିତରେ ଯେଉଁ ସାଧୁତା ତୁମେ ରୋପଣ କରୁଛ, ଯେଉଁ ପରାମର୍ଶ ସେମାନଙ୍କୁ ଦେଉଛ ସେଗୁଡ଼ିକ ସେମାନଙ୍କ ମାନସପଟରେ ଦାଗ ଭଳି ରହିଯିବ ଏବଂ ସମୟକ୍ରମେ ସେମାନଙ୍କର ବ୍ୟକ୍ତିତ୍ୱ ଓ ବ୍ୟବହାରରେ ପରିବର୍ତ୍ତନ ଆଣିବ ।''

''ପିତାମାତାଙ୍କୁ ସମ୍ମାନ ଦେବା ପାଇଁ ବାଳବିକାଶ ପିଲାମାନଙ୍କୁ ନିର୍ଦ୍ଦେଶ ଦିଅ । ସେମାନଙ୍କୁ ଭୌତିକ ଶରୀର ଓ ଜୀବନ୍ୟାସ ଦେଇଥିବା ଯୋଗୁ ପିତାମାତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ ଉଦ୍ଦେଶ୍ୟରେ ଏହା ଏକ ସ୍ୱାଭାବିକ କାର୍ଯ୍ୟ । ଏହା (ଶରୀର) ଯେତେ ସୁନ୍ଦର ହେଉନା କାହିଁକି କେବଳ ମାନବ ଶରୀରର ଅଧିକାରୀ ହେବା ଶାନ୍ତି ଓ ଆନନ୍ଦ ପାଇଁ ଯଥେଷ୍ଟ ନୁହେଁ । ଏହାର ରହସ୍ୟ ଉଦ୍‌ଘାଟନ ଏବଂ ନିଜର ଆବେଗ ଓ କ୍ଷୁଧାକୁ ନିୟନ୍ତ୍ରଣ କରିବାର ଉପାୟ ଜଣେ ଜାଣିବା ଉଚିତ । ଜଣେ ଗୁରୁ ଏଥିପାଇଁ ବାଟ ଦେଖାଇଥାଏ । ତେଣୁ ଜଣେ ଛାତ୍ର ଗୁରୁଙ୍କର ଶିକ୍ଷାଦାନ କାର୍ଯ୍ୟ ପାଇଁ କୃତଜ୍ଞତା ଜ୍ଞାପନ

ଉଦ୍ଦେଶ୍ୟରେ ତାଙ୍କୁ ସମ୍ମାନ କରିବା ଉଚିତ । ପିଲାମାନଙ୍କୁ ଏଥିପାଇଁ ପରାମର୍ଶ ଓ ପ୍ରୋତ୍ସାହନ ଦେବା ଆବଶ୍ୟକ ।''

''କେବଳ ବଞ୍ଚି ରହିବା ପାଇଁ ନୁହେଁ, ସଫଳ ଜୀବନ ପାଇଁ ଶିଶୁକୁ ଦିଗ୍‌ଦର୍ଶନ ଦେବା ଶିକ୍ଷାର ଲକ୍ଷ୍ୟ ହେବା ଉଚିତ । ଏଥିପାଇଁ କାର୍ଯ୍ୟଦକ୍ଷତା ହାସଲ କରିବା ଓ କାର୍ଯ୍ୟର କାରଣ ଖୋଜିବା ଯଥେଷ୍ଟ ନୁହେଁ । ଆତ୍ମବିଶ୍ୱାସ ଏବଂ ନିଜର ଦେବତ୍ୱ ଉପରେ ବିଶ୍ୱାସ ରଖିବା ନିହାତି ଆବଶ୍ୟକ । ତାହା ହିଁ ସବୁ ଦେଶର ଏବଂ ସବୁ ବିଶ୍ୱାସର ପୁରାତନ ଧର୍ମଗ୍ରନ୍ଥମାନଙ୍କରେ ତଥା ସାଧୁସନ୍ଥମାନଙ୍କର ଅଭିଜ୍ଞତା ପ୍ରସୂତ ଜ୍ଞାନ ମଧ୍ୟରେ ଅମୂଲ୍ୟ ରତ୍ନ ଭାବରେ ଗଚ୍ଛିତ ହୋଇ ରହିଛି ।''

''ତୁମେ ଯେଉଁ ମହତ କାର୍ଯ୍ୟ ନିଜ ମୁଣ୍ଡ ଉପରକୁ ନେଇଛ ତାର ସଫଳତା ପାଇଁ ଏବଂ ଏ ଦେଶର ଶିଶୁମାନଙ୍କୁ ଚିରସ୍ଥାୟୀ ଆନନ୍ଦର ଗୌରବମୟ ଅଞ୍ଚଳକୁ ପ୍ରବେଶ କରିବାର ପଥ ଆଲୋକିତ କରିବାକୁ ସକ୍ଷମ ହେବା ପାଇଁ ମୁଁ ତୁମ୍ଭମାନଙ୍କୁ ଆଶୀର୍ବାଦ କରୁଛି ।''

ଯମୁନାଦାସ ପଟେଲ

ଥରେ ମୁଁ ଯେତେବେଳେ ଚିକିତ୍ସାଳୟରେ ବ୍ୟସ୍ତ ରହିଥିଲି ଜଣେ ସାଇଭକ୍ତ ଯମୁନାଦାସ ପଟେଲଙ୍କୁ ଦେଖିବା ପାଇଁ ଡାକରା ପାଇଥିଲି । ଗୋଟିଏ କାରଖାନାରେ କାମ କରୁଥିବାବେଳେ ସେ ସଂଜ୍ଞାହୀନ ହୋଇ ପଡ଼ିଥିଲେ । ସେ କିଛି ସମୟ ପାଇଁ ସଂଜ୍ଞାହୀନ ହୋଇ ପଡ଼ିଥିଲେ । ତେଣୁ ମୁଁ ତାଙ୍କୁ ମଲ୍‌ଟି ଭିଟାମିନ୍ ଏବଂ ବି-୧୨ର ମିଶ୍ରଣ ଇଞ୍ଜେକ୍‌ସନ ଦେବାକୁ ସ୍ଥିର କଲି । ଏହି ଇଞ୍ଜେକ୍‌ସନ ଦେବା ମାତ୍ରେ ତାଙ୍କର ହୃତ୍‌ସ୍ପନ୍ଦନ ବନ୍ଦ ହୋଇଯାଇଥିଲା । ମୁଁ ତାଙ୍କ ମୁଖମଣ୍ଡଳରେ ବିଭୂତି ଛିଞ୍ଚିଦେଇଥିଲି ଏବଂ ଛାତିରେ, ବିଶେଷକରି ହୃତ୍‌ପିଣ୍ଡ ଥିବା ଅଞ୍ଚଳରେ, ବିଭୂତି ଘସି ଦେଇଥିଲି । ଆମେ ତାଙ୍କ ହାତ ଓ ଗୋଡ଼କୁ ହଲାଇବା ସହିତ ହୃତ୍‌ପିଣ୍ଡକୁ ମାଲିସ କରି ରକ୍ତସଞ୍ଚାଳନ ଚାଲୁ ରଖିବା ପାଇଁ ଚେଷ୍ଟା କରିଥିଲୁ ।

ମୁଁ ମୋର ନିଷ୍ପାପର ଓ ଆନ୍ତରିକ ପ୍ରାର୍ଥନା ବାବାଙ୍କୁ ଜଣାଇ କହିଥିଲି ''ସ୍ୱାମୀ, ମୋ ଚିକିତ୍ସାରେ ଏହା ପ୍ରଥମ ମୃତ୍ୟୁ ଘଟଣା ହେବ । ଦୟାକରି ରୋଗୀକୁ ଆପଣଙ୍କର ଦିବ୍ୟକୃପା ପ୍ରଦାନ କରନ୍ତୁ ।''

ମାତ୍ର କେତୋଟି ମିନିଟ ମଧ୍ୟରେ ରୋଗୀ ପୁଣି ନିଃଶ୍ୱାସ ପ୍ରଶ୍ୱାସ ନେବାକୁ ଆରମ୍ଭ କଲା ଏବଂ ଆଖି ଖୋଲି ଚାହିଁଲା । ସେ ଉଠିପଡ଼ିଲା ମାତ୍ର କଥାବାର୍ତ୍ତା କରିପାରି ନ ଥିଲା । ତାର ନିଃଶ୍ୱାସ ପ୍ରଶ୍ୱାସ ବନ୍ଦ ହୋଇଯିବା ଫଳରେ ସ୍ୱରଯନ୍ତ୍ରଟି ସମ୍ପୂର୍ଣ୍ଣ ଅଚଳ

ହୋଇପଡ଼ିଥିଲା । ମୁଁ ରୋଗୀକୁ ଡାକ୍ତରଖାନାକୁ ନେଇଯିବାକୁ ପରାମର୍ଶ ଦେଲି ଏବଂ ନିରବଚ୍ଛିନ୍ନ ଭାବରେ 'ସାଇରାମ' ଜପ କରିବାକୁ କହିଥିଲି ।

ଚିକିତ୍ସାଳୟର ଡାକ୍ତରମାନଙ୍କ ମଧ୍ୟରେ ଏକତା ରହିଥିଲା । ସେମାନେ ପରସ୍ପର ସହିତ ପରାମର୍ଶ କରୁଥିଲେ ଏବଂ ଆଶୁ ଆରୋଗ୍ୟ ଲାଭ ପାଇଁ ସର୍ବୋତ୍ତମ ଚିକିତ୍ସା ବ୍ୟବସ୍ଥା କରୁଥିଲେ । ଯଦି 'ଈଶ୍ୱରଙ୍କ ପିତୃତ୍ୱ ଓ ମାନବର ଭ୍ରାତୃତ୍ୱ' ଜୀବନରେ ଅଭ୍ୟାସ କରାଯାଏ ତେବେ ନିଶ୍ଚିତ ଭାବରେ ତାର ସୁଫଳ ମିଳିଥାଏ ।

ଯମୁନାଦାସ ପଟେଲ ଖୁବ୍ ଶୀଘ୍ର ଆରୋଗ୍ୟ ଲାଭ କରିଥିଲେ ଏବଂ କଥାବାର୍ତ୍ତା ମଧ୍ୟ କରିପାରିଲେ । କାରଣ ସେ ନିରବଚ୍ଛିନ୍ନ ଭାବରେ ପରାମର୍ଶ ଅନୁଯାୟୀ 'ସାଇରାମ' ଜପ କରୁଥିଲେ । ସେ ଆଉ ହସ୍‌ପିଟାଲରେ ରହି ଚିକିତ୍ସିତ ହେବାର ଆବଶ୍ୟକତା ନ ଥିଲା । ଏହି ଘଟଣାଟି 'ସତ୍ୟମ୍-ଶିବମ୍-ସୁନ୍ଦରମ୍'ର ତୃତୀୟ ଭାଗରେ ପ୍ରକାଶିତ ହୋଇଛି । (ଏହି ନାମରେ ଆଜି ସୁଦ୍ଧା ବାବାଙ୍କ ଜୀବନୀ ଓ ଉପଦେଶ ସମ୍ବଳିତ ଚାରୋଟି ଭାଗ ପ୍ରକାଶିତ ହୋଇ ସାରିଛି) ।

ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ଯମୁନାଦାସ ପଟେଲ ପରମପ୍ରିୟ ସ୍ୱାମୀଙ୍କ ଦର୍ଶନ ପାଇଁ ଯାଇଥିଲେ । ସ୍ୱାମୀ ତାଙ୍କୁ କହିଥିଲେ "ସ୍ୱାମୀ ତୁମକୁ ଆଉ ଗୋଟିଏ ଜୀବନ ଦେଇଛନ୍ତି କାରଣ ତୁମ ଡାକ୍ତର ଯଥା ସମୟରେ ପ୍ରାର୍ଥନା ଜଣାଇଥିଲେ ।" ଯମୁନାଦାସ ପଟେଲ ସ୍ୱାମୀଙ୍କୁ ଧନ୍ୟବାଦ ଜଣାଇଥିଲେ । ସ୍ୱାମୀ ପୁଣି କହିଥିଲେ "ତୁମେ କଥାବାର୍ତ୍ତା କରିପାରୁ ନ ଥିଲ । ମାତ୍ର ତୁମ ଡାକ୍ତରଙ୍କ ସହିତ ସ୍ୱାମୀ ମଧ୍ୟ ତୁମେ ଶୀଘ୍ର ସ୍ୱାଭାବିକ ଭାବେ କଥା କୁହ ବୋଲି ଚାହୁଁଥିଲେ । ତୁମେ ଲୋକମାନଙ୍କୁ କହିବୁଲୁଥିଲ ଯେ ସ୍ୱାମୀ କେବେହେଲେ ତୁମର ଗୁରୁ (ଗୁରୁ ଦତ୍ତାତ୍ରେୟ) ହୋଇ ନ ପାରନ୍ତି । ଏହା ସତ୍ୟ ନୁହେଁ କି ?" ସେ ଉତ୍ତର ଦେଇଥିଲେ "ହଁ ସ୍ୱାମୀ" । ପରମପ୍ରିୟ ସ୍ୱାମୀ ତାପରେ ତାଙ୍କ ଦକ୍ଷିଣହସ୍ତ ପ୍ରଦର୍ଶନ କରି କହିଥିଲେ "ଏଠାରେ ଦେଖ । କଣ ଦେଖୁଛ ?" ଯମୁନାଦାସ ପଟେଲ ଗୁରୁ ଦତ୍ତାତ୍ରେୟଙ୍କ ଛବି ଦେଖି ଅତ୍ୟନ୍ତ ଖୁସି ହୋଇ କହିଥିଲେ "ସ୍ୱାମୀ, ଆପଣ ହିଁ ମୋର ଗୁରୁ । ଦୟାକରି ମୋ ସମସ୍ୟାଗୁଡ଼ିକର ସମାଧାନ ପାଇଁ ମୋତେ ସାହାଯ୍ୟ କରନ୍ତୁ ।" ସେ ତା ପରେ ସାଷ୍ଟାଙ୍ଗ ପ୍ରଣିପାତ କରି ସ୍ୱାମୀଙ୍କ ପାଦପଦ୍ମକୁ ଚୁମ୍ବନ କରିଥିଲେ ।

ପରମପ୍ରିୟ ବାବା ପଚାରିଥିଲେ "ତୁମର କି ସମସ୍ୟା ରହିଛି ?" ତାଙ୍କ ଉତ୍ତର ଥିଲା "ସ୍ୱାମୀ ଆପଣ ସବୁ ଜାଣନ୍ତି । ମୁଁ ଦୁଇବର୍ଷ ତଳେ ଟାଞ୍ଜାନିଆରୁ ଯୁକ୍ତରାଜ୍ୟ ଯିବାକୁ ଭିସା ପାଇଁ ଆବେଦନ କରିଥିଲି । ଏ ପର୍ଯ୍ୟନ୍ତ କୌଣସି ଉତ୍ତର ପାଇ ନାହିଁ ।" ବାବା ତାଙ୍କୁ ଦୃଢ଼ ଭାବରେ ପ୍ରତିଶ୍ରୁତି ଦେଇଥିଲେ "ତୁମେ ଛ'ମାସ ମଧ୍ୟରେ ଭିସା

ପାଇଯିବ । ଏହା ସ୍ୱାମୀଙ୍କର ସଂକଳ୍ପ ।'' ସ୍ୱାମୀଙ୍କର ପ୍ରତିଶ୍ରୁତି ଅନୁସାରେ ଯମୁନାଦାସ ପଟେଲ ଭିସା ପାଇଥିଲେ ଏବଂ ଯୁକ୍ତରାଜ୍ୟର ଲେସେଷ୍ଟରଠାରେ ରହିଥିଲେ । ସେଠାରେ ସେ ସକ୍ରିୟ ଭାବରେ ସତ୍ୟସାଇ କେନ୍ଦ୍ର ସହିତ ସମ୍ପୃକ୍ତ ଅଛନ୍ତି ।

ଏହା ହେଉଛି ହୃଦୟ ମଧ୍ୟରେ ଭଗବାନଙ୍କୁ ସ୍ଥାପନ କରି ନାମ ସ୍ମରଣ କରିବାର ଫଳ ।

ନାମ ଅନେକ, ଭଗବାନ ଏକ

ଯେତେବେଳେ ତାଞ୍ଜାନିଆ ସରକାର ଜାତୀୟକରଣ ନୀତି କାର୍ଯ୍ୟକାରୀ କଲେ ପ୍ରତ୍ୟେକ ନିଜ ନିଜର ସମ୍ପତ୍ତିକୁ ସରକାରଙ୍କୁ ଦେଇଦେଲେ । ଅନେକ ଭକ୍ତ ଏକମାସ ମଧ୍ୟରେ ଦେଶ ଛାଡ଼ି ଚାଲିଗଲେ । ସବୁ କୋଠା ବାଜ୍ୟାପ୍ତି କରାଯିବାରୁ (ଜାତୀୟକରଣ ଯୋଗୁ) ଆମେ ସରକାରଙ୍କଠାରୁ ଗୋଟିଏ ସଭାଗୃହ ଭଡ଼ାରେ ନେଇଥିଲୁ ଏବଂ 'ସାଇ ନିଳୟମ୍' ବୋଲି ତାର ନାମ ରଖିଥିଲୁ । ସବୁପ୍ରକାର ସାଇ କାର୍ଯ୍ୟକ୍ରମ ଏଠାରେ ଅନୁଷ୍ଠିତ ହୋଇଥାଏ ।

ଡକ୍ଟର ଭଗବନ୍ତମ୍ ଜଣେ ପ୍ରସିଦ୍ଧ ବୈଜ୍ଞାନିକ ଏବଂ ବାବାଙ୍କର ଜଣେ ନିକଟବର୍ତ୍ତୀ ଭକ୍ତ । ତାଙ୍କର ନାଇଜେରିଆର ଆକ୍ରାଠାରେ ଏକ ବୈଜ୍ଞାନିକ ସମ୍ମିଳନୀରେ ଯୋଗ ଦେବାର ଥିଲା । ପରମପ୍ରିୟ ସ୍ୱାମୀ ଆରୁଶାଠାରେ ସେ ମୋତେ ଦେଖା କରିବା ପାଇଁ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯୋଜନା ଅନୁସାରେ ସେ ଆରୁଶା ଆସିଥିଲେ । ସେ ନିଜେ ପ୍ରତ୍ୟକ୍ଷ କରିଥିବା ସ୍ୱାମୀଙ୍କର କେତେକ ଅଲୌକିକ ଘଟଣା ବର୍ଣ୍ଣନା କରିବାକୁ ଜଣେ ଭକ୍ତ ତାଙ୍କୁ ଅନୁରୋଧ କରିଥିଲେ । ଉତ୍ତରରେ ସେ କହିଥିଲେ ''ଯେତେବେଳେ ଏଠାରେ ତୁମର 'ଓମ୍ ଶ୍ରୀ ସତ୍ୟସାଇ ଚିକିତ୍ସାଳୟ' ଓ 'ସାଇ ନିଳୟମ୍' ରହିଛି, ମୋଠାରୁ ତୁମେ କି ଅଲୌକିକତା ଶୁଣିବାକୁ ଚାହୁଁଛ ? ପରମପ୍ରିୟ ସ୍ୱାମୀ ଜଣେ ଭକ୍ତର ରୂପାନ୍ତର ଚାହାଁନ୍ତି ବୋଲି ସେ ବୁଝାଇ ଦେଇଥିଲେ ।''

ମୋହନଲାଲ ଯୋଶୀ ଜଣେ ଓକିଲ ଥିଲେ । ସେ ସତ୍ୟସାଇ କେନ୍ଦ୍ରର ଉପସଭାପତି ମଧ୍ୟ ଥିଲେ । ସେଠାରେ ଅନ୍ୟ ଜଣେ ଯୋଶୀ ଥିଲେ ଏବଂ ସେ ଜଣେ ହିସାବ ରକ୍ଷକ । ତାଙ୍କର ବାବାଙ୍କ ଉପରେ ଆଦୌ ବିଶ୍ୱାସ ନ ଥିଲା କିନ୍ତୁ ଭଗବାନ ଶିବଙ୍କ ପ୍ରତି ଅଗାଧ ବିଶ୍ୱାସ ରହିଥିଲା । ପରମପ୍ରିୟ ସ୍ୱାମୀ କହନ୍ତି ''ଅଜ୍ଞତା ଯୋଗୁ ଲୋକମାନେ ଭଗବାନଙ୍କ ନାମ ମଧ୍ୟରେ ପ୍ରଭେଦ ଦେଖନ୍ତି ଏବଂ ଭୁଲିଯାନ୍ତି ଯେ ନାମ ଅନେକ ମାତ୍ର ଭଗବାନ ଗୋଟିଏ ।''

ଆରୁଶାରେ ହୋମି ମିସ୍ତ୍ରୀ ନାମରେ ଜଣେ ଜୋରାଷ୍ଟ୍ରିଆନ୍ ଗୋଟିଏ ହୋଟେଲ ପରିଚାଳନା କରୁଥିଲେ । ପରମପ୍ରିୟ ସ୍ୱାମୀ ଜୋରାଷ୍ଟ୍ରିଆନ୍ ସମ୍ପର୍କରେ କହନ୍ତି ''ପାର୍ସି

ଧର୍ମ ଜୋରାଷ୍ଟ୍ରିଆନ୍‌କୁ ଜୋରାଷ୍ଟର ପ୍ରତିଷ୍ଠା କରିଥିଲେ । ସେ ଚାହିଁଥିଲେ ମଣିଷ ପାଖରେ ଜ୍ଞାନର ଅଗ୍ନି ରହିବ । ତାହା ତାର ଚେତନାରେ ରହିଥିବା ଦୁର୍ବୁଦ୍ଧି ଓ ମନ୍ଦ ଆଚରଣକୁ ପୋଡ଼ି ପାଉଁଶ କରିଦେବା ଦରକାର । ତାଙ୍କର ପ୍ରଥମ ଶିକ୍ଷା ହେଲା ଭଗବାନ ଗୋଟିଏ । ସର୍ବଜ୍ଞାତା ଭଗବାନ 'ଆହୂରା ମଜ୍‌ଦା' ବା 'ଓର୍ମୁଜ୍‌ଦ' ବିଶ୍ୱର ସ୍ରଷ୍ଟା ଅଟନ୍ତି ଏବଂ ଶାଶ୍ୱତ ଧର୍ମ ରୂପେ ମଣିଷ ହୃଦୟରେ ବାସ କରନ୍ତି । ତାଙ୍କର ଅନୁଗାମୀମାନଙ୍କୁ ଅଗ୍ନି ଉପାସକ ବୋଲି କୁହାଯାଏ । ଅଗ୍ନି ହେଉଛି ପବିତ୍ରତାର ସଂକେତ । ଜୋରାଷ୍ଟ୍ରିଆନ୍‌ମାନେ ସୂର୍ଯ୍ୟଙ୍କୁ ପୂଜା କରନ୍ତି । ସୂର୍ଯ୍ୟ ତେଜ ଓ ପବିତ୍ରତାର ପ୍ରତୀକ । ସେମାନେ ଚାରିଗୋଟି ନୀତି ଅନୁସରଣ କରନ୍ତି । ଯଥା– ପବିତ୍ର ଚିନ୍ତା, ପବିତ୍ର କଥା, ପବିତ୍ର କର୍ମ ଏବଂ ଦୈହିକ ବିଶୁଦ୍ଧତା ।''

ହିସାବ ରକ୍ଷକ ଯୋଶୀ ଦିନେ ହୋମି ମିସ୍ତ୍ରୀଙ୍କ ହୋଟେଲକୁ ଯାଇଥିଲେ ଏବଂ ତାଙ୍କୁ କହିଥିଲେ ''ସାଇବାବା ଭଗବାନ ବୋଲି ତୁମେ କାହିଁକି ଭାବୁଛ ?'' ମିସ୍ତ୍ରୀଙ୍କର ଉତ୍ତର ଥିଲା ''ନିଜ ନିଜର ବିଶ୍ୱାସ ଅନୁସାରେ ପ୍ରତ୍ୟେକ ଗୋଟିଏ ଭଗବାନଙ୍କ ଉପରେ ଆସ୍ଥା ସ୍ଥାପନ କରିଥାନ୍ତି । ମୁଁ ବ୍ୟକ୍ତିଗତ ଭାବରେ ଅନୁଭବ କରେ ଯେ ଭଗବାନ ସତ୍ୟସାଇ ବାବା ହେଉଛନ୍ତି ଆହୂରା ମଜ୍‌ଦା । କୌଣସି ଭଗବାନଙ୍କୁ ସମାଲୋଚନା ନ କରିବା ପାଇଁ ମୁଁ ଆପଣଙ୍କୁ ଅନୁରୋଧ କରୁଛି ।'' ତା'ପରେ ମିଷ୍ଟର ଯୋଶୀ ହୋଟେଲ ଛାଡ଼ି ଚାଲିଯାଇଥିଲେ ।

ମହାଶିବରାତ୍ରି ପୂର୍ବରୁ ସ୍ୱାମୀଙ୍କ ଅଲୌକିକତା

ପୂର୍ବଆଫ୍ରିକା ଯିବା ପାଇଁ ଆମେ ପ୍ରଶାନ୍ତି ନିଳୟମ୍ ଛାଡ଼ିବା ପୂର୍ବରୁ ସାକ୍ଷାତକାର କୋଠରୀରେ ପରମପ୍ରିୟ ସ୍ୱାମୀ ଆମକୁ କହିଥିଲେ ଯେ ବର୍ଷକ ଭିତରେ ଆମେ ଯେଉଁଠାରେ ଥାଉନା କାହିଁକି ସେ ଆମକୁ ଦିବ୍ୟଦର୍ଶନ ଦେବେ । ଏଗାରମାସ ପରେ ମୁଁ ତାଙ୍କୁ ଚିଠି ଲେଖିଥିଲି ''ଆପଣ ଆଫ୍ରିକା ଆସିବେ ବୋଲି ଆଜିକାଲି ମୁଁ କୌଣସି ଭକ୍ତଙ୍କଠାରୁ ଶୁଣିବାକୁ ପାଉ ନାହିଁ । ଆପଣ ବର୍ଷକ ମଧ୍ୟରେ ଆମକୁ ଆପଣଙ୍କ ଦିବ୍ୟଦର୍ଶନ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହା ଭିତରେ ଏଗାର ମାସ ଚାଲିଗଲାଣି । ଦୟାକରି ଆମକୁ ଆପଣଙ୍କ ଦର୍ଶନ ଲାଭର ସୁଯୋଗ ଦିଅନ୍ତୁ । ଏପରିକି ସମ୍ମୋହିତ ଅବସ୍ଥାରେ (ସୂକ୍ଷ୍ମ ଶରୀରରେ) ମଧ୍ୟ ଆମେ ଆପଣଙ୍କ ଦର୍ଶନ ଚାହୁଁ ।''

ଥରେ ମହାଶିବରାତ୍ରି ପୂର୍ବଦିନ ଗୁରୁବାର ପଡ଼ିଥିଲା । ଆମେ ସେଦିନ ପାରମ୍ପରିକ ରୀତିରେ ଏକ ଘଣ୍ଟା ଧରି ଭଜନ କରିଥିଲୁ ଏବଂ ଏହା ପରେ ପରେ 'ଏହି ଦାସ' ବାବାଙ୍କର ଦିବ୍ୟ ସନ୍ଦେଶ ସମ୍ପର୍କରେ ଆଲୋଚନା କରିଥିଲା । ଏହି କାର୍ଯ୍ୟକ୍ରମ ମଧୁଭାଇ ପଟେଲଙ୍କ ଘରେ ଅନୁଷ୍ଠିତ ହୋଇଥିଲା । ଏହି ଘର ଆଗକୁ ପୂର୍ବୋକ୍ତ ହିସାବ ରକ୍ଷକ

ଯୋଶୀଙ୍କ ଘର । ପରଦିନ ମହାଶିବରାତ୍ରି ଉତ୍ସବ ପାଳନ କରାଯାଇଥିଲା । ମଧୁଭାଇଙ୍କ ଘର ଦୁଇଭାଗରେ ବିଭକ୍ତ ହୋଇଥିଲା । ଗୋଟିଏ ଭାଗ ପୁରୁଷମାନଙ୍କ ପାଇଁ ଏବଂ ଅନ୍ୟ ଭାଗ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଏହାର ପଛକୁ ଅନ୍ୟ ଗୋଟିଏ କୋଠରୀ ଥିଲା ଏବଂ ସେଠାରେ ମଧ ଭକ୍ତମାନେ ବସିଥିଲେ । ମୁଖ୍ୟ ଫାଟକଟି ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଭାଗରେ ରହିଥିଲା ।

ଏକଘଣ୍ଟା ଧରି ଶିବଙ୍କ ଭଜନ ଗାନ କରିବା ପରେ ମୁଁ ଭଗବାନଙ୍କ ଶିବରାତ୍ରି ସନ୍ଦେଶ ସମ୍ପର୍କରେ କହୁଥିଲି । ସେହି ସମୟରେ ହିସାବରକ୍ଷକ ଯୋଶୀ ମହିଳାମାନଙ୍କ ଭାଗରେ ରହିଥିବା ମୁଖ୍ୟ ଫାଟକ ନିକଟରେ ଦେଖାଦେଲେ । ମୁଁ ସେତେବେଳେ ତାଙ୍କୁ ଚିହ୍ନି ନ ଥିଲି । ମାତ୍ର ଅନ୍ୟମାନେ ଜାଣିଥିଲେ ଯେ ସେ ବାବାଙ୍କର ଭକ୍ତ ନୁହନ୍ତି ଏବଂ ବାବାଙ୍କର ସମାଲୋଚନା କରନ୍ତି । ମୁଁ ତାଙ୍କୁ ଦେଖିବା ମାତ୍ରେ ମୋ ବକ୍ତବ୍ୟ ବନ୍ଦ କରି ସେମାନଙ୍କ ମଧ ଦେଇ ପୁରୁଷମାନଙ୍କ ଭାଗକୁ ଆସିବା ପାଇଁ ତାଙ୍କୁ ବାଟ ଛାଡ଼ିଦେବାକୁ ମହିଳାମାନଙ୍କୁ ଅନୁରୋଧ କରିଥିଲି ।

ତାପରେ ସେ କୋଠରୀର ଅନ୍ୟ ପାଖରୁ ମୋତେ ସମ୍ବୋଧନ କରି କହିବାକୁ ଆରମ୍ଭ କଲେ "ମୁଁ ପାହାଚ ଉଠିଲାବେଳେ ହଠାତ୍ ଆଲୋକ ଲିଭିଗଲା । ମୁଁ ଜାଣି ନ ଥିବା ଜଣେ ଲୋକ ମୋ ହାତରେ ଏହି ପ୍ୟାକେଟଟି ଧରାଇ ଦେଇ ଅଦୃଶ୍ୟ ହୋଇଗଲା ।" ଏହା କହି ସେ ପ୍ୟାକେଟଟିକୁ ସମସ୍ତଙ୍କୁ ଦେଖାଇଲେ ।

ଯୋଶୀଙ୍କ ବର୍ଣ୍ଣନା ଅନୁସାରେ ମୁଁ ଜାଣିଗଲି ବାବା ସମ୍ମୋହିତ ଅବସ୍ଥାରେ ସୂକ୍ଷ୍ମ ଶରୀରରେ ଜଣେ ଲୋକର ରୂପ ନେଇ ନିଜକୁ ପ୍ରକଟ କରି ମିଷ୍ଟର ଯୋଶୀଙ୍କ ହାତରେ ମହାଶିବରାତ୍ରି ପ୍ରସାଦ ଧରାଇ ଦେଇ ଚାଲିଗଲେ । ସମସ୍ତେ ବିଶେଷ କରି ହୋମି ମିସ୍ତ୍ରୀ, ଯୋଶୀ ସାଇ କାର୍ଯ୍ୟକ୍ରମରେ ଯୋଗଦାନ କରିବା ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ।

ଯେତେବେଳେ ଯୋଶୀ ମୋ ପଛପାଖଦେଇ ମୋତେ ଅତିକ୍ରମ କରି ଯାଉଥିଲେ ମୁଁ ତାଙ୍କର ସ୍ପର୍ଶ ଅନୁଭବ କରିଥିଲି ଏବଂ ମୋତେ ଲାଗିଲା ତାଙ୍କ ସ୍ପର୍ଶ ମୋ ଦେହରେ ଏକ ବିଦ୍ୟୁତ୍ ତରଙ୍ଗ ଖେଳାଇ ଦେଲା । ମୁଁ ଭାବିଲି ଯେ ଭଗବାନଙ୍କ ଦିବ୍ୟ ସନ୍ଦେଶ ପ୍ରଦାନ କରୁଥିବାରୁ ମୋର ମାନସିକ ଆବେଗ ବା ଭାବପ୍ରବଣତା ମୋତେ ଏଭଳି ଅନୁଭୂତି ଦେଇଥାଇ ପାରେ । ସେ ଅନ୍ୟ କାହାରିକୁ ସ୍ପର୍ଶ କରି ନ ଥିଲେ । ସେ ସିଧାସଳଖ ପଛପଟରେ ଥିବା ଅନ୍ୟ ଏକ କୋଠରୀକୁ ଚାଲିଗଲେ ଏବଂ ଦୂରରେ ଥିବା ଶଯ୍ୟା ଉପରେ ଗଡ଼ି ପଡ଼ିଲେ । ହାରମୋନିୟମ୍ ବାଦକ ମିଷ୍ଟର ମଣିକାନ୍ତ ଜାନୀଙ୍କ ପୁତ୍ର ହରିଶ ତାଙ୍କୁ ପିଇବା ପାଇଁ ଏକ ଗ୍ଲାସ୍ ପାଣି ଯାଚିଲେ ମାତ୍ର ସେ ମନା କରି ଦେଇଥିଲେ

ଏବଂ ୫ରକା ଉପରେ ରଖି ଦେବାକୁ କହିଥିଲେ । କିଛି ସମୟ ପରେ ସେ କହିଥିଲେ "ମୋତେ ଭଲ ଲାଗୁ ନାହିଁ ।" ଏହା କହି ସେ ଉଠି ପଡ଼ିଲେ ଏବଂ ମୁଖ୍ୟ ଫାଟକ ଆଡ଼କୁ ଚାଲିବାକୁ ଲାଗିଲେ । କେହି ଜଣେ ତାଙ୍କୁ ଆରତୀ ଶେଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଅନୁରୋଧ କରିଥିଲେ ମାତ୍ର ସେ ମନା କରି ଦେଇଥିଲେ ଏବଂ ଯୋଡ଼ ହସ୍ତରେ ସ୍ୱାମୀଙ୍କ ଫଟୋ ନିକଟକୁ ଆସିଥିଲେ । ସେ ସବୁ ଭକ୍ତଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇଲେ ମାତ୍ର ସ୍ୱାମୀଙ୍କୁ ପ୍ରଣାମ କରି ନ ଥିଲେ । ଶେଷରେ ସେ କୋଠରୀ ତ୍ୟାଗ କରି ଚାଲିଯାଇଥିଲେ ।

ଆରତୀ ପରେ ସେହି ପ୍ୟାକେଟ୍‌ଟି ଖୋଲାଯାଇଥିଲା ଏବଂ ସେଥିରୁ ଅଳ୍ପ ଶିରିଡ଼ି ଉଦି ସହିତ ଅତି ସୁଗନ୍ଧଯୁକ୍ତ ପର୍ତ୍ତିବିଭୂତି ମିଳିଥିଲା । ପ୍ରାୟ ଅଧାଅଧି ଭକ୍ତ ବିଭୂତି ପାଇ ଚାଲିଯିବା ପରେ ହୋମି ମିସ୍ତ୍ରୀ ଅଧିକ ସମୟ ନୀରବ ରହି ପାରି ନ ଥିଲେ ।

ସେ କହିଥିଲେ "ଆଜି ସକାଳେ ଯୋଶୀ ମୋ ଆଗରେ ସ୍ୱାମୀଙ୍କୁ ସମାଲୋଚନା କରୁଥିଲେ । ମୁଁ ଭାବିପାରୁ ନାହିଁ ଯେ ମାତ୍ର କେତେ ଘଣ୍ଟା ଭିତରେ କଣ ଏପରି ଘଟିଲା ଯାହାଫଳରେ ସେ ବାବାଙ୍କ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଚାଲିଆସିଲେ ?" ଅନ୍ୟ କେତେକ ଭକ୍ତଙ୍କ ସହିତ ସେ ଯୋଶୀଙ୍କ ଘରକୁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ଉଦ୍ଦେଶ୍ୟରେ ଯିବା ପାଇଁ ସ୍ଥିର କଲେ କାରଣ ଯୋଶୀ ଅସୁସ୍ଥ ହୋଇ ପଡ଼ିଥିବା କଥା ସମସ୍ତେ ଜାଣିଥିଲେ ।

ସେମାନେ ଯାଇ ଯୋଶୀଙ୍କ ଦରଜାରେ କରାଘାତ କଲେ ଏବଂ ଯୋଶୀଙ୍କ ବଡ଼ପୁଅ କବାଟ ଖୋଲିଲେ । ହୋମିମିସ୍ତ୍ରୀ ପଚାରିଲେ "ସାଇରାମ, ତୁମ ବାପା ଏବେ କିପରି ଅଛନ୍ତି ?" ଯୋଶୀଙ୍କ ପୁଅ ସଙ୍ଗେ ସଙ୍ଗେ ପଚାରିଲେ "ମୋ ବାପାଙ୍କର କଣ ହୋଇଥିଲା କି ?" ହୋମି ମିସ୍ତ୍ରୀ କହିଥିଲେ "ମଧୁଭାଇଙ୍କ ଘରେ ହେଉଥିବା ସାଇକାର୍ଯ୍ୟକ୍ରମରେ ଯୋଗ ଦେବାକୁ ସେ ଆସିଥିଲେ ଏବଂ ଭଲ ନ ଲାଗିବାରୁ ଚାଲିଆସିଲେ ।" ଯୋଶୀଙ୍କ ପୁଅ କହିଥିଲା "ମୋ ବାପା ସତ୍ୟସାଇ ବାବାଙ୍କୁ ବିଶ୍ୱାସ କରନ୍ତି ନାହିଁ । ଆପଣ ଭୁଲ ବୁଝିଛନ୍ତି । ପ୍ରାୟ ଏକ ଘଣ୍ଟା ପୂର୍ବରୁ ଦୀର୍ଘଯାତ୍ରା ପରେ ଘରକୁ ଫେରିଛନ୍ତି । ସେ ଅତ୍ୟନ୍ତ କ୍ଳାନ୍ତ ହୋଇ ପଡ଼ିଥିବାରୁ ରାତ୍ରିଭୋଜନ ସାରି ଶୋଇବା ପାଇଁ ଚାଲିଗଲେଣି । ମୁଁ କିପରି ବିଶ୍ୱାସ କରିବି ଯେ ସେ ଆପଣଙ୍କ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ?"

ହୋମି ମିସ୍ତ୍ରୀ ବାପାଙ୍କୁ ଡାକିଦେବାକୁ ଅନୁରୋଧ କଲେ । ଠିକ୍ ସେହି ସମୟରେ ରାତ୍ରି ପୋଷାକରେ ଯୋଶୀ ସେଠାକୁ ଆସିଲେ ଏବଂ ସମସ୍ତଙ୍କ ସମ୍ମୁଖରେ ଠିଆ ହୋଇ କହିଥିଲେ ଯେ ସେ ମଧୁଭାଇଙ୍କ ଘରକୁ ଆଦୌ ଯାଇ ନାହାନ୍ତି । ଯାହା ହେଉ ସମସ୍ତେ ତାଙ୍କୁ କାର୍ଯ୍ୟକ୍ରମରେ ଦେଖିଥିଲେ ଏବଂ ଏହି ରହସ୍ୟ ଉଦ୍‌ଘାଟନ କରିପାରୁ ନ

ଥିଲେ । ଯେତେବେଳେ ଶ୍ରୀ ସତ୍ୟସାଇ କେନ୍ଦ୍ରର ସଭାପତି ମିଷ୍ଟର କୋଲେରା ପ୍ରଶାନ୍ତି ନିଳୟମ ଗଲେ ସ୍ୱାମୀଙ୍କୁ ସିଧାସଳଖ ପ୍ରଶ୍ନ କଲେ ''ଆପଣ ଆମକୁ ମିଷ୍ଟର ଯୋଶୀଙ୍କ ରୂପରେ ଦିବ୍ୟଦର୍ଶନ ଦେଇଛନ୍ତି କି ?'' ବାବା ଉତ୍ତର ଦେଇଥିଲେ ''ହଁ, ମିଷ୍ଟର ଯୋଶୀଙ୍କ ରୂପ ନେଇ ମୁଁ ତୁମ ସମସ୍ତଙ୍କୁ ଆଶୀର୍ବାଦ କରିବାକୁ ଯାଇଥିଲି ।''

ଅଧିକ ପ୍ରମାଣ ପ୍ରଶାନ୍ତି ନିଳୟମ୍ ଯାଇଥିବା ଶ୍ରୀ ମଣିକାନ୍ତ ଜାନୀ ଓ ତାଙ୍କ ପରିବାରକୁ ମିଳିଥିଲା । ସେ ବାବାଙ୍କୁ ବିନମ୍ରତାର ସହିତ କହିଥିଲେ ''ସ୍ୱାମୀ, ଆପଣ ଯଦି ନିଜ ରୂପରେ ଆସିଥାନ୍ତେ ତେବେ ଆମେ ଆପଣଙ୍କୁ ଆରତୀ ପ୍ରଦର୍ଶନ କରି ଅପାର ଆନନ୍ଦ ଲାଭ କରିଥାନ୍ତୁ ଏବଂ ଆପଣଙ୍କ ଦିବ୍ୟଦର୍ଶନ ଲାଭ କରିଥାନ୍ତୁ ।''

ତା ପରେ ସ୍ୱାମୀ ହରିଶ ଆଡ଼କୁ ଚାହିଁ ଅଧିକ ପ୍ରମାଣ ଦେଇଥିଲେ । ସେ ମଣିକାନ୍ତ ଜାନୀଙ୍କୁ କହିଥିଲେ ''ତୁମ ପୁଅକୁ ପଚାର । ଯେତେବେଳେ ସେ ମୋତେ ପାଣି ଯାଚିଲା ମୁଁ ତାକୁ ଝରକା ଉପରେ ଗ୍ଲାସ୍ ରଖିଦେବାକୁ କହି ନ ଥିଲି କି ?'' ଏହା କେବଳ ହରିଶକୁ ଜଣାଥିଲା ଏବଂ ସେ ମିଷ୍ଟର ଯୋଶୀଙ୍କ ରୂପରେ ବାବାଙ୍କୁ ଦେଖି ଚିହ୍ନି ପାରି ନ ଥିବାରୁ ତାର ଆଖିରୁ ଲୁହ ଝରି ଆସିଥିଲା ।

ମଣିକାନ୍ତ ଜାନୀ ସୋରିଆସିସ୍‌ରେ ପୀଡ଼ିତ ଥିଲେ ଏବଂ ଏହି ରୋଗ କିପରି ଭଲ ହେବ ସେ ସମ୍ପର୍କରେ ବାବା ତାଙ୍କୁ ବିଶଦ ଭାବରେ କହିଥିଲେ ''କିଛି ଚାଉଳ ନେଇ ବହଳିଆ ଅଠା ଭଳି ହେଲା ପର୍ଯ୍ୟନ୍ତ ଶିଝାଅ । ସ୍ନାନ କରିବା ପୂର୍ବରୁ ଏହି ଗରମ ଅଠାକୁ ଦେହସାରା ବୋଳିଦିଅ ଏବଂ ପନ୍ଦର ମିନିଟ୍ ଅପେକ୍ଷା କର । ତାପରେ ଏହାକୁ ଧୋଇ ସଫା କରିଦିଅ ।'' ଏହିପରି କରି ମଣିକାନ୍ତ ଜାନୀ ତିନିମାସ ମଧ୍ୟରେ ସୋରିଆସିସ୍‌ରୁ ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟ ଲାଭ କରିଥିଲେ ।

ମୁଁ ସ୍ୱାମୀଙ୍କୁ ପ୍ରାର୍ଥନା କରି କହିଥିଲି ''ହେ ପ୍ରଭୁ ! ଆମେ ଆପଣଙ୍କୁ ଧନ୍ୟବାଦ ଜଣାଉଛୁ କାରଣ ଆପଣ ଆପଣଙ୍କ ପ୍ରତିଶ୍ରୁତି ରକ୍ଷା କରି ଗୋଟିଏ ବର୍ଷ ମଧ୍ୟରେ ମହାଶିବରାତ୍ରି ପୂର୍ବଦିନ ମିଷ୍ଟର ଯୋଶୀଙ୍କ ରୂପ ନେଇ ଆମକୁ ଦିବ୍ୟଦର୍ଶନ ପ୍ରଦାନ କରିଛନ୍ତି ।''

ଏହା ହେଉଛି ବାବାଙ୍କର ଏକ ଅସାଧାରଣ ଅଲୌକିକତା ।

□□

ଅଧ୍ୟାୟ - ୩୩

ଆରୁଶା (ତାଞ୍ଜାନିଆ)ରେ ଓମ୍ ଶ୍ରୀ ସତ୍ୟସାଇ ଚିକିତ୍ସାଳୟ (୧୯୭୧-୧୯୭୯)

ମୁଁ ଏଚ.ଏଚ. ଆଗା ଖାଁ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସକ ପଦବୀ ତ୍ୟାଗ କରିବା ପରେ ପରମପ୍ରିୟ ସ୍ୱାମୀଙ୍କର ଦିବ୍ୟ କୃପା ବଳରେ ଓମ୍ ଶ୍ରୀ ସତ୍ୟସାଇ ଚିକିତ୍ସାଳୟର ରୋଗୀ ତାଲିକାରେ ପାଞ୍ଚହଜାରରୁ ଊର୍ଦ୍ଧ୍ୱ ପରିବାରକୁ ଚିକିତ୍ସା ପାଇଁ ନାମାଙ୍କନ କରିଥିଲି । ଆଗା ଖାଁ ଚିକିତ୍ସାଳୟରେ ମୁଖ୍ୟ ଚିକିତ୍ସକ ପଦବୀରେ ଯୋଗ ଦେବା ମୋ ପାଇଁ ପ୍ରଥମ ବୃତ୍ତିଗତ ନିଯୁକ୍ତି ଥିଲା । ଓମ୍ ଶ୍ରୀ ସତ୍ୟସାଇ ଚିକିତ୍ସାଳୟରେ ଅର୍ଦ୍ଧାଧିକ ପରିବାରକୁ ବିନା ମୂଲ୍ୟରେ ଚିକିତ୍ସା ସୁବିଧା ଦିଆଯାଉଥିଲା । ବାବାଙ୍କର ଦିବ୍ୟ କୃପାରୁ ଆମର ପରୀକ୍ଷାଗାରରେ ଅତି ଦକ୍ଷ ପରୀକ୍ଷକ ଓ ସେବିକା ରହିଥିଲେ । ସେମାନେ ମିଳିତ ଭାବରେ ପରସ୍ପର ସହିତ ସହଯୋଗ ରକ୍ଷା କରି ଚିକିତ୍ସାଳୟରେ ରୋଗୀଙ୍କୁ ଔଷଧ ଦେବା ଓ ବ୍ୟବସ୍ଥାପତ୍ର ଅନୁସାରେ ରୋଗୀର ଚିକିତ୍ସା କରିବା, ପ୍ରଶାସନ ଓ ପରିଚାଳନା ଇତ୍ୟାଦି କାର୍ଯ୍ୟ କୁଶଳତାର ସହିତ ସମ୍ପାଦନ କରୁଥିଲେ । ଯେତେବେଳେ କୌଣସି ରୋଗୀ ତାର ଆର୍ଥିକ ଦୂରାବସ୍ଥା କଥା କହୁଥିଲା । 'ଏହି ଦାସ' ତାକୁ ସେ ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ସାହାଯ୍ୟ କରୁଥିଲା । କେହି କେହି ରୋଗୀ ତାଙ୍କ ପିଲାମାନଙ୍କର ବିଦ୍ୟାଳୟ ଦେୟ ପଇଠ କରିବା ପାଇଁ ସାହାଯ୍ୟ କରିବାକୁ ଅନୁରୋଧ କରୁଥିଲେ । 'ଏହି ଦାସ' ବିନା ଦ୍ୱିଧାରେ ସେମାନଙ୍କୁ ମଧ୍ୟ ସାହାଯ୍ୟ କରୁଥିଲା । ଏଭଳି ସାହାଯ୍ୟ କରିବାକୁ 'ଏହି ଦାସ' କେବେହେଲେ ମନା କରୁ ନ ଥିଲା ମାତ୍ର ସମ୍ପତ୍ତିବାନ ରୋଗୀଙ୍କଠାରୁ ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ଗ୍ରହଣ କରୁଥିଲା । ଏହି ସମ୍ପତ୍ତିବାନ ରୋଗୀମାନେ ବେଳେବେଳେ କହୁଥିଲେ ''ଡାକ୍ତର, ଆପଣ ଆମଠାରୁ ଅଧିକା ନେଇ ପାରନ୍ତି କାରଣ ଆମର ଦେବା ପାଇଁ ଶକ୍ତି ରହିଛି ।'' କିନ୍ତୁ ମୋର ଉତ୍ତର ଥିଲା ''ଏହା ନ୍ୟାୟୋଚିତ ହେବ ନାହିଁ । ଆପଣ ଯଥାର୍ଥ ଖର୍ଚ୍ଚ ଦିଅନ୍ତୁ ।''

ସ୍ୱାମୀଙ୍କ ଦିବ୍ୟ କୃପା ମୋ କାର୍ଯ୍ୟରେ ମୋତେ ଅପାର ସନ୍ତୋଷ ପ୍ରଦାନ କରୁଥିଲା । ମୁଁ ସମ୍ପୂର୍ଣ୍ଣ ମାନସିକ ଶାନ୍ତି ଲାଭ କରୁଥିଲି । ଏହାକୁ ମୁଁ ଡାକ୍ତରୀ ନାରାୟଣ ସେବା

ଭାବରେ ଗ୍ରହଣ କରିଥିଲି । ଅର୍ଦ୍ଧରାତ୍ରିରେ ଡାକରା ପାଇଲେ ମଧ 'ଏହି ଦାସ' କେବେହେଲେ ରୋଗୀ ଦେଖିବାକୁ ମନା କରୁ ନ ଥିଲା । ପ୍ରତ୍ୟେକ ରୋଗୀକୁ ପ୍ରେମର ସହିତ ଚିକିତ୍ସା କରାଯାଉଥିଲା । ତେଣୁ ସେମାନଙ୍କର ଅଧା ରୋଗ ପରାମର୍ଶ କଲାବେଳେ ହିଁ ଭଲ ହୋଇଯାଉଥିଲା ।

ପରମପ୍ରିୟ ସ୍ୱାମୀ ଡାକ୍ତରମାନଙ୍କୁ ଯାହା କହନ୍ତି

''ସବୁବେଳେ ସାହାଯ୍ୟ କର, ଆଘାତ ଦିଅ ନାହିଁ (ହେଲ୍‌ପ ଏଭର, ହର୍ଟ ନେଭର) । ଏହା ହିଁ ଆଜି ଡାକ୍ତରମାନଙ୍କର କର୍ତ୍ତବ୍ୟ । ସେମାନେ ମୂଲ୍ୟବାନ ଜ୍ଞାନ ଲାଭ କରିଛନ୍ତି । ଏହା ସର୍ବସାଧାରଣଙ୍କ ଭଲ ପାଇଁ ବ୍ୟବହାର ହେବା ଉଚିତ । ଏ ଦିଗରେ ଯେତେ ଅଧିକ ଜ୍ଞାନ ବ୍ୟବହୃତ ହେବ, ସେତେ ଅଧିକ ବୃଦ୍ଧି ପାଇବ । ରୋଗୀ ଯେତେବେଳେ ଆସୁନା କାହିଁକି ତାର ସେବା କରିବା ପାଇଁ ସବୁବେଳେ ପ୍ରସ୍ତୁତ ହୋଇ ରହିଥାଅ । ଅକ୍ଷମତାର ଆଳ ଦେଖାଇ ରୋଗୀକୁ ଫେରାଇ ଦେବା ଦୁର୍ବଳତାର ସଂକେତ । ତୁମର ଈଶ୍ୱରଦତ୍ତ ଶକ୍ତି ରହିଛି । ତୁମେ ତୁମ ଶକ୍ତି ସମ୍ପର୍କରେ ସଚେତନ ରୁହ ।''

''ଡାକ୍ତରମାନେ ପଞ୍ଚ ମୂଲ୍ୟବୋଧ ଯଥା ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସାର ଗୁରୁତ୍ୱକୁ ସ୍ୱୀକାର କରିବା ଉଚିତ । ପ୍ରେମ ହେଉଛି ସବୁ ମୂଲ୍ୟବୋଧର ମୂଳ ଭିତ୍ତି । ରୋଗୀମାନଙ୍କୁ ପ୍ରେମ ପ୍ରଦର୍ଶନ କରି ଡାକ୍ତରମାନେ ସେମାନଙ୍କ ମନରେ ସାହସ ସଂଚାର କରିବା ଉଚିତ । ଯଦି ଡାକ୍ତରମାନେ ପ୍ରେମର ସହିତ ସେମାନଙ୍କର କର୍ତ୍ତବ୍ୟ ପାଳନ କରନ୍ତି ତେବେ ସେମାନେ ସଫଳତାର ମୁକୁଟ ମଣ୍ଡିତ ହେବେ ।''

''ତୁମେ ଧନୀ ରୋଗୀଙ୍କଠାରୁ ତୁମର ପ୍ରାପ୍ୟ ନେଇପାର କିନ୍ତୁ ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ଚିକିତ୍ସା କରିବା ଉଚିତ । ଯଦି ଗୋଟିଏ ଦୁର୍ବଳ ରୋଗୀ ତୁମ ପାଖକୁ ଆସେ ତାକୁ ପ୍ରେମର କ୍ୟାପ୍‌ସୁଲ ଦିଅ । ତାକୁ ଗ୍ଲୁକୋଜ୍ ବା ସେହିପରି ଅନ୍ୟ କିଛି ଦେଇ ସନ୍ତୁଷ୍ଟ ହୁଅ ନାହିଁ । ତାକୁ ପ୍ରେମର ଇଞ୍ଜେକ୍‌ସନ ଦିଅ । ତାହା ହିଁ ତାକୁ ଆବଶ୍ୟକ ଶକ୍ତି ପ୍ରଦାନ କରିବ । ତା ସହିତ ପ୍ରେମପୂର୍ଣ୍ଣ କଥାବାର୍ତ୍ତା କର, ପ୍ରେମର ସହିତ ତାକୁ ଔଷଧ ଦିଅ ଏବଂ ତାକୁ ଆନନ୍ଦପୂର୍ଣ୍ଣ ପରିବେଶ ମଧ୍ୟରେ ରଖ । ତାକୁ ଖୁସି କରିବା ପାଇଁ ତାହା ହିଁ ଏକମାତ୍ର ବାଟ । ସୁଖ ବା ଆନନ୍ଦ ଭଗବାନଙ୍କ ସହିତ ସମ୍ପୃକ୍ତ । ପ୍ରେମର ସହିତ ତୁମେ ଯାହା କରନା କାହିଁକି, ସେଥିପାଇଁ ଭଗବାନଙ୍କ ଦ୍ୱାରା ତୁମେ ପୁରସ୍କୃତ ହେବ ।''

ଏହି ଚିକିତ୍ସାଳୟ ସମ୍ପୂର୍ଣ୍ଣ ରୂପେ ବାବାଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏବଂ ଏହାକୁ ପରମପ୍ରିୟ ବାବାଙ୍କର ଚିକିତ୍ସାଳୟ ବୋଲି ବିଚାର କରାଯାଏ । ରହସ୍ୟପୂର୍ଣ୍ଣ ଭାବରେ

ସେ ମୋତେ ବହୁବାର ରୋଗୀର ରୋଗ ଚିହ୍ନିବା ଏବଂ ଉପଯୁକ୍ତ ଔଷଧ ଦେଇ ଚିକିତ୍ସା କରିବାରେ ସାହାଯ୍ୟ କରିଛନ୍ତି । ତାଙ୍କର ଦିବ୍ୟ ପ୍ରେରଣାରେ ମୁଁ ରୋଗୀମାନଙ୍କୁ ଦୁଇଟି ଇଞ୍ଜେକ୍ସନ ଦେଇଥାଏ । ଗୋଟିଏ ଶକ୍ତି ପ୍ରଦାନ ପାଇଁ (ଭିଟାମିନ୍ 'ବି' କମ୍ପ୍ଲେକ୍ସ+ବି୧୨) ଏବଂ ଅନ୍ୟଟି ଅସୁସ୍ଥତା ପାଇଁ । ତେଣୁ 'ଏହି ଦାସ' ଦୁଇଟି ଇଞ୍ଜେକ୍ସନ୍‌ର ଡାକ୍ତର ରୂପେ ପ୍ରସିଦ୍ଧି ଲାଭ କରିଥିଲା ।

୧୯୭୪ ମଇ ମାସ ୫ ତାରିଖ : ପରମପ୍ରିୟ ସ୍ୱାମୀଙ୍କ ଦ୍ୱାରା ଏହି ଦରିଦ୍ର ଆତ୍ମାର ପୁନର୍ଜୀବନ ଲାଭ

ଯେତେବେଳେ 'ଏହି ଦାସ'କୁ ବାଙ୍ଗାଲୋର ନିକଟସ୍ଥ ହ୍ୱାଇଟ୍‌ଫିଲ୍‌ଡଠାରେ ବାବାଙ୍କ ଉପସ୍ଥିତିରେ ବୃନ୍ଦାବନର କଲେଜ ପିଲାମାନଙ୍କୁ କହିବା ପାଇଁ ନିର୍ଦ୍ଦେଶ ମିଳିଥିଲା, ସେତେବେଳେ ପରମପ୍ରିୟ ସ୍ୱାମୀ କହିଥିଲେ "ମଧୁମେହ ଓ ଉଚ୍ଚ ରକ୍ତଚାପ ଦୁଇଟି ଅତି ବିପଦଶଙ୍କୁଳ ଏବଂ ଅସାଧ୍ୟ ରୋଗ ।" ସ୍ୱାମୀଙ୍କ କଥା ଉପରେ 'ଏହି ଦାସ' ସେତେବେଳେ କହିଥିଲା "ଯଦିଓ ସ୍ୱାମୀ ଏହି ରୋଗ ଅସାଧ ବୋଲି କହିଛନ୍ତି, ତଥାପି ମୁଁ ତୁମକୁ ନିର୍ଭର ପ୍ରତିଶ୍ରୁତି ଦେଉଛି ଯେ ସେ ନିଜେ ଯେ କୌଣସି ରୋଗକୁ ଯେ କୌଣସି ସମୟରେ ଭଲ କରିଦେଇ ପାରିବେ ।"

ମାନସିଂହ ପରମପ୍ରିୟ ସ୍ୱାମୀଙ୍କର ଜଣେ ବଡ଼ ଭକ୍ତ ଏବଂ ସେ ନିୟମିତ ସମସ୍ତ ସାଇ କାର୍ଯ୍ୟକ୍ରମ ତଥା ଆରୁଶାରେ ଥିବା ସାଇ ନିଳୟମ୍ କାର୍ଯ୍ୟରେ ଯୋଗ ଦେଇଥାନ୍ତି । ସେ ଉଚ୍ଚ ରକ୍ତଚାପ ରୋଗରେ ଆକ୍ରାନ୍ତ ଥିଲେ ଏବଂ 'ଏହି ଦାସ' ଅଧୀନରେ ଚିକିତ୍ସିତ ହେଉଥିଲେ । ପରାମର୍ଶ ସମୟରେ ମୁଁ ତାଙ୍କୁ ଚିକିତ୍ସା ସମ୍ପର୍କରେ କଠୋର ନିର୍ଦ୍ଦେଶ ଦେଇ କହିଥିଲି "ଥରେ ଏହି ବଟିକା ସେବନ କରିବା ଆରମ୍ଭ କଲେ ଏବଂ ରକ୍ତଚାପ ସ୍ଥିର ରହିଲେ ମଧ୍ୟ ପ୍ରତ୍ୟହ ନିୟମିତ ଭାବରେ ବଟିକା ଖାଇବାକୁ ପଡ଼ିବ ।"

ଥରେ ଏପରି ହେଲା ଯେ ମାନସିଂହ ଜ୍ୱରରେ ପୀଡ଼ିତ ହୋଇ ପଡ଼ିଲେ ଏବଂ ତାଙ୍କ ଶରୀରର ଉତ୍ତାପ ଯଥେଷ୍ଟ ଅଧିକ ରହୁଥିଲା । ସେ ସବୁବେଳେ ଶଯ୍ୟାରେ ପଡ଼ିରହୁଥିଲେ ଏବଂ ତାଙ୍କର ଚଲାବୁଲା ବନ୍ଦ ହୋଇ ଯାଇଥିଲା । ତେଣୁ ସେ ରକ୍ତଚାପ ପାଇଁ ଦିଆଯାଇଥିବା ବଟିକା ଖାଉ ନ ଥିଲେ । ବଟିକା ବନ୍ଦ ହେବାର ପଞ୍ଚମ ଦିନ ସେ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଆରୁଶାଠାରୁ ପଚାଶ କିଲୋମିଟର ଦୂରରେ ଥିବା ମାକାମ ହସ୍‌ପିଟାଲରେ ଭର୍ତ୍ତି ହୋଇଥିଲେ । ଯେଉଁ ଡାକ୍ତର ତାଙ୍କର ଚିକିତ୍ସା କରୁଥିଲେ ସେ 'ଏହି ଦାସ'ର ଜଣେ ଘନିଷ୍ଠ ବନ୍ଧୁ ଥିଲେ । ତାଙ୍କ ରୋଗୀ ମୋତେ ଦେଖିବାକୁ ଚାହୁଁଥିବାରୁ ସେ ମୋତେ ସେଠାକୁ ଯିବା ପାଇଁ ପରାମର୍ଶ ଦେଇଥିଲେ ।

ମାନସିଂହଙ୍କର ପୁଅ ଦର୍ଶନ ସିଂହ ତାଙ୍କ 'ଫୋର୍ଡ଼ କୋର୍ଟିନା' କାରରେ ନନ୍ଦାଙ୍କୁ ଏବଂ ମୋତେ ନେବା ପାଇଁ ଆସିଥିଲେ । କାରରେ ଆମେ ପାଞ୍ଚଜଣ ଥିଲୁ— ଦର୍ଶନ, ତାଙ୍କ ମା' ଓ ପତ୍ନୀ, ନନ୍ଦା ଏବଂ ମୁଁ । ଆମେ ଆରୁଶାଠାରୁ ପ୍ରାୟ ପାଞ୍ଚ କିଲୋମିଟର ଯାଇଛୁ କି ନାହିଁ ଟ୍ରେଲର ସହ ଗୋଟିଏ ଲରୀ ବିପରୀତ ଦିଗରେ ଗତି କରୁଥିବାର ଦେଖାଗଲା । ସେହି ରାସ୍ତା ଏକ ଲାଇନ ବିଶିଷ୍ଟ ଏବଂ ଏହାର ଅବସ୍ଥା ନିଖୁଣ ଭାବରେ ସ୍ୱାଭାବିକ ଥିଲା । ଉଭୟ ଗାଡ଼ି ପରସ୍ପରକୁ ଅତିକ୍ରମ କରୁଥିବାବେଳେ ଟ୍ରେଲରଟି ହଠାତ୍ ଲରୀରୁ ବାହାରିଯାଇ ରାସ୍ତା ମଝିକୁ ଚାଲିଆସିଲା । ହେ ଭଗବାନ, ଆଉ ରକ୍ଷା ନାହିଁ । କାରର ଯେଉଁ ପାଖରେ 'ଏହି ଦାସ' ବସିଥିଲା ଲରୀ ବିଚ୍ୟୁତ ଟ୍ରେଲରଟି ଠିକ୍ ସେହି ପାଖରେ କାରକୁ ପ୍ରଚଣ୍ଡ ଧକ୍କା ଦେଲା ।

ଦୁର୍ଘଟଣାରେ 'ଏହି ଦାସ'ର ବାମ ଗୋଡ଼ ଭାଙ୍ଗିଯାଇଥିବା ଡ୍ୟାସ୍ ବୋର୍ଡ଼ (କର୍ଦ୍ଦମ ପ୍ରତିରୋଧକ)ରେ ଚାପି ହୋଇଗଲା ଏବଂ ଡାହାଣ ଗୋଡ଼ ଆଣ୍ଠୁ ତଳକୁ ଚାରିଖଣ୍ଡ ହୋଇ ଭାଙ୍ଗିଗଲା । ଭୀଷଣ ଭାବରେ ରକ୍ତସ୍ରାବ ମଧ୍ୟ ହେଉଥିଲା । ସେତେବେଳେ 'ଏହି ଦାସ' ଅଜ୍ଞାନ ହୋଇ ପଡ଼ିଥିଲା । ତାର ଶ୍ୱାସକ୍ରିୟା ବନ୍ଦ ହୋଇଯାଇଥିଲା ଏବଂ ହୃଦ୍‌ସ୍ପନ୍ଦନ ଆଦୌ ନ ଥିଲା । ନାଡ଼ି ମଧ୍ୟ ଚାଲୁ ନ ଥିଲା । ନିକଟରେ ଠିଆ ହୋଇଥିବା ଲୋକମାନେ କହୁଥିଲେ ''ସେ ନିଶ୍ଚିତ ଭାବରେ ମୃତ ।'' ମୋର ଏହି ମୃତ୍ୟୁ ପରେ ପରେ ମୋର ଆତ୍ମା ତାରାଙ୍କିତ ସମତଳ ପୃଷ୍ଠରେ 'ଓମ୍‌କାର' ଉଚ୍ଚାରଣ ପାଇଁ ଆବଶ୍ୟକ ସମୟ ମଧ୍ୟରେ ପବନରେ ଉଡ଼ିଯାଇଥିଲା । ମୁଁ ଶେଷରେ ନିଜକୁ ବାବାଙ୍କ ସାକ୍ଷାତକାର କୋଠରୀରେ ଆବିଷ୍କାର କଲି । ପରମପ୍ରିୟ ସ୍ୱାମୀ ବସିଥିଲେ ଏବଂ ତାଙ୍କର ଦକ୍ଷିଣ ହସ୍ତ ତର୍ଜନୀ ନିର୍ଦ୍ଦେଶ କରି ଅତି ବ୍ୟଗ୍ର ଭାବରେ ବାରମ୍ବାର କହୁଥିଲେ ''ଶୀଘ୍ର ଉଠିପଡ଼, ଅନ୍ୟଥା ତୁମେ ତୁମର ଡାହାଣ ଗୋଡ଼ଟିକୁ ହରାଇ ବସିବ ।'' ମୁଁ ଭାବିଲି ବାବା ମୋତେ ମୋ ସିଟ୍‌ରୁ ଉଠିପଡ଼ିବାକୁ କହୁଛନ୍ତି । ନଚେତ ମୋ ଡାହାଣ ଗୋଡ଼ ପ୍ରତି ବିପଦ ରହିଛି ।

ଏହି ଦୁର୍ଘଟଣା ପରେ ନନ୍ଦା ପରମପ୍ରିୟ ସ୍ୱାମୀ ମୋର ସୁରକ୍ଷା ପାଇଁ ଦେଇଥିବା ଅତି ପବିତ୍ର ଦିବ୍ୟ ମଙ୍ଗଳସୂତ୍ରଟିକୁ ପରୀକ୍ଷା କଲେ । ଏହା ଠିକ୍ ଭାବରେ ରହିଥିଲା ।

ସେହି ମୁହୂର୍ତ୍ତରେ ଦୁଇଜଣ ଆଫ୍ରିକୀୟ ବ୍ୟକ୍ତି ଦୁର୍ଘଟଣାସ୍ଥଳରେ ଆବିର୍ଭୂତ ହେଲେ । ତାଙ୍କ ହାତରେ ଆବଶ୍ୟକୀୟ ଯନ୍ତ୍ରପାତି ରହିଥିଲା । ସେଗୁଡ଼ିକୁ ସେମାନେ ତଳେ ରଖିଦେଲେ ଏବଂ ଦୁର୍ଘଟଣାଗ୍ରସ୍ତ ଗାଡ଼ିର ଦରଜା ନିକଟକୁ ଆସିଥିଲେ । ସେଠାରେ ମୋର ମସ୍ତକ ଚାପି ହୋଇ ରହିଥିଲା । ସ୍ଥାନୀୟ ଭାଷା (ସାହିଲି)ରେ ଗାଡ଼ିର ଚାରିକଡ଼ରେ

ଘେରି ରହିଥିବା ଲୋକମାନଙ୍କୁ କହିଥିଲେ ''ଦୟାକରି ଆମକୁ ସେଠାକୁ ଯିବାକୁ ଦିଅ । ତାହାହେଲେ ଆମେ ଡାକ୍ତରଙ୍କୁ ନିରାପଦରେ ଉଦ୍ଧାର କରିବୁ ।''

କେତେକ ଲୋକ ମନ୍ତବ୍ୟ ଦେଇଥିଲେ ''ଏହି ଦୁଇଜଣ ଆଫ୍ରିକୀୟ ବ୍ୟକ୍ତି ଆସିଲେ କିପରି ? ସେମାନେ ଶୂନ୍ୟରୁ ଆବିର୍ଭୂତ ହୋଇଛନ୍ତି । ଦୁର୍ଘଟଣାଗ୍ରସ୍ତ ଲୋକ ଜଣେ ଡାକ୍ତର ବୋଲି ସେମାନେ ଜାଣିଲେ କିପରି ?'' ଆଲୋଚନା ପରେ ସେମାନେ ସ୍ଥିର କଲେ ଯେ ସେ ଦୁହେଁ ଡାକ୍ତରଙ୍କ ରୋଗୀ ହୋଇପାରନ୍ତି । କାରଣ ଡାକ୍ତର ଜଣେ ଦୟାର୍ଦ୍ର ଏବଂ ସହାନୁଭୂତିଶୀଳ ବ୍ୟକ୍ତି ଭାବରେ ଜଣାଶୁଣା ଥିଲେ ।

ସେହି ଦୁଇଜଣ ଆଫ୍ରିକୀୟ ବ୍ୟକ୍ତିଙ୍କ ଶକ୍ତି ଦେଖି ସେଠାରେ ଥିବା ପ୍ରତ୍ୟେକ ଲୋକ ଆଶ୍ଚର୍ଯ୍ୟ ହୋଇଥିଲେ । ଯେଉଁପରି ଭାବରେ ସେମାନେ ଝରକା ଫ୍ରେମକୁ ଟାଣି ଅଲଗା କରିଦେଇ ମୋର ଚାପି ହୋଇ ରହିଥିବା ମସ୍ତକକୁ ବାହାର କଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା । ଜଣେ ମୋ ମସ୍ତକକୁ ଧୀରେ ଧୀରେ ସ୍ପର୍ଶ କରି ମୋତେ ନୂତନ ଜୀବନ ପ୍ରଦାନ କରିଥିଲା । ସେହି ମୁହୂର୍ତ୍ତରେ ମୁଁ ମୋର ଆଖି ଖୋଲିଥିଲି ଏବଂ ଭୀଷଣ ଯନ୍ତ୍ରଣା ଅନୁଭବ କରୁଥିଲି ।

ନନ୍ଦାଙ୍କର ସେପରି କିଛି ଶାରୀରିକ କ୍ଷତି ହୋଇ ନ ଥିଲା, କିନ୍ତୁ ଭୀଷଣ ଭାବରେ ମୁଣ୍ଡ ବିନ୍ଧୁଥିଲା ଏବଂ କାନରେ ଝିଁ ଝିଁ ଶବ୍ଦ ହେବା ସହିତ ବାନ୍ତି ବାନ୍ତି ଲାଗୁଥିଲା । ଅନ୍ୟ ଆଫ୍ରିକୀୟ ବ୍ୟକ୍ତି ନନ୍ଦାଙ୍କର ଦକ୍ଷିଣ ହସ୍ତ ଧରି ସେଠାରୁ ଅନ୍ୟ ଆଡ଼କୁ ନେଇ ଯାଇଥିଲା । ତାଙ୍କୁ ଗୋଟିଏ ପଥର ଉପରେ ବସାଇ ଦେଇ କହିଥିଲା ''ଆଦୌ ବ୍ୟସ୍ତ ହୁଅ ନାହିଁ । ଆମେ ଡାକ୍ତରଙ୍କର ଠିକ୍ ଭାବରେ ଯତ୍ନ ନେବୁ ।'' ନନ୍ଦା ପଥର ଉପରେ ବସିବା ପରେ ପରେ ତାଙ୍କର ଅବସ୍ଥା ସ୍ୱାଭାବିକ ହୋଇଥିଲା ।

କାର ଚଳାଉଥିବା ଡ୍ରାଇଭର ଦର୍ଶନ ସିଂହଙ୍କର ପଞ୍ଜରା ହାଡ଼, ତାଙ୍କ ପତ୍ନୀଙ୍କର ମଣିବନ୍ଧ ଏବଂ ମା'ଙ୍କର ଆଣ୍ଠୁର ପାଟେଲା ହାଡ଼ ଭାଙ୍ଗିଯାଇଥିଲା । ବୋଧହୁଏ ଭଗବାନ 'ଏହି ଦାସ'ର ସେବା କରିବା ପାଇଁ ନନ୍ଦାଙ୍କର କୌଣସି କ୍ଷତି କରାଇ ଦେଇ ନ ଥିଲେ ।

ନନ୍ଦାଙ୍କର ଯତ୍ନ ନେଇଥିବା ଆଫ୍ରିକୀୟ ବ୍ୟକ୍ତିଟି କାର ନିକଟକୁ ଫେରିଆସିଥିଲେ ଏବଂ ଡ୍ୟାସ ବୋର୍ଡ଼କୁ ଗୋଇଠା ମାରି ଖଣ୍ଡ ଖଣ୍ଡ କରିଦେଇଥିଲେ । ତାପରେ ଉଭୟ ଆଫ୍ରିକୀୟ ବ୍ୟକ୍ତି ଏକତ୍ର କାର୍ଯ୍ୟ କରି 'ଏହି ଦାସ'ର ଶରୀରକୁ ବାହାର କରିଥିଲେ । ମୋ ସିଟ୍ ତଳେ ଗୋଟିଏ ଜ୍ୟାକ୍ ସିଟ୍‌କୁ ପଛକୁ ଟାଣି ରଖିବା ପାଇଁ ରଖାଯାଇଥିଲା । ଷାଠିଏ ଡିଗ୍ରୀ କୋଣ କରି ରହିଥିବା ମୋ ଗୋଡ଼କୁ ନବେ ଡିଗ୍ରୀ କୋଣରେ ରଖାଗଲା । ତା'ପରେ ମୋ ଗୋଡ଼କୁ ଚାପି ରଖିଥିବା କାରର ଅଂଶକୁ କାଟିଦିଆଗଲା । ଯେଉଁ

ମୁହୂର୍ତ୍ତରେ ମୋ ଗୋଡ଼କୁ ଧୀରେ ଧୀରେ ବାହାର କରାଗଲା, ସେହି ମୁହୂର୍ତ୍ତରେ ଘଟଣା ସ୍ଥଳରେ ଗୋଟିଏ ଆମ୍ବୁଲାନ୍ସ ଆସି ପହଞ୍ଚି ଯାଇଥିଲା । ମୋର ପ୍ରଚୁର ରକ୍ତସ୍ରାବ ହୋଇଥିବାରୁ ମୁଁ ଟିକିଏ ପାଣି ପିଇବା ପାଇଁ ମାଗିଥିଲି । ପିଇବା ପାଣି କେହି ଧରି ନ ଥିଲେ । ମାତ୍ର ଗୋଟିଏ ଲରିର ଡ୍ରାଇଭର ରେଡିଏଟର ପାଇଁ ଏକ ଗ୍ୟାଲନ ପାଣି ଧରିଲା ଭଳି ଏକ ଡବାରେ କିଛି ପାଣି ରଖିଥିଲା । ପିଇବା ପାଇଁ ଗ୍ଲାସ୍ ନ ମିଳିବାରୁ ଡବାର ଠିପି ଘୋଡଣୀରେ ପାଣି ଢାଳି ମୋତେ ପିଇବାକୁ ଦିଆଗଲା । ମୁଁ କେତେ ଢୋକ ପାଣି ପିଇବା ପରେ ଆଉ ଅଧିକ ପିଇ ପାରି ନ ଥିଲି କାରଣ ସେଥିରୁ ପେଟ୍ରୋଲ ଗନ୍ଧ ଆସୁଥିଲା । ଜଳହୀନତା (ଡିହାଇଡ୍ରେସନ) ଯୋଗୁ ମୁଁ ପୁଣି ଥରେ ସଂଜ୍ଞାହୀନ ହୋଇପଡ଼ିଥିଲି ।

ସେହି ଦୁଇଜଣ ଆଫ୍ରିକୀୟ ବ୍ୟକ୍ତି ଅସୀମ ବଳଶାଳୀ ଥିଲେ ଏବଂ ମୋତେ ଧ୍ୱଂସ ପ୍ରାୟ କାର ଭିତରୁ ଟେକିନେଇ ଆମ୍ବୁଲାନ୍ସର ଷ୍ଟ୍ରେଚର ଉପରେ ଶୁଆଇଦେଲେ । ଯେଉଁ ମୁହୂର୍ତ୍ତରେ ଆମ୍ବୁଲାନ୍ସର ଦରଜା ବନ୍ଦ ହେଲା ଉଭୟ ଆଫ୍ରିକୀୟ ବ୍ୟକ୍ତି ଏବଂ ତାଙ୍କର ଯନ୍ତ୍ରଗୁଡ଼ିକ ଏକ ସେକେଣ୍ଡ ମଧ୍ୟରେ ଅଦୃଶ୍ୟ ହୋଇଯାଇଥିଲେ । ଲୋକମାନେ ସେ ଦୁହେଁ କୁଆଡ଼େ ଗଲେ ବୋଲି ଏଣେତେଣେ ଚାହିଁବାକୁ ଲାଗିଲେ ମାତ୍ର ଆଫ୍ରିକୀୟ ବ୍ୟକ୍ତିଦ୍ୱୟ ପବନରେ ମିଳାଇ ଯାଇଥିଲେ ।

ହସ୍‌ପିଟାଲରେ ପହଞ୍ଚିବା ପରେ ପରୀକ୍ଷା କରି ଡାକ୍ତର କହିଥିଲେ "ଡାହାଣ ଗୋଡ଼ଟି ସାଂଘାତିକ ଭାବରେ ଛେଚି ହୋଇଯାଇଛି ଏବଂ ଗୋଡ଼ଟିକୁ କାଟି ଦେବାକୁ ପଡ଼ିପାରେ । ରୋଗୀର ଅବସ୍ଥା ବିପଦଜନକ । ସେ ସଂଜ୍ଞା ଫେରିପାଇଲେ ଆଉଥରେ ପରୀକ୍ଷା କରିବାକୁ ପଡ଼ିବ ।"

ହସ୍‌ପିଟାଲର ଶଲ୍ୟ ଚିକିତ୍ସକ ଡାହାଣ ଗୋଡ଼ଟିକୁ ଆଣ୍ଠୁ ତଳକୁ କାଟିଦେବାକୁ ପଡ଼ିବ ବୋଲି ମତ ଦେଇଥିଲେ । ମାତ୍ର ଅନ୍ୟ ଜଣେ ଏସିଆନ୍ ଡାକ୍ତର କହିଥିଲେ "ରୋଗୀ ଜଣେ ଡାକ୍ତର ଏବଂ ଆମେ ତାଙ୍କ ଗୋଡ଼ଟିକୁ ରକ୍ଷା କରିବାକୁ ଚେଷ୍ଟା କରିବା ଉଚିତ ।" ଏଥିରେ ଉଭୟ ଏକମତ ହୋଇଥିଲେ ଏବଂ ଗୋଡ଼ଟିକୁ ପ୍ଲାଷ୍ଟର ଭିତରେ ରଖିବା ପାଇଁ ସ୍ଥିର କଲେ । ପରେ ଏକ୍ସ-ରେ ହେବାରୁ ଜଣାପଡ଼ିଲା ଯେ ଅସ୍ଥିଖଣ୍ଡଗୁଡ଼ିକ ଏକାଠି ଯୋଡ଼ି ହୋଇପାରି ନାହିଁ । ପ୍ରତି ଦୁଇଦିନରେ ସେମାନେ ପ୍ଲାଷ୍ଟର ପରିବର୍ତ୍ତନ କରିବାକୁ ଲାଗିଲେ । ଏହିପରି ଚାରିଥର ପ୍ଲାଷ୍ଟର ପରିବର୍ତ୍ତନ କରାଗଲା । ଏହି ଚିକିତ୍ସା ଫଳପ୍ରଦ ନ ହେବାରୁ ମୋତେ ଗୋଟିଏ ବଡ଼ ହସ୍‌ପିଟାଲକୁ ନିଆଗଲା । ଆରୁଶାଠାରୁ ପଚାଶ କିଲୋମିଟର ଦୂରରେ ମୋସୀ ନାମକ ସ୍ଥାନରେ ଏହି ହସ୍‌ପିଟାଲଟି ଅବସ୍ଥିତ ।

ଏହାର ନାମ ଥିଲା "ଖ୍ରୀଷ୍ଟିୟାନ୍ ମେଡ଼ିକାଲ ସେଣ୍ଟର ।" ଏଠାରେ ତିନି ଖଣ୍ଡ ଅସ୍ଥି ସଫଳତାର ସହିତ ଯୋଡ଼ି ହୋଇଯାଇଥିଲା । ମାତ୍ର ଚତୁର୍ଥଖଣ୍ଡଟି ଠିକ୍ ଭାବରେ ଯୋଡ଼ି ହୋଇ ନ ଥିଲା । ଏହାଛଡ଼ା ଅନ୍ୟ ବହୁ ପ୍ରକାରର ଜଟିଳତା ରହିଥିଲା ଏବଂ ସେ ସବୁର ଔଷଧ ଚିକିତ୍ସା କରାଗଲା । ଏଗାରମାସର ଚିକିତ୍ସା ପରେ ଅବସ୍ଥାର ଉନ୍ନତି ଘଟିଥିଲା ।

ଚାରିବର୍ଷ ପରେ ୧୯୭୮ ମସିହାରେ ଡାହାଣ ଗୋଡ଼ର ସମସ୍ୟା ଦୂର କରିବା ପାଇଁ ଆମେ ଯୁକ୍ତରାଜ୍ୟରେ ଶଲ୍ୟ ଚିକିତ୍ସା ପାଇଁ ମନସ୍ଥ କଲୁ । ଚାଲିଲାବେଳେ ଡାହାଣ ଗୋଡ଼ରେ ମୁଁ ଅସହ୍ୟ ଯନ୍ତ୍ରଣା ଅନୁଭବ କରୁଥିଲି । ଷ୍ଟାନ୍‌ମୋରେ ଅସ୍ଥି ଚିକିତ୍ସାଳୟର ପ୍ରଖ୍ୟାତ ଅସ୍ଥି ଚିକିତ୍ସକ ଡକ୍ଟର ୱିଲ୍‌ସନ୍‌ଙ୍କର ପରାମର୍ଶ ନିଆଗଲା । ମୋତେ ପରୀକ୍ଷା କରି ସେ କହିଥିଲେ "ଏହି ଗୋଡ଼ର ଅସ୍ତ୍ର ଚିକିତ୍ସା କରିବା ଠିକ୍ ହେବ ବୋଲି ମୁଁ ଭାବୁ ନାହିଁ । କାରଣ ଗୋଟିଏ ଅସ୍ଥି ଅନ୍ୟ ଅସ୍ଥି ଉପରେ ଉପର ମଡ଼ା ହୋଇ ରହିଛି । ଏହାଛଡ଼ା ସେଠାରେ ନୂତନ ଅସ୍ଥି ତିଆରି (କ୍ୟାଲସ୍ ଫର୍ମେସନ) ଆରମ୍ଭ ହୋଇଯାଇଛି । ମୋ ମତରେ ଯନ୍ତ୍ରଣା ଉପଶମକାରୀ (ଯନ୍ତ୍ରଣା ଦୂର କରି ପାରୁଥିବା) ବଟିକା ସେବନ କରି ଅବଶିଷ୍ଟ ଜୀବନ କଟାଇ ଦେବା ଭଲ ।"

ଲେସେଷ୍ଟରର ସାଧାରଣ ଚିକିତ୍ସାଳୟର ଡାକ୍ତର କାନ୍‌ଙ୍କ ମତ ମଧ୍ୟ ସେହିପରି ଥିଲା । ଡାହାଣ ଗୋଡ଼ର ଯୋତାର ଗୋଇଠିକୁ ଟିକେ ଉଚ୍ଚ କରିଦେଲେ ଯନ୍ତ୍ରଣା ହ୍ରାସ ପାଇବ ବୋଲି ସେ ପରାମର୍ଶ ଦେଲେ ।

ନନ୍ଦା ସେତେବେଳକୁ ଅଧୈର୍ଯ୍ୟ ହୋଇ ପଡ଼ିଲେଣି । ସେ କହିଥିଲେ "ଏଥର ଚାଲ ପୃଥିବୀର ସର୍ବଶ୍ରେଷ୍ଠ ଶଲ୍ୟ ଚିକିତ୍ସକଙ୍କ ପାଖକୁ ଯିବା ।" ସେହି ଅନୁସାରେ ଆମେ ୧୯୭୮ ମସିହା ଏପ୍ରିଲ ମାସରେ ବାଙ୍ଗାଲୋର ନିକଟସ୍ଥ ହ୍ୱାଇଟ୍ ଫିଲ୍ଡଠାରେ ପହଞ୍ଚିଲୁ । ସ୍ୱାମୀ ସିଧାସଳଖ ଆମକୁ ସାକ୍ଷାତ୍‌କାର ପାଇଁ ଡାକିଥିଲେ ।

ପରମପ୍ରିୟ ସ୍ୱାମୀ କହିଥିଲେ "ଦୁର୍ଘଟଣାରେ ତୁମର ସୁଷୁମ୍ନାକାଣ୍ଡ (ସ୍ପାଇନାଲକର୍ଡ଼) ଛେଚି ହୋଇଯାଇଥିଲା ଏବଂ ତୁମେ ମୃତ୍ୟୁବରଣ କରିସାରିଥିଲ । ସ୍ୱାମୀଙ୍କୁ ଦୁଇ ଆଫ୍ରିକୀୟ ବ୍ୟକ୍ତି ରୂପରେ ତୁମକୁ ନୂତନ ଜୀବନ ପ୍ରଦାନ କରିବା ପାଇଁ ଦୁର୍ଘଟଣାସ୍ଥଳକୁ ଯିବାକୁ ପଡ଼ିଥିଲା ।" ମୁଁ କହିଥିଲି "ଆପଣଙ୍କୁ ଅଶେଷ ଧନ୍ୟବାଦ । କିନ୍ତୁ ମୋତେ ଆଉ ଗୋଟିଏ ଜୀବନ ଦେବା ପାଇଁ ଆପଣ କାହିଁକି ସ୍ଥିର କଲେ ?" ସ୍ୱାମୀ ମୋ ଶରୀରକୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଥିଲେ "ଏହି ଶରୀରକୁ କେତେକ କାର୍ଯ୍ୟରେ ଲଗାଇବା ପାଇଁ ମୁଁ ତୁମକୁ ପୁନର୍ଜୀବନ ଦେଇଛି ।" ମୁଁ ଉତ୍ତରରେ କହିଥିଲି "ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ ।"

ବାବା ପୁଣି କହିଥିଲେ ''ମୁଁ ଜାଣେ ଯୁକ୍ତରାଜ୍ୟର ଦୁଇଜଣ ଡାକ୍ତର କିଛି କରିପାରିଲେ ନାହିଁ । ସ୍ୱାମୀ ମଧ୍ୟ ଜାଣନ୍ତି ଯେ ଚାଲିଲାବେଳେ ତୁମେ ଭୀଷଣ କଷ୍ଟ ଅନୁଭବ କର ।'' ମୁଁ ଉତ୍ତର ଦେଇଥିଲି ''ହଁ ସ୍ୱାମୀ, ମୁଁ କେତେପାଦ ଆଗକୁ ଯିବା ପାଇଁ ଗୋଟିଏ ଆଶାବାଡ଼ିର ସାହାଯ୍ୟ ନେଉଛି ।'' ସେ ତୃତୀୟ କଥାଟି ମଧ୍ୟ କହିଥିଲେ ''ସ୍ୱାମୀ ମଧ୍ୟ ଜାଣନ୍ତି ଯେ ତୁମେ ଗୋଡ଼ ଛନ୍ଦି ଚଟାଣରେ ବସିପାରିବ ନାହିଁ ।'' ମୋର ଉତ୍ତର ଥିଲା ''ସ୍ୱାମୀ ! ଦୁର୍ଘଟଣା ପରଠାରୁ ମୁଁ ସେପରି ବସି ପାରୁ ନାହିଁ ।'' ତା ପରେ ସେ ମୋତେ ପାଖକୁ ଡାକିଲେ ଏବଂ ପାଟଳ ରଙ୍ଗର ବିଭୂତି ସୃଷ୍ଟି କରି କହିଥିଲେ ''ଆସ ଏବଂ ଏହାକୁ ତୁଣ୍ଡରେ ଗ୍ରହଣ କର ।'' ମୁଁ ସେ ବିଭୂତିକୁ ସେବନ କଲି ଏବଂ ପରମପ୍ରିୟ ବାବା ମୋତେ ନିର୍ଦ୍ଦେଶ ଦେଲେ ''ଆଣ୍ଠୁ ପର୍ଯ୍ୟନ୍ତ ତୁମ ପ୍ୟାଣ୍ଟକୁ ଉଠାଇଦିଅ ।'' ମୁଁ ସଙ୍ଗେ ସଙ୍ଗେ ମୋ ଟ୍ରାଉଜରର ଡାହାଣ ଗୋଡ଼କୁ ଭାଙ୍ଗି ଆଣ୍ଠୁ ପର୍ଯ୍ୟନ୍ତ ଉଠାଇଦେଲି । ଆଉ କିଛି ପାଟଳ ରଙ୍ଗର ବିଭୂତି ସେ ନିଜ ହାତରେ ଡାହାଣ ଗୋଡ଼ ଆଣ୍ଠୁ ତଳକୁ ନଳୀ ହାଡ଼ ଉପରେ ଘସିଦେଲେ । ମୁଁ ଗୋଡ଼ରେ ସାମାନ୍ୟ କମ୍ପନ ଅନୁଭବ କଲି । ଗୋଡ଼ ହାଡ଼ରେ ଭାଙ୍ଗିବାର ଏକ ଶବ୍ଦ ମୁଁ ଅନୁଭବ କଲି । ଗୋଟିଏ ସେକେଣ୍ଡ ଭିତରେ ଗୋଡ଼ର ଦୋଷ ଦୂର ହୋଇଯାଇଥିଲା । ଅସହ୍ୟ ଯନ୍ତ୍ରଣା ଆଉ ନ ଥିଲା ଏବଂ ତ୍ରୁଟିପୂର୍ଣ୍ଣ ଗୋଡ଼ ସ୍ୱାଭାବିକ ହୋଇଯାଇଥିଲା ।

ତା'ପରେ ବାବା ମୋତେ ଭୂମି ଉପରେ ଗୋଇଠି ଭରା ଦେଇ ବସିବା ପାଇଁ ନିର୍ଦ୍ଦେଶ ଦେଲେ ଏବଂ ମୁଁ ଏହି ନିର୍ଦ୍ଦେଶ ପାଳନ କଲି । ସେ ଧୀର ସ୍ୱରରେ ପ୍ରଶ୍ନ କଲେ ''ଏବେ ତୁମେ କୌଣସି ଯନ୍ତ୍ରଣା ଅନୁଭବ କରୁଛ କି ?'' ମୁଁ ଉତ୍ତର ଦେଇଥିଲି ''ନାଁ ସ୍ୱାମୀ ।'' ତାଙ୍କର ଦ୍ୱିତୀୟ ପ୍ରଶ୍ନ ଥିଲା ''ତୁମେ ଏଥର ଆରାମରେ ଗୋଇଠି ଉପରେ ଭରା ଦେଇ ବା ଚେକା ମାରି ବସି ପାରିବ ତ ?'' ମୋ ଉତ୍ତର ଥିଲା ''ହଁ ସ୍ୱାମୀ ।''

ତା ପରେ ସେ କହିଥିଲେ ''ତୁମର ଆଶାବାଡ଼ି ଫିଙ୍ଗିଦିଅ । ତୁମ ହାତରେ ଏହି ବାଡ଼ି ସ୍ୱାମୀଙ୍କୁ ଭଲ ଲାଗୁ ନାହିଁ ।'' ମୁଁ ଆଶାବାଡ଼ିକୁ ଫିଙ୍ଗି ଦେବାକୁ ବସିଥିଲାବେଳେ ନନ୍ଦା ଗୁଜୁରାଟି ଭାଷାରେ ମୋ କାନରେ କହିଥିଲେ ''ଏହାକୁ ଫିଙ୍ଗି ନ ଦେଇ ନେଇଚାଲ ।'' ସ୍ୱାମୀ ସବୁ ଭାଷା ବୁଝିପାରନ୍ତି । ସେ କହିଥିଲେ ''ତୁମେ ଏହାକୁ ନେଇପାର । ଏଥିରେ କିଛି ଯାଏଆସେ ନାହିଁ ।''

ସ୍ୱାମୀ ଏଥର ନନ୍ଦାଙ୍କ ଆଡ଼କୁ ଚାହିଁ ସେ ନିଜେ ଦୁଇ ଆଫ୍ରିକୀୟ ବ୍ୟକ୍ତି ଭାବରେ ଯାଇଥିଲେ ବୋଲି ପ୍ରମାଣ ଦେଲେ । ସେ କହିଥିଲେ ''ତୁମର ମନେ ଅଛି କି ମୁଁ ତୁମ ହାତ ଧରି ଗୋଟିଏ ପଥର ଉପରେ ବସାଇଦେଲି ଏବଂ ଆମେ ଡାକ୍ତରଙ୍କ ଯତ୍ନ

ନେଉଥିବାରୁ ତୁମେ ଆଦୌ ବ୍ୟସ୍ତ ହେବା ଉଚିତ ନୁହଁ ବୋଲି କହିଥିଲି ।'' ଏକଥା ଶୁଣି ନନ୍ଦା କାନ୍ଦିବା ଆରମ୍ଭ କରିଦେଇଥିଲେ କାରଣ ଏକଥା ତାଙ୍କ ଛଡ଼ା ଆଉ କେହି ଜାଣି ନ ଥିଲେ । ଏହିପରି ବାବା ନିଜେ ଦୁଇ ଅଫ୍ରିକୀୟ ବ୍ୟକ୍ତି ରୂପରେ ଯାଇ ଡାକ୍ତରଙ୍କୁ ପୁନର୍ଜୀବନ ଦେଇଥିଲେ ବୋଲି ପ୍ରମାଣ କରିଥିଲେ ।

ପରମପ୍ରିୟ ସ୍ୱାମୀଙ୍କର ବଡ଼ ମହିମା ହେଲା ବିପଦ ସମୟରେ ସେ ନିଜେ ଭକ୍ତକୁ ସାହାଯ୍ୟ କରିବା ପାଇଁ ଯେ କୌଣସି ରୂପ ଗ୍ରହଣ କରିପାରନ୍ତି ।

ଆମେ ସାକ୍ଷାତକାର କୋଠରୀ ଛାଡ଼ିଲା ବେଳକୁ ବାବା କହିଥିଲେ ''ତୁମେ ଏବେ ଜଣେ ସ୍ୱାଭାବିକ ବ୍ୟକ୍ତି । ସାଧାରଣ ବ୍ୟକ୍ତି ପରି କାର୍ଯ୍ୟ କର କିନ୍ତୁ କୌଣସି ସମୟରେ ଚଟାଣ ଉପରେ ଚେକା ପକାଇ ବସ ନାହିଁ । ଯେତେବେଳେ କୌଣସି କାର୍ଯ୍ୟକ୍ରମରେ ଯୋଗ ଦେଉଛ ସର୍ବଦା ଚେୟାର ଉପରେ ବସ । ତା ପରେ ସେ ପ୍ରଶ୍ନ କରିଥିଲେ ''ତୁମର ଯୋଜନା କଣ' ? ତୁମେ ଏଠାରୁ କେବେ ଯାଉଛ ?'' ମୁଁ ଉତ୍ତର ଦେଇଥିଲି ''ଆମେ ଚାହୁଁଛୁ ଏଠାରୁ ଜାମନଗର ଯିବୁ ଏବଂ ସେଠାରେ ଶାଶୁଙ୍କ ସହିତ ଗୋଟିଏ ମାସ କଟାଇବୁ ।''

ତା ପରେ ସେ କହିଥିଲେ ''ସେଠାରେ ବେଶିଦିନ ରହ ନାହିଁ । କେବଳ ଦଶଦିନ ରହି ହ୍ୱାଇଟ୍‌ଫିଲ୍ଡର ବୃନ୍ଦାବନକୁ ଆସ ଏବଂ ଗ୍ରୀଷ୍ମ ପାଠ୍ୟକ୍ରମ – ୧୯୭୮ (ସମର କୋର୍ସ)ରେ ଯୋଗ ଦିଅ । ଏହା ପ୍ରାୟ ଏକମାସ ଧରି ଚାଲିବ ।'' ଆମେ ସମର କୋର୍ସରେ ଯୋଗ ଦେବା ପାଇଁ ପ୍ରତିଶ୍ରୁତି ଦେଇ ଜାମନଗର ଉଦ୍ଦେଶ୍ୟରେ ଯାତ୍ରା କଲୁ ।

ଥରେ ଗୋଟିଏ ଘଟଣାରେ ମୋ ମା' ଗୁଜୁରାଟି ଭାଷାରେ ସ୍ୱାମୀଙ୍କୁ କହିଥିଲେ ''ସ୍ୱାମୀ, ମୁଁ ଇଂରାଜୀ ବା ହିନ୍ଦୀ ଜାଣି ନାହିଁ । ମୁଁ କି ଭାଷାରେ ଆପଣଙ୍କ ସହିତ ସମ୍ପର୍କ ରଖି ପାରିବି ?'' ସ୍ୱାମୀ ସିଧାସଳଖ ଗୁଜୁରାଟି ଭାଷାରେ କଥା କହିବା ଆରମ୍ଭ କରିଦେଲେ ଏବଂ କହିଥିଲେ ''ସ୍ୱାମୀ ଗୁଜୁରାଟି ଜାଣନ୍ତି । ଆସ ଏବଂ ଗୁଜୁରାଟି ଭାଷାରେ ଯେ କୌଣସି ପ୍ରଶ୍ନ ପଚାର ।''

□□

ଅଧ୍ୟାୟ - ୩୪

ଗ୍ରୀଷ୍ମକାଳୀନ ପାଠ୍ୟକ୍ରମ (୧୯୭୮) ସମୟରେ ପରମପ୍ରିୟ ସ୍ୱାମୀଙ୍କର କୃପା

ଗ୍ରୀଷ୍ମ ଅବକାଶ ସମୟରେ ବାଙ୍ଗାଲୋର ନିକଟସ୍ଥ ହ୍ୱାଇଟ୍ ଫିଲ୍ଡର ବୃନ୍ଦାବନଠାରେ ଗ୍ରୀଷ୍ମକାଳୀନ ଶିକ୍ଷା ଶିବିର (ସମର କୋର୍ସ) ପରିଚାଳନା କରାଯାଇଥାଏ । ଏହି ସମୟରେ ବାବାଙ୍କର କଲେଜ ଛାତ୍ରମାନେ ନିଜ ପରିବାର ସହିତ ସମୟ କଟାଇବା ପାଇଁ ଘରକୁ ଚାଲିଯା'ନ୍ତି । ସେମାନଙ୍କର କୋଠରୀଗୁଡ଼ିକ ସମର କୋର୍ସରେ ଯୋଗ ଦେଉଥିବା ଶିକ୍ଷାର୍ଥୀ (ଭକ୍ତ)ମାନଙ୍କ ରହିବା ପାଇଁ ବ୍ୟବହାର କରାଯାଏ । ଭାରତର ବିଭିନ୍ନ ରାଜ୍ୟରେ ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକତା ସମ୍ପର୍କୀୟ ପରୀକ୍ଷାଫଳ ଅନୁସାରେ ସର୍ବଧର୍ମ ସମ୍ପର୍କରେ ମୌଳିକ ଜ୍ଞାନ ଥିବା ଶିକ୍ଷାର୍ଥୀମାନଙ୍କୁ ଏଥିପାଇଁ ନିର୍ବାଚିତ କରାଯାଇଥାଏ । ୧୯୭୮ ମସିହା ସମର କୋର୍ସରେ ଯୋଗ ଦେବା ପାଇଁ ପ୍ରାୟ ୫୦୦ ଶିକ୍ଷାର୍ଥୀଙ୍କୁ ବଛାଯାଇଥିଲା ।

ଏହା ସହିତ ଭାରତ ଓ ଦରିଆପାରି ଦେଶ ମାନଙ୍କରୁ ବହୁ ଅତିଥିଙ୍କୁ ଏଥିରେ ଯୋଗ ଦେବା ପାଇଁ ନିମନ୍ତ୍ରଣ ପୂର୍ବକ ପାଶ୍ ଯୋଗାଇ ଦିଆଯାଇଥିଲା । ନିଜ ନିଜ କ୍ଷେତ୍ରରେ ଦକ୍ଷତା ଅର୍ଜନ କରିଥିବା ବିଭିନ୍ନ ଧର୍ମର ଉଚ୍ଚ ଖ୍ୟାତିସମ୍ପନ୍ନ ଓ ସମ୍ମାନାସ୍ପଦ ପୁରୁଷ ଓ ମହିଳା ପଣ୍ଡିତ ବା ଜନସେବକମାନଙ୍କୁ ସମର କୋର୍ସରେ ବକ୍ତା ଭାବରେ ନିମନ୍ତ୍ରଣ କରାଯାଇଥିଲା ।

ମୋ ଗୋଡ଼ ଭଲ କରିଦେବା ପରେ ପରମପ୍ରିୟ ବାବା ଆମକୁ ୧୯୭୮ ମସିହା ସମର କୋର୍ସରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରିଥିଲେ ଏବଂ ତାରିଖ ମଧ୍ୟ ଜଣାଇ ଦେଇଥିଲେ । ଗୁଜୁରାଟର ଜାମନଗରରୁ ଆମେ ହ୍ୱାଇଟ୍ ଫିଲ୍ଡ ଉଦ୍ଦେଶ୍ୟରେ ଯାତ୍ରା କରିଥିଲୁ ଏବଂ ସେଠାରେ ପହଞ୍ଚିବା ମାତ୍ରେ ଶିବିର କାର୍ଯ୍ୟାଳୟକୁ ଯାଇ କହିଥିଲୁ ''ସ୍ୱାମୀ ଆମକୁ ଏହି ସମର କୋର୍ସରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରିଛନ୍ତି ।'' ଏହାର ଉତ୍ତର ଥିଲା ''ଆମେ ଏହା ଜାଣି ନାହୁଁ । ଦୟାକରି ଏହି ଫର୍ମ ପୂରଣ କରିଦିଅନ୍ତୁ । ଯଦି ସ୍ୱାମୀ ଅନୁମତି ଦିଅନ୍ତି ତେବେ ଆସନ୍ତାକାଲି ଆପଣଙ୍କୁ ପାଶ୍ ଦିଆଯିବ ।''

ନାମାଙ୍କନ ପାଇଁ ଆବଶ୍ୟକ କାର୍ଯ୍ୟ ଶେଷ ହେବା ପରେ ଆମେ କାର୍ଯ୍ୟାଳୟରୁ ବାହାରି ଆସିଲୁ ଏବଂ ଦେଖିଲୁ ପରମପ୍ରିୟ ସ୍ୱାମୀ ଆମ ଆଡ଼କୁ ଆସୁଛନ୍ତି । ସେ ଆଗ୍ରହର ସହିତ ଆମକୁ ଅଭିବାଦନ ଜଣାଇଲେ ଏବଂ ଦୁଇଟି ପାଶ୍ ବଢ଼ାଇ ଦେଇ କହିଥିଲେ "ତୁମ ପାଶ୍ ଦୁଇଟି ନିଅ ଏବଂ ଆସନ୍ତା କାଲିଠାରୁ ନିୟମିତ ଯୋଗ ଦିଅ ।"

ସମସ୍ତ ଅଧ୍ୟାପନା କାର୍ଯ୍ୟ ଗୁଲାବ କୁମ୍ଭର୍ବା ପ୍ରେକ୍ଷାଳୟରେ ଅନୁଷ୍ଠିତ ହେଉଥିଲା । ଦୈନିକ କାର୍ଯ୍ୟକ୍ରମର ନମୁନା ନିମ୍ନରେ ପ୍ରଦତ୍ତ ହେଲା ।

ପୂର୍ବାହ୍ନ ଘ୯ରୁ ଘ୧୦ – ହିନ୍ଦୁତ୍ୱ ଉପରେ ଦଖଲ ଥିବା ଜଣେ ବକ୍ତାଙ୍କ ଦ୍ୱାରା ଈଶ୍ୱର/ ପରମାତ୍ମା/ ବ୍ରହ୍ମ ସମ୍ପର୍କରେ ଆଲୋଚନା (ଧର୍ମ ଗୁଡ଼ିକରେ ଭଗବାନଙ୍କ ସମ୍ପର୍କୀୟ ଧାରଣା ହିଁ ଈଶ୍ୱର କିନ୍ତୁ ବେଦାନ୍ତ ଦର୍ଶନ ଅନୁସାରେ ଈଶ୍ୱର ହେଉଛନ୍ତି ବ୍ରହ୍ମ – ପରମ ସତ୍ତା ।)

ପୂର୍ବାହ୍ନ ଘ୧୦ରୁ ଘ୧୧– ଜଣେ ପାର୍ସି ଭଦ୍ରଲୋକଙ୍କ ଦ୍ୱାରା ଜୋରାଷ୍ଟ୍ରିଆନ୍ ଧର୍ମ ଓ ଆହୁରା ମଜ୍‌ଦା ସମ୍ପର୍କରେ ଆଲୋଚନା/(ଆହୁରା ମଜ୍‌ଦା ବା ଅଦ୍ୱୈତ ଜ୍ଞାନୀ ହେଉଛନ୍ତି ଜୋରାଷ୍ଟ୍ରିଆନ୍‌ମାନଙ୍କର ସତ୍ୟ, ପ୍ରଜ୍ଞା ଓ ଔଜ୍ଜ୍ୱଲ୍ୟର ଭଗବାନ ।)

ପୂର୍ବାହ୍ନ ଘ୧୧ରୁ ଘ୧୨– ଜୈନଧର୍ମ ସମ୍ପର୍କରେ ଆଲୋଚନା । (ଭଗବାନ ମହାବୀର, ଅରହଟ ଓ କେଭାଲିନ୍‌ଙ୍କ ସମ୍ପର୍କରେ ।)

ମଧ୍ୟାହ୍ନ ଘ୧୨ରୁ ଅପରାହ୍ନ ଘ ୩– ମଧ୍ୟାହ୍ନ ଭୋଜନ ବିରତି । (ଖାଦ୍ୟ କାଣ୍ଟିନରେ ପ୍ରସ୍ତୁତ ହୋଇଥାଏ) । ଏଠାରେ ଖାଦ୍ୟ ଗ୍ରହଣ ପୂର୍ବରୁ ସମସ୍ତେ ବ୍ରହ୍ମାର୍ପଣ ପ୍ରାର୍ଥନା କରିବା ପାଇଁ ଶିକ୍ଷା ଦିଆଯାଏ । ଯେଉଁ ଶିକ୍ଷାର୍ଥୀମାନେ କୋର୍ସ ଶେଷରେ ପରୀକ୍ଷା ଦେବା ପାଇଁ ଇଚ୍ଛା ପ୍ରକାଶ କରନ୍ତି ସେମାନେ ଏହି ମଧ୍ୟାହ୍ନ ବିରତି ସମୟକୁ ପଢ଼ିବା ଓ ଆଲୋଚନା କରିବା କାର୍ଯ୍ୟରେ ବିନିଯୋଗ କରିଥାନ୍ତି । ଅନ୍ୟମାନେ ବିଶ୍ରାମ ନିଅନ୍ତି ।

ଅପରାହ୍ନ ଘ ୩ ରୁ ଘ ୪– ବୌଦ୍ଧଧର୍ମ ସମ୍ପର୍କରେ ଆଲୋଚନା । (ଭଗବାନ ବୁଦ୍ଧ – ଦୟା, ପ୍ରଜ୍ଞା ଓ ନିର୍ବାଣର ଅବତାର) ।

ଅପରାହ୍ନ ଘ ୪ ରୁ ଘ ୫ – ଜୁଦାଇ ଧର୍ମ ସମ୍ପର୍କରେ ଆଲୋଚନା । (ଜେହୋବା ଏବଂ ଧର୍ମର ଇତିହାସ ସମ୍ପର୍କରେ ଜଣେ ଭକ୍ତଙ୍କ ଦ୍ୱାରା ଆଲୋଚନା) ।

ଅପରାହ୍ନ ଘ ୫ ରୁ ଘ ୫.୨୦ମି – କଲେଜ ଛାତ୍ରଙ୍କ ଦ୍ୱାରା ଭଜନ ଏବଂ ପରେ ପରମପ୍ରିୟ ସ୍ୱାମୀଙ୍କ ଦ୍ୱାରା ଦିବ୍ୟ ସନ୍ଦେଶ ପ୍ରଦାନ ।

(ବୃନ୍ଦାବନରେ ଗ୍ରୀଷ୍ମକାଳୀନ ବର୍ଷା – ସମର ସାଓ୍ୱାର୍ସ ଇନ୍ ବୃନ୍ଦାବନ, ୧୯୭୮ରେ ପ୍ରକାଶିତ) ।

ଏବେ ଚାଲନ୍ତୁ ପରମପ୍ରିୟ ସ୍ୱାମୀଙ୍କର କେତୋଟି ସନ୍ଦେଶ ଏଠାରେ ଉଦ୍ଧାର କରିବା ।

''ତୁମମାନଙ୍କୁ ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକତା ସହିତ ପରିଚିତ କରାଇବା ଉଦ୍ଦେଶ୍ୟରେ ଏହି ଗ୍ରୀଷ୍ମକାଳୀନ ଶିକ୍ଷା କାର୍ଯ୍ୟକ୍ରମ ସଂଗଠିତ ହୋଇଛି । ନିଜର ଉନ୍ନତି ସାଧନ ଏବଂ ଭବିଷ୍ୟତରେ ଦେଶର ବିକାଶ ସମ୍ପର୍କରେ ଦିଗ୍‌ଦର୍ଶନ ଦେବା ପାଇଁ ଏହି ଶିକ୍ଷା ଶିବିର ସାହାଯ୍ୟ କରିବ । ତେଣୁ ଠିକ୍ ବାଟରେ ଯିବା ପାଇଁ ତୁମକୁ ନିବର୍ତ୍ତାଇଲା ଭଳି କୌଣସି ଦୁର୍ବଳତା ତୁମଠାରେ ରହିବା ଉଚିତ ନୁହେଁ । ଯଦି ଗୋଟିଏ ବଡ଼ ଟାଙ୍କିରେ ଛୋଟିଆ ଛିଦ୍ର ଦେଖାଦିଏ ତେବେ ଟାଙ୍କିରୁ ସବୁ ପାଣି ବାହାରିଯିବ । ଯଦି ତୁମର ଗୋଟିଏ କ୍ଷୁଦ୍ର ଇନ୍ଦ୍ରିୟ ଲାଳସା (କାମନା) ରହିଥାଏ ତେବେ ତୁମେ ଯାହା କିଛି ଜ୍ଞାନ ଆହରଣ କରିଥିବ ସେସବୁ ମୂଲ୍ୟହୀନ ହୋଇଯିବ । ସାଂସାରିକ ବନ୍ଧନ ପ୍ରତି ଆକର୍ଷଣ ତୁମକୁ ବାସ୍ତବତାଠାରୁ ବିକର୍ଷିତ କରି ଦୂରେଇ ନିଏ । ଯେପରି ତୁମେ ତୁମ ଶରୀରକୁ ଶ୍ୱେତ ବସ୍ତ୍ର ଦ୍ୱାରା ଆବୃତ କରି ରଖିଛ, ସେହିପରି ମନକୁ ମଧ୍ୟ ଶ୍ୱେତ କରିଦିଅ । ତାହାହେଲେ ମନ ପବିତ୍ର ହୋଇଯିବ । ତୁମେ ନିଜକୁ ଭଗବାନଙ୍କ ନିକଟରେ ସମର୍ପଣ କରିଦିଅ । ତୁମର ପବିତ୍ର ହୃଦୟକୁ ପ୍ରେମର ପ୍ରକମ୍ପନରେ ଭରିଦିଅ ।''

''ଆମ ଦେଶରେ ବିଶ୍ୱାସ କରାଯାଏ ଯେ, ଜାଣତରେ ବା ଅଜାଣତରେ ଯଦି କେହି ପାପ କାର୍ଯ୍ୟ କରିଥାଏ ତେବେ ସେ ତ୍ରିବେଣୀ ସଂଗମରେ ବୁଡ଼ ପକାଇଲେ ପାପ ଧୋଇ ହୋଇଯାଏ (ସେ ପାପର ଫଳ ଭୋଗରୁ ରକ୍ଷା ପାଇଥାଏ) । ଏହାର ଅର୍ଥ ହେଲା ଯଦି ତୁମେ ତୁମ ଅନ୍ତର ଭିତରୁ ନିଷ୍ଠାର ସହିତ ଅନୁତାପ କର ତେବେ ପାପର ଫଳ ଭୋଗକୁ ଦୂରେଇ ଦେଇ ପାରିବ । ତୁମେ ସମସ୍ତେ ଏହି ସମର କୋର୍ସ ଚାଲିଥିବା ଭିତରେ ପୂର୍ବର ଦୁଷ୍କର୍ମ ପାଇଁ ତ୍ରିବେଣୀରେ ବୁଡ଼ ପକାଅ (ଅନୁତାପ କର) । ତାହାହେଲେ ପାପ ଫଳ ଭୋଗ ଆଉ ରହିବ ନାହିଁ । ଭୁଲ କାର୍ଯ୍ୟଠାରୁ ଦୂରେଇ ରହି ଏବଂ ପାପ କାର୍ଯ୍ୟର ପ୍ରତିରୋଧ କରି ନିଜକୁ ଭବିଷ୍ୟତ ପାଇଁ ସଜାଗ ରଖ । ଭଲ କାର୍ଯ୍ୟ ଏବଂ ସ୍ୱାର୍ଥ ବିହୀନ ପ୍ରେମ ତୁମକୁ ଜ୍ଞାନ ପଥ ଅନୁସରଣ କରିବା ପାଇଁ ସାହାଯ୍ୟ କରିବ ।''

ଦ୍ୱିତୀୟ ଦିନର କାର୍ଯ୍ୟକ୍ରମରେ ନିମ୍ନଲିଖିତ ଧର୍ମ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

- ତାଓ ଧର୍ମ – 'ତାଓ' ଅର୍ଥ ଚୂଡ଼ାନ୍ତ ବାସ୍ତବତା ଓ ସତ୍ୟ ।
- ଇସ୍‌ଲାମ ଧର୍ମ – କ୍ଷମାଶୀଳ ଓ କରୁଣାମୟ 'ଆଲ୍ଲା' ହେଉଛନ୍ତି ସୃଷ୍ଟିକର୍ତ୍ତା ଭଗବାନ (ଭଗବାନ ଏକ ଏବଂ ମହମ୍ମଦ ହେଉଛନ୍ତି ତାଙ୍କର ବାର୍ତ୍ତାବହ) ।
- ଶିଖ୍ ଧର୍ମ – ଜଣେ ମାତ୍ର ଭଗବାନ ଅଛନ୍ତି ଯାହାଙ୍କର ନାମ ସତ୍ୟ (ସତ୍) ଏବଂ ସେ ଶାଶ୍ୱତ (ଅକାଳ) ।
- ଖ୍ରୀଷ୍ଟ ଧର୍ମ – ଭଗବାନ ହେଉଛନ୍ତି ସ୍ୱର୍ଗରେ ଥିବା ପିତା ।

ସବୁ ଧର୍ମ ମୂଳତଃ 'ଅଦ୍ୱୈତବାଦୀ' । ସମସ୍ତେ ଭଗବାନଙ୍କର ତିନୋଟି ଗୁଣ କଥା କହିଥାନ୍ତି ଯଥା – ସୃଷ୍ଟି, ପାଳନ ଓ ଧ୍ୱଂସ (ବିନାଶ) । ଅନ୍ୟ ବକ୍ତାମାନେ ସବୁଧର୍ମର ମହାନ୍ ବ୍ୟକ୍ତି, ଭଗବାନଙ୍କର ବଡ଼ ବଡ଼ ଭକ୍ତ, ସର୍ବଧର୍ମ ଐକ୍ୟ ଏବଂ ସବୁ ଧର୍ମର ତୁଳନାତ୍ମକ ଅଧ୍ୟୟନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପରମପ୍ରିୟ ସ୍ୱାମୀ ପ୍ରତ୍ୟହ ସନ୍ଧ୍ୟାରେ ହୃଦୟକୁ ପ୍ରକମ୍ପିତ କରୁଥିବା ଭଜନ ପରେ ଦିବ୍ୟ ସନ୍ଦେଶ ଦେଇ ସମସ୍ତଙ୍କୁ ସନ୍ତୋଷ ପ୍ରଦାନ କରୁଥିଲେ ।

କୋର୍ସରେ ଅଂଶ ଗ୍ରହଣ କରିଥିବା ସମସ୍ତଙ୍କ ପାଇଁ ସପ୍ତାହ ଶେଷରେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିଲା । ପ୍ରଖ୍ୟାତ ଗାୟକ ଓ ବାଦକମାନେ ପରମପ୍ରିୟ ସ୍ୱାମୀଙ୍କ ସମ୍ମୁଖରେ ସଂଗୀତ ପରିବେଷଣ କରୁଥିଲେ । ଭାଗ୍ୟଶାଳୀମାନଙ୍କ ପାଇଁ ସ୍ୱାମୀ ଅନେକ ସମୟରେ ବିଭୂତି ବା ଅନ୍ୟାନ୍ୟ ଉପହାର ସୃଷ୍ଟି କରୁଥିଲେ ।

ଏକ ବଡ଼ ଅଲୌକିକତା

ଥରେ କାନାଡ଼ାର ଭାଙ୍କୋଭରଠାରୁ ଆସିଥିବା ଓ ସମର କୋର୍ସରେ ଯୋଗ ଦେଇଥିବା ଜଣେ ଭକ୍ତ ମୋ ନିକଟକୁ ଆସି ପ୍ରଶ୍ନ କଲେ "ଆପଣ କଣ ଡକ୍ଟର ଗଡ଼ିଆ ?" ମୁଁ ଉତ୍ତର ଦେଇଥିଲି "ହଁ ମହାଶୟ, ଆପଣଙ୍କ ପାଇଁ କଣ କରିପାରିବି ?"

ସେତେବେଳେ ସେ ନିଜ ଗଳାର ଲସିକା ଗ୍ରନ୍ଥି ଫୁଲିଥିବାର ମୋତେ ଦେଖାଇଲେ । ମୁଁ କହିଥିଲି "ଆପଣଙ୍କର କଣ ହୋଇଛି ?" ସେ ଉତ୍ତର ଦେଇଥିଲେ "ମୋର ଥାଇରଏଡ୍ ଗ୍ରନ୍ଥିରେ କର୍କଟ ରୋଗ ହୋଇଛି । ଏକ ଅସ୍ତ୍ରୋପଚାର ପରେ ସବୁ ସ୍ୱାଭାବିକ ଥିଲା । ମୋତେ ଚିକିତ୍ସା କରୁଥିବା ଡାକ୍ତର ଗୋଟିଏ ସର୍ତ୍ତରେ ମୋତେ ସମର କୋର୍ସରେ ଯୋଗ ଦେବା ପାଇଁ ଅନୁମତି ଦେଇଥିଲେ । ସର୍ତ୍ତ ଥିଲା ଯଦି କିଛି ଜଟିଳତା ଦେଖାଦିଏ ତେବେ ସଙ୍ଗେ ସଙ୍ଗେ କୌଣସି କର୍କଟ ରୋଗ ଚିକିତ୍ସାଳୟରେ ନାମାଙ୍କନ କରି ଆଶୁ ଚିକିତ୍ସା ଗ୍ରହଣ କରିବା ପାଇଁ । ଆପଣ ଏ ଦିଗରେ ସାହାଯ୍ୟ କରିପାରିବେ ବୋଲି ମୋତେ କେହି ଜଣେ ପରାମର୍ଶ ଦେଇଛନ୍ତି" ।

ମୁଁ ତାଙ୍କୁ କହିଥିଲି "ଭାରତରେ ଦୁଇଟି ବଡ଼ କର୍କଟ ରୋଗ ଚିକିତ୍ସାଳୟ ଅଛି । ଗୋଟିଏ ହେଲା ବମ୍ବେର ଟାଟା ମେମୋରିଆଲ୍ ହସ୍‌ପିଟାଲ ଏବଂ ଅନ୍ୟଟି ହେଲା ମାଡ୍ରାସ୍ ନିକଟସ୍ଥ ଭେଲୋରଠାରେ ଥିବା ଖ୍ରୀଷ୍ଟିଆନ୍ ମେଡ଼ିକାଲ ଇନ୍‌ଷ୍ଟିଚ୍ୟୁଟ୍ ।" ତା ପରେ ସେ ପ୍ରଶ୍ନ କରିଥିଲେ "ବାବା ମୋ ପାଇଁ କିଛି କରିପାରିବେ କି ? " ମୁଁ ଉତ୍ତର ଦେଇଥିଲି ଯଦି ତୁମେ ନିରବଚ୍ଛିନ୍ନ ଭାବରେ, ସେ ତୁମ କଥା ଶୁଣିବା ପର୍ଯ୍ୟନ୍ତ 'ସାଇରାମ' ଜପ କରିପାରିବ ତେବେ ବାବା ତୁମ ପାଇଁ ସବୁକିଛି କରିପାରିବେ । ଯେତେବେଳେ ଜପ କରୁଛ ସେତେବେଳେ ଭଗବାନଙ୍କ ରୂପକୁ ଅନ୍ତର ମଧ୍ୟରେ ଦେଖିବା ଉଚିତ ।"

ସେ ରାତିସାରା ବସି ରହିଲେ ଏବଂ ରାତି ୮ଘଣ୍ଟାଠାରୁ ପରଦିନ ସକାଳ ୯ଘଣ୍ଟା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ଜପ କରିଚାଲିଲେ । ପରମ ଦୟାଳୁ, ପରମେଶ୍ୱର, ଅନନ୍ତ ଓ ଅସୀମ ଭଗବାନ ତାଙ୍କର ଦିବ୍ୟ ଆଶୀର୍ବାଦ ନିମ୍ନମତେ ପ୍ରଦାନ କରିଥିଲେ ।

ଯେତେବେଳେ ଭକ୍ତମାନେ ପ୍ରାତଃଭୋଜନରେ ବ୍ୟସ୍ତ ଥିଲେ ସ୍ୱାମୀ ଆମ ଛାତ୍ରାବାସ ମଧ୍ୟକୁ ପ୍ରବେଶ କଲେ ଏବଂ ସିଧାସଳଖ ସେହି କାନାଡ଼ିଆନ୍ ଭକ୍ତଙ୍କ କୋଠରୀକୁ ଯାଇ କହିଥିଲେ "ଠିକ୍ କରିଛ ।" ତାପରେ ସେ ଦିବ୍ୟ ବିଭୂତି ସୃଷ୍ଟି କରିଥିଲେ ଏବଂ ସେ ଭକ୍ତଙ୍କୁ ଖୁଆଇ ଦେଇଥିଲେ । ଆଉ କିଛି ବିଭୂତି ସେହି ଭକ୍ତଙ୍କର ଫୁଲିଥିବା ଲସିକା ଗ୍ରନ୍ଥି ଉପରେ ବାବା ନିଜ ହାତରେ ଘସି ଦେଇଥିଲେ । ସବୁ ଆଶ୍ଚର୍ଯ୍ୟ ମଧ୍ୟରେ ଆଶ୍ଚର୍ଯ୍ୟତମ ଘଟଣା ହେଲା ସମସ୍ତ ଲସିକା ଗ୍ରନ୍ଥିର ଫୁଲା ସଙ୍ଗେ ସଙ୍ଗେ ସମ୍ପୂର୍ଣ୍ଣ ଭାବରେ କମିଯାଇଥିଲା ଏବଂ ରୋଗୀ ଭଲ ହୋଇଯାଇଥିଲା । ପରମପ୍ରିୟ ବାବା କହିଥିଲେ "ସ୍ୱାମୀ ତୁମ କ୍ୟାନ୍‌ସରକୁ କ୍ୟାନ୍‌ସେଲ୍ କରିଦେଇଛନ୍ତି ।" ଏତକ କହି ସ୍ୱାମୀ ଛାତ୍ରାବାସ ଛାଡ଼ି ଚାଲିଯାଇଥିଲେ । ସବୁ ଭକ୍ତ ଓ ସମର କୋର୍ସରେ ଯୋଗ ଦେଇଥିବା ସମସ୍ତ ଶିକ୍ଷାର୍ଥୀ ବାବାଙ୍କର ଅତିପ୍ରାକୃତିକ (ଅଲୌକିକ) ଶକ୍ତି ବଳରେ ସଙ୍ଗେ ସଙ୍ଗେ ଆରୋଗ୍ୟ ଲାଭ କରିବାର ଅଲୌକିକତା ଦେଖି ଆନନ୍ଦିତ ହୋଇଥିଲେ ।

କାନାଡ଼ାର ଭାଙ୍କୋଭରରେ ରହୁଥିବା ମୋର ଭାଇ ମୋତେ ଜଣାଇଥିଲେ ଯେ ଏହି ଅଲୌକିକ ଘଟଣା ପରେ ଏହି କ୍ୟାନ୍‌ସର ରୋଗୀର ସମ୍ପର୍କୀୟ ଓ ବନ୍ଧୁମାନେ ବାବା ଓ ତାଙ୍କ ଉପଦେଶ ସମ୍ପର୍କରେ ଅଧିକ ଆଗ୍ରହ ପ୍ରକାଶ କରିଥିଲେ ।

ସ୍ୱାମୀ କହନ୍ତି "ମୁଁ ଚାହେଁ ଲୋକମାନେ ଏଠାକୁ ଆସନ୍ତୁ, ଦେଖନ୍ତୁ, ଶୁଣନ୍ତୁ, ଅଧ୍ୟୟନ କରନ୍ତୁ, ଲକ୍ଷ୍ୟ କରନ୍ତୁ, ଅଭିଜ୍ଞତା ଅର୍ଜନ କରନ୍ତୁ ଏବଂ ବାବାଙ୍କୁ ଉପଲବ୍ଧି କରନ୍ତୁ । ତେବେ ଯାଇ ସେମାନେ ମୋତେ ଠିକ୍ ଭାବରେ ବୁଝିପାରିବେ ଏବଂ ଅବତାରଙ୍କୁ ଗ୍ରହଣ କରିବେ ।"

''ଏହି ସତ୍ୟସାଇ ଅବତାର ସମ୍ପୂର୍ଣ୍ଣ ଷୋହଳ କଳାର ଅଧିକାରୀ ଏବଂ ପୂର୍ଣ୍ଣ ଅବତାର । ପୂର୍ବରୁ କେବଳ ଥରେ କୃଷ୍ଣ ଅବତାରରେ ଏହା ଘଟିଥିଲା । ମୁଁ ହେଉଛି ଶିବ-ଶକ୍ତି ସ୍ୱରୂପ ଏବଂ ମୁଁ ଏ ଉଭୟର ପ୍ରମାଣ ପ୍ରଦର୍ଶନ କରିସାରିଛି ।''

''ପୃଥିବୀର ଯେଉଁଠାରେ ଥାଆନ୍ତୁନା କାହିଁକି ଭଗବାନଙ୍କୁ ବ୍ୟାକୁଳ ଭାବରେ ଚାହୁଁଥିବା ବ୍ୟକ୍ତି ବା ଭକ୍ତମାନଙ୍କ ସହିତ ବାବା ସଦା ସର୍ବଦା ରହିଛନ୍ତି । ସେ ସାଧୁ, ସନ୍ଥ, ଯୋଗୀ, ଋଷି ଓ ଆଧ୍ୟାତ୍ମିକ ସାଧକମାନଙ୍କୁ ଲକ୍ଷ୍ୟ ରଖିଛନ୍ତି ଏବଂ ସେମାନଙ୍କର ହୃଦୟ ଓ ମନକୁ ଭଗବାନଙ୍କ ଆଡ଼କୁ ଗତିଶୀଳ କରିବା ପାଇଁ ଦିଗ୍‌ଦର୍ଶନ ଦେଉଛନ୍ତି ।''

ଦାନ ଓ କ୍ଷମା ଦ୍ୱାରା ପ୍ରେମ ବଞ୍ଚିରହେ

''ଯଦି ଜଣେ ସବୁବେଳେ ଦୋଷ ବା ତ୍ରୁଟି କଥା ଚିନ୍ତା କରେ, ତେବେ ତାର ମନ ଅପବିତ୍ର ଓ ଅସ୍ଥିର ହୋଇପଡ଼େ । ଯଦି ଜଣେ ସବୁବେଳେ ଭଲଗୁଣ କଥା ଚିନ୍ତା କରେ, ତେବେ ତାର ମନ ଶାନ୍ତ ଓ ସ୍ଥିର ରହେ । ଯଦି ଜଣକର ଚିନ୍ତା ଈଶ୍ୱର ଚିନ୍ତନରେ ପୁରି ରହିଥାଏ, ସେ ଈଶ୍ୱରଙ୍କ ସହିତ ସମାନ ହୋଇଯାଏ ।'' ଏହା ହେଉଛି ସାଇବାଣୀ ଯାହା ସତ୍ୟକୁ ପ୍ରକାଶ କରିଥାଏ ।

''ଯେଉଁମାନଙ୍କର ମନ ଅତି ପବିତ୍ର ସେହିମାନଙ୍କୁ କେବଳ ଆତ୍ମା ସମ୍ପର୍କୀୟ ଜ୍ଞାନ ମିଳିଥାଏ । ଯଦି ଜଣେ ଆତ୍ମାକୁ ବିଭିନ୍ନ ଦିଗରୁ ଜାଣିଥାଏ ତେବେ ସେ ଆନନ୍ଦ ଉପଭୋଗ କରିଥାଏ । ଯଦି ଆତ୍ମା ସମ୍ପର୍କରେ ଜଣେ କିଛି ଜାଣି ନ ଥାଏ ତେବେ ସେ କଷ୍ଟ ଭୋଗ କରେ । ବ୍ରହ୍ମ ସମ୍ପର୍କୀୟ ଜ୍ଞାନ ବଳରେ ଜଣେ ବ୍ରହ୍ମ ଭିତରେ ବିଲୀନ ହୋଇଥାଏ ।'' ସାଇଙ୍କର ଏହି ବାଣୀ ସତ୍ୟର ଉଦ୍‌ଘୋଷଣା ଅଟେ ।

''ପ୍ରେମର ପଥ ହିଁ ଭଗବାନଙ୍କ ଆଡ଼କୁ ଏକମାତ୍ର ପଥ । ପ୍ରେମ ହିଁ ଭଗବାନ । ପ୍ରେମ ଭିତରେ ହିଁ ବଞ୍ଚିରହ । ଦାନ ଓ କ୍ଷମା ଦ୍ୱାରା ପ୍ରେମ ବଞ୍ଚି ରହେ । ପ୍ରାପ୍ତି ଓ ବିସ୍ମୃତି ଦ୍ୱାରା ସ୍ୱାର୍ଥ ବଞ୍ଚିରହେ । ପ୍ରେମ ସ୍ୱାର୍ଥବିହୀନ ଏବଂ ସ୍ୱାର୍ଥ ପ୍ରେମବିହୀନ । ପ୍ରେମ ହିଁ ସବୁକିଛି ।''

ସମର କୋର୍ସ ଶେଷ ହେବାଦିନ ଏକ ଶୋଭାଯାତ୍ରା ବାହାରିଥାଏ । ସ୍ୱାମୀଙ୍କର ପ୍ରିୟ ପୋଷାହାତୀ ସାଇ ଗୀତା ଆଡ଼ମ୍ବରପୂର୍ଣ୍ଣ ସାଜସଜା ସହ ଏହି ଶୋଭାଯାତ୍ରାର ଆଗେ ଆଗେ ଚାଲିଥାଏ । ଦୁଇଦିନ ପୂର୍ବରୁ ବାବା ଦେଇଥିବା ଏକା ରଙ୍ଗର ଶାଢ଼ୀ ଓ ବ୍ଲାଉଜ ପିନ୍ଧି ମହିଳାମାନେ ସାଇଗୀତାର ଠିକ୍ ପଛରେ ଚାଲିଥାନ୍ତି । ମହିଳାମାନଙ୍କ ପଛକୁ ଧଳା ରଙ୍ଗର ଧୋତି ଓ କୁର୍ତ୍ତା ପିନ୍ଧି ପୁରୁଷମାନେ ଚାଲନ୍ତି ।

ସ୍ୱାମୀ ଶୋଭାଯାତ୍ରାର ଦୁଇଦିନ ପୂର୍ବରୁ ସମସ୍ତଙ୍କୁ ଧୋତି ଓ କୁର୍ତ୍ତା ଦେଇଥାନ୍ତି । କେତେକ ପାଶ୍ଚାତ୍ୟ ଭକ୍ତ ଧୋତି କିପରି ପିନ୍ଧିବାକୁ ହୁଏ ତାହା ଦେଖାଇ ଦେବାକୁ ମୋତେ କହିଥିଲେ । ଧୋତିର ଗୋଟିଏ ପାଖ ଏପରି ଭାଙ୍ଗ ହୋଇଥାଏ ଯେ ତାହା ପଛ ଆଡ଼କୁ ଓହଳିଥାଏ । ମୁଁ ଏହିଭଳି ଧୋତି ପିନ୍ଧିବା ପାଇଁ ଦେଖାଇ ଦେଇଥିଲି । ଜଣେ ମୋତେ ପ୍ରଶ୍ନ କରିଥିଲା "ପଛରେ ଓହଳି ଥିବା ଏହି ଶେଷ ଭାଗଟି କଣ ?" କେହି ଜଣେ ପରିହାସରେ କହିଥିଲା "ବ୍ୟାକ୍ (ପଛ) ଟାଇ" । ମୁଁ ତାଙ୍କୁ ମୋର ଗଳାବନ୍ଧ (ନେକ୍ ଟାଇ) ଦେଖାଇ ପଚାରିଥିଲି "ଏଇଟା କଣ ?" ସେ ବ୍ୟକ୍ତି ଉତ୍ତର ଦେଇଥିଲେ "ଫ୍ରଣ୍ଟ (ଆଗ) ଟାଇ ।" ମୁଁ ତାପରେ ମୋର 'ଟାଇପିନ୍' ଦେଖାଇ ପଚାରିଥିଲି "ଏଇଟା କଣ ?" ଉତ୍ତର ମିଳିଲା "ଏହା ଗୋଟିଏ ଟାଇପିନ୍" । ତା ପରେ ମୁଁ ତାଙ୍କୁ ନିର୍ଦ୍ଦେଶ ଦେଇଥିଲି ଯେ ଧୋତିକୁ ପଛ ପାଖରେ ସେଫ୍‌ଟିପିନ୍ ଦ୍ୱାରା ଲଗାଇ ଦିଅ । ତାହା ହେଲେ ଏହା ଖସିପଡ଼ିବ ନାହିଁ ।

ଶୋଭାଯାତ୍ରା ପରେ ସମସ୍ତେ ପୁରସ୍କାର ବିତରଣ ପାଇଁ ସମ୍ମିଳନୀ କକ୍ଷରେ ପ୍ରବେଶ କରିଥିଲେ । କୋର୍ସ ଶେଷରେ ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକତା ଉପରେ ହୋଇଥିବା ପରୀକ୍ଷାରେ କେତେକ ବିଦେଶୀଙ୍କ ସହିତ ଯେଉଁମାନେ କୃତକାର୍ଯ୍ୟ ହୋଇଥିଲେ ସେମାନଙ୍କୁ ମଧ୍ୟ ପୁରସ୍କାର ବିତରଣ କରାଯାଇଥିଲା । ଜଣେ ବିଦେଶୀ ପୁରସ୍କାର ପାଇଁ ମଞ୍ଚ ଉପରକୁ ଗଲାବେଳେ ତାଙ୍କର "ବ୍ୟାକ୍ ଟାଇ" ଖସି ପଡ଼ିଥିଲା ଏବଂ ଧୋତି ହୁଗୁଳା ହୋଇ ଯାଇଥିଲା । ଏହା ଏକ ହାସ୍ୟାସ୍ପଦ ଘଟଣା ହୋଇଥିଲା ଏବଂ ସ୍ୱାମୀ ମଧ୍ୟ ନ ହସି ରହିପାରି ନ ଥିଲେ । ବିଦେଶୀ ଜଣକ 'ବ୍ୟାକ୍‌ଟାଇ'ର ନିରାପତ୍ତା ପାଇଁ ସେଫ୍‌ଟିପିନ୍ ଲଗାଇବାର ଆବଶ୍ୟକତା କଣ ଅନୁଭବ କରିଥିଲେ ।

୧୯୭୮ ମସିହାର ସମର କୋର୍ସ ଭଲରେ ଭଲରେ ଶେଷ ହେଲା । ସବୁଠାରୁ ବଡ଼ ଲାଭ ହେଲା ସ୍ୱାମୀଙ୍କର ଦର୍ଶନ ଏବଂ ତାଙ୍କର ଦିବ୍ୟ ସନ୍ଦେଶ ଶ୍ରବଣ । ଭାଙ୍କୋଭରରୁ ଆସିଥିବା ଭକ୍ତଙ୍କର କ୍ୟାନ୍‌ସରକୁ ବାବା କ୍ୟାନ୍‌ସେଲ୍ କଲାଭଳି ଅଲୌକିକତା ଆମେ ଦେଖିଲୁ । ଖାଦ୍ୟ ଗ୍ରହଣ ପୂର୍ବରୁ ବ୍ରହ୍ମାର୍ପଣ ଆବୃତ୍ତି କରିବା ମଧ୍ୟ ଆମେ ଶିକ୍ଷା କଲୁ । ଅଧିକନ୍ତୁ ପ୍ରତ୍ୟେକ ସ୍ୱାମୀଙ୍କଠାରୁ ଉପହାର ପାଇଥିଲୁ, ନନ୍ଦାଙ୍କୁ ଶାଢ଼ୀ ଓ ବ୍ଲାଉଜ୍ ଏବଂ ମୋତେ ଧୋତି ଓ କୁର୍ତ୍ତା ମିଳିଥିଲା ।

ଆମ ପାଇଁ ଏହା ଏକ ସ୍ମରଣୀୟ ମାସ ଥିଲା । କିଛିଦିନ ପରେ ନନ୍ଦା ଓ ମୁଁ ତାଞ୍ଜାନିଆର ଆରୁଶା ଉଦ୍ଦେଶ୍ୟରେ ଯାତ୍ରା କରିଥିଲୁ । ସେଠାରେ ମୁଁ ଓମ୍ ଶ୍ରୀ ସତ୍ୟ ସାଇ ଡିସ୍‌ପେନ୍‌ସାରୀରେ ଘରୋଇ ଚିକିତ୍ସା କାର୍ଯ୍ୟ ଆରମ୍ଭ କରି ଦେଇଥିଲି । ଆମର ପରମପ୍ରିୟ ଭଗବାନ ସମସ୍ତଙ୍କୁ ଦିବ୍ୟ ଆଶୀର୍ବାଦ ପ୍ରଦାନ କରନ୍ତୁ ।

ଭୋଜନ ପୂର୍ବରୁ ପ୍ରାର୍ଥନା : ବ୍ରହ୍ମାର୍ପଣ

ବ୍ରହ୍ମାର୍ପଣ ହେଉଛି ଖାଦ୍ୟ ଗ୍ରହଣ ପୂର୍ବରୁ ସର୍ବବିଦ୍ୟମାନ ଭଗବାନଙ୍କୁ ଖାଦ୍ୟ ଅର୍ପଣ କରିବା ପାଇଁ ପ୍ରାର୍ଥନା । ଏହି ପ୍ରାର୍ଥନାଟି ୭୦୦ ଶ୍ଳୋକ ବିଶିଷ୍ଟ ଭଗବଦ୍ ଗୀତାରୁ ଆସିଛି । ଏହା (ଗୀତା) ଗଭୀର ଜ୍ଞାନ ସମ୍ପନ୍ନ ଓ ସରଳ । ଏଥିରେ ଏତେ ଜ୍ଞାନ ନିହିତ ଅଛି ଯେ ସାଧୁ, ସନ୍ଥ, ପଣ୍ଡିତ, ବୈଜ୍ଞାନିକ, ବିଭିନ୍ନ ଦେଶର ରାଜନୀତିଜ୍ଞ, ଭିନ୍ନ ଭିନ୍ନ ଧର୍ମ ବିଶ୍ୱାସ ତଥା ଜାତୀୟତାର ବ୍ୟକ୍ତି ସମୂହ ଏହାର ଶିକ୍ଷାକୁ ସହଜରେ ଗ୍ରହଣ କରିପାରନ୍ତି ଏବଂ ଦୈନନ୍ଦିନ ଜୀବନରେ ଅଭ୍ୟାସରେ ପରିଣତ କରିପାରନ୍ତି । ସେମାନେ ଆଧ୍ୟାତ୍ମିକ ଓ ଭୌତିକ ସନ୍ତୋଷ ଲାଭ କରନ୍ତି ।

ଗୀତା କାହାରିକୁ ତାର ବିଶ୍ୱାସ ଓ ଧର୍ମ ପରିବର୍ତ୍ତନ କରିବାକୁ ବାଧ କରେ ନାହିଁ । ଏହି ସତ୍ୟରେ ହିଁ ଗୀତାର ବିଶ୍ୱମୟତା ନିହିତ ଅଛି । ଗୀତା ଶିକ୍ଷାଦିଏ ଯେ ନିଜର କର୍ତ୍ତବ୍ୟ ନିଃସ୍ୱାର୍ଥପର ଭାବରେ ସମ୍ପାଦନ କଲେ ପରମେଶ୍ୱର ଭଗବାନଙ୍କ ସହିତ ସମ୍ପର୍କ ସ୍ଥାପନ କରିହେବ । ଗୀତା ହେଉଛି କର୍ମ, ଭକ୍ତି ଓ ଜ୍ଞାନର (କର୍ମଯୋଗ, ଭକ୍ତିଯୋଗ ଓ ଜ୍ଞାନଯୋଗ)ର ଏକ ବିଶ୍ଳେଷଣାତ୍ମକ ସଂହିତା । ଏହି ତିନି ଯୋଗ ସାଧନ କଲେ ଜଣେ ତାର ଚରମ ଲକ୍ଷ୍ୟ 'ଆତ୍ମୋପଲବ୍ଧି' ପ୍ରାପ୍ତ ହେବ । ଗୀତାରେ ଭଗବାନ ବିଷ୍ଣୁ ଜୀବନର ସମସ୍ତ ମୌଳିକ ସତ୍ୟକୁ ବୁଝାଇଛନ୍ତି । ଏହାକୁ ବୁଝିଲେ ଏବଂ ଅଭ୍ୟାସ ପୂର୍ବକ ସବୁଦିନ ପାଇଁ ଆୟତ୍ତ କରି ପାରିଲେ ନିଶ୍ଚିତ ଭାବରେ ଗୋଟିଏ ଆତ୍ମା ମୋକ୍ଷ ପ୍ରାପ୍ତ ହେବ ।

ଗୀତା ହେଉଛି
ଜୀବନର ଆଲୋକ ବର୍ତ୍ତିକା ।
ବଞ୍ଚିବା ପାଇଁ ଅନୁମତି ପତ୍ର
ପରମ ଗୁରୁ
ବେଦମାନଙ୍କର ସାର ତତ୍ତ୍ୱ
ମୋକ୍ଷ ପ୍ରାପ୍ତି ପାଇଁ ପ୍ରବେଶ ଦ୍ୱାର
ଆଧ୍ୟାତ୍ମିକ ରତ୍ନର ମହାସାଗର
ଭଗବାନଙ୍କର ସର୍ବ ବିଦ୍ୟମାନତାର ଏକ ଅଲୌକିକତା
ସବୁ ଜ୍ଞାନର ସର୍ବଶ୍ରେଷ୍ଠ ଉତ୍ସ
କର୍ମ, ଭକ୍ତି ଓ ଜ୍ଞାନର ଦାର୍ଶନିକ ତତ୍ତ୍ୱ ।
ସବୁ ଲୋକ, ସବୁ ଧର୍ମ ଓ ସବୁ ସମୟ ପାଇଁ
ଏହାର ବିଶ୍ୱମୟତା ଉପଲବ୍ଧ ।

ଗୀତା ସମ୍ପର୍କରେ ପରମପ୍ରିୟ ସ୍ୱାମୀଙ୍କର ଦିବ୍ୟ ସନ୍ଦେଶ ନିମ୍ନରେ ପ୍ରଦତ୍ତ ହେଲା ।

''ଯେଉଁଠି ଗୋଟିଏ ସୁନାଖଣି ଅଛି, ସେଠାରେ ଖଣି ଯନ୍ତ୍ରୀ ଓ ରସାୟନବିତ୍‌ଙ୍କର ଆବଶ୍ୟକତା ଅଛି । ତେଣୁ ଭାରତର ଆଧ୍ୟାତ୍ମିକ ଜ୍ଞାନର ଖଣି 'ଗୀତା', 'ଉପନିଷଦ' ଓ 'ବେଦ' ରହିଛି । ଗୀତାର ଉପଦେଶକୁ ଗ୍ରହଣ କଲେ ତୁମ ଶରୀର ବ୍ରହ୍ମମୟ ହୋଇଯିବ ଏବଂ ତୁମେ ଇନ୍ଦ୍ରିୟ ଜଗତର ଅଜ୍ଞାନତା-ବନ୍ଧନରୁ ମୁକ୍ତ ହୋଇପାରିବ । ତୁମେ ଯଦି ତୁମ ଦୈନନ୍ଦିନ ଜୀବନକୁ ଏକଦିଗଦର୍ଶୀ କରିପାରିବ ତେବେ ତୁମ ପାଇଁ ସ୍ୱତନ୍ତ୍ର ଭାବେ ଉଦ୍ଦିଷ୍ଟ ଗୀତାର ବାର୍ତ୍ତାକୁ ବୁଝିପାରିବ ।''

''ଅଜ୍ଞତାଜନିତ ପ୍ରହେଳିକା ଦୂର କରିବା ପାଇଁ ଗୀତା ଦିଆଯାଇଛି । ସବୁ ପ୍ରଶ୍ନର ଉତ୍ତର ଦେବା ପାଇଁ ଏହା ସୂଚନା ଦେଇଥାଏ ଏବଂ ସମ୍ପୂର୍ଣ୍ଣ ଆତ୍ମୋପଲବ୍ଧି ଲାଭ ପାଇଁ ନିର୍ଦ୍ଦେଶ ଦେଇଥାଏ । ମନର ଅସ୍ଥିରତାକୁ ନିୟନ୍ତ୍ରଣ କରିବାରେ ଏହା ସାହାଯ୍ୟ କରେ, ମାୟା ଦୂର କରେ, ସତ୍‌ଜ୍ଞାନର ବିକାଶ ଘଟାଏ ଏବଂ ଭଗବାନଙ୍କ ମହିମାରେ ମହିମାନ୍ୱିତ ହେବା ପାଇଁ ସାହାଯ୍ୟ କରେ । ଏହା ତୁମର ବିଶ୍ୱାସକୁ ଦୃଢ଼ କରେ ।''

''ଗୀତା ଗୋଟିଏ ଡଙ୍ଗା ସଦୃଶ । ଏହା ମଣିଷର ପ୍ରକୃତିଗତ ଆତ୍ମସୃଷ୍ଟ ବନ୍ଧନକୁ ଅତିକ୍ରମ କରାଇ ଦେଇଥାଏ । ସେ ଅନ୍ଧକାରରୁ ଆଲୋକ ଆଡ଼କୁ ଏବଂ ନିଷ୍ପ୍ରଭତାରୁ ଉଜ୍ଜ୍ୱଳତା ଆଡ଼କୁ ଗତି କରିଥାଏ । ଗୀତା ମଣିଷର ଶୃଙ୍ଖଳା ଓ କର୍ତ୍ତବ୍ୟବୋଧକୁ ନିର୍ଦ୍ଦିଷ୍ଟ କରିଥାଏ । ଫଳରେ ସେ ବାସନା (ଜନ୍ମଗତ ପ୍ରବୃତ୍ତି – ଆବେଗ) ରହିତ ହୋଇଥାଏ । ଏହି ବାସନା ମଣିଷକୁ ଜନ୍ମ ମୃତ୍ୟୁର ନିଷ୍ଠୁର ଚକ୍ର ସହିତ ବାନ୍ଧି ରଖିଥାଏ ।''

ପରମପ୍ରିୟ ସ୍ୱାମୀ ଭଗବଦ୍ ଗୀତାରୁ ନିମ୍ନୋକ୍ତ ଦୁଇଟି ଶ୍ଳୋକ ଅଭ୍ୟାସ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସମର କୋର୍ସ ଚାଲିଥିବାବେଳେ ସେ ଏହି ଶ୍ଳୋକ ଦୁଇଟି ଖାଦ୍ୟ ଗ୍ରହଣ ପୂର୍ବରୁ ଉଚ୍ଚାରଣ କରିବା ପାଇଁ କହିଛନ୍ତି । ସେ କହିଥିଲେ ''ଏଭଳି ଭାବରେ ଖାଦ୍ୟ ଗ୍ରହଣ କଲେ ଖାଦ୍ୟ ପ୍ରସାଦରେ ପରିଣତ ହୁଏ । ପ୍ରାର୍ଥନା ତିନି ପ୍ରକାରର ଅଶୁଦ୍ଧତା (ବା ପ୍ରଦୂଷଣ) ଦୂର କରି ଖାଦ୍ୟକୁ ବିଶୁଦ୍ଧ (ପବିତ୍ର) କରିଥାଏ । ଏହି ତିନିଗୋଟି ଅଶୁଦ୍ଧତା ହେଲା ଅପରିଷ୍କୃତ ପାତ୍ର, ଦୂଷିତ ବା ଭେଜାଲ ଖାଦ୍ୟ ଏବଂ ଯାହା ବିକୃତ ରନ୍ଧନ ପଦ୍ଧତିରୁ ସୃଷ୍ଟି ହୋଇଥାଏ । ଖାଦ୍ୟକୁ ପବିତ୍ର କରିବା ପାଇଁ ଏହି ତିନିଗୋଟି ପ୍ରଦୂଷକ ଦୂର ହେବା ଦରକାର । କାରଣ ବିଶୁଦ୍ଧ ଖାଦ୍ୟ ମନକୁ ପବିତ୍ର କରିଥାଏ । ତେଣୁ ଖାଦ୍ୟକୁ ପ୍ରାର୍ଥନା ମାଧ୍ୟମରେ ଆମେ ଭଗବାନଙ୍କୁ ଅର୍ପଣ କରିବା ଆବଶ୍ୟକ । ଫଳରେ ଏହି ତିନୋଟି ପ୍ରଦୂଷକର ମନ ଉପରେ କୌଣସି ପ୍ରଭାବ ରହେ ନାହିଁ ।''

ଏହି ପ୍ରାର୍ଥନାରେ ଭଗବଦ୍ ଗୀତାର ଦୁଇଟି ଶ୍ଳୋକ ରହିଛି ।

''ବ୍ରହ୍ମାର୍ପଣମ୍ ବ୍ରହ୍ମହବିଃ
ବ୍ରହ୍ମାଗ୍ନୌ ବ୍ରହ୍ମଣାହୁତମ୍
ବ୍ରହ୍ମୈବ ତେନ ଗନ୍ତବ୍ୟମ୍
ବ୍ରହ୍ମକର୍ମ ସମାଧିନା ।'' (ଅଧ୍ୟାୟ-୪, ଶ୍ଳୋକ-୨୪)

ଅର୍ଥ : ଭଗବାନ (ବ୍ରହ୍ମନ୍) ଅର୍ପଣ ପଦ୍ଧତିରେ, ଅର୍ପିତ ବସ୍ତୁରେ (ହବିଃ) ଏବଂ ଅଗ୍ନି ମଧ୍ୟରେ ରହିଥାନ୍ତି । ଈଶ୍ୱରଙ୍କ ମଧ୍ୟରେ ଏବଂ ଆଧ୍ୟାତ୍ମିକ କାର୍ଯ୍ୟ (ବ୍ରହ୍ମକର୍ମ)ରେ ସମ୍ପୂର୍ଣ୍ଣ ରୂପେ ନିମଜ୍ଜିତ (ସମାଧିନା) ହେଲେ ଭଗବାନ ନିଶ୍ଚିତ ଭାବରେ ଆସିଥାନ୍ତି ।

''ଅହଂ ବୈଶ୍ୱାନରେ ଭୂତ୍ୱା
ପ୍ରାଣୀନାମ୍ ଦେହମାଶ୍ରିତଃ
ପ୍ରାଣାପାନ ସମାୟୁକ୍ତଃ
ପଚାମ୍ୟନ୍ନମ୍ ଚତୁର୍ବିଧମ୍ ।'' (ଅଧ୍ୟାୟ - ୧୫, ଶ୍ଳୋକ - ୧୪)

ଅର୍ଥ : ସବୁ ପ୍ରାଣୀମାନଙ୍କର (ପ୍ରାଣୀନାମ୍) ଶରୀର (ଦେହମ୍) ମଧ୍ୟରେ କ୍ଷୁଧାର ଅଗ୍ନି (ବୈଶ୍ୱାନର) ରୂପେ ମୁଁ (ଅହମ୍) ରହିଛି (ଭୁତ୍ୱା) ଏବଂ ନିଃଶ୍ୱାସ (ପ୍ରାଣ) ଓ ପ୍ରଶ୍ୱାସ (ଅପାନ)ର ସନ୍ତୁଳନ (ସମାୟୁକ୍ତାଃ) କରୁଛି । ମୁଁ ଚାରି ପ୍ରକାରର (ଚତୁର୍ବିଧମ୍) ଖାଦ୍ୟ (ଅନ୍ନମ୍)କୁ ଜୀର୍ଣ୍ଣ (ପଚାମି) କରିଥାଏ ।

ବାବା କହନ୍ତି ''ଖାଦ୍ୟକୁ ଏହିପରି ଭାବରେ ଭଗବାନଙ୍କୁ ଅର୍ପଣ କଲେ ବୈଶ୍ୱାନର ପାଚନ ତନ୍ତ୍ରରେ ରହି ଜୀର୍ଣ୍ଣ କରିଥାନ୍ତି । ଯେହେତୁ ଭଗବାନ ଅଗ୍ନି ରୂପରେ ବୈଶ୍ୱାନର ଭାବରେ ରହିଥାନ୍ତି, ସେ ପ୍ରଦୂଷକ (ଅଶୁଦ୍ଧ ଦ୍ରବ୍ୟ) ସହ ଖାଦ୍ୟକୁ ଜୀର୍ଣ୍ଣ କରନ୍ତି । ତେଣୁ ଅଶୁଦ୍ଧ ଦ୍ରବ୍ୟ ଖାଦ୍ୟରେ ଥିଲେ ମଧ୍ୟ ମଣିଷ ତଦ୍ଦ୍ୱାରା ପ୍ରଭାବିତ ହୋଇ ନ ଥାଏ ।''

ନିକଟରେ ପରମପ୍ରିୟ ସ୍ୱାମୀ ବ୍ରହ୍ମାର୍ପଣ କରିବା ମାତ୍ରେ ନିମ୍ନୋକ୍ତ ପ୍ରାର୍ଥନା ବୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହା 'ସନାତନ ସାରଥି'ରେ ପ୍ରକାଶିତ ।

''ଓମ୍ ଅନ୍ନମ୍ ବ୍ରହ୍ମ,
ରସୋ ବିଷ୍ଣୁ
ଭୋକ୍ତା ଦେବୋ ମହେଶ୍ୱର ।''

ଅର୍ଥ : ଖାଦ୍ୟ ହେଉଛି ବ୍ରହ୍ମ, ରସ ହେଉଛି ବିଷ୍ଣୁ ଏବଂ ଭଗବାନ ମହେଶ୍ୱର ହେଉଛନ୍ତି ଭୋକ୍ତା ।

❑❑

ଅଧ୍ୟାୟ - ୩୫

ହାଜି ବାବା (ବାବାଜୀ)ଙ୍କ ଅଲୌକିକତା

ମୋ ଗୋଡ଼ ଭଲ ହେବା ପୂର୍ବରୁ ଓ ପରେ ପରମପ୍ରିୟ ସ୍ୱାମୀଙ୍କର କୃପା ସମ୍ପର୍କରେ ମୋର ଅନୁଭୂତିକୁ ମୁଁ ଭାଷାରେ ପ୍ରକାଶ କରି ପାରିବି ନାହିଁ । ତାଙ୍କର କରୁଣା ଏବଂ ମୋତେ ଋଣୀ କରି ପକାଇଥିବା ପ୍ରେମ ସଦା ସର୍ବଦା ମୋର ସ୍ମରଣ ରହିବ । ତାଙ୍କର କୃପା ବ୍ୟତିରେକେ ଆମେ ସାଧୁ, ସନ୍ଥ, ପୀରମାନଙ୍କ ସମ୍ପର୍କରେ ଆସିପାରିବା ନାହିଁ । ଶିରିଡ଼ି ସାଇ ବାବା କହିଥିଲେ ''ସାଧୁ ସନ୍ଥମାନେ ମୋର ପ୍ରାଣ ।'' ଏହି ଆଧ୍ୟାତ୍ମିକ ଗୁରୁମାନଙ୍କ ଜରୀଆରେ ଲକ୍ଷ ଲକ୍ଷ ଲୋକ ଭଗବାନଙ୍କର ଆଶୀର୍ବାଦ ପାଇ ଉପକୃତ ହୋଇଛନ୍ତି ।

ଏବେ ମୁଁ ମୋର ସ୍ନାତକ ଡିଗ୍ରୀ ହାସଲ କରିବା ପରେ ନାଇରୋବୀରେ ପହଞ୍ଚିବା ସମୟରେ ଘଟିଥିବା ଏକ ଚିତ୍ତାକର୍ଷକ ଘଟଣା ବର୍ଣ୍ଣନା କରିବି । ଡି.ଏଲ. ପଟେଲଙ୍କ ନାମରେ ନାମିତ ଏକ ଛାପାଖାନାର ପରିଚାଳକ ହାର୍ଜିଭାଇ ପଟେଲ ତାଙ୍କ ଘରକୁ ଯିବା ପାଇଁ ମୋତେ ଅନୁରୋଧ କରିଥିଲେ । କାରଣ ତାଙ୍କର ଡାକ୍ତରୀ ପରାମର୍ଶ ଆବଶ୍ୟକ ଥିଲା । ସେ ମୋତେ ତାଙ୍କ ପୁଅ ନିକଟକୁ ନେଇଯାଇଥିଲେ । ତାଙ୍କ ପୁଅର ଦୁଇଟିଯାକ ଗୋଡ଼ ପକ୍ଷାଘାତରେ ଆକ୍ରାନ୍ତ ଥିବାରୁ ବିଛଣାରେ ପଡ଼ିରହିଥିଲା ।

ହାର୍ଜିଭାଇ ପଟେଲ ମୋତେ ପ୍ରଶ୍ନ କରିଥିଲେ ''ଏମିତି କିଛି ଆଧୁନିକ ଔଷଧ ଅଛି କି ଯାହାଦ୍ୱାରା ମୋ ପୁଅ ଭଲ ହୋଇଯିବ ?'' ମୁଁ ଉତ୍ତର ଦେଇଥିଲି ''ଔଷଧ କଥା ଭୁଲିଯାଅ । ମୁଁ ଭାବୁ ନାହିଁ ଏବେ ସେପରି କିଛି ଔଷଧ ଅଛି ବୋଲି । ମାତ୍ର ଦୈବୀ ଶକ୍ତି ସମ୍ପନ୍ନ ସାଧୁ ସନ୍ଥଙ୍କ ମାଧ୍ୟମରେ ଭଗବାନଙ୍କ କୃପା ସମ୍ଭବତ ଏ ରୋଗ ଭଲ କରି ଦେଇପାରେ । ସେମାନଙ୍କର ଯେ କୌଣସି ରୋଗ ଭଲ କରିଦେବାର ଶକ୍ତି ରହିଛି । ଏପରିକି ମୃତ୍ୟୁ ପରେ ମଧ୍ୟ ସେମାନେ ନୂତନ ଜୀବନ ଦେଇ ପାରନ୍ତି । ଭଗବାନ ସତ୍ୟସାଇ ବାବା ଏବଂ ଏପରିକି ସାଧୁ, ସନ୍ଥ ବା ପୀରମାନେ ମଧ୍ୟ ଆପଣଙ୍କ ପୁଅକୁ ଭଲ କରି ଦେଇ ପାରିବେ । ସେମାନେ କର୍ମର ପ୍ରଭାବକୁ ବଦଳାଇ ଦେଇ ପାରିବେ । ଅତୀତର କର୍ମ ପାଇଁ ଯଦି ଜଣେ କଷ୍ଟ ପାଉଥାଏ ଏବଂ ଯଦି ସେ ଏହି ଜୀବନରେ

ଭଗବାନଙ୍କ ପ୍ରତି ଭକ୍ତିନିଷ୍ଠ ହୁଏ ତେବେ ତାର କର୍ମଫଳ ବଦଳିଯାଏ ଏବଂ ସେ ଆରୋଗ୍ୟ ଲାଭ କରେ ।''

ହାର୍ଜିଭାଇ ପଟେଲଙ୍କ ସହ ଏହି ସାକ୍ଷାତକାରର କିଛିଦିନ ପରେ ପାକିସ୍ଥାନର କରାଚିରୁ ଜଣେ ମୁସଲମାନ ପୀର ଅଲ୍-ହାଜ ସିରାଜି ଅଁଜଗର ସାହାଜୀ ବନାମ ହାଜିବାବା (ବାବାଜୀ) ବନାମ ଅବ୍ଦୁଲ୍ଲା ବାବା ନାଇରୋବୀରେ ପହଞ୍ଚିଥିଲେ । ଅପ୍ରାସଙ୍ଗିକ ହେଲେ ମଧ୍ୟ ମୁଁ ଏଠାରେ ଇସ୍‌ଲାମ ଧର୍ମ ସମ୍ପର୍କରେ କିଛି କହିବାକୁ ଚାହୁଁଛି ।

ଇସ୍‌ଲାମ୍ :

୫୭୦ ଖ୍ରୀଷ୍ଟାବ୍ଦରେ ଧର୍ମଗୁରୁ ମହମ୍ମଦ ଆରବର ମକ୍କାଠାରେ ଜନ୍ମ ଗ୍ରହଣ କରିଥିଲେ ଏବଂ ସେ ଯେଉଁ ଧର୍ମ ପ୍ରତିଷ୍ଠା କରିଥିଲେ ତାର ମୂଳ ଭିତ୍ତି ପଡ଼ିଥିଲା ୟାଥ୍ରୀବ ନାମକ ଏକ ସ୍ଥାନରେ । ବର୍ତ୍ତମାନ ଏହା ମଦିନା ନାମରେ ପରିଚିତ । ଆରବ ଭାଷାରେ 'ଇସ୍‌ଲାମ' ଶବ୍ଦର ଅର୍ଥ 'ସମର୍ପଣ' କିମ୍ବା 'ବଶ୍ୟତା' (ଆନୁଗତ୍ୟ) । ଏହା 'ସାଲାମ୍' ଶବ୍ଦ ସହିତ ସମ୍ପୃକ୍ତ ଯାହାର ଅର୍ଥ ହେଲା 'ଶାନ୍ତି' । ଅନ୍ୟ ଭାଷାରେ ଈଶ୍ୱରଙ୍କ ଇଚ୍ଛା ନିକଟରେ 'ଆତ୍ମସମର୍ପଣ' ବା 'ଆନୁଗତ୍ୟ' ପ୍ରକାଶ କରିଥିବା ବ୍ୟକ୍ତି ସମ୍ପୂର୍ଣ୍ଣ ଶାନ୍ତି (ପ୍ରଶାନ୍ତି) ଲାଭ କରିଥାଏ ।

ଇସ୍‌ଲାମ ଧର୍ମର ପବିତ୍ର ଗ୍ରନ୍ଥ ହେଲା – 'କୋରାନ୍' । ଆରବ ଭାଷାରେ ଏହାର ଅର୍ଥ ହେଲା 'ପଢ଼ିବା' । ଇସ୍‌ଲାମ ଧର୍ମ ଅନୁସରଣ କରୁଥିବା ମୁସଲମାନମାନଙ୍କ ପାଇଁ ଏହା ଭଗବାନଙ୍କର ଅଭ୍ରାନ୍ତ ବାକ୍ୟ ଏବଂ ଏହାକୁ ଭକ୍ତିର ସହିତ ପଢ଼ିବାକୁ ପଡ଼ିଥାଏ ।

କୋରାନରେ ବିଭିନ୍ନ ବିଷୟ ଉଲ୍ଲେଖ ରହିଛି ଏବଂ ଏଗୁଡ଼ିକ ମୁସ୍‌ଲିମ୍ (ଇସ୍‌ଲାମ ଧର୍ମାବଲମ୍ବୀ)ମାନଙ୍କୁ ଦିଗ୍‌ଦର୍ଶନ ଦେଇଥାଏ । ଏହା ନୈତିକତା, ମୌଳିକ କର୍ମ ବା କର୍ତ୍ତବ୍ୟ ଏବଂ ନୀତି ଉପରେ ଆଧାରିତ । ଏହା ଈଶ୍ୱରଙ୍କ ମହିମା ଓ ବିଶାଳତା ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରିଥାଏ ଏବଂ ଏହା ପ୍ରକୃତିର ସଂକେତ ବହନ କରେ । ସତ୍ୟର ପ୍ରତିଷ୍ଠା ପାଇଁ ସ୍ରଷ୍ଟାଙ୍କର ସୃଷ୍ଟି ଓ କାରଣର ପ୍ରତିଫଳନ ପ୍ରତି ଦୃଷ୍ଟି ଦେବାକୁ ଏହା ଇସ୍‌ଲାମ ଧର୍ମାବଲମ୍ବୀମାନଙ୍କୁ ନିର୍ଦ୍ଦେଶ ଦେଇଥାଏ । ସୃଷ୍ଟିର ପରମ ସ୍ଥପତି (ବାସ୍ତୁବିତ୍)ଙ୍କ ନିକଟରେ ଜଣେ ଆତ୍ମସମର୍ପଣ କରିବା ଉଚିତ । କୃତଜ୍ଞତା ଓ ପ୍ରାର୍ଥନା ଜରୀଆରେ ଆଲ୍ଲା (ସର୍ବଶକ୍ତିମାନ ଭଗବାନ)ଙ୍କ ନିକଟରେ ପ୍ରେମ ଅଜାଡ଼ି ଦେବା ବିଧେୟ ।

ଇସ୍‌ଲାମ ଧର୍ମ ପାଞ୍ଚଗୋଟି ମୌଳିକ ସ୍ତମ୍ଭ ଉପରେ ପ୍ରତିଷ୍ଠିତ । ସେଗୁଡ଼ିକ ହେଲା–

୧. ପ୍ରାର୍ଥନା – ସଲାତ୍ ବା ନମାଜ

୨. ଦାନଶୀଳତା ବା ବଦାନ୍ୟତା – ଜାକାତ୍

୩. ଉପବାସ – ପବିତ୍ରତାର କର୍ମ (ଶରୀର ବିଶୋଧନ)

୪. ହଜ୍ – ମକ୍କାକୁ ତୀର୍ଥଯାତ୍ରା

୫. ଜେହାଦ୍ – ଏହା ଏକ ଆରବୀ ଶବ୍ଦ । ଏହାର ଅର୍ଥ ହେଲା 'ଉଦ୍ୟମ' ବା 'ସଂଘର୍ଷ' (ଯୁଦ୍ଧ) (ଯଥା କାମ, କ୍ରୋଧ, ଲୋଭ, ଘୃଣା ଇତ୍ୟାଦି ଦୁଷ୍ଟ ଶକ୍ତି ବିରୁଦ୍ଧରେ ଯୁଦ୍ଧ ଘୋଷଣା କାରଣ ଏଗୁଡ଼ିକ ବ୍ୟକ୍ତିକୁ ଭଗବାନଙ୍କଠାରୁ ଦୂରେଇ ନିଏ) । ସାଧାରଣ ଭାବରେ ଏହାକୁ ଇସ୍‌ଲାମର ବାହ୍ୟ ଶତ୍ରୁ (ଇସ୍‌ଲାମ ଧର୍ମର ମୂଳ ନୀତିକୁ ବିରୋଧ କରୁଥିବା କାମ, କ୍ରୋଧ ଇତ୍ୟାଦି ଶତ୍ରୁ)ମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା ବୋଲି କୁହାଯାଏ ।

ପ୍ରାର୍ଥନା ହେଉଛି ମାନବ ଓ ମାଧବଙ୍କ ମଧ୍ୟରେ ଏକ ସ୍ୱର୍ଣ୍ଣମୟ ସେତୁ ଏବଂ ଦିନକୁ ପାଞ୍ଚଥର ପ୍ରାର୍ଥନା କରିବା ଉଚିତ । ପ୍ରତ୍ୟୁଷ, ଅପରାହ୍ନର ପ୍ରାରମ୍ଭ, ମଧ୍ୟ ଅପରାହ୍ନ, ସୂର୍ଯ୍ୟାସ୍ତ ଏବଂ ରାତ୍ରରେ ପ୍ରାର୍ଥନା କରିବା ବିଧେୟ । ଜପ ଓ ନାମ ସ୍ମରଣ ପରି ଆଲ୍ଲାଙ୍କର ୯୯ଟି ମହତ୍ ନାମକୁ ପୁନରାବୃତ୍ତି କରି (ଜିକ୍ରି) ସ୍ମରଣ କରାଯାଇଥାଏ ଯଥା ଆଲ୍ଲା ହୋ ଆକବର୍, ଆଲ୍ଲା ମାଲିକ ଇତ୍ୟାଦି ।

ବାବାଜୀ ପକ୍ଷାଘାତ ଭଲ କଲେ

ହାର୍ଜିଭାଇ ପଟେଲ ହାଜିବାବା (ବାବାଜୀ)ଙ୍କ ନିକଟକୁ ଗଲେ ଏବଂ ପୁଅ କଥା ଜଣାଇଲେ । ବାବାଜୀ କହିଥିଲେ "ମୁଁ ତୁମ ପୁଅକୁ ପକ୍ଷାଘାତ ଅବସ୍ଥାରେ ଦେଖିବାକୁ ଚାହେଁ" କେବେ ଦେଖିବା ପାଇଁ ଆପଣଙ୍କୁ ସୁବିଧା ହେବ ବୋଲି ହାର୍ଜିଭାଇ ପଚାରିବାରୁ ହାଜିବାବା ଉତ୍ତର ଦେଇଥିଲେ "କୁହାଯାଇଛି ଯଦି ତୁମେ ଭଲ କାର୍ଯ୍ୟ ଆସନ୍ତା କାଲି କରିପାରିବ ତେବେ ଆଜି ହିଁ ସେ କାର୍ଯ୍ୟ କର । ଯଦି ସେ କାର୍ଯ୍ୟ ଆଜି କରିପାରିବ ତେବେ ବର୍ତ୍ତମାନ ହିଁ କର । ବର୍ତ୍ତମାନ ଚାଲ ତୁମ ଘରକୁ ଯିବା ।" ଏହି ଜ୍ଞାନୋଦୀପ୍ତ ବାର୍ତ୍ତାରୁ ଜଣେ ବହୁତ କିଛି ଶିକ୍ଷା କରିପାରିବ ।

ହାର୍ଜିଭାଇଙ୍କ ଘରେ ହାଜିବାବା ପକ୍ଷାଘାତଗ୍ରସ୍ତ ବାଳକଟିର ଶଯ୍ୟା ନିକଟରେ ବସି ପଡ଼ିଲେ ଏବଂ ଦୁଇ ହାତ ଆକାଶକୁ ନିର୍ଦ୍ଦେଶ କରି ଆଖି ବନ୍ଦ କଲେ । ପାଞ୍ଚମିନିଟ୍ ପରେ ସେ କହିଥିଲେ "ମୁଁ କିସୁମୁ (ନାଇରୋବୀଠାରୁ ୬୦/୭୦ ମାଇଲ ଦୂର ଏକ ସ୍ଥାନ)ଠାରେ ଥିବା ଦରଘା ସହିତ ସଂଯୋଗ ସ୍ଥାପନ କରୁଛି । ଆମେ ତୁମ ପୁଅକୁ ବର୍ତ୍ତମାନ ହିଁ ସେଠାକୁ ନେଇଯିବା ।" ହାଜିଭାଇ ଫୋନରେ କେତେ ବନ୍ଧୁ ଓ ସମ୍ପର୍କୀୟଙ୍କୁ ଡାକିଲେ । ଅଳ୍ପ ସମୟ ମଧ୍ୟରେ ଛଅଟି କାର ଓ ଗୋଟିଏ ଭ୍ୟାନ ଆସି ଘର ଦରଜା ଆଗରେ ପହଞ୍ଚିଗଲା । ପିଲାଟିକୁ ଭ୍ୟାନ୍ ଭିତରକୁ ଉଠାଇ ନିଆଗଲା ଏବଂ ସମସ୍ତେ କିସୁମୁ ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କଲେ ।

କିସୁମୁରେ ପହଞ୍ଚି ହାଜିବାବା ନିର୍ଦ୍ଦେଶ ଦେଲେ ''ଆମେ ସମସ୍ତେ କବର ସ୍ଥାନକୁ ଯିବା ।'' କବର ସ୍ଥାନରେ ପହଞ୍ଚିବା ମାତ୍ରେ ବାବାଜୀ ଏକ ନିର୍ଦ୍ଦିଷ୍ଟ ଦରଘାକୁ ନିର୍ଦ୍ଦେଶ କରି କହିଥିଲେ ''ସେଠାରେ ପିଲାଟିକୁ ଶୁଆଇ ଦିଅ ।'' ଯେଉଁ ମୁହୂର୍ତ୍ତରେ ବାବାଜୀ ଉଚ୍ଚକଣ୍ଠରେ ''ଆଲ୍ଲା ହୋ ଆକବର'' ବୋଲି ଉଚ୍ଚାରଣ କଲେ, ପିଲାଟି ଉଠିପଡ଼ି ଦୌଡ଼ିବା ଆରମ୍ଭ କରିଦେଲା । ସୌଭାଗ୍ୟବଶତଃ ଯେଉଁମାନେ ସେଠାରେ ଥିଲେ ଏବଂ ଏହି ଅଲୌକିକତା ସନ୍ଦର୍ଶନ କଲେ ସମସ୍ତେ ଉତ୍‌ଫୁଲ୍ଲିତ ହୋଇଥିଲେ । ସମସ୍ତଙ୍କର ବାବାଜୀଙ୍କ ପ୍ରତି ବିଶ୍ୱାସ ଜନ୍ମିଥିଲା ।

ଏହା କୁହାଯାଇଛି ''ଯଦି ତୁମର ବିଶ୍ୱାସ ନାହିଁ ତେବେ ତାହା ତୁମର ଇଚ୍ଛା ଉପରେ ନିର୍ଭର କରେ । ମାତ୍ର ଯେତେବେଳେ କୌଣସି ଅତିପ୍ରାକୃତିକ ଶକ୍ତି କଥା କାହାଠାରୁ ଶୁଣୁଛ ଆଦୌ ସମାଲୋଚନା କର ନାହିଁ ।'' ହାର୍ଜିଭାଇଙ୍କ ପୁଅ ସମ୍ପୂର୍ଣ୍ଣ ରୂପେ ସ୍ୱାଭାବିକ ଅବସ୍ଥା ପ୍ରାପ୍ତ ହୋଇଥିଲେ ଏବଂ ବାବାଜୀ ଯେତେବେଳେ କେନିଆ ଗସ୍ତରେ ଯା'ନ୍ତି ସେ ତାଙ୍କୁ ନିଜ କାରରେ ଚାରିଆଡ଼ ବୁଲାଇଥାନ୍ତି ।

୧୯୭୪ ମେ ମାସ ୫ ତାରିଖରେ ମୋର କାର ଦୁର୍ଘଟଣା ହେବାର କିଛିଦିନ ପରେ ଏବଂ ମୋ ଡାହାଣ ଗୋଡ଼ରେ ପ୍ଲାଷ୍ଟର ରହିଥିଲାବେଳେ ଶ୍ରୀ ମୁଲ୍‌ଜୀଭାଇ ମାଧବାଣୀଙ୍କ ସାବୁନ୍ ଓ ଚକୋଲେଟ କାରଖାନାର ପରିଚାଳକ ଶ୍ରୀ ଅମୃତଲାଲ ହାଦାନୀଙ୍କ ସହିତ ମୋର ଦେଖା ହୋଇଥିଲା । ସେ ଖବର ଦେଲେ ''ହାଜି ବାବା ପ୍ରାତଃ ଭୋଜନ ପାଇଁ ନାଇରୋବୀରୁ ଆସୁଛନ୍ତି । ଆପଣ ତାଙ୍କ ଦର୍ଶନ ପାଇଁ ଇଚ୍ଛା କରୁଛନ୍ତି କି ?'' ମୁଁ ଉତ୍ତର ଦେଇଥିଲି ''ବାବାଜୀଙ୍କ ସମ୍ପର୍କରେ ଆମେ ବହୁତ କଥା ଶୁଣିଛୁ । ତାଙ୍କୁ ଦର୍ଶନ କରିବା ନିଶ୍ଚିତ ଭାବରେ ଆମକୁ ଭଲ ଲାଗିବ ।''

ଅମୃତଲାଲ ପଠାଇଥିବା ଗୋଟିଏ ଭ୍ୟାନ୍‌କୁ ମୋତେ ଟେକି ନିଆଗଲା । ଆରୁଶାର ଏକ ପାହାଡ଼ର ଶୀର୍ଷଦେଶରେ ତାଙ୍କ ବାସଗୃହ ଅବସ୍ଥିତ । ବାର୍ଦ୍ଧକ୍ୟ ଦୃଷ୍ଟିରୁ ହାଜିବାବାଙ୍କୁ ଦୁଇଜଣ ଲୋକ ଧରାଧରି କରି ଘର ଭିତରକୁ ନେଇଥିଲେ । ସେଠାରେ ଥିବା ୫୦ଜଣ ମହିଳା ଓ ୫୦ଜଣ ପୁରୁଷଙ୍କ ମଧ୍ୟରୁ ବାବାଜୀ ନନ୍ଦାଙ୍କୁ ହାତ ଦେଖାଇ ପାଖକୁ ଡାକିଲେ ଏବଂ କହିଥିଲେ ''ଦୁଇ ମାସ ମଧ୍ୟରେ ତୁମ ସ୍ୱାମୀଙ୍କର ଯନ୍ତ୍ରଣା ଦୂର ହୋଇଯିବ । ତା ପରେ ମୁଁ ତୁମ ଘରକୁ ଆସିବି ।''

ସେ ତା ପରେ ତାଞ୍ଜାନିଆର ରାଜଧାନୀ ଦାର୍-ଏସ୍-ସଲାମ୍‌କୁ ଯାଇଥିଲେ ଏବଂ ସେଠାରେ ଡକ୍ଟର କ୍ରିଷ୍ଣାଙ୍କ ଘରେ ରହିଥିଲେ । ଦୁଇମାସ ପରେ ମୋ ଗୋଡ଼ର ପ୍ଲାଷ୍ଟର ଖୋଲାଯାଇଥିଲା ଏବଂ ମୁଁ ଭଲ ଥିଲି । ଠିକ୍ ଦୁଇମାସ ପରେ ବାବାଜୀ ମୋତେ ଫୋନ କରିଥିଲେ ଏବଂ କହିଥିଲେ ''ମୁଁ ଏକ ଭଡ଼ା ବିମାନରେ ତୁମ ଘରକୁ ଯାଉଛି ଏବଂ ତୁମ

ସହିତ ମାତ୍ର ଦୁଇଘଣ୍ଟା ରହିବି । ତୁମେ ତୁମ ବନ୍ଧୁ ଓ ସମ୍ପର୍କୀୟମାନଙ୍କୁ ଡାକିପାର ।'' ପ୍ରାୟ ୨୫୦ ଜଣ ଲୋକ ଖବର ପାଇ ମୋ ଘରେ ପହଞ୍ଚିଯାଇଥିଲେ । ତାଙ୍କ ରହଣୀ ଶେଷ ହେବା ବେଳକୁ ଲୋକ ସଂଖ୍ୟା ପ୍ରାୟ ୫୦୦କୁ ବୃଦ୍ଧି ପାଇଥିଲା ।

ବାବାଜୀ ଭଡ଼ା ବିମାନରେ ଆସି ପହଞ୍ଚିଥିଲେ । ଆଶାତୀତ ଭାବରେ ଲୋକ ସଂଖ୍ୟା ବୃଦ୍ଧି ପାଇଥିବାରୁ ନନ୍ଦାଙ୍କର ଖାଦ୍ୟ ନିଅଣ୍ଟ ହେବାର ଆଶଙ୍କା ରହିଥିବା ମନୋଭାବକୁ ଲକ୍ଷ୍ୟ କରି ବାବାଜୀ ରୋଷଘରକୁ ଦୃଷ୍ଟି ନିକ୍ଷେପ କଲେ ଏବଂ କହିଥିଲେ ''ବ୍ୟସ୍ତ ହୁଅ ନାହିଁ । ସମସ୍ତଙ୍କୁ ଖାଦ୍ୟ ଦିଅ । ତାଙ୍କ କଥାର ସତ୍ୟତା ପ୍ରତିପାଦନ କରି ସମସ୍ତଙ୍କୁ ସନ୍ତୋଷଜନକ ଭାବରେ ଖାଦ୍ୟ ଦିଆଯାଇଥିଲା ତଥାପି ଖାଦ୍ୟ ବଳି ପଡ଼ିଥିଲା । ତାଙ୍କର ଦୃଷ୍ଟିପାତ ମାତ୍ରେ ହିଁ ସମସ୍ୟାର ସମାଧାନ ହୋଇଯାଉଥିଲା । ଏଭଳି ସେ ଦିବ୍ୟଶକ୍ତିର ଅଧିକାରୀ ଥିଲେ ।

ବାବାଜୀଙ୍କୁ ଜଣେ ଅତି ଦରିଦ୍ର ବ୍ୟକ୍ତି ବାକର ଭାଇଙ୍କ ଦ୍ୱାରା ମୋ ଘରକୁ ଅଣାଯାଇଥିଲା । କିନ୍ତୁ ସେ ବାବାଜୀଙ୍କ ଆଶୀର୍ବାଦ ପାଇ ଗୋଟିଏ ବର୍ଷ ମଧ୍ୟରେ ଲକ୍ଷପତି ହୋଇ ଯାଇଥିଲେ । ଆଉଥରେ ବାବାଜୀ ଆମ ଘରକୁ ଆସିବା କଥା ଟେଲିଫୋନ କରି ଆମକୁ ଜଣାଇ ଦେଇଥିଲେ । ହାର୍ଜିଭାଇଙ୍କ ପୁଅ ତାଙ୍କୁ ନିଜ କାରରେ ମୋ ଘର ପର୍ଯ୍ୟନ୍ତ ଆଣିଥିଲେ । ପୁଣି ଥରେ ବହୁ ଭକ୍ତ ତାଙ୍କର ଦିବ୍ୟଦର୍ଶନ ଲାଭ କରିଥିଲେ । ସେ ଆମକୁ ଦାର୍- ଏସ୍- ସଲାମ୍‌ରେ ଥିବା ଡକ୍ଟର କ୍ରିଷ୍ଣାଙ୍କ ଘରକୁ ଯିବା ପାଇଁ କହିଥିଲେ । ସେଠାରେ ବାବାଜୀ ଜଣେ ପକ୍ଷାଘାତ ରୋଗୀକୁ ୨୪ ଘଣ୍ଟା ମଧ୍ୟରେ ଭଲ କରିଦେବାର ଆମେ ଦେଖିଥିଲୁ । ଆମକୁ ଘରୋଇ ସାକ୍ଷାତକାର ଦେବା ପାଇଁ ବାବାଜୀଙ୍କୁ ଅନୁରୋଧ କରିବାକୁ ନନ୍ଦା ମୋତେ କହିଥିଲେ ।

ବାବାଜୀ ଓ ସତ୍ୟସାଇବାବା

ବାବାଜୀ ଅତି ଦୟାଳୁ ଥିଲେ ଏବଂ ତାଙ୍କ ସହିତ ଆମର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଁ ତାଙ୍କୁ ଗୋଟିଏ ଅତି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପଚାରିଥିଲି । ମୋର ପ୍ରଶ୍ନ ଥିଲା ''ବାବାଜୀ, ଶିରିଡ଼ି ସାଇବାବା, ଆପଣ ଓ ସତ୍ୟସାଇ ବାବାଙ୍କ ମଧ୍ୟରେ ପ୍ରଭେଦ କଣ ରହିଛି ?''

ଗୋଟିଏ ପ୍ରଶ୍ନ ପଚାରି ସେ ମୋତେ ଉତ୍ତର ଦେଇଥିଲେ ''ତୁମେ ରାମଦେବ ପୀରଙ୍କ ସମ୍ପର୍କରେ ଶୁଣିଛ କି ?'' ମୁଁ ସଙ୍ଗେ ସଙ୍ଗେ କହିଥିଲି ''ହଁ ବାବାଜୀ, ରାନୁଜାର ରାମଦେବ ପୀର ।'' ତା ପରେ ସେ ଆମକୁ ବୁଝାଇଥିଲେ ''ରାମଦେବ ପୀର, ଶିରିଡ଼ି ସାଇବାବା ଏବଂ ମୁଁ ପୀର ହୋଇଥିବା ସ୍ଥଳେ ସତ୍ୟସାଇ ବାବା କୃଷ୍ଣଭାବ ସମ୍ପନ୍ନ । ମୋ କାର୍ଯ୍ୟ ପାକିସ୍ଥାନର କରାଚୀ, ପୂର୍ବଆଫ୍ରିକା, ମାଲାଓ୍ୱି, ଯୁକ୍ତରାଜ୍ୟ ଓ ଅନ୍ୟ କେତେକ

ଦେଶରେ ସୀମିତ ଥିଲାବେଳେ ସତ୍ୟସାଇଙ୍କ କାର୍ଯ୍ୟ ସମଗ୍ର ବିଶ୍ୱବ୍ୟାପୀ ଏବଂ ତାର ସୀମା ନାହିଁ । ମୁଁ ଯଦି ବର୍ଷା କରାଏ ତେବେ ସତ୍ୟସାଇ ବାବା ଏଥିରେ ହସ୍ତକ୍ଷେପ କରି ବର୍ଷା ବନ୍ଦ କରି ଦେବେ ନାହିଁ । ଯଦି ସେ ବର୍ଷା କରାନ୍ତି ତେବେ ମୁଁ ତାହାକୁ ବନ୍ଦ କରିବି ନାହିଁ । ଆମେ ଯେତେବେଳେ ଏକାଠି ହେଉ ପରସ୍ପରକୁ ସମ୍ମାନ ପ୍ରଦର୍ଶନ ପୂର୍ବକ ପରସ୍ପରକୁ ସ୍ୱୀକାର କରିଥାଉ । ୧୯୬୮ ମସିହାରେ ଯେତେବେଳେ ସତ୍ୟସାଇ ବାବା ବମ୍ବେ ଯିବା ପାଇଁ ନାଇରୋବୀ ବିମାନବନ୍ଦରକୁ ଆସିଲେ ମୁଁ ସେଠାକୁ ଯାଇଥିଲି । ସେ ବିମାନର ପାହାଚରେ ଉଠୁଥିବାବେଳେ ତାଙ୍କ ଆଖି ସହିତ ମୋ ଆଖିର ମିଳନ ହୋଇଥିଲା ଏବଂ ଆମେ ପରସ୍ପରକୁ ସମ୍ମାନ ପ୍ରଦର୍ଶନ କରିଥିଲୁ ।''

ସେ ସମୟରେ ବାବାଜୀଙ୍କୁ ୯୨ ବର୍ଷ ହୋଇଥିଲା । ତଥାପି ବାବାଜୀ ସତ୍ୟସାଇ ବାବାଙ୍କର ସର୍ବଶକ୍ତିମତ୍ତାକୁ ସ୍ୱୀକାର କରିଥିଲେ । ବାବାଜୀଙ୍କ ଏତାଦୃଶ ବିବୃତ୍ତି ନିଶ୍ଚିତ ଭାବରେ ତାତ୍ପର୍ଯ୍ୟପୂର୍ଣ୍ଣ ।

ଯୁକ୍ତରାଜ୍ୟ ଉଦ୍ଦେଶ୍ୟରେ ତାଞ୍ଜାନିଆରୁ ପ୍ରତ୍ୟାବର୍ତ୍ତନ

ଆରୁଶାରେ ସମସ୍ତ କାର୍ଯ୍ୟକ୍ରମ ଯଥା ଭଜନ, ବାଳବିକାଶ ପାଠ୍ୟକ୍ରମ ଏବଂ ପାଠଚକ୍ର ଇତ୍ୟାଦି ସାଇ ନିଳୟମ୍‌ରେ ଅନୁଷ୍ଠିତ ହୋଇଥାଏ । ପାଠଚକ୍ର ପାଇଁ ଆମେ ଦକ୍ଷତା ହାସଲ କରିଥିବା ବିଭିନ୍ନ ବିଶ୍ୱାସ ଓ ଧର୍ମର ପଣ୍ଡିତମାନଙ୍କୁ ନିମନ୍ତ୍ରଣ କରୁଥିଲୁ । ସେମାନେ ଆମକୁ ନିଜ ନିଜର ବିଶ୍ୱାସ ଅନୁଯାୟୀ ଧର୍ମ ବା ଦର୍ଶନ ସମ୍ପର୍କୀୟ ସ୍ୱତନ୍ତ୍ର ବିଷୟବସ୍ତୁ ଉପରେ ଆଲୋଚନା କରି ଆପ୍ୟାୟିତ କରୁଥିଲେ ।

ଶିଶୁମାନେ ରାଗ, ତାଳ ଓ ଆଳାପକୁ ଭିତ୍ତି କରି ଠିକ୍ ଭାବରେ ଭଜନ ଗାନ କରିବାକୁ ଶିକ୍ଷା ପାଉଥିଲେ । ବାବାଙ୍କ ଜନ୍ମଦିବସର, କ୍ରିଷ୍ଣ ଜନ୍ମାଷ୍ଟମୀ, ରାମନବମୀ ଇତ୍ୟାଦି ଉତ୍ସବମାନଙ୍କରେ ସେମାନଙ୍କୁ ପୁରସ୍କାର ଦିଆଯାଉଥିଲା । ସେମାନେ ଅଭିନୟ ବା ଅଙ୍ଗଭଙ୍ଗୀ ମାଧ୍ୟମରେ ବାବାଙ୍କ ଉପଦେଶ ବା ଶିକ୍ଷାକୁ ପ୍ରକାଶ କରୁଥିଲେ । ଏଭଳି ଆନନ୍ଦମୟ ମୁହୂର୍ତ୍ତଗୁଡ଼ିକୁ ଆମେ ପ୍ରଗାଢ଼ ପ୍ରେମ ଓ ଐକ୍ୟଭାବ ସମ୍ପନ୍ନ ହୋଇ ଏକତ୍ର ଉପଭୋଗ କରିଛୁ ଏବଂ ଆମ ସ୍ମୃତିପଟରେ ସାଇତି ରଖିଛୁ । ଗୋଟିଏ ଛୋଟିଆ ଅଲୌକିକତା ଏଠାରେ ଉଲ୍ଲେଖଯୋଗ୍ୟ । ଆରୁଶାଠାରୁ ଶହେ ମାଇଲ ଦୂରରେ ଅବସ୍ଥିତ ଟାଙ୍ଗା ପରିଦର୍ଶନରେ ଆମେ ଯାଇଥିଲୁ । ଆମର କାର୍ଯ୍ୟକ୍ରମ ଗୋଟିଏ ହିନ୍ଦୁ ମନ୍ଦିର ପରିସରରେ ଥିବା ସଭାଗୃହରେ ବ୍ୟବସ୍ଥା କରାଯାଇଥିଲା । ଟାଙ୍ଗାର ଛଗନ ଭାଇ ଥାକ୍‌ରାର୍‌ଙ୍କ ସୌଜନ୍ୟରୁ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା । ସଭାଗୃହଟି ଭକ୍ତମାନଙ୍କ ଦ୍ୱାରା ପୁରି ରହିଥିଲା । ତିନିଜଣ ଯୁବ ଭକ୍ତ ଦରଜା ନିକଟରେ ଠିଆ ହୋଇଥିଲେ । ଶ୍ରୀ ସତ୍ୟସାଇ କେନ୍ଦ୍ରର ଚେୟାରମ୍ୟାନ ମିଷ୍ଟର ଜୟନ୍ତଭାଇ କୋଲେରା ମଧ୍ୟ ଏହି

ଯୁବକମାନଙ୍କ ନିକଟରେ ଠିଆ ହୋଇଥିଲେ । ସେ ନିମ୍ନଲିଖିତ ବିବରଣୀ ଆମ ଆଗରେ ପ୍ରକାଶ କରିଛନ୍ତି ।

ସେତେବେଳେ ଅଗ୍ନିବର୍ଷି ଅସହ୍ୟ ଉତ୍ତାପ ଅନୁଭୂତ ହେଉଥିଲା ଏବଂ ବର୍ଷାର ଆଦୌ ସମ୍ଭାବନା ନ ଥିଲା । ସେହି ଯୁବକମାନେ ନିଜ ନିଜ ଭିତରେ କଥାବାର୍ତ୍ତା ହେଉଥିଲେ ''ସେମାନେ କହୁଛନ୍ତି ବାବା କୁଆଡ଼େ ଭଗବାନ । ଯଦି ସତରେ ସେ ଭଗବାନ ତେବେ ବର୍ତ୍ତମାନ ବର୍ଷା ହେଉ ।'' କୃପାମୟ ଭଗବାନଙ୍କ କାନରେ ଏହି ଆହ୍ୱାନ ପଡ଼ିଥିଲା ଏବଂ ସଙ୍ଗେ ସଙ୍ଗେ ଉପର ଆକାଶରୁ ପ୍ରବଳ ବର୍ଷା ଝରି ଆସିଥିଲା । ସେମାନେ ଭୟରେ ଯେତେ ଶୀଘ୍ର ସମ୍ଭବ ମନ୍ଦିର ମଧ୍ୟକୁ ଦୌଡ଼ିଯାଇଥିଲେ । ସେମାନଙ୍କର ଭୟ ଥିଲା ଯେତେବେଳେ ଭଗବାନ ତାଙ୍କ ଆହ୍ୱାନର ଜବାବ ଦେଲେଣି ହୁଏତ ଜୟନ୍ତିଲାଲ ସେମାନଙ୍କୁ ବାବାଙ୍କ ଫଟୋ ନିକଟକୁ ନେଇ ସେମାନଙ୍କର ବେଖାତିର ଟିପ୍ପଣୀ ପାଇଁ କ୍ଷମା ମାଗିବାକୁ ଏବଂ ବାବାଙ୍କ ଦିବ୍ୟକୃପା ପାଇଁ ପ୍ରାର୍ଥନା କରିବାକୁ ବାଧ କରିବେ । ଏହି ଘଟଣାକୁ ପ୍ରାୟ ଏକ ହଜାର ଭକ୍ତ ଦେଖିଥିଲେ ।

୧୯୭୯ ମସିହାରେ ତାଞ୍ଜାନିଆ ସରକାର ଘରୋଇ ଚିକିତ୍ସାଳୟ ଗୁଡ଼ିକର ଜାତୀୟକରଣ କରିଥିଲେ ଏବଂ ବହୁ ଡାକ୍ତରମାନଙ୍କୁ ସରକାରୀ ଚାକିରୀରେ ଯୋଗ ଦେବାକୁ ବାଧ କରିଥିଲେ । ୧୯୬୮ରୁ ୧୯୭୯ ପର୍ଯ୍ୟନ୍ତ ଆମର ତାଞ୍ଜାନିଆରେ ରହଣୀ କାଳ ମଧ୍ୟରେ ଭଗବାନ ବାବା ମୋତେ ତାଙ୍କର ଦିବ୍ୟବାର୍ତ୍ତା ଭକ୍ତମାନଙ୍କୁ ପ୍ରଦାନ କରିବାକୁ ବିଭିନ୍ନ ସ୍ଥାନକୁ ପଠାଉଥିଲେ । ବୋଧହୁଏ ଆରୋଗ୍ୟ ଲାଭ କରିବା ପରେ ମୁଁ ତାଞ୍ଜାନିଆରେ ରହିବା ସେ ଚାହୁଁ ନ ଥିଲେ । ୧୯୭୯ ମସିହା ନଭେମ୍ବର ୨୪ ତାରିଖଦିନ ସକାଳ ୫ଟାରେ ଆମେ ଆରୁଶା ତ୍ୟାଗ କରିଥିଲୁ । ତା ପୂର୍ବଦିନ ବାବାଙ୍କ ଜନ୍ମଦିନ ଉପଲକ୍ଷେ ସୁଲଳିତ କଣ୍ଠରେ ଭଜନ ଗାଇଥିବା ପିଲାମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ତାଞ୍ଜାନିଆର ମଧୁର ସ୍ମୃତି ଏବେ ବି ଆମ ମନ ଭିତରେ ରହିଛି । ତାଞ୍ଜାନିଆରୁ ପ୍ରତ୍ୟାବର୍ତ୍ତନ ଆମର ଓ ବହୁ ଭକ୍ତଙ୍କର ଚକ୍ଷୁକୁ ଲୋତକରେ ପ୍ଲାବିତ କରିଥିଲା ।

ଏହି ଦିବ୍ୟ ନାଟକରେ ଆମେ ବାବାଙ୍କ ସଂକଳ୍ପ ଅନୁସାରେ ଅଭିନୟ କରିଥାଉ । ସେ ହେଉଛନ୍ତି ନିର୍ଦ୍ଦେଶକ ଏବଂ ତାଙ୍କ ଇଚ୍ଛା ବ୍ୟତିରେକେ ପୃଥିବୀରେ କୌଣସି ଘଟଣା ଘଟି ନ ଥାଏ । ତାଙ୍କର ଇଚ୍ଛା ଥିଲା ଆମେ ତାଞ୍ଜାନିଆରୁ ଫେରିଯାଉ । ଆମେ ଯୁକ୍ତରାଜ୍ୟରେ ପହଞ୍ଚିବା ମାତ୍ରେ ପ୍ରଥମେ ଆମର ପିତାମାତାଙ୍କ ସହିତ ରହିବାକୁ ଯାଇଥିଲୁ । ସେମାନେ ଉଗାଣ୍ଡାରୁ ଆସି ଲେସେଷ୍ଟରରେ ରହୁଥିଲେ । ପୁଣି ଥରେ ଆମେ ସାଇ କାର୍ଯ୍ୟକ୍ରମ ସହ ନୂତନ ଜୀବନ ଆରମ୍ଭ କରିଥିଲୁ ।

□□

ଅଧ୍ୟାୟ - ୩୬

ସାଇ ତାଙ୍କର କୃପାବାରି ବୃଷ୍ଟି କରନ୍ତି

ଯୁକ୍ତରାଜ୍ୟର ଭକ୍ତମାନେ 'ଏହି ଦାସ'କୁ ତାଙ୍କର ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ଡାକିଥାନ୍ତି । କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ଭଜନ, ଲକ୍ଷାର୍ଚ୍ଚନା, ଯଜ୍ଞୋତ୍ସବ, ସାତଦିନ ବ୍ୟାପୀ ସାଇ ସଦ୍‌ଚରିତ ପାରାୟଣ ଇତ୍ୟାଦି ଅନ୍ତର୍ଭୁକ୍ତ । ଏହା ଫଳରେ ଭକ୍ତମାନଙ୍କର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲା ।

ସମୂହ ଭଜନ ପାଇଁ ପ୍ରଥମେ ଶ୍ରୀ ସତ୍ୟସାଇ ଭଜନ କେନ୍ଦ୍ର ପ୍ରତିଷ୍ଠିତ ହେଲା । ଏହା ପରେ ପରେ ବାଳବିକାଶ (ଶିଶୁମାନଙ୍କୁ ସାଇଙ୍କ ମୂଲ୍ୟବୋଧ ଶିକ୍ଷା) ଏବଂ ସେବା ଦଳ (ଗୋଷ୍ଠୀ ସେବା) କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହିପରି ତିନିପ୍ରକାର କାର୍ଯ୍ୟକ୍ରମକୁ ନେଇ ବିଭିନ୍ନ ସ୍ଥାନରେ ଶ୍ରୀ ସତ୍ୟସାଇ କେନ୍ଦ୍ରମାନ ପ୍ରତିଷ୍ଠିତ ହେବାକୁ ଲାଗିଲା ।

କରୁଣାମୟ ବାବା ତାଙ୍କର ଲୀଳା ଓ ମହିମା ଦ୍ୱାରା ତାଙ୍କର ଉପସ୍ଥିତି ପ୍ରଦର୍ଶନ କରିଥାନ୍ତି । ଯେଉଁ ଭକ୍ତମାନେ ପ୍ରଶାନ୍ତି ନିଳୟମରେ ବାବାଙ୍କର ଦର୍ଶନ ପାଇଥାନ୍ତି ଏବଂ ତାଙ୍କ ଲୀଳା ସମ୍ପର୍କରେ ଶୁଣିଥାନ୍ତି ବା ନିଜେ ଲୀଳା ଅନୁଭବ କରିଥାନ୍ତି ସେମାନଙ୍କର ବିଶ୍ୱାସ କ୍ରମେ ଦୃଢ଼ ହେବାରେ ଲାଗିଲା ।

ଯେତେବେଳେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମଗୁଡ଼ିକ ସମ୍ପୂର୍ଣ୍ଣ ବିଶ୍ୱାସର ସହିତ ପାଳନ କରାଯାଏ ପରମପ୍ରିୟ ସ୍ୱାମୀ ତାଙ୍କ ମହିମା ପ୍ରଦର୍ଶନ ଆରମ୍ଭ କରିଦିଅନ୍ତି । ବିଭୂତି, କୁଙ୍କୁମ, ଅମୃତ, ଚନ୍ଦନକାଠର ଗୁଣ୍ଡ, ବାତ ବା ଗଣ୍ଠିବାତର ଚିକିତ୍ସା ପାଇଁ ତୈଳ ସୃଷ୍ଟି ହେବା, ପୁଷ୍ପମାଲ୍ୟ ଛିଡ଼ିଯିବା କିମ୍ବା ନଡ଼ିଆ ମନକୁମନ ଫାଟିଯିବା ଇତ୍ୟାଦି ଅଲୌକିକତା ତାଙ୍କର ମହିମା ଅନ୍ତର୍ଭୁକ୍ତ । ଏଗୁଡ଼ିକ ହେଉଛି ତାଙ୍କର ଭିଜିଟିଂ କାର୍ଡ଼ (ପରିଦର୍ଶନ ପାଇଁ ନାମାଙ୍କିତ ପତ୍ର) । ଏଥିରୁ ଅନେକ ଏହି ପୁସ୍ତକରେ ବର୍ଣ୍ଣନା କରାଯାଇଛି ।

ସ୍ୱାମୀ ଘୋଷଣା କରିଛନ୍ତି 'ଇଣ୍ଟରଭିଉ' (ସାକ୍ଷାତକାର)ର ଆବଶ୍ୟକତା ନାହିଁ ମାତ୍ର 'ଇନରଭିଉ' (ଅନ୍ତର୍ଦୃଷ୍ଟି)ର ଆବଶ୍ୟକତା ରହିଛି । ସ୍ୱାମୀଙ୍କର ପାଦସ୍ପର୍ଶ କରିବାର ଆବଶ୍ୟକତା ନାହିଁ ମାତ୍ର କେବଳ ଦର୍ଶନ ହିଁ ତୁମର ସମସ୍ତ ସମସ୍ୟା ଦୂର କରିଦେଇ ପାରିବ ।''

ନିମ୍ନରେ ବର୍ଣ୍ଣନା କରାଯାଇଥିବା ଅଲୌକିକତା ପ୍ରଶାନ୍ତି ନିଳୟମର ସାଇକୁଲବନ୍ତ ହଲ୍‌ରେ ସ୍ୱାମୀଙ୍କ ଉପସ୍ଥିତିରେ 'ପାଦୁକା'ର ଗୁରୁତ୍ୱ ସମ୍ପର୍କରେ 'ଏହି ଦାସ' ଆଲୋଚନା କଲାବେଳେ ସୂଚନା ଦେଇ ସାରିଛି । ୧୯୯୮ ମସିହାରେ ହଜାର ହଜାର ଭକ୍ତ ପାଦୁକା ପୂଜା ଉତ୍ସବ ଅବସରରେ ଏହା ଶୁଣିଛନ୍ତି ।

ସ୍ୱାମୀଙ୍କର ଶକ୍ତିଶାଳୀ ମହାଜାଗତିକ ରଶ୍ମି

ଥରେ ଶ୍ରୀ ସତ୍ୟସାଇ ସାଧାରଣ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣେ ମହିଳାଙ୍କୁ ଆମ୍ବୁଲାନ୍‌ସରେ ପ୍ରଶାନ୍ତି ନିଳୟମ୍‌କୁ ଅଣାଯାଇଥିଲା । ସେ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ ଏବଂ ଏହି ରୋଗ ତାଙ୍କର ସମଗ୍ର ଶରୀରକୁ ବ୍ୟାପୀ ଯାଇଥିଲା । ସେ ବହୁ କଷ୍ଟରେ ନିଃଶ୍ୱାସ ପ୍ରଶ୍ୱାସ ନେଉଥିଲେ । ସେ ଯେ କୌଣସି ମୁହୂର୍ତ୍ତରେ ମୃତ୍ୟୁବରଣ କରିପାରନ୍ତି ବୋଲି ଡାକ୍ତରମାନେ ଭାବିଥିଲେ । ତେଣୁ ସେମାନେ ତାଙ୍କୁ ପଚାରିଥିଲେ ''ତୁମର ଶେଷ ଇଚ୍ଛା କଣ ?'' ସେ ସଙ୍ଗେ ସଙ୍ଗେ ଉତ୍ତର ଦେଇଥିଲା ''ମୁଁ ସ୍ୱାମୀଙ୍କର ଦର୍ଶନ ଚାହେଁ ।'' ତାଙ୍କର ଇଚ୍ଛା ଅନୁସାରେ ମୁଖ୍ୟ ଫାଟକ ଦେଇ ତାଙ୍କୁ ଷ୍ଟ୍ରେଚରରେ ଅଣାଗଲା ଏବଂ ଷ୍ଟ୍ରେଚରଟିକୁ ପ୍ରବେଶ ଦ୍ୱାର ନିକଟରେ ରଖାଗଲା । ସ୍ୱେଚ୍ଛାସେବକମାନେ ସ୍ଥିର କରିଥିଲେ ଭଗବାନ ଭକ୍ତମାନଙ୍କୁ ତାଙ୍କର ଦିବ୍ୟଦର୍ଶନ ଦେଇ ଚାଲିଯିବା ପରେ ରୋଗୀଟିକୁ ହସ୍‌ପିଟାଲକୁ ଫେରାଇ ନେବେ । ସ୍ୱାମୀ ଦର୍ଶନ ଦେଲାବେଳେ ତାଙ୍କର ଦିବ୍ୟଦୃଷ୍ଟି ଏହି ମହିଳାଙ୍କ ଉପରେ କେତୋଟି ମିନିଟ୍ ପାଇଁ ପଡ଼ିଥିଲା ଏବଂ ସେ ମହିଳାଟିକୁ ଚାହିଁ କିଛି ସମୟ ଠିଆ ହୋଇ ରହିଥିଲେ । ମହିଳାଙ୍କ ଉପରୁ ସ୍ୱାମୀ ଦୃଷ୍ଟି ଫେରାଇ ନେବା ପରେ ପରେ ତାଙ୍କର ମହାଜାଗତିକ ରଶ୍ମୀ ମହିଳାଟିକୁ ସମ୍ପୂର୍ଣ୍ଣ ଆରୋଗ୍ୟ ପ୍ରଦାନ କରିଥିଲା । ଯେତେବେଳେ ସେ ଉଠିପଡ଼ି ସ୍ୱାଭାବିକ ଆଚରଣ ପ୍ରଦର୍ଶନ କଲେ ସେଠାରେ ଉପସ୍ଥିତ ଥିବା ୫୦ହଜାର ଭକ୍ତ ଏହି ଅଲୌକିକତା ସନ୍ଦର୍ଶନ କରିଥିଲେ ଏବଂ ବହୁ ଭକ୍ତଙ୍କର ଚକ୍ଷୁରୁ ଆନନ୍ଦାଶ୍ରୁ ଝରିଆସିଥିଲା । ଏହା ପ୍ରମାଣ କରେ ଯେ ସ୍ୱାମୀଙ୍କ ଦିବ୍ୟଦୃଷ୍ଟି ଭକ୍ତମାନଙ୍କୁ ଆରୋଗ୍ୟ ପ୍ରଦାନ କରିଥାଏ ।

ବିସ୍ମୟକର ଦର୍ଶନ

ଲେସେଷ୍ଟରର ମିଷ୍ଟର ରତିଭାଇ ଗଣତ୍ରାଙ୍କର ମଧୁମେହ ଜନିତ ଏକ କ୍ଷତ ତାଙ୍କର ଡାହାଣ ବଳାଗଣ୍ଠିରେ ହୋଇଥିଲା ଏବଂ ଏହା ଆଦୌ ଭଲ ହେଉ ନ ଥିଲା । ସେ ଦୀର୍ଘ କେତେବର୍ଷ ଧରି କଷ୍ଟ ଭୋଗୁଥିଲେ ଏବଂ ବହୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସିତ ହୋଇଥିଲେ । ମାତ୍ର କୌଣସି ଚିକିତ୍ସା ଫଳପ୍ରଦ ହୋଇ ନ ଥିଲା । ସେ ସତ୍ୟସାଇଙ୍କର ଭକ୍ତ ନୁହଁନ୍ତି ମାତ୍ର ଭଗବାନ କୃଷ୍ଣଙ୍କ ଉପରେ ତାଙ୍କର ପ୍ରଗାଢ଼ ଭକ୍ତି ଥିଲା । ତାଙ୍କୁ କୁହାଯାଇଥିଲା ''ବାବା ହେଉଛନ୍ତି ସମଗ୍ର ବିଶ୍ୱର'' ଏବଂ ବାବାଙ୍କ ଦର୍ଶନ

ମାତ୍ରକେ ସମସ୍ୟାର ସମାଧାନ ହୋଇଥାଏ । ଏସବୁ ଜାଣି ଶେଷ ଉଦ୍ୟମ ସ୍ୱରୂପ ସେ ପ୍ରଶାନ୍ତି ନିଳୟମ୍ ଆସିଥିଲେ ।

ସ୍ୱାମୀ ଯେତେବେଳେ ଭକ୍ତମାନଙ୍କୁ ଦିବ୍ୟଦର୍ଶନ ଦେବାକୁ ବାହାରକୁ ଆସିଲେ ଗଣତ୍ରା ଦେଖିଲେ ସ୍ୱାମୀ ଭୂମିଠାରୁ ପ୍ରାୟ ଏକଫୁଟ (୩୦ସେ.ମି.) ଉଚ୍ଚତାରେ ରହି ଶୂନ୍ୟରେ ଚାଲୁଛନ୍ତି । ନିଜର ସନ୍ଦେହ ଦୂର କରିବା ଉଦ୍ଦେଶ୍ୟରେ ସେ ପାଖରେ ବସିଥିବା ଦୁଇଜଣ ଭକ୍ତଙ୍କୁ ଦେଖାଇଥିଲେ । ମାତ୍ର ସେମାନେ କହିଥିଲେ ସ୍ୱାମୀ ଶୂନ୍ୟରେ ନୁହେଁ ଭୂମି ଉପରେ ହିଁ ଚାଲୁଛନ୍ତି । ମିଷ୍ଟର ଗଣତ୍ରାଙ୍କ ଦୃଷ୍ଟିରେ ନିଶ୍ଚୟ କିଛି ତ୍ରୁଟି ରହିଯାଇଛି । ତେଣୁ ଏ ସମ୍ପର୍କରେ ସେ ନୀରବ ରହିଲେ ଏବଂ ତିନିଦିନ ଧରି ସେ ବାବାଙ୍କର ଦିବ୍ୟଦର୍ଶନ ଲାଭ କରିଥିଲେ । ଶେଷରେ ତାଙ୍କର କ୍ଷତ ସମ୍ପୂର୍ଣ୍ଣ ଭଲ ହୋଇଯାଇଥିଲା ।

ବହୁ ସମୟରେ ପରମପ୍ରିୟ ସ୍ୱାମୀ କହିଥାନ୍ତି ‘‘ସମସ୍ତଙ୍କୁ ସ୍ୱାମୀଙ୍କ ନିକଟକୁ ଆସିବାକୁ ଦିଅ । ସେମାନେ ଅଭିଜ୍ଞତା ଅର୍ଜନ କରନ୍ତୁ ଏବଂ ଅନୁଭବ କରନ୍ତୁ । ସ୍ୱାମୀ ଧର୍ମ, ଜାତି ଏବଂ ମତବାଦ ଉପରେ ବିଶ୍ୱାସ କରନ୍ତି ନାହିଁ । ତାଙ୍କ ପାଇଁ ସମସ୍ତେ ସମାନ ।’’

ଦୁଃସାଧ୍ୟ ରୋଗକୁ ବାବା ଆରୋଗ୍ୟ କରିଥାନ୍ତି

ରତିଭାଇ ଗଣତ୍ରାଙ୍କ ଖବର ସାରା ଲେସେଷ୍ଟର ଓ ଅନ୍ୟସ୍ଥାନରେ ପ୍ରଚାରିତ ହୋଇଗଲା । ରାଜୁଭାଇ କୋଟେଚା ଗଣତ୍ରାଙ୍କ ଗୋଡ଼ର କ୍ଷତ ଭଲ ହୋଇଯାଇଥିବା ଦେଖି ଆନନ୍ଦିତ ହୋଇଥିଲେ । ତେଣୁ ସେ ଅଧିକ ଖବର ଜାଣିବା ପାଇଁ ‘ଏହି ଦାସ’ ନିକଟକୁ ଆସିଥିଲେ । ତାଙ୍କର ମଧ ଅନୁରୂପ ସମସ୍ୟା ରହିଥିଲା । ତାଙ୍କର ଏକମାତ୍ର ପୁତ୍ର ଅମିତର ଜଟିଳ ଦୁରାରୋଗ୍ୟ ସ୍କେଲେରୋସିସ୍ ରୋଗ ଥିଲା ଏବଂ ଚକ୍ଷୁର ଦୃଷ୍ଟିଶକ୍ତି ସମ୍ପୂର୍ଣ୍ଣ ହରାଇବାର ଆଶଙ୍କା ରହିଥିଲା । ପିଲାଟି ଉତ୍କଟ ମୁଣ୍ଡବ୍ୟଥାରେ କଷ୍ଟ ପାଉଥିଲା ଏବଂ କ୍ଷୀଣ ଦୃଷ୍ଟିଶକ୍ତି ଯୋଗୁ ପାଠ ପଢ଼ିପାରୁ ନଥିଲା । ଡାକ୍ତରମାନେ ଘୋଷଣା କରିସାରିଥିଲେ ଯେ ତାର ରୋଗ ଆଦୌ ଭଲ ହେବ ନାହିଁ ଏବଂ ଦିନକୁଦିନ ଅବସ୍ଥା ଆହୁରି ଖରାପ ହୋଇଯିବ ।

ତାଙ୍କ ପରିବାରର ସମସ୍ତେ ପ୍ରଶାନ୍ତି ନିଳୟମ୍ ଯାଇଥିଲେ ଏବଂ ସେଠାରେ ପହଞ୍ଚିବାର କିଛିଦିନ ପରେ ପରମପ୍ରିୟ ସ୍ୱାମୀ ସାକ୍ଷାତକାର ପାଇଁ ଡାକିଥିଲେ । ବାବା ଗୋଟିଏ ସୁନାର କଙ୍କଣ ସୃଷ୍ଟି କରି ଅମିତକୁ ଦେଇଥିଲେ । ବାବା କଙ୍କଣଟିକୁ ଅମିତ ହାତର ମଣିବନ୍ଧରେ ପିନ୍ଧାଇ ଦେବା ମାତ୍ରେ ସେ ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟ ଲାଭ କରିଥିଲା । ଏହି ଅଲୌକିକ ଘଟଣା ଯୁକ୍ତରାଜ୍ୟର ଭକ୍ତମାନଙ୍କ ମଧ୍ୟରେ ଦାବାଗ୍ନି ପରି ବ୍ୟାପିଯାଇଥିଲା । ସେ ଯୁବକଟି ଏବେ ସମ୍ପୂର୍ଣ୍ଣ ରୂପେ ସ୍ୱାଭାବିକ ଜୀବନ ଯାପନ କରୁଛି, କାର ଡ୍ରାଇଭ୍

ଭଗବାନ ବାବାଙ୍କ ଫଟୋ ସମ୍ମୁଖରେ ଅବସ୍ଥାପିତ ପାଞ୍ଚଗୋଟି ନାରିକେଳ ସଶବ୍ଦେ ଏକ ସଙ୍ଗରେ ଅନୁପ୍ରସ୍ଥ ଭାବରେ ଆପେ ଆପେ ଫାଟି ଯିବାର ଦୃଶ୍ୟ ।

କରି ପାରୁଛି ଏବଂ ବିବାହ କରି ଗୋଟିଏ ପୁତ୍ର ସନ୍ତାନର ପିତା ହେବାର ଗୌରବ ଅର୍ଜନ କରିଛି । ରାଜୁଭାଇଙ୍କ ପରିବାର ଏବଂ ବନ୍ଧୁମାନେ ଏବେ ବାବାଙ୍କର ଭକ୍ତ ଏବଂ ବାବାଙ୍କ ଉପଦେଶକୁ ଆଚରଣରେ ପରିଣତ କରିବା ପାଇଁ ଅଭ୍ୟାସ କରୁଛନ୍ତି । ଏହାଦ୍ୱାରା ସେମାନେ ଭଗବାନଙ୍କ ପ୍ରତି ସେମାନଙ୍କର ବିଶ୍ୱାସ ଦୃଢ଼ କରି ପାରିଛନ୍ତି ।

ଗୁଜୁରାଟର ରାଜୁଭାଇ କୋଟେଚାଙ୍କ ବାସଗୃହରେ ଏକ ସାତଦିନିଆ ଶ୍ରୀ ସାଇ ସତ୍ ଚରିତ ପାରାୟଣ ଅନୁଷ୍ଠିତ ହୋଇଥିଲା । ଏହି ପାରାୟଣର ଏକ ସୁନ୍ଦର ଚଳଚ୍ଚିତ୍ର ନିର୍ମାଣ କରାଯାଇଅଛି । ରାଜୁଭାଇ ନିଜେ ବ୍ୟବସାୟ ସୂତ୍ରେ ଭିଡ଼ିଓ ଫଟୋଗ୍ରାଫର କାର୍ଯ୍ୟ କରିଥାନ୍ତି । ଏହି ପାରାୟଣର ସାତଗୋଟି ଭିଡ଼ିଓ କ୍ୟାସେଟ୍ ତିଆରି ହୋଇଛି ଏବଂ ଯୁକ୍ତରାଜ୍ୟର ଗୁଜୁରାଟି ଭକ୍ତମାନେ ତଥା ପୃଥିବୀର ଅନ୍ୟ ସ୍ଥାନରେ ସାଇ ଭକ୍ତମାନେ ନିଜେ ଦେଖିବା ପାଇଁ ବ୍ୟକ୍ତିଗତ ଭାବରେ ଏହାକୁ ସଂଗ୍ରହ କରି ରଖିଛନ୍ତି ।

ସ୍ୱାମୀଙ୍କ ଅନୁଗ୍ରହ ଅଜ୍ଞାନ ଶିଶୁକୁ ଆଶୀର୍ବାଦ କରିଥାଏ

ଲଣ୍ଡନର ହ୍ୟାରୋଠାରେ ରହୁଥିବା ମିଷ୍ଟର ଗୋବର୍ଦ୍ଧନ ଦାସ ପଟେଲ ଥରେ 'ଏହି ଦାସ'କୁ ତାଙ୍କ ଘରେ ହେଉଥିବା ସାପ୍ତାହିକ ଭଜନରେ ଯୋଗ ଦେବା ପାଇଁ ଡାକିଥିଲେ । ଭଜନର ଠିକ୍ ପୂର୍ବଦିନ ସେ ମୋତେ ଡାକି କହିଥିଲେ ''ଆମେ କଣ ଲକ୍ଷାର୍ଚ୍ଚନା (ଲକ୍ଷେଥର ନାମ ଉଚ୍ଚାରଣ କରି ଅକ୍ଷତ ଅର୍ପଣ କରିବା) କରିପାରିବା ନାହିଁ ?'' ମୁଁ ସଙ୍ଗେ ସଙ୍ଗେ ଏଥିରେ ରାଜି ହୋଇଗଲି ।

ଏଥିପାଇଁ ଏକ ସୁନ୍ଦର ସୁସଜ୍ଜିତ ବେଦୀ ନିର୍ମାଣ କରାଯାଇଥିଲା ଏବଂ ଏଥିରେ ପ୍ରାୟ ଏକଶତ ଭକ୍ତ ଅଂଶ ଗ୍ରହଣ କରିଥିଲେ । ପାରମ୍ପରିକ ରୀତିରେ (ଅଧ୍ୟାୟ-୩୭ ଦ୍ରଷ୍ଟବ୍ୟ) ଏହା ପାଳନ କରାଯାଇଥିଲା । ଲକ୍ଷାର୍ଚ୍ଚନା ପରେ ମୁଁ ସ୍ୱାମୀଙ୍କର ଲୀଳା, ମହିମା ଓ ଉପଦେଶ ସମ୍ପର୍କରେ କହିଥିଲି । ତାଙ୍କର 'ଭିଜିଟିଂ କାର୍ଡ଼' (ନାମାଙ୍କିତ ପତ୍ର) ସମ୍ପର୍କରେ ମଧ୍ୟ ସୂଚନା ଦେଇଥିଲି ।

ଏହି କାର୍ଯ୍ୟକ୍ରମ ସମୟରେ କୌଣସି ସ୍ୱତନ୍ତ୍ର ଅଲୌକିକତା (ଲୀଳା) ପ୍ରଦର୍ଶିତ ହୋଇ ନ ଥିଲା । ଆରତୀ ପରେ ପ୍ରତ୍ୟେକ ଭକ୍ତ ନିଜ ନିଜ ଘରକୁ ଚାଲିଯାଇଥିଲେ । ମାତ୍ର ପାଞ୍ଚଜଣ ବାଳକ ବେଦୀ ଆଡ଼କୁ ପଛ କରି ପୂଜା ଫଟୋ ରହିଥିବା ଘରେ ବସି ରହିଥିଲେ । ତାଙ୍କ ଭିତରୁ ଜଣେ କହିଥିଲା ''ଏହି ଟାଇ ପିନ୍ଧା ଲୋକ ('ଏହି ଦାସ') ବାବାଙ୍କ ସମ୍ପର୍କରେ ବହୁତ କଥା କହିଗଲା ମାତ୍ର ଗୋଟିଏ ହେଲେ ଅଲୌକିକତା ଆଜି ଦେଖିବାକୁ ମିଳିଲା ନାହିଁ । ତଥାପି ସେମାନେ ସତ୍ୟସାଇ ବାବା ଭଗବାନ ବୋଲି ବିଚାର କରନ୍ତି ।''

ସ୍ୱାମୀ ଏହି ଟିପ୍ପଣୀକୁ ଶୁଣି ପାରିଥିଲେ ଏବଂ ଏହି ପାଞ୍ଚଜଣ ବାଳକଙ୍କର ଅଜ୍ଞାନତାକୁ ଦୂର କରିବା ପାଇଁ ସ୍ଥିର କରିଥିଲେ । ହଠାତ୍ ବେଦୀ ଉପରେ ଅନୁପ୍ରସ୍ଥ ଭାବରେ ଭୂମି ଉପରେ ରଖାଯାଇଥିବା ପାଞ୍ଚୋଟି ନଡ଼ିଆ ସଶବ୍ଦେ ଫାଟିଯାଇଥିଲା । ପ୍ରତ୍ୟେକଟି ନଡ଼ିଆ ଠିକ୍ ମଝିରୁ ଫାଟିଥିଲା ଏବଂ ଫାଟିବା ଶବ୍ଦ ସମସ୍ତେ ଶୁଣିପାରିଥିଲେ । ପ୍ରଥମେ ସେମାନେ ଡରିଯାଇଥିଲେ ଏବଂ ପରେ ପରେ ଏହା ଭଗବାନଙ୍କ ଲୀଳା ଜାଣି କାନ୍ଦିପକାଇଥିଲେ । ସମସ୍ତେ ସ୍ୱାମୀଙ୍କ ପାଦପଦ୍ମରେ ଲୋଟି ପଡ଼ିଥିଲେ ଏବଂ କାନ୍ଦି କାନ୍ଦି କହିଥିଲେ ''ସେହି ଟାଇ ପିନ୍ଧା ଲୋକକୁ ଆମେ ସନ୍ଦେହ କରିଥିବାରୁ ଦୟାକରି କ୍ଷମା କରନ୍ତୁ । ଏବେ ଆମେ ଅନୁଭବ କରୁଛୁ ଆପଣ ଭଗବାନ ।'' ତାଙ୍କ ଭିତରୁ ଜଣେ ପ୍ରାର୍ଥନା କରି କହିଥିଲା ''ବାବା, ଆମକୁ ଟିକେ ବିଭୂତି ଦିଅନ୍ତୁ । ଆମେ ସବୁଦିନ ପାଇଁ ଆପଣଙ୍କ ପାଦପଦ୍ମରେ ଆଶ୍ରୟ ନେବୁ ।'' ସେମାନେ ଯେତେବେଳେ ଉପର ମହଲାକୁ ଗଲେ ସେଠାରେ ସେମାନେ ଅନ୍ୟ ଏକ ଅଲୌକିକତା ଦେଖିଥିଲେ । ତମ୍ବା କଳସ ଉପରେ ରହିଥିବା ନଡ଼ିଆଟି ମଧ୍ୟ ଫାଟିଗଲା ଏବଂ ସେଥିରୁ ବିଭୂତି ଝରିଆସିଥିଲା ।

ଅଧିକା ବିଭୂତି ଏବଂ କୁଙ୍କୁମ ମଧ୍ୟ କାନ୍ଥରେ ଟଙ୍ଗାଯାଇଥିବା ଶିବ-ଶକ୍ତି ଫଟୋରୁ ଝରୁଥିଲା । ସେହି ପିଲାମାନେ ଭଗବାନଙ୍କ କୃପାରୁ ଏହି ଅଲୌକିକତା ଦେଖିବାର ସୌଭାଗ୍ୟ ଅର୍ଜନ କରିଥିଲେ ଏବଂ ଏହିପରି ପରମପ୍ରିୟ ସ୍ୱାମୀଙ୍କ ପ୍ରତି ସେମାନଙ୍କର ବିଶ୍ୱାସ ଦୃଢ଼ ହୋଇଥିଲା ।

ପରମପ୍ରିୟ ସ୍ୱାମୀ ଜଣେ ଭକ୍ତର ଜୀବନ ରକ୍ଷା କଲେ

ଲଣ୍ଡନର ବାଟେର୍ସିଆରେ ମିଷ୍ଟର ଅରବିନ୍ଦ ଭାଇ ପଟେଲ ଏବଂ ତାଙ୍କ ପତ୍ନୀ ଭାରତୀ ବେନ ବ୍ୟବସାୟ ସୂତ୍ରେ ଗୋଟିଏ ଡାକଘର ଚଳାଉଥିଲେ । ଗୋଟିଏ ଦିନ ପାଞ୍ଚଜଣ ସଶସ୍ତ୍ର ଲୋକ କ୍ୟାସ୍ କାଉଣ୍ଟର ଓ ଲୁହା ସିନ୍ଦୁକରୁ ଡକାୟତି କରିବା ପାଇଁ ଆସିଥିଲେ । ମିଷ୍ଟର ପଟେଲ ଚଟାଣରେ ରହିଥିବା ସତର୍କ ଘଣ୍ଟିର ସୁଇଚ୍‌କୁ ଚାପିଦେଲେ । ଏହା ସ୍ଥାନୀୟ ପୋଲିସ ଷ୍ଟେସନ ସହିତ ସଂଯୁକ୍ତ ଥିଲା । ଡକାୟତମାନେ ଭାରତୀ ବେନ୍‌ଙ୍କ ଉପରକୁ ଗୁଳି ମାରିଥିଲେ । ଏହି ଗୁଳି ତାଙ୍କର ତଳ ଦାନ୍ତ ମାଢ଼ି ଦେଇ ଚାଲିଯାଇଥିଲା । ତାଙ୍କ ପାଟିରୁ ରକ୍ତ ସ୍ରାବ ହେବାକୁ ଲାଗିଲା ଏବଂ ସେ ''ସାଇରାମ, ସାଇରାମ'' ବୋଲି ପାଟି କରିଥିଲେ । ଦ୍ୱିତୀୟ ଗୁଳିଟି ତଳ ଦାନ୍ତ ମାଢ଼ିରେ ବାଜିଥିଲେ ମଧ୍ୟ ପ୍ରତିକ୍ଷେପିତ ହୋଇ ଫେରିଆସିଥିଲା । ପୋଲିସମାନେ ଏହି ଗୁଳିଟିର ଚିହ୍ନବର୍ଣ୍ଣ ମଧ୍ୟ ପାଇ ନ ଥିଲେ । ଭାରତୀ ବେନ ସଂଜ୍ଞାହୀନ ହୋଇ ଚଟାଣ ଉପରେ ପଡ଼ିଗଲେ । ପ୍ରଚୁର ରକ୍ତସ୍ରାବ ହେଉଥିଲା । ସେହି ସମୟରେ ପୋଲିସମାନେ ପହଞ୍ଚିଥିଲେ । ସବୁ ଡକାୟତ ଧରାପଡ଼ି ଗିରଫ ହୋଇଥିଲେ । ବିଚାର ପରେ ସେମାନଙ୍କୁ ନଅବର୍ଷ ଲେଖାଏଁ ଜେଲଦଣ୍ଡ ହୋଇଥିଲା ।

ଆମ୍ବୁଲାନ୍ସରେ ଭାରତୀ ବେନ୍‌ଙ୍କୁ ହସ୍‌ପିଟାଲକୁ ନିଆଗଲା । ସଙ୍ଗେ ସଙ୍ଗେ ତାଙ୍କ ମୁଖରେ ଅସ୍ତ୍ରୋପଚାର କରାଗଲା । ସେ ଭଲ ହେବା ପରେ ଜଣାଗଲା ଯେ ତାଙ୍କର ତଳ ଦାନ୍ତ ମାଢ଼ିର ଅବସ୍ଥା ସ୍ୱାଭାବିକ ଥିଲା । କେଉଁଠି ହେଲେ ଟିକେ ଦାଗ ମଧ୍ୟ ନ ଥିଲା ।

ଭାରତୀ ବେନଙ୍କର ଭଗବାନଙ୍କ ପ୍ରତି ପ୍ରଗାଢ଼ ଭକ୍ତି ରହିଥିଲା ଏବଂ ସେ ନିରବଚ୍ଛିନ୍ନ ଭାବରେ ସ୍ୱାମୀଙ୍କୁ ସ୍ମରଣ କରୁଥିଲେ । ସେ 'ଏହି ଦାସ'କୁ କହିଥିଲେ ଯେ ସେ ବାବାଙ୍କୁ ଧନ୍ୟବାଦ ଦେବା ଉଦ୍ଦେଶ୍ୟରେ ଏକ ଯଜ୍ଞ କରିବାକୁ ଚାହାଁନ୍ତି କାରଣ ବାବା ତାଙ୍କର ଜୀବନ ରକ୍ଷା କରିଛନ୍ତି । ମୁଁ ଏଥିରେ ଏକମତ ହେଲି ଏବଂ ସଙ୍ଗେ ସଙ୍ଗେ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଗଲା ।

ଯଜ୍ଞ ସମୟରେ ଏକ ବଡ଼ଧରଣର ଅଲୌକିକତା (ମହିମା) ପ୍ରଦର୍ଶିତ ହୋଇଥିଲା । ଏହି ସମୟରେ ପରମପ୍ରିୟ ସ୍ୱାମୀ ସଶରୀରରେ ପହଞ୍ଚିଥିଲେ ଏବଂ ମୁଁ ତାଙ୍କୁ ଦେଖି ପାରିଥିଲି । ସବୁଆଡ଼େ ବିଭୂତି ସିଞ୍ଚି ସେ ଅଦୃଶ୍ୟ ହୋଇଯାଇଥିଲେ । ସେଠାରେ ଉପସ୍ଥିତ ଥିବା ପ୍ରତ୍ୟେକଙ୍କ ମସ୍ତକ ଉପରେ, ପୂଜା ଘରର ସବୁ ଫଟୋ ଉପରେ ଦିବ୍ୟ ବିଭୂତି ପଡ଼ିଥିବାର ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ପରମପ୍ରିୟ ସ୍ୱାମୀ ସ୍ଥାନ, କାଳ କିମ୍ବା କୌଣସି ପ୍ରତିବନ୍ଧ ମଧ୍ୟରେ ସୀମିତ ନୁହଁନ୍ତି । ପ୍ରଗାଢ଼ ଭକ୍ତି ଏବଂ ନିରବଚ୍ଛିନ୍ନ ନାମସ୍ମରଣ ବଳରେ ସେ ଯେକୌଣସି ସ୍ଥାନରେ ଏବଂ ଯେ କୌଣସି ସମୟରେ ତାଙ୍କର କୃପା ବୃଷ୍ଟି କରିଥାନ୍ତି ।

କେତୋଟି ମାସ ପରେ ଭାରତୀ ବେନ୍ ଆମ ସହିତ ପ୍ରଶାନ୍ତି ନିଳୟମ୍ ଯାଇଥିଲେ । ପରମପ୍ରିୟ ସ୍ୱାମୀ କୃପା କରି ଭାରତୀ ବେନ୍‌ଙ୍କୁ ସାକ୍ଷାତକାର ପାଇଁ ଡାକିଥିଲେ । ପଛଆଡ଼କୁ ବସି ଭାରତୀ ବେନ୍ ସ୍ୱାମୀଙ୍କୁ କହିଥିଲେ "ମୋତେ ବଞ୍ଚାଇ ଦେଇଥିବାରୁ ଅଶେଷ ଧନ୍ୟବାଦ ।" ବାବା ଉତ୍ତର ଦେଇଥିଲେ "ହଁ, ଗୋଟିଏ ବୁଲେଟ୍ ମାଢ଼ି ଦେଇ ଚାଲିଯାଇଥିଲା ଏବଂ ଅନ୍ୟ ବୁଲେଟ୍‌ଟି ପ୍ରତିକ୍ଷେପିତ ହୋଇ ଫେରିଆସିଥିଲା । ଏହା ସତ୍ୟ ନୁହେଁ କି ?" ଭଗବାନଙ୍କଠାରୁ ଏକଥା ଶୁଣି ସେ କାନ୍ଦି ପକାଇଥିଲେ । ଏହା ଭଗବାନଙ୍କର ସର୍ବଶକ୍ତିମତ୍ତା ଓ ସର୍ବଜ୍ଞାନର ପ୍ରମାଣ ଦିଏ ।

ବର୍ମିଂହାମ୍‌ରୁ ଆସିଥିବା ଜଣେ ପଞ୍ଜାବୀ ଭଦ୍ରଲୋକ ମଧ୍ୟ ଆମ ସହିତ ଥିଲେ । ସେ କହିଥିଲେ "ସ୍ୱାମୀ ଆପଣ ମୋ ଜୀବନ ରକ୍ଷା କରିଥିବାରୁ ମୁଁ ଆପଣଙ୍କ ପ୍ରତି କୃତଜ୍ଞ ।" ପରମପ୍ରିୟସ୍ୱାମୀ ଉତ୍ତର ଦେଇଥିଲେ "ତୁମେ ଗାଡ଼ି ଚଳାଉ ଚଳାଉ ଶୋଇ ପଡ଼ିବାରୁ ସ୍ୱାମୀ ଆଉ କଣ କରିପାରିଥାନ୍ତେ ?" ଏକଥା ଶୁଣି ସେ ମଧ୍ୟ କାନ୍ଦି ପକାଇଥିଲେ ।

ସେ ପରେ ଆମକୁ କହିଥିଲେ ଯେ ସେ ଏକ ଏମ୍-୬ ମୋଟର କାର ରାସ୍ତାରେ ଚଳାଉଥିବାବେଳେ ଶୋଇପଡ଼ିଥିଲେ । ତାଙ୍କ କାରଟି ନିୟନ୍ତ୍ରଣ ହରାଇ କେନ୍ଦ୍ରୀୟ ନିଷେଦ୍ଧାଞ୍ଚଳର ଏକ ବିଜୁଳି ଖମ୍ବରେ ଠିକ୍ ଧକ୍କା ଦେବାକୁ ଯାଉଥିଲା । ସେ ଚିତ୍କାର କରି ଉଠିଲେ ''ସ୍ୱାମୀ, ସ୍ୱାମୀ ।'' ଆଖି ପିଛୁଳାକେ ସେ ଦେଖିଲେ ତାଙ୍କ କାରଟି ନିରାପଦରେ ଏକ କଠିନ ଭୂମି ପୃଷ୍ଠରେ ରହିଯାଇଛି ।

ପରମପ୍ରିୟ ସ୍ୱାମୀ କହିଥିଲେ ''ବାବା ହେଉଛନ୍ତି ସୁଇଚ୍ । ସୁଇଚ୍ 'ଅନ୍' ହେଲେ ସବୁକିଛି ଆପେ ଆପେ ଆଗକୁ ବଢ଼ିଥାଏ । କାରର ଚାବି ଯେତେବେଳେ ଘୁରିଯାଏ ସେତେବେଳେ କାରର ସବୁ ଅଂଶ କାର୍ଯ୍ୟକ୍ଷମ ହୋଇଥାଏ । ସେହିପରି ସମଗ୍ର ବିଶ୍ୱ ସ୍ୱୟଂକ୍ରିୟ ଭାବରେ ନିୟନ୍ତ୍ରିତ । ତଥାକଥିତ ଅଲୌକିକତା ପ୍ରକୃତରେ ଅଲୌକିକତା ନୁହେଁ କିମ୍ବା ଏହା ଦୈବତ୍ୱ ପ୍ରତିପାଦନ କରେ ନାହିଁ । ସମଗ୍ର ପୃଥିବୀରେ ବାବାଙ୍କର ସୀମାହୀନ କାର୍ଯ୍ୟଗୁଡ଼ିକ ଅତି ସହଜ । ଏଥିରେ ବାଧା ନାହିଁ ଏବଂ ଏହା ଆନନ୍ଦମୟ । ଏହା ହିଁ ପ୍ରକୃତରେ ଅଲୌକିକତା ।''

''ସାଇ ଶକ୍ତିର କୌଣସି ସୀମା ନାହିଁ, ପ୍ରତିବନ୍ଧକ ନାହିଁ, ବିରୋଧାଭାସ ବା ବିଘ୍ନ ନାହିଁ । ତୁମେ ଏହାକୁ ବିଶ୍ୱାସ କର ବା ନ କର ମାତ୍ର ସାଇ ଶକ୍ତି ପୃଥିବୀକୁ ଆକାଶ ଓ ଆକାଶକୁ ପୃଥିବୀ କରିଦେଇ ପାରେ । ଏଥିରେ ରୂପାନ୍ତରର ଆହ୍ୱାନ ନ ଥାଏ । ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ ଓ ଗୁରୁତ୍ୱପୂର୍ଣ୍ଣ କଥାଟି ମୁଁ ଏବେ କହୁଛି । ଏହା ହେଉଛି ମୋର ପ୍ରେମ ଓ ଦୃଢ଼ତା । ମୋର ସ୍ୱତଃସ୍ଫୁର୍ତ୍ତ ପ୍ରେମର ସଂକେତ ଓ ତଥାକଥିତ ଅଲୌକିକତା ଅବିଶ୍ୱାସୀମାନଙ୍କ ମନ ମଧ୍ୟରେ ବିଶ୍ୱାସର ମଞ୍ଜି ପୋତି ଦେଇଥାଏ । ଏହା ମାନବତାକୁ ପରିପୁଷ୍ଟ କରେ ଏବଂ ଉଚ୍ଚ କ୍ଷମତାସମ୍ପନ୍ନ କରାଏ ।''

ଭଗବାନଙ୍କର ଲୀଳା ଅବର୍ଣ୍ଣନୀୟ ଏବଂ ତାଙ୍କ କୃପା ଓ ଦୟାର ଅନ୍ତ ନାହିଁ ।

□□

ଅଧ୍ୟାୟ - ୩୭

ସାଇ ସ୍ମରଣ ସାଧନା

(ନାମ ସ୍ମରଣ ଦ୍ୱାରା ଭଗବାନଙ୍କ କୃପା ଆବାହନ କରିବା)

ଦିବ୍ୟନାମ ଉଚ୍ଚାରଣ କରିବାର ଉପାୟ

ସର୍ବବିଦ୍ୟମାନ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଭକ୍ତମାନେ ତାଙ୍କର ଦିବ୍ୟ ଆଶୀର୍ବାଦ ଓ କୃପା ପାଇବା ପାଇଁ ଦୁଇଟି ଆଧ୍ୟାତ୍ମିକ ମାର୍ଗ ଅନୁସରଣ କରିଥାନ୍ତି ।

(୧) **ଲକ୍ଷାର୍ଚ୍ଚନା** : ଅକ୍ଷତ ଅର୍ପଣ ପୂର୍ବକ ଶତ ସହସ୍ର (ଏକଲକ୍ଷ) ଥର ମନ୍ତ୍ର ଉଚ୍ଚାରଣ କରିବାକୁ ଲକ୍ଷାର୍ଚ୍ଚନା କୁହାଯାଏ । ଏହା ଏକ ଅନନ୍ୟ ଆଧ୍ୟାତ୍ମିକ ସାଧନା ଏବଂ ଏଥିରେ ଅଂଶ ଗ୍ରହଣ କରୁଥିବା ଭକ୍ତମାନଙ୍କ ପାଇଁ ଏହା ବହୁ ଭାବରେ ଲାଭପ୍ରଦ । (ଏହାର ପଦ୍ଧତି ନିମ୍ନରେ ଦିଆଗଲା) ।

(୨) **ଯଜ୍ଞ** : ଯଜ୍ଞ କୁଣ୍ଡରେ ଆହୂତ ଅଗ୍ନିରେ ଘୃତ ଓ ଅନ୍ୟାନ୍ୟ ପବିତ୍ର ସାମଗ୍ରୀ ଭଗବାନଙ୍କ ମନ୍ତ୍ର ଉଚ୍ଚାରଣ ପୂର୍ବକ ଅର୍ପଣ କରିବା ହିଁ ଯଜ୍ଞ ।

ପରମପ୍ରିୟ ସ୍ୱାମୀ ବିଭିନ୍ନ ଉପାୟରେ ତାଙ୍କର ଦିବ୍ୟ ଉପସ୍ଥିତି ପ୍ରଦର୍ଶନ କରିଥାନ୍ତି । ସେ କହନ୍ତି ''ମୋର ଅଲୌକିକତା ହେଉଛି ମୋର ଭିଜିଟିଂ କାର୍ଡ଼ (ନାମାଙ୍କିତ ପତ୍ର) । ମୁଁ ଭକ୍ତମାନଙ୍କୁ ସେମାନେ ଯାହା ଚାହାଁନ୍ତି ଦେଇଥାଏ । କାରଣ ମୁଁ ଯାହା ଚାହେଁ ସେମାନେ ମୋତେ ଦେବେ । ସେମାନଙ୍କଠାରୁ ମୁଁ କେବଳ ପ୍ରେମ ଚାହେଁ ।''

''ପ୍ରତ୍ୟେକ ଧର୍ମରେ ବିଶ୍ୱମୟ ମାନବିକ ମୂଲ୍ୟବୋଧ ରହିଥାଏ । ଏଥିରେ ପ୍ରାର୍ଥନା, ପୂଜାର ଆବଶ୍ୟକତା ଏବଂ ମାନବର ଭ୍ରାତୃତ୍ୱ ଓ ଭଗବାନଙ୍କ ପିତୃତ୍ୱ ଉପରେ ଗୁରୁତ୍ୱ ଦିଆଯିବା ତାତ୍ପର୍ଯ୍ୟପୂର୍ଣ୍ଣ । ପ୍ରତ୍ୟେକଙ୍କ ପାଇଁ ପ୍ରେମର ବିକାଶ ଏହାର ଅନ୍ତର୍ଭୁକ୍ତ । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ୍, ବୌଦ୍ଧ ଓ ଜୀଉ ଇତ୍ୟାଦି ପ୍ରତ୍ୟେକ ଗୋଷ୍ଠୀରେ ନିଜସ୍ୱ ଢଙ୍ଗରେ ପ୍ରାର୍ଥନା କରାଯାଇଥାଏ । କିନ୍ତୁ ସମସ୍ତଙ୍କର ଲକ୍ଷ୍ୟ ହେଲା ଭଗବାନଙ୍କର କୃପାଲାଭ ।''

''ଭିନ୍ନ ଭିନ୍ନ ଧର୍ମ ବିଶ୍ୱାସ ରହୁ, ସେଗୁଡ଼ିକର ବିକାଶ ସାଧନ ହେଉ, ପ୍ରତ୍ୟେକ ଭାଷାରେ ଏବଂ ଭିନ୍ନ ଭିନ୍ନ ସ୍ୱରରେ ଭଗବାନଙ୍କ ମହିମା ଗାନ କରାଯାଉ । ମାତ୍ର

ସେସବୁ ଆଦର୍ଶ ହେବା ଆବଶ୍ୟକ । ବିଭିନ୍ନ ଧର୍ମବିଶ୍ୱାସକୁ ସମ୍ମାନ ଦିଅ ଏବଂ ସେମାନଙ୍କ ମଧ୍ୟରେ ରହିଥିବା ଏକତାର ଆଲୋକ ନିଷ୍ପ୍ରଭ ନ ହେବା ପର୍ଯ୍ୟନ୍ତ ସେଗୁଡ଼ିକୁ ସ୍ୱୀକୃତି ଦିଅ । ଯଦି ସମସ୍ତେ ନିଜ ନିଜ ଧର୍ମର ପ୍ରତିଷ୍ଠାତାମାନଙ୍କ ଦ୍ୱାରା ପ୍ରଦର୍ଶିତ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତି, ଯଦି ଲୋଭ ଓ ଘୃଣାଦ୍ୱାରା ପ୍ରଭାବିତ ନ ହୁଅନ୍ତି ତାହାହେଲେ ସମଗ୍ର ପୃଥିବୀ ମଣିଷ ପାଇଁ ଏକ ଆନନ୍ଦମୟ ଏବଂ ଶାନ୍ତିପୂର୍ଣ୍ଣ ପରିବେଶରେ ପରିଣତ ହେବ ।''

ବର୍ତ୍ତମାନ ଯୁଗରେ ନାମ ସ୍ମରଣର ଗୁରୁତ୍ୱ ସମ୍ପର୍କରେ ପରମପ୍ରିୟ ସ୍ୱାମୀ ଏକ ସୁନ୍ଦର ବ୍ୟାଖ୍ୟା ଦେଇଛନ୍ତି । ''ଧର୍ମଗ୍ରନ୍ଥ (ପୁରାଣ ଓ ପୋଥି)ମାନଙ୍କରେ କଳିଯୁଗକୁ ମଣିଷର ମୋକ୍ଷ ପ୍ରାପ୍ତି ପାଇଁ ଅତୁଳନୀୟ ଓ ଅନୁକୂଳ ବୋଲି ପ୍ରଶଂସା କରାଯାଇଛି । କାରଣ ଭଗବାନଙ୍କ ସମ୍ପର୍କରେ ସାମାନ୍ୟ ଭାବପୂର୍ଣ୍ଣ ନାମସ୍ମରଣ ହିଁ ମଣିଷକୁ ଆଧ୍ୟାତ୍ମିକ ସାଧନାର ଶୀର୍ଷରେ ପହଞ୍ଚାଇ ଦେଇପାରେ । ତେଣୁ ସବୁ ଯୁଗ ମଧ୍ୟରେ ଏହି ଯୁଗକୁ ଅତି ପବିତ୍ର ଓ ଫଳପ୍ରଦ ଯୁଗ ଭାବରେ ବର୍ଣ୍ଣନା କରାଯାଇଛି ।''

''କ୍ରେତା (ସତ୍ୟ) ଯୁଗରେ ଧ୍ୟାନ ମଣିଷର ମୋକ୍ଷ ପ୍ରାପ୍ତି ପାଇଁ ଉତ୍କୃଷ୍ଟ ଆଧ୍ୟାତ୍ମିକ ପନ୍ଥା ଥିଲା । ତ୍ରେତୟା ଯୁଗରେ ଯୋଗ ବା ତପସ୍ୟା ମୋକ୍ଷ ପ୍ରାପ୍ତିର ପନ୍ଥା ଥିଲାବେଳେ ଦ୍ୱାପର ଯୁଗରେ ଶାସ୍ତ୍ର ଅନୁସୃତ ପୂଜା ବିଧାନ ଓ ଆରାଧନା ହିଁ ମୁଖ୍ୟ ପନ୍ଥା ରହିଥିଲା ।''

''ମାତ୍ର କଳିଯୁଗରେ ଲୋକମାନଙ୍କର ମୋକ୍ଷପ୍ରାପ୍ତି ପାଇଁ ନିରବଚ୍ଛିନ୍ନ ଭାବରେ ଭଗବାନଙ୍କ ସମ୍ପର୍କରେ ସଚେତନ ହୋଇ ନାମ ସ୍ମରଣ କରିବା ପାଇଁ ପରାମର୍ଶ ଦିଆଯାଇଛି । ଏହା ସତ୍ତ୍ୱେ ଦୁଃଖର କଥା ଯେ ମଣିଷ ଏହି ପଥ ଅନୁସରଣ କରିବା ପାଇଁ ଆଦୌ ଯତ୍ନବାନ ନୁହେଁ । ତେଣୁ ତାର ଜୀବନ ଅସଫଳ ଓ ନଷ୍ଟ ହେବାରେ ଲାଗିଛି ।''

ପରମପ୍ରିୟ ସ୍ୱାମୀ 'ଏହି ଦାସ'କୁ ଲକ୍ଷାର୍ଚ୍ଚନା ଓ ଯଜ୍ଞ ଭଳି ସାଧନା କରିବା ପାଇଁ ଦିବ୍ୟ ପ୍ରେରଣା ପ୍ରଦାନ କରିଛନ୍ତି ।

ଲକ୍ଷାର୍ଚ୍ଚନା : ବାବାଙ୍କ ଦ୍ୱାରା ଆମର ଦୈବୀ ବିବାହ ସମ୍ପନ୍ନ ହେବାର ଅଳ୍ପ ଦିନ ପରେ ୧୯୬୭ ମସିହା ଜାନୁୟାରୀ ଅଠର ତାରିଖ ଦିନ ଆମକୁ ପୁନର୍ବାର ସାକ୍ଷାତକାର ଦେଇ କୃପା ପ୍ରଦାନ କରିଥିଲେ । ସ୍ୱାମୀ ଆମକୁ ଦୀର୍ଘ ସମୟ ଧରି ଧର୍ମ ଓ ତତ୍‌ସମ୍ପର୍କୀୟ ବିଷୟବସ୍ତୁ ଉପରେ କହିଥିଲେ । ମୋର ସବୁବେଳେ ଇଚ୍ଛା ଥିଲା ତାଙ୍କଠାରୁ ମନ୍ତ୍ର ଦୀକ୍ଷା ନେବା ପାଇଁ ଏବଂ ସୁଯୋଗ ମିଳିଲେ ମୁଁ ତାଙ୍କୁ ବିନମ୍ର ଭାବରେ ଏଥିପାଇଁ ଅନୁରୋଧ କରିଥାନ୍ତି । ସେ ସବୁବେଳେ ଅନ୍ୟକଥା କହି ମୋର ଏହି ଇଚ୍ଛାକୁ ଏଡ଼ାଇ ଚାଲିଥାନ୍ତି । କିନ୍ତୁ ତାଙ୍କ ସଂକଳ୍ପ ଅନୁସାରେ ମୁଁ ଅବିଚଳିତ ଭାବରେ ଏଥିପାଇଁ ଉଦ୍ୟମ କରିଚାଲିଥିଲି । ଶେଷରେ ସେ ମୋତେ ଗୋଟିଏ ମନ୍ତ୍ର ଦେଇଥିଲେ । ତାହା

ହେଲା ''ଓଁ ଶ୍ରୀ ସତ୍ୟସାଇ କ୍ରିଷ୍ଣାୟ ନମଃ ।'' ଏହି ମନ୍ତ୍ରର ବ୍ୟବହାର ପାଇଁ ସେ ମୋତେ ପରାମର୍ଶ ଦେଇଥିଲେ । ସାଧନା ପାଇଁ ଏହି ମନ୍ତ୍ର ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ତାଙ୍କ କୃପାରୁ ଏକ ଅନନ୍ୟ ସାଧନା ''ଲକ୍ଷାର୍ଚ୍ଚନା''ରେ ଆମେ ଏହି ମନ୍ତ୍ରକୁ ପରମପ୍ରିୟ ସ୍ୱାମୀଙ୍କ ଦିବ୍ୟ ପାଦପଦ୍ମରେ ଅକ୍ଷତ ଅର୍ପଣ ପୂର୍ବକ ସମୂହ ଭାବରେ ଉଚ୍ଚାରଣ କରୁଥିଲୁ । ଏହା ନିମ୍ନରେ ପ୍ରଦତ୍ତ ହେଲା ।

ଏହି ମନ୍ତ୍ରର ପ୍ରତ୍ୟେକ ଶବ୍ଦର ଅର୍ଥ ତଳେ ଦିଆଗଲା–

ଓମ୍ – ପରମବ୍ରହ୍ମ ଭଗବାନ

ଶ୍ରୀ – ଧନ ସମ୍ପତ୍ତିର ଦେବୀ (ଲକ୍ଷ୍ମୀ)

ସତ୍ୟ – ସତ୍

ସାଇ – ଦିବ୍ୟମାତା

କ୍ରିଷ୍ଣାୟ – କୃଷ୍ଣଙ୍କୁ (ସତ୍ୟସାଇ ବାବାଙ୍କର ପୂର୍ଣ୍ଣାବତାର)

ନମଃ – ସମ୍ମାନ ପ୍ରଦର୍ଶନ

ଲକ୍ଷାର୍ଚ୍ଚନାରେ ଅଂଶ ଗ୍ରହଣ କରିବାକୁ ଥିବା ସମସ୍ତେ ଏକ ସାଙ୍ଗରେ ବସି ପାରିଲା ଭଳି ଏକ ଉପଯୁକ୍ତ ସ୍ଥାନ ନିରୂପଣ କରାଗଲା । ଲକ୍ଷାର୍ଚ୍ଚନାରେ ଯେତେ ଅଧିକ ଭକ୍ତ ଯୋଗ ଦେବେ ସେ ସମସ୍ତେ ଏବଂ ସେମାନଙ୍କର ପରିବାରବର୍ଗ ସେତେ ଉପକୃତ ହେବେ । ଏହାଛଡ଼ା ଅଧିକ ଭକ୍ତ ଅଂଶ ଗ୍ରହଣ କଲେ ଲକ୍ଷାର୍ଚ୍ଚନାର ସମୟସୀମା ହ୍ରାସ ପାଇଥାଏ । ଏଥିରେ ଅଂଶ ଗ୍ରହଣ କରିଥିବା ପ୍ରତ୍ୟେକ ଭକ୍ତଙ୍କୁ ଦୁଇ କୋଠରୀ ବିଶିଷ୍ଟ ଗୋଟିଏ ଲେଖାଁ ଥାଳିଆ, ସତ୍ୟସାଇବାବାଙ୍କର ଗୋଟିଏ ଫଟୋ, ଗୋଟିଏ ବିଭୂତି ପୁଡ଼ିଆ ଓ ଯଥେଷ୍ଟ ଅକ୍ଷତ ଦିଆଯାଇଥାଏ । ଭକ୍ତମାନେ ପହଞ୍ଚିବା ପୂର୍ବରୁ ଥାଳିଆଗୁଡ଼ିକୁ ଆବଶ୍ୟକ ସରଞ୍ଜାମ ସହିତ ସଜାଡ଼ି ରଖାଯାଇଥାଏ ।

କେତେଜଣ ଭକ୍ତ ଏଥିରେ ଅଂଶ ଗ୍ରହଣ କରୁଛନ୍ତି ତାର ଗଣନା କରାଯାଏ ଏବଂ ଜପାମାଳି (୧୦୮ଟି କଣ୍ଠି ବା ଗୁଟିକା ଥିବା ମାଳା)କୁ କେତେଥର ଗଡ଼ାଇ (୧୦୮ଟି କଣ୍ଠି ଗଣି) ମନ୍ତ୍ର ପୁନରାବୃତ୍ତି କରିବା ଦରକାର ତାହା ମୁଣ୍ଡଗଣତି ଅନୁସାରେ ସ୍ଥିର କରାଯାଏ । ଉଦାହରଣ ସ୍ୱରୂପ ଯଦି ୧୦୦ଜଣ ଭକ୍ତ ଅଂଶ ଗ୍ରହଣ କରିଥାନ୍ତି ତେବେ ଜପାମାଳା ଗଡ଼ାଇବା ଶେଷ କଲା ବେଳକୁ ୧୦୦ x ୧୦୦ = ୧୦,୦୦୦ ମନ୍ତ୍ର ଉଚ୍ଚାରଣ ଶେଷ ହେଲା ବୋଲି ଧରାଯାଏ । (ଜପାମାଳିରେ ଥିବା ୧୦୮ କଣ୍ଠିରୁ ଅଧିକା ୮ଟି କଣ୍ଠିର ଗଣନାକୁ ବାଦ ଦିଆଯାଇ ୧୦୦ ବୋଲି ଧରି ନିଆଯାଏ) । ଦଶଥର ମାଳା ଗଡ଼ା ସରିଲା ବେଳକୁ ୧୦,୦୦୦ x ୧୦ = ୧୦୦,୦୦୦ (ଏକ ଲକ୍ଷ) ମନ୍ତ୍ର ଉଚ୍ଚାରଣ ସରିଥାଏ । ଯଦି କେବଳ ୫୦ ଜଣ ଭକ୍ତ ଏଥିରେ ଅଂଶ ଗ୍ରହଣ କରିଥାନ୍ତି ତାହାହେଲେ କୋଡ଼ିଏଥର ଜପାମାଳା ଗଡ଼ାଇଲେ ୧୦୦,୦୦୦ (ଏକଲକ୍ଷ)

ମନ୍ତ୍ର ଉଚ୍ଚାରଣ ଶେଷ ହୋଇଥାଏ । ଏଥିରେ ପୂର୍ବାପେକ୍ଷା ଦୁଇଗୁଣ ଅଧିକ ସମୟ ଲାଗିଥାଏ । ସାଧାରଣତଃ ଦୁଇଜଣ ଭକ୍ତଙ୍କୁ ମନ୍ତ୍ର ଉଚ୍ଚାରଣ ସହିତ ଜପାମାଳି ଗଡ଼ାଇ (କଣ୍ଠି ଗଣନା ପୂର୍ବକ) ମନ୍ତ୍ର ଉଚ୍ଚାରଣର ହିସାବ ରଖିବା ପାଇଁ ନିଯୁକ୍ତ କରାଯାଇଥାଏ । ସେମାନେ ୧୦୦,୦୦୦ ଥର ମନ୍ତ୍ର ଉଚ୍ଚାରଣ ଶେଷ ହେଲା ବେଳକୁ ସଂକେତ ଦିଅନ୍ତି । ଆରମ୍ଭ ପୂର୍ବରୁ ପ୍ରତ୍ୟେକ ଭକ୍ତ ଥାଳିଆର ଗୋଟିଏ କୋଠରୀରେ ଅକ୍ଷତ ଓ ଅନ୍ୟ କୋଠରୀଟିରେ ବିଭୂତି ପୁଡ଼ିଆ ସହିତ ପରମପ୍ରିୟ ସ୍ୱାମୀଙ୍କର ଫଟୋ ରଖିଥାନ୍ତି । ଆଧ୍ୟାତ୍ମିକ ପ୍ରକମ୍ପନ ସୃଷ୍ଟି କରିବା ପାଇଁ ଲକ୍ଷାର୍ଚ୍ଚନା ଆରମ୍ଭ ପୂର୍ବରୁ ଅଧଘଣ୍ଟା ପର୍ଯ୍ୟନ୍ତ ହୃଦୟସ୍ପର୍ଶୀ ଭଜନ ଗାନ କରାଯାଏ । ଏଠାରେ ବର୍ଣ୍ଣନା କରାଯାଉଥିବା ଲକ୍ଷାର୍ଚ୍ଚନାରେ "ଓଁ ଶ୍ରୀ ସତ୍ୟସାଇ କୃଷ୍ଣାୟ ନମଃ" ମନ୍ତ୍ରଟିକୁ ଏକତାନରେ ସମୂହ ଭାବରେ ଉଚ୍ଚାରଣ କରାଯାଉଥିଲା । ଏଥିରେ ସମସ୍ତେ ସମ୍ପୂର୍ଣ୍ଣ ଭାବରେ ଫଳପ୍ରାପ୍ତି ପାଇଁ ଏକାଗ୍ରତାର ସହିତ ଏକନିଷ୍ଠ ଭାବରେ ମନ୍ତ୍ର ଉଚ୍ଚାରଣ କରୁଥିଲେ । ପ୍ରଥମେ ପ୍ରଥମେ ଉଚ୍ଚାରଣର ଗତି ମନ୍ଥର ଥିଲା ଏବଂ ସମସ୍ତେ ଏକ ସମୟରେ ଡାହାଣ ହାତରେ ଅକ୍ଷତ ଧରି ବିଭୂତି ପୁଡ଼ିଆ ଓ ପରମପ୍ରିୟ ସ୍ୱାମୀଙ୍କ ଫଟୋ ଉପରେ ପକାଉଥିଲେ । କିଛି ସମୟ ପରେ ହାତ ମନ୍ତ୍ର ଉଚ୍ଚାରଣ ଏବଂ ଅକ୍ଷତ ସଂଗ୍ରହ ଓ ଅର୍ପଣ ସମୟର ଦୂରତ୍ୱ ସହିତ ଠିକ୍ ଭାବରେ ସମନ୍ୱୟ ରକ୍ଷା କରିବା ସମ୍ଭବ ହୋଇଥାଏ । ସେତେବେଳେ ଭକ୍ତ ଆଖି ବନ୍ଦ କରି ଅନ୍ତର୍ଦୃଷ୍ଟିକୁ ସ୍ୱାମୀଙ୍କ ରୂପ ଉପରେ କେନ୍ଦ୍ରିଭୂତ କରି ଅର୍ଚ୍ଚନା କରିଥାଏ । ଏହା ନିରବଚ୍ଛିନ୍ନ ଭାବରେ ଚାଲିଥାଏ । କ୍ରମେ ମନ୍ତ୍ର ଉଚ୍ଚାରଣର ଗତି ବୃଦ୍ଧି ପାଇଥାଏ ଏବଂ ତତ୍‌ସଙ୍ଗେ ସଙ୍ଗେ ଅକ୍ଷତ ଅର୍ପଣ ମଧ୍ୟ ତ୍ୱରାନ୍ୱିତ ହୋଇଥାଏ ।

ଶେଷଥର ଜପାମାଳା ଗଡ଼ାଇବା ବେଳକୁ ମନ୍ତ୍ର ଉଚ୍ଚାରଣରେ ହସ୍ତକ୍ଷେପ ପୂର୍ବକ ନିମ୍ନୋକ୍ତ ନିର୍ଦ୍ଦେଶ ଦିଆଯାଇପାରେ ।

୧. ଭକ୍ତମାନଙ୍କ ପାଇଁ ଏହି ସାଧନା ଏକ ସୁବର୍ଣ୍ଣ ସୁଯୋଗ । ଏହା ଆତ୍ମବିଶୁଦ୍ଧତା ଏବଂ ବାବାଙ୍କ ଦିବ୍ୟ କୃପା ପାଇବା ପାଇଁ ସଠିକ୍ ପଦକ୍ଷେପ ।

୨. ଏଥିରେ ଅଂଶ ଗ୍ରହଣ କରିଥିବା ଭକ୍ତମାନେ ପ୍ରତ୍ୟେକ ଗୋଟିଏ କୁ-ଅଭ୍ୟାସ (ଧୂମ୍ରପାନ, ମଦ୍ୟପାନ, ମାଦକ ଦ୍ରବ୍ୟ ସେବନ ଇତ୍ୟାଦି) ତ୍ୟାଗ କରିବା ପାଇଁ ସଂକଳ୍ପ କରିବା ଉଚିତ ଏବଂ ନିରାମୀଷାସୀ ହେବା ପାଇଁ କିମ୍ବା ଅଭ୍ୟାସ କରିବା ପାଇଁ ସାହାଯ୍ୟ କରିବାକୁ ପରମପ୍ରିୟ ସ୍ୱାମୀଙ୍କ ସାହାଯ୍ୟ ପ୍ରାର୍ଥନା କରିବା ଉଚିତ । ସମସ୍ତଙ୍କୁ ପ୍ରେମ କର, ସମସ୍ତଙ୍କର ସେବା କର, ସବୁବେଳେ ସେବା କର ଏବଂ କେବେହେଲେ ଆଘାତ ଦିଅ ନାହିଁ, ଭଲ ହୁଅ, ଭଲ ଦେଖ ଏବଂ ଭଲ କାର୍ଯ୍ୟ କର ଇତ୍ୟାଦି ସ୍ୱାମୀଙ୍କର ଉପଦେଶଗୁଡ଼ିକୁ ଆଚରଣରେ ପ୍ରଦର୍ଶନ କରିବାକୁ ତାଙ୍କର ସାହାଯ୍ୟ ପାଇଁ ପ୍ରାର୍ଥନା କରିବା ଉଚିତ ।

୩. ଲକ୍ଷାର୍ଚ୍ଚନା ଶେଷରେ ଆରତୀ ପରେ ଘରକୁ ନେବା ପାଇଁ ଅର୍ପଣ କରାଯାଇଥିବା ଅକ୍ଷତ, ଫଟୋ ଓ ବିଭୂତି ଗୋଟିଏ ଖୋଳରେ ରଖି ଥାଳିଆଟିକୁ ସଂଗଠକଙ୍କୁ ଫେରାଇ ଦେବାକୁ ପଡ଼ିବ । ଏହି ଥାଳିଆ ପରବର୍ତ୍ତୀ ଲକ୍ଷାର୍ଚ୍ଚନାରେ ବ୍ୟବହାର କରାଯାଇ ପାରିବ । ପରେ ଅର୍ପଣ କରାଯାଇଥିବା ପବିତ୍ର ଅକ୍ଷତକୁ ରୋଗରେ କଷ୍ଟ ପାଉଥିବା ବ୍ୟକ୍ତିଙ୍କ ମଧ୍ୟରେ ବିତରଣ କରାଯାଇ ପାରିବ । ଏହି ପବିତ୍ର ଅକ୍ଷତକୁ ଅନ୍ୟ ଚାଉଳରେ ମିଶାଇ ରନ୍ଧନ ପୂର୍ବକ ଭକ୍ଷଣ କଲେ ଅଲୌକିକ ଭାବରେ ରୋଗ ଉପଶମ ହୋଇଥାଏ । (ନିମ୍ନରେ ଦିଆଯାଇଥିବା ବିବରଣୀ ଦ୍ରଷ୍ଟବ୍ୟ) । ଏଥିରୁ କିଛି ମଧ ଘରେ ରଖାଯାଇଥିବା ଚାଉଳ ସହିତ ମିଶାଇଦେଲେ ସବୁବେଳେ ପବିତ୍ର ଆଶୀର୍ବାଦ-ପୂତ ଅନ୍ନ ଖାଇବାକୁ ମିଳିବ ଏବଂ ଏହା ମାନସିକ ଓ ଆଧ୍ୟାତ୍ମିକ ବିକାଶରେ ସାହାଯ୍ୟ କରିବ ।

୪. ଲକ୍ଷାର୍ଚ୍ଚନାରେ ବ୍ୟବହୃତ ବିଭୂତିକୁ ଅନ୍ୟ ବିଭୂତି ସହିତ ମିଶାଇ ଆବଶ୍ୟକ କରୁଥିବା ଲୋକମାନଙ୍କ ମଧ୍ୟରେ ବିତରଣ କରାଯାଇପାରେ ।

୫. ଲକ୍ଷାର୍ଚ୍ଚନାରେ ବ୍ୟବହୃତ ଫଟୋର ଅଲୌକିକ ମହାଜାଗତିକ ଶକ୍ତି ରହିଛି । ଏହାକୁ ପୂଜା ଘରେ, କାରରେ କିମ୍ବା ସବୁବେଳେ ଦୃଷ୍ଟି ଗୋଚର ହେଲାଭଳି ଅନ୍ୟ ସ୍ଥାନରେ ରଖାଯାଇ ପାରିବ ।

ଲକ୍ଷାର୍ଚ୍ଚନା ହେଉଛି ଗୋଟିଏ ଅନନ୍ୟ ଓ ଶକ୍ତିଶାଳୀ ସାଧନା । ଜଣେ ଏଥିରେ ଶେଷ ପର୍ଯ୍ୟନ୍ତ ଅଂଶ ଗ୍ରହଣ କରି ମନ୍ତ୍ର ଉଚ୍ଚାରଣ ହେଉଥିବା ସମୟରେ ଦିବ୍ୟ ପ୍ରକମ୍ପନ ଅନୁଭବ କରିପାରିବ । ଏହି ସାଧନାରେ ଅଂଶ ଗ୍ରହଣ କରିବା ଦ୍ୱାରା ଅନେକ ଭକ୍ତଙ୍କର ବହୁ ସମସ୍ୟାର ସମାଧାନ ହୋଇଥିବା କଥା ସେମାନେ ପ୍ରକାଶ କରିଛନ୍ତି । ନିମ୍ନରେ କେତୋଟି ଉଦାହରଣ ଦିଆଗଲା ।

ଜଣେ ଭଦ୍ର ମହିଳା ଏହି ସାଧନା କରୁଥିବାବେଳେ ଗୋଟିଏ କୁଅଭ୍ୟାସ ତ୍ୟାଗ କରିବା ପାଇଁ ପ୍ରତିଜ୍ଞା କଲେ ଏବଂ ମନେ ମନେ ବାବାଙ୍କୁ ପ୍ରାର୍ଥନା କରି କହିଥିଲେ "ସ୍ୱାମୀ, ମୁଁ ଆପଣଙ୍କଠାରୁ କଣ ଚାହିଁବି ? ମୋର ସ୍ୱାମୀ କର୍କଟ ରୋଗରେ ପୀଡ଼ିତ ଅଛନ୍ତି । ତାଙ୍କୁ ଆରୋଗ୍ୟ କରିଦେବାକୁ ମୁଁ ପ୍ରାର୍ଥନା କରୁଛି । କିନ୍ତୁ ଏହା ସହିତ ଭଲରେ ଭଲରେ ତାଙ୍କୁ ବଞ୍ଚାଇ ରଖି ମୋତେ ସୌଭାଗ୍ୟବତୀ (ସଧବା) ରଖିବା ପାଇଁ ପ୍ରାର୍ଥନା କରୁଛି ।" ପରଦିନ ସେ ନିଜ ସ୍ୱାମୀଙ୍କୁ ଦେଖିବା ପାଇଁ ହସପିଟାଲ ଗଲେ ଏବଂ ଡାକ୍ତର ତାଙ୍କୁ ଦେଖୁ ଦେଖୁ କହିଥିଲେ "ତୁମ ପାଇଁ ଏକ ଭଲ ଖବର ଅଛି । ପରୀକ୍ଷାରୁ ଜଣାଯାଇଛି ଯେ ତୁମ ସ୍ୱାମୀଙ୍କର କର୍କଟ ରୋଗ ଆରୋଗ୍ୟପ୍ରଦ ଏବଂ ଏହା ଆଦୌ ବିପଦପୂର୍ଣ୍ଣ ନୁହେଁ । ଚିକିତ୍ସାରେ ରହି ସେ ସମ୍ପୂର୍ଣ୍ଣ ଭଲ ହୋଇଯିବେ ।"

ଡାକ୍ତର ଉପାଧ୍ୟାୟ ଲଣ୍ଡନର ଜଣେ ଉତ୍କୃଷ୍ଟ ମୁଣ୍ଡରୋଗ ବିଶେଷଜ୍ଞ (ଅପ୍‌ଥାଲ୍‌ମିକ କନସଲଟାଣ୍ଟ) ଏବଂ ପରମପ୍ରିୟ ସ୍ୱାମୀଙ୍କର ଜଣେ ଭକ୍ତ । ସେ ନିଜେ ଲକ୍ଷାର୍ଚ୍ଚନାର ପବିତ୍ର ଅକ୍ଷତର ଶକ୍ତି ସମ୍ପର୍କରେ ପ୍ରମାଣ ଦେଇଛନ୍ତି । ଥରେ ଜଣେ ଭକ୍ତ ବ୍ୟସ୍ତ ହୋଇ ତାଙ୍କ ନିକଟକୁ ଆସିଲେ ଏବଂ କହିଥିଲେ ''ଡାକ୍ତର, ଗତ ଦୁଇଦିନ ହେଲା ମୁଁ ହଠାତ୍ ଦୃଷ୍ଟିଶକ୍ତି ହରାଇ ବସିଛି । ମୁଁ ପ୍ରାୟ କିଛି ଦେଖିପାରୁ ନାହିଁ ।'' ପରୀକ୍ଷା ପରେ ଡାକ୍ତର ଉପାଧ୍ୟାୟ ଜାଣି ଆଶ୍ଚର୍ଯ୍ୟ ହେଲେ ଯେ ଦୁଇଟିଯାକ ଆଖି କର୍କଟ ରୋଗରେ ଆକ୍ରାନ୍ତ । ଚକ୍ଷୁ ଡୋଳା ଦୁଇଟିକୁ ଅସ୍ତ୍ରୋପଚାର କରି ବାହାର କରି ନ ଦେଲେ କର୍କଟ ରୋଗ ମସ୍ତିଷ୍କକୁ ପ୍ରସାରିତ ହୋଇପାରେ ଏବଂ ରୋଗୀର ମୃତ୍ୟୁ ହୋଇଯାଇପାରେ ।

ପରଦିନ ଅସ୍ତ୍ରୋପଚାର ପାଇଁ ପ୍ରସ୍ତୁତ ହୋଇ ଆସିବାକୁ ରୋଗୀଟିକୁ କୁହାଗଲା । ରୋଗୀ ଅତି ବିବ୍ରତ ହୋଇପଡ଼ିଥିଲେ ଏବଂ ସିଧା ଘରକୁ ଫେରି ପୂଜା ଘରେ ପ୍ରାର୍ଥନା ଆରମ୍ଭ କରିଦେଲେ । ଏହି ସମୟରେ ତାଙ୍କର କ୍ଷୀଣ ଦୃଷ୍ଟି ଲକ୍ଷାର୍ଚ୍ଚନାର ଅକ୍ଷତ ଉପରେ ପଡ଼ିଥିଲା । ଏହି ଅକ୍ଷତକୁ ସେ ଲକ୍ଷାର୍ଚ୍ଚନା ପରେ ଘରକୁ ଆଣିଥିଲେ । ତାଙ୍କର ମନେ ପଡ଼ିଲା ଯେ ଏହି ଅକ୍ଷତରେ ମହାଜାଗତିକ ଶକ୍ତି ସଂଚରିତ ହୋଇଛି । ସେ ସଂଗେ ସଂଗେ ସବୁ ଅକ୍ଷତକୁ ରାନ୍ଧିଲେ ଏବଂ ଭଗବାନଙ୍କୁ ସ୍ମରଣ କରି ସେବନ କଲେ । ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ଯେ ପରଦିନ ସକାଳୁ ସେ ସବୁକିଛି ପରିଷ୍କାର ଭାବରେ ଦେଖିପାରୁଛନ୍ତି । ଚକ୍ଷୁ ପରୀକ୍ଷା କରି ଡାକ୍ତର ଉପାଧ୍ୟାୟ ଘୋଷଣା କଲେ ଯେ ତାଙ୍କ ଚକ୍ଷୁର କର୍କଟ ରୋଗ ଦୂର ହୋଇଯାଇଛି ଏବଂ ତାଙ୍କର ଚକ୍ଷୁ ଦୁଇଟି ସମ୍ପୂର୍ଣ୍ଣ ସ୍ୱାଭାବିକ ଅବସ୍ଥାରେ ଅଛି । ଲକ୍ଷାର୍ଚ୍ଚନା ଅକ୍ଷତର ଅଲୌକିକତା କଥା ଭକ୍ତମାନଙ୍କୁ ଜଣାଇବା ପାଇଁ ଡାକ୍ତର ଉପାଧ୍ୟାୟ ମୋତେ ଅନୁରୋଧ କରିଥିଲେ ।

ଆଉ ଜଣେ ଭଦ୍ରମହିଳା ବାବାଙ୍କର ଜଣେ ବଡ଼ ଭକ୍ତ ମାତ୍ର ତାଙ୍କ ସ୍ୱାମୀଙ୍କର ବାବାଙ୍କ ପ୍ରତି ଆଦୌ ବିଶ୍ୱାସ ନ ଥାଏ । ଥରେ ସେ ଭଦ୍ରମହିଳାଙ୍କୁ (ତାଙ୍କ ପତ୍ନୀଙ୍କୁ) କହିଥିଲେ ''ଆମ ଫ୍ରିଜ୍‌ଟି ଖରାପ ହୋଇଯାଇଛି । ତୁମ ଭଗବାନଙ୍କର ସେହି ଫଟୋଟି (ଲକ୍ଷାର୍ଚ୍ଚନା ପରେ ମିଳିଥିବା ଫଟୋ) ସେଥିରେ ଲଗାଇଦିଅ । ଯଦି ଫ୍ରିଜ୍ ଠିକ୍ ହୋଇଯାଇ କାର୍ଯ୍ୟକ୍ଷମ ହେବ ତେବେ ମୁଁ ତୁମ ବାବାଙ୍କୁ ବିଶ୍ୱାସ କରିବି ।'' ଆଶ୍ଚର୍ଯ୍ୟର କଥା ଫଟୋଟିକୁ ଫ୍ରିଜ୍ ଉପରେ ଅଠା ଦେଇ ଲଗାଇଦେବା ପରେ ତାହା ଠିକ୍ ଭାବରେ କାର୍ଯ୍ୟ କଲା ଏବଂ ଭଦ୍ରମହିଳାଙ୍କ ସ୍ୱାମୀଙ୍କର ବିଶ୍ୱାସ ବଢ଼ିବାରେ ଲାଗିଲା । ଏଥିରେ ଉଭୟ ଖୁସି ହୋଇଯାଇଥିଲେ । ଆଉଥରେ ୱାସିଂ ମେସିନ୍ ଖରାପ ହୋଇଯାଇଥିଲା, ମାତ୍ର ଲକ୍ଷାର୍ଚ୍ଚନାରୁ ଆଣିଥିବା ପବିତ୍ର ଫଟୋଟିକୁ ସେଥିରେ ଲଗାଇ ଦେବା ପରେ ତାହା ପୁନର୍ବାର କାର୍ଯ୍ୟକ୍ଷମ ହୋଇଥିଲା ।

ଏହିପରି ଭାବରେ ଲକ୍ଷାର୍ଚ୍ଚନାରେ ଭାଗ ନେଇଥିବା ବହୁ ଭକ୍ତ ଏହି ପବିତ୍ର ସାଧନାର ଅଲୌକିକ ଉପକାର କଥା କହିଥାନ୍ତି । ସେମାନଙ୍କର ମାନସିକ ଶାନ୍ତି, ଶାରୀରିକ

ସ୍ୱାସ୍ଥ୍ୟର ଉନ୍ନତି ଏବଂ ଆଧ୍ୟାତ୍ମିକ ଭାବର ବୃଦ୍ଧି ସମ୍ପର୍କରେ ସେମାନେ ସୂଚନା ଦେଇଥାନ୍ତି । ଯେଉଁମାନେ ନିଜର 'ମାଙ୍କଡ଼-ମନ' ନେଇ ଧ୍ୟାନ କରି ପାରନ୍ତି ନାହିଁ ସେମାନେ ମଧ୍ୟ ଲକ୍ଷାର୍ଚ୍ଚନାରେ ଭାଗ ନେଇ ସେମାନଙ୍କର ଏକାଗ୍ରତା ବୃଦ୍ଧି ପାଇବା ଲକ୍ଷ୍ୟ କରିଛନ୍ତି । ବହୁ ଭକ୍ତ ପ୍ରଶାନ୍ତି ନିଳୟମ୍ ଯାଇଛନ୍ତି, ବାବାଙ୍କର ଦର୍ଶନ ପାଇଛନ୍ତି ଏବଂ ଫେରି ଆସି ସ୍ୱୀକାର କରିଛନ୍ତି ଯେ 'ବାବା ହେଉଛନ୍ତି ଭଗବାନ' ।

ଯୁକ୍ତରାଜ୍ୟରେ ଲକ୍ଷାର୍ଚ୍ଚନା ବହୁଳ ଭାବରେ ଲୋକପ୍ରିୟ ହୋଇଥିଲା ଏବଂ ସମଗ୍ର ଯୁକ୍ତରାଜ୍ୟରେ ଏହି କାର୍ଯ୍ୟକ୍ରମ ଚତୁର୍ଦ୍ଦିଗକୁ ବ୍ୟାପିଯାଇଥିଲା । ୨୦୦୩ ମସିହା ଜୁଲାଇ ସୁଦ୍ଧା ୮୪୦ଟି ଲକ୍ଷାର୍ଚ୍ଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇପାରିଥିଲା । ଏହି ସଂଖ୍ୟା ବହୁ ଭକ୍ତଙ୍କର ବ୍ୟକ୍ତିଗତ ଉଦ୍ୟମରେ ଏବଂ ସାଇ କେନ୍ଦ୍ରମାନଙ୍କରେ ବୃଦ୍ଧି ପାଇବାରେ ଲାଗିଛି । କୋଭେଣ୍ଟ୍ରିର ଭକ୍ତମାନେ ଶହେଟି ଲକ୍ଷାର୍ଚ୍ଚନା କରିବା ପାଇଁ ସ୍ଥିର କରିଥିଲେ । ଅର୍ଥାତ୍ ୧୦୦ × ୧୦୦,୦୦୦ = ୧୦୦,୦୦୦,୦୦ (ଦଶ ମିଲିୟନ) ଥର ମନ୍ତ୍ର ଉଚ୍ଚାରଣ କରି ଅକ୍ଷତ ଅର୍ପଣ କରିବା ପାଇଁ ସ୍ଥିର କରିଥିଲେ । ଏହି ଶତଲକ୍ଷାର୍ଚ୍ଚନା ସେମାନେ ସଫଳତାର ସହିତ କରିପାରିଥିଲେ । ଏହା କୋଭେଣ୍ଟ୍ରିର କୃଷ୍ଣ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା ଏବଂ ପରମପ୍ରିୟ ସ୍ୱାମୀଙ୍କର କୃପାରୁ ତିନି ସପ୍ତାହ ମଧ୍ୟରେ ଶେଷ ହୋଇଥିଲା । ଏହି ଘଟଣା 'ସନାତନ ସାରଥି'ରେ ଏକ ସମ୍ବାଦ ଆକାରରେ ପ୍ରକାଶ ପାଇଥିଲା । ଏହାର ଅଗ୍ରଲେଖା ଥିଲା ''କୋଭେଣ୍ଟ୍ରିର ଭକ୍ତମାନଙ୍କର ନୂତନ କୃତିତ୍ୱ'' ।

ଯଜ୍ଞ

ପରମପ୍ରିୟ ସ୍ୱାମୀ ଦଶହରା ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ହେଉଥିବା ଯଜ୍ଞ କଥା ଅଧ୍ୟାୟ-୬ରେ ବର୍ଣ୍ଣନା କରାଯାଇଛି । ଭଗବାନଙ୍କୁ ଆରାଧନା କରିବା ପାଇଁ ଯଜ୍ଞ ଉପରେ ଭଗବାନ ବାବା ଗୁରୁତ୍ୱ ଦେଇଥାନ୍ତି । ଜୋରାଷ୍ଟ୍ରିଆନ୍‌ମାନଙ୍କ ପାଇଁ ଅଗ୍ନି ପବିତ୍ରତାର ସଂକେତ । ଏଥିରେ ସମଗ୍ର ବିଶ୍ୱକୁ ବିଶୁଦ୍ଧ ବା ପବିତ୍ର କରିବାର ମହାଜାଗତିକ ଶକ୍ତି ରହିଛି । ଅଗ୍ନିର ଉତ୍ସ ହେଉଛନ୍ତି ସୂର୍ଯ୍ୟ । ଅଗ୍ନି ସର୍ବବ୍ୟାପୀ ଏବଂ ବଞ୍ଚିବା ପାଇଁ ଅପରିହାର୍ଯ୍ୟ ।

ଯଜ୍ଞରେ ଘୃତ ଏବଂ ସ୍ୱତନ୍ତ୍ର ମୂଲ୍ୟବାନ ପଦାର୍ଥ ଆହୂତି ଦିଆଯାଏ । ଅଗ୍ନି ପ୍ରଜ୍ୱଳନ ପୂର୍ବରୁ ସମୂହ ଭାବରେ ଏକ ସ୍ୱତନ୍ତ୍ର ପ୍ରାର୍ଥନା କରାଯାଇଥାଏ । ଏଥିରେ କୁହାଯାଏ ''ହେ ଭଗବାନ, ଆପଣ ସର୍ବବ୍ୟାପୀ, ସର୍ବଶକ୍ତିମାନ ଓ ସର୍ବଜ୍ଞାତା । ଆପଣ ବେଦ ପୁରୁଷ, ବ୍ରହ୍ମପୁରୁଷ ଓ ଅଗ୍ନିପୁରୁଷ । ଆମେ ଆପଣଙ୍କୁ ନିଷ୍ଠାପର ଭାବରେ ଆନ୍ତରିକତାର ସହିତ ପ୍ରାର୍ଥନା କରୁଛୁ । ଆପଣ ଆମକୁ ଅଗ୍ନିପୁରୁଷ ରୂପେ ଦର୍ଶନ ଦେଇ ଆମର ଆହୂତି ଗ୍ରହଣ କରନ୍ତୁ ଏବଂ ସମସ୍ତଙ୍କ ଉପରେ ଆପଣଙ୍କ ଦିବ୍ୟ କୃପା ବୃଷ୍ଟି କରନ୍ତୁ ।''

ତା ପରେ ସ୍ୱତନ୍ତ୍ର ଭାବରେ ନିର୍ମିତ ଯଜ୍ଞକୁଣ୍ଡରେ ଅଗ୍ନି ସଂଯୋଗ କରାଯାଏ । ଏହାପରେ ଅଗ୍ନି ମଧ୍ୟରେ ଘୃତ ଅର୍ପଣ କରାଯାଏ ଏବଂ ଶେଷ ଏକ ବୁନ୍ଦା ଘୃତ କୁଣ୍ଡ ନିକଟରେ ଅବସ୍ଥାପିତ ଜଳପାତ୍ରରେ ଅର୍ପଣ କରାଯାଏ । ଏହି ଏକବୁନ୍ଦା ଘୃତ ବାସ୍ତବରେ ପ୍ରକୃତିକୁ ଅର୍ପଣ କରାଯାଏ । ଅନ୍ୟାନ୍ୟ ଦ୍ରବ୍ୟ ସହିତ ଅକ୍ଷତ ମଧ୍ୟ ଅଗ୍ନିରେ ଉତ୍ସର୍ଗ କରାଯାଇଥାଏ । ଏହି ସମୟରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଏବଂ ଅନ୍ୟାନ୍ୟ ଦେବଦେବୀଙ୍କର ଅଷ୍ଟୋତ୍ତରଶତ (୧୦୮) ନାମାବଳୀ ସ୍ମରଣ କରି ମନ୍ତ୍ର ଉଚ୍ଚାରଣ କରାଯାଏ । ଅନେକ ସମୟରେ ସ୍ୱାମୀ ଅଲୌକିକତା ପ୍ରଦର୍ଶନ ଭଳି କୃପା ପ୍ରଦାନ କରିଥାନ୍ତି । ପ୍ରତ୍ୟେକ ମନ୍ତ୍ର ଶେଷରେ 'ସ୍ୱାହା' ବୋଲି ଉଚ୍ଚାରଣ କରନ୍ତି କାରଣ ଏହାର ଅର୍ଥ ହେଲା "ହେ ଭଗବାନ, ଏହା ଆପଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଗଲା ।"

ପରମପ୍ରିୟ ସ୍ୱାମୀ ଏ ସମ୍ପର୍କରେ କହିଛନ୍ତି "ଯଜ୍ଞର ଅନ୍ତରାର୍ଥ ହେଲା ତ୍ୟାଗ ବା ଉତ୍ସର୍ଗ । ଏହି ତ୍ୟାଗ ବା ଉତ୍ସର୍ଗ କାହା ପାଇଁ କରାଯାଇଥାଏ ? ପ୍ରକୃତରେ ଏହି ତ୍ୟାଗ ବା ଉତ୍ସର୍ଗ ଭଗବାନଙ୍କ ଉଦ୍ଦେଶ୍ୟରେ କରାଯାଏ । ହେ ପ୍ରଭୁ, ଆପଣ ମୋତେ ଯେଉଁ ହୃଦୟ ପ୍ରଦାନ କରିଛନ୍ତି ତାହାକୁ ମୁଁ ଆପଣଙ୍କୁ ପ୍ରତ୍ୟାର୍ପଣ କରୁଅଛି । ଏହା ହିଁ ତ୍ୟାଗ ବା ଉତ୍ସର୍ଗର ମୂଳ ତତ୍ତ୍ୱ ।"

ଯଜ୍ଞ ଶେଷରେ ଆରତୀ ଅର୍ପଣ କରାଯାଏ ଏବଂ ଆମେ ସବୁ ନିମ୍ନମତେ ପ୍ରାର୍ଥନା କରିଥାଉ । "ହେ ପ୍ରଭୁ, ଆମେ ଆପଣଙ୍କୁ ଧନ୍ୟବାଦ ଜଣାଉଛୁ । କାରଣ ଆପଣ ଅଗ୍ନି ରୂପରେ ଆପଣଙ୍କ ଦିବ୍ୟ ଦର୍ଶନ ଆମ୍ଭମାନଙ୍କୁ ପ୍ରଦାନ କରିଛନ୍ତି ଏବଂ ଆମେ ଆହୂତି ଦେଇଥିବା ଘୃତ ଓ ଅନ୍ୟାନ୍ୟ ସ୍ୱତନ୍ତ୍ର ପଦାର୍ଥ ଗ୍ରହଣ କରିଛନ୍ତି । ଆମ ଭୁଲ୍ ପାଇଁ ଦୟାକରି କ୍ଷମା କରନ୍ତୁ । ଆମେ ପ୍ରାର୍ଥନା କରୁଛୁ ଆପଣ ପ୍ରତ୍ୟହ ଆସନ୍ତୁ ଏବଂ ଆପଣଙ୍କର ଦିବ୍ୟଦର୍ଶନ ଓ କୃପା ପ୍ରଦାନ କରନ୍ତୁ ।" ତା ପରେ ଯଜ୍ଞକୁଣ୍ଡକୁ ଟିକେ ଠେଲି ଦିଆଯାଏ । ଏହାଦ୍ୱାରା ସ୍ଥାନ ତ୍ୟାଗ କରି ସ୍ୱସ୍ଥାନକୁ ଯିବା ପାଇଁ ଅନୁମତି ପ୍ରାର୍ଥନା କରାଯାଏ । ଆମ ରୋଷେଇ ଘରକୁ ଯିବା ପାଇଁ ମଧ୍ୟ ଆମେ ପୁଣି ପ୍ରାର୍ଥନା କରିଥାଉ । କାରଣ ଏଠାରେ ଖାଦ୍ୟ ରନ୍ଧାଯାଏ । ରନ୍ଧନ କାର୍ଯ୍ୟ ପାଇଁ ଅଗ୍ନିଙ୍କର ଦିବ୍ୟ ଉପସ୍ଥିତି ଅପରିହାର୍ଯ୍ୟ ।

ଅଗ୍ନିପୁରୁଷ ରୂପେ ଯଜ୍ଞରେ ଉପସ୍ଥିତ ଥିବା ଭଗବାନଙ୍କ ସମ୍ମୁଖରେ ନିଜର କୁ-ଅଭ୍ୟାସ ତ୍ୟାଗ କରିବା ପାଇଁ ଏବଂ ନିଜକୁ ପବିତ୍ର କରିବା ପାଇଁ ସଂକଳ୍ପ କରିବାକୁ ଭଗବାନ ସତ୍ୟସାଇ ବାବା ଆମକୁ ଶିକ୍ଷା ଦେଇଥାନ୍ତି । ଯଜ୍ଞ ଅନୁଷ୍ଠାନ କରିବା ସମୟରେ ପରମପ୍ରିୟ ସ୍ୱାମୀ ତାଙ୍କର ଦିବ୍ୟକୃପା ପ୍ରଦାନ କରିଥାନ୍ତି । ଏହି ଅନୁଭୂତିଗୁଡ଼ିକ ଅନ୍ୟ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି । ସମସ୍ତଙ୍କ ଉପରେ ଭଗବାନ କୃପା ବାରି ବୃଷ୍ଟି କରନ୍ତୁ ।

□□

ଅଧ୍ୟାୟ - ୩୮

ଅଧିକ ସାଇ ସ୍ମରଣ ସାଧନା

ଲକ୍ଷାର୍ଚ୍ଚନା ଓ ଯଜ୍ଞ ବ୍ୟତୀତ ସାତଦିନ ଧରି 'ଶ୍ରୀ ସାଇ ସତ୍ ଚରିତ' ପାରାୟଣ (ପଠନ) ସପ୍ତାହ ପାଳନ କରିବା ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସାଧନା ବୋଲି ସର୍ବତ୍ର ଭକ୍ତମାନେ ବିଚାର କରନ୍ତି । ଏହି ପବିତ୍ର ଗ୍ରନ୍ଥରେ ଶିରିଡ଼ି ସାଇ ବାବା (ସତ୍ୟସାଇ ବାବାଙ୍କ ପୂର୍ବ ଅବତାର)ଙ୍କର ଜୀବନୀ ଓ ଉପଦେଶ ଆଲୋଚିତ ହୋଇଛି ।

ଶିରିଡ଼ି ସାଇବାବାଙ୍କ ସଂକଳ୍ପ ଓ ପ୍ରତିଶ୍ରୁତି

୧. ଯେ କେହି ଶିରିଡ଼ି ମାଟିରେ ପାଦ ଦିଏ ତାର ସବୁ ଦୁଃଖ କଷ୍ଟ ଦୂର ହୋଇଥାଏ ।

୨. ଦ୍ୱାରକାମାୟୀ (ଶିରିଡ଼ି ସାଇ ବାବାଙ୍କ ଦ୍ୱାରା ଏକ ମସ୍‌ଜିଦ୍‌ର ନାମକରଣ)ର ପାହାଚ ଉପରେ ଚଢ଼ିବା ମାତ୍ରେ ପ୍ରତ୍ୟେକଙ୍କର ବିନାଶମୁଖୀ ଓ ଦୟନୀୟ ଅବସ୍ଥା ସୁଖ ଓ ଆନନ୍ଦରେ ପରିଣତ ହୁଏ ।

୩. ମୁଁ ଏହି ମର ଶରୀର ତ୍ୟାଗ କରିବା ପରେ ଅଧିକ ସକ୍ରିୟ ଓ ଶକ୍ତିଶାଳୀ ହେବି ।

୪. ମୋ ସମାଧି ମୋ ଭକ୍ତମାନଙ୍କୁ ଆଶୀର୍ବାଦ କରିବ ଏବଂ ସେମାନଙ୍କର ଆବଶ୍ୟକତାର ଯତ୍ନ ନେବ ।

୫. ସମାଧି ଭିତରୁ ମୁଁ କ୍ରିୟାଶୀଳ ଓ ଶକ୍ତିଶାଳୀ ହେବି ।

୬. ମୋର ମର ଶରୀରର ଅବଶେଷ ମୋ ସମାଧି ଭିତରୁ କଥା କହିବ ।

୭. ଯେ ମୋ ପାଖକୁ ଆସେ, ଆତ୍ମସମର୍ପଣ କରେ ଏବଂ ମୋଠାରେ ଶରଣ ନିଏ ସେମାନଙ୍କୁ ସବୁବେଳେ ମୁଁ ସାହାଯ୍ୟ କରିବାକୁ ଓ ଦିଗ୍‌ଦର୍ଶନ ଦେବାକୁ ପ୍ରସ୍ତୁତ ଅଛି ।

୮. ତୁମେ ମୋତେ ଚାହିଁଲେ ମୁଁ ତୁମକୁ ଚାହିଁବି ।

୯. ତୁମେ ଯଦି ତୁମର ବୋଝ (ଦାୟିତ୍ୱ) ମୋ ଉପରେ ଲଦି ଦିଅ ତେବେ ମୁଁ ତାହା ବହନ କରିବି ।

୧୦. ଯଦି ତୁମେ ମୋର ସାହାଯ୍ୟ ଓ ଉପଦେଶ ଦରକାର କର ତେବେ ତତ୍‌କ୍ଷଣାତ୍ ମୁଁ ତାହା ପ୍ରଦାନ କରିବି ।

୧୧. ମୋ ଭକ୍ତ ଘରେ କିଛି ଅଭାବ ରହିବ ନାହିଁ ।

ଶ୍ରୀ ସାଇ ସତ୍‌ଚରିତ

'ଶ୍ରୀ ସାଇ ସତ୍‌ଚରିତ' ହେଉଛି ଇଂରାଜୀରେ ଶ୍ରୀ ଏନ. ଭି. ଗୁଣାଜୀଙ୍କ ଦ୍ୱାରା ଲିଖିତ ଶିରିଡ଼ି ସାଇ ବାବାଙ୍କର ଅଲୌକିକ ଜୀବନୀ ଓ ଉପଦେଶ ସମ୍ବଳିତ ଏକ ସଂକଳନ । ଏହା ଶ୍ରୀ ହେମଦ୍ ପନ୍ତଙ୍କ ଦ୍ୱାରା ମରାଠି ଭାଷାରେ ଲିଖିତ ମୂଳ ରଚନାର ଇଂରାଜୀ ଅନୁବାଦ । ଏଥିରେ ପଚାଶଟି ଅଧ୍ୟାୟ ରହିଛି ଏବଂ ହିନ୍ଦି, ଗୁଜୁରାଟି ଇତ୍ୟାଦି ଭାରତୀୟ ଭାଷାରେ ମଧ୍ୟ ଅନୁବାଦିତ ହୋଇଛି । ଉପସଂହାରରେ ପ୍ରକାଶିତ 'ଫଳଶ୍ରୁତି' ଶୀର୍ଷକରେ କୁହାଯାଇଛି–

"ତୁମେମାନେ ସତ୍‌ଚରିତ ପଢ଼ିବା ବା ଶୁଣିବା ଉଚିତ । ଏହାଦ୍ୱାରା ତୁମର ସମସ୍ତ ତ୍ରିସ୍ତରୀୟ ଦୁଃଖ ଯନ୍ତ୍ରଣା ଲାଘବ ହେବ । ସାଧାରଣ ଭାବରେ ସାଇଙ୍କ ଲୀଳା କାହାଣୀ ଚିନ୍ତା କଲେ ଅଜାଣତରେ ମଧ୍ୟ ତୁମର ଆଧ୍ୟାତ୍ମିକତା ପ୍ରତି ଆଗ୍ରହ ପ୍ରକାଶ ପାଇବ ଏବଂ ତୁମେ ଯଦି ପ୍ରେମର ସହିତ ନିୟମିତ ସାଇ ସତ୍‌ଚରିତ ପାଠ କରି ଚାଲିବ ତେବେ ତୁମର ସମସ୍ତ ପାପ ନଷ୍ଟ ହୋଇଯିବ । ଯଦି ତୁମେ ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତି ଚାହୁଁଥାଅ, ତେବେ ସାଇଙ୍କ ଲୀଳା କାହାଣୀ ପଢ଼ ଏବଂ ସର୍ବଦା ତାଙ୍କୁ ସ୍ମରଣ କରିବା ସହିତ ତାଙ୍କ ପାଦପଦ୍ମରେ ନିଜକୁ ହଜାଇ ଦିଅ । ଯଦି ସାଇ କଥାସାଗରରେ ନିମଗ୍ନ ହୁଅ ଏବଂ ତାଙ୍କ କଥା ଅନ୍ୟମାନଙ୍କୁ ଶୁଣାଅ ତେବେ ସେଥିରୁ ଏକ ନୂତନ ସୁରଭି ଆଘ୍ରାଣ କରିବ ଓ ଶ୍ରୋତାମାନଙ୍କୁ ଭବିଷ୍ୟତରେ ଦୁଃଖ ଦୈନ୍ୟରୁ ଉଦ୍ଧାର କରିବ । ଯଦି ତୁମେ ସାଇଙ୍କ ରୂପକୁ ଧ୍ୟାନ କରିବ ତେବେ ଏହା ସମୟ କ୍ରମେ ଅଦୃଶ୍ୟ ହୋଇ ତୁମକୁ ଆତ୍ମୋପଲବ୍ଧି ଆଡ଼କୁ ଟାଣି ନେବ । ନିଜର ଆତ୍ମା ବା ବ୍ରହ୍ମକୁ ଜାଣିବା ବା ଅନୁଭବ କରିବା ଅତ୍ୟନ୍ତ କଷ୍ଟକର । କିନ୍ତୁ ଯଦି ତୁମେ ସଗୁଣ ବ୍ରହ୍ମ (ସାଇ ରୂପ) ମାଧ୍ୟମରେ ଉଦ୍ୟମ କରିବ ତେବେ ଆତ୍ମୋପଲବ୍ଧି ସହଜସାଧ୍ୟ ହେବ । ଯଦି ଜଣେ ଭକ୍ତ ସମ୍ପୂର୍ଣ୍ଣ ରୂପେ ଆତ୍ମସମର୍ପଣ କରେ ତେବେ ସେ ତାର ବ୍ୟକ୍ତିସତ୍ତା ହରାଇ ବସିବ ଏବଂ ତାଙ୍କ ମଧ୍ୟରେ ଲୀନ ହୋଇ ଏକାକାର ହୋଇଯିବ ଯେପରି ନଦୀ ସମୁଦ୍ର ଭିତରେ ମିଶିଯାଏ । ଯଦି ତୁମେ ଏହିଭଳି ତାଙ୍କ ସହିତ ତିନୋଟି ଅବସ୍ଥାରେ (ଯଥା ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି) ମିଶିଯାଅ ତେବେ ତୁମେ ସଂସାର ବନ୍ଧନରୁ ମୁକ୍ତ ହୋଇଯିବ ।"

"ଯଦି କେହି ସ୍ନାନ କରିବା ପରେ ପ୍ରେମ ଓ ବିଶ୍ୱାସର ସହିତ ଏହି ଧର୍ମଗ୍ରନ୍ଥ ପାଠ କରେ ଏବଂ ସପ୍ତାହକ ମଧ୍ୟରେ ଶେଷ କରେ ତାର ସମସ୍ତ ଦୈବ ଦୁର୍ବିପାକ ଦୂର ହୋଇଥାଏ । ଯଦି ଜଣେ ଏହାକୁ ନିୟମିତ ପାଠ କରେ କିମ୍ବା ଶୁଣେ ତାର ଅନ୍ୟ ବିପଦ ମଧ୍ୟ ଦୂର ହୁଏ । ଯେଉଁମାନେ ଏପରି କରନ୍ତି ସେମାନେ ନିଜର ବିଶ୍ୱାସ ଓ ଭକ୍ତି ଅନୁସାରେ ଭଗବାନଙ୍କ ଦ୍ୱାରା ପୁରସ୍କୃତ ହୁଅନ୍ତି ।"

'ଶ୍ରୀସାଇ ସଦ୍‌ଚରିତ'ର ମହତ୍ୱ ବୁଝିବା ପରେ ରତିଲାଲ ଜୋବାଁଙ୍କ ପୁତ୍ର ହୃଦୟର ପବିତ୍ର ଭାବ ନେଇ ୫୦୦ ଖଣ୍ଡ ପୁସ୍ତକ ବିନା ମୂଲ୍ୟରେ ଭକ୍ତମାନଙ୍କ ମଧ୍ୟରେ ବିତରଣ କରିଥିଲେ । ତାଙ୍କର ଧାରଣା ହୋଇଥିଲା ଯେ ସେମାନେ ନିଜ ନିଜର ବିଶ୍ୱାସ ଅନୁସାରେ ଏହି ପୁସ୍ତକ ପଢ଼ି ବା ଶୁଣି ଉପକୃତ ହେବେ । ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ ପ୍ରତିଶ୍ରୁତି ଦେଇଛନ୍ତି ''ତୁମର ଭକ୍ତି ମାଧ୍ୟମରେ ମୁଁ ତୁମକୁ ରକ୍ଷା କରିବି ।'' ଆଜି ସୁଦ୍ଧା ହଜାର ହଜାର ଭକ୍ତ ଏହି ପବିତ୍ର ଧର୍ମଗ୍ରନ୍ଥ 'ଶ୍ରୀ ସାଇ ସତ୍‌ଚରିତ' ପଢ଼ି ବା ଶୁଣି ଉପକୃତ ହେବା କଥା ସ୍ୱୀକାର କରିଛନ୍ତି । ବହୁ ଭକ୍ତଙ୍କର ପ୍ରାର୍ଥନା, ମାନସିକ ବା କାମନା ପୂର୍ତ୍ତି ହୋଇଥିବାର ଦୃଷ୍ଟାନ୍ତ ମଧ୍ୟ ରହିଛି ।

ଆନ୍ତରିକ ଭକ୍ତି ସହିତ ଏଭଳି ପାରାୟଣ ଯେଉଁଠାରେ ହୋଇଥାଏ ସେଠାରେ ସର୍ବବିଦ୍ୟମାନ ସ୍ୱାମୀଙ୍କର ଉପସ୍ଥିତି ବିଭୂତି, କୁଙ୍କୁମ, ଚନ୍ଦନ କାଠର ଗୁଣ୍ଡ ବା ଅମୃତ ଇତ୍ୟାଦି ସୃଷ୍ଟି ହେବା ଦ୍ୱାରା ଅନୁଭୂତ ହୋଇଥାଏ ।

ଥୋମାସମାନଙ୍କ ସନ୍ଦେହ

ଇଂଲଣ୍ଡର ମାଞ୍ଚେଷ୍ଟରଠାରେ ଜୟରାମ ଭାଇ ଏବଂ କୁସୁମବେନଙ୍କ ବାସଗୃହ ଅବସ୍ଥିତ ଏବଂ ଏଠାରେ ଏକ ସାଇ କେନ୍ଦ୍ର ପ୍ରତିଷ୍ଠିତ । ଥରେ ବାବାଙ୍କ କୃପାରୁ ପୂଜା ଘରେ ଥିବା ମୂର୍ତ୍ତି ଓ ଫଟୋମାନଙ୍କରୁ ପ୍ରଚୁର ବିଭୂତି ଝରିବାକୁ ଲାଗିଲା । ଏହି ପ୍ରକ୍ରିୟା ବହୁ ଭକ୍ତ ଓ ଭକ୍ତି ନ ଥିବା ବହୁ ଲୋକଙ୍କୁ ଆକର୍ଷିତ କରୁଥିଲା । ସେମାନେ ଏହି ଅଲୌକିକ ଘଟଣାକୁ ନିଜେ ସ୍ୱଚକ୍ଷୁରେ ଦେଖିବାକୁ ସେଠାକୁ ଯାଉଥିଲେ ।

ଏହି ଦର୍ଶକମାନଙ୍କ ମଧ୍ୟରୁ ଲଣ୍ଡନରୁ ଆସିଥିବା ପାଞ୍ଚଜଣ ଥୋମାସ୍‌ଙ୍କ ମନରେ ସନ୍ଦେହ ରହିଥିଲା । ସେମାନେ ଏହି ଅଲୌକିକ ଘଟଣା ଦେଖି ଫେରିବା ସମୟରେ ସନ୍ଦେହ ପ୍ରକାଶ କରି ନିଜ ନିଜ ଭିତରେ ଆଲୋଚନା କରୁଥିଲେ । ଏସବୁ ଏକ ପ୍ରତାରଣାପୂର୍ଣ୍ଣ କାର୍ଯ୍ୟ ଏବଂ ଜାଣି ଜାଣି ସବୁଆଡ଼େ ବିଭୁତି ସିଞ୍ଚି ଦିଆଯାଇଛି ବୋଲି ସେମାନେ ସନ୍ଦେହ କରୁଥିଲେ । ସେମାନଙ୍କ କଥୋପକଥନକୁ 'ଏହି ଦାସ' ଶୁଣିପାରିଥିଲା ।

ଜଳଯୋଗ ସମୟରେ ହଠାତ୍ ଲକ୍ଷ୍ୟ କରାଗଲା ଯେ ଆମେ ବସିଥିବା ସ୍ଥାନର ସମ୍ମୁଖ କାନ୍ଥରେ ଟଙ୍ଗା ଯାଇଥିବା ଭଗବାନ ଶିବଙ୍କ ଫଟୋରୁ ସଦ୍ୟ ସୃଷ୍ଟି ବିଭୂତି ଝରି ତଳେ ପଡୁଛି । ଏହା ସମସ୍ତେ ସ୍ୱଚକ୍ଷୁରେ ଦେଖୁଥିଲେ । ସନ୍ଦେହୀ ଥୋମାସ୍‌ମାନେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସେମାନଙ୍କର ସନ୍ଦେହ ଦୂର ହୋଇଯାଇଥିଲା ଏବଂ ସେମାନଙ୍କ ଆଖିରୁ ଆନନ୍ଦାଶ୍ରୁ ଝରି ଆସିଥିଲା । ସ୍ୱାମୀଙ୍କର ସର୍ବବିଦ୍ୟମାନତା ଏବଂ ସୃଷ୍ଟି କରିବାର ଶକ୍ତିକୁ ସମାଲୋଚନା କରିଥିବାରୁ ସେମାନେ ଅନୁତାପ କରିଥିଲେ । 'ଏହି ଦାସ' ସେତେବେଳେ ସେଠାରେ ଉପସ୍ଥିତ ରହି ଖୁସି ହୋଇଥିଲା ଏବଂ ସ୍ୱାମୀ

ନିଜର ସର୍ବବିଦ୍ୟମାନତାର ପ୍ରମାଣ ଦେଇଥିବାରୁ ତାଙ୍କୁ ମନେ ମନେ ଧନ୍ୟବାଦ ଦେଇଥିଲା । ଯେଉଁମାନେ ସନ୍ଦେହ ପ୍ରକାଶ କରୁଥିଲେ ସେମାନଙ୍କ ପାଇଁ ଏହା ଏକ ଶିକ୍ଷା ଥିଲା ।

ଶ୍ରୀ ସାଇ ସତ୍‌ଚରିତ ସପ୍ତାହର ପ୍ରଥମ ଶ୍ରୁତି-ଅଭିଲେଖ (ଅଡ଼ିଓ ରେକର୍ଡ଼ିଂ)

ରାମଭାଇ ପଟେଲ ଓ ତାଙ୍କ ପତ୍ନୀ ଲକ୍ଷ୍ମୀ ବେନ ନିଷ୍ଠାପର ସାଇଭକ୍ତ ଥିଲେ ଏବଂ ସେମାନଙ୍କର ଜୟରାମ ଭାଇ ଓ ତାଙ୍କ ପରିବାର ସହିତ ଘନିଷ୍ଠ ସମ୍ପର୍କ ଥିଲା । ସେ ଦୁହେଁ ସାତଦିନ (ଏକ ସପ୍ତାହ) ଧରି ଗୁଜୁରାଟି ଭାଷାରେ ଲିଖିତ ଶ୍ରୀ ସାଇସତ୍‌ଚରିତ ପାରାୟଣ ପାଇଁ 'ଏହି ଦାସ'କୁ ଅନୁରୋଧ କରିଥିଲେ । ଏହା ମାଞ୍ଚେଷ୍ଟରରେ ଥିବା ତାଙ୍କ ବାସଭବନରେ ୧୯୮୨ ମସିହା ଜୁନ୍ ମାସ ୨୯ ତାରିଖଠାରୁ ଜୁଲାଇ ମାସ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ।

ପ୍ରଥମ ଦିନ ସୁନିଲ ସାହା ନାମକ ଜଣେ ସାଇ ଭକ୍ତ ଓ ଷ୍ଟକ୍‌ପୋର୍ଟର ଜଣେ ଭେଷଜ ପ୍ରସ୍ତୁତକାରୀ (ଫାର୍ମାସିଷ୍ଟ) ଗୋଟିଏ ଟେପ୍‌ରେକର୍ଡ଼ର ଧରି ପାରାୟଣ ଆରମ୍ଭ ହେବାର ଠିକ୍ ପୂର୍ବରୁ ଆସି ପହଞ୍ଚିଗଲେ ଏବଂ ପାରାୟଣକୁ ଆମୂଳଚୂଳ ରେକର୍ଡ଼ିଂ କରିବାରେ ଲାଗିଲେ । ସମ୍ପୂର୍ଣ୍ଣ ରେକର୍ଡ଼ିଂ ପାଇଁ କୋଡ଼ିଏଟି କ୍ୟାସେଟ୍ ଆବଶ୍ୟକ ହୋଇଥିଲା । ଏହି କ୍ୟାସେଟ୍‌ଗୁଡ଼ିକ କେବଳ ଯୁକ୍ତରାଜ୍ୟରେ ନୁହେଁ ପୃଥିବୀର ସବୁ ଅଞ୍ଚଳରେ ରହୁଥିବା ଗୁଜୁରାଟି ଭାଷାଭାଷୀ ଭକ୍ତମାନଙ୍କ ମଧ୍ୟରେ ଲୋକପ୍ରିୟତା ଅର୍ଜନ କରିଥିଲା । ଏହା ନିଶ୍ଚୟ ସାଇଙ୍କ କୃପାରୁ ସମ୍ଭବ ହୋଇଥିଲା କାରଣ ଏଭଳି ରେକର୍ଡ଼ିଂ ପାଇଁ ଆଦୌ ଯୋଜନା ନ ଥିଲା ।

ମହିମା

ପରମପ୍ରିୟ ସ୍ୱାମୀଙ୍କର ମହିମା କ୍ରମେ ବୃଦ୍ଧି ପାଇବାରେ ଲାଗିଲା । ମହିମାମୟ ବହୁ ଘଟଣା ନାରଣଭାଇ ପଟେଲ ଏବଂ ଉଲଭରହାମ୍ପଟନ୍‌ରେ ରହୁଥିବା ତାଙ୍କ ପୁତ୍ର ରମଣ ଭାଇ ପଟେଲଙ୍କ ବାସଭବନରେ ସଂଘଟିତ ହୋଇଥିଲା । ସମଗ୍ର ଯୁକ୍ତରାଜ୍ୟର ବିଭିନ୍ନ ସ୍ଥାନରୁ ଭକ୍ତମାନେ ଏହି ମହିମାଗୁଡ଼ିକୁ ଦେଖିବାକୁ ଆସିଥିଲେ ।

ଲେସେଷ୍ଟରର ବସନ୍ତଭାଇ ଦର୍ଜିଙ୍କ ପୂଜାଘର କାନ୍ଥରୁ ବିଭୂତି ଓ ତୈଳ ସୃଷ୍ଟି ହୋଇ ଝରୁଥିଲା । ତାଙ୍କ ପୁତ୍ର ଧୀରୁର ମସ୍ତକରୁ ମଧ୍ୟ ଏହି ତୈଳ ସୃଷ୍ଟି ହୋଇ ତାଙ୍କର ସମଗ୍ର ଶରୀରକୁ ତୈଳସ୍ନାନ କରାଉଥିଲା । ଏହି ତୈଳ କିଛି ସଂଗ୍ରହ କରାଯାଇ ଅଲିଭ୍ ତେଲ ସହିତ ବୋତଲରେ ରଖାଯାଇଥିଲା । ଏହି ମିଶ୍ରିତ ତୈଳକୁ ମାଲିସ କରି ବହୁ ଭକ୍ତ ଆଣ୍ଠୁଗଣ୍ଠି ବାତ ଜନିତ ଯନ୍ତ୍ରଣାରୁ ରକ୍ଷା ପାଇଥିଲେ ।

ଲେସେଷ୍ଟରର ଓଅଡ଼ବାଏଠାରେ ଅବସ୍ଥିତ ଶ୍ରୀମତୀ ମାଳତୀ ବେନ ପଟେଲଙ୍କ ବାସଭବନରେ ବିଭୂତି ଓ କୁଙ୍କୁମ ସୃଷ୍ଟି ହେଉଥିବାର ବହୁ ଭକ୍ତ ନିଜ ଆଖିରେ ଦେଖିଛନ୍ତି ।

ଏବେ ମଧ୍ୟ ବେଳେବେଳେ ଏହି ବିଭୂତି ଓ କୁଙ୍କୁମ ସୃଷ୍ଟି ହେବାରେ ଲାଗିଛି । ବହୁ ଭକ୍ତ ତାଙ୍କ ଘରକୁ ଆସି ବିଭୂତି ପ୍ରସାଦ ନେଇଥାନ୍ତି ଏବଂ ଏହା ସେମାନଙ୍କର ବହୁ ଉପକାର ସାଧନ କରିଥାଏ । ବହୁ ରୋଗୀ ମଧ୍ୟ ଏହି ପ୍ରସାଦ ସେବନ କରି ଆରୋଗ୍ୟ ଲାଭ କରିଛନ୍ତି ।

ଲଣ୍ଡନ ନିକଟବର୍ତ୍ତୀ ଦକ୍ଷିଣ ହ୍ୟାରୋରେ ଅବସ୍ଥିତ ଜରୀନା ଶଶୀକାନ୍ତଙ୍କ ବାସଭବନରେ ସାତଟି ରଙ୍ଗରେ ସୃଷ୍ଟି ହେଉଥିବା ବିଭୂତିର ଦିବ୍ୟଦର୍ଶନ ପାଇଁ ଭକ୍ତମାନେ ତାଙ୍କ ବାସଭବନକୁ ଆସୁଥିଲେ । ଏହା ଏକ ଆଶ୍ଚର୍ଯ୍ୟଜନକ ପ୍ରକ୍ରିୟା ଥିଲା । ସ୍ୱାମୀଙ୍କ କୃପାରୁ 'ଏହି ଦାସ' ସମଗ୍ର ପୃଥିବୀରେ ବିଭିନ୍ନ ଭକ୍ତଙ୍କ ଘରେ ଏହିପରି ଅସଂଖ୍ୟ ମହିମା ସଂଦର୍ଶନ କରିବାର ସୁଯୋଗ ପାଇଛି । ଏହି ପୁସ୍ତକରେ ସେସବୁକୁ ବର୍ଣ୍ଣନା କରିବା ସମ୍ଭବ ନୁହେଁ ।

ଶ୍ରୀ ସାଇ ସତ୍‌ଚରିତ ପାରାୟଣ ସପ୍ତାହର ପ୍ରଥମ ଦୃଶ୍ୟ–ଅଭିଲେଖ (ଭିଡ଼ିଓ ରେକର୍ଡ଼ିଂ)

ପରମପ୍ରିୟ ସ୍ୱାମୀ ଥରେ 'ଏହି ଦାସ'ର ସ୍ୱପ୍ନରେ ଆବିର୍ଭୂତ ହୋଇ ପଚାରିଥିଲେ ''ତୁମେ କିପରି ଅଛ ?'' ମୁଁ କହିଥିଲି ''ସ୍ୱାମୀ, ଆପଣଙ୍କ କୃପାରୁ ମୁଁ ଭଲ ଅଛି । କିନ୍ତୁ ମୁଁ ବହି ଲେଖି ପାରି ନାହିଁ ।''

ସଙ୍ଗେ ସଙ୍ଗେ ସେ ଉତ୍ତର ଦେଇଥିଲେ – ''ତୁମେ ଜଣେ ଅଳସୁଆ ଲୋକ । ତୁମ ଅଭିଜ୍ଞତା ସମ୍ବଳିତ ଘଟଣାବଳୀର ଦୃଶ୍ୟ–ଅଭିଲେଖ (ଭିଡ଼ିଓ ରେକର୍ଡ଼ିଂ) ତୁମେ ପ୍ରସ୍ତୁତ କରୁନାହଁ କାହିଁକି ?'' ମୁଁ ଏହି ସ୍ୱପ୍ନ ଘଟଣାଟିକୁ ମୋର ଘନିଷ୍ଠ ସମ୍ପର୍କରେ ଥିବା ଜଣେ ଭକ୍ତ ରାଜୁଭାଇ କୋଟେଚାଙ୍କୁ କହିଥିଲି । ସେ ଜଣେ ବୃତ୍ତିଭିତ୍ତିକ ଭିଡ଼ିଓ ଫଟୋଗ୍ରାଫର ଥିଲେ ଏବଂ ସେ ସ୍ୱେଚ୍ଛାକୃତ ଭାବରେ ତାଙ୍କ ଘରେ ଗୁଜୁରାଟି ଭାଷାରେ ଶ୍ରୀ ସାଇ ସତ୍‌ଚରିତ ପାରାୟଣ ସପ୍ତାହର ଭିଡ଼ିଓ ରେକର୍ଡ଼ିଂ ପାଇଁ ଆଗ୍ରହ ପ୍ରକାଶ କଲେ ।

ଏହି ସାଇ ସତ୍‌ଚରିତ ପାରାୟଣ ସପ୍ତାହ ୧୯୯୨ ମସିହା ମଇମାସ ଏକ ତାରିଖଠାରୁ ସାତ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । 'ଏହି ଦାସ' ଶିରିଡ଼ି ସାଇ ବାବାଙ୍କ ଲୀଳା ସମ୍ବଳିତ ଶ୍ରୀ ସାଇ ସତ୍‌ଚରିତର ପ୍ରତ୍ୟେକ ଅଧ୍ୟାୟ ପାରାୟଣ ଶେଷରେ ଶ୍ରୀ ସତ୍ୟସାଇବାବାଙ୍କ ଅନୁରୂପ ଲୀଳା ଏବଂ ଭକ୍ତମାନଙ୍କର ଅନୁଭୂତି ବର୍ଣ୍ଣନା କରୁଥିଲା । ଏହିପରି ଭାବରେ ସମାନ୍ତର ଭାବରେ ଉଭୟ ଅବତାରଙ୍କ ଲୀଳାର ଏକ ତୁଳନାତ୍ମକ ବିବରଣୀ ଉପସ୍ଥାପନା କରାଯାଉଥିଲା । ଫଳରେ ପ୍ରଥମ ଅବତରଣଠାରୁ ଆରମ୍ଭ କରି ବର୍ତ୍ତମାନର ଦ୍ୱିତୀୟ ଅବତରଣର ନିରବଚ୍ଛିନ୍ନ ଲୀଳା ଏବଂ 'ପ୍ରେମସାଇ' ଭାବରେ

ତୃତୀୟ ଅବତରଣ ଲୀଳା ଓ ସାଇମିଶନର କାର୍ଯ୍ୟଧାରା ସମ୍ପର୍କରେ ଶ୍ରୋତାମାନେ ସ୍ପଷ୍ଟ ସୂଚନା ପାଉଥିଲେ ।

''ପ୍ରେମ, ଆଲୋକ ଓ ଶିକ୍ଷାର ପ୍ରଦୀପ'' – ଏହି ଶୀର୍ଷକରେ ସାଇ ସଦ୍‌ଚରିତ ସପ୍ତାହର ବିବରଣୀ ସମ୍ବଳିତ ଏଗାରଗୋଟି ଭିଡ଼ିଓ କ୍ୟାସେଟ୍ ପ୍ରଯୋଜିତ ହୋଇଥିଲା । ଏଗୁଡ଼ିକ ଅତ୍ୟନ୍ତ ଲୋକପ୍ରିୟ ହୋଇଥିବାର ପ୍ରମାଣ ପରେ ମିଳିଥିଲା । ଅଡ଼ିଓ କ୍ୟାସେଟ୍ ପରି ଏଗୁଡ଼ିକ ମଧ୍ୟ ଧୀରେ ଧୀରେ ପୃଥିବୀର ବିଭିନ୍ନ ସ୍ଥାନରେ ରହୁଥିବା ଗୁଜୁରାଟି ଭକ୍ତମାନଙ୍କ ନିକଟରେ ପହଞ୍ଚି ପାରିଥିଲା । 'ଏହି ଦାସ' ଏଗୁଡ଼ିକର ପ୍ରତିଲିପି ପ୍ରସ୍ତୁତ କରିବା ଏବଂ ବହୁଳ ପ୍ରସାର ପାଇଁ ସମ୍ପୂର୍ଣ୍ଣ ଅନୁମତି ଦେଇଥିଲା । କାରଣ ଏହା ଅର୍ଥ ଉପାର୍ଜନ ପାଇଁ ଉଦ୍ଦିଷ୍ଟ ନ ଥିଲା । ଉଦ୍ଦେଶ୍ୟ ଥିଲା ପରମପ୍ରିୟ ସ୍ୱାମୀଙ୍କର ଦିବ୍ୟ ସନ୍ଦେଶକୁ ପ୍ରତ୍ୟେକ ସ୍ଥାନରେ ପହଞ୍ଚାଇ ଦେବା । ଆମର ମୂଳ ଲକ୍ଷ୍ୟ ଥିଲା ଏହି କ୍ୟାସେଟ୍ ମାଧ୍ୟମରେ ଲୋକମାନେ ''ଭଗବାନଙ୍କ ପିତୃତ୍ୱ ଓ ମଣିଷର ଭ୍ରାତୃତ୍ୱ'' ସମ୍ପର୍କରେ ଠିକ୍ ଭାବରେ ବୁଝିପାରିବେ ଏବଂ ଏହା ବର୍ତ୍ତମାନ ଓ ଭବିଷ୍ୟତ ବଂଶଧରମାନଙ୍କର ଆଧ୍ୟାତ୍ମିକ ରୂପାନ୍ତରଣ, ଜୀବନର ସମ୍ପୂର୍ଣ୍ଣତା ଓ ଆତ୍ମୋପଲବ୍ଧିରେ ସାହାଯ୍ୟ କରିବ ।

କିଛିବର୍ଷ ପରେ ଏହି ସାଇ ସଦ୍‌ଚରିତ ସପ୍ତାହର ଭିଡ଼ିଓ ରେକର୍ଡ଼ିଂର ଇଂରାଜୀ ସଂସ୍କରଣର ଆବଶ୍ୟକତା ଉପଲବ୍ଧ ହେଲା । ଏକ ଦୀର୍ଘ ବିରତି ପରେ 'ଏହି ଦାସ' ପ୍ରଶାନ୍ତି ନିଳୟମ୍ ଯିବାର ସୁଯୋଗ ପାଇଥିଲା ଏବଂ ସାକ୍ଷାତକାର ସମୟରେ ପରମପ୍ରିୟ ସ୍ୱାମୀ ଶିରିଡ଼ି ସାଇବାବାଙ୍କର ଛବି ଥିବା ଏକ ରୂପା ମୁଦି ସୃଷ୍ଟି କରି 'ଏହି ଦାସ'ର ଅଙ୍ଗୁଠିରେ ପିନ୍ଧାଇ ଦେଇଥିଲେ । ବ୍ୟକ୍ତିଗତ ସାକ୍ଷାତକାର ସମୟରେ କାରଣ ଦର୍ଶାଇ ମୁଁ ଏହି କ୍ୟାସେଟ୍‌ଗୁଡ଼ିକର ଇଂରାଜୀ ସଂସ୍କରଣ ପ୍ରସ୍ତୁତ କରିବା ପାଇଁ ଅନୁମତି ଭିକ୍ଷା କରିଥିଲି । ମୋ କଥା ଶୁଣି ବାବା ହସିବାକୁ ଲାଗିଲେ । ''ଏଇଥିପାଇଁ ତୁମକୁ ଶିରିଡ଼ି ସାଇ ବାବାଙ୍କ ମୁଦିଟି ଦିଆଯାଇଛି ।''

ଆମେରିକା ଯୁକ୍ତରାଷ୍ଟ୍ରରେ ଅବସ୍ଥିତ କାଲିଫର୍ଣ୍ଣିଆର କେତେକ ଭକ୍ତ 'ଏହି ଦାସ'କୁ କହିଥିଲେ ''ଗୁଜୁରାଟୀ ଭାଷାରେ ଭିଡ଼ିଓ ରେକର୍ଡ଼ିଂ ଯୁକ୍ତରାଜ୍ୟରେ ହୋଇଥିଲା । ଆପଣ ଏହି ସାଇ ସଦ୍‌ଚରିତ ସପ୍ତାହର ଇଂରାଜୀ ରେକର୍ଡ଼ିଂ ଆମେରିକାରେ ପ୍ରସ୍ତୁତ କରୁ ନାହାନ୍ତି କାହିଁକି ?''

ନଅ ଜଣ ଭକ୍ତ ଓ ରାଜୁଭାଇ କୋଟେଚା 'ଏହି ଦାସ' ସହିତ କାଲିଫର୍ଣ୍ଣିଆ ଯାଇଥିଲେ । ନାନୁଭାଇ ଓ ଜୟାବେନ୍ ପଟେଲ ତାଙ୍କର ପ୍ରଶସ୍ତ ବାସଭବନରେ ଏହି ସପ୍ତାହ ପାଳନ ପାଇଁ ପୃଷ୍ଠପୋଷକତା କରିଥିଲେ । କାଲିଫର୍ଣ୍ଣିଆର ୟୋର୍ବାଲିଣ୍ଡା ନାମକ ସ୍ଥାନରେ ସେମାନଙ୍କର ବାସଭବନ ଅବସ୍ଥିତ ଥିଲା ।

ରାଜୁ ଭାଇ ଓ ଅନ୍ୟ ଦୁଇଜଣ ଭିଡ଼ିଓ ଫଟୋଗ୍ରାଫର ଭିନ୍ନ ଭିନ୍ନ ତିନୋଟି ଦିଗରୁ ଏହି ସପ୍ତାହର ଫଟୋ ଉଠାଇ ଚଳଚ୍ଚିତ୍ର ପ୍ରସ୍ତୁତ କରିଥିଲେ । ସେମାନେ ପ୍ରକୃତରେ ଏକ ଅତି ଚମତ୍କାର କାର୍ଯ୍ୟ କରିଥିଲେ । ଏ ସମସ୍ତ କାର୍ଯ୍ୟ ୧୯୯୮ ମସିହା ମାର୍ଚ୍ଚ ମାସ ଆଠ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଚାରିଦିନ ମଧ୍ୟରେ ପରମପ୍ରିୟ ସ୍ୱାମୀଙ୍କର କୃପା ଓ ଆଶୀର୍ବାଦରୁ ସଫଳତାର ସହିତ ଶେଷ ହୋଇଥିଲା । ସମ୍ପୂର୍ଣ୍ଣ ଇଂରାଜୀ ସେଟ୍‌ରେ ଛଅଟି ଭିଡ଼ିଓ କ୍ୟାସେଟ୍ ପ୍ରସ୍ତୁତ ହୋଇଥିଲା । ଏହି ଭିଡ଼ିଓ କ୍ୟାସେଟ୍ ମଧ୍ୟ ଅତ୍ୟନ୍ତ ଲୋକପ୍ରିୟ ହୋଇପାରିଥିଲା ଏବଂ ସମଗ୍ର ପୃଥିବୀରେ ଏହାର ଚାହିଦା ବୃଦ୍ଧି ପାଇଥିଲା । ଏହା ଫଳରେ ବିଭିନ୍ନ ଦେଶରେ ଆଧ୍ୟାତ୍ମିକ କାର୍ଯ୍ୟ ପରିଚାଳନା କରିବା ପାଇଁ 'ଏହି ଦାସ'ର ଆବଶ୍ୟକତା ହ୍ରାସ ପାଇଥିଲା । କାରଣ ଏହି ଭିଡିଓ ରେକର୍ଡ଼ିଂରୁ ଭକ୍ତମାନେ ସ୍ୱାମୀଙ୍କ ସହିତ 'ଏହି ଦାସ'ର ଅଭିଜ୍ଞତା ସମ୍ପର୍କରେ ଜାଣି ପାରୁଥିଲେ ।

ବିଭିନ୍ନ ଦେଶକୁ ଯାତ୍ରା କରିବାର ଚାପ ହ୍ରାସ ପାଇବାରୁ 'ଏହି ଦାସ' ନିଜର ଅଭିଜ୍ଞତା ଓ ୧୯୬୦ ମସିହାଠାରୁ ଚାଳିଶ ବର୍ଷରୁ ଅଧିକ ସମୟ ପରମପ୍ରିୟ ବାବାଙ୍କ ସହିତ ତାର ସମ୍ପର୍କ ସମ୍ବଳିତ ଏହି ପୁସ୍ତକଟି ରଚନା କରି ସ୍ୱାମୀଙ୍କର ନିର୍ଦ୍ଦେଶ ପାଳନ କରିଥିଲା । ଏହା କେବଳ ତାଙ୍କର ସଂକଳ୍ପ ଓ କୃପା ଯୋଗୁ ସମ୍ଭବ ହୋଇଥିଲା । ଆମେ କେବଳ ତାଙ୍କର ସେବକ ଭାବରେ ତାଙ୍କ ନିର୍ଦ୍ଦେଶିତ କାର୍ଯ୍ୟ ସମ୍ପନ୍ନ କରିଥାଉ ।

ସ୍ୱାମୀ କହିନ୍ତି ''ସବୁକିଛି ଭଗବାନଙ୍କର ଇଚ୍ଛା ଅନୁସାରେ ଘଟିଥାଏ । ପ୍ରତ୍ୟେକ କ୍ଷୁଦ୍ର କାର୍ଯ୍ୟ ପାଇଁ ତାଙ୍କ ନିର୍ଦ୍ଦେଶ ହିଁ ଏହାର କାରଣ । ଭଗବାନ ହେଉଛନ୍ତି ଅଦୃଶ୍ୟ ଭାବରେ ରହିଥିବା ତୁମ ଜୀବନ ଗଠନର ଭିତ୍ତିଭୂମି । ସେ ହେଉଛନ୍ତି ତୁମ ଜୀବନର ଉତ୍ସ, ପରିପୋଷକ ଓ ଶକ୍ତି । ତାଙ୍କ ଇଚ୍ଛା ବ୍ୟତିରେକ ପତ୍ର ଝଡ଼ିପାରେ ନାହିଁ, ଘାସର ପତ୍ର ମଧ୍ୟ ହଲିପାରେ ନାହିଁ । ତୁମେ ଯଦି ଥରେ ଜାଣିପାର ଯେ ସର୍ବଶକ୍ତିମାନ ଭଗବାନ ତୁମ ଜୀବନର ଭିତ୍ତିଭୂମି, ତାହାହେଲେ ତୁମର ଆଉ ଭୟ ରହିବ ନାହିଁ ।''

''ସବୁ କର୍ମ ଭଗବାନଙ୍କର, ଫଳ ତାଙ୍କଠାରୁ ଆସିଥାଏ ଏବଂ ସେ ସବୁ ପୁଣି ତାଙ୍କରି ନିକଟକୁ ଫେରିଯାଏ । ତାଙ୍କ ହାତରେ ତୁମେ କେବଳ ଆୟୁଧ ସ୍ୱରୂପ ଏବଂ ସେସବୁର ଦର୍ଶକ ମାତ୍ର ।''

''ମୁଁ ହିଁ ମାୟା ସୃଷ୍ଟି କରୁଥିବା କର୍ତ୍ତା । ଏହି ଜଗତ ମାୟାରୁ ହିଁ ସୃଷ୍ଟ । ଏହା ମୋର ଇଚ୍ଛା ଅନୁସାରେ ଗତି କରିଥାଏ ଏବଂ ଆଚରଣ ପ୍ରଦର୍ଶନ କରିଥାଏ । ଯେ ମୋ ସହିତ ସମ୍ପୃକ୍ତ ଥାଏ ଏବଂ ମୋ ଇଚ୍ଛା ଅନୁସାରେ କାର୍ଯ୍ୟ କରିଥାଏ, ମାୟା ତାର କିଛି କ୍ଷତି କରିପାରେ ନାହିଁ । ମୋଠାରେ ଶରଣ ପଶିଥିବା ଯେକୌଣସି ବ୍ୟକ୍ତିକୁ ମାୟା ସ୍ପର୍ଶ କରିପାରେ ନାହିଁ ।''

❑❑

ଅଧ୍ୟାୟ - ୩୯

ହଲାଣ୍ଡରେ ସ୍ୱାମୀଙ୍କର ମହିମା

ପେଟ୍ରୋଲ ବିହୀନ କାରରେ ଡୋଏଟିଙ୍କେମ୍ ଯାତ୍ରା

ପ୍ରଶାନ୍ତି ନିଳୟମ୍‌ଠାରେ ହଲାଣ୍ଡର ଜଣେ ଭକ୍ତ, ମିଷ୍ଟର ଧିର 'ଏହି ଦାସ'କୁ ତାଙ୍କର ଡୋଏଟିଙ୍କେମ୍ (ନେଦରଲ୍ୟାଣ୍ଡ)ରେ ଥିବା ବାସଭବନରେ ଏକ ସାଇ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ନିମନ୍ତ୍ରଣ ଜଣାଇଲେ । ସେ ସବୁ ପ୍ରକାର ବ୍ୟବସ୍ଥା କରିସାରି ମୋତେ ୧୯୮୩ ମସିହା ମଇ ମାସ ଛଅ ତାରିଖରେ ଆମଷ୍ଟାରଡାମ୍ ବିମାନବନ୍ଦରରେ ଦେଖା କଲେ । ସେଦିନ ଥିଲା ଈଶ୍ୱରାମ୍ମା ଦିବସ । ତେଣୁ ଆମେ ବିମାନବନ୍ଦରରୁ କାର ଯୋଗେ ରୋଟରଡାମ୍‌ଠାରେ ଅନୁଷ୍ଠିତ ହେଉଥିବା ଏକ ବାଳବିକାଶ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଚାଲିଲୁ । ସେଠାରେ କାର୍ଯ୍ୟକ୍ରମ ପରେ ଭକ୍ତମାନେ 'ଏହି ଦାସ'କୁ ପରମପ୍ରିୟ ସ୍ୱାମୀଙ୍କର ସନ୍ଦେଶ ଦେବାକୁ ଅନୁରୋଧ କଲେ । ସବୁ ସରିଲାବେଳକୁ ପ୍ରାୟ ମଧ୍ୟରାତ୍ର ହୋଇଯାଇଥିଲା । ଆମେ ଶେଷରେ ଡୋଏଟିଙ୍କେମ୍ ଉଦ୍ଦେଶ୍ୟରେ ବାହାରିଲୁ ।

ମିଷ୍ଟର ଧିର ଆନନ୍ଦାତିଶଯ୍ୟରେ ଏତେ ଭାବପ୍ରବଣ ହୋଇପଡ଼ିଥିଲେ ଯେ ସେ କାରରେ ପେଟ୍ରୋଲ ଭରିବା ପାଇଁ ଭୁଲିଯାଇଥିଲେ । ଆମର ତିନିଘଣ୍ଟିଆ ଯାତ୍ରାର ୫୦ କିଲୋମିଟର ଯିବା ପରେ ମିଷ୍ଟର ଧିର ଅସ୍ଥିର ହୋଇ ପଡ଼ିଲେ ଏବଂ ମଧ୍ୟରାତ୍ର ପରେ କୌଣସି ପେଟ୍ରୋଲ ପମ୍ପ ଖୋଲା ନ ଥାଏ ବୋଲି ସ୍ମରଣ କରି ଦୁଃଖରେ ଭାଙ୍ଗିପଡ଼ିଲେ । ସେ ଖାଲି କହୁଥିଲେ ଯଦି ସେ ଆଗରୁ ମନେ ପକାଇ ପାରିଥାନ୍ତେ ଏବଂ ଯଦି ଘଣ୍ଟାକ ପୂର୍ବରୁ ବାହାରି ଥାନ୍ତେ ତାହାହେଲେ ଏ ବିପତ୍ତି ପଡ଼ି ନ ଥାନ୍ତା । କେବଳ ଅନୁତାପ କରିବା ଛଡ଼ା ଅନ୍ୟ କିଛି ଉପାୟ ନ ଥିଲା । ସେ ମୋତେ କହିଥିଲେ ବାବାଙ୍କୁ ପ୍ରାର୍ଥନା କର ଏବଂ ଆମେ ଦୁହେଁ ହୃଦୟର ଗଭୀରତମ ପ୍ରଦେଶରୁ ଭଗବାନ ବାବାଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ଜଣାଇଲୁ ।

ମୁଁ ନିଷ୍ଠାର ସହିତ ପ୍ରାର୍ଥନା କଲି ''ହେ ସ୍ୱାମୀ, ଆମକୁ ଦୟାକରି ସାହାଯ୍ୟ କରନ୍ତୁ । ସାଇକେନ୍ଦ୍ରର ଉଦ୍‌ଘାଟନ ଉତ୍ସବ ପ୍ରଭାତରୁ ଅନୁଷ୍ଠିତ ହେବ । ଆମେ ଦୁହେଁ

ମିଷ୍ଟର ଧିରଙ୍କ ଘରେ ଯଥା ସମୟରେ ପହଞ୍ଚିବା ଦରକାର । କାରଣ ଆଗରୁ ଉତ୍ସବ ପାଇଁ ସବୁ ବ୍ୟବସ୍ଥା ହୋଇସାରିଛି ।''

ପରମପ୍ରିୟ ସ୍ୱାମୀଙ୍କର ରକ୍ଷାକାରୀ ଓ ସର୍ବମୟ ଉପସ୍ଥିତି ଅସମ୍ଭବକୁ ସମ୍ଭବ କରିବାରେ ସହାୟତା କଲା । ଆମେ ନିରାପଦରେ ମିଷ୍ଟର ଧିରଙ୍କ ଘରେ ପହଞ୍ଚିବା ପର୍ଯ୍ୟନ୍ତ ବିନା ପେଟ୍ରୋଲରେ କାର ଗତି କରିଥିଲା । କିନ୍ତୁ ଯଥା ସ୍ଥାନରେ ପହଞ୍ଚିବା ପରେ ପ୍ରଭାତରୁ କାରଟି ଘୁଞ୍ଚିବା ତ ଦୂରର କଥା ଷ୍ଟାର୍ଟ ମଧ୍ୟ ହୋଇ ନ ଥିଲା ।

ଉଦ୍‌ଘାଟନ ଉତ୍ସବ ନିର୍ବିଘ୍ନରେ ଭଲ ଭାବରେ ଅନୁଷ୍ଠିତ ହେଲା । କାର୍ଯ୍ୟକ୍ରମ ଶେଷରେ ଆମେ ବାବାଙ୍କୁ ପ୍ରାର୍ଥନା ଜଣାଇଲୁ ''ହେ ଭଗବାନ, ଆପଣ ଦୟାଶୀଳ । ଆମକୁ ରାତିରେ ନିରାପଦରେ ଆଣିଥିବାରୁ ଏବଂ କାର୍ଯ୍ୟକ୍ରମଟିକୁ ସଫଳ କରାଇଥିବାରୁ ଆମେ ଆପଣଙ୍କୁ ଧନ୍ୟବାଦ ଜଣାଉଛୁ ।'' ମୁଁ ଦୁଇଦିନ ପରେ ଲଣ୍ଡନକୁ ଫେରି ଆସିଥିଲି ।

ରୋଟରଡାମ୍‌ରେ ବେଦଜ୍ଞ ପଣ୍ଡିତ

ଅଳ୍ପ କିଛିଦିନ ପରେ ମୋତେ ପୁନର୍ବାର ହଲାଣ୍ଡରୁ ନିମନ୍ତ୍ରଣ ମିଳିଲା । ଏଥର ନିମନ୍ତ୍ରଣ କରିଥିଲେ ମିଷ୍ଟର ରାମଚରଣ । ସେ ପରମପ୍ରିୟ ସ୍ୱାମୀଙ୍କର ଜଣେ ପରମ ଭକ୍ତ । ରୋଟରଡାମ୍‌ରେ ତାଙ୍କ ବାସଗୃହରେ ସେ ଏକ ସାଇ କେନ୍ଦ୍ର ଚଳାଉଥିଲେ ।

ଗୀତା ମନ୍ଦିର ସଭାଗୃହରେ ସେ ଏକ ତିନିଦିନିଆ କାର୍ଯ୍ୟକ୍ରମର ବ୍ୟବସ୍ଥା କରିଥିଲେ । ଜଣେ ବେଦଜ୍ଞ ପଣ୍ଡିତ ତଥା ହଲାଣ୍ଡର ରୋଟରଡାମ୍‌ରେ ଅବସ୍ଥିତ ବୈଦିକ ବିଶ୍ୱବିଦ୍ୟାଳୟର ଉପକୁଳପତି ସ୍ୱାମୀ ବ୍ରହ୍ମଦେବଜୀଙ୍କୁ ମୁଖ୍ୟ ବକ୍ତା ଭାବରେ ନିମନ୍ତ୍ରଣ କରାଯାଇଥିଲା । ସେ ବେଦର ଜଣେ ଉଚ୍ଚକୋଟୀର ବ୍ୟାଖ୍ୟାକାର ଏବଂ ସମଗ୍ର ବିଶ୍ୱ ପରିଭ୍ରମଣ କରି ଲୋକମାନଙ୍କୁ ବେଦ ଓ ବୈଦିକ ଜ୍ଞାନର ଉପକାରୀତା ସମ୍ପର୍କରେ ବୁଝାଇ ଆନନ୍ଦ ପ୍ରଦାନ କରିଥାନ୍ତି । ଦୁର୍ଭାଗ୍ୟବଶତଃ ସେ ଶ୍ରୀ ସତ୍ୟସାଇ ବାବାଙ୍କ ସମ୍ପର୍କରେ ସଠିକ ଖବର ପାଇ ନ ଥିଲେ । ତାଙ୍କର ଧାରଣା ଥିଲା ବାବା ବିଭୂତି ସୃଷ୍ଟି କରିପାରନ୍ତି ନାହିଁ ମାତ୍ର ତାଙ୍କ ପୋଷାକର ହାତତଳୁ ଆଣିଥାନ୍ତି ।

ଭଜନ ପରେ ସ୍ୱାମୀ ବ୍ରହ୍ମଦେବଜୀ ବେଦ ଉପରେ ପ୍ରାୟ ଦେଢ଼ଘଣ୍ଟା କହିଥିଲେ । ବାବାଙ୍କ ଦିବ୍ୟ ସନ୍ଦେଶ ପ୍ରଦାନ କରିବା ପାଇଁ ମୋତେ ମାତ୍ର ଅଧଘଣ୍ଟା ସମୟ ମିଳିଥିଲା । ନିଶ୍ଚିତ ଭାବରେ ପରମପ୍ରିୟ ବାବାଙ୍କ କୃପାରୁ ହଠାତ୍ ସ୍ୱାମୀ ବ୍ରହ୍ମଦେବଜୀ ସର୍ବସାଧାରଣରେ ଘୋଷଣା କରିଦେଲେ ''ଯଦି କିଛି ମନେ ନ କରନ୍ତି ଆଜି ଆମେ ଡକ୍ଟର ଗଡ଼ିଆଙ୍କୁ ଅଧିକ ଏକ ଘଣ୍ଟା ସମୟ ଦେବା । ଆସନ୍ତାକାଲି ଓ ତା ପର ଦିନ ମୁଁ

ମାତ୍ର ଏକଘଣ୍ଟା ମଧ୍ୟରେ ମୋ ବକ୍ତବ୍ୟ ଶେଷ କରିବି ଏବଂ ବଳକା ସମୟ ଡାକ୍ତରଙ୍କୁ ଦିଆଯିବ ।'' ଏହା ସମ୍ପୂର୍ଣ୍ଣ ରୂପେ ଅପ୍ରତ୍ୟାଶିତ ଥିଲା ।

ପାଠକମାନେ ନିଶ୍ଚୟ 'ଏହି ଦାସ' କଣ କହିଥିଲା ଜାଣିବାକୁ ଇଚ୍ଛା କରୁଥିବେ । ମୁଁ କହିଥିଲି ଯେ ପରମପ୍ରିୟ ସ୍ୱାମୀ ନିଜେ ଭଗବାନ କାରଣ ଭଗବାନଙ୍କର ସବୁ ପ୍ରକାର ଲକ୍ଷଣକୁ ସେ ପ୍ରଦର୍ଶନ କରିସାରିଛନ୍ତି । ସେଥିରୁ ମୁଖ୍ୟ ହେଲା ତାଙ୍କର ସର୍ବବିଦ୍ୟମାନତା, ସର୍ବଶକ୍ତିମତ୍ତା ଓ ସର୍ବଜ୍ଞାତା ଲକ୍ଷଣ । ସେ ନିଜେ ବ୍ରହ୍ମପୁରୁଷ, ବେଦପୁରୁଷ ଏବଂ ଅଗ୍ନି ପୁରୁଷ ଏଥିରେ ସନ୍ଦେହର ଅବକାଶ ନାହିଁ ।

ସେଦିନ ଯଥେଷ୍ଟ ସମୟ ନ ଥିବାରୁ ମୁଁ ମାତ୍ର ଦୁଇଟି ଘଟଣା ବର୍ଣ୍ଣନା କରିଥିଲି । ଏଥିରେ ସେ ନିଜେ ଅଗ୍ନିପୁରୁଷ ବୋଲି ପ୍ରମାଣ ଦେଇଥିଲି । ଏହା ଅର୍ଥ ହେଲା ସେ ଇଚ୍ଛା କରିବା ମାତ୍ରେ ଅଗ୍ନି ପ୍ରଜ୍ୱଳିତ ହେବ ଏବଂ ନିର୍ବାପିତ ହେବ । କେତେବର୍ଷ ତଳେ ବାଙ୍ଗାଲୋରଠାରେ ଏହି ଘଟଣା ଘଟିଥିଲା । ସେତେବେଳେ ବାଙ୍ଗାଲୋରର ଭକ୍ତମାନେ ପ୍ରଶାନ୍ତି ନିଳୟମରୁ ଆରମ୍ଭ ହୋଇଥିବା ଅଖଣ୍ଡ ଭଜନ (ନିରବଚ୍ଛିନ୍ନ ଭାବରେ ଚବିଶ ଘଣ୍ଟା ଭଜନ)ରେ (କୌଣସି ଶନିବାର ସନ୍ଧ୍ୟା ୬ଟାଠାରୁ ପରଦିନ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ) ଅଂଶ ଗ୍ରହଣ କରିଥିଲେ । ଏହା ପରେ ପରେ ପରମପ୍ରିୟ ସ୍ୱାମୀ ପୃଥିବୀ ସାରା 'ବିଶ୍ୱ ଅଖଣ୍ଡ ଭଜନ ଦିବସ' ପ୍ରବର୍ତ୍ତନ କରିଥିଲେ ।

ଏହି ଅଖଣ୍ଡ ଭଜନ ସେଠାରେ ପ୍ରଥମଥର ପାଇଁ ହେଉଥିବାରୁ ପରମପ୍ରିୟ ସ୍ୱାମୀ ଭଜନ ଉଦ୍‌ଘାଟନ କରିବା ପାଇଁ ଉପସ୍ଥିତ ରହିବେ ବୋଲି ରାଜି ହୋଇଥିଲେ । ସେ ସଭାଗୃହ ମଧ୍ୟରେ ପ୍ରବେଶ କରିବା ମାତ୍ରେ ଶ୍ରୀ ସତ୍ୟସାଇ କେନ୍ଦ୍ରର ଚେୟାରମ୍ୟାନ୍ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ବସିଥିଲେ । କିନ୍ତୁ ବାବା ତାଙ୍କୁ ଅପେକ୍ଷା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେ ତାଙ୍କର ଦିବ୍ୟ ଦକ୍ଷିଣହସ୍ତ ସଂଚାଳନ କଲେ ଏବଂ ଏକ ଆଲୋକବର୍ତ୍ତିକା ସୃଷ୍ଟି କଲେ । ପରମପ୍ରିୟ ସ୍ୱାମୀ କହିଥିଲେ ''ଏଥର ଭଜନ ଆରମ୍ଭ କର । ଏହି ଆଲୋକ ୨୪ ଘଣ୍ଟା ପ୍ରଜ୍ୱଳିତ ରହିବ ।'' ଏହି ଆଲୋକ ଭଜନ ଶେଷରେ ଆରତୀ ଦେବାର ଦଶମିନିଟ୍ ପରେ ଆପେ ଆପେ ନିର୍ବାପିତ ହୋଇଥିଲା । କେବଳ ଅଗ୍ନିର କର୍ତ୍ତା ଅଗ୍ନିପୁରୁଷଙ୍କ ଦ୍ୱାରା ହିଁ ଏହା ସମ୍ଭବ ।

ସ୍ୱାମୀ ମଧ୍ୟ ପ୍ରମାଣ କରିଛନ୍ତି ଯେ ସେ ଅଗ୍ନିକୁ ଇଚ୍ଛା କଲାମାତ୍ରେ ନିର୍ବାପିତ କରିପାରନ୍ତି । ଏହି ଅବସରରେ ବାବା ପ୍ରାୟ ୫୦ଜଣ ଭକ୍ତଙ୍କୁ ତାଙ୍କର ଦିବ୍ୟ ସନ୍ଦେଶ ପ୍ରଦାନ କରିଥିଲେ । ସଂଲଗ୍ନ କୋଠରୀରେ ଅଧିକ ଭକ୍ତ ମଧ୍ୟ ଦିବ୍ୟ ସନ୍ଦେଶ ଶୁଣୁଥିଲେ । ହାଠାତ୍ ବାବା ତାଙ୍କ ଦୁଇହାତ ଯୋଡ଼ି ନଳ ସଦୃଶ କରି ଫୁଙ୍କିବା ଆରମ୍ଭ କରିଦେଲେ ।

ମନେ ହେଉଥିଲା ଯେପରି କୌଣସି ପଦାର୍ଥକୁ ସେ ଫୁଙ୍କୁଥିଲେ । କେହି ଜଣେ ପଚାରିଥିଲା "ଏହା କଣ ସ୍ୱାମୀ ?" ବାବା ଉତ୍ତର ଦେଇଥିଲେ "ମାଡ୍ରାସର ଶ୍ରୀମତୀ ଭେଙ୍କଟ ମୁନି ରୋଷେଇ କରୁ କରୁ ତାଙ୍କ ଶାଢ଼ୀରେ ନିଆଁ ଲାଗି ଯାଇଥିଲା । ସ୍ୱାମୀ ଏହି ନିଆଁକୁ ଲିଭାଉଥିଲେ ।" ଏଭଳି କଥାକୁ କିଏବା ବିଶ୍ୱାସ କରିବ ? ପାଖ କୋଠରୀରେ ବସିଥିବା ଜଣେ ଭକ୍ତ ମିଷ୍ଟର ରାଓ ହଠାତ୍ ଉଠି ପଡ଼ିଲେ ଏବଂ ମାଡ୍ରାସରେ ଥିବା ମିଷ୍ଟର ଭେଙ୍କଟ ମୁନିଙ୍କୁ ଟେଲିଫୋନ କରି ଏହାର ସତ୍ୟତା ଜାଣିପାରିଥିଲେ ।

ସେହି ସମୟରେ ସର୍ବଜ୍ଞାତା ପରମପ୍ରିୟ ସ୍ୱାମୀ କହିଉଠିଲେ "ମିଷ୍ଟର ରାଓ ଏବେ ଟେଲିଫୋନ କରିବାକୁ ଯାଇଛନ୍ତି ।" ଅନ୍ୟ ଜଣେ ଭକ୍ତ କହିଥିଲେ "ସ୍ୱାମୀ, ଏଥିରୁ ଜଣାଯାଉଛି ମିଷ୍ଟର ରାଓଙ୍କର ଆପଣଙ୍କ ପ୍ରତି ଆଦୌ ବିଶ୍ୱାସ ନାହିଁ ।" ପ୍ରେମପୂର୍ଣ୍ଣ ହୃଦୟରେ ସ୍ୱାମୀ ଉତ୍ତର ଦେଲେ "ମିଷ୍ଟର ରାଓଙ୍କର ମୋ ପ୍ରତି ଅଖଣ୍ଡ ବିଶ୍ୱାସ ରହିଛି । ସେ କେବଳ ତୁମମାନଙ୍କର ବିଶ୍ୱାସକୁ ଦୃଢ଼ କରିବା ପାଇଁ ଟେଲିଫୋନ କରିବାକୁ ଚାହିଁଛନ୍ତି । ସ୍ୱାମୀ ସଦ୍‌ବୁଦ୍ଧି କିମ୍ବା ଦୁର୍ବୁଦ୍ଧି ଦେଉଥାନ୍ତି । ସ୍ୱାମୀ ତାଙ୍କ ମନରେ ସନ୍ଦେହ ସୃଷ୍ଟି କରାଇଥିଲେ କାରଣ ଏହାର ସତ୍ୟତା ପ୍ରତିପାଦିତ ହେଲେ ସବୁ ଭକ୍ତ ପ୍ରକୃତ ଘଟଣା ଜାଣିପାରିବେ ଏବଂ ଭଗବାନଙ୍କ ପ୍ରତି ସେମାନଙ୍କର ବିଶ୍ୱାସ ବୃଦ୍ଧି ପାଇବ ।"

ବାବା କହନ୍ତି "ଭଗବାନଙ୍କ ରୂପକୁ ହୃଦୟ ମଧ୍ୟରେ ସ୍ଥାନ ଦେଇ ଯଦି ଜଣେ ନିଷ୍ଠାପର ଭାବରେ ଆନ୍ତରିକତାର ସହିତ୍ ତାଙ୍କ ନାମ ସ୍ମରଣ କରେ ତେବେ ଭଗବାନ ତାର ସମସ୍ୟା ସମାଧାନ ପାଇଁ ତୁରନ୍ତ ଆସିଥାନ୍ତି । ମହାଭାରତରେ ଦୁଷ୍ଟ ଦୁଃଶାସନ ଦ୍ୱାରା ଦ୍ରୌପଦୀଙ୍କର ବସ୍ତ୍ରହରଣ ସମୟରେ ଭଗବାନ କୃଷ୍ଣ କିପରି ଦ୍ରୌପଦୀଙ୍କ ନିକଟରେ ପହଞ୍ଚିଥିଲେ ତାହା ଆମେ ସ୍ମରଣ କରିବା ଉଚିତ ।"

ମିଷ୍ଟର ରାଓ ସନ୍ତର୍ପଣରେ ଫେରିଆସି ପାଖ କୋଠରୀରେ ବସିବା ମାତ୍ରେ ବାବା ତାଙ୍କୁ ଡାକିଥିଲେ– "ରାଓ, ଏଠାକୁ ଆସ ଏବଂ ତୁମେ ଟେଲିଫୋନରେ କଣ ଶୁଣିଲ ସମସ୍ତଙ୍କୁ କୁହ ।" ମିଷ୍ଟର ରାଓ ଲଜ୍ଜିତ ହେଲେ ଏବଂ କାନ୍ଦି ପକାଇଲେ । କିନ୍ତୁ ପରମପ୍ରିୟ ସ୍ୱାମୀ ତାଙ୍କୁ ଭରସା ଦେଇ କହିଥିଲେ "ଦୁଃଖ କର ନାହିଁ । ଟେଲିଫୋନ କରି ସତ୍ୟତା ଜାଣିବା ପାଇଁ ତୁମେ ଯାଅ ବୋଲି ସ୍ୱାମୀ ଚାହିଁଥିଲେ ।"

ଟେଲିଫୋନରେ ମାଡ୍ରାସ୍‌ରୁ ମିଷ୍ଟର ଭେଙ୍କଟ ମୁନି ନିମ୍ନୋକ୍ତ ବିବରଣୀ ମିଷ୍ଟର ରାଓଙ୍କୁ ଜଣାଇଥିଲେ । "ମୋର ପତ୍ନୀ ଗ୍ୟାସ୍‌ଚୁଲା ଜଳାଉଥିଲେ । ଜଳନ୍ତା ଡିଆସିଲ କାଠିଟି ତାଙ୍କ ନାଇଲନ ଶାଢ଼ୀ ଉପରେ ପଡ଼ିଯାଇଥିଲା ଏବଂ ସଙ୍ଗେ ସଙ୍ଗେ ନିଆଁ ଲାଗିଯାଇଥିଲା । ସେ 'ସାଇରାମ' 'ସାଇରାମ' ବୋଲି ଚିତ୍କାର କରି ଉଠିଲେ । ଏଭଳି

ଚିତ୍କାର କରୁଥିବାବେଳେ ସେ ଅନୁଭବ କଲେ ତାଙ୍କ ଗୋଡ଼କୁ କିଏ ଜଣେ ଜାବୁଡ଼ି ଧରିଛି ଏବଂ ସଙ୍ଗେ ସଙ୍ଗେ ନିଆଁ ମନକୁମନ ଲିଭିଯାଇଛି ।'' ଏହିଭଳି ଭାବରେ ପରମପ୍ରିୟ ସ୍ୱାମୀ ତାଙ୍କୁ ରକ୍ଷା କରିଥିଲେ । ମିଷ୍ଟର ରାଓଙ୍କଠାରୁ ଏକଥା ଶୁଣିବା ପରେ ଅଗ୍ନିପୁରୁଷ ଭାବରେ ବାବାଙ୍କ ଭୂମିକା ତଥା ଭକ୍ତଙ୍କ ପ୍ରତି ତାଙ୍କର ପ୍ରେମ ସମ୍ପର୍କରେ ସେଠାରେ ଉପସ୍ଥିତ ଥିବା ସମସ୍ତ ଭକ୍ତ ଜାଣିପାରିଥିଲେ ।

ରୋଟରଡାମ୍‌ର ଗୀତା ମନ୍ଦିରରେ ଏହି କାର୍ଯ୍ୟକ୍ରମ ଗୋଟିଏ ଗୁରୁବାର, ଶୁକ୍ରବାର ଓ ଶନିବାର ଅନୁଷ୍ଠିତ ହୋଇଥିଲା । ଏହି ସମୟ ଭିତରେ ପରମପ୍ରିୟ ବାବାଙ୍କ ପ୍ରତି ସ୍ୱାମୀ ବ୍ରହ୍ମଦେବଜୀଙ୍କର ବିଶ୍ୱାସ ବୃଦ୍ଧି ପାଇଥିଲା । ରବିବାର ଦିନ ଏକ ଯଜ୍ଞ କାର୍ଯ୍ୟକ୍ରମ ମିଷ୍ଟର ରାମଚରଣଙ୍କ ବାସଭବନସ୍ଥ ପୂଜା ଘରେ ଅନୁଷ୍ଠିତ ହୋଇଥିଲା । ଏହି ଘରେ ଅଳ୍ପ ସଂଖ୍ୟକ ଭକ୍ତ ବସି ପାରିଲା ଭଳି ସ୍ଥାନ ଥିଲା ।

ସ୍ୱାମୀ ବ୍ରହ୍ମଦେବଜୀ ପଚାରିଥିଲେ ''ମୁଁ ଏହି ଯଜ୍ଞ କାର୍ଯ୍ୟରେ ଯୋଗ ଦେଇ ପାରିବି କି ?'' ସେମାନେ ଉତ୍ତର ଦେଇଥିଲେ ''ହଁ ଯେ କୌଣସି ସମୟରେ ଆପଣଙ୍କ ଆଗମନକୁ ଆମେ ସ୍ୱାଗତ କରିବୁ ।'' ସେ ଯଜ୍ଞ ଆରମ୍ଭ ହେବା ସମୟରେ ଆସି ପହଞ୍ଚିଥିଲେ । ମାତ୍ର ଅଳ୍ପ କେତୋଟି ମନ୍ତ୍ର ଉଚ୍ଚାରଣ କରାଯାଇ ପବିତ୍ର ଅଗ୍ନିରେ ଆହୂତି ଦିଆଯାଇଥିଲା । ହଠାତ୍ ଏହି ସମୟରେ ପରମପ୍ରିୟ ବାବା ସେଠାରେ ନିଜକୁ ପ୍ରକଟ କରିଥିଲେ ଏବଂ ମାତ୍ର ତିନିଜଣ ତାଙ୍କୁ ଦେଖିପାରିଥିଲେ । କିନ୍ତୁ ସବୁ ଭକ୍ତ ଦେଖିବା ପାଇଁ ଭଗବାନ ତାଙ୍କ ଉପସ୍ଥିତିର ପ୍ରମାଣ ଛାଡ଼ିଯାଇଥିଲେ । ସେ ହଠାତ୍ ଆବିର୍ଭୂତ ହୋଇଥିଲେ ଏବଂ ତାଙ୍କ ଉଭୟ ହସ୍ତରୁ ଦିବ୍ୟ ବିଭୂତି ସୃଷ୍ଟି ହୋଇ ଉପସ୍ଥିତ ସମସ୍ତଙ୍କ ଉପରେ ପଡୁଥିଲା । ଏହି ବିଭୂତି ଅନେକଙ୍କ ମସ୍ତକରେ ପଡୁଥିଲା ଏବଂ କାନ୍ଥରେ ଟଙ୍ଗାଯାଇଥିବା ପ୍ରାୟ ସମସ୍ତ ଫଟୋ ଉପରେ ବିଭୂତିର ଆସ୍ତରଣ ଜମିଯାଇଥିଲା । ଚନ୍ଦା ଲୋକଙ୍କ ମସ୍ତକ ଉପରେ ଏହି ବିଭୂତି ସ୍ପଷ୍ଟ ଭାବରେ ଦେଖାଯାଉଥିଲା । ଏଠାରେ ପ୍ରଶ୍ନ ଉଠୁଛି ''କାହିଁକି ମାତ୍ର ତିନିଜଣ ଭକ୍ତ ବାବାଙ୍କୁ ଦେଖିପାରିଲେ ?'' ଏହାର ଉତ୍ତର ହେଲା ପରମପ୍ରିୟ ସ୍ୱାମୀଙ୍କ ଭାଷାରେ ସେହିମାନଙ୍କୁ ଦିବ୍ୟଦର୍ଶନ ମିଳିଥାଏ ଯେଉଁମାନଙ୍କର ଭକ୍ତି ପରିପକ୍ୱ ହୋଇଥାଏ । ତେଣୁ ଏହା ଭକ୍ତର ଭକ୍ତି ଉପରେ ନିର୍ଭର କରେ । ବୋଧହୁଏ ତାଙ୍କର ଏତାଦୃଶ ସମ୍ମୋହିତ ପ୍ରକଟନ ସ୍ୱାମୀ ବ୍ରହ୍ମଦେବଜୀଙ୍କ ପ୍ରତି ଉଦ୍ଦିଷ୍ଟ ଥିଲା କାରଣ ତାଙ୍କର ବାବାଙ୍କ ପ୍ରତି ସନ୍ଦେହ ରହିଥିଲା ।

ଏହି ଘଟଣାରେ ସ୍ୱାମୀ ବ୍ରହ୍ମଦେବଜୀ ଅତିଶୟ ବିସ୍ମୟ ପ୍ରକାଶ କରିଥିଲେ ଏବଂ ପରେ ସେ ତାଙ୍କର ପ୍ରତିକ୍ରିୟା ମୋତେ ଜଣାଇଥିଲେ । ମନେ ମନେ ସେ ସମାଲୋଚନା

କରିଥିବାରୁ ପରମପ୍ରିୟ ସ୍ୱାମୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଥିଲେ । ପ୍ରାର୍ଥନାରେ ସେ କହିଥିଲେ ''ମୁଁ ଆପଣଙ୍କ ପାଦପଦ୍ମ ତଳକୁ ଆସିବାକୁ ଚାହେଁ । ଦୟାକରି ମୋତେ ଆଉ ଗୋଟିଏ ଅଲୌକିକତା ପ୍ରଦର୍ଶନ କରନ୍ତୁ ଏବଂ ମୁଁ ସବୁଦିନ ପାଇଁ ଆପଣଙ୍କର ହୋଇଯିବି ।''

ବୋଧହୁଏ ପରମପ୍ରିୟ ବାବା ଚିନ୍ତା କଲେ ଯେ ସ୍ୱାମୀ ବ୍ରହ୍ମଦେବଜୀଙ୍କୁ ବାବାଙ୍କର ଦୈବତ୍ୱର ଅନ୍ୟ ଏକ ପ୍ରମାଣ ଦେବା ପାଇଁ ପ୍ରକୃଷ୍ଟ ସମୟ ଉପନୀତ । ତେଣୁ ଆରତୀ ଚାଲିଥିବା ସମୟରେ ବାବାଙ୍କର ସର୍ବଧର୍ମ ସଂକେତରୁ ମହୁ ଝରି ତଳେ ପଡ଼ିବାକୁ ଆରମ୍ଭ କଲା । ସ୍ୱାମୀ ବ୍ରହ୍ମଦେବଜୀଙ୍କର ପ୍ରାର୍ଥନା ପୂର୍ଣ୍ଣ ହେଲା । ଏହି ମହୁ ଚାଖିବା ପରେ ସେ ପ୍ରଶାନ୍ତି ନିଳୟମ୍ ଯାଇ ପରମପ୍ରିୟ ବାବାଙ୍କର ଦର୍ଶନ ଲାଭ କରିବାକୁ ସ୍ଥିର କଲେ ।

୧୯୯୮ ମସିହାରେ 'ପାଦୁକା ଉତ୍ସବ' ପରେ ସ୍ୱାମୀ ବ୍ରହ୍ମଦେବଜୀ ପୁଟ୍ଟାପର୍ତ୍ତି ଯାଇଥିଲେ ଏବଂ ବାବା ତାଙ୍କୁ ସଙ୍ଗେ ସଙ୍ଗେ ସାକ୍ଷାତକାର ପାଇଁ ଡାକିଥିଲେ । ବାବା ଗୋଟିଏ ରୌପ୍ୟ ମୁଦ୍ରିକା ସୃଷ୍ଟି କରି ତାଙ୍କୁ ଦେଇଥିଲେ ଏବଂ କହିଥିଲେ ''ଯେତେଶୀଘ୍ର ସମ୍ଭବ ପୃଥିବୀର ବାକି ଅଂଶମାନଙ୍କରେ ବେଦର ପ୍ରସାର ଘଟାଅ ।'' ଏହିପରି ହଲାଣ୍ଡରେ ନିଜର ମହିମା ପ୍ରଦର୍ଶନ କରି ସ୍ୱାମୀ ବ୍ରହ୍ମଦେବଜୀଙ୍କୁ ନିଜର ଏକ ଆୟୁଧ ରୂପେ ବ୍ୟବହାର କରିଥିଲେ । ହଲାଣ୍ଡର ସମସ୍ତ ଭକ୍ତ ଏହି ଘଟଣା ସଂଦର୍ଶନ କରିଥିବାରୁ ଏବଂ ଆଶୀର୍ବାଦ ପାଇଥିବାରୁ ଅତି ଭାଗ୍ୟବାନ ଥିଲେ । ସେମାନେ 'ଏହି ଦାସ'କୁ ଧନ୍ୟବାଦ ଦେଇଥିଲେ କିନ୍ତୁ 'ଏହି ଦାସ' ଏଥିପାଇଁ ପରମପ୍ରିୟ ସ୍ୱାମୀଙ୍କୁ ତାଙ୍କର କରୁଣା ଓ କୃପା ପାଇଁ ଧନ୍ୟବାଦ ଦେବାକୁ ଗୁରୁତ୍ୱ ଦେଇ ସେମାନଙ୍କୁ କହିଥିଲା ।

ଏହି ସୁନ୍ଦର ଅଭିଜ୍ଞତା ଅର୍ଜନ କରିବା ପରେ ମିଷ୍ଟର ରାମଚରଣ ସ୍ୱାମୀଙ୍କୁ ପ୍ରାର୍ଥନା ଜଣାଇଥିଲେ । ''ଦିନକୁ ଦିନ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଆମକୁ ଗୋଟିଏ ବଡ଼ ହଲ୍ କୃପାକର ଯେଉଁଠାରେ ଆମେ ସମସ୍ତ ସାଇ କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳନା କରିପାରିବୁ ।''

ପ୍ରାୟ ଛଅମାସ ପରେ ରାମଚରଣ ସରକାରଙ୍କଠାରୁ ଗୋଟିଏ ଚିଠି ପାଇଥିଲେ । ସାଇ କାର୍ଯ୍ୟକ୍ରମ ପାଇଁ ୮୦୦ ଲୋକ ବସି ପାରିଲା ଭଳି ଏକ ନୂତନ ଘର ଯୋଗାଇ ଦେବାକୁ ସେ ଚିଠିରେ ସରକାର ଜଣାଇ ଦେଇଥିଲେ । ଏହା ଥିଲା ଭଗବାନ ବାବାଙ୍କର କୃପାର ନିଦର୍ଶନ । ଏହିପରି ରାମଚରଣଙ୍କର ଆନ୍ତରିକ ଓ ନିଷ୍ଠାପର ପ୍ରାର୍ଥନା ଭଗବାନ ବାବା ଶୁଣିଥିଲେ ।

ପରମପ୍ରିୟ ସ୍ୱାମୀ କହିଛନ୍ତି ''ମୋର କୃପା ସବୁବେଳେ ତୁମ ପାଇଁ ରହିଛି । ଏହା ସାଧାରଣ ଦେବା ବା ନେବା ଘଟଣା ନୁହେଁ । ଏହା ସବୁବେଳେ ମିଳିଥାଏ ଏବଂ ଏହାର ମହତ୍ତ୍ୱ ପ୍ରତି ସଚେତନ ଥିବା ଆତ୍ମଜ୍ଞାନ ଦ୍ୱାରା ଏହା ଗୃହୀତ ହୋଇଥାଏ । ତୁମ ନିଜର ଅବଚେତନ ମନ ଉପରେ ବିଜୟ ହାସଲ କର ଯାହାଫଳରେ ତୁମେ ସବୁବେଳେ ମିଳୁଥିବା ଭଗବାନଙ୍କ କୃପା ଲାଭ କରିପାରିବ । ଭଗବାନ କାହାରିକୁ କିଛି ମନା କରନ୍ତି ନାହିଁ କିନ୍ତୁ ତୁମେ ଭଗବାନଙ୍କୁ ପ୍ରତ୍ୟାଖ୍ୟାନ କରିଥାଅ । ଯେତେବେଳେ କୃପା ଅଯାଚିତ ଭାବରେ ମିଳିପାରୁଛି ସେତେବେଳେ ତୁମେ କେବଳ ଗୋଟିଏ କ୍ଷୁଦ୍ର କାର୍ଯ୍ୟ କରି ଏହାକୁ ଅର୍ଜନ କର । ଏହି କାର୍ଯ୍ୟଟି ହେଲା କୃପା ପାଇବା ପାଇଁ ହସ୍ତ ପ୍ରସାରଣ କରିବା । ତେଣୁ ଅବଚେତନ ମନକୁ ଈଶ୍ୱରଙ୍କ କୃପାର ମହତ୍ତ୍ୱ ଶିକ୍ଷା ଦେଇ ଏହା ଉପରେ ବିଜୟ ହାସଲ କର ।''

''ତାର ଦେଇ ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହେଲା ଭଳି ଭଗବାନଙ୍କ କୃପା ସବୁବେଳେ ପ୍ରବାହିତ ହେଉଛି । ତେଣୁ ଏହି ବିଦ୍ୟୁତ୍ ସ୍ରୋତକୁ ଗ୍ରହଣ କରିପାରୁଥିବା ବଲ୍‌ବଟିଏ ଲଗାଇ ଦିଅ । ତାହା ତୁମ ଘରକୁ ଆଲୋକରେ ଉଦ୍ଭାସିତ କରିବ । ସେହିପରି ତୁମେ ସାଧନା କରୁଥିବା ଆଧ୍ୟାତ୍ମିକ ଶୃଙ୍ଖଳା ତୁମର ହୃଦୟକୁ ଭଗବାନଙ୍କ କୃପାର ଆଲୋକରେ ଉଦ୍ଭାସିତ କରିବ ।''

''ଲହୁଣୀ ସହଜରେ ତରଳିଗଲା ଭଳି ଭଗବାନଙ୍କ କୃପା ପ୍ରାପ୍ତ ହେବା ମଧ୍ୟ ଅତି ସହଜ । ସେଇଥିପାଇଁ ଭଗବାନଙ୍କ ହୃଦୟକୁ ଲହୁଣୀ ସହିତ ତୁଳନା କରାଯାଇଛି । ଏହା ଲହୁଣୀ ଭଳି ନରମ । ସାମାନ୍ୟ ଉତ୍ତାପ ଏହାକୁ ତରଳାଇ ଦେବା ପାଇଁ ଯଥେଷ୍ଟ । କହିବାକୁ ଗଲେ ଯନ୍ତ୍ରଣା ପରି ସାମାନ୍ୟ ଉଷ୍ମ-ମମତା ପ୍ରଦର୍ଶନ, ଜିହ୍ୱାଗ୍ରେ ଭଗବାନଙ୍କ ନାମ ଉଚ୍ଚାରଣ ଜନିତ ଉତ୍ତାପ ଭଗବାନଙ୍କର ଲହୁଣୀ ସଦୃଶ ହୃଦୟକୁ ତରଳାଇ ଦେଇ ପାରିବ । ବିଶ୍ୱାସ ଥିଲେ କୃପାର ସ୍ରୋତ ପ୍ରବାହିତ ହେବ ।''

ଡଚ୍ ଓ ବେଲ୍‌ଜିଆନ୍ ଭକ୍ତଙ୍କ ସହିତ ସାଇ-ଆଧ୍ୟାତ୍ମିକ-ଅନୁଧାବନ

ମିଷ୍ଟର ରାମଚରଣଙ୍କ ଗୀତା ଭବନର କାର୍ଯ୍ୟକ୍ରମ ଶେଷ ହେବାର ପରବର୍ତ୍ତୀ ସପ୍ତାହାନ୍ତେ ସାଇ-ରିଟ୍ରିଟ୍ (ସାଇ-ଆଧ୍ୟାତ୍ମିକ-ଅନୁଧାବନ) କେନ୍ଦ୍ରରେ ଆଲୋଚନା କରିବା ପାଇଁ ମୋତେ ନିମନ୍ତ୍ରଣ ମିଳିଲା । ଏହି ସଭାରେ ହଲାଣ୍ଡ ଓ ବେଲ୍‌ଜିୟମ୍‌ର ୪୦୦ ଭକ୍ତ ଯୋଗ ଦେଇଥିଲେ । ତିନିଦିନିଆ ସମ୍ମିଳନୀ ସ୍ଥଳରେ ପ୍ରଶାନ୍ତି ନିଲୟମର ଏକ କ୍ଷୁଦ୍ର ପ୍ରତିରୂପ ସୃଷ୍ଟି ହୋଇଥିଲା । ସେଠାରେ ନଗର ସଂକୀର୍ତ୍ତନ, ସୁପ୍ରଭାତମ୍, ଭଜନ, ଆଧ୍ୟାତ୍ମିକ କର୍ମଶାଳା ଏବଂ ଆଧ୍ୟାତ୍ମବାଦୀ ଲୋକମାନଙ୍କ ମଧ୍ୟରେ ଦିବ୍ୟ

ଅନୁଭୂତିର ଆଦାନ ପ୍ରଦାନ ଭଳି କାର୍ଯ୍ୟକ୍ରମ ଏହି ସ୍ଥାନକୁ ଏକ କ୍ଷୁଦ୍ର ପ୍ରଶାନ୍ତି ନିଳୟମରେ ପରିଣତ କରି ଦେଇଥିଲା ।

ମୁଁ ଶନିବାର ଅପରାହ୍ନରେ ଇଂରାଜୀରେ କହିଥିଲି । ଏହାକୁ ସେମାନଙ୍କ ଭାଷାରେ ଅନୁବାଦ କରାଯାଇଥିଲା । ପରମପ୍ରିୟ ସ୍ୱାମୀ ଅଗ୍ନି ପୁରୁଷ ବୋଲି ବର୍ଣ୍ଣନା କରିବା ପରେ ଜଣେ ଭଦ୍ରମହିଳା ମଞ୍ଚ ନିକଟକୁ ଚାଲିଆସିଥିଲେ । ତାଙ୍କ ଅନୁଭୂତି ସମସ୍ତଙ୍କୁ ଜଣାଇବା ପାଇଁ ସେ ଚାହିଁଥିଲେ । ସେ କହିଥିଲେ ଯେ ବିଗତ ଆଠବର୍ଷ ହେଲା ତାଙ୍କର ବାବାଙ୍କ ପ୍ରତି ପୂର୍ଣ୍ଣ ବିଶ୍ୱାସ ରହିଛି । ଥରେ ଯେତେବେଳେ ତାଙ୍କ ପୋଷାକରେ ନିଆଁ ଲାଗିଗଲା ସେ ମଧ୍ୟ 'ସାଇରାମ' 'ସାଇରାମ' ଚିତ୍କାର କରିଥିଲେ ଏବଂ ସଙ୍ଗେ ସଙ୍ଗେ ସେ ଅନୁଭବ କରିଥିଲେ ଯେ କେହି ଜଣେ ତାଙ୍କ ଗୋଡ଼କୁ ଜାବୁଡ଼ି ଧରିଛି । ସଙ୍ଗେ ସଙ୍ଗେ ଅଲୌକିକ ଭାବରେ ନିଆଁ ଲିଭିଯାଇଥିଲା । ସେ କହିଥିଲେ "ସେତେବେଳେ ମୁଁ ଭାବି ପାରି ନ ଥିଲି ଯେ, ଏହା ବାବାଙ୍କ କାର୍ଯ୍ୟ ବୋଲି । ମାତ୍ର ମାଡ୍ରାସର ଶ୍ରୀମତି ଭେଙ୍କଟମୁନିଙ୍କ ଘଟଣାଟି ଶୁଣିବା ପରେ ମୁଁ ଅନୁଭବ କରୁଛି ବାବା ହିଁ ସେଦିନ ତାଙ୍କ ଜୀବନ ରକ୍ଷା କରିଥିଲେ ।" ଶ୍ରୋତାମାନଙ୍କ କରତାଳିରେ ସ୍ଥାନଟି ମୁଖରୀତ ହୋଇ ଉଠିଥିଲା ।

ମୁଁ ତା ପରେ ପ୍ରଶ୍ନ କରିଥିଲି ଏବଂ ଉତ୍ତର ମଧ୍ୟ ଦେଇଥିଲି । "ଆପଣମାନେ ଜାଣନ୍ତି କି ପରମପ୍ରିୟ ସ୍ୱାମୀ ଏହି ଭଦ୍ରମହିଳାଙ୍କୁ ତାଙ୍କର ଅଭିଜ୍ଞତା ବର୍ଣ୍ଣନା କରିବାକୁ କାହିଁକି ପ୍ରେରଣା ଦେଇଥିଲେ ? କାରଣ ଆପଣମାନଙ୍କ ମଧ୍ୟରୁ ଅଧା ଲୋକ ଭାବୁଥିଲେ ଯେ ସ୍ୱାମୀ କେବଳ ଭାରତରେ ହିଁ ତାଙ୍କର ଅଲୌକିକତା ପ୍ରଦର୍ଶନ କରନ୍ତି । ଏହା ପ୍ରମାଣ କରୁଛି ଯେ ସମୟ, ସ୍ଥାନ ଏବଂ ଦୂରତା ତାଙ୍କ ପାଇଁ ପ୍ରତିବନ୍ଧକ ସୃଷ୍ଟି କରି ନ ପାରେ ।"

୧୯୯୮ ମସିହାରେ ବାଙ୍ଗାଲୋର ନିକଟସ୍ଥ ହ୍ୱାଇଟ୍‌ଫିଲ୍‌ଡରେ ଛାତ୍ରମାନଙ୍କୁ ତାଙ୍କ ଦିବ୍ୟ ଉପସ୍ଥିତିରେ କହିବା ପାଇଁ ସ୍ୱାମୀ 'ଏହି ଦାସ'କୁ ନିମନ୍ତ୍ରଣ କରିଥିଲେ । ସ୍ୱାମୀ ବ୍ରହ୍ମଦେବଜୀଙ୍କ ସନ୍ଦେହ ଦୂର କରିବା ପାଇଁ ହଲାଣ୍ଡରେ ଘଟିଥିବା ବାବାଙ୍କ ମହିମା ବର୍ଣ୍ଣନା କରିବା ପରେ ପରମପ୍ରିୟ ବାବା ଛାତ୍ରମାନଙ୍କୁ ଟିପ୍ପଣୀ ଦେଇଥିଲେ "ତୁମେ ଜାଣିଥିଲ କି ହଲାଣ୍ଡରେ ଏକ ବୈଦିକ ବିଶ୍ୱବିଦ୍ୟାଳୟ ରହିଛି ବୋଲି ?" ଛାତ୍ରମାନଙ୍କ ପାଇଁ ଏହା ଥିଲା ଏକ ସତ୍ୟ ପ୍ରକଟନ ।

□□

ଅଧ୍ୟାୟ - ୪୦

ସୁରିନାମ ଓ ତ୍ରିନିଦାଦ ଯାତ୍ରା

ହଲାଣ୍ଡର ରୋଟରଡାମ୍‌ରେ ଅବସ୍ଥିତ ସମୁଦ୍ରପାରି ପର୍ଯ୍ୟଟନ କେନ୍ଦ୍ରର ମିଷ୍ଟର ଚେଦି ଅନ୍ୟମାନଙ୍କ ସହିତ ପରମପ୍ରିୟ ସ୍ୱାମୀଙ୍କର ସମ୍ମୋହିତ (ଟ୍ରାନ୍ସ)ପ୍ରକଟନ, ମିଷ୍ଟର ରାମଚରଣଙ୍କ ରୋଟରଡାମ୍ ବାସଗୃହରେ ବିଭୂତି ଓ ମହୁ ସୃଷ୍ଟି ହେବା ଇତ୍ୟାଦି ଅଲୌକିକତା ସଂଦର୍ଶନ କରିଥିଲେ । ତା ପରେ ସେ ଆନ୍ତରିକତାର ସହିତ ନିଷ୍ଠାପର ଭାବରେ ବାବାଙ୍କୁ ପ୍ରାର୍ଥନା ଜଣାଇଥିଲେ ''ହେ ସ୍ୱାମୀ, ଦକ୍ଷିଣ ଆମେରିକାରେ ମୋର ଜନ୍ମସ୍ଥାନ ସୁରିନାମଠାରେ ପ୍ରଶାନ୍ତି ନିଳୟମ ପରି ଏକ ମନ୍ଦିର ନିର୍ମାଣ କରିବାକୁ ମୁଁ ସ୍ଥିର କରିଛି । ମୁଁ ଯଦି ଏହାକୁ ଉଦ୍‌ଘାଟନ କରିବାକୁ ଆପଣଙ୍କୁ ନିମନ୍ତ୍ରଣ କରେ ଆପଣ ସଶରୀରରେ ହୁଏତ ଆସି ନ ପାରନ୍ତି । ତେଣୁ ମୁଁ ମନ୍ଦିରର ଉଦ୍‌ଘାଟନ ପାଇଁ ଡକ୍ଟର ଗଡ଼ିଆଙ୍କୁ ପଠାଇବା ପାଇଁ ଅନୁରୋଧ କରୁଛି । ମିଷ୍ଟର ରାମଚରଣଙ୍କ ବାସଗୃହରେ କାର୍ଯ୍ୟକ୍ରମ ଶେଷ ହେବା ପରେ ମିଷ୍ଟର ଚେଦି ଯେକୌଣସି ସମୟରେ ସୁବିଧା ଅନୁସାରେ ସୁରିନାମ ପରିଦର୍ଶନ କରି ମନ୍ଦିର ଉଦ୍‌ଘାଟନ ଉତ୍ସବ ପରିଚାଳନା କରିବାକୁ ମୋତେ ଅନୁରୋଧ କରିଥିଲେ । ମୁଁ ତାଙ୍କୁ ପଚାରିଥିଲି ''କଣ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ହେଲାଣି ?'' ସେ କହିଥିଲେ ''ଆଗ ଆପଣ କେବେ ସମୟ ଦେବେ କୁହନ୍ତୁ । ମୁଁ ଦେଖିବି ଆପଣ ଆସିବା ପୂର୍ବରୁ ଯେପରି ମନ୍ଦିରଟି ଉଦ୍‌ଘାଟନ ପାଇଁ ପ୍ରସ୍ତୁତ ହୋଇଯାଏ ।''

ସେ ନନ୍ଦା ଓ 'ଏହି ଦାସ'କୁ ଦଶଦିନ ପାଇଁ ସୁରିନାମ ପରିଦର୍ଶନ କରିବାକୁ ନିମନ୍ତ୍ରଣ ଜଣାଇଥିଲେ । ମୁଁ ମୋ ଡାଏରୀ ଦେଖି ଛଅମାସ ପରେ ଯିବା ପାଇଁ ପ୍ରତିଶ୍ରୁତି ଦେଲି । ସେ ଏଥିରେ ଏକମତ ହେଲେ ଏବଂ କହିଥିଲେ ଯେ ମନ୍ଦିର ନିର୍ମାଣ ପାଇଁ ତିନିମାସ ସମୟ ଯଥେଷ୍ଟ ହେବ ।

ଏହି ସମୟ ନିର୍ଦ୍ଦିଷ୍ଟ ହୋଇଯିବା ପରେ ତ୍ରିନିଦାଦର ମିଷ୍ଟର ରୂପଲାଲ ସିଂହ (ମିଷ୍ଟର ଚିଲୋ ନାମରେ ମଧ୍ୟ ପରିଚିତ) ମୋ ନିକଟକୁ ଆସିଥିଲେ । ସେ ତ୍ରିନିଦାଦର 'ଚିଲୋଜ' ହାର୍ଡ଼ୱୟାର'ର ପରିଚାଳକ ଏବଂ ଶ୍ରୀ ସତ୍ୟସାଇ କେନ୍ଦ୍ରର ଚେୟାରମ୍ୟାନ୍ ଥିଲେ । ସେ ଅନୁରୋଧ କଲେ ''ଆପଣ ଛଅ ମାସ ପରେ ସୁରିନାମ ଆସୁଥିବାରୁ

ସେହି କାର୍ଯ୍ୟକ୍ରମ ସହିତ ଆପଣଙ୍କ ଯାତ୍ରାକାଳରେ ତ୍ରିନିଦାଦ ପରିଦର୍ଶନ କାର୍ଯ୍ୟକ୍ରମ ରଖିବେ କି ? ପରମପ୍ରିୟ ସ୍ୱାମୀଙ୍କର ସନ୍ଦେଶ ଆପଣଙ୍କଠାରୁ ଶୁଣିବା ପାଇଁ ଆମେ ଆଶା ରଖିବୁ । ଆମେ ଆପଣଙ୍କଠାରୁ ଲକ୍ଷାର୍ଚ୍ଚନା ସମ୍ପର୍କରେ ସବୁକିଛି ଜାଣିବା ପାଇଁ ଇଚ୍ଛା କରିବୁ । ଆପଣ ଏକମତ ହେଲେ ଆପଣଙ୍କ ଯାତ୍ରା ପାଇଁ ଆମେ ସବୁ ପ୍ରକାର ବନ୍ଦୋବସ୍ତ କରିବୁ । ସୁରିନାମ ପରିଦର୍ଶନ ପରେ ତ୍ରିନିଦାଦ କାର୍ଯ୍ୟକ୍ରମ ନିର୍ଦ୍ଦିଷ୍ଟ କରାଗଲା ।

ବର୍ଷାଦିନେ ସ୍ୱାମୀ ତିନିଦିନ କାଳ ବର୍ଷା ବନ୍ଦ କରିଦେଲେ

ସୁରିନାମର ରାଜଧାନୀ ପାରାମାରିବୋରେ ଆମେ ବର୍ଷା ଋତୁରେ ଗୋଟିଏ ଶନିବାର ଦିନ ପହଞ୍ଚିଥିଲୁ । ମୂଷଳ ଧାରାରେ ବର୍ଷା ଆରମ୍ଭ ହୋଇଯାଇଥିଲା । ଆମକୁ କୁହାଗଲା ଥରେ ବର୍ଷା ଆରମ୍ଭ ହୋଇଗଲେ ବନ୍ଦ ନ ହୋଇ ନିରବଚ୍ଛିନ୍ନ ଭାବରେ ପ୍ରାୟ ଦୁଇମାସ ପାଇଁ ଲାଗି ରହିବ । ଆମର ରହଣୀ ସ୍ଥାନ କ୍ୱାତାରୋଡ଼ର ଅତିଥି ଭବନକୁ ଯିବା ବାଟରେ ଆମକୁ ମନୋରମ ମନ୍ଦିରର ଦୃଶ୍ୟ ଦେଖାଇ ଦିଆଯାଇଥିଲା ।

ମିଷ୍ଟର ଚେଦି ଏହି ମନ୍ଦିରର ନାମକରଣ କରିବାକୁ ମୋତେ ଅନୁରୋଧ କଲେ । ପରମପ୍ରିୟ ସ୍ୱାମୀଙ୍କ ପ୍ରେରଣା ବଳରେ ମୁଁ ପ୍ରସ୍ତାବ ଦେଲି ଏହାର ନାମ 'ସାଇକୃପା ମନ୍ଦିର' ରଖାଯାଉ । ଦିବ୍ୟ ଆଶୀର୍ବାଦ ପାଇଁ ମିଷ୍ଟର ଚେଦି ବାବାଙ୍କ ନିକଟକୁ ଏକ ଜରୁରୀ ଟେଲିଗ୍ରାମ ପଠାଇଦେଲେ । ସେହି ସପ୍ତାହ ଭିତରେ ମିଷ୍ଟର ଚେଦି ସୁରିନାମର ତିନିଗୋଟି ସତ୍ୟସାଇ କେନ୍ଦ୍ରର ଚେୟାରମ୍ୟାନ୍‌ଙ୍କ ସହିତ ଆମର ପରିଚୟ କରାଇଦେଲେ । ବହୁ ଭକ୍ତଙ୍କ ସହିତ ମଧ୍ୟ ଆମେ ପରିଚିତ ହେଲୁ ।

ଆମେ ପହଞ୍ଚିବା ପରେ ଆମର ଦୈନିକ କାର୍ଯ୍ୟକ୍ରମ ନିମ୍ନମତେ କରାଯାଇଥିଲା ।

ସୋମବାର : କୌଣସି ଗୋଟିଏ ସାଇ କେନ୍ଦ୍ରରେ ଏକ ଘଣ୍ଟା ପାଇଁ ପରମପ୍ରିୟ ସ୍ୱାମୀଙ୍କର ଦିବ୍ୟ ସନ୍ଦେଶ ଉପରେ ଆଲୋଚନା ଏବଂ ପରେ ପରେ ଅଧ ଘଣ୍ଟା ପାଇଁ ଆକାଶବାଣୀରେ ଅନ୍ୟ ଏକ ଆଲୋଚନାର ସିଧା ପ୍ରସାରଣ ।

ମଙ୍ଗଳବାର : ଅନ୍ୟ ଏକ ସାଇ କେନ୍ଦ୍ରରେ ଭକ୍ତମାନଙ୍କ ପାଇଁ ପରମପ୍ରିୟ ସ୍ୱାମୀଙ୍କର ଦିବ୍ୟ ସନ୍ଦେଶ ଉପରେ ଏକଘଣ୍ଟା ପାଇଁ ଆଲୋଚନା ଓ ଅଧଘଣ୍ଟା ପାଇଁ ଅନ୍ୟ ଏକ ଆକାଶବାଣୀରେ କଥୋପକଥନ (ପ୍ରଶ୍ନୋତ୍ତର) କାର୍ଯ୍ୟକ୍ରମର ସିଧା ପ୍ରସାରଣ ।

ଅନୁଭବ କରାଯାଇଥିଲା ଯେ ବର୍ଷା ଋତୁର ଚରମ ଅବସ୍ଥାରେ ଯାତ୍ରା କରିବା ଅତ୍ୟନ୍ତ କଷ୍ଟକର । ତଥାପି ରେଡ଼ିଓ ମାଧ୍ୟମରେ 'ସାଇ କୃପା ମନ୍ଦିର' ଉଦ୍‌ଘାଟନଉତ୍ସବରେ ଯୋଗ ଦେବା ପାଇଁ ସମସ୍ତଙ୍କୁ ନିମନ୍ତ୍ରଣ କରାଯାଇଥିଲା ।

ବୁଧବାର	ତୃତୀୟ ଓ ସର୍ବ ବୃହତ୍ ସାଇକେନ୍ଦ୍ରରେ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ମୋର ଆଲୋଚନା ଏବଂ ପରେ ପରେ ଦେଢ଼ଘଣ୍ଟା ପାଇଁ ସୁରିନାମର ମୁଖ୍ୟ ଆକାଶବାଣୀ କେନ୍ଦ୍ରରେ ସାକ୍ଷାତକାର କାର୍ଯ୍ୟକ୍ରମର ସିଧା ପ୍ରସାରଣ ।
ଗୁରୁବାର	ଦୂରଦର୍ଶନ କେନ୍ଦ୍ରରେ ଦୁଇଟି ପୃଥକ୍ କାର୍ଯ୍ୟକ୍ରମର ଭିଡ଼ିଓ ରେକର୍ଡ଼ିଂ ।

ମନ୍ଦିରର ଉଦ୍‌ଘାଟନ ଉତ୍ସବରେ ଏକ ବିଶାଳ ତମ୍ବୁ ପକାଯାଇଥିଲା । ଏଥିରେ ଦୁଇ ଶହ ଲୋକ ଏକ ସଙ୍ଗରେ ଟେବୁଲ ଚେୟାରରେ ବସି ଭୋଜନ କରିପାରିବା ଭଳି ବ୍ୟବସ୍ଥା ରହିଥିଲା । ତା ଛଡ଼ା ଖାଦ୍ୟ ପ୍ରସ୍ତୁତି ପାଇଁ ଏକ ସ୍ୱତନ୍ତ୍ର ରୋଷଘର ମଧ୍ୟ ଏହି ତମ୍ବୁ ମଧ୍ୟରେ ପୃଥକ ଭାବରେ ନିର୍ଦ୍ଦିଷ୍ଟ କରାଯାଇଥିଲା । ପ୍ରତିଦିନ ମୁଁ ମନେ ମନେ ପରମପ୍ରିୟ ବାବାଙ୍କୁ ପ୍ରାର୍ଥନା କରୁଥିଲି ''ସ୍ୱାମୀ, ପ୍ରବଳ ବର୍ଷାରେ କିଏ ବା ଉଦ୍‌ଘାଟନ ଉତ୍ସବକୁ ଆସିପାରିବ ? ଦୟାକରି କିଛି କରନ୍ତୁ ଯାହାଫଳରେ ଲୋକମାନେ ଯାତ୍ରା କରି ପାରିବେ ଏବଂ ଏହି ଉତ୍ସବରେ ଯୋଗ ଦେଇ ପାରିବେ ।''

ପରମପ୍ରିୟ ସ୍ୱାମୀଙ୍କ କରୁଣା ଆମକୁ ସୁରକ୍ଷା ଦେଇଥିଲା । କୁହାଯାଇଛି ବିଶ୍ୱାସର ଶକ୍ତି ପର୍ବତକୁ ଘୁଞ୍ଚାଇ ଦେଇ ପାରେ, ବନ୍ଧନର ଶିକୁଳିକୁ ଛିଡ଼ାଇ ଦେଇ ପାରେ ଏବଂ ପାପକୁ ପୋଛି ଦେଇ ପାରେ । ପରମପ୍ରିୟ ସ୍ୱାମୀ ସେହି ଗୁରୁବାର ରାତିଠାରୁ ପରବର୍ତ୍ତି ତିନିଦିନ. ପାଇଁ ବର୍ଷା ବନ୍ଦ କରିଦେଇଥିଲେ । ପରବର୍ତ୍ତୀ ତିନିଦିନ ପାଇଁ ଉଦ୍‌ଘାଟନ ଉତ୍ସବ କାର୍ଯ୍ୟକ୍ରମରେ ଯଜ୍ଞ ମାଧ୍ୟମରେ ଆଧ୍ୟାତ୍ମିକ ସାଧନା (ଶୁକ୍ରବାର), ଲକ୍ଷାର୍ଚ୍ଚନା (ଶନିବାର) ଏବଂ 'ଏହି ଦାସ' ଦ୍ୱାରା ବାବାଙ୍କ ଦିବ୍ୟ ସନ୍ଦେଶ ସମ୍ପର୍କରେ ଆଲୋଚନା ଓ ସ୍ୱାସ୍ଥ୍ୟ ଶିକ୍ଷା ତଥା ଭକ୍ତି ଉପରେ ବକ୍ତୃତା (ରବିବାର) ଅନ୍ତର୍ଭୁକ୍ତ ହୋଇଥିଲା ।

ରବିବାର ଦିନ କାର୍ଯ୍ୟକ୍ରମ ଶେଷରେ ୫୦୦ ଭକ୍ତଙ୍କ ଉପସ୍ଥିତିରେ ମୁଁ କହିଥିଲି ''ଆପଣମାନେ ସ୍ୱାମୀଙ୍କର ଅଲୌକିକତା ଦେଖିବାକୁ ଚାହିଁଥିଲେ । ଏହା ନୁହେଁ କି ? ତାଙ୍କ ଦୟାଠାରୁ ବଡ଼ ଅଲୌକିକତା ଆଉ କଣ ହୋଇପାରିଥାନ୍ତା ? ସେ ତିନିଦିନ ପାଇଁ ବର୍ଷା ବନ୍ଦ କରିଦେଲେ ।'' ମୋର ଏହି ଉକ୍ତିରେ ସମସ୍ତେ ଏକମତ ହୋଇଥିଲେ । ଜଣେ ବ୍ୟକ୍ତି କହିଥିଲେ ''ମୁଁ ଗତ ୨୫ ବର୍ଷ ଧରି ଏଠାରେ ବାସ କରୁଛି । ବର୍ଷା ଋତୁରେ ଏକ ଘଣ୍ଟା ପାଇଁ ହେଲେ ମଧ୍ୟ ବର୍ଷା ବନ୍ଦ ହୋଇଯିବା ମୁଁ କେବେ ଦେଖି ନାହିଁ । ତିନିଦିନ କାଳ ବର୍ଷା ବନ୍ଦ ହୋଇଯିବା ଦେଖି ମୁଁ ବିଶ୍ୱାସ କରୁଛି ପରମପ୍ରିୟ ସ୍ୱାମୀ ହେଉଛନ୍ତି ଭଗବାନ ।

(ହ୍ୱାଇଟ୍ ଫିଲ୍ଡର ତ୍ରୟିବୃନ୍ଦାବନରେ ପରମପ୍ରିୟ ସ୍ୱାମୀଙ୍କ ଉପସ୍ଥିତିରେ 'ଏହି ଦାସ'ଠାରୁ ଏପରି ଘଟଣାଟି ଶୁଣି ସ୍ୱାମୀଙ୍କ ଛାତ୍ରମାନେ ଅତ୍ୟନ୍ତ ଖୁସି ହୋଇଥିଲେ ।)

ମୁଁ ଭକ୍ତମାନଙ୍କୁ ବୁଝାଇଦେଲି ଯେ ଅଲୌକିକତା ପ୍ରତି ଗୁରୁତ୍ୱ ଦେବା ଉଚିତ ନୁହେଁ । ମୁଁ ସେମାନଙ୍କୁ କହିଥିଲି ''ଥରେ ଆପଣମାନେ ତାଙ୍କୁ ଜାଣିବା ଏବଂ ତାଙ୍କ

ଅଧିଭୌତିକ ଶକ୍ତି ସମ୍ପର୍କରେ ବିଶ୍ୱାସ କରିବା ପରେ, ସମସ୍ତେ ଭକ୍ତିର ବିକାଶ ପାଇଁ ଏଭଳି ପଦକ୍ଷେପ ନେବା ଉଚିତ ଯାହାଫଳରେ ଆଧ୍ୟାତ୍ମିକ ସାଧନା ପ୍ରତ୍ୟେକଙ୍କୁ ରୂପାନ୍ତରିତ କରିପାରିବ । ଏହା ହିଁ ଭଗବାନ ଚାହାଁନ୍ତି । ଏହି ଆଧ୍ୟାତ୍ମିକ ସାଧନା ହେଲା ନାମ ସ୍ମରଣ । ଭଗବାନ ଆମକୁ ବଞ୍ଚିବାକୁ ଦେଇଛନ୍ତି ଏବଂ ଆମର ଯତ୍ନ ନେଉଛନ୍ତି । ଏହାକୁ ସ୍ମରଣ କରିବା ମନ୍ତ୍ର ହେଉଛି ନାମ ସ୍ମରଣ । ଆତ୍ମବିକାଶ ପାଇଁ ପଦକ୍ଷେପ ଆତ୍ମ ଉପଲବ୍ଧି ଆଡ଼କୁ ବାଟ କଢ଼ାଇ ନିଏ ।'' ସ୍ୱାମୀ କହନ୍ତି ''ଆତ୍ମସମ୍ମାନ ଆତ୍ମବିଶ୍ୱାସ ପାଇଁ ଏବଂ ଆତ୍ମବିଶ୍ୱାସ ଆତ୍ମସନ୍ତୋଷ ପାଇଁ ଦିଗ୍‌ଦର୍ଶନ ଦେଇଥାଏ । ଆତ୍ମସନ୍ତୋଷରୁ ଆତ୍ମତ୍ୟାଗ ଏବଂ ଶେଷରେ ଆତ୍ମଉପଲବ୍ଧି ଆଡ଼କୁ ଜଣେ ଅଗ୍ରସର ହୋଇଥାଏ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଭଗବାନ ବୋଲି ମନେ କରି ମାନବ ସେବା ହିଁ ମାଧବ ସେବା ବୋଲି ବିଚାର କରାଯାଏ ।'' ପରମପ୍ରିୟ ସ୍ୱାମୀ ଚାହାଁନ୍ତି ସମସ୍ତେ ଉପରୋକ୍ତ ପଦକ୍ଷେପଗୁଡ଼ିକୁ ଅଭ୍ୟାସରେ ପରିଣତ କରି ଭଲ ମଣିଷ ହୁଅନ୍ତୁ । ବାବା କହନ୍ତି ''ଜଣେ ହିନ୍ଦୁକୁ ଭଲ ହିନ୍ଦୁ, ଜଣେ ଖ୍ରୀଷ୍ଟିଆନ୍‌କୁ ଭଲ ଖ୍ରୀଷ୍ଟିଆନ, ପ୍ରତ୍ୟେକ ମଣିଷକୁ ଭଲ ମଣିଷ କରିବା ପାଇଁ ମୁଁ ନର ରୂପରେ ଅବତରଣ କରିଛି ।''

ପରମପ୍ରିୟ ସ୍ୱାମୀ କହିଛନ୍ତି ''ଦିବ୍ୟାତ୍ମା ସ୍ୱରୂପଗଣ ! ଭାରତ ହେଉଛି କେନ୍ଦ୍ରଭୂମି ଯେଉଁଠାରେ ମଣିଷ ସମାଜର ମଙ୍ଗଳ ଉଦ୍ଦେଶ୍ୟରେ ଧର୍ମ ସଂସ୍ଥାପନା ପାଇଁ ଭଗବାନ ଅବତରଣ କରିଥାନ୍ତି । ଏହି ଶରୀରରେ ଅବତରଣ କରିଥିବା ଭଗବାନଙ୍କର ମହିମା ଓ ଗରିମା ଜଣାଇବା ପାଇଁ କୌଣସି କୌଣସି ସ୍ଥାନରେ ଅଲୌକିକ ଘଟଣାମାନ ଘଟୁଛି । ପ୍ରେମ ହେଉଛି ସେହି ବନ୍ଧନ ଯାହା ଭଗବତ୍ କୃପା ପାଇବା ପାଇଁ ଉଦ୍ଦିଷ୍ଟ । ମୋର ନିରବଚ୍ଛିନ୍ନ ପ୍ରେମକୁ ଛାଡ଼ିଦେଲେ ମୋର ତଥାକଥିତ ଅଲୌକିକତା ଅବିଶ୍ୱାସୀ ନାସ୍ତିକମାନଙ୍କ ମନରେ ବିଶ୍ୱାସର ମଞ୍ଜି ବପନ କରିବା ଏବଂ ମାନବିକତାର ପୋଷଣ ତଥା ମହାନ୍ ଶକ୍ତି ପ୍ରତି ସମ୍ମାନ ପ୍ରଦର୍ଶନ ପାଇଁ ଉଦ୍ଦିଷ୍ଟ ।''

ନିକେରି ପରିଦର୍ଶନ

ହଲାଣ୍ଡର ରୋଟରଡାମଠାରେ 'ଏହି ଦାସ' ସହିତ ଦେଖା ହୋଇଥିବା ସ୍ୱାମୀ ବ୍ରହ୍ମଦେବଜୀ ମଧ୍ୟ ସେତେବେଳେ ସୁରିନାମଠାରେ ଥିଲେ । ସେ ଆମ ପାଖକୁ ଆସି କହିଥିଲେ ''ମୁଁ ଆପଣମାନଙ୍କୁ ନିକେରି ନାମକ ଏକ କ୍ଷୁଦ୍ର ଦ୍ୱୀପକୁ ଆକାଶ ମାର୍ଗରେ ନେଇଯିବି ।''

ନିକେରି ଦ୍ୱୀପରେ ପ୍ରାୟ ଏକ ହଜାର ବେଦ ଅଧ୍ୟୟନ କରୁଥିବା ଛାତ୍ର ଥିଲେ ଏବଂ ସେମାନଙ୍କୁ ମୁଁ ପରମପ୍ରିୟ ବାବାଙ୍କ ଦିବ୍ୟ ସନ୍ଦେଶ ଶୁଣାଇବା ପାଇଁ ସ୍ୱାମୀ ବ୍ରହ୍ମଦେବଜୀ ଚାହିଁଥିଲେ । ଆମକୁ ନିମନ୍ତ୍ରଣ କରିବାର ମୂଳ ଉଦ୍ଦେଶ୍ୟ ଥିଲା, ସେଠାରେ ଥିବା ଭକ୍ତମାନେ ଏକହଜାର ଲୋକ ବସି ପାରିଲା ଭଳି ଏକ ବଡ଼ ସଭାଗୃହ ନିର୍ମାଣ

କରିଥିଲେ ଏବଂ 'ଏହି ଦାସ' ତାର ନାମକରଣ କରି ଉଦ୍‌ଘାଟନ କରିବା ପାଇଁ ସ୍ୱାମୀ ବ୍ରହ୍ମଦେବଜୀ ଚାହିଁଥିଲେ ।

ସ୍ୱାମୀ ବ୍ରହ୍ମଦେବଜୀ ଏହାର ଉଦ୍‌ଘାଟନ କରିବା ପାଇଁ ମୁଁ ଜୋର ଦେଇଥିଲି । ପ୍ରସଙ୍ଗକ୍ରମେ ସ୍ଥିର ହେଲା ଯେ ସଭାଗୃହର ପ୍ରଥମ ନାମ ମୁଁ ଦେବି ଏବଂ ସେ ନାମର ବାକି ଅଂଶ ସ୍ୱାମୀ ବ୍ରହ୍ମଦେବଜୀ ପୂରଣ କରିବେ । ପ୍ରଥମ ନାମ ପାଇଁ ମୋର ପ୍ରସ୍ତାବ ଥିଲା ''ପ୍ରଶାନ୍ତି'' ଏବଂ ସ୍ୱାମୀ ବ୍ରହ୍ମଦେବଜୀ ଏଥିସହିତ ''ଭବନ'' ଯୋଡ଼ି ଦେଇଥିଲେ । ତେଣୁ ସଭାଗୃହର ନାମ ''ପ୍ରଶାନ୍ତି ଭବନ'' ରଖାଯାଇଥିଲା ।

ଏହି କାର୍ଯ୍ୟକ୍ରମ ପୂର୍ବରୁ ସ୍ୱାମୀ ବ୍ରହ୍ମଦେବଜୀ ମୋତେ ସେମାନଙ୍କର ଆକାଶବାଣୀ କେନ୍ଦ୍ରକୁ ନେଇ ଯାଇଥିଲେ । ଏହି ଆକାଶବାଣୀ କେନ୍ଦ୍ରର ନାମ ଥିଲା ''ରାଣୀ ବେତାର କେନ୍ଦ୍ର'' । ଭାରତୀୟ ଭାଷା ଅନୁସାରେ 'ରାଣୀ'ର ଅର୍ଥ ହେଲା ରାଜ୍ୟର ରାଜାଙ୍କର ମହିଷୀ । ତେଣୁ ମୁଁ ଏହି ବେତାର କେନ୍ଦ୍ରର ନାମ 'ରାଣୀ' ବୋଲି ରଖାଯିବାର କାରଣ ପଚାରିଥିଲି । ସ୍ୱାମୀଜୀ ମଧୁର ସ୍ୱରରେ ବୁଝାଇ ଦେଇଥିଲେ 'ରା' (RA)ର ଅର୍ଥ ରେଡ଼ିଓ (RADIO) ଏବଂ 'ଣୀ'(NI)ର ଅର୍ଥ ନିକେରି (NIKERI) । ତେଣୁ ରାଣୀ (RANI) ହେଉଛି ଅତ୍ୟନ୍ତ ଯୁକ୍ତିଯୁକ୍ତ ନାମକରଣ । ଭଗବାନ ଶ୍ରୀ ସତ୍ୟସାଇ ବାବା ଏବଂ ତାଙ୍କ ଦିବ୍ୟ ସନ୍ଦେଶ ଉପରେ ମୁଁ ପ୍ରାୟ ଅଧଘଣ୍ଟା କହିଥିଲି ଏବଂ ଏହା 'ରାଣୀ ବେତାର କେନ୍ଦ୍ର'ରୁ ପ୍ରଚାରିତ ହୋଇଥିଲା ।

ସନ୍ଧ୍ୟାରେ ପ୍ରାୟ ୮୦୦ ବୈଦିକ ପଣ୍ଡିତ ପ୍ରଶାନ୍ତି ଭବନରେ ସମବେତ ହୋଇଥିଲେ ଏବଂ ଦିବ୍ୟ ସନ୍ଦେଶ ଶୁଣିବା ପରେ ସମସ୍ତେ ବିଭୂତି ଗ୍ରହଣ କରିଥିଲେ । ଭଗବାନଙ୍କର ଦିବ୍ୟ ଆଶୀର୍ବାଦ ପାଇଲେ ବୋଲି ପ୍ରତ୍ୟେକ ଅନୁଭବ କରିଥିଲେ ।

ତ୍ରିନିଦାଦ ଯାତ୍ରା

ଆମେ ନିକେରିରୁ ପାରାମାରିବୋକୁ ଫେରିଲୁ ଏବଂ ସେଠାରୁ ବିମାନ ଯୋଗେ ତ୍ରିନିଦାଦ ଗଲୁ । ଆମେ ସହର ଦେଇ କାରରେ ଗଲାବେଳେ ଦେଖି ଆଶ୍ଚର୍ଯ୍ୟ ହେଲୁ ଯେ ପ୍ରତ୍ୟେକ ଘରର ଚତୁର୍ଦ୍ଦିଗରେ ଲୁହାଶଲାକା ଦ୍ୱାରା ଅସ୍ଥାୟୀ ଆତ୍ମରକ୍ଷା ପାଇଁ ବାଡ଼ ବା ପ୍ରତିବନ୍ଧକ ନିର୍ମାଣ କରାଯାଇଛି । ଏହାର କାରଣ ହେଲା ତ୍ରିନିଦାଦରେ ଅପରାଧପ୍ରବଣତା ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି ଏବଂ ଚୋରୀ ଡକାୟତି ଏଠାରେ ଏକ ସାଧାରଣ ଘଟଣା ।

ଆମର ପ୍ରଥମ କାର୍ଯ୍ୟକ୍ରମ ୪୦୦ ଲୋକ ବସିପାରିଲା ଭଳି ଏକ ସଭାଗୃହରେ ବ୍ୟବସ୍ଥା କରାଯାଇଥିଲା । କେତୋଟି ଭଜନ ସହିତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ପରେ ପରେ ଦିବ୍ୟ ସନ୍ଦେଶ ଉପରେ ଆଲୋଚନା କରାଯାଇଥିଲା । ଏଥିରେ ପରମପ୍ରିୟ ସ୍ୱାମୀଙ୍କର ଲୀଳା ଓ ମହିମା, ତାଙ୍କର ଉପଦେଶ, ଏହାକୁ ଅଭ୍ୟାସରେ ପରିଣତ କରିବାର

ପନ୍ଥା ଇତ୍ୟାଦି ସାଧାରଣ ଭାବରେ ସୂଚାଇ ଦିଆଯାଇଥିଲା । ସାଧନା ଦ୍ୱାରା ଏବଂ ନିଜ ଇଚ୍ଛା ଓ ଶକ୍ତି ଅନୁସାରେ ସମାଜର ସେବା କରିବା ଦ୍ୱାରା ପ୍ରତ୍ୟେକ ବ୍ୟକ୍ତିର ରୂପାନ୍ତରଣ ଅତି ଗୁରୁତ୍ୱପୂର୍ଣ୍ଣ ।

ତ୍ରିନିଦାଦରେ ଏହିଭଳି ଅନେକ କାର୍ଯ୍ୟକ୍ରମ ଭିନ୍ନ ଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥିଲା । ଲକ୍ଷାର୍ଚ୍ଚନା ପରି ସାଧନା ସବୁଠାରୁ ବଡ଼ କାର୍ଯ୍ୟକ୍ରମ ଥିଲା ।

ଶିବ ମନ୍ଦିରରେ ଲକ୍ଷାର୍ଚ୍ଚନା

ସ୍ୱୟମ୍ଭୁଲିଙ୍ଗ ଶିବମନ୍ଦିର ପଛପାଖରେ ଥିବା ଏକ ସଭାଗୃହରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆପେ ଆପେ ମାଟିରୁ ଉଦ୍ଭବ ହୋଇଥିବା ଲିଙ୍ଗ ହିଁ ସ୍ୱୟମ୍ଭୁଲିଙ୍ଗ । ଏହି ଲିଙ୍ଗ ୬୦ଡିଗ୍ରୀ କୋଣ କରି ଉତ୍‌ଥିତ ହୋଇଥିଲା ଏବଂ ଏହାର ଉଚ୍ଚତା ଥିଲା ଦୁଇଫୁଟ (୬୦ସେ.ମି.) ।

ନିମ୍ନୋକ୍ତ ଉପାୟରେ ପରମପ୍ରିୟ ସ୍ୱାମୀ ଲକ୍ଷାର୍ଚ୍ଚନାରେ ନିଜର ଉପସ୍ଥିତିର ସଂକେତ ଦେଇଥିଲେ । ଗୋଟିଏ ନଡ଼ିଆ ଆପେ ଆପେ ହଠାତ୍ ଫାଟିଗଲା (ଆଶୀର୍ବାଦର ସୂଚନା) ଏବଂ ସେଥିରୁ ବିନ୍ଦୁ ବିନ୍ଦୁ ହୋଇ ଜଳ ଝରି ଆସିଲା । ଭଗବାନଙ୍କ ପଦ ଚାରଣା ପାଇଁ ସ୍ୱତନ୍ତ୍ର ଭାବରେ ସଜ୍ଜିତ ପଥ (ମହିଳା ଓ ପୁରୁଷଙ୍କୁ ବିଭକ୍ତ କରୁଥିବା ପଥ) ଉପରେ ବିଭୂତିର ପାଞ୍ଚଗୋଟି ପଦଚିହ୍ନ ରହିଯାଇଥିଲା ।

ଏକ ସଫଳ ଓ ପ୍ରେରଣାଦାୟୀ ଯାତ୍ରା ପରେ ଆମେ ତ୍ରିନିଦାଦରୁ ଯୁକ୍ତରାଜ୍ୟକୁ ଫେରିଆସିଥିଲୁ । ପରମପ୍ରିୟ ସ୍ୱାମୀଙ୍କର କୃପାରୁ ଆମେ ଶତାଧିକ ଭକ୍ତଙ୍କୁ ଦେଖା କରିବା ଏବଂ ସ୍ୱାମୀଙ୍କର ଦିବ୍ୟ ସନ୍ଦେଶ ଶୁଣିବା ପରେ ସେମାନଙ୍କର ବିଶ୍ୱାସ ଦୃଢ଼ ହୋଇଥିବା ଲକ୍ଷ୍ୟ କରିବାର ସୌଭାଗ୍ୟ ଅର୍ଜନ କରିଥିଲୁ ।

‘କେନିଆର ମୋମ୍ବାସା ସମୁଦ୍ର କୂଳରେ ଏକ ସ୍ୱୟମ୍ଭୁ ଲିଙ୍ଗ ଭୂମି ମଧ୍ୟରୁ ଉଦ୍ଭବ ହେଉଅଛି । ଏହା ଅତି ପବିତ୍ର ହୋଇଥିବାରୁ ହିନ୍ଦୁ-ସଂଘ ଏହି ସ୍ଥାନକୁ ଦଖଲ କରି ଲିଙ୍ଗ ଚତୁର୍ଦ୍ଦିଗରେ ଏକ ମନ୍ଦିର ନିର୍ମାଣ କରିଛନ୍ତି ।)

ଫାଟିଯାଇଥିବା ବା ଆଶୀର୍ବାଦପ୍ରାପ୍ତ ହୋଇଥିବା ନଡ଼ିଆକୁ କିପରି ବ୍ୟବହାର କରିବ

ଫାଟିଯାଇଥିବା ନଡ଼ିଆର ବ୍ୟବହାର ତିନୋଟି ଉପାୟରେ କରାଯାଇଥାଏ ।

(୧) ଯଦି ନଡ଼ିଆ ଫାଟି ପାଣି ବାହାରି ଯାଇଥାଏ ତେବେ ତାର ଶସକୁ ପୃଥକ କରି ପ୍ରସାଦ ରୂପେ ବ୍ୟବହାର କରାଯାଇ ପାରେ ।

(୨) ଯଦି ପାଣି ବାହାରି ନ ଥାଏ ତେବେ ଏହାକୁ ପୂଜାଘରେ ସ୍ଥାୟୀ ଭାବରେ ଭଗବତ୍ କୃପାର ସଂକେତ ସ୍ୱରୂପ ରଖାଯାଇ ପାରେ ।

(୩) ଯଦି ନଡ଼ିଆ ଶୁଖିଯାଇ ନଷ୍ଟ ହୋଇଯାଇଥିବାର ଅନୁଭବ କରାଯାଏ ତେବେ ଏହାକୁ ପ୍ରବହମାନ ନଦୀ ବା ସମୁଦ୍ର ଗର୍ଭରେ ବିସର୍ଜନ କରାଯାଏ ।

ଭାରତର ହାଇଦ୍ରାବାଦଠାରେ ଥିବା 'ଶିବମ୍' ମନ୍ଦିର ଉଦ୍‌ଘାଟନ ଅବସରରେ ପରମପ୍ରିୟ ସ୍ୱାମୀ ଦେଇଥିବା ସୁନ୍ଦର ଦିବ୍ୟ ସନ୍ଦେଶ ଉଦ୍ଧାର କରି ଏହି ଅଧ୍ୟାୟଟିକୁ ଶେଷ କରିବା ।

''ଶିବମ୍' ନାମକ ଏହି ମନ୍ଦିର ନିର୍ମାଣ ଭାଗ୍ୟନଗର (ହାଇଦ୍ରାବାଦ) ବାସୀଙ୍କ ପାଇଁ ଏକ ସ୍ୱତନ୍ତ୍ର ସାଧନା । ଏହାର ଗଠନ ଅନନ୍ୟ କାରଣ ଏହା ଏକ ଲିଙ୍ଗ ସଦୃଶ ନିର୍ମାଣ କରାଯାଇଛି । ଏହାର ଆକୃତି ନିରାକାର, ନିର୍ଗୁଣ ପୂର୍ଣ୍ଣବ୍ରହ୍ମର ସୂଚନା ଦିଏ । ଲିଙ୍ଗ ହେଉଛି ଈଶ୍ୱରଙ୍କର ଏକ ରୂପ ଯାହା ନିରାକାରରୁ ସାକାର ହୋଇଛି । ଅନ୍ୟସବୁ ଆକୃତି ଏହି ଲିଙ୍ଗ ଆକୃତି ମଧ୍ୟରେ ନିମଜ୍ଜିତ । ପ୍ରକୃତି ବା ବସ୍ତୁଜଗତ ହେଉଛି ଭିତ୍ତିଭୂମି । ଏହା ସୂଚନା ଦିଏ ଯେ ଈଶ୍ୱର ତାଙ୍କର ଏହି ସୃଷ୍ଟି ଉପରେ ପ୍ରକଟିତ ହୋଇଛନ୍ତି । ଏହା ତାଙ୍କ ଲୀଳା, ତାଙ୍କ କ୍ଷମତା ଏବଂ ତାଙ୍କ ଶକ୍ତିର ସ୍ଥୂଳ ଉପସ୍ଥାପନା ।''

''ସେହି କାରଣରୁ ଭଗବାନଙ୍କୁ 'ଶିବ-ଶକ୍ତି-ଆତ୍ମକ ସ୍ୱରୂପମ୍', ଶିବ ଓ ଶକ୍ତିଙ୍କର ପରମ ସତ୍ତା ବୋଲି କୁହାଯାଏ । ତୁମେ ଦେଖିବ ଯେ ଭିତ୍ତିଭୂମି ଏକ ଭୂ-ସମାନ୍ତରାଳ ଶ୍ରେଷ୍ଠ ଭାସ୍କର୍ଯ୍ୟ ଏବଂ ଏହା ଉପରେ ବର୍ତ୍ତୁଳ ସ୍ତମ୍ଭ ରୂପୀ ଲିଙ୍ଗ ସ୍ଥାପିତ ହୋଇଛି । ଭିତ୍ତିଭୂମି ହେଲା 'ସତ୍ୟମ୍', ଏହା ଉପରେ ନିର୍ମିତ ସ୍ଥାପତ୍ୟ ହେଉଛି 'ଶିବମ୍' ଏବଂ ଲିଙ୍ଗ ହେଉଛି 'ସୁନ୍ଦରମ୍' । ପ୍ରଥମଟି ହେଲା ପୁଷ୍ପ, ଦ୍ୱିତୀୟଟି ହେଲା ସୁରଭି ଏବଂ ତୃତୀୟଟି ହେଲା 'ବାୟୁ' – ଯାହାର ଆକୃତି ନାହିଁ ଏବଂ ସୁରଭିକୁ ଭସାଇ ନିଏ । ଏହା ମଙ୍ଗଳମୟତାର ସୂଚନା ଦିଏ । ଏହା ହିଁ 'ଶିବମ୍' । ସତ୍ୟମ୍ ରୂପକ ଭିତ୍ତିଭୂମି ଉପରେ ସମସ୍ତ ଜାଗତିକ ସୃଷ୍ଟିର ସଂକେତ ସହ ସମଗ୍ର ବିଶ୍ୱ ପ୍ରତିଷ୍ଠିତ ।''

''ମଣିଷ 'ସତ୍ୟମ୍–ଶିବମ୍–ସୁନ୍ଦରମ୍'ର ସ୍ୱରୂପ ବୋଲି ଏହି ସୌଧ ବାର୍ତ୍ତା ପ୍ରସାର କରିବ ଏବଂ ଏହି ମହିମାକୁ ଆଧାର କରି ମଣିଷ ଜୀବନ ଧାରଣ କରିବାକୁ ଆହ୍ୱାନ ଦେବ । ମଣିଷ ସତ୍ୟକୁ ଉପଲବ୍ଧି କରିବ । ଏହାକୁ ଭାବ, ଭାଷା ଓ କାର୍ଯ୍ୟରେ ପ୍ରଦର୍ଶନ କରିପାରିବ । ସତ୍ୟ ହେଉଛି ମଣିଷ ସ୍ଥିତିର ମୂଳ ଭିତ୍ତି । ସତ୍ୟକୁ ଜାଣ ଓ ସତ୍ୟ ହିଁ ତୁମକୁ ଶକ୍ତିଶାଳୀ ଓ ସ୍ଥିତପ୍ରଜ୍ଞ କରିପାରିବ । ଏହା ସମସ୍ତଙ୍କ ସହିତ ଘନିଷ୍ଠ କରାଇବା ସଙ୍ଗେ ସଙ୍ଗେ କାମନା ଓ ଘୃଣାର ବନ୍ଧନରୁ ମୁକ୍ତ କରାଇ ପାରିବ । ମଣିଷକୁ ଶିବମ୍‌ର ଆଦର୍ଶ ଶିକ୍ଷା କରିବାକୁ ପଡ଼ିବ ଅର୍ଥାତ୍ କ୍ରୋଧ ଓ ଲୋଭର ବିଷ ବା ହଳାହଳକୁ ଗଳାଧ କରଣ (ଉଦରସ୍ଥ) କରିଦିଅ । ଏହାର କ୍ଷତିକାରକ ପ୍ରଭାବକୁ ଅପ୍ରକଟ (ନିଶ୍ଚିହ୍ନ) କରିଦିଅ । କଥା ଓ କର୍ମ ମାଧ୍ୟମରେ ସାନ୍ତ୍ୱନା ଓ ଆନନ୍ଦର ବାର୍ତ୍ତା ପ୍ରସାର କର ।''

''ମୁଁ ତୁମ ହୃଦୟ ମଧ୍ୟରେ ଧର୍ମ ବା ସାଧୁତାର ସୁଗନ୍ଧ, ଦୟାର୍ଦ୍ର ଆନ୍ତରିକତା ଓ ଆନନ୍ଦମୟ ଆବେଗ ଭିତରେ ରହିବା ପାଇଁ ଅଭିଳାଷ ପୋଷଣ କରେ । ଏହା ହିଁ 'ଶିବମ୍' । ମୁଁ ଚାହେଁ ଏହି ମନ୍ଦିର ସତ୍ୟ, ସୌନ୍ଦର୍ଯ୍ୟ ଓ ସାଧୁତାର ଭାସ୍କର୍ଯ୍ୟ ହୋଇ ରହୁ ।''

□□

ଅଧ୍ୟାୟ - ୪୧

ଶତ—ଲକ୍ଷାର୍ଚ୍ଚନା

ଲକ୍ଷାର୍ଚ୍ଚନା (ସମୂହ ଭାବରେ ଶତ ସହସ୍ରବାର ପୁନରାବୃତ୍ତି କ୍ରମେ ଦିବ୍ୟ ନାମ ଉଚ୍ଚାରଣ ପୂର୍ବକ ଅକ୍ଷତ ଅର୍ପଣ) ଭଳି ଆଧ୍ୟାତ୍ମିକ ସାଧନାରେ ଅଂଶ ଗ୍ରହଣ କରୁଥିବା ଭକ୍ତମାନଙ୍କ ପାଇଁ ଏହା ଅତ୍ୟନ୍ତ ଉପକାରୀ ବୋଲି ପ୍ରମାଣିତ ହୋଇଛି । ଏହାର କାରଣ ସ୍ୱରୂପ କୁହାଯାଇଛି ଏହାଦ୍ୱାରା ଭକ୍ତିର ବିକାଶ ହେବା ସଙ୍ଗେ ସଙ୍ଗେ ଭକ୍ତର ମନୋବାଞ୍ଛା ପୂରଣ ହୋଇଥାଏ । ଏଥିପାଇଁ ଭକ୍ତମାନଙ୍କର ଆଗ୍ରହ ଏତେ ବଢ଼ିଯାଇଥିଲା ଯେ, ବହୁ ଭକ୍ତ ତାଙ୍କର ନାମ ଓ ଠିକଣା ଦେଇ ଏହି ସାଧନା ପରିଚାଳନା ପାଇଁ ଦିନ ଧାର୍ଯ୍ୟ କରିବାକୁ ଆମକୁ ଅନୁରୋଧ କରିଥିଲେ । ଏକ ସମୟରେ ମାସକ ମଧ୍ୟରେ ଲକ୍ଷାର୍ଚ୍ଚନା କରିବା ପାଇଁ ପ୍ରାୟ ଶହେ ଭକ୍ତଙ୍କଠାରୁ ଆମେ ଅନୁରୋଧ ପତ୍ର ପାଇଥିଲୁ ।

ଏହି ଅନୁରୋଧ କିପରି ରକ୍ଷା କରାଯାଇ ପାରିବ ସେ ସମ୍ପର୍କରେ 'ଏହି ଦାସ' ଲଣ୍ଡନର ଉତ୍ତର ହାମ୍ପଟନ୍‌ରେ ରହୁଥିବା ରତିଭାଇ ପଟେଲଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲା । ମୂଳ ବିଷୟବସ୍ତୁରୁ ଟିକିଏ ଓହରିଯାଇ ମୁଁ ରତିଭାଇଙ୍କ ପରିବାର କିପରି ସ୍ୱାମୀଙ୍କର କୃପାଲାଭ କରିଥିଲେ ତାର ଏକ ବିବରଣୀ ଏଠାରେ ଉଲ୍ଲେଖ କରିବି ।

ବାବା କିଶୋର ପଟେଲଙ୍କୁ ଦୃଷ୍ଟି ଶକ୍ତି ପ୍ରଦାନ କଲେ

ରତି ଭାଇଙ୍କ ପୁଅ କିଶୋର ଥରେ ଜଣେ ଭକ୍ତଙ୍କ ଘରକୁ ଯାଇଥିଲେ । ସେତେବେଳେ ସେ 'ଅମ୍ବା ମା' (ଦିବ୍ୟମାତା)ଙ୍କ ମୂର୍ତ୍ତିକୁ ଏକ ପ୍ରବହମାନ ନଦୀ ଜଳରେ ବିସର୍ଜନ ଦେବାକୁ ବସିଥିଲେ । କାରଣ ମୂର୍ତ୍ତିଟି ଭାଙ୍ଗିଯାଇଥିଲା । କିଶୋର ଏହି ମୂର୍ତ୍ତିଟିକୁ ଘରକୁ ନେଇ ମରାମତି କରିବାକୁ ନିଜର ଇଚ୍ଛା ପ୍ରକାଶ କରିଥିଲେ । ମାତ୍ର ତାଙ୍କର ପିତା ଏଭଳି ଏକ ଭଙ୍ଗା ମୂର୍ତ୍ତିକୁ ଗ୍ରହଣ କରିବାକୁ ବାରଣ କରିଥିଲେ କାରଣ ସେ ଭାବିଥିଲେ ଏହା ଏକ ଅଶୁଭ ଶକୁନ ।

କିଶୋର ତାଙ୍କ ପିତାଙ୍କୁ କହିଥିଲା ''ଯଦି ମୋ ମା'ଙ୍କର ହାତ ଭାଙ୍ଗିଯାଏ କିମ୍ବା କାଟି ଦିଆଯାଏ ଆମେ କଣ ତାଙ୍କୁ ପରିତ୍ୟାଗ କରିବା ? ମୁଁ ନିଶ୍ଚୟ ଏହି ମୂର୍ତ୍ତିଟିକୁ ଘରକୁ ନେବି ଏବଂ ତାର ଭଙ୍ଗା ହାତକୁ ଯୋଡ଼ି ପୂର୍ବାବସ୍ଥାକୁ ଫେରାଇ ଆଣିବି ।''

ସେ ଯାହା କହିଥିଲା ତାହା ହିଁ କଲା । ଏହାକୁ ମରାମତି କରି ରଙ୍ଗ ଦେବା ସମୟରେ କିଶୋର ତାର ଦୃଷ୍ଟିଶକ୍ତି ହରାଇ ବସିଲା ଏବଂ ଶେଷରେ ଅନ୍ଧ ହୋଇଗଲା । ତାଙ୍କ ପରିବାର କିଶୋରକୁ ନେଇ ପ୍ରଶାନ୍ତି ନିଳୟମକୁ ଗଲେ ଏବଂ ସେଠାରେ ପରମପ୍ରିୟ ସ୍ୱାମୀଙ୍କୁ ପ୍ରାର୍ଥନା ଜଣାଇଲେ । କରୁଣାପୂର୍ଣ୍ଣ ପ୍ରେମମୟ ବାବା ସାକ୍ଷାତକାର କକ୍ଷରେ କିଶୋରର ଦୃଷ୍ଟିଶକ୍ତି ଫେରାଇଦେଲେ । ରତିଭାଇ ସ୍ୱାମୀଙ୍କୁ ଧନ୍ୟବାଦ ଜଣାଇଲେ ଏବଂ ତାଙ୍କ ବାସସ୍ଥାନ ଉତ୍ତର ହାମ୍ପ୍‌ଟନଠାରେ ଏକ ମନ୍ଦିର ନିର୍ମାଣ ପାଇଁ ଅନୁମତି ଭିକ୍ଷା କଲେ । ଏହି ମନ୍ଦିର ଭକ୍ତମାନଙ୍କର ସ୍ୱାର୍ଥବିହୀନ ସେବା ପାଇଁ ଉଦ୍ଦିଷ୍ଟ ହେବ ବୋଲି ଜଣାଇଲେ ।

ପରମପ୍ରିୟ ସ୍ୱାମୀଙ୍କ କୃପାରୁ ଖୁବ୍ କମ୍ ସମୟ ମଧ୍ୟରେ ତାଙ୍କ ବାସସ୍ଥାନଠାରେ ଏକ ଅତି ସୁନ୍ଦର ମନ୍ଦିର ଗଢ଼ିଉଠିଥିଲା । ହଜାର ହଜାର ଭକ୍ତ ଏହି ମନ୍ଦିର ଏବଂ ଏଠାରେ ଘଟିଥିବା ବହୁ ଅଲୌକିକ ଲୀଳା ସନ୍ଦର୍ଶନ କରିଛନ୍ତି । ସମଗ୍ର ଯୁକ୍ତରାଜ୍ୟର ଭକ୍ତମାନଙ୍କ ମଧ୍ୟରେ ଏହି ମନ୍ଦିର ଅତି ଜଣାଶୁଣା ।

ଜାତୀୟ ପ୍ରଦର୍ଶନୀ କେନ୍ଦ୍ର, ବର୍ମିଂହମ୍

ଲକ୍ଷାର୍ଚ୍ଚନା ପାଇଁ ଅସଂଖ୍ୟ ଅନୁରୋଧ ସମ୍ପର୍କରେ 'ଏହି ଦାସ' ଯେତେବେଳେ ରତିଭାଇ ପଟେଲଙ୍କ ନିକଟକୁ ଗଲା ସେତେବେଳେ ଅନ୍ୟ ଭକ୍ତମାନେ ମଧ୍ୟ ସେଠାରେ ଥିଲେ । ସର୍ବସମ୍ମତି କ୍ରମେ ସିଦ୍ଧାନ୍ତ ନିଆଗଲା ଯେ ସମସ୍ତେ ଏକତ୍ର ଏକ ବୃହତ୍ ପରିସର ମଧ୍ୟରେ ଶତ-ଲକ୍ଷାର୍ଚ୍ଚନା (ଏକଶତ ଲକ୍ଷାର୍ଚ୍ଚନା ବା ଦଶ ମିଲିୟନ ଥର ଦିବ୍ୟନାମ ଉଚ୍ଚାରଣ କରି ଅକ୍ଷତ ଅର୍ପଣ) କରିବେ ।

କାର୍ଯ୍ୟକ୍ରମର ସଫଳତା ପାଇଁ ଯଥେଷ୍ଟ ଯୋଜନା, ପ୍ରଶାସନିକ ବ୍ୟବସ୍ଥା, ସଂଯୋଜନା ଏବଂ ପରିଚାଳନା ଇତ୍ୟାଦିର ସମନ୍ୱିତ ଉଦ୍ୟମ ଆବଶ୍ୟକ ଥିଲା । ଇଂଲଣ୍ଡସ୍ଥ ବର୍ମିଂହାମ୍‌ର ଜଣେ ଜେ.ପି. ମିଷ୍ଟର ଭି.ଏମ. ସାଭେରୱାଲ ଏହି ବିଶାଳ କାର୍ଯ୍ୟକ୍ରମର ସବୁ ପ୍ରକାର ବ୍ୟବସ୍ଥା କରିବା ସହିତ ପରିଚାଳନାର ସମସ୍ତ ଦାୟିତ୍ୱ ସ୍ୱେଚ୍ଛାକୃତ ଭାବରେ ଗ୍ରହଣ କଲେ । ତାରିଖ ଓ ସ୍ଥାନ ନିର୍ଦ୍ଧାରଣ କରାଗଲା । ୧୯୮୯ ମସିହା ମଇ ମାସ ୨୮ ତାରିଖ ଦିନ ଏହି କାର୍ଯ୍ୟକ୍ରମ ବର୍ମିଂହାମ୍‌ର ଜାତୀୟ ପ୍ରଦର୍ଶନୀ କେନ୍ଦ୍ର (ଏନ୍.ଇ.ସି.)ର ୫ନମ୍ବର ସଭାଗୃହରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଗଲା । ଏହି ସଭାଗୃହରେ ୨୦ ହଜାରରୁ ଅଧିକ ଲୋକ ବସି ପାରିଲା ଭଳି ବ୍ୟବସ୍ଥା ରହିଥିଲା ।

କାର୍ଯ୍ୟକ୍ରମର ତିନି ସପ୍ତାହ ପୂର୍ବରୁ ପ୍ଲାଷ୍ଟିକ୍ ପ୍ଲେଟ, ଛୁରୀ, କତୁରୀ, କପ୍ ତିଆରି କରୁଥିବା ଏକ କାରଖାନାର ମାଲିକ ମିଷ୍ଟର ଡି.ଭାଡ୍‌ଗାମାଙ୍କୁ ଆମେ ସବୁ ସାକ୍ଷାତ କଲୁ । ଭି.ବି. ଆଣ୍ଡ ସନ୍‌ସର ମହେନ୍ଦ୍ରଭାଇ ମଧ୍ୟ ଆମ ସହିତ ଯାଇଥିଲେ । ଶତ-

ଲକ୍ଷାର୍ଚ୍ଚନା ପାଇଁ ଦୁଇ କୋଠରୀ ବିଶିଷ୍ଟ ୨୦ ହଜାର ପ୍ଲେଟ୍ ତିଆରି କରି ଦେବା ପାଇଁ ଆମେ ଅନୁରୋଧ କରିଥିଲୁ । ମିଷ୍ଟର ଡି.ଭାଡ୍‌ଗାମା କହିଥିଲେ ''ଏହି ଅନୁରୋଧ ରକ୍ଷା କରିପାରିବି ନାହିଁ କାରଣ ଆମେ ଏବେ ପୂର୍ବରୁ ମିଳିଥିବା ଅର୍ଡ଼ର ଅନୁସାରେ ପ୍ଲାଷ୍ଟିକ ଜିନିଷ ତିଆରି କରିବାରେ ବ୍ୟସ୍ତ ଅଛୁ । ଅପରନ୍ତୁ ଆମର ଏହି କାରଖାନା ଏକ କ୍ଷୁଦ୍ର ଉତ୍ପାଦନକାରୀ ସଂସ୍ଥା । ଅଧିକ ପରିମାଣର କଞ୍ଚାମାଲ ଜମା କରି ରଖିବା ପାଇଁ ଆମର ଯଥେଷ୍ଟ ଷ୍ଟୋରେଜ୍ ବ୍ୟବସ୍ଥା ନାହିଁ । ସେହି ଅନୁସାରେ ଆପଣଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଆମର ଯଥେଷ୍ଟ ମାନବ ସମ୍ବଳ (ଶକ୍ତି) ନାହିଁ'' ।

ମୁଁ ତା ପରେ ଆମ ଉଦ୍ଦେଶ୍ୟ ଏବଂ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ସମ୍ପର୍କରେ ବୁଝାଇବାକୁ ଚେଷ୍ଟା କଲି କିନ୍ତୁ ମିଷ୍ଟର ଭାଡ଼ଗାମା କହିଥିଲେ ''ଆମର ସ୍ୱାମୀନାଥନ୍‌ଙ୍କ ପ୍ରତି ବିଶ୍ୱାସ ରହିଛି । ଆମେ ବାବାଙ୍କ ସମ୍ପର୍କରେ କିଛି ଜାଣି ନାହୁଁ ।'' ତାଙ୍କ ହାତରେ ଯେତେବେଳେ ବିଭୂତି ଦିଆଗଲା ସେ ତାକୁ ସେବନ ନ କରି ହାତରେ ଧରି ରଖିଲେ ଏବଂ ଭାବିବାକୁ ଲାଗିଲେ ''ଏ କିପରି କଥା । ଏହି ଲୋକମାନେ ପାଉଁଶ ଖାଇ ଯାଉଛନ୍ତି ।''

ମୁଁ ତାଙ୍କୁ କହିଥିଲି ''ଆମେ ୨୦ ହଜାର ନିମନ୍ତ୍ରଣପତ୍ର ପଠାଇ ସାରିଛୁ ଏବଂ ଆଶା କରୁଛୁ ପ୍ରାୟ ୧୫ହଜାର ଭକ୍ତ ସେଦିନ ଆସିବେ । ଏହି କାରଣରୁ ଆମର ୨୦ ହଜାର ପ୍ଲେଟ୍ ଦରକାର ।'' ସେ ଏକ ପ୍ରକାର ପରିହାସ କରି କହିଥିଲେ ଯଦି ଗୋଟିଏ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଏତେ ଲୋକ ଆସନ୍ତି ତେବେ ଏହାଠାରୁ ବଳି ସୌଭାଗ୍ୟର ବିଷୟ ଆଉ କିଛି ନାହିଁ । ଏହା ଏକ ଅସମ୍ଭବ ପରିକଳ୍ପନା ।

ସ୍ୱାମୀଙ୍କର ଅପାର କରୁଣା ଓ ଆଶୀର୍ବାଦରୁ ଆମର ଯଥେଷ୍ଟ ଖୁସାମତ ପରେ ମିଷ୍ଟର ଭାଡ୍‌ଗାମା ଏହି କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ପ୍ଲେଟ୍ ଉତ୍ପାଦନ କରିବେ ବୋଲି ରାଜି ହେଲେ । ଦୁଇ ସପ୍ତାହ ପରେ ମୁଁ ତାଙ୍କୁ ଟେଲିଫୋନ୍‌ରେ ପଚାରିଲି ଏବଂ ସେ ଅତ୍ୟନ୍ତ ଦୁଃଖ ପ୍ରକାଶ କରି କହିଥିଲେ ଯେ ଏ ପର୍ଯ୍ୟନ୍ତ ସେ ପ୍ଲେଟ୍ ଉତ୍ପାଦନ କାର୍ଯ୍ୟ ଆରମ୍ଭ କରି ନାହାନ୍ତି କାରଣ ବହୁତ ବାକିଆ କାମ ରହିଯାଇଥିଲା । ମୁଁ ତାଙ୍କୁ ସ୍ମରଣ କରାଇଦେଲି ଯେ ଆଉ ମାତ୍ର ଗୋଟିଏ ସପ୍ତାହ ବାକି ରହିଲା । ସେ କହିଥିଲେ ''ମୁଁ ପ୍ରତିଜ୍ଞା କରୁଛି ଆପଣଙ୍କ ଅନୁରୋଧ ନିଶ୍ଚୟ ରକ୍ଷା କରିବି ଏବଂ ଆମେ ଏବେଠାରୁ କାର୍ଯ୍ୟରେ ଲାଗିପଡୁଛୁ ।''

ତା ପରେ ସେ ନିଜକୁ ନିଜେ ଗୁଣୁଗୁଣୁ ହୋଇ କହିବାକୁ ଲାଗିଲେ ''ମୁଁ ଏହି ପ୍ଲେଟ୍‌ର ଛାଞ୍ଚ କିପରି ତିଆରି କରିବି ? ହେ ଗଡ଼ିଆଙ୍କ ଭଗବାନ, ମୋତେ ସାହାଯ୍ୟ କରନ୍ତୁ ।'' ପରମପ୍ରିୟ ସ୍ୱାମୀ ତାଙ୍କର ଏହି ପ୍ରାର୍ଥନା ଶୁଣିଥିଲେ ଏବଂ ସେହି ମୁହୂର୍ତ୍ତରେ

କାନ୍ଥକଡ଼ରେ ଥାକଥାକ ହୋଇ ରହିଥିବା ବାକ୍ସ ଉପରୁ ତଳକୁ ଏକ ଛାଞ୍ଚ ଖସି ପଡ଼ିଲା । ସେ ସମ୍ପୂର୍ଣ୍ଣ ରୂପେ ବିସ୍ମୟାଭିଭୂତ ହୋଇ ପଡ଼ିଲେ ଏବଂ ସେ ଯାହା ଦେଖିଲେ ତାହା ବିଶ୍ୱାସ କରି ପାରିଲେ ନାହିଁ କାରଣ ସେ ତାଙ୍କ ଜୀବନରେ ଏଭଳି ଏକ ଛାଞ୍ଚ କେବେହେଲେ ତିଆରି କରି ନାହାନ୍ତି । ତଥାପି ଏହା ଆମେ ଚାହୁଁଥିବା ଛାଞ୍ଚ ପରି ହୋଇଥିଲା ।

ପ୍ଲେଟ୍ ତିଆରି ପାଇଁ ଥିବା ସ୍ୱତନ୍ତ୍ର ମେସିନର କମ୍ପାର୍ଟମେଣ୍ଟଗୁଡ଼ିକରେ ଛାଞ୍ଚ, କଞ୍ଚାମାଲ ଓ ପାଣି ରଖିଲେ । ତା ପରେ ଆବଶ୍ୟକ ଉତ୍ତାପ ପାଇଁ ତାପାଙ୍କ ନିର୍ଦ୍ଦିଷ୍ଟ କରିବାକୁ ଯାଉଛନ୍ତି ହଠାତ୍ ଟେଲିଫୋନ୍ ବାଜି ଉଠିଲା । ତା ଛଡ଼ା ଦୁଇଜଣ ଗ୍ରାହକ ମଧ୍ୟ ଅପେକ୍ଷା କରୁଥିଲେ । ତାପାଙ୍କ ସ୍ଥିର କରି ସୁଇଚ୍ ଅନ୍ କରିଥିଲେ ପ୍ଲେଟ ଉତ୍ପାଦନ ଆରମ୍ଭ ହୋଇଯାଇଥାନ୍ତା । ମାତ୍ର ସେ ଏହି କାର୍ଯ୍ୟ ବନ୍ଦ ରଖି ଟେଲିଫୋନ ଉଠାଇବାକୁ ଚାଲିଗଲେ । ଟେଲିଫୋନ କଥାବାର୍ତ୍ତା ପରେ ଅପେକ୍ଷାରତ ଦୁଇଜଣ ଗ୍ରାହକଙ୍କୁ ବିଦାୟ ଦେଇ ସେ ଫେରିଲାବେଳକୁ ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ତାପାଙ୍କ ବ୍ୟବସ୍ଥା ଏବଂ ସୁଇଚ୍ ଅନ୍ ହୋଇ ନ ଥିବା ସତ୍ତ୍ୱେ ମେସିନ୍ କାର୍ଯ୍ୟରତ ରହିଛି ଏବଂ ଦୁଇହଜାର ସୁନ୍ଦର ପ୍ଲେଟ୍ ଉତ୍ପାଦିତ ହୋଇଛି । ତାଙ୍କ ଝିଅ ସଂଗୀତା କେବଳ ସୁଇଚ୍ ଅନ୍ କରିଥିଲେ ବୋଲି ଜଣାପଡ଼ିଲା ମାତ୍ର ଆବଶ୍ୟକ ତାପାଙ୍କ କିଏ ନିୟନ୍ତ୍ରଣ କଲା ସେ କଥା ଜଣାପଡ଼ିଲା ନାହିଁ । କେହି ସେଥିରେ ହାତ ଦେଇ ନ ଥିବାବେଳେ ନିଶ୍ଚିତ ଭାବରେ ଏକ ଅଦୃଶ୍ୟ ଶକ୍ତି ଏହା କରିଛି । ପ୍ଲେଟ୍ ଉତ୍ପାଦନ ପାଇଁ ତାପାଙ୍କ ନିୟନ୍ତ୍ରଣ କରିବା ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ନିର୍ଦ୍ଦିଷ୍ଟ ତାପାଙ୍କରେ ବ୍ୟତିକ୍ରମ ହେଲେ ଉତ୍ପାଦନ ନଷ୍ଟ ହୋଇଯିବା ଏକ ସ୍ୱାଭାବିକ ଘଟଣା । ବର୍ତ୍ତମାନ ପ୍ରଶ୍ନ ଉଠୁଛି ତାପାଙ୍କ ନିୟନ୍ତ୍ରଣ କିଏ କଲା ?

ମିଷ୍ଟର ଭାଡ଼୍‌ଗାମା ଏହି ଅଲୌକିକ ଘଟଣା ସନ୍ଦର୍ଶନ କଲେ ଏବଂ କେତେଜଣ ଭକ୍ତଙ୍କୁ ଡାକି ଏକଥା କହିବା ସହିତ ପ୍ଲେଟଗୁଡ଼ିକୁ ଯଥା ସମୟରେ ଜାତୀୟ ପ୍ରଦର୍ଶନୀ କେନ୍ଦ୍ରରେ ପହଞ୍ଚାଇ ଦେବା ପାଇଁ ସାହାଯ୍ୟ କରିବାକୁ ଅନୁରୋଧ କଲେ । ମିଷ୍ଟର ଓ ମିସେସ୍ ଭାଡ଼୍‌ଗାମା ମଧ୍ୟ ଏହି ବିଶାଳ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏଥିରେ ୧୭,୭୭୫ ଜଣ ଭକ୍ତ ଯୁକ୍ତରାଜ୍ୟର ବିଭିନ୍ନ ସ୍ଥାନରୁ ଏବଂ ଦରିଆପାରି ଦେଶମାନଙ୍କରୁ ଆସି ଅଂଶ ଗ୍ରହଣ କରିଥିବା ଜାଣି ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଥିଲେ । ଏହି ଶତ-ଲକ୍ଷାର୍ଚ୍ଚନା ଅନୁଭୂତିରୁ ପତିପତ୍ନୀ ଉଭୟ ଦିନକୁ ଥରେ ଲେଖା ଜପାମାଳା ଗଡ଼ାଇ ୧୦୮ଥର 'ଓଁ ଶ୍ରୀସତ୍ୟସାଇ କ୍ରିଷ୍ଣାୟ ନମଃ' ଉଚ୍ଚାରଣ କରିବେ ବୋଲି ପ୍ରତିଜ୍ଞା କଲେ । ଆଜି ସୁଦ୍ଧା ସେମାନେ ଏହି ସାଧନା ଦ୍ୱାରା ବହୁ ଉପକାର ପାଇଛନ୍ତି ।

ଯୁକ୍ତରାଜ୍ୟର ବହୁ ସତ୍ୟସାଇ କେନ୍ଦ୍ରର ଭକ୍ତମାନେ ବିଶାଳ ଜାତୀୟ ପ୍ରଦର୍ଶନୀ କେନ୍ଦ୍ରକୁ ଅତି ସୁନ୍ଦର ଭାବରେ ସଜାଇଥିଲେ । ସଭାଗୃହର ମଧ୍ୟଭାଗରେ

୫ଫୁଟ (୧½ ମିଟର) ପ୍ରସ୍ଥ ଓ ୨୫୦ ଫୁଟ (୭୫ମିଟର) ଲମ୍ବର ଏକ ଚଲା ରାସ୍ତା ଭଗବାନଙ୍କୁ ସ୍ୱାଗତ ଜଣାଇବା ପାଇଁ ସଜଫୁଲରେ ତିଆରି ହୋଇଥିଲା । ପ୍ରବେଶ ଦ୍ୱାର ନିକଟରେ ଦୁଇଟି ଆଲୋକ ସ୍ତମ୍ଭ ମଧ୍ୟ ସ୍ୱତନ୍ତ୍ର ଭାବରେ ନିର୍ମିତ ହୋଇଥିଲା । ବାବା ସ୍ଥୂଳ ଶରୀରରେ ନିଜେ ଆସିଲେ ଯେପରି ତାଙ୍କୁ ସ୍ୱାଗତ ଜଣାଇବାରେ କୌଣସି ତୃଟି ରହି ନ ଯାଏ ସେଥିପ୍ରତି ଦୃଷ୍ଟି ଦିଆଯାଇଥିଲା । ଭକ୍ତମାନଙ୍କୁ ଶତ-ଲକ୍ଷାର୍ଚ୍ଚନା ପାଇଁ ଉଦ୍ଦିଷ୍ଟ ସଭାଗୃହ ନିକଟରେ ପହଞ୍ଚାଇ ଦେବା ପାଇଁ ଯଥେଷ୍ଟ କାର ବ୍ୟବସ୍ଥା କରାଯାଇଥିଲା । ମଧ୍ୟାହ୍ନ ଭୋଜନ ପ୍ୟାକେଟ ଏବଂ ସ୍ୱାମୀଙ୍କ ଫଟୋ, ବିଭୂତି ପୁଡ଼ିଆ ଓ ଅକ୍ଷତ ସହିତ ଦୁଇ କୋଠରୀ ବିଶିଷ୍ଟ ଥାଳିଆ (ପ୍ଲାଷ୍ଟିକ୍ ପ୍ଲେଟ) ଯଥେଷ୍ଟ ଆଗରୁ ପ୍ରସ୍ତୁତ କରି ରଖାଯାଇଥିଲା । ମିଷ୍ଟର ଭି.ଏମ. ସାଭେରୱାଲଙ୍କ ଦ୍ୱାରା ପ୍ରସ୍ତୁତ ଏକ ସ୍ମରଣିକା ପ୍ରକାଶ କରାଯାଇଥିଲା ଏବଂ ଏହାକୁ ଉତ୍ତର ହାମ୍ପଟନ୍‌ର ଶ୍ରୀ ସତ୍ୟସାଇବାବା କେନ୍ଦ୍ର ଦ୍ୱାରା ଆୟୋଜିତ ଲକ୍ଷାର୍ଚ୍ଚନାରେ ଅଂଶ ଗ୍ରହଣ କରିବାକୁ ଆସିଥିବା ପ୍ରତ୍ୟେକ ଭକ୍ତଙ୍କୁ ପ୍ରବେଶପତ୍ର ଦେଖାଇବା ମାତ୍ରେ ପ୍ରବେଶ ଦ୍ୱାର ନିକଟରେ ହିଁ ଦିଆଯାଉଥିଲା । ପ୍ରବେଶପତ୍ର ଗୁଡ଼ିକୁ ଲକ୍ଷାର୍ଚ୍ଚନାରେ ଅଂଶ ଗ୍ରହଣ କରୁଥିବା ଭକ୍ତମାନଙ୍କର ସଂଖ୍ୟା ଗଣନା କରିବା ପାଇଁ ରଖାଯାଉଥିଲା । ଏହି ସ୍ମରଣିକାରେ ପରମପ୍ରିୟ ସ୍ୱାମୀଙ୍କ ମିଶନ ସମ୍ପର୍କରେ ବିବରଣୀ ଏବଂ ବିଭିନ୍ନ ଅଞ୍ଚଳର ଭକ୍ତମାନଙ୍କର ଅଭିଜ୍ଞତା, ଶତଲକ୍ଷାର୍ଚ୍ଚନା ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସମ୍ପର୍କରେ ପ୍ରେରଣାଦାୟୀ ଲେଖାମାନ ପ୍ରକାଶ ପାଇଥିଲା ।

କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଦୁଇଜଣ ୟୁରୋପିଆନ ଭକ୍ତ ଗୋଟିଏ ଯାତ୍ରୀବାହୀ ଗାଡ଼ି ନିକଟରେ ଆସି ପହଞ୍ଚିଥିଲେ । ଏହି ଗାଡ଼ିଟି ଭକ୍ତମାନଙ୍କ ଦ୍ୱାରା ଭରପୁର ହୋଇଯାଇଥିଲା ଏବଂ ଏହା ବ୍ରାଡ଼ଫୋର୍ଡ଼ ଛାଡ଼ିବା ଉପରେ ଥିଲା । ଏହି ଦୁଇଜଣ ଭକ୍ତଙ୍କର ଶତ-ଲକ୍ଷାର୍ଚ୍ଚନା କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଅତ୍ୟନ୍ତ ଆଗ୍ରହ ଥିଲା । ତେଣୁ ବ୍ରାଡ଼ଫୋର୍ଡ଼ ସାଇକେନ୍ଦ୍ରର ଚେୟାରମ୍ୟାନ୍ ସେ ଦୁହିଁଙ୍କୁ ଛାତପଟା ଉପରେ ବସାଇ ଆଣିଥିଲେ । ସେହି ଭକ୍ତ ଦୁଇଜଣ ଶତ-ଲକ୍ଷାର୍ଚ୍ଚନା ସଭାଗୃହରେ ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଆସୁଥିବା ଭକ୍ତମାନଙ୍କୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନ ଦେଖାଇ ଦେବାରେ ସାହାଯ୍ୟ କରିଥିଲେ । ସେ ଦୁଇଜଣଙ୍କର ହୃଦୟ ଅତି ପବିତ୍ର ଥିଲା ଏବଂ ସେ ଦୁହେଁ ଯେ କୌଣସି ସ୍ଥାନରେ ଯେକୌଣସି ସମୟରେ ସେବାକାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ ଥିଲେ । ଯେତେବେଳେ କାର୍ଯ୍ୟକ୍ରମ ଆରମ୍ଭ ହେଲା ସମସ୍ତଙ୍କୁ ଆଶୀର୍ବାଦ କରିବାକୁ ନିଷ୍ପାପର ଭାବରେ ଆନ୍ତରିକତାର ସହିତ ପରମପ୍ରିୟ ସ୍ୱାମୀଙ୍କୁ ପ୍ରାର୍ଥନା ଜଣାଇ ସେ ଦୁହେଁ ମୁଖ୍ୟ ପ୍ରବେଶ ଦ୍ୱାର ନିକଟକୁ ଗଲେ । ବିଳମ୍ବରେ ଆସିଥିବା ବହୁ ଭକ୍ତ ମଧ୍ୟ ଶତ-ଲକ୍ଷାର୍ଚ୍ଚନାରେ ଯୋଗ ଦେଇ ନ ପାରି ଏ ଦୁହିଁଙ୍କ ନିକଟରେ ଥିଲେ । ସେମାନେ

ସେଠାରେ ସ୍ୱାମୀଙ୍କର ମହିମା ସଂଦର୍ଶନ କରିବାର ସୌଭାଗ୍ୟ ଲାଭ କରିଥିଲେ । ଏହା ନିମ୍ନରେ ପ୍ରଦତ୍ତ ହେଲା ।

ସ୍ୱାମୀଙ୍କର କୃପା

ପ୍ରବେଶ ଦ୍ୱାର ନିକଟରେ ରହିଥିବା ଦୁଇଟି ଆଲୋକ ସ୍ତମ୍ଭ ମଝିରେ ଗୋଟିଏ ଅତି ସୁନ୍ଦର ଗୋଲାପ ଫୁଲ ଝୁଲି ରହିଥିଲା । ହଠାତ୍ ଏହି ଗୋଲାପ ଫୁଲଟି ଆପେ ଆପେ ଉପରକୁ ଉଠିଯାଇଥିଲା ଏବଂ ଏହି ଦୁଇଜଣ ଭକ୍ତଙ୍କ ପାଦ ମଝିରେ ଖସି ପଡ଼ିଥିଲା । ସେତେବେଳେ ସେ ଦୁହେଁ ଆନ୍ତରିକତାର ସହିତ ପ୍ରେମପୂର୍ଣ୍ଣ ହୃଦୟରେ ସେବାକାର୍ଯ୍ୟରେ ରତ ଥିଲେ । ସତରେ ଏହା ଭଗବାନଙ୍କର କିଭଳି କୃପା !

ଏକ ଆଧ୍ୟାତ୍ମିକ ପବିତ୍ର ପରିବେଶ ସୃଷ୍ଟି କରିବା ପାଇଁ ଅଧଘଣ୍ଟା ଭଜନ ଗାନ କରାଯାଇଥିଲା । ଅର୍ଚ୍ଚନା ପଦ୍ଧତି ଓ ଏହାର ଆଧ୍ୟାତ୍ମିକ ଗୁରୁତ୍ୱ ସମ୍ପର୍କରେ ସୂଚନା ଦିଆଯିବା ପରେ ଅଂଶ ଗ୍ରହଣ କରିଥିବା ସମସ୍ତ ଭକ୍ତ ଏକ ସଙ୍ଗରେ ଏବଂ ଏକ ତାନରେ ମନ୍ତ୍ର ଉଚ୍ଚାରଣ କରିଥିଲେ । ହଲ୍ ଭିତରେ ସମ୍ପୂର୍ଣ୍ଣ ଭାବରେ ମହାଜାଗତିକ ଶକ୍ତି ସଞ୍ଚରି ଯାଇଥିଲା ଏବଂ ସମସ୍ତେ ଭଗବାନଙ୍କ ଉପସ୍ଥିତିକୁ ଅନୁଭବ କରିପାରିଥିଲେ ।

ଶତ ଲକ୍ଷାର୍ଚ୍ଚନା ପରେ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ହୋଇଥିବା ମଧ୍ୟାହ୍ନ ଭୋଜନ ପ୍ୟାକେଟ ଶତାଧିକ ସ୍ୱେଚ୍ଛାସେବକଙ୍କ ଦ୍ୱାରା ବଣ୍ଟାଯାଇଥିଲା । ଆଶ୍ଚର୍ଯ୍ୟର କଥା ହେଲା ମାତ୍ର ଅଧଘଣ୍ଟା ମଧ୍ୟରେ ଅଠର ହଜାର ଭକ୍ତ ପ୍ରସାଦ ସେବନ କରିପାରିଥିଲେ । ପୁଡ଼ିଆ ବନ୍ଧା ସୁସ୍ୱାଦୁ ପ୍ରସାଦ ସେବନକୁ ସମସ୍ତେ ଉପଭୋଗ କରିଥିଲେ ।

ମଧ୍ୟାହ୍ନ ଭୋଜନ ପରେ ଯଜ୍ଞ ପରି ଆଧ୍ୟାତ୍ମିକ ସାଧନା ମହେନ୍ଦ୍ର ଭାଇ ପରିବାର (ଭି. ବି. ଏଣ୍ଡ ସନ୍ସ, ଲଣ୍ଡନ)ର ସଭ୍ୟମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଏହା ପରେ ପରେ ବାଳବିକାଶ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଲା । ଶେଷରେ ରତିଭାଇ ପଟେଲ, ମିଷ୍ଟର ସାଭେରୱାଲ୍ ଓ 'ଏହି ଦାସ' ବକ୍ତବ୍ୟ ପ୍ରଦାନ କରିଥିଲେ ।

ଯୁକ୍ତରାଜ୍ୟର ଶ୍ରୀ ସତ୍ୟସାଇ ସଂଗଠନର ଚେୟାର୍‌ମ୍ୟାନ ଶ୍ରୀମତୀ ରାଜେଶ ସିଭାୟେଗାନ୍ ଯୁକ୍ତରାଜ୍ୟ ଓ ଦରିଆପାରି ଭକ୍ତମାନଙ୍କ ତରଫରୁ ଏହି ଅଯୋଗ୍ୟ ବିନୟାବନତ 'ଦାସ' ଉଦ୍ଦେଶ୍ୟରେ ଏକ ଅଭିନନ୍ଦନପତ୍ର ପାଠ କରିଥିଲେ । ଏହି ଅଭିନନ୍ଦନପତ୍ରକୁ ମୋର ମା' ଗ୍ରହଣ କରିଥିଲେ । ସେ ଯଦିଓ ଇହଲୀଳା ସମ୍ବରଣ କଲେଣି ତଥାପି ସେ ଥିଲେ ମୋର ପ୍ରଥମ ପୂଜ୍ୟାସ୍ପଦ ଦେବୀ । ସ୍ୱାମୀଙ୍କ କୃପାରୁ ସେ ଏହି ଶତ-ଲକ୍ଷାର୍ଚ୍ଚନାରେ ଯୋଗ ଦେଇଥିଲେ ଏବଂ ଆଗରେ ପ୍ରଥମ ଧାଡ଼ିରେ ବସିଥିଲେ ।

କାର୍ଯ୍ୟକ୍ରମ ଶେଷ ହେବାମାତ୍ରେ ପ୍ରାୟ ଅଧଘଣ୍ଟା ମଧ୍ୟରେ ସଭାଗୃହ ଖାଲି ହୋଇଯାଇଥିଲା । ଦକ୍ଷ ସ୍ୱେଚ୍ଛାସେବକମାନେ ତତ୍‌କ୍ଷଣାତ୍ ସେମାନଙ୍କୁ ବିଭିନ୍ନ ଦ୍ୱାର ଦେଇ ସଭାଗୃହ ମଧ୍ୟରୁ ନିଷ୍କ୍ରାନ୍ତ ହେବା ପାଇଁ ସାହାଯ୍ୟ କରିଥିଲେ ।

ରୋମ୍‌ରେ ମିଷ୍ଟର ଭି. କେ. ନରସିଂହମ୍‌ଙ୍କ ଅଭିଜ୍ଞତା

୧୯୮୩ ମସିହା ଅକ୍ଟୋବର ୩୦-୩୧ ତାରିଖ ଦୁଇଦିନ ଧରି ରୋମ୍‌ରେ 'ୟୁନିଟ୍ ଇଜ୍ ଡିଭିନିଟି, ପ୍ୟୁରିଟି ଇଜ୍ ଏନଲାଇଟେନ୍‌ମେଣ୍ଟ' (ଏକତା ହେଉଛି ଦୈବତ୍ୱ, ବିଶୁଦ୍ଧତା ହେଉଛି ଜ୍ଞାନୋଦୟର ପ୍ରତୀକ) ଉପରେ ଏକ ଆନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଇଟାଲିର ପ୍ରଧାନମନ୍ତ୍ରୀଙ୍କ ଭାଇ ମିଷ୍ଟର ଆଣ୍ଟୋନିଓ କ୍ରାକ୍‌ସି ଏହି ସମ୍ମିଳନୀର ଆୟୋଜକ ଥିଲେ । ଏଥିରେ ପ୍ରାୟ ୩୦୦୦ ଭକ୍ତ ୟୁରୋପର ବିଭିନ୍ନ ଦେଶରୁ ଆସି ଅଂଶ ଗ୍ରହଣ କରିଥିଲେ । ଏହି ସମ୍ମିଳନୀ ପାଇଁ ପରମପ୍ରିୟ ସ୍ୱାମୀ ଯେଉଁ ବାର୍ତ୍ତା ପଠାଇଥିଲେ ସେଥିରେ ସେ କହିଥିଲେ–

''ପୁରାତନ ଲୋକକଥା 'ସବୁ ରାସ୍ତା ରୋମ୍‌କୁ ପଡ଼ିଛି'ର ଯଥାର୍ଥତା ଆଜି ପ୍ରମାଣିତ ହୋଇଛି । ଏହାର ବିଶେଷ ତାତ୍ପର୍ଯ୍ୟ ନାହିଁ ଏକଥା ନୁହେଁ । ଆଜି ବହୁ ଦେଶରୁ ଲୋକମାନେ ଆସି ଏହି ଐତିହାସିକ ନଗରୀରେ ଏକତ୍ରିତ ହୋଇଛନ୍ତି । ଯାହା କେବେହେଲେ ପୂର୍ବରୁ ଶୁଣା ନ ଥିଲା ସେଭଳି ଘଟଣା ତୁମେ ଏଠାରେ ଅନୁଭବ କରିବ । ମାନବୀୟ ଚମତ୍କାରିତା ସମ୍ପର୍କରେ ନୂତନ ଆଦର୍ଶରୁ ତୁମେ ଯଥେଷ୍ଟ ପ୍ରେରଣା ଲାଭ କରିବ । ଅନ୍ୟଥା ତୁମର ଆସିବାର ଅଭିପ୍ରାୟ ସଫଳ ହେବ ନାହିଁ । ଅଯଥା ତୁମର ସମୟ ଓ ଅର୍ଥର ଅପଚୟ ହେବ । ତୁମେ ଉଚ୍ଚ ଓ ପବିତ୍ର ଆଦର୍ଶର ଅଧିକାରୀ ହେବା ଉଦ୍ଦେଶ୍ୟରେ ଏହି ସମ୍ମିଳନୀ ଆହୂତ ହୋଇଅଛି । ଏହା ତୁମ ଉନ୍ନତି ସାଧନ କରିବ ।''

''ଏହି ସମ୍ମିଳନୀ କୌଣସି ଗୋଟିଏ ଧର୍ମ, ଜାତି, ଗୋଷ୍ଠୀ, ସମ୍ପ୍ରଦାୟ ବା ବ୍ୟକ୍ତି ବିଶେଷଙ୍କ ସହିତ ସମ୍ପୃକ୍ତ ନୁହେଁ । ଧର୍ମଗ୍ରନ୍ଥମାନଙ୍କରେ ରହିଥିବା ପରମ ସତ୍ୟକୁ ପ୍ରକଟ କରିବା, ଶାନ୍ତି ପ୍ରତିଷ୍ଠା ପାଇଁ ଯଥାସାଧ୍ୟ ଉଦ୍ୟମ କରିବା, ସତ୍ୟ ଓ ଧର୍ମର ପ୍ରତିଷ୍ଠା କରିବା ଦ୍ୱାରା ମାନବ ସମାଜର ମଙ୍ଗଳ କରିବା ଏହି ସମ୍ମିଳନୀର ଲକ୍ଷ୍ୟ ।''

''ସମଗ୍ର ମାନବ ଜାତି ଗୋଟିଏ ଧର୍ମର ଅନ୍ତର୍ଭୁକ୍ତ । ତାହା ହେଉଛି ମାନବ ଧର୍ମ । ଭଗବାନ ସମସ୍ତଙ୍କର ପିତା । ଏକ ଈଶ୍ୱରଙ୍କ ସନ୍ତାନ ହିସାବରେ ସମସ୍ତେ ଭାଇ ଓ ଭଉଣୀ । ତେଣୁ ଏହି ସମ୍ମିଳନୀ ଏକ ପାରିବାରିକ ସମାରୋହ । ଏହା ଜାତୀୟତାବାଦୀ ବା ସାମ୍ପ୍ରଦାୟିକ ସଭା ନୁହେଁ । ଏହା ମନର ଏକ ସମ୍ମିଳନୀ । ଏହା କୌଣସି ନିର୍ଦ୍ଦିଷ୍ଟ ସଂସ୍କୃତି ଓ ଦର୍ଶନ ସହିତ ସମ୍ପୃକ୍ତ ନୁହେଁ । ଦିବ୍ୟ ଜୀବନ ଯାପନ ପାଇଁ ପନ୍ଥା ନିର୍ଣ୍ଣୟ

ସହିତ ଏହି ସମ୍ମିଳନୀ ସମ୍ପୃକ୍ତ । ଏହା ସବୁ ଧର୍ମର ଶିକ୍ଷା ବା ଉପଦେଶକୁ ଗୁରୁତ୍ୱ ଦିଏ । ଉଦ୍ଦେଶ୍ୟ ହେଲା 'ଏକତା ହିଁ ଦୈବତ୍ୱ ଏହାର ପୃଷ୍ଟପୋଷକତା କରିବା'' ।

ପରମପ୍ରିୟ ସ୍ୱାମୀ 'ସନାତନ ସାରଥି'ର ସମ୍ପାଦକ ମିଷ୍ଟର ଭି.କେ. ନରସିଂହମ୍‌ଙ୍କୁ ଏହି ସମ୍ମିଳନୀକୁ ପଠାଇଥିଲେ । ସ୍ୱାମୀ ତାଙ୍କ ହାତରେ ଗୋଟିଏ ଲଫାପା ମଧ୍ୟରେ ବନ୍ଦ ଥିବା ତାଙ୍କର ଦିବ୍ୟ ବାର୍ତ୍ତା ପଠାଇଥିଲେ । ଏହା ସଭାଗୃହରେ ଖୋଲାଯିବ ଏବଂ ସେଠାରେ ପାଠ କରାଯିବ ବୋଲି ନିର୍ଦ୍ଦେଶ ଥିଲା । ଯାହାହେଉ ମିଷ୍ଟର ନରସିଂହମ୍ ସ୍ୱାମୀଙ୍କ ବାର୍ତ୍ତା ପାଠ କରିବାକୁ ଗଲାବେଳେ ଆବିଷ୍କାର କଲେ ଯେ ତାଙ୍କର ଚଷମାଟି ସେ ଭାରତରେ ଛାଡ଼ିଆସିଛନ୍ତି । ସେ ବିନମ୍ରତାର ସହିତ ବାବାଙ୍କୁ ପ୍ରାର୍ଥନା କଲେ ''ହେ ସ୍ୱାମୀ, ଆପଣ ହିଁ ଏହି ଲୀଳା ଅଭିନୟ ସୃଷ୍ଟି କରିଛନ୍ତି । ଚଷମା ଆଣିବା ପାଇଁ ଆପଣ ହିଁ ମୋତେ ଭୁଲିଯିବାକୁ ସୁଯୋଗ ଦେଇଛନ୍ତି ଏବଂ ମୁଁ ଏହି ସମସ୍ୟାର ସମାଧାନ ପାଇଁ ଆପଣଙ୍କୁ ପ୍ରାର୍ଥନା ଜଣାଉଛି'' ।

ପରମପ୍ରିୟ ସ୍ୱାମୀ ମିଷ୍ଟର ନରସିଂହମ୍‌ଙ୍କ ଆନ୍ତରିକ ପ୍ରାର୍ଥନା ଶୁଣି ପାରିଲେ । ଏବେ ସ୍ୱାମୀଙ୍କର କୃପା ଦେଖନ୍ତୁ । ହଠାତ୍ ମିଷ୍ଟର ନରସିଂହମ୍‌ଙ୍କର ଚଷମାଟି ସେ ଓ ଅନ୍ୟ ଜଣେ ଭକ୍ତଙ୍କ ମଝିରେ ଥିବା ଖାଲି ଚେୟାରର କୁଶନ ଉପରେ ଶୂନ୍ୟରୁ ଖସିପଡ଼ିଲା । ପରେ ଏ ଘଟଣା ସ୍ୱାମୀ ନରସିଂହମ୍‌ଙ୍କୁ ଜଣାଇ ସତ୍ୟତା ପ୍ରତିପାଦନ କରିଥିଲେ । ପ୍ରକୃତରେ ବାବା ହିଁ ଭାରତରେ ଛାଡ଼ିଆସିଥିବା ମିଷ୍ଟର ନରସିଂହମ୍‌ଙ୍କ ଚଷମାଟିକୁ ଶୂନ୍ୟରୁ କୁଶନ ଉପରକୁ ଖସାଇ ଦେଇଥିଲେ । (ଏହି ଘଟଣା ୧୯୮୩ ମସିହା ଡିସେମ୍ବର ସଂଖ୍ୟା 'ସନାତନ ସାରଥି'ର ୩୧୨ ପୃଷ୍ଠାରେ ପ୍ରକାଶିତ ହୋଇଛି ।)

ପରମପ୍ରିୟ ସ୍ୱାମୀ ଥରେ ମିଷ୍ଟର ନରସିଂହମ୍‌ଙ୍କୁ ଓ 'ଏହି ଦାସ'କୁ ଡାକି ପ୍ରଶାନ୍ତି ନିଳୟମର ଛାତ୍ରମାନଙ୍କୁ କିଛି କହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମିଷ୍ଟର ନରସିଂହମ୍ ନିଜର ପୂର୍ବୋକ୍ତ ଅଭିଜ୍ଞତା କଥା ବର୍ଣ୍ଣନା କରି ବାବାଙ୍କର ଦୈବୀ ଶକ୍ତି (ଅଧିପ୍ରାକୃତିକ ଶକ୍ତି) ସମ୍ପର୍କରେ ସୂଚନା ଦେଇଥିଲେ । ତାଙ୍କର ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରହିଥିଲା । ସେ ଜାଣିଥିଲେ ଯେ ଭଗବାନ ନାଟକ ସୃଷ୍ଟି କରନ୍ତି ଏବଂ ସେ ନିଜେ ନାଟକର ନିର୍ଦ୍ଦେଶନା ଦେଇଥାନ୍ତି । ରୋମରେ ହୋଇଥିବା ସମ୍ମିଳନୀର ପ୍ରତିନିଧିମାନଙ୍କ ପାଇଁ ବାବା ଦେଇଥିବା ବାର୍ତ୍ତାର ଆଉ କିଛି ଅଂଶ ଏଠାରେ ଉଦ୍ଧାର କରାଗଲା ।

''ଦେଶ ଓ ଜାତି ନିର୍ବିଶେଷରେ ସବୁ ଧର୍ମର ମୌଳିକ ସତ୍ୟ ହେଲା ଏକ ଓ ଅଭିନ୍ନ । ଏଗୁଡ଼ିକର ଦାର୍ଶନିକ ଉପସ୍ଥାପନା, ସାଧନା ଓ କୌଶଳ ଭିନ୍ନ ଭିନ୍ନ ହୋଇପାରେ । ମାତ୍ର ଏଗୁଡ଼ିକର ଚରମ ଲକ୍ଷ୍ୟ ଓ ଲକ୍ଷ୍ୟସ୍ଥଳ ସମାନ । ସବୁ ଧର୍ମ ଭଗବାନଙ୍କର ଏକତ୍ୱକୁ ଗ୍ରହଣ କରନ୍ତି ଏବଂ ଜାତି, ଧର୍ମ ସମ୍ପ୍ରଦାୟ, ଗୋଷ୍ଠୀ, ଦେଶ ଓ ବର୍ଣ୍ଣ ନିର୍ବିଶେଷରେ

ବିଶ୍ୱପ୍ରେମର ବିକାଶ ପାଇଁ ଶିକ୍ଷା ଦେଇଥାନ୍ତି । ଯେଉଁମାନେ ଏହି ମୌଳିକ ସତ୍ୟ ସମ୍ପର୍କରେ ଅଜ୍ଞ ସେମାନେ ନିଜର ସ୍ୱତନ୍ତ୍ର ଧର୍ମ କଥା କହି ଗର୍ବ ଓ ଅହଂକାର ପ୍ରକାଶ କରିଥାନ୍ତି । ଏହି ଲୋକମାନେ ଦୈବତ୍ୱକୁ ଭାଗ ଭାଗ କରି ସମାଜରେ ବିଭ୍ରାନ୍ତି ଓ ବିଶୃଙ୍ଖଳା ସୃଷ୍ଟି କରିଥାନ୍ତି । ଏମାନେ ଅନନ୍ତ ଅସୀମ ଦୈବତ୍ୱକୁ ଭାଗ ଭାଗ କରି ସୀମିତ କରି ଦେଇଥାନ୍ତି ଏବଂ ଦୈବତ୍ୱର ସଂକୀର୍ଣ୍ଣ ପରିସର ସୃଷ୍ଟି କରି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ କରିଥାନ୍ତି । ଆଧ୍ୟାତ୍ମିକ ତଥା ଈଶ୍ୱରଭିତ୍ତିକ ଜୀବନ ଯାପନ ପାଇଁ ଅନ୍ତର୍ନିହିତ ଦୈବତ୍ୱ ବା ଆତ୍ମା ହେଉଛି ଭିତ୍ତିଭୂମି । ଶରୀର ହେଉଛି ଆତ୍ମାର ନିବାସ ।''

''ସାମାଜିକ ଜୀବନ ଏହି ଆଧ୍ୟାତ୍ମିକ ଭିତ୍ତି (ଆତ୍ମାର ସ୍ଥିତି)କୁ ସ୍ୱୀକାର କରିବା ଉଚିତ । ମଣିଷ ତାର ଜୀବନକୁ ଶରୀରଭିତ୍ତିକ ବୋଲି ବିଶ୍ୱାସ କରେ । କେବଳ ଶରୀର ହିଁ ସତ୍ୟ ବୋଲି ତାର ବିଶ୍ୱାସ । ତାର ଏହି ଭ୍ରମ ଦୂରୀଭୂତ ହେବା ଦରକାର । ତାକୁ ଆତ୍ମା ସମ୍ପର୍କରେ ଶିକ୍ଷା ଦେବାକୁ ପଡ଼ିବ । ମଣିଷ ଜାତି ଅନୁଭବ କରିବା ଉଚିତ ଯେ ବ୍ୟକ୍ତି ଓ ସମାଜ ଭଗବାନଙ୍କର ସଂକଳ୍ପରୁ ସୃଷ୍ଟ ଏବଂ ଦୈବତ୍ୱ ସମଗ୍ର ବିଶ୍ୱକୁ ବ୍ୟାପୀ ରହିଛି । କେବଳ ଏହି ସତ୍ୟକୁ ଉପଲବ୍ଧି କଲେ ମଣିଷ ତାର ଅହଂକାର ତ୍ୟାଗ କରିପାରିବ ଏବଂ କର୍ତ୍ତବ୍ୟ ପ୍ରତି ଭକ୍ତି ପ୍ରଦର୍ଶନ କଲା ପରି ଜୀବନଯାପନ କରିବ । ସମାଜ ସ୍ୱାର୍ଥପର ବ୍ୟକ୍ତିବିଶେଷଙ୍କୁ ନେଇ ଏକ କୁକୁଡ଼ାଙ୍କ ଯୁଦ୍ଧ କ୍ଷେତ୍ରରେ ପରିଣତ ହେବା ଉଚିତ ନୁହେଁ । ସମାଜ ଦୈବତ୍ୱ ଦ୍ୱାରା ପରିଚାଳିତ ବ୍ୟକ୍ତିବିଶେଷଙ୍କୁ ନେଇ ଗଠିତ ହେବା ଦରକାର ।''

''ସମାଜ କେବଳ ମଣିଷମାନଙ୍କର ଏକ ସାଧାରଣ ସମାହାର ନୁହେଁ । ଏହା ଦୈବତ୍ୱକୁ ଅନୁଭବ କରିବା ପାଇଁ ଏକ ମାଧ୍ୟମ ହେବା ଦରକାର । ଭଗବାନଙ୍କ ଆଶୀର୍ବାଦ ପ୍ରାପ୍ତ ହେବା ପାଇଁ ଏହି ସମାଜ ଉତ୍ସଳ ଦୈବତ୍ୱର ଏକ ମାଧ୍ୟମ । ଯେପରି ବ୍ୟକ୍ତିବିଶେଷଙ୍କର ଚେତନାଶକ୍ତି ରହିଛି, ସମାଜର ମଧ୍ୟ ନିଜର ଏକ ଚେତନା (ସାମାଜିକ ଚେତନା) ରହିଛି । ସାମାଜିକ ଚେତନା ବ୍ୟକ୍ତିଚେତନାକୁ ଆବୃତ କରି ରହିଥାଏ । ସମାଜର ସ୍ୱାର୍ଥ ଦୃଷ୍ଟିରୁ ସମାଜ ହିଁ ବ୍ୟକ୍ତିବିଶେଷଙ୍କର ମନକୁ ପ୍ରଭାବିତ କରିଥାଏ । ବ୍ୟକ୍ତିବିଶେଷଙ୍କର ସ୍ୱାର୍ଥ ପାଇଁ ସମାଜ କେବେହେଲେ ପ୍ରଭାବ ପକାଇ ନ ଥାଏ ।''

''ଗୋଟିଏ ସାଧାରଣ ବିଶ୍ୱାସ ହେଲା ସାମାଜିକ ଜୀବନ ଓ ଆଧ୍ୟାତ୍ମିକ ଜୀବନ ମଧ୍ୟରେ କୌଣସି ସଂଯୋଗ ନାହିଁ । ଏହା ସମ୍ପୂର୍ଣ୍ଣ ଭାବରେ ଭୁଲ୍ । ଆଧ୍ୟାତ୍ମିକ ଜୀବନ ଯାପନ କେବଳ ସାମାଜିକ ଜୀବନର ବିକାଶ ପାଇଁ ଉଦ୍ଦିଷ୍ଟ ତାହା ନୁହେଁ, ବାସ୍ତବରେ ଏହା ଏତାଦୃଶ ବିକାଶ ପାଇଁ ଅପରିହାର୍ଯ୍ୟ । ଦୈବତ୍ୱ ସମଗ୍ର ସମାଜକୁ ଭେଦ କରି ରହିଥାଏ ମାତ୍ର ସମାଜକୁ ପ୍ରଭାବିତ କରୁଥିବା ଦୈବତ୍ୱ ବ୍ୟକ୍ତିବିଶେଷଙ୍କୁ ମାଧ୍ୟମ କରିଥାଏ ।''

''ବିଜ୍ଞାନର ଉନ୍ନତି ସହିତ ମଣିଷ ନିଜକୁ ସମଗ୍ର ବିଶ୍ୱର ପ୍ରଭୁ ବୋଲି ମନେ କରେ ଏବଂ ସେ ଭଗବାନଙ୍କୁ ଭୁଲିଯିବା ଆରମ୍ଭ କରେ । ଯଦିଓ ମଣିଷ ଆଜି ଚନ୍ଦ୍ରକୁ ଯାଇ ପାରୁଛି ଏବଂ ମହାଶୂନ୍ୟ ଉପରେ ବିଜୟ ହାସଲ କରିପାରିଛି, ତଥାପି ସେ ଅସଂଖ୍ୟ ରହସ୍ୟକୁ ଭେଦ କରିପାରି ନାହିଁ ଏବଂ ସୃଷ୍ଟି ସମ୍ପର୍କରେ ତାର ଧାରଣା ଏବେ ବି ଅସମ୍ପୂର୍ଣ୍ଣ । ସେ ଅନୁଭବ କରିବ ଏସବୁ ତା ମନର ସୀମିତ ଶକ୍ତି ଓ ଜ୍ଞାନର ବହୁ ଊର୍ଦ୍ଧ୍ୱରେ । ମଣିଷ ଯେତେ ଅଧିକ ଗୁପ୍ତ ତଥ୍ୟ ଓ ମହାଶୂନ୍ୟର ରହସ୍ୟକୁ ଆବିଷ୍କାର କରିବ ସେତେ ଅଧିକ ଅନୁଭବ କରିବ ଯେ 'ଭଗବାନ ହେଉଛନ୍ତି ସ୍ରଷ୍ଟା ଏବଂ ସମଗ୍ର ସୃଷ୍ଟିର ପ୍ରବର୍ତ୍ତକ' । ସବୁ ଧର୍ମ ଏହି ସତ୍ୟକୁ ସ୍ୱୀକାର କରନ୍ତି । ମଣିଷ ତାର ସୀମିତ ବୁଦ୍ଧି ଓ ଜ୍ଞାନ ବଳରେ କେବଳ ଏତିକି ବୁଝିପାରିବ ଯେ ଅଦୃଶ୍ୟ ଓ ଅନନ୍ତ ଭଗବାନ ଅଛନ୍ତି ଏବଂ ମଣିଷ ତାଙ୍କୁ ସମ୍ମାନ ଦେଇ ପୂଜା କରିବା ଦରକାର ।''

''ନିଜ ଭିତରେ ଥିବା ଦୈବତ୍ୱକୁ ବୁଝିବା ପରିବର୍ତ୍ତେ ମଣିଷ ତାର ଭୌତିକ କୃତିତ୍ୱ ମଧ୍ୟରେ କାରାରୁଦ୍ଧ ଅବସ୍ଥାରେ ରହିଛି । ତାର ସମସ୍ତ ବୈଜ୍ଞାନିକ ଓ ଯାନ୍ତ୍ରିକ କୌଶଳର ଅଭିବୃଦ୍ଧି ଅପେକ୍ଷା ବୃହତ୍ତର କଥା ହେଲା ମଣିଷ ନିଜେ ଦୈବୀ ଚେତନାରୁ ବା ଶକ୍ତିରୁ ସୃଷ୍ଟ – ଏହା ମଣିଷ ଦିନେ ବୁଝିବ ।''

''ଭୌତିକ ଜଗତ ବାସ୍ତବ ବୋଲି ମଣିଷ ତାର ସମ୍ମାନ କରି ଆସିଛି । କିଛିକାଳ ପାଇଁ ବୈଜ୍ଞାନିକ, ଯାନ୍ତ୍ରିକ ଓ ଭୌତିକ ସମାଜର ଅଭିବୃଦ୍ଧି ସମ୍ଭବ ହୋଇପାରେ । ମାତ୍ର ଯଦି ଏହିଭଳି ମଣିଷର ସ୍ୱାର୍ଥପରତା, ଲୋଭ ଓ ଘୃଣା ଭାବ ବୃଦ୍ଧି ପାଏ (ଯାହା ସାଧାରଣତଃ ଘଟିଥାଏ) ତେବେ ସମାଜ ନିଜକୁ ନିଜେ ଧ୍ୱଂସ କରିଦେବ । ଅନ୍ୟପକ୍ଷରେ ଅପରିହାର୍ଯ୍ୟ ଦୈବତ୍ୱକୁ ଯଦି ମଣିଷ ଅନୁଭବ କରେ, ତେବେ ସେ ଏକତା ଏବଂ ଦିବ୍ୟ ପ୍ରେମର ସଂଯୋଗ ଭିତ୍ତିକ ମହାନ୍ ସମାଜ ଗଠନ କରିପାରିବ । ପ୍ରତ୍ୟେକ ବ୍ୟକ୍ତିର ମନରେ ବିରାଟ ପରିବର୍ତ୍ତନ ଆରମ୍ଭ ହେବ । ଯେତେବେଳେ ବ୍ୟକ୍ତିବିଶେଷଙ୍କଠାରେ ପରିବର୍ତ୍ତନ ଦେଖାଦେବ ସେତେବେଳେ ସମାଜ ମଧ୍ୟ ପରିବର୍ତ୍ତିତ ହେବ । ଯେତେବେଳେ ସମାଜର ପରିବର୍ତ୍ତନ ଦେଖାଦେବ, ସମଗ୍ର ପୃଥିବୀ ମଧ୍ୟ ପରିବର୍ତ୍ତିତ ହେବ ।''

''ବ୍ୟକ୍ତିବିଶେଷଙ୍କର ମଙ୍ଗଳ ସାଧନ ସମଗ୍ର ସମାଜର ମଙ୍ଗଳ ସାଧନ ସହିତ ନିବଦ୍ଧିତ । ଏକତା ସାମାଜିକ ଉନ୍ନତିର ଗୁପ୍ତ ରହସ୍ୟ ଏବଂ ସମାଜ ସେବା ହିଁ ସାମାଜିକ ଉନ୍ନତିର ପନ୍ଥା । ତ୍ୟାଗପୂତ ଭାବରେ ପ୍ରତ୍ୟେକ ବ୍ୟକ୍ତି ନିଜକୁ ଏତାଦୃଶ ସେବାରେ ନିୟୋଜିତ କରିବା ଉଚିତ । ଯେଉଁ ବ୍ୟକ୍ତି ନିଜକୁ ଏଭଳି କାର୍ଯ୍ୟରେ ସମର୍ପି ଦିଏ ନାହିଁ ସେ କଳଙ୍କି ଲାଗିଥିବା ଯନ୍ତ୍ର ପରି । ସେ କେବଳ ନିଜର ମଙ୍ଗଳ ଓ ଉନ୍ନତି ସହିତ ସମ୍ପୃକ୍ତ । ସେ ନିଜର ସାମାଜିକ, ନୈତିକ କର୍ତ୍ତବ୍ୟ ଓ ଆଧ୍ୟାତ୍ମିକ ଲକ୍ଷ୍ୟ ସାଧନ ସମ୍ପର୍କରେ

ଅନ୍ଧଭଳି ଆଚରଣ କରିବା ଉଚିତ ନୁହେଁ । ସବୁ ପ୍ରକାର କାର୍ଯ୍ୟ ଦୈବୀ ସଂକଳ୍ପ ଅନୁସାରେ ସାଧିତ ହେଉଛି ଏବଂ ହିତକର ମାର୍ଗରେ ପରିଚାଳିତ ହେଉଛି ବୋଲି ସମସ୍ତେ ସଚେତନ ହେବା ଦରକାର ।''

ନାମ ସ୍ମରଣର ଶକ୍ତି ସମସ୍ତଙ୍କୁ ପ୍ରାପ୍ୟ

ମିଷ୍ଟର ନରସିଂହମ୍ ପବିତ୍ର ହୃଦୟରେ ପ୍ରାର୍ଥନା କରିଥିବାରୁ ପରମପ୍ରିୟ ସ୍ୱାମୀ ତାଙ୍କର ଦିବ୍ୟ କୃପା ପ୍ରଦାନ ପୂର୍ବକ ତାଙ୍କ ପ୍ରାର୍ଥନାର ପ୍ରତ୍ୟୁତ୍ତର ଦେଇଥିଲେ । ବାବା କହନ୍ତି—

''ଭଗବାନଙ୍କ କୃପା ଲାଭ କରିବା ପାଇଁ କୌଣସି ନିମ୍ନତମ ପନ୍ଥା ନାହିଁ । ନାମ ସ୍ମରଣ ହେଉଛି ସର୍ବୋତ୍ତମ ପନ୍ଥା । କେବଳ ତୁମର ବିଶ୍ୱାସ ନାହିଁ ଯେ ଏହା ତୁମର ଯତ୍ନ ନେବ ଏବଂ ତୁମକୁ ରକ୍ଷା କରିବ । ଏହା ହିଁ ଦୁଃଖଦାୟକ । ଲୋକମାନେ ବିଶ୍ୱାସ କରନ୍ତି ଯେ ଦାମିକା, ସୁନ୍ଦର ଖୋଳରେ ରହିଥିବା ଏବଂ ବହୁଳ ପ୍ରଚାରିତ ହୋଇଥିବା ଔଷଧ ହିଁ ରୋଗ ଭଲ କରିପାରେ । ଅତି ନିକଟରେ ଥିବା, ସହଜରେ ମିଳୁଥିବା, କମ୍ ଦାମର ଔଷଧ ସେମାନଙ୍କ ପାଇଁ ମୂଲ୍ୟହୀନ ଓ ପରିତ୍ୟକ୍ତ । ବାସ୍ତବରେ ଯଦି କେବଳ ତୁମର ନାମ ସ୍ମରଣ ଉପରେ ବିଶ୍ୱାସ ରହିଛି ତେବେ ତୁମେ ତୁମର ଇଚ୍ଛା ଓ ଆବଶ୍ୟକତା ପୂରଣ ପାଇଁ ମୋତେ ବିସ୍ତୃତ ଭାବରେ ଜଣାଇବା ପାଇଁ ସଂଘର୍ଷ କରିବାର ଆବଶ୍ୟକତା ନାହିଁ । ତୁମେ ନ କହିଲେ ମଧ୍ୟ ମୁଁ ତୁମର ଆବଶ୍ୟକତା ପୂରଣ କରିପାରେ । ତୁମର ଜିଭରେ ଓ ମନ ଭିତରେ ଯଦି ଉଜ୍ଜ୍ୱଳ ଓ ସ୍ପଷ୍ଟ ନାମ ରହିଛି ତଥା ତୁମ ଅନ୍ତର୍ଦୃଷ୍ଟିରେ ଭଗବାନଙ୍କ ସ୍ୱରୂପ ବିରାଜମାନ କରିଛି ତେବେ ତୁମର ଆବଶ୍ୟକତା ନ କହିଲେ ମଧ୍ୟ ଭଗବାନ ତାହା ପୂରଣ କରିବେ ।''

''ଦିବ୍ୟ ନାମ ପୃଥିବୀର ସବୁ ରୋଗ ପାଇଁ ଅବ୍ୟର୍ଥ ଔଷଧ ଏବଂ ସର୍ବରୋଗ ହର ଭଗବାନଙ୍କ ନାମ ବ୍ୟତୀତ ଅନ୍ୟକିଛି ମଧୁରତର ନୁହେଁ । ନାମ ମାଧ୍ୟମରେ ତୁମେ ବିନା ପ୍ରତିବନ୍ଧକରେ ତୁମର ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ । ଏହି ନାମ ପାପୀ ଓ ସନ୍ଥ, ଛାତ୍ର ଓ ଶିକ୍ଷକ, ପୁରୁଷ ଓ ମହିଳା ଯେ କେହି ହୁଅନ୍ତୁ ନା କାହିଁକି କୌଣସି ପ୍ରଭେଦ ନ ଦେଖି ସମସ୍ତଙ୍କୁ ସମାନ ଭାବରେ ମିଳିଥାଏ । ଭକ୍ତି ଓ ପ୍ରେମର ସହିତ ଭଗବାନଙ୍କ ନାମ ଉଚ୍ଚାରଣ କରିବା ସହଜସାଧ୍ୟ ଏବଂ ଅତି ପବିତ୍ର ସାଧନା ।''

□□

ଅଧ୍ୟାୟ - ୪୨

ମିଷ୍ଟର ଭାଡ଼୍‌ଗାମାଙ୍କ ପ୍ରତି ପରମପ୍ରିୟ ସ୍ୱାମୀଙ୍କର କୃପା

ବର୍ମିଂହାମ୍‌ର ଜାତୀୟ ପ୍ରଦର୍ଶନୀ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିବା ଶତ ଲକ୍ଷାର୍ଚ୍ଚନା କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ମିଷ୍ଟର ଓ ମିସେସ୍ ଭାଡ଼୍‌ଗାମା ପ୍ରତ୍ୟହ ଜପାମାଳା ଧରି 'ଓଁ ଶ୍ରୀ ସତ୍ୟସାଇ କୃଷ୍ଣାୟ ନମଃ' ମନ୍ତ୍ର ଜପ କରୁଥିଲେ ।

ପରମପ୍ରିୟ ସ୍ୱାମୀ କହନ୍ତି "ତୁମେ ଯାହା କରନା କାହିଁକି, ଯେଉଁଠାରେ ଥାଅନା କାହିଁକି, ମୁଁ ତୁମ ସହିତ ଓ ତୁମ ଭିତରେ ରହିଛି । ତାହା ତୁମକୁ ଆତ୍ମବଡ଼ିମା ଓ ଭ୍ରାନ୍ତିରୁ ରକ୍ଷା କରିବ । ତାହା ତୁମ ସେବାକୁ, ଯେଉଁମାନଙ୍କ ପାଇଁ ସେବା କରୁଛ, ସେମାନଙ୍କ ମଙ୍ଗଳ ପାଇଁ ମୂଲ୍ୟବାନ ଓ ଫଳପ୍ରଦ କରିବ ।"

ମିଷ୍ଟର ଭାଡ଼୍‌ଗାମା ସବୁଦିଗରୁ ଆଶୀର୍ବାଦ ପାଇବା ଆରମ୍ଭ କଲେ । ସାନ୍‌ସ ବରିଜ୍‌ର ବିଶାଳ ସୁପର ମାର୍କେଟର ପରିଚାଳକ ଏହି ଅବସରରେ ଥରେ ତାଙ୍କ ନିକଟକୁ ଆସିଲେ ଏବଂ ତାଙ୍କ ଦ୍ୱାରା ଉତ୍ପାଦିତ ଖାଦ୍ୟ ସାମଗ୍ରୀ ପ୍ୟାକ୍ କରିବା ପାଇଁ ବିପୁଳ ପରିମାଣରେ ପ୍ଲାଷ୍ଟିକ୍ ଥାଳିଆ ଯୋଗାଇ ଦେବା ପାଇଁ ବରାଦ ଦେଲେ । ସେମାନେ ମଧ୍ୟ କାରଖାନା ପରିସର ବୃଦ୍ଧି କରିବା ପାଇଁ ଆଧୁନିକ ଯନ୍ତ୍ରପାତି କିଣିବା ପାଇଁ ଏବଂ ଆବଶ୍ୟକ ଅନୁସାରେ ଅଧିକ କର୍ମଚାରୀ ନିଯୁକ୍ତ କରିବା ପାଇଁ ଯଥେଷ୍ଟ ପରିମାଣର ଅର୍ଥ ଅଗ୍ରୀମ ଦେଇଥିଲେ । ଏପରିକି ନୂଆ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ପରିମାଣର ଋଣ ଯୋଗାଇ ଦେବାକୁ ବ୍ୟାଙ୍କର ବ୍ୟବସ୍ଥା କରିଦେଇଥିଲେ । ପରମପ୍ରିୟ ସ୍ୱାମୀଙ୍କର କୃପା ବିନା ଏହା କିପରି ସମ୍ଭବ ହୋଇଥାନ୍ତା ? ଏହା ମିଷ୍ଟର ଭାଡ଼୍‌ଗାମାଙ୍କ ପାଇଁ ଏକ ସ୍ୱପ୍ନ ସାର୍ଥକ ହେଲାଭଳି ।

ଏଥିପାଇଁ ଆର୍ଥିକ ବୁଝାମଣା ଚାଲିଥିବା ସମୟରେ କେହି ଜଣେ ଆସି ତାଙ୍କୁ ସମ୍ବାଦ ଦେଲା ଯେ ତାଙ୍କ କାରଖାନାକୁ ଲାଗି ରହିଥିବା ଗୋଦାମ ଘର ବିକ୍ରି ହେବ । ସଙ୍ଗେ ସଙ୍ଗେ ଭାଡ଼୍‌ଗାମା ସିଧାସଳଖ ମାଲ୍‌ଗୋଦାମର ମାଲିକଙ୍କ ନିକଟକୁ ଟେଲିଫୋନ୍ ଯୋଗାଯୋଗ କଲେ ଏବଂ ବ୍ୟାଙ୍କ କର୍ତ୍ତୃତ୍ୱରେ କିଣାବିକା ବୁଝାମଣା ଚୂଡ଼ାନ୍ତ ହେଲା ।

ଏହି ନୂଆ ପରିସରକୁ ଦଖଲକୁ ନିଆଗଲା ଏବଂ ଚାରିଦିନ ମଧ୍ୟରେ ପରବର୍ତ୍ତୀ ରବିବାର ସୁଦ୍ଧା ଗୋଦାମଘର ଖାଲି କରିଦେବାକୁ ନିର୍ଦ୍ଦେଶ ଦିଆଗଲା । ଅନ୍ୟଥା ଭଡ଼ା

ଦେବାକୁ ପଡ଼ିବ ବୋଲି ସ୍ଥିର ହେଲା । ମିଷ୍ଟର ଭାଡ୍‌ଗାମା ବଡ଼ ବଡ଼ ଫାର୍ମରୁ ସାତ ଟନ୍, ପାଞ୍ଚ ଟନ୍ ଓ ତିନି ଟନ୍ ଓଜନର ଅତ୍ୟାଧୁନିକ ତିନୋଟି ଯନ୍ତ୍ର ନୂତନ ପରିସରକୁ ଆଣିବାକୁ ସମସ୍ତ ବ୍ୟବସ୍ଥା କରିଦେଲେ । ଶନିବାରଦିନ ସମ୍ପୃକ୍ତ ଫାର୍ମର ମ୍ୟାନେଜର ଜଣାଇଦେଲେ ଯେ ଅତ୍ୟଧିକ ଓଜନର ଜିନିଷ ଉଠାଇବା ପାଇଁ ଯେଉଁ ଯନ୍ତ୍ର ବ୍ୟବହାର କରାଯାଏ ତାହା ଅଚଳ ହୋଇଯାଇଛି । ତେଣୁ ସେମାନେ କିଣାଯାଉଥିବା ଅତ୍ୟାଧୁନିକ ତିନୋଟି ଯନ୍ତ୍ର ପଠାଇ ପାରିବେ ନାହିଁ । ମିଷ୍ଟର ଭାଡ୍‌ଗାମା ଏହି ଅଚଳ ଉଠାଇବା ଯନ୍ତ୍ରର ମରାମତି ପାଇଁ ଅନ୍ୟ ଫାର୍ମମାନଙ୍କ ସହିତ ସମ୍ପର୍କ ସ୍ଥାପନ କଲେ ମାତ୍ର ସବୁ ବୃଥା ହେଲା । ଶେଷରେ ନିରାଶ ହୋଇ ସେ ଭଗବାନଙ୍କୁ ପ୍ରାର୍ଥନା କଲେ ।

ରବିବାରଦିନ ସକାଳୁ ଜଣେ ଗେଡ଼ା ଲୋକ ତାଙ୍କ ନିକଟକୁ ଆସିଲା ଏବଂ କହିବାକୁ ଲାଗିଲା ''ଆପଣ କିଣୁଥିବା ଯନ୍ତ୍ରଗୁଡ଼ିକୁ ଆଣିବା ପାଇଁ ଜଣେ ଲୋକ ଦରକାର କରୁଥିଲେ କି ?'' ମିଷ୍ଟର ଭାଡ୍‌ଗାମା ଆଶ୍ଚର୍ଯ୍ୟ ହୋଇ ପଚାରିଲେ ''ଏକଥା ତୁମକୁ କିଏ କହିଲା ?'' ଲୋକଟି ଉତ୍ତର ଦେଲା– ''ମୁଁ ଆପଣଙ୍କ କାର୍ଯ୍ୟ କରିପାରିବି ।'' ମିଷ୍ଟର ଭାଡ୍‌ଗାମା ପୁଣି ପ୍ରଶ୍ନ କଲେ ''ଉଠାଇବା ପାଇଁ ଆବଶ୍ୟକ ଯନ୍ତ୍ର ତଥା ଉପକରଣ ତୁମର କାହିଁ ?'' ଗେଡ଼ା ଲୋକଟି କହିଥିଲା ''ବାହାରେ ଅଛି । ମୋତେ କୁହନ୍ତୁ କେଉଁ ସ୍ଥାନକୁ ଏହି ଯନ୍ତ୍ରଗୁଡ଼ିକ ନିଆଯିବ ଏବଂ ଠିକ୍ କେଉଁଠାରେ ସେଗୁଡ଼ିକୁ ସ୍ଥାପନ କରାଯିବ ।''

ମିଷ୍ଟର ଭାଡ୍‌ଗାମା ଉତ୍ତର ଦେଇଥିଲେ ''ତୁମେ ଯନ୍ତ୍ରଗୁଡ଼ିକ ଧରି ବାହାର ପଟେ କାରଖାନା ସଂଲଗ୍ନ ଗୋଦାମ ନିକଟକୁ ଆସ । ମୁଁ ଭିତର ପଟୁ ସେଠାକୁ ଯିବି ଓ ତୁମକୁ ସାହାଯ୍ୟ କରିବି ।''

ମିଷ୍ଟର ଭାଡ୍‌ଗାମା ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଯେ ସେହି ଲୋକ ସାତଟନ ବିଶିଷ୍ଟ ଯନ୍ତ୍ରଟିକୁ ପବନରେ ଉଡ଼ିଲାଭଳି ଉଠାଇ ନେଇଛି । ସମ୍ମୁଖ ପ୍ରବେଶଦ୍ୱାର ଦେଇ ଏହି ଯନ୍ତ୍ରଟିକୁ ଚକଲଗା ଠେଲାଗାଡ଼ିରେ ନେଉ ନେଉ ସେ କହିଥିଲା ''ମୁଁ ଜାଣେ ଏହାକୁ କେଉଁଠାରେ ସ୍ଥାନିତ କରାଯିବ ତାହା ତୁମେ ସ୍ଥିର କରିନାହଁ । ମୁଁ ଠିକ୍ ସ୍ଥାନ ଦେଖାଇ ଦେବି ।'' ସେ ଯନ୍ତ୍ରଟିକୁ ଗୋଟିଏ କୋଣକୁ ନେଇ କହିଥିଲା ''ଏହା ହେଉଛି ଠିକ୍ ସ୍ଥାନ । ଏବେ ମୁଁ ଅନ୍ୟ ଯନ୍ତ୍ର ଦୁଇଟିକୁ ଆଣେ ।''

ଅନ୍ୟ ଦୁଇଟି ଯନ୍ତ୍ର ଅଧଘଣ୍ଟା ଭିତରେ ଯଥାସ୍ଥାନକୁ ଆସିପାରିଲା । ମିଷ୍ଟର ଭାଡ଼ଗାମା ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ଲୋକଟିକୁ ପଚାରିଲେ ''ଏହି କାର୍ଯ୍ୟ ପାଇଁ ତୁମେ ମୋଠାରୁ କେତେ ପାରିଶ୍ରମିକ ନେବ ?'' ଲୋକଟି ଉତ୍ତର ଦେଲା ''ଯାହା ଉଚିତ ମନେ କରିବେ ତାହା ଦେଇ ପାରନ୍ତି ।''

ମିଷ୍ଟର ଭାଡ୍‌ଗାମାଙ୍କ ନିକଟରେ ମାତ୍ର ସତୁରୀ ପାଉଣ୍ଡ ମୁଦ୍ରା ଥିଲା । ସେ କହିଥିଲେ ''ଏବେ ମୋ ପାଖରେ ମାତ୍ର ସତୁରୀ ପାଉଣ୍ଡ ଅଛି । ବାକି ଅର୍ଥ ମୁଁ ଚେକ୍ ଆକାରରେ

ଦେଇପାରିବି ଯଦି ଆପଣ ଏଥିରେ ରାଜି ଥାନ୍ତି ।'' ସେହି ଲୋକଟି ଆଶ୍ଚର୍ଯ୍ୟଜନକ ଉତ୍ତର ଦେଇଥିଲା ''ଏହି ଅର୍ଥ ମୋ ପାଇଁ ଯଥେଷ୍ଟ ।'' ମିଷ୍ଟର ଭାଡ଼୍‌ଗାମା କହିଥିଲେ ''ତୁମେ ଏଥିରେ ନିଶ୍ଚିତ ଭାବରେ ଖୁସି ତ ?'' ଉତ୍ତର ମିଳିଲା ''ହଁ ମହାଶୟ ।''

ମିଷ୍ଟର ଭାଡ଼୍‌ଗାମା ଅନ୍ୟ ପକେଟରେ ହାତ ପୁରାଇ ଗୋଟିଏ ପାଞ୍ଚ ପାଉଣ୍ଡିଆ ନୋଟ ପାଇଲେ ଏବଂ କହିଥିଲେ ''ଆଉ ଏତିକି ଅଛି । ଏହା ଆପଣଙ୍କ ପିଇବା ପାଇଁ'' ଲୋକଟି ତାର ପ୍ରାପ୍ୟ ଧରି ଚାଲିଗଲା । ଯେତେବେଳେ ମିଷ୍ଟର ଭାଡ଼୍‌ଗାମା ଦେଖିଲେ ଯେ ସେ ଲୋକଟି ଗୋଟିଏ ଚକ ଓ ଟାୟାର ଛାଡ଼ି ଯାଇଛି ତତ୍‌କ୍ଷଣାତ୍ ସେ ତାଙ୍କୁ ଡାକି ଆଣିବାକୁ ପୁଅ ନିରଜଙ୍କୁ ନିର୍ଦ୍ଦେଶ ଦେଲେ । ନିରଜ ବାହାରକୁ ଆସି ଦେଖିଲେ କେହି କେଉଁଠାରେ ନାହାନ୍ତି । ଫେରିଆସି ସେ ନିଜ ପିତାଙ୍କୁ କହିଥିଲେ ''ଏତେ ଶୀଘ୍ର ଲୋକଟି ତାର ସମସ୍ତ ଉପକରଣ ଓ ଯନ୍ତ୍ରପାତି ଧରି କିପରି ଅଦୃଶ୍ୟ ହୋଇଗଲା ? ଏହା ନିଶ୍ଚୟ ଏକ ଅଲୌକିକ ଘଟଣା ।'' ତଥାପି ପିତା ପୁତ୍ର ଲୋକଟିକୁ ପାଇବା ଆଶାରେ ରାସ୍ତା ଉପରକୁ ଦୌଡ଼ିଗଲେ ମାତ୍ର ସେଠାରେ ମଧ୍ୟ କାହାରିକୁ ଦେଖିଲେ ନାହିଁ ।

ମିଷ୍ଟର ଭାଡ଼ଗାମା ସିଧା ସଳଖ ଆମକୁ ଡକାଇ ପଠାଇଲେ ଏବଂ ଆମ ଆଗରେ ସମସ୍ତ ଘଟଣା ବର୍ଣ୍ଣନା କଲେ । ଆମେ ସମସ୍ତେ ଜାଣିଗଲୁ ଯେ ଏହା ପରମପ୍ରିୟ ଭଗବାନ ସାଇଙ୍କ ବ୍ୟତୀତ ଅନ୍ୟ କାହାରି କାର୍ଯ୍ୟ ନୁହେଁ ଏବଂ ସେ ଦୁଇଘଣ୍ଟାର କାର୍ଯ୍ୟକୁ ମାତ୍ର ଚାଳିଶ ମିନିଟ୍ ମଧ୍ୟରେ ଶେଷ କରିଥିଲେ । ମିଷ୍ଟର ଭାଡ଼୍‌ଗାମାଙ୍କ ପତ୍ନୀ ଦୁଃଖିତ ହେଲେ ଯେ ସେ ସେହି ଲୋକଟିକୁ ଚା ବା କଫି ଦେଇ ପାରିଲେ ନାହିଁ । ସେ ଚକ ଓ ଟାୟାର 'ଦିବ୍ୟ ସ୍ମୃତି' ଭାବରେ ସେଠାରେ ରହିଗଲା । ଏହି କାହାଣୀ ସମଗ୍ର ଯୁକ୍ତରାଜ୍ୟର ଭକ୍ତମାନଙ୍କ ମଧ୍ୟରେ ବ୍ୟାପି ଯାଇଥିଲା ।

ପରମପ୍ରିୟ ସ୍ୱାମୀ କହନ୍ତି ''ମୋର ଅଲୌକିକତା ଭଗବଦ୍ ଶକ୍ତିର ଏକ ଅଂଶବିଶେଷ । ଏହା ଯୋଗ ସାଧନାର ଫଳ ନୁହେଁ । ଏଗୁଡ଼ିକ ପ୍ରାକୃତିକ ବା ସ୍ୱାଭାବିକ ଏବଂ ଏଥିରେ କୌଣସି ବାଧ୍ୟବାଧକତା ନାହିଁ । ଏଥିରେ କୌଣସି ଅଦୃଶ୍ୟ ଶକ୍ତି ମୋତେ ସାହାଯ୍ୟ କରୁ ନାହିଁ । ମୋର ଦୈବୀ ଶକ୍ତି ମୁହୂର୍ତ୍ତକ ମଧ୍ୟରେ ଯେକୌଣସି ପଦାର୍ଥ ଆଣିପାରେ । ମୁଁ ସବୁଆଡ଼େ ଅଛି । ମୋର ସ୍ୱତଃପ୍ରବୃତ୍ତ ପ୍ରେମର ଉତ୍ସକୁ ଛାଡ଼ିଦେଲେ ମଧ୍ୟ ମୋର ତଥାକଥିତ ଅଲୌକିକତା ନାସ୍ତିକମାନଙ୍କ ମନରେ ବିଶ୍ୱାସର ମଞ୍ଜି ବୁଣିବା ପାଇଁ ଉଦ୍ଦିଷ୍ଟ । ଉଚ୍ଚତର ଶକ୍ତି ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଓ ମାନବ ଜାତିକୁ ସବୁ ଦିଗରୁ ପରିପୁଷ୍ଟ କରିବା ଏଗୁଡ଼ିକର ଲକ୍ଷ୍ୟ ।''

ମିଷ୍ଟର ଭାଡ଼୍‌ଗାମାଙ୍କର ବିଶ୍ୱାସ ବୃଦ୍ଧି ପାଇଥିଲା ଏବଂ ସେ ନୂତନ ମାଲଗୋଦାମରେ ବ୍ୟବସାୟ ଆରମ୍ଭ ପୂର୍ବରୁ ଲକ୍ଷାର୍ଚ୍ଚନା ପରି ଆଧ୍ୟାତ୍ମିକ ସାଧନା କରିବା ପାଇଁ ଆଗ୍ରହ ପ୍ରକାଶ କରି ଭକ୍ତମାନଙ୍କୁ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମର ପୂର୍ବଦିନ

ଭକ୍ତମାନେ ଶିରିଡ଼ି ସାଇବାବା ଓ ସତ୍ୟସାଇବାବାଙ୍କର ଦୁଇଟି ବଡ଼ ଫଟୋ ଆଣି ପରଦିନ ଲକ୍ଷାର୍ଚ୍ଚନାରେ ବାବାଙ୍କ ଆହ୍ୱାନ ପାଇଁ ଉଦ୍ଦିଷ୍ଟ ଟେବୁଲ୍ ଉପରେ ରଖିଥିଲେ ।

ପରଦିନ ସକାଳୁ ଯେତେବେଳେ ମିଷ୍ଟର ଭାଡ଼୍‌ଗାମା ମାଲ୍‌ଗୋଦାମକୁ ଗଲେ ଏବଂ ଫଟୋକୁ ଲକ୍ଷ୍ୟ କଲେ, ସେ ମନକୁ ମନ କହିବାକୁ ଲାଗିଲେ 'ଏହି ଫଟୋଗୁଡ଼ିକ ଧୂଳି ଧୂଷରିତ ହୋଇଯାଇଛି । ଏଠାକୁ ଆଣିବା ପୂର୍ବରୁ ସମ୍ପୃକ୍ତ ଲୋକମାନେ କାହିଁକି ସଫା କଲେ ନାହିଁ କିଏ ଜାଣେ ?'' ସେ ଖଣ୍ଡେ କପଡ଼ା ଆଣି ଫଟୋ ଦୁଇଟିକୁ ସଫା କରିବାକୁ ଯାଉଛନ୍ତି କେହି ଜଣେ ଭିତରକୁ ପଶିଆସିଲା ଏବଂ କହିଉଠିଲା ''ଏପରି କର ନାହିଁ । ଏହା ହେଉଛି ଭଗବାନଙ୍କ କୃପା । ସେ ଭକ୍ତମାନଙ୍କ ପାଇଁ ବିଭୂତି ଝରାଇଛନ୍ତି ।'' ମିଷ୍ଟର ଭାଡ଼୍‌ଗାମା ତା ପରେ ପଚାରିଲେ ''ଏହି ବୁଢ଼ା ଲୋକଟି କିଏ ?'' ତାଙ୍କୁ ଶିରିଡ଼ି ସାଇବାବାଙ୍କ ସମ୍ପର୍କରେ ସବୁକିଛି ଜଣାଇ ଦିଆଗଲା ।

ପାଞ୍ଚଶହ ଭକ୍ତ ଲକ୍ଷାର୍ଚ୍ଚନାରେ ଯୋଗ ଦେଇଥିଲେ । ଏକ ଘୋଷଣା କରାଯାଇଥିଲା ''ଆମର ସୌଭାଗ୍ୟ ଯେ ଆମେ ଡାକ୍ତର (ଡକ୍ଟର ଗଡ଼ିଆ)ଙ୍କୁ ଏହି ଆଧ୍ୟାତ୍ମିକ ସାଧନା ପରିଚାଳନା କରିବା ପାଇଁ ଆମ ଗହଣରେ ପାଇଛେ । ସେ ଆସନ୍ତା କାଲି ଆମେରିକାର କାଲିଫର୍ଣ୍ଣିଆକୁ ବିମାନ ଯୋଗେ ଚାଲିଯିବେ ।''

ସବୁକଥା ବୁଝାଇ ଦେବା ପରେ ଲକ୍ଷାର୍ଚ୍ଚନା ଆରମ୍ଭ କରାଗଲା ଏବଂ ପରମପ୍ରିୟ ସ୍ୱାମୀ ତାଙ୍କର ଉପସ୍ଥିତିର ପ୍ରମାଣ ଦେଲେ । ଲକ୍ଷାର୍ଚ୍ଚନା ଚାଲିଥିବା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ବଡ଼ ଫଟୋ ଦୁଇଟିରୁ ବିଭୁତି ଝରିଆସି ଟେବୁଲ ଉପରେ ଜମା ହେଉଥିଲା । ଏଠାରେ ମଧ୍ୟ ଲକ୍ଷାର୍ଚ୍ଚନାରେ ମନ୍ତ୍ର ଥିଲା ''ଓଁ ଶ୍ରୀ ସତ୍ୟସାଇ କୃଷ୍ଣାୟ ନମଃ ।'' ଏହି ବିଭୂତି ସୃଷ୍ଟି ପ୍ରକ୍ରିୟା ପରମପ୍ରିୟ ସ୍ୱାମୀଙ୍କର ମହାନତା ଓ ବାର୍ତ୍ତାର ସୂଚନା ଦେଉଥିଲା । ଏହା ଭକ୍ତମାନେ ସ୍ୱଚକ୍ଷୁରେ ସଂଦର୍ଶନ କଲେ ।

ଅନ୍ୟ ଏକ ଲକ୍ଷାର୍ଚ୍ଚନାରେ ପରମପ୍ରିୟ ସ୍ୱାମୀଙ୍କର ଏକ ବଡ଼ ଫଟୋରେ ଦିଆଯାଇଥିବା ଗୋଲାପର ହାରରୁ ପାଖୁଡ଼ାମାନ ଝରି ଆସୁଥିଲା । ଏହା ସମସ୍ତେ ଦେଖିଥିଲେ ଏବଂ ଏହି ସମ୍ବାଦ ଯୁକ୍ତରାଜ୍ୟର ଭକ୍ତମାନଙ୍କ ମଧ୍ୟରେ ପ୍ରସାର ଲାଭ କରିଥିଲା ।

ମିଷ୍ଟର ଭାଡ଼୍‌ଗାମାଙ୍କ ମାଲଗୋଦାମରେ ଲକ୍ଷାର୍ଚ୍ଚନାରେ ଯୋଗ ଦେଇଥିବା ଭକ୍ତମାନଙ୍କ ମଧ୍ୟରେ ଆମେରିକା ଯୁକ୍ତରାଷ୍ଟ୍ରର ପେନ୍‌ସାକୋଲାରୁ ଆସିଥିବା ହିରାଭାଇ ଓ ଚନ୍ଦନ ବେନ ଥିଲେ । ମୋ ଭଉଣୀ ସେମାନଙ୍କୁ ମୋ ସହିତ ପରିଚୟ କରାଇ ଦେଇଥିଲେ । ଏହି ଅଲୌକିକତା ସନ୍ଦର୍ଶନ କରି ସେମାନେ ମୋର ଆମେରିକା ଗସ୍ତ କାଳରେ ତାଙ୍କ ବାସଗୃହରେ ଲକ୍ଷାର୍ଚ୍ଚନା ପାଇଁ ଅନୁରୋଧ ଜଣାଇଥିଲେ । ମୋ ଭଉଣୀ ହଂସା ପେନ୍‌ସାକୋଲା ଯାତ୍ରାକୁ ଆମ କାର୍ଯ୍ୟକ୍ରମ ସହିତ ଯୋଡ଼ିଦେଇଥିଲେ । ପରମପ୍ରିୟ

ସ୍ୱାମୀ ଅଦୃଶ୍ୟରେ ରହି ତାଙ୍କ ଫଟୋ ନିକଟରେ ବେଦୀ ଉପରେ ଥିବା ଏକ ନଡ଼ିଆକୁ ସଶବ୍ଦେ ଫଟାଇ ଏହି ଅତିରିକ୍ତ କାର୍ଯ୍ୟକ୍ରମକୁ ଆଶୀର୍ବାଦ ପ୍ରଦାନ କରିଥିଲେ ।

ବାବାଙ୍କୁ ସାକ୍ଷାତ କରିବା ପାଇଁ ମିଷ୍ଟର ଭାଡ଼୍‌ଗାମାଙ୍କର ଭାରତ ଗସ୍ତ

ମିଷ୍ଟର ଭାଡ଼୍‌ଗାମାଙ୍କର ବିଶ୍ୱାସ ବୃଦ୍ଧି ପାଇଥିଲା ଏବଂ ସେ ପ୍ରଶାନ୍ତି ନିଳୟମ୍ ଯାଇଥିଲେ । ସେ ଆଶ୍ରମର ନିୟମ ସମ୍ପର୍କରେ କିଛି ଜାଣି ନ ଥିଲେ । ପରମପ୍ରିୟ ସ୍ୱାମୀ ଏକ ସପ୍ତାହ ଧରି ତାଙ୍କ ଆଡ଼କୁ ଚାହିଁ ନ ଥିଲେ । ସେ ଚାପା ଗଳାରେ ପାଖରେ ବସିଥିବା ଜଣେ ଭକ୍ତଙ୍କୁ କହିଥିଲେ ''ସେ କି ପ୍ରକାର ଭଗବାନ ? ସେ ଆମ ଆଡ଼କୁ ଟିକେ ଚାହୁଁ ନାହାନ୍ତି ।'' ଅନ୍ୟ ପାଖରେ ବସିଥିବା ବ୍ୟକ୍ତିଟି କହିଥିଲେ ''ଏହି ଭକ୍ତ (ଅଷ୍ଟ୍ରେଲିଆରୁ ଆସିଥିବା ଜଣେ ଭକ୍ତଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି) ଅଷ୍ଟ୍ରେଲିଆରୁ ଆସିଛନ୍ତି । ସେ ଏଠାରେ ଏକମାସ ଧରି ବସି ଆସୁଛନ୍ତି ତଥାପି ସ୍ୱାମୀ ତାଙ୍କ ପ୍ରତି ଆଦୌ ଦୃଷ୍ଟି ଦେଉ ନାହାନ୍ତି ।'' ମିଷ୍ଟର ଭାଡ଼୍‌ଗାମା ନିରାଶ ହୋଇ ପଡ଼ିଲେ ଏବଂ ପରଦିନ ପ୍ରଶାନ୍ତି ନିଳୟମ ଛାଡ଼ି ଯୁକ୍ତରାଜ୍ୟକୁ ଫେରିଯିବେ ବୋଲି ସ୍ଥିର କଲେ । ସେ ଯିବା ପୂର୍ବରୁ ଶୁଣିଲେ ବାବା ମଧ୍ୟ ବାଙ୍ଗାଲୋର ନିକଟରେ ହ୍ୱାଇଟ୍‌ଫିଲ୍ଡ ଯିବା ଉଦ୍ଦେଶ୍ୟରେ ପ୍ରଶାନ୍ତି ନିଳୟମ ଛାଡୁଛନ୍ତି । ସେ ମନେ ମନେ ଭାବିଲେ ''ଏଥର ଭାବିବାର କିଛି ନାହିଁ । ବାବା ପ୍ରଶାନ୍ତି ନିଳୟମରେ ରହୁ ନ ଥିବାରୁ ମୁଁ ଯୁକ୍ତରାଜ୍ୟ ଫେରିଯିବା ଠିକ୍ ହେବ ।''

ବାଙ୍ଗାଲୋରକୁ ଯିବା ବାଟରେ ଟ୍ୟାକ୍ସି ଡ୍ରାଇଭର ମିଷ୍ଟର ଭାଡ଼୍‌ଗାମାଙ୍କୁ ଭରସା ଦେଇ କହିଥିଲେ ''ଆପଣ ଏତେ ନିରାଶ ହୋଇ ପଡ଼ନ୍ତୁ ନାହିଁ । ବାବା ହ୍ୱାଇଟ୍ ଫିଲ୍‌ଡରେ ମଧ୍ୟ ଭକ୍ତମାନଙ୍କୁ ସାକ୍ଷାତକାର ଦିଅନ୍ତି । ସେ ନିଶ୍ଚୟ ସେଠାରେ ଆପଣଙ୍କ ଉପସ୍ଥିତିକୁ ସ୍ୱୀକାର କରିବେ ।'' କିନ୍ତୁ ଏଥିରେ ମିଷ୍ଟର ଭାଡ଼୍‌ଗାମା ପ୍ରଲୁବ୍ଧ ହୋଇ ନ ଥିଲେ । ତାଙ୍କୁ ବାଙ୍ଗାଲୋରର ଗୋଟିଏ ଭଲ ହୋଟେଲକୁ ନେଇଯିବାକୁ ଡ୍ରାଇଭରକୁ କହିଥିଲେ । ସେଠାରେ ସେ ସମ୍ପୂର୍ଣ୍ଣ ବିଶ୍ରାମ ନେବେ ବୋଲି ସ୍ଥିର କରିଥିଲେ । ତାହାହେଲେ ସେ ପରଦିନ ଅପରାହ୍ନ ଗୋଟାଏ ସମୟରେ ବିମାନ ଯୋଗେ ବମ୍ବେ ଯିବା ଉଦ୍ଦେଶ୍ୟରେ ବିମାନ ଘାଟିକୁ ଯାଇ ପାରିବେ ।

ଡ୍ରାଇଭର କହିଥିଲା 'ମୁଁ ଆପଣଙ୍କୁ ହୋଟେଲକୁ ନ ନେଇ ସିଧାସଳଖ ହ୍ୱାଇଟ୍‌ଫିଲ୍ଡର ଆଶ୍ରମକୁ ନେଇ ଯାଉଛି । ସେଠାରେ ବାବା ଭକ୍ତମାନଙ୍କୁ ଦର୍ଶନ ଓ ଆଶୀର୍ବାଦ ପ୍ରଦାନ କରୁଛନ୍ତି ।'' ଟ୍ୟାକ୍ସି ଡ୍ରାଇଭର ଜଣେ ଭଲ ଲୋକ ଥିଲା ଏବଂ କହିଥିଲା ''ଦୟାକରି ନିରାଶ ହୋଇ ପଡ଼ନ୍ତୁ ନାହିଁ । ମୁଁ ଜବାବ ଦେଉଛି କାଲି ଠିକ୍ ସମୟରେ ଆପଣଙ୍କୁ ନେଇ ବିମାନ ଘାଟିରେ ପହଞ୍ଚାଇ ଦେବି । କିନ୍ତୁ ଆପଣ ଦର୍ଶନ ପାଇଁ ସକାଳ ୯ଟାରେ ଯାଆନ୍ତୁ । ହୁଏତ ଆପଣ ସେଠାରେ ବାବାଙ୍କ ସହିତ କଥାବାର୍ତ୍ତା କରିବା ପାଇଁ ସୁଯୋଗ ପାଇ ପାରନ୍ତି ।''

ମିଷ୍ଟର ଭାଡ଼୍‌ଗାମା ଏଥିରେ ରାଜି ହେଲେ । ହ୍ୱାଇଟ୍ ଫିଲ୍‌ଡରେ ସେ ଅପେକ୍ଷା କଲେ । ବାବା ତାଙ୍କ ପାଖ ଦେଇ ଚାଲିଗଲେ ମଧ୍ୟ ତାଙ୍କ ଆଡ଼େ ଚାହିଁଲେ ନାହିଁ । ସେ ତା ପରେ ଟ୍ୟାକ୍ସି ଡ୍ରାଇଭରର ପାଖକୁ ଯାଇ କହିଥିଲେ "ଏଥର ବି ବାବା ମୋତେ ଚାହିଁଲେ ନାହିଁ ।"

ପରଦିନ ମିଷ୍ଟର ଭାଡ଼୍‌ଗାମା ହଜାର ହଜାର ଭକ୍ତଙ୍କ ଗହଣରେ ବସିଥିଲେ । ସ୍ୱାମୀ ତାଙ୍କ ପାଖଦେଇ ଚାଲିଗଲେ କିନ୍ତୁ ତାଙ୍କ ପ୍ରତି ଦୃଷ୍ଟି ଦେଲେ ନାହିଁ । ସ୍ୱାମୀ କିଛିବାଟ ଆଗେଇଯିବା ପରେ ମିଷ୍ଟର ଭାଡ଼୍‌ଗାମା ଆଉ ବେଶୀ ସମୟ ନୀରବରେ ରହିପାରିଲେ ନାହିଁ ଏବଂ ସମସ୍ତ ଶୃଙ୍ଖଳା ଭଙ୍ଗ କରି ଚିତ୍କାର କରିଉଠିଲେ "ସ୍ୱାମୀ, ମୁଁ ଡକ୍ଟର ଗଡ଼ିଆଙ୍କଠାରୁ ଏକ ଚିଠି ଆଣିଛି ।" ବାବା ହଠାତ୍ ଠିଆ ହୋଇପଡ଼ିଲେ ଏବଂ ତାଙ୍କ ଆଡ଼କୁ ଆସି କହିଥିଲେ "ଆଚ୍ଛା, ଏପରି କଥା ।" ବାବା ତାଙ୍କଠାରୁ ଚିଠିଟି ନେଲେ । ମିଷ୍ଟର ଭାଡ଼୍‌ଗାମା କହିଥିଲେ "ସ୍ୱାମୀ, ମୁଁ ଆପଣଙ୍କ ସହିତ ସାକ୍ଷାତକାର ଚାହୁଁଛି ।" ବାବା ଉତ୍ତର ଦେଲେ "ଦୁଇବର୍ଷ ପରେ" ଏବଂ ସେଠାରୁ ଚାଲିଗଲେ ।

ମିଷ୍ଟର ଭାଡ଼୍‌ଗାମାଙ୍କ ନିକଟରେ ବସିଥିବା ଜଣେ ବ୍ୟକ୍ତି କହିଥିଲେ "ଆପଣ ସାକ୍ଷାତ୍‌କାର ପାଇଁ କହିବା ଉଚିତ ନୁହେଁ । ସ୍ୱାମୀ ଜାଣନ୍ତି କାହାକୁ ସାକ୍ଷାତକାର ଦେବେ ଓ ଆଉ କାହାକୁ ନ ଦେବେ ।" ମିଷ୍ଟର ଭାଡ଼୍‌ଗାମା ପୁଣି ଥରେ ପାଟିକରି କହିଥିଲେ "ସେ କଣ ଜାଣନ୍ତି ?"

ପରମପ୍ରିୟ ସ୍ୱାମୀ ଏକଥା ଶୁଣିଲେ ଏବଂ ପଛକୁ ଫେରି କେତୋଟି ଗୁରୁତ୍ୱପୂର୍ଣ୍ଣ କଥା କହିଥିଲେ । 'ତୁମ ଯନ୍ତ୍ର ସବୁ ସ୍ୱାମୀ ହିଁ ଉଠାଇଥିଲେ ଏବଂ ସେଥିପାଇଁ ସେ କିଛି ଅର୍ଥ ନେଇ ନାହାନ୍ତି । ତୁମେ ଯେଉଁ ଅର୍ଥ ଦେଇଥିଲ ତାହା ଯନ୍ତ୍ର ମଧ୍ୟରେ ଥିବା ଦୁଇଟି କାଠ ପଟା ମଝିରେ ରହିଛି । ଯାଅ ଏବଂ ସେଠାରେ ଏହାର ପ୍ରମାଣ ଦେଖ ।" ଏକଥା ଶୁଣି ମିଷ୍ଟର ଭାଡ଼୍‌ଗାମା ଚମକି ପଡ଼ିଲେ ଏବଂ କାନ୍ଦି ପକାଇଲେ । ତାଙ୍କ ପାଖରେ ବସିଥିବା ଲୋକଟି ପଚାରିଲା "ଏବେ କୁହ କଥା କଣ ?" ମିଷ୍ଟର ଭାଡ଼୍‌ଗାମା ଉତ୍ତର ଦେଲେ "ଏହା ବାବା ଓ ମୋ ଭିତରର କଥା ।"

ମିଷ୍ଟର ଭାଡ଼୍‌ଗାମା ହ୍ୱାଇଟ୍‌ଫିଲ୍ଡ ଆଶ୍ରମରୁ ସିଧାସଳଖ ବିମାନ ଘାଟିକୁ ଗଲେ ଏବଂ ଆକାଶ ମାର୍ଗରେ ବମ୍ବେରେ ପହଞ୍ଚିଲେ । ସେ ଲଣ୍ଡନରେ ଥିବା ତାଙ୍କ ଝିଅ ସଂଗୀତାକୁ ଟେଲିଫୋନ କଲେ ଏବଂ ସ୍ୱାମୀ ଯାହା କହିଥିଲେ ସେସବୁ ସଂଗୀତାକୁ ଜଣାଇଲେ । ତାଙ୍କ ଝିଅ ସମ୍ପୂର୍ଣ୍ଣ କାହାଣୀଟିକୁ ଭାନୁଭାଇ ପଟେଲ ଓ ଗୋବର୍ଦ୍ଧନ ଭାଇ ପଟେଲଙ୍କୁ ଜଣାଇଲେ । ସେମାନେ ଭିଡ଼ିଓ କ୍ୟାମେରା ଧରି ଗୋଦାମ ଘରକୁ ଆସିଲେ । ସେଠାରେ ସଂଗୀତାକୁ ସ୍ୱାମୀ କହିଥିବା ଯନ୍ତ୍ରଟିକୁ ଖୋଲିବାକୁ କହିଥିଲେ ଏବଂ ଆଶ୍ଚର୍ଯ୍ୟର କଥା ଯନ୍ତ୍ରଟିକୁ ସ୍ଥାନାନ୍ତର କରିଥିବା ସେହି ଲୋକଟିକୁ ଦିଆଯାଇଥିବା ୭୫ ପାଉଣ୍ଡ ଦୁଇଟି କାଠପଟା ମଝିରେ ରହିଥିଲା । ଏଥିରେ ବିଭୂତି ଜମିଯାଇଥିଲା ।

ଘଣ୍ଟାକ ପରେ ସେମାନେ ବମ୍ବେରେ ଥିବା ମିଷ୍ଟର ଭାଡ଼୍‌ଗାମାଙ୍କୁ ଟେଲିଫୋନ କଲେ ଏବଂ ସବୁକଥା ଜଣାଇଲେ । ତଥାପି ସେ ସନ୍ତୁଷ୍ଟ ହୋଇ ନଥିଲେ । ଲଣ୍ଡନକୁ ଫେରି ସେ ନୋଟଗୁଡ଼ିକ ଦେଖି ଜାଣିଗଲେ ଯେ ଏହି ନୋଟଗୁଡ଼ିକ ସେ ଦେଇଥିବା ନୋଟ, କାରଣ ଦେଲାବେଳେ ସେଗୁଡ଼ିକରେ ଯେପରି ତେଲ ଛାପ ଥିଲା ସେହିପରି ରହିଛି । ସେ ନୋଟଗୁଡ଼ିକ ଦେଲାବେଳେ ତାଙ୍କ ହାତ ତେଲାକ୍ତ ହୋଇଥିଲା ଏବଂ ନୋଟ ଗୁଡ଼ିକରେ ଛାପ ଲାଗିଯାଇଥିବା କଥା ସେ ସ୍ପଷ୍ଟ ଭାବରେ ମନେ ରଖିଥିଲେ । ଏବେ ସେ କାନ୍ଦିପକାଇଥିଲେ କାରଣ ସେ ଅନୁଭବ କରିଥିଲେ ଭଗବାନ ବାବା ନିଜେ ଆସି ଯନ୍ତ୍ରଗୁଡ଼ିକର କଷ୍ଟସାଧ୍ୟ ସ୍ଥାନାନ୍ତରଣ କରିଥିଲେ ।

ପରମପ୍ରିୟ ସ୍ୱାମୀ ପ୍ରତିଶ୍ରୁତି ଦେବା ଅନୁସାରେ ଭାଡ଼୍‌ଗାମା ଦୁଇବର୍ଷ ପରେ ଯେତେଶୀଘ୍ର ସମ୍ଭବ ପ୍ରଶାନ୍ତିରେ ପହଞ୍ଚିବା ପାଇଁ ବାବାଙ୍କଠାରୁ ବାର୍ତ୍ତା ପାଇଥିଲେ । ତିନିଦିନ ଭିତରେ ମିଷ୍ଟର ଭାଡ଼୍‌ଗାମା ବାଙ୍ଗାଲୋର ବିମାନଘାଟିରେ ପହଞ୍ଚିଲେ ଏବଂ ଆଶ୍ଚର୍ଯ୍ୟ ହେଲେ ଯେ ଜଣେ କେହି ତାଙ୍କ ନାମ ଲେଖାଥିବା ଏକ ପଟା ଧରି ଅପେକ୍ଷା କରିଥିଲା । ସେ ଲୋକ କହିଥିଲା "ଆପଣଙ୍କୁ ସ୍ୱାଗତ ଜଣାଇବାକୁ ସ୍ୱାମୀ ମୋତେ ପଠାଇଛନ୍ତି ଏବଂ ତାଙ୍କ ଅତିଥି ଭାବରେ ପ୍ରଶାନ୍ତି ନିଳୟମକୁ ନେବା ପାଇଁ କହିଛନ୍ତି । ଆସନ୍ତା କାଲି ସକାଳେ ଆପଣ ସ୍ୱାମୀଙ୍କ ସହିତ କଫିପାନ କରିବେ ।" ମିଷ୍ଟର ଭାଡ଼୍‌ଗାମାଙ୍କ ଚକ୍ଷୁ ଲୋତକରେ ଭରିଗଲା । ତାଙ୍କ ଆନନ୍ଦର ସୀମା ରହିଲା ନାହିଁ ।

ଆନନ୍ଦାତିଶଯ୍ୟାରେ ସେଦିନ ରାତିରେ ସେ ଶୋଇ ପାରିଲେ ନାହିଁ । ସକାଳେ ତାଙ୍କୁ ସ୍ୱାମୀଙ୍କ ପାଖକୁ ନିଆଗଲା । ଜଳଯୋଗ ସମୟରେ ସ୍ୱାମୀ କହିଥିଲେ "ଭବିଷ୍ୟତରେ ତୁମକୁ ବହୁତ ସେବା କରିବାକୁ ପଡ଼ିବ । ବର୍ତ୍ତମାନ ବାଙ୍ଗାଲୋରଠାରେ ପ୍ଲାଷ୍ଟିକ ଥାଳିଆ ଉତ୍ପାଦନ କରିବା, ପରିତ୍ୟକ୍ତ ପ୍ଲାଷ୍ଟିକ୍ ଜିନିଷକୁ ତରଳାଇ ପୁଣି ଉତ୍ପାଦନକ୍ଷମ କରାଇବା ପାଇଁ ତିନୋଟି ଗୋଦାମ ଘର ରହିଛି । ଉତ୍ସବମାନଙ୍କରେ ଥାଳିଆ ଗୁଡ଼ିକ ଏହିଠାରେ ଉତ୍ପାଦିତ ହୋଇଥାଏ ।" ସ୍ୱାମୀଙ୍କ ପାଖକୁ ଲାଗି ବସିଥିବା ଜଣେ ଭକ୍ତକୁ ସେ କହିଥିଲେ "ଏହି ଭାଡ଼୍‌ଗାମା ଶିରିଡ଼ି ଅବତାର ସମୟରେ ଥାଳିଆ (ବାସନ) ମାଜୁଥିଲା । ବର୍ତ୍ତମାନ ସେ ଥାଳିଆ ଉତ୍ପାଦନ କରୁଛି ଏବଂ ସେ ପରବର୍ତ୍ତୀ ଜନ୍ମରେ ପ୍ରେମ ସାଇଙ୍କର ଭଣ୍ଡାର ରକ୍ଷକ ହେବ ।"

ସତରେ କି ପ୍ରକାର ସ୍ୱୀକାରୋକ୍ତି ! ମିଷ୍ଟର ଭାଡ଼୍‌ଗାମା ଆନନ୍ଦରେ କହିପକାଇଥିଲେ "ମୁଁ ପର ଜନ୍ମରେ ଡକ୍ଟର ଗଡ଼ିଆଙ୍କ ସହିତ ଥିବି । ସେଥିପାଇଁ ଆମେ ଏବେ ଭାଇ ଭାଇ ।"

❑❑

ଅଧ୍ୟାୟ - ୪୩

ଛଅଗୋଟି ଦେଶକୁ ଯାତ୍ରା

ସ୍ୱିଡେନ

ସ୍ୱିଡେନର ଭକ୍ତମାନେ ଆମକୁ ଆଧ୍ୟାତ୍ମିକ ସାଧନା ପରିଚାଳନା କରିବା ପାଇଁ ଏବଂ ପରମପ୍ରିୟ ସ୍ୱାମୀଙ୍କର ଦିବ୍ୟ ସନ୍ଦେଶ ପ୍ରଦାନ କରିବା ପାଇଁ ନିମନ୍ତ୍ରଣ କରିଥିଲେ । ଲଣ୍ଡନର ଓ୍ୱେମ୍ବ୍ଲିରେ ରହୁଥିବା ଭିନୁଭାଇ ଓ ଭାରତୀ ବେନ ଏଥିପାଇଁ ସବୁ ପ୍ରକାର ବ୍ୟବସ୍ଥା କରିଥିଲେ । ଆମେ ଯେତେବେଳେ ସ୍ୱିଡେନରେ ପହଞ୍ଚିଲୁ ସେତେବେଳେ ଅସହ୍ୟ ଥଣ୍ଡା ପଡ଼ିଥିଲା । ମାତ୍ର ରାସ୍ତା ସଫା କରାଯାଇଥିଲା । ରାସ୍ତାର ଦୁଇ କଡ଼ରେ ପାଞ୍ଚଫୁଟ ଉଚ୍ଚତାରେ ବରଫ ଜମି ରହିଥିଲା ।

ସ୍ୱିଡେନର ଦୁଇଟି ସତ୍ୟସାଇ କେନ୍ଦ୍ର ନିଜ ନିଜ ସ୍ଥାନରେ ଲକ୍ଷାର୍ଚ୍ଚନା ସାଧନା ପାଇଁ ଆୟୋଜନ କରିଥିଲେ । ମୁଁ ଲକ୍ଷାର୍ଚ୍ଚନାର ପ୍ରତ୍ୟେକ ପର୍ଯ୍ୟାୟ ସମ୍ପର୍କରେ ବୁଝାଇ ଦେଇଥିଲି ଏବଂ ଏହି ସାଧନା ଦ୍ୱାରା ସ୍ୱାମୀ କିପରି ପ୍ରତିକ୍ରିୟା ପ୍ରଦର୍ଶନ କରନ୍ତି ସେ ସମ୍ପର୍କରେ ଗୁରୁତ୍ୱ ଦେଇ କହିଥିଲି । ଏହା ସମ୍ଭବ ହେବ ଯଦି ଚିନ୍ତା, ବାକ୍ୟ ଓ କାର୍ଯ୍ୟରେ ପବିତ୍ରତା ଥିବ । ଏପରି ହେଲେ ସେ ନିଜର ସର୍ବବିଦ୍ୟମାନତା ଓ ସର୍ବଶକ୍ତିମତ୍ତାର ନିଦର୍ଶନ ନିଶ୍ଚୟ ଦେବେ । ସବୁଠାରୁ ବଡ଼ ଅଲୌକିକତା ହେଲା ତାଙ୍କର ସମ୍ମୋହିତ (ସୂକ୍ଷ୍ମଶରୀରରେ) ଉପସ୍ଥିତି ଏବଂ ସେଇଥିପାଇଁ ଆମେ ପରମପ୍ରିୟ ସ୍ୱାମୀ ବସିବା ପାଇଁ ଗୋଟିଏ ଖାଲି ଚେୟାର ରଖିଥାଉ ।

ସେଦିନ ମୁଁ ତାଙ୍କ ମହିମା କଥା କହିସାରିବା ପରେ ପରେ ସ୍ୱାମୀଙ୍କର ଉପସ୍ଥିତିର ସଂକେତ ମିଳିଥିଲା । ସଜା ହୋଇଥିବା ଆଲୋକମାଳା ତିନି ତିନିଥର ଲିଭିଯାଇ ଜଳିଉଠିଥିଲା । ସେହି କ୍ଷଣସ୍ଥାୟୀ ଆଲୋକରେ ସେଠାରେ ଥିବା ସମସ୍ତ ଭକ୍ତ ସ୍ୱାମୀଙ୍କର ଦିବ୍ୟ ପ୍ରକଟନକୁ ତିନିଥର ଲକ୍ଷ୍ୟ କରିପାରିଥିଲେ । ତାଙ୍କର ସର୍ବବିଦ୍ୟମାନତାର ସଂକେତ ସମସ୍ତେ ଅନୁଭବ କରିପାରିଥିଲେ ।

ପ୍ରଶାନ୍ତି ନିଳୟମଠାରେ ପାଦୁକା ପୂଜା ଉତ୍ସବରେ ଯେତେବେଳେ ଏହି ଅଲୌକିକତା କଥା ବର୍ଣ୍ଣନା କରାଗଲା ସମସ୍ତେ ଉଲ୍ଲସିତ ହୋଇ କରତାଳି ଦେଇଥିଲେ ।

ବର୍ଷ ବର୍ଷ ଧରି ପ୍ରଶାନ୍ତି ନିଳୟମରେ ରହୁଥିବା ଜଣେ ବୃଦ୍ଧ ଭକ୍ତ ମୋ ପାଖକୁ ଆସି କହିଥିଲେ ''ଆପଣ ଗୋଟିଏ ଆଶ୍ଚର୍ଯ୍ୟ ଜନକ ମହିମା କଥା ପ୍ରକାଶ କଲେ । ମୁଁ ଏପରି ମହିମା ମୋ କୋଠରୀ ମଧ୍ୟରେ ଦେଖିଛି ଏବଂ ମୁଁ ଅନୁଭବ କରିଛି ସ୍ୱାମୀ ମୋତେ ଆଶୀର୍ବାଦ କରୁଛନ୍ତି ।'' ଯେତେବେଳେ ଫିଜିର ସିଙ୍ଗାଟୋକାଠାରେ ଏହି ଘଟଣା ଭକ୍ତମାନଙ୍କ ନିକଟରେ ବର୍ଣ୍ଣନା କରାଗଲା ପରମପ୍ରିୟ ସ୍ୱାମୀ ପୂଜା ପାଉଥିବା ନିଜର ପାଦୁକା ଉପରେ ପର୍ଯ୍ୟାପ୍ତ ପରିମାଣର ବିଭୁତି ସୃଷ୍ଟି କରିଥିଲେ ।

ସ୍ୱିଡେନର ଦ୍ୱିତୀୟ ସାଇକେନ୍ଦ୍ରରେ ଯେତେବେଳେ ଲକ୍ଷାର୍ଚ୍ଚନା କରାଗଲା ପରମପ୍ରିୟ ସ୍ୱାମୀ ଅଦୃଶ୍ୟରେ ସେଠାରେ ରଖାଯାଇଥିବା ନଡ଼ିଆକୁ ସଶବ୍ଦେ ଫଟାଇ ଆଶୀର୍ବାଦ କରିଥିଲେ । ଏହିପରି ସ୍ୱାମୀ ବିଭିନ୍ନ ଉପାୟରେ ନିଜର ଉପସ୍ଥିତି ଭକ୍ତମାନଙ୍କୁ ଜଣାଇ ଦେଇଥାନ୍ତି ।

ଏକ ଅସାଧାରଣ ସ୍ଥାନରେ, ଫେରି ବୋଟ ଉପରେ ଦଶମ ମହଲାରେ ରହିଥିବା ଏକ ସଭା ଗୃହରେ, ଏକଦା ପାଠଚକ୍ର ଅନୁଷ୍ଠିତ ହୋଇଥିଲା । ପାଣି ଉପରେ ପଡ଼ିଥିବା ବରଫ ସମୁଦ୍ର ଆଡ଼କୁ ଲମ୍ବି ଆସିଥିବା ଏକ ସଫେଦ ଗାଲିଚା ପରି ପ୍ରତୀୟମାନ ହେଉଥିଲା । ହଲ୍‌ରେ ଧରିଲା ଭଳି ଆମେ ମୋଟ ୫୦ଜଣ ଲୋକ ସେଠାରେ ଥିଲୁ । ଏହି ଫେରି ଯାତ୍ରା ସ୍ୱିଡେନରୁ ଫିନ୍‌ଲ୍ୟାଣ୍ଡ ପର୍ଯ୍ୟନ୍ତ ହୋଇଥିଲା । ଏଥିପାଇଁ ଛଅଘଣ୍ଟା ସମୟ ଲାଗିଥିଲା ଏବଂ ଆମେ ଫିନ୍‌ଲ୍ୟାଣ୍ଡରେ ଦୁଇଘଣ୍ଟା ରହି ସ୍ୱିଡେନ ଫେରି ଆସିଥିଲୁ । ଯାତ୍ରା ସମୟରେ ଏକ ସ୍ୱତନ୍ତ୍ର ବୋଟ ଫେରି ବୋଟର ଆଗେ ଆଗେ ପାଣି ଉପରେ ଜମିଥିବା ବରଫ କାଟି ଚାଲିଥିଲା । ଫଳରେ ଫେରିବୋଟ ନିରାପଦରେ ଗତି କରିପାରୁଥିଲା । ଏହା ବାସ୍ତବରେ ଉପଭୋଗ କଲାଭଳି ଦୃଶ୍ୟ ଥିଲା ।

ଆମ ପାଠଚକ୍ର ଚାଲିଥିବା କକ୍ଷର ଗୋଟିଏ କୋଣରେ ବାବାଙ୍କର ଗୋଟିଏ ଫଟୋ ରଖାଯାଇଥିଲା । ପରମପ୍ରିୟ ସ୍ୱାମୀଙ୍କର ଦର୍ଶନ ଓ ଉପଦେଶ ସମ୍ବଳିତ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା ହେଉଥିଲା । ପ୍ରତ୍ୟେକଙ୍କର ଆଧ୍ୟାତ୍ମିକ ଅନ୍ତର୍ଦୃଷ୍ଟି ଉନ୍ମିଳିତ ହେଉଥିଲା । ଫେରନ୍ତା ଯାତ୍ରା କାଳରେ ବାବାଙ୍କ ଫଟୋ ଉପରେ ବିଭୂତି ସୃଷ୍ଟି ହୋଇଥିବାର ଲକ୍ଷ୍ୟ କରାଗଲା ଏବଂ ପ୍ରତ୍ୟେକ ବାବାଙ୍କର ସର୍ବବିଦ୍ୟମାନତାକୁ ଅନୁଭବ କରିଥିଲେ ।

ପରମପ୍ରିୟ ବାବା କହନ୍ତି ''ପାଠଚକ୍ରରେ ଆମେ ଯାହା ଶୁଣୁ ଏବଂ ମନ ଭିତରେ ଆତ୍ମୀକରଣ କରିଥାଉ ସେ ସବୁକୁ ଅନ୍ୟମାନଙ୍କୁ ବିତରଣ କରିବା ଉଚିତ । ଏହି ଉପାୟରେ ଆମେ ଯାହା ଗ୍ରହଣ କଲୁ ସେଥିପାଇଁ କୃତଜ୍ଞତା ପ୍ରକାଶ କରାଯାଇଥାଏ । ଆମେ କେବଳ ଶୁଣିବା ଏବଂ ନିଜ ଉପକାର ପାଇଁ ନିଜ ଭିତରେ ରଖିବା ଠିକ୍

ନୁହେଁ । ଯାହା ଆମେ ଶୁଣିଲୁ ଏବଂ ଅଭ୍ୟାସ କଲୁ ତାହା ସମାଜର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବିତରଣ କରାଯିବା ଉଚିତ ।''

''ଜଣେ ବ୍ୟକ୍ତିବିଶେଷ ଏକୁଟିଆ ଉନ୍ନତି କରିପାରେ ନାହିଁ । ସେ ସମାଜଠାରୁ ପୃଥକ୍ ନୁହେଁ ଏବଂ ସେ ସମାଜର ବିକାଶ ପାଇଁ ତାର କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ ।''

ଏତାଦୃଶ ପାଠଚକ୍ର ଆଲୋଚନାର ଫଳ ସ୍ୱରୂପ କେତେକ ବ୍ୟକ୍ତି ପ୍ରଶାନ୍ତି ନିଳୟମରୁ ପ୍ରକାଶ ପାଉଥିବା ବହି ପଢ଼ିବା ପାଇଁ ସ୍ଥିର କରିଥିଲେ । ଅନ୍ୟ କେତେକ ଭକ୍ତ ବ୍ୟକ୍ତିଗତ ଭାବରେ ମନ୍ତ୍ର ପୁନରାବୃତ୍ତି କରି, ଜପାମାଳା ସାହାଯ୍ୟରେ କେତେଦିନ ଭିତରେ ନିଜ ନିଜ ଘରେ ଲକ୍ଷାର୍ଚ୍ଚନା ସାଧନା କରିବା ପାଇଁ ସ୍ଥିର କଲେ । ପରମପ୍ରିୟ ସ୍ୱାମୀ କହନ୍ତି ଯେ ପ୍ରତ୍ୟେକ ନିଜ ଘରେ ମଧ୍ୟ କିଛି ସାଧନା କରିବା ଉଚିତ । ପ୍ରତ୍ୟେକ ଭକ୍ତ ନିଶ୍ଚୟ କୌଣସି ନା କୌଣସି ବାଟରେ ଭଗବାନଙ୍କ ନାମ ସ୍ମରଣ କରିବା ପାଇଁ କିଛି ସମୟ ଦେବା ଉଚିତ । ଲକ୍ଷାର୍ଚ୍ଚନା ହେଉଛି ଏକ ବୃହତ୍ତର ସାଧନା । ଲକ୍ଷାର୍ଚ୍ଚନା ସମୟରେ କିମ୍ବା ପରେ ପରମପ୍ରିୟ ସ୍ୱାମୀ ବହୁ ଭକ୍ତଙ୍କୁ ଆଶୀର୍ବାଦ କରିଛନ୍ତି ।

ଅଷ୍ଟ୍ରେଲିଆ

ସିଙ୍ଗାପୁରରୁ ଅଷ୍ଟ୍ରେଲିଆ, ଫିଜି ଓ ନିଉଜିଲାଣ୍ଡ ଯିବା ଏବଂ ଯୁକ୍ତରାଜ୍ୟକୁ ଫେରିବା ପୂର୍ବରୁ ପୁଣି ସିଙ୍ଗାପୁରକୁ ଫେରିଆସିବା ଭଳି ଏକ ବିଶେଷ ଯାତ୍ରାର ବ୍ୟବସ୍ଥା କରାଯାଇଥିଲା । ସିଙ୍ଗାପୁରର ଭକ୍ତମାନେ ଲକ୍ଷାର୍ଚ୍ଚନା ସାଧନା ପାଇଁ ଅତ୍ୟନ୍ତ ଆଗ୍ରହୀ ଥିଲେ । ଫେରନ୍ତା ବାଟରେ ସିଙ୍ଗାପୁରରେ ରହିବା ପାଇଁ ସେମାନେ ଆମକୁ ଅନୁରୋଧ କରିଥିଲେ । ସେମାନଙ୍କ ଭକ୍ତି ଏତେ ଅଗାଧ ଥିଲା ଯେ, ଏହି ଲକ୍ଷାର୍ଚ୍ଚନା କାର୍ଯ୍ୟ ଅନୁଷ୍ଠିତ ହୋଇପାରିଥିଲା ଏବଂ ସମସ୍ତେ ବିଶେଷ ଭାବରେ ଆଶୀର୍ବାଦ ପ୍ରାପ୍ତ ହୋଇ ସନ୍ତୁଷ୍ଟ ହୋଇଥିଲେ ।

ଡକ୍ଟର ଗୁନୁ ନେକର ସିଡ୍‌ନିରେ ଆମକୁ ସ୍ୱାଗତ ଜଣାଇଥିଲେ । ସେଠାରେ ପରମପ୍ରିୟ ସ୍ୱାମୀଙ୍କ ପ୍ରତି ଦୃଢ଼ ଭକ୍ତି ରହିଥିବା ବହୁ ଭକ୍ତ ଥିଲେ । ସେଠାରେ ଆମେ ବହୁତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କରାଇଥିଲୁ ଏବଂ ପରେ ମେଲ୍‌ବର୍ଣ୍ଣକୁ ବିମାନ ଯାତ୍ରା କରିଥିଲୁ ।

ସୁରେଶ ଭାଇ ସୋମେୟା ମୂଳତଃ ଆରୁଶାର ଲୋକ ଏବଂ ପରେ ସେ ତାଞ୍ଜାନିଆର ଦାର୍- ଏସ୍-ସାଲାମ୍‌ଠାରେ ବାସ କରିଥିଲେ । ଶେଷରେ ସେ ମେଲ୍‌ବର୍ଣ୍ଣରେ

ସ୍ଥାୟୀ ଭାବରେ ରହିଥିଲେ । ଉଭୟ ସୁରେଶ ଭାଇ ଏବଂ ତାଙ୍କ ପତ୍ନୀ ଆଶା ବେନ୍ ଲକ୍ଷାର୍ଚ୍ଚନା ପରି ସାଧନାର ଗୁରୁତ୍ୱ ପ୍ରତି ସଚେତନ ଥିଲେ ଏବଂ ଗୋଟିଏ ଲକ୍ଷାର୍ଚ୍ଚନା କାର୍ଯ୍ୟକ୍ରମ ଆଶା ବେନ୍‌ଙ୍କ ଭଉଣୀଙ୍କ ଘରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୨୦ ଜଣ ଭକ୍ତ ଯୋଗ ଦେଇଥିଲେ ଏବଂ ସେମାନେ ନିଜ ନିଜ ନିର୍ବାଚିତ ଇଷ୍ଟଦେବଙ୍କ ଉପରେ ନିଜ ନିଜର ମନକୁ କେନ୍ଦ୍ରୀଭୁତ କରିଥିଲେ । 'ଓଁ ଶ୍ରୀ ସତ୍ୟସାଇ କୃଷ୍ଣାୟ ନମଃ' ମନ୍ତ୍ର ଉଚ୍ଚାରଣ ଯୋଗୁ ଯେଉଁ ପ୍ରକମ୍ପନ ସୃଷ୍ଟି ହୋଇଥିଲା ସେଥିରେ ପରମପ୍ରିୟ ସ୍ୱାମୀ ସନ୍ତୁଷ୍ଟ ହୋଇ ବିଭୂତି ସୃଷ୍ଟି କରିବା ପୂର୍ବକ ଆଶୀର୍ବାଦ କରିଥିଲେ । ଏହି ବିଭୂତି ପୂଜା ଘରେ ଅମ୍ମାମା'ଙ୍କ ଚିତ୍ରପଟ ଉପରେ ସୃଷ୍ଟି ହୋଇଥିଲା । କେତେକ ଭକ୍ତ ତାଙ୍କର ନିଜ ନିଜର ଇଷ୍ଟଦେବଙ୍କ ଫଟୋ ଆଣିଥିଲେ ଏବଂ ସେହି ଫଟୋ ଉପରେ ଲକ୍ଷାର୍ଚ୍ଚନା ସମୟରେ ଅକ୍ଷତ ଅର୍ପଣ କରିଥିଲେ । ଏହି ଫଟୋ ଗୁଡ଼ିକ ଉପରେ ମଧ୍ୟ ବିଭୂତି ସୃଷ୍ଟି ହୋଇଥିଲା । ଏହିପରି ସମସ୍ତେ ପରମପ୍ରିୟ ସ୍ୱାମୀଙ୍କର ମହିମା ଉପଲବ୍ଧି କରିଥିଲେ ।

ଫିଜି

ଜଣେ ବିତ୍ତଶାଳୀ ଭଦ୍ରଲୋକ ମିଷ୍ଟର ତପୋଭାଇ କାଞ୍ଜି ଆମକୁ ଫିଜି ଯିବା ପାଇଁ ନିମନ୍ତ୍ରଣ କରିଥିଲେ । ସେ ଦିବ୍ୟ ସନ୍ଦେଶ, ଭଜନ ଓ ଲକ୍ଷାର୍ଚ୍ଚନା ଇତ୍ୟାଦି ପାଇଁ ଆମେ ପରିଦର୍ଶନରେ ଯାଉଥିବା ସ୍ଥାନମାନଙ୍କରେ ବିଭିନ୍ନ କାର୍ଯ୍ୟକ୍ରମର ବ୍ୟବସ୍ଥା କରିଥିଲେ । ଶିରିଡ଼ି ସାଇ ଓ ସତ୍ୟସାଇ ବାବାଙ୍କ ସମ୍ପର୍କରେ ଆବଶ୍ୟକ ବିବରଣୀ ସମ୍ବଳିତ ଏଗାରଟି ଭିଡ଼ିଓ କ୍ୟାସେଟ୍ କଥା ଏହିସବୁ କାର୍ଯ୍ୟକ୍ରମ ଯୋଗୁ ବହୁ ଭକ୍ତ ଜାଣିବାକୁ ପାଇଥିଲେ । ଏହି କ୍ୟାସେଟ୍‌ଗୁଡ଼ିକର ନକଲ ପ୍ରସ୍ତୁତ କରି ବିତରଣ କରାଯାଇଥିଲା । ଏଗୁଡ଼ିକରୁ ବିଭିନ୍ନ ପ୍ରକାରର ଆଧ୍ୟାତ୍ମିକ ସାଧନାର କାର୍ଯ୍ୟବିଧି ସମ୍ପର୍କରେ ସମସ୍ତେ ସଚେତନ ହୋଇଥିଲେ । ଭକ୍ତମାନେ ହିନ୍ଦିରେ ସମସ୍ତ କାର୍ଯ୍ୟକ୍ରମ କରିବା ପାଇଁ ଅନୁରୋଧ କରିଥିଲେ । ସିଙ୍ଗାଟୋକାଠାରେ ତପୋଭାଇଙ୍କ ଘରେ ଲକ୍ଷାର୍ଚ୍ଚନା ହେବା କଥା ପୂର୍ବରୁ କୁହାଯାଇଛି । ଏହି କାର୍ଯ୍ୟକ୍ରମ ସମୟରେ ପ୍ରଶାନ୍ତି ନିଳୟମଠାରେ ପାଦୁକା ଉତ୍ସବ ପାଇଁ ସଂଗୃହୀତ ହୋଇଥିବା ରୌପ୍ୟ ପାଦୁକା ଉପରେ ପର୍ଯ୍ୟାପ୍ତ ପରିମାଣର ବିଭୂତି ସୃଷ୍ଟି ହୋଇଥିଲା । ପ୍ରଶାନ୍ତି ନିଳୟମ୍‌ଠାରେ ଯେଉଁ ପାଦୁକା ଉତ୍ସବ ଅନୁଷ୍ଠିତ ହୋଇଥିଲା ତାହା ମଦୁରାଇ ପାଦୁକା ଟ୍ରଷ୍ଟ ଦ୍ୱାରା ସଂଗଠିତ ହୋଇଥିଲା ।

ନିଉଜିଲାଣ୍ଡ

ମଞ୍ଜୁ ବେନ୍ ଓ ଭିଖୁଭାଇ ପଟେଲ ଅକ୍‌ଲ୍ୟାଣ୍ଡ ଓ ଅନ୍ୟାନ୍ୟ ସ୍ଥାନରେ ଆମ କାର୍ଯ୍ୟକ୍ରମର ବ୍ୟବସ୍ଥା କରିଥିଲେ । ଅନେକ ଭକ୍ତ ପ୍ରଥମ ଥର ପାଇଁ ଏହି କାର୍ଯ୍ୟକ୍ରମରେ

ଯୋଗ ଦେଇଥିଲେ । ପ୍ରତ୍ୟେକ ବିଭୂତି ଓ ପରମପ୍ରିୟ ସ୍ୱାମୀଙ୍କର ଫଟୋ ନେଇଥିଲେ । କିପରି ବିଭୂତି ସେବନ କରିବେ, ବିଭିନ୍ନ ତୈଳରେ କିପରି ମିଶାଇବେ ଏବଂ ତାର ବ୍ୟବହାର, ଉପକାର ଓ ଆରୋଗ୍ୟ ଲାଭ କରିବା ସମ୍ପର୍କରେ ବୁଝାଇ ଦିଆଯାଇଥିଲା । (ପୂର୍ବରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି) । ୱେଲିଙ୍ଗଟନ୍‌ଠାରେ ଶ୍ରୀ ସାଇ ସତ୍‌ଚରିତ ସପ୍ତାହ ଅନୁଷ୍ଠିତ ହୋଇଥିଲା ।

ଅନେକ ଭକ୍ତ କେତେକ ବିଷୟରେ ସେମାନଙ୍କର ସନ୍ଦେହ ମୋଚନ ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ପରମପ୍ରିୟ ସ୍ୱାମୀଙ୍କ ସମ୍ପର୍କରେ ଅଧିକ ତଥ୍ୟ ଓ ଉପଦେଶ ଜାଣିବାକୁ ପାଇ ସେମାନେ ଅତ୍ୟନ୍ତ ଖୁସି ହୋଇଥିଲେ ।

ସିଙ୍ଗାପୁର

କିଶୋର ପରେଖ ଏବଂ ତାଙ୍କ ପତ୍ନୀ ରେଖା ତାଙ୍କ ବାସଗୃହରେ ଏକ ବଡ଼ଧରଣର ଲକ୍ଷାର୍ଚ୍ଚନା କରାଇବାର ସୌଭାଗ୍ୟ ଅର୍ଜନ କରିଥିଲେ । ତାଙ୍କ ବାସଗୃହ ସଂଲଗ୍ନ କକ୍ଷରେ ତିନିଶହ ଭକ୍ତ ବସିବା ପାଇଁ ସ୍ଥାନ ରହିଥିଲା । ଫଟୋ ନିକଟରେ ରଖାଯାଇଥିବା ନଡ଼ିଆ ଆପେ ଆପେ ଫାଟିଯାଇ ପରମପ୍ରିୟ ସ୍ୱାମୀଙ୍କର ଆଶୀର୍ବାଦର ସୂଚନା ଦେଇଥିଲା ।

ଆମକୁ ଆମୋଦପ୍ରମୋଦ ପାଇଁ ଉଦ୍ଦିଷ୍ଟ ପ୍ରସିଦ୍ଧ ପ୍ରମୋଦ ଉଦ୍ୟାନକୁ ନିଆଯାଇଥିଲା । ସେଠାକୁ ପୃଥିବୀର ବିଭିନ୍ନ ସ୍ଥାନରୁ ହଜାର ହଜାର ଭକ୍ତ ପରିଦର୍ଶନରେ ଆସିଥିଲେ । ସେଠାରେ ଚୀନର ଭକ୍ତମାନଙ୍କ ଦ୍ୱାରା ନିର୍ମିତ ଓ ପରିଚାଳିତ ଶ୍ରୀ ସତ୍ୟସାଇ ବାବାଙ୍କ ମନ୍ଦିର ଦେଖି ଆମେ ଆଶ୍ଚର୍ଯ୍ୟ ହୋଇଯାଇଥିଲୁ । ସ୍ୱାମୀଙ୍କର ଦିବ୍ୟ ସନ୍ଦେଶ ସମ୍ପର୍କରେ ଏକ କାର୍ଯ୍ୟକ୍ରମ ସେଠାରେ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ବହୁ ସଂଖ୍ୟକ ଭକ୍ତ ଯୋଗ ଦେଇଥିଲେ ।

ଯୁକ୍ତରାଷ୍ଟ୍ର ଆମେରିକା (ଉତ୍ତର କାଲିଫର୍ଣ୍ଣିଆ)

ଉତ୍ତର କାଲିଫର୍ଣ୍ଣିଆ ଗସ୍ତ ପାଇଁ ମୋର ଭିଣୋଇ ଡକ୍ଟର କାନୁଭାଇ ଟେଙ୍କୁରା ଓ ମୋ ଭଉଣୀ ହଂସା ବ୍ୟବସ୍ଥା କରିଥିଲେ । କୋଲୁସା ନାମକ ଏକ ସ୍ଥାନକୁ ସେତେବେଳେ ଚାଳିଶଜଣ ଭକ୍ତ ପରିଦର୍ଶନ ଉଦ୍ଦେଶ୍ୟରେ ଯାଇଥିଲେ । ଏଠାରେ ମିଷ୍ଟର ଆମିମାଙ୍କୁଙ୍କ ବାସଭବନରେ ଗଦା ଗଦା ବିଭୂତି ଓ ଜଳର ଏକ ଝରଣା ସୃଷ୍ଟି ହୋଇଥିଲା । ବିଭୂତି ମଝିରେ ମଝିରେ ସୃଷ୍ଟି ହେଉଥିଲା ମାତ୍ର ନିରବଚ୍ଛିନ୍ନ ଭାବରେ ପ୍ରବାହିତ ହେଉଥିବା ଝରଣାର ଉତ୍ସ କେହି ଜାଣିପାରୁ ନ ଥିଲେ । ସେଠାରେ ଲକ୍ଷାର୍ଚ୍ଚନା ଓ ପରମପ୍ରିୟ ସ୍ୱାମୀଙ୍କର ସନ୍ଦେଶ ପାଇଁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ବାବା କହନ୍ତି ''ଯେ ପର୍ଯ୍ୟନ୍ତ ମଣିଷ ବାହ୍ୟ ଦୃଷ୍ଟିରେ ଦେଖୁଥାଏ, ସେ କେବଳ ବାହ୍ୟ ଜଗତକୁ ଦେଖିପାରେ । ଯେତେବେଳେ ତାର ଅନ୍ତର୍ଦୃଷ୍ଟି ବିକାଶ ଲାଭ କରେ ଏବଂ ନିଜ ଭିତରେ ଥିବା ଦୈବତ୍ୱକୁ ସେ ଅନୁଭବ କରେ ସେତେବେଳେ ମହାଶୂନ୍ୟ ଦୈବତ୍ୱର ଏକ ପ୍ରତିଫଳନ ବୋଲି ତାକୁ ପ୍ରତୀୟମାନ ହୁଏ । ଏହାକୁ ମହାଜାଗତିକ ଦୈବତ୍ୱ ବୋଲି କୁହାଯାଏ । ମହାଜାଗତିକ ଦୈବତ୍ୱ ଓ ଅନ୍ତର୍ନିହିତ ଦୈବତ୍ୱ ମଧ୍ୟରେ ପାର୍ଥକ୍ୟ କଣ ? ଏ ଦୁଇଟି ମଧ୍ୟରେ କୌଣସି ପ୍ରଭେଦ ନାହିଁ । ଯେତେବେଳେ ଜଣେ ବ୍ୟକ୍ତି ଏହି ତଥ୍ୟକୁ ଅନୁଭବ କରେ ସେତେବେଳେ ଏହାକୁ ଅନ୍ତର୍ନିହିତ ଦୈବତ୍ୱ ବୋଲି କୁହାଯାଏ । ଯେତେବେଳେ ସେହି ବ୍ୟକ୍ତିର ଅନୁଭୂତି ସମଗ୍ର ବିଶ୍ୱକୁ ପରିବ୍ୟାପ୍ତ ହୁଏ ସେତେବେଳେ ଏହାକୁ ମହାଜାଗତିକ ଦୈବତ୍ୱ ବୋଲି କୁହାଯାଏ । ବ୍ୟକ୍ତିର ଆତ୍ମା ଓ ସର୍ବମୟ ଆତ୍ମା (ପରମାତ୍ମା) ଏକ । ଯେପରି କମଳାର ଚୋପା ଓ ଭିତରେ ଥିବା ରସ ଏକ । ଜଣେ ମହାଶୂନ୍ୟକୁ ଅନୁଭବ କରିବାକୁ ହେଲେ ତଥାକଥିତ ଅଲୌକିକତାର ଦୃଷ୍ଟି ଭଙ୍ଗି ନେଇ ନିଜକୁ ଦେଖିବାକୁ ପଡ଼ିବ ।''

ଉତ୍ତର କାଲିଫର୍ଣ୍ଣିଆର ସାନ୍‌ଜୋସ୍‌ଠାରେ ମିଷ୍ଟର ୟୁ.ସି.ଶ୍ରୀଧରମ୍ ଲକ୍ଷାର୍ଚ୍ଚନାର ବ୍ୟବସ୍ଥା କରିଥିଲେ । ତାଙ୍କ ବାସଭବନରେ ଲକ୍ଷାର୍ଚ୍ଚନା କରିବା ପାଇଁ ସେ ଚାହିଁଥିଲେ । ମାତ୍ର କେତେକ ଅନିବାର୍ଯ୍ୟ କାରଣରୁ ଏହା ମନ୍ଦିରରେ ଅନୁଷ୍ଠିତ ହୋଇଥିଲା । ପରମପ୍ରିୟ ସ୍ୱାମୀ ବିଭୂତି ଓ ଅମୃତ ସୃଷ୍ଟି କରି ଆଶୀର୍ବାଦ କରିଥିଲେ । ଏହା ଦେଖି ମିଷ୍ଟର ଶ୍ରୀଧରମ୍ ଅନୁତାପ କରିଥିଲେ କାରଣ ତାଙ୍କ ବାସଗୃହରେ ଲକ୍ଷାର୍ଚ୍ଚନା ଅନୁଷ୍ଠିତ ହୋଇଥିଲେ ସ୍ୱାମୀ ସେଠାକୁ ଆସି ତାଙ୍କର ମହିମା ପ୍ରଦର୍ଶନ କରିଥାନ୍ତେ ।

ପବିତ୍ର ମନରେ, ନିଷ୍ପାପର ଭାବରେ ଦୃଢ଼ ବିଶ୍ୱାସର ସହିତ ଭକ୍ତି ନିବେଦନ କରୁଥିବା ଭକ୍ତର ପ୍ରାର୍ଥନା ପରମପ୍ରିୟ ସ୍ୱାମୀ ନିଶ୍ଚୟ ଶୁଣିଥାନ୍ତି । ଯେତେବେଳେ ମିଷ୍ଟର ଶ୍ରୀଧରମ୍ ତାଙ୍କର ବାସଭବନ ଭିତରକୁ ପ୍ରବେଶ କଲେ, ପୂଜା ଘରେ ବିଗ୍ରହ ପାଇଁ ରଖାଯାଇଥିବା ଏକ ଛୋଟ ଝୁଲା ନିକଟରେ ଟେବୁଲ୍ ଉପରେ ଥିବା ସ୍ୱାମୀଙ୍କ ଫଟୋ ଉପରେ ଅଳ୍ପ ବିଭୂତି ସୃଷ୍ଟି ହୋଇଥିବା ଲକ୍ଷ୍ୟ କଲେ । ଏଥିରେ ସେ ଉତ୍ସାହିତ ହୋଇ ଝୁଲା ଆଗରେ ଏକଘଣ୍ଟା ପାଇଁ ଭଜନ କରିବାକୁ ସ୍ଥିର କଲେ । ଭଜନ ଚାଲିଥିବା ସମୟରେ ଭଜନର ତାଳେ ତାଳେ ଆରତି ପ୍ରଦର୍ଶନ ପର୍ଯ୍ୟନ୍ତ ଝୁଲାଟି ଅହରହ ଝୁଲି ଚାଲିଥିଲା ।

ଗୁଜୁରାଟର ବର୍ଦ୍ଧୋଲିଠାରେ ଗୋଟିଏ ଲକ୍ଷାର୍ଚ୍ଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଁ ଯେତେବେଳେ ଭଜନ ଗାଇବା ଆରମ୍ଭ କଲି ସେଠରେ ଥିବା ଝୁଲା ଆପେ ଆପେ

ଝୁଲିଥିଲା ଏବଂ ଝୁଲା ଉପରେ ଥିବା ତକିଆଟି ଚଟାଣ ଉପରକୁ ଖସିପଡ଼ିଲା । ମୁଁ ଭକ୍ତମାନଙ୍କ ଆଡ଼କୁ ଚାହିଁ ବସିଥିବାରୁ ଏହା ଦେଖିପାରି ନ ଥିଲି ମାତ୍ର ଏହା ଦେଖିଥିବା ଭକ୍ତମାନେ ଏହି ମହିମା କଥା ମୋତେ ଜଣାଇଥିଲେ । ପରମପ୍ରିୟ ସ୍ୱାମୀ ଏତାଦୃଶ ଆଶୀର୍ବାଦ ବିଭିନ୍ନ ସ୍ଥାନରେ ଦେଇଥାନ୍ତି ।

ଆମେରିକାରେ ବହୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ପରମପ୍ରିୟ ବାବା ବିଭିନ୍ନ ଉପାୟରେ ଆଶୀର୍ବାଦ ପ୍ରଦାନ କରିଥିଲେ । ଭକ୍ତମାନଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରୂପାନ୍ତରଣ ଏବଂ ନିଜର ପରିବେଶ ଅନୁଯାୟୀ ମାନବ ସମାଜର ପ୍ରକୃତ ସେବା ।

ପରମପ୍ରିୟ ସ୍ୱାମୀ କହନ୍ତି ''ପ୍ରତ୍ୟେକ ବ୍ୟକ୍ତି ପାଇଁ ରୂପାନ୍ତର ଆରମ୍ଭ ହେବା ଉଚିତ । ଯେତେବେଳେ ବ୍ୟକ୍ତିବିଶେଷ ପରିବର୍ତ୍ତିତ ହୁଏ, ସମଗ୍ର ପୃଥିବୀ ମଧ୍ୟ ପରିବର୍ତ୍ତିତ ହୋଇଥାଏ । ମଣିଷ ମନ ମଧ୍ୟରେ ଏହି ରୂପାନ୍ତର ପ୍ରକଟିତ ହେବା ଉଚିତ । ସତ୍‌ଚିନ୍ତା ସତ୍‌କର୍ମ ପାଇଁ ଦିଗ୍‌ଦର୍ଶନ ଦେଇଥାଏ । ସେଇଥିପାଇଁ ଧର୍ମଗ୍ରନ୍ଥଗୁଡ଼ିକ ଘୋଷଣା କରିଛନ୍ତି ଯେ ମନ ହିଁ ବନ୍ଧନ ବା ମୁକ୍ତିର କାରଣ ।''

''ଯେତେବେଳେ ଜଣେ ଭକ୍ତ ବିନମ୍ରତା ଓ ପବିତ୍ରତା ସହିତ ନିଃସ୍ୱାର୍ଥପର ସେବା ଓ ମହାନ୍ ପ୍ରେମ ଚାହୁଁଥିବା ମୋର ପ୍ରାଣୀମାନଙ୍କର ସେବା କରେ ଓ ପ୍ରେମ ପ୍ରଦର୍ଶନ କରେ ସେତେବେଳେ ସାହାଯ୍ୟ କରିବା ପାଇଁ ମୁଁ ଓହ୍ଲାଇ ଆସେ । ସେତେବେଳେ ସେ ବିଚାର କରିବା ଉଚିତ ଯେ, ସବୁ ପ୍ରାଣୀ ମୋର ସନ୍ତାନ, ତାର ଭାଇ ଓ ଭଉଣୀ ଏବଂ ସେମାନେ ମୋର ଆଶୀର୍ବାଦ ପ୍ରାପ୍ତ, ମୋ ଦ୍ୱାରା ସୃଷ୍ଟ ଓ ମୋର ସ୍ୱରୂପ ସଦୃଶ । ଏହା ହେଲେ ମୁଁ ସତ୍ୟସାଇ ଭାବରେ ମୋର ଭୂମିକା ପରିପୂର୍ଣ୍ଣ କରିବା ପାଇଁ ଉପସ୍ଥିତ ହୋଇଯାଏ । ସେମାନଙ୍କୁ ସାହାଯ୍ୟ କରେ ଏବଂ ସେମାନଙ୍କ ସହିତ ସର୍ବଦା ରହିଥାଏ । ଏଇମାନେ ହିଁ ପ୍ରକୃତରେ ଆଧ୍ୟାତ୍ମିକ ସାଧକ ବା ଯୋଗୀ । ଏଭଳି ଯୋଗୀଙ୍କ ପାଖରେ ମୁଁ ସବୁବେଳେ ରହି ଦିଗ୍‌ଦର୍ଶନ ଦେଇଥାଏ ଏବଂ ସେମାନଙ୍କ ଉପରେ ମୋର ପ୍ରେମ ଅଜାଡ଼ିଦିଏ ।''

❑❑

ଅଧ୍ୟାୟ - ୪୪

ଅଧିକ ଦେଶକୁ ଯାତ୍ରା

ଆମର ୟୁରୋପ ଯାତ୍ରା ପାଇଁ ବେଲଜିୟମ୍‌ର ରୋଥନ ବାନାର୍ଜୀ ଏବଂ ତାଙ୍କ ପତ୍ନୀ ଇଭା ବେନ ସମସ୍ତ ବ୍ୟବସ୍ଥା କରିଥିଲେ । ତାଙ୍କୁ ସ୍ୱିଜରଲ୍ୟାଣ୍ଡର ହରିଶଭାଇ ପ୍ରେମଜୀ ଓ ବିମଳା ବେନ୍ ସାହାଯ୍ୟ କରିଥିଲେ ।

ଫ୍ରାନ୍ସ (ପ୍ୟାରିସ)

ଭି. ଅଶୋକନ ପ୍ୟାରିସ୍‌ରେ ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ପ୍ୟାରିସ୍‌ରେ ଛଅଟି ସାଇ କେନ୍ଦ୍ର ଥିଲା । 'ଏହି ଦାସ' ଗୋଟିଏ କେନ୍ଦ୍ରର ପୃଷ୍ଠପୋଷକ ଥିଲା । ଛ'ଟିଯାକ ସାଇ କେନ୍ଦ୍ରର ଚେୟାରମ୍ୟାନମାନେ ପରମପ୍ରିୟ ସ୍ୱାମୀଙ୍କର ଦିବ୍ୟ ସନ୍ଦେଶ ସମ୍ପର୍କରେ ଆୟୋଜିତ କାର୍ଯ୍ୟକ୍ରମଗୁଡ଼ିକରେ ଯୋଗ ଦେଇଥିଲେ । ଏଥିରେ ମୁଁ ରୂପାନ୍ତରଣ ଓ ଏକତା ଉପରେ ଗୁରୁତ୍ୱ ଦେଇ କହିଥିଲି । ଏଥିପାଇଁ ନିଜେ ଭଲ ହେବା ସହିତ ପ୍ରତ୍ୟେକ ପୁରୁଷକୁ 'ଦେବତା' ଓ ପ୍ରତ୍ୟେକ ମହିଳାକୁ 'ଦେବୀ' ଭାବରେ ଦେଖିବାକୁ ମୁଁ ପରାମର୍ଶ ଦେଇଥିଲି ।

'ଏହି ଦାସ' ଗୋଟିଏ ବାକ୍ୟ ଉପରେ ଗୁରୁତ୍ୱ ଦେଇଥିଲା ଏବଂ ତାହା ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଥିଲା । ଏହି ବାକ୍ୟଟି ହେଲା 'ବିଭିନ୍ନତା ଭିତରେ ଏକତା ହେଉଛି ଭଗବାନ' । ଯଦି ଲୋକେ ପରମପ୍ରିୟ ସ୍ୱାମୀଙ୍କର ଆଶୀର୍ବାଦ ଚାହୁଁଥାନ୍ତି ତେବେ ପ୍ରଥମେ ସମସ୍ତେ ଏକତା ରକ୍ଷା କରିବା ଓ ମିଳିମିଶି କାର୍ଯ୍ୟ କରିବା ଉଚିତ । ତାହା ଭଗବାନଙ୍କ ଆଶୀର୍ବାଦକୁ ଆକର୍ଷଣ କରି ପାରିବ ।

ସ୍ୱାମୀଙ୍କର କୃପା ପ୍ରାପ୍ତ ହୋଇ ସମସ୍ତେ ଏକତାବଦ୍ଧ ଭାବରେ କାର୍ଯ୍ୟ କରିବା ପାଇଁ ପ୍ରତିଜ୍ଞା କଲେ । ତା ପରେ ସେହି ସଭାଗୃହରେ ଅନ୍ୟଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ୱାମୀ ତାଙ୍କର ପ୍ରତିଶ୍ରୁତି ଅନୁସାରେ ତାଙ୍କ ନିଜ ଫଟୋରେ ଅମୃତ ସୃଷ୍ଟି କରି ଆଶୀର୍ବାଦ କରିଥିଲେ । ପ୍ରତ୍ୟେକ ଏକମତ ହୋଇଥିଲେ ଯେ ବିଭିନ୍ନତା ଭିତରେ ଏକତା ହିଁ ଦୈବତ୍ୱକୁ ପ୍ରକାଶ କରିଥାଏ ।

ପରମପ୍ରିୟ ସ୍ୱାମୀ କହନ୍ତି "ଆଜି ଅତି ଅଳ୍ପ ସଂଖ୍ୟକ ଲୋକ ବିଭିନ୍ନତା ଭିତରେ ଏକତାକୁ ସ୍ୱୀକାର କରନ୍ତି ମାତ୍ର ବହୁତ ବୁଦ୍ଧିଜୀବୀ ଅଛନ୍ତି ଯେଉଁମାନେ ବିଭକ୍ତିକରଣ ଓ

ବିଭେଦାୟନ (ପାର୍ଥକ୍ୟ)କୁ ପ୍ରୋତ୍ସାହିତ କରିଥାନ୍ତି । ପୃଥିବୀ ଆଜି ଧର୍ମପରାୟଣ ଲୋକଙ୍କୁ ଦରକାର କରେ କାରଣ ସେମାନେ ଐକ୍ୟର ବିକାଶ ଘଟାଇ ପାରିବେ ।''

''ପ୍ରେମ ସ୍ୱରୂପଗଣ ! ଆଜି କେବଳ ଗୋଟିଏ ଜିନିଷ ତୁମ୍ଭେମାନେ ମୋତେ ଅର୍ପଣ କରିପାରିବ । ପ୍ରାର୍ଥନା କର ଯେ ସବୁ ଦେଶର ଲୋକ, ନାଁ ନାଁ, ସମଗ୍ର ମଣିଷ ଜାତି ସୁଖ ଓ ଶାନ୍ତିରେ ଅବସ୍ଥାନ କରନ୍ତୁ । 'ଲୋକାଃ ସମସ୍ତାଃ ସୁଖିନୋ ଭବନ୍ତୁ' (ସବୁ ଲୋକ ସୁଖରେ ରହନ୍ତୁ) । କେବଳ ଏହା ହେଲେ ବାସ୍ତବ ଐକ୍ୟ ପ୍ରତିଷ୍ଠା ହୋଇପାରିବ। କେବଳ ଭାରତର ଶାନ୍ତି ଓ ସମୃଦ୍ଧି ପାଇଁ ପ୍ରାର୍ଥନା କର ନାହିଁ, ସବୁ ଦେଶର ମଙ୍ଗଳ ପାଇଁ ପ୍ରାର୍ଥନା କର । ସେମାନେ ପାକିସ୍ଥାନର କି ଆମେରିକାର କିମ୍ବା ଅନ୍ୟ ସ୍ଥାନର ହୁଅନ୍ତୁନା କାହିଁକି ସମସ୍ତେ ଆମର ଭାଇ ।''

ଜର୍ମାନୀ

ମିଷ୍ଟର ଚନ୍ଦ୍ରୁ ଏଚ. ମେହେଟାନି ଆମକୁ ଜର୍ମାନୀ ଯିବା ପାଇଁ ନିମନ୍ତ୍ରଣ କରିଥିଲେ । ସେଠାରେ ଥିବା ସମସ୍ତ ଭକ୍ତଙ୍କୁ ସତ୍ୟସାଇ ବାବାଙ୍କ ଦିବ୍ୟ ସନ୍ଦେଶ ପରିବେଷଣ କରିବା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା । ଡସେଲଡର୍ଫ଼ ନିକଟରେ ତାଙ୍କ ବାସଭବନରେ ଯଜ୍ଞ ଭଳି ଆଧ୍ୟାତ୍ମିକ ସାଧନା ଓ ଦିବ୍ୟ ସନ୍ଦେଶ ପ୍ରଦାନ ଥିଲା କାର୍ଯ୍ୟକ୍ରମର ଅଂଶବିଶେଷ ।

ବହୁବର୍ଷ ତଳେ ବାବାଙ୍କୁ ପୂର୍ବ ଓ ପଶ୍ଚିମ ଜର୍ମାନୀ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା । ସେ କହିଥିଲେ ''କେବଳ ଗୋଟିଏ ଜର୍ମାନୀ ରହିବ ।'' ହିମାଂଶୁ ଭୋରା ଓ ଅନ୍ୟ ଭକ୍ତମାନେ ଆମକୁ ୧୯୮୯ ମସିହାରେ ଧ୍ୱଂସପ୍ରାପ୍ତ ପୁରାତନ ସୀମାନ୍ତ ଅଞ୍ଚଳର ଅବଶିଷ୍ଟାଂଶ ଦେଖାଇବାକୁ ନେଇଥିଲେ । ବର୍ତ୍ତମାନ ପୂର୍ବ ପଶ୍ଚିମ ଜର୍ମାନୀ ମିଶି ଗୋଟିଏ ଜର୍ମାନୀ ସୃଷ୍ଟି ହୋଇଛି ଏବଂ ଉଭୟ ଜର୍ମାନୀର ଲୋକମାନେ ଏକାଠି ମିଳିମିଶି ଅବସ୍ଥାନ କରୁଛନ୍ତି ।

ଆମେ ପରମପ୍ରିୟ ସ୍ୱାମୀଙ୍କର ଭକ୍ତ ଡକ୍ଟର ପଦ୍ମା ଏବଂ ତାଙ୍କ ସ୍ୱାମୀ ଡକ୍ଟର ରାଙ୍ଗାରାଓ କାନିକାନ୍ତିଙ୍କୁ ସାକ୍ଷାତ କରିଥିଲୁ । ସେ ଦୁହେଁ ଜର୍ମାନୀରେ କାର୍ଯ୍ୟରତ ଥିଲେ । ପରମପ୍ରିୟ ବାବା ଡକ୍ଟର ପଦ୍ମାଙ୍କୁ ଗୋଟିଏ ମୁଦ୍ରିକା ଓ ଡକ୍ଟର ରାଙ୍ଗାଙ୍କୁ ଗୋଟିଏ ସୁନ୍ଦର ଲିଙ୍ଗ ସୃଷ୍ଟି କରି ଦେଇଥିଲେ । ସେମାନେ ସେଗୁଡ଼ିକୁ ଆମକୁ ଦେଖାଇଥିଲେ । ଅତି ପାଖରୁ ସୂର୍ଯ୍ୟଙ୍କ ଆଡ଼କୁ ଦେଖାଇ ଲିଙ୍ଗକୁ ନିରୀକ୍ଷଣ କଲେ ଲିଙ୍ଗଟିର ମଧ୍ୟଭାଗରେ ପରମପ୍ରିୟ ସ୍ୱାମୀ ଠିଆ ହୋଇଥିବାର ଦେଖାଯାଏ । ଏହି ସୁନ୍ଦର ଲିଙ୍ଗ ଦର୍ଶନ କରି ସମସ୍ତେ ଖୁସି ହୋଇଯାଇଥିଲେ ।

ପରମପ୍ରିୟ ସ୍ୱାମୀ କହନ୍ତି ''ଲିଙ୍ଗ ପଞ୍ଚଭୂତର ଆବିର୍ଭାବ ସମ୍ପର୍କରେ ସୂଚନା ଦେଇଥାଏ । ସମସ୍ତ ବସ୍ତୁର ଗୁଣ ଓ ନାମର ନିର୍ଯ୍ୟାସ ହେଲା ଲିଙ୍ଗମ୍ । ଏହା ଆକାର

ଥାଇ ନିରାକାର, ନାମ ଥାଇ ମଧ୍ୟ ଅନାମ ଏବଂ ପରମାତ୍ମାଙ୍କଠାରୁ ଉତ୍ପତ୍ତି ଲାଭ କରିଥିବା ମୌଳିକ ବସ୍ତୁ ।''

''ଲିଙ୍ଗ ହେଉଛି ଆତ୍ମା । ଏହା ଆମର ଜୀବନ ପ୍ରକ୍ରିୟା । ସେଇଥିପାଇଁ ଆତ୍ମା ଲିଙ୍ଗ ସଦୃଶ ବୋଲି ବିଚାର କରାଯାଏ । ଗୋଟିଏ ଲିଙ୍ଗର ଆରମ୍ଭ କିମ୍ବା ଶେଷ ନାହିଁ । ଆଦ୍ୟ କିମ୍ବା ପ୍ରାନ୍ତ ନାହିଁ । ମସ୍ତକ କିମ୍ବା ପଦ ନାହିଁ । ତେଣୁ ତୁମେ ଯେତେବେଳେ ପୂଜା କରୁଛ, ଏହାକୁ ଯେଭଳି ଭାବରେ ରଖିଲେ ମଧ୍ୟ ଚଳିବ । ଆତ୍ମାର ଗୋଟିଏ ନାମ ଅଛି କିନ୍ତୁ ନିର୍ଦ୍ଦିଷ୍ଟ ରୂପ ନାହିଁ । ଆନନ୍ଦ ହେଉଛି ଏହାର ସ୍ୱରୂପ । ଏହା ନିଶ୍ଚିତ ଭାବରେ ଆମ ଭିତରେ ରହିଛି । ତୁମେ ଯେତେବେଳେ ବାହ୍ୟ ଆନନ୍ଦ ପାଇଁ ପାଗଳ ହୁଅ ସେତେବେଳେ ଅନ୍ତର ଭିତରେ ଥିବା ଆତ୍ମା ରୂପକ ଆନନ୍ଦକୁ ହରାଇ ବସ ।''

୨୦୦୩ ମସିହା ମାର୍ଚ୍ଚ ଏକ ତାରିଖରେ ଅନୁଷ୍ଠିତ ମହାଶିବରାତ୍ରି ଉତ୍ସବ ଅବସରରେ ନିଜ ଶରୀରରୁ ଲିଙ୍ଗୋଦ୍ଭବ ହେବା ସମ୍ପର୍କରେ ପରମପ୍ରିୟ ସ୍ୱାମୀ କହିଥିଲେ–

''ଆଜି ରାତିରେ ଲିଙ୍ଗୋଦ୍ଭବ ସମ୍ଭବ ହେବ । ମୁଁ ବି.ଏନ. ନରସିଂହ ମୂର୍ତ୍ତିଙ୍କ ପ୍ରାର୍ଥନା ଯୋଗୁ ଏହି ଲିଙ୍ଗ ସୃଷ୍ଟି କରିଛି । କିନ୍ତୁ ଅନ୍ୟ ଗୋଟିଏ ଲିଙ୍ଗ ମଧ୍ୟ ମୋ ଶରୀରରୁ ଉଦ୍ଭବ ହେବ । ଏହିପରି ଅସଂଖ୍ୟ ଲିଙ୍ଗ ମୁଁ ସୃଷ୍ଟି କରିପାରେ । ସବୁକିଛି ମୋ ହାତରେ ଅଛି । ଯେଉଁ ଲିଙ୍ଗଗୁଡ଼ିକ ମୋ ପେଟ ଭିତରୁ ମୁଖ ଗହ୍ୱର ଦେଇ ହାତକୁ ଆସେ ସେସବୁ ଏକା ପ୍ରକାରର । ଯେଉଁଠାରେ ଦେଖ ସେଠି ତୁମେ ଆତ୍ମାର ଗୁଣ ହିଁ ଦେଖିବ ।''

''ଏହି ଐକ୍ୟକୁ ଅନୁଭବ କର । ତୁମର ଶିକ୍ଷା ସହିତ ଆତ୍ମିକ ଅନୁଭୂତିକୁ ବିକାଶ କର । ତୁମର ଯେତେବେଳେ ଆତ୍ମିକ ଅନୁଭୂତି ଆସିବ ସେତେବେଳେ ଘୃଣା, ଈର୍ଷା ଇତ୍ୟାଦି ଦୁଷ୍ଟ ଶକ୍ତିଗୁଡ଼ିକ ତୁମ ପାଖକୁ ଆସିପାରିବେ ନାହିଁ । ତୁମେ ଦୁଃଖ ଓ ଯନ୍ତ୍ରଣାରେ ବିବ୍ରତ ହେବ ନାହିଁ । ତୁମେ ଏକ ଅଦ୍ୱୈତ ଅବସ୍ଥାରେ ରହିବ । ତାହା ହିଁ ପ୍ରକୃତ ଆନନ୍ଦ ।''

ବାବାଙ୍କ ଦ୍ୱାରା ସୃଷ୍ଟ ବସ୍ତୁର ମହାଜାଗତିକ ଶକ୍ତି

ମୁଁ ଡକ୍ଟର ପଦ୍ମା ଓ ଡକ୍ଟର ରାଙ୍ଗାରାଓଙ୍କୁ କହିଥିଲି ଯେ ପରମପ୍ରିୟ ସ୍ୱାମୀ ଯାହା ସୃଷ୍ଟି କରନ୍ତି ତା ଉପରେ ଜଳ ବା କ୍ଷୀର ଢାଳି ଅଭିଷେକ କରାଗଲେ ସେଥିରେ ମହାଜାଗତିକ ଶକ୍ତି ସଂଚରିତ ହୁଏ । ଏପରିକି ସେହି ଜଳ ବା କ୍ଷୀରରେ ମଧ୍ୟ ଏହି ଶକ୍ତି ସଂଚରଣ ହୋଇଥାଏ । ମୁଁ ଏ ସମ୍ପର୍କରେ ଦୁଇଟି ଉଦାହରଣ ଦେଇଥିଲି । ଶିରିଡ଼ି ସାଇବାବାଙ୍କ ମୂର୍ତ୍ତି ଉପରେ ଥରେ ଜଳ ଢାଳି ଅଭିଷେକ କରାଯାଇଥିଲା । ଏହି ମୂର୍ତ୍ତିଟି ସ୍ୱାମୀ ସୃଷ୍ଟି କରି ମିଷ୍ଟର ଦୀକ୍ଷିତଙ୍କୁ ଦେଇଥିଲେ । ଏହି ଅଭିଷେକ ଜଳ ବହୁ ରୋଗର ଉପଶମ କରିବା ସହିତ ଭକ୍ତମାନଙ୍କୁ ମାନସିକ ଶାନ୍ତି ଓ ଆନନ୍ଦ ପ୍ରଦାନ କରିଥିଲା । ସେହିଭଳି ବାବା ସୃଷ୍ଟି କରି ମିଷ୍ଟର ଭିକ୍ଟର କାନୁଙ୍କୁ ଦେଇଥିବା ଲିଙ୍ଗ ଉପରେ ଜଳ ଢାଳି

ଅଭିଷେକ କରିବା ପରେ ସେ ଜଳ ବହୁ ଭକ୍ତ ନେଇଥିଲେ । ସେମାନେ ମଧ୍ୟ ଅନୁରୂପ ଫଳ ପ୍ରାପ୍ତ ହେବାର ବିବରଣୀ ଆମ ପାଖରେ ପହଞ୍ଚିଛି ।

ପରମପ୍ରିୟ ସ୍ୱାମୀ ମିଷ୍ଟର କାନୁଙ୍କୁ ମାନବ ସେବା କରିବା ପାଇଁ ଏକ ସୁଯୋଗ ଦେଇଥିଲେ । ସେ ତାଙ୍କ ପତ୍ନୀ ଜୋନୋଭେଭାଙ୍କ ସହିତ ଜାମ୍ବିଆର ନୋଡୋଲାକୁ ଗଲେ ଏବଂ ସେଠାରେ ଶ୍ରୀ ସତ୍ୟସାଇ ବିଦ୍ୟାଳୟ ପ୍ରତିଷ୍ଠା କଲେ । ଯେଉଁ ପିଲାମାନେ ପାଠପଢ଼ା ଛାଡ଼ି ରାସ୍ତା କଡ଼ରେ ବୁଲୁଥିଲେ ସେମାନଙ୍କୁ ଏହି ବିଦ୍ୟାଳୟରେ ସ୍ଥାନ ଦିଆଯାଇଥିଲା । ସେମାନେ ପରମପ୍ରିୟ ସ୍ୱାମୀଙ୍କର କୃପାବଳରେ ଉଚ୍ଚଶିକ୍ଷିତ ଭାବରେ ରୂପାନ୍ତରିତ ହୋଇଥିଲେ । ଏହା ଏକ ଆଦର୍ଶ ବିଦ୍ୟାଳୟ ଭାବରେ ଅନ୍ୟମାନଙ୍କୁ ପ୍ରଭାବିତ କରିଥିଲା । ଜାମ୍ବିଆ ସରକାର ଭିକ୍ଟର କାନୁ ଓ ଜେନୋଭେଭା କାନୁଙ୍କ ସେବାରେ ଅତ୍ୟନ୍ତ ଖୁସି ହୋଇଥିଲେ ।

ଭିକ୍ଟର ଓ ଜେନୋଭେଭା କାନୁ ଯୁକ୍ତରାଜ୍ୟ ଛାଡ଼ି ବାବା ଦେଇଥିବା ଲିଙ୍ଗମ୍ ସହିତ ଜାମ୍ବିଆ ଯିବା ପରେ ପରମପ୍ରିୟ ସ୍ୱାମୀ ପ୍ରଥମେ ଲେସେଷ୍ଟରର ଦୁଇଜଣ ଏବଂ ପରେ ଯୁକ୍ତରାଜ୍ୟର ଅନ୍ୟ ଭକ୍ତଙ୍କୁ ସୃଷ୍ଟି କରି ଅମୂଲ୍ୟ ଲିଙ୍ଗମ୍ ଦେଇ ଆଶୀର୍ବାଦ କରିଥିଲେ । ପ୍ରଥମେ ସେ ଲେସେଷ୍ଟରର ରାଜୁଭାଇ ଲାଖାନିଙ୍କୁ ୧୯୮୯ ମସିହା ନଭେମ୍ବର ମାସରେ ଗୋଟିଏ ଲିଙ୍ଗମ୍ ପ୍ରଦାନ କରିଥିଲେ । ଏହି ଲିଙ୍ଗମ୍ ସବୁବେଳେ ଆର୍ଦ୍ର ରହୁଥିଲା । ବହୁ ଭକ୍ତ ଅଭିଷେକ କରାଇ ଗ୍ୟାଲନ ଗ୍ୟାଲନ ଅଭିଷେକ ଜଳ ନେଇଥିଲେ ଏବଂ ଏଇ ଜଳର ଉଲ୍ଲେଖନୀୟ ଉପକାର ସମ୍ପର୍କରେ ବହୁ ବିବରଣୀ ଆମର ହସ୍ତଗତ ହୋଇଛି । ଲେସେଷ୍ଟରର ସ୍ୱର୍ଗତ ବାବୁ ଭାଇ ମୋଦିଙ୍କୁ ମଧ୍ୟ ସ୍ୱାମୀ ଲିଙ୍ଗମ୍ ପ୍ରଦାନ ପୂର୍ବକ ଆଶୀର୍ବାଦ କରିଥିଲେ ।

ଡକ୍ଟର ପଦ୍ମା ଏବଂ ଡକ୍ଟର ରାଙ୍ଗାରାଓ ସେମାନେ ପାଇଥିବା ଲିଙ୍ଗମ୍‌ର ଅଭିଷେକ କରାଇଥିଲେ ଏବଂ ପବିତ୍ର ଅଭିଷେକ ଜଳକୁ ସେମାନେ ପାନ କରିବା ସହିତ ବହୁ ଭକ୍ତଙ୍କୁ ଦେଇଥିଲେ ।

ମାଉରିଟସ୍

ଆମକୁ ନିମନ୍ତ୍ରଣ କରିବାକୁ ପରମପ୍ରିୟ ସ୍ୱାମୀ ମାଉରିଟସ୍‌ର ଭକ୍ତମାନଙ୍କୁ ପ୍ରେରଣା ଦେଇଥିଲେ । ଲଣ୍ଡନରୁ ମାଉରିଟସ୍ ଯିବା ପାଇଁ ବିମାନରେ ଦଶଘଣ୍ଟା ଲାଗେ । ଆମେ ଫେରିବା ଟିକେଟ ସମ୍ପର୍କରେ ନିଶ୍ଚିତ ହୋଇପାରି ନ ଥିଲୁ ଏବଂ ଆଶା କରିଥିଲୁ ଯଥା ସମୟରେ ଟିକେଟ ମିଳିଯିବ । କିଛିଦିନ ପରେ କେତେଜଣ ଭକ୍ତଙ୍କ ସହିତ ଆମେ ଜଣେ ମନ୍ତ୍ରୀଙ୍କୁ ଦେଖା କରିଥିଲୁ ଏବଂ ମନ୍ତ୍ରୀଙ୍କ ସେକ୍ରେଟାରୀ ଫୋନ କରିବା ପରେ ଆମକୁ ଫେରନ୍ତା ଟିକେଟ ମିଳିଯାଇଥିଲା ।

ମାଉରିଟସ୍ ଏକ ଛୋଟ ଦ୍ୱୀପ ଏବଂ ଏହାର କ୍ଷେତ୍ରଫଳ ୨୩ ମାଇଲ × ୨୫ ମାଇଲ (୩୭ କିଲୋମିଟର × ୪୦ କିଲୋମିଟର) । ଆମେ ଜାଣି ଆଶ୍ଚର୍ଯ୍ୟ ହେଲୁ ଯେ, ସେଠାରେ ଶତାଧିକ ଶ୍ରୀ ସତ୍ୟସାଇ କେନ୍ଦ୍ର ରହିଛି । ଏପରିକି ସେଠାକାର ପ୍ରଧାନମନ୍ତ୍ରୀ ଓ କ୍ୟାବିନେଟ୍ ମନ୍ତ୍ରୀମାନେ ମଧ୍ୟ ଅନ୍ୟମାନଙ୍କ ସହିତ ସ୍ୱାମୀଙ୍କର ଭକ୍ତ ଥିଲେ ।

ଆମେ ଭରସିଙ୍ଗ୍ ରାମଦେନିଙ୍କ ଦ୍ୱାରା ନିମନ୍ତ୍ରିତ ହୋଇଥିଲୁ । ସେ ଏବଂ ଅନ୍ୟ ଭକ୍ତମାନେ ଆମର ସେଠାରେ ଏକ ସପ୍ତାହ ରହଣୀ କାଳରେ ସୁନ୍ଦର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ । ପ୍ରାୟ ୫୦ରୁ ଅଧିକ ସାଇକେନ୍ଦ୍ର ମିଳିତ ଭାବରେ ସେମାନଙ୍କ ଅଞ୍ଚଳରେ ଏକ କାର୍ଯ୍ୟକ୍ରମ କରାଇଥିଲେ । ସେଠାରେ ପରମପ୍ରିୟ ସ୍ୱାମୀଙ୍କ ଦିବ୍ୟସନ୍ଦେଶ ପ୍ରଦାନ କରାଯାଇଥିଲା । ଏଥିରେ ପ୍ରତ୍ୟେକଙ୍କୁ ସ୍ମରଣ କରାଇ ଦିଆଯାଇଥିଲା ଯେ ପରମପ୍ରିୟ ସ୍ୱାମୀ ଚାହାନ୍ତି ଆମେ ସବୁ ନାମ ସ୍ମରଣ, ଆତ୍ମଶୁଦ୍ଧି ଏବଂ 'ମାନବ ସେବା ଯେ ମାଧବ ସେବା' ମାଧ୍ୟମରେ ଆମର ଦୈବତ୍ୱକୁ ଅନୁଭବ କରିବା ଉଚିତ ।

ନାମ ସ୍ମରଣର ଗୁରୁତ୍ୱ ବୁଝାଇବାବୁ ଯାଇ ପରମପ୍ରିୟ ବାବା କହିଥିଲେ ''ମୁଁ ତୁମକୁ ତୁମେ ଚାହୁଁଥିବା ଶାନ୍ତି ଓ ଆନନ୍ଦ ପାଇବା ପାଇଁ ଏକ ବ୍ୟବସ୍ଥାପତ୍ର ଦେବି । ଏହା ହେଉଛି 'ନାମ ସ୍ମରଣ' । ଭଗବାନଙ୍କର ହଜାର ନାମ ମଧ୍ୟରୁ ଗୋଟିଏ ନାମକୁ ଜିହ୍ୱାଗ୍ରେ ସ୍ଥାନ ଦିଅ । ତୁମେ ଯେଉଁଠାରେ ଥାଅନା କାହିଁକି, ଯେଉଁ ଗୋଷ୍ଠୀ ମଧ୍ୟରେ ରୁହନା କାହିଁକି ନାମ ସ୍ମରଣ କର । ତୁମ ପ୍ରତି ତୁମ କର୍ତ୍ତବ୍ୟର ଅଂଶ ଭାବରେ ଅନ୍ତତଃ ଦିନରେ ଥରେ କିଛି ସମୟ ପାଇଁ ନାମର ପୁନରାବୃତ୍ତି କର । ଏହା ଏକ ଶୃଙ୍ଖଳା ଯାହା ଉତ୍ତମ ଫଳ ପ୍ରଦାନ କରିବ । ଏହା ଏକ ଅଭ୍ୟାସ ଯାହା ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ତୁମେ ଯେଉଁ କଠିନ ଶାରୀରିକ ପରିଶ୍ରମ କର ତାର କ୍ଷତି ପୂରଣ କରିପାରିବ ।

ଏକ ଆଧ୍ୟାତ୍ମିକ ସ୍ଥାନ 'ଗଙ୍ଗା ତଲାଓ' (ଗଙ୍ଗାହ୍ରଦ)ଠାରେ ଅନ୍ୟ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କେତେକ ଭକ୍ତ ହରିଦ୍ୱାରଠାରୁ ଗଙ୍ଗାଜଳ ଆଣି ଏହି ହ୍ରଦରେ ଢାଳିଥିଲେ ଏବଂ ସେହିଦିନଠାରୁ ଏହି ହ୍ରଦର ନାମ 'ଗଙ୍ଗାତଲାଓ' ବା ଗଙ୍ଗା ହ୍ରଦ ରହିଛି । ଏହା ସତ୍ୟ ଯେ ଗଙ୍ଗାନଦୀର ମହାଜାଗତିକ ଶକ୍ତି ଏହି ହ୍ରଦରେ ରହିଛି । ଏହାର ଗୋଟିଏ କୂଳରେ ହ୍ରଦର ଚାରିକଡ଼ରେ ରହିଥିବା ମନ୍ଦିରମାନଙ୍କୁ ସାମନା କରି ଦଣ୍ଡାୟମାନ ଅବସ୍ଥାରେ ଗଙ୍ଗାମାତାଙ୍କର ଏକ ସୁନ୍ଦର ପ୍ରତିମୂର୍ତ୍ତି ରହିଛି ।

ପାହାଡ଼ର ଶୀର୍ଷ ଭାଗରେ ଥିବା ଏକ ସ୍ଥାନକୁ ଆମେ ଯାଇଥିଲୁ । ଏହା ଏକ ଧର୍ମକ୍ଷେତ୍ର ଏବଂ ପୃଥିବୀର ବିଭିନ୍ନ ସ୍ଥାନରୁ ଆସୁଥିବା ବହୁ ଲୋକଙ୍କ ପାଇଁ ଅବସର ବିନୋଦନ କେନ୍ଦ୍ର ଥିଲା । ଛୁଟି କଟାଇବା ପାଇଁ ଏହା ଏକ ପ୍ରକୃଷ୍ଟ କ୍ଷେତ୍ର ।

ଆମର ଶେଷ କାର୍ଯ୍ୟକ୍ରମଟି ଥିଲା ମାଉରିଟସର ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିବା । ସେ ଆମକୁ ସ୍ୱାଗତ ଜଣାଇ ଅତ୍ୟନ୍ତ ଖୁସି ହୋଇଥିଲେ ଏବଂ ଆମକୁ ଏକ ମୂଲ୍ୟବାନ ଖବର ଦେଇଥିଲେ । ତାଙ୍କ ପତ୍ନୀ ପ୍ରଶାନ୍ତି ନିଲୟମ ତିନିଥର ଯାଇଥିଲେ ଏବଂ ପ୍ରଧାନମନ୍ତ୍ରୀ ଦୁଇଥର ଯାଇଥିଲେ ।

ପରମପ୍ରିୟ ସ୍ୱାମୀ କହିଥିଲେ ''ଜଣେ ଉତ୍ତମ ଓ ଧର୍ମପରାୟଣ ଲୋକମାନଙ୍କ ସହିତ ମିଶିବାକୁ ଇଚ୍ଛା ପ୍ରକାଶ କରିବା ଉଚିତ । ସେମାନେ ସତ୍‌ସଙ୍ଗ ପାଇଁ ଏକତ୍ର ହୁଅନ୍ତି ଏବଂ ଭଗବାନ, ସତ୍ୟ, ଅନ୍ୟର ସେବା ଓ ଦିବ୍ୟପ୍ରେମ ଭଳି ବିଷୟବସ୍ତୁ ଉପରେ ଆଲୋଚନା କରନ୍ତି । ସେଠାରେ ସମସ୍ତେ ସମାନ ବୋଲି ବିଚାର କରାଯାଏ । ଏହିପରି ଲୋକମାନେ ହିଁ ଭଗବାନଙ୍କର ପ୍ରକୃତ ଭକ୍ତ ।''

ଅଧିକାଂଶ ଭକ୍ତ ପ୍ରଶାନ୍ତି ନିଳୟମ୍‌ରୁ ପ୍ରକାଶିତ ବହି ପଢ଼ି ଏବଂ ପୁଟ୍ଟାପର୍ତ୍ତି ଯାଇ ସ୍ୱାମୀଙ୍କ ଉପଦେଶ ସମ୍ପର୍କରେ ସଚେତନ ଥିଲେ । ଆମକୁ ସମୁଦ୍ର ବେଳାଭୂମିର ଏକ ଦର୍ଶନୀୟ ସ୍ଥାନକୁ ନିଆଯାଇଥିଲା । ସମୁଦ୍ରକୂଳରେ ବୁଲିବା ସମୟରେ ମୃଦୁମନ୍ଦ ସମୀରଣ ଆମ ମୁଖମଣ୍ଡଳକୁ ସ୍ପର୍ଶ ଦେଇ ପୁଲକିତ କରୁଥିଲା । ବୁଲୁଥିବାବେଳେ ଆମେ ଭକ୍ତମାନଙ୍କ ସହିତ ଆତ୍ମ-ପବିତ୍ରତା ଏବଂ ପରିସ୍ଥିତି ଅନୁସାରେ ସେମାନେ କରିପାରିଲା ଭଳି ସେବାକାର୍ଯ୍ୟ ସମ୍ପର୍କରେ ଆଲୋଚନା କରୁଥିଲୁ । କେତେକ ଭକ୍ତଙ୍କ ଚକ୍ଷୁରୁ ସ୍ୱାମୀଙ୍କ ପ୍ରତି ପ୍ରେମଜନିତ ଆନନ୍ଦାଶ୍ରୁ ଝରିଆସିଥିଲା ।

ପରମପ୍ରିୟ ସ୍ୱାମୀ କହନ୍ତି ''ଯାହାର ବିଚାରଣା ଶକ୍ତି ଓ ତ୍ୟାଗ ରହିଛି, ଯେ ଚରମ ବାସ୍ତବତା ବା ପରମ ସତ୍ୟ ସମ୍ପର୍କରେ ସଚେତନ, ଯେ ଜୀବନ ନାଟକର ମହାଜାଗତିକ ଭାବରେ ବିହ୍ୱଳ, ଯେ ସବୁବେଳେ ଓ ସବୁ ଅବସ୍ଥାରେ ଈଶ୍ୱରଙ୍କ ନାମ ଉଚ୍ଚାରଣ କରି ଜୀବନ ଧାରଣ କରୁଛି ଏବଂ ଅନ୍ୟ ଦ୍ୱାରା ଉଚ୍ଚାରିତ ଈଶ୍ୱରଙ୍କ ନାମ ଶ୍ରବଣ କରି ଯାହାର୍ ଚକ୍ଷୁରୁ ଅଶ୍ରୁ ଝରିଆସେ ସେ ମୋର ପ୍ରକୃତ ଭକ୍ତ ।''

''ଭକ୍ତମାନେ ଯାହାକୁ ଭକ୍ତି ବୋଲି ମନେ କରନ୍ତି ତାକୁ ନେଇ ସେମାନେ ସନ୍ତୁଷ୍ଟ ରହିବା ଉଚିତ ନୁହେଁ । ଭଗବାନ ସେଥିରେ ସନ୍ତୁଷ୍ଟ ହେଲେ କି ନାହିଁ ସେମାନେ ଦେଖିବା ଉଚିତ । ଭଗବାନ ଭକ୍ତିର ପ୍ରତ୍ୟୁତ୍ତର ନିଶ୍ଚିତ ଭାବରେ ଦେଇଥାନ୍ତି ।''

ଆମର ମାଉରିଟ୍‌ସ୍ ଯାତ୍ରା ଉତ୍ସାହପ୍ରଦ ଓ ଅବକାଶ ବିନୋଦନ ତୀର୍ଥଯାତ୍ରା ଥିଲା । ସମସ୍ତ ଯାତ୍ରା ମଧ୍ୟରେ ଏହା ଥିଲା ଏକ ସ୍ମରଣୀୟ ଯାତ୍ରା ।

□□

ଅଧ୍ୟାୟ - ୪୫

ସୁରାଟ (ଗୁଜୁରାଟ)ର ଭାରତୀ ମାଈୟା

ଆମେ ପରମପ୍ରିୟ ବାବାଙ୍କର ନିମ୍ନଲିଖିତ ବାଣୀ ସହିତ ଏହି ଅଧ୍ୟାୟଟି ଆରମ୍ଭ କରିବା । '' 'ସ୍ତ୍ରୀ' ଶବ୍ଦର ଅର୍ଥ ହେଲା 'ନାରୀ' । ଏହାକୁ ହାଲୁକା ଭାବରେ ଗ୍ରହଣ କରିବା ଠିକ୍ ନୁହେଁ । ଭଗବତଗୀତାରେ ନାରୀ ସୁଲଭ ସାତୋଟି ଗୁଣର ତାଲିକା ରହିଛି ଯଥା ଯଶ, ସମ୍ପଦ, ବାକ୍, ଜ୍ଞାନ, ବୁଦ୍ଧି, ସହନଶୀଳତା ଏବଂ ସଂକଳ୍ପ । ନାରୀଧର୍ମଭିତ୍ତିକ ଏହି ସାତଗୋଟି ଗୁଣ ଅତି ପବିତ୍ର । ତୁମେ ଯେଉଁଆଡ଼େ ଯାଅ ପ୍ରକୃତି ଭିତରେ ଏହି ନାରୀଧର୍ମର ପ୍ରକଟନ ଦେଖିପାରିବ ।''

''ଏହି ସାତଗୋଟି ନାରୀଧର୍ମଭିତ୍ତିକ ଗୁଣଗୁଡ଼ିକ ବିପକ୍ଷରେ ମାତ୍ର ତିନିଗୋଟି ପୁରୁଷ ଗୁଣ ରହିଛି । ଯଦିଓ ଶାରୀରିକ ଶକ୍ତି ଦୃଷ୍ଟିରୁ ନାରୀ ଦୁର୍ବଳା, ବାସ୍ତବରେ ସେମାନେ ସର୍ବଶକ୍ତି ସମ୍ପନ୍ନା । ସାତୋଟି ଗୁଣର ଅଧିକାରୀ ଭାବରେ ନାରୀର ଅସାଧାରଣ ଶକ୍ତି ରହିଛି । ଏପରିକି ଆଧ୍ୟାତ୍ମିକ କ୍ଷେତ୍ରରେ ନାରୀ ତାର ଅସୀମ ଶକ୍ତିର ପରିଚୟ ଦେଇଥାଏ ।''

ଏହି ପୃଷ୍ଠଭୂମିରେ ଆମେ ବର୍ତ୍ତମାନ ଭାରତୀ ମାଈୟାଙ୍କ ସମ୍ପର୍କରେ ବିବରଣୀ ଉଲ୍ଲେଖ ପାଇଁ ଅଗ୍ରସର ହେବା ।

ଲେସେଷ୍ଟରରେ ଏକ ସଭା ଗୃହରେ ଲକ୍ଷାର୍ଚ୍ଚନା ପରେ ଲଣ୍ଡନର କେତେକ ଭକ୍ତ ମୋତେ କହିଥିଲେ ''ଆମେ ଉତ୍ତରହାମ୍ପଟନ୍‌ରେ ଥିବା ପ୍ରଶାନ୍ତି ନିଳୟମର କ୍ଷୁଦ୍ର ପ୍ରତିରୂପ ଦେଖିବାକୁ ଚାହୁଁ । ତାହା ହେଲା ରତିଭାଇ ପଟେଲଙ୍କ ବାସଗୃହ ପରିସର ମଧ୍ୟରେ ଥିବା ଶ୍ରୀ ସତ୍ୟସାଇ ମନ୍ଦିର ।'' (ଏକଥା ପୂର୍ବରୁ ଉଲ୍ଲେଖ କରାଯାଇଛି) ।

ସେତେବେଳକୁ ରାତି ଦଶ ବାଜିଯାଇଥିଲା ଏବଂ ଆମକୁ ଉତ୍ତରହାମ୍ପଟନ୍‌ରେ ପହଞ୍ଚିବାକୁ ଦୁଇଘଣ୍ଟା ଲାଗିଯାଇଥିଲା । ଆମେ ସେଠାରେ ମଧ୍ୟରାତ୍ରରେ ପହଞ୍ଚିଥିଲୁ । ମାଞ୍ଚେଷ୍ଟରରୁ ଆସିଥିବା ଅଳ୍ପ ସଂଖ୍ୟକ ଭକ୍ତ ରତିଭାଇଙ୍କ ସହିତ ବସିଥିଲେ । ସେମାନଙ୍କ ସହିତ ସୁରାଟ (ଗୁଜୁରାଟ)ର 'ଅମ୍ବିକା ନିକେତନ'ର ଭାରତୀ ମାଈୟା ଥିଲେ । ସେତେବେଳେ ସେ ମାଞ୍ଚେଷ୍ଟର ପରିଦର୍ଶନରେ ଆସିଥିଲେ । ସେ 'ଏହି ଦାସ'କୁ ଦୁଇଦିନ

ପରେ ମାଞ୍ଚେଷ୍ଟର ଯିବା ପାଇଁ ନିମନ୍ତ୍ରଣ ଜଣାଇଥିଲେ । ମୁଁ ସେଠାକୁ ଗଲି ଏବଂ ତାଙ୍କ ସମ୍ପର୍କରେ ନିମ୍ନୋକ୍ତ ସତ୍ୟ କାହାଣୀ ଶୁଣିଥିଲି ।

ଦଶବର୍ଷ ବୟସରେ ମାଈୟା ଭଗବାନଙ୍କର ପୂଜା କରୁଥିଲେ । ତାଙ୍କ ଭକ୍ତି ନିଷ୍ଠୟ ଶୀର୍ଷ ସ୍ଥାନରେ ପହଞ୍ଚିଥିଲା । ପୂର୍ବଜନ୍ମମାନଙ୍କରୁ ତାଙ୍କର ଏହି ଭକ୍ତି ଗଢ଼ିଆସିଥିଲା ଏବଂ ଭଗବାନ କୃଷ୍ଣ ତାଙ୍କୁ ଦର୍ଶନ ଦେଇଥିଲେ । ଭଗବାନ ତାଙ୍କୁ ଶକ୍ତି (ଦେବୀ ଅମ୍ବାମାତା)ଙ୍କୁ ପୂଜା କରିବା ପାଇଁ ଉପଦେଶ ଦେଇଥିଲେ । ସେ ଗୁଜୁରାଟର ଗବ୍ବର ମନ୍ଦିରକୁ ଗଲେ ଏବଂ ଅମ୍ବାମାତାଙ୍କୁ ପୂଜା କରିବା ଆରମ୍ଭ କଲେ ।

ଦଶବର୍ଷ ପରେ ମା' ତାଙ୍କ ସମ୍ମୁଖରେ ଆବିର୍ଭୂତା ହେଲେ ଏବଂ କହିଥିଲେ "ତୁମେ ଭିନ୍ନ ଭିନ୍ନ ଉପାୟରେ ମଣିଷ ସମାଜର ସେବା କରିବ । କିନ୍ତୁ ତୁମେ ପ୍ରଥମେ ମା'ଙ୍କ ମନ୍ଦିର ନିର୍ମାଣ କରିବ ।" ସେ ଉତ୍ତର ଦେଇଥିଲେ "ମନ୍ଦିର ନିର୍ମାଣ କରିବା ପାଇଁ ମୋର ଅର୍ଥବଳ ନାହିଁ ।" ମା' କହିଥିଲେ ପ୍ରତ୍ୟେକଙ୍କଠାରୁ ଏକ ଟଙ୍କା ଲେଖାଏଁ ସଂଗ୍ରହ କର ।

ତା ପରେ ମାଈୟା ପ୍ରତ୍ୟେକ ବ୍ୟକ୍ତିଙ୍କଠାରୁ ଏକ ଟଙ୍କା ଲେଖାଏଁ ସଂଗ୍ରହ କରିବାକୁ ଲାଗିଲେ । କେହି କେହି ଭକ୍ତ ଶହେ ବା ହଜାର ଟଙ୍କା ଲେଖା ଦେଉଥିଲେ ମଧ୍ୟ ମାଈୟା ଗ୍ରହଣ କରୁ ନ ଥିଲେ । ଏକବର୍ଷ ନଅ ମାସ ପରେ ସେ ଏକଶତ ପଞ୍ଚସ୍ତରୀ ହଜାର ଟଙ୍କା ସଂଗ୍ରହ କରି ପାରିଥିଲେ "ତୁମେ ଏବେ ମନ୍ଦିର ନିର୍ମାଣ ପାଇଁ ଯଥେଷ୍ଟ ଅର୍ଥ ସଂଗ୍ରହ କରି ସାରିଲଣି । ଆଉ କେହି ନୁହଁ କେବଳ ତୁମେ ମୋତେ ଦେଖିପାରିବ । ମୋ ପଛରେ ଆସ ଏବଂ ମୁଁ ତୁମକୁ ମନ୍ଦିର ପାଇଁ ସ୍ଥାନ ଦେଖାଇଦେବି ।"

ମା' ଭାରତୀଙ୍କୁ ଆଠ୍ୱାଲାଇନ୍‌ରେ ଥିବା ତାପିନଦୀ କୂଳକୁ ନେଇଗଲେ ଏବଂ କହିଥିଲେ "ଏହା ହେଉଛି ସେହି ସ୍ଥାନ ।" ମାଈୟା କହିଥିଲେ "ଆପଣ ଏପରି ଏକ ସ୍ଥାନ ଦେଖାଇଲେ ଯେଉଁଠାରେ ମୁସଲମାନମାନେ ଛେଳି କାଟନ୍ତି । ମା' ଉତ୍ତର ଦେଲେ "ତୁମେ କଣ ଜାଣ ନାହିଁ ଯେ ମୁଁ ମହାକାଳୀ ରୂପରେ ଆସିବି ଏବଂ ତୁମ ସହିତ ରହିବି ।"

ମନ୍ଦିର ନିର୍ମାଣ ପାଇଁ ଗୋଟିଏ କମିଟି ଗଢ଼ାଗଲା ଏବଂ ନିର୍ମାଣ ସ୍ଥାନକୁ ଦଖଲ କରାଗଲା । ମନ୍ଦିରର ଏକ ନକ୍ସା ପ୍ରସ୍ତୁତ କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଗଲା । ମନ୍ଦିର ନିର୍ମାଣ ପରେ ପରେ ମା' ପୁଣି ଆବିର୍ଭୂତା ହୋଇ କହିଥିଲେ "ଏଠାକୁ ଚାହଁ, ମୋତେ ଠିକ୍ ଭାବରେ ଦେଖ । ମୁଁ ଗୋଟିଏ ବାଘ ବା ସିଂହ ଉପରେ ବସି ନାହିଁ । ମୁଁ ଗୋଟିଏ ପଥର ଉପରେ ବସିଛି । ମୁଁ କୌଣସି ମାରଣାସ୍ତ୍ର ଧରି ନାହିଁ । ମାତ୍ର ମୋର ଆଠଟି ହାତ ମଧ୍ୟରୁ ଗୋଟିଏ ହାତରେ ସୁଦର୍ଶନ ଚକ୍ର ରହିଛି । ତୁମେ ଜୟପୁର ଯାଅ । ସେଠାରେ ଅତି ସୁନ୍ଦର ମୂର୍ତ୍ତି ତିଆରି କରାଯାଏ । ଅଧିକାଂଶ ଶିଳ୍ପୀ କହିବେ ଯେ

ପୂର୍ଣ୍ଣାବୟବ ମୂର୍ତ୍ତି ଗଢ଼ିବା ପାଇଁ ତାଙ୍କ ପାଖରେ ବଡ଼ ପଥର ନାହିଁ । ସେମାନେ ଦୁଇଟି ପଥରକୁ କାଟି ଗୋଟିଏ ବଡ଼ ମୂର୍ତ୍ତି ତିଆରି କରିବା କଥା । ଶେଷରେ ତୁମେ ଜଣେ ବ୍ୟକ୍ତିଙ୍କୁ ପାଇବ । ତାଙ୍କ ପାଖରେ ବହୁବର୍ଷ ଧରି ସାଇତା ହୋଇ ରହିଥିବା ବଡ଼ ପଥର ରହିଛି ବୋଲି ସେ କହିବେ । ସେ ହେଉଛନ୍ତି ପ୍ରକୃତ ଲୋକ ଯେ ମୂର୍ତ୍ତି ଗଢ଼ି ପାରିବେ । ତାଙ୍କୁ ତୁମେ ମୂର୍ତ୍ତିର ବର୍ଣ୍ଣନା ଦିଅ । ବାକି କାମ ମୁଁ କରିଦେବି ।''

ଅମ୍ମା ମା'ଙ୍କର ଆଠଟି ହାତ ଥିବା ପୂର୍ଣ୍ଣାବୟବ ଅତି ସୁନ୍ଦର ମୂର୍ତ୍ତିଟିଏ ତିଆରି ହେଲା ଏବଂ ଏହା ଜୀବନ୍ତ ପରି ମନେ ହେଉଥିଲା ।

ମୂର୍ତ୍ତି ପ୍ରତିଷ୍ଠା ପୂର୍ବରୁ ଭାରତୀ ମାଇୟା ଏକଶତ ବ୍ରାହ୍ମଣଙ୍କୁ ଡାକି ଏକ ସ୍ୱତନ୍ତ୍ର ପୂଜା, ଲାଖଚଣ୍ଡୀ ଯଜ୍ଞ କରାଇଲେ । ଦୁଇଜଣ ବ୍ରାହ୍ମଣ ଝାଡ଼ା ଓ ବାନ୍ତି ରୋଗରେ ପଡ଼ିଗଲେ ଏବଂ ଏହା ଅତି ମାରାତ୍ମକ ଥିଲା । ଭାରତୀ ମାଇୟା ଅମ୍ମାମା'ଙ୍କୁ ପ୍ରାର୍ଥନା କଲେ ଏବଂ ମା' ଆବିର୍ଭୂତା ହୋଇ ଲିମ୍ବରସ ଦେବାକୁ ପରାମର୍ଶ ଦେଲେ । ଲିମ୍ବରସ ପାନ କରି ସେ ଦୁଇଜଣ ରୋଗୀ ଅଲୌକିକ ଭାବରେ ଆରୋଗ୍ୟ ଲାଭ କଲେ ।

ମୂର୍ତ୍ତି ପ୍ରତିଷ୍ଠା ହେବା ପରେ 'ଅମ୍ମାମା' ଆବିର୍ଭୂତା ହୋଇ ଭାରତୀ ମାଇୟାଙ୍କୁ ନିମ୍ନମତେ ପରାମର୍ଶ ଦେଲେ ।

– ଆଶ୍ରମକୁ କ୍ଷୀର ଯୋଗାଇବା ପାଇଁ କେତୋଟି ଗାଈ ରଖ ।

– ବିଭିନ୍ନ ସ୍ଥାନରେ ତିନୋଟି ଡାକ୍ତରଖାନା ପ୍ରତିଷ୍ଠା କର ଯେଉଁଠାରେ ରୋଗୀମାନେ ମାଗଣାରେ ଚିକିତ୍ସିତ ହୋଇପାରିବେ ।

– ଜରାଗ୍ରସ୍ତ ଲୋକମାନଙ୍କ ପାଇଁ ଜରା ନିବାସମାନ ପ୍ରତିଷ୍ଠା କର । ବିଶେଷକରି ବିବାହିତ ପୁତ୍ରମାନଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ଜରାଗ୍ରସ୍ତ ପିତାମାତାମାନେ ଯେପରି ଶାନ୍ତିରେ ରହିପାରିବେ । ସେମାନଙ୍କୁ ସେମାନଙ୍କର ଆବଶ୍ୟକତା ଯୋଗାଇଦିଅ । କେତେ ଶହ ଜରାଗ୍ରସ୍ତ ଲୋକଙ୍କର ଯତ୍ନ ଏହିସବୁ ଜରା ନିବାସମାନଙ୍କରେ ନିଆଯାଇ ପାରିବ ।

– ଗୋଟିଏ ବେଦ ପାଠଶାଳା ପ୍ରତିଷ୍ଠା କର ଏବଂ ୫୦ଜଣ ପିଲାଙ୍କୁ ସେଠାରେ ଗ୍ରହଣ କର । ସେମାନେ ବେଦ ଅଧ୍ୟୟନ, ଶ୍ଳୋକ ଉଚ୍ଚାରଣ, ଜ୍ୟୋତିଷ ଶାସ୍ତ୍ର ଇତ୍ୟାଦି ସହିତ ଅନ୍ୟାନ୍ୟ ବିଷୟ ମଧ୍ୟ ଶିକ୍ଷା କରିବେ ।

ପରମପ୍ରିୟ ସ୍ୱାମୀଙ୍କର କେତେକ ଭକ୍ତ ସ୍ୱାମୀଙ୍କର ନିମ୍ନୋକ୍ତ ବାର୍ତ୍ତା ସମ୍ପର୍କରେ ମାଇୟାଙ୍କୁ ଜଣାଇଲେ । ଏହି ବାର୍ତ୍ତା ଗୋଟିଏ କାନ୍ଥ ଉପରେ ବିଭୂତିରେ ଲେଖାଯାଇଥିଲା । ବାର୍ତ୍ତାଟି ଥିଲା ''ଭାରତୀ ମାଈୟାଙ୍କ ଜୀବନ ବୃତ୍ତାନ୍ତ ଲକ୍ଷ୍ୟ କର ।'' ଏହାକୁ ବିଶ୍ୱାସ କରିବା ପାଇଁ ଭାରତୀ ମାଈୟା ପ୍ରସ୍ତୁତ ନ ଥିଲେ । ସେ ନିଜେ ଏହାକୁ ଦେଖିବା ପାଇଁ ଗଲେ ଏବଂ ଦିବ୍ୟ ବିଭୂତି କାନ୍ଥରୁ ଝରୁଥିବାର ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କର

ସ୍ୱାମୀଙ୍କ ପ୍ରତି ବିଶ୍ୱାସ ଆସିଥିଲା ଏବଂ ସେ ପରମପ୍ରିୟ ସ୍ୱାମୀଙ୍କର କ୍ଷୁଦ୍ର ଫଟୋଟିଏ ପାଇଁ ଭକ୍ତମାନଙ୍କୁ ଅନୁରୋଧ କରିଥିଲେ ।

ମୁଁ ଏଇଠି ମୂଳ କଥାରୁ ବିଚ୍ୟୁତ ହୋଇ ପରମପ୍ରିୟ ସ୍ୱାମୀଙ୍କର ଅନ୍ୟ ଏକ ଲୀଳା ବର୍ଣ୍ଣନା କରୁଛି । ସ୍ୱାମୀ ବହୁତ ଥର ଏହିପରି ବିଭୂତିରେ ବାର୍ତ୍ତା ଲେଖିଥିବାର ପ୍ରମାଣ ରହିଛି । ଜରୀନା ଶଶୀକାନ୍ତ ସାହା ତାଙ୍କ ପଡ଼ୋଶୀଙ୍କ ଘରେ ଏକ ଉତ୍ସବରେ ଯୋଗ ଦେବା ପରେ ମୋତେ ପାଞ୍ଚମିନିଟ୍ ପାଇଁ ତାଙ୍କ ଘରକୁ ଯିବାକୁ ଅନୁରୋଧ କରିଥିଲେ । ସେ ସ୍ୱାମୀଙ୍କର ଲୀଳା ଓ ମହିମା ବର୍ଣ୍ଣନା ଶୁଣିଲେ ଏବଂ ସ୍ୱାମୀଙ୍କ ଉପଦେଶ ଶୁଣି ପ୍ରଭାବିତ ହେଲେ । ଦୁଇଦିନ ପରେ ସେ ବାବାଙ୍କ ଫଟୋ ଉପରେ ବିଭୂତି ସୃଷ୍ଟି ହୋଇଥିବାର ଦେଖିଲେ । ସେ ପ୍ରାର୍ଥନା କଲେ ''ବାବା, ଆପଣ କହନ୍ତି ଭଗବାନଙ୍କ ନାମ ଅନେକ ମାତ୍ର ଭଗବାନ ଗୋଟିଏ । ଆମର ଭଗବାନ ହେଉଛନ୍ତି ଆଲ୍ଲା ଏବଂ ଆଗାଖାଁ ସାହେବ ଆମର ଧର୍ମଯାଜକ । ଆପଣ କାହିଁକି ତାଙ୍କ ଫଟୋ ଉପରେ ବିଭୂତି ସୃଷ୍ଟି କରୁ ନାହାନ୍ତି ?''

କିଛିଦିନ ପରେ ଆଗାଖାଁ ସାହେବଙ୍କ ଫଟୋ ଉପରେ ବିଭୂତି ସୃଷ୍ଟି ହେଲା । କାଛରେ ମଧ୍ୟ ବିଭୂତି ସୃଷ୍ଟି ହେବା ଆରମ୍ଭ କଲା । ଗୋଟିଏ ସମତଳ ପୃଷ୍ଠରେ ସ୍ୱାମୀ ବିଭୂତିରେ ଲେଖି ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଥିଲେ । କେତେଦିନ ଅତିକ୍ରାନ୍ତ ହେବା ପରେ ସାତଟି ରଙ୍ଗର ବିଭୂତି ସୃଷ୍ଟି ହେବାକୁ ଲାଗିଲା । ସମଗ୍ର ଯୁକ୍ତରାଜ୍ୟର ଭକ୍ତମାନେ ତାଙ୍କ ଘରକୁ ଆସି ଏହି ଦିବ୍ୟ ପ୍ରକ୍ରିୟାକୁ ଦର୍ଶନ କରିଥିଲେ ।

ଭାରତୀ ମାଇୟା ସ୍ୱାମୀଙ୍କର ଏକ କ୍ଷୁଦ୍ର ଫଟୋ ପାଇଥିଲେ ଏବଂ ପୂଜା ଘରେ ରଖିଥିଲେ । ସେ ନିଜେ ଖାଦ୍ୟ ଗ୍ରହଣ ପୂର୍ବରୁ ଭଗବାନଙ୍କୁ ସବୁତକ ଖାଦ୍ୟ ଅର୍ପଣ କରୁଥିଲେ । ସେହିଦିନଠାରୁ ଦେଖାଗଲା ଗୋଟିଏ ପ୍ରକାରର ଖାଦ୍ୟ ସର୍ବଦା ଅଦୃଶ୍ୟ ହୋଇଯାଉଛି । ମନେ ହେଉଥିଲା ଯେପରି ପରମପ୍ରିୟ ସ୍ୱାମୀ ସେହି ପ୍ରକାରର ଖାଦ୍ୟ ସବୁତକ ଗ୍ରହଣ କରୁଛନ୍ତି ।

ଗୋଟିଏ ଦିନ ବେଦପାଠଶାଳାର ସବୁ ପିଲା ପ୍ରଶାନ୍ତି ନିଳୟମ ଯିବା ପାଇଁ ଇଚ୍ଛା ପ୍ରକାଶ କଲେ । ସେମାନେ ଭାରତୀ ମାଇୟାଙ୍କ ସହିତ ପୁଟ୍ଟାପର୍ତ୍ତି ଆଶ୍ରମରେ ପହଞ୍ଚିଲେ ଏବଂ ତିନିଦିନ ପରେ ସ୍ୱାମୀ ସେମାନଙ୍କୁ ସାକ୍ଷାତକାର ପାଇଁ ଡାକିଥିଲେ । ଆରମ୍ଭରୁ ପରମପ୍ରିୟ ସ୍ୱାମୀ ଭାରତୀ ମାଇୟାଙ୍କୁ କହିଥିଲେ ''ତୁମେ ମୋର ମାଇୟା । ମୋ ପାଇଁ କଣ ଆଣିଛ ?'' ସେ ଉତ୍ତର ଦେଲେ ''ସ୍ୱାମୀ ! ପିଲାମାନଙ୍କ ପାଇଁ ଗୋଟିଏ ବାକ୍ସ ଚକୋଲେଟ୍ ଆଣିଛି ।'' ସ୍ୱାମୀ ସେ ବାକ୍ସଟିକୁ ଖୋଲିଲେ ଏବଂ ପିଲାମାନଙ୍କୁ ଚକୋଲେଟ୍ ବାଣ୍ଟିଦେଲେ ।

ସ୍ୱାମୀ ପ୍ରଶ୍ନ କରିଥିଲେ ''କାହିଁକି ପିଲାମାନେ ବିଭିନ୍ନ ରଙ୍ଗର ପ୍ୟାଣ୍ଟ ପିନ୍ଧିଛନ୍ତି ଯଦିଓ ପ୍ୟାଣ୍ଟଗୁଡ଼ିକର ବସ୍ତୁଗତ ପ୍ରଭେଦ ନାହିଁ ।'' ମାଇୟା ଉତ୍ତର ଦେଲେ ''କେତେକ

କିଣି ପାରିବେ ମାତ୍ର ଆଉ କେତେକ କିଣି ପାରିବେ ନାହିଁ ।'' ପରମପ୍ରିୟ ସ୍ୱାମୀ ଜଣେ ସ୍ୱେଚ୍ଛାସେବକଙ୍କୁ ସଂକେତ ଦେଲେ । ସେ ଏକା ପ୍ରକାରର ଓ ଏକାରଙ୍ଗର କପଡ଼ା ଆଣି ପ୍ରତ୍ୟେକ ପିଲାଙ୍କୁ ଦେଇଥିଲେ । ତା ପରେ ସ୍ୱାମୀ କହିଥିଲେ ''ପ୍ରତ୍ୟେକ ପିଲା ଏକାରଙ୍ଗର ପ୍ୟାଣ୍ଟ ପିନ୍ଧିବେ ।''

ଭାରତୀ ମାଈୟା ଭାବିଲେ ''ଯଦି ଦୁଇଦିନ ପୂର୍ବରୁ କପଡ଼ା ମିଳିଥାନ୍ତା ତେବେ ପ୍ୟାଣ୍ଟଗୁଡ଼ିକ ତିଆରି ହୋଇ ପାରନ୍ତା ।'' ପରମପ୍ରିୟ ସ୍ୱାମୀ ଜାଣିଗଲେ ଭାରତୀ ମାଈୟାଙ୍କ ମନରେ କଣ ଅଛି । ସେ ତିନୋଟି ଦରଜୀଙ୍କୁ ଭାରତୀ ମାଈୟା ପିଲାମାନଙ୍କ ସହିତ ରହୁଥିବା ସ୍ଥାନକୁ ପଠାଇଦେଲେ । ସେମାନେ ମାପ ନେଇ ସକାଳ ସୁଦ୍ଧା ପ୍ୟାଣ୍ଟ ଗୁଡ଼ିକ ତିଆରି କରିଦେଲେ । ସବୁ ପିଲା ଏକା ପ୍ରକାର ଓ ଏକା ରଙ୍ଗର ପ୍ୟାଣ୍ଟ ପିନ୍ଧି ସାକ୍ଷାତକାର କକ୍ଷ ନିକଟରେ ଠିଆ ହୋଇଗଲେ ।

ସ୍ୱାମୀ ତାଙ୍କ ବେଦ ପାଠଶାଳାର ପିଲାମାନଙ୍କୁ ଡାକିଲେ ଏବଂ ସୁରାଟରୁ ଆସିଥିବା ପିଲାମାନଙ୍କ ସମ୍ମୁଖରେ ବସିଲେ । ବାବା ପୁଟ୍ଟାପର୍ତ୍ତିର ପିଲାମାନଙ୍କୁ ବେଦର ଏକ ନିର୍ଦ୍ଦିଷ୍ଟ ପଂକ୍ତି ଉଚ୍ଚାରଣ କରିବାକୁ ନିର୍ଦ୍ଦେଶ ଦେଲେ । ସେମାନେ ଏହାକୁ ଭଲ ଭାବରେ ଜାଣିଥିଲେ ଏବଂ ତତ୍‌କ୍ଷଣାତ୍ ଉଚ୍ଚାରଣ କଲେ ।

ତାପରେ ସ୍ୱାମୀ ସୁରାଟର ପିଲାମାନଙ୍କୁ ଉଚ୍ଚାରଣ କରିବାକୁ କହିଥିଲେ । ସେମାନେ ମଧ୍ୟ ଠିକ୍ ଭାବରେ ଉଚ୍ଚାରଣ କଲେ ଏବଂ ପ୍ରତ୍ୟେକ ଜାଣି ପାରିଲେ ଯେ ସେମାନଙ୍କର ଉଁଚ୍ଚାରଣ ଠିକ୍ ଅଛି ।

ବାବା ସେମାନଙ୍କୁ ସାକ୍ଷାତକାର କୋଠରୀ ମଧ୍ୟକୁ ଡାକିନେଲେ ଏବଂ ସେମାନଙ୍କ ସହିତ ଫଟୋ ଉଠାଇଲେ । ସେମାନଙ୍କ ଭିତରୁ ଜଣେ ପିଲା ସ୍ୱାମୀଙ୍କୁ ପଚାରିଥିଲା ''ବାବା ! ଆପଣ କେବେ ସୁରାଟ ଆସୁଛନ୍ତି ?'' ସ୍ୱାମୀ ଉତ୍ତର ଦେଇଥିଲେ ''ମାଈୟାଙ୍କୁ ପଚାର । ମୁଁ ଦୈନିକ ସେଠାକୁ ଯାଏ ଏବଂ ତାଙ୍କ ପୂଜା ଘରେ ଅର୍ପଣ କରାଯାଉଥିବା ପ୍ରସାଦ ଗ୍ରହଣ କରେ ।'' ଏହା ଥିଲା ଏକ ବଡ଼ ସ୍ୱୀକାରୋକ୍ତି ।

ଏହି କାହାଣୀର ଚରମ ଅବସ୍ଥା ଆସିଥିଲା ଯେତେବେଳେ ସ୍ୱାମୀ ମାଈୟାଙ୍କୁ ସାକ୍ଷାତକାର କୋଠରୀକୁ ଡାକିଥିଲେ ଏବଂ ଜୋର ଦେଇ କହିଥିଲେ ''ଏଠାକୁ ଚାହଁ । ଯାହାଙ୍କୁ ଦେଖୁଛ ସେ କିଏ ?''

ବାବା ଅମ୍ମାମା'ଙ୍କ ରୂପ ଧାରଣ କରିଥିଲେ । ସେହି ରୂପରେ ମାଈୟା ସବୁବେଳେ ଅମ୍ମାମା'ଙ୍କୁ ଦେଖିଥାନ୍ତି । ଏ ରୂପ ଦେଖି ମାଈୟା ଚିତ୍କାର କରି ଉଠିଲେ ''ଅମ୍ମା ମା' ! ଆପଣ ଅମ୍ମାମା' ଜାଣି ମୁଁ ଅତ୍ୟନ୍ତ ଖୁସି ।''

ଯେତେବେଳେ ବାବା ତାଙ୍କ ନିଜ ରୂପକୁ ଫେରି ଆସିଲେ ମାଈୟା କହିଥିଲେ ''ମୁଁ ଆପଣଙ୍କୁ ଗୋଟିଏ ପ୍ରଶ୍ନ ପଚାରିବି କି ?'' ସ୍ୱାମୀ କହିଥିଲେ ''ହଁ, ମାଈୟା ପଚାର ।'' ଭାରତୀ ମାଈୟା ପଚାରିଥିଲେ ''ସୁରାଟର ଜୈନ ଗୋଷ୍ଠୀ ଏକ ବିରାଟ ହସ୍‌ପିଟାଲ ନିର୍ମାଣ କରୁଛନ୍ତି ଏବଂ ଆମକୁ ଏକ ସୁପର ଡାୟାଗ୍ନୋଷ୍ଟିକ୍ କେନ୍ଦ୍ର ସ୍ଥାପନ

କରିବା ପାଇଁ ଦାୟିତ୍ୱ ଦିଆଯାଇଛି । ଏଠାରେ ଗୋଟିଏ ଛାତ ତଳେ ସବୁ ପ୍ରକାର ପରୀକ୍ଷା ନିରୀକ୍ଷା କରାଯାଇ ପାରିବ । ଆମର ଏଭଳି କିଛି ବ୍ୟବସ୍ଥା ନାହିଁ । ଆମେ ତାହାହେଲେ କଣ କରିବୁ ?''

ପରମପ୍ରିୟ ସ୍ୱାମୀ ତତ୍‌କ୍ଷଣାତ୍ କହିଥିଲେ ''ମୁଁ ଯାହା କହିବି କରିବ ?'' ମାଇୟା ଉତ୍ତର ଦେଇଥିଲେ ''ହଁ ସ୍ୱାମୀ ।'' ସେ କହିଥିଲେ ''ତେବେ ତୁମେ ଯୁକ୍ତରାଜ୍ୟ ଓ ଆମେରିକାକୁ ଯାଅ । ତୁମ କାମ ସହଜରେ ହୋଇପାରିବ ।'' ତେଣୁ ଭାରତୀ ମାଇୟା ଯୁକ୍ତରାଜ୍ୟକୁ ଆସିଥିଲେ । ତାଙ୍କ ସହିତ ମନ୍ଦିରର ସେକ୍ରେଟାରୀ ମଧ୍ୟ ଆସିଥିଲେ । ସମୟକ୍ରମେ ସେମାନେ ଭଲ୍‌ଭର ହାମ୍ପଟନ୍‌ଠାରେ ଆମକୁ ସାକ୍ଷାତ କରିଥିଲେ । ଏହା ସ୍ୱାମୀଙ୍କର ସଂକଳ୍ପର ଫଳ । ବୋଧହୁଏ ସେ 'ଏହି ଦାସ'କୁ ପଠାଇ ମାଈୟାଙ୍କ କାର୍ଯ୍ୟ କରିବାକୁ ଚାହିଁଥିଲେ । ମୁଁ ଭାରତୀ ମାଈୟାଙ୍କୁ ଯୁକ୍ତରାଜ୍ୟର ବିଭିନ୍ନ ସ୍ଥାନକୁ ନେଇଥିଲି ଏବଂ ସୁପର ଡାୟାଗ୍ନୋଷ୍ଟିକ ସେଣ୍ଟରର ବର୍ଣ୍ଣନା ଶୁଣି ସମସ୍ତେ ସାହାଯ୍ୟ କରିବା ପାଇଁ ଖୁସିରେ ରାଜି ହୋଇଥିଲେ । ତାଙ୍କ ଆଶୀର୍ବାଦରୁ ବହୁ ଭକ୍ତଙ୍କର ସ୍ୱାସ୍ଥ୍ୟର ଉନ୍ନତି ଘଟିଥିଲା ଏବଂ ଦୀର୍ଘଦିନ ପାଇଁ ଯେଉଁମାନଙ୍କର ସନ୍ତାନ ସନ୍ତତି ନ ଥିଲେ ସେମାନେ ବର୍ଷେ ଦୁଇବର୍ଷ ମଧ୍ୟରେ ଗର୍ଭବତୀ ହୋଇଥିଲେ । ମାଈୟାଙ୍କ ଆଶୀର୍ବାଦ ବିଭିନ୍ନ ସ୍ଥାନରେ ତାଙ୍କର ଦୁଇ ସପ୍ତାହ ରହଣୀ କାଳ ମଧ୍ୟରେ ଭକ୍ତମାନଙ୍କୁ ସାହାଯ୍ୟ କରିଥିଲା ।

ମୁଁ କାଲିଫର୍ଣ୍ଣିଆରେ ରହୁଥିବା ମୋ ଭଉଣୀ ହଂସା ଓ ତାର ସ୍ୱାମୀଙ୍କୁ ମାଈୟାଙ୍କୁ ସାହାଯ୍ୟ କରିବାକୁ କହିଥିଲି । ମାଇୟା ଏଭଳି ଏକ ଦିବ୍ୟ ନାରୀ ଯେ ତାଙ୍କ ପ୍ରତି ସମସ୍ତେ ଆକୃଷ୍ଟ ହୋଇପଡୁଥିଲେ ଏବଂ କାଲିଫର୍ଣ୍ଣିଆର ବହୁଭକ୍ତ ତାଙ୍କୁ ନିମନ୍ତ୍ରଣ କରିଥିଲେ । ସେଠାରେ ମାଈୟାଙ୍କ ରହଣୀ କାଳରେ ଲୋକମାନଙ୍କର ପ୍ରତିକ୍ରିୟା ଶୁଭଙ୍କର ଓ ଧନାତ୍ମକ ଥିଲା । ପରମପ୍ରିମ ସ୍ୱାମୀଙ୍କର ନିର୍ଦ୍ଦେଶ ଅନୁସାରେ ମାଈୟାଙ୍କ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା ଏବଂ ସେ ସୁରାଟରେ ସୁପର ଡାୟାଗ୍ନୋଷ୍ଟିକ୍ କେନ୍ଦ୍ର ସ୍ଥାପନ କରିପାରିଥିଲେ । ପ୍ରେମର ନିଦର୍ଶନ ସ୍ୱରୂପ ଏକ ଟଙ୍କା ଲେଖାଁ ସମ୍ପୂର୍ଣ୍ଣ ପରୀକ୍ଷା ନିରୀକ୍ଷା ପାଇଁ ରୋଗୀମାନଙ୍କଠାରୁ ନିଆଯାଉଥିଲା । ପରୀକ୍ଷା ନିରୀକ୍ଷା ପରେ ରୋଗୀମାନଙ୍କୁ ଜୈନ ଗୋଷ୍ଠୀ ଦ୍ୱାରା ପ୍ରତିଷ୍ଠିତ ହସ୍‌ପିଟାଲକୁ ଚିକିତ୍ସା ପାଇଁ ବିଶେଷକରି ଅସ୍ତ୍ରୋପଚାର ପାଇଁ ପଠାଇ ଦିଆଯାଉଥିଲା ।

ଆମେ ସମସ୍ତେ ଜାଣୁ ପରମପ୍ରିୟ ସ୍ୱାମୀ ପୁଟ୍ଟାପର୍ତ୍ତି ନିକଟରେ ଏକ ସୁନ୍ଦର ହସ୍‌ପିଟାଲ ପ୍ରତିଷ୍ଠା କରିଛନ୍ତି । ଏହାର ନାମ ଶ୍ରୀ ସତ୍ୟସାଇ ସୁପର ସ୍ପେଶିଆଲିଟି ହସ୍ପିଟାଲ । ଏଠାରେ ମାଗଣାରେ ଚିକିତ୍ସା କରାଯାଏ । ଏପରିକି ରୋଗୀର ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏଠାରେ ଅସ୍ତ୍ରୋପଚାର ଚିକିତ୍ସା ମଧ୍ୟ କରାଯାଏ । ଆମେ ମଧ୍ୟ ଜାଣୁ ଏତାଦୃଶ ଦ୍ୱିତୀୟ ହସ୍‌ପିଟାଲ ବାଙ୍ଗାଲୋରଠାରେ ପ୍ରତିଷ୍ଠିତ ହୋଇଛି । ଏହା କର୍ଣ୍ଣାଟକ ରାଜ୍ୟରେ ସର୍ବବୃହତ୍ ହସ୍‌ପିଟାଲ ।

ପରମପ୍ରିୟ ସ୍ୱାମୀ ମାଈୟାଙ୍କୁ ଦେଖାଇଦେଲେ ଯେ ତାଙ୍କ ସଂକଳ୍ପ ହେଉଛି ଚୂଡ଼ାନ୍ତ ଏବଂ ସବୁକିଛି ତାଙ୍କ ଯୋଜନା ଅନୁସାରେ କାର୍ଯ୍ୟକାରୀ ହୋଇଥାଏ । ଗଡ଼ିଆ ପରିବାରକୁ ଏସବୁ କାର୍ଯ୍ୟରେ ସାମିଲ କରିବାକୁ ସ୍ୱାମୀ ନିଶ୍ଚୟ ସ୍ଥିର କରିଥିଲେ । ସେ କାମ୍ପାଲାଠାରେ କହିଥିଲେ ଯେ, ଗଡ଼ିଆ ପରିବାର ହେଉଛି ସାଇ ପରିବାର । ଯୁକ୍ତରାଜ୍ୟରେ ଥିଲାବେଳେ ମାଈୟାଙ୍କୁ ସାହାଯ୍ୟ କରିବା ପାଇଁ 'ଏହି ଦାସ'କୁ ଡାକରା ଆସିଥିଲା । ଅନୁରୂପ ଭାବରେ ଆମେରିକାରେ ରହୁଥିବା ମୋ ଭଉଣୀ ହଂସାକୁ ପରମପ୍ରିୟ ସ୍ୱାମୀଙ୍କ ପାଦପଦ୍ମରେ ସେହିପରି କାର୍ଯ୍ୟ ପାଇଁ ସୁଯୋଗ ମିଳିଥିଲା । ଆମ ପରିବାର ଉପରେ ଏହିପରି ସ୍ୱାମୀଙ୍କର କୃପାଦୃଷ୍ଟି ପଡ଼ିଥିଲା ।

ପରମପ୍ରିୟ ସ୍ୱାମୀ କହିଥିଲେ ''ତୁମର ଯେତେବେଳେ ସାହାଯ୍ୟ ଦରକାର ମୋତେ କୁହ । କେବଳ ଭଗବାନଙ୍କ କୃପା ପାଇଁ ହସ୍ତ ପ୍ରସାରଣ କର । ନିଜର ଅଧିକାର ଭାବରେ କୃପା ପ୍ରାର୍ଥନା କର, ନୀଚ ମନୋବୃତ୍ତି ନେଇ ନୁହେଁ । ପ୍ରାର୍ଥନା କର ଯେପରି ଗୋଟିଏ ଶିଶୁ ତାର ବାପା ମା'ଙ୍କୁ କିଛି ମାଗିଥାଏ । ଅନୁଭବ କର ଭଗବାନ ତୁମର ଅତି ନିକଟରେ ଅଛନ୍ତି ଏବଂ ତୁମର ଅତି ପ୍ରିୟ । କୃପା ସେହିମାନଙ୍କୁ ପ୍ରଦାନ କରାଯାଏ ଯେଉଁମାନେ ପ୍ରକୃତରେ କୃପା ଚାହାଁନ୍ତି । ଦରଜାରେ କରାଘାତ କର, ଦରଜା ନିଶ୍ଚୟ ଖୋଲିବ । ମାଗ, ଖାଦ୍ୟ ଯୋଗାଇ ଦିଆଯିବ । ଅନ୍ୱେଷଣ କର, ସମ୍ପଦ ତୁମର ହୋଇଯିବ ।

ମାଈୟା ଅମ୍ୱା ମା'ଙ୍କର ଦିବ୍ୟ ଦର୍ଶନ ଲାଭ କରିବା ପରେ ପରମପ୍ରିୟ ସ୍ୱାମୀଙ୍କୁ ବାବା ଭାବରେ ନୁହେଁ ମା' ଭାବରେ ପ୍ରାର୍ଥନା କରୁଥିଲେ । ସ୍ୱାମୀ ତାଙ୍କର ସକଳ ଇଚ୍ଛା ପୂରଣ କରିଥିଲେ ।

ପରମପ୍ରିୟ ସ୍ୱାମୀ କହିଛନ୍ତି ''ଭଗବାନ ପ୍ରତ୍ୟେକଙ୍କୁ ପ୍ରକୃତ ଭକ୍ତଭାବରେ ସମ୍ବୋଧନ କରନ୍ତି ନାହିଁ । ଯଦି ତୁମେ ଜଣେ ପ୍ରକୃତ ଭକ୍ତ ହୋଇଥାଅ ତାହାହେଲେ ଭଗବାନ ତୁମକୁ 'ପ୍ରକୃତ ଭକ୍ତ' ବୋଲି ଡାକିବେ । ତୁମେ ନିଜକୁ ଜଣେ ଭକ୍ତ ବୋଲି କହିବା ଠିକ୍ ନୁହେଁ । କେବଳ ଭଗବାନ ତୁମକୁ ତାଙ୍କ ଭକ୍ତ ବୋଲି କହିପାରନ୍ତି ।''

ପରମପ୍ରିୟ ମାଈୟା ଆନ୍ତରିକତାର ସହିତ ଓ ନିଷ୍ପାପର ଭାବରେ ଅମ୍ୱା ମା'ଙ୍କୁ ପୂଜା କରୁଥିଲେ । ଅମ୍ୱା ମା' ହେଉଛନ୍ତି ପରମପ୍ରିୟ ସ୍ୱାମୀଙ୍କର ବାମଭାଗ । ତେଣୁ ତାଙ୍କର ପ୍ରକୃତ ଭକ୍ତ ଭାବରେ ମାଈୟାଙ୍କୁ ଅମ୍ୱାମା'ଙ୍କ ଦିବ୍ୟଦୃଷ୍ଟି ପ୍ରଦାନ କରିଥିଲେ ।

ପରମପ୍ରିୟ ବାବା ଓ ପରମପ୍ରିୟ ଭାରତୀ ମାଈୟାଙ୍କ ପ୍ରତି ଆମର ଆନ୍ତରିକ ଓ ନିଷ୍ପାପର ଭକ୍ତି ସହ ସମ୍ମାନ ପ୍ରଦର୍ଶନ ପୂର୍ବକ ଏହି ଅଧ୍ୟାୟଟି ଶେଷ କରୁଛୁ ।

❑❑

ଅଧ୍ୟାୟ - ୪୬

ଲଣ୍ଡନର ଶ୍ରୀ ସାଇରାମ କେନ୍ଦ୍ରର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

ପରମପ୍ରିୟ ସ୍ୱାମୀ ମିଷ୍ଟର ରାଇ କାପୁରଙ୍କୁ ଶ୍ରୀ ସାଇରାମ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ସଦୟ ଅନୁମତି ପ୍ରଦାନ କରିଥିଲେ । ଏହି କେନ୍ଦ୍ରର ଲକ୍ଷ୍ୟ ଥିଲା ସାଇ କେନ୍ଦ୍ର ଓ ସଂଗଠନଗୁଡ଼ିକ ଯେଉଁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିଚାଳନା କରନ୍ତି ସେ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା । ଲଣ୍ଡନର ଫିଞ୍ଚ୍‌ଲେ ରୋଡ଼ରେ ମିଷ୍ଟର କାପୁର ଏକ ଦୋକାନ ମଧ୍ୟ ଖୋଲିଥିଲେ । ଏହି ଦୋକାନରେ ପ୍ରଶାନ୍ତି ନିଲୟମ୍‌ରୁ ପ୍ରକାଶିତ ବହି ଏବଂ ଚେନ୍, ମୁଦି, ଫଟୋ ଓ ଅନ୍ୟାନ୍ୟ ଏଭଳି ପଦାର୍ଥ ବିକ୍ରି କରାଯାଏ । ଦୋକାନର ତଳ ମହଲାରେ ଆଗ୍ରହୀ ବ୍ୟକ୍ତିମାନଙ୍କ ପାଇଁ ବିଭିନ୍ନ ପ୍ରକାରର ଭିଡ଼ିଓ କ୍ୟାସେଟ୍ ପ୍ରଦର୍ଶନର ବ୍ୟବସ୍ଥା କରାଯାଇଅଛି । ଏଠାରେ ସେମାନେ ବାବାଙ୍କ ସମ୍ପର୍କରେ ଏବଂ ଅନ୍ୟାନ୍ୟ ଆଧ୍ୟାତ୍ମିକ ତଥ୍ୟ ସମ୍ପର୍କରେ ଜ୍ଞାନ ଅର୍ଜନ କରିଥାନ୍ତି ।

କିଛିଦିନ ପରେ ଆଧ୍ୟାତ୍ମିକ କେନ୍ଦ୍ର ଓ ଚର୍ଚ୍ଚଗୁଡ଼ିକର ସଭ୍ୟମାନେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ସମ୍ପର୍କରେ କହିବା ପାଇଁ ଆମକୁ ନିମନ୍ତ୍ରଣ କରିଥିଲେ । ସ୍ୱାମୀଙ୍କ ଜୀବନ ସମ୍ପର୍କରେ କିଛି ତଥ୍ୟ ଓ ତାଙ୍କର ଉପଦେଶ ସମ୍ବଳିତ ଆଲୋଚନାରୁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ପରେ ମୁଁ ମୋର ବ୍ୟକ୍ତିଗତ ଅଭିଜ୍ଞତା ବର୍ଣ୍ଣନା କରିଥିଲି । ଗୋଟିଏ ଭିଡିଓ ଫିଲ୍ମ ପ୍ରଦର୍ଶନ କରାଯାଇଥିଲା ଏବଂ ପ୍ରଶ୍ନୋତ୍ତର ଅଧିବେଶନ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

ଆଧ୍ୟାତ୍ମିକତା ସମ୍ପର୍କରେ ବାବା କହନ୍ତି ''ଆଧ୍ୟାତ୍ମିକତାର ଅର୍ଥ ନୁହେଁ ନିର୍ଜନତା କିମ୍ବା ଏକାକି ରହିବାର ଅବସ୍ଥା । ଆଧ୍ୟାତ୍ମିକତା ସାଂସାରିକ ବନ୍ଧନ ଓ ଘୃଣା ଭାବର ବହୁ ଊର୍ଦ୍ଧ୍ୱରେ । ଏହା ତୁମକୁ ଐକ୍ୟ ଏବଂ ସମଗ୍ର ମାନବ ଜାତିର ଏକତ୍ୱକୁ ବୁଝାଏ । ନିର୍ଜନତା ଭିତରେ ଏକୁଟିଆ ଜୀବନଯାପନ କରିବାକୁ ଆଧ୍ୟାତ୍ମିକତା କହିବା ସମ୍ପୂର୍ଣ୍ଣ ଭୁଲ୍ । ଆଧ୍ୟାତ୍ମିକତା ଅନ୍ତର୍ଜୀବନକୁ ବୁଝାଏ ।''

''ବର୍ତ୍ତମାନ ସମଗ୍ର ପୃଥିବୀ ଦୈନ୍ୟ ଅବସ୍ଥାରେ ରହିଛି କାରଣ ପ୍ରେମ ଆରାଧନା ଏବଂ ଅନ୍ୟାନ୍ୟ ସମସ୍ତ ସାଧନା ଆତ୍ମପ୍ରୌଢ଼ି ବା ଦେଖାଇ ହେବା ପାଇଁ ଉଦ୍ଦିଷ୍ଟ ।

ବର୍ତ୍ତମାନର ଆଧ୍ୟାତ୍ମିକତା ଅବାସ୍ତବ ଏବଂ ମୂଲ୍ୟହୀନ ବୋଲି ବିଚାର କରାଯାଏ । କାରଣ ଏଥିରେ ଭଗବାନଙ୍କ ନିର୍ଦ୍ଦେଶ ପାଳନ କଲାଭଳି ଆନ୍ତରିକତା ନ ଥାଏ । ଏତାଦୃଶ ଅବାସ୍ତବ ଚିନ୍ତାଧାରା ସମ୍ପୂର୍ଣ୍ଣ ଭୁଲ । ଜଣକର ଦ୍ୱୈତ ମନୋବୃତ୍ତି ରହିବା ଉଚିତ ନୁହେଁ । ଦ୍ୱୈତ ମନୋଭାବ ନେଇ ଜଣେ ବ୍ୟକ୍ତି ଅଧା ଅନ୍ଧ । ତେଣୁ ମୋର ଓ ତାର ଏଭଳି ବାଛବିଚାର କର ନାହିଁ । ଭଗବାନ ଓ ଭକ୍ତଙ୍କ ମଧ୍ୟରେ କେବଳ ଦିବ୍ୟ ସମ୍ପର୍କ ରହିବା ଉଚିତ ।''

ନିମ୍ନଲିଖିତ ଆଧ୍ୟାତ୍ମିକ କେନ୍ଦ୍ର ପରଦର୍ଶନ କରିବା ପାଇଁ ସାଇରାମ କେନ୍ଦ୍ର ସବୁ ବ୍ୟବସ୍ଥା କରିଥିଲେ । ସେହି କେନ୍ଦ୍ରଗୁଡ଼ିକ ହେଲା ମେଡେନ୍‌ହେଡ଼ ଆଧ୍ୟାତ୍ମିକ ଚର୍ଚ୍ଚ, ସ୍ୱିଣ୍ଡନ ଆଧ୍ୟାତ୍ମିକ ଚର୍ଚ୍ଚ, ହିଲିଂ ସାଂଚୁଆରୀ, ଗ୍ରେଟ୍‌ବ୍ରିଟେନ ଆଧ୍ୟାତ୍ମିକ ସମିତି ଏବଂ ଚେଷ୍ଟର ଫିଲ୍ଡ ଜାତୀୟ ଆଧ୍ୟାତ୍ମିକ ଚର୍ଚ୍ଚ ।

ସ୍ୱାମୀଙ୍କର ସଦ୍ୟ ବାର୍ତ୍ତା ବା ସନ୍ଦେଶ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ନିମ୍ନଲିଖିତ ସ୍ଥାନମାନଙ୍କରେ ସ୍ୱତନ୍ତ୍ର ଦିବସ ପାଳନର ବ୍ୟବସ୍ଥା କରାଯାଇଥିଲା । ସେ ସ୍ଥାନଗୁଡ଼ିକ ହେଲା ଚେଲଟେନ୍‌ହାମ୍, ଚେସ୍‌ହାମ୍, ଗ୍ଲାସ୍‌ଗୋ, ହିଚିନ୍, ଆଇଲିଅଫ୍‌ୱିଟ୍, ମେଲ୍‌କହାମ୍, ଷ୍ଟାନ୍‌ଷ୍ଟେଡ୍, ଓ୍ୱେଷ୍ଟଲିଫ୍‌ଟ ଅଫ୍ ସି ଏବଂ ଅନ୍ୟାନ୍ୟ । ଏଥିପାଇଁ କଠିନ ପରିଶ୍ରମ କରିଥିବା ଦଳରେ ଥିଲେ ମିଷ୍ଟର ଏସ. ଭି. ଦେଓ, ମିଷ୍ଟର ମନୁଭାଇ ୟୁନାଦ୍‌କାଟ, ମିଷ୍ଟର ରମଣ ଭାଇ ସୋଲାଙ୍କି ଏବଂ ମିଷ୍ଟର ରେଗ୍ ଓ ତାଙ୍କ ପତ୍ନୀ ସାଣ୍ଡ୍ରା । ପରେ ପରେ ଅନ୍ୟ ଭକ୍ତମାନେ ମଧ୍ୟ ଏହି ଦଳରେ ଯୋଗ ଦେଇଥିଲେ । ପ୍ରତ୍ୟେକ ସଭାରେ ରେଗ୍ ପ୍ରାରମ୍ଭିକ ବକ୍ତବ୍ୟରେ କହୁଥିଲେ ''ମୁଁ ଏ ପର୍ଯ୍ୟନ୍ତ ଯାଇ ନାହିଁ କିମ୍ବା ସ୍ୱାମୀଙ୍କୁ ଦେଖି ନାହିଁ । କିନ୍ତୁ ଯେଉଁ ବ୍ୟକ୍ତି ବହୁ ବର୍ଷ ଧରି ତାଙ୍କର ନିକଟ ସମ୍ପର୍କରେ ଆସିଛନ୍ତି ସେ ତାଙ୍କର ଅଭିଜ୍ଞତା ଆପଣମାନଙ୍କ ଆଗରେ ବର୍ଣ୍ଣନା କରିବେ ।'' ତା ପରେ ସେ ମୋତେ କହିବାକୁ କହନ୍ତି । ମୁଁ ଭଗବାନଙ୍କର ଦିବ୍ୟବାର୍ତ୍ତା ଦେଇ ସାରିବା ପରେ ମିଷ୍ଟର ଦେଓ ଏବଂ ମିଷ୍ଟର ୟୁନାଦ୍‌କାଟ ସତ୍ୟସାଇ ବାବାଙ୍କ ଉପରେ ଭିଡ଼ିଓ କ୍ୟାସେଟ୍ ପ୍ରଦର୍ଶନ କରନ୍ତି । ପ୍ରତ୍ୟେକେ ବାବାଙ୍କର ଅଲୌକିକ ବ୍ୟକ୍ତିତ୍ୱ ସମ୍ପର୍କରେ ଅବଗତ ହୁଅନ୍ତି ଏବଂ ପ୍ରଶାନ୍ତି ନିଳୟମ ଯିବା ପାଇଁ ପ୍ରେରଣା ପାଆନ୍ତି ।

ହାଇଡ୍ ପାର୍କର ଗୋଟିଏ କୋଣରେ ଅବସ୍ଥିତ ଗ୍ରେଟ୍ ବ୍ରିଟେନ୍‌ର ଆଧ୍ୟାତ୍ମିକ ସମିତି (ଲଣ୍ଡନର ଏକ ବୃହତ୍ ଆଧ୍ୟାତ୍ମିକ କେନ୍ଦ୍ର)ରେ ପେଗି ମାସନ୍ ଏବଂ ତାଙ୍କର ସ୍ୱାମୀ ରନ୍‌ଲେଇଙ୍ଗ 'ଏହି ଦାସ'କୁ 'ଓମ୍' ସମ୍ପର୍କରେ କହିବା ପାଇଁ ନିମନ୍ତ୍ରଣ କରିଥିଲେ । 'ଓମ୍' ହିନ୍ଦୁ ବିଶ୍ୱାସର ସଂକେତ । ଗ୍ରେଟ୍‌ବ୍ରିଟେନ୍‌ର ଆଧ୍ୟାତ୍ମିକ ସମିତିର ସଭ୍ୟମାନଙ୍କୁ ଏ

ସମ୍ପର୍କରେ କହିବାକୁ ସେ ଅନୁରୋଧ କରିଥିଲେ । ମୁଁ ପ୍ରଥମେ 'ଓମ୍' ଏବଂ ଏହାର ଗୁରୁତ୍ୱ ବା ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇବା ସଙ୍ଗେ ସଙ୍ଗେ ଏହା ଠିକ୍ ଭାବରେ କିପରି ଉଚ୍ଚାରଣ କରାଯିବ ତାହା ନିଜେ ଉଚ୍ଚାରଣ କରି ଦେଖାଇ ଦେଇଥିଲି ।

'ଓମ୍' ଏବଂ ଏହାର ତାତ୍ପର୍ଯ୍ୟ

'ଓମ୍'କୁ 'ଓଁକାର' ମଧ୍ୟ କୁହାଯାଏ । ଏହା ସମଗ୍ର ସୃଷ୍ଟିକୁ ଭେଦ କରିଥିବା ଏକ ପ୍ରକମ୍ପନ । ଏହା ସୃଷ୍ଟିର ଜୀବନ ପ୍ରକ୍ରିୟା । ସେଇଥିପାଇଁ 'ଓମ୍' ଶବ୍ଦକୁ ପ୍ରଣବ କୁହାଯାଏ । ଏହା ପ୍ରାଣ (ଜୀବନ ଶକ୍ତି) ଶବ୍ଦରୁ ଉତ୍ପତ୍ତି ଲାଭ କରିଛି । ଏହା ସମସ୍ତ ଜୀବସତ୍ତା ମଧ୍ୟରେ ପରିବ୍ୟାପ୍ତ । ଏହି ଶବ୍ଦର ସମ୍ପୂର୍ଣ୍ଣ ବର୍ଣ୍ଣନା ହିନ୍ଦୁ ଧର୍ମ ଶାସ୍ତ୍ର ବେଦ ଓ ଉପନିଷଦରେ ଦିଆଯାଇଛି ।

ପରମପ୍ରିୟ ସ୍ୱାମୀ କହିଥିଲେ ''ଆଦି ଶବ୍ଦ ପ୍ରଣବକୁ ଶୁଣ । 'ଓମ୍' ତୁମ ହୃଦୟରେ ଏବଂ ସମଗ୍ର ବିଶ୍ୱରେ ପ୍ରତିଧ୍ୱନିତ ହେଉଛି । ଏହା ଭଗବାନଙ୍କର ସବୁ ପ୍ରକାରର ନାମ ଓ ରୂପର ସଂକେତ ଦେଇଥାଏ । ଏହି ଶବ୍ଦ 'ଓମ୍' ତିନୋଟି ଅକ୍ଷର ଯଥା ଅ + ଉ + ମ କୁ ନେଇ ଗଠିତ ଏବଂ ଏହି ତିନୋଟି ଅକ୍ଷର ଯଥାକ୍ରମେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ-ବୁଝାଇଥାଏ । ତେଣୁ ପ୍ରଣବ ମଧ୍ୟରେ ସବୁ ନାମ ରହିଛି । ପୂଜା କରାଯାଉଥିବା ଭଗବାନଙ୍କର ସବୁ ପ୍ରକାର ରୂପ ଓ ନାମର ଏହା ମୂଳ ଭିତ୍ତି ।''

ପରମପ୍ରିୟ ସ୍ୱାମୀ ଏହାକୁ ଅତି ସୁନ୍ଦର ଭାବରେ ବୁଝାଇଛନ୍ତି । ''ଆମ ନିଃଶ୍ୱାସ ପ୍ରଶ୍ୱାସରେ ଆମେ ସବୁବେଳେ 'ସୋଽହମ୍' ବୋଲି କହିଥାଉ । ଭିତରକୁ ବାୟୁ ନେଲାବେଳେ 'ସୋଽ' ଏବଂ ବାୟୁ ବାହାରକୁ ଛାଡ଼ିଲାବେଳେ 'ହମ୍'ଉଚ୍ଚାରିତ ହୁଏ । ମନ ମଧ୍ୟରେ ମଧ୍ୟ ଏହାକୁ ଉଚ୍ଚାରଣ କର । ଏହା କଲେ ମନ ସ୍ଥିର ଓ ଶାନ୍ତ ରହିବ । କିଛି ସମୟ ପରେ ଏହା ସ୍ୱତଃ ଉଚ୍ଚାରିତ ହେବ । ଦିନବେଳେ କୁହ 'ସୋଽହମ୍' । ରାତ୍ରିରେ ନିଦ୍ରାବସ୍ଥାରେ ଏହା ମନକୁ ମନ 'ଓମ୍'ରେ ପରିବର୍ତ୍ତିତ ହେବ । ଏହା ଏକ ଭାରତୀୟ ବା ଆମେରିକୀୟ ଶବ୍ଦ ନୁହେଁ । ଏହା ଏକ ଶବ୍ଦ ଯାହା ଶ୍ୱାସକ୍ରିୟାହିଁ ଉଚ୍ଚାରଣ କରିଥାଏ । ଯେତେବେଳେ ମନର ଅସ୍ଥିରତା ନଥାଏ ଏବଂ ଶ୍ୱାସକ୍ରିୟା ସମତାଳରେ, ନିରବଚ୍ଛିନ୍ନ ଭାବରେ ଓ ସ୍ୱାଭାବିକ ଅବସ୍ଥାରେ ରହିଥାଏ ସେତେବେଳେ ଶ୍ୱାସକ୍ରିୟାର ଉଚ୍ଚାରିତ ଶବ୍ଦ ହେଲା 'ସୋଽହମ୍' ।''

'ଓମ୍' ମନ, ଜିହ୍ୱା, ହୃଦୟ ଇତ୍ୟାଦି ସବୁଥିରେ ରହିଛି । 'ଓମ୍' ତିନୋଟି ଅକ୍ଷରର ସମଷ୍ଟି (ଅ + ଉ + ମ) । 'ଅ' ନାଭିକେନ୍ଦ୍ରରୁ ଉତ୍ପତ୍ତି ଲାଭ କରିଥାଏ । 'ଉ' ଗଳା ଓ ଜିହ୍ୱା ମଧ୍ୟଦେଇ ପ୍ରବାହିତ ହୋଇଥାଏ ଏବଂ 'ମ' ଦୁଇ ଓଠ ବନ୍ଦ ହେବାରେ ଶେଷ

ହୁଏ । ଏକୋଇଶ ଥର ଓମ୍‌କାର ଉଚ୍ଚାରଣ କରିବା ଗୁରୁତ୍ୱପୂର୍ଣ୍ଣ କାରଣ ସେଗୁଡ଼ିକ ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ରିୟ, ପଞ୍ଚ ଭୂତ (ମୌଳିକ ବସ୍ତୁ), ପଞ୍ଚ କୋଷ ଏବଂ ଆତ୍ମାର ପ୍ରତିନିଧିତ୍ୱ କରିଥାନ୍ତି । ଏକୋଇଶ ଥର ଓମ୍‌କାର ଉଚ୍ଚାରଣ ଏହି ଏକୋଇଶଟି ଉପାଦାନକୁ ବିଶୁଦ୍ଧ କରିଥାଏ ଏବଂ ଶେଷରେ ଚରମ ବାସ୍ତବତା ବା ଭଗବାନଙ୍କ ସହିତ ମିଶିଯିବା ପାଇଁ (ମୋକ୍ଷପ୍ରାପ୍ତି) ଏହି ଏକୋଇଶିଟି ସତ୍ତା ମଣିଷକୁ ପ୍ରସ୍ତୁତ କରି ରଖିଥାଏ ।''

''ପ୍ରଶାନ୍ତି ନିଳୟମ୍‌ରେ ପ୍ରତ୍ୟହ ପ୍ରଭାତରୁ ଏକୋଇଶ ଥର ଓମ୍‌କାର ଉଚ୍ଚାରଣ କରାଯାଏ ଏବଂ ଶେଷରେ ତିନିଥର 'ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ' ଉଚ୍ଚାରଣ କରି ପ୍ରଣବ ଶେଷ କରାଯାଏ । ଏହାଦ୍ୱାରା ବିଶୁଦ୍ଧିକରଣ ଓ ପବିତ୍ରିକରଣ କାର୍ଯ୍ୟ ସମାପ୍ତ କରାଯାଏ । ପ୍ରଥମ 'ଶାନ୍ତି' ମନର ସ୍ୱଚ୍ଛତା, ଦ୍ୱିତୀୟ 'ଶାନ୍ତି' ଶରୀରର ବିଶୁଦ୍ଧତା ଏବଂ ତୃତୀୟ 'ଶାନ୍ତି' ଆତ୍ମାର ପବିତ୍ରତା ପାଇଁ ଉଦ୍ଦିଷ୍ଟ । ଓମ୍ ଉଚ୍ଚାରଣ ତୁମକୁ ଠିକ୍ ବାଟରେ ପକାଇଦେବ ଏବଂ ମନର ଆଲୋଡନକୁ ସ୍ଥିର କରିଦେବ । ଫଳରେ ଭଗବାନଙ୍କ କୃପା ବାରି ବର୍ଷଣ ତ୍ୱରାନ୍ୱିତ ହେବ ।''

ପରମପ୍ରିୟ ସ୍ୱାମୀ ପୁଣି କହିଥିଲେ ''ଓମ୍ ହେଉଛି ଭଗବାନଙ୍କର ନାମ । ଏହା ସଚରାଚର ଗୃହୀତ । ଖ୍ରୀଷ୍ଟିୟାନ୍‌ମାନେ ସେମାନଙ୍କର ଦୈନିକ ପ୍ରାର୍ଥନାରେ 'ଆମେନ' (Amen = let it be = ତଥାସ୍ତୁ) ଉଚ୍ଚାରଣ କରନ୍ତି । ଏହା କେବଳ ଓମ୍‌ର ଅନ୍ୟ ରୂପ । ଏହାର ବିଶ୍ୱବ୍ୟାପି ବ୍ୟବହାର ଓ ଗୁରୁତ୍ୱ ରହିଛି । ଏହା ସମୟ, ସ୍ଥାନ, ଧର୍ମ ଓ ସଂସ୍କୃତିର ସମସ୍ତ ବାଧାବିଘ୍ନକୁ କାଟି ଦେଇଥାଏ । ଏହା ସମସ୍ତଙ୍କ ଦ୍ୱାରା ଉଚ୍ଚାରିତ ହୋଇପାରିବ । ସମଗ୍ର ବିଶ୍ୱ ହେଉଛି ଓମ୍ ଶବ୍ଦର ପ୍ରକମ୍ପନ । ମନେରଖ ତୁମେ ଶେଷରେ ଭଗବାନଙ୍କଠାରେ ମିଶିଯିବ ଯେପରି ଏକ ପାଣିଫୋଟକା ପାଣିରୁ ଉତ୍ପନ୍ନ ହୋଇ ସେହି ପାଣିରେ ହିଁ ମିଳାଇଯାଏ । ସେଇଥିପାଇଁ ନିଜ ଭିତରେ ପୁନରାବୃତ୍ତି କରି ବାରମ୍ବାର 'ଓମ୍' ଉଚ୍ଚାରଣ କର ।''

ଗ୍ରେଟ୍‌ବ୍ରିଟେନ୍‌ର ଆଧ୍ୟାତ୍ମିକ ସମିତି ଦ୍ୱାରା ଆୟୋଜିତ ଏକ ଆଲୋଚନା ସଭାରେ 'ଓମ୍'ର ବର୍ଣ୍ଣନା ଓ ତାତ୍ପର୍ଯ୍ୟ ସମ୍ପର୍କରେ କହିବା ପରେ ମୁଁ ଏହା କିପରି ଉଚ୍ଚାରଣ କରାଯାଏ ତାହା ଉଚ୍ଚାରଣ କରି ଦେଖାଇ ଦେଇଥିଲି । ଏହା କିପରି ଉଚ୍ଚାରଣ କରାଯାଏ ତାହା ନିମ୍ନରେ ବର୍ଣ୍ଣନା କରାଗଲା ।

ଓମ୍ ଉଚ୍ଚାରଣ

ପ୍ରଥମେ ଆରାମରେ ସୁବିଧା ଅନୁସାରେ ଚେକାମାଡ଼ି ବସ ଏବଂ ତା'ପରେ ଦୀର୍ଘଶ୍ୱାସ ଗ୍ରହଣ କର ଓ ପରେ ପରେ ଶ୍ୱାସ ବାୟୁ ତ୍ୟାଗ କର । ଯେତେବେଳେ ଶ୍ୱାସ

ଗ୍ରହଣ କରାଯାଏ ସେତେବେଳେ ଅମ୍ଳଜାନ ଶରୀର ମଧ୍ୟକୁ ଯାଏ ଏବଂ ଶ୍ୱାସତ୍ୟାଗ ସମୟରେ ଅଙ୍ଗାରକାମ୍ଳ ବହିଷ୍କୃତ ହୋଇଥାଏ । ଶ୍ୱାସ ଗ୍ରହଣ ସମୟରେ ବାୟୁ ନାଭିକେନ୍ଦ୍ର ପର୍ଯ୍ୟନ୍ତ ଯିବା ଅନୁଭୂତ ହୁଏ । ଏହି ଅବସ୍ଥାରେ 'ଓମ୍' ଉଚ୍ଚାରଣ ମନ୍ଥର ଭାବେ ଆରମ୍ଭ ହୁଏ ।

ଯଦି ତୁମେ ଗୋଟିଏ ଗୋଡ଼ି ହ୍ରଦର ସ୍ଥିର ଜଳକୁ ନିକ୍ଷେପ କର ତେବେ ବୃତ୍ତାକାର ତରଙ୍ଗ କେନ୍ଦ୍ରଠାରୁ ଆରମ୍ଭ ହୋଇ ଗୋଟିକ ପରେ ଗୋଟିଏ ବାହାରକୁ କୂଳ ଆଡ଼କୁ ବିସ୍ତାରିତ ହୁଏ । ସେହିଭଳି ଭାବରେ 'ଓମ୍' ଉଚ୍ଚାରଣ ଜନିତ ଶବ୍ଦ ତରଙ୍ଗ ନାଭିକେନ୍ଦ୍ରରୁ ଆରମ୍ଭ ହୋଇ ବିସ୍ତାର ଲାଭ କରିବ । ଏହି ଶବ୍ଦ ତରଙ୍ଗ ଆରମ୍ଭରୁ ମନ୍ଥର ହେବ ଏବଂ କ୍ରମେ ଏହାର ଗତି ବୃଦ୍ଧି ପାଇ ମନ ମଧ୍ୟରେ ଅବସ୍ଥାନ କରୁଥିବା ଭଗବାନଙ୍କୁ ସ୍ପର୍ଶ କରିବ । ଯଦି ତୁମେ ମନକୁ ଭଗବାନଙ୍କ ଉପରେ କେନ୍ଦ୍ରୀଭୂତ କରିବ ଏବଂ ସେଥିରେ ଅଟଳ ରହି ଅଭ୍ୟାସ ଅବ୍ୟାହତ ରଖିବ ତେବେ ତୁମେ ଏଭଳି ଏକ ଅବସ୍ଥାରେ ପହଞ୍ଚିବ, ଯେତେବେଳେ ଭଗବାନ ତୁମ ସହିତ ବାର୍ତ୍ତାଳାପ କରିବେ । ବହୁ ଭକ୍ତ ଏଭଳି ଏକ ସତ୍ୟକୁ ଆମ ଆଗରେ ପ୍ରକାଶ କରିଛନ୍ତି ।

ତେଣୁ 'ଓମ୍' ଏକ ମାଧ୍ୟମ ଯାହାଦ୍ୱାରା ଈଶ୍ୱରଙ୍କ ସହିତ ସଂଯୋଗ ସ୍ଥାପନ ଓ ମିଳନ ସମ୍ଭବ ହେବ । ନାମ ଅନେକ ମାତ୍ର ଭଗବାନ ଏକ । ତୁମେ ଯେ କୌଣସି ନାମ ଓ ରୂପ ଉପରେ ମନକୁ କେନ୍ଦ୍ରୀଭୁତ କର । ତାହାହେଲେ 'ଓମ୍' ଭଗବାନଙ୍କ ସହିତ ତୁମର ସଂଯୋଗକୁ ତ୍ୱରାନ୍ୱିତ କରିବ । ଏହା ମାନସିକ, ଶାରୀରିକ ଓ ଆଧ୍ୟାତ୍ମିକ ଉନ୍ନତି ସାଧନ କରିବ ।

ଜଣେ ଠିକ୍ ଭାବରେ 'ଓମ୍' ଉଚ୍ଚାରଣ ଅଭ୍ୟାସ କରିବା ଉଚିତ । ଧୂମ୍ରପାୟୀ 'ଓମ୍' ଉଚ୍ଚାରଣ ପାଇଁ କିଛିଟା କଷ୍ଟ ଅନୁଭବ କରିବେ କାରଣ ସେମାନଙ୍କର ଫୁସ୍‌ଫୁସ୍‌ର ଦକ୍ଷତା ହ୍ରାସ ପାଇଥାଏ । ତେଣୁ ସେମାନେ ଦୀର୍ଘ ଉଚ୍ଚାରଣ କରି ପାରିବେ ନାହିଁ ।

ଗ୍ରେଟ୍ ବ୍ରିଟେନ୍‌ର ଆଧ୍ୟାତ୍ମିକ ସମିତିର ସଭ୍ୟମାନେ 'ଓମ୍'ର ତାତ୍ପର୍ଯ୍ୟ ସମ୍ପର୍କରେ ସଚେତନ ହୋଇଥିଲେ ଏବଂ ଏହା ଠିକ୍ ଭାବରେ ଉଚ୍ଚାରିତ ହେଲେ କିପରି ଭଗବାନଙ୍କ ସହିତ ସଂଯୋଗ ସ୍ଥାପନ କରିପାରେ ସେ ସମ୍ପର୍କରେ ଅବଗତ ହୋଇ ଖୁସି ହୋଇଥିଲେ । କେତେକ ସଭ୍ୟ ପ୍ରଶ୍ନ ପଚାରିଥିଲେ ଏବଂ ସେମାନଙ୍କୁ ଉତ୍ତର ଦିଆଯାଇଥିଲା । ପ୍ରଶ୍ନଗୁଡ଼ିକ ମଧ୍ୟରେ କଷ୍ଟ ପ୍ରଶ୍ନ ମଧ୍ୟ ରହିଥିଲା । ପ୍ରଶ୍ନକର୍ତ୍ତାମାନଙ୍କୁ ମୁଁ ପ୍ରଶାନ୍ତି ନିଳୟମ ଯାଇ ବିଶ୍ୱ ଗୁରୁଙ୍କଠାରୁ ଉତ୍ତର ପାଇବା ପାଇଁ ଅନୁରୋଧ କରିଥିଲି ।

ଭଗବାନ ତାଙ୍କର କୃପା ବୃଷ୍ଟି କଲେ

ବିଭିନ୍ନ ଚର୍ଚ୍ଚ କିମ୍ବା ଆଧ୍ୟାତ୍ମିକ କେନ୍ଦ୍ର ପରିଦର୍ଶନ କାଳରେ ମୁଁ ବାବାଙ୍କ ଦିବ୍ୟବାଣୀ ଶୁଣାଇବା ପରେ ମଞ୍ଚ ଉପରୁ ତଳକୁ ଓହ୍ଲାଇ ଆସେ ଏବଂ ବହୁ ଲୋକ ମୋତେ ଘେରି ପ୍ରଶ୍ନ ପଚାରନ୍ତି । ଫଳରେ ସଭାଗୃହକୁ ସଙ୍ଗେ ସଙ୍ଗେ ଖାଲି କରିବା କଷ୍ଟକର ହୋଇପଡ଼େ । ସେଇଥି ପାଇଁ ମୋତେ କୁହା ଯାଇଥାଏ ଯେ ସଭାଗୃହ ଖାଲି ନ ହେବା ପର୍ଯ୍ୟନ୍ତ ମୁଁ ମଞ୍ଚ ତଳକୁ ଆସିବି ନାହିଁ ।

ଥରେ ଗୋଟିଏ ଆଧ୍ୟାତ୍ମିକ କେନ୍ଦ୍ରରେ ମୁଁ ବାହାରକୁ ଆସି ଦେଖିଲି ଗୋଟିଏ ଦମ୍ପତି ମୋତେ ଅପେକ୍ଷା କରି ଠିଆ ହୋଇଛନ୍ତି । ତାଙ୍କ ସହିତ କେତୋଟି ମିନିଟ୍ ପାଇଁ ତାଙ୍କ ଘରକୁ ଯିବା ପାଇଁ ଭଦ୍ର ମହିଳା ଚାହିଁଥିଲେ । କାରଣ ସେ ଚାହୁଁଥିଲେ ତାଙ୍କ ସ୍ୱାମୀଙ୍କ ସହିତ ମୁଁ କଥାବାର୍ତ୍ତା ହୁଏ । ମୁଁ ଏଥିରେ ସମ୍ମତ ହେଲି ଏବଂ ତାଙ୍କ ସହିତ ତାଙ୍କ ଘରକୁ ଗଲି । ଭଦ୍ରବ୍ୟକ୍ତି ମୋତେ କହିଥିଲେ "ପୂର୍ବ ଜନ୍ମରେ ଆପଣ ମୋର ଭାଇ ଥିଲେ । ଏ ଜନ୍ମରେ ମଧ୍ୟ ମୋର ଭାଇ ଅଛନ୍ତି ଏବଂ ପରବର୍ତ୍ତୀ ଜନ୍ମରେ ମଧ୍ୟ ମୋର ଭାଇ ହୋଇ ରହିବେ । ଏଥିରେ ଆପଣ ଏକ ମତ ତ ?"

ମୁଁ ଉତ୍ତର ଦେଲି "ଶତକଡ଼ା ଶହେ ଭାଗ ଏକମତ । ମୁଁ ପ୍ରମାଣ ଦେବି କି ଆପଣ ମୋର ଭାଇ ଥିଲେ, ଏବେ ଅଛନ୍ତି ଏବଂ ପରବର୍ତ୍ତୀ ଜୀବନରେ ମଧ୍ୟ ଭାଇ ହୋଇ ରହିବେ ?"

ତାଙ୍କଠାରୁ ଆସ୍ତିସୂଚକ ବାଣୀ ଶୁଣି ମୁଁ ବୁଝାଇବାକୁ ଚେଷ୍ଟା କଲି "ମୋର ବାପା ଥିଲେ, ତାଙ୍କର ମଧ୍ୟ ବାପା ଥିଲେ । ମୋ ଜେଜେବାପାଙ୍କର ମଧ୍ୟ ବାପା ଥିଲେ । ଏହିପରି ଭାବରେ ଅନୁସନ୍ଧାନ କରି ପଛକୁପଛକୁ ଗଲେ ଆମେ ଆମର ପୂର୍ବ ଜନ୍ମ ଗୁଡ଼ିକରେ ପିତା, ମାତା ଓ ପୂର୍ବ ପୁରୁଷମାନଙ୍କୁ ଜାଣି ପାରିବା । ସେମାନଙ୍କର ନିଶ୍ଚୟ ପରସ୍ପର ସହିତ ସମ୍ପର୍କ ରହିଥିଲା ଏବଂ ଏହା ଶେଷରେ ଆମକୁ ଆଦାମ-ଇଭ୍ (ଆଦି ପିତାମାତା) ଅଥବା ବ୍ରହ୍ମା- ବିଷ୍ଣୁ- ମହେଶ୍ୱର କିମ୍ବା ଭଗବାନଙ୍କ ନିକଟରେ ପହଞ୍ଚାଇ ଦେବ । ଏଥିରେ ଆପଣ ଏକମତ କି ?"

ଏଥିରେ ସେ ଖୁବ୍ ଖୁସି ହୋଇ ଯାଇଥିଲେ ଏବଂ ଭାବାବେଗରେ ଉତ୍‌ଫୁଲ୍ଲିତ ହୋଇ ମୋତେ ଖୁବ୍ ଜୋରରେ କୁଣ୍ଢାଇ ଧରିଲେ । ତାଙ୍କର ଅତ୍ୟଧିକ ଆନନ୍ଦ ଓ ଭାବାବେଗ ଯୋଗୁ ତାଙ୍କ ହୃତ୍‌ପିଣ୍ଡରେ ଲାଗିଥିବା ପେସ୍‌ମେକର ଭାଙ୍ଗିଯାଇଥିଲା । ସେ ଚିତ୍କାର କରି ଉଠିଲେ "ହେ ଭଗବାନ ! ମୋ ପେସ୍‌ମେକର ଭାଙ୍ଗିଯାଇଛି । ଶୀଘ୍ର

ଆମ୍ବୁଲାନ୍ସ ଡାକ । ମୁଁ ନିଃଶ୍ୱାସ ପ୍ରଶ୍ୱାସ ନେଇପାରୁ ନାହିଁ । ମୁଁ ମାତ୍ର କେତେ ମିନିଟ୍ ଭିତରେ ମୃତ୍ୟୁବରଣ କରିପାରେ ।''

ପେସ୍‌ମେକର ଭାଙ୍ଗିଯିବାରୁ ସେ ନିଃଶ୍ୱାସ ପ୍ରଶ୍ୱାସ ନେଇପାରୁ ନ ଥିଲେ ଏବଂ ଅମ୍ଳଜାନ ଅଭାବରୁ ତାଙ୍କ ମୁଖମଣ୍ଡଳ କଳା ପଡ଼ି ଯାଇଥିଲା । ମୁଁ ମର୍ମାହତ ହୋଇପଡ଼ିଲି ଏବଂ ତତ୍‌କ୍ଷଣାତ୍ ସ୍ୱାମୀଙ୍କୁ ପ୍ରାର୍ଥନା କଲି ''ହେ ଭଗବାନ ! ଦୟାକରି ମୋତେ ସାହାଯ୍ୟ କରନ୍ତୁ । ମୋର କିଛି ଦୋଷ ନାହିଁ । ମୁଁ ଜାଣି ନ ଥିଲି ଯେ ତାଙ୍କ ହୃତ୍‌ପିଣ୍ଡରେ ପେସ୍‌ମେକର ଲାଗିଛି ବୋଲି । ପେସ୍‌ମେକର ଭାଙ୍ଗିଯାଇ ଏଭଳି ଭାବରେ ତାଙ୍କର ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ ବୋଲି ମଧ୍ୟ ଭାବି ପାରି ନାହିଁ । ହେ ମୋର ଭଗବାନ ! ମୋତେ ଆଶୀର୍ବାଦ କରନ୍ତୁ ।'' ପରମପ୍ରିୟ ସ୍ୱାମୀଙ୍କର ଦିବ୍ୟ କରୁଣାରୁ ମୁଁ ତାଙ୍କ ପାଟିରେ ଟିକେ ବିଭୂତି ଦେଲି ଏବଂ ତାଙ୍କ ଛାତି ଉପରେ ହୃତ୍‌ପିଣ୍ଡ ରହିଥିବା ସ୍ଥାନରେ ବିଭୂତିରେ 'ଓଁ' ଲେଖିଦେଲି ।''

ମୁଁ ଏହା କରିବାର କେତୋଟି ମିନିଟ୍ ପରେ ଅଲୌକିକ ଘଟଣା ଘଟିଲା । ତାଙ୍କର ହୃତପିଣ୍ଡର ସ୍ପନ୍ଦନ ପେସ୍‌ମେକର ନଥାଇ ମଧ୍ୟ ସ୍ୱାଭାବିକ ହୋଇ ଉଠିଲା । ଧୀରେ ଧୀରେ ତାଙ୍କ ମୁଖମଣ୍ଡଳର ରଙ୍ଗ ବଦଳିବାକୁ ଲାଗିଲା । କିଛି ସମୟ ପରେ ସେ ପାଟିକରି ଉଠିଲେ ''ସାଇବାବା ମୋ ହୃତ୍‌ପିଣ୍ଡକୁ ଠିକ୍ କରିଦେଲେ । ଆଜି ମୁଁ ତାଙ୍କର ମହିମା କଥା ଶୁଣିଥିଲି ଏବଂ ବର୍ତ୍ତମାନ ମୁଁ ତାଙ୍କର ମହାଜାଗତିକ ଶକ୍ତି ସମ୍ପର୍କରେ ଅଭିଜ୍ଞତା ଅର୍ଜନ କଲି ; ସେ ଭଗବାନ । ସେ ନିଶ୍ଚୟ ଭଗବାନ ।''

ଆମେ ସମସ୍ତେ ପରମପ୍ରିୟ ସ୍ୱାମୀଙ୍କୁ ଧନ୍ୟବାଦ ଜଣାଇଲୁ । ଏହି ଲୋକ ପେସ୍‌ମେକର ନ ଥାଇ ବହୁବର୍ଷ ପର୍ଯ୍ୟନ୍ତ ବଞ୍ଚିଥିଲେ । କିନ୍ତୁ ତାଙ୍କ ସହିତ ଆମର ସମ୍ପର୍କ ରହିପାରି ନ ଥିଲା ।

ପରମପ୍ରିୟ ସ୍ୱାମୀ ତ୍ରୟୀ ବୃନ୍ଦାବନ (ବାଙ୍ଗାଲୋର ନିକଟସ୍ଥ ହ୍ୱାଇଟ୍ ଫିଲ୍ଡ)ଠାରେ ତାଙ୍କ ଉପସ୍ଥିତିରେ କଲେଜ ପିଲାମାନଙ୍କୁ କିଛି କହିବା ପାଇଁ ମୋତେ ଡାକିଥିଲେ । ମୁଁ ସେତେବେଳେ ଏହି ଅଲୌକିକ ଘଟଣା ବର୍ଣ୍ଣନା କରିଥିଲି ଏବଂ କହିଥିଲି ''ନିଜର ବ୍ୟକ୍ତିଗତ ଅଭିଜ୍ଞତା ନ ହେଲା ପର୍ଯ୍ୟନ୍ତ କେହି ପରମପ୍ରିୟ ସ୍ୱାମୀଙ୍କର ମହିମା ଓ ମହାଜାଗତିକ ଶକ୍ତି କଥା ବୁଝି ପାରିବେ ନାହିଁ । ସେ ବାରମ୍ବାର କହିଛନ୍ତି ''ସମଗ୍ର ପୃଥିବୀ ମୋ ଦିବ୍ୟ ହାତ ମୁଠାରେ ରହିଛି ।''

ପରମପ୍ରିୟ ସ୍ୱାମୀ ଆମର ଦୈନନ୍ଦିନ ଜୀବନରେ ବିଭୂତିର ମୂଲ୍ୟ ଓ ବ୍ୟବହାର ସମ୍ପର୍କରେ କହିଛନ୍ତି ''ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଭୂତି ଅତି ମୂଲ୍ୟବାନ । ଏହା ମନକୁ

ଉତ୍ତେଜିତ କରୁଥିବା ଏବଂ ସବୁ ପ୍ରକାର ମାୟାର କାରଣ ହୋଇଥିବା କାମନା ଧ୍ୱଂସ ହେବାର ପ୍ରତୀକ ।'' ରୋଗ ଓ କ୍ଷତର ଚିକିତ୍ସା ପାଇଁ ବିଭୂତି ହେଉଛି ଏକମାତ୍ର ଔଷଧ । ସେ ପୁଣି କହନ୍ତି ''ସାଧାରଣ ରୋଗ ବା କ୍ଷତ ପ୍ରତି ଅଧିକ ଗୁରୁତ୍ୱ ଦିଅ ନାହିଁ । ଅତି ସାଙ୍ଘାତିକ ଅବସ୍ଥାରେ ସର୍ବୋତ୍ତମ ଉପଚାର ହେଲା ସ୍ୱାମୀଙ୍କୁ ପ୍ରାର୍ଥନା କରିବା । ଏହା ହିଁ ଗୁରୁତ୍ୱପୂର୍ଣ୍ଣ ।''

ସେ କହିଛନ୍ତି ''ମୁଁ ଯାହା ସୃଷ୍ଟିକରେ ସେସବୁ ଦୈବତ୍ୱର ପରିପ୍ରକାଶ । ଏହା ଭିତରେ ଅନ୍ତର୍ନିହିତ ଶକ୍ତିର ତାତ୍ପର୍ଯ୍ୟ ଓ ସଂକେତ ଲୁଚି ରହିଛି । ଭଗବାନଙ୍କର ସବୁ ପ୍ରକାର ରୂପ ଯେ ବିଶ୍ୱମୟ, ଅବିନଶ୍ୱର ଓ ଅନନ୍ତ – ଏକଥା ମୁଁ ସୃଷ୍ଟି କରୁଥିବା ପଦାର୍ଥ ସୂଚନା ଦେଇଥାଏ । ସବୁକିଛି ଜାଗତିକ, କ୍ଷଣସ୍ଥାୟୀ ଓ ପରିବର୍ତ୍ତନଶୀଳ ହୋଇଥିବାବେଳେ ଯାହା ଏସବୁ ନୁହେଁ ତାହା ହିଁ ଆତ୍ମା ।''

''ପ୍ରଥମତଃ, ଜନ୍ମ ମୃତ୍ୟୁ ଚକ୍ରରେ ସବୁକିଛି ଭସ୍ମରେ ପରିଣତ ହୋଇଥାଏ । ଏହା ହିଁ ବିଭୂତିର ପ୍ରଥମ ସଂକେତ । କାରଣ ସବୁ କିଛି ଭସ୍ମରୁ ସୃଷ୍ଟି ହୋଇଥାଏ ଏବଂ ସବୁ କିଛି ଭସ୍ମରେ ପରିଣତ ହୁଏ । ଭସ୍ମ ହେଉଛି ସବୁ ପଦାର୍ଥର ଶେଷ ପରିଣତି । ଏହାର କୌଣସି ପ୍ରକାର ପରିବର୍ତ୍ତନ ନାହିଁ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ କାମନା ତ୍ୟାଗ କରି ସବୁ ପ୍ରକାର ଆବେଗ ବା ଉତ୍ତେଜନା, ବନ୍ଧନ ତଥା ପ୍ରଲୋଭନକୁ ଜାଳି ଭସ୍ମରେ ପରିଣତ କରି ଜଣେ ବ୍ୟକ୍ତିକୁ ଚିନ୍ତା, କଥା ଓ କାର୍ଯ୍ୟରେ ପବିତ୍ର ହେବା ପାଇଁ ବିଭୂତି ସତର୍କ ଘଣ୍ଟି ଭଳି କାର୍ଯ୍ୟ କରେ । ଯେଉଁମାନେ ପ୍ରେମ ଓ ଭକ୍ତିର ସହିତ ମୋ ନିକଟକୁ ଆସନ୍ତି ସେମାନଙ୍କ ପରିବାରକୁ ଏହି ଭାବରେ ପ୍ରଭାବିତ କରିବା ପାଇଁ ମୁଁ ବିଭୂତି ସୃଷ୍ଟି କରିଥାଏ । ମୋ ଦ୍ୱାରା ସୃଷ୍ଟ ଅନ୍ୟ ପଦାର୍ଥ ପରି, ଯଥା କବଚ (ତେଉଁରିଆ) ରୋଗ ଭଲକଲା ପରି ବା ଆବଶ୍ୟକ କରୁଥିବା ଭକ୍ତକୁ ରକ୍ଷା କଲାଭଳି, ବିଭୂତି ମଧ୍ୟ ଅନୁରୂପ କାର୍ଯ୍ୟ କରିଥାଏ । ଏହା ଦୈବତ୍ୱର ସଂକେତ ।''

''ଏହାକୁ ବିଭୂତି କୁହାଯାଏ କାରଣ ଏହା ସମୃଦ୍ଧି ବା ସୌଭାଗ୍ୟ ଆଣି ଦେଇଥାଏ । ଏହାକୁ 'ଭସ୍ମ'କୁହାଯାଏ କାରଣ ଏହା ସବୁପ୍ରକାର ପାପକୁ ଜାଳିଦିଏ । ଏହାକୁ 'ଭାସିତମ୍' କୁହାଯାଏ କାରଣ ଏହା ଜଣକର ଆଧ୍ୟାତ୍ମିକ ପ୍ରଭାକୁ ବିକଶିତ କରାଏ । ଏହାକୁ 'କ୍ଷରମ୍' କୁହାଯାଏ କାରଣ ଏହା ଦୁଷ୍ଟଶକ୍ତିର ଚକ୍ରାନ୍ତରୁ ସୁରକ୍ଷା ପ୍ରଦାନ କରିଥାଏ । ଏହିପରି ବୃହଦ୍ ଜାବାଳ ଉପନିଷଦରେ ବିଭୂତିର ପ୍ରଶଂସା କରାଯାଇଛି ।''

ପରମପ୍ରିୟ ସ୍ୱାମୀଙ୍କର ୬୦ତମ ଜନ୍ମୋତ୍ସବ

ଯୁକ୍ତରାଜ୍ୟର ଉତ୍ତରାଞ୍ଚଳରେ ଭକ୍ତମାନେ ୧୯୮୫ ମସିହାରେ ସ୍ୱାମୀଙ୍କର ୬୦ତମ ଜନ୍ମୋତ୍ସବ ବିଭିନ୍ନ ଉପାୟରେ ପାଳନ କରିବାକୁ ସ୍ଥିର କଲେ । ନଭେମ୍ବର ୨୩ ତାରିଖର ୬୦ଦିନ ପୂର୍ବରୁ ଭିନ୍ନ ଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଗଲା । ୬୦ଦିନ ଧରି ଶ୍ରୀମଦ୍‌ଭାଗବତ ଗୀତାପାଠ, ୬୦ଜଣ ବାଲବିକାଶ ଛାତ୍ରଙ୍କୁ ଭୋଜନ ପ୍ରଦାନ, ୬୦ ଘଣ୍ଟା ପାଇଁ ଅଖଣ୍ଡ ଧୂନ୍ (ନାମ ସ୍ମରଣ), ୬୦ ଦିନ ପାଇଁ ପ୍ରତ୍ୟହ ଏକ ଘଣ୍ଟା ଲେଖା ଭଜନ ଇତ୍ୟାଦି ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ଥିଲା । ୬୦ଟି ଭଜନ ସମ୍ବଳିତ ଏକ ପୁସ୍ତିକା ମଧ୍ୟ ପ୍ରକାଶ କରାଗଲା ।

ମହାନ୍ ଅଲୌକିକତା

ଆଷ୍ଟନ୍-ଅଣ୍ଡର-ଲିନେଂଠାରେ ୬୦ ଘଣ୍ଟା ପାଇଁ ଅଖଣ୍ଡ ଧୂନ୍ (ନାମ ସ୍ମରଣ)ର ବ୍ୟବସ୍ଥା କରାଯାଇଥିଲା । ଅଖଣ୍ଡ ଧୂନ୍ ପାଇଁ ପରମପ୍ରିୟ ସ୍ୱାମୀଙ୍କର ଫଟୋରେ ଗୋଲାପର ଏକ ହାର ଲମ୍ବାଇ ଦିଆଯାଇଥିଲା । ୬୦ ଘଣ୍ଟା ଶେଷ ହେଲାବେଳକୁ ଆରତୀ ପୂର୍ବରୁ 'ଏହି ଦାସ' ସେଠାରେ ପହଞ୍ଚିଥିଲା । ଆଶୀର୍ବାଦ ପ୍ରଦର୍ଶନର ସୂଚନା ଦେଇ କୌଣସି ନିର୍ଦ୍ଦିଷ୍ଟ ଅଲୌକିକତା ପ୍ରକଟନ ନ ହେବାରୁ ସମସ୍ତେ ନିରାଶ ହୋଇପଡ଼ିଥିଲେ । 'ଏହି ଦାସ' ସେତେବେଳେ କହିଥିଲା ''ଧୈର୍ଯ୍ୟଧର, କାର୍ଯ୍ୟକ୍ରମର ଶେଷରେ ଆମେ ହୁଏତ ଆଶୀର୍ବାଦର କିଛି ନା କିଛି ସୂଚନା ପାଇବା । ତେଣୁ ଦୟାକରି ନିରାଶ ହୁଅ ନାହିଁ ।''

ଆରତୀ ଆରମ୍ଭ ହେଲା ଏବଂ ଏକ ଅଲୌକିକତା ସମସ୍ତ ଭକ୍ତ ଦେଖିପାରିଥିଲେ । ଗୋଟିଏ ବଡ଼ ଗୋଲାପ ଫୁଲ ହାରରୁ ବାହାରି ଆସି ଚକ୍ରାକାରରେ ଫଟୋରେ ଭଗବାନଙ୍କର ଉତ୍ତୋଳିତ ଅଭୟ ହସ୍ତ (ଦକ୍ଷିଣ ହସ୍ତ)ର ଅଙ୍ଗୁଳି ନିକଟରେ ଘୁରିବାକୁ ଲାଗିଲା । ମନେ ହେଉଥିଲା ଯେପରି ଭଗବାନ ତାଙ୍କ ଅଙ୍ଗୁଳି ଦ୍ୱାରା ସୁଦର୍ଶନଚକ୍ରକୁ ଘୁରାଉଛନ୍ତି । ଆରତୀ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏହି ଘୂର୍ଣ୍ଣନ ନିରବଚ୍ଛିନ୍ନ ଭାବରେ ଚାଲିଥିଲା ।

ପରମପ୍ରିୟ ସ୍ୱାମୀ ଅନେକ ସମୟରେ କହିଥାନ୍ତି ଯେ ସାଧନା ଯଦି ନିଷ୍ଠାପର ଭାବରେ ଆନ୍ତରିକତାର ସହିତ ସମାହିତ ହୁଏ ତେବେ ଭଗବାନ ଯେକୌଣସି ବାଟରେ ହେଲେ ମଧ୍ୟ ନିଶ୍ଚୟ ଆଶୀର୍ବାଦ କରିବେ ।

❑❑

ଅଧ୍ୟାୟ - ୪୭

ପ୍ରାରମ୍ଭିକ ପାଦୁକା ଉତ୍ସବ

୧୯୯୫ ମସିହାରେ ମୋର ଭିଣୋଇ କାନୁଭାଇ ତେଜୁରା ଏବଂ ମୋ ଭଉଣୀ ହଂସା ଆମକୁ ପ୍ରଶାନ୍ତି ନିଳୟମରେ ପରମପ୍ରିୟ ସ୍ୱାମୀଙ୍କର ଦିବ୍ୟ ଉପସ୍ଥିତିରେ ପାଦୁକା ମହୋତ୍ସବ ଅନୁଷ୍ଠିତ ହେବା କଥା ଜଣାଇଲେ । ପରେ ଯେତେବେଳେ ମୁଁ ପୁଟ୍ଟାପର୍ତ୍ତି ଗଲି ସୌଭାଗ୍ୟବଶତଃ ପି.ଏସ.ଏ. ସୁବ୍ରମଣ୍ୟମ୍ ଚେଟିଆରଙ୍କ ସହିତ ଦେଖାହେଲା । ବାବା ତାଙ୍କୁ ସୁଦାମା ବା ତାଙ୍କ ସଖା ବୋଲି କହନ୍ତି । ପ୍ରକୃତ ସୁଦାମା ଭଗବାନ ଶ୍ରୀକୃଷ୍ଣଙ୍କର ସଖା ଥିଲେ ମାତ୍ର ଅତି ଦରିଦ୍ର ଥିଲେ । ମାତ୍ର ଏ ସୁଦାମା ବହୁତ ଧନୀ ।

ଭାରତର ମଦୁରାଇଠାରେ ଥିବା ପାଦୁକା ଟ୍ରଷ୍ଟର ସଭାପତି ଥିଲେ ମିଷ୍ଟର ସୁବ୍ରମଣ୍ୟମ୍ ଚେଟିଆର । ତାଙ୍କର ଦକ୍ଷ ପୁତ୍ର ଶ୍ରୀ ଶ୍ରୀନିବାସନ୍ ଚେଟିଆର ମଦୁରାଇଠାରେ ତାଙ୍କ ସହିତ କିଛି ସମୟ ରହିବା ପାଇଁ ନିମନ୍ତ୍ରଣ କରିଥିଲେ ।

ମଦୁରାଇ, କନ୍ୟାକୁମାରୀ ଓ ରାମେଶ୍ୱରମ୍ ଯାତ୍ରା

ମଦୁରାଇଠାରେ ଅବସ୍ଥିତ ଭାରତର ସର୍ବ ବୃହତ୍ ମିନାକ୍ଷୀ ମନ୍ଦିର ଦେଖିବା ପାଇଁ ଆମେ ଅତ୍ୟନ୍ତ ଆଗ୍ରହୀ ଥିଲୁ । ପ୍ରକୃତରେ ଏହା ଏକ ଶିବ-ଶକ୍ତି ମନ୍ଦିର । ଏହି ମନ୍ଦିର ଦେବୀ ମିନାକ୍ଷୀ ଏବଂ ସୁନ୍ଦରେଶ୍ୱର (ଶିବ)ଙ୍କ ଉଦ୍ଦେଶ୍ୟରେ ସମର୍ପିତ ।

ଆମେ ମୋଟରେ ଚାରିଜଣ ଥିଲୁ । ବର୍ମିଂହାମ୍ରୁ ଶୋଭା ବେନ ପଟେଲ, ମୋ ଝିଆରି ଦୀପା, ମୋର ପତ୍ନୀ ନନ୍ଦା ଏବଂ 'ଏହି ଦାସ' ଏହିପରି ଚାରିଜଣ ଆମେ ଯାତ୍ରା କରିଥିଲୁ । ରେଳ ଯୋଗେ ଆମେ ମଦୁରାଇଠାରେ ପହଞ୍ଚିଥିଲୁ ଏବଂ ଗୋଟିଏ ହୋଟେଲରେ ରହିଥିଲୁ । ଚେଟିଆର ପରିବାର ଆମକୁ ପ୍ରାତଃ ଜଳଯୋଗ, ମଧ୍ୟାହ୍ନ ଓ ରାତ୍ର ଭୋଜନ ପାଇଁ ନିମନ୍ତ୍ରଣ କରିଥିଲେ । ପରଦିନ ଆମେ ଭାରତର ଶୀର୍ଷ ସୀମା ଦାକ୍ଷିଣାତ୍ୟର କନ୍ୟାକୁମାରୀକୁ ଯିବା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା ।

ସକାଳର ଜଳଯୋଗ ପରେ ଆମକୁ ପ୍ରଥମେ ମିନାକ୍ଷୀ-ସୁନ୍ଦରମ୍ ମନ୍ଦିରକୁ ନିଆଗଲା । ଏହି ମନ୍ଦିରର ଚାରିଗୋଟି ଫାଟକର ବିଶାଳତା, ସୁଉଚ୍ଚ ଶିଖର ଏବଂ

ମନ୍ଦିର ଗାତ୍ରରେ ଥିବା ଆଶ୍ଚର୍ଯ୍ୟଜନକ ଖୋଦେଇକୁ ଭାଷାରେ ପ୍ରକାଶ କରିବା ସମ୍ଭବ ନୁହେଁ । ମନ୍ଦିର ମଧ୍ୟରେ ବିଧିବଦ୍ଧ ଦର୍ଶନ ସାରି ଆମେ ମଧ୍ୟାହ୍ନ ଭୋଜନ ପାଇଁ ଚେଟିଆରଙ୍କ ବାସଗୃହକୁ ଫେରିଆସିଲୁ । ଏହି ସମୟରେ ଆମକୁ ପାଦୁକା ଉତ୍ସବ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରାଯାଇଥିଲା ।

ପରଦିନ ଆମେ କନ୍ୟାକୁମାରୀକୁ ଯାତ୍ରା କରିଥିଲୁ । ଏଠାରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଅତୀବ ମନୋରମ । ଏଭଳି ସୁଯୋଗ ହାତଛଡ଼ା କରିବା କଥା ନୁହେଁ । ଆମେ ତେଣୁ ପ୍ରତ୍ୟୁଷରୁ ସେଠାକୁ ଗଲୁ ଏବଂ ଉଦିତ ସୂର୍ଯ୍ୟର ଆଶ୍ଚର୍ଯ୍ୟଜନକ ରଶ୍ମୀ ଅବଲୋକନ କରିବାକୁ ଭଗବାନଙ୍କର ଆଶୀର୍ବାଦପ୍ରାପ୍ତ ହୋଇଥିଲୁ । ଏହିପରି ସୂର୍ଯ୍ୟ ଦର୍ଶନର ସୁଯୋଗ ଆମକୁ ମିଳିଥିଲା ।

ପରମପ୍ରିୟ ବାବା କନ୍ୟାକୁମାରୀ ଯାଇଥିବା ବେଳର ଏକ ଘଟଣାକୁ ଆମେ ସ୍ମରଣ କରିଥିଲୁ । ସମୁଦ୍ର ବେଳାଭୂମିରେ ଠିଆ ହୋଇଥିବାବେଳେ ତାଙ୍କ ନିକଟରେ ଥିବା ଭକ୍ତମାନଙ୍କୁ ସେ କହିଥିଲେ ଯେ ଏହି ବିଶାଳ ସାଗର (କୁବେର) ସ୍ୱାମୀଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହିତ ତାଙ୍କ ପାଦରେ ମାଲ୍ୟାର୍ପଣ କରିବା ପାଇଁ ଚାହୁଁଛି । ଏଥିପାଇଁ ବାବା ତାଙ୍କର ଅନୁମତି ପ୍ରଦାନ କରିଥିଲେ ଏବଂ ସମୁଦ୍ର ତରଙ୍ଗ ତାଙ୍କ ପାଦପଦ୍ମକୁ ସ୍ପର୍ଶ କରି ଚାଲିଯାଇଥିଲା । ମାତ୍ର ଛାଡ଼ିଯାଇଥିଲା ଅର୍ଘ୍ୟ ସ୍ୱରୂପ ସୁନାତାରରେ ଗୁନ୍ଥା ଏକ ସୁନ୍ଦର ମୁକ୍ତାହାର । ଏଥିରେ ୧୦୮ଟି ମୁକ୍ତାର ଗୋଟି ଲାଗିଥିଲା । ଏହିପରି ସାଗର ଭଗବାନଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲା । ପୁଟ୍ଟାପର୍ତ୍ତିରେ ଥିବା ଚୈତନ୍ୟ ଜ୍ୟୋତି ଯାଦୁଘର ମଧ୍ୟରେ ସାଗର ବାବାଙ୍କୁ ମୁକ୍ତାହାର ଅର୍ଘ୍ୟ ସ୍ୱରୂପ ଅର୍ପଣ କରୁଥିବାର ଦୃଶ୍ୟ ଏକ ଚଳଚ୍ଚିତ୍ର ମାଧ୍ୟମରେ ପ୍ରଦର୍ଶନ କରାଯାଉଛି ।

୧୯୫୮ ମସିହାରେ ପରମପ୍ରିୟ ସ୍ୱାମୀ ଭକ୍ତମାନଙ୍କ ସହିତ କନ୍ୟାକୁମାରୀଠାରେ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଗୋଟିଏ ବହିରେ ପଢ଼ିଥିଲେ ଯେ ଆଗରୁ ଦେବୀ କନ୍ୟାକୁମାରୀଙ୍କୁ ଅର୍ପଣ କରାଯାଇଥିବା ଏକ ହୀରାକୁ ଦସ୍ୟୁମାନେ ଚୋରୀ କରି ନେଇଯାଇଥିଲେ । ଏହିକଥା ସେ ଭକ୍ତ ଜଣାଇବାରୁ ପରମପ୍ରିୟ ସ୍ୱାମୀ ପଚାରିଥିଲେ "ତୁମେ ସବୁ ସେହି ହୀରାକୁ ଦେଖିବାକୁ ଚାହଁ କି ? ମୁଁ ଜାଣେ ଏହା କେଉଁଠାରେ ଅଛି ।" ସମସ୍ତେ ଏକ ସ୍ୱରରେ ଉତ୍ତର ଦେଇଥିଲେ "ହଁ ସ୍ୱାମୀ ।" ସ୍ୱାମୀ ତା ପରେ ଏକ ସର୍ତ୍ତ ରଖିଥିଲେ "କେହି ହୀରାକୁ ସ୍ପର୍ଶ କରିବ ନାହିଁ ।" ତା ପରେ ବାବା ସମୁଦ୍ରବାଲିକୁ ଥାପୁଡ଼ାଇଥିଲେ । ଏବଂ ପରମୁହୂର୍ତ୍ତରେ ତାଙ୍କ ହାତରେ ଏକ ବୃହତ୍ ଜ୍ୟୋତିର୍ମୟ ହୀରକ ଆବିର୍ଭୂତ

ହୋଇଥିଲା । ଏହାକୁ ସମସ୍ତଙ୍କୁ ଦେଖାଇବା ପରେ ହୀରାଟି ଅଦୃଶ୍ୟ ହୋଇଯାଇଥିଲା ଏବଂ ଯଥାସ୍ଥାନକୁ ଫେରିଯାଇଥିଲା ।

ସତରେ କି ସୁନ୍ଦର ଅଲୌକିକତା ! ବହୁ ସମୟରେ ପରମପ୍ରିୟ ସ୍ୱାମୀ କହନ୍ତି "ଏହା ଡାୟମଣ୍ଡ (ହୀରା) ନୁହେଁ, ଏହା ହେଉଛି 'ଡାଇ' (ମୃତ୍ୟୁ) 'ମାଇଣ୍ଡ' (ମନ) । ତୁମେ ତୁମର କାମନାକୁ କାଟି ଫିଙ୍ଗିଦିଅ ଏବଂ କାମନାର ସୀମାଙ୍କନ କର ।" କନ୍ୟାକୁମାରୀରୁ ଆମେ ରାମେଶ୍ୱରମ୍‌କୁ ଯାତ୍ରା କଲୁ ଏବଂ ସବୁଠାରେ ମନୋରମ ଦୃଶ୍ୟରାଜିର ପ୍ରଶଂସା କଲୁ । ରାମେଶ୍ୱରମ୍‌ଠାରେ ଭଗବାନ ରାମଚନ୍ଦ୍ର ଶିବଙ୍କୁ ଧ୍ୟାନ କରିଥିଲେ ଏବଂ ଶିବ ତାଙ୍କୁ ଦିବ୍ୟଦର୍ଶନ ପ୍ରଦାନ କରିଥିଲେ ।

ଗୋଟିଏ ପାଦୁକା ସଂଗ୍ରହ କରିବାକୁ ହେଲେ ଜଣକୁ ପାଦୁକା ଟ୍ରଷ୍ଟ ସହିତ ସମ୍ପର୍କ ସ୍ଥାପନ କରିବାକୁ ପଡ଼ିବ ଏବଂ ମଦୁରାଇରୁ ସୁନା ବା ରୂପାର ପାଦୁକା ପାଇଁ ଅର୍ଡର ଦେବାକୁ ପଡ଼ିବ । ସେତେବେଳେ ୪୦ ବା ୫୦ ଯୋଡ଼ା ପାଦୁକା ପ୍ରସ୍ତୁତ ହୋଇ ଥିଲା । ମିଷ୍ଟର ଶ୍ରୀନିବାସନ ଚେଟିଆର ଏଗୁଡ଼ିକୁ ପରମପ୍ରିୟ ସ୍ୱାମୀଙ୍କ ନିକଟକୁ ନେଇଥିଲେ ଏବଂ ସ୍ୱାମୀ ପ୍ରତ୍ୟେକ ଯୋଡ଼ାରେ ନିଜର ଦିବ୍ୟ ପାଦପଦ୍ମ ସ୍ଥାପନ କରି ଗୋଟିଏ ପରେ ଗୋଟିଏ ପାଦୁକାକୁ ଆଶୀର୍ବାଦ କରିଥିଲେ ।

ପ୍ରଶାନ୍ତି ନିଳୟମରେ ପ୍ରଥମ ପାଦୁକା ଉତ୍ସବ ପାଇଁ ପରମପ୍ରିୟ ବାବା ଦିନ ଧାର୍ଯ୍ୟ କରିଥିଲେ । ଏହି ଉତ୍ସବକୁ 'ସାଇ ପାଦୁକା ପ୍ରତିଷ୍ଠା ମହୋତ୍ସବ' ବୋଲି କୁହାଯାଏ । ଆମେ ଯେତେବେଳେ ଜାଣିଲୁ ଯେ ପରମପ୍ରିୟ ସ୍ୱାମୀ ପ୍ରତ୍ୟେକ ଯୋଡ଼ା ରୌପ୍ୟ ପାଦୁକାକୁ ନିଜର ଦିବ୍ୟପାଦ ସ୍ପର୍ଶ ଦେଇ ଆଶୀର୍ବାଦ କରୁଛନ୍ତି ସେତେବେଳେ ଆମେ ୧୯୯୬ ମସିହା ଅକ୍ଟୋବର ମାସରେ ହେବାକୁ ଥିବା ପାଦୁକା ଉତ୍ସବରେ ଯୋଗ ଦେବା ପାଇଁ ସ୍ଥିର କଲୁ । ବହୁ ଭକ୍ତ, ବନ୍ଧୁ ଏବଂ ସମ୍ପର୍କୀୟମାନେ ମଧ୍ୟ ଏଥିରେ ଯୋଗ ଦେବା ପାଇଁ ସ୍ଥିର କରିଥିଲେ ।

ପାଦୁକା ଉତ୍ସବର ପୂର୍ବାହ୍ନ ଅଧିବେଶନ ପରେ ପରମପ୍ରିୟ ସ୍ୱାମୀ ନିମ୍ନୋକ୍ତ ବାର୍ତ୍ତା ଦେଇଥିଲେ ।

"ଭଗବାନଙ୍କର ଯେଉଁ ପାଦଯୁଗଳକୁ ବ୍ରହ୍ମା ନିଜେ ଧୋଇଦେବାକୁ ବସିଥିଲେ, ପୁରୋହିତ ଅନ୍ନମାଚାର୍ଯ୍ୟ ସେହି ପାଦଯୁଗଳକୁ ଜାବୁଡ଼ି ଧରିଥିଲେ । ଏହି ପାଦ ଦୁଇଟି ନିଜେ ପରମବ୍ରହ୍ମ (ଭଗବାନ) ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଗୁଡ଼ିକ ସମଗ୍ର ବିଶ୍ୱର ବୋଝ ସମ୍ଭାଳିବା ସହିତ ମାନବ ଜାତିର ସମସ୍ତ ଦୁଃଖ କଷ୍ଟର ଭାର ବହନ

କରିଥାନ୍ତି । ଏହା କିପରି ହୁଏ ? ଭଗବାନ ନିଜେ ପୂର୍ଣ୍ଣ ସ୍ୱରୂପ ଏବଂ ସମଗ୍ର ବିଶ୍ୱକୁ ବ୍ୟାପି ରହିଥାନ୍ତି । ଜଣେ ମଣିଷର ପାଦ ଦୁଇଟି ତାର ଶରୀରର ବୋଝକୁ ବହନ କରି ଚାଲେ, ସେହିପରି ଭଗବାନଙ୍କର ଦୁର୍ବୋଧ ଶରୀର ନିଜ ପାଦରେ ସମଗ୍ର ବିଶ୍ୱକୁ ବହନ କରିଥାଏ । ପାଦ ବ୍ୟତିରେକେ ଶରୀର ଟିକିଏ ମଧ୍ୟ ଘୁଞ୍ଚିପାରିବ ନାହିଁ ।''

''ସ୍ଥୂଳ ବା ସୂକ୍ଷ୍ମ ଜୀବ ସମୂହ ସେହି ଏକା ପଞ୍ଚଭୂତରେ ଗଠିତ ବୋଲି ସ୍ୱୀକାର କରିବା ପରେ ମଣିଷ ବୁଝିବା ଉଚିତ ଯେ ଭଗବାନ ସବୁଥିରେ ଅବସ୍ଥାନ କରିଥାନ୍ତି । ତେଣୁ ମଣିଷ ତାର ହୃଦୟର ଗଭୀରତମ ପ୍ରଦେଶରୁ ଭଗବାନଙ୍କ ନାମ ଉଚ୍ଚାରଣ କରିବା ଏବଂ ଭଗବାନଙ୍କ ପାଦପଦ୍ମରେ ଶରଣ ପଶିବା ଉଚିତ । ଏହା ତୁମର ଦୁଃଖ ଦୁର୍ଦ୍ଦଶା ଦୂର କରିବା ସହିତ ତୁମକୁ ଦୈବତ୍ୱ ଆଡ଼କୁ ବାଟ କଢ଼ାଇ ନେବ ।''

''ଯେତେବେଳେ ଭରତ ଶ୍ରୀରାମଙ୍କର ପାଦୁକା ମସ୍ତକରେ ଧାରଣ କରିଥିଲେ ଅଯୋଧ୍ୟା ନଗରୀ ପାଦୁକା ଦ୍ୱାରା ସୁରକ୍ଷିତ ରହିଥିଲା । ଭଦ୍ରାଚଳ ରାମଦାସ ଏହି ମର୍ମରେ ଭଜନ ଗାନ କରିଥିଲେ । 'ହେ ରାମ ! ମୁଁ ଆପଣଙ୍କ ପାଦକୁ ଜାବୁଡ଼ି ଧରିଛି । ଆପଣ ମୋର ସୁରକ୍ଷା ପାଇଁ ଭରସା ନଦେଲା ପର୍ଯ୍ୟନ୍ତ ମୁଁ ଆପଣଙ୍କୁ ପାହୁଣ୍ଡେ ମଧ୍ୟ ଘୁଞ୍ଚିବାକୁ ଦେବି ନାହିଁ ।' ତ୍ୟାଗରାଜ ମଧ୍ୟ ସେଇ ମର୍ମରେ ଘୋଷଣା କରିଥିଲେ ଯେ ତାଞ୍ଜୋରର ରାଜା ତାଙ୍କର ସମସ୍ତ ସମ୍ପତ୍ତି ତାଙ୍କୁ ଦାନ କରିଦେଲେ ମଧ୍ୟ ସେ ସେଥିପ୍ରତି ଟିକିଏ ହେଲେ ଲାଳାୟିତ ହେବେ ନାହିଁ, ବରଂ ସେ ପୃଥିବୀର ସମସ୍ତ ସମ୍ପତ୍ତି ଅପେକ୍ଷା ରାମଙ୍କର ପାଦପଦ୍ମକୁ ଜାବୁଡ଼ି ଧରିବାକୁ ଶ୍ରେୟସ୍କର ମନେ କରିବେ ।''

ପାଦର ମହତ୍ତ୍ୱ : ଯଶୋଦା ଓ କୃଷ୍ଣଙ୍କ ପାଦ

'ପାଦ' ସୁନା ବା ରୂପାରେ ତିଆରି ଚପଲ (ବା ପାଦୁକା)କୁ ବୁଝାଏ ନାହିଁ । ମାତ୍ର ଏହା ସବୁକିଛିକୁ ଧରି ରଖୁଥିବା ଦୈବତ୍ୱକୁ ବୁଝାଏ । 'ପାଦ' ଉପରେ ଏଭଳି ଗୁରୁତ୍ୱ ଦିଆଯିବାର କାରଣ କଣ ? ଏହା ସ୍ମରଣ ରଖିବାକୁ ପଡ଼ିବ ଯେ ପାଦର ରକ୍ତ ମାଧ୍ୟାକର୍ଷଣ ଶକ୍ତିର ବିପରିତ ଦିଗରେ ଉପର ଆଡ଼କୁ ପ୍ରବାହିତ ହୋଇ ସମଗ୍ର ଶରୀରର ପୁଷ୍ଟି ସାଧନ କରିଥାଏ । ସମଗ୍ର ଶରୀରର ବୋଝ ବହନ କରୁଥିବା ପାଦ ଜୀବନ ଧାରଣ ପାଇଁ ଅତ୍ୟାବଶ୍ୟକ । ଯେତେବେଳେ ତୁମେ ଭଗବାନଙ୍କ ପାଦପଦ୍ମରେ ଶରଣ ପଶ, ସେତେବେଳେ ତୁମେ ଏକ ଦିବ୍ୟଦୃଷ୍ଟି ପ୍ରାପ୍ତ ହୁଅ ।

ପରମପ୍ରିୟ ସ୍ୱାମୀ କହିଥିଲେ ''ଗୋଟିଏ ଛୋଟିଆ ଉଦାହରଣ ଏଠାରେ ଉଲ୍ଲେଖଯୋଗ୍ୟ । ଗୋକୁଳମ୍‌ରେ ଶିଶୁ ଅବସ୍ଥାରେ ଭଗବାନ ଶ୍ରୀକୃଷ୍ଣ ଭଗବାନଙ୍କ ପାଦର

ମହତ୍ତ୍ୱ ବୁଝାଇ ଦେଇଥିଲେ । କୃଷ୍ଣ ପ୍ରତ୍ୟେକଙ୍କ ଘରୁ ଲହୁଣୀ ଚୋରି କରୁଥିଲେ ଏବଂ ସାଙ୍ଗ ତଥା ଖେଳ ସାଥିମାନଙ୍କୁ ଖୁଆଉଥିଲେ । ଏହି ଦୁଷ୍ଟ ବାଳକ କୃଷ୍ଣର କାର୍ଯ୍ୟକଳାପ ଯୋଗୁ ମା ଯଶୋଦାଙ୍କ ନିକଟରେ ବହୁ ଅଭିଯୋଗ ପହଞ୍ଚୁଥିଲା । ମା ଯଶୋଦା ଥରେ କୃଷ୍ଣଙ୍କୁ ଧରି ପଚାରିଥିଲେ 'ତୁ ଅନ୍ୟ ଘରୁ କାହିଁକି ଲହୁଣୀ ଚୋରି କରୁଛୁ ? ମୁଁ ତ ଘରେ ତୋତେ ଯଥେଷ୍ଟ ଲହୁଣୀ ଖାଇବାକୁ ଦେଉଛି । ତୋ ମୁହଁରୁ ସବୁବେଳେ ଲହୁଣୀର ବାସନା ଆସୁଛି । ଏହି ବଦଭ୍ୟାସ ଛାଡ଼ । ନଚେତ୍ ମୁଁ ତୋତେ ଘୋରଣା ଦଣ୍ଡରେ ବାନ୍ଧିଦେବି ଯେ ତୁ କେଉଁଆଡ଼େ ଯାଇପାରିବୁ ନାହିଁ । ତୁ ଗୋଟିଏ ଛୋଟ ପିଲା ହୋଇ ଏଭଳି କାର୍ଯ୍ୟ କରୁଛୁ କିପରି ?' ଏ କଥାରେ କୃଷ୍ଣ ଟିକିଏ ହସିଦେଲେ ଏବଂ ଦୌଡ଼ି ଚାଲିଗଲେ ।''

''ତାଙ୍କ ପଛରେ ଯଶୋଦା ଜୋରରେ ଦୌଡ଼ି ପାରିଲେ ନାହିଁ କାରଣ ତାଙ୍କର ଶରୀର ପୃଥୁଳାକାର ଥିଲା । ସେ ନିଶ୍ଚିତ କଲେ ଯେକୌଣସି ପ୍ରକାର ସେ କୃଷ୍ଣକୁ ଧରିବେ । କୃଷ୍ଣ ତାଙ୍କ ପାଦ କ୍ଷୀରରେ ବୁଡ଼ାଇ ଘରର ଚାରିଆଡ଼େ ଦୌଡ଼ିବାକୁ ଲାଗିଲେ । ତାଙ୍କ ପଛରେ କ୍ଷୀରର ପାଦଚିହ୍ନ ରହିଯାଉଥିଲା । ଶେଷରେ ଯଶୋଦା ତାଙ୍କୁ ଧରିପାରିଥିଲେ । ଯଶୋଦା କୃଷ୍ଣଙ୍କୁ ଧରିବା ପାଇଁ ଏତେ ବ୍ୟାକୁଳ ହୋଇପଡ଼ିଥିଲେ ଯେ କୃଷ୍ଣ ଏଥିପାଇଁ ନିଜେ ମା'ଙ୍କୁ ସାହାଯ୍ୟ କରିଥିଲେ । ଯଶୋଦା କୃଷ୍ଣଙ୍କୁ ଧରିପାରିଥିଲେ କେବଳ ତାଙ୍କର କ୍ଷୀର ଭିଜା ପାଦ ଚିହ୍ନକୁ ଅନୁସରଣ କରି ।''

ଅହଂକାର ଦୂର କର

ପରମପ୍ରିୟ ସ୍ୱାମୀ କହନ୍ତି ''ଈର୍ଷା, ଘୃଣା ଏବଂ କ୍ରୋଧ ମଣିଷ ସମାଜରେ ବିପର୍ଯ୍ୟୟ ସୃଷ୍ଟି କରେ । ଏପରିକି ଆଶ୍ରମ ନିବାସୀଙ୍କ ମନରେ ମଧ୍ୟ କ୍ରୋଧ ଭରି ରହିଛି । କ୍ରୋଧକୁ ପାପ ପ୍ରତି ଅର୍ପିତ ଧୂପ ବୋଲି କୁହାଯାଏ (ଅର୍ଥାତ୍ କ୍ରୋଧ ପାପର ପ୍ରବର୍ତ୍ତକ) । ତେଣୁ ଯେତେବେଳେ ତୁମେ ଆଧ୍ୟାତ୍ମିକ ସାଧନା ରୂପେ ଭଗବାନଙ୍କ ପାଦପଦ୍ମକୁ ପୂଜା କରୁଛ କିମ୍ବା ଭଗବାନଙ୍କ ନାମକୁ ଲେଖୁଛ ସେତେବେଳେ ତୁମେ ଏହି ତିନିଗୋଟି ଦୁଷ୍ଟ ଶକ୍ତିଠାରୁ ଦୂରେଇ ରହିବା ଉଚିତ ।''

''ପ୍ରଥମରୁ ଅହଂକାର ନଷ୍ଟ ହେବା ଦରକାର । ତାହା ହେଲେ କ୍ରୋଧ ପ୍ରଶମିତ ହେବ । ତୁମ କର୍ତ୍ତବ୍ୟ କରିଚାଲ । ତୁମର ଅହଂକାର ପ୍ରକଟ କର ନାହିଁ । ପରସ୍ପର ପ୍ରତି ସାହାଯ୍ୟ କରିବାର ମନୋବୃତ୍ତିର ବିକାଶ କର । ଆନନ୍ଦରେ ତୁମେ କାର୍ଯ୍ୟ କରିଚାଲ । ପରସ୍ପର ପ୍ରତି ବନ୍ଧୁତ୍ୱପୂର୍ଣ୍ଣ ଆଚରଣ ପ୍ରଦର୍ଶନ କର । ତୁମେ ଏତାଦୃଶ ବ୍ୟବହାର ପ୍ରଦର୍ଶନ କଲେ ଲିଖିତ ଜପ ଓ ପାଦୁକା ପୂଜାର ମହତ୍ତ୍ୱ ଉପଲବ୍ଧି କରିବ ।''

''ସାଇ ସଂଗଠନ ଗୁଡ଼ିକର ମୌଳିକ ଆବଶ୍ୟକତା ହେଲା ଏକତ୍ୱ ଏବଂ ପାରସ୍ପରିକ ବୁଝାମଣା । କେବଳ ଏକତା ଦ୍ୱାରା ତୁମେ ପୃଥିବୀର ମଙ୍ଗଳ ସାଧନ କରିପାରିବ । ଯଦି ସଂଗଠନରେ ଅନୈକ୍ୟ ବା ଅସଂଗତି ଦେଖାଦିଏ ତେବେ ତୁମେ ଅନ୍ୟର କି ସେବା କରିପାରିବ ? ସହନଶୀଳତାକୁ ତୁମର ଭୂଷଣ କର । ପ୍ରେମଦ୍ୱାରା ତୁମର ଦୁର୍ଗୁଣକୁ ପରିତ୍ୟାଗ କର । ସାଇ ସଂଗଠନରେ ଯେଉଁମାନେ ନାମ ସ୍ମରଣ, ଲିଖିତ ଜପ ବା ପାଦୁକା ସେବାରେ ନେତୃତ୍ୱ ନିଅନ୍ତି ସେମାନେ ତାଙ୍କର ପବିତ୍ର ଗୁଣ ଗୁଡ଼ିକର ବିକାଶ କରିବା ଉଚିତ ।''

''ଆଜି ପୃଥିବୀର ବହୁ ସ୍ଥାନରେ ପ୍ରକୃତି ବିଭିନ୍ନ ପ୍ରକାରର ବିପର୍ଯ୍ୟୟର କାରଣ ହେଉଛି । ଏହି ବିପର୍ଯ୍ୟୟଗୁଡ଼ିକ ହେଲା ଭୂକମ୍ପ, ମରୁଡ଼ି, ବନ୍ୟା ଓ ଆଗ୍ନେୟଗିରି ଉଦ୍‌ଗିରଣ ଇତ୍ୟାଦି । ଏହାର କାରଣ କ'ଣ ? ମଣିଷର ଆଧ୍ୟାତ୍ମିକ ସାଧନାର ତ୍ରୁଟି ବିଚ୍ୟୁତି ଏସବୁ ଦୁର୍ବିପାକର କାରଣ । ମଣିଷ ହୃଦୟର ବିଶୃଙ୍ଖଳା ଭୂକମ୍ପରେ ପ୍ରତିଫଳିତ ହୋଇଥାଏ । ତୁମ ମନକୁ ଉତ୍ତମ ଚିନ୍ତାରେ ଭରିଦିଅ ଏବଂ ନିଜକୁ ଭଲ କାର୍ଯ୍ୟରେ ନିଯୁକ୍ତ କର । ଭଗବାନଙ୍କ ନାମ ଉଚ୍ଚାରଣ କର । ଯେତେବେଳେ ଅନ୍ତରୀକ୍ଷ (ମହାକାଶ) ମଧ୍ୟରେ ଭଗବାନଙ୍କ ନାମ ଉଚ୍ଚାରଣ ଜନିତ ପ୍ରକମ୍ପନ ସଂଚରିତ ହୁଏ, ସମଗ୍ର ବାୟୁମଣ୍ଡଳ ବିଶୁଦ୍ଧ ହୋଇଯାଏ । ଯେଉଁମାନେ ଏହି ପବିତ୍ର ବାୟୁ ସେବନ କରନ୍ତି ସେମାନଙ୍କର ଚିନ୍ତା ସର୍ବଦା ପବିତ୍ର ହୋଇଥାଏ । ବର୍ତ୍ତମାନ ଦୂଷିତ ହୋଇପଡ଼ିଥିବା ବାୟୁମଣ୍ଡଳକୁ ବିଶୁଦ୍ଧ କର ।''

ଭଜନର ଅଡ଼ିଓ କ୍ୟାସେଟ ଓ ସିଡି

ଭାରତରୁ ଯୁକ୍ତରାଜ୍ୟକୁ ଫେରିବା ପରେ ଟେମ୍‌ସଫୋର୍ଡ଼ର ହସ୍‌ମୁଖ ଭାଇ ପଟେଲ ଏବଂ 'ସାଉଥ ଏଣ୍ଡ-ଅନ-ସି'ର କେତେକ ଭକ୍ତ 'ଏହି ଦାସ'ର କେତେକ ଭଜନ ରେକର୍ଡ଼ କରିବାକୁ ସ୍ଥିର କଲେ ।

ପ୍ରଥମେ ହାରୋରେ ପହଞ୍ଚିଥିବା 'ଏହି ଦାସ'ର ଜଣେ କକା ଶ୍ରୀ ନାଗରଦାସ ଗଢ଼ିଆ ଗୋଟିଏ ଅଡ଼ିଓ କ୍ୟାସେଟ୍ ରେକର୍ଡ଼ କରିଥିଲେ ଏବଂ ରେକର୍ଡ଼ ହୋଇଥିବା ଭଜନଗୁଡ଼ିକ ସେତେବେଳେ ଗାନ କରାଯାଉଥିଲା । ଅନ୍ୟମାନେ ଏହାକୁ ଦୁଇମାସ ପାଇଁ ଭଜନ ଅଭ୍ୟାସ କରିବାକୁ ବ୍ୟବହାର କରିଥିଲେ ଏବଂ ତା ପରେ ଆଉ କେତେକ ଭଜନ ଗୋଟିଏ ଷ୍ଟୁଡିଓରେ ରେକର୍ଡ଼ କରାଯାଇଥିଲା । ମୁଁ ଅଡ଼ିଓ କ୍ୟାସେଟ୍ ଓ ସିଡି ପ୍ରସ୍ତୁତ କରିଥିବା ବ୍ୟକ୍ତିମାନଙ୍କୁ ଧନ୍ୟବାଦ ଦେବା କଥା । ସେମାନେ ହେଲେ ଷ୍ଟୁଡିଓ ଭଡ଼ାରେ ଦେଇଥିବା ହସ୍‌ମୁଖ ଭାଇ ପଟେଲ, ସମସ୍ତ ଗାୟକ ଯଥା ହସ୍‌ମୁଖ ଭାଇ,

ଧୀରୁଭାଇ ଓ ଗୀତା ବେନ୍ ପଟେଲ, ନବୀନ ଭାଇ ଏବଂ ଶାରଦା ବେନ୍ ଖାଖାର, କଞ୍ଚନା ଜେ. ଲାଥାମ୍, ଶୋଭା ବେନ୍ ପଟେଲ ଓ ଭାରତ ହାଣ୍ଡା ଏବଂ ବାଦକ ଭାରତଙ୍କ ପୁଅ ସୁରେଶ ଭାଇ ଓ ଅରୁଣା ବେନ୍ ।

ପରମପ୍ରିୟ ସ୍ୱାମୀ ପ୍ରମାଣ କରି ଦେଇଥିଲେ ଯେ ସେ 'ଏହି ଦାସ' ସହିତ ସବୁବେଳେ ରହିଛନ୍ତି କାରଣ ରେକର୍ଡ଼ ହୋଇଥିବା ୩୭ଟି ଭଜନ କୌଣସି ପୁସ୍ତକର ସାହାଯ୍ୟ ନ ନେଇ ଗାନ କରାଯାଇଥିଲା । ସବୁ ଭଜନର ରାଗ, ତାଳ ଓ ଆଳାପ ଜିଭ ଅଗରେ ରହିଥିଲା । ବହୁବର୍ଷ ଧରି ପରମପ୍ରିୟ ସ୍ୱାମୀ 'ଏହି ଦାସ'କୁ ସବୁ କାର୍ଯ୍ୟକ୍ରମ ପୂର୍ବରୁ ଏବଂ ଭଜନ ଅଧିବେଶନମାନଙ୍କରେ ଭଜନ ଗାନ କରିବାକୁ ସୁଯୋଗ ଦେଉଥିଲେ । ସେ ମଧ୍ୟ 'ଏହି ଦାସ'କୁ ବହୁ ନୂଆ ଭଜନ ରଚନା କରିବା ପାଇଁ ପ୍ରେରଣା ଦେଇଥିଲେ ।

ଯେଉଁ ଭକ୍ତମାନେ ଏକତ୍ର ରେକର୍ଡ଼ିଂର ବ୍ୟବସ୍ଥା କରିଥିଲେ 'ଏହି ଦାସ' ସେମାନଙ୍କ ନିକଟରେ କୃତଜ୍ଞତା ଜଣାଉଛି । ତିନୋଟି ଅଡ଼ିଓ କ୍ୟାସେଟ ରେକର୍ଡ଼ିଂ କରି ସମସ୍ତେ ଖୁସି ଥିଲେ । ଯେଉଁ ଚାରିଗୋଟି ସି.ଡି. ପ୍ରସ୍ତୁତ କରାଯାଇଥିଲା ସେଗୁଡ଼ିକର ଚାହିଦା ମଧ୍ୟ ବହୁତ ରହିଥିଲା । ବହୁ ଭକ୍ତ କ୍ୟାସେଟ୍ ଓ ସିଡିର ନକଲ ପ୍ରସ୍ତୁତ କରି ବନ୍ଧୁ, ପରିବାର ଓ ଅନ୍ୟ ଭକ୍ତମାନଙ୍କ ମଧ୍ୟରେ ବାଣ୍ଟିଥିଲେ ।

ସମସ୍ତଙ୍କୁ ପରମପ୍ରିୟ ସ୍ୱାମୀ ଆଶୀର୍ବାଦ କରନ୍ତୁ ।

❑❑

ଅଧ୍ୟାୟ - ୪୮

୧୯୯୬ ଓ ୧୯୯୭ର ପାଦୁକା ଉତ୍ସବ

୧୯୯୬ ମସିହାରେ ପାଦୁକା ଉତ୍ସବ

ପରମପ୍ରିୟ ସ୍ୱାମୀଙ୍କର ଦିବ୍ୟ କୃପାରୁ ଅଷ୍ଟୋତ୍ତରଶତ ପାଦୁକା ମହୋତ୍ସବ ୧୯୯୬ ମସିହା ଅକ୍ଟୋବର ୧ ତାରିଖଠାରୁ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ନିମ୍ନ ପ୍ରକାରେ ଥିଲା ।

ପ୍ରଥମଦିନ : ହୋମ ଓ ପରେ ପରେ ଗଣେଶ ପୂଜା ଚାରିଘଣ୍ଟା ପାଇଁ ଅନୁଷ୍ଠିତ ହୋଇଥିଲା । ପରମପ୍ରିୟ ସ୍ୱାମୀ ଏହି ଉତ୍ସବରେ ନିଜେ ଉପସ୍ଥିତ ରହିବେ ବୋଲି ସଂଗଠକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଯେତେବେଳେ ବାବା ନିଜେ ସଶରୀରରେ ଉପସ୍ଥିତ ହୋଇ ପାରି ନ ଥିଲେ, ସେତେବେଳେ ଦେଖାଗଲା ଯେ ଅଗ୍ନିପୁରୁଷ ଭାବରେ ସେ ପ୍ରଜ୍ୱଳିତ ଅଗ୍ନିର ମଧ୍ୟ ଭାଗରେ ଦଣ୍ଡାୟମାନ ହୋଇ ତାଙ୍କର ସର୍ବବିଦ୍ୟମାନତା ପ୍ରମାଣ କରିଛନ୍ତି । ସେତେବେଳେ ଯେଉଁ ଫଟୋ ଉଠିଥିଲା ସେଥିରେ ବାବାଙ୍କର ଫଟୋଚିତ୍ର ଅଗ୍ନି ମଧ୍ୟରେ ସ୍ପଷ୍ଟ ଭାବରେ ଦେଖାଯାଉଥିଲା ।

ଦ୍ୱିତୀୟ ଦିନ : ଭଗବାନ ଧନ୍ୱନ୍ତରୀ (ଚିକିତ୍ସା ଓ ସ୍ୱାସ୍ଥ୍ୟର ଦେବତା)ଙ୍କର ପ୍ରତିମୂର୍ତ୍ତି ଶୋଭାଯାତ୍ରାରେ ସାଇକୁଲବନ୍ତ ହଲ୍‌କୁ ଏବଂ ସେଠାରୁ ଶ୍ରୀ ସତ୍ୟସାଇ ସୁପର ସ୍ପେଶିଆଲିଟି ହସ୍‌ପିଟାଲକୁ ନିଆଗଲା । ହସ୍‌ପିଟାଲର ମୁଖ୍ୟ ଫାଟକ ସମ୍ମୁଖରେ ଲନ୍ ମଧ୍ୟରେ ପରମପ୍ରିୟ ସ୍ୱାମୀଙ୍କ ଦିବ୍ୟହସ୍ତରେ ଏହି ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଗଲା । ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ହସ୍‌ପିଟାଲର କର୍ମଚାରୀମାନେ ଯୋଗ ଦେଇଥିଲେ ।

ତୃତୀୟ ଦିନ : ଏକ ହଜାର ଆଠଜଣ ଦମ୍ପତ୍ତିଙ୍କୁ ନେଇ ସାଇ କୁଲବନ୍ତ ହଲ୍‌ରେ ପାଦୁକା ପୂଜା ଅନୁଷ୍ଠିତ ହୋଇଥିଲା । ହଲ୍‌କୁ ଅତି ସୁନ୍ଦର ଭାବରେ ସଜାଯାଇଥିଲା । ଗୋଟିଏ ପାଖରେ ଭଗବାନ ଶିବ ଓ ତାଙ୍କ ସହଧର୍ମିଣୀ ପାର୍ବତୀ, ଅନ୍ୟ ପାଖରେ ଭଗବାନ ବିଷ୍ଣୁ ଏବଂ ମଧ୍ୟସ୍ଥଳରେ ଭଗବାନ ଗଣେଶ ରହିଥିଲେ ।

ସକାଳ ସାତଟାରେ ପରମପ୍ରିୟ ସ୍ୱାମୀ ହଲ୍‌ରେ ପହଞ୍ଚିଥିଲେ ଏବଂ ଶ୍ରୀ ସାଇ ପାଦୁକା ଟ୍ରଷ୍ଟର ସଭାପତି ଶ୍ରୀ ସୁବ୍ରମଣ୍ୟମ୍ ଚେଟିଆର ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ସ୍ୱାମୀ ନିଜେ ପୁରୋହିତମାନଙ୍କୁ ସ୍ୱାଗତ କରି ସ୍ୱତନ୍ତ୍ର ଭାବରେ ନିର୍ମିତ

ତମ୍ଭା ବଇଠି ଉପରେ ଥିବା ପ୍ରଦୀପ ପ୍ରଜ୍ୱଳନ କରି ପାଦୁକା ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ପାଦୁକା ଉତ୍ସବରେ ଅଂଶ ଗ୍ରହଣ କରିଥିବା ସବୁ ଭକ୍ତ ଦିବ୍ୟ ପାଦପଦ୍ମକୁ ଆରାଧନା କରିବା ପାଇଁ ସ୍ୱତନ୍ତ୍ର ଆଧ୍ୟାତ୍ମିକ ସଂଗୀତ ଗାନ କରିବା ସହିତ ନିଜ ନିଜ ହୃଦୟ ମଧ୍ୟରେ ସ୍ଥାପନ କରିଥିଲେ ।

ପୁରୋହିତମାନଙ୍କର ବେଦ ଉଚ୍ଚାରଣ ଓ ମନ୍ତ୍ର ପାଠ ସହିତ ଉତ୍ସବ ଆରମ୍ଭ କରାଯାଇଥିଲା । ଭଗବାନ ଗଣେଶ ଓ ଦେବତାମାନଙ୍କର ପୂଜା ସମ୍ପନ୍ନ କରାଗଲା । ଉତ୍ସବରେ ଅଂଶ ଗ୍ରହଣ କରିଥିବା ଭକ୍ତମାନେ ସେମାନଙ୍କୁ ଦିଆଯାଇଥିବା ପୂଜାଦ୍ରବ୍ୟ ଜଣକ ପରେ ଜଣେ ପାଦୁକାକୁ ସମର୍ପଣ କରିଥିଲେ । ଏଥିରେ ପୁରୋହିତମାନେ ମନ୍ତ୍ର ପଢ଼ି ସାହାଯ୍ୟ କରିଥିଲେ । ପ୍ରତ୍ୟେକ ଦମ୍ପତି ନିଜ ନିଜର ଆରତୀ ପ୍ରଜ୍ୱଳନ କରି ଭଗବାନ ବାବାଙ୍କୁ ଅର୍ପଣ କରିବା ପରେ ପାଦୁକା ପୂଜାର ପରିସମାପ୍ତି ଘଟିଥିଲା ।

ପରମପ୍ରିୟ ସ୍ୱାମୀ ହଜାର ହଜାର ଭକ୍ତଙ୍କୁ ତାଙ୍କର ଦିବ୍ୟ ସନ୍ଦେଶ ଦେବା ପୂର୍ବରୁ ଅପରାହ୍ନ ଅଧିବେଶନରେ ସମ୍ବୋଧନ କରିବା ପାଇଁ 'ଏହି ଦାସ' ନିକଟକୁ ବାର୍ତ୍ତା ପଠାଇଥିଲେ । ପବିତ୍ର ପାଦୁକାର ଗୁରୁତ୍ୱ ସମ୍ପର୍କରେ କହିବା ପାଇଁ ତାଙ୍କର ନିର୍ଦ୍ଦେଶ ଥିଲା । ପରମପ୍ରିୟ ବାବାଙ୍କୁ ପ୍ରଣାମ ଜଣାଇ 'ଏହି ଦାସ' (ଡକ୍ଟର ଗଡ଼ିଆ) ଅପରାହ୍ନ ଅଧିବେଶନରେ ନିମ୍ନମତେ ବକ୍ତବ୍ୟ ପ୍ରଦାନ କରିଥିଲା ।

''ଏଭଳି ଏକ ଅସାଧାରଣ ଭକ୍ତ ସମ୍ମିଳନୀରେ ବକ୍ତୃତା ଦେବା ପାଇଁ 'ଏହି ଦାସ'କୁ ପରମପ୍ରିୟ ସ୍ୱାମୀ ସୁଯୋଗ ଦେଇଥିବାରୁ ମୁଁ ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛି । ଏଭଳି ଏକ ବିଶାଳ କାର୍ଯ୍ୟକ୍ରମ ସଂଗଠନ କରିଥିବାରୁ ମୁଁ ମଦୁରାଇର ଶ୍ରୀ ସାଇ ପାଦୁକା ଟ୍ରଷ୍ଟକୁ ଧନ୍ୟବାଦ ଜଣାଉଛି । ପରମପ୍ରିୟ ସ୍ୱାମୀଙ୍କର ସଂକଳ୍ପ ଓ କୃପା ବଳରେ ବିଧିବିଧାନ ଅନୁସାରେ ଆମେ ଅତି ସୁନ୍ଦର ଭାବରେ ପୂଜା ଅର୍ଚ୍ଚନା କରିବାର ସୁଯୋଗ ପାଇଛନ୍ତି । ଆମର ବ୍ୟକ୍ତିତ୍ୱ ରୂପକ 'ବ୍ୟାଟେରୀ'ରେ ଏବେ ଶକ୍ତି ସଂଚରିତ ହୋଇଛି । ପାଦୁକାଗୁଡ଼ିକ ମହାଜାଗତିକ ଦିବ୍ୟ ପ୍ରକମ୍ପନ ବହନ କରିବା ସହିତ ଏଥିରେ ପରମପ୍ରିୟ ସ୍ୱାମୀଙ୍କର ଦିବ୍ୟ ଚକ୍ଷୁରୁ ନିର୍ଗତ ଶକ୍ତି ସଂଚରିତ ହୋଇଛି । ଏଗୁଡ଼ିକ ପୃଥିବୀର ବିଭିନ୍ନ ସ୍ଥାନରେ ରହୁଥିବା ଭକ୍ତମାନଙ୍କର ଗୃହକୁ ନିଆଯିବ । ଯେତେବେଳେ ପୂଜା କାର୍ଯ୍ୟ ଚାଲୁଥିଲା ସ୍ୱାମୀ ଚାରିଆଡ଼େ ବୁଲି ପ୍ରତ୍ୟେକଙ୍କ ଉପରେ ନିଜର ଦୃଷ୍ଟି ସଂଚାଳନ କରୁଥିଲେ ।''

''ଭଗବାନ ରାମଙ୍କ ଭ୍ରାତା ଭରତ ରାମଙ୍କ ପାଦୁକା ନିଜ ମସ୍ତକ ଉପରେ ରଖି ଅଯୋଧ୍ୟାକୁ ପ୍ରତ୍ୟାଗମନ କରିଥିଲେ । କୁହାଯାଏ – ପାଦୁକା ନୁହେଁ, ସେ ରାମ ଓ ସୀତାଙ୍କୁ ହିଁ ମସ୍ତକରେ ଧାରଣ କରି ଅଯୋଧ୍ୟାକୁ ଫେରିଥିଲେ । ସେ ତା ପରେ ପାଦୁକାକୁ ସିଂହାସନ ଉପରେ ସ୍ଥାପନ କରି ଅଯୋଧ୍ୟାକୁ ଶାସନ କରିଥିଲେ । ଆମର ଏହି ପାଦୁକାଗୁଡ଼ିକ ଶିବ-ଶକ୍ତିଙ୍କର ଆଶୀର୍ବାଦ ପ୍ରାପ୍ତ ହୋଇଛନ୍ତି । ପୃଥିବୀର ବିଭିନ୍ନ କୋଣରେ

ଅବସ୍ଥିତ ଗୃହମାନଙ୍କରେ ଅବସ୍ଥାପିତ ହୋଇ ଏଗୁଡ଼ିକ ମହାଜାଗତିକ ରଶ୍ମୀ ବିଚ୍ଛୁରିତ କରିବେ ।''

'ଏହି ଦାସ' କହିଚାଲିଥିଲା ''ଯେତେବେଳେ ଶିରିଡ଼ି ସାଇବାବାଙ୍କର ପାଦୁକାକୁ ମସ୍ତକରେ ରଖି ଶୋଭାଯାତ୍ରାରେ ନିଆଯାଉଥିଲା ସେତେବେଳେ ଶିରିଡ଼ି ବାବା କହିଥିଲେ 'ଏହି ପାଦୁକା ଦୁଇଟି ହେଉଛନ୍ତି ଦେବ' । ଆମର ବର୍ତ୍ତମାନର ପାଦୁକାଗୁଡ଼ିକ ବାସ୍ତବରେ 'ଦେବାଧିଦେବ' । ପରମପ୍ରିୟ ସ୍ୱାମୀ ଆମକୁ ଏହି ପାଦୁକା ଉପହାର ଦେଇ ଆମ ଉପରେ ତାଙ୍କର ଅଗାଧ ପ୍ରେମବାରି ବୃଷ୍ଟି କରିଛନ୍ତି । ଏଥିରେ ନିହିତ ମହାଜାଗତିକ ରଶ୍ମୀକୁ ଅନ୍ୟମାନଙ୍କୁ ବିତରଣ କରି ଆମେ ଆସନ୍ତୁ ସେହି ଦିବ୍ୟ ପ୍ରେମର ଅଂଶୀଦାର ହେବା ।''

''ଯେଉଁ ଭକ୍ତମାନେ ଏହି ପାଦୁକା ଗୁଡ଼ିକର ଅଧିକାରୀ ହେବେ ସେମାନେ ପରମପ୍ରିୟ ସ୍ୱାମୀଙ୍କର ଉପଦେଶଗୁଡ଼ିକୁ ଅଭ୍ୟାସରେ ପରିଣତ କରି ନିଜ ଭିତରେ ରୂପାନ୍ତର ଆଣିବାକୁ ଉଦ୍ୟମ କରିବା ଉଚିତ । ନାମ ସ୍ମରଣ, ଆତ୍ମ ଶୁଦ୍ଧି ଏବଂ ମାନବ ସେବା – ମାଧବ ସେବାକୁ ଆଚରଣରେ ପ୍ରଦର୍ଶନ କଲେ ସେମାନେ ଏତାଦୃଶ ରୂପାନ୍ତରକ୍ଷମ ହୋଇପାରିବେ । ପରମପ୍ରିୟ ସ୍ୱାମୀଙ୍କର ମୂଳ ନୀତି ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସାକୁ ଆଚରଣରେ ପ୍ରଦର୍ଶନ କରିବା ପାଇଁ ଆମେ ପ୍ରତିଜ୍ଞାବଦ୍ଧ ହେବା ଉଚିତ ।''

''ଏହି ଅବସରରେ ବର୍ମିଂହାମ୍‌ଠାରେ ୧୯୯୮ ମସିହାରେ ଏଭଳି ଏକ ଉତ୍ସବ ପାଳନ କରିବା ପାଇଁ ଅନୁମତି ଦେବାକୁ ମୁଁ ପରମପ୍ରିୟ ସ୍ୱାମୀଙ୍କୁ ମୋର ନିଷ୍ପାପର ଓ ଆନ୍ତରିକ ପ୍ରାର୍ଥନା ଜଣାଉଛି । ପାଦୁକା ଟ୍ରଷ୍ଟର ଅନୁମତି ଓ ସହଯୋଗ ପାଇଁ ମଧ ମୁଁ ନିବେଦନ କରୁଛି । 'ସାଇରାଜ୍ୟ'ରେ ପରିଣତ ହେବାକୁ ଯାଉଥିବା ଯୁକ୍ତରାଜ୍ୟ ପରିଦର୍ଶନ କରି ପରମପ୍ରିୟ ସ୍ୱାମୀ ଏହାକୁ ପବିତ୍ରତାରେ ଭରିଦେବାକୁ ମୁଁ ଅନୁରୋଧ ଜଣାଉଛି ।''

୧୯୯୬ ମସିହା ଅକ୍ଟୋବର ତିନି ତାରିଖ ଦିନ ପରମପ୍ରିୟ ସ୍ୱାମୀ ଦେଇଥିବା ଦିବ୍ୟ ସନ୍ଦେଶ ନିମ୍ନରେ ଉଦ୍ଧାର କରାଗଲା । (୧୯୯୬ ମସିହା ନଭେମ୍ବର ମାସର 'ସନାତନ ସାରଥି' ଦ୍ରଷ୍ଟବ୍ୟ) ।

ପାଦୁକାପୂଜା

ସ୍ୱାମୀ କହିଥିଲେ ''ଆଜି ଆମେ ପାଦୁକା ପୂଜା ଉତ୍ସବ ପାଳନ କରୁଛେ । ପାଦୁକା ପୂଜା ଏବେ ଆରମ୍ଭ ହୋଇ ନାହିଁ । ତ୍ରେତା ଯୁଗରେ ସନ୍ନ୍ୟାସୀମାନେ ପାଦୁକାପୂଜା କରୁଥିଲେ, ଦିବ୍ୟ ଆନନ୍ଦ ଅନୁଭବ କରୁଥିଲେ ଏବଂ ଅନ୍ୟମାନଙ୍କ ସହିତ ମଧ ଆନନ୍ଦରେ ଅଂଶୀଦାର ହେଉଥିଲେ । ଦକ୍ଷିଣମୂର୍ତ୍ତି (ଗୁରୁ ରୂପେ ଶିବ)ଙ୍କ ପୂଜାରେ ଭଗବାନଙ୍କ

ପାଦୁକାକୁ ଗୁରୁ ରୂପେ ବିଚାର କରି ଗୁରୁତ୍ୱ ଦିଆଯାଇଥାଏ । ଏପରିକି ଶଙ୍କରାଚାର୍ଯ୍ୟ ଭଗବାନଙ୍କ ପାଦୁକା ପୂଜା ଅତ୍ୟାବଶ୍ୟକ ବୋଲି ମନେ କରୁଥିଲେ । ଗୋଟିଏ ଲୋକପ୍ରିୟ ପ୍ରସିଦ୍ଧ ସ୍ତୋତ୍ରରେ ସେ ବିଭିନ୍ନ ଦିଗରୁ ଭଗବାନଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି ଏବଂ ଘୋଷଣା କରିଛନ୍ତି ଯେ, ସେ ଭଗବାନଙ୍କ ପାଦପଦ୍ମରେ ଶରଣ ନେଇଛନ୍ତି । ସେ ପୁଣି ଘୋଷଣା କରିଛନ୍ତି ଯେ ଶିବଙ୍କ ପାଦୁକାକୁ ସେ ନିଜ ହୃଦୟରେ ସ୍ଥାପନ କରିଛନ୍ତି । ଅନ୍ୟ କେଉଁଠାରେ ନୁହେଁ ।''

ଏକ ଆନନ୍ଦମୟ ଅଭିଜ୍ଞତା

''ଆଜି ସକାଳେ ତୁମେ ସବୁ ଯେଉଁ ଦୃଶ୍ୟ ଅବଲୋକନ କଲ ତାହା ସମସ୍ତଙ୍କ ପାଇଁ ଆନନ୍ଦପୂର୍ଣ୍ଣ ଅଭିଜ୍ଞତା । ମନେହେଉଥିଲା ଯେପରି ସମସ୍ତେ ଭଗବାନଙ୍କ ବାସସ୍ଥଳୀ ବୈକୁଣ୍ଠରେ କିମ୍ବା ଇନ୍ଦ୍ରଙ୍କ ରାଜ୍ୟ ସ୍ୱର୍ଗରେ ଅବସ୍ଥାନ କରୁଛନ୍ତି । ପ୍ରତ୍ୟେକ ନୀରବରେ ପାଦୁକା ପୂଜା କରୁଥିଲେ । ଏଥିରେ ସମସ୍ତଙ୍କର ଆନ୍ତରିକତା ରହିଥିଲା । ପଣ୍ଡିତମାନେ ପ୍ରତ୍ୟେକ ମନ୍ତ୍ରର ଏପରିକି ପ୍ରତ୍ୟେକ ଶବ୍ଦର ଅର୍ଥ ସ୍ପଷ୍ଟ ଭାବରେ ଏବଂ ବିଜ୍ଞତାର ସହିତ ବୁଝାଇ ଦେଉଥିଲେ । ଭାରତବର୍ଷରେ ଦୀର୍ଘସମୟ ଧରି ଏପରି ବିଚାରଧାରା ନ ଥିଲା । ତେଣୁ ଏହା ଏକ ସମସ୍ୟା ରୂପେ ଠିଆ ହୋଇଥିଲା । ଲୋକମାନେ 'କର୍ତ୍ତବ୍ୟ ହିଁ ଭଗବାନ' ବୋଲି ମନେ କରି କାର୍ଯ୍ୟ କରୁଥିଲେ । ଆଜିର ଉତ୍ସବରେ ପଣ୍ଡିତମାନଙ୍କଠାରେ ସେଭଳି ବ୍ୟତିକ୍ରମ ନ ଥିଲା । ସେହି ପଣ୍ଡିତମାନେ ଧନ୍ୟବାଦାର୍ହ ଯେଉଁମାନଙ୍କ ସାହାଯ୍ୟରେ ଭକ୍ତମାନେ ପୂଜା ବିଧାନକୁ ନିଷ୍ଠାର ସହିତ ପାଳନ କରୁଥିଲେ ।''

ଡକ୍ଟର ଗଡ଼ିଆ ଏବଂ ସ୍ୱାମୀ

ସ୍ୱାମୀ ପୁଣି କହିଥିଲେ ''ବର୍ତ୍ତମାନ ମୁଁ ଡକ୍ଟର ଗଡ଼ିଆ, ଯେ କି ପୂର୍ବରୁ ସଭାକୁ ସମ୍ବୋଧନ କରିସାରିଛନ୍ତି, ତାଙ୍କ ସମ୍ପର୍କରେ କହିବି । ତାଙ୍କୁ ସମସ୍ତେ ଜାଣନ୍ତି । ତାଙ୍କର ଜେଜବାପା କାକାସାହେବ ଦୀକ୍ଷିତ ଶିରିଡ଼ିରେ ରହୁଥିଲେ । ବୃଦ୍ଧଙ୍କୁ ସେ (ଡକ୍ଟର ଗଡ଼ିଆ) ଦେଖି ନ ଥିଲେ । କିନ୍ତୁ ମୁଁ ତାଙ୍କୁ ଦେଖିଛି । ଦୀକ୍ଷିତ ପରିବାରର ସ୍ୱାମୀଙ୍କ ସହିତ ସମ୍ପର୍କ ଥିଲା ଏବଂ ଆଜିକାଲି ମଧ୍ୟ ରହିଛି । କାକା ସାହେବ ଦୀକ୍ଷିତଙ୍କ ପୁଅ ଭଗବାନଙ୍କ ନିକଟକୁ ଆସିଥିଲେ ଏବଂ ୩୦ ବର୍ଷ ଧରି ବୃନ୍ଦାବନରେ ରହିଥିଲେ । ଦୀକ୍ଷିତ ସସ୍ତ୍ରୀକ ସ୍ୱାମୀଙ୍କ ଆଶ୍ରମରେ ରହୁଥିଲେ । ସେ ସ୍ୱାମୀଙ୍କୁ କାକା ସାହେବ ଦୀକ୍ଷିତଙ୍କ ଡାଏରୀ (ଦିନଲିପି) ଦେଖାଇଥିଲେ । ଏଥିରେ ସେ ଶିରିଡ଼ି ବାବା ଯାହା କହିଥିଲେ ସେସବୁକୁ ଉଲ୍ଲେଖ କରିଛନ୍ତି । ବାବା ତାଙ୍କୁ କହିଥିଲେ 'ବାଳକ ! ତୁମେ ପୁଣି ବାବାଙ୍କ ନିକଟ ସମ୍ପର୍କରେ ଆସିବ । ଯାହା ଅସୁବିଧା ଥାଉ ନା କାହିଁକି ବିଶ୍ୱାସ ହରାଅ ନାହିଁ ।' ତା ପରେ ଗଡ଼ିଆ ବାବାଙ୍କ ନିକଟକୁ ଆସିଲେ । ମୁଁ ତାଙ୍କୁ ଡାକ୍ତରୀ ପଢ଼ିବା ପାଇଁ ମଣିପାଲ

ପଠାଇଥିଲି । ମଣିପାଲରେ ଡାକ୍ତରୀ ପାଠ ଶେଷ କରି ସେ ବାଙ୍ଗାଲୋର ଆସିଲେ । ମୁଁ ତାଙ୍କୁ କହିଥିଲି ତାଙ୍କର ବାଙ୍ଗାଲୋରରେ ରହିବାର କୌଣସି କାରଣ ନାହିଁ । ମୁଁ ତାଙ୍କୁ ଲଣ୍ଡନ ଯିବା ପାଇଁ ନିର୍ଦ୍ଦେଶ ଦେଇଥିଲି ।''

''ଏହିପରି ଭାବରେ ଗଡ଼ିଆ ଓ ତାଙ୍କ ପୂର୍ବପୁରୁଷ ସାଇଙ୍କ ସହିତ ସମ୍ପୃକ୍ତ ଅଛନ୍ତି । ଏହିପରି ବହୁଭକ୍ତ ପୁରୁଷ ପୁରୁଷ ଧରି ସ୍ୱାମୀଙ୍କ ସହିତ ସମ୍ପୃକ୍ତ ଅଛନ୍ତି । ଅତୀତରେ ଏଭଳି ସମ୍ପର୍କ ନଥିଲେ ତୁମେ ସବୁ ଏଠାକୁ ଆସିପାରନ୍ତ ନାହିଁ । ବର୍ତ୍ତମାନ ତୁମେ ଏ ସମ୍ପର୍କରେ ସଚେତନ ହେଲ ମାତ୍ର ମୁଁ ଏକଥା ଆଗରୁ ଜାଣିଛି । ଏହି ପବିତ୍ର ସମ୍ପର୍କ ପୂର୍ବଜନ୍ମ ମାନଙ୍କରୁ ଗଡ଼ିଆସିଛି ।''

ସାଇଙ୍କ ସହିତ ସମ୍ପର୍କ

ସ୍ୱାମୀ କହିଚାଲିଥିଲେ ''ଏହିପରି ତୁମ ଭିତରୁ ଅନେକଙ୍କର ଅନନ୍ତକାଳରୁ ସାଇଙ୍କ ସହିତ ଆତ୍ମୀକ ସମ୍ପର୍କ ରହିଆସିଛି। ଏହି ସମ୍ପର୍କ ଅଛିଣ୍ଡା । ଏହା ଶାଶ୍ୱତ ଓ ଅନନ୍ତ । ଏହି ପବିତ୍ର ସମ୍ପର୍କ କେବେହେଲେ ତ୍ୟାଗ କରିବା ଉଚିତ ନୁହେଁ । ସମସ୍ତେ ଦିନେ ଯେଉଁଠାରୁ ଆସିଛନ୍ତି ସେଠାକୁ ଫେରିଯିବେ । ଏହା ହିଁ ଭାଗବତର ଦୀର୍ଘଦିନର ଘୋଷଣା । ପ୍ରତ୍ୟେକ ଜୀବ ପାଇଁ ଏହା ସ୍ୱାଭାବିକ ଯେ ସେ ଯେଉଁଠାରୁ ଆସିଛି ସେଠାକୁ ଚାଲିଯିବ । ତୁମେ 'ଆତ୍ମା'ରୁ ଆସିଛ ଏବଂ 'ଆତ୍ମା' ସହିତ ମିଶିଯିବ । ଲକ୍ଷ୍ୟ ହାସଲ ନ ହେବା ପର୍ଯ୍ୟନ୍ତ ପବିତ୍ର ଜୀବନଯାତ୍ରାକୁ ହାଲୁକା ଭାବରେ ଗ୍ରହଣ କରିବା ଉଚିତ ନୁହେଁ ।''

''ଲୋକମାନେ ଯେଉଁବାଟ ଦେଇ ଆସିଥାନ୍ତି ସେ ବାଟ କଥା ଭୁଲିଯାଆନ୍ତି ଏବଂ ନୂଆ ବାଟ ଖୋଜିବାରେ ଲାଗିଯାଆନ୍ତି । ଅନେକ ମୋ ନିକଟକୁ ଆସି ପଚାରିଛନ୍ତି 'ସ୍ୱାମୀ ! ଆମକୁ ବାଟ ଦେଖାଅ ।' ମୁଁ ସେମାନଙ୍କୁ କହେ 'ମୁଁ ତୁମକୁ ବାଟ ଦେଖାଇବାର ଆବଶ୍ୟକତା ନାହିଁ । ତୁମେ ଯେଉଁ ବାଟରେ ଆସିଛ ସେହି ବାଟ ଦେଇ ଫେରିଯାଅ ।''

''ତୁମେ କେଉଁଠାରୁ ଆସିଛ ? ତୁମ ମାତାଙ୍କଠାରୁ ନୁହେଁ କିମ୍ବା କୌଣସି ନିର୍ଦ୍ଦିଷ୍ଟ ସ୍ଥାନରୁ ନୁହେଁ । ଶରୀର ମାତାଙ୍କ ଠାରୁ ଆସିଛି କିନ୍ତୁ 'ଆତ୍ମା' କେବଳ 'ଆତ୍ମା'ଠାରୁ ଆସିଛି । ତୁମେ ଶରୀର ବା ଇନ୍ଦ୍ରିୟ ବା ମନ ନୁହଁ । ତୁମେ କେବଳ ଆତ୍ମା । ତୁମେ ଅମରତ୍ୱର ସନ୍ତାନ । ତୁମେ ଅମୃତ ପୁତ୍ର ହୋଇ 'ଅନୃତ' (ଅସତ୍ୟ) ପଛରେ କାହିଁକି ଧାଇଁଛ ? ଅମରତ୍ୱ ପାଇଁ ବାଟ କଣ ? ଅମରତ୍ୱକୁ ଦୂରେଇ ନ ଦେବା ହିଁ ଅମରତ୍ୱ ପାଇଁ ଏକ ମାତ୍ର ବାଟ । ସାଂସାରିକ ବନ୍ଧନ, ଘୃଣା ଓ ଈର୍ଷା ଭଳି ଦୁର୍ଗୁଣଗୁଡ଼ିକୁ ତ୍ୟାଗ କଲେ ତୁମେ ଅମରତ୍ୱକୁ ଅନୁଭବ କରିବ । ଏହି ଦୁର୍ଗୁଣଗୁଡ଼ିକ ତୁମକୁ ଭଗବାନଙ୍କଠାରୁ ଦୂରେଇ ରଖିଛନ୍ତି । ତୁମେ ଯେତେବେଳେ ସେଗୁଡ଼ିକୁ ତ୍ୟାଗ କରିବ ଭଗବାନ ତୁମ ନିକଟକୁ ଆସିବେ ।''

ଭଗବାନ ତୁମ ସହିତ ଅଛନ୍ତି

ସ୍ୱାମୀ ପୁଣି କହିଥିଲେ ''ତେଣୁ ଧୀରେ ଧୀରେ ତୁମକୁ ପଶୁ ଗୁଣ ଗୁଡ଼ିକୁ ପରିତ୍ୟାଗ କରି ନୈତିକତା ପରି ଈଶ୍ୱରୀୟ ଗୁଣଗୁଡ଼ିକର ବିକାଶ କରିବାକୁ ପଡ଼ିବ । ଆତ୍ମସମୀକ୍ଷା ଦ୍ୱାରା କ୍ରୋଧ ଭଳି ପଶୁଗୁଣଗୁଡ଼ିକୁ ତ୍ୟାଗ କରି ପାରିବ । ମାନବ ଜୀବନର ଲକ୍ଷ୍ୟକୁ ହୃଦୟଙ୍ଗମ ନ କରି ତୁମେ କେତେ ଜନ୍ମ ଧରି ସେହି ଗୋଟିଏ 'ଜନ୍ମ- ମୃତ୍ୟୁ-ଚକ୍ର'ରେ ଘୁରୁଥିବ ? କେବଳ ଏହାକୁ ଅନୁଭବ କରିବା ପାଇଁ ସବୁ ପ୍ରକାର ପୂଜା, ବିଧିବିଧାନ ଓ ପ୍ରାୟଶ୍ଚିତ କରାଯାଇଥାଏ । ତୁମେ ଏହି ଜନ୍ମ ଦ୍ୱାରା ଗୋଟିଏ ଅତି ମୂଲ୍ୟବାନ ଉପହାର ପାଇଛ । ଏହାକୁ ନଷ୍ଟ କରିଦିଅ ନାହିଁ । ମିଳୁଥିବା ପ୍ରତ୍ୟେକ ମୁହୂର୍ତ୍ତକୁ ମୂଲ୍ୟବାନ କାର୍ଯ୍ୟରେ ବିନିଯୋଗ କର । ଭକ୍ତମାନେ ଭଗବାନଙ୍କ ପାଦପଦ୍ମ ମାଧମରେ ଏବଂ ପାଦୁକା ପୂଜା ଦ୍ୱାରା ଦୈବତ୍ୱକୁ ଅନୁଭବ କରିବା ପାଇଁ ପ୍ରବଳ ଇଚ୍ଛା ପ୍ରକାଶ କରିଥାନ୍ତି । ନିଶ୍ଚିତ ହୁଅ ଯେ ଯେତେବେଳେ ତୁମ ପାଖରେ ପବିତ୍ର ପାଦୁକା ରହିଛି, ଭଗବାନ ମଧ୍ୟ ତୁମ ପାଖରେ ଅଛନ୍ତି । ତୁମେ ଯେତେବେଳେ ମନ୍ଦିର ମଧ୍ୟକୁ ଆସ ତୁମ ଯୋତାଗୁଡ଼ିକୁ ବାହାରେ ରଖି ଆସ । କିନ୍ତୁ ଭଗବାନଙ୍କ ପାଦ ସେହିଠାରେ ଅଛି ଯେଉଁଠାରେ ତାଙ୍କ ପାଦୁକା ରହିଛି । ଏହି ପବିତ୍ର ଧାରଣାକୁ ମନ ମଧ୍ୟରେ ରଖ । ମନ ମଧ୍ୟରେ ଧାରଣା ବଳବତ୍ତର କର ଯେ ଶାଶ୍ୱତ ଦୈବତ୍ୱ ସର୍ବବିଦ୍ୟମାନ । ଚିନ୍ତା, ବାକ୍ୟ ଓ କାର୍ଯ୍ୟରେ ପବିତ୍ରତା ଓ ସମନ୍ୱୟ ରକ୍ଷାକର । ଏହା ହିଁ ଦିବ୍ୟ ଜ୍ଞାନ ପ୍ରାପ୍ତି ପାଇଁ ବାଟ ।''

''ଡକ୍ଟର ଗଡ଼ିଆ ଲକ୍ଷ୍ୟ କରିସାରିଛନ୍ତି ଯେ ୧୯୯୮ ପୂର୍ବରୁ ବହୁ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିବାର ଅଛି । (ଡକ୍ଟର ଗଡ଼ିଆ ୧୯୯୮ ମସିହାରେ ଇଂଲଣ୍ଡର ବର୍ମିଂହାମଠାରେ ଏକ ବଡ଼ ଧରଣର ପାଦୁକା ଉତ୍ସବରେ ଯୋଗ ଦେବା ପାଇଁ ସ୍ୱାମୀଙ୍କୁ ନିମନ୍ତ୍ରଣ କରି ସାରିଛନ୍ତି) । ଏହି ଅଭିଳାଷ ଅନୁସାରେ ସୁବ୍ରମଣ୍ୟମ ଚେଟିଆର ଆବଶ୍ୟକ ସ୍ୱାସ୍ଥ୍ୟ ଓ ଶକ୍ତି ପାଇଁ ଆଶୀର୍ବାଦ ପାଇବା ଉଚିତ । ସେ ସବୁ ପ୍ରକାର କଷ୍ଟ ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ଅଛନ୍ତି ମାତ୍ର ସେ ଅତି ଦୁର୍ବଳ । ତାଙ୍କର ବିଶ୍ୱାସ ଓ ସଂକଳ୍ପ ତାଙ୍କୁ ଆବଶ୍ୟକ ଶକ୍ତି ପ୍ରଦାନ କରିବ । ଆମ ଶାସ୍ତ୍ରୀ (ପ୍ରଶାନ୍ତି ନିଳୟମର କାର୍ଯ୍ୟ ସମ୍ପାଦନ ଦାୟିତ୍ୱରେ ଅଛନ୍ତି) ମଧ୍ୟ ଏଥିପାଇଁ ସଂକଳ୍ପ କରିବା ଉଚିତ । ସେ ପାଦୁକା ପୂଜାର ମହତ୍ତ୍ୱ ସମ୍ପର୍କରେ ଲୋକ (ଭକ୍ତ)ମାନଙ୍କ ମଧ୍ୟରେ ବାର୍ତ୍ତା ପ୍ରସାର କରିବା ଏବଂ ଅଜ୍ଞାନତାର ଅନ୍ଧକାର ଦୂର କରିବା ପାଇଁ କାର୍ଯ୍ୟ କରିବା ଦରକାର ।''

୧୯୯୭ ମସିହାର ପାଦୁକା ଉତ୍ସବ

ପରମପ୍ରିୟ ସ୍ୱାମୀଙ୍କ ଦିବ୍ୟ କୃପାରୁ ୧୯୯୭ ମସିହା ସେପ୍ଟେମ୍ବର ୨୦ ତାରିଖ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ୨୦୧୬ (୧୦୦୮ + ୧୦୦୮) ପାଦୁକାର ଏକ ମହୋତ୍ସବ

ଅନୁଷ୍ଠିତ ହୋଇଥିଲା । ୧୯୯୬ ମସିହାରେ ଯେଭଳି ଭାବରେ ପାଦୁକା ପୂଜା ଉତ୍ସବ ପାଳନ କରାଯାଇଥିଲା ଠିକ୍ ସେହିପରି ଭାବରେ ଏ ଉତ୍ସବ ପାଳିତ ହେଲା । ଏଥର କିନ୍ତୁ ଭଗବାନ ସୁବ୍ରମଣ୍ୟମଙ୍କର ଏକ ମାର୍ବଲ ପ୍ରତିମୂର୍ତ୍ତି ପ୍ରଶାନ୍ତି ନିଳୟମର ଗଣେଶ ଫାଟକ ନିକଟରେ ସ୍ଥାପନ କରାଯାଇଥିଲା । ସେତେବେଳେ ଶହ ଶହ ଭକ୍ତ ଉପସ୍ଥିତ ଥିଲେ ।

ପ୍ରଥମ ଦିବସ : ଭଗବାନ ଗଣେଶଙ୍କର ସୁବିସ୍ତୃତ ବିଶେଷ ପୂଜା ଓ ନବଗ୍ରହ ହୋମ ।

ଦ୍ୱିତୀୟ ଦିବସ : ଭଗବାନ ସୁବ୍ରମଣ୍ୟମ୍‌ଙ୍କ ସ୍ୱତନ୍ତ୍ର ପୂଜା ।

ତୃତୀୟ ଦିବସ : ଚାଳିଶଟି ଦେଶର ଭକ୍ତମାନେ ସାଇ କୁଲବନ୍ତ ହଲ୍‌ରେ ଠୁଳ ହୋଇଥିଲେ ଏବଂ ବାହାରେ ସହସ୍ରାଧିକ ଭକ୍ତ ପୂର୍ଣ୍ଣଚନ୍ଦ୍ର ପ୍ରେକ୍ଷାଳୟଠାରୁ ସାଇ କୁଲବନ୍ତ ହଲ୍ ପର୍ଯ୍ୟନ୍ତ ପରମପ୍ରିୟ ସ୍ୱାମୀଙ୍କର ସୁନା ରଥ ଉପରେ ଦିବ୍ୟଯାତ୍ରା ଦେଖିବା ପାଇଁ ଅପେକ୍ଷା କରିଥିଲେ । ଛାତ୍ରମାନେ 'ଓଁ ଶ୍ରୀ ସାଇରାମ' ମନ୍ତ୍ର ଉଚ୍ଚାରଣ କରି ରଥକୁ ଟାଣି ନେଉଥିଲେ । ଏହି ସମୟରେ ନାଦସ୍ୱରମ୍ । (ବାଦ୍ୟଯନ୍ତ୍ରର ମନମୁଗ୍ଧକର ଧ୍ୱନି) ଏବଂ ବେଦ ଉଚ୍ଚାରଣ କରାଯାଉଥିଲା । ଧୀରେ ଧୀରେ ଶୋଭାଯାତ୍ରା ଅଗ୍ରସର ହେଉଥିଲା ଏବଂ ଭଗବାନ ବାବା ସିଂହାସନ ଉପରେ ମହିମାମୟ ଠାଣିରେ ଉପବେଶନ କରି ଅଭୟ ହସ୍ତ ଉତ୍ତୋଳନ ପୂର୍ବକ ଆନନ୍ଦ ଉଲ୍ଲାସରେ ମତ୍ତ ଥିବା ଭକ୍ତ ସମୂହଙ୍କୁ ଆଶୀର୍ବାଦ କରୁଥିଲେ ।

ରଥ ସାଇ କୁଲବନ୍ତ ହଲର ମୁଖ୍ୟ ଫାଟକ ନିକଟରେ ପହଞ୍ଚିବା ମାତ୍ରେ ବହୁ ସଂଖ୍ୟକ ଭକ୍ତ ଭଗବାନଙ୍କ ଆଗମନ ପାଇଁ ଆନନ୍ଦ ଉଲ୍ଲାସରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପରମପ୍ରିୟ ସ୍ୱାମୀ ଅଭୟହସ୍ତ ସଂଚାଳନ ପୂର୍ବକ ଠିଆ ହୋଇ ସମସ୍ତଙ୍କୁ ଆଶୀର୍ବାଦ କରିଥିଲେ । ତାପରେ ଭଗବାନ ରଥରୁ ଓହ୍ଲାଇ ଆସିଥିଲେ ଏବଂ ସାଇକୁଲବନ୍ତ ହଲରେ ବସିଥିବା ଭକ୍ତମାନଙ୍କ ଧାଡ଼ି ମଝିରେ ବୁଲିବାକୁ ଲାଗିଲେ ।

ଅପରାହ୍ନ ଅଧିବେଶନ ବେଦ ପାଠ ପୂର୍ବକ ଆରମ୍ଭ ହୋଇଥିଲା । ତା ପରେ ଶ୍ରୀନିବାସନ୍ ଚେଟିଆର ପାଦୁକା ଉତ୍ସବର ଇତିହାସ ବର୍ଣ୍ଣନା କରିବା ସହିତ ତାଙ୍କର ପିତା ଯାହାଙ୍କୁ ସ୍ୱାମୀ ''ସୁଦାମା'' ବୋଲି କହୁଥିଲେ, ତାଙ୍କ ପ୍ରତି ସ୍ୱାମୀଙ୍କର ପ୍ରେମ ଓ ଆଶୀର୍ବାଦ ସମ୍ପର୍କରେ ସୂଚନା ଦେଇଥିଲେ । ସେ ମଧ୍ୟ 'ଶୁକ ନାଡ଼ି'ର ଇତିହାସ ବର୍ଣ୍ଣନା କରିଥିଲେ । କେତେକ ଭକ୍ତ ପାଦୁକା ପୂଜା କରି ଯେଉଁ ଅଲୌକିକତା ସଂଦର୍ଶନ କରିଥିଲେ ସେ ସମ୍ପର୍କରେ ମଧ୍ୟ ଚେଟିଆର ସୂଚନା ଦେଇଥିଲେ ।

ଚତୁର୍ଥ ଦିବସ : ପାଦୁକା ଉତ୍ସବରେ ଅଂଶ ଗ୍ରହଣ କରୁଥିବା ସମସ୍ତ ଭକ୍ତ ସେମାନଙ୍କର ୨୦୧୬ ପାଦୁକା ସହ ସାଇକୁଲବନ୍ତ ହଲ୍‌ରେ ଏକତ୍ରିତ ହୋଇଥିଲେ ।

ସେମାନେ ଧାଡ଼ି ଧାଡ଼ି ହୋଇ ସଂଗଠିତ ଭାବରେ ପୂଜା ଥାଳି ଧରି ବସିଥିଲେ । ଏହି ପୂଜା ଥାଳିଗୁଡ଼ିକ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରାଯାଇଥିଲା ଏବଂ ପ୍ରତ୍ୟେକ ଥାଳିରେ ପୂଜା ଓ ଅଭିଷେକ ସାମଗ୍ରୀ ରଖାଯାଇଥିଲା । ପୂଜା ଓ ଅଭିଷେକ କାର୍ଯ୍ୟ ସ୍ୱାମୀ ପହଞ୍ଚିବା ମାତ୍ରେ ଆରମ୍ଭ କରାଯାଇଥିଲା ।

ଭଗବାନ ଶୋଭାଯାତ୍ରାରେ ଆସି ସାଇ କୁଳବନ୍ତ ହଲ୍‌ରେ ପ୍ରବେଶ କରିଥିଲେ ଏବଂ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଏହି ସମୟରେ ଗାୟତ୍ରୀ ମନ୍ତ୍ର ଓ ପରେ ପରେ ବୈଦିକ ମନ୍ତ୍ର ଉଚ୍ଚାରଣ ପୂର୍ବକ ଶ୍ରୀ ଗଣେଶ ଆବାହନ କରାଯାଇଥିଲା । ପଣ୍ଡିତ (ପୁରୋହିତ) ମାନଙ୍କ ନିର୍ଦ୍ଦେଶ ଅନୁସାରେ ସବୁ ଭକ୍ତ ପୂଜା ଓ ଅଭିଷେକ କାର୍ଯ୍ୟ ସମ୍ପନ୍ନ କରିଥିଲେ ।

ଅପରାହ୍ନରେ ପୁଣି 'ଏହି ଦାସ'କୁ ଦିବ୍ୟ ପାଦୁକାର ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ମିଳିଥିଲା । 'ଏହି ଦାସ' କହିଥିଲା ଯେ ସବୁ ପାଦୁକା ମହାଜାଗତିକ ଶକ୍ତି ସମ୍ପନ୍ନ ଏବଂ ଭଗବାନଙ୍କ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ । ଉଦାହରଣ ସ୍ୱରୂପ ଅତୀତରେ ଯେଉଁ ରୋଗୀମାନେ ପାଦୁକା ଉପରେ ମଥା ରଖିଛନ୍ତି ସେମାନେ ଅଲୌକିକ ଭାବରେ ରୋଗମୁକ୍ତ ହୋଇଛନ୍ତି । ଯେତେବେଳେ ଏହି ପବିତ୍ର ପାଦୁକା ସାଇ କାର୍ଯ୍ୟକ୍ରମ ସମୟରେ ମଞ୍ଚ ଉପରେ ସ୍ଥାନ ପାଏ ସେତେବେଳେ ଉପସ୍ଥିତ ଥିବା ସମସ୍ତ ଭକ୍ତ ଦିବ୍ୟ ମହାଜାଗତିକ ରଶ୍ମୀରେ ନିଜକୁ ଅବଗାହନ କରିଥାନ୍ତି । ପୂର୍ବବର୍ଷମାନଙ୍କରେ ସ୍ୱାମୀ କହିବା ଅନୁସାରେ ଆମେ ତାଙ୍କର ପାଦୁକା ନୁହେଁ ପରମପ୍ରିୟ ସ୍ୱାମୀଙ୍କୁ ହିଁ ଘରକୁ ନେଇଥାଉ । ପାଦୁକାଗୁଡ଼ିକ ଗୋଟିଏ ପରିବାରର ଗୋଟିଏ ପୁରୁଷ ପାଇଁ ଉଦ୍ଦିଷ୍ଟ ନୁହେଁ । ଏଗୁଡ଼ିକ ଆଗାମୀ ବହୁପୁରୁଷ ଧରି ଆମକୁ କୃପା ପ୍ରଦାନ କରିବ ।

ଯେପରି ଭଗବାନ ରାମଙ୍କ ପାଦୁକା ଅଯୋଧ୍ୟାରେ ପ୍ରଶାନ୍ତି ଆଣି ଦେଇଥିଲା ସେହିପରି ଏହି ପାଦୁକା ଗୁଡ଼ିକ ୪୦ଟି ଦେଶରେ ଦିବ୍ୟ ମହାଜାଗତିକ ରଶ୍ମୀ ବିଚ୍ଛୁରିତ କରି ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବ । ପରମପ୍ରିୟ ସ୍ୱାମୀଙ୍କର ମିଶନର ଲକ୍ଷ୍ୟ ହେଲା 'ପ୍ରେମ'ର ଆୟୁଧ ଜରିଆରେ ସମଗ୍ର ପୃଥିବୀ ପାଇଁ ପ୍ରେମର ବାର୍ତ୍ତା ବହନ କରିବା । ଏଗୁଡ଼ିକ ଭଗବାନଙ୍କର ଦିବ୍ୟ ଅସ୍ତ୍ର ।

୧୯୯୭ ମସିହା ସେପ୍ଟେମ୍ବର ୨୨ ତାରିଖ ଦିନ ପରମପ୍ରିୟ ସ୍ୱାମୀ ତାଙ୍କର ଦିବ୍ୟ ସମ୍ଭାଷଣରେ କହିଥିଲେ—

"ଏହା (ପାଦୁକା) ଯୁଦ୍ଧ ପାଇଁ କିମ୍ବା ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ଅସ୍ତ୍ର ନୁହେଁ । ଏହା ଦେଶପ୍ରେମ, ଆତ୍ମତ୍ୟାଗ ଏବଂ ଈଶ୍ୱର ବିଶ୍ୱାସର ପ୍ରତୀକ ଯାହା ଜାତିକୁ ସୁରକ୍ଷା ଯୋଗାଇବ । ଜାତିର ସୁରକ୍ଷା ପାଇଁ ପ୍ରତ୍ୟେକ ପୁରୁଷ ଓ ମହିଳା ତ୍ୟାଗ, ଭକ୍ତି ଓ ଆଧ୍ୟାତ୍ମିକତାରେ ପରିପୂର୍ଣ୍ଣ ହେବା ଉଚିତ ।"

''ସଂସ୍କୃତି ମଣିଷର ଦୈନନ୍ଦିନ ଜୀବନଯାପନ ପ୍ରଣାଳୀ ନିର୍ଦ୍ଧାରଣ କରିଥାଏ । ଏହା ତାର ଜୀବନ ଧାରଣର ମାର୍ଗ । ଭାରତୀୟ ସଂସ୍କୃତି ଲୋକମାନଙ୍କ ମଧ୍ୟରେ ପାରସ୍ପରିକ ସଦ୍ଭିଚ୍ଛା ଓ ସଂହତିର ବିକାଶ ସାଧନ କରିଥାଏ । କିନ୍ତୁ ଦୁର୍ଭାଗ୍ୟବଶତଃ ଆଜିର ମଣିଷ-ସମାଜ ନଷ୍ଟ ହେବାକୁ ବସିଛି ଏବଂ ଅଶାନ୍ତି ଓ ବିଶୃଙ୍ଖଳାର ଶିକାର ହେଉଛି । ଯେତେବେଳେ ମଣିଷ ଜାତି ଆଧ୍ୟାତ୍ମିକତାକୁ ଫେରି ଆସିବ ସେତେବେଳେ ସେ ପ୍ରକୃତ ସ୍ୱାଧୀନତା ଫେରିପାଇବ । ଈଶ୍ୱର ପ୍ରେମ ହୃଦୟ ମଧ୍ୟରେ ସଂସ୍ଥାପିତ ହେବା ଦରକାର ।''

''ପୃଥିବୀ ଶାନ୍ତିକୁ ହରାଇ ବସିଛି କାରଣ ଲୋକମାନଙ୍କର 'ପାପ ଭିତି ଓ ଦୈବ ପ୍ରୀତି' ନାହିଁ । ସେମାନଙ୍କର ବ୍ୟବହାର ଆଦୌ ମାନବୀୟ ନୁହେଁ । ତ୍ୟାଗ ଭାବ ସେମାନଙ୍କଠାରେ ଆଦୌ ନାହିଁ ।''

''ପୂଜା ପାଇଁ, ଯେ କୌଣସି ପଦ୍ଧତି ଅନୁସରଣ କରନା କାହିଁକି, ଏହା ସମ୍ପୂର୍ଣ୍ଣ ଆନ୍ତରିକତାର ସହିତ ହେବା ଉଚିତ । ଚିନ୍ତା, ବାକ୍ୟ ଓ କାର୍ଯ୍ୟ ମଧ୍ୟରେ ସମ୍ପୂର୍ଣ୍ଣ ସଂହତି ରହିବା ଉଚିତ । ପ୍ରକୃତ ମାନବିକତା ତିନୋଟି 'ଏଚ୍' (H) ର ସମନ୍ୱୟ ଯଥା ହାର୍ଟ (Heart), ହେଡ୍ (Head) ଓ ହ୍ୟାଣ୍ଡ (Hand) (ହୃଦୟ, ମସ୍ତକ ଓ ହସ୍ତ) ।''

''ଅଧିକନ୍ତୁ ତୁମକୁ ଆଜିର ରଥ ଉତ୍ସବ ସମ୍ପର୍କରେ କହିବା ଆବଶ୍ୟକ । ତୁମେ ବିଶ୍ୱାସ କର ବା ନ କର ମୋର ଏଭଳି ଉତ୍ସବ ପ୍ରତି ଆଗ୍ରହ ନାହିଁ । ଭଗବାନଙ୍କୁ ପ୍ରକୃତରେ କଣ ଅର୍ପଣ କରାଯିବା ଉଚିତ ? ଅମଳିନ ପ୍ରେମ । ପ୍ରେମ ହେଉଛି ଭଗବାନ । ପ୍ରେମରେ ବାସ କର ଏବଂ ସେହି ପ୍ରେମକୁ ଭଗବାନଙ୍କୁ ଅର୍ପଣ କର ।''

''ଏହି ସୁବର୍ଣ୍ଣ ରଥର ବୋଝକୁ ମୁଁ କାହିଁକି ବୋହିବି ? ମୁଁ କେବେହେଲେ ଏଭଳି ଇଚ୍ଛା ପ୍ରକାଶ କରି ନାହିଁ । ଏହା ବଦଳରେ ବରଂ ତୁମେ ସାମାଜିକ ସେବା କାର୍ଯ୍ୟରେ ଯେତେ ଇଚ୍ଛା ସେତେ ଖର୍ଚ୍ଚ କର ।''

''ଏଠାରେ କିମ୍ବା ଅନ୍ୟ କେଉଁଠାରେ ତୁମେ ଭଗବାନଙ୍କୁ ଯାହା ଅର୍ପଣ କରିବ ତାହା ହେଉଛି ବିଶୁଦ୍ଧ ପ୍ରେମ । କେଉଁଠାରେ ହେଲେ ସୁନାର ରଥ ଭଳି କୌଣସି ଅର୍ଘ୍ୟ ଅର୍ପଣ କର ନାହିଁ । ଯେଉଁ ଲୋକ ଏଭଳି ଅର୍ଘ୍ୟ ଅର୍ପଣ ପାଇଁ ଇଚ୍ଛା କରେ ସେ ଦିବ୍ୟ ହୋଇପାରିବ ନାହିଁ । ଯେତେବେଳେ ଭଗବାନ ସବୁଥିରେ ପ୍ରକଟିତ, ତୁମେ ବା କଣ ଭଗବାନଙ୍କୁ ଅର୍ପଣ କରିପାରିବ ? ଯେ କୌଣସି ପଦାର୍ଥ ଭଗବାନଙ୍କୁ ଉପହାର ଦେବା ପାଇଁ ତୁମେ କିପରି ଯୋଗ୍ୟ ହେଲ ? ପ୍ରତ୍ୟେକ ପଦାର୍ଥ ଭଗବାନଙ୍କର । ଏଣିକି ଭକ୍ତମାନେ ଏଠାକୁ କୌଣସି ସୁନାର ଅଳଙ୍କାର ବା ଅଳଙ୍କାରଯୁକ୍ତ ରଥ କିମ୍ବା ସୁନାର ରଥ ଆଣିବେ ନାହିଁ । ବରଂ ସେଗୁଡ଼ିକୁ ବିକ୍ରି କରି ସେହି ଟଙ୍କାରେ ଲୋକମାନଙ୍କୁ ପାନୀୟ ଜଳ ଯୋଗାଇ ଦେବା ଉଚିତ ।''

''ଆରମ୍ଭରୁ ମୁଁ ଭାରତୀୟ ପରମ୍ପରା ଉପରେ ତିନୋଟି ସଂକଳ୍ପ କରିଛି । ପୁରାତନ ଯୁଗରୁ ଭାରତ ମାଗଣାରେ ତିନୋଟି ଜିନିଷ ଯୋଗାଇ ଆସିଛି । ଗୋଟିଏ ହେଲା ଶିକ୍ଷା (ବିଦ୍ୟା), ଅନ୍ୟ ଗୋଟିଏ ହେଲା ସ୍ୱାସ୍ଥ୍ୟ(ବୈଦ୍ୟ) – ବିଦ୍ୟା ଓ ବୈଦ୍ୟ । (ବି.ଦ୍ର.- ତୃତୀୟଟିର ସୂଚନା ସେ ପରେ ପରେ ଦେଇଛନ୍ତି ।) ବିଦ୍ୟା ମସ୍ତକ ବା ମନ ସହିତ ସମ୍ପୃକ୍ତ । ଏହି କାରଣରୁ ମୁଁ ମାଗଣାରେ ଶିକ୍ଷାଦାନ କରିଛି । ଏବେ ସମଗ୍ର ପୃଥିବୀରେ କେବଳ ଏହିଠାରେ ହିଁ ମାଗଣାରେ ଶିକ୍ଷାଦାନ ଦିଆଯାଉଛି । ଆଜିକାଲି ଅନ୍ୟଠାରେ ନାମ ଲେଖାଇବା ପାଇଁ ମୋଟା ଧରଣର ଚାନ୍ଦା ଦେବାକୁ ପଡୁଛି । ଏପରିକି ପ୍ରଥମ ଶ୍ରେଣୀର ପିଲାମାନଙ୍କର ନାମ ଲେଖା ପାଇଁ ମଧ୍ୟ ଚାନ୍ଦା ଦେବାକୁ ପଡ଼େ । ସବୁପିଲା ମୋର ବୋଲି ମୁଁ ଅନୁଭବ କରେ । ମୁଁ ମୋ ପିଲାମାନଙ୍କ ପାଇଁ ମାଗଣାରେ ଶିକ୍ଷାଦାନ ଦେବାରେ କୌଣସି ସ୍ୱାତନ୍ତ୍ର୍ୟ ଦେଖେ ନାହିଁ । ସମସ୍ତେ ମୋର । ତେଣୁ ମୁଁ ସେମାନଙ୍କୁ ଏସବୁ ଦେଇଥାଏ । ମୁଁ ଯାହା ଦିଏ ଓ ଯାହା ଗ୍ରହଣ କରେ ତାହା ହେଲା ପ୍ରେମ । ଏହା ପ୍ରେମ ସହିତ ପ୍ରେମର ସମ୍ପର୍କ । ହୃଦୟ ସହିତ ହୃଦୟର ସମ୍ପର୍କ ।''

''ତେଣୁ ସୁବ୍ରମଣ୍ୟମ୍ ଚେଟିଆର ଯାହା ଭାବନ୍ତୁ ନା କାହିଁକି, ଯଦି କେହି ଏ ରଥ ନିଲାମରେ ନେବାକୁ ଚାହିଁବେ ମୁଁ ଏହାକୁ ଦେଇଦେବାରେ ଖୁସି ହେବି । ଏହି ଅର୍ଥରେ ଅଧିକ ଗ୍ରାମକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇ ପାରିବ । (ବି.ଦ୍ର. ବିଦ୍ୟା ଓ ବୈଦ୍ୟ ସହିତ ପାନୀୟ ଜଳ ଯୋଗାଣ ଭଗବାନଙ୍କର ତୃତୀୟ ସଂକଳ୍ପ) ।''

''ସେ (ଚେଟିଆର) ଏହି ରଥଟିକୁ ତାଙ୍କ ହୃଦୟର ଗଭୀର ପ୍ରେମ ଯୋଗୁ ଏଠାକୁ ଆଣିଛନ୍ତି । ତାଙ୍କ ଜୀବନର ଗୋଟିଏ ବଡ଼ ଇଚ୍ଛା ଥିଲା ଯେ ସେ ତାଙ୍କ ଜୀବନକାଳ ମଧ୍ୟରେ ଏଭଳି ଏକ ରଥୋତ୍ସବ ପାଳନ କରିବେ । ସେ ତାହା ପୂରଣ କଲେ । ଏହାପରେ ତାଙ୍କ ଜୀବନରେ କଣ ଘଟିବ ସେଥିପାଇଁ ବିବ୍ରତ ହେବା ଠିକ୍ ନୁହେଁ । କେବଳ ତାଙ୍କୁ ଖୁସି କରିବା ପାଇଁ ମୁଁ ଏହି ରଥ ଆରୋହଣ କଲି । ଅନ୍ୟଥା ମୁଁ ଏହି ରଥ ପାଖକୁ ଆଦୌ ଯାଇ ନ ଥାନ୍ତି ।''

''ମୋର ଏହି ପ୍ରକାରର କୌଣସି ଇଚ୍ଛା ନାହିଁ । ତୁମେ ଏଭଳି କୌଣସି ଅଭିଳାଷ (ସୁନା ରଥ ଦେଲାଭଳି) ପୋଷଣ କରିବା ଉଚିତ ନୁହେଁ । ଭଗବାନ ଓ ଭକ୍ତଙ୍କର ସମ୍ପର୍କ ହୃଦୟରୁ ହୃଦୟକୁ । ଏଥିରେ ବାହ୍ୟ ଚାକଚକ୍ୟ ବା ଲୋକଦେଖାଣିଆ ଭାବର ପ୍ରଶ୍ନ ନାହିଁ । ତୁମେ ଏହି ଅନ୍ତର୍ନିହିତ ଗୁଣର ଅଭିବୃଦ୍ଧି କରିବା ଉଚିତ । ହୃଦୟର ପବିତ୍ରତାକୁ ବିକାଶ କରାଅ । ନିଜକୁ ନିସ୍ୱାର୍ଥ ସେବାରେ ନିୟୋଜିତ କର ।''

''ତୁମକୁ ତିନୋଟି ମୌଳିକ ନୀତିକୁ ପାଳନ କରିବାକୁ ପଡ଼ିବ । ଏଗୁଡ଼ିକ ହେଲା 'ପାପ ଭୀତି, ଦୈବପ୍ରୀତି ଓ ନୈତିକତାପୂର୍ଣ୍ଣ ସାମାଜିକ ଜୀବନଯାପନ ।' ଏହି ଉପାୟରେ ତୁମେ ତୁମର ଭକ୍ତିକୁ ପ୍ରକାଶ କର । ମୁଁ ତୁମ୍ ସମସ୍ତଙ୍କୁ ଆଶୀର୍ବାଦ କରୁଛି ।''

❑❑

ଅଧ୍ୟାୟ - ୪୯

୧୯୯୮ ଓ ୧୯୯୯ର ପାଦୁକା ଉତ୍ସବ

୧୯୯୮ର ପାଦୁକା ଉତ୍ସବ

୧୯୯୮ ମସିହା ଅକ୍ଟୋବର ୧୧ ତାରିଖରେ ପାଦୁକା ପୂଜା ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ନିମ୍ନମତେ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା ।

ପ୍ରଥମ ଦିବସ : ଭଗବାନ ଗଣପତି ଓ ଦେବୀ ଗାୟତ୍ରୀଙ୍କ ଉଦ୍ଦେଶ୍ୟରେ ହୋମ କାର୍ଯ୍ୟ ସମ୍ପନ୍ନ ହୋଇଥିଲା ।

ଦ୍ୱିତୀୟ ଦିବସ : ଦେବୀ ଗାୟତ୍ରୀ ମାତାଙ୍କର ମାର୍ବଲ ପ୍ରତିମୂର୍ତ୍ତି ପ୍ରଶାନ୍ତି ନିଲୟମର ଡାକଘର ନିକଟରେ ପ୍ରତିଷ୍ଠିତ ହେଲା । ପ୍ରତିମୂର୍ତ୍ତିକୁ ଧରି ଏକ ଶୋଭାଯାତ୍ରା ଏହି ସ୍ଥାନରେ ପହଞ୍ଚିଥିଲା ଏବଂ ପରମପ୍ରିୟ ସ୍ୱାମୀ ବିଧିବିଧାନ ଅନୁସାରେ ମୂର୍ତ୍ତିକୁ ସ୍ଥାପନା କରିଥିଲେ । ସୌଭାଗ୍ୟବଶତଃ 'ଏହି ଦାସ' ସେଠାରେ ଉପସ୍ଥିତ ଥିଲା ।

ତୃତୀୟ ଦିବସ : ପୂର୍ବବର୍ଷ ପରି ପାଦୁକା ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ଅଧିବେଶନରେ ପାଦୁକାର ଗୁରୁତ୍ୱ ସମ୍ପର୍କରେ ମୋତେ କିଛି କହିବା ପାଇଁ ନିର୍ଦ୍ଦେଶ ମିଳିଥିଲା ।

ଚତୁର୍ଥ ଦିବସ : ସମସ୍ତ ଭକ୍ତ ପାଦୁକା ଗୁଡ଼ିକୁ ମସ୍ତକରେ ଧାରଣ କରି ଏକ ଶୋଭାଯାତ୍ରାରେ ଯାଇଥିଲେ ଏବଂ ସ୍ୱାମୀ ସମସ୍ତଙ୍କୁ ଆଶୀର୍ବାଦ କରିଥିଲେ ।

ନିଜ ବକ୍ତବ୍ୟରେ 'ଏହି ଦାସ' ଭକ୍ତମାନଙ୍କୁ କହିଥିଲା ''ପରମପ୍ରିୟ ସ୍ୱାମୀଙ୍କର ଦିବ୍ୟ ପାଦପଦ୍ମ ତଳେ ରହି ମୁଁ ପାଦୁକାର ଗୁରୁତ୍ୱ ସମ୍ପର୍କରେ ବୁଝାଇବାକୁ ଚେଷ୍ଟା କରିବି । ଏହି ମହାନ୍ ଉତ୍ସବରେ ମୋତେ କହିବାକୁ ଅନୁମତି ଦେଇଥିବାରୁ ମୁଁ ପରମପ୍ରିୟ ସ୍ୱାମୀଙ୍କ ନିକଟରେ ଅତି କୃତଜ୍ଞ । ମୁଁ ଶ୍ରୀ ସତ୍ୟସାଇ ପାଦୁକା ଟ୍ରଷ୍ଟର ସଭ୍ୟମାନଙ୍କୁ ଏଭଳି ଏକ ମହାନ୍ ଉତ୍ସବ କରାଇଥିବାରୁ ଆନ୍ତରିକ ଧନ୍ୟବାଦ ଜଣାଉଛି ।''

''ଗାୟତ୍ରୀ ମାତାଙ୍କର ମାର୍ବଲ ପ୍ରତିମୂର୍ତ୍ତି ଅତି ସୁନ୍ଦର ଓ ଜୀବନ୍ତ ହୋଇଛି । ଏହି ପ୍ରତିମୂର୍ତ୍ତି ଆଗରେ ଠିଆ ହେଲେ ଜଣାଯାଏ ଯେପରି ମା' ଆମ ସହିତ କଥାବାର୍ତ୍ତା

କରିବାକୁ ପ୍ରସ୍ତୁତ ଅଛନ୍ତି । ସେ ପ୍ରଶାନ୍ତି ନିଳୟମର ଡାକଘର ନିକଟରେ ବସିଛନ୍ତି ଏବଂ ଆମକୁ ଶକ୍ତି, ବୁଦ୍ଧି, ଜ୍ଞାନ ଓ ଆଲୋକ ପ୍ରଦାନ କରୁଛନ୍ତି । ସମସ୍ତଙ୍କୁ ସେ ତାଙ୍କର ଦିବ୍ୟ ଆଶୀର୍ବାଦ ପ୍ରଦାନ କରିବା ପାଇଁ ଆମେ ତାଙ୍କୁ ପ୍ରାର୍ଥନା ଜଣାଉଛୁ ।''

'ଏହି ଦାସ' ଆଗରୁ ଦେଇଥିବା ବକ୍ତବ୍ୟକୁ କେତେକାଂଶରେ ପୁନରାବୃତ୍ତି କରିଥିଲା । ଏଭଳି ପୁନରାବୃତ୍ତି, ନବାଗତମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଶେଷରେ 'ଏହି ଦାସ' କହିଥିଲା ''ଆସନ୍ତୁ ଆମେ ନିଜ ନିଜକୁ ରୂପାନ୍ତର କରିବା ଏବଂ ସ୍ୱାମୀଙ୍କର ଭକ୍ତ ହେବା ପାଇଁ ଯୋଗ୍ୟତା ହାସଲ କରିବା । ମୁଁ ନିଷ୍ପାପର ଭାବରେ ଆନ୍ତରିକତାର ସହିତ ପ୍ରତ୍ୟେକଙ୍କୁ ରୂପାନ୍ତର ପାଇଁ ପ୍ରେରଣା ଦେବାକୁ ଏବଂ ସମସ୍ତଙ୍କୁ ଆଶୀର୍ବାଦ କରିବାକୁ ପ୍ରାର୍ଥନା ଜଣାଉଛି ।''

ସ୍ୱାମୀ ତାଙ୍କର ଦିବ୍ୟ ସନ୍ଦେଶରେ କହିଥିଲେ ''ପାଦ ଆମକୁ ଚାଲିବାରେ ସାହାଯ୍ୟ କରେ । କିନ୍ତୁ କେତେକ ଲୋକ ଭାବନ୍ତି ପାଦଠାରୁ ମୁଖ ମଣ୍ଡଳ ଅଧିକ ପବିତ୍ର । ଏହା କୁହାଯାଇଛି ଯେ ଭଗବାନଙ୍କ ପାଦ ଦର୍ଶନ ସବୁ ପ୍ରକାର ପାପକୁ ନଷ୍ଟ କରିଦେଇଥାଏ । ପାଦଗୁଡ଼ିକ ଅତି ପବିତ୍ର, ପାଦଗୁଡ଼ିକ ଶରୀରକୁ ବହନ କରନ୍ତି ଏବଂ ଶରୀର ହେଉଛି ଭଗବାନଙ୍କ ମନ୍ଦିର । ଭଗବାନଙ୍କ ପାଦ ପଦ୍ମ ତୁମ ହୃଦୟରେ ସ୍ଥାପିତ ହେବା ଦରକାର । ନିଃସନ୍ଦେହରେ ପାଦର ବାହ୍ୟ ଉପାସନା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ତୁମେ ପାଦପଦ୍ମକୁ ପୂଜା କଲେ ସେଗୁଡ଼ିକ ତୁମ ହୃଦୟରେ ସ୍ୱାଭାବିକ ଭାବରେ ସଂସ୍ଥାପିତ ହେବେ ।''

''ଆଜି ସକାଳେ ଶାସ୍ତ୍ରୀଜୀ ଗାୟତ୍ରୀ ମନ୍ତ୍ରର ତାତ୍ପର୍ଯ୍ୟ ସମ୍ପର୍କରେ କହୁଥିଲାବେଳେ ଗାୟତ୍ରୀଙ୍କୁ ପଞ୍ଚମୁଖୀ (ପାଞ୍ଚଟି ମୁଖ ଥିବା ଦେବୀ) ଭାବରେ ବର୍ଣ୍ଣନା କରିଥିଲେ । ସେ ପାଞ୍ଚଟି ମୁଖ କଣ ?

– ପ୍ରଥମ ମୁଖ ହେଲା ମୂଳ ଶବ୍ଦ ପ୍ରଣବ 'ଓମ୍'
– ଦ୍ୱିତୀୟ ମୁଖ ହେଲା 'ଭୁର୍‌ଭୁବଃ ସ୍ୱଃ' ଓ
– ତୃତୀୟ ମୁଖ ହେଲା 'ତତ୍ ସବିତୁର୍ ର୍ବରେଣ୍ୟମ୍'
– ଚତୁର୍ଥ ମୁଖ ହେଲା, 'ଭର୍ଗୋ ଦେବସ୍ୟ ଧୀମହି'
– ପଞ୍ଚମ ମୁଖ ହେଲା 'ଧୀୟୋ ୟୋନଃ ପ୍ରଚୋଦୟାତ୍ ।'

''ଗାୟତ୍ରୀ ହେଉଛନ୍ତି ବେଦମାତା । ଗାୟତ୍ରୀଙ୍କର ତିନୋଟି ନାମ ହେଉଛି – ଗାୟତ୍ରୀ, ସାବିତ୍ରୀ ଓ ସରସ୍ୱତୀ''

''ଗାୟତ୍ରୀ ହେଉଛନ୍ତି ଇନ୍ଦ୍ରିୟ ଗୁଡ଼ିକର ଅଧିଷ୍ଠାତ୍ରୀ ଦେବୀ । ସାବିତ୍ରୀ ପ୍ରାଣ ଶକ୍ତିର ଅଧିଷ୍ଠାତ୍ରୀ ଦେବୀ ହୋଇଥିଲାବେଳେ ସରସ୍ୱତୀ ବାକ୍ ଦେବୀ ସ୍ୱରୂପିଣୀ । ତୁମେ ତୁମର

ଇନ୍ଦ୍ରିୟ, ଜୀବନ ଚର୍ଯ୍ୟା ଓ ବାକ୍‌ଶକ୍ତିକୁ ଏକିଭୂତ କରିବା ସଙ୍ଗେ ସଙ୍ଗେ ଭଗବାନଙ୍କୁ ଅର୍ପଣ କରିବା ଉଚିତ ।''

''ସକାଳେ ପଣ୍ଡିତଜୀ କ୍ଷୀର, ଦହି ଓ ମହୁରେ ପାଦୁକା ଅଭିଷେକ କଲାବେଳେ ଏହି ତିନୋଟି ଅର୍ଚ୍ଚନାର ତାତ୍ପର୍ଯ୍ୟ ବୁଝାଇଥିଲେ । ଏହିସବୁ ବିଧି ହୃଦୟର ପବିତ୍ରତା ପାଇଁ ଉଦ୍ଦିଷ୍ଟ ।''

''ପାଣି ଯୋଗାଇବା ପାଇଁ ତୁମେ ପୌର ପାଳିକାଙ୍କୁ ଟିକସ (ଶୁଳ୍କ) ଦେଇଥାଅ । ତୁମେ ଘରକୁ ବିଜୁଳି ଯୋଗାଇବା ପାଇଁ ବିଦ୍ୟୁତ୍ ଶୁଳ୍କ ପଇଠ କରିଥାଅ । ମାତ୍ର ଭଗବାନ ତୁମକୁ ସୂର୍ଯ୍ୟ ରଶ୍ମି, ବାୟୁ ଓ ବର୍ଷା ଦେଉଛନ୍ତି । ତୁମେ ଭଗବାନଙ୍କୁ କି ଶୁଳ୍କ ଦେଉଛ ? ଆତ୍ମସମର୍ପଣ ହିଁ ଏକମାତ୍ର ଟିକସ (ଶୁଳ୍କ) ଯାହା ତୁମେ ଭଗବାନଙ୍କୁ ଦେଇପାରିବ । ତୁମର ସବୁପ୍ରକାର ଅସୁବିଧା ତୁମ ଦ୍ୱାରା ସୃଷ୍ଟ । ଭଗବାନ ସବୁବେଳେ ଭଲ ଦେଇଥାନ୍ତି । କିନ୍ତୁ ତୁମେ ଏହା ଗ୍ରହଣ କରୁ ନାହଁ । କେତେକ ଲୋକ ଅଛନ୍ତି ଭଲ କଥା ଶୁଣିବାକୁ ମଧ୍ୟ ପ୍ରସ୍ତୁତ ନୁହଁନ୍ତି । ଏହା ବଦଳରେ ସେମାନେ ଖରାପ କଥା ଶୁଣିବାରେ ମନ ଦେଇଥାନ୍ତି । ଏଭଳି ଲୋକ କେବେହେଲେ ମୋତେ ବୁଝିପାରିବେ ନାହିଁ ।''

''ମନ୍ଦକୁ ଦେଖ ନାହିଁ, ଯାହା ଭଲ ତାକୁ ହିଁ ଦେଖ !
ମନ୍ଦ କଥା ଶୁଣ ନାହିଁ, ଯାହା ଭଲ ତାକୁ ହିଁ ଶୁଣ !
ମନ୍ଦ କଥା କୁହ ନାହିଁ, ଯାହା ଭଲ ତାହା ହିଁ କୁହ !
ମନ୍ଦ ଚିନ୍ତା କର ନାହିଁ, ଯାହା ଭଲ ତାହା ଚିନ୍ତା କର !
ମନ୍ଦ କାର୍ଯ୍ୟ କର ନାହିଁ, ଯାହା ଭଲ ତାହା ହିଁ କର ।''

''ପ୍ରେମସ୍ୱରୂପଗଣ । ତୁମେ ସବୁ ଖୁସି ଯେ ପାଦୁକାର ସଂଖ୍ୟା ବର୍ଷକୁ ବର୍ଷ ବୃଦ୍ଧି ପାଇବାରେ ଲାଗିଛି । ବାହ୍ୟ ଜଗତରେ ଏଭଳି ଅନୁଭୂତି ସ୍ୱାଭାବିକ । କିନ୍ତୁ ମୁଁ ପାଦୁକାର ସଂଖ୍ୟା ବୃଦ୍ଧି ଇଚ୍ଛା କରେ ନାହିଁ । ଅନ୍ତର ମଧ୍ୟରେ ଅନୁଭବ ହିଁ ଗୁରୁତ୍ୱପୂର୍ଣ୍ଣ, ପାଦୁକା ସଂଖ୍ୟା ନୁହେଁ । ଭଗବାନ ଯାହା ଚାହାଁନ୍ତି ତାହା ହେଲା ପବିତ୍ର ପ୍ରେମ ଓ ସ୍ଥିର ମନ ।''

''ଏହି ଚାରିଦିନ ଚାରି ମିନିଟ୍ ଭଳି ଅତିବାହିତ ହେଲା । ତୁମକୁ ଦେଖି ଅନ୍ୟମାନେ ଶୃଙ୍ଖଳା ଶିକ୍ଷା କରିବା ଉଚିତ । ବିଭିନ୍ନ ଦେଶରୁ ବହୁ ଲୋକ ଏଠାକୁ ଆସୁଛନ୍ତି ଏବଂ ସେମାନଙ୍କର ଉତ୍ସବ ପାଳନ କରୁଛନ୍ତି । ଉଦାହରଣ ସ୍ୱରୂପ ଚୀନର ଲୋକେ ଗତବର୍ଷ ଆସିଥିଲେ ଏବଂ ସେମାନଙ୍କର ନବବର୍ଷ ପାଳନ କରିଥିଲେ । ଆନ୍ଧ୍ରପ୍ରଦେଶର ଭକ୍ତମାନେ ପାଦୁକା ପୂଜା କଲେ । ବିଭିନ୍ନ ରାଜ୍ୟରୁ ଭକ୍ତମାନେ ସେମାନଙ୍କର ଉତ୍ସବ ପାଳନ କରିବା ପାଇଁ ଆସୁଛନ୍ତି । ମାତ୍ର ଗୋଟିଏ କଥାରେ ମୁଁ ଖୁସି ଯେ ମଦୁରାଇର ଭକ୍ତମାନେ ଏହି

ଉତ୍ସବକୁ ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ଭାବରେ ପାଳନ କରିଛନ୍ତି । ସେମାନଙ୍କର ଶୃଙ୍ଖଳା ଉଦାହରଣଯୋଗ୍ୟ । ସୁବ୍ରମଣ୍ୟମ୍ ଚେଟିଆର ଅତ୍ୟନ୍ତ ବୃଦ୍ଧ । ତଥାପି ପ୍ରତ୍ୟେକ ତାଙ୍କ କଥାକୁ ଠିକ୍ ଭାବରେ ଅନୁସରଣ କରିଛନ୍ତି । ପ୍ରତ୍ୟେକ ନିଜ ନିଜ କାର୍ଯ୍ୟରେ ଶୃଙ୍ଖଳା ରକ୍ଷା କରିଛନ୍ତି । ଯେଉଁଠାକୁ ଗଲେ ବି ସେହି ଶୃଙ୍ଖଳା ପରିଦୃଷ୍ଟ ହେବ । ମଦୁରାଇର ପାଦୁକା ଟ୍ରଷ୍ଟ ଶୃଙ୍ଖଳାର ବିଧିବିଧାନ ପ୍ରତି ଅଙ୍ଗୀକାରବଦ୍ଧ । କେବଳ ଏଇଠି ନୁହେଁ ଯେଉଁଠିକୁ ଗଲେ ବି ତୁମେ ଏହି ଶୃଙ୍ଖଳା ଲକ୍ଷ୍ୟ କରି ପାରିବ । ଶ୍ରୀ ସତ୍ୟସାଇ ସଂଗଠନର ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଧାନ ହେଲା– ଭକ୍ତି, କର୍ତ୍ତବ୍ୟ ଓ ଶୃଙ୍ଖଳା । ଏହି ତିନି 'Ds' (Devotion, Duty and Discipline)କୁ ନିଷ୍ଠାର ସହିତ ଅନୁସରଣ କରିବା ଉଚିତ । ତୁମ କର୍ତ୍ତବ୍ୟ ତୁମେ ପାଳନ କର, ଦେଖ ତୁମର ଭକ୍ତି ଯେପରି ସ୍ଥିର ରହେ ଏବଂ ଶୃଙ୍ଖଳା ବ୍ୟାହତ ନ ହୁଏ । ଯଦି ଏହି ତିନି 'Ds'ର ଅନୁସରଣ କର ତେବେ ପରମ ଆନନ୍ଦ ପାଇବ । ଏହି ସଂସ୍କୃତି ଓ ପରମ୍ପରାକୁ ତୁମ ବଂଶଧରମାନଙ୍କ ପାଇଁ ଅଗ୍ରଗାମୀ କରାଅ । ତୁମ ପାଖରେ ଏହି ସଂସ୍କୃତି ଓ ପରମ୍ପରାର ସମାପ୍ତି ନ ଘଟୁ । ଏହା ନିରବଚ୍ଛିନ୍ନ ଭାବରେ ଗତି କରୁ । କୌଣସି ଅବସ୍ଥାରେ ମଧ୍ୟ ଭଗବାନଙ୍କ ନାମ ଉଚ୍ଚାରଣରୁ ନିବୃତ୍ତ ହୁଅ ନାହିଁ । ତୁମର ପାପ ଭୀତି, ଦୈବ ପ୍ରୀତି ଏବଂ ସାମାଜିକ ନୈତିକତା ରହିବା ବିଧେୟ । ଏକ ଆଦର୍ଶ ଜୀବନଯାପନ କରି ଏବଂ ଦିବ୍ୟ ଆତ୍ମିକ ଭାବଧାରାକୁ ଅନୁଭବ କରି ତୁମ ଜୀବନକୁ ପବିତ୍ର କର ।''

୧୯୯୯ର ପାଦୁକା ଉତ୍ସବ

୧୯୯୯ ମସିହା ସେପ୍ଟେମ୍ବର ୨୮ ତାରିଖଠାରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଛଅବର୍ଷ ପୂର୍ବରୁ ମାତ୍ର ୧୦୮ଟି ପାଦୁକା ପୂଜା କରାଯାଇ ଭଗବାନଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥିଲେ । ଶ୍ରୀ ସତ୍ୟସାଇ ପାଦୁକା ଟ୍ରଷ୍ଟର ଚେୟାରମ୍ୟାନ ଶ୍ରୀ ସୁବ୍ରମଣ୍ୟମ୍ ଚେଟିଆରଙ୍କ ଲକ୍ଷ୍ୟ ଥିଲା ପୃଥିବୀର ସବୁ ଦେଶରେ ପାଦୁକା ବିତରଣ ହୋଇ ପାଦୁକା ପୂଜା ପ୍ରସାର ଲାଭ କରୁ । ଯେଉଁ ଭକ୍ତମାନେ ଏହି ପାଦୁକା ପାଇବେ ସେମାନେ ଦିବ୍ୟଦର୍ଶନ ଓ ପରମପ୍ରିୟ ସ୍ୱାମୀଙ୍କର ଆଶୀର୍ବାଦର ଫଳ ପ୍ରାପ୍ତ ହେବେ । ୧୯୯୯ ମସିହାରେ ୪୦୦୫ ପାଦୁକା ପରମପ୍ରିୟ ସ୍ୱାମୀଙ୍କ ଦ୍ୱାରା ପବିତ୍ରୀକୃତ ହୋଇଥିଲା । ନିମ୍ନମତେ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା ।

ପ୍ରଥମ ଦିବସ : ଭଗବାନ ଗଣେଶ ଓ ଭଗବାନ ରାମ, ସୀତା, ଲକ୍ଷ୍ମଣ ତଥା ହନୁମାନଙ୍କ ପୂଜା ଓ ହୋମ ।

ଦ୍ୱିତୀୟ ଦିବସ : ହୋମ ଓ ଅନ୍ୟ ଆଧ୍ୟାତ୍ମିକ ବିଧିବିଧାନ ।

ତୃତୀୟ ଦିବସ : ପରମପ୍ରିୟ ସ୍ୱାମୀଙ୍କ ଦ୍ୱାରା ସାଇ କୁଲବନ୍ତ ହଲର ମୁଖ୍ୟ ଫାଟକ ନିକଟରେ ଚାରିଗୋଟି ପ୍ରତିମୂର୍ତ୍ତି ପ୍ରତିଷ୍ଠା ।

କେତେବର୍ଷ ତଳେ ଏହି ସ୍ଥାନରେ ଭୂନିମ୍ନସ୍ଥ ଏକ କୋଠରୀରେ ପରମପ୍ରିୟ ସ୍ୱାମୀ ଏକ କୋଟି ରାମନାମ ଲେଖାଥିବା ସହସ୍ରାଧିକ ପୁସ୍ତକ ରଖିଥିଲେ । ଅଗଣିତ ଭକ୍ତ ଲିଖିତ ଜପ କରି ଏହି ରାମନାମ ସମ୍ବଳିତ ପୁସ୍ତକ ଲେଖିଥିଲେ । ନୂତନ ରାମଙ୍କ ପ୍ରତିମୂର୍ତ୍ତିଟି ଠିକ୍ ଭୂନିମ୍ନସ୍ଥ ସେହି କୋଠରୀ ଉପରେ ସ୍ଥାପିତ ହୋଇଥିଲା । ଏକ କୋଟି ରାମନାମ ସମ୍ବଳିତ ପୁସ୍ତକଗୁଡ଼ିକ ରାମଙ୍କ ପ୍ରତିମୂର୍ତ୍ତିକୁ ସକ୍ରିୟ କରି ପ୍ରକମ୍ପିତ କରିବା ସଙ୍ଗେ ସଙ୍ଗେ ନିରବଚ୍ଛିନ୍ନ ଭାବରେ ପ୍ରତିମୂର୍ତ୍ତିରେ ଦିବ୍ୟ ଶକ୍ତି ସଂଚାର କରୁଥିବେ । ମୂର୍ତ୍ତିଗୁଡ଼ିକ ପ୍ରତିଷ୍ଠା କରିବା ପୂର୍ବରୁ ସ୍ୱାମୀ ତାଙ୍କର ଦିବ୍ୟ ହସ୍ତ ସଂଚାଳନ କରିଥିଲେ ଏବଂ ଏକ ଲିଙ୍ଗ ସୃଷ୍ଟି କରିଥିଲେ । ଏହି ଲିଙ୍ଗକୁ ସେ 'ରାମଲିଙ୍ଗ' ବୋଲି ଅଭିହିତ କରିଥିଲେ । ଏହି ରାମଲିଙ୍ଗକୁ ମଧ୍ୟ ରାମ ମୂର୍ତ୍ତିର ଆସ୍ଥାନ ତଳେ ସ୍ଥାପନା କରିଥିଲେ ।

ଶ୍ରୀ ଶ୍ରୀନିବାସ ଚେଟିଆର କହିଥିଲେ ଯେ ତ୍ରେତୟା ଯୁଗରେ ରାମରାଜ୍ୟ ଅଧୀନରେ ଲୋକମାନେ ଶାନ୍ତି ଓ ସମୃଦ୍ଧି, ସ୍ୱାସ୍ଥ୍ୟ ଓ ସମ୍ପଦ ଉପଭୋଗ କରୁଥିଲେ । ଦିବ୍ୟ ବିଗ୍ରହମାନ ପ୍ରତିଷ୍ଠା ହେବା ପରେ ପ୍ରଶାନ୍ତି ନିଳୟମ ଅନ୍ୟ ଏକ ଅଯୋଧ୍ୟାରେ ପରିଣତ ହୋଇଛି । କଳିଯୁଗରେ ମଧ୍ୟ ତ୍ରେତୟା ଯୁଗ ପରି ସମାନ ମାନର ଦୈବତ୍ୱ ଏହା ପ୍ରଦାନ କରିଛି । ଶ୍ରୀନିବାସ ଚେଟିଆରଙ୍କ ପିତାଙ୍କର ଦୀର୍ଘଦିନର ଏକ ବଳବତୀ ଇଚ୍ଛା ଥିଲା ଯେ ପ୍ରଶାନ୍ତି ନିଳୟମରେ ଗୋଟିଏ ରାମ ମନ୍ଦିର ସ୍ଥାନ ପାଉ । ସ୍ୱାମୀ ସାଇ କୁଲବନ୍ତ ହଲ ପରି ଏକ ବୃହତ୍ ମନ୍ଦିର ପ୍ରଦାନ କରିଛନ୍ତି ।

ଚତୁର୍ଥ ଦିବସ : ବାବାଙ୍କର ଦିବ୍ୟ ଉପସ୍ଥିତିରେ ୪୦୦୫ଟି ପାଦୁକାର ପୂଜା ଏଥିରେ ଅଂଶ ଗ୍ରହଣ କରିଥିବା ଭକ୍ତମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଏହା ଏକ ସୁନ୍ଦର ଅବିସ୍ମରଣୀୟ ଘଟଣା ଥିଲା ।

ଟ୍ରଷ୍ଟର ସଭ୍ୟମାନେ ଶ୍ରୀ ସାଇ ଶିବ-ଶକ୍ତି ପାଦୁକା ନାମରେ ଏକ ଯୋଡ଼ା ପାଦୁକା ବାବାଙ୍କର ପାଦପଦ୍ମ ତଳେ ରଖିଥିଲେ ଏବଂ ତାପରେ ୧୯୯୯ ମସିହା ଅକ୍ଟୋବର ଦୁଇ ତାରିଖ ଦିନ ଏହି ପାଦୁକା ଦ୍ୱୟର ସ୍ୱର୍ଣ୍ଣପଦ ପୂଜା କରାଯାଇ ସାଇକୁଲବନ୍ତ ହଲରେ ରଖାଯାଇଥିଲା ।

ପୂର୍ବରୁ ସକାଳେ ଦିବ୍ୟ ପାଦୁକାଗୁଡ଼ିକୁ ମସ୍ତକରେ ଧାରଣ କରି ଭକ୍ତମାନଙ୍କର ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା । ସେମାନେ ସାଇ କୁଲବନ୍ତ ହଲରେ

ପହଞ୍ଚିବାମାତ୍ରେ ପରମପ୍ରିୟ ସ୍ୱାମୀ ସେମାନଙ୍କୁ କୃପାର ନିଦର୍ଶନ ସ୍ୱରୂପ ସ୍ୱାଗତ ଜଣାଇଥିଲେ ।

ତା ପରେ ସ୍ୱାମୀ ସେମାନଙ୍କୁ ତାଙ୍କର ଦିବ୍ୟ ସନ୍ଦେଶ ପ୍ରଦାନ କରି ଆଶୀର୍ବାଦ କରିଥିଲେ । ସେ କହିଥିଲେ– ''ତୁମେ ବିଭିନ୍ନ ସ୍ଥାନରୁ ଆସି ପାଦୁକା ପୂଜା ପାଇଁ ଏବଂ ଏଥିରୁ ଆନନ୍ଦ ପାଇବା ପାଇଁ ଏଠାରେ ଏକତ୍ରିତ ହୋଇଅଛ । ଏହା ନିଶ୍ଚୟ ଏକ ଉତ୍ତମ କାର୍ଯ୍ୟ । କେବଳ ପାଦୁକାଗୁଡ଼ିକୁ ପୂଜା କରିବା ଯଥେଷ୍ଟ ନୁହେଁ, ସେଗୁଡ଼ିକ ଉପରେ ଧ୍ୟାନ ନିବେଶ କର । ଏକାଗ୍ରତା ନ ଥାଇ ପାଦୁକା ପୂଜା କରିବାର ଅର୍ଥ କଣ ? ଏଠି ଗ୍ଲାସରେ ପାଣି ରହିଛି । ତୁମର ତୃଷ୍ଣା ମେଣ୍ଟିବ କେବଳ ସେ ପାଣି ପିଇଲେ । ସେହିପରି ତୁମେ ଆନନ୍ଦମୟ ହୋଇ ପାରିବ ଯଦି ପାଦୁକାକୁ ତୁମ ହୃଦୟରେ ପ୍ରତିଷ୍ଠା କରିବ । ଏଥିରୁ ଦିବ୍ୟାନନ୍ଦ ପ୍ରାପ୍ତ ହୁଅ ଏବଂ ଅନ୍ୟମାନଙ୍କୁ ମଧ୍ୟ ଏଥିରେ ଅଂଶୀଦାର କର ।''

''ଈଶ୍ୱର ସର୍ବବ୍ୟାପୀ । ଈଶ୍ୱରଙ୍କର ସର୍ବବ୍ୟାପକତାକୁ ଭୁଲିଯିବା ଏବଂ ସାଂସାରିକ ତଥା କ୍ଷଣସ୍ଥାୟୀ ସୁଖରେ ଲିପ୍ତ ହେବା ଏକ ମସ୍ତବଡ଼ ଭୁଲ । ତୁମେ ଏହି ମଣିଷ ଜନ୍ମ ଆଉଥରେ ପାଇ ନ ପାର । ତେଣୁ ଭଗବାନଙ୍କର ନାମ ଉଚ୍ଚାରଣ କରି ମୁକ୍ତି ପାଇବା ପାଇଁ କାର୍ଯ୍ୟ କର । ନିଜକୁ ଭଗବାନଙ୍କ ପାଦପଦ୍ମରେ ଅର୍ପଣ କରିଦିଅ । ଏହା ହିଁ ତୁମ ଜୀବନର ଲକ୍ଷ୍ୟ ।''

ମଦୁରାଇର ଶ୍ରୀ ସାଇ ପାଦୁକା ଟ୍ରଷ୍ଟର ସଭାପତି ଶ୍ରୀ ଶ୍ରୀନିବାସ ଚେଟିଆର ପାଦୁକା ପୂଜାର ମହିମା ବର୍ଣ୍ଣନା କରିଥିଲେ । ସେ କହିଥିଲେ ''୧୯୯୬ ମସିହାରେ ଭଗବାନ ପାଦୁକା ପୂଜା ମହୋତ୍ସବରେ ଘୋଷଣା କରିଥିଲେ ଯେ, ଯେଉଁଠାରେ ସାଇ ପାଦୁକା ପୂଜା ପାଉଛି ସେଠାରେ ସ୍ୱାମୀ ଉପସ୍ଥିତ ଥାଆନ୍ତି । ସାଇ ପାଦୁକା ପୂଜା କରୁଥିବା ପରିବାରର ସଭ୍ୟମାନେ ଭଗବାନ ବାବାଙ୍କ ଦିବ୍ୟ ଉପସ୍ଥିତି ନିଜ ନିଜ ପୂଜାଘରେ ଅନୁଭବ କରିଛନ୍ତି ଏବଂ ନିଜ ଘରେ ଆଶୀର୍ବାଦ ପାଇଛନ୍ତି ।''

ତା ପରେ 'ଏହି ଦାସ' ବିଭିନ୍ନ ଦେଶରେ ପାଦୁକା ପୂଜା କିମ୍ବା ଲକ୍ଷାର୍ଚ୍ଚନା ହୋଇଥିବା ସ୍ଥାନମାନଙ୍କରେ ଯେଉଁ ଅଲୌକିକ ଘଟଣାମାନ ଘଟିଛି ତାର ଏକ ବିବରଣୀ ନିଜ ବକ୍ତବ୍ୟରେ ଉପସ୍ଥାପନ କରିଥିଲା । ମୁଖ୍ୟ ବିଷୟ ଥିଲା ଯେ ଭଗବାନ ରାମ ରାମେଶ୍ୱରମ୍‌କୁ ଯାଇଥିଲେ ଏବଂ ସେଠାରେ ସେ ଜ୍ୟୋତିର୍ମୟ ଶିବଲିଙ୍ଗ ସମ୍ମୁଖରେ ଭଗବାନ ଶିବଙ୍କୁ ଧ୍ୟାନ କରିଥିଲେ । ଭଗବାନ ଶିବ ସେଠାରେ ଭଗବାନ ରାମଙ୍କୁ ଦିବ୍ୟଦର୍ଶନ ଦେଇଥିଲେ । ପ୍ରଶାନ୍ତି ନିଳୟମର ରାମ, ସୀତା, ଲକ୍ଷ୍ମଣ ଓ ହନୁମାନଙ୍କର

ମାର୍ବଲ ପ୍ରତିମୂର୍ତ୍ତି ସ୍ଥାପନ କରି ଭଗବାନ ସାଇରାମ ଗୋଟିଏ ଶିବଲିଙ୍ଗ ସୃଷ୍ଟି କରିଥିଲେ ଏବଂ ରାମଙ୍କ ପ୍ରତିମୂର୍ତ୍ତି ତଳେ ସ୍ଥାପନ କରିଥିଲେ ।

'ଏହି ଦାସ' ତା ପରେ ପାଦୁକା ସ୍ପର୍ଶ ଜନିତ ମହିମାର ଏକ ଉଦାହରଣ ଦେଇଥିଲା । ଉତ୍ତର ଇଂଲଣ୍ଡର ପ୍ରିଷ୍ଟନ ସହରରେ ରହୁଥିବା ଶ୍ରୀମତୀ ଇଲା ସୋନି ମସ୍ତିଷ୍କ ଟ୍ୟୁମର ଅସ୍ତ୍ରୋପଚାର ଯୋଗୁ ପକ୍ଷାଘାତ୍ ରୋଗ ଭୋଗୁଥିଲେ । ସେ ଚକଲଗା ଚେୟାରରେ ବସି ଚଳପ୍ରଚଳ କରୁଥିଲେ । ପାଞ୍ଚବର୍ଷ ପରେ ତାଙ୍କର ପୁଣି ମସ୍ତିଷ୍କ ଟ୍ୟୁମର ବାହାରିଲା ଏବଂ ଆରୋଗ୍ୟ ଲାଭ କରିବାର ଆଦୌ ସମ୍ଭାବନା ନ ଥିଲା । ତାଙ୍କୁ ସ୍ୱାମୀଙ୍କର ଦିବ୍ୟଦର୍ଶନର ସୁଯୋଗ ଦେବା ପାଇଁ ସେ ତାଙ୍କ ପରିବାରର ଲୋକଙ୍କୁ ଅନୁରୋଧ କଲେ । ପରମପ୍ରିୟ ସ୍ୱାମୀ ଇଲା ସୋନିଙ୍କଠାରୁ ଚିଠିଟିଏ ଗ୍ରହଣ କଲେ ଏବଂ ଇଲାଙ୍କ ହ୍ୱିଲ୍ ଚେୟାର ନିକଟକୁ ଆସି ଚିଠିଟିକୁ ତାଙ୍କ ଜଙ୍ଘ ଉପରକୁ ଫୋପାଡ଼ି ଦେଲେ । ପରଦିନ ଇଲା ଦର୍ଶନ ପାଇଁ ନିଜ ହ୍ୱିଲ୍ ଚେୟାର ଉପରେ ବସିଥିଲାବେଳେ ସ୍ୱାମୀ ସାକ୍ଷାତକାର କୋଠରୀରୁ ଗୋଟିଏ ଶାଢ଼ୀ ଆଣି ତାଙ୍କ ଜଙ୍ଘ ଉପରକୁ ଫିଙ୍ଗି ଦେଲେ । ଏଥରର ଅଲୌକିକତା ମଧ୍ୟ ଏକ ବିରଳ ଅଲୌକିକତା । ଶ୍ରୀମତୀ ସୋନି ସେହିଦିନ ହିଁ ଚାଲିପାରିଲେ ।''

''ଏହି ଦାସର କହିବାର କଥା ଏହି ଯେ ଯଦି ଗୋଟିଏ ଚିଠି ଓ ଗୋଟିଏ ଶାଢ଼ିର ସ୍ପର୍ଶରେ ଆସି ଶ୍ରୀମତୀ ଇଲା ସୋନି ଚାଲିପାରିଲେ, ଅନୁମାନ କରନ୍ତୁ ସ୍ୱତନ୍ତ୍ର ଭାବରେ ମହାଜାଗତିକ ପ୍ରଚଣ୍ଡ ଶକ୍ତି ସମ୍ପନ୍ନ ପାଦୁକା ସ୍ପର୍ଶରେ କଣ ନ ହୋଇପାରେ ? ହୃଦୟ ମଧ୍ୟରେ ପାଦୁକାର ଛାପ ଥିଲେ, ପ୍ରତ୍ୟେକ ଲୋକ ପରମପ୍ରିୟ ସ୍ୱାମୀଙ୍କର ଉପଦେଶ ପାଳନ କରି ଓ ଭଲ ମଣିଷ ହୋଇ ନିଜକୁ ରୂପାନ୍ତରିତ କରିପାରିବ । ସମସ୍ତଙ୍କ ଉପରେ ତାଙ୍କର ଦିବ୍ୟ ଆଶୀର୍ବାଦ ବାରି ବର୍ଷଣ କରିବାକୁ ମୁଁ ନିଷ୍ପାପର ଭାବରେ ଓ ଆନ୍ତରିକତାର ସହିତ ସ୍ୱାମୀଙ୍କୁ ପ୍ରାର୍ଥନା ଜଣାଉଛି ।''

ଅଧ୍ୟାୟ - ୫୦

ରାମନବମୀରେ ଦିବ୍ୟ ଆଶୀର୍ବାଦ (୨୦୦୩)

ପରମପ୍ରିୟ ସ୍ୱାମୀଙ୍କ କୃପାରୁ ୨୦୦୩ ମସିହା ମାର୍ଚ୍ଚ ମାସ ୨୦ ତାରିଖରେ ବାଙ୍ଗାଲୋର ନିକଟସ୍ଥ ବୃନ୍ଦାବନ (ହ୍ୱାଇଟ୍ ଫିଲ୍ଡ)ଠାରେ ଆମର ୧୭ ଜଣିଆ ଦଳଟିକୁ ଦିବ୍ୟ ପାଦପଦ୍ମରେ ଉପସ୍ଥିତ ହେବାର ସୁଯୋଗ ମିଳିଥିଲା । ଆମ ଭିତରୁ ମାତ୍ର ପାଞ୍ଚଜଣ ଏପ୍ରିଲ ୧୨ ତାରିଖ ପର୍ଯ୍ୟନ୍ତ ସେଠାରେ ରହିଥିଲେ । ସେମାନଙ୍କ ମଧ୍ୟରେ 'ଏହି ଦାସ' ମଧ୍ୟ ଥିଲା । ଆମର ରହଣୀ କାଳରେ ବିଭିନ୍ନ ଘଟଣା କ୍ରମରେ ସ୍ୱାମୀ 'ଏହି ଦାସ' ନିକଟକୁ ଆସିବାକୁ ଚେଷ୍ଟା କରିଛନ୍ତି ବୋଲି ମନେ ହେଉଥିଲା । ମାତ୍ର ଭକ୍ତମାନଙ୍କ ଦ୍ୱାରା ବାଧାପ୍ରାପ୍ତ ହୋଇ ସେ ବାରମ୍ବାର ଗତି ପରିବର୍ତ୍ତନ କରିଛନ୍ତି । ଏପ୍ରିଲ ସାତ ତାରିଖଦିନ ସେ ଜଣେ ସ୍ୱେଚ୍ଛାସେବକଙ୍କ ଜରିଆରେ ମୁଁ ଧରିଥିବା ଚିଠିଗୁଡ଼ିକୁ ନେଇ ତାଙ୍କୁ ଦେବା ପାଇଁ ନିର୍ଦ୍ଦେଶ ପାଇଥିଲି । ମୁଁ ଏହି ସଂକେତ ବୁଝିପାରି ନିଜେ ଚିଠିଗୁଡ଼ିକୁ ନେଇ ବାବାଙ୍କ ନିକଟକୁ ଯିବା ପାଇଁ ସୁଯୋଗ ପାଇଥିଲି ।

ମୁଁ ତାଙ୍କ ନିକଟରେ ପହଞ୍ଚିବା ମାତ୍ରେ ସେ ମୋତେ ପ୍ରଶ୍ନ କଲେ ''ତୁମେ କେବେ ଯାଉଛ ?'' ମୁଁ ଉତ୍ତର ଦେଇଥିଲି ''ଅଳ୍ପଦିନ ଭିତରେ ସ୍ୱାମୀ; ମାତ୍ର ଆମ ଦଳରୁ କେତେକ ଆସନ୍ତାକାଲି ଯାଉଛନ୍ତି ।'' ସେ ମୋତେ କହିଥିଲେ ଯେ ସେ ଆମକୁ ଆସନ୍ତା କାଲି ଡାକିବେ ।

ପୂର୍ବରୁ ଜଣେ ଇରାନୀ ଭଦ୍ର ମହିଳା ଯାହା କରିଥିଲେ ସେଭଳି କିଛି କରିବାକୁ ମୁଁ ସାହାସ କରିପାରିଲି ନାହିଁ । କାରଣ ବାବା ସେହି ଏକା ଉତ୍ତର ମୋତେ ମଧ୍ୟ ଦେଇଥାନ୍ତେ । କଥା ହେଲା ସେହି ଇରାନୀ ଭଦ୍ର ମହିଳା 'ଆସନ୍ତାକାଲି' ଉପରେ ପ୍ରଶ୍ନ କରିଥିଲେ ''ସ୍ୱାମୀ ! ଆପଣଙ୍କ ଆସନ୍ତା କାଲି ନା ଆମର ?'' ଏହି ପ୍ରଶ୍ନର ଉତ୍ତରରେ ବାବା କହିଥିଲେ ''ତୁମ ଆସନ୍ତାକାଲି ?'' ସେ ପ୍ରକୃତରେ ଏହି ଭଦ୍ର ମହିଳାଙ୍କ ଦଳଟିକୁ ଠିକ୍ ପରଦିନ ହିଁ ଡାକିଥିଲେ । ସତରେ ସାଇ କେତେ ଦୟାଳୁ !

ଆମ ଦଳରେ କେନିୟାର ନାଇରୋବୀରୁ ଆସିଥିବା ମିଷ୍ଟର କିଣ୍ଡେ ଆଲୱାଲିଆ ଏବଂ ଯୁକ୍ତରାଜ୍ୟର ଶ୍ରୀମତୀ କିପି ଧନାନୀ ଥିଲେ । ସେ ଦୁହେଁ ପରଦିନ ସାକ୍ଷାତକାର

ଆଶାରେ ତାଙ୍କର ଫେରନ୍ତା ଯାତ୍ରାକୁ ଗୋଟିଏ ଦିନ ଘୁଞ୍ଚାଇଦେଲେ । ଯାହାହେଉ ସ୍ୱାମୀ ଆମକୁ ପରବର୍ତ୍ତୀ ଦିନ ଡାକି ନ ଥିଲେ । ତାଙ୍କର 'ଆସନ୍ତାକାଲି' ଯେ କୌଣସି ଦିନ ହୋଇପାରେ । ଶ୍ରୀମତୀ ଧନାନୀଙ୍କର ପୁତ୍ରମାନେ ଅକ୍ସଫୋର୍ଡ୍‌ରେ ତିନୋଟି ନର୍ସିଂହୋମ୍ ଚଳାଉଥିବାରୁ ନିରାଶରେ ଫେରିଯିବା ଛଡ଼ା ଉପାୟ ନ ଥିଲା ।

ଦୁଇଦିନ ପରେ ସ୍ୱାମୀ ପୁଣି ପଚାରିଲେ "ତୁମେ କେବେ ଯାଉଛ ?" ମୁଁ ଉତ୍ତର ଦେଇଥିଲି "ସ୍ୱାମୀ ! ରାମନବମୀଦିନ ମଧ୍ୟରାତ୍ରରେ ଆମେ ଯିବୁ ।" ସ୍ୱାମୀ କହିଥିଲେ "ସ୍ୱାମୀ ତୁମକୁ ରାମନବମୀ ଉତ୍ସବର ସକାଳ କାର୍ଯ୍ୟକ୍ରମ ପରେ ଡାକିବେ ।" ମୁଁ କହିଥିଲି "ସ୍ୱାମୀ ! ଦୟାକରି ନିଶ୍ଚୟ ଡାକିବେ ।" ତାଙ୍କର ଉତ୍ତର ଥିଲା "ସ୍ୱାମୀ ତୁମକୁ ନିଶ୍ଚିତ ଭାବରେ ରାମନବମୀ ଦିନ ଡାକିବେ ।"

ଆମ ଦଳରୁ ସମସ୍ତେ ଚାଲିଯିବା ପରେ ଆମେ ବାକି ରହିଥିଲୁ ପାଞ୍ଚଜଣ । ସେମାନେ ହେଲେ ନନ୍ଦା (ଶ୍ରୀମତୀ ଗଡ଼ିଆ), ମାଳତୀ, ଇକ୍‌ବଲ ସିଂହ, ତାଙ୍କ ମା' ଏବଂ 'ଏହି ଦାସ' । ଏପ୍ରିଲ ଏଗାର ତାରିଖ ରାମନବମୀଦିନ ସ୍ୱାମୀଙ୍କର ଦିବ୍ୟ ସମ୍ଭାଷଣ ପରେ ଆମେ ସାକ୍ଷାତକାର କୋଠରୀ ଆଡ଼କୁ ଚାଲିଲୁ ।

ନାରାୟଣ ସେବା କାର୍ଯ୍ୟ (ସ୍ୱାମୀଙ୍କ ଦ୍ୱାରା ଖାଦ୍ୟ ଓ ବସ୍ତ୍ର ବିତରଣ) ଚାଲିଥିଲା ଏବଂ ନାରାୟଣମାନଙ୍କ ଧାଡ଼ିଗୁଡ଼ିକୁ ଅତିକ୍ରମ କରି ସ୍ୱାମୀଙ୍କ ବାସସ୍ଥାନଆଡ଼କୁ ଯିବା ପାଇଁ ଆମେ ଉଦ୍ୟମ କରୁଥିଲୁ । ସ୍ୱାମୀ ମୋତେ ଦେଖିପକାଇ ପଚାରିଲେ "ତୁମେ କେବେ ଯାଉଛ ?" ମୁଁ ଉତ୍ତର ଦେଇଥିଲି "ସ୍ୱାମୀ ! ଆଜି ମଧ୍ୟରାତ୍ରରେ ଯାଉଛୁ ।" ସେ କହିଥିଲେ "ସ୍ୱାମୀ ନିଶ୍ଚୟ ତୁମକୁ ଅପରାହ୍ନ ଚାରିଟା ସମୟରେ ଡାକିବେ ।" ତାପରେ ସ୍ୱାମୀ ଦର୍ଶନ ସମୟରେ ତାଙ୍କ ପଛେ ପଛେ ସବୁବେଳେ ଚାଲୁଥିବା ଡକ୍ଟର ଆର.ଏସ. ପଦ୍ମନାଭନ୍‌ଙ୍କୁ କହିଥିଲେ "ଗଡ଼ିଆଙ୍କୁ ଅପରାହ୍ନ ଚାରିଟା ସମୟରେ ଆଣିବାର ଦାୟିତ୍ୱ ତୁମର ।"

ଡକ୍ଟର ପଦ୍ମନାଭନ ମୋ ନିକଟକୁ ଆସି କହିଥିଲେ "ବର୍ତ୍ତମାନ ମୋ ଦାୟିତ୍ୱ ହେଲା ଅପରାହ୍ନରେ ତୁମକୁ ସ୍ୱାମୀଙ୍କ ନିକଟକୁ ନେବା । ଆଦୌ ବ୍ୟସ୍ତ ହୁଅ ନାହିଁ ।" ଆମର ଆନନ୍ଦ କହିଲେ ନ ସରେ ।

ଯାହା ହେଉ ପରିସ୍ଥିତି ଏକ ଅପ୍ରତ୍ୟାଶିତ ମୋଡ଼ ନେଲା । ପରମପ୍ରିୟ ସ୍ୱାମୀ 'ଏହି ଦାସ'କୁ ଖୋଜିବା ପାଇଁ ତିନିଜଣ ଲୋକଙ୍କୁ ପଠାଇଲେ କାରଣ ସେ ଚାହିଁଥିଲେ ଆମେ ପ୍ରତିଶ୍ରୁତି ସମୟ ଚାରିଟା ପୂର୍ବରୁ ତାଙ୍କୁ ଦେଖା କରୁ । ପ୍ରାୟ ଦୁଇଟା ତିରିଶ ମିନିଟ ସମୟରେ ମୁଁ ମିଷ୍ଟର ଜିତୁ ଭାଇ ମେହେଟାଙ୍କଠାରୁ ଏହି ଉଲ୍ଲସିତ ହେଲାଭଳି ସମ୍ବାଦଟି ପାଇଥିଲି । ସେ ଆଲେମ୍ବିକ ଗ୍ଲାସ୍ କଲୋନି ଦାୟିତ୍ୱରେ ଥିଲେ । ସେହି

କଲୋନିରେ ଆମେ ସବୁ ରହୁଥିଲୁ । ଏହି କଲୋନି ହ୍ୱାଇଟ୍‌ଫିଲ୍ଡ ଆଶ୍ରମଠାରୁ ପ୍ରାୟ ଏକ ମାଇଲ ଦୂରରେ ଅବସ୍ଥିତ । ତେଣୁ ଆମେ ସିଧା ସଳଖ ସାକ୍ଷାତକାର କୋଠରୀକୁ ଯିବା କଥା ।

ରମେଶ ହଲ୍‌ରେ ଭଗବାନଙ୍କ ଅପରାହ୍ନ ଦର୍ଶନ ପାଇଁ ନନ୍ଦା ଓ ମାଳତୀ ଚାଲିଯାଇଥିଲେ । ପରମପ୍ରିୟ ସ୍ୱାମୀ ପୁନଃନିର୍ମାଣ ପରେ ଏହି ହଲ୍‌ର ନାମ କାନାଡ଼ାର ଓଟାଓ୍ୱାଠାରେ ରହୁଥିବା ମିଷ୍ଟର କିଶାନ ସିଂହଲ୍‌ଙ୍କ ନାମ ଅନୁସାରେ 'ରମେଶ କିଶାନ' ହଲ ବୋଲି ରଖିଥିଲେ । ପୂର୍ବନାମ ଥିଲା 'ରମେଶ ହଲ୍' । ମିଷ୍ଟର ସିଂହଲ ଓଟାଓ୍ୱାଠାରେ ଏକ ସାଇମନ୍ଦିର ନିର୍ମାଣର ମୁଖ୍ୟ ପୁରୋଧା ଥିଲେ ଏବଂ 'ରମେଶ ହଲ୍'ର ପୁନଃନିର୍ମାଣ କରିଥିଲେ । ଓଟାଓ୍ୱାଠାରେ ନିର୍ମିତ ସାଇମନ୍ଦିରରେ ଲକ୍ଷାର୍ଚ୍ଚନା ପରିଚାଳନା କରିବା ପାଇଁ 'ଏହି ଦାସ' ସୁଯୋଗ ପାଇଥିଲା ।

ନନ୍ଦା ଓ ମାଳତୀଙ୍କୁ ସୌଭାଗ୍ୟବଶତଃ ପାଇଥିଲି ମାତ୍ର ଇକ୍‌ବଲ ସିଂହ ଏବଂ ତାଙ୍କ ମା ହଲ ଭିତରେ କେଉଁଠାରେ ହେଲେ ମିଳିଲେ ନାହିଁ । ମୁଁ ଗେଟ୍‌ରେ ଥିବା ସେବାଦଳ କର୍ମୀଙ୍କୁ ମିଷ୍ଟର ସିଂହଙ୍କ ବର୍ଣ୍ଣନା ଦେଇ ତାଙ୍କୁ ଏକ ବାର୍ତ୍ତା ଦେବାକୁ ଅନୁରୋଧ କରି ଚାଲିଯାଇଥିଲି । ମିଷ୍ଟର ସିଂହ ଓ ତାଙ୍କର ପତ୍ନୀ ଯଥାଶୀଘ୍ର ସ୍ୱାମୀଙ୍କ କୋଠରୀକୁ ଆସିବାକୁ ମୁଁ ବାର୍ତ୍ତାରେ ସୂଚନା ଦେଇଥିଲି ।

ମିଷ୍ଟର ଇକ୍‌ବଲ୍ ସିଂହ ରାୟ

ମିଷ୍ଟର ଇକ୍‌ବଲ୍ ସିଂହ ଜଣେ ବିତ୍ତଶାଳୀ ଭଦ୍ରବ୍ୟକ୍ତି ଏବଂ ସ୍ୱାମୀଙ୍କର ଜଣେ ନିଷ୍ଠାପର ଭକ୍ତ । ସେ ପୂର୍ବ ଆଫ୍ରିକାର କେନିୟାଠାରେ ଅବସ୍ଥିତ ଏଲ୍‌ଡୋରେଟ୍‌ଠାରୁ ଆସିଥିଲେ ଏବଂ ଏଲ୍‌ଡୋରେଟ୍‌ର ସାଇକେନ୍ଦ୍ରର ସେ ଚେୟାରମ୍ୟାନ୍ ଥିଲେ । ଯେତେବେଳେ ନନ୍ଦା ଓ 'ଏହି ଦାସ' ନାଇରୋବୀ ଯାତ୍ରା କରିଥିଲେ ସେତେବେଳେ ସେ ତାଙ୍କର ବହୂମୂଲ୍ୟବାନ ସମୟ ଆମ ପାଇଁ ଦେଇଥିଲେ ଏବଂ ଆମକୁ କେନିୟାର ବିଭିନ୍ନ ସ୍ଥାନକୁ ବୁଲାଇ ନେଇଥିଲେ । ଇଂଲଣ୍ଡରୁ ସ୍ୱାମୀଙ୍କ ନିକଟକୁ ବାହାରିବା ପୂର୍ବରୁ ଆମେ ତାଙ୍କୁ ଭାରତବର୍ଷର ହ୍ୱାଇଟ୍‌ଫିଲ୍ଡଠାରେ ଦେଖା କରିବାକୁ କହିଥିଲୁ ଏବଂ ସ୍ୱାମୀଙ୍କ କୃପାରୁ ରାମନବମୀ ଭଳି ଏକ ପବିତ୍ର ଦିବସରେ ସାକ୍ଷାତକାର ପାଇଁ ଡାକରା ପାଇଥିଲୁ ।

ସାକ୍ଷାତ୍‌କାର

ସୌଭାଗ୍ୟବଶତଃ ଆମେ ପାଞ୍ଚଜଣଯାକ ସାକ୍ଷାତକାର କୋଠରୀ ଖୋଲିବା ପୂର୍ବରୁ ଏକାଠି ହୋଇ ପାରିଥିଲୁ । ସ୍ୱାମୀ ଆମକୁ ଭିତରକୁ ଡାକିଥିଲେ ଏବଂ ଆମକୁ

ଲମ୍ବା ବେଞ୍ଚରେ ବସାଇଥିଲେ । ପ୍ରଥମେ ପରମପ୍ରିୟ ସ୍ୱାମୀ ଦିବ୍ୟ ବିଭୂତି ସୃଷ୍ଟି କରି ତିନିଜଣଯାକ ଭଦ୍ର ମହିଳାଙ୍କୁ ଦେଇଥିଲେ ଏବଂ ଖଣ୍ଡେ ଖଣ୍ଡେ କାଗଜ ଦେଇ ସେଥିରେ ବିଭୂତି ରଖିବା ପାଇଁ କହିଥିଲେ । ତା ପରେ ସେ ଇକ୍‌ବଲ୍ ସିଂହ ଓ ମୋ ଆଡ଼କୁ ବୁଲିପଡ଼ି ପୁଣିଥରେ ବିଭୂତି ସୃଷ୍ଟି କରି ଆମକୁ ଦେଲେ ଏବଂ ଖଣ୍ଡେ ଖଣ୍ଡେ କାଗଜ ଦେଇ ସେଥିରେ ବିଭୂତି ରଖିବା ପାଇଁ କହିଥିଲେ ।

ସ୍ୱାମୀ ନିଜ ଲମ୍ବା ସୋଫା ଉପରେ ବସିବା ପରେ ମୋ ପାଇଁ ଗୋଟିଏ ଚେୟାର ତାଙ୍କ ପାଖକୁ ଆଣିବା ପାଇଁ ମିଷ୍ଟର ସିଂହଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନନ୍ଦା ଓ ମାଳତୀଙ୍କ ପାଇଁ ଏକ ଲମ୍ବା ସୋଫା ଅଣାଗଲା । କିଛି ସମୟ ପରେ ମିଷ୍ଟର ସିଂହ ସ୍ୱାମୀଙ୍କ ପାଦ ନିକଟରେ ଚଟାଣରେ ବସି ପଡ଼ିଲେ ଏବଂ ତାଙ୍କ ମା' ପୁଅ ପାଖରେ ତଳେ ବସିବା ପାଇଁ ଉଚିତ ମନେକଲେ ।

ସ୍ୱାମୀଙ୍କର ପ୍ରଥମ ପ୍ରଶ୍ନ ଥିଲା ''ସମସ୍ୟା କ'ଣ ?'' ମୁଁ ଉତ୍ତର ଦେଇଥିଲି ''ସ୍ୱାମୀ, ଦୟାକରି ବହିଟି ଶେଷ କରିବା ପାଇଁ ମୋତେ ଶକ୍ତି ଦିଅନ୍ତୁ ।'' ସେ ମୋର ଡାହାଣ ହାତ ଧରି କହିଥିଲେ ''ଆଦୌ ବ୍ୟସ୍ତ ହୁଅ ନାହିଁ ।'' ଜୁଲାଇ ବା ଅଗଷ୍ଟ ଭିତରେ ବହି ଲେଖା ଶେଷ କରି ପ୍ରଶାନ୍ତି ନିଳୟମକୁ ଆସ । ତାହାହେଲେ ସ୍ୱାମୀ ବହି ଉପରେ ନିଜର ସନ୍ତକ (ଦସ୍ତଖତ) ଦେବେ ଏବଂ ତୁମେ ବହିଟି ପ୍ରକାଶ କରିବ ।'' ସେ ପୁଣି କହିଥିଲେ ''ତୁମେ ଅଧିକ ବ୍ୟସ୍ତ ହୋଇ ପଡୁଛ ଏବଂ ବେଳେବେଳେ ତୁମେ ରାଗିଯାଉଛ । ନନ୍ଦା, ଏହା କଣ ସତ୍ୟ ନୁହେଁ ?''

ନନ୍ଦା ଉତ୍ତର ଦେଇଥିଲେ ''ହଁ ସ୍ୱାମୀ ।''

ସଙ୍ଗେ ସଙ୍ଗେ ତାଙ୍କୁ ସ୍ୱାମୀ କହିଥିଲେ ''ତୁମେ ମଧ ଧୈର୍ଯ୍ୟ ହରାଇ ବସୁଛ ଏବଂ ରାଗିଯାଉଛ । ଏହା କଣ ସତ୍ୟ ନୁହେଁ ?''

ନନ୍ଦା ଉତ୍ତର ଦେଇଥିଲେ ''ହଁ ସ୍ୱାମୀ ।''

ସ୍ୱାମୀ ମୋ ଆଡ଼କୁ ଚାହିଁ କହିଥିଲେ ''ଏହା କଣ ପ୍ରେମ ?'' ଆମେ ସମସ୍ତେ ହସି ପକାଇଥିଲୁ ।

ପରମପ୍ରିୟ ସ୍ୱାମୀ ତା ପରେ ମାଳତୀଙ୍କ ଆଡ଼କୁ ବୁଲି ପଡ଼ିଥିଲେ ଏବଂ ପଚାରିଥିଲେ ''ତୁମ ନାମ କଣ ?'' ମାଳତୀ ଉତ୍ତର ଦେଇଥିଲେ ''ସ୍ୱାମୀ ! ମାଳତୀ ।'' ମୁଁ ଯୋଡ଼ି ଦେଇଥିଲି ''ସ୍ୱାମୀ ! ସେ ଲକ୍ଷାର୍ଚ୍ଚନା, ଯଜ୍ଞ ଓ ପାଦୁକା ପୂଜା କରୁଛନ୍ତି ।''

ସ୍ୱାମୀ କହିଥିଲେ ''ମୋତେ ତୁମ ମନ ମଧ୍ୟରେ ରଖ ଏବଂ ନିରବଚ୍ଛିନ୍ନ ଭାବରେ ମନ ମଧ୍ୟରେ ଜପ କର । ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ । ଲୋକମାନଙ୍କ ଭିତରେ ଆଜିକାଲି ବହୁତ ଇର୍ଷା ରହିଛି ।''

ତତ୍‌କ୍ଷଣାତ୍ ମାଳତୀ କହିଥିଲେ ‘‘ମୋତେ ଆପଣଙ୍କର ଆଶୀର୍ବାଦ ପ୍ରଦାନ କରନ୍ତୁ ।’’ ପରମପ୍ରିୟ ସ୍ୱାମୀ ତାପରେ ପାଞ୍ଚଥର ତାଙ୍କ ମସ୍ତକକୁ ସ୍ପର୍ଶ କଲେ । ଶେଷରେ ଯିବା ପୂର୍ବରୁ ଆଉ ଦୁଇଥର ତାଙ୍କ ମସ୍ତକ ସ୍ପର୍ଶ କରିଥିଲେ ।

ନନ୍ଦା ସ୍ୱାମୀଙ୍କୁ କହିଥିଲେ ‘‘ତାଙ୍କ ସ୍ୱାସ୍ଥ୍ୟ (‘ଏହି ଦାସ’କୁ ଇଙ୍ଗିତ କରି) ଆଦୌ ଭଲ ନାହିଁ । ସେ ଚଟାଣ ଉପରେ ତିନିଥର ପଡ଼ି ସାରିଲେଣି । ତାଙ୍କୁ ଉଠାଇବା ମୋ ପାଇଁ କଷ୍ଟକର ।’’

ସ୍ୱାମୀ ଉତ୍ତର ଦେଲେ ‘‘ବ୍ୟସ୍ତ ହୁଅ ନାହିଁ । ସ୍ୱାମୀ ତାଙ୍କର ଯତ୍ନ ନେବେ ।’’ ମୁଁ ସଙ୍ଗେ ସଙ୍ଗେ କହିଉଠିଲି ‘‘ସ୍ୱାମୀ ଏହା ବାର୍ଦ୍ଧକ୍ୟ ଅବସ୍ଥା । ମୋର ବୟସ ବର୍ତ୍ତମାନ ୭୪ ।’’

ବାବା ତତ୍‌କ୍ଷଣାତ୍ କହିଥିଲେ ‘‘ସ୍ୱାମୀଙ୍କୁ ଏବେ ୭୮ ବର୍ଷ ।’’ ମୁଁ କହିଥିଲି ‘‘ସ୍ୱାମୀ ଏବେ ୭୮ ବର୍ଷର ଯୁବକ ।’’ ସେ ହସିଥିଲେ ଏବଂ କହିଥିଲେ ‘‘ଏହା ନିଶ୍ଚିତ ଭାବରେ ସତ୍ୟ ।’’ ସେ ପୁଣି ଯୋଗ କଲେ ‘‘ସ୍ୱାମୀ ତୁମ ସହିତ ଅଛନ୍ତି – ତୁମ ଆଗରେ, ତୁମ ପଛରେ, ତୁମ ଉପରେ ଓ ତୁମ ତଳେ । ତୁମେ ବ୍ୟସ୍ତ ହେବା ଦରକାର ନାହିଁ ।’’ ସତରେ ଆମ ପାଇଁ ବିଶ୍ୱ ବ୍ରହ୍ମାଣ୍ଡର କର୍ତ୍ତା ଭଗବାନଙ୍କର ଏ କି ପ୍ରକାରର ଦୃଢ଼ୋକ୍ତି !!

ନନ୍ଦା ସ୍ଫଟିକର ଏକ ଜପମାଳା ଧରିଥିଲେ । ସ୍ୱାମୀ ଅତି ପ୍ରେମ ପରବଶ ହୋଇ ଏହି ଜପାମାଳି ସୃଷ୍ଟି କରି ମୋ ମା’ଙ୍କୁ ଦେଇଥିଲେ । ଏହି ମାଳାକୁ ପୁଣି ଥରେ ଆଶୀର୍ବାଦ କରିବା ପାଇଁ ନନ୍ଦା ବାବାଙ୍କୁ ଅନୁରୋଧ କଲେ । ସ୍ୱାମୀ କହିଥିଲେ ‘‘ଆଉ ମାଳା ଗଡ଼ାଇବା ଦରକାର ନାହିଁ । ମାତ୍ର ମନେ ମନେ ମନ୍ତ୍ର ଉଚ୍ଚାରଣ କର ଏବଂ ଭଗବାନଙ୍କୁ ସବୁଦିନ ପାଇଁ ସ୍ମରଣ କର ।’’

ମୁଁ ପ୍ରସଙ୍ଗ ବଦଳାଇ କହିଥିଲି ‘‘ସ୍ୱାମୀ ! ବହିଟି ପାଞ୍ଚଟି ଭାଷାରେ ଅନୁବାଦ କରାଯିବ । ଏହା ବର୍ତ୍ତମାନ ଡକ୍ଟର ଆଲି ହୁସେନଙ୍କ ଦ୍ୱାରା ସମ୍ପାଦିତ ହେଉଛି । ଡକ୍ଟର ହୁସେନ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ରେ କାର୍ଯ୍ୟ କରିଥିଲେ ଏବଂ ସେ ସଂଗଠନର ସାମୟିକ ପତ୍ରିକା ଗୁଡ଼ିକର ସମ୍ପାଦନା କାର୍ଯ୍ୟ କରୁଥିଲେ ।’’

ଏକଥା ଶୁଣି ସ୍ୱାମୀ କହିଥିଲେ ‘‘ସେ ଜଣେ ଖୁବ୍ ଭଲ ଲୋକ । ବହିଟି ଶେଷ ହେବା ମାତ୍ରେ ପୁଟ୍ଟାପର୍ତ୍ତି ଆସ ।’’ ମୁଁ କହିଥିଲି ‘‘ଠିକ୍ ଅଛି ସ୍ୱାମୀ ।’’

ତା’ପରେ ବାବା ଇକ୍‌ବଲ୍ ସିଂହ ଆଡ଼କୁ ଦୃଷ୍ଟି ଫେରାଇଲେ । ସେ ତାଙ୍କୁ କହିଥିଲେ ‘‘ସ୍ୱାମୀ ତୁମର ସବୁ ସମସ୍ୟା କଥା ଜାଣନ୍ତି ।’’ ମୁଁ କହିଥିଲି ‘‘ସ୍ୱାମୀ ! ତାଙ୍କର ଦୁଇ ଭାଇ ସମ୍ପତ୍ତି ପାଇଁ ତାଙ୍କ ବିରୁଦ୍ଧରେ କେଶ୍ କରିଛନ୍ତି । ଦୟାକରି ତାଙ୍କୁ ସାହାଯ୍ୟ କରନ୍ତୁ ।’

ବାବା ଉତ୍ତର ଦେଇଥିଲେ ''ସ୍ୱାମୀ ସବୁକଥା ଜାଣନ୍ତି, ସମ୍ପତ୍ତି ହିଁ ସବୁ ସମସ୍ୟା ସୃଷ୍ଟି କରୁଛି । ବ୍ୟସ୍ତ ହୁଅ ନାହିଁ । ଶେଷ ପର୍ଯ୍ୟନ୍ତ ଲଢ଼େଇ କର । ସ୍ୱାମୀ ତୁମ ସହିତ ରହିଥିବେ ।'' ଇକ୍‌ବଲ ସିଂହ କହିଥିଲେ ''ସ୍ୱାମୀ ! ସେମାନେ ସବୁ ସମ୍ପତ୍ତି ନେଇ ଯାଇଛନ୍ତି ।'' ବାବା ପୁଣି କହିଥିଲେ ''ସ୍ୱାମୀ ସବୁ ଜାଣନ୍ତି । ତୁମେ କେଶ୍ ଲଢ଼ । ସ୍ୱାମୀ ତୁମ ସହିତ ରହିଥିବେ ।''

ସ୍ୱାମୀ ତାଙ୍କୁ କହିଥିଲେ ''ତୁମ ବାପା ଅତି ଧନୀ ଥିଲେ ମାତ୍ର ସେ ଅଯଥା ବହୁତ ଖର୍ଚ୍ଚ କରିଦେଇଥିଲେ ଏବଂ ବିପଦ ଭିତରକୁ ଟାଣି ହୋଇ ଯାଇଥିଲେ ।'' ଏକଥା ଶୁଣି ଇକ୍‌ବଲ ସିଂହ ଚମକି ପଡ଼ିଥିଲେ ଏବଂ ତାଙ୍କ ଆଖିରେ ଲୁହ ଆସିଯାଇଥିଲା ।

ବାବା ତା ପରେ ଇକ୍‌ବଲଙ୍କ ମା'ଙ୍କୁ କହିଥିଲେ ''ତୁମେ ଅଧିକ ବ୍ୟସ୍ତ ହୋଇ ପଡୁଛ । ଆଦୌ ବ୍ୟସ୍ତ ହୁଅ ନାହିଁ । ସ୍ୱାମୀ ତୁମ ସବୁ ପୁଅଙ୍କର ଯତ୍ନ ନେବେ ।'' ସ୍ୱାମୀ ତାଙ୍କ ମସ୍ତକରେ ଦିବ୍ୟ ହସ୍ତ ସ୍ଥାପନ କରି ଆଶୀର୍ବାଦ କରିଥିଲେ । ତା ପରେ ସେ ମାଳତୀଙ୍କ ଆଡ଼କୁ ଚାହିଁ କହିଥିଲେ ''ନର୍ସ – ନାନା, ନର୍ସ ଆମ୍ମା ।'' ଆମେ ଆଶ୍ଚର୍ଯ୍ୟ ହେଲୁ ସ୍ୱାମୀ କାହିଁକି ତାଙ୍କୁ ଆମ୍ମା ବୋଲି ସମ୍ବୋଧନ କଲେ । (ଦକ୍ଷିଣ ଭାରତରେ ମହିଳାମାନଙ୍କୁ ଆମ୍ମା ବୋଲି କୁହାଯାଏ ଯାହାର ଅର୍ଥ ହେଲା ମା') ।

ପରେ ଜଣାଗଲା ଯେ ମାଳତୀଙ୍କ ଝିଅ ଡିମ୍ପଲ ଠିକ୍ ୨୮ ବର୍ଷ ପୂର୍ବେ ଏପ୍ରିଲ ୧୧ ତାରିଖ (ଆଜି ଦିନ)ରେ ଜନ୍ମ ହୋଇଥିଲା । ଆଜିପରି ସେଦିନ ମଧ୍ୟ ଥିଲା ଶୁକ୍ରବାର । ତେଣୁ ମାଳତୀ ଠିକ୍ ୨୮ବର୍ଷ ପୂର୍ବେ ଆଜି ପରି ଦିନରେ (ରାମନବମୀ) ମା' ହୋଇଥିଲେ । ଏହା ସ୍ୱାମୀ ସର୍ବଜ୍ଞ ବୋଲି ପ୍ରମାଣ ଦେଉଥିଲା ।

ବାବା ତା ପରେ ଆମ ସମସ୍ତଙ୍କୁ କହିଥିଲେ ''ସ୍ୱାମୀ କାହିଁକି ତୁମକୁ ଏଇ ସମୟରେ ଡାକିଲେ ଜାଣ ? ଏହାର କାରଣ ହେଲା ସ୍ୱାମୀ କୋଳାହଳ ନ ଥିବା ଏକ ପରିବେଶରେ ତୁମମାନଙ୍କ ସହିତ ରହିବାକୁ ଚାହିଁଥିଲେ । ତୁମେ କଣ ଏଠାରେ ଏକ ପ୍ରଶାନ୍ତ ବାୟୁମଣ୍ଡଳ ଅନୁଭବ କରୁନାହଁ ?'' ଆମେ ସମସ୍ତେ ତାଙ୍କୁ କୃତଜ୍ଞତାର ସହିତ ଧନ୍ୟବାଦ ଦେଇଥିଲୁ ।

ଇକ୍‌ବଲ ସିଂହ ପଚାରିଲେ ''ସ୍ୱାମୀ ! ମୁଁ ଆପଣଙ୍କ ପଦ ସ୍ପର୍ଶ କରି ପାରିବି କି ?'' ସ୍ୱାମୀ ସଙ୍ଗେ ସଙ୍ଗେ ପାଦ ଉପରୁ ପୋଷାକ ଉଠାଇ କହିଥିଲେ ''ହଁ, ହଁ'' ।

ଇକ୍‌ବଲ ଆତ୍ମ ସନ୍ତୋଷ ହେଲାଭଳି ସ୍ୱାମୀଙ୍କ ପାଦକୁ ଚୁମ୍ବନ ଦେବାର ସୁଯୋଗ ନେଇଥିଲେ । ସ୍ୱାମୀ ତାଙ୍କୁ ଧରି ପକାଇ ଉଠିବାକୁ ଇଙ୍ଗିତ ଦେଇଥିଲେ ।

ଯେତେବେଳେ ତାଙ୍କ ମା' ସ୍ୱାମୀଙ୍କର ପାଦପଦ୍ମ ସ୍ପର୍ଶ କଲେ ସ୍ୱାମୀ ନିଜର ଦକ୍ଷିଣ ହସ୍ତକୁ ତାଙ୍କ ମସ୍ତକ ଉପରେ ରଖି ପ୍ରାୟ ଏକ ମିନିଟ୍ ପର୍ଯ୍ୟନ୍ତ ଅସ୍ପଷ୍ଟ ମନ୍ତ୍ର

ଉଚ୍ଚାରଣ କରି ଆଶୀର୍ବାଦ କଲେ । ମୁଁ ପ୍ରଥମ ଥର ପାଇଁ ସ୍ୱାମୀ ଏଭଳି ଆଶୀର୍ବାଦ କରିବା ଦେଖିଲି । ଏଭଳି ଏକ ସ୍ୱତନ୍ତ୍ର ଆଶୀର୍ବାଦର ନିଶ୍ଚିତ ଭାବରେ କିଛି କାରଣ ରହିଛି – ଯାହା କେବଳ ସ୍ୱାମୀ ହିଁ ଜାଣନ୍ତି । ବାବା କହିଥିଲେ ''ଅତୀତକୁ ଭୁଲିଯିବାକୁ ହେବ, ଭବିଷ୍ୟତ ତୁମ ହାତରେ ନାହିଁ । ତେଣୁ ତୁମକୁ ବର୍ତ୍ତମାନର ସ୍ଥିତି ଉପରେ ଧ୍ୟାନ ରଖିବାକୁ ପଡ଼ିବ ।''

ସେ ତା ପରେ ନନ୍ଦାଙ୍କ ପାଖକୁ ଆଗେଇଯାଇ ତାଙ୍କ ପାଦ ସ୍ପର୍ଶ କରିବା ପାଇଁ ଡାକିଲେ । ସ୍ୱାମୀ ସଙ୍ଗେ ସଙ୍ଗେ ମଧ୍ୟ କହିଥିଲେ ''ତୁମେ ହୃଦୟ ମଧ୍ୟରେ ସାଇରାମ, ସାଇରାମ ବୋଲି ଜପ କରିବା ଉଚିତ ।'' ନନ୍ଦା ଉତ୍ତର ଦେଇଥିଲେ ''ସ୍ୱାମୀ ! ଆପଣ ଆମକୁ ଦେଇଥିବା ମନ୍ତ୍ର ଆମେ ଜପ କରୁଛୁ । ଏହି ମନ୍ତ୍ର ହେଲା ''ଓଁ ଶ୍ରୀ ସତ୍ୟସାଇ କୃଷ୍ଣାୟ ନମଃ ।'' ସେ କହିଥିଲେ ''ତାହା ମଧ୍ୟ ଏକ ଭଲ ମନ୍ତ୍ର ।''

ସେ ତା ପରେ ମାଳତୀଙ୍କୁ ତାଙ୍କ ପାଦପଦ୍ମକୁ ସ୍ପର୍ଶ କରିବାକୁ କହିଥିଲେ । ଯେତେବେଳେ ମାଳତୀ ପାଦ ନମସ୍କାର କରୁଥିଲେ ସ୍ୱାମୀ ଆମ ସମସ୍ତଙ୍କୁ ଚାହିଁ କହିଥିଲେ ''ଅର୍ଥ ଅଯଥା ନଷ୍ଟ କର ନାହିଁ । କାରଣ ଅର୍ଥ ନଷ୍ଟ ଏକ ଦୁର୍ଗୁଣ । ସର୍ବଦା ସାହାଯ୍ୟ କର, କେବେହେଲେ ଆଘାତ ଦିଅ ନାହିଁ (Help ever, hurt never) । କର୍ତ୍ତବ୍ୟ ହିଁ ଭଗବାନ, କର୍ମ ହେଉଛି ପୂଜା ।''

ମୁଁ ଯେତେବେଳେ ପାଦ ନମସ୍କାର ପାଇଁ ନଇଁ ପଡ଼ିଲି ସ୍ୱାମୀ ତାଙ୍କର ଉଭୟ ପାଦପଦ୍ମକୁ ତତ୍‌କ୍ଷଣାତ୍ ମୋ ଉଦ୍ଦେଶ୍ୟରେ ଟେକିରଖିଲେ ଯେପରି ମୋତେ ବେଶୀ ନଇଁବାକୁ ନ ପଡ଼େ । କି ଦୟାର୍ଦ୍ର ମନୋଭାବ ! ମୋ ଜୀବନରେ ଏହା ମୋ ପାଇଁ ଅତ୍ୟନ୍ତ ସ୍ମରଣୀୟ ଘଟଣା । ୧୯୭୬ ମସିହାଠାରୁ (ଦୁର୍ଘଟଣା ପରଠାରୁ) ସେ ମୋତେ ପାଦ ନମସ୍କାର ପାଇଁ ଅନୁମତି ଦେଉ ନ ଥିଲେ । ସେ ମୋର ବିକଳାଙ୍ଗ ଦକ୍ଷିଣ ଗୋଡ଼ ଭଲ କରି ଦେବା ପରେ କହିଥିଲେ ''ତୁମେ କେବେହେଲେ ଚଟାଣରେ ବସିବ ନାହିଁ । ଯେତେବେଳେ କୌଣସି କାର୍ଯ୍ୟକ୍ରମ ପରିଚାଳନା କରୁଛ ସେତେବେଳେ ଗୋଟିଏ ଚେୟାରରେ ବସ ।''

ସେ ତା ପରେ ଉଠି ପଡ଼ିଲେ ଏବଂ ଆମକୁ ସାକ୍ଷାତକାର କୋଠରୀ ତ୍ୟାଗ କରିବା ପାଇଁ ଅନୁମତି ଦେଲେ । ମୋ ଦକ୍ଷିଣ ହସ୍ତ ବଢ଼ାଇ ମୁଁ କହିଥିଲି ''ସ୍ୱାମୀ, ଦୟାକରି ମୋତେ ଅଧିକ ଶକ୍ତି ଦିଅନ୍ତୁ ।'' ସେ ମୋ ହାତକୁ ତାଙ୍କର ଦିବ୍ୟ ଦକ୍ଷିଣ ହସ୍ତରେ ଧରିଲେ ଏବଂ ନିଜ ଚକ୍ଷୁ ବନ୍ଦ କଲେ । କିଛି ସମୟ ପରେ ସେ କହିଥିଲେ ''ସ୍ୱାମୀ ଏବେ ତୁମକୁ ଅଧିକ ଶକ୍ତି ପ୍ରଦାନ କଲେ ।''

ସେ ସମସ୍ତଙ୍କୁ ଦିବ୍ୟ ବିଭୂତିର ପୁଡ଼ିଆ ବାଣ୍ଟିଲେ ଏବଂ ମୋତେ ଅନ୍ୟ ଭକ୍ତମାନଙ୍କ ମଧ୍ୟରେ ବିତରଣ କରିବା ପାଇଁ କିଛି ଅଧିକ ପୁଡ଼ିଆ ଦେଇଥିଲେ । ତା ପରେ ସେ ଆମକୁ ସାକ୍ଷାତକାର କୋଠରୀ ପରିତ୍ୟାଗ କରିବା ପାଇଁ ଅନୁମତି ଦେଲେ ।

ଅତ୍ୟନ୍ତ ଆନନ୍ଦ ଓ ଉଲ୍ଲାସରେ ଆମେ କକ୍ଷ ତ୍ୟାଗ କଲୁ । ୨୦୦୩ ମସିହାର ରାମନବମୀ ଆମ ଜୀବନର ଅତ୍ୟନ୍ତ ସ୍ମରଣୀୟ ଦିବସ ଥିଲା । ଏହି ଅବସରରେ ଆମେ ଅତି ସୁନ୍ଦର ଭାବରେ ତାଙ୍କର ଦିବ୍ୟଦର୍ଶନ, ସ୍ପର୍ଶନ ଓ ସମ୍ଭାଷଣ ପ୍ରାପ୍ତ ହୋଇଥିଲୁ ।

ସାକ୍ଷାତକାର ପରେ ଆମେ ସିଧାସଳଖ ଦର୍ଶନ ପାଇଁ ରମେଶ-କିଶନ ହଲ୍‌କୁ ଗଲୁ । ବାବା ହ୍ୱାଇଟ୍‌ଫିଲ୍‌ଡ ଆଶ୍ରମର ୱାର୍ଡ଼ନ ମିଷ୍ଟର ନରସିଂହ ମୂର୍ତ୍ତିଙ୍କୁ ମୋ ନିକଟକୁ ପଠାଇଲେ । ଭଜନ ପରେ ମୁଁ ୧୫ ବା ୨୦ ମିନିଟ୍ ପାଇଁ କହି ପାରିବି କି ନାହିଁ ସେ କଥା ଜାଣିବା ପାଇଁ ସେ ଚାହିଁଥିଲେ ।

ମୁଁ ନରସିଂହ ମୂର୍ତ୍ତିଙ୍କ ପଛେ ପଛେ ମଞ୍ଚର ପାହାଚ ପର୍ଯ୍ୟନ୍ତ ଗଲି ଏବଂ ମୋତେ ବସିବା ପାଇଁ ଏକ ଚେୟାର ଦିଆଗଲା । ତିନୋଟି ଭଜନ ପରେ ପରେ ମଞ୍ଚ ଆଗରେ ପରମପ୍ରିୟ ସ୍ୱାମୀଙ୍କ ସିଧା ଗୋଟିଏ ଟେବୁଲ୍ ଓ ଡାକବାଜି ଯନ୍ତ୍ର ରଖାଗଲା । ମିଷ୍ଟର ନରସିଂହ ମୂର୍ତ୍ତି 'ଏହି ଦାସ'ର ଛୋଟିଆ ପରିଚୟ ଦେଇଥିଲେ ଏବଂ ମୋତେ କହିବା ପାଇଁ ଡାକିଥିଲେ ।

ପରମପ୍ରିୟ ସ୍ୱାମୀ ୧୯୭୪ ମସିହା ମେ ମାସ ପାଞ୍ଚ ତାରିଖରେ ପୂର୍ବ ଆଫ୍ରିକା ତାଞ୍ଜାନିଆ ର ଆରୁଶାଠାରେ ମୁଁ ସମ୍ମୁଖୀନ ହୋଇଥିବା ଦୁର୍ଘଟଣା ସମ୍ପର୍କରେ କହିବା ପାଇଁ ମୋତେ ପ୍ରେରଣା ଦେଇଥିଲେ । ମୋର ଗୋଡ଼ର ଅସ୍ଥି ବହୁଖଣ୍ଡରେ ବିଭକ୍ତ ହୋଇଥିଲା ଏବଂ ଅସଂଖ୍ୟ କ୍ଷତ ହୋଇଯାଇଥିଲା । ମୁଁ ବାସ୍ତବରେ ମୃତ୍ୟୁବରଣ କରିଥିଲି । ମୋର ଆତ୍ମା ପରମପ୍ରିୟ ସ୍ୱାମୀଙ୍କର ସାକ୍ଷାତକାର କୋଠରୀକୁ ଉଠିଯାଇଥିଲା । ସେଠାରେ ସେ ମୋତେ ଠିଆ ହେବା ପାଇଁ ସତର୍କ କରାଇ ଦେଇଥିଲେ । ଠିଆ ନ ହେଲେ ଗୋଡ଼ଟି ନଷ୍ଟ ହୋଇଯିବ ବୋଲି କହିଥିଲେ । ଏହାପରେ ପରମପ୍ରିୟ ସ୍ୱାମୀ ଦୁର୍ଘଟଣା ସ୍ଥଳରେ ସ୍ଥାନୀୟ କିସ୍‌ୱାହିଲି ଭାଷା କହୁଥିବା ଦୁଇଜଣ ଆଫ୍ରିକାବାସୀଙ୍କ ରୂପରେ ପ୍ରକଟ ହୋଇଥିଲେ । ସେ ଦୁହେଁ ମୋତେ ନୂତନ ଜୀବନ ଦେଇ ଆମ୍ବୁଲାନ୍ସରେ ଶୁଆଇ ଦେଲେ । ସେମାନେ ଯେପରି ଝଡ଼ ବେଗରେ ଆତ୍ମପ୍ରକାଶ କରିଥିଲେ ସେହିପରି ଝଡ଼ ବେଗରେ ଅଦୃଶ୍ୟ ହୋଇଗଲେ । ଦୁଇଜଣ ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଅସ୍ଥିଶଲ୍ୟ ବିଶେଷଜ୍ଞ ମୋର ବିକଳାଙ୍ଗ ଗୋଡ଼ର କୌଣସି ପ୍ରକାର ଉନ୍ନତି କରାଇ ପାରିଲେ ନାହିଁ । ମାତ୍ର ସ୍ୱାମୀ ପାଟଳ ରଙ୍ଗର ବିଭୂତି ସୃଷ୍ଟି କରି ମୋତେ ଭଲ କରିଦେଇଥିଲେ । (ଏ ଘଟଣା ପୂର୍ବରୁ ବର୍ଣ୍ଣନା କରାଯାଇଛି) ।

ଶ୍ରୀମତୀ ଶକୁନ୍ତଳା ବାଲୁ ତାଙ୍କର 'ଲିଭିଂ ଡିଭିନିଟି' ବହିର 'ପୁଟ୍ଟାପର୍ତ୍ତିରୁ ତାଞ୍ଜାନିଆ' ଅଧ୍ୟାୟରେ ଏହି ଦୁର୍ଘଟଣା କଥା ବର୍ଣ୍ଣନା କରିଛନ୍ତି ।

ମୁଁ ତା ପରେ ଭକ୍ତିର ବିକାଶ ପାଇଁ ଭକ୍ତମାନେ କେଉଁ ଉପାୟ ଅବଲମ୍ବନ କରିବେ ଏବଂ ତାର ଗୁରୁତ୍ୱ କଣ ସେ ସମ୍ପର୍କରେ କହିଥିଲି । ଉପାୟଗୁଡ଼ିକ ହେଲା–

(୧) ନାମ ସ୍ମରଣ – ଦିନ ସାରା ନିରବଚ୍ଛିନ୍ନ ଭାବରେ ଭଗବାନଙ୍କ ନାମ ଉଚ୍ଚାରଣ କରିବା ।

(୨) ଆତ୍ମ ଶୁଦ୍ଧି – ସମାଲୋଚନା, ଅହଂକାର ଓ ଈର୍ଷା ତ୍ୟାଗ କରିବା ଏବଂ ପଞ୍ଚମୂଲ୍ୟବୋଧ ଯଥା – ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସାକୁ ଆଚରଣରେ ପ୍ରଦର୍ଶନ କରିବା ପୂର୍ବକ ନିଜକୁ ପବିତ୍ର କରିବା ।

(୩) ସେବା – ମାନବ ସେବା ହିଁ ମାଧବ ସେବା ।

(କ) ତୁମର ଦକ୍ଷତା ଅନୁସାରେ ସେବା କର,
(ଖ) ପରିସ୍ଥିତି ଅନୁସାରେ ସେବା କର,
(ଗ) ସ୍ୱାର୍ଥ ରହିତ ସେବା କର ।

ମୋର ବକ୍ତବ୍ୟ ଶେଷ ହେବା ପରେ ମୁଁ ପରମପ୍ରିୟ ସ୍ୱାମୀଙ୍କୁ ପ୍ରଣାମ କରିବା ପାଇଁ ଭୁଲିଗଲି । ପାଞ୍ଚ ବା ଛଅ ପାହୁଣ୍ଡ ଯିବା ପରେ ମୁଁ ପୁଣି ଫେରି ଆସିଲି ଏବଂ ସ୍ୱାମୀଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ ହାତ ଯୋଡ଼ି ନମସ୍କାର କଲି । ସ୍ୱାମୀ ହସିଲେ ଏବଂ ଅଭୟ ହସ୍ତ ଉତ୍ତୋଳନ କରି ଆଶୀର୍ବାଦ କଲେ । ହଲ୍‌ରେ ଥିବା ସବୁ ଭକ୍ତ ଏଇ ଅସ୍ୱାଭାବିକ ଘଟଣା ଦେଖି ହସିଥିଲେ ଏବଂ ପରିସ୍ଥିତିକୁ ଉପଭୋଗ କରିଥିଲେ ।

ସ୍ୱାମୀ ମା'ଙ୍କୁ ଆଶୀର୍ବାଦ କଲେ

କେତେବର୍ଷ ପୂର୍ବେ ଯେତେବେଳେ ମୋର ମା' ପୁଟ୍ଟାପର୍ତ୍ତି ଯାଇଥିଲେ ପରମପ୍ରିୟ ସ୍ୱାମୀ ତାଙ୍କୁ ସାକ୍ଷାତକାର ପାଇଁ ଡାକିଥିଲେ ଏବଂ ପଚାରିଥିଲେ "ତୁମେ କଣ ଚାହଁ ?" ମୋ ମା' ଉତ୍ତର ଦେଇଥିଲେ "ବାବା ! ମୋତେ ଶକ୍ତି ଓ ଭକ୍ତି ଦିଅନ୍ତୁ ।"

ମା' କଣ ଚାହାଁନ୍ତି ବୋଲି ସ୍ୱାମୀ ଦୁଇଥର ପଚାରିଥିଲେ ଏବଂ ହସ୍ତ ସଂଚାଳନ ପୂର୍ବକ ସ୍ଫଟିକର ଗୋଟିଏ ଜପାମାଳା ସୃଷ୍ଟି କରି ମା'ଙ୍କୁ ଦେଇଥିଲେ । ସେ ତାପରେ ତାଙ୍କ ଦିବ୍ୟହସ୍ତ ଦୁଇଟିକୁ ଧରିବା ପାଇଁ କହିଥିଲେ ଏବଂ ତାଙ୍କୁ ଚକଲଗା ଚେୟାରରୁ ଏକ ପ୍ରକାର ଉଠାଇ ଦେଇଥିଲେ । ହାତ ଧରି ମା'ଙ୍କୁ ଠିଆ କରାଇ ଦେବା ସଙ୍ଗେ ସଙ୍ଗେ ଚାଲିବା ପାଇଁ ସାହାଯ୍ୟ କରିଥିଲେ । ସାକ୍ଷାତକାର କୋଠରୀରୁ ମା' ଚକଲଗା ଚେୟାର ବିନା ନିଜେ ଚାଲି ଚାଲି ବାହାରକୁ ଆସିଥିଲେ । ଏହି ଅଲୌକିକତା ଦେଖି ସେଠାରେ ଉପସ୍ଥିତ ଥିବା ସମସ୍ତ ଭକ୍ତ ଆନନ୍ଦରେ ତାଳି ମାରିଥିଲେ ।

ସାକ୍ଷାତକାର ସମ୍ପର୍କରେ ପ୍ରଫେସର କସ୍ତୁରୀଙ୍କ ଆଲେଖ୍ୟ

ସାକ୍ଷାତକାର ଏଭଳି ଏକ ଅବସର ଯେତେବେଳେ ବାବା ନିଜର ନିଶ୍ୱାସ ପ୍ରଶ୍ୱାସ ପ୍ରତି ଧ୍ୟାନ ଦେବାକୁ ଉପଦେଶ ଦେଇଥାନ୍ତି ଏବଂ ଏହାର ସୋଽହମ୍ ଉଚ୍ଚାରଣ ଶୁଣିବାକୁ କହିଥାନ୍ତି । ସେ ଜିଭରେ ନିରବତା ଅବଲମ୍ବନ କରିବାର ଏକ ଯନ୍ତ୍ର ଖଞ୍ଜିଦିଅନ୍ତି । ସେ କଥାକୁ ମଧୁର ଓ ନମ୍ର କରିଦିଅନ୍ତି ଏବଂ ଆମ ମନରେ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶା ଭରିଦିଅନ୍ତି । ସେ ଆମ କାର୍ଯ୍ୟର ନୂତନ ଅର୍ଥ ବାହାର କରନ୍ତି ଏବଂ ଆମ ସମ୍ମୁଖରେ ନୂତନ ଲକ୍ଷ୍ୟ ଉପସ୍ଥାପନ କରି ତାହା ହାସଲ କରିବା ପାଇଁ ପ୍ରେରଣା ଦିଅନ୍ତି । ପ୍ରକୃତରେ ସେ ଆମର ଆବେଗକୁ ହିତକର ମାର୍ଗରେ ପରିଚାଳିତ କରନ୍ତି ଏବଂ ଆମର ଭାବୋଚ୍ଛ୍ୱାସକୁ ପବିତ୍ରତାରେ ଭରିଦିଅନ୍ତି ।

ବାବାଙ୍କ ସହିତ ପ୍ରଥମ ସମ୍ପର୍କରୁ ହିଁ ରୂପାନ୍ତରଣ ଆରମ୍ଭ ହୋଇଯାଇଥାଏ ଏବଂ ତା ପରଠାରୁ ଅପ୍ରତିରୋଧ ଅଭ୍ୟୁତ୍‌ଥାନ କେବେହେଲେ ଶିଥିଳ ହୁଏ ନାହିଁ । ବୋଧହୁଏ ଏହା ତାଙ୍କର ସର୍ବବୃହତ୍ ଆକର୍ଷଣ ଶକ୍ତି ଯାହା ପୃଥିବୀର କୋଣ ପ୍ରତିକୋଣରୁ ପୁରୁଷ ଓ ମହିଳାମାନଙ୍କୁ ପୁଟ୍ଟାପର୍ତ୍ତି ଓ ବୃନ୍ଦାବନକୁ ଟାଣି ଆଣେ । ତାଙ୍କର ବ୍ୟକ୍ତିତ୍ୱର ପ୍ରଭାବ ତାତ୍‌କ୍ଷଣିକ, ବିଦ୍ୟୁତ୍ ସଂଚରଣ ପରି କ୍ରିୟାଶୀଳ ଓ ଉତ୍ତୋଳନକ୍ଷମ । ତାଙ୍କର ଜ୍ୟୋତିର୍ମୟ ଉପସ୍ଥିତିରେ ଜଣେ ଉଚ୍ଚକୋଟୀର ବାସ୍ତବତାର ଅଂଶ ବୋଲି ଅନୁଭବ କରିବା ସଙ୍ଗେ ସଙ୍ଗେ ନିଜକୁ ଉନ୍ନତ ସ୍ତରକୁ ନେଇ ଯାଇଥାଏ । ଯେପରି ସେ ନିଜର ସ୍ଥିତିକୁ ଏକ ଭିନ୍ନ ଓ ପବିତ୍ର ସ୍ଥାନକୁ ନେଇଯାଏ ଯେଉଁଠାରେ କାମ, କ୍ରୋଧ, ଲୋଭ ଓ କପଟତାର ପ୍ରଭାବ ଏବଂ ଦୁଃଖ ଯନ୍ତ୍ରଣାର ଭୟ ନ ଥାଏ ।

ଥରେ ବାବା ଦଳେ ବୈଜ୍ଞାନିକଙ୍କୁ ପଚାରିଲେ ''ପଦାର୍ଥ ସୃଷ୍ଟି କରିବା ସମ୍ପର୍କରେ ତୁମ୍ଭମାନଙ୍କର ଧାରଣା କଣ ?'' ସେମାନେ ନୀରବ ରହିଲେ । ବାବା ନିଜେ ଉତ୍ତର ଦେଇ କହିଥିଲେ ''ପଦାର୍ଥ ବିଜ୍ଞାନର ତତ୍ତ୍ୱ ବା ନିୟମ ଅନୁସାରେ କିଛି ନ ଥାଇ କୌଣସି ପଦାର୍ଥ ସୃଷ୍ଟି ହୋଇପାରିବ ନାହିଁ । ଯେତେଦୂର ମୁଁ ସମ୍ପୃକ୍ତ ଏହା ଠିକ୍ ନୁହେଁ ।'' ବାବା କହିଥିଲେ ଯେ ବିଜ୍ଞାନ ପୃଥିବୀ ପାଇଁ ଏଭଳି ସୀମିତ ଯେ କେବଳ ଯାହା ଦେଖି ହେବ ତାହାକୁ ବିଜ୍ଞାନ ଗ୍ରହଣ କରେ । ମାତ୍ର ଆଧ୍ୟାତ୍ମିକ ଚକ୍ଷୁ ଅଣୁବୀକ୍ଷଣ ଯନ୍ତ୍ର ଯାହା ଦେଖିପାରେ ନାହିଁ ସେ ସବୁକୁ ମଧ୍ୟ ଦେଖିପାରେ । ମୁଁ ରୋଗ ନିର୍ଣ୍ଣୟ କରିବା ପାଇଁ ଏକ୍ସ-ରେ କିମ୍ବା କେମିକାଲ ଗ୍ରାଫ୍ ବା ରାସାୟନିକ ବିଶ୍ଳେଷଣ ଦରକାର କରେ ନାହିଁ । ତୁମ୍ଭେମାନେ ମଧ୍ୟ ଏଭଳି ଆଧ୍ୟାତ୍ମିକ ଦୃଷ୍ଟି ପାଇ ପାରିବ ।''

ବାବା କହନ୍ତି ''ମୁଁ ଆସିଛି ମଣିଷ ମଧ୍ୟରେ ଏହି ସମ୍ଭାବନାକୁ ପ୍ରକଟ କରିବା ପାଇଁ ଏବଂ ତାକୁ ଶାନ୍ତି ଓ ଶକ୍ତିର ଉପତ୍ୟକା ଆଡ଼କୁ ବାଟ କଢ଼ାଇ ନେବା ପାଇଁ ।''

ବୈଜ୍ଞାନିକମାନେ ପ୍ରଶ୍ନ କରିଥିଲେ ''କାହାକୁ ଭିତ୍ତିକରି ଆପଣ ଲୋକମାନଙ୍କୁ କୃପା କରିଥାନ୍ତି ?'' ବାବା ଉତ୍ତର ଦେଇଥିଲେ ''ଯେତେବେଳେ ଜଣେ ମୋ ନିକଟରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିଥାଏ ଏବଂ ଯେତେବେଳେ ପରିସ୍ଥିତି ଆବଶ୍ୟକ କରେ ସେତେବେଳେ ମୁଁ କୃପା କରିଥାଏ ।''

ଥରେ ବାବା ସାକ୍ଷାତକାର ପାଇଁ ପାଟିକରି ଦାବି କରୁଥିବା ଜଣେ ଉତ୍ସୁକ ଭକ୍ତକୁ କହିଥିଲେ ''ପ୍ରତ୍ୟହ ତୁମ ଅନ୍ତର ମଧ୍ୟରେ ମୁଁ ତୁମକୁ ସାକ୍ଷାତକାର ଦେଉଛି । ତୁମେ କିନ୍ତୁ ସବୁବେଳେ ଏହି ସାକ୍ଷାତକାରକୁ ଏଡ଼ାଇ ଚାଲିଛ । 'ମୋ ଭିତରେ ମୁଁ' – ଏହି ଭାବଧାରା ନେଇ ତୁମକୁ ମୁଁ ସାକ୍ଷାତକାର ଦେବାକୁ ଚାହୁଁଥିଲେ ମଧ୍ୟ ତୁମେ ଏହାକୁ ପ୍ରତ୍ୟାଖ୍ୟାନ କରୁଛ ।'' 'ମୁଁ ତୁମ ଭିତରେ ଅଛି ଏବଂ ତୁମେ ମୋ ଭିତରେ ଅଛ' – ବାବାଙ୍କର ଏହି ସତ୍ୟ ଉଦ୍‌ଘୋଷଣାକୁ ଯେତେବେଳେ ଆମେ ଉପଲବ୍ଧି କରିବା ସେତେବେଳେ ତାଙ୍କ ସହିତ ତଥାକଥିତ ସାକ୍ଷାତକାର ଅନାବଶ୍ୟକ ହୋଇପଡ଼ିବ ।

ରାମନବମୀ ଦିବସରେ ବାବାଙ୍କର ଦିବ୍ୟ ସନ୍ଦେଶ

''ରାମାୟଣରେ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ଦଶରଥଙ୍କର ଚାରିପୁତ୍ର ଥିଲେ । କେବଳ ଏହି ଶାରୀରିକ ସମ୍ପର୍କ କଥା ଜାଣିବା ଯଥେଷ୍ଟ ନୁହେଁ । ଦଶରଥ କିଏ ? ଯେ ମଣିଷର ଶରୀର ରୂପକ ରଥର ଦଶ ଇନ୍ଦ୍ରିୟ ରୂପକ ଚକଗୁଡ଼ିକୁ ନିୟନ୍ତ୍ରଣାଧୀନ କରିଥାଏ ସେ ହେଉଛନ୍ତି ଦଶରଥ । ଏହି ଇନ୍ଦ୍ରିୟଗୁଡ଼ିକ ମଧ୍ୟରୁ ପାଞ୍ଚଟି ଜ୍ଞାନେନ୍ଦ୍ରିୟ ଓ ପାଞ୍ଚଟି କର୍ମେନ୍ଦ୍ରିୟ । ପବିତ୍ର ଧର୍ମଗ୍ରନ୍ଥ ରାମାୟଣ ହେଉଛି ସ୍ୱର୍ଗରାଜ୍ୟରୁ ଧରା ପୃଷ୍ଠକୁ ଅବତରଣ କରିଥିବା ବେଦ । ବେଦ ଚାରିପ୍ରକାର– ଋକ୍‌ବେଦ, ଯଜୁର୍ବେଦ, ସାମ ବେଦ ଓ ଅଥର୍ବ ବେଦ ।''

''ରାମାୟଣରେ ରାମ ଋକ୍‌ବେଦର ପ୍ରତୀକ । ଋକ୍ ବେଦ ଯଜ୍ଞ ଓ ଜାଗ (ଅର୍ପଣ ଓ ତ୍ୟାଗ)ର ବିକାଶ ସାଧନ କରାଇଥାଏ । ଲକ୍ଷ୍ମଣଙ୍କଠାରେ ଯଜୁର୍ବେଦର ବ୍ୟକ୍ତିତ୍ୱ ଆରୋପିତ (ରୂପାୟନ) ହୋଇଛି । ଏଥିରେ ଯଜ୍ଞ ଓ ଜାଗ କାର୍ଯ୍ୟ ସମ୍ପନ୍ନ କଲାବେଳେ ଉଚ୍ଚାରିତ ହେଉଥିବା ମନ୍ତ୍ର ରହିଛି ।''

''ରାମ ଯେତେବେଳେ ଦୂରରେ ବଣରେ ରହୁଥିଲେ ଭରତ ଅଯୋଧ୍ୟା ତ୍ୟାଗ କରି ନନ୍ଦୀଗ୍ରାମରେ ରହିଥିଲେ ଏବଂ ଚବିଶ ଘଣ୍ଟା ଦିବ୍ୟ ରାମନାମ ଉଚ୍ଚାରଣ (ଜପ) କରିଥିଲେ । ତେଣୁ ସେ ସାମବେଦର ପ୍ରତୀକ । ଶତ୍ରୁଘ୍ନ ଏପରି ଏକ ବ୍ୟକ୍ତିତ୍ୱ ଯେ ଶତ୍ରୁମାନଙ୍କର ବିନାଶ ସାଧନ କରିଥିଲେ । ସେ ଭଲ ଓ ପବିତ୍ରତାକୁ ରକ୍ଷା କରୁଥିଲେ ଏବଂ ଭାଇମାନଙ୍କର ଆଜ୍ଞା ପାଳନ କରୁଥିଲେ । ସେ ଅଥର୍ବ ବେଦର ସ୍ୱରୂପ । ଅଥର୍ବ ବେଦର ସାରତତ୍ତ୍ୱ ହେଲା ଦୁର୍ଗୁଣର ବିନାଶ କରି ପବିତ୍ର ଚିନ୍ତା ଓ କାର୍ଯ୍ୟର ବିକାଶ କରିବା ।''

''ରାମାୟଣ ହେଉଛି ବେଦ ଓ ବେଦ ହେଉଛି ରାମାୟଣ । ବେଦ ରାମାୟଣଠାରୁ ପୃଥକ୍ ନୁହେଁ । ପ୍ରକୃତ ମାନବିକତା ହେଉଛି ଏହି ଦୁଇଟିର ଘନିଷ୍ଠତାକୁ ଉପଲବ୍ଧି କରିବା ।''

''ରାମ ଓ ତାଙ୍କର ଭାଇମାନେ ଉଚ୍ଚତର ଆଦର୍ଶଗତ ଐକ୍ୟର ପ୍ରତିକୃତି ।''

''ଋଷି ବାଲ୍ମିକୀ ଘୋଷଣା କରିଛନ୍ତି ଯେ ଧରା ପୃଷ୍ଠରେ ଯେ ପର୍ଯ୍ୟନ୍ତ ପାହାଡ଼ ପର୍ବତ ଓ ନଦୀ ନାଳ ରହିଛି ସେ ପର୍ଯ୍ୟନ୍ତ ରାମାୟଣ ଉଜ୍ଜୀବିତ ରହିବ । ତୁମେ ନିଶ୍ଚୟ ସନ୍ଦେହରେ ପଡ଼ିଯାଇଥିବ ଯେ ରାମାୟଣର ପାହାଡ଼ ପର୍ବତ ଓ ନଦୀ ନାଳ ସହିତ ସମ୍ପର୍କ କଣ ? ପାହାଡ଼ ପର୍ବତ ପୁରୁଷମାନଙ୍କର ସଂକେତ ଦେଉଥିବାବେଳେ ନଦୀନାଳ ନାରୀମାନଙ୍କର ପ୍ରତୀକ । ଯେ ପର୍ଯ୍ୟନ୍ତ ଧରାପୃଷ୍ଠରେ ପୁରୁଷ ଓ ନାରୀ ରହିଛନ୍ତି, ସେ ପର୍ଯ୍ୟନ୍ତ ରାମାୟଣର ମହତ୍ତ୍ୱ ନିରବଚ୍ଛିନ୍ନ ଭାବରେ ଉଜ୍ଜ୍ୱଳତା ପ୍ରକଟ କରି ଚାଲିଥିବ ।''

''ପ୍ରବୃତ୍ତି(ମହାଜାଗତିକ ଭାବ) ଓ ନିବୃତ୍ତି (ଆଧ୍ୟାତ୍ମିକ ଭାବ) ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ବେଦ ମାର୍ଗ ପ୍ରଦର୍ଶନ କରି ଆମକୁ ଶିକ୍ଷା ଦେଇଥାଏ । ଆମର ବହୁ କାମନା ରହିଥାଇ ପାରେ । ମାତ୍ର ସେସବୁ କାମନା ସତ୍ୟ ଓ ଧର୍ମ ଭିତ୍ତିକ ହେବା ଉଚିତ । ତୁମ ମନକୁ ଯାହା ଆସିଲା ତାହା କୁହ ନାହିଁ । କେବଳ ତାର ସଠିକତା ଅନୁସନ୍ଧାନ କରି କଥାବାର୍ତ୍ତା କରିବା ଉଚିତ । ଏଗୁଡ଼ିକ ହେଉଛି ରାମାୟଣରେ ମଣିଷ ଜାତି ପାଇଁ କେତେକ ଶିକ୍ଷା । ସେଇଥିପାଇଁ ରାମାୟଣକୁ ବେଦର ସଠିକ୍ ରୂପାୟନ ବୋଲି ବିଚାର କରାଯାଏ ।''

''କେବଳ ଚାରି ଭାଇଙ୍କ ମଧ୍ୟରେ ନୁହେଁ ସେମାନଙ୍କର ଅର୍ଦ୍ଧାଙ୍ଗିନୀମାନଙ୍କ ମଧ୍ୟରେ ମଧ୍ୟ ମହାନ୍ ଐକ୍ୟ ରହିଥିଲା । ସେମାନେ ପ୍ରତ୍ୟେକ ପରିବାର ପାଇଁ ଆଦର୍ଶ । ଏ 'କଳିଯୁଗ'ରେ ମଣିଷ ଭିତରେ ଥିବା ଦୈବତ୍ୱ ଓ ଦାନବତ୍ୱ ମଧ୍ୟରେ ସଂଘର୍ଷ ଚାଲିଛି । ଏଣୁ ଏହା 'କଳହ ଯୁଗ'ରେ ପରିଣତ ହୋଇଛି । ଏହି ଦୃଶ୍ୟପଟ୍ଟରେ ପ୍ରତି ପରିବାର ପାଇଁ ରାମାୟଣ ହେଉଛି ଆଲୋକ ସ୍ତମ୍ଭ ।''

''ଭଗବାନ ସମଗ୍ର ବିଶ୍ୱବ୍ରହ୍ମାଣ୍ଡରେ ମହାନ୍ ଜ୍ୟୋତି ରୂପେ ଦିପ୍ତିମାନ । ଭଗବାନ ଓ ବିଶ୍ୱ ବ୍ରହ୍ମାଣ୍ଡର ସମ୍ପର୍କ ଅତି ଘନିଷ୍ଠ ଏବଂ ଅବିଚ୍ଛେଦ୍ୟ । ବିଶ୍ୱ ବ୍ରହ୍ମାଣ୍ଡ ଜୀବମାନଙ୍କ ଦ୍ୱାରା ପରିପୂର୍ଣ୍ଣ । ପ୍ରତ୍ୟେକ ଜୀବ ରାମ ସ୍ୱରୂପ । ରାମଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ନାମ ଓ ରୂପରେ ସୀମିତ କର ନାହିଁ । ସବୁ ଜୀବ ତାଙ୍କରି ରୂପର ପ୍ରକଟନ । ରାମର ଅର୍ଥ ହେଲା ଯାହା ଆନନ୍ଦ ପ୍ରଦାନ କରେ । ସେ ସମସ୍ତଙ୍କ ଭିତରେ ରହିଛନ୍ତି ।''

□□

ଶେଷ ପୃଷ୍ଠା

ଜ୍ୟୋତି ଆବାହନ ପାଇଁ ପ୍ରାର୍ଥନା

ଅସତୋ ମାଂ ସଦ୍‌ଗମୟ,
ତମସୋ ମାଂ ଜ୍ୟୋତିର୍ଗମୟ,
ମୃତ୍ୟୋର ମାଂ ଅମୃତଂ ଗମୟ ।
ଓଁ ଶାନ୍ତିଃ, ଶାନ୍ତିଃ ଶାନ୍ତିଃ

ଅର୍ଥ :— ମୋତେ (ମାଂ) ମାୟା (ଅସତୋ)ଠାରୁ ବାସ୍ତବତା (ସଦ୍) ଆଡ଼କୁ ବାଟ କଢ଼ାଇ ନିଅ (ଗମୟ) ।

ମୋତେ (ମାଂ) ଅନ୍ଧକାର (ତମସୋ)ରୁ ଆଲୋକ (ଜ୍ୟୋତିର) ଆଡ଼କୁ ବାଟ କଢ଼ାଇ ନିଅ (ଗମୟ) ।

ମୋତେ (ମାଂ) ମୃତ୍ୟୁ (ମୃତ୍ୟୋର୍)ଠାରୁ ଅମରତ୍ୱ (ଅମୃତଂ) ଆଡ଼କୁ ବାଟ କଢ଼ାଇ ନିଅ (ଗମୟ) ।

ଓଁ ଶାନ୍ତିଃ (ଶରୀରରେ), ଶାନ୍ତିଃ (ମନରେ), ଶାନ୍ତିଃ (ଆତ୍ମାରେ)

ଏହି ପ୍ରାର୍ଥନା ସମ୍ପର୍କରେ ଭଗବାନ ଶ୍ରୀ ସତ୍ୟସାଇବାବାଙ୍କ ଟିପ୍ପଣୀ—

''ହେ ଭଗବାନ ! ମୁଁ ଭୌତିକ ପଦାର୍ଥଗୁଡ଼ିକରୁ ଆନନ୍ଦ ଅନୁଭବ କରୁଥିଲାବେଳେ ମୋତେ ଅବାସ୍ତବ (ଅସତ୍) ପଦାର୍ଥକୁ ଭୁଲିଯିବା ପାଇଁ ସାହାଯ୍ୟ କର ଏବଂ ଚିର ଆନନ୍ଦ ପାଇବା ପାଇଁ ମାର୍ଗ ପ୍ରଦର୍ଶନ କର ।''

''ହେ ଭଗବାନ ! ଭୌତିକ ପଦାର୍ଥ ମୋତେ ଆକର୍ଷିତ କଲାବେଳେ ଅନ୍ଧକାର (ତମସ୍)କୁ ଦୂରେଇଦିଅ କାରଣ ଏହି ଅନ୍ଧକାର ସମସ୍ତ ବସ୍ତୁର ଚରମ ବାସ୍ତବତାକୁ ଘୋଡ଼ାଇ ରଖିଛି ।''

''ହେ ଭଗବାନ ! ସମ୍ପୂର୍ଣ୍ଣ ଆଲୋକ (ଜ୍ୟୋତିଃ) ସଚେତନତାରୁ ପ୍ରାପ୍ତ ଅମରତ୍ୱ (ଅମୃତମ୍) ଓ ପରମାନନ୍ଦର କୃପା ପ୍ରଦାନ କରି ଆଶୀର୍ବାଦ କର ଏବଂ ପ୍ରତି ବସ୍ତୁରେ ଥିବା ଚରମ ବାସ୍ତବତାକୁ ଉପଲବ୍ଧି କରିବାର ମାର୍ଗ ପ୍ରଦର୍ଶନ କର ।''

ଏହି ପ୍ରାର୍ଥନା ବୃହଦ୍ ଆରଣ୍ୟକ ଉପନିଷଦ (୧:୩:୨୮)ରେ ଉଲ୍ଲେଖ କରାଯାଇଛି ଏବଂ ଏହାକୁ 'ଅବ୍ୟାରୋହ' (ଆରୋହଣ ବା ଊର୍ଦ୍ଧ୍ୱଗତି) ବୋଲି କୁହାଯାଏ । କାରଣ ଏହା ସାଧକକୁ ପୂଜା କରୁଥିବା ଦେବତ୍ୱ ନିକଟରେ ପହଞ୍ଚାଇବା ପାଇଁ ଆରୋହଣରେ ସାହାଯ୍ୟ କରେ । ସାଇ ଭକ୍ତମାନେ ଭଜନ ଅଧିବେଶନ ଶେଷରେ ଆରତୀ ପୂର୍ବରୁ ବା ପରେ ଏହି ପ୍ରାର୍ଥନା ଆବୃତ୍ତି କରିଥାନ୍ତି ।

ଏହି ପ୍ରସଙ୍ଗରେ 'ସଦ୍' ଶବ୍ଦ (ସତ୍ୟ)ର ଅର୍ଥ ହେଲା ଯାହା ଚିରନ୍ତନ ଓ ଅପରିବର୍ତ୍ତନୀୟ (ଶାଶ୍ୱତ) । ଉତ୍ତର ଭାରତରେ ଲୋକମାନେ ଶବକୁ ସତ୍କାର ପାଇଁ ନେଲାବେଳେ 'ହରି ବା ରାମ ନାମ ସତ୍ୟ ହେ' – ଉଚ୍ଚାରଣ କରିଥାନ୍ତି । ଏହା ସେମାନଙ୍କୁ ସ୍ମରଣ କରାଇଦିଏ ଯେ ମାନବ ଶରୀର ଅସ୍ଥାୟୀ ଏବଂ ପରିବର୍ତ୍ତନୀୟ ଓ କ୍ଷୟଶୀଳ । ମାତ୍ର ଭଗବାନଙ୍କ ନାମ (ହରି ବା ରାମ) ଅପରିବର୍ତ୍ତନୀୟ ଓ ଚିରସ୍ଥାୟୀ ।

ପ୍ରାର୍ଥନାର ପ୍ରଥମ ଧାଡ଼ିରେ ଆମେ ଅବାସ୍ତବ ଭୌତିକ ଶରୀର ସହିତ ସମ୍ପୃକ୍ତିରୁ ମୁକ୍ତି ପାଇବା ପାଇଁ ପ୍ରାର୍ଥନା କରିଛୁ । ଆମର ପୂର୍ବ ଜନ୍ମର ସମସ୍ତ କାମନା ଓ କର୍ମ ଆମକୁ ଏହି ଜନ୍ମ ଆଡ଼କୁ ଟାଣି ଆଣିଛି । ଯଦି ଜଣେ ଅଜ୍ଞତା ବଶତଃ ବା ଜାଣିଶୁଣି ଦୈବତ୍ୱ ତଥା ନୈତିକତା ପ୍ରତି ଅବହେଳା ପ୍ରଦର୍ଶନ କରି ଭୁଲ୍ କାମ କରିଥାଏ ତେବେ ତାର ସ୍ୱତନ୍ତ୍ର ଶାରୀରିକ ସ୍ଥିତି କଷ୍ଟକର ହୋଇପଡ଼େ ।

ଭଗବାନ ବାବା ସୂଚନା ଦେଇଛନ୍ତି ଯେ ଯଦି ଗୁଡ଼ା ହୋଇଥିବା କାଗଜ ବିପରୀତ ଦିଗରେ ବଳାଯାଏ (ଗୁଡ଼ାଯାଏ) ତେବେ ତାକୁ ସିଧା କରାଯାଇ ପାରିବ । ସେହିପରି ମଧ୍ୟ ଅସତ୍ ଚିନ୍ତା, ବାକ୍ୟ ଓ କାର୍ଯ୍ୟ (କର୍ମଶାଳା)କୁ ସତ୍‌ଚିନ୍ତା, ସତ୍ୟବାକ୍ୟ ଓ ସତ୍‌କର୍ମ ଦ୍ୱାରା ପ୍ରତିହତ କରିହେବ । କେଉଁଟା ସତ୍ ଜାଣିବା ପାଇଁ ଆମକୁ ଧର୍ମଗ୍ରନ୍ଥ ଅଧ୍ୟୟନ କରିବାକୁ ହେବ କିମ୍ବା ଉପାଧ୍ୟାୟ ବା ଧର୍ମଗ୍ରନ୍ଥ ଉପରେ ପାଣ୍ଡିତ୍ୟ ହାସଲ କରିଥିବା ଯାଜକଙ୍କଠାରୁ ଦିଗ୍‌ଦର୍ଶନ ନେବାକୁ ପଡ଼ିବ ।

ପ୍ରାର୍ଥନାର ଦ୍ୱିତୀୟ ଧାଡ଼ିରେ ଭକ୍ତ ଅନ୍ଧକାରରୁ ଆଲୋକଆଡ଼କୁ ମାର୍ଗ ପ୍ରଦର୍ଶନ କରିବା ପାଇଁ ପ୍ରାର୍ଥନା କରିଛି । ଏଠାରେ 'ଅନ୍ଧକାର' ଶବ୍ଦର ଅର୍ଥ ଆଲୋକର ଭୌତିକ ଅନୁପସ୍ଥିତି ନୁହେଁ । କିନ୍ତୁ ଏହା ମାନସିକ ଅନ୍ଧକାର ଅଟେ । ମାନସିକ ଅନ୍ଧକାର ନିବୁଜ ବା ରୁଦ୍ଧ ମନ ଭିତରେ ରହିଥାଏ । ବିଶ୍ୱାସହୀନତା, କୁସଂସ୍କାର ଓ ଅନ୍ଧବିଶ୍ୱାସ ଏହାର କାରଣ । ଏଗୁଡ଼ିକ ମୌଳିକତା ଦୃଷ୍ଟିରୁ ଭୁଲ୍ ଠିକ୍‌ର ମାନସିକ ବିଭ୍ରାନ୍ତିରୁ (ବିଚାରଣା ଅଭାବରୁ) ସୃଷ୍ଟି ହୋଇଥାଏ । ଶାଶ୍ୱତ ମୂଲ୍ୟବୋଧଗୁଡ଼ିକ୍ ମୂଲ୍ୟହୀନ ପରି ମନେହୁଏ ଅଥବା ମୂଲ୍ୟହୀନ ପଦାର୍ଥ ବାସ୍ତବି ବା ଶାଶ୍ୱତ ପରି ମନେହୁଏ । ବାସ୍ତବ ଅବାସ୍ତବ ପରି ବା ଅବାସ୍ତବ ବାସ୍ତବ ପରି ମନେହୁଏ । ଏହାକୁ ହିଁ କୁହାଯାଏ 'ମାୟାମାଳା' ।

ମାନସିକ ବିଭ୍ରାନ୍ତି ଓ ଭୁଲ୍ ବୁଝାମଣାର ଅନ୍ଧକାରରୁ ଜଣେ ସ୍ୱଚ୍ଛତା ବା ସଠିକ୍ ବିଚାରଣାର ଆଲୋକ ଆଡ଼କୁ ଗତି କରିପାରେ । ଏଥିପାଇଁ ଧର୍ମଗ୍ରନ୍ଥ ଉପରେ ଦଖଲ ଥିବା ଜଣେ ଆଚାର୍ଯ୍ୟଙ୍କର ଦିଗଦର୍ଶନ ଆବଶ୍ୟକ । ଏହା ସହିତ ଆଧ୍ୟାତ୍ମିକ ନିର୍ଦ୍ଦେଶାବଳୀକୁ ଅଭ୍ୟାସରେ ପରିଣତ କରିବାକୁ ପଡ଼ିବ । ଏସବୁକୁ ଆଚରଣରେ ରୂପାନ୍ତରିତ କରିବାକୁ ହେଲେ ନୀତି ନିୟମ ଗୁଡ଼ିକର ଦୁର୍ବୋଧତା, ବ୍ୟାଖ୍ୟା ଓ ପ୍ରାସଙ୍ଗିକତା ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତନ ହେବାକୁ ପଡ଼ିବ । ସବୁ ପରିସ୍ଥିତିରେ ଦୈନନ୍ଦିନ ଜୀବନରେ ଏହାର ପ୍ରୟୋଗ ସମୟରେ ଏତାଦୃଶ ସଚେତନତା ଅପରିହାର୍ଯ୍ୟ ।

ପ୍ରାର୍ଥନାର ତୃତୀୟ ଧାଡ଼ିରେ ମୃତ୍ୟୁରୁ ଅମରତ୍ୱ ଆଡ଼କୁ ଦିଗ୍‌ଦର୍ଶନ ଦେବାକୁ ପ୍ରାର୍ଥନା କରାଯାଇଛି । ଆମେ ଜାଣୁ ମୃତ୍ୟୁ ଅପରିହାର୍ଯ୍ୟ ଏବଂ ଏହା ଜନ୍ମର ଶେଷ ପରିଣତି । ଜନ୍ମର୍ ମୂଳ କାରଣ ହେଲା ଆସକ୍ତି ଓ ଅନାସକ୍ତି । ଶରୀର ସହିତ ଏହାକୁ

ଚିହ୍ନଟ କରାଯାଇପାରେ । ସାଧାରଣତଃ ଆକାର ବିହୀନ 'ମୁଁ' (ଆତ୍ମା-ଅହମ୍)କୁ ନିର୍ଦ୍ଦିଷ୍ଟ ଆକାର ଥିବା ଶରୀର ସହିତ ଚିହ୍ନଟ କରାଯାଇଥାଏ । ଏହି ଭ୍ରମାତ୍ମକ ଚିହ୍ନଟ ଦୂର ହେଲେ (ଯାହାକୁ ଅହଂକାର ମାଳା କୁହାଯାଏ) ପୁନର୍ଜନ୍ମ ଓ ମୃତ୍ୟୁକୁ ପ୍ରତିରୋଧ କରାଯାଇ ପାରିବ ଏବଂ ଅମରତ୍ୱ ପ୍ରାପ୍ତି ସମ୍ଭବ ହେବ । ଏହା କେବଳ ସମ୍ଭବ ହେବ ଗୁରୁ ରୂପେ ମାନବ ଶରୀରରେ ଏହି ଉଦ୍ଦେଶ୍ୟରେ ଅବତରଣ କରିଥିବା ଭଗବାନଙ୍କ ଦିଗ୍‌ଦର୍ଶନ ଦ୍ୱାରା । ସେ ରୂପର ଅତୀତ । ଅର୍ଥାତ୍ ସେ ନିର୍ଦ୍ଦିଷ୍ଟ ଆକାରର ଉର୍ଦ୍ଧ୍ୱରେ ଏବଂ କୌଣସି ରୂପ ମଧ୍ୟରେ ସୀମିତ ନୁହନ୍ତି । ସେ ପ୍ରଜ୍ଞାନର ଆରୋପିତ ବ୍ୟକ୍ତିତ୍ୱ ବା ନିରବଚ୍ଛିନ୍ନ ସମନ୍ୱିତ ଚେତନା । ଉପାଧ୍ୟକ୍ଷ ଏ ସମ୍ପର୍କରେ ସୂଚନା ଦେଇ ପାରିବେ, ଆଚାର୍ଯ୍ୟଙ୍କର ଏଥିସହିତ ସମ୍ପର୍କ ଥାଇପାରେ ମାତ୍ର କେବଳ ଗୁରୁ ଏଥିରେ ଅଭିଜ୍ଞ ଏବଂ ତାଙ୍କର ଅଭିଜ୍ଞତାକୁ ସେ ଆମଠାରେ ନିର୍ଦ୍ଦିଷ୍ଟ ସମୟରେ ଯଥୋପଯୁକ୍ତ ପନ୍ଥା ଦ୍ୱାରା ଆରୋପଣ କରିପାରିବେ । ଏହାଦ୍ୱାରା ପ୍ରଭାବିତ କରି ସେ ଆମକୁ ଅମରତ୍ୱ ଆଡ଼କୁ ମାର୍ଗ ପ୍ରଦର୍ଶନ କରିବେ ।

ଉପସଂହାରରେ କୁହାଯାଇପାରେ ଯେ ଆନ୍ତରିକତାର ସହିତ ଏହି ପ୍ରାର୍ଥନା କଲେ ସାଧକ ଉପଯୁକ୍ତ ଉପାଧ୍ୟାୟ, ଆଚାର୍ଯ୍ୟ ଓ ଶେଷରେ ଗୁରୁଙ୍କ ସମ୍ପର୍କରେ ଆସି ପାରିବ । ଏହି ଗୁରୁ ହିଁ ତାକୁ ଆତ୍ମ ଉପଲବ୍ଧି ସହିତ ଚିରସ୍ଥାୟୀ, ଜ୍ଞାନୋଦୀପ୍ତ ଓ ଆନନ୍ଦମୟ ଜୀବନଯାପନ ପାଇଁ ମାର୍ଗ ଦର୍ଶନ କରାଇ ପାରିବେ ।

ପରମପ୍ରିୟ ସ୍ୱାମୀଙ୍କ ଦ୍ୱାରା ଦିବ୍ୟ ସନ୍ଦେଶ

ଏ ପୃଥିବୀ ଅନ୍ଧକାରାଚ୍ଛନ୍ନ, ଭୟ ଓ ଭ୍ରାନ୍ତିରେ ।
କ୍ଷୁଦ୍ର ଏକ ପ୍ରଦୀପକୁ ଜାଳି ଦିଅ,
ଉଡ଼ିଯାଉ ମେଘର କାଳିମା ।
ତୁମର ଶରୀର ଅଟେ ଜଳନ୍ତା ପ୍ରଦୀପ,
ଜୀବନଟା ଅଟେ ଦୀପର ସଳିତା,
ଭକ୍ତି ଅଟେ ତୈଳ ସମ,
ବିଶୁଦ୍ଧ ଓ ମୋହଶୂନ୍ୟ ।
ଅନ୍ତର ଭିତରେ ପ୍ରଜ୍ୱଳିତ କର
ଆତ୍ମାର ଜ୍ୟୋତିକୁ,
ଦିବ୍ୟଦୃଷ୍ଟି ଆଲୋକିତ କରୁ
ପ୍ରେମର ଆଲୋକେ,
ଆଲୋକିତ କରୁ ପୁଣି
ଆନନ୍ଦ ଉଲ୍ଲାସେ ।
କୃପାପୂର୍ଣ୍ଣ ଜୀବନକୁ ଉପଭୋଗ କର
ଶାନ୍ତିରେ ଶାନ୍ତିରେ ।

— ସମାପ୍ତ —

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

ଲେଖକ ସ୍ୱର୍ଗତ ଡକ୍ଟର ଧୀରୂଭାଇ ଜଗଜ୍ଜୀବନଦାସ ଗଢ଼ିଆ

ତାଙ୍କର ଜନ୍ମ ପୂର୍ବ ଆଫ୍ରିକାର ଉଗାଣ୍ଡାସ୍ଥ କାମ୍ପାଲାଠାରେ; ମାତ୍ର ଶିକ୍ଷାଲାଭ ବମ୍ବେର ଭବାନ୍ସ କଲେଜ, ମାଙ୍ଗାଲୋରର କସ୍ତୁରବା ମେଡ଼ିକାଲ କଲେଜ ଏବଂ ଇଂଲଣ୍ଡର ଲିଭରପୁଲ ଠାରେ ଅବସ୍ଥିତ ବିଷୁବମଣ୍ଡଳୀୟ ଭେଷଜ ଚିକିତ୍ସା ପ୍ରତିଷ୍ଠାନରେ। ୧୯୬୦ ମସିହା ଠାରୁ ସେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଜଣେ ଭକ୍ତ ଭାବରେ ଅତି ଘନିଷ୍ଠ ସମ୍ପର୍କରେ ଆସିଛନ୍ତି। ସେ ହେଉଛନ୍ତି ବାବାଙ୍କର 'ଅର୍ଜନ ସଖା' ଏବଂ ସଖ୍ୟଭକ୍ତିର ଜ୍ୱଳନ୍ତ ଉଦାହରଣ। ସେବା ଓ ସାଇ ସନ୍ଦେଶ ପ୍ରସାର ତାଙ୍କ ଜୀବନର ବ୍ରତ ଥିଲା । ସେ ଆରୁଶା (ପୂର୍ବ ଆଫ୍ରିକା) ଠାରେ ପ୍ରସିଦ୍ଧ 'ଓମ୍ ଶ୍ରୀ ସତ୍ୟସାଇ ଦାତବ୍ୟ ଚିକିତ୍ସାଳୟ' ପ୍ରତିଷ୍ଠା କରିଛନ୍ତି। ୧୯୭୯ ମସିହା ଠାରୁ ସେ ଇଂଲଣ୍ଡର ଲେସେଷ୍ଟର ଠାରେ ସପରିବାରେ ଅବସ୍ଥାନ କରୁଛନ୍ତି। ସେ ୧୯୭୪ ମସିହାରେ ଏକ କାର୍ ଦୁର୍ଘଟଣାରେ ମୃତ୍ୟୁବରଣ କରି ଭଗବାନ ବାବାଙ୍କ ଅଲୌକିକ କୃପାବଳରେ ପୁନର୍ଜୀବନ ଲାଭ ସହ ବିରଳ 'ଆତ୍ମୋପଲବ୍ଧି'ର ଦିବ୍ୟ କୃପା ତଥା 'ପ୍ରେମସାଇ'ଙ୍କ ସମୟରେ ପୁନର୍ବାର ଜନ୍ମଗ୍ରହଣ କରିବାର ଆଶୀର୍ବାଦ ପ୍ରାପ୍ତ ହୋଇଛନ୍ତି। ସେ ଭାରତବର୍ଷର ବିଭିନ୍ନ ସ୍ଥାନ ଏବଂ ପୂର୍ବ ଆଫ୍ରିକା, ଯୁକ୍ତରାଜ୍ୟ, ଆମେରିକା, ଫ୍ରାନ୍ସ, ଜର୍ମାନି, ଅଷ୍ଟ୍ରେଲିଆ, ନିଉଜିଲ୍ୟାଣ୍ଡ ପ୍ରଭୃତି ବହୁ ଦେଶରେ ସାଇ ସନ୍ଦେଶର ପ୍ରସାର କରିବା ସହିତ ସାଇ କେନ୍ଦ୍ରମାନ ପ୍ରତିଷ୍ଠା କରିଛନ୍ତି। ତାଙ୍କର ଅଭିଜ୍ଞତା ସମ୍ବଳିତ ଏହି ପୁସ୍ତକଟି ଭଗବାନ ବାବାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଲିଖିତ ଓ ପ୍ରକାଶିତ। ଏହି ପୁସ୍ତକଟିର ବିଷୟବସ୍ତୁ ହିଁ ତାଙ୍କର ପ୍ରକୃତ ପରିଚୟ। ଏହାର ଓଡ଼ିଆ ଅନୁବାଦ ପାଇଁ ସେ ଅନୁମତି ପ୍ରଦାନ କରିଛନ୍ତି। ୨୦୦୫ ମସିହା ଜୁନ୍ ମାସ ସାତ ତାରିଖରେ ଇହଲୀଳା ସମ୍ବରଣ କରି ସେ ଭଗବାନ ବାବାଙ୍କ ପାଦପଦ୍ମରେ ଲୀନ ହୋଇଯାଇଛନ୍ତି।

ଅନୁବାଦକ ଡକ୍ଟର ଉମେଶ ଚନ୍ଦ୍ର ପାତ୍ର

୨୦୦୧ ମସିହାରେ ରେଭେନ୍ସା ମହାବିଦ୍ୟାଳୟର ସ୍ନାତକୋତ୍ତର ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ଭାବରେ ଅବସର ଗ୍ରହଣ କରି ବର୍ତ୍ତମାନ କଟକ ଅପର୍ଣ୍ଣା ନଗର ଠାରେ ଅବସ୍ଥାନ କରୁଛନ୍ତି। ସେ ଏକାଧାରରେ ଜଣେ ଅଧ୍ୟାପକ, ଗବେଷକ ଓ ଲେଖକ ଭାବରେ ଖ୍ୟାତି ଅର୍ଜନ କରିଛନ୍ତି। ସେ ବହୁ ଉପନ୍ୟାସ, ପାଠ୍ୟ ପୁସ୍ତକ ଓ ଆଧ୍ୟାତ୍ମିକ ପୁସ୍ତକ ରଚନା କରିଛନ୍ତି। ସାଇନାଥଙ୍କ ହଜାର ହାତ, ଶ୍ରୀ ସତ୍ୟସାଇ ଲୀଳାମୃତ, ସାଇସ୍ମରଣ (ଅନୁବାଦ) ଧର୍ମସଂସ୍ଥାପନାର୍ଥାୟ (ପ୍ରକାଶ ପ୍ରତୀକ୍ଷାରେ) ପ୍ରଭୃତି ଆଧ୍ୟାତ୍ମିକ ପୁସ୍ତକ ରଚନା କରିଛନ୍ତି। ୧୯୭୧ ମସିହାଠାରୁ ସେ ଶ୍ରୀ ସତ୍ୟସାଇ ବାବାଙ୍କର ଆଶ୍ରିତ ଏବଂ ସକ୍ରିୟ ସଭ୍ୟ ଓ କର୍ମକର୍ତ୍ତା ଭାବରେ ସେବା ସଂଗଠନ ସହିତ ସମ୍ପୃକ୍ତ।

ISBN 81-7400-511-0